


ଜୁଲାଇ ୨୦୨୨

**ISSN NO – 2582-208X**

**VOLUME-11 : ISSUE NO-07/2026**

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ନିଜ ମାତୃଭୂମି ପ୍ରତି ଅତୁଟ ପ୍ରେମ ଯାହାକି ସ୍ୱର୍ଗ ସୁଖଠାରୁ ମଧ୍ୟ ଅତ୍ୟନ୍ତ ମଧୁର, ଅତ୍ୟନ୍ତ ମନୋରମ । ସ୍ୱର୍ଗ ସୁଖଠାରୁ ବି ସୁନ୍ଦର ସୁଖ ସଂମୃଦ୍ଧିପୂର୍ଣ୍ଣ ମାତୃଭୂମି ପ୍ରେମ । ସ୍ୱର୍ଗୀୟ ସୁଖ କଳ୍ପନା ମାତ୍ର । ପୃଥିବୀ ବାସୀ ଜୀବନର ବାସ୍ତବିକତାକୁ ସ୍ୱର୍ଗ ସୁଖ ଠାରୁ ଅଧିକ ସୁଖ ମାନନ୍ତି । ଜୀବନ ଏବଂ ମାଟିର ପ୍ରେମ ପରେ ମନୁଷ୍ୟଠାରେ ଏ ଦିବ୍ୟତା ଆସେ ଯାହା ଆଗରେ ସ୍ୱର୍ଗ ସୁଖ ଫିକା ଫିକା ଲାଗେ । ଭୌତିକ ସୁଖ ସୁବିଧା ପଛରେ ଦୌଡି ଦୌଡି ମନୁଷ୍ୟ ଆଜି ଏହି ଅନୁଭୂତିକୁ ହଜେଇ ଦେଇଛି । ଜୀବନ ଏବଂ ପ୍ରକୃତିର ସମ୍ବନ୍ଧ ଆଜିର ଯୁଗରେ ମନୁଷ୍ୟର ଏକ ଅଖୋଜା ଅଲୋଡା ଅନୁଭବ । ଚାରି ବେଦ ମଧ୍ୟରୁ ଅର୍ଥବ ବେଦ ହେଉଛି ଲୋକ ଜୀବନର ଝଲକ, ଅତ୍ୟନ୍ତ ଆପଣାର । ଅଥର୍ବ ବେଦର ଗାୟକ ନିଜକୁ ଧରତି ପୁତ୍ର ମାନନ୍ତି, ଧରତି ଯେଉଁଠି ଅନମୋଲ ସମ୍ପଦର ଭଣ୍ଡାର ଲୁଚି ରହିଛି । ସାମାନ୍ୟ ଜନର ଅନୁଭବ ଆଧ୍ୟାତ୍ମିକ ଅନୁଭବ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସାମାନ୍ୟ ଜନର ଅନୁଭବରେ ପରମ୍ପରାର ମୂଲ୍ୟ ସତ୍ୟ-ଶିବ-ସୁନ୍ଦର ପରି ଅମୂଲ୍ୟ । ମାଟିର ମନୁଷ୍ୟ ଠାରେ କୁତ୍ରିମତା ନଥାଏ, ଥାଏ ସ୍ୱାଭାବିକତା । ମାଟିର ମଣିଷ ମାଟିରେ ଜନ୍ମ ନେଇ, ପ୍ରକୃତିକୁ ଆପଣେଇ ନେଇ ପରମ୍ପରାର ମହିମା ଗାନ ଠିକ୍ ଅଥର୍ବ ବେଦର ଗାୟକ ପରି କରନ୍ତି । ମନୁଷ୍ୟ ଭିତରୁ ନିଃସୃତ ବାଣୀର ମାଧୁର୍ଯ୍ୟ ସ୍ରୋତ କୌଣସି ସୌନ୍ଦର୍ଯ୍ୟ ଅନୁଭୂତିରୁ କମ ନୁହେଁ । ତାଙ୍କ ପାଇଁ ମୁକ୍ତିର ମାର୍ଗ ସ୍ୱର୍ଗରେ ନୁହେଁ । ଲୋକ ଜୀବନରେ ହିଁ ରହିଛି । ଲୋକ ଜୀବନର ସମ୍ବେଦନାକୁ ଅନୁଭବ କଲା ପରେ ହିଁ ମନୁଷ୍ୟଠାରେ ଏହି ଆତ୍ମବିଶ୍ୱାସର ଭାବନା ଜାଗ୍ରତ ହୁଏ । ଜୟ ଉତ୍କଳ, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

ଜୁଲାଇ - ୨୦୨୬
www.vedantimagazine.com

ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଦୃଷ୍ଟାନ୍ତ ସର୍ଜନାକାରୀ ଜଣେ ଲେଖକଙ୍କ ଦେହାନ୍ତ | ଗୁରୁକଲ୍ୟାଣ ମହାପାତ୍ର | ୧୩ |
| ସ୍ମୃତିର ଆଲିଙ୍ଗନ | ଡଃ ମାଙ୍ଗଳିକା ମହାପାତ୍ର | ୧୬ |
| ତୁ ପରା ବୋଉ | ଡ. ଶଶଧର ମହାପାତ୍ର | ୧୭ |
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୨୦ |
| ଆସିଛିରେ ପୁଣି ସେହି ଦିନ | ରାଜକିଶୋର ସ୍ୱାଇଁ | ୨୯ |
| କାଉଂରି ହାଡ | ଇଂ. ସୁଶାନ୍ତ କିଶୋର ବଳ | ୩୧ |
| ଏମିତି ଏକ ବେକାରର କାହାଣୀ | ଡ଼କ୍ଟର ବିଜ୍ଞାନୀ ଦାସ | ୩୬ |
| ବିଳମ୍ବ ବିଳାପ | ଡ. ଜ୍ଞାନେଶ୍ୱର ମିଶ୍ର | ୪୪ |
| ପ୍ରେମ : ମୁଗ୍ଧ ଅନୁଭବ | ଗୋଲୋକବିହାରୀ ବେହେରା | ୪୬ |
| ଦାରୁଦେବତା ଶ୍ରୀଜଗନ୍ନାଥ | ବଦ୍ରୀ ମହାନ୍ତି | ୪୮ |
| ମନ | ଭାସ୍କର ଚନ୍ଦ୍ର ଖଣ୍ଡା | ୫୪ |
| ହିପୋକ୍ରିଟ | ମଧୁମିତା ମିଶ୍ର | ୫୬ |
| ଝୁରିହୁଏ ସେ ଦିନ | ଡକ୍ଟର ପ୍ରବୀଣା ପରିଡା | ୫୮ |
| ପଲ୍ଲୀ କବିତାରେ ଓଡ଼ିଆ ଅସ୍ମିତା- ରଜଦୋଳି ଗୀତ | ମନୀଷା ରାୟ | ୬୦ |
| ଛକି ଶୂନ | ଡ଼ଃ ଅନୁପମା ବିଶ୍ୱାଳ | ୭୪ |
| ଅଟ୍ଟହାସ ! | ଅଜିତ କୁମାର ରାଉତ | ୭୬ |
| ଆଶା | ଅଲେଖ ମେହେର(ଯାଯାବର) | ୭୮ |
| ଆମଘର ରଜ | ଅଳକା ମହାନ୍ତି | ୮୦ |
| ମୁକୁଳା କେଶ | ବାସନ୍ତୀ ଲତା ଜେନା | ୮୫ |

ISSN NO.
2582-208X

ବେଦାନ୍ତୀ


| | | |
|---|---|---|
| ମାଟିର ମଣିଷ | ବେଣୁଧର ସୂତାର | ୮୭ |
| ଆଦ୍ୟ ଋତୁ ଗ୍ରୀଷମ | ଅଲିଭା ଘୋଷ | ୯୦ |
| କିଶୋର ଚନ୍ଦ୍ରାନନ୍ଦ ଚମ୍ପୂରେ ଶୈଳୀ ବିଜ୍ଞାନ | ବାଇରୀ ଦେବୀ<br>ଡ. ସୁଶାନ୍ତ ମହାନନ୍ଦ | ୯୨ |
| ଆ ଜଙ୍ଗଲଟିଏ ଗଢିବା | ଜୟଶ୍ରୀ ପଟ୍ଟନାୟକ | ୧୦୩ |
| ସକାଳ | ଦୀପାଳି ଦାସ | ୧୦୫ |
| ମା ଏମିତି ଶବ୍ଦ ଟିଏ | ପୁଷ୍ପାଞ୍ଜଳି ମିଶ୍ର | ୧୦୭ |
| ସୁର, ସାହିତ୍ୟ ଓ ସଂସ୍କୃତିର ଅମର ଦୀପ୍ତି: ଅକ୍ଷୟ ମହାନ୍ତି | ତେଜସ୍ୱିନୀ ସାମଲ | ୧୦୯ |
| ଗୁଡ୍ ଫର୍ ନଥିଙ୍ଗ | ସ୍ୱର୍ଣ୍ଣ ରଥ ମହାପାତ୍ର | ୧୧୨ |
| ନିଶିଥ | ଅରୁଣ କୁମାର ମହାପାତ୍ର | ୧୧୪ |
| ବିଶ୍ୱାସ ମୂଳେ ଭଗବାନ | ଦେବଦତ୍ତା ଦେବୀ | ୧୧୬ |
| ଆଦ୍ୟ ଆଷାଢ | ଡ. ହେମନ୍ତ କୁମାର ଦାଶ | ୧୧୯ |
| କଥାଶିଳ୍ପୀ ଅଖିଳମୋହନଙ୍କ ଗଳ୍ପ ଜଗତ: ଏକ ଅନୁଶୀଳନ | ଡକ୍ଟର ସ୍ୱାଧୀନଚନ୍ଦ୍ର ପଧାନ | ୧୨୧ |
| ବିରସ ପୃଥିବୀ | ପ୍ରତିଭା ଦାଶ | ୧୩୦ |
| କୁମ୍ଭୀର ଆଖିରେ ଲୁହ | ନୀଳମଣି ଚାନ୍ଦ | ୧୩୨ |
| ବ୍ୟର୍ଥତା ଓ ନୈରାଶ୍ୟର ବୈପ୍ଳବିକ ବିବର୍ତ୍ତନ – ନାଟ୍ୟକାର ବିଶ୍ୱଜିତ୍ ଦାସ | ସୁଷମା ପାଢୀ | ୧୩୪ |
| ଭଲ ବୋହୂ କିଏ ?? | ଶାଶ୍ୱତୀ ହୋତା | ୧୪୧ |
| ଉତ୍କଳ ଗୌରବ ଗାଥା | ସିଦ୍ଧାନ୍ତ ପ୍ରଧାନ | ୧୪୩ |
| ମାୟାମୁକ୍ତି | ବିନୟ ମହାପାତ୍ର | ୧୪୫ |
| ମାଟିର ମଣିଷ | ରାମଚନ୍ଦ୍ର ବେହେରା | ୧୫୮ |
| ଏଇ ଆମ ବର୍ଷା | ମୋହନ କୁମାର ସ୍ୱାଇଁ | ୧୬୦ |

ISSN NO.
2582-208X


| | | |
|---|---|---|
| ପିଠା ଠୁଁ ପିଜ୍ଜା ଯାଏଁ | ବିଜୟକେତନ ମହାନ୍ତି | ୧୬୨ |
| ମୌସୁମୀ ସୁନ୍ଦରୀ | ସୁଜିତ କୁମାର ମିଶ୍ର | ୧୬୬ |
| ଅଦୃଶ୍ୟ | ଆଶୁତୋଷ ମେହେର | ୧୬୭ |
| ମଧୁର ଭାବନା | ଡା. ପ୍ରସନ୍ନ କୁମାର ବଳ | ୧୭୦ |
| ଉତ୍ତର ଓଡ଼ିଶାର ଜନମାନସରେ ରଜପର୍ବର ମଉଜ | ଗୌତମ ଗିରି | ୧୭୨ |
| ବାପା | ଜୟନ୍ତୀ ବେହେରା | ୧୭୫ |
| ରାଜା କହିଲେ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୭୭ |
| "ଆଲୋକ"ର ପଦ ଚିହ୍ନ | ଡ. ସଦା ବିହାରୀ ସାହୁ | ୧୮୦ |
| ବଳରାମ ଦାସଙ୍କ 'ବିଶ୍ୱାୟନର ଯାତ୍ରା' – ଅସିତ ମହାନ୍ତିଙ୍କ 'ଲକ୍ଷ୍ମୀପୁରାଣ କଥା' | ଡ. ସଂଘମିତ୍ରା ଭଞ୍ଜ | ୧୮୧ |
| ଜହ୍ନର ଲୁହରେ ପ୍ରେମର ଠିକଣା | ବିଶ୍ୱନାଥ କର | ୧୮୯ |
| ମାଣ୍ଡବୀ | ଆରତୀ ସାହୁ (ଆଶା) | ୧୯୧ |
| ଆ ଲୋ ବରଷା ରାଣୀ | ଡ. ଅର୍ଜୁନ ଚରଣ ବାରିକ୍ | ୧୯୬ |
| ସାମ୍ପ୍ରତିକ ଓଡ଼ିଆ କବିତାରେ ପ୍ରକୃତି:ଚିତ୍ର ଓ ଚେତନା | ପ୍ରିୟଦର୍ଶିନୀ ପଲେଇ | ୧୯୭ |
| ପ୍ରେମ | ପବିତ୍ର ନାରାୟଣ ବେହେରା | ୨୦୩ |
| ଭଙ୍ଗୁର ଜୀବନ | ସତ୍ୟବାନ ମେହେର | ୨୦୫ |
| ଓଡ଼ିଆ ଲୋକକାହାଣୀ: ଲୋକଜୀବନର ମୁକୁର | କାଜଲ ପୃଷ୍ଟି | ୨୦୭ |
| ପିଲାଦିନ ରଥଯାତ୍ରା | ଦିଲ୍ଲୀପ ଶତପଥୀ | ୨୧୫ |
| ନାଗରିକ | ବର୍ଷା ଦାସ | ୨୧୭ |
| ଅନନ୍ୟ ନାଟ୍ୟ ବ୍ୟକ୍ତିତ୍ୱ ବୃନ୍ଦାବନ ସୁଆର | ହର ପ୍ରସାଦ ସୁଆର | ୨୧୯ |
| କବିତାର ଧାରେ | ପ୍ରଶାନ୍ତ ବ୍ରହ୍ମା | ୨୨୫ |

ISSN NO.
2582-208X


| | | |
|---|---|---|
| ଆମେ ବଉଦିଆ | କାର୍ତ୍ତିକେଶ୍ୱର ନାୟକ | ୨୨୬ |
| ସନ୍ୟାସୀଙ୍କ ଭାବନା | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୨୨୯ |
| ଅଜା ଗାଆଁ, ଭୈରବୀ ମାଆ | ଜୟ କୁମାର ମିଶ୍ର | ୨୩୧ |
| ଚଇତି ସଞ୍ଜର ସଜ ମଲ୍ଲିଫୁଲ | ହରିଶ୍ଚନ୍ଦ୍ର ବେହେରା | ୨୩୮ |
| ପଥିକ | ଦୀନବନ୍ଧୁ ପୋଇ | ୨୪୦ |
| ବିଭୂତି ପଟ୍ଟନାୟକଙ୍କ "ପ୍ରେମଗଳ୍ପ" : ମାନବୀୟ ଅନୁଭବର ବାସ୍ତବଚିତ୍ର | ଡ. ସୁଶାନ୍ତ ମହାନନ୍ଦ | ୨୪୨ |
| ବଣ ଫୁଲ | ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର | ୨୪୯ |
| ବୟୋଜ୍ୟେଷ୍ଠଙ୍କ ପାଇଁ ଅନ୍ତର୍ଭୁକ୍ତି ସାମାଜିକ ବ୍ୟବସ୍ଥା | ନନ୍ଦି କିଶୋର ଷାଣ୍ଢ | ୨୫୦ |
| ସନ୍ଦେଶ | ଅରୁଣ କୁମାର ଦାସ | ୨୫୪ |
| ସ୍ମୃତି ତୁମେ | ତ୍ରିପତି ପ୍ରଧାନ | ୨୫୬ |
| ମୟୂରଭଞ୍ଜର ଲୋକକଥା ପ୍ରସଙ୍ଗରେ କିଂଚିତ୍ ଆଲୋଚନା | ଡ. ନିରୁପମା ନାୟକ | ୨୫୮ |
| ମଧୁର ପ୍ରୀତି | ପ୍ରଜ୍ଞା ପ୍ରିୟଦର୍ଶିନୀ ପଣ୍ଡା | ୨୬୪ |
| ରଥଯାତ୍ରା | ସାନ୍ତ୍ୱନା ଚୌଧୁରୀ | ୨୬୬ |
| ଗଜପତି ଜିଲ୍ଲାର ଶବର ସଂସ୍କୃତି | ଡ଼. ଚାରୁପ୍ରଭା ନାୟକ | ୨୬୭ |
| ଫୁଲ ଆଉ ମୁଁ | ମାମିଲତା ସାହୁ | ୨୭୨ |
| ବସନ୍ତର ମହକ | ପ୍ରତିଭା ଦାସ | ୨୭୪ |
| ମା ବୃୟାତ୍ ସତ୍ୟମ୍ ଅପ୍ରୟମ୍ | ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ | ୨୭୬ |
| ଶବ୍ଦର ଶେଷ ଆଘାତ | ବିରଞ୍ଚି ନାରାୟଣ ମିଶ୍ର | ୨୮୧ |
| ନବୀନର ମୟୂର - ଶିଶୁ ଉପନ୍ୟାସର ଗତିପଥ | କୁଞ୍ଜ ବିହାରୀ ସାହୁ | ୨୮୬ |

ISSN NO.
2582-208X


| | | |
|---|---|---|
| ଭାବନା ଦେଖାଏ ମାର୍ଗ | ରଂଜିତ ନାଏକ | ୨୯୫ |
| ସେ କାଳ ପଖାଳ ଗଲାଣି | ଅମରନାଥ ବାରିକ୍ | ୨୯୭ |
| ଅଘୋରୀଙ୍କ ମହାଶ୍ମଶାନ | ପ୍ରିୟବ୍ରତ ପାତ୍ର | ୨୯୯ |
| କ୍ୱାଣ୍ଟମ୍ ଗଣନା ଏବଂ କୃତ୍ରିମ ବୁଦ୍ଧିମତ୍ତା ମଧ୍ୟରେ ସମନ୍ୱୟ | ଅସିତ ମହାନ୍ତି | ୩୦୪ |
| ଦରଜ ମାପ | ଆକୁଳାନନ୍ଦ ପୃଷ୍ଟି | ୩୦୮ |
| ସତ୍ୟ ବିଚାର | କାଳି ପ୍ରସାଦ ମହାପାତ୍ର | ୩୧୦ |
| ଗ୍ରାମ୍ୟ ଚେତନାର ସନନ୍ଦ : ଗାଳ୍ପିକ ବିଜୟାନନ୍ଦ | ରଶ୍ମିତା ସାହୁ | ୩୧୨ |
| ଜୀବନ କୁ କି ଅବା ଭରଷା | ସିନ୍ଧୁ ନନ୍ଦିନୀ | ୩୧୬ |
| ପୂର୍ଣ୍ଣ ସମାପ୍ତି | ପୂଜାରାଣୀ ସେଠୀ | ୩୧୮ |
| ଶ୍ରୀକ୍ଷେତ୍ରରୁ ବିଶ୍ୱଦରବାର : ରଥଯାତ୍ରାର ମହିମା | କବିତା ବେହେରା | ୩୨୦ |
| ସନ୍ଥ କବି | ରଘୁନାଥ ତ୍ରିପାଠୀ | ୩୨୪ |
| ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା | ରକ୍ମିଣୀ ସମର୍ଥା | ୩୨୬ |
| ମାଟି ସିଲଟ | ସତ୍ୟନାରାୟଣ ପ୍ରଧାନ | ୩୨୯ |
| ଦସ୍ତାବିଜ୍ | ଡାଃ. ଅନିତା ପଣ୍ଡା | ୩୩୨ |
| ଅଙ୍କୁଶ | ଅମୃତନାରାୟଣ ଶତପଥୀ | ୩୪୨ |
| ରଜର କର୍ପୁର ଯାଇଛି ଉଡି | ଛବିରାଣୀ ପତି | ୩୪୩ |
| ମିଥ୍ ଚେତନା ପରିପ୍ରେକ୍ଷୀରେ ଔପନ୍ୟାସିକ ନିତ୍ୟାନନ୍ଦ ପଣ୍ଡା ଯୋଗୀ ଉପନ୍ୟାସରେ ଚରିତ୍ର ଚିତ୍ରଣ | ଅର୍ଚ୍ଚନା ଜେନା | ୩୪୬ |
| ମୋ କଲମ ମୁନର ପ୍ରେରଣା | କୁଞ୍ଜବିହାରୀ ରାଉତ | ୩୫୬ |
| ଲହୁରେ ଲେଖୁଛି | ତାରାପ୍ରସାଦ ଜେନା | ୩୫୮ |

ISSN NO.
2582-208X

| | | |
|---|---|---|
| ମୟୂରଭଞ୍ଜର ଜନଜାତି ଭୂମିଜମାନଙ୍କର 'ମୁଣ୍ଡାରୀ' ଭାଷା-ଏକ ସଂକ୍ଷିପ୍ତ ଆଲୋଚନା | ଡ. ଧନଞ୍ଜୟ ସିଂ | ୩୬୦ |
| କବିତାର ଆଗମନେ | ପ୍ରଭାତ କୁମାର ଆଚାର୍ଯ୍ୟ | ୩୬୬ |
| ମୋ ଓଡ଼ିଶା ର ଗାଥା | ସରସ୍ୱତୀ ମେହେର | ୩୬୯ |
| ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ କୋଶଳୀ (ସମ୍ବଲପୁରୀ) ରଚନା : ଏକ ଅନୁଶୀଳନ | ବ୍ରଜମୋହନ ମେହେର | ୩୭୦ |
| ନୀରବ ଭାବନା | ନରେନ୍ଦ୍ର ପ୍ରସାଦ ବେହେରା | ୩୭୬ |
| ଭୋକ ଭୋକ ଭୋକ | ନିରଞ୍ଜନ ସାହୁ | ୩୭୮ |
| କଥାକାର କିଶୋରୀ ଚରଣଙ୍କ ଗଳ୍ପରେ ରାଜନୈତିକ ଚେତନା: ଏକ ବିହଙ୍ଗାବଲୋକନ | ଅଧ୍ୟାପକ ଡକ୍ଟର ସୁରଞ୍ଜନ ପ୍ରଧାନ | ୩୮୦ |
| ସତେ ଅଦିନେ ଚାନ୍ଦ ଉଇଁବ | ସିଦ୍ଧେଶ୍ୱର ତ୍ରିପାଠୀ | ୩୯୧ |
| ଦୁଃଖ ରେ | ଦୁଷ୍ମନ୍ତ ବେହେରା | ୩୯୩ |
| ନାନା ବାୟା ଗୀତ | ପ୍ରତାପ ଚନ୍ଦ୍ର ସାମଲ | ୩୯୬ |
| ଓଡ଼ିଆ ସାହିତ୍ୟରେ ଅନୁବାଦିକା | ଲିଜାରାଣୀ ପାଇଟାଳ | ୩୯୮ |
| ତୁମେ | ଗାୟତ୍ରୀ ସାହୁ | ୪୦୧ |
| ଇଚ୍ଛାର ନଦୀ | ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ | ୪୦୩ |
| ଟଗର ଫୁଲ | ପ୍ରସନ୍ନ କୁମାର ମେହେର | ୪୦୪ |
| ପୋଡୁ ଚାଷ ଓ ଆଦିବାସୀ | ଅରୁଣ କୁମାର ତ୍ରିପାଠୀ | ୪୦୫ |
| ଅତୀତର ଯଉଘର | ସୁନିତା ଦାଶ | ୪୧୨ |
| ଚିର ସ୍ୱାର୍ଥରେ | ଶ୍ରୀଧର ମଲ୍ଲିକ | ୪୧୩ |

ISSN NO.
2582-208X


| | | |
|---|---|---|
| ଓରାଁଓ ଜନଜାତିଙ୍କର ଋତୁ ସମ୍ବନ୍ଧୀୟ ଲୋକଗୀତ | ଡକ୍ଟର ବିଦ୍ୟାଧର ରାଉତ | ୪୧୫ |
| ପାଶାଣୀ କନ୍ୟା | ସୁନନ୍ଦା ମହାନ୍ତି | ୪୧୯ |
| ଜନ୍ମ ଦିବସ | ଭଗତରାମ ଶବର | ୪୨୧ |
| ଓଡ଼ିଆ ଔପନ୍ୟାସିକା : ବାମାବାଦୀ ସ୍ୱର | ଜ୍ୟୋତି ସାହୁ | ୪୨୪ |
| ଅମରପୋଇ | ସଂଘମିତ୍ରା ବେହେରା | ୪୨୯ |
| ଜୀବନସାଥୀ | ଜନ୍ମଜୟ ନାୟକ | ୪୩୧ |
| ବୃଦ୍ଧାଶ୍ରମ | ମୀନାକ୍ଷୀ ପାଢ଼ୀ | ୪୩୩ |
| ଏଇତ ଦୁନିଆଁ | ଶିଶିର କୁମାର ପଣ୍ଡା | ୪୩୮ |
| କିଏ କହିବ ସେ ମୋର? | ସାଗରିକା ପଣ୍ଡା | ୪୪୦ |
| ଚର୍ଯ୍ୟାଗୀତିକାରେ ଶାବ୍ଦିକ ଚମତ୍କାରିତା | ଡ. ସ୍ମୃତିରେଖା ମିଶ୍ର | ୪୪୧ |
| ୧୦୮ - ଜୀବନର ରଥ | ଡ. ଯଶୋବନ୍ତ ନାୟକ | ୪୪୭ |
| କାହା ଛୁଆ କିଏ | ରମେଶ ଚନ୍ଦ୍ର ନାୟକ | ୪୪୯ |
| ସାହିତ୍ୟିକ ବ୍ରଜମୋହନ ପଣ୍ଡାଙ୍କ ଅବଦାନ | ଶ୍ରୀଯୁକ୍ତ ରାଧାକାନ୍ତ ସୁନା | ୪୫୧ |
| କାଣିଚାଏ ଆଶା | ଚନ୍ଦ୍ରମଣି ଭୁଏ | ୪୬୫ |
| ମଉସୁମୀ ତୁମେ | ବସନ୍ତ କୁମାର ପ୍ରଧାନ | ୪୬୭ |
| ଖରାପ ଦୋଷର ଫଳ ଖରାପ ହୋଇଥାଏ | ମନୋଜ କୁମାର ବେହେରା | ୪୬୯ |
| ହସ | କୀର୍ତ୍ତି ଦେବୀ | ୪୭୧ |
| ପ୍ରିୟା ମୋ | ତୃପ୍ତିମୟୀ ତ୍ରିପାଠୀ | ୪୭୩ |
| ଖୁସି ର ସ୍ରୋତ | ଓମ୍ ପାଇକରାୟ | ୪୭୪ |
| ଶଶିକଳା | ସମୀର ତ୍ରିପାଠୀ | ୪୭୫ |

ISSN NO.
2582-208X


| | | |
|---|---|---|
| ପରକୀୟା ପ୍ରୀତି ଖେଳରେ | ଜୟନ୍ତ କୁମାର ମଲ୍ଲିକ୍ | ୪୭୯ |
| ଦଗାଦିଆ କଳା ଠାକୁର | ଝରଣା ମିଶ୍ର | ୪୮୪ |
| ଚାଳ ଘର | ଅନନ୍ତ କୁମାର | ୪୮୩ |
| ମୋ ମନ ବାଗରେ | ଅନିତା ମେହେର | ୪୮୫ |
| ମେଞ୍ଚାଏ ପ୍ରେମ | ଅନୁରାଧା ମହାପାତ୍ର | ୪୮୬ |
| 'ଆକାଶ ଦିନେ ନୀଳ ଥିଲା' : ମଣିଷ ଅସହାୟତାର ଚରମ ଆତ୍ମଲିପି | ପୂଜାରାଣୀ ନାୟକ | ୪୮୮ |
| ଅପେକ୍ଷାର ଶେଷ ଷ୍ଟେସନ | ଅଙ୍କିତ ସାହୁ | ୪୯୪ |
| ପ୍ରେମ ନଗରୀ ନା କଳଙ୍କିତ ନଗରୀ | ବିକାଶ ନାୟକ | ୪୯୬ |
| ଫୁଲଚୋରଣୀ | ବନଶ୍ରୀ ଦାଶ (ଆଚାର୍ଯ୍ୟା) | ୪୯୮ |
| ବସନ୍ତ ବିଗ୍ରହ | ହେମନ୍ତ କୁମାର ବରାଇ | ୫୦୨ |
| ବାଥୁଡ଼ି ଲୋକ ସାହିତ୍ୟ: ଏକ ଅନୁଶୀଳନ | ଡ. ଋଷିନାଥ ନାଏକ | ୫୦୫ |
| ଭାବ ଭଙ୍ଗୀର ଅମୃତ କଥା | ଇତିଶ୍ରୀ ମେହେର | ୫୨୦ |
| ନାଟ୍ୟକାର ନାରାୟଣ ସାହୁଙ୍କ 'ଶେଷକଥା' ନାଟକରେ ଚରିତ୍ରାନୁଶୀଳନ | ଡ. ଦୟାନିଧି ପରିଡ଼ା | ୫୨୧ |
| ବାପା ତୁମେ ଗଲାପରେ | ଜୟନ୍ତ ଦାସ ପ୍ରଫୁଲ୍ଲ | ୫୨୮ |
| ସଂଜୟ ସାର୍ | ବିଶ୍ୱପ୍ରତାପ ବେହେରା | ୫୩୦ |
| ପ୍ରକୃତ୍ରି ର ସଂରକ୍ଷଣ | ଅଧ୍ୟାପକ ଦୀପକ କୁମାର ଓଝା | ୫୩୬ |
| ୧୯୮୦ ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ପ୍ରାକୃତିକ ପରିବେଶ ଓ ଦାୟବଦ୍ଧତା | ହୀରା ସିଂ | ୫୩୮ |
| ଅଭିଶପ୍ତ ଜୀବନ | ଡାକ୍ତର ଶେଖର ବନମାଳୀ ଚନ୍ଦ୍ର ନାମଦେଓ | ୫୪୬ |

ISSN NO.
2582-208X


| | | |
|---|---|---|
| କାପୁରୁଷ | ସାବିତ୍ରୀ କଣ୍ଡା | ୫୪୮ |
| ଆତ୍ମା - କଳତ୍ର- ସୂତ୍ର - ଗୃହେ , ପଶୁ - ଦ୍ରବିଣ ବନ୍ଧୁ ସ୍ନେହେ | ପ୍ରତାପ ଚନ୍ଦ୍ର ମିଶ୍ର | ୫୫୦ |
| ଯଶୋଧାରା ମିଶ୍ରଙ୍କ ଓଡ଼ିଆ କ୍ଷୁଦ୍ରଗଳ୍ପରେ ମଧ୍ୟବିତ୍ତ ସମାଜର ବିବିଧ ସମସ୍ୟା | ଶାନ୍ତିଲତା ଗିରି | ୫୫୨ |
| ନଦୀତୀର | ଶ୍ରୀମାନି ପ୍ରିୟଦର୍ଶିନୀ ଦାସ | ୫୬୦ |
| ବହୁପ୍ରତିକ୍ଷୀତ | ଅବିନାଶ ସାହୁ | ୫୬୧ |
| ମୋ ନୀରବତା | ପ୍ରିୟବ୍ରତ କର | ୫୬୬ |
| ଉପେନ୍ଦ୍ର ଭଞ୍ଜଙ୍କ ଶବ୍ଦର ମାୟାଜାଲରେ ନାରୀ | ଝରଣା ସାହୁ | ୫୬୮ |
| ଜୟ ଜଗନ୍ନାଥ ସ୍ୱାମୀ | ସୁରାତ୍ରୀ ପ୍ରଧାନ | ୫୭୭ |
| ଶିକ୍ଷା | ଅଭିମନ୍ୟୁ ବେହେରା | ୫୭୯ |
| ସକାଳ ହେଲା | ଲୋଚନା ଶବର | ୫୮୧ |
| କବି ଯେବେ ପ୍ରେମରେ ପଡେ | ଶାଶ୍ୱତୀ ପତି | ୫୮୩ |
| ବନ ମହୋତ୍ସବ | ପଞ୍ଚାନନ ମେହେର | ୫୮୬ |
| ପଦକ | ସୁଧାଂଶୁ ଶେଖର ପାତ୍ର | ୫୮୮ |
| ଧଳା ଶାଢୀର ଚିତ୍କାର | ରବି ବଗର୍ତ୍ତୀ | ୫୮୯ |
| ଅବୁଝା ମନ | ମନୋଜ କୁମାର ସ୍ୱାଇଁ | ୫୯୪ |
| ଗୋ'ଭକ୍ତ ବନାମ ଗୋ'ପ୍ରେମୀ | ବାଲ୍ମୀକି ନାୟକ | ୫୯୬ |
| ପ୍ରେମ | ପ୍ରକାଶ ବିଶ୍ୱାଳ | ୬୦୦ |
| ଆଜିକାଲିକା ଭଲପାଇବା | ଲୋଚନ କୁମାର ବାଡ଼ତ୍ୟା | ୬୦୨ |
| ଓଁ ନମଃ ଶିବାୟ | ପ୍ରମୋଦିନୀ ପଣ୍ଡା | ୬୦୬ |
| ସୃଷ୍ଟିର ପ୍ରାରମ୍ଭ | ମମତା ନାୟକ | ୬୧୦ |
| 'ମା' | ସ୍ୱାଗତିକା ନାଏକ | ୬୧୩ |

ISSN NO.
2582-208X


| | | |
|---|---|---|
| ପୁରୁଣାକୁ ନୂଆ କରେ ନୂଆକୁ ନିଆରା | ସୂର୍ଯ୍ୟ ନାରାୟଣ ସାହୁ | ୬୧୪ |
| ଭାଗବତ କଥା | ନରେନ୍ଦ୍ର ପ୍ରସାଦ ବେହେରା | ୬୨୦ |
| **ଆଞ୍ଚଳିକ** | | |
| ଫଲ୍‌ଶା ସୁନ୍‌ଦ୍‌ରୀ | ଡ. ଶୁଭେନ୍ଦୁ ମେହେର | ୬୨୪ |
| ତାଲୁଫଟା ଖରା | ନିରୁପମା ମିଶ୍ର | ୬୨୫ |
| ମିଳିମିଶି ସବେ ରହେମା | ଆଶିଷ କୁମାର ସାହୁ | ୬୨୬ |
| ଗୁନ୍ଦଲା ଗୁଫା | ଗଜାନନ ମିଶ୍ର | ୪୨୮ |
| **ଶିଶୁ ବିଭାଗ** | | |
| ଟିକି ଚାରାଟି ମୁରୁକି ହସି | ଧ୍ରୁବ ଚରଣ ଘିବେଲା | ୬୩୦ |
| ଜଙ୍ଗଲ ଆମର ମିତ | ଅଭୟ କୁଣ୍ଡ | ୬୩୨ |
| ଚିତ୍ର କଥା କୁହେ | ବେଦାନ୍ତୀ ପରିବାର | ୬୩୪ |
| ବେଦାନ୍ତୀ – "ଜୁନ" ସମୀକ୍ଷା | ଦେବଯାନୀ ସ୍ୱାଇଁ | ୬୩୬ |
| ଜୁଲାଇ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୬୪୦ |

ISSN NO.
2582-208X

# ଦୃଷ୍ଟାନ୍ତ ସର୍ଜନାକାରୀ ଜଣେ ଲେଖକଙ୍କ ଦେହାନ୍ତ



ଗୁରୁକଲ୍ୟାଣ ମହାପାତ୍ର

ସୌଜନ୍ୟ 'ସମୟ'

[ଜେ.ପି. ଙ୍କ "ପ୍ରଥମ ପୁରୁଷ" ପ୍ରକାଶ ପାଇବା ପରେ ତାଙ୍କ ଅନୁରୋଧ କ୍ରମେ ବିଶିଷ୍ଟ ସାହିତ୍ୟିକ ଓ ତତ୍କାଳୀନ "ଡଗର"ର ସମ୍ପାଦକ ନିତ୍ୟାନନ୍ଦ ମହାପାତ୍ର ତା ୨/୬/୭୨ ରେ ସେହି ବହିଟିର ସମାଲୋଚନା/ସମୀକ୍ଷା କରିଥିଲେ ତାହାର ଆରମ୍ଭ ଥିଲା ଏହିପରି – "ପ୍ରଥମ ପୁରୁଷ" ଏକ ଜୀବନ ଚିନ୍ତା। ବହୁ ବିକ୍ଷିପ୍ତ ବ୍ୟକ୍ତିତ୍ୱ ଘେନି ମନୁଷ୍ୟର ଅନ୍ତଃମୁଖୀ ମନର ପ୍ରତିଛବି ଶ୍ରୀ ଜଗନ୍ନାଥ ଦାସଙ୍କର "ପ୍ରଥମ ପୁରୁଷ"। ଲେଖକ ପୁସ୍ତକର ପ୍ରତ୍ୟେକ ଅଙ୍ଗରେ ନୂତନର ମୁଦ୍ରା ଅଙ୍କନ କରିଛନ୍ତି – କେବଳ ଆଧେୟ ଓ ଆଧାରରେ ନୁହେଁ, ପରିଚ୍ଛଦରେ ମଧ୍ୟ।]

ପ୍ରକୃତରେ ଆଧୁନିକ କାଳରେ ଓଡିଆ ଭାଷା ଓ ସାହିତ୍ୟର ସେ ଅର୍ଥାତ୍ ଜଗନ୍ନାଥ ପ୍ରସାଦ ଦାସ ଥିଲେ ଜଣେ ଅନନ୍ୟ ଦୃଷ୍ଟାନ୍ତ। ସେ ଭୂମିଷ୍ଠ ହୋଇଥିଲେ ଶ୍ରୀକ୍ଷେତ୍ରରେ-ଓଡିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ପଚିଶ ଦିନ ପରେ ଅର୍ଥାତ ଅପ୍ରିଲ ୨୬ରେ। ଆଉ ଦୀର୍ଘ ଦିନର ଅସୁସ୍ଥତା ପରେ ସେ ତାଙ୍କ ପତ୍ନୀ, ଜଣେ ସୁଗାୟିକା ଶ୍ରୀମତୀ ମିତା ଦାସ ଓ କନ୍ୟା ନୃତ୍ୟଶିଳ୍ପୀ ମୋନାଲିସାଙ୍କୁ ଛାଡି କେବଳ ଚାଲିଯାଇ ନାହାନ୍ତି, ଆମମାନଙ୍କ ପରି ତାଙ୍କ ସାହିତ୍ୟର ଅଗଣିତ ପାଠକଙ୍କଠାରୁ ମଧ୍ୟ ସେ ଦୂରେଇ ଯାଇଛନ୍ତି ଜୁନ ୪ (୨୦୨୬)ରେ। ଶଶରୀରେ ତାଙ୍କୁ ତ ଭେଟି ହେବ ନାହିଁ, ତାଙ୍କ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିବା ବ୍ୟତୀତ ଆମମାନଙ୍କର ଆଉ କିଛି ଗତି ନାହିଁ ଯେପରି। ପ୍ରଥମେ ଦୁଇଜଣ ପ୍ରବାସୀ

ISSN NO.
2582-208X


ଓଡିଆ ନୂଆଦିଲ୍ଲୀର ଲେଖିକା ଡାକ୍ତର ଅନିତା ପଣ୍ଡା ଓ କୋଲକାତାର "ପ୍ରତିବେଶୀ" ପ୍ରତିକାର ସମ୍ପାଦକ ପିତାମ୍ବର ବାରିକ ଏ ଲେଖକକୁ ତାଙ୍କ ମୃତ୍ୟୁ ଖବର ପ୍ରଥମେ ଜଣାଇଥିଲେ । ଜଣେ ଲେଖକ ବା ଚିତ୍ରଶିଳ୍ପୀ ଭାବେ ସେ ଖ୍ୟାତିଲାଭ କଲାବେଳକୁ ଲୋକେ ତାଙ୍କୁ ସୁରଦ୍ଧାରେ "ଜେପି" ବା "ଜେପି ଦାସ" ଭାବେ ସମ୍ବୋଧନ କରୁଥିଲେ । ଜଗନ୍ନାଥ ପ୍ରସାଦ ଦାସ, ଏପରି ଲମ୍ବା ନାମରୁ ସେ ଛୋଟିଆ ନାମ "ଜେପି" କୁ ଚାଲି ଆସିଥିଲେ । ଏହା ହିଁ ଥିଲା ତାଙ୍କ ଲୋକପ୍ରିୟତାର ପ୍ରମାଣ । ୧୯୮୪ ରେ ସେ ଆଇ.ଏ.ଏସ୍. ଚାକିରିର ପ୍ରଲୋଭନକୁ ପରିହାର କରି କେବଳ ସାହିତ୍ୟ ସାଧନାରେ ମନୋନିବେଶ କରିଥିଲେ ।

ସେ ଉଭୟ ଓଡିଆ ଓ ଇଂରାଜୀ ଭାଷାରେ ପ୍ରତିଷ୍ଠା ଅର୍ଜନ କରିଥିଲେ, ସାରା ଭାରତରେ ନୁହେଁ, ବିଶ୍ୱରେ । ଏହି ଉଭୟ ଭାଷାରେ ପୁସ୍ତକ ରଚନା କରି ସୁନାମ ଅର୍ଜନ କରିଥିବା ଓଡିଶାର ଅନ୍ୟ ଦୁଇଜଣ ପ୍ରସିଦ୍ଧ ଲେଖକ ଥିଲେ ସ୍ୱର୍ଗୀୟ ମନୋଜ ଦାସ ଓ ସୀତାକାନ୍ତ ମହାପାତ୍ର । ଜେ.ପି. ଙ୍କ ବୈଶିଷ୍ଟ୍ୟ ହେଲା ଯେ ସେ ପୁରସ୍କାର ପାଇବା ଆଶାରେ ସାହିତ୍ୟ ସୃଷ୍ଟି କରି ନାହାନ୍ତି । ସେଥିପାଇଁ ତ ସେ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାରକୁ ପ୍ରତ୍ୟାଖ୍ୟାନ କରିଥିଲେ । ଅବଶ୍ୟ ମନୋଜ ଦାସ ଓ ଜେପି ଙ୍କୁ ଭାରତର ସର୍ବୋଚ୍ଚ ସାହିତ୍ୟ ସମ୍ମାନ "ଜ୍ଞାନପୀଠ" ପୁରସ୍କାର ମିଳି ନଥିଲା । ନିତ୍ୟାନନ୍ଦ ମହାପାତ୍ର, କାହ୍ନୁଚରଣ, ରାଧାମୋହନ ଗଡନାୟକ, ମାୟାଧର ମାନସିଂ କି ଅନନ୍ତ ପଟ୍ଟନାୟକଙ୍କ ପରି କବି ଓ ଲେଖକମାନେ ମଧ୍ୟ "ଜ୍ଞାନପୀଠ" ପୁରସ୍କାର ପାଇପାରି ନଥିଲେ । ଏବେ କିନ୍ତୁ କେନ୍ଦ୍ରୀୟ ବା ଓଡିଆ ସାହିତ୍ୟ ଏକାଡେମୀରେ ଧରାଧରି କରି ପୁରସ୍କାର ପାଉଛନ୍ତି ବୋଲି ସାଧାରଣରେ ଏକପ୍ରକାର ଧାରଣା ସୃଷ୍ଟି ହୋଇଛି । ପରମ ସ୍ୱାଭିମାନୀ ଜେ.ପି. କିନ୍ତୁ କେନ୍ଦ୍ରୀୟ ସାହିଦ୍ୟ ଏକାଡେମୀ ପୁରସ୍କାରକୁ ପ୍ରତ୍ୟାଖ୍ୟାନ କରି ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସୃଷ୍ଟି କରିଥିବା ପରି ମନେହୁଏ । କେହି ତାଙ୍କୁ "ପଦଶ୍ରୀ" ପାଇଁ ମଧ୍ୟ ସୁପାରିଶ କରି ନଥିଲେ ।

ମନେ ପଡୁଛି ତାଙ୍କର ପ୍ରଥମ କବିତା ପୁସ୍ତକ "ପ୍ରଥମ ପୁରୁଷ" ଯେତେବେଳେ ୧୯୭୧ରେ ପ୍ରକାଶ ପାଇଲା, ଆମେ ଛାତ୍ର ଭାବେ ତାହା ପାଠ କରି ଅପାର ଅନନ୍ଦ ଅନୁଭବ କରିଥିଲୁ । ଲମ୍ବା ସାଇଜର ସେ କବିତା ପୁସ୍ତକରେ ସ୍ଥାନ ଛଡାଯାଇ ପାଠକମାନଙ୍କୁ ଆମୋଦିତ କରିବା ପାଇଁ ଛୋଟ ଛୋଟ ରୋମାଣ୍ଟିକ କବିତାର ପଦ ଆମମାନଙ୍କୁ ମୁଗ୍ଧ କରୁଥାଏ । ପୂର୍ବରୁ ସେପରି ସାମାନ୍ୟ ଲମ୍ବା ପୁସ୍ତକ ଆମେମାନେ କେବେ ଦେଖି ନଥିଲୁ । ପ୍ରଖ୍ୟାତ ଚୈତ୍ରଶିଳ୍ପୀ ଓ ଚଳଚିତ୍ର ନିର୍ଦ୍ଦେଶକ ସତ୍ୟଜିତ ରାୟ (ଏବେ ସ୍ୱର୍ଗରେ) ତାହାର ପ୍ରଚ୍ଛଦ ପୃଷ୍ଠାର ସୁନ୍ଦର

ISSN NO.
2582-208X

ଚିତ୍ରାଙ୍କନ କରିଥିଲେ । ତାଙ୍କ ରଚିତ "ଆହ୍ନିକ" କବିତା ପୁସ୍ତକ ୧୯୯୦ରେ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ସତ୍ତ୍ୱେ ସେ କାହିଁକି ତାହାକୁ ପ୍ରତ୍ୟାଖାନ କଲେ, ତାହା ଏ ଲେଖକକୁ ଜଣାନାହିଁ । ମାତ୍ର ତାଙ୍କ ରଚିତ "ପ୍ରିୟ ବିଦୂଷକ" ପୁସ୍ତକ ପାଇଁ ତାଙ୍କୁ ଇମଫା ପକ୍ଷରୁ "ସାରଳା ପୁରସ୍କାର" ମିଳିଥିଲା ୧୯୯୮ ରେ । ସେ ସେହି ପୁରସ୍କାର ପାଇବା ପରେ ଯେଉଁ ଉତ୍ତର ରଖିଥିଲେ, ତାହା ମଧ୍ୟ ବେଶ ହୃଦୟସ୍ପର୍ଶୀ ଥିଲା ବୋଲି ମନେ ପଡୁଛି । ତାଙ୍କ ରଚିତ ଗଦ୍ୟ ରଚନା "ଦେଶ କାଳ ପାତ୍ର" ୧୯୯୧ରେ ପ୍ରକାଶ ପାଇ ଓଡିଆ ପୁସ୍ତକମାନଙ୍କ ମଧ୍ୟରେ ଖୁବ୍ ଚର୍ଚ୍ଚାକୁ ଆସିଥିଲା । ତାହାକୁ ଉପନ୍ୟାସ ବୋଲି କୁହାଯାଇ ନପାରେ । ଆଇ.ଏ.ଏସ୍. ଚାକିରିରେ ଥିବା ବେଳେ ସେ ଏକଦା କଳାହାଣ୍ଡିର ଜିଲ୍ଲାପାଳ ଥିଲେ – ୧୯୯୬ରେ – ୧୮୬୬ର ନଅଙ୍କ ଦୁର୍ଭିକ୍ଷ ଯେତେବେଳେ କଡ ଲେଉଟାଇଥିଲା ଶହେ ବର୍ଷ ପରେ କଳାହାଣ୍ଡି ଜିଲ୍ଲାରେ । ଡାକ୍ତର ଜଗନ୍ନାଥ ପ୍ରସାଦ ଦାସ ଦକ୍ଷତାର ସହିତ ସେହି ପରିସ୍ଥିତିର ମୁକାବିଲା କରି ପାରିଥିଲେ ।

ଜି.ପି.ଙ୍କ "ପ୍ରଥମ ପୁରୁଷ" ପ୍ରକାଶ ପାଇବା ପରେ ତାଙ୍କ ଅନୁରୋଧ କ୍ରମେ ବିଶିଷ୍ଟ ସାହିତ୍ୟିକ ଓ ତତ୍କାଳୀନ "ଡଗର" ର ସମ୍ପାଦକ ନିତ୍ୟାନନ୍ଦ ମହାପାତ୍ର ତା ୨/୬/୭୨ରେ ସେହି ବହିଟିର ସମାଲୋଚନା / ସମୀକ୍ଷା କରିଥିଲେ । ତାହାର ଆରମ୍ଭ ଥିଲା ଏହିପରି – "ପ୍ରଥମ ପୁରୁଷ" ଏକ ଜୀବନ ଚିନ୍ତା । ବହୁ ବିକ୍ଷିପ୍ତ ବ୍ୟକ୍ତିତ୍ୱ ଘେନି ମନୁଷ୍ୟର ଅନ୍ତଃମୁଃଖୀ ମନର ପ୍ରତିଛବି ଶ୍ରୀ ଜଗନ୍ନାଥ ଦାସଙ୍କ "ପ୍ରଥମ ପୁରୁଷ" । ଲେଖକ ପୁସ୍ତକର ପ୍ରତ୍ୟେକ ଅଙ୍ଗରେ ନୂତନର ମୁଦ୍ରା ଅଙ୍କନ କରିଛନ୍ତି – କେବଳ ଆଧେୟ ଓ ଆଧାରରେ ନୁହେଁ, ପରିଚ୍ଛଦରେ ମଧ୍ୟ ।"

ଜେ.ପି.ଙ୍କ ବିୟୋଗ ପ୍ରକୃତରେ ଦୁଃଖ ଦାୟକ ।

(((–)))

ଭୁବନେଶ୍ୱର
ଫୋନ୍ ନମ୍ବର ୯୪୩୭୦୧୨୧୨୩

ISSN NO.
2582-208X

# ସ୍ମୃତିର ଆଲିଙ୍ଗନ



ଡଃ ମାଙ୍ଗଳିକା ମହାପାତ୍ର

କେହି ଜଣେ ବାନ୍ଧିଅଛି
ସ୍ମୃତିର ଆଲିଙ୍ଗନେ
ମନ ସାଥେ ମନ ରୁହେ
ଅଦୃଶ୍ୟର ବନ୍ଧନେ...

ସ୍ମୃତିର ଆଲିଙ୍ଗନ
ଦେଇପାରେ ଜୀବନ
ଅଦୃଶ୍ୟ ସେ ବନ୍ଧନ
ନିଏ ଗୋପନେ ମନ...

ମନ ମୋର ସଦା ଯେ ଖୋଜେ
ହୃଦୟର ଆପଣାପଣ
ଯାହାକୁ ପାଇ ଭୁଲିଯାଏ
ଜୀବନର ସବୁ କଷଣ...

ସ୍ମୃତି ପୂରା କରେ ଜୀବନ
ଯାହାକୁ ଦେଖେ ଯେ ସପନ
ଆଉ କିଏ ପୂରଣ କରିବ ସେ ଶୂନ୍ୟସ୍ଥାନ
ଯାହା ସ୍ମୃତିରେ ଭିଜିଯାଏ ତା ସରଳ ମନ

((( - )))

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ତୁ ପରା ବୋଉ



ଡ. ଶଶଧର ମହାପାତ୍ର

ତୁ ପାଖେ ପାଖେ ଥିଲେ ସବୁ କଥା ଲାଗୁଥିଲା ଭଲ
ତୋ' ହୃଦୟ ଓ ମନ ସତରେ କୋମଳ
କିଛି ଲୁଚେଇଥିଲେ ତୁ ଜାଣିଯାଉ
କିଛି କହିଦେଲେ ତୁ ବୁଝିଯାଉ
କଥା କଥାରେ ମୋହିଦେଉ
କିଛି ଅଭାବ ଥିଲେ ପୂରଣ କରିଦେଉ
ମୁଁ ଦୁଃଖୀ ଥିଲେ ଖୁସୀ କରିଦେଉ
ତୁ ପରା ବୋଉ
ତୁ ମୋ' ପାଇଁ ଥିଲୁ ଖଣ୍ଡେ ହୀରା,
ତୁ ଚାଲିଗଲା ପରେ ମୁଁ ବେସାହାରା,
ଖୋଜିଲେ ମିଳେନାହିଁ ଶୁଣିବାକୁ ତୋ' ହୃଦୟର ଭାଷା,
ତୁ ଥିଲୁ ଏକ ପ୍ରେରଣାଦାୟିନୀ,
ତୋ' କଥା ଶୁଣିବାକୁ ସବୁବେଳେ ମନ ଚାହୁଁଥିଲା,
ଆଖିରେ ଭରିଦେଇଥିଲା ଆଖିଏ ନିଶା
ମନଭିତରେ ଆଣିଦେଇଥିଲା ଅଯୁତ ଆଶା
ଏବେ କେବେକେବେ ବସି ନୀରୋଳାରେ
ତୋ' ଛବି କେତେ ମୁଁ ଆଙ୍କେ ମନଭିତରେ, କଳ୍ପନାରେ
କଣ୍ଠରୁ ବାହାରେ ରାଗ ଭୈରବର ନୁହେଁ ବୈରାଗର ଗୀତ
ଟିକେ ରଙ୍ଗ, ଛନ୍ଦ ଦେଇ ଲେଖେ କବିତା
ମୋର ଲେଖନୀ କେବେ ଭୁଲିପାରୁନାହିଁ ତୋ' ମମତା
କିଛି ଧାଡି ଲେଖେ, କାଟେ, ପୁଣି ଲେଖେ, କାଟେ

ISSN NO.
2582-208X

ଜାରି ରହେ ସୁନ୍ଦର ଲାଗିବା ଯାଏ କେବଳ ତୋ' ପାଇଁ
ଆଉ ସେ' କବିତା ମୋତେ ଖୋରାକ ଯୋଗାଏ
ବାରମ୍ବାର ବଞ୍ଚିବା ପାଇଁ,
ତୁ କୁଆଡୁ ଆସିଯାଉ, ଶୁଣୁ, ଶୁଣି ଖୁସୀ ହେଉ,
ମୋ' ମୁଣ୍ଡ ଉପରେ ହାତ ରଖି ହସିଦେଉ,
ବିଜୟର ମୁକୁଟଟିଏ ପିନ୍ଧାଇଦେଇ ଚାଲିଯାଉ
ତୁ ପରା ବୋଉ
ତୁ ଥିଲୁ ମୋ' ପାଇଁ ଅବିକଳ ଗଙ୍ଗା ମାଆ
ସବୁବେଳେ ହେଉଥିଲୁ ସାହା
ତୋତେ ଟିକିଏ ଛୁଇଁଦେଲେ
ମୁଁ ହୁଏ ପବିତ୍ରତାରେ ପରିପୂର୍ଣ୍ଣ,
ଦି' ଖଣ୍ଡ ହାଡରେ ସଦାବେଳେ
ଦୌଡୁଥିଲା ତୋ' ଜୀବନ,
ସାରା ରାତି, ସାରା ଦିନ,
ତୋ' କଣ୍ଠରେ ଉଭା ମାତା ସରସ୍ୱତୀ
ତୋ' ହାତରେ ବିଜେ ମାତା ଲକ୍ଷ୍ମୀ
ସେଥିପାଇଁ ବୋଧେ ତୋ' ବାପା ବୋଉ
ଶରଧାରେ ନାଁ ଦେଇଥିଲେ "କମଳା'
ତୁ ମୋ' ପାଇଁ ଅବିକଳ ମା' ଶାରଳା, ବିମଳା
ହାତରେ ଦି'ପଟ ଶଙ୍ଖା, କିଛି ପାଣିକାଚ, ମୁଣ୍ଡର ସିନ୍ଦୂର ଓ
କସ୍ତା ଶାଢୀଟିଏ ପିନ୍ଧି ତୁ ଦିଶୁ ସାକ୍ଷାତ ଦେବୀଟିଏ ପରି
ତୁ ଥିଲୁ ଏକ ସର୍ବଂ ସହା ନାରୀ,
ଯେତେବେଳେ ଘରେ ଗମ୍ଭୀର ହୁଏ ପରିସ୍ଥିତି
ତୁ ତୋ' ଭୂମିକାରେ ଥିଲୁ "ଜାଗୃତି'
ଦୋଷ ତୋ' ଉପରେ ଲଦିଦେଇ
ସବୁ ସହିଯାଉ ପତେଇଦେଇ ତୋ' ଛାତି
ମୋତେ କେତେ ସ୍ୱପ୍ନ ଦେଖେଇଛୁ ନିତିନିତି
ରାତିରେ ମୋ' ବିଛଣା ପାଖରେ ବସି, ଚୂପିଚୂପି କଥା କହି
ପୁଣି ହଠାତ୍ ଗୁମ୍ ହେଇ ବସିଯାଉ,

ISSN NO.
2582-208X

ତୁ ପରା ସେଇ ବୋଉ
ଧନ, ଦୌଲତ, ବୈଭବରେ ଭରପୂର କରି
ଆମକୁ ଛାଡି ଚାଲିଗଲୁ,
ଅମାବାସ୍ୟାରେ ଚନ୍ଦ୍ରମା ଦେଖେଇଗଲୁ,
ଖୁସିରେ ରହିବାକୁ ସବୁ ସଜାଡି ଦେଇଗଲୁ,
ତୋ'ପାଇଁ ଘରେ ସବୁବେଳେ ଲାଗିଥିଲା କୋଳାହଳ,
ତୋ' ବିନା ମୁଁ ଆଜି କାଙ୍ଗାଳ,
ନିଃସଙ୍ଗ ହେଲା ଏ' ଜୀବନ ଚିରକାଳ,
ପଣତ କାନିରେ କେତେ ଲୁହ ପୋଛି
ଶୁଣେଇଥିଲୁ ଅଭୟ ବାଣୀ,
ଶୁଆଇ ଦେଉଥିଲୁ କେତେ ଗେଲ କରି
ଶୁଣେଇଥିଲୁ କେତେ କାହାଣୀ,
ଯେତେ ପ୍ରଶଂସିଲେ ତୋଥି' ଗୁଣ, ଗାରିମା
ପହଞ୍ଚେନି ତୋ' ପାଶେ,
ହୁଲି ଡଙ୍ଗାଟିଏ ହେଇ ଅଥଳ
ଏ' ପ୍ରୀତି ସାଗରରେ ଭାସେ,
ଆଉ ଜାଣିଛୁ ସେ' ଡଙ୍ଗାରେ ନାଉରୀ କିଏ ?
ମୁଁ ନୁହେଁତ ଆଉ କିଏ ?
ମୁଁ ନୁହେଁତ ଆଉ କିଏ ?
ହଁ, ମୁଁ ପରା ସିଏ ।

(ମୋ' ବୋଉର ସାବିତ୍ରୀ ବ୍ରତ ଦିନ ଦେହାନ୍ତ ହେଇଥିଲା ଠିକ୍ ୪୮ ବର୍ଷ ତଳେ । ଆଜି ହେଉଛି ସାବିତ୍ରୀ ବ୍ରତ । ତା କଥା ବହୁତ ମନେ ପଡିବାରୁ ଏ' ଲେଖା ।)

(((-)))

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା
ଫୋନ୍-୩୦୧୮୮୭୭୦୦୨

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୫୦– ଶେଷ ଶୁଟିଙ୍ଗ ଷ୍ଟାର

"ମୁଁ ଏକ ଅଭିଯାତ୍ରୀ, ଜାଣିନି ଶେଷେ କେଉଁଠାରେ ପହଞ୍ଚିବି । ଏକ ଚିତ୍ରକର ମୁଁ, ମନ ହେଉ ତୂଳୀ ମୋର, ରଙ୍ଗ ହେଉ ଦୃଷ୍ଟି ତ ମୋହର । ଏକ ବିଜ୍ଞାନୀ ଯେ ମୁଁ, ନିଜ ଜଡ ଧାରଣା ବାହାରେ ଚାଲିବି, କିଛି ବାଧା ତ ନରହୁ, ମୋ ଭିତରକୁ ଆସୁ ସବୁ ଯେ ତରଙ୍ଗ । କିଛି ତ୍ୟାଗିବାର ନାହିଁ, ପରିସ୍ଥିତ ଯେବେ ଅଟେ ମୋ ଗୁରୁ ।"– ଅସୀମଙ୍କ ମନରେ ଆଜିକାଲି ଶବ୍ଦସବୁ କବିତାର ଧାରମାନ ଆପେ ତିଆରି ହୋଇଯାଉଥିବାର ଅନୁଭବ କରୁଥିଲେ । କେଉଁଠି ପଢିଥିଲେ, କି ଆପେ ଶବ୍ଦ ସବୁ ତାଙ୍କର ମନ ଭିତରେ ତିଆରି ହେଉଥିଲା ସେ ଜାଣିପାରୁନଥିଲେ । କିନ୍ତୁ ଶବ୍ଦର ସାଗର ଭିତରେ ନିଜକୁ ଯେମିତି ହଜାଇ ଦେଉଥିଲେ । ସେ ନିଜକୁ ଭାବୁଥିଲେ ଏକ ଅଭିଯାତ୍ରୀ । ନିଜକୁ ଯାତ୍ରୀ ରଖିବେ, ଚିତ୍ରକାର ରଖିବେ, ବିଜ୍ଞାନୀ ରଖିବେ, ଶିଳ୍ପୀ କରି ରଖବେ ନିଜକୁ ।

ଏମିତି ଭାବୁଥିବାରୁ ଏକ ବିହଙ୍ଗର ଦୃଷ୍ଟିରେ ଦ୍ୱୀପକୁ ଦେଖିବାକୁ କେବେଠାରୁ ସେ ଭାବିଆସିଥିଲେ । ସବୁଠାରୁ ଉଚ୍ଚ ପାହାଡର ଶୃଙ୍ଗରୁ କ୍ୟାମ୍ପବେଲ ବେକୁ ଦେଖିବାକୁ ହେବ। ସେଇଟା ତ ମାଉଣ୍ଟ ଥୁଲିଆର । ଜଙ୍ଗଲ କେତେ ଘଞ୍ଚ ଦିଶୁଛି, ସମୁଦ୍ର କେତେ ନୀଳ ଦିଶୁଛି ଆଉ ଦୂର ସମୁଦ୍ରତଟରେ ଉତ୍ତୁଙ୍ଗ ତରଙ୍ଗମାଳ ଫୁଲର ମାଳ ତିଆରି କରୁଛନ୍ତି କି ନାହିଁ, ତାହା କେବଳ ମାଉଣ୍ଟ ଥୁଲିଆରରୁ ଜଣାପଡିବ । ଗୋଟାଏ ଘର ଭିତରେ ମ୍ୟାପ ଆଗରେ ଠିଆହେଲେ କେବଳ ସାମାନ୍ୟ ଦିଶିବ । ତେଣୁ ପାହାଡ ଚଢିବାକୁ ହେବ । ସେଇଠୁ ଆଖି ଖୋଲି ଉପରକୁ ଅନାଇଲେ ଆକାଶ ଘନନୀଳ ଦିଶିବ । ଆଉ ଯେତେବେଳେ ନୀଳ

ISSN NO.
2582-208X

ଆକାଶ କଥା ଭାବନ୍ତି, ଅସୀମଙ୍କ ମୁହଁ ଆପେ ଉଜ୍ଜ୍ୱଳ ହୋଇଯାଏ ।

ମାଉଣ୍ଟ ଥୁଲିଆରକୁ ଉଚ୍ଚତା ହିସାବରେ ଦେଖିବାକୁ ଗଲେ ସେମିତି କିଛି ଲାଗିବନି । କାନଦେଇ ଶୁଣିଲେ ହାସ୍ୟାସ୍ପଦ ଲାଗିବ । ପାଣିରୁ ମାତ୍ର ଦୁଇ-ଅଢାଇ ହଜାର ଫୁଟର ଉଚ୍ଚ ପାହାଡ । ଲୋକେ ଅଠାଇଶ ହଜାର ଫୁଟ ଉଚ୍ଚ ବରଫ ଢଙ୍କା ପାହାଡ ଏବେ ସହଜରେ ଚଢିଯାଉଛନ୍ତି । କିନ୍ତୁ ପ୍ରକୃତ ଅସୁବିଧା ହେଉଛି ସାଧନ । କେଉଁଠି ରାସ୍ତା ନାହିଁ, ରାସ୍ତାରେ ରହିବାକୁ ଉପଯୁକ୍ତ ସ୍ଥାନ ମଧ୍ୟ ନାହିଁ । କିନ୍ତୁ ଯିବାକୁ ମନ ତ ଅଛି । ଶୋଭନା ଥିବା ସମୟରେ ଅସୀମ ମାଉଣ୍ଟ ଥୁଲିଆର ଯାତ୍ରା କରିବା କଥା ଭାବିପାରୁନଥିଲେ । ଶୋଭନା ଚଢିବା ପାଇଁ ଜିଦି କରିଥାନ୍ତେ ଆଉ ଏକ ଚତୁର୍ଥାଂଶ ଚଢିବା ପରେ ଥକିଯାଇଥାନ୍ତେ । ତେଣିକି ଆଉ ଚଢିବା ସମ୍ଭବ ହୋଇନଥାନ୍ତା । ତେଣୁ ଶୋଭନା ଥିବା ସମୟରେ ଯାତ୍ରା ସମ୍ଭବ ନଥିଲା । ଏବେ ଆରମ୍ଭ କରାଯାଇପାରେ ।

ମାଉଣ୍ଟ ଥୁଲିଅରକୁ ଯାଇ ଫେରିଆସିବାକୁ ସେମାନଙ୍କୁ ପ୍ରାୟ ଦୁଇଦିନ ଲାଗିବ । ଏତେ ସମୟ ଲାଗିବା କଥା ନୁହେଁ । ଉପରେ ସେମାନେ କିଛି ବୈଜ୍ଞାନିକ ତଥ୍ୟ ମଧ୍ୟ ସଂଗ୍ରହ କରିବେ । ଏଠି କିଛି ଅତି ଦୁଷ୍ପ୍ରାପ୍ୟ ଗୁଳ୍ମ, ଗଛ ଲତା ଆଦି ଥିବ । କିଛି ପ୍ରାଣୀଙ୍କ ବିଷୟରେ ହୁଏତ ଦୁନିଆ ମୋଟେ ଜାଣିନଥିବ । ସେମାନେ ସେମିତି କିଛି ଖୋଜିବେ । ସେଥିପାଇଁ ସମୟ ଲାଗିବ । ହୁଏତ ସେମାନେ ଆଉ ଦିନେ କିମ୍ବା ଦୁଇଦିନ ଉପରେ ଅଟକି ଯାଇପାରନ୍ତି । ବର୍ଷାବନରେ ଜଙ୍ଗଲ ଭିତରକୁ ଆସିଗଲେ ଆକାଶ ବା ସୂର୍ଯ୍ୟ ଦେଖି ଦିଗ ଜାଣିବା କଷ୍ଟ । ଛାଇ ତ ତଳେ ପଡେନି । କମ୍ପାସରେ ବା ଦିଗଯନ୍ତ୍ର ହିସାବରେ ଅବଶ୍ୟ ଦିଗ ଜାଣିହେବ । କିନ୍ତୁ ପାହାଡର କନଟୁର, ଝରଣାର ରାସ୍ତା ଇତ୍ୟାଦି ଜାଣିବା ସହଜ ହେବନି । ଏଇଥିପାଇଁ ସମୟ ଲାଗିବ । ତେଣୁ କନଟୁର ହିସାବରେ ସେମାନଙ୍କୁ ପାହାଡ ଚଢିବାକୁ ପଡିବ । ତା ଉପରେ ଯଦି ହଠାତ୍ ବର୍ଷା ଆସିଲା, ତେବେ ସେମାନଙ୍କୁ ଓଦା ହୋଇ ଅଟକି ରହିବାକୁ ପଡିବ । ତେଣୁ ପ୍ରସ୍ତୁତି ଠିକ ହେବା ଦରକାର ।

ତାଙ୍କର କିଛି ଖୋଜା ତଥ୍ୟ ହିସାବରେ ପ୍ରାୟ ୮୬୫ ବର୍ଗ କିମି. ଅଞ୍ଚଳ ନେଇ ଗଠିତ ଗ୍ରେଟ ନିକୋବର ଦ୍ୱୀପ ସୁମାତ୍ରାର ଶେଷ ଅଂଶରୁ ମାତ୍ର ୧୪୫ କିମି ଦୂରରେ ଅବସ୍ଥିତ । ଦ୍ୱୀପପୁଞ୍ଜର ଉତ୍ତର ଆଡକୁ ମୁଖ୍ୟତଃ ପାହାଡିଆ ଆଉ ଦକ୍ଷିଣ ଆଡକୁ କିଛି ନଦୀ ଆଉ ସାମାନ୍ୟ ଚଉଡା ଭୂମି ଅଛି । ମାଉଣ୍ଟ ଥୁଲିଆର ଶୋମ୍ପେନ ଅଧ୍ୟୁଷିତ ଅଞ୍ଚଳର ଉତ୍ତର ଭାଗରେ ଅବସ୍ଥିତ, ଆଉ ଏହା ପ୍ରାୟ ୬୩୮ ମିଟର ଉଚ୍ଚ । ଏହା ହେଉଛି ଗ୍ରେଟ

ISSN NO.
2582-208X

ନିକୋବର ଦ୍ୱୀପର ଉଚ୍ଚତମ ପାହାଡ । ଦ୍ୱୀପରେ ବୋହିଯାଉଛି ଗଲାଥିଆ, ଆଲେକଜାଣ୍ଡ୍ରିଆ ଆଉ ଡଗମାର ଭଳି ନଦୀମାନ । ପାଣିରେ ଅଛନ୍ତି କୁମ୍ଭୀର, କଚ୍ଛପ, ଅନେକ ମାଛ । କ୍ୟାମ୍ପବେଲ ବେର ଜଳବାୟୁ ମୁଖ୍ୟତଃ ଆର୍ଦ୍ର ତଥା ଉଷ୍ଣ । ଏଠି ଗରମ ବା ଥଣ୍ଡା ବେଶି ନାହିଁ । ଶୋମ୍ପେନ ବୁଲୁଥିବା ଜଙ୍ଗଲରେ ଅଛି ହ୍ୱାଇଟ ଚୁଗଲୁମ, ବ୍ଲାକ ଚୁଗଲୁମ, ଜଙ୍ଗଲୀ ଆମ୍ବ, ହ୍ୱାଇଟ ଧୂପ, ପୁନ, ରୁଦ୍ରାକ୍ଷ, ବାଦାମ, ଭଳି ଗଛସବୁ ଆଉ କୂଳ ଆଡକୁ ବେଶି ମିଳେ ପାଣ୍ଡାନାସ ବା କେଓଡା ଗଛମାନ ।

ନିଜର ପ୍ରସ୍ତୁତିକୁ ବଢାଇବା ପାଇଁ ସେମାନେ ଜଙ୍ଗଲରେ ଛୋଟ ଛୋଟ ଟ୍ରେକିଙ୍ଗ କରିବାକୁ ଲାଗିଲେ, ଜଙ୍ଗଲର ଗଛ ଲତାକୁ ଭଲକରି ଚିହ୍ନିଲେ ଆଉ ଜଙ୍ଗଲ ଭିତରେ ଅସୁବିଧାକୁ ନିଜ ହିସାବରେ ହୃଦୟଙ୍ଗମ କରିଚାଲିଲେ । ଏହାର ଆଉ କିଛି ଉଦ୍ଦେଶ୍ୟ ମଧ୍ୟ ଥିଲା । ଜଙ୍ଗଲ ଭିତରକୁ ଷ୍ଟାଫଙ୍କ ଘନଘନ ଗସ୍ତ ଯୋଗୁ ଚୋରା ଶିକାରୀମାନେ ତଟସ୍ତ ରହିବେ ଆଉ ଷ୍ଟାଫମାନେ ଜଙ୍ଗଲ ଡ୍ୟୁଟିକୁ ଭଲ ପାଇବାକୁ ଲାଗିବେ । ସେ ନିଜକୁ ଆଉ ନିଜର ଷ୍ଟାଫମାନଙ୍କୁ ମାନସିକ ଆଉ ଶାରିରୀକ ସ୍ତରରେ ପ୍ରସ୍ତୁତ କରିବାକୁ ଲାଗିଗଲେ । ଏବେ ଜଙ୍ଗଲ ଭିତରେ ବେଳେବେଳେ ଦିନିକିଆ ଯାତ୍ରା କରିନେବାର ଆବଶ୍ୟକତା ଅଛି । ରାସ୍ତା ମୋଟେ ନାହିଁ । ଶୋମ୍ପେନମାନଙ୍କ ଚଲାରାସ୍ତା ଅଛି କି ନାହିଁ ଜଣାନାହିଁ । ଜଙ୍ଗଲରେ ସେମାନଙ୍କୁ ରାସ୍ତା କାଟି ଯିବାକୁ ପଡିବ । ଆଉ ତାହା କରିବା ମୋଟେ ସହଜ ନୁହେଁ । ଫରେଷ୍ଟରେ ଷ୍ଟାଫମାନେ ଏପର୍ଯ୍ୟନ୍ତ ଦିନିକିଆ ଟ୍ରେକିଂରେ ବେଶି ଭିତରକୁ ଯାଇନାହାନ୍ତି । ତେଣୁ ଯଥା ସମ୍ଭବ ଭିନ୍ନ ଭିନ୍ନ ଉପକରଣମାନ ସଂଗ୍ରହ କରାଯାଉଥିଲା । ଆଉଟଡୋର ଟ୍ରେକିଙ୍ଗ, ସରଭାଇଭାଲ ଟେକନିକ ଉପରେ ବହୁ ଖବର ସଂଗ୍ରହ କରାଗଲା । ସାପ, ବେଙ୍ଗ, ବୁଢୀଆଣୀ, କୀଟପତଙ୍ଗରେ ଭରାଥିବ ରାସ୍ତା । ତେଣୁ ନିଜ ପ୍ରସ୍ତୁତିକୁ କିଛି ପରୀକ୍ଷା କରିନେବା ଆବଶ୍ୟକ ଅଛି । ଆଉ ସେ ଏକ ଦିନିକିଆ ଜଙ୍ଗଲ ଭିତରେ ଟ୍ରେକିଙ୍ଗରେ ବାହାରିଲେ । ସାଙ୍ଗରେ ପଦ୍ମଶିବ ଆଉ ତାଙ୍କ ରେଞ୍ଜ ଷ୍ଟାଫମାନେ ମଧ୍ୟ ଥିଲେ।

"ଘଞ୍ଚ ଜଙ୍ଗଲ, ଆକାଶ ନୀଳ, ପାଣି ଯେ ନିର୍ମଳ, ଅସୀମ ।"- ସେ ନିଜ ଭିତରେ ଏକ ସ୍ୱଷ୍ଟୀକରଣ ଶୁଣିଲେ ଆଉ ନିଜ ପାଦକୁ ଅଟକାଇଦେଲେ । ସେ ଯେମିତି ନିଜ ଭିତରେ କିଛି ଖୋଜିବାର ଅନୁଭବ କଲେ । ସତରେ ନୀଳ ଆକାଶ ଦେଖୁଛନ୍ତି ।

ISSN NO.
2582-208X

ସେଥର ଯାତ୍ରାରେ ଆଗରେ ଜଙ୍ଗଲ ବେଶ ଘଞ୍ଚ ଥିଲା । ଏହା ଯେ ଗ୍ରେଟ ନିକୋବର ବାଇଓସ୍ଫିଅର ରିଜର୍ଭ । ଝିଙ୍କାରୀରର ଝିଁ ଝିଁ ଡାକ ଆସୁଥିଲା । ବେଳେବେଳେ ମାଙ୍କଡର ଡାକିବା ଶବ୍ଦ ମଧ୍ୟ ଶୁଣାଯାଉଥିଲା । ଏହି ଗଭୀର ଜଙ୍ଗଲରେ ମିଳିବ ଅସାଧାରଣ ବୃକ୍ଷ, ଗୁଳ୍ମ ତଥା ପ୍ରାଣୀମାନ । ଅସୀମ ଘନ ଜଙ୍ଗଲକୁ ଅନାଇଲେ । ଏତେ ଘଞ୍ଚ ଜଙ୍ଗଲ, କେଉଁଠି ଯେମିତି ଆଉ ଗାରଟିଏ ମାରିବାକୁ ଯାଗାନାହିଁ ।

ତଳେ ସାମାନ୍ୟ ଖୋଲା ଯାଗାକୁ ସେ ଅନାଇଲେ । ଗୋଟାଏ ନାଲି କଙ୍କି ପତ୍ର ଉପରେ ବସି ରହିଥିଲା । ସାଧାରଣ ଲମ୍ବ । ଅତି ସ୍ୱଚ୍ଛ ପାଣିର ବିନ୍ଦୁମାନ ଲାଗିଥିଲା ଗଛର ପତ୍ରରେ । ଗୋଟାଏ ଛୋଟ ଡାଳରେ ପାଖରେ ଥିଲା କଳା ପର ଥିବା କଙ୍କିଟିଏ । ଛାପି ଛାପିକିଆ ରଙ୍ଗ ଥିବା ହଳଦିଆ ପ୍ରଜାପତିଟିଏ ଏକ ସବୁଆ ପତ୍ରଥିବା ବଡ ଘାସର ଅଗରେ ଡେଣା ଯୋଡି ବସିଥିଲ, ବୋଧହୁଏ ଡାର୍କ ଗ୍ଲସି ଟାଇଗର ପ୍ରଜାପତି । ନାମଟା ଅବଶ୍ୟ ଅସୀମ ବହିରୁ ଖୋଜିଥିଲେ । ଏତେ ନାମ ମନେ ରୁହେନା । ଆଉ ଗୋଟିଏ ଧୂସରିଆ ରଙ୍ଗର ପ୍ରଜାପତିର ଡେଣାର ଶେଷ ଆଡକୁ ଥିଲା ଗୋଲଗୋଲ ଚିହ୍ନ । କମନ ଇଭିନିଙ୍ଗ ବ୍ରାଉନ ବା ସେହିପରି କିଛି ପ୍ରଜାପତି ହେବ । ପ୍ରଜାପତିଟି ବଡ ପତ୍ର ଉପରେ କେତେବାର ଘୁରି ପଡିଲା ଆଉ ଶେଷରେ ଉଡିଗଲା । ଅସୀମ ନିଜକୁ ଟିକିଏ ଅଟକାଇ ସେମାନଙ୍କୁ ଦେଖିଲେ ।

"ଯାତ୍ରା ମୋର ଅଳ୍ପ ଦୂର । କେଇ ଖୋଜ ଗୋଡ ନେଇଯାଏ, ଲାଗେ କେତେ ଯେ ଚାଲିଛି, କେତେ ଯେ ଦେଖୁଛି, ବହୁ ଜାଣି ତ ପାରେନା । କେତେ କେତେ ଡାକ ଥାଏ, ବହୁ ଶୁଣା ତ ଯାଏନା, ଏତେ ସବୁ ଇନ୍ଦ୍ରିୟ ବାହାରେ । ହାତ ଲଗାଇ ଛୁଏଁ, କିଛି ଜଣା ତ ପଡେନା, ସ୍ପର୍ଶ କରାଯାଇ ତ ପାରେନା । ସବୁ ବୋଧର ବାହାରେ ।"– ତାଙ୍କୁ କିଏ କିଛି ଯେମିତି ମନେ ପକାଇ ଦେଉଥିଲା । ଅସୀମ ଉପରକୁ ଅନାଇଲେ । ଗଛ ଫାଙ୍କରୁ ସାମାନ୍ୟ ଆକାଶ ଦିଶୁଥିଲା, ସଫା ଆକାଶ, ମଝିରେ କେବେ ବଉଦ ଭାସିଯାଉଛି । ସେ ଭିତରେ ନୀଳର ଗଭୀରତା ବଢିଯାଉଛି ।

ଏକ ପତଳା ନାଳା ପାଖରେ ବୋହୁଥିଲା । ପାଣି କାଚକେନ୍ଦୁ ପରି ପରିଷ୍କାର ଥିଲା । କଡରେ ଭରିଥିଲା ଥିଲା ଲତା ଆଉ ଘାସ । ଧାରରେ ଆରମ୍ଭ ହୋଇଥିଲା ଘଞ୍ଚ ଜଙ୍ଗଲ, ସେଥିରେ ଥିଲା କିଛି ପାଣ୍ଡାନାସ ଗଛ । ପାଣ୍ଡାନାସ ଗଛ ତାହାହେଲେ ପାଣି ଯାଗାର ଆଖ ପାଖରେ ହୁଏ । ପାଣ୍ଡାନାସ ତ ଏ ଘୋର ଜଙ୍ଗଲ ଭିତରେ ଶୋମ୍ପେନମାନଙ୍କର ମୁଖ୍ୟ

ISSN NO.
2582-208X

ଖାଦ୍ୟ । ବହୁ ଲତା ଆଉ ଗୁଳ୍ମ ତଥା ଝାଡି ଥିଲା ଆଉ ସେଥିରେ ଥିଲା ଭିନ୍ନ ଭିନ୍ନ ରଙ୍ଗର ଫୁଲ । ଟିକିଏ ଖୋଲା ଜାଗାରେ ଟ୍ରି ଫର୍ଣ ଗଛମାନ ଆସୁଥିଲା । ଏହି ଗଛମାନ ଦିନେ ଅନେକ ବଡ ହେବ, ଏଇଟା ହେଉଛି ଏଠାକାର ବିଶେଷତ୍ୱ । ଅନ୍ୟ ଜାଗାରେ ଫର୍ଣ ଗଛ ବଡ ହୁଏନି । ଟ୍ରି ଫର୍ଣ ଦେଖିବାକୁ ସୁନ୍ଦର ଲାଗେ । ଛୋଟ ଆକରର ଗଛଟିଏ, ଉପରେ ଛତାର ଛଡ ଭଳି ବଡ ପତ୍ରର ଡେମ୍ଫମାନ ଲମ୍ବିଯାଇଛି ଆଉ ସେଥିରେ ସିରା ସିରା ସବୁଜ ପତ୍ର ତିଆରି ହୋଇଛି । ଏହାକୁ ଥାଇଲାଣ୍ଡ ବା ଦକ୍ଷିଣ ପୂର୍ବ ଏସିଆରେ ମିଳୁଥିବା ଏକ ପ୍ରକୃତ ସବୁଜ ଛତା କୁହାଯାଇପାରେ ।

"ସବୁଜର ଏ ଚିତ୍ରପଟ୍ଟ, ସତେ ବର୍ଣନା କି ହୋଇପାରିବିନି ? ଗଭୀରରେ, ମୋ ଭିତରେ ଖେଳୁଛି ଏତେ ଯେ ଭାବନା, ସତେ କ'ଣ ଆଉ ଆକାର କିଛି ତିଆରି ହେବନି ? ଅରଣ୍ୟ ସତେ କି ନୀରବ ରହିବ, ଯେତେବେଳେ ଅଭିଯାତ୍ରୀ ଯାତ୍ରା କରୁଥିବ ?"– ସେ ନିଜ ଭିତରେ କିଛି ଶବ୍ଦର ସମାହାର ଏକାଠି କରୁଥିଲେ । ସେମାନଙ୍କୁ ପକ୍ଷୀମାନଙ୍କର ଡାକ ଶୁଣାଯାଉଥିଲା । ପକ୍ଷୀମାନେ ସେମାନଙ୍କୁ କଣ ସ୍ୱାଗତ କରୁଛନ୍ତି, ସେମାନଙ୍କ ଉପସ୍ଥିତି କ'ଣ ଅରଣ୍ୟ ନିବାସୀଙ୍କୁ ଜଣାଉଛନ୍ତି ? ସେଇଆ କରୁଥିବେ । କିଛି ମଧୁର, କିଛି କର୍କଶ ଡାକ ଶୁଣାଯାଉଥିଲା । କେଉଁ କେଉଁ ପକ୍ଷୀର ଡାକ କି ଆଉ କାହାର ଡାକ ହଠାତ୍ ଠଉରାଇ ହେଲାନାହିଁ । ନୀରବରେ ଯାତ୍ରା କଲେ ନିଜର ପଦଶବ୍ଦ ଶୁଣାଯାଏ, କିନ୍ତୁ ଜଙ୍ଗଲର ପ୍ରତି ଦ୍ୱାରର ଦ୍ୱାରପାଳମାନଙ୍କର ଡାକ କ୍ରମାଗତ ଥାଏ । ଜଙ୍ଗଲରେ ପ୍ରତି ପାଦସହ ଏକ ଏକ ନୂଆ ଶବ୍ଦ ସୃଷ୍ଟି ହୁଏ ଯେମିତ । ଏକ ଉତ୍ସୁକ ମନକୁ ଶବ୍ଦକୁ ଗ୍ରହଣ କରିବାର ଅଛି, ପ୍ରତିଟିକୁ ବିଶ୍ଲେଷଣ କରିବାର ଅଛି ।

"ଜଙ୍ଗଲର ଦୃଶ୍ୟମାନ ପ୍ରଥମ ପ୍ରହରୀ!"–ଅସୀମ ଏକ ଗଛକୁ ଅନାଇ କହିଲେ । ଗୋଟାଏ ବଡ ଗଛର ଡାଳରେ ଲମ୍ବା ଲାଞ୍ଜଥିବା ନିକୋବରୀ ମାକାକମାନେ ଚାଲୁଥିଲେ । ସେମାନେ ନିଜ ଭିତରେ ଡକାଡକି ହେଉଥିଲେ । ମାକାକମାନଙ୍କର ପେଟ ପଟ ସାମାନ୍ୟ ପାଉଁଶିଆ ଧଳା ବାଳରେ ଢାଙ୍କି ହୋଇଥିଲା ଆଉ ଉପର ପିଠିରେ ଥିଲା ହାଲୁକା କଳା ରଙ୍ଗର ସାଉଁଳିଆ ବାଳ । ସେମାନେ ସରୁଆ ଡାଳକୁ ସିନା ଚାଲିଯାଉଥିଲେ କିନ୍ତୁ ଜୋର ଜୋର ଡିଆଁ ଡେଇଁ କରୁନଥିଲେ, ବଡ ଚିତ୍କାର ବା ହୁଁକାର ମଧ୍ୟ କରୁନଥିଲେ । ଗୋଟାଏ ମାଙ୍କଡ ଏକ ପତଳା ଡାଳରେ ଓହ୍ଲାଇ ଆସିଲା ଯେମିତି ଏକ ସରୁଆ ପାଚେରୀ ଉପରେ ବିଲେଇଟିଏ ଚାଲୁଛି । ତା' ଲାଞ୍ଜ ଉପରକୁ ହୋଇଯାଇଥିଲା ଆଉ ହାତ ଗୋଡରେ ଡାଳକୁ

ISSN NO.
2582-208X

ମୁଠାଇ ଧରି ଅତି ସହଜରେ ଚାଲୁଥିଲା । ବିଲେଇମାନେ ଚାଲିଲା ବେଳେ କେବେ କବେ ଲାଙ୍ଗୁଡ ସିଧା କରିଦିଅନ୍ତି । ବୋଧେ ଏହାଦ୍ଵାରା ସେମାନେ ନିଜର ଆକାରକୁ ବଡ ଦେଖାଇ ହୁଅନ୍ତି କିମ୍ବା ନିଜର ବାଲାନ୍ସ ବା ସନ୍ତୁଳନ ରଖୁଥିବେ । ଏ ମାଙ୍କଡମାନେ ଅତି ସହଜରେ ତଳକୁ ବା ଉପରକୁ ଯିବା ଆସିବା କରୁଥିଲେ । ଗଛ ଓହଳରେ ଚାଲିଲାବେଳକୁ ସେମାନେ ହଲୁଥିଲେ ସିନା, ଚାଲିବାରେ କିଛି ଅସୁବିଧା ହେଉନଥିଲା । ଗଛଟାରେ ଅନେକ ମାଙ୍କଡ ଥିଲେ ।

ଜଙ୍ଗଲ କିଛି ସମୟ ପରେ ବେଶ ଘଞ୍ଚ ହୋଇଗଲା । ଏମିତି ଜଙ୍ଗଲରେ ଗୋଟାଏ ଦୁଇଟା ଗଛକୁ ଲକ୍ଷ୍ୟ କରିବା କଷ୍ଟ । ଅସୀମଙ୍କୁ କିନ୍ତୁ ଦିଗବଳୟରେ ଛାପି ଛାପି ହୋଇଥିବା ଗାଢ ସବୁଜ ରଙ୍ଗର ଚାଦର ଭଲାଲଗେ । ଜଙ୍ଗଲକୁ ଏକ ବିଛଣା ଚାଦର ଭାବରେ ଭାବିନେଲେ ସେ ଭିତରେ କେତେ ଯେ ରଙ୍ଗ ଆସିଯାଏ ଆଉ ଦେଖିବାକୁ ସୁନ୍ଦର ଲାଗେ । ସବୁଜ, ତଥା ନୀଳ ରଙ୍ଗର କିଛି ମହତ୍ଵ ଅଛି, ଆଖି କେବେ ଥକେନା । କିଛି କିଛି ଛୋଟ ପାହାଡ ଦେଖାଯାଉଥିଲା ଆଉ ସେଗୁଡିକର ଧାର ଉପରେ ଧଳା କୁହୁଡି ବା ଜଳୀୟ ବାଷ୍ପର ଆବରଣ ଥିଲା । ଜଙ୍ଗଲରେ ଜଳୀୟ ବାଷ୍ପର ଆବରଣ ରହିବା ସାଧାରଣ କଥା । ଜଙ୍ଗଲର ଚଟାଣ ପାଣିକୁ ସ୍ପଞ୍ଜ ଭଳି ଧରିରଖେ । ଯାଗାଏ ଯାଗାଏ ମେଘ ଏକାଠି ହୋଇ ଧଳା କାଗଜକୁ ପବନରେ ଝୁଲାଇ ରଖିଲା ପରି ଲାଗୁଥିଲା । କିଛି ଯାଗାରେ ବହୁ ଅଧିକ ମେଘ ଥିଲା ।

"ବଉଦରୁ କେମିତି ନଝରିବ ବାରି, ଯେତେବେଳେ ବନ କରୁଛି ଆହ୍ଵାନ? ସବୁଜର ଏ ଦୀର୍ଘତା, ଆଖି ପାଉନାହିଁ, ସତେ କ'ଣ ନାମହୀନ? ଆକାର ନାହିଁ ଏକ ତ ଛବିର, ସତେ କ'ଣ ନାହିଁ କେଉଁ ମୂର୍ତ୍ତୀ ପାଷାଣର, କମ୍ବା କେଉଁ ଛାୟା ଆଉ ଆସିବନି । ସବୁ ନମନୀୟ ଲାଗେ, କମନୀୟ ଲାଗେ, କିଛି ବୁଝି ତ ହେଉନି ।"-ଏମିତି ଘଞ୍ଚ ନିବିଡ ଜଙ୍ଗଲ ଭିତରେ ସେ କଣ ପାଇଁ କାବ୍ୟିକ ଶବ୍ଦମାନ ଆଣୁଥିଲେ, ନିଜେ ଜାଣିପାରୁନଥିଲେ । ତାଙ୍କ ତୁଣ୍ଡକୁ କିଛି ଘଟଣା ସହ ଆଉ କିଛି କିଛି ବାକ୍ୟମାନ ଆପେ ଆସୁଥିଲା । ଶୋଭନା ଥିଲେ ସେ କେତେ କଥା ହୋଇଥାନ୍ତେ, ତାଙ୍କୁ କେତେ ନିଜ ତିଆରି ଗୀତ ଶୁଣାଇଥାନ୍ତେ । ନିଜ ଜଙ୍ଗଲଯାତ୍ରା ବିଷୟରେ ସେ ଲେଖିବେ, ଆଉ ତାକୁ ଶୋଭନାଙ୍କ ପାଖକୁ ପଠାଇବେ ।

ଏବେ ବର୍ଷାର ବିନ୍ଦୁମାନ ଆକାଶରୁ, ଗଛର ପତ୍ରରୁ ନଅଟକି ଝରିପଡୁଥିଲା । କ୍ୟାମ୍ପବେଲ ବେ ରେ ଶୁଖିଲା ଦିନ କେତେକି? ବର୍ଷା ବନ ଅଞ୍ଚଳ । ଜଙ୍ଗଲରେ ବର୍ଷା ସବୁବେଳେ

ISSN NO.
2582-208X

ପଡୁଥିବ । ବର୍ଷା ସମୟରେ ପାଣି ଉପରୁ ଏମିତି ପଡିବ ତ କିନ୍ତୁ ବର୍ଷା ନହେଲେ ମଧ୍ୟ ପତ୍ରରେ ଜମିଥିବା ରାତିର କାକର ବିନ୍ଦୁମାନ ସକାଳେ ନିଶ୍ଚେ ଝରିପଡିବ । ସେଇଥି ପାଇଁ କ୍ୟାମ୍ପବେଲ ଅଞ୍ଚଳର ଜଙ୍ଗଲର ତଳ ସବୁବେଳେ ଓଦା ଥାଏ । ସମସ୍ତଙ୍କ ଗୋଡରେ ଉଚ୍ଚ ତଳି ଥିବା ଜଙ୍ଗଲ ବୁଟ ଥିଲା । ଏମିତି ଜୋତାରେ ସହଜରେ ଚାଲିହୁଏ, କିନ୍ତୁ ପାଣି କାଦୁଅରେ ସାମାନ୍ୟ ଅସୁବିଧା ଅଛି । ଏ ଜଙ୍ଗଲରେ ବଡ ବଟ୍ରେସ ଥିବା ଗଛମାନ ଅଧିକ। ଗଛ ଗୁଡିକ ଲମ୍ବା, ତେଣୁ ଗଛକୁ ଚେରମାନ ସପୋର୍ଟ ବା ଠେସ ଦେବା ପାଇଁ ମାଟିରେ ଲମ୍ବିଯାଏ କିନ୍ତୁ ଏଇଠି ଚେରମାନ ଉପରକୁ ମୋଟେଇଯାଇ ଯେମିତି ଚରିପଟେ ଢିଅମାନ ଲଗାଇ ଦେଲାଭଳି ଲାଗେ । ତେଣୁ ଗଛ ସହଜରେ ଉପୁଡି ପଡିବନି । ଏମିତିଆ ଓଦାଳିଆ ଅଞ୍ଚଳରେ ଗଛ ସ୍ଥାନ ହିସାବରେ ନିଜର ରୂପ କିଛି ବଦଳାଇ ଦେଇ ମାଟି ଉପରେ କେତେ ଦଶନ୍ଧି ଧରି ଠିଆହୋଇପାରେ । ବର୍ଷା ବନରେ ଏକ ବଡ ଲକ୍ଷ୍ୟ କରିବା ଜିନିଷ ହେଉଛି ମୋଟ ମୋଟ କ୍ଲାଇମ୍ବର । ସବୁ ଜଙ୍ଗଲରେ ଲତାମାନ ଗଛକୁ ମାଡନ୍ତି । କିନ୍ତୁ ଏଠି ଜଙ୍ଗଲରେ କ୍ଲାଇମ୍ବରମାନଙ୍କ ଗଣ୍ଡି ଗଛଭଳି ମୋଟେଇ ଯାଏ । ସେଗୁଡିକ ବଡ ବଡ ଝୁଲା ତିଆରି କରିଦିଏ । ଏମିତି ଝୁଲାରେ ଜଣେ ଆରାମରେ ବସି ଯେମିତି ଝୁଲିପାରିବ । ଏକ ରକ କ୍ଲାଇମ୍ବିଙ୍ଗରେ ମୋଟା ଦଉଡିକୁ ଧରି ବଡ ପଥରର ସିଧା ଫେସରେ ଚଢିଲା ଭଳି ଏମିତିଆ ଓହଳକୁ ଧରି ଜଣେ କୁଶଳୀ ବ୍ୟକ୍ତି ଏକଦମ ଗଛ ଅଗ ପର୍ଯ୍ୟନ୍ତ ଚାଲିଯାଇପାରେ ।

"ଶୁଷ୍କ ଓ ଅଥର୍ବ, ତେଣୁ ମୂଲ୍ୟହୀନ, ମୁଁ ଏହି ରୂପ ଦେଇଥାନ୍ତି କେତୋଟି ଶବ୍ଦରେ । ଯାଦୁ କିଏ କରିଲା ଏଇଠି, ଗଢିଲା କିଏ ଏକ ସ୍ୱପ୍ନ ସମାହିତ ପ୍ରସ୍ତର କଳାକୁ? ଅଛି କ'ଣ ମୁଁ ଯାଦୁ ଜଗତରେ? କେବେ ଗଢିପାରନ୍ତିନି, କେବେ ଭାବି ପାରନ୍ତିନି, ଏହି ରୂପ, ଏହି ଲାଳିତ୍ୟ ମୋ ଅଜାଗ୍ରତ ଦୁନିଆରେ, ଜାଗ୍ରତ ମୋର ଦୂର ପୂର୍ବ ଧରିତ୍ରୀରେ । ଦେଖିପାରନ୍ତି କି କେଉଁ ଛାୟା ରୂପ?"- ଅସୀମ ନିଜ ଭିତରେ ପୂର୍ବଭଳି ଆବୃତ୍ତି କରୁଥିଲେ ଆଉ କେଉଁଠୁ କେଉଁଠୁ ପତ୍ର ଗହଳିରୁ ଅଜଣା ପକ୍ଷୀମାନେ ଡାକୁଥିଲେ । ମୁଣ୍ଡ ବୁଲାଇ ଡାକର ଦିଗ ଜାଣି ହେଉଥିଲା କିନ୍ତୁ ମୋଟେ ଦେଖିହେଉନଥିଲା ।

ତାଙ୍କ ଆଗରେ ଜଙ୍ଗଲରେ କିଛି ଝଡା ପତ୍ର ଭିତରେ ଅଜଣା ଗୁଳ୍ମମାନ ଉଙ୍କିମାରୁଥିଲା । ମଝିରେ ମଝିରେ ଭାଙ୍ଗି ପଡିଥିବା ଶୁଖିଲା ଡାଳଗୁଡାକ ଉପରେ କାଠ ଛତୁମାନ ଉଠିଯାଇଥିଲା । କାଠ ଛତୁମାନ ପୁରୁଣା ଶୁଖା ଡାଳ ଉପରେ ବଢେଇ କାଠ ଫୁଲ ତିଆରି

ISSN NO.
2582-208X

କଲାଭଳି ସୁନ୍ଦର କାଠ ଫୁଲମାନ ତିଆରି କରନ୍ତି । ଗୋଟାଏ ଶୁଖିଲା କାଠରେ ତିନିଟା ପିଆଲା ଭଳି ଗୋଲ ଛତୁ ଲାଗିଥିଲା । ଉପର ଅଂଶ ପିଆଲା ଭଳି ଟିକେ ଚଉଡା ଆଉ ତଳକୁ କପ ଭଳି ଗଭୀର ହୋଇଯାଇଛି । ତା'ପରେ ଏକ ପିଆଲାର ହ୍ୟାଣ୍ଡଲ ଆଉ ଶେଷରେ ଏକ ଛୋଟ ବେସ । କପର ଚାରି ପାଖରେ ଧଳା ପଟ୍ଟି ବୁଲିଯାଇଥିଲା ଆଉ ପରେ ପରେ ତଳକୁ ବାଦାମୀ-ମାଟିଆ ରଙ୍ଗର ବ୍ୟାଣ୍ଡମାନ ଥିଲା । ମଣିଷ ତିଆରି ପୋର୍ସିଲିନ ପିଆଲାରେ ଏତେ ରଙ୍ଗ ହୁଏନା । ଏମିତି ରଙ୍ଗର ପିଆଲା ତିଆରି ହେଲେ ସାଙ୍ଗମାନଙ୍କ ସହ ବସିବାକୁ ଭଲ ଲାଗିବ ।

ଜଙ୍ଗଲର ତଳ ଅଂଶରେ ଅସଂଖ୍ୟ ଛୋଟ ଛୋଟ ଗଛ ଆଉ କ୍ଲାଇମ୍ବରମାନ ଥିଲା । କିଛି କ୍ଲାଇମ୍ବରମାନ ମୋଡି ମୋଡି ହୋଇ ଉପରକୁ ଉଠିଯାଇଥିଲା । ଗୋଟାଏ କ୍ଲାଇମ୍ବରର ଗଣ୍ଡି ଗୋଲାକାର ନହୋଇ ଚେପଟା ଥିଲା, ଯେମିତିକି ଏକ ମୋଟା ରିବନକୁ କିଏ ସମାନ୍ୟ ମୋଡି ଉପରୁ ଟାଙ୍ଗି ଦେଇଛି । କ'ଣ ପାଇଁ ଏମିତି ଭଳି ହୋଇଛି କେଜାଣି ? ବୋଧହୁଏ ଏମିତି ସାମାନ୍ୟ ବଳି ହୋଇଥିବାରୁ କ୍ଲାଇମ୍ବର ଶକ୍ତ ହୋଇ ରୁହେ । ଏଇଟା ବୋଧହୁଏ 'ହାଥି ବେଲ', ତାଙ୍କ ସହ ଯାଇଥିବା ସାଥିମାନଙ୍କ ଭିତରୁ କିଏ କହିଲା । ଏ କ୍ଲାଇମ୍ବରମାନ ଅସୀମଙ୍କୁ ଅଦ୍ଭୁତ ଲାଗୁଥିଲା । ଗଛକୁ ବଢିବାକୁ ସୂର୍ଯ୍ୟାଲୋକ ଦରକାର । କ୍ଲାଇମ୍ବରମାନଙ୍କ ସିଧା ଟାଣ ଗଣ୍ଡି ତ ନାହିଁ । ତେଣୁ ସେମାନେ ଗଛ ସହ ପ୍ରତିଯୋଗିତା କରିପାରିବେନି । ତେଣୁ ଏକ ସିଧା ଗଛର ସାହାର୍ଯ୍ୟ ନେଇ ଗଛର ଉପରକୁ ଚାଲିଯାଏ ଆଉ ସେଇଠି କ୍ଲାଇମ୍ବରର ପତ୍ରର ବିସ୍ତାର ଘଟେ । କିନ୍ତୁ ହୋଷ୍ଟ ପ୍ଲାଣ୍ଟକୁ ଆଉ ଏତେ ସୂର୍ଯ୍ୟାଲୋକ ମିଳେନା । ଏଣେ କ୍ଲାଇମ୍ବର ଦେହରେ ଫୁଲ ଫୁଟିଯାଉଥାଏ । ଏଣେ ହୋଷ୍ଟ ପ୍ଲାଣ୍ଟ ଶୁଖିଯାଉଥାଏ । କେବେକେବେ ଲାଗେ ତ ଏଗୁଡିକ ହେଉଛି ପ୍ରକୃତ ଗଛର ପତ୍ର ଆଉ ଫୁଲ ।

କିଛି କିଛି ଜାଗାରେ ସେମାନେ ଗଛରେ ସ୍ୱ ତଥା ପରାଙ୍ଗପୁଷ୍ଟ ଅର୍କିଡ ଗୁଳ୍ମମାନ ପାଇଲେ । କ୍ୟାମ୍ପବେଲ ବେର ଜଙ୍ଗଲରେ ଅନେକ ଅନେକ ଅର୍କିଡ ମିଳେ । ଗୋଟାଏ ଗଛରେ ଝୁଲି ରହିଥିଲା ଫକ୍ସ ଟେଲ ଅର୍କିଡ । କୋକିଶିଆଳି ଲାଞ୍ଜ ଭଳି ଲମ୍ବା ଆଉ ବାଳ ବାଳୁଆ । ଏକ ବଡ ବାଡିରେ ଯେମିତି କିଏ ଛୋଟ ଛୋଟ ଧଳା ସାମାନ୍ୟ ବାଇଗେଣି ରଙ୍ଗର ଅସଂଖ୍ୟ ଫୁଲ କିଏ ଗୁନ୍ଥି ଦେଇଛି । ଏ ଅର୍କିଡ ବହୁତ ସୁନ୍ଦର ଲାଗୁଥିଲା ଆଉ ବେଶ ତାଜା ଥିଲା ଗଛର ଉପରେ । ସେମାନଙ୍କର ଆଖି ଅର୍କିଡ ଖୋଜିବାକୁ ସଦା ଚଞ୍ଚଳ ହେଉଥିଲା ।

ISSN NO.
2582-208X

ଏ ଜଙ୍ଗଲରେ ରାସ୍ତା ? ସେମାନେ ଶୋମ୍ପେନମାନେ କରିଥିବା କେଉଁ ରାସ୍ତା ପାଇଲେନି । ଶୋମ୍ପେନମାନେ ଜଙ୍ଗଲରେ ନିଜ ଚାଲିବା ପାଇଁ ରାସ୍ତା ବନାନ୍ତି କି ନାହିଁ କେଜାଣି ? ତିଖ ଭୂମି, ଚଢ଼ିଲାବେଳକୁ ସେମାନଙ୍କ ଆଣ୍ଠୁ ପ୍ରାୟ ପେଟ ପର୍ଯ୍ୟନ୍ତ ଉଠି ଆସୁଥିଲା । ସମତଳ ଭୂମିରେ ଚାଲିଲେ ଆଣ୍ଠୁ ନିଜର ଇକ୍ୟୁଲିବ୍ରିୟମ ପୋଜିସନରୁ ସାମାନ୍ୟ ଉପର ତଳ ହୁଏ । କିନ୍ତୁ ଏଠି ବେଶ ଉପରକୁ ଉଠୁଥିବାରୁ ଚଢ଼ିବା ନିଶ୍ଚିତ ଭାବେ କଷ୍ଟ ଥିଲା । ତାଙ୍କର ଲୋକମାନେ ହାତରେ ଏକ ଏକ ବାଡି ଧରିଥିଲେ । ଜଙ୍ଗଲରେ ଚାଲିଲାବେଳେ ବାଡିର ଆବଶ୍ୟକତା ଅଛି । ସାପ, ବିଛା, କିଛି ନା କିଛି କୀଟପତଙ୍ଗ ସବୁଆଡେ । ବାଡି ଦ୍ୱାରା ସେମାନଙ୍କୁ ଦୂରରେ ରଖିହେବ । ମାରିବା ଆବଶ୍ୟକ ନାହିଁ । ବେଳେବେଳେ ସେମାନଙ୍କୁ ମଧ୍ୟ ଉପରକୁ ଦେଖିବାକୁ ପଡୁଥିଲା । ଗଛମାନ ଏତେ ଉଚ୍ଚ ଯେ ସେମାନଙ୍କର ବେକକୁ କାନ୍ଧ ସହ ପ୍ରାୟ ସମକୋଣ କରୁଥିଲା ।

ଜଙ୍ଗଲର ତଳ ଆଡକୁ ଅନ୍ଧାରୁଆ ଲାଗୁଥିଲା । ଯେତେବେଳେ ଉପର କାନୋପିରେ ବହୁ ଗଛ ପତ୍ର ଥାଏ, ତଳକୁ ଆଲୋକ କମ ଆସେ । କେଉଁଠି କେଉଁଠି ମନ୍ଦାଏ ମନ୍ଦାଏ ଆଲୋକ ପଡିଯାଇପାରେ । ଏମିତିଆ ଅଧା ଅନ୍ଧାରିଆ ଜଙ୍ଗଲରେ ଥାଆନ୍ତି କେତେ ସାପ । ଆଉ ଏ ଜଙ୍ଗଲରେ ଓହଳଗୁଡାତ ଅସୀମଙ୍କୁ ସାପ ପରି ଲାଗନ୍ତି । ଏଠି ପରା କିଛି ଅଜଗର ସାପ ମଧ୍ୟ ଅଛନ୍ତି । ଜଙ୍ଗଲରେ ବେତ ଗଛ ବହୁ ପାରିମାଣରେ ଅଛି । ବେତ ଏକ ଲଟା, କଣ୍ଟା ଭର୍ତ୍ତୀ ଆଉ ବେତ ଶୋମ୍ପେନମାନଙ୍କର କେତେ କାମରେ ଆସେ । ତଳେ କେଉଁଠି କେଉଁଠି ଫଳମାନ ପଡିଥିଲା । ଗୋଲ ଆକାରର କ୍ରିକେଟ ବଲଠାରୁ ଅନେକ ଛୋଟ ଫଳ । ହାଲୁକା ନାରଙ୍ଗୀ ରଙ୍ଗ । ମାଙ୍କଡ କାଳେ ଏହାକୁ ଖାଏ । ଜଙ୍ଗଲର ତଳୁ ମାଙ୍କଡମାନେ କିନ୍ତୁ ଦିଶୁ ନଥିଲେ । କେଉଁ ଉପରେ ଦଳ ହୋଇ ବସିଥିବେ । ମାଙ୍କଡମାନେ ତ ଦଳରେ ରହିବାକୁ ଭଲ ପାଆନ୍ତି ।

(((-)))

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ୍, କଲିକତା
ମୋ-୭୩୫୫୭୩୪୩୪୬

ISSN NO.
2582-208X

# ଆସିଛିରେ ପୁଣି ସେହି ଦିନ



ରାଜକିଶୋର ସ୍ୱାଇଁ

ଉତ୍କଳ ଆମର ମାଟି ମାଆ
ଦେଇଥାଏ ଜିଇଁବାକୁ ରାହା
ଜୀବନର ଚଲାପଥେ ଗଲାବେଳେ
ଝୁଣ୍ଟିପଡ଼ିଗଲେ ହୁଏ ସାହା ।।1।।
ଆସିଛିରେ ପୁଣି ସେହି ଦିନ
ଏପ୍ରିଲ ପହିଲା ଦେବା ଧ୍ୟାନ
ଆମ ରାଇଜର ଜନମ ଦିବସ
ସର୍ବେ କରିବା ତା ଜୟଗାନ ।।2।।
ଅଛି ତାପରିକା କିଏ କାହିଁ
ତାବିନୁ ଆମର କେହି ନାହିଁ
ମାଟି ପାଣି ଖାଦ୍ୟ ପବନ ଖଞ୍ଜିଛି
ଜିଇଁବାକୁ ସିଏ ଆମ ପାଇଁ ।।3।।
ଆମକୁ ସେ ଭଲ ପାଏ ଭାରି
ଭୁଲକଲେ ଦିଏ ନାହିଁ ଗାଳି
ନିଏ ମାଆ ପରି ଯତନ ଆମର
ସେନେହ ମମତା ଦିଏ ଢାଳି ।।4।।
ରହେ ଯେ ସେବାରେସଦାରତ
ହୁଏ ତା ଜୀବନ ବିକଶିତ

ISSN NO.
2582-208X

ମାତା ମାତୃଭୂମି ମାତୃଭାଷା ସେବା
ହେଉ ଆମ ଜୀବନର ବ୍ରତ ।।5।।
ଶିକ୍ଷା ବିକାଶର ଚାବିକାଠି
ତାବିନା ପାରେନି ଦେଶ ଉଠି
ଶିକ୍ଷାର ପ୍ରସାର ପାଇଁ ଦେବା ଧ୍ୟାନ
ବିକଶିତ ହେବ ମାଆ ମାଟି ।।6।।
ଦୂର ପାଇଁ ତାଡି ପ୍ରଦୂଷଣ
ବନୀକରଣରେ ଦେବା ମନ
ନିଜ ଖାଦ୍ୟ ପାଇଁ ଅଙ୍ଗାରକାମ୍ଳକୁ
କରିଥାଏ ବୃକ୍ଷ ବିଶୋଷଣ ।।7।।
ଫୁଟାଇବା ସବୁ ମୁହେଁ ହସ
ତେଜିବା ସଭିଏଁ କୁଅଭ୍ୟାସ
ମନଯୋଗ ଦେଇ କାମକରି ଆମେ
ତାପାଇଁ ଆଣିବା ବହୁ ଯଶ ।।8।।

(((-)))

ଶାନ୍ତନଗର, ନୂଆପଡା,
ପୋ -ନୂଆବଜ଼ାର ଜିଲ୍ଲା-କଟକ,
ପିନ -753004
ମୋବାଇଲ -9437442041

ISSN NO.
2582-208X

# କାଉଂରି ହାଡ



ଇଂ. ସୁଶାନ୍ତ କିଶୋର ବଳ

କୁହୁକିଆ ବୁଣେ କୁହୁକର ଐଂନ୍ଦ୍ରଜାଲ
ହସ୍ତେ ଧରି ଏକ କାଉଂରିହାଡ .
ଧଳାକୁ କଳା କଳାକୁ ଧଳା କରବାରେ
ସିଦ୍ଧହସ୍ତ ଢାଂକିସେ ଚକ୍ଷୁରେ ପରଳ.
ସର୍ବଜନ ସମ୍ମୁଖେ ଚକ୍ଷୁବଂଧନୀ କରେ
ଧରି ନପାରୁ ଆମେ ତାହାର ଫେର .
ଅଣ୍ଡାରୁ ବତ , ବତକରୁ ଅଣ୍ଡା
ଡେକଚିକୁ କରେ ବଡ ହଣ୍ଡା .
ଶୂନ୍ୟ ଗିଲାସରୁ ନୀର୍ଗତେ ଜଳ
ବୋହୁଥାଏ ତାହା ଅନବରତେ .
ଯେତେ ଢାଳୁଥିଲେ ପୁଣି ଭରିଯାଏ
ରହିଥାଉ ଆମେ ନୀରାଟ ଆଚମ୍ବିତେ .
ବାକ୍ ଚ୍ାତୁରୀ ସାଥେ ହସ୍ତକଳାରେ
ନୈପୁଣ୍ୟ ଦେଖାଇ ଚକ୍ଷୁଟି ହରିଥାଏ.
ଶତ ତୀକ୍ଷ୍ଣଦୃଷ୍ଟି ତା'ପରେ ନୀକ୍ଷେପିତେବି
ସେ କସ୍ମୀନ ଧରା ନପଡି ଥାଏ .
ସେକି ଜାଦୁଟଣା କରି ମନମୋହିତ କରେ
ସବୁ ଜାଣିକରିବି ଆମେ ହଂ ଭରିଥାଉ

ISSN NO.
2582-208X

ଛିଣ୍ଡା କାଗଜକୁ ଆମେ ଫୁଲ କହିଥାଉ
ସେଟିତ ଅଟେ ତା 'ପୂରାପୂରା ବାହାଦୂରୀ
ତା ପିଠିଟି ବରଂଆମେ ଥାପୁଡେଇ ଥାଉ .

ଏତଗଲା ଏକସାମାନ୍ୟ ଜାଦୁଗର କାହାଣୀ
ଯେ ଜାଦୁ ପ୍ରଦର୍ଶିତେ ପେଟ ପାଳିଥାଏ .
ସାରା ଦୂନିଆରେ ଭରା କେତେଯେ
ଜାଦୁଗର ଏକୋଣୁ ନେଇ ସେକୋଣ
ଅଖ୍ୟାଂଶୁ ନେଇ ଦ୍ରାଘିମା,
ଉତ୍ତର ମେରୁଠୁଂ ନେଇ ଦକ୍ଷିଣ ,
ତା ହିସାବ କଳନା କରିବା
ଅସମ୍ଭବ ପରି ଲାଗି ଥାଏନା ?

ଜାଦୁକରର କାଉଂରୀହାତ ତ ଦୃଶ୍ୟମାନ
ସଭିଂକ ଚକ୍ଷ୍ୟୁ ଗୋଚରେ ହୁଏ ପ୍ରଦର୍ଶନ .
ବିନାଘଟାଇ କା'ରକିଛି ଦହନ ନୋକସାନ .
ଖେଳ ସରିଗଲା ପରଦା ପଡିଗଲା
ଆଲୋକ ବଂଦ, ଅପେଖ୍ୟା ପରଦିନକୁ .
ଅତିଉତ୍ତମ ଖୁବ୍ ମନମୁଗ୍ଧକର, ଚିତ୍ତାକର୍ଷକ
କରତାଳି, କରତାଳି ଆଉ ଖାଲି କରତାଳି.
ଚାଲନ୍ତୁ ଏଥର କଖ୍ୟର ଟିକେ ବାହାରକୁ .
କିଛିଟି ଦେଖିବା, କଣ ଦେଖିବା ?
ଅନେକ କିଛି....ଅଗଣ ଭଣ୍ଡାମି,
ଅନେକ ଠକାମି , ଅନେକ ଅଭଦ୍ରାମୀ .
ଗୋଟିଗୋଟି ଗୋଟେଇଲେ ଅଣ୍ଟି ପୁରିଯିବ .
ସଂଖ୍ୟା ସରିଯିବ, ଦିନ ଗଡିଯିବ,
ପୂରା ରାତ୍ରୀ ବିତିଯିବ, ଗଣିବା ସରିବନି .

ISSN NO.
2582-208X

.........

ଶୁଭ୍ରବସ୍ତ୍ର, ସଦ୍ୟଧୌ , ହସ୍ତେ ତୁଳସୀମାଳି, ଶତ ବିଲ୍ୱପତ୍ର,
ମାଥେ ଚଂଦନ, କରଜୋଡିତେ ବଂଦନ,
ଆଭୂମ ପ୍ରଣାମ, ମୁଖେ ଓଂକାର ଗୁଂଜନ
କରତାଳିତେ ମଂଦିରବାହାରେ ଲମ୍ବା ଧାଡିର ବୁଭୁକ୍ଷୁ କୁଡାଆକ୍ରାନ୍ତଂକ ରିକ୍ତ
ଥାଳିଆରେ ଅକୁଂଠିତେ ଦାନ ।
ବହତ୍ ଖୁବ, ଦୃଶ୍ୟ ଚିତ୍ତାକର୍ଷକ ।
ଦାନୀକର୍ଣ୍ଣ, ରାଜା ହରିଶ୍ଚଂଦ୍ର ନାଂ ?

ନୀଶ୍ୱ ସର୍ବହରାର ନୂଆଂଳିଆ ଚାଳେ
ରାତ୍ରୀର ଘନ ଅଂଧକାରକୁ ଡିଙେବି
ଭ୍ରୁକ୍ଷେପ ନକରି, ଅର୍ଥଥଳୀ ଧରି ବଦାନ୍ୟତାର ଅତୁଳ ନୀଦର୍ଶନେ
ତାଂକ ହସ୍ତେ ସମୟୋପଯୋଗୀ ଦାନ ।

ଦାମିକିଆ ପୋଷାକେ ଦିନଦ୍ୱିପ୍ରହରେ
ସାଥେ ବଂଧୁକଧାରୀଂକୁ ନେଇ ନିଜେ
ଆଢୁଆଳରେ ରହି ବ୍ୟାଂକ ଲୁଟ ।
'ଧରଧର' କହି ତାଂକ ପଛେ ଦୌଡିବାର
ଅପୂର୍ବ ଅସମାନ୍ତରାଳ ଦୃଶ୍ୟ ।
କଣ କହିବେ - ଦୁଃସାହାସୀ ମାନବ ନାଂ ?

ରାଜନେତା ହୋଇ ଜନସେବାର ଡିଂଡିମ
ବଜାଇ, ସରକାରୀ ରାଜକୋଷ ଲୁଂଠନ ।
ନିଜ ଅର୍ଥଶକ୍ତିର ପ୍ରଭାବେ କଏଦୀଂକୁ
କାରାଗାରୁ ଜାମିନରେ ମୁକ୍ତ କରାଇବାର କୌଶଳ ।
ପଇସାକୁ ପଇସା ରୋଜଗାର,
ଲୋକପ୍ରୀୟତାର ବି ଢେର ଆମଦାନୀ ।

ISSN NO.
2582-208X

କଣ କହିବେ ଏହାକୁ ଆପଣ ?

ଚାକିରି ନାଁରେ ଅବଳାକୁ ଏକାନ୍ତେ ଡାକି
ତା'ର ଅସହାୟତାର ସୁଯୋଗ ନେଇ
ବହୁଦିନ ତାକୁ ହନ୍ତସନ୍ତ କରି
ତା ଧର୍ଯ୍ୟକୁ ଆହ୍ୱାନ ଦେଇ, ପରିଶେଷେ
ତା ବେବସତାକୁ ପରଖି ତାକୁ
ଶଯ୍ୟା'ପରେ ଶରୀରେ ଚାଦର ଢଂକନ .
କଣ କହିବେ ଏହାକୁ ଆପଣ ?

ଲେଖୁଥିଲେ ବସି ଲେଖୁଥିବି,
କଲମରୁ ସ୍ୟାହି ସରିବା ଯାଏ .
ତହିଁଆର ଦିନ ସକାଳ ଯାଏ .
କିନ୍ତୁ କଥା ସରିବନି ମୋ ଉଦାହରଣର .

ଏସବୁକୁ ଗୋଟିଏ ଶବ୍ଦରେ ବର୍ଣନା କଲେ
ମୁଁ ତ କହିବି - ଏ ସଭିଏଂ ଏକଏକ ଜାଦୁଗର.
ଯଦି ଜାଦୁଗର ଶବ୍ଦ ନଲାଗେ ସହଜେ ପାଚନଯୋଗ୍ୟ,ପାରୁଷ୍ୟ ଅବା କାର୍କଶ୍ୟ ,
ତେବେ ତାଂକୁ ଚାଲନା କହିବା -
ଯୁଗପୁରୁଷ, କାର୍ମୀକ, ଶୁଭଚିନ୍ତକ .
ଅବା ଦୁଃସମୟର ଗୋପବଂଧୁ .
ସ୍ୱାମୀ ତ୍ୟଜିତ, ସ୍ୱାମୀହରା ନୀସହାୟା
ନାରୀର ଗଭୀରରାତ୍ରୀର ଅନ୍ତରଂଗ ବଂଧୁ ?
ଆମ ବିଚରା ଜାଦୁକର ବସି ଏକାନ୍ତେ ଭାଳେ -
ଆରେ ମୁଂତ ଜାଦୁ ଦେଖାଏ ଆଲୋକେ.
ଏମାନେ ତ ମୋଠାରୁ ବହୁଗୁଣେ ବଡ .
ଏମାନେ ଅଲୌକିକ, ଅସାଧାରଣ .

ISSN NO.
2582-208X

ଏମାନଂକ ଜାଦୁ ଆରମ୍ଭ ହୁଏ
ସୂର୍ଯ୍ୟ ଢଳିଲାପରେ, ଚଂଦ୍ରୋଦୟ ହେଲେ ·
ଏମାନେ ତ ଚିରନମସ୍ୟ, ପ୍ରାତସ୍ମରଣୀ !
ଏମାନଂକ କଠଉ,ଖଡମ ଇଶ୍ୱରଂକ ପାଶେ କରି ଉପବେଷ୍ଟନ,
ଆରମ୍ଭ କରେନା ମୋ' ଜାଦୁର ମହନୀୟ ଭବିଷ୍ୟମୂଖି ଦ୍ୱିତୀୟ ଅଧିବେସନ !!
ଖ୍ୟତି କଅଣ , ଲାଭହିଂ ଲାଭ !
କଣ ଠିକ୍ କହିଲି ନାଂ ପ୍ରଥମଥର !
ପରୀଖ୍ୟା ପ୍ରାର୍ଥନୀୟ !
ସେ ପୁଣି ବିନାମୂଲ୍ୟେ !

(((-)))

କଟକ

ISSN NO.
2582-208X

# ଏମିତି ଏକ ବେକାରର କାହାଣୀ



ଡ଼କ୍ଟର ବିଜ୍ଞାନୀ ଦାସ

ସକାଳୁ କାହିଁକି ଡାହାଣ ଆଖି ଡେଉଁଛି । ଆଦିତ୍ୟକୁ କିଛି ଭଲ ଲାଗୁନି । ଦିନସାରା ସାକ୍ଷାତକାର ଦେଇଦେଇ ବିତିଗଲା । ତଥାପି, କିଛି ଆଶା କି ଆଶ୍ୱାସନା କେଉଁଠୁ ମିଳିଲାନି। ଏମିତି କି ଯେଉଁ ସାଙ୍ଗମାନଙ୍କୁ ସିଏ ନିଜେ ଚାକିରି ଯୋଗେଇଦେଇଥିଲା ଓ ଯେଉଁମାନେ ଆଜି ବଡବଡ କଂପାନୀରେ ଉଚ୍ଚ ପାହ୍ୟାରେ ଅଛନ୍ତି, ସେମାନଙ୍କ ଠାରୁ ବି ଭରସା ମିଳିଲାନି । ସେମାନଙ୍କୁ ନିଜର ଦୟନୀୟ ଅବସ୍ଥା କହିବାକୁ ଖରାପ ଲାଗୁଥିଲା । ହେଲେ ବି ଶ୍ରୀକୃଷ୍ଣଙ୍କର ଗଧ ପାଦ ଧରିବା ଘଟଣାକୁ ମନେ ପକେଇ ସିଏ ଅନିଚ୍ଛା ସତ୍ୱେ ମଧ୍ୟ କିଛି ସେମିତି ସାଙ୍ଗମାନଙ୍କୁ ଦେଖା କରି ନିଜର ରେଜୁମେ ଦେବାକୁ ଯାଇଥିଲା । ରେଜୁମେ ନ ଦେଇଥିଲେ ବି ଚଳିଥାନ୍ତା, କାରଣ ସେମାନେ ସମସ୍ତେ ପ୍ରାୟ ତାର ସମସ୍ତ କାର୍ଯ୍ୟଦକ୍ଷତା ବିଷୟରେ ଅବଗତ ଥିଲେ ।

ତନ୍ମୟୀକୁ ଆଜି ପୁଣି କିଛି କହି ବୁଝେଇବାକୁ ପଡିବ । ତନ୍ମୟୀ ବଡଘରର ଝିଅ । ପିଲାବେଳୁ ସୌଖୀନ ଜୀବନଯାପନ କରିଆସିଛି । ଆଦିତ୍ୟର ଚାକିରି ଯିବା ଦିନରୁ ସିଏ ପୂରା ଡରିଯାଇଛି । ଆଗତ ଦାରିଦ୍ର୍ୟ ଜୀବନ ପରିକଳ୍ପନା କରି ସିଏ ବିଚଳିତ ହୋଇପଡୁଛି। ତାକୁ ବୁଝେଇସୁଝେଇ, ଆଶା ଦେଇ ଏପର୍ଯ୍ୟନ୍ତ ସିଏ ଚଳେଇ ଆସିଛି, ହେଲେ ଆଉ କେତେଦିନ ? ଏମିତି ଯଦି ଅଧିକ ଦିନ ଚାଲେ, ତେବେ ତନ୍ମୟୀ କଣ କରି ବସିବ, ଜଣାନାହିଁ ।

ISSN NO.
2582-208X

ପ୍ରଥମେ ଯେଉଁଦିନ ନିଜ ଚାକିରି ହରାଇବାର ଘଟଣା ସିଏ ତନ୍ମୟୀଙ୍କୁ ଜଣାଇଥିଲା, ସେଦିନ ତନ୍ମୟୀ ବହୁତ ଆଘାତ ପାଇଥିଲା । କାରଣ ସେହି ସମୟରେ ତନ୍ମୟୀ ଗୋଟିଏ ହୀରାର ହାର କିଣିବ ବୋଲି ଅନ୍‌ଲାଇନରେ ବାଛି ରଖିଥିଲା । ଆଦିତ୍ୟଠାରୁ ଚାକିରି ଯିବାର ପ୍ରତିକ୍ରିୟା ଦେଖି, ସିଏ ସେ ହାର କିଣିପାରିନଥିଲା ଓ ରାଗିଯାଇଥିଲା । ହଠାତ୍ ବାହାରିଥିଲା ଭାରତ ଫେରିଯିବ ବୋଲି । ଆଦିତ୍ୟ ବୁଝେଇଥିଲା, "ଚାକିରି ଅନେକ ଲୋକଙ୍କର ଯାଉଛି । ଏଇଟା ତ ମୋ ହାତରେ ନଥିଲା । ପୁଣି ନୂଆ ଚାକିରି ଖୋଜୁଛି । କିଛି ତ ବ୍ୟବସ୍ଥା ହୋଇଯିବ । ତମେ ଏତେ ଅଧୈର୍ଯ୍ୟ ହୋଇ ଏମିତି କିଛି କରନି ।'

ସେଦିନ ତନ୍ମୟୀ ବୁଝି ଅଟକି ଯାଇଥିଲା । ସେଇଦିନରୁ ସିଏ ସବୁଦିନ ପଚାରେ । "କଣ ହେଲା ? କିଛି ମିଳିଲା ?'

ଆଦିତ୍ୟ ମୁଣ୍ଡରେ ହାତ ଦେଇ କହେ, "ନା ।'

ଏପ୍ରିଲ ୪ ତାରିଖ, ମଙ୍ଗଳବାର ୨୦୨୩ ମସିହା । କୋଭିଡ୍ କେବେଠାରୁ ଗଲାଣି । ସମସ୍ତଙ୍କ ମନରେ ଆଶା, ଭରସା ପୁଣି ଫେରିଆସିଲାଣି । ମେରୀଲାଣ୍ଡର ବସନ୍ତ ଋତୁର ଆଗମନ । ଶ୍ୟାମଳ ଦୂର୍ବାଦଳ । ତା' ସହିତ ରଙ୍ଗଭରା ଚେରିଫୁଲ । ହେଲେ ଆଦିତ୍ୟ ଜୀବନରେ ଏ ବସନ୍ତର କିଛି ପ୍ରଭାବ ନାହିଁ । ଚାକିରି ଯିବା ଦିନରୁ ତା' ଜୀବନରେ ସବୁବେଳେ ଅନ୍ଧାର ହିଁ ଅନ୍ଧାର । ସେଦିନ ଆଦିତ୍ୟ ନିଜ ଆପାର୍ଟମେଣ୍ଟକୁ ଫେରି ଦେଖିବା ବେଳକୁ ସବୁ କୋଠରି ଅନ୍ଧାର । "ତନ୍ମୟୀ, ତନ୍ମୟୀ' ଡାକିଡାକି ସିଏ ସୋଫା ଉପରେ ବସି ପଡିଲା । କିଛି ଶୋର୍ ଶବ୍ଦ ନାହିଁ । ଟେବୁଲ ଲ୍ୟାମ୍ପ ଜଳେଇ ଦେଖିଲା କଫି ଟେବୁଲ ଉପରେ ଚିଠିଟିଏ ରଖାଯାଇଛି । ପଢି ଦେଖିବାବେଳକୁ ତନ୍ମୟୀ ସେଥିରେ ଲେଖିଦେଇ ଯାଇଛି, "ତମ ଭଳି ବେକାରଙ୍କୁ ମୋର ନମସ୍କାର । ମୁଁ ବାପାଙ୍କ ପାଖକୁ ବାଙ୍ଗାଲୋର ଫେରିଯାଉଛି । ମତେ ଯୋଗାଯୋଗ କରିବନି । ନିଜକୁ ପ୍ରଥମେ ଯୋଗ୍ୟ ପ୍ରମାଣ କରି ଦେଖାଅ ।'

ସବୁଆଡୁ ଅନ୍ଧାର ଦିଶିଲା । ଏବେ ପାଖରେ କେହି ଜଣେ ନାହିଁ, ଯେ ତା' କାନ୍ଧରେ ମୁଠ ରଖି କିଛି ସମୟ ସିଏ କାନ୍ଦି ପାରିବ । ଜୀବନର ସବୁ ବିପର୍ଯ୍ୟୟ ଏମିତି ଏକାସାଙ୍ଗରେ କାହିଁକି ଆସେ କେଜାଣି ?

ISSN NO.
2582-208X

ଦିନ ସେମିତି ବିତୁଥିଲା । ପ୍ରତିଦିନ ଦରଖାସ୍ତ ଲେଖା ଯାଉଥିଲା । ସାଙ୍ଗସାଥୀଙ୍କୁ ଡକାଯାଉଥିଲା । ସାକ୍ଷାତକାର ଦିଆଯାଉଥିଲା । ହେଲେ ଚାକିରିର ଦେଖାଦର୍ଶନ ହିଁ ନାହିଁ। ବେଳେବେଳେ ଆଦିତ୍ୟ ଭାବୁଥିଲା, ଘରେ ବାପା, ବୋଉଙ୍କୁ ଡାକି ସବୁକଥା କହିବ ଓ ତାଦ୍ୱାରା ହୁଏତ ନିଜ ମନକୁ ଆଶ୍ୱାସନା ମିଳିବ । ପୁଣି ଅଟକି ଯାଉଥିଲା । ଏ ପରିଣତ ବୟସରେ ତାଙ୍କୁ ପୁଣି ପୁଅର ଭବିଷ୍ୟତ ଚିନ୍ତାରେ ପକେଇବା ଅନୁଚିତ ହେବ ।

ଦୁଃଖ କେବେ ଏକାକୀ ଆସେନି । ସାଙ୍ଗ, ସାଥୀ, ଜ୍ଞାତି, କୁଟୁମ୍ବକୁ ସାଙ୍ଗରେ ଧରି ଆସେ । ସେମିତି ହଠାତ୍ ଦିନେ ବୋଉ ଫୋନ କଲା, "ବାପାଙ୍କ ଦେହ ଭଲ ରହୁନି । କାଲି ଚାଲୁଚାଲୁ ପଡିଗଲେ । ଏବେ ହସ୍‌ପିଟାଲରେ ଅଛନ୍ତି । ତୁ ଟିକେ ଆସିପାରିବୁ ଆଦି ? ତୁ ବି ତ ବହୁତ ଦିନ ହେଲା ଫୋନ କରିନଥିଲୁ । ସେଇ ଚିନ୍ତାରେ ସିଏ ଥିଲେ ।'

ଆଦିତ୍ୟ ଭାବିଲା କିଛିଦିନ ଓଡିଶା ଚାଲିଯିବ । ହେଲେ ସେ ପରିସ୍ଥିତି ବି ସହଜ ନଥିଲା । ଗ୍ରୀନକାର୍ଡ ପାଇଁ ଯେଉଁ ଆବେଦନ ପତ୍ର ଦେଇଥିଲା, ସେଥିପାଇଁ ଏ ସମୟରେ ସିଏ ଆମେରିକା ଛାଡି ଆଉ କୁଆଡେ ଯାଇପାରିବନି । କିଛି ଓକିଲଙ୍କ ପରାମର୍ଶ ମାଗିଲା । ସେମାନେ ଉପଦେଶ ଦେଲେ, "ଆପଣଙ୍କର ଏବେ ଚାକିରି ନାହିଁ । ଆପଣ ସେଇଦିଗରେ ଏବେ ସମୟ ଦିଅନ୍ତୁ । ନହେଲେ ଯଦି ଭିସା ସରିଯିବ ଓ ଗ୍ରୀନ୍‌କାର୍ଡ ମିଳିନଥିବ, ସେଥିରେ ଆହୁରି ଅସୁବିଧା ହୋଇପାରେ ।'

ଆଦିତ୍ୟକୁ ଉପାୟ ଦିଶୁନଥିଲା । ଏବେ କଣ କରିବ ? ଗୋଟିଏ ବିଶ୍ୱାସରେ ପ୍ରତିଦିନ ଜଗନ୍ନାଥ ମନ୍ଦିର ଯାଉଥିଲା । ସେଇଠି ସପ୍ତାହ ସାରା ତ କେହି ପ୍ରାୟ ଆସୁନଥିଲେ । ତେଣୁ ଏକାକୀ ଠାକୁରଙ୍କ ପାଖରେ ଗୁହାରି କରିବାର ସୁଯୋଗ ମିଳୁଥିଲା । ବେଳେବେଳେ ମନ୍ଦିରର ପୁଜାରୀଙ୍କ ଆଗରେ ନିଜର ସମସ୍ତ ଦୁଃଖ ଖୋଲି ଦେଉଥିଲା । ସିଏ ଆଶ୍ୱାସନ ଦେଉଥିଲେ । "ଠାକୁରଙ୍କ ଉପରେ ଭରସା ରଖ । କିଛି ନା କିଛି ହୋଇଯିବ ।'

ଚାକିରି ଯିବାର ଚାରିମାସ ବିତିଯାଇଥିଲା । ଅଗଷ୍ଟ ପନ୍ଦର ତାରିଖ । ସେଦିନ ବି ସେଇ ମଙ୍ଗଳବାର ଥିଲା । ସେଦିନ ସବୁଠାରୁ ଖରାପ ଖବର ମିଳିଥିଲା । ଆଦିତ୍ୟର ବାପା

ISSN NO.
2582-208X

ଚିରଦିନ ପାଇଁ ସଂସାର ଛାଡି ଚାଲିଗଲେ । ବଡପୁଅ ହୋଇ ମଧ୍ୟ, ଆଦିତ୍ୟ ତାଙ୍କ ଶୁଦ୍ଧିକ୍ରିୟାକୁ ଯାଇପାରିନଥିଲା ।

ଏକାଟିଆ ବସି ଦିନସାରା କାନ୍ଦିଥିଲା ଆଦିତ୍ୟ । ଜୀବନରେ ଏତେ ବଡ ଅସହାୟତା ସିଏ କେବେ ଅନୁଭବ କରିନଥିଲା ।

ହ୍ୱାଟସଆପ ମାଧ୍ୟମରେ ବାପାଙ୍କର ସମସ୍ତ ସଂସ୍କାରରେ ଭାଗ ନେଇଥିଲା । ଜୀବନରେ ବିତୃଷ୍ଣା ଆସିଯାଇଥିଲା । ଏବେ କଣ କରିବ, କଣ ନାହିଁ କିଛି ବୁଦ୍ଧି ଦିଶୁନଥିଲା । ରଖିଥିବା ସଞ୍ଚୟ ସରିଆସୁଥିଲା । ଏବେ ଏ ଆପାର୍ଟମେଣ୍ଟ ବଦଳେଇ କୌଣସି ଛୋଟ ଷ୍ଟୁଡିଓ ଆପାର୍ଟମେଣ୍ଟକୁ ଯିବାକୁ ପଡିବ । ଘରର ଆସବାବପତ୍ର ତ ଅଧାରୁ ଅଧିକ ବିକ୍ରି ହୋଇସାରିଲାଣି । ଆଉ ଯାହା ଅଛି, ତାକୁ ବି ବିକ୍ରି କରିଦେବାକୁ ପଡିବ ।

ଏମିତି ସମୟରେ ଷ୍ଟୁଡିଓ ଆପାର୍ଟମେଣ୍ଟକୁ ଘର ବଦଳେଇ ଆସିବାର ଠିକ୍ ଦୁଇଦିନ ପରେ, ଅନ୍ୟମନସ୍କ ହୋଇ ଚାଲୁଚାଲୁ ଗୋଟିଏ ପଥରରେ ଗୋଡ ବାଜିବାରୁ ସିଏ ତଳେ ପଡିଗଲା ଓ ବଡ ଧରଣର ଆକସିଡେଣ୍ଟ ହୋଇଗଲା । ସେଥିରେ ଆଦିତ୍ୟର ମୁଣ୍ଡର ଆଘାତ ଲାଗିଲା। ହସ୍‌ପିଟାଲରେ ଗୋଟିଏ ସପ୍ତାହ ରହି ଟିକେ ସୁସ୍ଥ ହେଲାପରେ ଘରକୁ ଆସିଲା ।

ଏବେ ଅନ୍ୟାନ୍ୟ ସାଙ୍ଗମାନଙ୍କୁ ସବୁ କହିବାକୁ ପଡିବ । ସେମାନଙ୍କୁ ମୁହଁ ଖୋଲି ସାହାଯ୍ୟ ମାଗିବାକୁ ପଡିବ । ଚାକିରି ଯେତେ ଛୋଟ ହେଲେ ବି ତାକୁ କିଛି ନା କିଛି କରିବାକୁ ପଡିବ । ଏପର୍ଯ୍ୟନ୍ତ ନିଜକୁ ସିଏ ନିୟନ୍ତ୍ରଣରେ ରଖିଥିଲା । କେବଳ କିଛି ସାଙ୍ଗଙ୍କୁ ଛାଡି ଅନ୍ୟ ଅଳ୍ପଜଣା ସାଙ୍ଗମାନଙ୍କ ପାଖରୁ ନିଜର ପରିସ୍ଥିତି ଲୁଚେଇ ରଖିଥିଲା ଓ ଚାକିରି ଖୋଜିବାରେ ବ୍ୟସ୍ତ ଥିଲା । ହେଲେ ଏବେ ତାକୁ ଟିକେ ଅଲଗା ଭାବେ ଚେଷ୍ଟା କରିବାକୁ ପଡିବ । ନିଜର ଆବଶ୍ୟକତା ସମୟରେ, ଏମିତି ଲୁଚେଇଲେ ସମସ୍ୟାର ସମାଧାନ ହୋଇପାରିବନି ।

ସେଦିନ ମନ୍ଦିରରେ କାର୍ଯ୍ୟକ୍ରମ ଥିଲା । ତେଣୁ ସିଏ ମନ୍ଦିର ବାହାରିଗଲା । ମନ୍ଦିରରେ ସମସ୍ତଙ୍କୁ ଦେଖି ଭଲଲାଗିଲା । କେତେଜଣ ପଚାରିଲେ, "ତନ୍ମୟୀ ଆସିନିକି ?' ଆଦିତ୍ୟ

ISSN NO.
2582-208X

ସେମାନଙ୍କ ପ୍ରଶ୍ନକୁ କେବଳ ଗୋଟିଏ ଉତ୍ତର 'ନା' ରେ ଦେଇ  ସେ ସ୍ଥାନରୁ ଅନ୍ତର୍ଦ୍ଧାନ ହୋଇଯାଉଥିଲା । କିଛି ଲୋକ ହୁଏତ ତନ୍ମୟୀ ବିଷୟରେ ଜାଣିଥିଲେ । ସେମାନେ କଣ ସବୁ କଥା ହେଉଥିଲେ । କାଳେ ପ୍ରଶ୍ନ ଆସିପାରେ, ସେଥିପାଇଁ ଆଦିତ୍ୟ ଗହଳିରୁ ଆସି ସୋସିଆଲ ହଲରେ ବସିଲା । ସେ ହଲ୍‌ଟିର ଗୋଟିଏ ଅଂଶ ଲାଇବ୍ରେରୀ ଭାବେ ବ୍ୟବହୃତ ହେଉଥିଲା । ସେଠି ବସିବସି ଓଡିଆ ଭାଷାରେ ଅନୁବାଦ ହୋଇଥିବା ଗୀତା ବହି ଲେଉଟାଉଥିଲା ଓ ଶ୍ରୀକୃଷ୍ଣ ଦେଇଥିବା କର୍ମଯୋଗର ତତ୍ୱ ସବୁ ବୁଝିବାକୁ ଚେଷ୍ଟା କରୁଥିଲା।

ଏଇ ସମୟରେ ସେଠିକୁ ଆସିଲା ସମୀର, ଆଦିତ୍ୟର ସାଙ୍ଗ । ସେଇ ସମୀର ଦିନେ ଚାକିରି ଖୋଜୁଥିବା ବେଳେ, ଆଦିତ୍ୟର ସୁପାରିଶରେ ତା' ପୁରୁଣା କଂପାନୀରେ ଚାକିରି ଆରମ୍ଭ କରିଥିଲା । ଆଜି ସିଏ ଆଉ ଗୋଟିଏ କଂପାନୀରେ କାମ କରୁଛି । ପ୍ରମୋଶନ ପାଇ ବଡ ମ୍ୟାନେଜର ପୋଜିସନରେ ଅଛି ।

ଆଦିତ୍ୟକୁ ଦେଖି ସମୀର ପଚାରିଲା, "କଣ ଭାଇ, ତୋ ଲିଙ୍କଡଇନ୍ ସାଇଟ୍ ରେ ତୁ ଚାକିରି ଖୋଜୁଥିବାର ଦେଖିଲି । ଖବର କଣ । ଶୁଣିଲି, ଭାଉଜ ବି ତତେ ଛାଡି ଚାଲିଯାଇଛନ୍ତି । ପୁଣି ମୁଣ୍ଡର ଏ ବ୍ୟାଣ୍ଡେଜ୍ । ଏସବୁ କଣ ?'

'ଛାଡ, ଏଯୁଗ ସେମିତି । ଆବେ ପରଶୁ, ଯାବେ ପରଶୁ, ବାବୁ ପରଶୁରାମ, ପୈସା କ୍ୟା ନକରେ କାମ ।'

ସମୀର - ସେକଥା ତ ସତ । ହେଲେ ଭାଉଜ କିଛି ଭଲ କଲେନି । ତୋ ସହିତ ଏତେ ସବୁ ଘଟିଗଲା । ହେଲେ ମୁଁ କିଛି ଜାଣିପାରିଲିନି । ଏ ଛମାସ କାଳ ଏଦେଶରୁ ସେ ଦେଶ, ୟୁରୋପରୁ ଅଷ୍ଟ୍ରେଲିଆ, ଜାପାନ, ସିଙ୍ଗାପୁର ଏସବୁ କଂପାନୀ କାମରେ ବୁଲିବୁଲି ପୂରା ହାଲିଆ ।

ଆଦିତ୍ୟ - ବୁଝୁଛି । ଶୁଣୁ, ମୋ ପାଇଁ ତୋ କଂପାନୀରେ କିଛି ପୋଷ୍ଟ ହୋଇପାରିବ କି ?'

ISSN NO.
2582-208X

ସମୀର - ପୋଷ୍ଟ ତ ଅଛି, ହେଲେ ସେସବୁ ଏଣ୍ଟ୍ରି ଲେଭେଲ ପୋଷ୍ଟ । ତୁ ତ ତମ କଂପାନୀର ଭାଇସ ପ୍ରେସିଡେଣ୍ଟ ଥିଲୁ ନା । ଏସବୁ ଏଣ୍ଟ୍ରି ଲେଭଲ୍...... । ଆଉ ଗୋଟିଏ କଥା ଭାଇ, ତତେ କିନ୍ତୁ ଗୋଟିଏ ଖରାପ ଅଭ୍ୟାସ ଛାଡିବାକୁ ପଡିବ । ତୁ ଏ ଯେଉଁ ହ୍ୱାଟସଆପରେ ଲେଖାଲେଖି କରୁ, ଦିନକୁ ୧୫ଟା ମେସେଜ, ୨୦ଟା ଫରୱାର୍ଡ, ସେସବୁ ଅଭ୍ୟାସ ଛାଡ । ତାପରେ ପୁଣି ଫେସବୁକ୍, ଇନଷ୍ଟାଗ୍ରାମ, ଆରେ ବାବା, ଏସବୁ କଲେ, କଂପାନୀ କାମ ଜଣେ କେତେବେଳେ କରିବ ?

ଆଦିତ୍ୟ - ମୁଁ ଏବେ ସେସବୁ ଛାଡିଦେଇଛି । ତୋର ଆଉ କିଏ ସାଙ୍ଗ କି ଚିହ୍ନାଜଣା ଥିବେ ତ, ମୋ ଲାଗି ଟିକେ ଚେଷ୍ଟା କର । ଆଉ କିଛିଦିନ ଯଦି ଏମିତି ବିନା ଚାକିରିରେ ରହିବି, ତାପରେ ଘରଛଡା ହେଇ ରାସ୍ତାରେ ବସି ଭିକ ମାଗିବାକୁ ପଡିବ ।

ଏହି ସମୟରେ ପଠିତ ମହାଶୟ ପ୍ରବେଶ କରି କହିଲେ, "କଣ କହିଲ ? ରାସ୍ତାରେ ଭିକ ମାଗିବ । ନା, ସେକଥା ଜମା ଭାବନି । କିଛି ନହେଲେ ଆମ ମନ୍ଦିର ଅଛି ନା । ହଁ, ଏଠି ତମ ଘର ଭଳି ଅୟସ, ଆରାମ ମିଳିବନାହିଁ । କିନ୍ତୁ, ରହିବାକୁ, ଖାଇବାକୁ ଜଗାର ଘର ଅଛି ପରା । ତମେ ଏତେ ଜ୍ଞାନୀ ଗୁଣୀ ଲୋକ, ଧୈର୍ଯ୍ୟ ହରାଅନି । କିଛି ବ୍ୟବସ୍ଥା ଠାକୁର ନିହାତି କରିବେ ।'

ପଠିତ ମହାଶୟଙ୍କ କଥା ମନକୁ ଟିକେ ଆଶ୍ୱସ୍ତ କଲା । ତେବେ ପଣ୍ଡିତ ମହାଶୟ ଜଣେଇଲେ, "ତମ ସାଙ୍ଗ ସୁମିତ ତମକୁ ଡାଇନିଙ୍ଗ୍ ରୁମରେ ଖୋଜୁଥିଲେ ।'

ଆଦିତ୍ୟ ସୁମିତକୁ ଦେଖା କରିବାକୁ ଗଲା । ସୁମିତ ସହିତ କଥାବାର୍ତ୍ତା କରିବା ପରେ, ତା ମନରେ ଆଶାର ଆଲୋକ ବିଚ୍ଛୁରିତ ହେଲା । ସୁମିତ କହିଲା, "ସାଙ୍ଗ, ତୋର ଚାକିରି ସିନା ଗଲା, ହେଲେ, ତୋର ଜ୍ଞାନ, ଅଭିଜ୍ଞତା ତ ତୋ ଭିତରେ ଅଛିନା । ସେସବୁ ବ୍ୟବହାର କରି ତୁ କିଛି ଷ୍ଟାର୍ଟଅପ୍ ବିଷୟରେ ଭାବୁନୁ କାହିଁକି ? କେତେଦିନ ଆଉ ଚାକିରିକୁ ଅପେକ୍ଷା କରି ରହିଥିବୁ ?' ସୁମିତର ସେହି ପଦେ କଥା, ଯେମିତି ଆଦିତ୍ୟ ମନ ଭିତରେ ଲିଭି ଆସୁଥିବା ଆଶା ଦୀପଟିକୁ ପୁଣି ଥରେ ଜଳେଇଦେଲା ।

ISSN NO.
2582-208X

ସେଇ ଯେଉଁ ଜ୍ଞାନ ସୁମିତ ସେଦିନ ଦେଲା, ସେଇଠାରୁ ଆରମ୍ଭ ହେଲା ଆଦିତ୍ୟର ନୂଆ ଜୀବନ, ସେଥିରୁ ଜନ୍ମ ନେଲା ଏକ ନୂଆ ଆଦିତ୍ୟ ।

ଏହା ଭିତରେ ତିନି ବର୍ଷ ବିତିଯାଇଛି । ଅନେକ ଖାଲ, ଢିପ ଅତିକ୍ରମ କରିବାକୁ ପଡିଛି । ତେବେ ସୁମିତ ଭଳି ସାଙ୍ଗର ସାହାଯ୍ୟ, ପଣ୍ଡିତ ମହାଶୟଙ୍କ ଉପଦେଶ ଓ ବିଶେଷତଃ କିଛି ଓଡିଆ ସାଙ୍ଗସାଥୀଙ୍କ ସହାୟତାରେ ସେଦିନର ବେକାର ଆଦିତ୍ୟ ଆଜି ଏକ କୋଟିକୋଟି ଟଙ୍କାର କଂପାନୀର ମାଲିକ ହୋଇପାରିଛି ।

୨୦୨୬ ମସିହା, ମେ ମାସ, ୫ ତାରିଖ । ସେଦିନ ବି ମନ-ଗଳବାର ଥିଲା । ତେବେ ଅନ୍ୟ ମଙ୍ଗଳବାର ପରି ଅଶୁଭ ନଥିଲା । ଆଦିତ୍ୟର ନିଜ କଂପାନୀର ଏକ ଉତ୍ସବ ଥିଲା । ସେଦିନ ଗୋଟିଏ ମଲ୍ଟି-ମିଲିଅନ୍ ଡଲାରର କଣ୍ଟ୍ରାକ୍ଟ ମିଳିଥାଲା ତାର କଂପାନୀକୁ । ସେଥିପାଇଁ ସେ ଉତ୍ସବର ଆୟୋଜନ କରାଯାଇଥିଲା । କଂପାନୀର ଉତ୍ସବରେ ନିଜ କଂପାନୀ ଷ୍ଟାଫ୍‌ଙ୍କ ସହିତ, ନିଜର କିଛି ସାଙ୍ଗସାଥୀଙ୍କୁ ବି ନିମନ୍ତ୍ରଣ କରିଥିଲା ଆଦିତ୍ୟ ।

ସେତେବେଳକୁ ତିନିଟା ବାଜିଲାଣି । ସମସ୍ତେ ଖାଇପିଇ ପ୍ରାୟତଃ ବିଦାୟ ନେଲେଣି । ଆଦିତ୍ୟ ନିଜ ମା' ସହିତ ଫୋନରେ କଥାବାର୍ତ୍ତା କରୁଥିଲା । ହଠାତ୍ ପ୍ରବେଶ କଲା ସୁମିତ୍। ତା' ସହିତ ଥିଲା ତନ୍ମୟୀ । ସୁମିତ କହିଲା, "ଦେଖ ତ ଆଦିତ୍ୟ, ମୋ ସହିତ କିଏ ଅଛି । ତନ୍ମୟୀ ସିଧା ଏୟାରପୋର୍ଟରୁ ତମ ପାଖକୁ ଆସିଛନ୍ତି ।'

ହଠାତ୍ ତନ୍ମୟୀଙ୍କୁ ଦେଖି କଣ କହିବ, କଣ ନ କହିବ, କେମିତି ବ୍ୟବହାର କରିବ ବୁଝିପାରୁନଥିଲା ଆଦିତ୍ୟ ।

ତନ୍ମୟୀ ଆସି କ୍ଷମା ମାଗିଲା । "ମୁଁ ବହୁତ ଦୁଃଖିତ ଆଦିତ୍ୟ । ତମ ଖରାପ ସମୟରେ ତମକୁ ଛାଡି ଚାଲିଯାଇଥିଲି । ହେଲେ ଆଉ ସେମିତି ଭୁଲ୍ ହେବନି ।'

ଆଦିତ୍ୟ ଅଭିମାନରେ କହିଲା, "ସେତେବେଳେ ତ ମୁଁ ବେକାର ଥିଲି, ସେଥିପାଇଁ ତମେ ଛାଡି ଚାଲିଗଲ । ଏବେ ମୁଁ କୋଟିକୋଟି ଟଙ୍କାର ମାଲିକ । ମତେ ଛାଡିକି ଯିବାର କାରଣ ଆଉ ନାହିଁ ।'

ISSN NO.
2582-208X

ତନ୍ମୟୀ କାନ୍ଦି ପକାଇଲା । "ମୁଁ ତମ ଅର୍ଥ ପାଇଁ ଆସିନି ଆଦିତ୍ୟ । ମୁଁ ମୋ ସ୍ୱାମୀଙ୍କ ପାଖକୁ ଫେରିଆସିଛି । ମତେ ବିଶ୍ୱାସ କର ଆଦିତ୍ୟ । ତମେ ତ ମୋର ସବୁଠାରୁ ବଡ ସଂପତ୍ତି ।'

ଆଦିତ୍ୟ କଣ କରିବ ବୁଝିପାରିଲାନି । ସତ କଥା ହେଲା ଯେ ସିଏ ତନ୍ମୟୀକୁ ସବୁ ସମୟରେ ଭଲପାଇ ଆସିଛି । ଏବେ ତାକୁ ପାଖରେ ପାଇ, ତାର ଜୀବନ ପୂର୍ଣ୍ଣ ହୋଇଗଲା ଭଳି ମନେହେଉଛି । ଯଦିଓ ତନ୍ମୟୀ ସ୍ୱାର୍ଥପର ହୋଇ ତାର ଖରାପ ଦିନରେ ତାକୁ ଛାଡି ଚାଲିଯାଇଥିଲା, ତେବେ ସେଇ ଧକ୍କା ହିଁ ଆଦିତ୍ୟକୁ ଆଜି ସଫଳ ବ୍ୟବସାୟୀ ହେବାରେ ସାହାଯ୍ୟ କରିଛି ।

ତନ୍ମୟୀର ଲୁହ ପୋଛି ଆଦିତ୍ୟ କହିଲା, "ସେ ପଛ କଥା ଭୁଲିଯାଅ ତନ୍ମୟୀ । ତୁମେ ମୋଠାରୁ ଦୂରେଇ ଯିବାର ଦୁଃଖ, ଅଭାବ ହିଁ ଆଜି ମୋର ସ୍ୱାଭିମାନର ପରିଚୟ । ଆଜି ମୁଁ ଜଣେ ସଫଳ ବ୍ୟବସାୟୀ । ତୁମେ ଏବେ ମୋ ପାଖରେ ଅଛ । ସେଇ ହିଁ ମୋର ସୁଖ । ଏବେ ଆମେ ଆମର ସ୍ୱପ୍ନର ସଂସାର ଗଢିବା ।"

ତନ୍ମୟୀ ପ୍ରବଳ ଆବେଗରେ ଆଦିତ୍ୟକୁ ଜୋରରେ କୁଣ୍ଢେଇ ଧରିଲା ।

(((-)))

୪୫୨୫ ରଦରଫୋର୍ଡ ୱେ
ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା
Contact Email: bigyanidas.osa@gmail.com

ISSN NO.
2582-208X

# ବିଳମ୍ବ ବିଳାପ



ଡ. ଜ୍ଞାନେଶ୍ୱର ମିଶ୍ର

ଯାତ୍ରୀମାନେ ଧ୍ୟାନ ଦିଅନ୍ତୁ
ଗାଡି ନମ୍ବର ଦୁଇ ଶୁନ ଦୁଇ ତିନି
ଯାହା ନଅଟାରେ ଆସିବାର ଥିଲା
ଚାରି ଘଣ୍ଟା ବିଳମ୍ବରେ ଚାଲୁଅଛି,
ସେହି ଗାଡିରେ ଯିବା ପୁରୁଷ, ମହିଳା, ଶିଶୁ
ଏ ଘୋଷଣା ଶୁଣି ହନ୍ତସନ୍ତ
ପ୍ଲାଟଫର୍ମରେ ବସିବା ଛଡା
ଉପାୟ ନାହିଁ ଅନ୍ୟ କିଛି ॥

ସୀମାନ୍ତ ଘାଟୀରେ ଚାକିରୀ ଗୋଟିଏ ପୁଅର
ଛ ମାସ ହେଲାଣି ନାହିଁ ଖୋଜ କି ଖବର,
ଗାଁରେ ବୁଢାବୁଢୀ ବାପମାଙ୍କର ମୋବାଇଲ୍ ଭରସା
ଅନାଇ ବସିଛନ୍ତି ଦିନ ବା ରାତିରେ
ଥାଉ ବା ନଥାଉ ଟାୱାର ॥

ବାପାଙ୍କର ହାର୍ଟ ଅପରେସନ
ତିନିଘଣ୍ଟା ହେଲାଣି, ଭିତରକୁ ଯାଇଛନ୍ତି
ନର୍ସ ଓ ଡାକ୍ତର
ବୋଉ, ମୁଁ ମୋ ସ୍ତ୍ରୀ, ଭୟ ଆଶଙ୍କାରେ

ISSN NO.
2582-208X

ବସିଛୁ ଅନାଇ, ଡାକ୍ତର କି ନର୍ସ ବାହାରିଲେ
ପଚାରି ବୁଝିବୁ ଖବର ॥

ଓ.ଏ.ଏସ୍. ଦେଇଛି ପୁଅ
ପାସ୍ କି ଫେଲ ମିଳୁନି ଖବର,
ଦିନପରେ ଦିନ ବିତିଯାଏ
ବାପାଙ୍କର ପରିବା ବିକ୍ରୀ ଟଙ୍କାଧରି
ସପ୍ତାହରେ ଥରେ ଯାଉଛି ଭୁବନେଶ୍ୱର ॥

ଯେତେ କଲ୍ କଲେ ବି ରିଂ ହେଉନି
ରିଂ ହେଲେ ବି ଉତ୍ତର ଆସୁନି
ପ୍ରାୟ ଦୁଇଘଣ୍ଟା ବିତିଲାଣି ପାର୍କରେ
ଆସୁନି ପ୍ରେମିକା
ମନରେ ସନ୍ଦେହ ମିଳିପାରେ ଧୋକା ॥

ତଥାପି ଜୀବନଟା ବିତିଯାଏ
ସମୟ ପିଠିରେ,
ଅପେକ୍ଷା ଚାରିଆଡେ ଡେଣା ମେଲିଅଛି
ମଣିଷ ହୃଦୟ ମନରେ ॥

(((-)))

ବେଙ୍ଗାଲୁରୁ
ଚଳିତଭାଷ : ୮୪୨୦୨୪୨୭୫୫

ISSN NO.
2582-208X

# ପ୍ରେମ : ମୁଗ୍ଧ ଅନୁଭବ



ଗୋଲୋକବିହାରୀ ବେହେରା

ପ୍ରେମ ଏକ ଛୋଟ ଶବ୍ଦ
ତା ବିନା ଏ ଜୀବନ ନିରାଶ,
ପ୍ରେମ ମୁଗ୍ଧ ଅନୁଭବ
ଶକ୍ତିଶାଳୀ ପ୍ରେମର ପରଶ ।

ପ୍ରେମ ଏକ ସୁବାସିତ ଋତୁ
ମୁଗ ଫୁଲ ବାସ୍ନାରେ ବିଭୋର,
ପ୍ରେମ ଫଗୁଣ ଆକାଶ
ବର୍ଣ୍ଣିଳ ଦିଗନ୍ତ ଚାଦର ।

ହୃଦୟେ ହୃଦୟ ଯୋଡେ
ସମ୍ପର୍କ ତା' ବିଶ୍ୱାସର ଘର,
ସଂସାର ଅଧୁରା ଲାଗେ
ସେ ଭାବ ଯେ ନଥିଲେ ମନର ।

ISSN NO.
2582-208X

କେତେବେଳେ କେଉଁରୂପେ
ପାଖେ ଆସି ବସି ପଡେ ସିଏ,
ପାହାଡି ଝରଣା ସମ
କେବେ ପୁଣି ଦେହେ ବହିଯାଏ ।

(((-)))

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ, ଷଡ଼ଙ୍ଗୀ, ଢେଙ୍କାନାଳ
ମୋ : ୯୯୩୮୩୦୩୦୪୬

ISSN NO.
2582-208X

# ଦାରୁଦେବତା ଶ୍ରୀଜଗନ୍ନାଥ



ବଦ୍ରୀ ମହାନ୍ତ

କେଉଁ ଅନାଦି କାଳରୁ ଲୀଳାମୟ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ପୁଣ୍ୟଭୂମି ଶ୍ରୀକ୍ଷେତ୍ରରେ ଉପାସିତ ହୋଇ ଆସୁଛନ୍ତି, ତାର ସଠିକ ବିବରଣୀ ନାହିଁ ସତ, ମାତ୍ର କୋଟି ଜନମାନସରେ ଯେଉଁ ଦିବ୍ୟ ଭାବନାର ଚେତନା ଅଙ୍କୁରିତ କରିଛନ୍ତି ତାହା ଅବର୍ଣ୍ଣନୀୟ। ବ୍ରହ୍ମାଣ୍ଡ ନାୟକ ମହାପ୍ରଭୁ ଶ୍ରୀଜଗନ୍ନାଥ ଚିରକାଳ ରହସ୍ୟମୟ, ରହସ୍ୟାବୃତ୍ତ ତାଙ୍କର ଆବିର୍ଭାବ, ସମସ୍ତ ତତ୍ୱ ଦର୍ଶନ ଓ ଚିନ୍ତା ଚେତନାର ଊର୍ଦ୍ଧ୍ୱରେ ସେ। ସେ ଯେତିକି ଉଦାର, ସେତିକି କଠିନ। ସମଗ୍ର ବିଶ୍ୱବାସୀ ଚିର ନମସ୍ୟ ଓ ଉପାସ୍ୟ ଶ୍ରୀଜଗନ୍ନାଥଙ୍କୁ ବିଭିନ୍ନ ରୂପରେ ଦେଖି ଆସିଛନ୍ତି। ଯିଏ ଯେମିତି ଚାହିଁଛି ସେ ସେମିତି ପାଇଛି। ସେଥିପାଇଁ ସବୁ ଧର୍ମ ସବୁ ମତବାଦ ତାଙ୍କୁ ଆପଣାର କରି ନିଜର ଆରାଧ୍ୟ ଦେବତା ରୂପେ ଗ୍ରହଣ କରି ନେବାକୁ କାର୍ପଣ୍ୟତା ପ୍ରକାଶ କରି ନାହାନ୍ତି। ତାଙ୍କର ସ୍ୱରୂପ, ଆବିର୍ଭାବ, ଲୀଳା ଓ ଉପାସନା ସଂକ୍ରାନ୍ତରେ ବର୍ଷ ବର୍ଷ ବ୍ୟାପୀ ଅନେକ ଆଲୋଚନା ହୋଇଛି। ତାଙ୍କୁ କେନ୍ଦ୍ର କରି ଗଢ଼ି ଉଠିଛି ଗୋଟାଏ ଜାତିର ଧର୍ମ, ଦର୍ଶନ ଓ ସଂସ୍କୃତି। ତାହା ଉତ୍କଳ ଏବଂ ତାଙ୍କ ଅବସ୍ଥିତି ଯୋଗୁଁ ଏ ଭୂମି ଆଜି ପବିତ୍ର ସ୍ଥାନ ଓ ପୁରୁଷୋତ୍ତମ କ୍ଷେତ୍ର ପୁଣ୍ୟ ସ୍ଥାନ ରୂପେ ବିବେଚିତ ହୋଇ ଆସୁଛି। ତେଣୁ ତନ୍ତ୍ର ଯମାଳରେ ବର୍ଣ୍ଣନା କରାଯାଇଛି -

ଭାରତ ଚୋତ୍କଳେ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମ ।
ଦାରୁରୂପି ଜଗନ୍ନାଥୋ ଭକ୍ତାନାମ ଭୟପ୍ରଦଃ ।।

ଅନନ୍ୟ ମହାପ୍ରଭୁ କୋଟି ବ୍ରହ୍ମାଣ୍ଡ ନାୟକ ଶ୍ରୀଜଗନ୍ନାଥ ଦାରୁଦେବତା ରୂପେ କେଉଁ ଅନନ୍ତ କାଳରୁ ଉପାସିତ। ପ୍ରାଚୀନ କାଳରୁ ସମଗ୍ର ଭାରତ ବର୍ଷରେ ଯେତେ ଦେବାଦେବୀ ପୂଜିତ

ISSN NO.
2582-208X

ହୋଇଆସୁଛନ୍ତି ସେମାନଙ୍କ ମଧ୍ୟରୁ କୌଣସି ବିଗ୍ରହ ଦାରୁ ବା କାଷ୍ଠରେ ନିର୍ମିତ ନୁହନ୍ତି। କେବଳ ଉତ୍କଳ ସ୍ୱନ୍ଦନ ମହାବାହୁ ଶ୍ରୀଜଗନ୍ନାଥ ହିଁ ଦାରୁଦେବତା ରୂପେ ପୂଜା ପାଇ ଆସୁଛନ୍ତି। ଦାରୁମୂର୍ତ୍ତି ବେଦାନ୍ତ ସମ୍ମତ ଓ ସ୍ୱୟଂ ଭଗବାନ ନିଜ ଇଚ୍ଛାରେ ନିଜେ ନିଜକୁ ଗଠନ କରି ଭୂମଣ୍ଡଳରେ ଆବିର୍ଭୁତ ହୋଇଛନ୍ତି। ସେ ହିଁ ଦାରୁବ୍ରହ୍ମ ଅର୍ଥାତ୍ ଦାରୁରୂପୀ ବ୍ରହ୍ମ ଅଥବା ବ୍ରହ୍ମଯୁକ୍ତ ଦାରୁ। ଋକବେଦର ଦଶମ ମଣ୍ଡଳ ଦ୍ୱାଦଶ ସୂକ୍ତରେ ବର୍ଣ୍ଣନା କରାଯାଇଛି - "ଅଦୋ ଯଦାରୁ ପ୍ଲବତେ ସିନ୍ଧୋପାରେ ଅପୌରଷମ୍ / ତଦା ରଭସ୍ୱ ଦୁର୍ହଣୋ ତେନ ଗଚ୍ଛ ପରସ୍ତରମ୍" ଅର୍ଥାତ୍,ଏବେ କୌଣସି ପୁରୁଷ ବା ବ୍ୟକ୍ତି ବିଶେଷଙ୍କ ଦ୍ୱାରା ନିର୍ମିତ ହୋଇ ନଥିବା ଯେଉଁ ଦାରୁ ସମୁଦ୍ର ଅନ୍ୟକୂଳରେ ଭାସୁଅଛି ତାଙ୍କୁ ଆରସ୍ତରକୁ ଯାଅ। ବୈଦିକ ଯୁଗରୁ ପ୍ରଚଳିତ ହୋଇ ଆସୁଥିବା ଚିନ୍ତନଟି ହେଉଛି-ଦାରୁ ଆରାଧନା ଦ୍ୱାରା ମୋକ୍ଷପ୍ରାପ୍ତି ବା ସଦଗତି ପ୍ରାପ୍ତ ହୁଏ। ଶ୍ରୀବିଷ୍ଣୁଙ୍କ ପ୍ରାଧାନ୍ୟ ଋଗବେଦରେ ପରିଲକ୍ଷିତ ହେଉନଥିଲେ ସୁଦ୍ଧା ବେଦ ପରବର୍ତ୍ତୀ ସମୟରେ ଭାଗବତ ଧର୍ମର ଉଦ୍ଭବ ସହିତ ଗୁରୁତ୍ୱ ଲାଭ କରିଛନ୍ତି ଶ୍ରୀକୃଷ୍ଣ। ପରବର୍ତ୍ତୀ କାଳରେ ଅଷ୍ଟମ ଶତାବ୍ଦୀରେ ଶଙ୍କରାଚାର୍ଯ୍ୟ ଦାରୁରୁପୀ ଶ୍ରୀଜଗନ୍ନାଥ, ଶ୍ରୀବିଷ୍ଣୁ ଓ ଶ୍ରୀକୃଷ୍ଣଙ୍କୁ ଏକ ଓ ଅଭିନ୍ନ ରୂପେ ରୂପାୟିତ କରିଛନ୍ତି। ଅନୁରୂପ ଭାବେ ଦାରୁବ୍ରହ୍ମଙ୍କୁ ସର୍ବସମ୍ପ୍ରଦାୟ, ସର୍ବଦର୍ଶନ, ସକଳ ଚିନ୍ତାର ଆଧାରିତ ମୂର୍ତ୍ତି ରୂପେ ବୈଷ୍ଣବାଚାର୍ଯ୍ୟମାନେ ସୁଦ୍ଧା ଗ୍ରହଣ କରି ନେଇଛନ୍ତି।

ଅତୀବ ପ୍ରାଚୀନ ବୃକ୍ଷ ଉପାସନା ପ୍ରାଗ୍ ଐତିହାସିକ ଯୁଗରୁ ଆରମ୍ଭ ହୋଇଥିବା ବିଶ୍ୱାସ କରାଯାଏ। ଗୋଟିଏ ପିପ୍ପଳ ବୃକ୍ଷ ସଙ୍ଗେ ଏକ ଶୃଙ୍ଗ ବିଶିଷ୍ଟ ଦୁଇଟି ମସ୍ତକ ସମ୍ପନ୍ନ ଜୀବ ଦେଖିବାକୁ ମିଳୁଥିବାରୁ ମହେଞ୍ଜୋଦାର ଓ ହରପ୍ପା ସଭ୍ୟତା ସମୟରେ ଏହାର ଉଦ୍ଭବ ହୋଇଥିବା ସ୍ୱୀକାର କରାଯାଏ। ସମୟ କ୍ରମେ ଏହା ବିଭିନ୍ନ ଧର୍ମରେ ବିସ୍ତାରିତ ହୋଇଥିଲା। ଏହାର ନିଦର୍ଶନ ସ୍ୱରୂପ ସମ୍ରାଟ ଖାରବେଳଙ୍କ ଦ୍ୱାରା ଉତ୍କୀର୍ଣ୍ଣ ଶିଳାଲେଖରେ ଦେଖିବାକୁ ମିଳେ, ନିଜ ରାଜତ୍ୱର ଅଷ୍ଟମ ବର୍ଷରେ ହୟ, ଗଜ, ନର, ରଥ ବେଷ୍ଟିତ ପଲ୍ଲବଭାର କଳ୍ପବୃକ୍ଷ ସହିତ ଫେରି ଆସିଥିଲେ କଳିଙ୍ଗକୁ। ଜୈନଧର୍ମ ପରି ବୌଦ୍ଧଧର୍ମରେ ମଧ୍ୟ ବୃକ୍ଷ ଉପାସନାର ନିଦର୍ଶନ ରହିଛି। ବୁଦ୍ଧଦେବଙ୍କର ଜନ୍ମଠାରୁ ଆରମ୍ଭ କରି ଜ୍ଞାନ ପ୍ରାପ୍ତି ଓ ନିର୍ବାଣ ପର୍ଯ୍ୟନ୍ତ ସମସ୍ତ ଘଟଣା ବୃକ୍ଷ ମୂଳରେ ହୋଇଥିବାରୁ ବୋଧିଦ୍ରୁମ ରୂପେ ପୂଜା କରନ୍ତି ବୌଦ୍ଧାବଲମ୍ବୀମାନେ। ବୈଦିକ ଯୁଗ ପରେ ପୁରାଣ ଯୁଗରେ ସମସ୍ତ ଶାସ୍ତ୍ରରେ ବୃକ୍ଷ ଉପାସନାର ବହୁଳ ବର୍ଣ୍ଣନା ରହିଥିବାରୁ 'ବୃକ୍ଷ' ଆଧ୍ୟାତ୍ମିକ ଓ ସାଂସ୍କୃତିକ ଜୀବନ ପ୍ରବାହକୁ ବହୁଳ ଭାବରେ ପ୍ରଭାବିତ କରିଛି। ଓଡ଼ିଶାରେ ବର ଅଶ୍ୱତ୍ଥ ବିବାହ, ବର,

ISSN NO.
2582-208X

ଅଶ୍ୱତ୍ଥ, ବେଲ, ତୁଳସୀ ବୃକ୍ଷ ପୂଜା ପ୍ରମାଣିତ କରେ ଏହାର ଗୁରୁତ୍ୱ। ଅତଏବ ଦାରୁବ୍ରହ୍ମଙ୍କ ବିଗ୍ରହ ନିମ୍ବଦାରୁରେ ନିର୍ମିତ ହେବା ବୃକ୍ଷ ଉପାସନାର ଦିବ୍ୟ ପରିଣତି।

ବିଗ୍ରହ ନିର୍ମାଣର ଉପାଦାନ ରୂପେ ପଥର, ଦାରୁ, ଲୌହ, ଚନ୍ଦନ, ଧାତୁ, ବାଲୁକା, ମୃଣ୍ମୟ ଓ ମଣି ଆଦି ଆଠଟି ପଦାର୍ଥ ବ୍ୟବହାର ଯୋଗ୍ୟ ବୋଲି ବର୍ଣ୍ଣିତ ରହିଛି ଶ୍ରୀମଦଭାଗବତ ମହାପୁରାଣରେ। ବିଷ୍ଣୁ ଧର୍ମୋତ୍ତର ପୁରାଣରେ ଶିଳା, ଦାରୁ ଓ ଲୌହ ପ୍ରତିମା ନିର୍ମାଣର ବିଧାନ ଥିବା ବେଳେ ମତ୍ସ୍ୟ ପୁରାଣରେ ଶିଳା, ସ୍ୱର୍ଣ୍ଣ, ଚାନ୍ଦି, ତାମ୍ର ଆଦି ବିଗ୍ରହର ଉପାଦାନ ରୂପେ ବ୍ୟବହୃତ ହୋଇଥିବା ଉଲ୍ଲେଖ ରହିଛି। ବହୁମୂଲ୍ୟ ମଣି, ମାଟି ଏବଂ କାଷ୍ଠର ଶିବଲିଙ୍ଗ ନିର୍ମାଣ ସଂକ୍ରାନ୍ତରେ କୁହାଯାଇଛି- "ଏବଂ ରତ୍ନମୟଂ କୁର୍ଯ୍ୟଟସ୍ଫଟିକଂ ପାର୍ଥିବଂ ତଥା / ଶୁଭଙ୍ଗ ଦାରୁମୟଂ ଚାପିଯଦ୍ୱା ମନ ସିରୋଚତେ।" ବିଭିନ୍ନ ବସ୍ତୁର ପରମାୟୁ ବିଷୟରେ ବୃହସଂହିତାରେ ଉଲ୍ଲେଖ ରହିଛି ମଣି ଦଶସହସ୍ର ବର୍ଷ, ଧାତୁ ଏକ ସହସ୍ର ବର୍ଷ, ଦାରୁ ଦ୍ୱାଦଶ ବର୍ଷ, ଚିତ୍ର ଏକ ବର୍ଷ ଓ ମୃଣ୍ମୟ ବିଗ୍ରହ ଏକମାସ। ମାତ୍ର ନାନାଦି ଧାତୁ, ଶିଳା ବା ମଣିମୟ ମୂର୍ତ୍ତି ପୂଜା ଅପେକ୍ଷା ଦାରୁ ବିଗ୍ରହ ଆରାଧନା ଅଧିକ ଫଳ ପ୍ରଦାନକାରୀ। ଆୟୁ, ଶ୍ରୀ, ବଳ ଓ ବିଜୟ ନିମନ୍ତେ କାଷ୍ଠ ତଥା ମୃଣ୍ମୟ ବିଗ୍ରହ, ହିତ ସାଧନ ପାଇଁ ମଣି ବିଗ୍ରହ, ପୁଷ୍ଟି ସାଧନ ପାଇଁ ସୁବର୍ଣ୍ଣ ପ୍ରତିମା, ଯଶ ନିମନ୍ତେ ଚାନ୍ଦି, ସନ୍ତାନ ବୃଦ୍ଧି ନିମନ୍ତେ ତାମ୍ର ଏବଂ ଭୂମି ଲାଭ ପାଇଁ ଶିଳା ବା ଶିବଲିଙ୍ଗ ପ୍ରତିମା ନିର୍ମାଣ କରାଯିବା ପ୍ରସଙ୍ଗ ଉଲ୍ଲେଖ ରହିଛି ବିଷ୍ଣୁ ସଂହିତାରେ।

ଭବ ସଂସାରରୁ ପାରିହେବା ପାଇଁ ଦାରୁରୂପୀ ଭଗବାନଙ୍କ କୃପା ଆବଶ୍ୟକ ବୋଲି ବିଶ୍ୱାସ କରାଯାଏ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଦାରୁରେ ନିର୍ମିତ ହେବା ସଂକ୍ରାନ୍ତରେ 'ବୈଖାନସ ଆଗମ' ଗ୍ରନ୍ଥରେ ଦାରୁ ବିଗ୍ରହର ଶ୍ରେଷ୍ଠତ୍ୱ ବର୍ଣ୍ଣିତ ରହିଛି। କିମ୍ବଦନ୍ତୀ କହେ ମହାରାଜ ଇନ୍ଦ୍ରଦ୍ୟୁମ୍ନ ସ୍ୱପ୍ନାଦେଶ ଅନୁଯାୟୀ ବାଙ୍କୀ ମୁହାଣରୁ ସଂଗୃହୀତ ଦାରୁରେ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ନିର୍ମାଣ କରାଇଥିଲେ। ଏହା ବ୍ୟତୀତ କେବଳ ନିମ କାଷ୍ଠ ନୁହେଁ ଚନ୍ଦନ, ରକ୍ତ ଚନ୍ଦନ, ଅଶ୍ୱତ୍ଥ, ପିଆଶାଳ, କେନ୍ଦୁ, ଦେବଦାରୁ, ଗମ୍ଭାରୀ, କୃଷ୍ଣାଗୁରୁ ଇତ୍ୟାଦି ମୂର୍ତ୍ତି ନିର୍ମାଣ ପାଇଁ ଯୋଗ୍ୟ। କୁହାଯାଏ ଲିମ୍ବ ବୃକ୍ଷ ବିଲ୍ୱ,ପଳାସ,ବଟ ବୃକ୍ଷ ବା ପିପ୍ପଳ ପରି ପବିତ୍ର ନହେଲେ ସୁଦ୍ଧା ଭଗବତ ସତ୍ୱା ଏଥିରେ ଉପଲବ୍ଧି କରିହୁଏ ବୋଲି ନିମ ବୃକ୍ଷରେ ବିଗ୍ରହ ନିର୍ମାଣ କରାଯାଏ। ମହାପ୍ରଭୁଙ୍କ ବିଗ୍ରହ ନିର୍ମାଣ ପାଶ୍ଚାତରେ ରହିଛି ଲୌକିକ, ଆଧ୍ୟାତ୍ମିକ ବିଚାର ଓ ବୈଜ୍ଞାନିକ କାରଣ। ମଳୟ ସ୍ପର୍ଶରେ ଲିମ୍ବ ମଧୁର ହୁଏ,

ISSN NO.
2582-208X

ଚନ୍ଦନ ହୁଏ। ଆତ୍ମଦର୍ଶନ ଦୃଷ୍ଟିରୁ ବିଚାର କଲେ ପୂର୍ବାଚାର୍ଯ୍ୟଗଣ କହନ୍ତି, 'ଜୀବନ, ଶରୀର, ଧନ, ଯୌବନ ସବୁ ପିତା, ସମସ୍ତଙ୍କର ପରିଣାମ ଦୁଃଖପୂର୍ଣ୍ଣ, କିନ୍ତୁ ନିମ୍ବ ପ୍ରଥମରୁ ପିତା, ତାର ପରିଣାମ ମିଠା। ତେଣୁ ନିମ୍ବରେ ମିଠା ରହିଥିବାରୁ କୁହାଯାଏ - 'ମଧୁରର୍ବେ ବ୍ରହ୍ମ'। ଏହା ବ୍ୟତୀତ ନିମ୍ବବୃକ୍ଷର ବୟସ ଯେତେ ଅଧିକ ହେବ, ମଳୟର ସ୍ପର୍ଶ ଯୋଗୁଁ ସେଥିରେ ଚନ୍ଦନ ଗୁଣ ବିକଶିତ ହେବ। ଇନ୍ଦ୍ରନୀଳମଣି ପୁରାଣରେ ପ୍ରାଚୀନ ନିମ୍ବ ଗଛରୁ ମଳୟ ପବନ ବହୁଥିବା ସମୟରେ ଚନ୍ଦନ ବାସ୍ନା ମହକୁଥିବା କଥା ବର୍ଣ୍ଣନା କରାଯାଇଛି।

ନିମ୍ବ ବୃକ୍ଷର ଶ୍ରେଷ୍ଠତ୍ୱ ସଂକ୍ରାନ୍ତରେ 'ପ୍ରତିମାଲକ୍ଷଣସୌଧାଗମ' ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି, 'ନିମ୍ବ ପ୍ରଧାନମେତେର୍ଷାଂ ପ୍ରତିମାଂ ଚ ବିନିର୍ମିତୌ'। ଏହାର ସ୍ୱାଦ ତିକ୍ତ ହେବା ଯୋଗୁଁ ଏହା ସହଜରେ କୀଟ ଦ୍ୱାରା ନଷ୍ଟ ହେବାର କ୍ଷୀଣ ସମ୍ଭାବନା ଥାଏ। ତାଛଡା ତିକ୍ତତା ହେଉଛି ତ୍ୟାଗ ମାର୍ଗର ପ୍ରତୀକ। ମହାପ୍ରଭୁ ତ୍ୟାଗର ମୂର୍ତ୍ତିମନ୍ତ ବିଗ୍ରହ ହୋଇଥିବା କାରଣରୁ ମଣିଷ ସମସ୍ତ ସାଂସାରିକ ଭୋଗ ବିଳାସ ତ୍ୟାଗ କରି ବିଭୁ ପ୍ରେମରେ ମଗ୍ନ ରହି ସୁଫଳ ପ୍ରାପ୍ତ ହୋଇଥାଏ। ଏହା ଅତ୍ୟନ୍ତ କଠିନ ଛିଦ୍ରହୀନ ବା ସ୍ତରହୀନ, ମସୃଣ ହୋଇଥିବାରୁ ଏଥିରେ ରଙ୍ଗ ପ୍ରୟୋଗ କରିବା ସହଜ। ନିମ୍ବ ରସ ପଚନ ନିବାରକ ଓ ତିକ୍ତ ଯୋଗୁଁ ଉଇ ବା କୀଟ ପତଙ୍ଗ ଆକ୍ରମଣ କରି ପାରନ୍ତି ନାହିଁ। ନିମ୍ବ ବୃକ୍ଷ ଜଙ୍ଗଲ,ଗ୍ରାମାଞ୍ଚଳ ଚାଷ ଜମି ଆଦି ସବୁସ୍ଥାନରେ ସହଜରେ ଉପଲବ୍ଧ। ଆୟୁର୍ବେଦ ଶାସ୍ତ୍ର ଅନୁଯାୟୀ ଏହି ବୃକ୍ଷର ପତ୍ର ଚେର ଠାରୁ ଆରମ୍ଭ କରି ଫଳ ପର୍ଯ୍ୟନ୍ତ ସମସ୍ତ ଦ୍ରବ୍ୟ ମଣିଷ ପାଇଁ ଅତ୍ୟନ୍ତ ଉପକାରୀ। ଭବିଷ୍ୟପୁରାଣ କହନ୍ତି-ବିଷ୍ଣୁ ବିଗ୍ରହ ନିମନ୍ତେ ନିମ୍ବ ବୃକ୍ଷ ଶ୍ରେଷ୍ଠ, ସୌଭାଗ୍ୟପ୍ରଦ ଓ ମଙ୍ଗଳମୟ ଅଟେ। ତେଣୁ ଚତୁର୍ଦ୍ଧା ମୂର୍ତ୍ତି ନିର୍ମାଣରେ ବ୍ୟବହୃତ ହେଉଥିବା ନିମ୍ବ ଦାରୁ ଚୟନ ଗ୍ରହଣୀୟ, ଅବିସମ୍ବାଦିତ ଓ କୋଟି କୋଟି ଶ୍ରଦ୍ଧାଳୁଙ୍କ ଦ୍ୱାରା ଉପାସିତ।

ଦାରୁଦେବତା ଶ୍ରୀଜଗନ୍ନାଥ ଓ ଶବର ପୂଜିତ ଦେବତା ନୀଳମାଧବ ଯେ ଏକ ଏବଂ ଅଦ୍ୱିତୀୟ, ଏହାକୁ ବହୁ ପୁରାଣକାର ଓ ଗବେଷକ ସ୍ୱୀକାର କରନ୍ତି। ପ୍ରଥମେ ଜଗନ୍ନାଥ ସ୍ଥାନୀୟ ଗୋଷ୍ଠୀର ଦେବତା ପୂଜିତ ହେଉଥିଲେ। ମାତ୍ର ସମୟ କ୍ରମେ ବୈଷ୍ଣବୀୟ ପ୍ରଭାବରେ ତାଙ୍କୁ ବିଷ୍ଣୁଙ୍କ ଅବତାର ରୂପେ ଗ୍ରହଣ କରାଗଲା। ତେଣୁ ମହାପ୍ରଭୁଙ୍କୁ ଶବର ଦେବତା ରୂପେ ପ୍ରତିଷ୍ଠିତ କରିବା ପାଇଁ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରାଯାଏ। ବିଶେଷତଃ ରଥଯାତ୍ରା ଅବକାଶରେ ସ୍ନାନପୂର୍ଣ୍ଣମା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଚତୁର୍ଦ୍ଧା ମୂର୍ତ୍ତିଙ୍କର ସେବା

ISSN NO.
2582-208X

ଦଇତାପତି ନିଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ନିଜକୁ ଆଦିମ ଶବର ବଂଶଧର ବୋଲି ପରିଚୟ ଦେଉଥିବାରୁ ଏହିମାନଙ୍କ ଉପରେ ନ୍ୟସ୍ତଥାଏ ସେବା। ଏହା ବ୍ୟତୀତ 'ଜଗନ୍ତା' ଶବ୍ଦ ସଂସ୍କୃତରେ ଜଗନ୍ନାଥ ଭାବେ ଗୃହୀତ। ଆଦିବାସୀ ଭାଷାରେ ଜଗନ୍ନାଥଙ୍କ ନାମ ସଉରା-ଜଗନ୍ତା, କୋୟା-ଜଗାରାଜୁ, କନ୍ଧ-ଜଗାୟା, ଗଦବା-ଜଗଦା ଆଦି ନାମ ପରିଦୃଷ୍ଟ ହୋଇଥାଏ। ଶବରମାନଙ୍କ ମଧ୍ୟରେ 'ଜଗନ୍ତ' ସହିତ ଅନ୍ୟ ଏକ ଶବ୍ଦ 'ଜଗାନାଏଲା' ପ୍ରଚଳିତ ଥିଲା। ' ଜଗାନାଏଲା' ଥିଲେ ଏକ କାଷ୍ଠ ପ୍ରତିମା ଏବଂ ସେ ଜଗତର ଈଶ୍ୱର ବୋଲି ଶବରମାନେ ବିଶ୍ୱାସ କରୁଥିଲେ (ଡ. କେ ସି ମିଶ୍ର - ଦି କଲ୍ଟ ଅଫ ଜଗନ୍ନାଥ)। ଶବରମାନେ କଳା ଧଳା ଓ ଲାଲ୍ ରଙ୍ଗର ଯେଉଁ ତିନୋଟି କାଷ୍ଠ ନିର୍ମିତ ବିଗ୍ରହ ପୂଜା କରିଥାନ୍ତି ତାହା କିତୁଙ୍ଗ, ଧର୍ମବୋଧ ଓ ବାଲିଆ ନାମରେ ନାମିତ। ସେମାନଙ୍କଭାଷାରେ କିତୁଙ୍ଗ ଶବ୍ଦର ଅର୍ଥ ଜଗନ୍ନାଥ। ସେମାନେ ପୂଜା କରୁଥିବା ଦଶ ଦେବତା ନିତୁଙ୍ଗ, ଜଗନ୍ତ, ତୋଡ଼, ତୁମନ, ଭୀମ, ଗର୍ସିଦ, ରାମନ, ଯୋଯପେନ, ମଉକୁ ଓ ତିତିଙ୍କ ସହିତ ଜଗନ୍ନାଥଙ୍କ ଦଶାବତାର ସହିତ ସଂପର୍କୀତ ବୋଲି ଅନେକ ଯୁକ୍ତି ଉପସ୍ଥାପନ କରନ୍ତି।

ମାଳବ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଶ୍ରୀମନ୍ଦିର ନିର୍ମାଣ ଓ ଦିଅଁମାନଙ୍କ ପ୍ରତିଷ୍ଠା ସମ୍ପର୍କରେ ଥିବା କିମ୍ବଦନ୍ତୀରେ ଶବର ବିଶ୍ୱାବସୁ 'ନୀଳମାଧବ'ଙ୍କୁ ପୂଜା କରୁଥିବାର ବର୍ଣ୍ଣନା ରହିଛି। ଶ୍ରୀକୃଷ୍ଣଙ୍କ ଦେହତ୍ୟାଗ ପରେ ପିଣ୍ଡ ସମ୍ପୂର୍ଣ୍ଣ ଦାହ ନହେବାରୁ ଶୂନ୍ୟବାଣୀ ଅନୁସାରେ ଅର୍ଦ୍ଧ ଦଗ୍ଧ ତେଜୋମୟ ପିଣ୍ଡକୁ ସମୁଦ୍ରରେ ବିସର୍ଜନ କରାଯାଇଥିଲା। ଏହାର ଅନେକ ଦିନପରେ ବିଶ୍ୱାବସୁ ନାମକ ଶବର ମୃଗୟା କରୁ କରୁ ଇନ୍ଦ୍ରନୀଳମଣି କାନ୍ତି ବିଶିଷ୍ଟ ପିଣ୍ଡ ସମୁଦ୍ରରେ ଭାସୁ ଥିବାର ଦେଖି ନେଇ ଆସି ରୋହିଣୀ କୁଣ୍ଡ ନିକଟସ୍ଥ ବଟ ବୃକ୍ଷ ମୂଳରେ ରଖି ପୂଜାର୍ଚ୍ଚନା କଲା। ଏହି ବିଗ୍ରହ ପରବର୍ତ୍ତୀ ସମୟରେ ରହସ୍ୟ ଜନକ ଭାବେ ଅନ୍ତର୍ଦ୍ଧାନ ହୋଇ ଇନ୍ଦ୍ରଦ୍ୟୁମ୍ନଙ୍କୁ ସାଗର କୂଳରେ ଦର୍ଶନ ଦେଇଥିଲେ ଓ ସେହି ଦାରୁରେ ଶ୍ରୀ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ କରାଇଥିଲେ ମହାରାଜା ଇନ୍ଦ୍ରଦ୍ୟୁମ୍ନ। ସ୍କନ୍ଦ ପୁରାଣ ବର୍ଣ୍ଣନା ଅନୁସାରେ ରୋହିଣୀ କୁଣ୍ଡ ଓ କଳ୍ପବଟ ଆଭ୍ୟନ୍ତରର ଏକାଶୀତ ଅଙ୍ଗୁଳ ନୀଳମାଧବ ବିଗ୍ରହ ଦାରୁବ୍ରହ୍ମରେ ରୂପାନ୍ତରିତ ହେବା ରହସ୍ୟମୟ। ଦାରୁବ୍ରହ୍ମ ପ୍ରସଙ୍ଗ ପ୍ରାୟ ସମସ୍ତ ପୁରାଣମାନଙ୍କରେ ବ୍ୟାପକ ବର୍ଣ୍ଣନା ରହିଛି, କାରଣ ଦାରୁରେ ବ୍ରହ୍ମର ଆରୋପ ପୁରାଣ ଯୁଗରେ ହିଁ ସଂଘଠିତ ହୋଇଥିଲା। ଶ୍ରୀମଦ୍ ଭାଗବତ ଗୀତାରେ ପୁରୁଷୋତ୍ତମ ରୂପେ ଶ୍ରୀକୃଷ୍ଣଙ୍କୁ କୁହାଯାଇଛି ଏବଂ ପୁରୁଷୋତ୍ତମ ହେଉଛନ୍ତି ପରମାତ୍ମା, ପରମପୁରୁଷ ବା

ISSN NO.
2582-208X

ସଚ୍ଚିଦାନନ୍ଦ ସ୍ୱରୂପ ପରମବ୍ରହ୍ମ । ପୁନଶ୍ଚ ସେହି ପରମବ୍ରହ୍ମର ଭାବ ଦାରୁବ୍ରହ୍ମ ରୂପେ ଦାରୁମୂର୍ତ୍ତି ଶ୍ରୀଜଗନ୍ନାଥଙ୍କଠାରେ ପ୍ରକଟିତ ହୋଇଛନ୍ତି ।

ଦାରୁବିଗ୍ରହଙ୍କ ମଧ୍ୟରେ ବ୍ରହ୍ମତ୍ୱ ଆରୋପିତ ହେବା ସ୍କନ୍ଦ ପୁରାଣରେ ବର୍ଣ୍ଣନା କରାଯାଇଛି- "କ୍ୱେଦଂ ଦାରୁମୟଂ ବ୍ରହ୍ମ ପାପରାଶି-ନବାନଳ"/ ସଚ୍ଚିଦାନନ୍ଦଂ କୈବଲ୍ୟ-ମୁକ୍ତିଦଂ ଦର୍ଶନାଦପି ।" ବ୍ରହ୍ମହିଁ ସକଳ ଶକ୍ତିର ଉତ୍ସ ଏବଂ ସେ ସମଗ୍ର ବିଶ୍ୱକୁ ଅପଲକ ନୟନରେ ଚାହିଁରହି ତେଜ ଓ ଶକ୍ତିପ୍ରଦାନ କରନ୍ତି, ଶୁଣନ୍ତି ସଭିଙ୍କ ଆକୁଳ ନିବେଦନ । ସେଥିପାଇଁ ସେ ଅପାଣିପାଦ (ହସ୍ତପଦ ହୀନ), ଅଚକ୍ଷୁ (ଚକ୍ଷୁହୀନ) ଏବଂ ଅକର୍ଣ୍ଣ (କର୍ଣ୍ଣହୀନ)। ଶ୍ରୀଜଗନ୍ନାଥଙ୍କ ବିଗ୍ରହ ନିର୍ମାଣରେ ସାମଞ୍ଜସ୍ୟ ଥିବା ଶ୍ୱେତାଶ୍ୱେଶ୍ୱେତର ଉପନିଷଦରେ ବର୍ଣ୍ଣିତ ଅଛି-"ଅପାଣିପାଦଗ୍ରହୀତା / ପଶ୍ୟତା ଚକ୍ଷୁଃସଶୃଣୋତ୍ୱକର୍ଣ୍ଣଃ/ ସବେତ୍ତିବେଦ୍ୟନତ୍ୟାସ୍ତିବେତ୍ତା/ତମାହୁରଗଂଂପୁରୁଷଂପୁରାଣମ୍ ।" ଦାରୁବ୍ରହ୍ମ ମହାପ୍ରଭୁ ଶ୍ରୀଜଗନ୍ନାଥ ଧର୍ମର ବିବର୍ତ୍ତିତ ଧାରାରେ ଆର୍ଯ୍ୟ ଓ ଅନାର୍ଯ୍ୟର ଅବିସମ୍ବାଦିତ ଉପାସ୍ୟ ଦେବତା ଭାବରେ କାଳକାଳ ବିରାଜମାନ ହୋଇ ସମଗ୍ର ବିଶ୍ୱକଲ୍ୟାଣରେ ବ୍ରତୀ ରହିଛନ୍ତି ।

ଯୁଗେ ଯୁଗେ ଅଗଣିତ ପଣ୍ଡିତ, ରାଜନାୟକ, କବି, କଳାକାର, ଧର୍ମଯାଜକ, ଗବେଷକ, ବୈଜ୍ଞାନିକ, ଐତିହାସିକ ଓ ଶ୍ରଦ୍ଧାଳୁ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ରୂପ ଦର୍ଶନରେ ବିମୋହିତ ହୋଇଥିଲେ ସୁଦ୍ଧା ମହାପ୍ରଭୁଙ୍କ ଆବିର୍ଭାବର ରହସ୍ୟ ଭେଦ କରି ପାରିନାହାନ୍ତି । ଚିରକାଳ ବିଶ୍ୱ କଲ୍ୟାଣ ଓ ମଣିଷର ନାନାଦି ଆଶା ଆକାଂକ୍ଷା ପୂରଣ ପାଇଁ ଆଶୀର୍ବାଦ ଦେଇ ଆସିଛନ୍ତି ମହାପ୍ରଭୁ । ଚତୁର୍ଦ୍ଧା ମୂର୍ତ୍ତିଙ୍କ କମନୀୟ ଦାରୁ ବିଗ୍ରହ ଚେତନାର ଗଭୀର ଇଲାକାକୁ ସ୍ପର୍ଶ କରି ଦିବ୍ୟ ଜୀବନର ରାସ୍ତା ପ୍ରଶସ୍ତ କରିଛି । ଶ୍ରୀକ୍ଷେତ୍ରର ପବିତ୍ର ଧୂଳି ସ୍ପର୍ଶ କରି ଚକାନୟନ ସହିତ ନିଜ ଚକ୍ଷୁ ମିଳାଇବା ମାତ୍ରେ ଜୀବନର ସମସ୍ତ ଦୁଃଖ ଯନ୍ତ୍ରଣା ଅଶାନ୍ତି ଓ ଅବଶୋଷ ଅପଶୃତ ହୋଇ ପ୍ରାଣରେ ସଂଚରି ଯାଏ ଦିବ୍ୟତା। ସେଥିପାଇଁ ଶ୍ରୀଜଗନ୍ନାଥ ବ୍ରହ୍ମାଣ୍ଡ ନାୟକ ଓ ଜଗନ୍ନାଥ ସଂସ୍କୃତି ସମଗ୍ର ବିଶ୍ୱରେ ଅନନ୍ୟ ଅସାଧାରଣ ଏବଂ ଅତୁଳନୀୟ ।

(((-)))

ବି-10/154, କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ମନ



ଭାସ୍କର ଚନ୍ଦ୍ର ଖଣ୍ଡା

ସ୍ଥିର ଆଉ ଅସ୍ଥିରତା ମଧ୍ୟ ରେ
କେନ୍ଦ୍ରୀଭୁତ ହୋଇ ଘୂର୍ଣ୍ଣିଝଡ
ଶାନ୍ତ ଏବଂ ଅଶାନ୍ତ ପଥରେ
ହୁଏ ଅଗ୍ରସର ମାୟାବିନୀ ଏଇ 'ମନ'  ।୧।

ଅଧୁନା ବୈଜ୍ଞାନିକ ଉଦ୍ଭାବନ
କରିପାରେ ନିରୁପିତ ସିନା ଝଡର ଗତିବିଧି
ମାନସିକ ଚିନ୍ତାଧାରାର ପ୍ରବାହ ନିକଟରେ
କରିଛି ଆତ୍ମସମର୍ପଣ
ଏକ ପରାସ୍ତ ସୈନିକ ସାଜି  ।୨।

ସୁବୁଦ୍ଧି ଆଉ ଦୁର୍ବୁଦ୍ଧି ର ଦ୍ୱନ୍ଦ
ବସାବାନ୍ଧି କରେ ନୃତ୍ୟ ପରିବେଷଣ
ସାଜେବି ସିଏ ଶକୁନି ରୂପରେ ପଶା ଖେଳାଳି
କରେ ନିସୃତ ଧର୍ମରାଜଙ୍କ ମୁଖରୁ
ନର ବା ଗୁଞ୍ଜରେ 'ଅଶ୍ୱଥମା ହତ' ରୂପି ବାଣି  ।୩।

ISSN NO.
2582-208X

ଏଇ ତ 'ମନ'
ହୋଇଥାଏ ପ୍ରଭାବିତ
ଗତି କରେ ତା'ର ଇଚ୍ଛାନୁସାରେ
ବରଫାଚ୍ଛାଦିତ ସୁଇଜରଲ୍ୟାଣ୍ଡ ରୁ
ପହଞ୍ଚେ ନିମିଷକ ମଧ୍ୟରେ
ରାଜସ୍ଥାନର ଶୁଷ୍କ ମରୁଭୂମିରେ
ପାରି ନାହାନ୍ତି କରି ବୋଧହୁଏ
କେହି ତାକୁ ଆୟତ ।୪।

ହୁଅନ୍ତା ଯଦି ସିଏ ବଶୀଭୂତ
ଚାଲିଥାନ୍ତି ସଦା ସର୍ବଦା
ସେଇ ପଥରେ
କରିଥାନ୍ତି ପ୍ରାର୍ଥନା ଈଶ୍ୱରଙ୍କୁ
ନେଇ ଯାଅ ମୋତେ ସେଇ ରାଜ୍ୟକୁ
କରିବି ଯେଉଁଠି ସତ୍ୟର ଅନୁସନ୍ଧାନ ।୫।

ପାଆନ୍ତୁ ଖୋଜି ସଭିଏଁ ଶାନ୍ତି
ପ୍ରଶାନ୍ତ ମହାସାଗରର କେନ୍ଦ୍ରବିନ୍ଦୁ ସଦୃଶ
ଶାନ୍ତ ହେଉ ଏ 'ମନ' ।୬।

(((-)))

ଫ୍ଲାଟ୍ ନଂ ବି /୩୦୧ ଗୌରୀଶଙ୍କର ରେସିଡେନ୍ସ
କେଶୁରା, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ହିପୋକ୍ରିଟ



ମଧୁମିତା ମିଶ୍ର

ତରଳିଯିବା ସହଜ ଥିଲା
ତେଣୁ ତୁ ତରଳି ଯାଇଥିଲୁ
ଆଉ ମୋତେ ଦେଖେଇ ଦେଇଥିଲୁ
ଏକ ଅବିଚଳିତ ଭବିଷ୍ୟ
ନଈ ମଝିରେ ରହି ମଧ୍ୟ
ମୁଁ ଅଚଳ ରହିବାଟା ଧାର୍ଯ୍ୟ ଥିଲା
ଆଉ ତୁ ତରଳି ତରଳି ଆରାମରେ
ଆଗକୁ ବଢ଼ି ଚାଲିଥିଲୁ
ଧୋକାବାଜ୍ ଗ୍ଲେଶିଆର

ବୋହିଯିବାଟା ସହଜ ଥିଲା
ତେଣୁ ତୁ ବୋହିଗଲୁ
ଆଉ ମୋ ପାଇଁ ଲେଖିଦେଲୁ
ଏକ ଅବିଚଳିତ ସ୍ମିତହାସ୍ୟ
ଦୁଇ ଆଖିର ଠିକ୍ ତଳେ ରହି
ମୋତେ ହସିବାକୁ ହେଉଥିଲା ବାରବାର
ଆଉ ତୁ ବୋହୁଥିଲୁ ଆରାମରେ

ISSN NO.
2582-208X

ବେଧଡକ ବିନ୍ଦାସ
ବେପରୁଆ ଅଶ୍ରୁଧାର

ଭୁଲିଯିବାଟା ସହଜ ଥିଲା
ତେଣୁ ତୁ ଭୁଲି ଯାଇଥିଲୁ
ଆଉ ମୋ ପାଇଁ ଛାଡ଼ିଗଲୁ
ଏକ ଅହେତୁକ ସଂଘର୍ଷ
ଜୀବନ ମରଣର ଦୋ ଛକିରେ
ମୁଁ ଜଳୁଥିଲି ଅହରହ
ତୋ ମିଛ ଛଳନାଭରା ପ୍ରତିଶ୍ରୁତିରେ
ତୁ ଆଗକୁ ଆଗକୁ ବଢ଼ିଥିଲୁ
ସବୁ ପଛରେ ପକେଇ ଆରାମରେ
ହିପୋକ୍ରିଟ ପ୍ରୀୟାମୋର

(((-)))

ଭୁବନେଶ୍ୱର / ୯୪୩୮୪୭୦୮୦୭

ISSN NO.
2582-208X

ବେଦାନ୍ତୀ

# ଝୁରିହୁଏ ସେ ଦିନ



ଡକ୍ଟର ପ୍ରବୀଣା ପରିଡା

ଝୁରିହୁଏ ସେ ଦିନ
ସେ ଝରା ମୁହୂର୍ତ୍ତ
ହାତ ମୁଠାରୁ ଖସି ଯାଇଥିବା
ଚପଳାମୀ ଦିନ।
ବୋଉ କୋଳରେ ଜହ୍ନ କୁ ମାଗିବାର ବେଳ
ଛପିଛପି ପ୍ରଜାପତି ଧରିବାର ବେଳା
ମିଛି ମିଛିକା ଧୂଳି ଖେଳର
ସ୍ୱପ୍ନର ଭାବନାକୁ ରଂଗଦେବାର।
ଅଲିଅଳର ଘୁଙ୍ଗୁର ଗୁଞ୍ଜନରେ
ପୂରିଉଠେ ଘର ଅଗଣା।
ଝିଲମିଲ ତାରାଙ୍କ ଗହଣରେ
କିରୀଟିନୀ ଧାରୀ।
ଦୂରଦିଗବଳୟେ ହଜିଯାଏ ସେ ସ୍ମୃତି,
ଆକାଚା ମାକଚା କରେ ସେ ଦୃଶ୍ୟ ହୁଏ ଆଇନା ଆଗରେ ଅଲିଅଳ ବାଳୁତ।
ସେ ଆଖି ସେ ଓଠ
ସେ ମୁହଁ ଅନେକ ପ୍ରଶ୍ନିଳ ଆବେଗ
ସ୍ମୃତିର ଝଲକା ଖୋଲି ପାଛୋଟି ଆଣେ କେତେ ସେ ଦରଫୁଟା ପୁଲକ।
ଆଇନା କହେନା ମିଛ
ସବୁ ସତ ଧରାପଡେ

ISSN NO.
2582-208X

ହସରେ ନାହିଁ ସେ  ଉନ୍ମାଦ
ହସିକି ବି ହସି ହୁଏନା
କୋହ ସବୁ ଆସ୍ଥାନ ଜମାଏ
ରୁଦ୍ଧ  କରେ କଣ୍ଠ
କେତେ ଯେ ଅସରା ସପନ ଆସ୍ଥାନ ଜମାଇ ଜାକି ଧରେ ମନ ପେଟରାକୁ ।
ଖୋଜିବାରେ ଥକିଯାଏନି
କି ପଛଘୁଞ୍ଚା ନାହିଁ
ସେ ଝାଞ୍ଜି ପବନର  ଝାସ ସହି  ଜାଣିଛି
ମୁଠା ମୁଠା ବାଲିରୁ ବଞ୍ଚିବାର ରାହା ଖୋଜୁଛି  ।
ବାରବାର ହାରିବା ଜିତିବାର ସାଞ୍ଜୁ  ପିନ୍ଧି  ଜୀବନକୁ ଜୀଇଁଛି ।

(((-)))

ସି- ୯, ଷ୍ଟାରସିଟି, ପଟିଆ ପୋଷ୍ଟ- କଟ୍
ଭୁବନେଶ୍ବର
୮୮୯୫୫୫୪୭୭୬

ISSN NO.
2582-208X

# ପଲ୍ଲୀ କବିତାରେ ଓଡ଼ିଆ ଅସ୍ମିତା- ରଜଦୋଳି ଗୀତ



ମନୀଷା ରାୟ

ସଂସ୍କୃତି ସମ୍ପନ୍ନ ଓଡ଼ିଆ ଜାତି ନିଜ ଭାବାବେଗପୂର୍ଣ୍ଣ ପ୍ରାଚୀନ ସଂସ୍କୃତି ଓ ପରମ୍ପରାକୁ ନେଇ ବେଶ୍ ଚର୍ଚ୍ଚିତ ଓ ସର୍ବବିଦିତ । କେବଳ ଭାରତବର୍ଷ ଉତ୍କଳୀୟ ସଂସ୍କୃତିକୁ ଆକୁଣ୍ଠ ଚିତ୍ତରେ ସମ୍ମାନ ଓ ପ୍ରଶଂସା ଜଣାଏନାହିଁ । ବରଂ ସ୍ୱୟଂ ସଂସ୍କୃତି ଓ ପରମ୍ପରାର ଦିବ୍ୟ ମୟୁଖରେ ପ୍ରଜ୍ଜ୍ୱଳିତ ଓଡ଼ିଶାକୁ ସମଗ୍ର ବିଶ୍ୱ ଦରବାର ଅତ୍ୟନ୍ତ ଶ୍ରଦ୍ଧା ଓ ସମ୍ମାନର ସହ ସମ୍ମାନିତ କରେ । କାରଣ ଯୁଗାଦିକ୍ରମେ ଉତ୍କଳୀୟ ପ୍ରାଚୀନ ସଂସ୍କୃତିରେ ନୂତନତ୍ୱର ଆଲୋଡ଼ନ ଓ ଆକମ୍ପନ କରିଆସିଛି ଓଡ଼ିଶାର ପ୍ରାଚୀନ ସଂସ୍କୃତିରେ ନୂତନତ୍ୱର ଆଲୋଡ଼ନ ଓ ଆକମ୍ପନ କରି ଆସିଛି ଓଡ଼ିଶାର ପ୍ରାଚୀନ ଲୋକସଂସ୍କୃତି । ଅନ୍ୟ ଅର୍ଥରେ ପ୍ରକାଶ କଲେ ଅନୁମିତ ହୁଏ ଯେ, ଉତ୍କଳୀୟ ଲୋକସଂସ୍କୃତି କେବଳ ଗ୍ରାମ୍ୟ ଜୀବନ ବା ପଲ୍ଲୀ ଜୀବନର ଦୃଶ୍ୟପଟ୍ଟ ଉପରେ ଆଧାରିତ ଥିବାବେଳେ ଏହା ମଧ୍ୟରେ ପରିପୂରିତ ହୋଇ ରହିଥାଏ ଅନେକ ନୈସର୍ଗିକ ଚିତ୍ର ବା ଦୃଶ୍ୟ, ଢଗଢମାଳି, ଲୋକକଳାକୃତି, ଥଟ୍ଟାମଜା, ଚୁଗୁଲୀ, ଋଦ୍ଧି ପ୍ରୟୋଗ ଭଳି ଭାବନାତ୍ମକ ନିଆରା ଭାବକଳ୍ପ । ଫଳ ସ୍ୱରୂପ ଏସବୁର ବହୁଳ ପ୍ରୟୋଗାତ୍ମକ ଭାବଧାରାହିଁ ଓଡ଼ିଶା ସଂସ୍କୃତିକୁ ଋଦ୍ଧିମନ୍ତ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ।

ସ୍ଥୂଳତଃ ଉତ୍କଳୀୟ ଲୋକସଂସ୍କୃତିରେ ଲୋକସାହିତ୍ୟର ପ୍ରଭାବ ଅଧିକ ଥାଏ ବୋଲି ଆମେ ଜାଣୁ ଏବଂ ଲୋକ ସାହିତ୍ୟ ବିନା ଲୋକ ସଂସ୍କୃତିର ପ୍ରବାହ କ୍ଷୀଣ ଓ ଅଚଳ କହିଲେ ବରଂ ଠିକ୍‌ହେବ । କାରଣ ଓଡ଼ିଶାର ସଂସ୍କୃତି, ଜୀବନଦର୍ଶନ, ପର୍ବପର୍ବାଣୀ, ସାମାଜିକ ଅନୁଷ୍ଠାନ ଆଦି କ୍ଷେତ୍ରରେ ଲୋକସାହିତ୍ୟର ଚିରାଚରିତ ବ୍ୟବହାର ଲୋକସଂସ୍କୃତିର ନିଷ୍ପ୍ରାଣ ହୃଦୟକୁ ଜୀବନ୍ତ କରି ଗଢ଼ି ତୋଳେ ଅର୍ଥାତ ଲୋକସଂଗୀତ ବିନା ଗୋଟିଏ ଜାତି ଓ ଦେଶ ନିଷ୍ପ୍ରାଣ ହୋଇଯାଏ । ଏହା କହିବାର ତାତ୍ପର୍ଯ୍ୟ ହେଲା, ଲୋକସଂସ୍କୃତିରେ ସ୍ୱତଃ ପ୍ରବୃତ୍ତ ଭାବେ

ISSN NO.
2582-208X

କବି ଓ ଲେଖକଙ୍କ ମୁଖନିସୃତ ଆଶୁକବିତା ବା ସଙ୍ଗୀତରେ ସୁମଧୁର ମୂର୍ଚ୍ଛନାରେ ତନ୍ମୟ ହୋଇଉଠେ ଓଡ଼ିଶାର ପୁରପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଯଦିଓ 'ପଲ୍ଲୀଠାରୁ ଦିଲ୍ଲୀ ଏଠାରେ କଥାରେ ନଥାର ପ୍ରୟୋଗ କରାଯାଇଛି ପରନ୍ତୁ ପ୍ରକୃତ କଥା ତ ହେଉଛି ଓଡ଼ିଶାର ପାର୍ବଣ ଅବସରରେ ପଲ୍ଲୀ ବାଳିକା ଓ ବଧୂଙ୍କ କଣ୍ଠରୁ ପଲ୍ଲୀ ଜୀବନଚର୍ଯ୍ୟାକୁ ନେଇ ଝରିପଡୁଥିବା ଆଶୁ ଲୋକଗୀତର ମନମତାଣିଆ ମାଧୁର୍ଯ୍ୟରେ ଭୂମିରୁ ଭୂମା ପର୍ଯ୍ୟନ୍ତ ମୃଦୁକମ୍ପନ ସୃଷ୍ଟି ହୋଇଥାଏ । ଯାହା ବାସ୍ତବିକ୍ ବାକମୁଗ୍ଧତାର ପରିଚାୟକ ଅଟେ ଏବଂ ଏହା ମନୋରଞ୍ଜନର ଏକ ଶ୍ରେଷ୍ଠ ମାଧ୍ୟମ ସହ ସମତୁଲ ।

ଅଧିକନ୍ତୁ ଓଡ଼ିଶାରେ ଅନୁଷ୍ଠିତ ଜାନିଯାତ୍ରା, ପର୍ବପର୍ବାଣୀ, ତଥା ସାମାଜିକ ଅନୁଷ୍ଠାନ ହେଉଛି ଓଡ଼ିଶାର ଜୀବନ ଅଙ୍ଗୀଭୁତ ଗତାନୁଗତିକ ଦିନଚର୍ଯ୍ୟା । ଏହି ପରିପ୍ରେକ୍ଷୀରେ ଦେଖିବାକୁ ଗଲେ, ଓଡ଼ିଶାରେ ପ୍ରଚଳିତ ପାରମ୍ପରିକ ପର୍ବପର୍ବାଣୀ, ଯାନିଯାତ୍ରା- ଜନମନ ଓ ନୟନ ହରଣକାରୀ ଗଣମାଧ୍ୟମ । ଏପରି କହିବାର ତାତ୍ପର୍ଯ୍ୟ ହେଲା, ଲୋକସାହିତ୍ୟର ଦୋଳିଗୀତଠାରୁ ଆରମ୍ଭ କରି କାନ୍ଦଣାଗୀତ, ଚିତାକୁଟା ଗୀତ, କୃଷିଭିତ୍ତିକ ଗୀତ, ହଳିଆଗୀତ, ଛନ୍ଦଛଟା ଆଦି ପଲ୍ଲୀ ଗୀତ ଓଡ଼ିଶା ସଂସ୍କୃତିର ପ୍ରକୃତ ପ୍ରାଣତାର ଦିବ୍ୟ ସ୍ୱରୂପ ଅଟେ ।

ଅନ୍ୟ ପକ୍ଷେ କହିଲେ, ଓଡ଼ିଶାରେ ଅନୁଷ୍ଠିତ ହେଉଥିବା ପର୍ବପର୍ବାଣୀ ପଲ୍ଲୀରୁ ସହର ପର୍ଯ୍ୟନ୍ତ ବ୍ୟାପ୍ତ ଜନବସତିର ଜନଗଣଙ୍କ ପ୍ରାଣରେ ଏକ ପ୍ରୀତିଦାୟକ ସ୍ଫୁର୍ତ୍ତିର ମହା ତରଙ୍ଗ ସୃଷ୍ଟି କରିଥାଏ । ଯାହାଲୋକ ଜୀବନ ସହ ଆତ୍ମିକ ଭାବର ଆଦାନ ପ୍ରଦାନରେ ବିଶେଷ ସହାୟକ ଭୂମିକା ନିର୍ବାହ କରିଥାଏ । ଏହି କାରଣରୁ ଲୋକସଂସ୍କୃତିର ଏକ ଅବିଚ୍ଛେଦ ଅଙ୍ଗ ହେଉଛି ଲୋକଗୀତ ଓ ଲୋକନୃତ୍ୟ । ପ୍ରାୟତଃ ପଲ୍ଲୀର କୁମାରୀକନ୍ୟା ଓଲୀବଧୂମାନେ ଲୋକଗୀତ ବା ଗାଉଁଲୀ ଗୀତ ପରିବେଷଣ କରିଥିବାର ଦେଖିବାକୁ ମିଳେ ।

ସାଧାରଣତଃ ପଲ୍ଲୀକବିତା ବା ଗାଉଁଲୀଗୀତ ତତ୍କାଳୀନ ପଲ୍ଲୀ ଜୀବନର ଦିନଚର୍ଯ୍ୟା ଉପରେ ଆଧାରିତ । ଯେଉଁଥିରେ ପରିପୂରିତ ହୋଇ ରହିଥାଏ ସାମାଜିକ ବନ୍ଧୁତାର ଛଟା, ଭାଇଚାରାର ମହକ, ପଲ୍ଲୀବାସୀଙ୍କ ଆଚରଣ ଓ ଉଚ୍ଚାରଣର ଗଠବର୍ଦ୍ଧନ, ପାରମ୍ପାରିକ ରୀତିନୀତିର ସମ୍ଭାର, ପର୍ବପର୍ବାଣୀ ପାଳନର ଉତ୍ସାସଭରା ମହାମନ୍ତ୍ର । କେବଳ ଏତିକିରେ ସୀମିତ ନୁହେଁ ପଲ୍ଲୀ କବିତାର ରୂପରେଖ । ଏତଦ୍ବ୍ୟତୀତ ପୁରପଲ୍ଲୀରେ ଅନୁଷ୍ଠିତ

ISSN NO.
2582-208X

ବାହାପୁଆଣି, କୃଷି, ଗୋପାଳନ ଆଦି କ୍ଷେତ୍ରକୁ ନେଇ ଗଢ଼ି ଉଠିଥାଏ ଢଗଢମାଳି, ପଲ୍ଲୀକବିତା, ଥଟ୍ଟାତାମସା ପୂର୍ଣ୍ଣ କାବ୍ୟ କବିତା ।

ମୋଟ ଉପରେ କହିଲେ, ଏହି ସବୁର ଆଧାରଶୀଳା ହିଁ ପଲ୍ଲୀ ଜୀବନ ଦର୍ଶନର ଆତ୍ମାବିହ୍ୱଳିତ ମୂଳତତ୍ୱ । ଏହାକୁ ଆମେ ସଗର୍ବରେ କହିଥାଉ ଆମ ଲୋକ ସଂସ୍କୃତି ବା ଆମ ସଂସ୍କୃତି । ଯାହା ସମୟାନୁକ୍ରମେ ଗୋଟିଏ ଦେଶ ଓ ଜାତିର ଅସ୍ମିତାରେ ପରିଣତ ହୋଇଯାଏ । ଏହିପରିପ୍ରେକ୍ଷୀରେ ଓଡ଼ିଶା ଭଳି ଏକ କୃଷି ଭିତ୍ତିକ ରାଜ୍ୟରେ କାହିଁ କେଉଁ ଅନନ୍ତ କାଳରୁ ଉତ୍କଳୀୟ ପଲ୍ଲୀ ଜୀବନକୁ ନେଇ ରଚିତ ହୋଇଛି ଅନେକ ଗୀତିକବିତା । ଆଉ ଏହି ପଲ୍ଲୀ କବିତାରେ ଅତି ସୁନ୍ଦର ଭାବେ ଚିତ୍ରଣ ହୋଇଛି ଗ୍ରାମ୍ୟ ଜୀବନର ସ୍ଥିରକୃତ ରୂପ ମାଧୁର୍ଯ୍ୟ । ଯାହାକୁ ଭାଷାରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ ଏବଂ ଏହା ସମୟସାପେକ୍ଷ ମଧ୍ୟ ।

ଏମିତିରେ ଦେଖିଲେ, ଓଡ଼ିଶା ଲୋକ ସାହିତ୍ୟରେ କେବଳ ଗୋଟିଏ ବା ଦୁଇଟି ପର୍ବପର୍ବାଣୀକୁ ନେଇ ତତ୍କାଳୀନ ପଲ୍ଲୀ କବିତା ସୃଷ୍ଟିହୋଇନାହିଁ । ଅନେକ ପ୍ରଥିତଯଶା ସାରସ୍ୱତ ସାଧକ ଗ୍ରାମ୍ୟ ଜୀବନର ବହୁଧା ଦୃଶ୍ୟାବଳୀକୁ ନେଇ ଅନେକ କାବ୍ୟ କବିତା ରଚନା କରିଯାଇଛନ୍ତି । ଯାହା ବର୍ତ୍ତମାନ ସମୟରେ ବେଶ୍ ପୁରାଣତୀତ ଓ ବହୁ ପ୍ରଚଳିତ। ତତ୍‌ସହିତ ଗ୍ରାମ୍ୟଜ ଜୀବନର ଦୃଶ୍ୟପଟ୍ଟ ଗୁଡ଼ିକ ହେଲା ଯଥା–ପୁରପଲ୍ଲୀରେ ପରିବେଷଣ କରାଯାଉଥିବା ପାଲା, ଦାସକାଠିଆ, ଗଣନାଟ୍ୟ, ସଂକୀର୍ତ୍ତନ, ଦଣ୍ଡନାଚ, ଘୋଡ଼ାନାଚ, ଲୋକାଭିନୟ, ନଦୀ, ନାଳ ଆଦି ମନୋଜ୍ଞ ପରିବେଶ । ପ୍ରକୃତ କଥା ହେଉଛି, ଏହିସବୁ ମନୋରଞ୍ଜନଧର୍ମୀ ମାଧ୍ୟମଗୁଡ଼ିକ ହିଁ ଗ୍ରାମ୍ୟ ଲୋକସାହିତ୍ୟର ବାସ୍ତବ ପଟ୍ଟଭୂମି ଏବଂ ଏହା ବ୍ୟତିରେକ ପଲ୍ଲୀ ସାହିତ୍ୟ ରଚନା କରିବାର ପରିକଳ୍ପନା ଆଦୌ ସମ୍ଭବପର ନୁହେଁ ।

ଆହୁରି ମଧ୍ୟ ପଲ୍ଲୀ କବିତାର ରଚୟିତାମାନେ ଏକ ମାତ୍ର ଦୃଷ୍ଟିଭଙ୍ଗୀ ନେଇ ପଲ୍ଲୀ କବିତାର ଉତ୍ତରଣ କରିନାହାନ୍ତି । ଏମାନେ ଗୋଟିଏ ମନୋଜ୍ଞ ଦୃଶ୍ୟପଟ୍ଟର ଦୁଇଟି ପାର୍ଶ୍ୱକୁ ଅନୁଭବ କରି ପଲ୍ଲୀକବିତା ଉପରେ ଭଲ ଓ ମନ୍ଦର ଟିପ୍‌ପଣୀ ଉପସ୍ଥାପନା କରି ଯାଇଛନ୍ତି । ଯାହା ବେଶ୍ ପ୍ରାଣସ୍ପର୍ଶୀ ଓ ଶିକ୍ଷାଧର୍ମୀ କହିଲେ ଶ୍ରେୟ ହେବ । କାରଣ ଯେଉଁ ଟିପ୍‌ପଣୀ କବି ଓ ଲେଖକମାନେ ନିଜ ସାରସ୍ୱତ ସୃଷ୍ଟିରେ ପ୍ରୟୋଗ କରିଛନ୍ତି । ତାହା ହେଉଛି ଓଡ଼ିଆ ଭାଷାର ନିଜସ୍ୱ ଢଗଢମାଳି, ରୂଢ଼ି ପ୍ରୟୋଗ, ହାସ୍ୟପରିହାସ, ବ୍ୟଙ୍ଗୋକ୍ତି, କଟୁକ୍ତି ଇତ୍ୟାଦି, ଇତ୍ୟାଦି । ମୋଟ ଉପରେ କହିଲେ ଏହିସବୁ ବ୍ୟଙ୍ଗଭରା ପଲ୍ଲୀକବିତା ଅନ୍ୟ କୌଣସି

ISSN NO.
2582-208X

ଆଞ୍ଚଳିକ ଭାଷାରୁ କିମ୍ବା ପ୍ରାଚୀନ ସଂସ୍କୃତ ଭାଷାରୁ ସଂଗୃହୀତ ନୁହେଁ କି ଅନୁବାଦିତ ନୁହେଁ। ଏହା ହେଉଛି ଉତ୍କଳୀୟମାନଙ୍କର ନିଜ ଅନ୍ତରର ଅନୁଭୂତିସିଦ୍ଧ ଅଭିବ୍ୟକ୍ତି ।

ବସ୍ତୁତଃ ଓଡ଼ିଶା ଭଳି କୃଷିପ୍ରଧାନ ରାଜ୍ୟରେ ଅନେକ ଆଞ୍ଚଳିକ ଭାଷାର ପ୍ରଚଳନ ହୋଇଥାଏ ଏବଂ ଏହି ପ୍ରାନ୍ତୀୟ ଭାଷାରେ ଅନେକ ପଲ୍ଲୀ କବିତା ମଧ୍ୟ ସୃଷ୍ଟି ହୋଇଛି । ଯଥା- ଆଦିବାସୀ ଗୀତ ଜାଇଫୁଲ, ବଉଳ, ବୋଲେହୁଁଟି, ସମ୍ବଲପୁରୀ ଭାଷାରେ ରସରକେଲୀ, ରଙ୍ଗବତୀ, ଡାଲ୍‌ଖାଇ ଆଦି ବେଶ୍ ଲୋକପ୍ରିୟ ଲୋକଗୀତ ଭାବେ ଜଣାଶୁଣା। ଯଦିଓ ଏହା ବ୍ୟତିରେକ ଉତ୍କଳୀୟଙ୍କର ଜାତୀୟ ପର୍ବ ରଜର ମାହାତ୍ମ୍ୟ ବେଶ୍ ଜନାଦୃତ ଓ ମନୋରଞ୍ଜନ ଧର୍ମୀ । ଏହା କହିବାର ଉଦ୍ଦେଶ୍ୟ ହେଲା ଗରପର୍ବ ରଜ ହେଉଛି ଉତ୍କଳୀୟଙ୍କର ନିଜସ୍ୱ ପର୍ବ । ଭାରତବର୍ଷରେ ଅନ୍ୟ କୌଣସି ରାଜ୍ୟରେ ରଜପର୍ବ ପାଳନ କରାଯାଏନାହିଁ ।

ପ୍ରାୟତଃ ରଜପର୍ବରେ ଗାନ କରାଯାଉଥିବା ରଜଦୋଳି ଗୀତ ରଜପର୍ବର ମନୋଜ୍ଞ ଦୃଶ୍ୟପଟକୁ ଦ୍ୱିଗୁଣିତ କରିଥାଏ । ବିଶେଷ କରି ପଲ୍ଲୀ ଲଳନାମାନଙ୍କ ମୁଖନିସୃତ ସାବଲୀଳ ରଜଦୋଳି ଗୀତର ପଂକ୍ତି ମଧୁରିମାର ତାଳେ ତାଳେ ନିଦାଘ ଜନିତ ପଲ୍ଲୀ ପ୍ରାଣରେ ଉଷତର ଉଲ୍ଲୋଳ ଉପଲବ୍ଧ କରାଇଥାଏ ଏହି ରଜଦୋଳି ଗୀତ । ଉଦାହରଣ ସ୍ୱରୂପ-

"ବନସ୍ତେ ଡାକିଲାଗଜ, ବରଷକେ ଥରେ
ଆସିଛି ରଜଲୋ, ଘେନି ହୁଏ ସଜବାଜ ।"

ପୁନଃ- "ରାଶିରୁ ଛାଡ଼ିଲା ଚୋପା, ଗୋଡ଼ରେ ନାଇଛୁ ସରୁ ଅଳତାଲୋ, ମଥାରେ ସିନ୍ଦୂର ଟୋପା ।"

ପ୍ରକୃତ କଥା ହେଲା, ଏହି ରଜଦୋଳି ଗୀତର ମଧୁରସକୁ ହୃଦୟଙ୍ଗମ କରି ଗୀତିକବିତାଟି ସୃଷ୍ଟି କରିଥିବା ରଚୟିତାଙ୍କୁ ବା କବିଙ୍କ ପ୍ରଖର ଓ ଧୂଷଣା ଶକ୍ତିକୁ ଶତକୋଟି ପ୍ରଣାମ ଜଣାଇବା ଉଚିତ । କାରଣ ଏପରି କ୍ଷେତ୍ରେ କବିଙ୍କ ଅନୁଭୂତିସିଦ୍ଧ ସହଜ ଓ ସୁନ୍ଦର ଅଭିବ୍ୟକ୍ତିକୁ ଯେତେ ସାଧୁବାଦ ଜଣାଇଲେ ବି ଏମାନଙ୍କ ସାରସ୍ୱତ ଦୃଷ୍ଟିକୋଣ ନିକଟରେ ସବୁ ଭୂୟସୀ ପ୍ରଶଂସା ଫିକା ପଡ଼ିଯିବ ବା ନିଅଣ୍ଟ ମନେହେବ ।

ISSN NO.
2582-208X

ସ୍ୱାଭାବିକ ଭାବେ କହିବସିଲେ, ପଲ୍ଲୀକବି ଓ କବୟତ୍ରୀମାନେ ଯେଉଁସବୁ ପଲ୍ଲୀ କବିତା ବା ଲୋକଗୀତ ରଚନା କରିଯାଇଛନ୍ତି । ତାହା କେବଳ ଗ୍ରାମ୍ୟ ଦୃଶ୍ୟାବଳୀ, ଅଙ୍ଗେନିଭାଇଥିବା ଅନୁଭୂତି ଏବଂ କର୍ଣ୍ଣରେ ଶୁଣିଥିବା ବା କଥୋପକଥନକୁ ନେଇ ଆଧାରିତ। ଅର୍ଥାତ୍ ପ୍ରତ୍ୟେକ ଲୋକଗୀତର ବା ପଲ୍ଲୀଗୀତର ବିଷୟବସ୍ତୁ ହେଲା, ପଲ୍ଲୀ ଜୀବନର ନିଛକ ଛବି ଓ ତା'ର ପରିଭାଷା । ଫଳତଃ ଉତ୍କଳୀୟ ସଂସ୍କୃତିରେ ବେଶ୍ ଜନପ୍ରିୟ ଲୋକଗୀତ ମଧ୍ୟରେ କେବଳ ପରିପୂରିତ ହୋଇ ରହିଛି ପଲ୍ଲୀବାସୀଙ୍କ ଟାହିଟାପରା, ରାଗରୁଷା, ମାନ ଅଭିମାନ, ଆଚରଣ ଓ ଉଚ୍ଚାରଣର ଜ୍ୱଳନ୍ତ ଚିତ୍ରଣ । ଉଦାହରଣ ସ୍ୱରୂପଃ-

"ପୋଖରୀ ତୁଠ ପଥର
ତୋତେ ଦେଖିଥିଲି ବାଲି
ବନ୍ଦରରେ, ଆଖିଥିଲା ଏଣେ ତୋର ।"

ପୁନଃ- "ଦୋଳି ହୁଏ ରଟରଟ, ମୋ ଭାଇ ମୁଣ୍ଡରେ ସୁନା ମୁକୁଟଲୋ, ଦିଶୁଥାଏ ଝକଝକ।"

ଏହି ଦୁଇ ପଂକ୍ତିରେ ପ୍ରଥମ ପଂକ୍ତିଟି ଗ୍ରାମ୍ୟ ଦୃଶ୍ୟରାଜିର ବର୍ଣ୍ଣନା କରୁଥିବାବେଳେ ଦ୍ୱିତୀୟ ପଂକ୍ତିଟି ରଜଦୋଳିର ସ୍ୱଭାବକୁ ବର୍ଣ୍ଣନା କରୁଛି । ଯାହାର ମଧୁରତ୍ୱକୁ ଜଣେ ସାଧାରଣ ବ୍ୟକ୍ତିବିଶେଷ ପକ୍ଷେ ଅଭିବ୍ୟକ୍ତ କରିବା ଅସମ୍ଭବ ଅଟେ ।

କେବଳ ରମଣୀୟ ପଲ୍ଲୀ ଦୃଶ୍ୟପଟକୁ ଓ ବ୍ୟକ୍ତିଗତ ସମ୍ପର୍କକୁ ଆଧାର କରି କବି ଓ ଲେଖକମାନେ ଲୋକଗୀତ ରଚନା କରିନାହାଁନ୍ତି । ଏପରିକି ହୋଇଛି ସାଧାରଣ କୃଷି ଉତ୍ପାଦିତ ଫସଲ (ଯଥା- ପନିପରିବା, ଗୋପାଳନ, ଘାସ, ପୋଖରୀତୁଠ, ବଣ, ଜଙ୍ଗଲ, ପଶୁପକ୍ଷୀ ଆଦିକୁ କେନ୍ଦ୍ରକରି କବି ଓ ଲେଖକ ସୃଷ୍ଟି କରିଯାଇଛନ୍ତି କାଳଜୟୀ ପଲ୍ଲୀଗୀତ । ସାଧାରଣ କଅଁଳ କାକୁଡ଼ିଟିଏ, କଇଆଁ ପତ୍ରଟିଏ, କାଙ୍କଡ଼ ଓ କଖାରୁ ଫୁଲ ଇତ୍ୟାଦି ମଧ୍ୟ ପଲ୍ଲୀ ସଙ୍ଗୀତରୁ ବାଦ୍ ଯାଇନି । ବରେଣ୍ୟ କବି ଓ ଲେଖକବୃନ୍ଦ ଏହିସବୁ ପଦାର୍ଥର ବ୍ୟାବହାରିକ ଗୁଣବତ୍ତା ତଥା ପ୍ରୟୋଗାତ୍ମକ ମାନକୁ ନିର୍ଦ୍ଧାରଣ କରି ଗତାନୁଗତିକ ବ୍ୟଙ୍ଗ ରୀତିରେ ଏହାର ଉପକାରିତା ଓ ଅପକାରିତାକୁ ବର୍ଣ୍ଣନା କରି ଅମର ହୋଇଯାଇଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

ISSN NO.
2582-208X

ଏଇ ଯେମିତି ଜଣେ ବରେଣ୍ୟ କବି କରମଙ୍ଗାକୁ କେନ୍ଦ୍ର କରି ରଚନା କରିଥିବା ପଂକ୍ତିଟିଏ-

"କରମଙ୍ଗା କଲି ରାଇ, କ'ଣ ନକଲେ କଳା
କହ୍ନାଇଲୋ, କଣ୍ଟ ଦେଇଗଲା ନାହିଁ ।"

ପୁନଶ୍ଚ ଏବେକାର ଜଣେ ଆଗଧାଡ଼ିର କବି ଭାବେ ଜଣାଶୁଣା ଶ୍ରୀଯୁକ୍ତ ପ୍ରାଣବନ୍ଧୁ ମିଶ୍ରଙ୍କ ଦୋଳି ଗୀତରେ କାକୁଡ଼ି ଓ ସାରୁକୁ ଆଧାରା କରି ରଚିତ ପଂକ୍ତି । ଯଥା-

"କଅଁଳ କାକୁଡ଼ି କଷି
ଆଖିଠାର ଦେଲା ଯୁବା ବୟସୀ
ଯୁବା ବୟସୀଲୋ, ମୋ ମନ ରହିଲା ରସି ।"
"ସାରୁ ବୁଦା ମୂଳେ ବେଙ୍ଗ
ଯେତେ ଲୁଚାଇଲେ ନ ଲୁଚେ ଠେଙ୍ଗ
ନ ଲୁଚେ ଠେଙ୍ଗଲୋ, ଅଷ୍ଟ ମୂଳଖିଆ ଚେଙ୍ଗ ।"

ଏମିତି ଦେଖିବାକୁ ଗଲେ, ରଜଦୋଳି ବିଷୟବସ୍ତୁ ଉପରେ ଅଧିକରୁ ଅଧିକତର ବିଶ୍ଳେଷଣ କରିବା ପୂର୍ବରୁ ପ୍ରଥମେ ଆମ ସଂସ୍କୃତି ଓ ଆମ ପରମ୍ପରାର ଅସ୍ମିତା ରୂପେ ବିବେଚିତ ରଜପର୍ବ ବିଷୟରେ ସମ୍ୟକ୍ ସାରଗର୍ଭକ ଧାରଣା ଉପସ୍ଥାପନ କରିବା ଅତ୍ୟନ୍ତ ବିଧେୟ ।

ମୂଳତଃ ଆମ ଓଡ଼ିଶାରେ ପ୍ରଚଳିତ ବହୁଧା ପାରମ୍ପାରିକ ପର୍ବପର୍ବାଣୀ ମଧ୍ୟେ ଆମ ସଂସ୍କୃତି ଓ ପରମ୍ପରା ପ୍ରତିଭାତ ହୋଇଥାଏ । ଅର୍ଥାତ୍ ପ୍ରଚଳିତ ପର୍ବପର୍ବାଣୀହିଁ ଆମ ଉତ୍କଳୀୟ ସଂସ୍କୃତିକୁ ପୂର୍ଣ୍ଣମାତ୍ରାରେ ଉଜ୍ଜିବୀତ କରିଥାଏ । ଆହୁରି ମଧ୍ୟ ଦେଖିବାକୁ ମିଳେ ଯେ, ଓଡ଼ିଶା ଲୋକସଂସ୍କୃତିରେ "ବାର ମାସରେ ତେର ପର୍ବ" ପାଳନର ବିଧି ବ୍ୟବସ୍ଥା ଏବଂ ଯାହାର ପ୍ରକୃତ ଭିତ୍ତିଭୂମି ହେଲା କୃଷି । ଏହି କାରଣରୁ ଓଡ଼ିଶାରେ ଗତାନୁଗତିକ ଭାବେ ପ୍ରଚଳିତ ହୋଇଆସୁଥିବା ପର୍ବପର୍ବାଣୀ ଓଡ଼ିଶାର ନିଜସ୍ୱ ସଂସ୍କୃତିର ପରିଚାୟକ ଅଟେ ।

ପୁନଶ୍ଚ ଯେତେସବୁ କୃଷିଭିତ୍ତିକ ପର୍ବ ଓଡ଼ିଶାର ପୁରପଲ୍ଲୀଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ତନ୍ମଧ୍ୟରୁ ଜାତୀୟପର୍ବ ରଜ ଅନ୍ୟତମ ଓ ଶ୍ରେଷ୍ଠ । ତତ୍‌ସହିତ ଗଣପର୍ବରଜ ଅନ୍ୟତମ ଓ ଶ୍ରେଷ୍ଠ । ତତ୍ ସହିତ ଗଣପର୍ବ ରଜ ଓଡ଼ିଶାର ନିଜସ୍ୱ ପର୍ବ । ମୋଟ ଉପରେ କହିଲେ, ଏହି ପର୍ବର ନିଆରାପଣ ହିଁ ରାଜକୁ ଅନ୍ୟ ପର୍ବପର୍ବାଣୀଠାରୁ

ISSN NO.
2582-208X

ସମ୍ପୂର୍ଣ୍ଣ ଭିନ୍ନ କରି ଗଢ଼ିତୋଳିଛି । କେବଳ ରଜ ଏକ ସମୁଦାୟ ଭିତ୍ତିକ ପର୍ବ ନୁହେଁ । ଏହାର ପ୍ରକୃତ ବୈଶିଷ୍ଟ୍ୟ ହେଲା, ଏହା ଏକ ଗଣପର୍ବ । ପଲ୍ଲୀଠାରୁ ସହର ପର୍ଯ୍ୟନ୍ତ ରଜପର୍ବର ଦବଙ୍ଗନୀତି ବେଶ୍ ଲୋକପ୍ରିୟତା ହାସଲ କରିଆସିଛି ।

ପ୍ରାୟତଃ ଗଣପର୍ବ ରଜ ଦୀର୍ଘ ତିନିଦିନ ବ୍ୟାପି ଜ୍ୟେଷ୍ଠ ମାସରେ ପାଳିତ ହୋଇଥାଏ । ଏହି ପର୍ବର ପ୍ରାରମ୍ଭିକ ଦିବସ ହେଲା, ପ୍ରତିବର୍ଷ ଜୁନ୍ ୧୪ ତାରିଖ ପ୍ରଥମ ରଜର ଆରମ୍ଭ । ୧୪ ଜୁନ୍‌ରେ ଏବଂ ମିଥୁନ ସଂକ୍ରାନ୍ତିରେ ବା ରଜ ସଂକ୍ରାନ୍ତିରେ ଦ୍ୱିତୀୟ ଓ ତାପରଦିନ ଶେଷରଜ ପାଳିତ ହୋଇଥାଏ । ରଜ ତିନିଦିନ ପରେ ଅନୁଷ୍ଠିତ ହୋଇଥାଏ ବସୁମତୀ ସ୍ନାନ । ଉକ୍ତ ବସୁମତୀ ସ୍ନାନ ଦିନ ରଜସ୍ୱଳା ଧରଣୀ ମାତାର ପୂଜାର୍ଚ୍ଚନା କରାଯାଇଥାଏ ।

ଶାସ୍ତ୍ର କହେ, ଗାଆଁରୁ ସହର ପର୍ଯ୍ୟନ୍ତ ପ୍ରାୟତଃ ଆବାଳ ବୃଦ୍ଧ ବନିତା କର୍ମରୁ ବିରତ ନେଇ ମହାଆଡ଼ମ୍ବରରେ ରଜପର୍ବକୁ ପାଳନ କରିଥା'ନ୍ତି । ଏପରିକି ଉକ୍ତ ଦିବସଗୁଡ଼ିକରେ ଭୂମିକର୍ଷଣ ବିବର୍ଜିତ ଅଟେ । ଝିଅ ଓ ବୋହୂମାନଙ୍କୁ ଗୃହକର୍ମ କରିବାକୁ ବାରଣ କରାଯାଏ । ପନିପରିବା କାଟିବା ତ ପାପ ବୋଲି ଧରାଯାଏ । ଏହି ପ୍ରସଙ୍ଗରୁ ଅନୁମିତ ହୁଏ ଯେ, ଗଣପର୍ବ ରଜର ବିଶେଷତ୍ୱ ହେଲା, କେବଳ ମଉଜ ମଜଲିସ୍ କରିବା, ସୁଆଦିଆ ପିଠା ପଣା ଖାଇବା, ଯାନିଯାତ୍ରା ଦେଖିବା, ନୂତନ ବସ୍ତ୍ର ପରିଧାନ କରିବା, ତୀର୍ଥ ପର୍ଯ୍ୟଟନ କରିବା, ଦୋଳି ଖେଳିବା, କବାଡ଼ି, ତାସ୍, ପଶା ଖେଳିବା, ହସ କଉତୁକରେ ରଜ ତିନିଦିନ ଅତିବାହିତ କରିବା । ସୁତରାଂ ଓଡ଼ିଶାର ନିଜସ୍ୱ ପର୍ବ ରଜ ଏକ ମନୋରଞ୍ଜନ ଧର୍ମୀ ପର୍ବ ଅଟେ ।

ଆହୁରି ମଧ୍ୟ ଓଡ଼ିଶାର ଅସ୍ମିତା ରୂପେ ସୁପରିଚିତ ରଜପର୍ବରେ 'ପାନ'ର ମାହାତ୍ମ୍ୟ ବେଶ୍ ଅଧିକ । 'ରଜପାନ' ବିନା ରଜପର୍ବ ଅଧୁରା କୁହାଯାଏ । କାରଣ 'ପାନ' ଆଦାନ ପ୍ରଦାନ ହେଉଛି ଉତ୍କଳୀୟ ସଂସ୍କୃତିର ଏକ ମହାନ ତଥା ନିଆରା ପରମ୍ପରା । କାହିଁକିନା ଭାବର ଆଦାନ ପ୍ରଦାନ- କ୍ଷେତ୍ରେ 'ପାନ' ଏକ ନିର୍ଣ୍ଣାୟତ୍ମକ ଭୂମିକା ନିର୍ବାହ କରିଥାଏ । ତତ୍ ସହିତ ଏହି ପର୍ବର ମୁଖ୍ୟ ଆକର୍ଷଣ ହେଲା ରଜ ପୋଡ଼ପିଠା । ଓଡ଼ିଶାର ଇଷ୍ଟଦେବ ଜଗତର ନାଥ ଶ୍ରୀଜଗନ୍ନାଥଙ୍କର ଅତ୍ୟନ୍ତ ପ୍ରିୟ ପିଠା ହେଲା 'ପୋଡ଼ପିଠା' ।

ମୋଟ ଉପରେ କହିଲେ ଗଣପର୍ବ ରଜ ହେଉଛି ସଜବାଜ ତଥା ପ୍ରୀତି ପାର୍ବଣର ପର୍ବ । ଆଉ ବନ୍ଧୁମିଳନ ରଜପର୍ବର ଅନ୍ୟ ଏକ ଦୁର୍ଲଭ ବିଶେଷତ୍ୱ । ଓଡ଼ିଶାରେ ଏହି ପର୍ବକୁ

ISSN NO.
2582-208X

ନାରୀମାନଙ୍କର ପର୍ବ ବୋଲି କୁହାଯାଏ । ଏପରି ବିବେଚନା କରିବା ପଛରେ ଅନେକ କାରଣ ରହିଥିଲେହେଁ ସବୁଠାରୁ ମଜାର କଥା ହେଲା, ପଲ୍ଲୀ ଲଳନା ତଥା ପଲ୍ଲୀ ବଧୂମାନଙ୍କର ସୁଲଳିତ କଣ୍ଠରୁ ଝଙ୍କୃତ ମନମତାଣିଆ ଗୀତର ନିନାଦର ତାଳେ ତାଳେ ରଜଦୋଳିଖେଳ ଜନମାନସକୁ ବେଶ୍ ଭାବବିହ୍ୱଳିତ କରିଥାଏ । କାରଣ ଏକମାତ୍ର ପ୍ରସଙ୍ଗକୁ ଆଧାର କରି ରଜଦେଳି ଗୀତ ରଚିତ ହୋଇନଥାଏ । ସମାଜର ନାନାବିଧ ପ୍ରସଙ୍ଗ ହେଉଛି ରଜଦୋଳି ଗୀତର ଆଧାରଶୀଳା । ଏହି ପରିପ୍ରେକ୍ଷୀରେ ଏତିକି କୁହାଯାଇପାରେ ଆଶୁ କବି ଓ ଲେଖକମାନେ ରଜଦୋଳି ଗୀତର ବାସ୍ତବ ରୂପାୟନ କଲା ପୂର୍ବରୁ ପ୍ରଥମେ ସାମାଜିକ ମୂଲ୍ୟବୋଧକୁ ଅନ୍ତରର ସହ ହୃଦୟଙ୍ଗମ କଲାପରେ ନିଜସ୍ୱ ଅଭିବ୍ୟକ୍ତିକୁ ଗୀତ ମାଧ୍ୟମରେ ପ୍ରକାଶ କରିଛନ୍ତି ।

ଯେପରି ଦିଅର ଭାଉଜ ସମ୍ପର୍କ, ଶାଶୁ ବୋହୂଙ୍କର ତିକ୍ତ ସମ୍ପର୍କ, ଅଣପୁରୁଷିଆ ସ୍ୱାମୀର ଚଉତିଶା, ଅନ୍ଧ ସ୍ୱାମୀ, ବୁଢ଼ାବର, ବୟସ୍କ ଅବିବାହିତ ଝିଅର ଚଉତିଶା, ଶଶୁର ବୋହୂର ଥଟ୍ଟା ପରିହାସ, ନଣନ୍ଦ ଭାଉଜ ଝଗଡ଼ା, ଅଜା ଆଈର ସମ୍ପର୍କ ଇତ୍ୟାଦି ଇତ୍ୟାଦି । ବିଶେଷ କରି ଜ୍ୟେଷ୍ଠ ମାସ ହୋଇଥିବାରୁ ଏଇ ସମୟରେ ଭୀଷଣ ଗରମ ଅନୁଭୂତ ହୋଇଥାଏ । ଯଦି ଗରମ ପରିବର୍ତ୍ତେ କୋହଲା ପାଗ ରଜରେ ଅନୁଭୂତ ହୁଏ ତାହାହେଲେ ଏହି ପାଗକୁ କୋହଲା ପାଗ ବା ରଜ ପାଗ ବୋଲି କୁହାଯାଏ । ଯେଉଁ କୋହଲା ପାଗ ଅନୁଭୂତ ହୁଏନାହିଁ ସେହି ବର୍ଷକୁ ରଜପର୍ବ ଅନୁକୂଳ ନୁହେଁ ବୋଲି କୁହାଯାଏ ।

ଆହୁରି ମଧ୍ୟ ଯେଉଁ ବର୍ଷ ରଜ ପାଗ ହୁଏ ସେହିବର୍ଷ ଦୋଳିଗୀତର ନିନାଦ ବେଶ୍ ପ୍ରାଣସ୍ପର୍ଶୀ ହୋଇଥାଏ । ଅର୍ଥାତ୍ ରଜ ତିନି ଦିନ ମେଘୁଆପାଗ ନହେଲେ ରଜପର୍ବ ଆନନ୍ଦଦାୟକ ନହୋଇ ନିରାନନ୍ଦରେ ପରିଣତ ହୋଇଥାଏ । ଏପରି ସ୍ଥଳେ ପଲ୍ଲୀ ଲଳନାମାନେ ରଜଦୋଳି ଖେଳିବା ବେଳେ ଗାଇଉଠନ୍ତି –

"ସଜନୀଲୋ ମଉସୁମୀ ଗଲା ବଦଳି
ସାବଧାନ ଏବେ ନହେଲେ ବାଦଲ
ରଜସଜ ଦେବ ଉଜାଡ଼ି ।"

ପୁନଶ୍ଚ ଓଡ଼ିଶା ସଂସ୍କୃତିର ଅସ୍ମିତା ବୋଲାଉଥିବା ଗଣପର୍ବ ରଜ ହେଉଛି ପ୍ରୀତି ପାର୍ବଣର ମହୋତ୍ସବ । ଯେତେବେଳେ ରଙ୍ଗ ବେରଙ୍ଗର ପୋଷାକ ପରିଧାନ କରି ସୁସଜ୍ଜିତ ଦୋଳିରେ

ISSN NO.
2582-208X

ବସି ପଲ୍ଲୀବାଳାମାନେ ରଜ ଦୋଳି ଗୀତ ଗାନ କରନ୍ତି ସେତେବେଳେ ସେମାନେ ସର୍ବପ୍ରଥମେ ବନ୍ଧୁମିଳନ ଓ ଭାବ ଆଦାନ ପ୍ରଦାନ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଥାନ୍ତି। ଏହି କାରଣରୁ ସେମାନେ ଦୋଳି ଖେଳିଲା ବେଳେ ଖୁସିରେ ଆତ୍ମବିଭୋର ହୋଇଖ କେତେ ଗୁଡ଼ିଏ ମନଛୁଆଁ ପଂକ୍ତିକୁ ବଖାଣି ବସନ୍ତି । ଯଥା-

"ମଇଁଷି ଶିଙ୍ଗରେ ଖସା, ମାଉସୀ ପୁଅଟା ଏଡ଼େ
ସାହାସୀଲୋ, ମୋତେ କଲା ଲୋକହସା ।"
ପୁନଃ- "ଥିରି ଥିରି ଚାଲେ ହାତୀ, ଥୟ ନ ହେଉଛି କି ....
ଛାତିଲୋ, ଥକା ଦୋଳି ହେଲା ରାତି ।"
"ଆମ୍ବପତ୍ର ଗହଳିଆ ପ୍ରୀତିପଙ୍କେ ତୁହିଁ ହେବୁ
ଗୋଳିଆଲୋ, ତୋଫା ହେବନି ଧୂଳିଆ ।"

ଏହି ପରିପ୍ରେକ୍ଷୀ ଓଡ଼ିଶାର ବିଶିଷ୍ଟ ଆଧୁନିକ କବି ଶ୍ରୀଯୁକ୍ତ ପ୍ରାଣବନ୍ଧୁ ମିଶ୍ରଙ୍କ ରଜ ଦୋଳି ଗୀତ ବେଶ୍ ଉପଭୋଗ୍ୟ ଓ ହୃଦୟସ୍ପର୍ଶୀ । ତାଙ୍କ ଭାଷାରେ ରଜ ଦୋଳି ଗୀତ ଏହିପରି । ଯଥା-

"ପଳାଶ ଫୁଟିଲା ବଣେ
ବରଯାତ୍ରୀ ଧରି ଆସିଲା ପଣେ
ଆସିଲା ପଣେଲୋ, ବାହାହେଲା ମାତ୍ର ଜଣେ ।"

ପୁନଃ

"ଶେଯରେ ଶେଯ ମୁତୁରା
ଡାକ ଦେଲା ତୋତେ କେଉଁ ପୁତୁରା
କେଉଁ ପୁତୁରାଲୋ, ତା ଲାଗି ସଫା ସୁତୁରା ।"
"ଧରି ସମୁଦୁଣୀ ହାତ
ବୁଲାଇ ନେଲି ମୁଁ ଚଇତି ଯାତ
ଚଇତି ଯାତଲୋ, ଝିଅ ମନ ଭାରି ଉଷତ ।"

ISSN NO.
2582-208X

କେବଳ ମାତ୍ର ପ୍ରେମ, ପ୍ରୀତି, ପ୍ରଣୟ, ପ୍ରତୀକ୍ଷା, ଯନ୍ତ୍ରଣା, ହାସ୍ୟ ପରିହାସ, ପରନିନ୍ଦା ଇତ୍ୟାଦିକୁ ନେଇ ରଜଦୋଳି ଗୀତ ଲିଖିତ ହୋଇନାହିଁ । ଏସବୁକୁ ବାଦ୍ ଦେଲେ ଆହୁରି ଅନେକ କିଛି ସାମାଜିକ ଅବସ୍ଥା ଓ ବ୍ୟବସ୍ଥା ପ୍ରତ୍ୟାଶା, ଜିଜ୍ଞାସା ଓ ଅନୁଭୂତିରେ ରଜଦୋଳି ଗୀତ ପରିପୂରିତ । ଯେମିତ ଦୋଳି ଖେଳିଲା ବେଳେ ଗରଜିଲା ମେଘକୁ ଦେଖି ଲିଖିତ ରଜଦୋଳି ଗୀତ-

"ଗରଜେ କଳା ବଉଦ, ମୋତେ ତ ବରଷ ହେଲା
ଚଉଦ ଲୋ, ଗଲାଣି ପିଲା ସୁଆଦ ।"
"ଛତୁ ଫୁଟେ ବରଷାରେ, ଛତରଟା କେତେ ଛଇ
ଦେଖାଉରେ, ଅଛି କି ତୋ ଭରସାରେ ।"

ପୁନଃ-

"ଅଦିନେ ପଣସ କଠା, ବଚନରେ ଯାର ନଥାଏ
ମିଠାଲୋ, ସେ'ଟା ବାଡ଼ ଡାକା କଣ୍ଟା ।"
"ବଇଁଶୀ ବାଜିଲେ କୁଞ୍ଜେ, ବଡ଼ କଥା ବଡ଼ ଘରକୁ
ସାଜଲୋ, ଛୋଟ କଲେ ଛାଟ ବାଜେ ।"
ଲାଞ୍ଜ ଟେକିଗଲା ବାଘ, ନଇଁ ଚାଲୁଥିବ ବଡ଼ଙ୍କ
ଆଗଲୋ, ଲାଗିବ ନାହିଁଟି ଦାଗ ।"

ଏହିପରି ଆହୁରି ଅନେକ ପ୍ରକାର ଲୋକଗୀତ ଆମ ଲୋକ ସଂସ୍କୃତିରେ ଉଚ୍ଚାରଣ ହେବାର ଦେଖିବାକୁ ମିଳେ । ଯେପରି ଆମ ଲୋକଗୀତ ପରମ୍ପରାରେ ବାରମାସୀ ପଲ୍ଲୀଗୀତର ମାହାତ୍ମ୍ୟକୁ ବାଦଦେଇ ରଜଦୋଳି ଗୀତର ପରିକଳ୍ପନା କରିବା ଅଭଦ୍ରାମୀ ହେବ ।

ହୁଏତ ଏହି ପରିପ୍ରେକ୍ଷୀରେ ଏପରି ଅଭିବ୍ୟକ୍ତି ପୋଷଣ କରିବା ଆଧିକ୍ୟ ହୋଇପାରେ ବା ଅତିରଞ୍ଜିତ ହୋଇପାରେ । ପରନ୍ତୁ ଓଡ଼ିଶାର କେତେଜଣ କତିପୟ ମହାନ୍ ପଲ୍ଲୀକବି ରଜଦୋଳି ଗୀତରେ ବାରମାସର ବିଶେଷତ୍ୱକୁ ସ୍ମରଣ କରି ବେଶ୍ ପ୍ରଶଂସା ଭାଜନ ହୋଇଛନ୍ତି । ଯଦିଓ ଅଦ୍ୟାବଧି ଲୋକଗୀତ ରଚନା କରି ଯାଇଥିବା ପଲ୍ଲୀକବିମାନଙ୍କର ସ୍ୱତନ୍ତ୍ର ପରିଚୟ କାହାକୁ ଜଣାନାହିଁ । ତଥାପି ସେମାନଙ୍କ ଦ୍ୱାରା ରଚିତ ଲୋକଗୀତରେ

ISSN NO.
2582-208X

ମାଧୁର୍ଯ୍ୟମୟ ଛାନ୍ଦ, ସ୍ୱଚ୍ଛତା ଓ ସ୍ୱଚ୍ଛଳତାପୂର୍ଣ୍ଣ ଜୀବନ ଶୈଳୀ ରଜଦୋଳିକୁ ଜୀବନ୍ତ କରି ଗଢ଼ି ତୋଳିଛି । ଯାହା ସେମାନଙ୍କ ଅନବଦ୍ୟ ସାହିତ୍ୟ ସୃଷ୍ଟିର ଅପୂର୍ବ ପ୍ରତୀକ ।

ଯଦି ପଲ୍ଲୀଗୀତର ଇତିବୃତ୍ତିକୁ ପର୍ଯ୍ୟାଲୋଚନା କରାଯାଏ ତାହାହେଲେ ଅନୁମାନ ଦ୍ୱାରା ଜ୍ଞାତବ୍ୟ ହୁଏ ଯେ, ପ୍ରାୟତଃ ବାରମାସ, କୃଷି ଓ ସାମାଜିକ ଆଚରଣ ଓ ଉଚ୍ଚାରଣ ଉପରେ ପଲ୍ଲୀଗୀତ ପର୍ଯ୍ୟବସିତ । ଏମିତି ମଧ୍ୟ ଦେଖିବାକୁ କେତେକ କ୍ଷେତ୍ରରେ ମିଳେ, ଯଥା ପୁରାଣ, ଦଣ୍ଡଗୀତ, ଜନଜାତିଙ୍କ ଉପରେ ଚିତ୍ରଣ କରାଯାଇଥିବା ଦୃଶ୍ୟରୁହିଁ ପଲ୍ଲୀଗୀତର ସୃଷ୍ଟି । ବିଶେଷ କରି ବାରମାସ ଓ ପୁରାଣ କଥାବସ୍ତୁ ଉପରେ ଆଧାରିତ ପଲ୍ଲୀଗୀତ ବା ଲୋକଗୀତର ଲୋକପ୍ରିୟତା ଆମ ସଂସ୍କୃତି ଓ ଆମ ପରମ୍ପରାର ମାନଦଣ୍ଡ କହି ନିର୍ଭୂଲ ହେବ ।

ଏହି ବାଖ୍ୟା କରିବାର ଉଦ୍ଦେଶ୍ୟ ହେଲା, ଆମ ଜଗନ୍ନାଥ ସଂସ୍କୃତି ବା ଧରାଯାଉ ଆମ ଲୋକସଂସ୍କୃତିରେ ପ୍ରତି ମାସରେ କିଛି ନା କିଛି ପର୍ବ ପର୍ବାଣୀ ଅନୁଷ୍ଠିତ ହୋଇଥାଏ ଏବଂ ଏହାର ଲୋକପ୍ରିୟତାକୁ ହୃଦୟଙ୍ଗମ କରି ଅନୁଭବି କବି ଓ ଲେଖକମାନେ ସୃଷ୍ଟି କରିଯାଇଛନ୍ତି କାଳଜୟୀ ଲୋକଗୀତ ବା ପଲ୍ଲୀ ସଙ୍ଗୀତ । ଏଠାରେ ଯଦି ଜ୍ୟେଷ୍ଠ ମାସରେ ଅନୁଷ୍ଠିତ ପର୍ବ ବିଷୟରେ ବିସ୍ତୃତ ବିବରଣୀ ଉପସ୍ଥାପନା କରାଯାଏ ତେବେ କହିବା ବହୁଲ୍ୟ ଯେ, ଗଣପର୍ବ ରଜକୁ ଛାଡ଼ିଦେଲେ ଆହୁରି ଅନେକ ପର୍ବ ଜ୍ୟେଷ୍ଠ ମାସରେ ପାଳିତ ହୋଇଥାଏ । ଯଥା–ରଥଯାତ୍ରା, ଖଳଲାଗି ଏକାଦଶୀ, ଦେବସ୍ନାନ ପୂର୍ଣ୍ଣିମା, ରୁକ୍ମଣୀ ବିବାହ, ବାହୁଡ଼ା, ଶୀତଳଷଷ୍ଠି, ନେତ୍ରଉତ୍ସବ, ଗଙ୍ଗାଦଶହରା ଇତ୍ୟାଦି ଇତ୍ୟାଦି ।

ସ୍ଥୂଳତଃ ଜ୍ୟେଷ୍ଠମାସରେ ଗଣପର୍ବ ରଜର ଜନପ୍ରିୟତା ଅଧିକ ଥିବାରୁ ରଜ ଓ ରଜଦୋଳି ଉପରେ କବି ଓ ସାହିତ୍ୟିକମାନେ ସବୁଠାରୁ ଅଧିକ ଧ୍ୟାନ କେନ୍ଦ୍ରିତ କରିଛନ୍ତି । ଏଇଥିପାଇଁ ଜ୍ୟେଷ୍ଠମାସକୁ ଆଖି ଆଗରେ ରଖି କବିଙ୍କ ଭାଷାରେ ରଚିତ ହୋଇଛି ପଲ୍ଲୀଗୀତ । ଉଦାହରଣ ସ୍ୱରୂପ–

"ଜ୍ୟେଷ୍ଠ ମାସରେ ବଡ଼ମଉଜ
କେତେ ସଜ ଧରି ଆସିବ ରଜ
ଖେଳିବ ରଜରେ ଦୋଳି
ଖେଳିବ ରଜରେ ଦୋଳି

ISSN NO.
2582-208X

ଭେଦଭାବ ଭୁଲି ସବୁ ଭାଇ ମିଳି
ରଜଦୋଳି ଗୀତ ବୋଲି ।”

ଅନ୍ୟ ଏକ ପଲ୍ଲୀ କବିତା–

“ଘୂରଇ ଶଗଡ଼ ଚକ
ମୋ ଭାଇ ମୁଣ୍ଡରେ ଦୋଳ ମୁକୁଟ
ଦୋଳ ମୁକୁଟଲୋ
ଦିଶୁଥାଏ ଚକ ଚକ ।”
“ନଈକି ମାଇଲି ଗିଲ
ଗିଲ ଚାରିପଟେ ମନ୍ଦାରଫୁଲ
ମନ୍ଦାର ଫୁଲଲୋ,
ଦେଖ ଅଜା ନାତି ଗେଲ ।”

ଅନ୍ୟ ଗୋଟିଏ ରଜଦୋଳି ଗୀତ ହେଲା–

“ବାଲିରେ ପୋତିଲି ବାଲିଖିଆ ମାଛ
ପିମ୍ପୁଡ଼ି ଖାଇଲେ ରସ
ଆସ ଜେମାଦେଈ ବେଦୀରେ ବସ
ରାମ ଯିବେ ବନବାସ ।”

ପୁନଃଶ୍ଚ ଜ୍ୟେଷ୍ଠ ମାସରେ ଆଦ୍ୟ ଆଷାଢ଼ର ପ୍ରଭାବରେ ପ୍ରଚୁର ପରିମାଣରେ ବିଭିନ୍ନ ପ୍ରକାର ଫୁଲ ଫଳ ଉପଲବ୍ଧ ହୋଇଥାଏ । ଏହା ଉପରେ ମଧ୍ୟ କବିମାନେ ପଲ୍ଲୀଗୀତ ରଚନା କରିବାକୁ କୁଣ୍ଠାବୋଧ କରିନାହାନ୍ତି । ଆହୁରି ମଧ୍ୟ ଶଂସିତ ସମୟରେ ଆମ୍ବ, ପଣସର ସମ୍ଭାର ଆଶୁ କବିମାନଙ୍କୁ ପଲ୍ଲୀ କବିତା ସୃଷ୍ଟି କରିବାକୁ ଉତ୍ସାହିତ କରିଥିଲା । ଏପରି ସ୍ଥଳେ ଅନେକ ପ୍ରଥିତଯଶା କବିମାନେ ଲୋକଗୀତ ରଚନା କରି ପ୍ରଶଂସାର ପାତ୍ର ହୋଇଛନ୍ତି ।

ଉଦାହରଣ ସ୍ୱରୂପ–

“ପାଚିଲା ଆମ୍ବ ପଣସ

ISSN NO.
2582-208X

ଦିଗ ଚହଟାଏ ମଲ୍ଲୀର ବାସ
ମଲ୍ଲୀର ବାସଲୋ
ସବୁରି ମନ ହରଷ ।” ଇତ୍ୟାଦି ଇତ୍ୟାଦି

କହିବା ହୁଏତ ଆଧିକ୍ୟ ହୋଇପାରେ । ପରନ୍ତୁ ଏହାକୁ ପ୍ରକାଶ୍ୟ ନକଲେ ସବୁ ଅଧୁରା ରହିଗଲା ବୋଲି ମନେ ହେବ । ଏହି ପରିପ୍ରେକ୍ଷୀରେ ପ୍ରାକ୍ ସ୍ୱାଧିନତାବେଳେ ଭାରତରେ ଅନେକ ଲୋକଗୀତ ସର୍ଜନାକାରୀ କବି ଓ ଲେଖକମାନେ ଥିଲେ । ଯେଉଁମାନଙ୍କର ସୀମାହୀନ ଧି ଓ ଧିଷଣା ଶକ୍ତି ତଥା ଦକ୍ଷତା ବଳରେ ପରାଧିନ ଭାରତର ଅର୍ଥାବସ୍ଥା ତଥା ସାମାଜିକ ବ୍ୟବସ୍ଥାକୁ ଆଖି ଆଗରେ ରଖି ଏମାନଙ୍କ ଦ୍ୱାରା ଅହେତୁକ ଲୋକଗୀତ ପୁରପଲ୍ଲୀରେ ରଚିତ ହୋଇଥିଲା । ଯଥା– ସ୍ୱର୍ଗତ ଗଣକବି ବୈଷ୍ଣବ ପାଣି, ବ୍ରଜବାସୀ ଦାସ, ବୈଷ୍ଣବ ଚରଣ ଦାସ, ଲାଲା ଗୋପୀନାଥ ଚାନ୍ଦ, ଇତ୍ୟାଦି ଇତ୍ୟାଦି । ଏମାନଙ୍କ ମଧ୍ୟରୁ ଜଣେ ଆଶୁ କବି ହିସାବରେ ଗଣକବି ବୈଷ୍ଣବ ପାଣି ଥିଲେ ଶ୍ରେଷ୍ଠ ଓ ଅନନ୍ୟ । ତାଙ୍କ ଦ୍ୱାରା ରଚିତ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଲୋକଗୀତ ବା ପଲ୍ଲୀଗୀତ ତତ୍କାଳୀନ ସମାଜରେ ଆଲୋଡ଼ନ ସୃଷ୍ଟି କରିଥିଲା ।

ଏହି ବିଷୟବସ୍ତୁକୁ ଆଧାର କରି ଅଧୁନା ଅନୁଗୁଳ ମାଟିରେ ଜନ୍ମିତ ଶ୍ରୀଯୁକ୍ତ ଧୀରେନ୍ କୁମାର ମିଶ୍ରଙ୍କର ରଜଦୋଳି ଗୀତର ପଟ୍ଟାନ୍ତର ନାହିଁ କହିଲେ ଚଳେ । ତାଙ୍କ ରଚିତ ରଜଦୋଳି ଗୀତର ଛତ୍ରେ ଛତ୍ରେ ପରିଦୃଷ୍ଟ ଦେଉଛି ଗ୍ରାମ୍ୟ ଜୀବନର ନିଆରା ଓ ଆକର୍ଷଣୀୟ ଦୃଶ୍ୟରାଜି ଓ ସାମାଜିକ ମୂଲ୍ୟବୋଧର ମାନଚିତ୍ର ମାନଦଣ୍ଡ ତଥା ହୃଦଗ୍ରାହୀ ଢଙ୍ଗଢାଙ୍ଗ ।

ଅତଏବ ବର୍ତ୍ତମାନ ମଧ୍ୟ ଇଣ୍ଟରନେଟ୍ ଯୁଗରେ ପାଦଥାପି ଆଗକୁ ଆଗକୁ ମାଡ଼ିଚାଲିବାକୁ ପ୍ରତିଶୃତିବଦ୍ଧ ଯୁବଗୋଷ୍ଠୀ ତଥା ଯୁବ ସାହିତ୍ୟିକମାନେ ଆମ ପରମ୍ପରା ଓ ଆମ ସଂସ୍କୃତିରେ ଗଭୀର ପ୍ରଭାବ ଓ ଅନୁଭୂତିରେ ଗହଳ ଛାପ ପକାଇଥିବା ପଲ୍ଲୀଗୀତର ପ୍ରଚଳନ ଏବେ ମଧ୍ୟ ଲୋକପ୍ରିୟତାର ଶୀର୍ଷରେ ଅଛି ଏବଂ ଆଗକୁ ମଧ୍ୟ ଏହା ବଳବତର ରହିବ କାରଣ ପ୍ରତ୍ୟେକ ସର୍ଜନାକାରୀଙ୍କ ଅନ୍ତରଆତ୍ମାରେ ପରିସ୍ଫୁରିତ ହୋଇ ରହିଛି ଆଦିମାନବ ସୁଲଭ ଗୁଣ । ଯଥା–ମାନବୀୟ ପ୍ରେମ, ଦୟା, କ୍ଷମା, ରୁଚି, ରୀତି, ଦୋଷ ଦୁର୍ବଳତା ।

ISSN NO.
2582-208X

ଅତଃ ଉପରସ୍ଥ ପ୍ରସଙ୍ଗ ଅନୁଯାୟୀ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ପ୍ରଥମ ପରିଚୟ ହେଲା, ଏହାର ପଲ୍ଲୀ ଗୀତ । ଆଉ କାହିଁ କେଉଁ ଆବାହମାନ କାଳରୁ ଆମ ସଂସ୍କୃତି ଓ ପରମ୍ପରା ଏହାରି ଉପରେ ପର୍ଯ୍ୟବସିତ । ଆଜିବି ସମଗ୍ର ଓଡ଼ିଶାରେ ପଲ୍ଲୀଗୀତ ମାଦକଭରା ପରମ୍ପରା ବଜାୟ ରହିଛି ଏବଂ ଏଥିରୁ ଉତ୍ପନ୍ନ ଅନେକ ବ୍ୟଙ୍ଗ, ବିଦ୍ରୁପ, ଥଟ୍ଟା ତାମସା, ଆରୋପ ପ୍ରତ୍ୟାରୋପ, ଢଗଢମାଳି, ରୁଢ଼ିପ୍ରୟୋଗ, ଚୁଗୁଲୀ, ହାସ୍ୟ ପରିହାସ, ଅଳଙ୍କାର ଆମ ଗର୍ବିତ ଓଡ଼ିଶାର ମୂଳ ସଂସ୍କୃତିର ପରିଚାୟକ ଅଟେ କହିଲେ ନିଃସନ୍ଦେହ । ଏଥିରେ ତିଳେମାତ୍ର ସନ୍ଦେହ କରିବାର ଅବକାଶ ନାହିଁ ।

(((-)))

ଶେଖବଜାର (ନିୟୁ କଲୋନୀ), କଟକ
ମୋବାଇଲ୍ : ୮୮୯୫୫୯୩୮୭୫

ISSN NO.
2582-208X

# ଛକ ଶୂନ



ଡ଼ଃ ଅନୁପମା ବିଶ୍ୱାଳ

ଛକି ଶୂନ ଅଟେ ମଣିଷ ଜୀବନ
କେବେ ହାରେ କେବେ ଜିତେ
ହାରିବା ଭିତରେ ଜିତି ଯାଏ କେବେ
ଜିତି ପୁଣି ହାରେ କେତେ ।

ଶୈଶବେ ଆରମ୍ଭ ଜୀବନ ପ୍ରକ୍ରିୟା
ମୃତ୍ୟୁରେ ହୁଅଇ ଶେଷ
ଶୂନ୍ୟତା ମଧ୍ୟରେ ପୂର୍ଣ୍ଣତା ଲଭଇ
ପୂର୍ଣ୍ଣରେ ଶୂନ ଅଶେଷ ।

କେବେ ଚିହ୍ନା ଲୋକ ହୋଇଯାଏ ପର
ଅଚିହ୍ନା ହୁଏ ନିଜର
ସତ କହିବାକୁ ଅନ୍ୟକୁ ଶିଖାଇ
ମିଛେ ଲୁଚାଏ ପୟର ।

କ୍ଷୀଣ ନଇ ଧାର ହୋଇ ବହେ କେବେ
କେବେ ଜୀବନ ଝଙ୍କାର
ମର୍ମାହତ କେବେ ଝଡା ପତରରେ
ଶୋଭା କେବେ ପଲ୍ଲବର ।

ISSN NO.
2582-208X

ଛକି ଓ ଶୂନର ଖେଳର ମଧ୍ୟରେ
ଛଂଦିତ ହୁଅଇ ମନ
ହାରଜିତ ସବୁ ସମୟ ଚକ୍ରରେ
ଦିଅନ୍ତି ତାକୁ ସମ୍ମାନ ।

(((-)))

ସମ୍ବଲପୁର
ମୋ: ୭୯୭୮୫୬୮୩୨୨

ISSN NO.
2582-208X

# ଅଟ୍ଟହାସ !



ଅଜିତ କୁମାର ରାଉତ

କିପରି  ସମାଜ
ନିର୍ମିତ ହେଉଛି ,
କରୁ ଅଛି ପରିହାସ !
ପଢ଼ନ୍ତୁ ସନ୍ତାନେ
ଓଡ଼ିଆ କହିଲେ,
କରୁଛନ୍ତି ଅଟ୍ଟହାସ !!
ମାତୃଭାଷା ଶିକ୍ଷା
କରେ ତିରସ୍କାର
କିପରି ଜ୍ଞାନ ପାଇଛି !
କେଉଁ ଜ୍ଞାନ ବଳ
ହୃଦେ ରଖି ଅଛି
ସମାଜ ତାକୁ ହସୁଛି !!
ଭାଷାର ମହତ୍ତ୍ୱ
ବୁଝେ ନି ଜୀବନେ
ଜନନୀ ଭାଷା ଭୁଲୁଛି ,
ରକ୍ଷା କି କରିବ
କିପରି କହରେ
ଶିକ୍ଷାର ଜ୍ଞାନ ଦେଉଛି !!
ଭାଷା ଶିକ୍ଷା ଯୋଗୁଁ

ISSN NO.
2582-208X

ଶିକ୍ଷକ ହୋଇଛି
ସନ୍ତାନେ ଶିକ୍ଷା ଇଂରାଜୀ !
କହିବା କି ଜ୍ଞାନୀ
ଓଡ଼ିଆ ସମାଜେ
ଯନ୍ତ୍ରଣା ଦେଉଛି ଆଜି !!
ଓଡ଼ିଆ ଭରସା
ତୁମେ ଜଗନ୍ନାଥ
ଶିକ୍ଷିତଙ୍କୁ ପ୍ରଭୁ ଦେଖ !
ହସ୍ତେ ଯାର ଅଛି
ଭାଷା ଶିକ୍ଷା ଜ୍ଞାନ
ସେହୁ ହେଉଛି ବିମୁଖ !!

(((-)))

ସଭାପତି, ଉତ୍କଳ ସମ୍ମିଳନୀ ଷଢ଼େଇକଳା ଖରସୁଆଁ ଜିଲ୍ଲା
ରାଜନଗର ବ୍ଲକ ଶାଖା, ଝାଡ଼ଖଣ୍ଡ/ମୋ:– ୬୨୦୫୩୪୩୫୬୯

ISSN NO.
2582-208X



# ଆଶା



ଅଲେଖ ମେହେର (ଯାଯାବର)

ଆଶା ମରୁଭୂମି ସପନ ତଟିନୀ
ସାକ୍ଷାତେ ଗ୍ରୀଷ୍ମ ନିଦାଘ,
ହନ୍ତସନ୍ତ କରି ପରାଣ ଛଡାଏ
ଅରଣ୍ୟେ ଯେସନେ ବାଘ।
ପ୍ରୀତି ମଉସୁମୀ କାହିଁ କେତେଦୂରେ
ନାହିଁ ତାର ପଦ ଚିହ୍ନ,
ଏଇନେ ଆସିବ ବିଚାରି ହଂସାଟି
କାୟା ଠାରୁ ହୁଏ ଭିନ୍ନ ।
ବିନିଦ୍ର ଶର୍ବରୀ ହୃଦୟ ବେଦନା
ଲୋଚନେ ହୁଏ ପ୍ଲାବିତ,
କଥା ରହିଯାଏ ପକ୍ଷୀ କାକଳିରେ
ବିଲୋକି ଉଷା ଚକିତ।
ଅତୀତ ଯାହାର ମାଣିକ୍ୟ ପସରା
ଋତୁ ରାଣୀ ମଧୁକାଳ,
କେମିତି ଭୁଲିବ ପୀୟୁଷ ଉଦକ
ଆଜି ଲୁହର ଜମ୍ବାଳ।
ମନ ଆମ୍ବ ଡାଳେ ପିକ ସାଜି ଦିନେ
କରିଥିଲା କୁହୁ ତାନ,
ପର୍ଣ୍ଣ ଝାଡି ଗଲା ସ୍ମୃତି ଗର ଦେଇ

ISSN NO.
2582-208X

ଜୀବନେ ରଚେ ତୁଫାନ।
ପତର ବିହୀନ ପାଦପ ବିଚାରେ
ଫେରିବ ଦିନେ ଆଷାଢ,
ସବୁଜ ବର୍ଣ୍ଣରେ ଉଦ୍ଭାସିତ ହେବ
ପ୍ରେମ ହୋଇବ ପ୍ରଗାଢ ।

ବରପଦର, ଗୋବିନ୍ଦପୁର,
ବରଗଡ଼/୭୩୭୦୨୨୦୫୫

ISSN NO.
2582-208X

# ଆମଘର ରଜ



ଅଳକା ମହାନ୍ତ

ଦୀର୍ଘ ଦିନ ପରେ ଶିବାନୀ ଙ୍କୁ ମୌକା ମିଳିଛି ନିଜ ଗାଁ କୁ ରଜ ରେ ରହିବାକୁ। ପ୍ରତିବର୍ଷ ବିଦେଶ ରୁ ଓଡ଼ିଶା ଆସନ୍ତି, ହେଲେ କେବେ ରଜ ରେ ଆସିବାକୁ ସୁଯୋଗ ମିଳିନଥିଲା। ଜୀବନର ଅର୍ଦ୍ଧେକ ସମୟ ସେ ପଶ୍ଚିମ ଭାରତରେ କଟାଇ ସାରିଛନ୍ତି। ସେଠାରେ ଜୁନ ମାସ ୧୫ ତାରିଖ କୁ ସ୍କୁଲ କଲେଜ୍ ର ପ୍ରାୟ ଗ୍ରୀଷ୍ମ ଛୁଟି ସରି ଯାଇଥାଏ। ତେଣୁ ଗଲେ ବି ତା ପୂର୍ବରୁ ଫେରିବାକୁ ପଡେ। ଗରମ ରେ ବେଶୀ କୁଆଡେ ବୁଲି ହୋଇ ପାରେ ନାହିଁ ବୋଲି ସେମାନେ ସେଇ ଦୀପାବଳୀ ଛୁଟି ରେ ଯିବାକୁ ପସନ୍ଦ କରନ୍ତି।

ଆଜିକାଲି କାମ ତ ସବୁ ଘରୁ ଅନଲାଇନ୍ ଚାଲିଛି । ତେଣୁ ମୁମ୍ବାଇ ଆସିବାକୁ ଦରକାର ପଡୁନି। ଏ ବର୍ଷ ମାଆ ,ବାପା ଓ ପିଲା ସମସ୍ତେ ଏ ବର୍ଷ ଗାଁ ଗ୍ରୀଷ୍ମ ସହିତ ମୌସୁମୀ କୁ ବି ଖୁବ୍ ପାଖରେ ପାଇଛନ୍ତି। ନିଜ ବାଡି ବଗିଚା, ନଈ ନାଳ, ବାପା ମାଆ, ଦୁଇ ଭାଇ ଭାଉଜ ଆଉ ତାଙ୍କ ପିଲାମାନେ ଗାଁ ରେ ରୁହନ୍ତି। ଆଉ ଦୁଇ ଭାଇ ତାଙ୍କ ପିଲାମାନଙ୍କୁ ନେଇ ଜଣେ କଟକ ଆଉ ଜଣେ ଭୁବନେଶ୍ୱର ରେ ରୁହନ୍ତି। ସେମାନେ ବି ପ୍ରତ୍ୟେକ ଛୁଟି ରେ ନିଜ ନିଜ ଗାଡ଼ି ଧରି ପିଲାମାନଙ୍କ ସହିତ ଆସି କିଛି ଦିନ କଟାଇ ଫେରି ଯାଆନ୍ତି। ଏଥର ମୁଁ ଅଛି ବୋଲି ସବୁ ଭାଇ ମାନେ ବି ରଜ ରେ ଅଛନ୍ତି। ମୋତେ ଛାଡ଼ି ବାପାଙ୍କର ସବୁ ଲୋକ ଓଡ଼ିଶାର ଆଖ ପାଖରେ ଥାନ୍ତି। ତେଣୁ ସେମାନଙ୍କ ର ଯିବା ଆସିବା, ମିଳାମିଶା ଚାଲିଥାଏ। ଆମ ସବୁ ଭାଇ ଭଉଣୀ ଆଉ ପିଲାମାନେ ମିଶିବା ପରେ ବାପା ବୋଉଙ୍କର ଦଶ ରୁ ଉର୍ଦ୍ଧ ଲୋକ ଘରେ ହୋ ହାଲ୍ଲା କରୁଛନ୍ତି। ବାପା ବୋଉଙ୍କ ଆଖିରେ ନିଦ ନାହିଁ କି ପେଟରେ ଭୋକ ନାହିଁ। ବାସ ଖାଲି ଚାଲିଛି ପଚରା ଉଚରା,କିଏ ଖାଇଲା କି ନାହିଁ,ଠିକ୍ ରେ ଶୋଇଲା କି ନାହିଁ। ଏବେ ବାପା ଓ ଭାଇ ମାନେ ମିଶି ଆମର ପୁରୁଣା ଘର ଡିହ ଛାଡ଼ି ନୂଆ ଜାଗାରେ ଦଶ ବଖରା ଘର କରିଛନ୍ତି। ପାଞ୍ଚଟା ରୁମ୍ ରେ ଏ.ସି ଲଗାଇ, ଆଧୁନିକତା

ISSN NO.
2582-208X

ରେ ଭରା ସମସ୍ତ ଆସବବପତ୍ର ମଧ୍ୟ ହୋଇ ସାରିଛି। ଆମେ ଗଲେ କିଛି ଅସୁବିଧା ହୁଏନି, ବରଂ ଶୁଦ୍ଧ ପାଣି ପବନ ସହିତ ପରିବାର ର ଆତ୍ମୀୟତା ଭିତରେ ନିଜକୁ ପୁନରୁଦ୍ଧାର କଲା ପରି ଲାଗେ।

ପହିଲି ରଜ ଦିନ ଠାରୁ ଆମେ ଆମ ପିଲା ବେଳେ, ରଜ ହେଂଶ ରେ ସବୁ ଝିଅ ମିଶି ଏକାଠି ଖାଇବା, ପିଇବା, ଘର ଘର ବୁଲି ପୋଡ଼ ପିଠା, ପାନ, ମୁଢ଼ି, ଆମ୍ବ, ପଣସ ଖାଇବା, ଦୋଳି ଖେଳିବା, ଚପଲ ପିନ୍ଧି ଚଳପ୍ରଚଳ ହେବା, ଭୂମି ଉପରେ ପାଦ ନରଖିବା, ଚନ୍ଦନ, ସିନ୍ଦୂର, ଅଳତା ଲଗାଇବା, ବିଭିନ୍ନ ପ୍ରକାର କେଶ ବିନ୍ୟାସ କରିବା, ସାଙ୍ଗ ସରିଶା ହୋଇ ଗାଁ ଗାଁ ବୁଲିବା ଏସବୁ ପ୍ରଥା ଥିଲା। ଏସବୁ ପ୍ରାୟ ଲୋପ ପାଇ ଆସିଲାଣି, ହେଲେ ଲୋକେ ଟିକେ ଅତ୍ୟାଧୁନିକ ଭାବେ ରଜ ପର୍ବ ପାଳନ କରୁଛନ୍ତି। ଆମର ସେ ଚୁଲି ଅଛି ଆଉ ଗ୍ୟାସ ରେ ମଧ୍ୟ ରୋଷେଇ ହେଉଛି। ଏତେ ଜଣଙ୍କ ପାଇଁ ସବୁ ଭାଉଜ ମାନେ ମିଶି ବୋଉ ର ତତ୍ତ୍ୱାବଧାନରେ ସବୁ କରି ଚାଲିଛନ୍ତି। ମୋର ବୋଧ ହୁଏ ପିଲାଙ୍କ ସହ ତାସ, ଲୁଡୁ ଖେଳିବା, ବୋଉ ବାପା, ଭାଉଜଙ୍କ ସହ ଗପିବା, ସାହି ପଡିଶା ବୁଲିବା ଛଡା କିଛି କାମ ନଥାଏ। ଏଇ ତ ଝିଅ ମାନଙ୍କର ମଜା। ହେଲେ ମୋ ଭାଇ ମନେ ଆଉ ଝିଆରୀ ପୁତୁରା ଙ୍କୁ ମୋ ହାତର କିଛି ଆଇଟମ ଖାଇବାକୁ ଭଲ ଲାଗେ, ତେଣୁ ମୁଁ ମନେ ମନେ ନିଜକୁ ମାଷ୍ଟର ସେଫ୍ ଭାବି କିଛି କିଛି ଚାଇନିଜ୍, କନଟିନେଣ୍ଟାଲ ବାନାଇ ଦେଉଥାଏ ମଝିରେ ମଝିରେ। । ଆମେ ସିନା ମହାବାତ୍ୟା ପରେ ପୁରୁଣା ଘର ଭାଙ୍ଗି ଯିବାରୁ, ନୂଆ ଜାଗାରେ ବଡ଼ ଘର ଟିଏ କରି ଉଠି ଅସିଛୁ ଗାଁ ମୁଣ୍ଡକୁ, ହେଲେ ଆମ ଦାଦା ଖୁଡି, ସାହି ପଡିଶା ସେମିତି ସେଇ ପୁରୁଣା ଜାଗାରେ ଅଛନ୍ତି। ପରମ୍ପରା ଅନୁସାରେ ବୋଉ କହିଲା:

-- ଯାଅ ତୁମେ ସବୁ ଝିଅମାନେ ସାହି ବୁଲି ପଳେଇ ଆସ। ସେଠାରେ ଦାଦା ଘର ଆମ୍ବ ଗଛରେ ବାଉଁଶ ଦୋଳି, ଆଉ ସେ ବଳିଆ ଭାଇ ଘରେ କତା ଦଉଡିରେ ପଟା ଲଗାଇ ଦୋଳି ଲାଗିଛି। ଖେଳି କି ଆସିବ।

-- ହଉ ବୋଉ, ମୁଁ ଆଉ ମୋର ସବୁ ଝିଆରୀ ମାନଙ୍କୁ ନେଇ ଯିବି। ହେଲେ ସାନ ଭାଇ ର ଏ ସାନ ଟୋକା ତ ଛାଡ଼ିବନି। ତାକୁ ବି ନେଇ ଯିବି।

ଏତକ କହି ମୁଁ ଆଉ ପିଲାମାନେ ସଜବାଜ ହୋଇ ବାହାରି ଗଲୁ। ସାଥିରେ ମୋ ଝିଅ ବି ଯାଇଥାଏ।

ISSN NO.
2582-208X

ପାଞ୍ଚ ଦଶ ମିନିଟରେ ପହଞ୍ଚି ଯିବାର ବାଟ । ପହଞ୍ଚିବା ପରେ ସାହି ପଡ଼ିଶାରେ ଅନେକ ଖୁସି। ମୋତେ ଏତେ ଦିନ ପରେ ଦାଦା, ଖୁଡି, ଭାଇ, ଭଉଣୀ ଓ ସମ୍ପର୍କୀୟ ମାନେ ଦେଖି ଅନେକ ଖୁସି ହେଉ ଥାନ୍ତି। ମୁଁ ପିଲାଦିନ ର ହଜିଲା ସ୍ମୃତି କୁ ସାଉଁଟି ବାକୁ ଆମ ପୁରୁଣା ଘର ଡିହ କୁ ଚାଲି ଆସିଲି । ଦେଖିଲି, ନା ସେ ଚାରିପାଖ ଘର ବେଢ଼ା ମାଟି ଅଗଣା ଅଛି ନା ସେ ମାଟି ପିଣ୍ଡା। ଯେଉଁଠି ବସି ଖାଇବା, ପିଇବା, ଗୋଟେ ଚଟେଇ ବା ସପ ପକାଇ ବସି ପାଠ ପଢା, ଭାଗବତ ପଢ଼ା,କଉଡ଼ି, ତାସ, ଲୁଡୁ, କାଚ, କନିଆର ମଞ୍ଜି, ତେନ୍ତୁଳି ମଞ୍ଜି, କାଚ ଗୁଲି, ମାଟି ଗୁଲି, କେତେ କଣ ମଜା ଆଉ ଖେଳ ହୁଏ। ସେ ବାରଣ୍ଡା ନୁହେଁ ଯେ ମଲଟି ପର୍ଯୋଷ ଲବି। ଅଗଣା ବି ବର୍ଷା ଦିନ ଛାଡ଼ି ଦେଲେ ଅନେକ କାର୍ଯ୍ୟ ରେ ବ୍ୟବହାର ହୁଏ। ଦାଣ୍ଡ ଟା ଆମର ଗାଇ ଗୋରୁ, ବନ୍ଧା ହୁଅନ୍ତି ଆଉ ଆମେ ବୋହୁଚୋରି, ଚୋର ପୁଲିସ, ବିଛୁ, ପୁଚି, ଦୌଡିଡିଆଁ, ବୋହୂ ବୋହୁକା, ଏମିତି ଅନେକ ଖେଳ ଖେଳୁ। ଝିଅ ସୋନୁ ମୋ ପଛେ ପଛେ ରହିଥାଏ। ତାର ବି ଅନେକ କଥା ଜାଣିବାର ଇଚ୍ଛା ଥାଏ ଗାଁ ବିଷୟରେ। ମୁଁ ତାକୁ କହି ଚାଲିଥାଏ, ବୋଉ କୋଉଠି ରୋଷେଇ କରୁଥିଲା, ବାପା ଙ୍କ ଆରାମ ଚେୟାର କୋଉଠି ପଡ଼ିଥାଏ। ସବୁକିଛି।ଅଗଣା କୂଅ ଏବେ ପୋତି ହୋଇ ପଡ଼ିଛି। ତା ପାଖକୁ, ସଜନା ଗଛ, ବେଲ ଗଛ, କମଳା ଗଛ, ଆତ ଗଛ, ନଡ଼ିଆ ଗଛ, ଚାକୁଣ୍ଡା ଗଛ। ବାକ୍ସ (କ୍ରୋଟନ) ଗଛ, କାଗଜ ଫୁଲ ଗଛ, ମଲ୍ଲି ଗଛ ସବୁ ମାନସ ପଟରେ ଦୃଶ୍ୟ ମାନ ହେଲେ ସୁଦ୍ଧା ସବୁ ବାସ୍ତବରେ ଲୋପ ପାଇଛି। ପାଖରେ ଢିଙ୍କି ଶାଳ ଥିଲା।କୂଅ ମୂଳ ପକ୍କା ପଲସ୍ତରା ଟିକକରେ ବସି ମାଆ, ଖୁଡି, ଭଉଣୀ ଙ୍କ ଗପର ଆସର ଚଳଚ୍ଚିତ୍ର ପରି ଝଲସି ଯାଉଛି। ହଠାତ୍ ଝିଅ ମୋତେ ପଛରୁ ଡାକି କହିଲା,

--ମାମା, ୟେ କଣ ? ? (ହାତରେ ତାର ଗୋଟେ ଛୋଟ ଧଳା କଉଡ଼ି)

-- ସୋନୁ, ସେ ଛୋଟ କଉଡ଼ି । ମୋର ମନେ ପଡୁଛି। ଦାଣ୍ଡ ଘର କାନ୍ଥରେ ଆମର ଷଠି ଘର କରା ହୋଇ ଥିଲା। ସେଥିରେ କଉଡ଼ି ସବୁ ଲାଗିଥାଏ ମଝି ଦୁଇ କଉଡ଼ି କୁ ମୁଁ ଦେଖି ଭାବେ ସତରେ ୟେ ଷଠି ମା ଙ୍କ ଆଖି। ବୋଉ କହେ, ଷଠି ମାଆ ଆୟୁଷ ଦିଅନ୍ତି।

ଆଉ ଆମ ଦାଦା, ଭାଇ ଭଉଣୀ ଙ୍କ ବାହାଘର ରେ ବେଦୀ ରେ କଉଡ଼ି ପୋତା ହୁଏ। ହୋଇଥିବ ,ସେହି କୌଡ଼ିରୁ ଗୋଟିଏ। ଦେ ମୋତେ!!

-- ମାମା ମୁଁ ରଖିବି। ଅଜାଙ୍କ ଘର ସ୍ମୃତି -- ହଉ ରଖ।

ISSN NO.
2582-208X

-- ମାମା, ଦେଖ। କେତେ ଛିଣ୍ଡା ଚପଲ ସବୁ ମାଟି ଭିତରୁ ଦେଖା ଯାଉଛି। ପ୍ଲାଷ୍ଟିକ ର ବୋଲି ସେ ମିଳାଇ ଯାଇବି ପାରୁନି ମାଟିରେ। ଏଗୁଡ଼ିକ Bio- Degradable ନୁହେଁ ନା। ସେଥିପାଇଁ ରଙ୍ଗ ନଥିଲେ ବି ସେମିତି ମାଟିରେ ପୋତି ହୋଇ ରହିଛି।

-- ହଁ ସତ। (ମୁଁ ଗୋଟେ ଅଜଣା ଭୟରେ ଥରିଗଲି ଯେମିତି। ସେ ବର୍ଷ ବି ରଜ ଥାଏ। ବଡ଼ ଭଉଣୀ ମାନଙ୍କ ର ଚପଲ ସବୁ ଥାଏ। ମୁଁ ଛୋଟିଆ ଝିଅ ଟେ ଥିଲି। ମୋର ଚପଲ କେବେ ଛିଣ୍ଡି ଗଲେ ଆଣିବାକୁ ଅନେକ ଦିନ ଲାଗେ। କଟକ ନ ହେଲେ ଜଗତସିଂହପୁର। କିଏ ଯିବ, କିଏ ଆଣିବ। ଆମର ରଜରେ ପାଦ ତଳେ ପକାନ୍ତି ନାହିଁ। ମୋର ସେ ବର୍ଷ ଚପଲ ନଥାଏ। ବହୁତ୍ ମନ ଦୁଃଖ ମୋର ହେଉଥାଏ। ନଜର ପଡିଲା, ଖୁଡିଙ୍କର ପ୍ଲାଷ୍ଟିକ ଚପଲ ହଳ ଟେ ଆଲଣା ଗୋଡ଼ ପାଖ ଦୁଇ ପଟା କୁ ସଂଯୋଗ କରି ରଖା ହୋଇଛି। ସେ ସେଇ ପ୍ଲାଷ୍ଟିକର, ତାକୁ ନ କାଟିଲେ ସେ କେବେ ଛିଣ୍ଡିବନି। ଚମ୍ପା ରଙ୍ଗ ର ଟିକେ ହାଇ ହିଲ୍ ଥାଏ। ହେଲେ ମୋର ଛୋଟ ପାଦ ତା ମଝିରେ ରହି ପଛକୁ ଚାରି ଆଙ୍ଗୁଳି ରହିଥାଏ। କୌତୁହଳ ବଶତଃ, ନିଜ ଖୁଡିଙ୍କର ତ ଅଛି କହି ନ ପଚାରି ଗୋଡ଼ରେ ଗଳାଇ ଦେଇଥିଲି। ପାଞ୍ଚ ମିନଟରେ ଖୁଡି ରୋଷେଇ ଘରୁ ଆସି ଦେଖି ଦେଲେ। ଆଖିରୁ ତାଙ୍କର ଅଗ୍ନି ସ୍ଫୁରଣ ହେଉଥିଲା। ଶକ୍ତ ଚାପୁଡ଼ା ଦେଇ କହିଲେ ,,"ଜଲଦି ଓଲ୍ହା" । ମୁଁ ଜଲଦି ଯାଇ ଯେଉଁଠି ଥିଲା ସେଇଠି ରଖିଦେଲି " । ଦାଦା ଦେଖିଥାନ୍ତି। କିଛି ବି ସେ କହିଲେନି। ମୁଁ କାନ୍ଦି କି ପଳେଇ ଆସିଲି। ଡରରେ ବୋଉକୁ କି ବାପା ଙ୍କୁ କହିଲିନି। ପଇସା ପାଇଁ ନୁହେଁ, ହେଲେ ଗାଁ ରେ ଛୋଟ ପିଲାଙ୍କ ମନସ୍ତତ୍ୱ ବୁଝି ପାରନ୍ତି ନାହିଁ । ଭାବନ୍ତି, ପିଲାଟେ, ତାର କଣ ହେବ, ବଡ଼ ହେଲେ ପିନ୍ଧିବ। ସେ ବର୍ଷ ରଜ ସେମିତି ବିନା ଚପଲ ରେ ଚାଲିଗଲା। ତାପର ବର୍ଷ ରଜ ଦି ଦିନ ଆଗରୁ ଦାଦା ଆସିଲେ, ମୋ ପାଇଁ୨.୫୦ ପଇସା ରେ କଳା ଛିଟ ର ପ୍ଲାଷ୍ଟିକ ଚପଲ ଆଣିଥିଲେ। ଏବେ ଭାବେ। ଯେ ବାପା ଆଉ ଦାଦା କିଛି କହନ୍ତିନି। ହେଲେ ସବୁ ଅଭାବ ପୂରା କରି ଦିଅନ୍ତି ) ପ୍ରକୃତିସ୍ଥ ହେଲି। ହେଲେ ଏବେ ବି ଲାଗିଲା, ଯେମିତି ଖୁଡିଙ୍କ ସେ ରାଗ ଆଖିରୁ ଅଗ୍ନି ବର୍ଷୁଛି।

-- ମାମା, ତୁମେ କାନ୍ଦୁଛ ??

-- ହଁ ମା, ଦିନ ଯାଏ, ଚିହ୍ନ ରହେ। ଅନେକ ମଧୁର ସ୍ମୃତି ରେ ଭରା ଯେ ଘର ଅଗଣା । ମାଆ କହେ ଯେ ଘରେ ମେଘନାଦ ପାଚେରୀ ଦରକାର। ସବୁବେଳେ ତ ଘୋ ଘୋ ଶୁଭୁଚି। କର୍ପୁର ଉଡ଼ି ଯାଇଛି। ହେଲେ କନା ପଡି ରହିଛି।

ISSN NO.
2582-208X

ସାହି ବୁଲା ସାରି ଘରକୁ ଫେରିଲୁ। ଘରେ ବାପା ମାଂସ ଆଣି ଦଶ ପନ୍ଦର ଲୋକଙ୍କ ପାଇଁ ବୋଉ କୁ କହି ରାନ୍ଧି ସାରିଲେଣି। ପିଲାମାନେ ଖାଇବା ପରେ ଆମେ ଖାଉ। ବାପା ବି ଆଗ ଖାଇବେନି। ଖାଲି ବୁଲି ବୁଲି ଦେଖୁଥିଲେ କିଏ ଖାଇଲା କି ନାହିଁ। କିଏ କୋଉଠି ଶୋଇଲା। ପାଞ୍ଚଟା ଏସି। ହେଲେ ସେ ଶୋଇବେ ବାହାର ଘରେ। କହିବେ, ଏଇଠି ବଢିଆ ଥଣ୍ଡା ପବନ ହେଉଛି। ବୋଉ ନାତି ନାତୁଣୀ ଙ୍କୁ କୋଳରେ ଧରି କୋଉ ଘରେ ଆସି ଶୋଇବ ସିନା। ହେଲେ ବାପା, କୋଉଠି ମଶାରୀ ବନ୍ଧା ହେଲା କି ନା, କାହାର ବିଛଣା ଠିକ୍ ସେ ହେଲା କି ନା ଏ ସବୁ ବୁଲି ଦେଖି ଆନନ୍ଦ ପାଆନ୍ତି। ପୁଅ ମାନେ ଆସି ଶାଠିଏ କୁ ଧକା ଖାଇଲେଣି, ହେଲେ ବାପା ଭାବନ୍ତି ଏମାନେ କିଛି କରି ପାରିବେନି। ଛୋଟ ପିଲା। ସବୁ ଦାୟିତ୍ୱ ତାଙ୍କର।

ରଜ ସରିଲା । ଆଜି ପିତୃ ଦିବସ। ରବିବାର ଅଛି। ଆଜି ମୁଁ ଭାଇ ଦିଜଣ ବାହାରିଲୁ ଆସିବାକୁ। ଆସିବା ଆଗରୁ ଗୋଟେ ନେହେରୁ ବେକ ଥିବା ଜ୍ୟାକେଟ ବାପାଙ୍କୁ ଦେଲି, କହିଲି ଧୋତି କୁର୍ତ୍ତା ସହିତ ବିନ୍ଧିବା। କହିଲେ,"ଆଉ ବୟସ ଅଛି ମୋର ଏସବୁ ପିନ୍ଧିବାକୁ"।

ମୁଁ ଭୁନେଶ୍ୱରକୁ ଭାଇ ସହିତ ଆସି ସେଇଠୁ ମୁମ୍ବାଇ ଆସିବାର ଥାଏ ।

-ଦେଖିଲୁ, ସମସ୍ତଙ୍କ ପାଇଁ, କଦଳୀ, ସାରୁ, ଚୁଡ଼ା, ଚାଉଳ, ନଡ଼ିଆ, ଲଡୁ, ମିଠା, ଘିଅ, ବଡି, ନୂଆ କପଡ଼ା ଆହୁରି ଅନେକ ଜିନିଷ କୁ ଅଲଗା ଅଲଗା ପ୍ୟାକେଟ କରି ବାପା ଥୋଉଛନ୍ତି। ଆଶ୍ଚର୍ଯ୍ୟ ହୋଇ ଗଲୁ ସବୁ। କେତେ ବେଳେ ବାପା ୟେ ସବୁ କରି ପକାଉଛନ୍ତି ଏ ବୟସରେ। ଭାଇ ମୁଁ ସବୁ ଆସିଲା ବେଳେ କୋହ ସମ୍ଭାଳି ପାରୁ ନଥିଲୁ। ଆମେ ଜାଣିଛୁ, ଈଶ୍ୱର ଆମର ପିତା ମାତା। ହେଲେ ସେ ତ ନିରାକାର। ତେଣୁ ଶରୀର ଟିଏ ଲୋଡ଼ନ୍ତି ଆମର ରକ୍ଷଣା ବେକ୍ଷଣ ପାଇଁ। ସେ ଶରୀର ଧାରୀ ହେଲେ ଆମର ପିତା ମାତା। ଲୁହ ଟା ଏଭଳି ଗଡ଼ି ଚାଲିବ। ଛାଡ଼ି ଆସିବାକୁ ମନ ବି ନଥିଲା। ପୁଣି ଆଜି ପିତୃ ଦିବସ ରେ ରଜ ପର୍ବ ସାରି ମୁଁ ଫେରି ଆସିଲି।

(((-)))

ଭୁବନେଶ୍ୱର
୭୩୦୩୨୬୪୩୭୭

ISSN NO.
2582-208X

# ମୁକୁଳା କେଶ



ବାସନ୍ତୀ ଲତା ଜେନା

ପୁରାଣ ଦିଅଇ ମନେ ସନ୍ତୋଷ
ଦୁର୍ଗା ଲକ୍ଷ୍ମୀଙ୍କର ମୁକୁଳା କେଶ,
ସରସ୍ୱତୀ ଦେବୀ ବୀଣା ବଜାଇ
ମୁକୁଳା କେଶକୁ ଦିଏ ସଜାଇ ।୧।
ବବ୍ କଟିଙ୍ଗରେ ସଜାଇ ହେଲେ
ପାଦେ ହାଇହିଲ୍ ଜୋତା ପିନ୍ଧିଲେ
ପଛରୁ ଦେଖିଲେ ଜାଣି ହୁଏନି
ପୁରୁଷ କି ସ୍ତ୍ରୀ ବୁଝି ହୁଏନି ।୨।
ପବନେ ଉଡ଼ଇ ମୁକୁଳା କେଶ
ଦର୍ଶନରେ ମନ ହୁଏ ହରଷ,
ଯୁବା ଠାରୁ ବୁଢା ଦୃଷ୍ଟିରେ ଆସେ
ଆଶା ପ୍ରତ୍ୟାଶାର ସ୍ୱପ୍ନ ବିଶେଷେ ।୪।
ଆଜିର ରମଣୀ ଫେସନ ପ୍ରିୟ
ବିୟୁଟି ପାଲର ଯାଇ ନିଅନ୍ତି ଶ୍ରେୟ,
ବହଳ ମୋଟାରେ କ୍ରିମ ଲାଗନ୍ତି
କାଳୀ ରମଣୀଟି ସୁନ୍ଦର ଦିଶନ୍ତି ।୫।
ମୁକୁଳା କେଶର ଆଦର ଭାରି
ଛୋଟ ଝିଅ ଠାରୁ ବଡ଼ ସୁନ୍ଦରୀ,
ପିତା ମାତାଙ୍କର ଆକଟ ନାହିଁ

ISSN NO.
2582-208X

ସ୍ୱାମୀଙ୍କ ମନକୁ ଭାରି ଛୁଅଇଁ ।୬।
ଶାଶୁ ମାଆଙ୍କର ମନ ବୁଝେନି
ତଥାପି ବହୂକୁ କିଛି କୁହେନି
ବେଣୀ ବାନ୍ଧିବାକୁ ଯଦି କୁହଇ
ଦୁଇ ପଦ କଥା ଶାଶୁ ଶୁଣଇ ।୭।
ମାଆ କହେ କେଶ ମୁକୁଳା ଥିଲେ
ଦୃଷ୍ଟି ପଡ଼ିଯିବ ବାନ୍ଧଲୋ ଭଲେ,
କେଶରେ ତଇଳ ମାଆ ଲଗାଇ
ବେଣୀ ବାନ୍ଧି ଦିଏ ଫିତା ଲଗାଇ ।୮।
ପୁରାଣେ ଦ୍ରୌପଦୀ କେଶ ମୁକୁଳା
ପ୍ରତିଜ୍ଞା ପୁରଣେ ସଂକପ ନେଲା
ଦୁଃଶାସନ ରକ୍ତେ ବେଣୀ ବାନ୍ଧିଲା
ଜଗତରେ ନାରୀ ମାନ ରହିଲା ।୯।

(((–)))

କବର, କୁପାରୀ, ବାଲେଶ୍ୱର
ଦୂରଭାଷ ନଂ : ୫୬୫୫୬୫୫୯୭୯

ISSN NO.
2582-208X

# ମାଟିର ମଣିଷ



ବେଣୁଧର ସୂତାର

ସୁଖର ସୂରୁଜ ଆସେନି ଯା ପାଇଁ
ଆଲୋକର ରୂପ ନେଇ
ସବୁଜ ଧରାର ସିଏ ରୂପକାର
ମାଟିର ମଣିଷ ସେହି ।।

ବିଳାସବାଦର ପ୍ରଚଣ୍ଡ ବିରୋଧି
ରୁଦ୍ର ସାଧନା ତା,ର
ନିଖିଳ ମୁଖରେ ହସ ଫୁଟାଇବା
ତା ଜୀବନ ଅଙ୍ଗୀକାର ।।

ଧମନୀ ଚିପୁଡି ରକ୍ତ ନିଗାଡି
ଲଗାଇ ପରାଣ ବାଜି
ବସୁମତୀ ହସ ମାଧୁର୍ଯ୍ୟର ଲାସ୍ୟ
ତା ପାଇଁ ସମ୍ଭବ ଆଜି ।।

ଚଇତି ଚମକ ଆଣିନି ତା ପାଇଁ
ଜ୍ୟୋତ୍ସ୍ନା ଶୀତଳ ରାତି
ସିଏ ଅଖିଳର ଅନ୍ନଦାତା ଯା,ର
ବିଶ୍ୱ ମାନବ ପ୍ରୀତି ।।

ISSN NO.
2582-208X

ବସୁମତୀ ସୁତ ନୁହେଁ ବିଚଳିତ
ଦାରିଦ୍ର୍ୟର କଷାଘାତେ
ନିର୍ବିକାରେ ସେ, ଯେ ବିତରେ ବିଭବ
ଆନନ୍ଦ ଅଶ୍ରୁ ପାତେ ।।

ଶୁଣିଛ କି ଥରେ ମାଟି ମଣିଷର
ଅନ୍ତର ତଳର କଥା
ଦେଖିଛ କି କେବେ ବେଦନା ଦଗ୍ଧ ତା
ସଂସାରର ମହା ବ୍ୟଥା ।।

ଯାହା ପାଇଁ ଆଜି ଦେଖୁଛ ଧରାରେ
ଆଗାମୀର ସମ୍ଭାବନା
ବିଦ୍ରୋହେ ତାହାର ବୁଲିବ ମହୀରେ
ମୃତ୍ୟୁର ପରୱାନା ।।

ମୁଗ୍ଧ କରିନି ତା ସନ୍ତାପିତ ପ୍ରାଣ
ସରକାରୀ ସୁରନାମା
ମିଛ ଇସ୍ତାହାରେ ହୋଇକି ପାରିବ
ଧରା ରାଣୀ ମନୋରମା ।।

ଆଗାମୀ ବିଶ୍ୱ କର୍ଣ୍ଣଧାର ସେ
କରନି ତା ପ୍ରତି ହେଳା
ତା ବିନା ଅନନ୍ତ ଉଦରେ ଜଳିବ
ଜ୍ୱାଳାର ଅଗ୍ନି ମାଳା ।।

ପ୍ରାଣଦାତା ସେ ତ ଏମାଟିର ପୁତ୍ର
କର୍ମର ରଣାଙ୍ଗନେ

ISSN NO.
2582-208X

ତା ଭାଗ୍ୟ ନିଶାଣ ବିଜୟ ବିଷାଣ
କର୍ମର ଜୟଗାନେ ।।

ଅବହେଳିତ ସେ ନିଃସ୍ୱ ମଣିଷଟି
ବିଶ୍ୱ ମୁଖେ ଦିଏ ଦାନା
ମାନବ ପ୍ରୀତିର ପବିତ୍ର ବନ୍ଧନେ
କର ତାରେ ନିରାଜନା ।।

(((-)))

କେଶଦୁରାପାଳ କେନ୍ଦୁଝର
ଦୂରଭାଷ–୯୧୭୮୫୬୮୨୪୬

ISSN NO.
2582-208X

# ଆଦ୍ୟ ଋତୁ ଗ୍ରୀଷମ



ଅଲିଭା ଘୋଷ

ଆଦ୍ୟ ଋତୁ ତୁମେ ଋତୁ ଚକ୍ରର
ଅଧିକାରୀ ତୁମେ ବୈଶାଖ ଆଉ ଜ୍ୟୈଷ୍ଠ ମାସର
ତେଜ ବଢ଼ଇ ସକଳ ଶକ୍ତି ଆଧାରଙ୍କର
ଉଷ୍ଣତା ଅଧିକ ଏହି ଅମାନିଆ ଋତୁର
ଝାଉଁଳି ଯାଏ ପାଦପ, ବୃକ୍ଷ ଆଉ ସବୁଜ ପତର
ଥମି ଥମିଯାଏ ପକ୍ଷୀ କଳରବ,
କୋଇଲିର କୁହୁ କୁହୁ ସ୍ୱର
ସବୁଆଡେ ମଲ୍ଲୀ ଆଉ କେତକୀର ସମ୍ଭାର
ଆଦର ବଢେ ତରଭୁଜ, ଆମ୍ବ, ପଣସର
ପଣା, ଲସି, ସରବତ ଲାଗେ ଅତି ମଧୁର
ଶୀତଳ ପାନୀୟକୁ ସଭିଙ୍କର ଆଦର
ଦହି, ପଖାଳ ଲୋଡ଼ାପଡେ
ମଧ୍ୟାହ୍ନ ବେଳର
ପଥପ୍ରାନ୍ତ ହୁଏ ନିର୍ଜନ, ନିଶବ୍ଦ
ମଧ୍ୟାହ୍ନ ସମୟ ଅତି ଉତ୍ତାପିତ
ଜୀବଜଗତ ହୁଅନ୍ତି ସନ୍ତାପିତ
ଅଂଶୁଘାତ ପାଇଁ ସଭିଏଁ ଆତଙ୍କିତ
ଗଛ ଲଗାଇଲେ, ପରିବେଶ ସନ୍ତୁଳିତ ହେଲେ
ନିଦାଘରେ ବି ହେବା ଅତି ଆନନ୍ଦିତ

ISSN NO.
2582-208X

ଗ୍ରୀଷ୍ମଦିନେ ପର୍ବ ପର୍ବାଣୀର ସମ୍ଭାର
ମହାବିଷୁବ ସଂକ୍ରାନ୍ତି ସହ ହନୁମାନ ଜୟନ୍ତୀ
ଅକ୍ଷୟ ତୃତୀୟା ଯେ ମହାପୁଣ୍ୟ ତିଥି
ବୁଦ୍ଧ ପୂର୍ଣ୍ଣିମା ଆଉ ଚନ୍ଦନ ପୂର୍ଣ୍ଣିମା
ଶ୍ରୀକ୍ଷେତ୍ରେ ଭଉଁରୀ ପୁଣି ଚନ୍ଦନ ଯାତ୍ରା
ସୀତା ନବମୀ, ସାବିତ୍ରୀ ବ୍ରତ
ପାଳନ ହୁଏ କେତେ କେତେ ଯାତ
ଗ୍ରୀଷ୍ମ ସନ୍ଧ୍ୟା ମନକୁ କରେ ବିମୋହିତ

(((-)))

ଜଳେଶ୍ୱର, ବାଲେଶ୍ୱର

ISSN NO.
2582-208X

# କିଶୋର ଚନ୍ଦ୍ରାନନ୍ଦ ଚମ୍ପୂରେ ଶୈଳୀ ବିଜ୍ଞାନ

ଶ୍ରୀମତୀ ବାଇରୀ ଦେବୀ
ଡ. ସୁଶାନ୍ତ ମହାନନ୍ଦ

ଶବ୍ଦ ଗଠନକୁ କେନ୍ଦ୍ରକରି ଶୈଳୀର ବୈଜ୍ଞାନିକ ଓ ଶୃଙ୍ଖଳିତ ଅଧ୍ୟୟନାକୁ ଶୈଳୀ ବିଜ୍ଞାନ କୁହାଯାଏ । ଶୈଳୀ ବା style ଶବ୍ଦଟି ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଆଦୌ ନୂଆ ନୁହେଁ ଓ ସାହିତ୍ୟର ବିଭିନ୍ନ ଶୈଳୀ ଆଲୋଚନା ପ୍ରାଚୀନ କାଳରୁ ପରମ୍ପରାଗତ ଭାବେ ଥିଲେ ମଧ୍ୟ ଭାଷା ବିଜ୍ଞାନଭିତ୍ତିକ ଶୈଳୀ ବିଜ୍ଞାନର ଆଲୋଚନା ସାହିତ୍ୟ ସମାଲୋଚନା କ୍ଷେତ୍ରରେ ସଂପୂର୍ଣ୍ଣରୂପେ ଏକ ନୂଆ ଅବଧାରଣା । ଶୈଳୀ ବିଜ୍ଞାନ ବିଷୟରେ କିଛି କହିବା ଆଗରୁ ଶୈଳୀ ସମ୍ପର୍କରେ ଆଲୋଚନା କରିବା ବିଧେୟ । କେହି କେହି ଶୈଳୀକୁ କବିର ଚିନ୍ତାଚେତନାର ଶାବ୍ଦିକ ପୋଷାକ କହୁଥିବା ବେଳେ ଆଉ କେତେ ଜଣ କୁହନ୍ତି ଉପଯୁକ୍ତ ସ୍ଥାନରେ ଉପଯୁକ୍ତ ଶବ୍ଦର ବ୍ୟବହାର । ଏକ ନିର୍ଦ୍ଦିଷ୍ଟ କଳାଗତ କାର୍ଯ୍ୟ କରିବା ପାଇଁ ଉଦ୍ଦେଶ୍ୟମୂଳକ ଭାବେ ଯେଉଁ ଶବ୍ଦର ଚୟନ ଓ ପରିବର୍ତ୍ତନ ଆବଶ୍ୟକ ହୁଏ, ତାହାହିଁ ଶୈଳୀ । ଏହି ଶୈଳୀର ବୈଜ୍ଞାନିକ ଅଧ୍ୟୟନ ହିଁ ଶୈଳୀ ବିଜ୍ଞାନ ।

ଭାଷା ବିଜ୍ଞାନ ସାଧାରଣତଃ ଭାଷାର ଗଠନ ସମ୍ବନ୍ଧରେ ସୂଚନା ଦେବା ସଙ୍ଗେ ସଙ୍ଗେ ତାହା କିପରି କାର୍ଯ୍ୟ କରେ ସେ ବିଷୟରେ ଆଲୋଚନା କରିଥାଏ । ମାତ୍ର ଶୈଳୀ ବିଜ୍ଞାନର ଲକ୍ଷ୍ୟ ଭାଷାର ନାନ୍ଦନିକ ମୂଲ୍ୟ ନିରୂପଣ କରେ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଭାଷାବିଜ୍ଞାନୀ ସୌନ୍ଦର୍ଯ୍ୟ ପିପାସୁ ନଥିଲା ବେଳେ ଜଣେ ଶୈଳୀ ବିଜ୍ଞାନୀ ସୌନ୍ଦର୍ଯ୍ୟ ପିପାସୁ ।

ଭାଷା ପ୍ରୟୋଗର ନିର୍ଦ୍ଦିଷ୍ଟ ଭଙ୍ଗୀ ବା ରୀତିକୁ ଶୈଳୀ କୁହାଯାଏ । ଯେହେତୁ ମନୁଷ୍ୟ ଦ୍ୱାରା ଉଚ୍ଚାରିତ ବିଭିନ୍ନ ଧ୍ୱନୀର ଶୃଙ୍ଖଳିତ ପଦ୍ଧତି, ଭାଷାର ଗଠନଧର୍ମ ଏବଂ ବିଭିନ୍ନ ଠାଣି ମଧ୍ୟଦେଇ ରୂପାୟିତ ହୋଇଥାଏ, ତେଣୁ ଆମେ ଯଥାର୍ଥ ଭାବେ କହିପାରିବା ଶୈଳୀ ଭାଷାର ବିଭିନ୍ନତା ଏବଂ ପରିବର୍ତ୍ତନଶୀଳତା ସହିତ ଓତଃପ୍ରୋତ ଭାବରେ ଜଡିତ। ଭାଷାର

ISSN NO.
2582-208X

ଆଭିଧାନିକ ଏବଂ ବ୍ୟାକରଣଗତ ଗଠନ ଏବଂ ଉଚ୍ଚାରଣ ପ୍ରକ୍ରିୟାଦ୍ୱାରା ଶୈଳୀ ସମ୍ପାଦିତ ହୋଇଥାଏ । ଏହି ଅଲୋଚନାକୁ ଆଧାରକରି ଭାଷା ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ଦିଗର ଆଲୋଚନା ପ୍ରସଙ୍ଗରେ ଶୈଳୀତାତ୍ତ୍ୱିକ ଆଲୋଚନା ବା ଶୈଳୀବିଜ୍ଞାନର ନୂତନ ପରମ୍ପରା ଆରମ୍ଭ ହୋଇଛି। ଗ୍ରୀକ୍ ଦାର୍ଶନିକ ମାଥ୍ୟୁ ଆରନୋଲଡ ଶୈଳୀକୁ –"Style is the man" ଭାବରେ ଗ୍ରହଣ କରିଛନ୍ତି ।

ଶୈଳୀ, ଭାଷାର ବିଭିନ୍ନ ଢଙ୍ଗ ବା ଠାଣିକୁ ଆଲୋଚନା କରିଥାଏ । ଶୈଳୀ ବିଜ୍ଞାନକୁ କୌଣସି ଗୋଟିଏ ସାହିତ୍ୟ କୃତିରେ ଆକଳନ କରାଗଲା ପରେ ତାହାକୁ ଶୈଳୀ ତାତ୍ତ୍ୱିକ ବିଶ୍ଳେଷଣ ଭାବରେ ଗ୍ରହଣ କରାଯିବ । ଶୈଳୀ ବିଜ୍ଞାନରେ ଶୈଳୀକୁ ବିଚାର କବଳରୁ ମୁକ୍ତ କରି ଗୋଟିଏ ଯୌକ୍ତିକ ତନ୍ମୟ ବା objective ପ୍ରଦାନ କରାଯାଇଛି । ଶୈଳୀର ବିଭିନ୍ନ ପରିପାର୍ଶ୍ୱିକ ସ୍ଥିତି, ବିଭିନ୍ନ ଆଲୋଚନା ଓ ବିଭିନ୍ନ ପଦ୍ଧତିଗତ ପାର୍ଥକ୍ୟ ଆଦିକୁ ଶୈଳୀ ବିଜ୍ଞାନର ଅଂଶ ଭାବରେ ଗ୍ରହଣ କରାଯାଇଛି ।

ଶୈଳୀ ସର୍ବଦା ପୂର୍ବ ଲେଖକଙ୍କ ଲିଖନ ଶୈଳୀ ଓ ପାରମ୍ପରିକ ଲିଖନ ଶୈଳୀଠାରୁ ଭିନ୍ନ ଅଟେ । କ'ଣ କହିବାକୁ ହେବ ବା କିପରି କହିବାକୁ ହେବ, ଏ ଦୁଇଟି ଶବ୍ଦ ମଧ୍ୟରେ ପାର୍ଥକ୍ୟକୁ ଚିହ୍ନିତ କରିବା ହିଁ ଶୈଳୀ ବିଜ୍ଞାନର ବୈଶିଷ୍ଟ୍ୟ । ଶୈଳୀ ବିଜ୍ଞାନ ପାଠକଙ୍କୁ କେତେମାତ୍ରାରେ ଭାବପ୍ରବଣତା କରେ ଏବଂ ନାନ୍ଦନିକ ମୂଲ୍ୟ କେତେ ରହିଛି ତାହା ଆଲୋଚନା କରେ । କାବ୍ୟର କଳାତ୍ମକ ଉତ୍କର୍ଷ ସାଧନ ଦିଗରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଉପରିସ୍ଥ ଆଲୋଚନାରୁ ସ୍ୱଷ୍ଟ ଅନୁମେୟ ଯେ ଶୈଳୀ ବିଜ୍ଞାନ ହେଉଛି ଗୋଟିଏ ସାହିତ୍ୟିକ ଭାଷାର ସର୍ଜନାତ୍ମକ ପ୍ରୟୋଗର ଆଧାରବିନ୍ଦୁ। ଶୈଳୀ ଶବ୍ଦଟି ବର୍ତ୍ତମାନ ଇଂରାଜୀ ଶବ୍ଦ 'style' ର ପ୍ରର୍ଯ୍ୟାୟବାଚୀ ଶବ୍ଦରୂପେ ପ୍ରଚଳିତ ହେଉଛି । ଶୈଳୀକୁ ବୁଝିବାକୁ ହେଲେ ଆମେ ସେଇ ଇଂରାଜୀ ଶବ୍ଦ styleର ଇତିହାସ ଜାଣିବା ନିତାନ୍ତ ଅପରିହାର୍ଯ୍ୟ। Style ଶବ୍ଦ ଇଣ୍ଡୋ-ୟୁରୋପୀୟ ଭାଷା ପରିବାର ଅନ୍ତର୍ଗତ। ଭାଷାର ବ୍ୟବହାର ବହୁ ପ୍ରାଚୀନ କାଳରୁ ହୋଇଆସୁଛି । ଆଭେସ୍ତା ଭାଷାରେ staers ଯାହା ପର୍ବତର ଶୀର୍ଷ ଭାବରେ ବ୍ୟବହୃତ ହେଉଥିଲା । ଗ୍ରୀକ୍ ଭାଷାରେ ତାହା styles ବା ସ୍ତମ୍ଭ ଭାବରେ ବ୍ୟବହୃତ ହେଉଥିଲା। ଲାଟିନ୍ ଭାଷା stylus, ବାଚନ ଭଙ୍ଗୀ ଭାବରେ ବ୍ୟବହୃତ ହେଉଥିଲା । style ଶବ୍ଦଟି ଇଣ୍ଡୋ-ୟୁରୋପୀୟ ଭାଷା ପରିବାରର ଇରାନୀୟ ଶାଖାର

ISSN NO.
2582-208X

ଆଭେସ୍ତା ଭାଷାରୁ ହିଁ ଆସିଥିଲା । ଭାରତୀୟ ଭାଷା ମାଧ୍ୟମରେ ଏହି ଶବ୍ଦର ପ୍ରଚଳନ ପରବର୍ତ୍ତୀ ସମୟରେ ଏକ ନୂତନ ଅଧ୍ୟାୟ ଉନ୍ମୋଚନ କରିପାରିଛି ।

ଶୈଳୀ ବିଜ୍ଞାନ ପରିସର ଏକାନ୍ତ ବ୍ୟାପକ । କୌଣସି ଏକ ନିର୍ଦ୍ଦିଷ୍ଟ ସାହିତ୍ୟିକ କୃତିରେ ଶବ୍ଦମାନଙ୍କ ମଧ୍ୟରେ ପରସ୍ପର ସମ୍ପର୍କର ଅଧ୍ୟୟନ ହିଁ ଏହାର ଲକ୍ଷ୍ୟ । ତେଣୁ ଜଣେ ଲେଖକର ଶୈଳୀକୁ ଭାଷାତତ୍ତ୍ୱ ମାଧ୍ୟମରେ ବିଚାର କରାଯାଇପାରେ । ଯଥାର୍ଥରେ କୁହାଯାଇପାରେ ଯେ ଲେଖକଙ୍କ ବାକ୍ ଚାତୁରୀ ହିଁ ଶୈଳୀ । ଶୈଳୀ ବିଜ୍ଞାନ ସମ୍ବନ୍ଧୀୟ ଆଲୋଚନା ହିଁ ବିଜ୍ଞାନ ଭିତ୍ତିକ ଆଲୋଚନା । ଉପଯୁକ୍ତ ଶବ୍ଦ ଚୟନ, ତାର ସଂଯୋଜନା ଏବଂ ଉପଯୁକ୍ତ ବାକ୍ୟ ଗଠନ ଶୈଳୀ-ବିଜ୍ଞାନର ବିଚାର ପରିସର ଅଟେ ।

ଓଡିଆ ସାହିତ୍ୟରେ ଚମ୍ପୂ, ଚଉପଦୀ ଏବଂ ଚଉତିଶା ତଥା ଉଚ୍ଚକୋଟୀର ବ୍ୟଙ୍ଗ କବିତା ପାଇଁ ପ୍ରସିଦ୍ଧ ରୀତି ଯୁଗର ବିଶିଷ୍ଟ କବି, ସୂର୍ଯ୍ୟଙ୍କ ଜ୍ୟୋତି ଉଦ୍ଭାସିତ ହେଲାପରି ଗଞ୍ଜାମ ଜିଲ୍ଲାର ବଡଖେମୁଣ୍ଡିରେ ୧୭୮୯ ମସିହାରେ ଆବିର୍ଭାବ ହୋଇଥିଲେ କବିସୂର୍ଯ୍ୟ ବଳଦେବ ରଥ । ମାତୃ ବିୟୋଗପରେ ଆଠଗଡ ନିବାସୀ ଅଜା ତ୍ରିପୁରାରୀ ମିଶ୍ରଙ୍କ ଦ୍ୱାରା ୧୦ ବର୍ଷ ବୟସରୁ ଲାଳିତ ପାଳିତ ହୋଇଥିଲେ । ଯଦ୍ୱାରା ସେ ଉଭୟ ଓଡିଆ ଓ ସଂସ୍କୃତ ଭାଷାରେ ଭାଷା ଶିକ୍ଷାର ଶୀର୍ଷରେ ପହଞ୍ଚି ପାରିଥିଲେ । ପନ୍ଦର ବର୍ଷ ବୟସରେ ବଳଦେବ ରଥ ଉଭୟ ଓଡିଆ ଓ ସଂସ୍କୃତ ଭାଷାରେ ଅଗାଧ ପାଣ୍ଡିତ୍ୟ ଅର୍ଜନ ପୂର୍ବକ ବିଭିନ୍ନ ପୁରାଣଶାସ୍ତ୍ର ଓ ସାହିତ୍ୟ ଅଧ୍ୟୟନରେ ମନୋନିବେଶ କରିଥିଲେ । ବଳଦେବ ରଥଙ୍କ କବି ପ୍ରତିଭାରେ ବିମୁଗ୍ଧ ହୋଇ ଜଳନ୍ତରର ରାଜା ରାମଚନ୍ଦ୍ର ଛୋଟରାୟ "କବିସୂର୍ଯ୍ୟ" ଉପାଧିରେ ଭୂଷିତ କରିଥିଲେ ।

କବିସୂର୍ଯ୍ୟ ଓଡିଶୀ ସଙ୍ଗୀତରେ ଗଭୀର ଜ୍ଞାନାର୍ଜନ କରିଥିବାରୁ ରାଗ, ତାଳ ଓ ଲୟରେ ଓଡିଆ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ରଚନା କରିଥିଲେ । ରାଧା-କୃଷ୍ଣଙ୍କ ପ୍ରେମର ମିଳନ ବିଚ୍ଛେଦକୁ ନେଇ ଆଧାରିତ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ହେଉଛି ତାଙ୍କର ଶ୍ରେଷ୍ଠ କୃତି । ସ୍ରଷ୍ଟାଙ୍କ ସୃଷ୍ଟି ମଧ୍ୟରେ ୧. ଚଉପଦୀ-କବିତା କଲ୍ଲୋଳିନୀ ଓ ସଙ୍ଗୀତ କଳ୍ପଲତା ୨. ଚଉତିଶା-କାମଦୁହା ଚଉତିଶା, ବିରହୀ ଚଉତିଶା, ମଞ୍ଜୁଳା ଚଉତିଶା, ମୋହନା ଚଉତିଶା, ସଖୀ ଚଉତିଶା, ଓ ରସିକ ଚଉତିଶା ଇତ୍ୟାଦି ୩. ମନାସ-ଫୁଲ ମନାସ,

ISSN NO.
2582-208X

ଫଳ ମନାସ ଓ ଅଳଙ୍କାର ମନାସ  ୪. ଚମ୍ପୂ -କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ, ରତ୍ନାକର ଚମ୍ପୂ ଓ ପ୍ରେମୋଦୟ ଚମ୍ପୂ, ୫. କାବ୍ୟ-ଚନ୍ଦ୍ରକଳା ଓ ଜଗତେ କେବଳ ଜନେ ହସିବେ, ୬. ଜଣାଣ-ସର୍ପ ଜଣାଣ, ମହାବାହୁ ଜଣାଣ ଓ ଜଗନ୍ନାଥ ଜଣାଣ ଇତ୍ୟାଦି, ୭. କବିସୂର୍ଯ୍ୟ ଗ୍ରନ୍ଥାବଳୀ ଏବଂ କବିସୂର୍ଯ୍ୟ ଗୀତାବଳୀରେ ଅନ୍ତର୍ଭୁକ୍ତ ହୋଇଛି । କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ, ସର୍ପ ଜଣାଣ ଭଳି ଉଚ୍ଚକୋଟୀର ଜଣାଣ, ଜଗତେ କେବଳ ଜନେ ହସିବେ ଭଳି ଜନମାନସରେ ପ୍ରତିକ୍ରିୟାଶୀଳ ବ୍ୟଙ୍ଗ କବିତା  ଏବଂ ହାସ୍ୟକଲ୍ଲୋଳ ଭଳି ଗଦ୍ୟ ରଚନା କରି ସେ ଓଡିଆ ସାହିତ୍ୟ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିପାରିଛନ୍ତି ।

ସର୍ବପ୍ରଥମେ ଜାଣିବା ଉଚିତ୍ କିଶୋର ଚନ୍ଦ୍ରାନନ୍ଦ କିଏ ? ଯିଏ ନବନୀତା ଚୋର, ଯିଏ ଗୋପାଙ୍ଗନାଙ୍କର ମନ ଚୋର, ଯିଏ ପାପ ନାଶକ, ଯିଏ ଗୋପାଳଙ୍କ ତ୍ରାଣକର୍ତ୍ତା, ଯିଏ ଚିର ଚପଳ ସେ ହେଉଛନ୍ତି କିଶୋର, ଯେ କିଶୋର ମାନଙ୍କ ମଧ୍ୟରେ ଶ୍ରେଷ୍ଠ, ଯିଏ ଚୋର ସେ ନିଜେ ପୁଣି କିଶୋର, ଯିଏ କିଶୋର ମାନଙ୍କ ମଧ୍ୟରେ ଅନନ୍ୟ । କିଶୋର ଚନ୍ଦ୍ର ଅର୍ଥାତ୍ ଶ୍ରୀକୃଷ୍ଣ । ଶ୍ରୀକୃଷ୍ଣଙ୍କୁ ଯାହା ଆନନ୍ଦ ପ୍ରଦାନ କରେ, ତାହା ହେଉଛି କିଶୋର ଚନ୍ଦ୍ରାନନ୍ଦ । ଅର୍ଥାତ୍ କିଶୋର ଚନ୍ଦ୍ରଙ୍କୁ ଆନନ୍ଦ ଦେବା ନିମନ୍ତେ  ଯେଉଁ ଚମ୍ପୂ ରଚିତ, ତାହା ହିଁ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ । ଚମ୍ପୂ ପରମ୍ପରା ସଂସ୍କୃତ ସାହିତ୍ୟରୁ  ଆସିଅଛି ।  ସଂସ୍କୃତରେ ଗଦ୍ୟ ପଦ୍ୟ ମିଶ୍ରିତ ରଚନାକୁ ଚମ୍ପୂ କୁହାଯାଏ । ସାହିତ୍ୟ ଦର୍ପଣରେ ବିଶ୍ୱନାଥ କବିରାଜଙ୍କ ଉକ୍ତି-

"ଗଦ୍ୟ ପଦ୍ୟାତ୍ମକ କାବ୍ୟ ଚମ୍ପୂରିତ୍ୟେ ଭିବିୟତେ"

ଗଦ୍ୟ କହିଲେ ଲୋକମୁଖରୁ ସ୍ୱାଭାବିକ ଭାବରେ ଉଚ୍ଚାରଣ ହେଉଥିବା ଭାବ ପ୍ରକାଶ କରୁଥିବା ଧ୍ୱନିସମୂହର ସମାହାର । ପଦ୍ୟ କହିଲେ ସୁଲଳିତ ଛନ୍ଦମୟୀ ଭାଷା । ତେଣୁ ଚମ୍ପୂରେ ରହିଛି -ନାଟକୀୟ ଚରିତ୍ର, ସାଙ୍ଗିତିକତା, ଶୃଙ୍ଗାର ରସ ଓ ସଙ୍ଗୀତ ଉପଯୋଗୀ ଭାଷା । ରାଧା, ଲଳିତା ଓ କୃଷ୍ଣ ଏହି ତିନୋଟି ଚରିତ୍ରକୁ ନେଇ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ସାଙ୍ଗିତିକତାର ବାଙ୍ମୟ। ଓଡିଆ ଭାଷାରେ ରଚନା ହୋଇଥିବା ଚମ୍ପୂଗୁଡିକୁ ବିଷୟବସ୍ତୁ ଦୃଷ୍ଟିରୁ ସାଧାରଣତଃ ଚାରି ଭାଗରେ ବିଭକ୍ତ କରାଯାଇପାରେ, ଯଥା -

୧. ଭକ୍ତି ମୂଳକ (ଜୀବନ ଚମ୍ପୂ, ମହିମା ଭଜନ ଚମ୍ପୂ )
୨. ସାମାଜିକ ଚମ୍ପୂ (ଜାତୀୟ ଚମ୍ପୂ )

ISSN NO.
2582-208X

୩. ପରିହାସାତ୍ମକ ଚମ୍ପୂ (ସାମନ୍ତ ସଂବାହନ ଚମ୍ପୂ )
୪. ରାଧାକୃଷ୍ଣ ଲୀଳାତ୍ମକ ଚମ୍ପୂ (କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ )

କବିସୂର୍ଯ୍ୟ ବଳଦେବ ରଥଙ୍କ ସ୍ୱରଚିତ ଶ୍ରେଷ୍ଠ କୃତି ଓଡଆ ଚମ୍ପୂ । ଚମ୍ପୂରେ ବଳଦେବ ରଥ ରାଧାକୃଷ୍ଣଙ୍କ ପ୍ରେମଲୀଳା ବର୍ଣ୍ଣନାର ପଟ୍ଟାନ୍ତର ନାହିଁ । କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ହେଉଛି ପାରମ୍ପରିକ ସଙ୍ଗୀତ ଜଗତର ଏକ ସୁପରିଚିତ ଓ ସର୍ବଜନାଦୃତ କୃତି । ପାରମ୍ପରିକ ଶୈଳୀରେ ନୃତ୍ୟ କରୁଥିବା ଗୋଟିପୁଅ ଦଳ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂକୁ ବିଭିନ୍ନ ରାଗରାଗିଣୀଯୁକ୍ତ କରି ଗାଇବାଦ୍ୱାରା ଏହାର ଲୋକପ୍ରିୟତା ବଢିବାରେ ଲାଗିଛି ।

କିଶୋର ଚନ୍ଦ୍ରାନନ୍ଦ ଚମ୍ପୂରେ ମାତ୍ର ତିନୋଟି ମୁଖ୍ୟ ଚରିତ୍ରକୁ ନେଇ ଗତିଶୀଳ । ଶ୍ରୀରାଧା ହେଉଛନ୍ତି ନାୟିକା । ଶ୍ରୀରାଧାଙ୍କୁ ପ୍ରେମର ଅଡୁଆ ଜାଲଟି ବିଛେଇ ହେଇଛି । ଶ୍ରୀରାଧା ପରକୀୟା ନାୟିକା । ପ୍ରଥମ ଦର୍ଶନରେ ଶ୍ରୀକୃଷ୍ଣଙ୍କ ପ୍ରତି ତାଙ୍କର ଗଭୀର ଅନୁରାଗ । "ମଜିଯିବି କି ଉଭା ରତିରେ" ଉକ୍ତିରୁ ଜଣାପଡେ । ସେ ପୁଣି ଏଠାରେ ମୁଗ୍ଧା, ସ୍ୱାଧୀନା ରୂପେ ଚିତ୍ରିତ ହୋଇଛନ୍ତି । ରାଧାଙ୍କ ରୂପ ଗୁଣରେ ଶ୍ରୀକୃଷ୍ଣ ଆକୃଷ୍ଟ । ରାଧା ମଧ୍ୟ ଶ୍ରୀକୃଷ୍ଣଙ୍କ ରୂପ ଲାବଣ୍ୟରେ ତଲ୍ଲୀନ । ସଖୀ ଲଳିତା ନିକଟରେ ସେ କୃଷ୍ଣପ୍ରେମ ପାଇଁ ବିଚିତ୍ର ହାବଭାବ ପ୍ରକାଶ କରିଛନ୍ତି । ଶ୍ରୀକୃଷ୍ଣ ଚମ୍ପୂରେ ଗୋପବାଳ ନୁହଁନ୍ତି , କେବଳ ରାଧାବଲ୍ଲଭ ଭାବେ କବିସୂର୍ଯ୍ୟ ଉପସ୍ଥାପନ କରିଛନ୍ତି । ଚମ୍ପୂରେ ଲଳିତା ପ୍ରେମର ସେତୁ ସଦୃଶ। କବିସୂର୍ଯ୍ୟଙ୍କ ଚିନ୍ତାଧାରାରେ ଲଳିତା ପ୍ରଣୟ ବ୍ୟାପାରରେ ଦୂତୀ ସଦୃଶ ପ୍ରେମିକ-ପ୍ରେମିକାଙ୍କର ଅଭିପ୍ରାୟ ବୁଝି କାର୍ଯ୍ୟ କରିବ, ପ୍ରେମିକା ପ୍ରେମିକାଙ୍କଠାରେ ଭକ୍ତି ଓ ଅନୁରକ୍ତି ପ୍ରକାଶ କରୁଥିବ; ସେ କଳା ବିଦ୍ୟାରେ ନିପୁଣା, ଉତ୍ସାହୀ, ଧୀଶକ୍ତି ସମ୍ପନ୍ନା, କୋମଳ ସ୍ୱଭାବ ବିଶିଷ୍ଟ ହୋଇଥିବ, ହାସ୍ୟ କୌତୁକ ଓ ଚାତୁର୍ଯ୍ୟ ଉକ୍ତିରେ ମଧ୍ୟ ହୋଇଥିବ ଧୂରୀଣ। କହିବା ବାହୁଲ୍ୟ ଯେ କବିସୂର୍ଯ୍ୟଙ୍କ ଦୂତୀ ଲଳିତା ଅନୁରୂପ ଗୁଣରେ ଭୂଷିତା ହୋଇଛି ।

ମଧ୍ୟଯୁଗୀୟ ଓଡିଆ ସାହିତ୍ୟରେ କେତୋଟି କାଳ୍ପନିକ କାବ୍ୟକୁ ବାଦ୍ ଦେଲେ ସମଗ୍ର ବୈଷ୍ଣବ ସାହିତ୍ୟ ରାଧାକୃଷ୍ଣାଶ୍ରିତ ପ୍ରେମ ବାଟିକାରେ ପୁଷ୍ପିତ, ମୁଖରିତ ଓ ଋଦ୍ଧିମନ୍ତ । ବୈଷ୍ଣବ ଧର୍ମ୍ମୀୟ ବିଚାର ପରମ୍ପରାନୁସାରେ କିଏ କୁହନ୍ତି ପ୍ରେମ ବୈଧ ଓ ଅବୈଧ ତଥା

ISSN NO.
2582-208X

ପ୍ରାକୃତ ଓ ଅପ୍ରାକୃତ ବୋଲି ବିବେଚନା କରି ଧର୍ମ ଓ ଦର୍ଶନର ବିଭିନ୍ନ ପାର୍ଥକ୍ୟ ଥିଲେ ମଧ୍ୟ ବଳଦେବ ରଥଙ୍କ ଚମ୍ପୂରେ ଦୁଇ ପ୍ରେମପାଗଳ ଚିରନ୍ତନ ତରୁଣ ତରୁଣୀ (ରାଧା ଓ କୃଷ୍ଣ)ଙ୍କର ମିଳନର ଦୁର୍ବାର ଅଭିଳାଷ ଏକାନ୍ତ ଭାବରେ କାମ୍ୟ ହେବା ଦୃଷ୍ଟିଗୋଚର ହୁଏ।

ଶୈଳୀକୁ ଗଦ୍ୟ ବା ପଦ୍ୟର ଭାଷାଭିତ୍ତିକ ଅଭିବ୍ୟକ୍ତିର ପଦ୍ଧତି ଭାବରେ ବ୍ୟାଖ୍ୟା କରାଯାଇଛି । ଏକ ନିର୍ଦ୍ଦିଷ୍ଟ ସ୍ରଷ୍ଟାଙ୍କ ସୃଷ୍ଟି ଅନ୍ୟ ଜଣେ ସ୍ରଷ୍ଟାଙ୍କ ସୃଷ୍ଟିଠାରୁ ସ୍ୱତନ୍ତ୍ର । ଏହି ସ୍ୱତନ୍ତ୍ରତା ହିଁ ଶୈଳୀ ପଦବାଚ୍ୟ । ତେବେ ଲେଖାର ସ୍ୱତନ୍ତ୍ରତା, ଅବ୍ୟୟପଦ, ଶବ୍ଦ ସଂଯୋଜନା, ବାକ୍ୟ ବିନ୍ୟାସ(syntactic), ଉପମା(Simile), ରୂପକ(metaphor) ଓ ଅତିଶୟୋକ୍ତିର ଆଲୋଚନା ହିଁ ଶୈଳୀତାତ୍ତ୍ୱିକ ବିଶ୍ଳେଷଣ । କବିସୂର୍ଯ୍ୟ ବଳଦେବ ରଥଙ୍କ ସ୍ୱରଚିତ "କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ"କୁ ଭିତ୍ତିକରି ଏ ନିବନ୍ଧରେ ଶୈଳୀ ବିଜ୍ଞାନର ତାତ୍ତ୍ୱିକ ଆଲୋଚନା କିପରି ପାଠକଙ୍କ ସହାୟକ ହେବ ତାହା ଏଠାରେ ଦେଖାଯାଉ ।

କିଶୋର ଚନ୍ଦ୍ରାନନ୍ଦ ଚମ୍ପୂରେ ରୂପକ ତତ୍ତ୍ୱ :

'ଖେଦବୀଜ ନିଜ ହୃଦ କେଦାରେ ବିଞ୍ଚିଲୁରେ'- ଏଠାରେ ଖେଦ(ଦୁଃଖ) ରୂପକ ମଞ୍ଜି ହୃଦ ରୂପକ କିଆରୀରେ ବୁଣିଲୁ । ଅର୍ଥାତ୍ ଏଠାରେ ଦୁଃଖ ଗୋଟିଏ ପ୍ରକାରର ମଞ୍ଜି ନୁହଁ କି ହୃଦୟ ଗୋଟିଏ କିଆରୀ ବି ନୁହଁ । ଭାବକୁ ଅଧିକ ବ୍ୟଞ୍ଜିତ କରିବା ପାଇଁ ଦୁଃଖକୁ ମଞ୍ଜିରେ ଆରୋପଣ ଏବଂ ହୃଦୟକୁ କିଆରୀରେ ଆରୋପଣ କରାଯାଇଛି ।

ଖଳିକାର ନୋହିଁ କଳା ନାଗକୁ ଚାଳିଲୁରେ-ଅର୍ଥ –କୃଷ୍ଣ କେବେହେଲେ ନାଗସାପ ନୁହଁନ୍ତି । ଏଠାରେ ଅଧିକ ଚିତ୍ତାକର୍ଷକ ହେବା ନିମନ୍ତେ କୃଷ୍ଣଙ୍କୁ ନାଗସାପ ମଧ୍ୟରେ ଆରୋପଣ କରାଯାଇଛି ।

ଖରା ସ୍ମରି ଝାଉଁଳିବା ଶ୍ରୀଅଙ୍ଗ ପାଇଲୁରେ,
ଖମଣିମଣ୍ଡଳକୁ ତୁ କର ବଢାଇଲୁରେ ।

କବି କହିବାର ଅଭିପ୍ରାୟ ଏହି ଯେ ଯିଏ ଖରା ନା ଶୁଣିଲେ ଯିଏ ଝାଉଁଳି ଯାଏ, ସେ ପୁଣି ଖମଣିମଣ୍ଡଳ (ସୂର୍ଯ୍ୟ ମଣ୍ଡଳ)କୁ ହାତ ବଢେଇବାର ଦୁର୍ବାର ଅଭିଳାଷ । ଏଠାରେ କୃଷ୍ଣକୁ ସୂର୍ଯ୍ୟ ମଣ୍ଡଳ ସହ ତୁଳନା କରାଯାଇଛି । ତା' ମାନେ କୃଷ୍ଣ କେବେବି ସୂର୍ଯ୍ୟମଣ୍ଡଳ ହୋଇନପାରନ୍ତି । ବାକ୍ ଚାତୁରୀ ପାଇଁ ଏଭଳି ବର୍ଣ୍ଣନା ହୋଇଛି ।

ISSN NO.
2582-208X

ଖାଇ ଦେଇ କି ଅମଳ ଅଚେତା ହୋଇଲୁ ରେ,
ଖାରା ଖଣ୍ଡାଧାରା ଖଟ ବିଚାରି ଶୋଇଲୁରେ ॥

କିଛି ନିଶାଶକ୍ତ ବ୍ୟକ୍ତି ନିଶା ସେବନ କରି ଅଚେତ(ଜ୍ଞାନଶୂନ୍ୟ) ହେଲାପରି, ଧାର ଖଣ୍ଡା(ଶାଣିତ ଖଣ୍ଡା)ରେ ପ୍ରେମ ରୂପକ ନିଶା ସେବନ କରି ଖଟ ଭାବି ଶୋଇଲୁ । ଏଠାରେ ପ୍ରେମ ନିଶାକୁ ଶାଣିତ ଖଣ୍ଡା ସହ ତୁଳନା କରାଯାଇଛି ।

ଗଞ୍ଜାଇକି ଜିଣି ଲାଗି ତାର ପୁଣି ରଞ୍ଜାଇଲା ମନେ ଝଳି
ଗୋଳା ଗରଳରୁ କଟୁ ପୀୟୂଷରୁ ସ୍ୱାଦୁଗୁଣ ଗଲା ବଳି ॥

ଏଠାରେ ସଖୀ ଲଳିତାକୁ ରାଧା କହୁଛନ୍ତି ଗଞ୍ଜେଇ ନିଶାଠାରୁ ଅଧିକ ମୋହିତ ହେଲାପରି ଶ୍ୟାମରୂପକ ଗଞ୍ଜେଇକି ଖାଇଦେଇଛୁ । ଗୋଳା ଗରଳ (ଉତ୍କଟ ବିଷ)କୁ ଗୋଳେଇ ଖାଇଦେଇଛୁ, ଯେଣୁ ମୋତେ ଅମୃତ ଠାରୁ କୃଷ୍ଣପ୍ରେମ ସ୍ୱାଦ ଲାଗୁଛି ବୋଲି ଭାବୁଛୁ । କେବେହେଲେ ଗରଳ ଅମୃତ ହୋଇପାରିବ ନାହିଁ । ଅର୍ଥାତ୍ ପ୍ରେମ ରୂପକ ବିଷକୁ ଅମୃତ ସହିତ ତୁଳନା କରାଯାଇଛି ।

ଘଟୀସରିକି କରେ ନାହିଁ କି ବିବେକରେ
ମହାର୍ଣ୍ଣବରେ ଅବଗାହିଲୁରେ ॥

ଏଠାରେ ମହାର୍ଣ୍ଣବ(ସମୁଦ୍ର) ସହିତ ଶ୍ରୀକୃଷ୍ଣଙ୍କ ପ୍ରେମ ସହିତ ଆରୋପଣ କରାଯାଇଛି । ଉପମା ତତ୍ତ୍ୱ : ସମାନ ଧର୍ମ ବିଶିଷ୍ଟ ବିଭିନ୍ନ ଜାତୀୟ ଦୁଇଟି ବସ୍ତୁର କୌଣସି ବିଷୟରେ ସାଦୃଶ୍ୟ କଳ୍ପନାକରିବାକୁ ଉପମା କୁହାଯାଏ।

ଗତାଳସ ନାଟପଟୁ ଖଞ୍ଜରୀଟ ପରି କି ଆସିଲା ଉଡ଼ି
ଗଣ୍ଡି ଗର୍ଭେ ଗୁଳି ଗଲା ପରି ଗଳି ବିବେକ ଦେଲା ଘଉଡ଼ି ॥

ଏଠାରେ ଉପମେୟ-ଗୁଳି ବା କାମବାଣ, ଉପମାନ - କଜଳ ପାତି ଜାତୀୟ ପକ୍ଷୀ, - ସାଧାରଣ ଧର୍ମ-ଗଳିଯିବା, ଉପମା ବାଚକ ଶବ୍ଦ-ପରି।

ନୀଳୋତ୍ପଳ ବାସି ହେଲା ପରି ଦିଶି ଯାଉଛି ଦୂରୁ ଶ୍ରୀଅଙ୍ଗ
ନାସା ନୀଳ ତିଳଫୁଲରୁ ଅନିଳ ପ୍ରସରୁଛି ବେଗ ବେଗ ।

ISSN NO.
2582-208X

ଏଠାରେ ଉପମେୟ-ଶ୍ରୀମୁଖ , ଉପମାନ- ନୀଳପଦ୍ମ , ସାଧାରଣ ଧର୍ମ-ମଉଳି ଯିବା , ଉପମା ବାଚକ ଶବ୍ଦ-ପରି।

ଚାହିଁ ଚାହିଁ ତୋ ସରଣୀ, କକୁଭକୁରେ ତରୁଣୀ, ଚିତ୍ରାର୍ପିତ ପରି ଥିଲି ବସି ।
ଚିତ୍ର ମଣିଲି ମୁଁ ତୋତେ, ଚାହିଁ ଯା ଅତରକିତେ, ଚାରିଚକ୍ଷୁ ମିଶାଇଲୁ ଆସି ରେ,
ଚଳାପାଙ୍ଗି,
ଚନ୍ଦ୍ରରୁ ଚିପୁଡ଼ି ସୁଧା ଝରି, ଚିରତୃଷିତର ମୁଖେ ଭରି,ଚାତୁର୍ଯ୍ୟ କୃପାଳୁ ଗୁଣ-ନିଧି
ରଖିଲୁ କି ପ୍ରାଣ, ଘେନିଲି ମୁଁ ଏତେ ସରିକରିରେ ॥

ଶ୍ରୀକୃଷ୍ଣଙ୍କ ନିକଟରେ ବିଶାଖା ପହଞ୍ଚିବା ପରେ କୃଷ୍ଣ ଗୋପପୁରର କୁଶଳ ପଚାରିଛନ୍ତି । ତୋ ଆସିବା ବାଟକୁ ଚାହିଁ ବସିଥିଲି । ତୋତେ ଦେଖିଲାପରେ ଲାଗୁଛି ଯେ ଚନ୍ଦ୍ର(ସୁଧା)ରୁ ଅମୃତ ଝରିଲାପରି ଲାଗୁଛି । ଅର୍ଥାତ୍ ଶୋଷିଲା ଲୋକଙ୍କୁ ଅମୃତ ଅଜାଡି ଦେଲେ ପ୍ରାଣ ଉତ୍ଫୁଲିତ ହେଲାପରି ଲାଗୁଛି । ଏଠାରେ ଉପମେୟ-ବିଶାଖାର ଆସିବା ବାଟ, ଏକାଧିକ ଉପମାନ 'ଶ୍ରୀକୃଷ୍ଣ', 'ସୁଧା', 'ଗୁଣନିଧି' ଆଦି ବ୍ୟବହୃତ ହୋଇଛି । ସାଧାରଣ ଧର୍ମ- ଅପେକ୍ଷା, ଓ ଉପମା ବାଚକ ଶବ୍ଦ-ପରି ଇତ୍ୟାଦି ଶବ୍ଦ ବ୍ୟବହାର କରି ଶୈଳୀରେ ଚମତ୍କାରିତା ସୃଷ୍ଟି କରିପାରିଛନ୍ତି ।

ଦ୍ୱିତୀୟାର ଶଶି-ଲେଖା ପରି ଦିଶି
ଗଲେଣି ସେ ଇନ୍ଦ୍ରନୀଳ-ହାତୀ ।

ଏଠାରେ ସାଧାରଣ ଧର୍ମ (କ୍ଷୀଣତା) ଲୁପ୍ତ ହୋଇଥାବାରୁ ଲୁପ୍ତୋପମା ହୋଇଛି ।

ବିଶେଷୋକ୍ତି ଅଳଙ୍କାର :କାରଣ ଥାଇ କାର୍ଯ୍ୟର ଅଭାବ ବର୍ଣ୍ଣିତ ହେଲେ ବିଶେଷୋକ୍ତି ଅଳଙ୍କାର ହୁଏ ।

ଘୋଟି କିତବମୂଳ ଘୋରି ଘୋର ଜାଙ୍ଗଳ
ଗରଳ ତୁଲେ ତାହା ପିଇଲୁ ରେ
ଘୁମାଇବାର ସମ୍ଭବିଲା ନାହିଁ କି ଆମ୍ଭ
ସୁଯୋଗୁଁ ସିନା ବଞ୍ଚିଅଇଲୁରେ ॥

ISSN NO.
2582-208X

କିତବ(ଦୁଦୁରା) ମୂଳ ଘୋଟି, ଘୋର ଜାଙ୍ଗଳ (ଭୟଙ୍କର ତୀବ୍ର ବିଷଯୁକ୍ତ ଜଙ୍ଗଲୀ ଗଛ) ଘୋରି ତାହାକୁ ଯାହାର ସଙ୍ଗେ ପିଇବା କାରଣ ଥିଲେ କାର୍ଯ୍ୟ ଉତ୍ପତ୍ତି (ମୃତ୍ୟୁ) ନ ଘଟିବା ଯୋଗୁଁ ବିଶେଷୋକ୍ତି ଅଳଙ୍କାର ହୋଇଛି ।

ବିଶେଷୋକ୍ତି ଅଳଙ୍କାରର ପ୍ରୟୋଗ : ପ୍ରକୃତ ବସ୍ତୁରେ ଅପ୍ରକୃତ ବସ୍ତୁର ସମ୍ଭାବନା କରାଗଲେ, ସେଠାରେ ବିଶେଷୋକ୍ତି ଅଳଙ୍କାର ହୁଏ ।

ଟଙ୍କାରି କି ଶ୍ରବସରିକି ବାସବକୋଦଣ୍ଡରୁ ଚଣ୍ଡ ଧନୁ,
ଟାଣେ ବିନ୍ଧେ ଶମ୍ବସଦୃଶ କଳମ୍ବ ତୁମ୍ଭଙ୍କୁ ଏକା ଅତନୁ ହେ ।।

ଏଠାରେ ଗୋପପୁରର ଯୁବତୀମତିଚୋର ଯେତେ ରସିକ ଯୁବକ ବୁଲୁଥିଲେ ମଧ୍ୟ, କନ୍ଦର୍ପ ସେମାନଙ୍କ ପକ୍ଷ ହୋଇ ସେମାନଙ୍କୁ କଅଣ କେବଳ କୁସୁମଶର ମାରି, ତୁମ୍ଭଙ୍କୁ ସରଳମତି ଦେଖି ବାହୁଯୁଦ୍ଧ କରି ତୁମ୍ଭ ପ୍ରତି ଖାଲି ବଜ୍ରସଦୃଶ ଶର ପୁନଃ ପୁନଃ ମାରୁଛି ? ଏଠାରେ ପ୍ରକୃତ ବସ୍ତୁ(ଶ୍ରୀକୃଷ୍ଣ)ଙ୍କ ବଜ୍ର ସ୍ୱରୂପ ଇନ୍ଦ୍ରଧନୁ ବା ପ୍ରେମଚାହାଣିକୁ କନ୍ଦର୍ପର ଶର ରୂପେ ସମ୍ଭାବନା କରାଯାଇଥିବାରୁ ଏବଂ 'କି' ବାଚକ ଶବ୍ଦର ପ୍ରୟୋଗ ହେତୁ ବାଚ୍ୟୋତପ୍ରେକ୍ଷା ଅଳଙ୍କାର ହୋଇଛି ।

ଅନୁପ୍ରାସ ଅଳଙ୍କାର :କାବ୍ୟରେ ଏକ ବା ଏକାଧିକ ବ୍ୟଞ୍ଜନବର୍ଣ୍ଣର ବାରମ୍ବାର ବ୍ୟବହୃତ ହେଲେ ଅନୁପ୍ରାସ ଅଳଙ୍କାର ହୁଏ ।

ଜୀବନଦ ନୀଳଜଳଜଯୁଗଳ, ବିଧୁବିମ୍ବେ ହୋଇ ବିଳାସବିଲୋଳ,
ଜାତ କଲା ଗର ଜରଜର ଶର– ନିକର ବରଷା ଖରତର ॥

ଏଠାରେ ପ୍ରଥମ ପଦରେ 'ଜ' , 'ବ', 'ନ', 'ଳ', ଓ ଦ୍ୱିତୀୟ ପଦରେ 'ଜ', 'ର', 'କ', 'ତ' ପର୍ଯ୍ୟାୟକ୍ରମେ ଉଚ୍ଚାରିତ ହୋଇଥିବାରୁ ଏହା ଛେକାନୁପ୍ରାସ ଅଳଙ୍କାର ହୋଇଛି ।

ତହୁଁ କି ବିଷମ ଭାବ, ତର୍କିଲା ମୋ ଚାଟୁ ଶ୍ରବ–
ତଟକୁ ଘଟନ୍ତେ ଅବଧାନ ବିନା ହସିଲରେ ॥

ସଖୀ, ରାଧାଙ୍କ ବିଷୟରେ ଯାହା ସବୁ କହୁଛି ସେଥିରେ କେତେଦୂର ସତ୍ୟତା ଅଛି ବୋଲି କୃଷ୍ଣ ଭାବୁଛନ୍ତି। ଶ୍ରୀକୃଷ୍ଣ ସବୁ ଶୁଣିଲେ ମାତ୍ର କିଛି ଉତ୍ତର ଦେଲେ ନାହିଁ । ରାଧା

ISSN NO.
2582-208X

କହୁଛନ୍ତି ମୁଁ କେତେ ଅନୁନୟ ବିନୟ ହୋଇ କହୁଥିଲି କିନ୍ତୁ ପ୍ରତିକ୍ରିୟା କିଛି ନଥିଲା । ମୁଁ ଯେତେ ଚାଟୁ(ଖୋସାମତ) କରି କହିଲେ ମଧ୍ୟ କିଛି ଫଳପ୍ରଦ ହେଲାନି । ମୁଁ ଯାହା କହୁଥିଲି ଶ୍ରୀକୃଷ୍ଣ ଗ୍ରହଣ ନ କରି ହସୁ ଥିଲେ । ଏଠାରେ ହସିବା ଅର୍ଥ ଉପହାସ କରିବା ନୁହେଁ । ହସିଲା ଅର୍ଥାତ୍ ନଶୁଣି ହସିଲେ । ହସିବା ଅର୍ଥାତ୍ ବ୍ୟଞ୍ଜନା ବା ଭାବ ଅତି ରଞ୍ଜିତ ହୋଇଛି ।

ଉପରୋକ୍ତ ପଦ ଗୁଡିକରେ କବିସୂର୍ଯ୍ୟ ବଳଦେବଙ୍କ ଅସାଧାରଣ ପ୍ରତିଭାର ପରିଚୟ, ପାଣ୍ଡିତ୍ୟପୂର୍ଣ୍ଣ ଶବ୍ଦ ସଂଯୋଜନାର କୌଶଳ ବେଶ୍ ମନଲୋଭା, ତାହା ପାଠକେ ପ୍ରାଣେ ପ୍ରାଣେ ଅନୁଭବ କରିବେ ।

କବି ବଳଦେବ ରଥଙ୍କ ବର୍ଣ୍ଣନାଶୈଳୀ ଯେପରି ଚମତ୍କାର, ଶବ୍ଦସଂଯୋଜନା ମଧ୍ୟ ସେହିପରି ଅପୂର୍ବ । ସେ ଚମ୍ପୂର ବିଭିନ୍ନ ପଦରେ ପ୍ରସଙ୍ଗକ୍ରମେ ବିଭିନ୍ନ ପ୍ରକାର ଶୈଳୀର ସଂଯୋଜନା କରିଛନ୍ତି । କବି ବଳଦେବ ରଥ ଚମ୍ପୂକୁ ସାହିତ୍ୟ ମର୍ଯ୍ୟାଦା ଓ ସୁଖପାଠ୍ୟ କରାଇବାପାଇଁ ବିଭିନ୍ନ ସ୍ଥାନରେ କବିଁ୍ୟକତା ପ୍ରୟୋଗ କରିଛନ୍ତି । ସେହି କବିଁ୍ୟକ ଦିଗ କେତେବେଳେ ମନୋଜ୍ଞ ରୂପକତତ୍ତ୍ୱ ମାଧ୍ୟମରେ ତ ଆଉ କେତେବେଳେ ସୁନ୍ଦର ଉପମାର ପ୍ରୟୋଗରେ ତ କେତେବେଳେ ଶବ୍ଦ ସଂଯୋଜନା ତ ପୁଣି କେତେବେଳେ ବର୍ଣ୍ଣନା ଚାତୁରୀ ତ ଆଉ କେବେ ବିଭିନ୍ନ ଅଳଙ୍କାରର ପ୍ରୟୋଗରେ ଉତ୍ତୁଙ୍ଗ ଜ୍ଞାନର ପରିଚୟ ଦେଇଛନ୍ତି ତ କେବେ ପୁଣି ରସିକତାପୂର୍ଣ୍ଣ ଶବ୍ଦ ମାଧ୍ୟମରେ ପ୍ରେମ ପ୍ରଣୟର ମିଳନର ପରମାନନ୍ଦ ଲାଭ କରିପାରିଛନ୍ତି ତ କେତେବେଳେ ବିଭିନ୍ନ ଶୈଳୀ ତାତ୍ତ୍ୱିକ ବିଶ୍ଳେଷଣ କରି ପାଠକଙ୍କ ଜନମାନସରେ ଉତ୍ତୁଙ୍ଗ ସ୍ଥାନର ଅଧିକାରୀ ହୋଇପାରିଛନ୍ତି । କବି ବଳଦେବ ରଥ ଜଣେ ଅଗାଧ ଜ୍ଞାନର ଅଧିକାରୀ ବା ସଂସ୍କୃତ ସାହିତ୍ୟରେ ପାରିଦର୍ଶିତା ଥିଲେ , ତାହା ଉପରୋକ୍ତ ଆଲୋଚନାରୁ ସ୍ୱଷ୍ଟ ଅନୁମେୟ। ସେ ଜଣେ ଶୈଳୀ ବିଜ୍ଞାନୀ କହିଲେ ଅପ୍ରାସଙ୍ଗିକ ହେବ ନାହିଁ । ଏଣୁ କବି ବଳଦେବ ରଥ ଜଣେ ସୌନ୍ଦର୍ଯ୍ୟ ପିପାସୁ ହୋଇଥିବାରୁ ତାଙ୍କ ଚମ୍ପୂ ବିଭିନ୍ନ ଶୈଳୀ ବିମଣ୍ଡିତ ହୋଇ ନାନ୍ଦନିକ ମୂଲ୍ୟ ବହନ କରିଛି ।

ସହାୟକ ଗ୍ରନ୍ଥସୂଚୀ :

୧. ବେହେରା, ଅଧ୍ୟାପକ ଡଃ କୃଷ୍ଣ ଚରଣ, 'କବି ସୂର୍ଯ୍ୟ –ଗ୍ରନ୍ଥାବଳୀ', ସଂକଳନ ଓ ସମ୍ପାଦନା– ଫ୍ରେଣ୍ଡସ୍ ପବ୍ଲିଶର୍ସ ୧୯୯୮ ।

ISSN NO.
2582-208X

୨· ଦାସ, ଅଧ୍ୟାପକ ଶ୍ରୀଧର, 'କବି ସୂର୍ଯ୍ୟ' , ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋରସ୍ ପ୍ରେସ୍, ୧୯୫୪।
୩· ଦାସ, ଅଧ୍ୟାପକ ଶ୍ରୀଧର, 'ଅଳଙ୍କାର ପ୍ରବେଶ', କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର ୧୯୫୧ ।
୪· ଦାଶ, ଡଃ ଗଗନେନ୍ଦ୍ର ନାଥ, ଶୈଳୀ ବିଜ୍ଞାନ, ସମ୍ପାଦନା, ଓଡିଆ ଗବେଷଣା ପରିଷଦ, କଟକ- ୧୯୮୯, (ପୃ-୧୦)
୫· ତତ୍ରୈବ-ପୃ-୪୩
୬· Abrams, M. H., A Glossary of Literary Terms, Earl Mcpeek, 1999.

(((-)))

ଅଧ୍ୟାପିକା
ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ଗଞ୍ଜାମ ମହାବିଦ୍ୟାଳୟ, ଗଞ୍ଜାମ
ସମ୍ପର୍କ : ୮୮୯୫୮୬୭୦୦୪

ଅଧ୍ୟାପକ
ଓଡିଆ ଭାଷା ଓ ସାହିତ୍ୟ ବିଭାଗ
କେ· ଭି· ମହାବିଦ୍ୟାଳୟ, କଣ୍ଟାବାଞ୍ଜି
ସମ୍ପର୍କ : ୭୯୭୮୯୦୯୫୮୯

ISSN NO.
2582-208X

# ଆ ଜଙ୍ଗଲଟିଏ ଗଢ଼ିବା



ଜୟଶ୍ରୀ ପଟ୍ଟନାୟକ

ରିମଝିମ ଝରୁଛି ବର୍ଷା ତାନ ବିତାନ ରେ
ତଥାପି ନୀଳାକାଶ କୃଷ୍ଣବର୍ଣ୍ଣ
ପାହାଡର ପାଦ ଦେଶରେ ନୃତ୍ୟରତ ମୟୁର
ନାଗ ନାଗୁଣୀର ମିଳନ ଋତୁ
ମାଟି ବତର ହୋଇଛି ଶ୍ରାବଣର ସ୍ପର୍ଶରେ
ଶୀତଳତା ଛାଇ ଯାଇଛି ଧରଣୀ ଦିହକୁ ।

କ୍ଷେତରେ ଲହରୀ ଖେଳୁଛି ବରଷା ପାଣି
ପଖିଆ ତଳେ ଚାଷୀ ଭାଇର ଉଜ୍ଜ୍ୱଳ ମୁହଁ
ଆ ଏଇ ବେଳେ ରୋପିଦେବା ଅସୁମାରୀ ଚାରା
ବତର ମାଟି ଖୋଳି ପୋତିଦେବା ବୀଜ
ଚିତାଲାଗିରେ ପୂଜିଲେ ଧରଣୀ ମା କୁ
ଗେଣ୍ଡା ଓ ସାପ ଆଘାତ ଆଉ ରହିବନି
ଚାରିଦିନ ଲଗାଣ ବର୍ଷାରେ ରାସ୍ତାଘାଟ ଖଣ୍ଡିଆ ଖାବରା ।

ନଈ ରେ ନଈଏ ପାଣି
ବିଲ ମାଳ ରାସ୍ତାଘାଟ ସବୁଠି ଆଣ୍ଠୁଏ ପାଣି
ଇଆଡ଼େ କ୍ଷେତକୁ ଦେଖ ।

ISSN NO.
2582-208X

ଦୁଇକେନା ଦେଇ ଅଙ୍କୁରେଇଛି ବୀଜ
ଚାରା ଗଛ ହସୁଛି ପାଞ୍ଚ ଇଞ୍ଚିଆ ବଢ଼ିଲା ଦେହରେ
କେତେ ସ୍ୱପ୍ନ ଧରା ଦେଲେଣି ଆଖି ଆଇନାରେ
କାଲି ସୃଷ୍ଟିହେବ ଜଙ୍ଗଲ ଟିଏ
ପଇଁତରା ମାରିବେ ପଶୁ ପକ୍ଷୀ
ହାତୀ ପଟୁଆର ଆସିବେ ଶସ୍ୟ କ୍ଷେତକୁ
ଭୟ ଥିବ କଲରାପତରିଆ ର ପତିଆରାକୁ
ମୌସୁମୀ ଛୁଉଁ ଥିବ ଜଙ୍ଗଲର ମଥା
ଜନଜାତି ର କୁଟୀର ପରି ଦିଶୁଥିବ ଘର।

ସେଇଠି ବସି ଦେଖୁଥିବୁ ପ୍ରକୃତିକୁ
ଖୁସି ହେଉଥିବୁ ମୁଁ ଲଗେଇଥିବା ଗଛ ମାନଙ୍କରୁ
ଜନମ ନେଇଛି ଜଙ୍ଗଲ ବୋଲି
ଝୁଣା କାଠ, ଫଳ, ଜଙ୍ଗଲୀ ଫୁଲ ସାଙ୍ଗକୁ ଦେଉଛି ମହୁଲ
ଫୁଲମାନେ ହସୁଛନ୍ତି ସ୍ୱଚ୍ଛନ୍ଦରେ, ଆନନ୍ଦ ବିଭୋରେ
ଗଛ ଛାଇରେ ନିଦାଘ ମୁହଁ ଢାଙ୍କିଛି
ଲାଗୁଛି ବସନ୍ତ ଆସିଯାଇଛି କି ଋତୁରେ।

(((-)))

ମଧୁସୂଦନ ନଗର, ଜଟଣୀ, ଖୋର୍ଦ୍ଧା
ମୋ: 7978110474

ISSN NO.
2582-208X

# ସକାଳ



ଦୀପାଳି ଦାସ

ଦେଖ,
ଏ ପାହାନ୍ତି ସକାଳଟା
କେମିତି ଅଝଟ ହେଲାଣି,
ଏଇନା ବିତିବ କିଛି ବେଳ ଏମିତି
କଅଁଳିଆ ଖରା ଖଣ୍ଡେ
ବାଲକୋନୀ ମୁହଁକୁ ଆସିବା ଆଗରୁ...

କାଲି ସାରା ରାତି ପ୍ରବଳ ଗୁଳୁଗୁଳି ଏଠି
ବଡ଼ ଅସହ୍ୟ ଥିଲା ଏ ଝାଳୁଆ ରାତି...
ଏବେ ବହିଲାଣି ହେମାଳ ପବନ ଟିକକ
ଗଛ ପତ୍ରସବୁ ଧୀରେ ଧୀରେ
ଦୋହଲିବାକୁ ଲାଗିଲେଣି...

ହେଇଟି ଖସ୍ କରି ଶବ୍ଦଟା ସେଇଠି ରହିଗଲା,
ବନ୍ଦ ଦରଜା ଆଗରେ କେହି ଜଣେ
କ୍ଷୀର ପ୍ୟାକେଟ ଦିଟା ବୋଧେ
ତଳେ ଲୋଟେଇ ଦେଇ ଚାଲିଗଲା...

ଅଳସ ଭାଙ୍ଗୁଛି ଏଇନା ନିରୋଳା
ଗଡ଼େଇ ଦେଇ ଯାଏ ଟିକେ ତୋତେ
ଝାଡି ଝୁଡ଼ି କଷଣ ତୋ ଦେହରୁ...
ପେଷିଲା ବେଳକୁ ବାଟଣ ଶିଳରେ
ଖସିଗଲାଣି ଆଡେ ମସଲା

ISSN NO.
2582-208X

ଦରଖଣ୍ଡିଆ ହୋଇ ଆର ପଟକୁ...
ଦି ପରସ୍ତ କରି ବଳ କଷି ଭଲରେ
ରଗଡେଇ ଦିଏ ପୁଆଟାକୁ
ସୋରିଷ ଆଉ ପୋସ୍ତ ଉପରେ,
ପାଲିସ୍ କରିଦେଲେ ଟିକେ ବଢ଼ିଯିବ
ତୁଅଣର ସ୍ୱାଦଟା ଏଥିରେ
ରନ୍ଧା ହେଲାବେଳକୁ...

ସେ ଗରମକୁ ଗୋଟେଇନେଇ
ବାନ୍ଧିଦିଏ ତ ମୋ ପଣତ କାନିରେ ଗଣ୍ଠିଟେ ଦେଇ -
ଉଠିଲୁ ଉଠିଲୁ ଏଥରକ ତୁ..
ବଦଳେଇ ଦିଏ ସେ ବେଡ୍ ସିଟ୍ ଖଣ୍ଡକ
ପଡ଼ିଲାଣି ଯୋଉ କୋଉ କାଳରୁ ...
ହେଲାଣି ମସିଆ,
ପାତିଦିଏ ନୂଆ ଧୋବ ଚାଦରଟା..
ନହେଲେ, ମେଲା ପଡିଥିବ ସେମିତି
ଏ ଖଟ ଟା...

ଭାରୀ ହାଲିଆ ଲାଗିଲାଣି ଦେହମୁଣ୍ଡ ଖଟିଖଟି...
ଦେଖ ତ, ଖଣ୍ଡେ ଡାକବଙ୍ଗଳା କୋଉଠି
ଯୋଗାଡ ହୋଇ ପାରିବ ଯଦି ଛୁଟିରେ..
ବୁଲି ଆସିବା ଟିକେ ସେଠି ରାତିଟେ କଟେଇ..
ଫେରି ଆସିବା ତା ଆରଦିନକୁ ପଛେ ସଅଳ,
ମନ୍ଦିରରେ ଘଣ୍ଟିପିଟା ହେବା ଆଗରୁ...।।

((( - )))

ଏନ୍. ଆର୍. ଆଇ. କମ୍ପ୍ଲେକ୍ସ, ନାଭି ମୁମ୍ବାଇ, ମହାରାଷ୍ଟ୍ର
dipalidass19@gmail.com
7044207357, 9136424755

ISSN NO.
2582-208X

# ମା ଏମିତି ଶବ୍ଦ ଟିଏ



ପୁଷ୍ପାଞ୍ଜଳି ମିଶ୍ର

ମା' ର ଆଶିଷ ଥିଲେ ମୋ ମଥାରେ
କାହାକୁ ନ ଥାଏ ଡର
ନିଜେ ସେ ନ ଖାଇ ସାଇତି ରଖେ
କହଇ ଛୁଆକୁ ଦିଅ
ଗୋଡ଼ରେ ଯେବେ କଣ୍ଟା ଫୁଟିଥାଏ
ଲୁହ ତା ଆଖିରୁ ଝରେ
ହୃଦୟ ର ଭାଷା ସିଏ ଯେ ବୁଝିବ
ରକ୍ତକୁ କରି ପାଣି
ସ୍ୱଚ୍ଛ ମନଟିଏ କେବଳ ତାହାରି
ସିଏ ଯେ ଖାଲି ମା
ତା ରି ଆଶିଷ ଥିଲେ ମୋ ମଥାରେ
କାହାକୁ ମୋ ଭୟ ନାହିଁ
ପବିତ୍ର ଶବ୍ଦ ସେ କିଏ ହେବ ଆଉ
ତା ସମତୁଲ ସମ
ତାର ପଣତ ବଡ଼ ଦେଉଳ ର ନେତ
ସ୍ୱର୍ଗ ସୁଖ ମିଳିଥାଏ
ଦଶ ମାସ ଦିନ ଗର୍ଭେ ଧରି ସିଏ
ସହି ଥାଏ କେତେ କଷ୍ଟ
ମୋ ପାଇଁ ସିଏ ଚଳନ୍ତି ପ୍ରତିମା

ISSN NO.
2582-208X

ମନ୍ଦିର ମୋ ଛୋଟ ଘର
ସେହି ଘରେ ମତେ ଆନନ୍ଦ ମିଳଇ
ସତେ ଅବା ବୈକୁଣ୍ଠ ପୁର
ମମତା ମୟୀ ସେ ସେନେହମୟୀ
ସ୍ନେହ ମୟୀ ଦେବୀ ଟିଏ
ଖୁସି ବସନ୍ତ ର ଝୁଲଣା ଟିଏ
ସୀମା ହୀନ ସାଗରିକା
ନିଃସ୍ୱାର୍ଥପର ପ୍ରେମର ପ୍ରତିକ
ଶ୍ରଦ୍ଧାର ଗନ୍ତାଘର
ମମତାର ଅତୁଟ ଦେବୀ ସେ
ଘନ ବର୍ଷା ର ଅମୋଘ ଆବରୋଣ
ମା ସେ ମୋ ମା
ପରିବାରର ବିଶାଳ ତରୁ ସେ
ଅବ୍ୟକ୍ତ ଓଁ କାର ଶବ୍ଦ
କରୁଣାର ସରୁ ଝରଟିଏ
ମର୍ତ୍ତ୍ୟ ମଣ୍ଡଳର ଅପୂର୍ବ ଦେବୀ ଟିଏ

(((-)))

ସୁକନ୍ଦା କ୍ରୋମାଇଟ ମାଇନ୍ସ
ଯାଜପୁର
୯୫୫୬୬୪୩୯୨୧

ISSN NO.
2582-208X

# ସୁର, ସାହିତ୍ୟ ଓ ସଂସ୍କୃତିର ଅମର ଦୀପ୍ତି: ଅକ୍ଷୟ ମହାନ୍ତି



ତେଜସ୍ୱିନୀ ସାମଲ

ଓଡ଼ିଆ ସଙ୍ଗୀତ ଓ ସାହିତ୍ୟ ଆକାଶରେ ଯେଉଁ ତାରା ନିଜ ଦୀପ୍ତିରେ ସଦା ଦିପ୍ତିମାନ, ସେ ହେଲେ ଅକ୍ଷୟ ମହାନ୍ତି। ଅକ୍ଷୟ ମହାନ୍ତି ! ଗୋଟେ ନାଁ ନୁହେଁ, ଗୋଟେ ଆବେଗ, ଗୋଟେ ଆକର୍ଷଣ, ହୃଦୟର ଶୂନ୍ୟତାରୁ ଆପେଆପେ ଶୁଭୁଥିବା ଗୋଟେ ସୁମଧୁର ସଙ୍ଗୀତ। ତାଙ୍କ ସୁରରେ ଥିଲା ହୃଦୟର ହାଲୁକା କମ୍ପନ, ତାଙ୍କ କବିତାରେ ଥିଲା ଜୀବନର ଗଭୀର ଦାର୍ଶନିକତା, ଓ ତାଙ୍କ କଣ୍ଠରେ ଥିଲା ଏମିତି ମାଧୁର୍ଯ୍ୟ ଯାହା ଶ୍ରୋତାଙ୍କ ମନକୁ ମୋହିତ କରି ରଖେ। ସେ କେବଳ ଜଣେ ଗାୟକ ନୁହଁନ୍ତି, ସେ ଥିଲେ ସମଗ୍ର ସଂସ୍କୃତିର ସ୍ୱର, ଏକ ଯୁଗର ଅଭିବ୍ୟକ୍ତି। କବିଶିଷ୍ଟ କଣ୍ଠଶିଳ୍ପୀ, ସଙ୍ଗୀତ ନିର୍ଦ୍ଦେଶକ, ଗୀତିକାର ଓ କବି ଭାବେ ଅପୂର୍ବ ପରିଚୟ ରଖିଛନ୍ତି। ତାଙ୍କ ସଙ୍ଗୀତ ଓ ସାହିତ୍ୟ ଓଡ଼ିଆ ସଂସ୍କୃତିକୁ ସମୃଦ୍ଧ କରିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

୧୯୩୬ ମସିହାରେ ଜନ୍ମିତ ଏହି ମହାନ କଳାକାର ଛୋଟବେଳୁ ସଙ୍ଗୀତରେ ନିଜର ଆତ୍ମାକୁ ଖୋଜି ପାଇଥିଲେ। ସେ ଯେପରି ସୁରକୁ ବୁଝୁଥିଲେ, ସେପରି ଶବ୍ଦକୁ ଭାବୁଥିଲେ—ଏହି ଦୁଇର ଅଦ୍ଭୁତ ସମନ୍ୱୟ ତାଙ୍କୁ ଅନ୍ୟ ସବୁଠୁ ବିଶିଷ୍ଟ କରିଥିଲା। ଗୀତ ଲେଖୁଥିଲେ, ସୁର ଦେଉଥିଲେ ଓ ସେହି ଗୀତକୁ ନିଜ କଣ୍ଠରେ ଜୀବନ୍ତ କରୁଥିଲେ—ଏହି ତ୍ରିମୁଖୀ ପ୍ରତିଭା ତାଙ୍କୁ ଓଡ଼ିଆ ସଙ୍ଗୀତ ଜଗତରେ ଏକ ଅଦ୍ୱିତୀୟ ସ୍ଥାନ ଦେଇଛି।

ଓଡିଆ ସଙ୍ଗୀତ ଜଗତର ସେ ହେଉଛନ୍ତି ବେତାଜ ବାଦଶାହ, ସଂଗୀତ ସାମ୍ରାଜ୍ୟର ଅଜାତଶତ୍ରୁ । ଆମ ଓଡିଶାର ଗୀତ, ଓଡିଆଙ୍କ ଚାଲିଚଳଣି, ଲୋକକଥା, ହାବଭାବ, ଗାଁ ମାଟିର ମହକକୁ ନେଇ ତାଙ୍କ ଗୀତକବିତା । ସେଇଥି ପାଇଁ ତ ସଙ୍ଗୀତ ଓ ସାହିତ୍ୟର ସେ

ISSN NO.
2582-208X

ହେଉଛନ୍ତି କିମ୍ବଦନ୍ତୀ ପୁରୁଷ। ଖୋକା ଭାଇ ନାଁରେ ସଭିଁଙ୍କ ପ୍ରିୟ ଅକ୍ଷୟ ମହାନ୍ତି ଓଡିଆ ସଙ୍ଗୀତର ମଖମଲ ଚେହେରାରେ ନୂଆ ରଙ୍ଗ ମାଖିଥିଲେ ଓ ନୂଆ ଦିଗ ଦେଖାଇଥିଲେ । ବୋଧେ ଅକ୍ଷୟ ମହାନ୍ତି ହିଁ ସଙ୍ଗୀତକୁ ଗୋଟେ ସ୍ତରକୁ ନେଇଥିଲେ ଯେଉଁଠି ଲୋକଙ୍କ ରୁଚିକୁ ସେ ବୁଝିଥିଲେ ଆଉ ଭେଟି ଦେଇଥିଲେ ଅନେକ ମନ ଛୁଆଁ ଗୀତ । ତାଙ୍କ ଗୀତରେ ଆମେ ଦେଖିଥାଉ ଓଡିଆଙ୍କ ଚାଲିଚଳଣି, ଲୋକକଥା, ହାବଭାବ, ଗାଁ ମାଟିର ମହକ, ଜୀବନର ଅନେକ ରୂପ, ପ୍ରେମର ସ୍ନିଗ୍ଧତା, ବିରହର ବେଦନା, ସମାଜର କଠୋର ସତ୍ୟ, କେବେ ମନୁଷ୍ୟତାର ସୁକୁମାର ଅନୁଭୂତି। ତାଙ୍କ ଶବ୍ଦ ମାତ୍ର ସଙ୍ଗୀତ ନୁହେଁ, ଜୀବନର କାହାଣୀ, ମନର ଆବେଗ ଓ ଆତ୍ମାର ଆଲୋକ।

ସେଥିପାଇଁ ତାଙ୍କ ଗୀତ ସମୟର ସୀମାକୁ ଅତିକ୍ରମ କରି ଆଜି ମଧ୍ୟ ସମାନ ଭାବରେ ପ୍ରାସଙ୍ଗିକ ଓ ପ୍ରିୟ।। “କେତେଦିନଆଉ”, “ପଣ୍ଡାବାବୁ”, “ସ୍ମୃତି ଏକ ରୂପକଥା”, "ଏ ଏ ଏ ଆଲୋ ଆଲୋ ମଣି", "ଚନ୍ଦ୍ରମଲ୍ଲି ହସେ", "ହସ ତୋ ଲକ୍ଷେ ଟଙ୍କା", "ହେ ଫଗୁଣ ତୁମେ ଗଲା ପରେ", "ରଜାଝିଅ ସାଙ୍ଗେ", "ଯାଯାବର", "ଯା'ରେ ଭାସି ଭାସି ଯା", "ଉଡ଼ିଗଲେ ଗେଣ୍ଡାଳିଆ ଝାଡ଼ିଦେଲେ ପର", "ଗାଇଆଳ ଭାଇ ଗାଉଛି ଗୀତ", "ସ୍ମୃତି ତୁମେ, ବୟସର କୃଷ୍ଣଚୂଡ଼ା", "ଉଡ଼ି ଉଡ଼ି ଉଡ଼ି ଯା'ରେ ଉଡ଼ି", "ବାହା ବାହାରେ କାପିଟାଲ", "ପୁଣ୍ୟର ନଦୀତିରେ", "ଅବୁଝା ପ୍ରିୟତମା, ନଦୀର ନାମ ଅଳସକନ୍ୟା", "ସାବି ସାବି, ଆଲୋ ରତନି", "ନଣ୍ଡା ମୁଣ୍ଡିଆ ଡାଇଭର", "ସକାଳର ଗାଡ଼ି", "ବେବି ଏକ ଗେହ୍ଲା ଝିଅ", "ଗୋରି ଗୋରି ଗୋରି", "ରକତ ଟଳମଳ", "ଟିକ ଟିକ ଟିକ ଘଣ୍ଟା ଚାଲେ","ଏଇ ଚୁମକି","ଅବୁଝା ପ୍ରିୟତମା","ଛପି ଛପି ବାସନ୍ତୀ ରାତି", "ରେଳଗାଡ଼ି ଯାଉଛି ଗଡ଼ି", "ସାତ ଦରିଆ ପାରେ", "ଚନ୍ଦ୍ରମା ଏକ ଚନ୍ଦନ ବିନ୍ଦୁ", "ରାତି "ଯେ ଖୋଜେ","କଳଙ୍କିତ ଏଇ ନାୟକ", "ତୁ କି ବୁଲି ବାହାରିବୁ ସହର","ମାଠିଆରେ ଗୋଟେ କଣା କାଳୀ ଗୋରି ଦିହେଁ ଗାଧେଇ ଗଲେ", "ଠିକ ତୋରି ପରି ଝିଅଟିଏ","ଜାତକ ପଡ଼ିଛି ରାଜଜୋଟକ" ଭଳି ଅନେକ ଜନପ୍ରିୟ ଗୀତ ଦେଇଥିଲେ, ଯାହା ଆଜି ମଧ୍ୟ ଲୋକମାନଙ୍କ ମନରେ ଜୀବନ୍ତ।

ସଙ୍ଗୀତର ଶବ୍ଦ ସଂଯୋଜନାରେ ସେ ଥିଲେ ସିଦ୍ଧହସ୍ତ । ଚା ବାଲାର ଭାଷା, ରିକ୍ସାବାଲାର ଭାବ, ଛକରେ ସୁନ୍ଦରୀ ଅପେକ୍ଷାରେ ଥିବା କଲେଜ ପଢୁଆ ପିଲାଙ୍କ ମନକୁ ପାଇଲା ପରି ଅତି ଚତୁରତାର ସହ ସେ ସଙ୍ଗୀତ କରୁଥିଲେ । ଗୀତ ରଚନା ହେଉ କି କଣ୍ଠଦାନ ସବୁଥିରେ ସେ ଥିଲେ ପାରଙ୍ଗମ । ସଙ୍ଗୀତ ନିର୍ଦ୍ଦେଶକ ଭାବେ ଅନେକ ଓଡ଼ିଆ ଚଳଚ୍ଚିତ୍ରରେ

ISSN NO.
2582-208X

କାମ କରିଥିଲେ ଓ ସଙ୍ଗୀତର ନୂତନ ଧାରାକୁ ପରିଚୟ କରାଇଥିଲେ। ସେ ଓଡ଼ିଆ ସଙ୍ଗୀତକୁ ଆଧୁନିକ ଶୈଳୀ ସହିତ ଯୋଡ଼ି ଏକ ନୂଆ ପରିଚୟ ଦେଇଥିଲେ। ସେ ପାରମ୍ପରିକ ଓଡ଼ିଆ ସୁରକୁ ଆଧୁନିକ ସଙ୍ଗୀତ ଶୈଳୀ ସହିତ ଏମିତି ମିଶାଇଥିଲେ, ଯାହା ଶ୍ରୋତାଙ୍କ ପାଇଁ ଏକ ନୂତନ ଅନୁଭୂତି ହୋଇଥିଲା। ତାଙ୍କ ସଙ୍ଗୀତରେ ଥିଲା ଲୋକସଂସ୍କୃତିର ସ୍ପନ୍ଦନ ଓ ଆଧୁନିକତାର ସ୍ୱାଦର ଏକ ଅଦ୍ଭୁତ ସମନ୍ୱୟ।

ଅକ୍ଷୟ ମହାନ୍ତି ଓଡ଼ିଆ ସଙ୍ଗୀତ ଓ ସାହିତ୍ୟ ଜଗତର ବିଦଗ୍ଧ ବ୍ୟକ୍ତିତ୍ୱ । ଗୀତିକାର ଓ କବି ଭାବେ ତାଙ୍କ ଲେଖନୀ ଥିଲା ଅତ୍ୟନ୍ତ ସଜୀବ ଓ ସକରାତ୍ମକ। ସେ ସରଳ ଓ ସାବଲୀଳ ଶବ୍ଦରେ ଗଭୀର ଅର୍ଥକୁ ପ୍ରକାଶ କରିବାରେ ପାରଦର୍ଶୀ ଥିଲେ। ତାଙ୍କ କବିତାରେ ଜୀବନର ସୁନ୍ଦରତା ଓ ଦୁଃଖର ଅନୁଭୂତି ଦୁହିଁର ମିଶ୍ରଣ ଦେଖିବାକୁ ମିଳେ। ତାଙ୍କ ଜୀବନ ଓ ସୃଷ୍ଟି ଆମକୁ ଏକ ମହତ୍ୱପୂର୍ଣ୍ଣ ସନ୍ଦେଶ ଦେଉଛି—କଳା କେବଳ ମନୋରଞ୍ଜନ ନୁହେଁ, ସେ ମନୁଷ୍ୟତାର ଆଇନା, ସମାଜର ଦର୍ପଣ। ଅକ୍ଷୟ ମହାନ୍ତି ନିଜ କଳା ମାଧ୍ୟମରେ ଏହି ସତ୍ୟକୁ ସାର୍ଥକ କରିଥିଲେ। ୨୦୦୨ ମସିହା ନଭେମ୍ବର ମାସ ୧୭ ତାରିଖ ଦିନ ଆଖିବୁଜିଥିଲେ ଚିରସବୁଜ ଗାୟକ ତଥା ଓଡ଼ିଆ ମ୍ୟୁଜିକ

ଜଗତର ବେତାଜ ବାଦଶାହ ଅକ୍ଷୟ ମହାନ୍ତି। ଆଉ ତାପରେ ଶେଷ ହୋଇଥିଲା ଅକ୍ଷୟ ଯୁଗ । ମହାନଦୀ ତୀରରେ ଅସ୍ତ ହୋଇଥିଲା ଗୋଟେ ଉଜ୍ଜ୍ୱଳ ସୂର୍ଯ୍ୟ କିନ୍ତୁ ତାଙ୍କ ସୁର ଆଜି ମଧ୍ୟ ପବନରେ ଭାସି ଚାଲିଛି, ତାଙ୍କ ଶବ୍ଦ ଆଜି ମଧ୍ୟ ହୃଦୟରେ ଝଙ୍କାର ଦେଉଛି। ଅ'ରୁ ଆରମ୍ଭ ହେଲେ ନାହିଁ ତାଙ୍କ ଅନ୍ତ... କାରଣ ସେ ସଭିଙ୍କ ଅନ୍ତରରେ, ଆତ୍ମାରେ, ଓଡିଶାବାସୀଙ୍କ ହୃଦୟରେ ଏକ ଅଭୁଲା ସ୍ମୃତି... ସେ ନାହାନ୍ତି, କିନ୍ତୁ ତାଙ୍କ ସୃଷ୍ଟି ତାଙ୍କୁ ଅମର କରି ରଖିଛି। ସେ କେବଳ ଜଣେ କଳାକାର ନୁହଁନ୍ତି; ସେ ଥିଲେ ଏକ ଯୁଗର ସ୍ୱର, ଏକ ସଂସ୍କୃତିର ପ୍ରତୀକ।

(((-)))

ଅଧ୍ୟାପିକା, କେନ୍ଦ୍ରାପଡା

ISSN NO.
2582-208X

# ଗୁଡ୍ ଫର୍ ନଥିଙ୍ଗ



ସ୍ୱର୍ଣ୍ଣ ରଥ ମହାପାତ୍ର

ସବୁବେଳେ ଗୁଡ୍ ଫର୍ ନଥିଙ୍ଗ କହୁଥିବା ଲୋକ
କଥାରେ ଲାତ ବାଣୀରେ ବାଣ ଫୁଟାଉଥିବା
ମଣିଷ ବନାମ ପତି ଦେବ ରବି ଦାସ
ଆଜି ଝଡି କୁଢେଇ ହେଇ ପଡୁଛି
ଚଇତ ବରଗଛ ପରି
ଗୁଡ ଫର୍ ନଥିଙ୍ଗ ସ୍ତ୍ରୀ ଲୋକଟା
ଏବେ ଜୀବନର ଏଭ୍ରି ଥିଙ୍ଗ ହେଇଯାଇଛି ।
ଆଖି ବୁଜି ଦେଲା ଦିନଠୁ
ରବି ଦାସର ଆଖି ଖୋଲି ଦେଇ ଚାଲି ଯାଇଛି
ଦିନରେ ତାରା ରାତିରେ ଖରା ଦିଶୁଛି
ସିଢି ଢେରା ହେଇ ଥିଲା ସ୍ୱାମୀ ପାଇଁ
ଲଟେଇ ଥିଲା ତା ଉପରେ ରବି ଦାସ
ଏବେ ଚାଳରୁ ଖସି ପଡ଼ି ମାଟିରେ ଲତପତ ହେଉଛି
ସ୍ତ୍ରୀ ର ପୁରାଣ ଗାଇ ଗାଇ ନିତି ପୋଥି ବାନ୍ଧୁଛି ।
ଅହ୍ୟ ସୁଲକ୍ଷଣୀ ଚାଲିଗଲା ସିନା
ସ୍ୱାମୀର ଗୋଡ ହାତ ନେଇ ଚାଲିଗଲା
ଏବେ ଦାସେ ଆପଣେ ଅଚଳ
ପକ୍ଷପାତ ରୋଗୀ ପରି ଶକ୍ତିହୀନ କାୟା

ISSN NO.
2582-208X

ଘରଣୀ ଘରମଣୀ କହି ବଜାଉଛି ଖଞ୍ଜଣି
ବିରହୀ ବିଚରା ଦାସ ବାବୁ ଶୁଖି ବାଉଁଶ କଣି ।

ସ୍ତ୍ରୀ ବିହୁନେ ରବି ଦାସର ପତ୍ରଝଡ଼ା ଦେଖି
ମତେ ଏବେ ମରିବାକୁ ବଡ ମନ ହେଲେଣି
ଜୀବନ୍ତ ନ ହେଲା ନାହିଁ ଛଳନା ମରଣଟେ ହୁଅନ୍ତା କି !
ଦେଖନ୍ତି ମୋ ରସିକ ନାଗର ଚୁଡ଼ାମଣିର ଶୋକ
ବାହୁନିଆ କାନ୍ଦଣା ବେଦନାର ଚିନ୍ତାମଣୀ ରୂପ ।
ମରଣ ପରେ ତ ଦେଖି ହେବନି
ଜୀଇଁ ଥାଉ ଥାଉ କାତ ମାରି ହୁଅନ୍ତା
ମୋ ପ୍ରେମର ଗଭୀରତା ଛଳ ଛଳ ରୂପ
ଛବି ଦାସିଆଣୀ ପରି ମୁଁ ଗୁଡ୍ ଫର୍ ନଥିଙ୍ଗ
ନା ସ୍ୱାମୀ ଜୀବନର ଏଭ୍ରି ଥିଙ୍ଗ !
ପୃଥିବୀ ସୂର୍ଯ୍ୟ ଚାରିପାଖେ ପରିକ୍ରମା କଲା ପରି
ଯାହା ଚାରିପାଖେ ମୁଁ ଦିନ ରାତି ବେଙ୍ଗଳା ପକାଉଛି
ସକାଳ ଅର୍ପଣରେ ପ୍ରୀତିକୁ ପୂଜା ଫୁଲ କରି
ପ୍ରେମକୁ ସଂଜ ଦୀପ କରି ଜାଳୁଛି ନିତି
ମୋ ଅର୍ପଣ ସମର୍ପଣର ଆରତୀ ଦେଖିବାକୁ ଚାହେଁ
ଛବି ଦାସ ତା ଭାଗର ଶତ ପ୍ରତିଶତ ପ୍ରେମ ଛାଡ଼ିଗଲା
ମୋ ଭାଗରେ କେତେ ପ୍ରତିଶତ ମୂଲ ମିଳିବ ?
ମୁଁ ସ୍ମୃତି ତର୍ପଣ ହେବି ନା ବିସ୍ମୃତିର ଚିତ୍ର ହେବି
ନା ଅତୀତର ଡାଏରୀ ହେଇ ସେଲ୍ଫରେ ଧୂଳି ଖୋଜିବି ।

(((–)))

ବିଜୟା ଗାର୍ଡେନ,
ଜାମଶେଦପୁର

ISSN NO.
2582-208X



# ନଶିଥ



ଅରୁଣ କୁମାର ମହାପାତ୍ର

କାହାରିକୁ ଭେଦଭାବ କରେନା
ରାଜପ୍ରାସାଦ କୁଡ଼ିଆ ଅଗଣା,
ସଭିଙ୍କୁ ଆବୋରି ନିଏ ତା କୋଳେ
କ୍ଳାନ୍ତି ଧୋଇଦିଏ ସ୍ନେହ ସଲିଳେ,
ବୋଳି ଶାନ୍ତିର ଶୀତଳ ପ୍ରଲେପ
ବିଶ୍ୱକୁ ଦିଏ ସେ ଜୋଛନା ଲେପ।

ପୂର୍ଣ୍ଣଚ୍ଛେଦ ନୁହେଁ ତ ଜୀବନର
ପ୍ରସ୍ତୁତି ପର୍ବ ନୂଆ ଦିଗନ୍ତର,
ଝଡ଼ଝଞ୍ଜାରେ ମନ ହାରିଯାଏ
ତା' କାନେ ସାହସର ମନ୍ତ୍ର ଗାଏ,
କହେ ଶୋଇପଡ଼ ନିଶ୍ଚିନ୍ତ ହୋଇ
ଆସୁଛି ସକାଳ (ନୂଆ) ଆଲୋକ ନେଇ।

ନୀରବ ସାକ୍ଷୀ ସାରା ଦୁନିଆର
କାହାର ଅଶ୍ରୁ କା' ସୁଖ ସପନର,
ଅକୁହା କେତେ ଗୁପ୍ତ ଅଭିସାର
ସନ୍ତର୍ପଣେ ଲୁଚେ ବୁକୁରେ ତାର,
ସଭିଙ୍କ ଗୋପନ କଥା ସାଇତେ
ନିଶିଥ ପରି କେ' ବନ୍ଧୁ ଜଗତେ!

ISSN NO.
2582-208X

କ୍ଲାନ୍ତ ପଥିକର ଯାତ୍ରା ଶେଷରେ
ଆଖିକୁ ନିଦ୍ରା ଆସେ ଧୀରେ ଧୀରେ,
ନାହିଁ କୋଳାହଳ ପ୍ରତିଯୋଗିତା
ବାଣ୍ଟିଦିଏ ଅପୂର୍ବ ନିଶ୍ଚଳତା,
ନିଶବ୍ଦ ଚରଣେ ଶୁଣି ତା ଡାକ
ସଂସାରୁ ଲିଭେ ସବୁ ଦୁଃଖ ଶୋକ।

ଆଲୁଅ ଅହଂକାର ଯାଏ ତୁଟି
ଅନ୍ଧାର କୋଳରେ ପଡଇ ଲୋଟି,
ନିଶିଥ ଏକ ବିରାଟ ଆଶ୍ରୟ
ଯାହା ବୁକୁରେ ଚେତନାର ଲୟ,
ନୂଆ ସୂର୍ଯ୍ୟଙ୍କୁ ବାଟ ଛାଡ଼ି ଦେଇ
ବିଦାୟ ନିଏ ସଭିଙ୍କୁ ହସାଇ।

ସଧୀରେ ଯେବେ ନିଶି ପାହି ଆସେ
ନିଜ ଅସ୍ତିତ୍ୱ ପୂର୍ଣ୍ଣତା ବିକାଶେ,
ଜହ୍ନ ତାରାଙ୍କୁ ସାଇତି ପଣତେ
ଅନ୍ଧାରର ଶେଷ ହୁଏ ପ୍ରଭାତେ,
ଆଲୁଅ କୋଳେ ନିଜେ ହଜିଯାଇ
ଜୀବନ ନୂଆ ଅଧ୍ୟାୟ ରଚଇ।

(((-)))

E 23, ଗୌତମୀ ନଗର
ଅଶ୍ୱପୁରମ, ତେଲେଙ୍ଗାନା-507116
୯୪୪୧୫୦୭୫୧୮

ISSN NO.
2582-208X

# ବିଶ୍ୱାସ ମୂଳେ ଭଗବାନ



ଦେବଦତ୍ତା ଦେବୀ

ଅନେକ ସମୟରେ ସୁମନ ଏଇ ବାଲକୋନୀରେ ସକାଳ ର ପ୍ରଥମ କିରଣ ହେଉ ଅଥବା ସନ୍ଧ୍ୟା ର ଅସ୍ତମାନ ସୂର୍ଯ୍ୟ ର ଆଲୋକ କୁ ଉପଭୋଗ କରିବା ପାଇଁ ଆସି ବସିଥାଏ । ସେଥିପାଇଁ ପାଇଁ ତ ଚୌକି ଟିଏ ଟେବୁଲ ଟିଏ ତା ଉପରେ ପାଣି ଗ୍ଲାସ ଟିଏ ଆଉ କେତେବେଳେ କେମିତି ଭାବନା କୁ ବ୍ୟକ୍ତ କରିବା ପାଇଁ ଖାତା ଟିଏ କଲମ ଟିଏ ମଧ୍ୟ ସଜଡା ହେଇ ରହିଛି । ସୁମନ ମନଟା ତ ଅନେକ ଭାବନା ର ଗନ୍ତାଘର, ତାର ସବୁଠାରୁ ଭଲ ସମୟ ଏଇ ବାଲକୋନୀରେ କଟେ ।

ପଚାଶ ବର୍ଷ ର ସୁମନ ଗୋଟିଏ ପ୍ରଖ୍ୟାତ ବାଳିକା ମହାବିଦ୍ୟାଳୟ ର ପ୍ରିନ୍ସିପାଲ ଭାବେ କଟକ ରେ ବର୍ତ୍ତମାନ ଅବସ୍ଥାପିତ । ଶିକ୍ଷା ମାନ ସମ୍ମାନ କେଉଁଥିରେ ବି ଭଗବାନ ତାଙ୍କୁ ଊଣା କରିନାହାନ୍ତି । ଅତି ସ୍ନେହ କରୁଥିବା ବାପା ମାଆ, ତିନି ଭାଇ ଭଉଣୀ ଓ ତାଙ୍କ ପିଲାମାନେ ବି ଆଦର ଯତ୍ନ କରିବାରେ କେବେ ବି ହେଳା କରିନାହାନ୍ତି । ଏତେ ସବୁ ଦେଲା ଭିତରେ ସେଇ ଉପର ବାଲା କେଉଁଠି ତ ଟିକିଏ ଶୂନ୍ୟ ସ୍ଥାନ ରଖି ଦେବ ନହେଲେ ତାଙ୍କ ପାଖରେ ସୁମନ କେମିତି ଗୁହାରି କରିବ ହେ ପ୍ରଭୁ ମୁଁ କଣ ଏମିତି ଦୋଷ କରିଥିଲି ଯେ ମୋତେ ଏମିତି ଦଣ୍ଡ ଦେଲ । ସେ ସୁମନ ଆଚାର୍ଯ୍ୟ ପ୍ରଖ୍ୟାତ ଜମିଦାର ଦେବାଶିଷ ଆଚାର୍ଯ୍ୟ ଙ୍କର କନିଷ୍ଠା କନ୍ୟା । ସୁମନ ର ବଡ ଦୁଇ ଭାଇ ଅତି ମେଧାବୀ ଛାତ୍ର ଥାଇ ଉଚିତ୍ ସମୟ ରେ ନିଜ କୁ ଯୋଗ୍ୟ ବିବେଚିତ କରାଇଛନ୍ତି ଆଉ ଭଉଣୀ ଟି ମଧ୍ୟ ମେଧାବୀ ଛାତ୍ର ଥିଲେ ମଧ୍ୟ ଉଚିତ୍ ସମୟ ରେ ବାପାମାଆ ଠିକ୍ କରିଥିବା ଯୋଗ୍ୟ ସ୍ୱାମୀ ର ହାତଧରି ଖୁସିରେ ଘର ସଂସାର କରୁଛି । ସୁମନ ସଭା ସାନ ସନ୍ତାନ, ଭାଗ୍ୟ ର କ୍ରୁର ଦୃଷ୍ଟି ର ଶିକାର ହେଇ ମାତ୍ର ସାତ ବର୍ଷ ବୟସରେ ପୋଲିଓ ର ଶିକାର ହେଇ ବାମ ପଟ ଗୋଡ ଟି ଚଳତ ଶକ୍ତି ହରେଇ ବସିଲା । ତାପର ଠାରୁ ଘରେ ସମସ୍ତଙ୍କ ପାଖରେ ନୟନ ପିତୁଳା ପଲଟି ଗଲା ।

ISSN NO.
2582-208X

ଚିକିତ୍ସା ବିଜ୍ଞାନ ର ଅଗ୍ରଗତି ସତ୍ୱେ ଗୋଡ ଟି ଆଉ ସାଧାରଣ ଭାବରେ ଚଳତକ୍ଷମ ହୋଇ ପାରିଲାନାହିଁ । ତଥାପି ଆଧୁନିକ ଚିକିତ୍ସା ର ସହଯୋଗୀ ତାଙ୍କୁ ଗୋଟିଏ ହୁଇଲ ଚେୟାର୍ ଓ ଗୋଟିଏ ସୁନିୟନ୍ତ୍ରିତ ସାହାରା ବାଡ଼ି ର ସାହାଯ୍ୟ ରେ ଜୀବନ ର ଗତିପଥ ଆଗେଇ ଚାଲିଲା । ଶିକ୍ଷା କ୍ଷେତ୍ରରେ ସେ ଅତି ଉନ୍ନତ ମାନର ପରାକାଷ୍ଠା ଦେଖାଇଥିଲେ ତେଣୁ ଓପିଏସ୍ ପରୀକ୍ଷା ରେ କୃତକାର୍ଯ୍ୟ ହୋଇଥିଲେ ତାପରେ ଚାକିରୀ ଜୀବନ ଆଗେଇ ଚାଲିଲା । ଆଜି ସେ କଟକରେ ରେ ଅବସ୍ଥାପିତ, ଅନେକ ସମୟରେ ମାଆ ଭାଇ ତାର ବିବାହ ପାଇଁ ଜିଦ୍ଦି କଲେ ମଧ୍ୟ କାହାର ଦୟା ର ପାତ୍ର ହେବାକୁ ସେ ଉଚିତ୍ ମଣିଲେ ନାହିଁ ।

ଏକାକୀ ରହି ଚାକିରି ଛଡା ଅବଶିଷ୍ଟ ସମୟ ତକ ସେଇ ଜଗତ କର୍ତ୍ତା ଙ୍କ ଧ୍ୟାନ ରେ କଟାଇବାକୁ ଭଲ ପାଆନ୍ତି । ଏ ଠେଲାପେଲା ରେ ମନ୍ଦିର ଯିବାକୁ ଯେତେ ଉଚିତ୍ ମଣନ୍ତି ନାହିଁ ଘରେ ବସି ବିଷ୍ଣୁ ସହସ୍ର ନାମ ହନୁମାନ ଚାଳିଶା ବୋଲିବାକୁ ଭାରି ଭଲ ପାଆନ୍ତି । ସେଇଥିରେ ସୁମନ ଏ ଜୀବନ କୁ ଜିଇଁବାରେ ଆନନ୍ଦ ଓ ଉତ୍ସାହ ପାଆନ୍ତି । ମନ ର ଶୂନ୍ୟତା କୁ ଭରିଦେବାକୁ ଏକମାତ୍ର ଉପାୟ ପ୍ରଭୁଙ୍କୁ ଡାକିବା, ତାଙ୍କ ନାମ କୀର୍ତ୍ତନ କରିବା, କାହିଁକି କେଜାଣି ମନ ଟା ଭାରି ଉଦାସ ଲାଗୁଥିଲା । ଖରା ଛୁଟି ଆସିଗଲେ କଲେଜ ଛୁଟିରେ ଏମିତି ମନ ବିଚଳିତ ହୋଇଯାଏ ପୁଣି କିଛି ସମୟ ହନୁମାନ ଚାଳିଶା ପଢି ମନ କୁ ଶାନ୍ତ କରେ ସୁମନ । ଆଉ ଏ ପାଠ ଟି ପଢିବା ପାଇଁ ଏ ବାଲକୋନୀ ଟି ଉଚିତ୍ ସ୍ଥାନ । ଆଜି ସେମିତି ରାତି ଦୁଇଟା ରୁ ନିଦ ଭାଙ୍ଗିଗଲା । ସୁମନ ବିଛଣା ଛାଡି ନିତ୍ୟକର୍ମ ସାରି ବାଲକୋନୀରେ ତା ଚୌକି ଉପରେ ବସି ସାମ୍ନା ବରଗଛ ଟିକୁ ମନେ ମନେ ଅଶୋକ ବାଟିକା ର ଅଶୋକ ବୃକ୍ଷ ରୂପେ କଳ୍ପନା କରି ତା ତଳେ ମାତା ସୀତା ଓ ପ୍ରଭୁ ହନୁମାନ ଙ୍କୁ ମାନସ ଚକ୍ଷୁ ରେ ଦେଖି ପାରି ହନୁମାନ ଚାଳିଶା ଅତି ନିଷ୍ଠା ର ସହିତ ବୋଲିବାକୁ ଲଗିଲା, କେତେବେଳେ ସମୟ ବିତି ଚାଲିଛି ସୁମନ କୁ ଜଣା ପଡିନାହିଁ।

ଗୋଟିଏ ଥର ପରେ ଆଉଗୋଟିଏ ଥର ଜୟ ହନୁମାନ ଜ୍ଞାନ ଗୁଣ ସାଗର ଜୟ କପିସ ତିହୁଁ ଲୋକ ଉଜାଗର ପବନ ତନୟ ସଙ୍କଟ ହରଣ ମଙ୍ଗଳ ମୁରତି ରୂପ ରାମ ଲଖନ ସୀତା ସହିତ ହୃଦୟ ବସହୁ ସୁର ରୂପ ଜୟ ଶ୍ରୀରାମ ଜୟ ଶ୍ରୀରାମ ବୋଲି ଗୋଟିଏ ଥର ସରିଲା ପରେ ଟେବୁଲ ଉପରେ ଥିବା ହନୁମାନ ଙ୍କର ଫୋଟୋ ତଳେ ଗୋଟିଏ ଫୁଲ ଥୋଇ ଆଗେଇ ଚାଲିଥାଏ । ମଝିରେ ମଝିରେ ପାଣି ଟିକିଏ ତଣ୍ଟି ଶୁଖିଗଲା ବେଳେ ପିଇ ଦିଏ ।

ISSN NO.
2582-208X

ସମୟ ଗଡି ଚାଲିଛି ସକାଳ ଅତିକ୍ରମ କରି ଦ୍ୱିପ୍ରହର ବି ବିତି ଯାଇଛି । ସୂର୍ଯ୍ୟାସ୍ତ ସମୟ ବେଳକୁ ସୁମନ ର ଶହେଆଠ ଥର ହନୁମାନ ଚାଳିଶା ପାଠ ସାରିଲା । ଭକ୍ତିର ସହ ନମସ୍କାର୍ କରି ଅତି ସନ୍ତୋଷ ର ସହ ଆଖି ଖୋଲି ଉପରକୁ ଚାହିଁଲା ବେଳକୁ ଏ କି ଅଦ୍ଭୁତ ଦୃଶ୍ୟ ଦେଖୁଛି ସେ, ସାମନା ରେ ଥିବା ବରଗଛର ଡାଳ ଉପରେ ମାଙ୍କଡ଼ ପଲ ନୀରବରେ ଆଖିମୁଜି ବସିଛନ୍ତି ଆଉ କେତୋଟି ମାଙ୍କଡ଼ ତା ବାଲକୋନୀ ଗ୍ରୀଲରେ ଝୁଲୁଛନ୍ତି । ସତେଯେପରି ସ୍ୱୟଂ ହନୁମାନ ମାଙ୍କଡ ମାନଙ୍କ ମଧ୍ୟରେ ଆସି ମନଦେଇ ନିଜର ସ୍ତୁତି ହନୁମାନ ଚାଳିଶା ମାଧ୍ୟମ ରେ ଶୁଣୁଛନ୍ତି । ପ୍ରଥମେ ତ ଏତେ ମାଙ୍କଡ଼ ଦେଖି ସୁମନର ମନ ଭିତରେ ଭୟ ସୃଷ୍ଟି ହେଇ ଥିଲା । କିନ୍ତୁ ପରେ ପରେ ଏମାନଙ୍କୁ ହନୁମାନ ଙ୍କର ଅଂଶ ଭାବି ଭାବ ବିହ୍ୱଳ ହେଇ ପଡିଲା । ଆଖିରୁ ଧାର ଧାର ଲୁହ ଗଡି ପଡୁଛି ଭାବୁଛି ଏ କି ପ୍ରଭୁ ଙ୍କ କୃପା ପାଟିରୁ ଆପେ ଆପେ ବାହାରି ପଡୁଥାଏ ଜୟ ହନୁମାନ ଜୟ ହନୁମାନ । ଏ ଅଦ୍ଭୁତ ଅନୁଭୂତ ରେ ଦେହ ମନ ଶିହରିତ ହେଇ ଉଠୁଛି । ସୁମନ ଉଠିଯାଇ ଘର ଭିତରୁ କଦଳୀ ଆପେଲ୍, ଅଙ୍ଗୁର ଯାହା ବି ଥିଲା ଗୋଟିଏ ଡାଲା ରେ ଥୋଇ ଗ୍ରୀଲ ଖୋଲି ଝରକା ସେ ପଟେ ଥିବା ଖାଲି ଜାଗା ରେ ଥୋଇ ଦେଲା । ସଙ୍ଗେ ମାଙ୍କଡ଼ ଗୁଡିକ ଆସି ଶୃଙ୍ଖଳିତ ଭାବେ ନିଜ ଭିତରେ ବଣ୍ଟା ବଣ୍ଟି ହେଇ ନେଇ ଚାଲିଗଲେ । ସେମାନେ ଚାଲିଗଲା ପରେ ହନୁମାନ ଙ୍କୁ ସ୍ମରଣ ଓ ସ୍ତୁତି କରି ଖୁସିରେ ସେ ଦିନ ଟି କଟିଗଲା । ଏଇ ଅପୂର୍ବ ଅନୁଭୂତି ସ୍ୱୟଂ ହନୁମାନ ଙ୍କର ଉପସ୍ଥିତିକୁ ସୁମନର ମାନସ ପଟରେ ଅଲିଭା ସ୍ମୃତି ହେଇ ସବୁଦିନ ପାଇଁ ରହିଗଲା ।

ଏ ଅପୂର୍ବ ଅନୁଭୂତି କୁ ନିଜର ପ୍ରୀୟଜନଙ୍କ ଆଗରେ କହିଲା ବେଳେ ଦେହ ଶିହରିତ ହୋଇଉଠେ ସୁମନର ।

ଜୟ। ହନୁମାନ ।

(((–)))

ପ୍ରାକ୍ତନ ଜିଲ୍ଲା ନ୍ୟାୟାଧୀଶ,
ପ୍ଲଟ ନମ୍ବର – ୩ ଡି, ୧୧୫୨,
ସିଡିଏ ୧୧, ମର୍କତ ନଗର, କଟକ

ISSN NO.
2582-208X

# ଆଦ୍ୟ ଆଷାଢ



ଡ. ହେମନ୍ତ କୁମାର ଦାଶ

ଆଜି ଆଦ୍ୟ ଆଷାଢ -
ଆକାଶର ନୀଳ ଖାତାରେ
ମେଘମାନେ ଲେଖୁଛନ୍ତି
ତୁମ ନାମର ପ୍ରଥମ ଅକ୍ଷର ।

ପବନର ହାଲୁକା ଛୁଆଁରେ
କଦମ୍ବ ଫୁଲର ଗନ୍ଧ ଭଳି
ତୁମ ସ୍ମୃତି ଆସି
ମୋ ଚାରିପାଖରେ ବୁଲିଯାଏ ।

ବର୍ଷାର ପ୍ରଥମ ବୁନ୍ଦା
ଯେତେବେଳେ ମାଟିକୁ ଛୁଏ ,
ମନେ ହୁଏ -
ତୁମେ ମୋ ନିରବ ଅଧରେ
ଗୋଟିଏ ଅଦୃଶ୍ୟ ଚୁମ୍ବନ ଆଙ୍କି ଦେଇଛ ।

ଦୂରେ କେଉଁଠି
ବିଜୁଳି ଚମକି ଉଠେ ,
ଆଉ ମୁଁ ଖୋଜେ
ତୁମ ଆଖିର ସେ ଦୃଷ୍ଟ ଆଲୋକ ,
ଯାହା ଦିନେ ମୋ ହୃଦୟରେ

ISSN NO.
2582-208X

ପ୍ରେମର ଋତୁ ଆଣିଥିଲା ।

ଆଦ୍ୟ ଆଷାଢର ଏହି ସନ୍ଧ୍ୟାରେ
ସବୁକିଛି ଭିଜୁଛି—
ଗଛ, ପତ୍ର, ପଥ, ଏପରିକି
ମୋ ଏକାକୀତ୍ୱ ମଧ୍ୟ ।

କେବଳ ତୁମେ ନାହଁ
ମୋ ପାଖରେ...
ତଥାପି ଆଶ୍ଚର୍ଯ୍ୟ!
ପ୍ରତ୍ୟେକ ବର୍ଷା ବୁନ୍ଦାରେ
ମୁଁ ତୁମକୁ ଛୁଏଁ,
ପ୍ରତ୍ୟେକ ମେଘର ଡାକରେ
ତୁମ କଥା ଶୁଣେ ।

ଆଜି ଆଦ୍ୟ ଆଷାଢ -
ପ୍ରକୃତିର ନୁହେଁ,
ମୋ ପ୍ରେମର ମଧ୍ୟ ପ୍ରଥମ ଦିନ;
କାରଣ ତୁମକୁ ଭଲପାଇବା
ପ୍ରତି ବର୍ଷ ଆଷାଢ ଭଳି,
ନୂଆ ହୋଇ ଫେରି ଆସେ
ମୋ ହୃଦୟର ଭିଜା ଅଗଣାକୁ ।।

(((-)))

ପ୍ରତିଷ୍ଠାତା ସମ୍ପାଦକ "ନିଷାନ"
"ସୃଜନ ନିକେତନ", ତୁଷୁରା, ବଲାଙ୍ଗିର
ମୋ: ୯୯୩୭୬୮୮୫୫୧

ISSN NO.
2582-208X

# କଥାଶିଳ୍ପୀ ଅଖିଳମୋହନଙ୍କ ଗଳ୍ପ ଜଗତ: ଏକ ଅନୁଶୀଳନ

ଡକ୍ଟର ସ୍ୱାଧୀନଚନ୍ଦ୍ର ପଧାନ

ସାହିତ୍ୟ ହେଉଛି ସମାଜର ବାସ୍ତବ ପ୍ରତିବିମ୍ବ। ସମୟର ସ୍ୱର ଓ ପ୍ରବାହମାନତାକୁ ଉପଜୀବ୍ୟ କରି ଏହା ଗତିଶୀଳ ହୋଇଥାଏ। ଗଭୀର ଜୀବନ ଜିଜ୍ଞାସା ଓ ମଣିଷର ବାସ୍ତବ ରୂପକୁ ଦେଖାଇବାରେ ସାହିତ୍ୟ ନେଇଥାଏ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା। ସମକାଳୀନ ସମାଜର ରୀତିନୀତି, ଆଚାର-ଆଚରଣ, ଭାବ ଭଙ୍ଗୀ ତଥା ନୀତି ଆଦର୍ଶ କଥାକୁ ଅତି ସୂକ୍ଷ୍ମାତିସୂକ୍ଷ୍ମ ଭାବେ ଦେଖାଯାଏ ସାହିତ୍ୟ। ଆଧୁନିକ କାଳରେ ସାହିତ୍ୟର ଏକ ବିଶିଷ୍ଟ ବିଭାଗ ଭାବେ କ୍ଷୁଦ୍ରଗଳ୍ପର ଆସନ ସର୍ବାଗ୍ରେ। କ୍ଷୁଦ୍ରଗଳ୍ପର ପ୍ରାରମ୍ଭିକ କାଳରେ କଥାକାର ଫକୀର ମୋହନଙ୍କ 'ରେବତୀ' ଠାରୁ ବହୁ ସ୍ରଷ୍ଟା ନିଜ ନିଜର ସ୍ୱକୀୟତା ଓ ବିଶେଷତ୍ୱ ବଳରେ କ୍ଷୁଦ୍ରଗଳ୍ପକୁ କରିଛନ୍ତି ଋଦ୍ଧିମନ୍ତ। କିନ୍ତୁ ସ୍ୱାଧୀନତା ପରବର୍ତ୍ତୀ କାଳରେ କ୍ଷୁଦ୍ରଗଳ୍ପ ଉଭୟ ଆଙ୍ଗିକ ଓ ଆତ୍ମିକ ଦିଗରୁ ଖୁବ୍ ପରିବର୍ତ୍ତିତ ରୂପ ଧାରଣ କରେ । ସମାଜରେ ଦେଖାଦେଇଥିବା ନାନାଦି ସମସ୍ୟା, ଗାନ୍ଧିବାଦର ଅବକ୍ଷୟତା, ଭଣ୍ଡାମି, ଦୁର୍ନୀତି, ବ୍ୟଭିଚାର, ପ୍ରେମ-ପ୍ରତାରଣା, ରାଜନୈତିକ ଭ୍ରଷ୍ଟାଚାର, ସ୍ୱାଧୀନତାର ମୋହଭଙ୍ଗ ଭଳି ବିଷୟକୁ କେନ୍ଦ୍ରକରି ଆଲୋଚ୍ୟ କାଳର ଗଳ୍ପଗ୍ରନ୍ଥମାନ ରଚିତ। ଏ ସମୟର ସାମାଜିକ ସ୍ଥିତାବସ୍ଥା ଲେଖକଙ୍କୁ କରିଥିଲା ଅନେକ ପରିମାଣରେ ବ୍ୟାଥିତ। ସ୍ୱାଧୀନତା ପରବର୍ତ୍ତୀ କାଳର ଅନେକ ପ୍ରତିଭାବାନ ଗଳ୍ପସ୍ରଷ୍ଟାଙ୍କ ମଧ୍ୟରୁ କଥାଶିଳ୍ପୀ ଅଖିଳମୋହନ ପଟ୍ଟନାୟକ (୧୯୨୭) ଏକ ସ୍ମରଣୀୟ ପ୍ରତିଭା।

କଥାକାର ଅଖିଳମୋହନ ପଟ୍ଟନାୟକ ଜଣେ ପ୍ରଚଣ୍ଡ ପ୍ରତିଭାଧାରୀ କଥାଶିଳ୍ପୀ। ବିଶେଷତଃ ମଣିଷର ଅବଚେତନ ମନର ରହସ୍ୟକୁ ଉଦ୍ ଘାଟନ କରି ତା'ର ମନର ଭାବବିବ୍ୟକ୍ତକୁ ସେ ସୁନ୍ଦର ଭାବରେ ପରିପ୍ରକାଶ କରିଥାନ୍ତି। ମଣିଷ ମନର ଅନ୍ଧାରି ଦିଗ ସହ ତା'ର ଅବଚେତନ ମନର ଅବ୍ୟକ୍ତ କଥାକୁ ସେ ଅତି ମର୍ମସ୍ପର୍ଶୀ ଓ ଜୀବନ୍ତ ଢଙ୍ଗରେ ବର୍ଣ୍ଣନା କରିଛନ୍ତି। ଆଭିଜାତ୍ୟ ଶ୍ରେଣୀର ଚରିତ୍ର ଠାରୁ ଆରମ୍ଭ କରି ଅତି ସାଧାରଣ ମଫସଲ ମଣିଷର ଜୀବନଚିତ୍ର ଦେଖାଇବାରେ ସେ ଜଣେ ପାରଦର୍ଶୀ ଶିଳ୍ପୀ। ତାଙ୍କ ଗଳ୍ପ

ISSN NO.
2582-208X

ଗୁଡ଼ିକରେ ଏକ ସ୍ୱଚ୍ଛ ନିର୍ମଳ କାହାଣୀ ଥାଏ, ଯାହା ପାଠକଙ୍କ ଚେତନାକୁ ବାନ୍ଧି ରଖିଥାଏ। ତାଙ୍କ ପ୍ରକାଶିତ ଗଳ୍ପ ଗ୍ରନ୍ଥ ମଧ୍ୟରେ 'ଝଡ଼ର ଇଗଲ୍ ଓ ଧରଣୀର କୃଷ୍ଣସାର' (୧୯୭୧), ଓ ଅନ୍ଧଗଳି (୧୯୭୯), 'ନଦୀର ନାମ ଗଣତନ୍ତ୍ର' (୧୯୮୪), ଅନାଗତ ଫାଲଗୁନ (୧୯୮୨ - ଚିତ୍ର ସଂକଳନ), 'ପ୍ରଥମ ଓ ଶେଷ' (୧୯୯୦) ପ୍ରଭୃତି ବେଶ୍ ସାର୍ଥକତା ଲାଭ କରିଛି।

ଗଳ୍ପକାର ଅଖିଳମୋହନଙ୍କ ଗଳ୍ପ ଜଗତ ବହୁ ଶାଖା ବିଶିଷ୍ଟ ଏକ ବିରାଟ ବୃକ୍ଷ। ଏଥିରେ ସନ୍ନିବେଶିତ ପ୍ରତ୍ୟେକଟି ବିଷୟର ଅନ୍ତଃସ୍ୱର ବେଶ୍ ଚମତ୍କାର ଓ ହୃଦୟସ୍ପର୍ଶୀ। ଗାଳ୍ପିକ କେବଳ ପାଠକର ମନୋରଞ୍ଜନ ପାଇଁ ଗଳ୍ପ ରଚନା କରିନାହାନ୍ତି, ବରଂ ସର୍ବଜନକଲ୍ୟାଣ ଚେତନାକୁ ଆଧାର କରି ଗଳ୍ପଗୁଡ଼ିକର ପରିପାଟୀ ନିର୍ମାଣ କରିଛନ୍ତି। ତାଙ୍କ ଗଳ୍ପଗୁଡ଼ିକର ଆବେଦନ ସେଥିପାଇଁ ବେଶ୍ ମୂଲ୍ୟ ବହନ କରେ। ଗଳ୍ପର ଅନ୍ତସ୍ୱତ୍ତା ଓ ବାହ୍ୟସତ୍ତାକୁ ସେ ଏପରି ଆଣିଥାନ୍ତି ଯାହା ପାଠକଙ୍କୁ ଆନ୍ଦୋଳିତ କରିବା ସହ ଏକାଗ୍ର ଚିତ୍ତରେ ବାନ୍ଧିରଖିବାକୁ ସମର୍ଥ ହୋଇଥାଏ। ଅଖିଳମୋହନ ମୁଖ୍ୟତଃ ଗପ ରଚନା କଲାବେଳେ କେତେଟି ଦିଗକୁ ଗୁରୁତ୍ୱ ଦେଇଥାନ୍ତି, ଯଥା- ଚରିତ୍ର, ଭାଷା, କାହାଣୀ ଭାଗ ଓ ଉପସ୍ଥାପନ କୌଶଳ ଦିଗରେ।ମାନବିକ ସମ୍ବେଦନଶୀଳତା ସହ ଥିମ୍ ହେଉଛି ତାଙ୍କ ଗଳ୍ପର ମୁଖ୍ୟ ବୈଶିଷ୍ଟ୍ୟ। ଏ ପରିପ୍ରେକ୍ଷୀରେ ସୀତାକାନ୍ତ ମହାପାତ୍ରଙ୍କ ମତ ଉଲ୍ଲେଖଯୋଗ୍ୟ ମନେହୁଏ। ସେ ମତ ଦେଇଥିଲେ - "ଅଖିଳମୋହନଙ୍କ ଗଳ୍ପର ଚରିତ୍ରମାନେ ମୁଖ୍ୟତଃ ନାଟକୀୟ। ଭାଷା ଉଚ୍ଚକିତ, ନାଟକୀୟ। 'ଶୈଳୀ ହିଁ ମଣିଷ' ବୋଲି ଯିଏ କହିଥିଲେ, ତାଙ୍କ କଥାଟି ଅଖିଳମୋହନଙ୍କ ଗଳ୍ପରେ ଶତକଡା ଶହେ ସୁସ୍ପଷ୍ଟ। ଦେହ, ଦେହଜ ପ୍ରେମ, ପିଲାଦିନ ଓ ପିଲାଦିନର ସ୍ମୃତି, ନଷ୍ଟାଲଜିଆର ଅତି ସୂକ୍ଷ୍ମ ଓ ସୁଗଭୀର ଆବେଦନ, ତା' ସହିତ ପାଦ ମିଳାଇ ଏପରିକି ବାହ୍ୟ ପ୍ରକୃତିର ରୂପ ଓ ରୂପାନ୍ତର, ଋତୁଚକ୍ର- ଏସବୁ ନାଟକୀୟତା ଓ ସ୍ୱପ୍ନ ବେଶର ପରିମିତି ମାତ୍ର।" (ଅନ୍ଧଗଳି ସ୍ୱପ୍ନର ହକ୍ ଅଖିଳେଷୁ ୧୯୮) ବାସ୍ତବରେ ଏହି ମତକୁ ବିଶ୍ଳେଷଣ କଲେ ଜଣାଯାଏ, ଯେ କଥାଶିଳ୍ପୀ ଅଖିଳମୋହନଙ୍କ ଗଳ୍ପ ଜଗତର ପରିସୀମା କେତେ ବିସ୍ତୃତ ଓ ଦିଗଦିଗନ୍ତ ପରିବ୍ୟାପ୍ତ।

ISSN NO.
2582-208X

କଥାକାର ଅଖିଳମୋହନଙ୍କ ପଟ୍ଟନାୟକଙ୍କ ସର୍ବଶ୍ରେଷ୍ଠ ଓ ଲୋକପ୍ରିୟ ଗଳ୍ପ ହେଉଛି 'ଝଡର ଇଗଲ ଓ ଧରଣୀଧର କୃଷ୍ଣସାର'। ଏହି ଗଳ୍ପଟି ଲୋକଙ୍କୁ ଖୁବ୍ ପରିଚିତ ଆଣି ଦେଇଥିଲା। ଦୁଇଟି ବିପରୀତ ମୁଖୀ ଚରିତ୍ର ଇଗଳ ଓ କୃଷ୍ଣସାର ମଧ୍ୟରେ ପ୍ରେମ ସମ୍ପର୍କ ଜୋଡି, ସେମାନଙ୍କ ନୈସର୍ଗିକ ଶାଶ୍ୱତ ପ୍ରେମର ବର୍ଣ୍ଣନା ପାଠକଙ୍କୁ ଖୁବ୍ ଆନ୍ଦୋଳିତ କରିଥାଏ। ଜଣେ ଖାଦ୍ୟ ଓ ଅନ୍ୟ ଜଣେ ଖାଦକ। ଦୁହେଁ ପରସ୍ପର ଶତ୍ରୁ ତଥାପି ସେମାନଙ୍କ ମଧ୍ୟରେ ଅତୁଟ ବନ୍ଧନ । ଜଣେ ଆକାଶ ଜୀବ ଅନ୍ୟଜଣେ ଧରଣୀର ପଶୁ। ତଥାପି ଦୁହେଁ ମିଳନ ସକାଶେ ଆତୁର। ସେଥିପାଇଁ ତ କୃଷ୍ଣସାରକୁ କହିଉଠିଛି- "ଭୟ କର ନାହିଁ ଇଗଲ ! ମୋର ପିଠିରେ ବସ। ମୁଁ ତୁମକୁ ବହି ନେଇ ପାରିବି ଚିର ଜୀବନ। ମୁଁ ତୁମକୁ ନେଇ ଡେଇଁ ଯାଇ ପାରିବି ଯେ କୌଣସି ପ୍ରଶସ୍ତ ଝରଣା।" (ନିର୍ବାଚିତ ଗଳ୍ପ, ପୃଷ୍ଠା-୬) ପ୍ରେମରେ ସବୁ ସମ୍ଭବ। ପଙ୍ଗୁ ମଧ୍ୟ ଗିରି ଝରଣା ଲଙ୍ଘିପାରେ। କୃଷ୍ଣସାର ଓ ଇଗଲ ମଧ୍ୟରେ ସେ ସମ୍ପର୍କ କଥା ଗାଳ୍ପିକ ଦର୍ଶାଇଛନ୍ତି। ଇଗଲ ଛଳନା କରି ଆକାଶକୁ ଉଡିଗଲା ପରେ କୃଷ୍ଣସାର ମୃତ୍ୟୁବରଣ କରିଛି। ପରେ ଇଗଲ ଧରଣୀକୁ ଫେରି କୃଷ୍ଣସାର ସମାଧିରେ ରୋଦନ କରିଛି।

ଅଖିଳ ମୋହନଙ୍କ ଅନ୍ୟତମ ପ୍ରସିଦ୍ଧ ଗଳ୍ପ ହେଉଛି 'ତିମିରି ଫୁଲ' । ଏଥିରେ ମଞ୍ଜୁର ମୃତ୍ୟୁ ରହସ୍ୟକୁ କେନ୍ଦ୍ର କରି 'ଅଶୋକ' ନାମକ ଯୁବକଟିକୁ ସଞ୍ଜୟର ରୂପ ଦିଆଯାଇଛି।ମଞ୍ଜୁ ଏବେ କେଉଁ ଦୂରାଗତ ଆକାଶର ଅତିଥି । ସେ ଟ୍ରେନ ଆକ୍ସିଡେଣ୍ଟରେ ମୃତ୍ୟୁ ବରଣ କରି ସାରିଛି । ତଥାପି ତା' ମାର ଅନ୍ତଃମନରେ ସେ ଜୀବିତ । ମା'ର ମସ୍ତିଷ୍କ ବିକୃତି । ତେଣୁ ସେ ଅଜଣା ଯୁବକଟିକୁ'ସଞ୍ଜୟ' ର ରୂପ ଦେଇଛନ୍ତି, ସଞ୍ଜୁ ପାଇଁ ପଠାଇଛନ୍ତି ଅନେକ ସାମଗ୍ରୀ । ଦୁଇଟି ନିଷ୍ଠୁର ନିଃସଙ୍ଗ ଅଭିଶପ୍ତ ମନୁଷ୍ୟକୁ ଦେଖି, ଅଶୋକ ଆଖି ରୁ ଅଶ୍ରୁ ଗଡୁଥିଲା। ସତରେ ମଞ୍ଜୁ ବିନା ଏମାନଙ୍କ ପୃଥିବୀ ଥିଲା ଦୁର୍ବିସହ ନ। ସେହିପରି 'ଚନ୍ଦ୍ର ର ଅଭିଶାପ' ଶିର୍ଷକ ଗଳ୍ପରେ ସରୋଜ ଓ ଶ୍ରୀମଦ୍ରି ପରସ୍ପର ଅନ୍ତରଙ୍ଗ ବନ୍ଧୁ ଥିଲେ । ସେମାନେ ଥିଲେ ସିଟି କଲେଜର ଥାଅର୍ଡ ୟିଅର୍ ଛାତ୍ର । ଶ୍ରୀମଦ୍ରି ଥିଲା ଆର୍ଟିଷ୍ଟ । ସେ ଛବି ଅଙ୍କେ ନାହିଁ ବା ସୋଇ ସୋଇ ଯୋସ୍ନା, ବସନ୍ତ ବା ଗୋଲାପ ଫୁଲର ମାର୍କା ତଲଖେ ନାହିଁ। ସେ କହେ - "ଜୀବନଟାକୁ ବଞ୍ଚିବା ହିଁ ସବୁଠାରୁ ବଡ଼ ଆର୍ଟ । ଆଉ ଯେ ଜୀବନଟାକୁ ପ୍ରତିଦିନ ନିତ୍ୟ ନୂତନ କରି ବଞ୍ଚି ପାରିଲା ତା' ଠାରୁ ବଡ଼ ଆର୍ଟିଷ୍ଟ ଆଉ କେହି ନାହିଁ," (ନିର୍ବାଚିତ ଗଳ୍ପ-ପୃଷ୍ଠା - ୦୯) ସହରର କୋଳାହଳ ସେମାନଙ୍କୁ ଆକୃଷ୍ଟ କରିପାରେ ନାହିଁ । ପ୍ରତିଦିନ ସେମାନେ କେନାଲ ଆଡେ ବୁଲିବାକୁ ଯାଆନ୍ତି । ସୀମାଦ୍ରିର

ISSN NO.
2582-208X

ନୀରରେ ଚାଲିବାର ଅଭ୍ୟାସ ଥିଲା । ଅନ୍ୟ ଏକ ଗଳ୍ପ 'ପୌଷର ଗୋଟିଏ ରାତ୍ରି' ଶୀର୍ଷକ ରେ ପ୍ରେମ ଚେତନା କଥା ବର୍ଣ୍ଣିତ । ସୁକାନ୍ତ ମହାନ୍ତି ଓ ନିହାରୀକା ଆଦ୍ୟ ଯୌବନରେ ପ୍ରେମୀଯୁଗଳ ଥିଲେ । ଘଟଣା କ୍ରମେ ନିହାରୀକାର ବିବାହ ରବୀନ୍ଦ୍ର ସହିତ ହୋଇଛି । ଧନର ପ୍ରଚୁର୍ଯ୍ୟ ମଧ୍ୟରେ ଐଶ୍ୱର୍ଯ୍ୟ ଓ ପ୍ରତିପତ୍ତି ତ ହାସଲ କରିଛି  ନିହାରୀକା ମାତ୍ର ପାଇଁ ନାହିଁ ବୈବାହିକ ଜୀବନର ସୁଖ । ସେଦିନ ସୁକାନ୍ତ ଆସିନ ନିହାରୀକା ଘରକୁ କିଛି ଆର୍ଥିକ ସାହାଯ୍ୟ ପ୍ରକାଶେ । ସୁକାନ୍ତକୁ ଦେଖି ପୁନଶ୍ଚ ନିହାରିକା ଜାଗ୍ରତ ହୋଇଛି ତା'ର ସୁପ୍ତ ନାରୀତ୍ୱ । ତାର ଅସହାୟତାକୁ  ଗାଳ୍ପିକ ଚିତ୍ରଣ କରିଛନ୍ତି ଏହିପରି - "କିନ୍ତୁ ସେ ତ ଚାହେଁନା ସମ୍ଭାବନା - ଚାହେଁନା ଗୌରବ - ସେ ଖାଲି ଚାହେଁ ଗୋଟିଏ ରାତ୍ରିର ପ୍ରଣୟ ଉଷ୍ଣ ଶର୍ଯ୍ୟା - ତା'ର ନାରୀତ୍ୱର ଟିକିଏ ନିର୍ବୋଧ ପ୍ରଶଂସାପତ୍ର, - ଏଇ ତ !" (ନିର୍ବାଚିତ ଗଳ୍ପ, ପୃଷ୍ଠା-୨୯) ପୁଣି ନିହାରୀକା କହିଉଠିଛି - ମୋର ସ୍ୱଛନ୍ଦ, ମୋର ସୁଖ, ମୋର ଏହି ଅଭିଶପ୍ତ ବିବାହିତ ଜୀବନର ବା କି ଭଗ୍ନାଂଶ  ଜାଣିଛ ତମେ ? ... ଏତିକି ଆସିଲ - ଯାଉଛ କୁଆଡେ ତମେ - ରାତ୍ରିର ଏଇ କେଇଟା ମୂଲ୍ୟହୀନ ମୁହୂର୍ତ୍ତ ଦବାକୁ କ'ଣ ତମେ କୁଣ୍ଠାବୋଧ ରେ ସୁକାନ୍ତ ?" (ନିର୍ବାଚିତ ଗଳ୍ପ, ପୃଷ୍ଠା - ୩୧) ଗଳ୍ପ ନାୟିକାର ଅଭିଶପ୍ତ ବୈବାହିକ ଜୀବନ ଓ ପ୍ରେମିକ ପ୍ରତି ଆନୁଗତ୍ୟ ଗାଳ୍ପିଟିକୁ ରସସିକ୍ତ କରିଛି ।

କଥାକାର  ଅଖିଳମୋହନ ପଟ୍ଟନାୟକଙ୍କ 'ନଦୀର ନାମ ଗଣତନ୍ତ୍ର' ଶୀର୍ଷକ ଗଳ୍ପ ଏକ ଭିନ୍ନ ସ୍ୱାଦ ପରିବେଷଣ କରିଥାଏ । ଗଳ୍ପ ନାୟକ ଧନୁର୍ଦ୍ଧର ନାୟକ ଓରଫ୍  ଧନୁ ନାୟକ ପିଅନ ଚାକିରିରୁ ବରଖାସ୍ତ ହେବା ପରେ ସେ ଆନ୍ଦୋଳନ ରତ ଥିଲେ । ପରେ ଆଦିବାସୀ ଯୁବତୀମାନଙ୍କୁ ଚଲାଣ ଓ ବିନାୟକ ମାନଙ୍କ ସେବାରେ ନିଜକୁ ପ୍ରୟୋଜନ କରି ଅସ୍ଥାୟୀ ଅସ୍ଥାୟୀ ଶିବିର ଖୋଲିଥିଲେ । ସେ ହରିଜନ ଥିବାରୁ ତାଙ୍କ  ଶିଖରକୁ ହଟାଇବାର ସାହାସ କାହାର ନଥିଲା । ପୁନଶ୍ଚ ତାଙ୍କ ନାମରେ ଆଣାଯାଇଥିବା ଅଭିଯୋଗର ସମାଧାନ ହୋଇ  ପୁନର୍ବାର ତାଙ୍କୁ ଚାକିରୀରେ ଯୋଗ  ଦେବା ପାଇଁ ନୋଟିସ ଆସିଥିଲା । ମାତ୍ର ଚାକିରୀର ଗୋଟିଏ ଦିନ କାମ କରି ସେ ଇସ୍ତଫା ଦେଇ ଥିଲେ । ତାଙ୍କ ପୂର୍ବ ଯୋଜନା ଓ ସଂସ୍ଥାକୁ ଦେଖାଶୁଣା କରିବା ସକାଶେ । ଗାଳ୍ପିକର ଆମ ସମାଜର ଅଧୋଗତି ସାଙ୍ଗକୁ ରାଜନୈତିକ ଭ୍ରଷ୍ଟାଚାର, ଗଣତନ୍ତ୍ର ପରି ମହାନ  ଯର୍ବର ଅସତ୍ କାରୁକାର୍ଯ୍ୟକୁ  ଗାଳ୍ପିକ ସୂଚେଇଛନ୍ତି ।

ISSN NO.
2582-208X

ସେହିପରି 'ହଂସ ସଙ୍ଗୀତ' ଗାଲ୍ପିକଙ୍କ ରଚିତ ଅନ୍ୟ ଏକ ସଫଳ କ୍ଷୁଦ୍ର ଗଳ୍ପ । ଏହା ଉତ୍ତର ଆଧୁନିକ ଶୈଳୀରେ ରଚିତ । ରମାପଦ ଚୌଧୁରୀ ଓ ତାଙ୍କ ସହଧର୍ମିଣୀ ଉମା ଚୌଧୁରୀଙ୍କ ବିବାହର ରୌପ୍ୟ ଜୟନ୍ତୀ ସକାଶେ ମହାଆଡମ୍ବରରେ ଆୟୋଜନ କରାଯାଇଛି । ଗୋଟିଏ 'ନେକଟାଇ' କୁ ଦେଖି ପୂର୍ବ ଦିନର ସ୍ମୃତି ଚାରଣ କରିଛନ୍ତି ରମାପଦ । କୋଡିଏ ବର୍ଷ ତଳେ ରମାପଦ ସରକାରୀ କାମରେ ନାଇଜେରିଆରେ ଦେଢ଼ବର୍ଷ ରହି ଭାରତ ବର୍ଷକୁ ଫେରିଲେ ସେତେବେଳେ ସାନ୍ତାକ୍ରୁଜ ବିମାନ ଘାଟିରେ ତାଙ୍କୁ ପାଛୋଟି ଆଣିବାକୁ ତାଙ୍କ ବନ୍ଧୁ ମହେଶ ଓ ଉମା ଯାଇଥିଲେ । ମହେଶର ଏହି ନେକ ଟାଇଟାକୁ ଦେଖି ରମାପଦ ବେଶ୍ ପ୍ରଶଂସା କରିଥିଲେ ।  ତାଙ୍କ ମନରେ ସନ୍ଦେହର କୀଟ ଜନ୍ମ ନେଇଥିଲେ । ଦାମ୍ପତ୍ୟ ବନର ପରିଭାଷାକୁ ଅତି ସୁନ୍ଦର ଭାବେ ଏଠାରେ ଅଭିବ୍ୟକ୍ତ କରାଯାଇଛି । କୋଡିଏ ବର୍ଷ ତଳେ ଜନ୍ମି ଥିବା ଯେଉଁ କ୍ଷୁଦ୍ର ସନ୍ଦେହର କୀଟ, ତା'ର କାୟା ବିସ୍ତାର କରି ଏକ ସଦୃଶ ଦାମ୍ପତ୍ୟକୁ ଅଦୃଶ୍ୟ ଦଂଶନ କରି ଚାଲିଛି ଏବଂ ବିଷଜ୍ୱାଳାରେ ଦୁଇ ସ୍ୱାମୀ ସ୍ତ୍ରୀ ଅଭିନେତା ପରି ହଂସଗୀତ ଗାଇ ଚାଲିଛନ୍ତି । ଅନ୍ୟ ଏକ ଗଳ୍ପ 'କାବୁଲିୱାଲା' ରେ ପ୍ରକାଶର ଦୁଖଃ କଷ୍ଟ ଭରା ଜୀବନଲେଖ୍ୟ  ପ୍ରକାଶିତ । ଅନେକ ସଂଘର୍ଷ ପରେ ସେ ବଞ୍ଚିବା ପାଇଁ କାବୁଲିୱାଲାର ଜୀବନକୁ  ବାଛି ନେଇଛି।ଗାଲ୍ପିକ ତା'ର ୟୁନିଭର୍ସିଟି କ୍ୟାମ୍ପସରୁ ବାହାରି ଆସି ତାକୁ କାହିଁକି କାମ କରିବାକୁ ପଡ଼ିଥାଆନ୍ତା। ଜଣେ ମାରୱାଡ଼ି ଗୋଦାମ ରକ୍ଷକ ହେଇ ଯାହାର ଗୋଦାମରେ ଆମ୍ବାସଡର ବା ଫିଆଟ୍ ନାର ରହେ ନାହିଁ, ବିଭିନ୍ନ ମିଲ୍‌ରୁ ବାହାରି ଆସୁଥିବା ହରରଙ୍ଗୀ ସୁଦୃଶ୍ୟ ସୁଟ୍ ପିସ ସିର୍ଟ ପିସ୍ ବା ଶାଢ଼ି ରହେ ନାହିଁ– ରହେ ମହାନଗରୀ ମାନଙ୍କର ଆବର୍ଜନା ଭିତରୁ ସଂଗୃହୀତ ହୋଇଥିବା କଳଙ୍କିଲଗା ଲୁହାର ଆଜେ ବାଜେ ଜିନିଷ, ଭଙ୍ଗା କାଚର ଟୁକୁରା, ଭଙ୍ଗା ତେଢା ଆଲମୁନିୟମ ବାସନର ଭଗ୍ନାଂଶ ଓ ଟିଣ।" ('ନିର୍ବାଚିତ ଗଳ୍ପ, ପୃଷ୍ଠା – ୧୬୪) ପ୍ରତିଭା ଥାଇ ମଧ୍ୟ ଜୀବନର ସଂଘର୍ଷ ଆଗରେ କିପରି ଗୋଟିଏ ଅଂପାକ୍ତେୟ ଜୀବନ କୁ ବାଛି ନେଇଛି ପ୍ରକାଶ ତାହା ଏଠି ପ୍ରତିପାଦ୍ୟ ବିଷୟ।

କଥାକାର ଅଖିଳ ମୋହନ ସେନାପତି ଙ୍କ 'ରୂପନାରାୟଣସ ସାହା' ଶୀର୍ଷକ ଗଳ୍ପଟିରେ ଆମ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷା ସମ୍ବନ୍ଧୀୟ ଏକ ନିଛକ ବୃତ୍ତାନ୍ତ। ମାଷ୍ଟରଜୀ ରୂପନାରାୟଣ ଏବଂ ଆଶୋକ ଚରିତ୍ରକୁ ନେଇ ଏହା ଜୀବନ୍ତ। ମାଷ୍ଟରଜୀ ଶିକ୍ଷକ ଆନ୍ଦୋଳନର ନେତୃତ୍ୱ ନେଇ ଜେଲ୍ ଯିବା ଠାରୁ ଆରମ୍ଭ କରି ପତ୍ନୀ ବିୟୋଗ, ଏକମାତ୍ର ପୁଅ ରାମଶରନର ପିଲାଦିନରୁ ପରିବାରର ଦାୟିତ୍ୱ, ମାତାଜୀଙ୍କ ଦୁଃଖ କଥା ଶୁଣି ଅଶୋକ ସମ୍ମୀଭୂତ

ISSN NO.
2582-208X

ହୋଇଛନ୍ତି। ଅଶୋକ ବର୍ତ୍ତମାନ ଭାରତ ସରକାରଙ୍କ ଶିକ୍ଷା ବିଭାଗର ସର୍ବୋଚ୍ଚ ଅଧିକାରୀ, ସେ ସବୁ କଥା ଶୁଣି ନିଜ କୁ ନିଜେ କହୁଥିଲେ କ୍ଷମତାର ମଦ ପିଇ ଏ ଜାତି ବେହୋସ୍ ହୋଇପଡ଼ିଛି। ଏ ଜାତି କୁ ମାଷ୍ଟରଜୀଙ୍କ ଚାବୁକର ଶାସନ ମାତ୍ର ହିଁ ଜାଗ୍ରତ କରିପାରିବ ବୋଲି ଆଶା ବ୍ୟକ୍ତ କରିଛନ୍ତି। ସେହିପରି ଗାଳ୍ପିକଙ୍କ ଏକ ସଫଳ ମନନଶୀଳ ଗଳ୍ପ ହେଉଛି 'ଅନ୍ଧଗଳି'। ସମାଜରେ ରହିଥିବା ମାର୍କସୀୟ ନକ୍ସଲପନ୍ଥୀ ଆନ୍ଦୋଳନର ତୀବ୍ର ରୂପ ଏଠି ପ୍ରକଟିତ। ଆନ୍ଦୋଳନର ନେତୃତ୍ୱ ନେଇଥିବା ଲାଭା ଓ ଡୁମା ନେଇଥିବା ସମାଜ ବିରୋଧୀ କାର୍ଯ୍ୟକଳାପ ମଧ୍ୟରେ ବିପ୍ଳବଧର୍ମୀ ହିଂସାତ୍ମକ ପ୍ରବୃତ୍ତି ସମଗ୍ର ଗଳ୍ପକୁ ରସ ସିକ୍ତ କରିଛି। ଜୀବନର ଉଚ୍ଚସ୍ୱପ୍ନ, ଆକାଂକ୍ଷା ନେଇ ସଫଳତାରୁ ସହରକୁ ଆସିଥିବା ନିରୀହ ଯୁବକ କ୍ଷିତିଶ୍ ନକ୍ସଲ ଆନ୍ଦୋଳନର ଶରବ୍ୟ ହୋଇଛି। ଗୋଟିଏ ନିଷ୍ପାପ ଶିଶୁକୁ ବିପ୍ଳବୀମାନଙ୍କ କବଳରୁ ଉଦ୍ଧାର କରି ସେ ନକ୍ସଲମାନଙ୍କର ଶତ୍ରୁ ହୋଇପଡିଛି। ପରିଶେଷରେ ସବୁ କାର୍ଯ୍ୟ କୁ ତ୍ୟାଗ କରି ନିଜ ଭିଟାମାଟିକୁ ଫେରିଆସିଛି। ମାତ୍ର ତା'ର ଗ୍ରାମରେ ନକ୍ସଲ ମାନଙ୍କ ଅନୁଚର ପହଞ୍ଚି ତାକୁ ମାଡ୍ରାସ ଆସିବା ପାଇଁ ବାଧ୍ୟ କରିଛନ୍ତି। ସମାଜର ବିପ୍ଳବର ରୂପ କିପରି ମହାନଗରୀ କଲିକତା ଠାରୁ ଅଖ୍ୟାତ ପଲ୍ଲୀ ଆଞ୍ଚଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ଯୁବକମାନଙ୍କୁ ପଥଭ୍ରଷ୍ଟ କରୁଥିଲା ତାର ଜୀବନ୍ତ ଆଲେଖ୍ୟ ହେଉଛି 'ଅନ୍ଧଗଳି'।

ଅଖିଳ ମୋହନ ଙ୍କ 'ସିଦ୍ଧାର୍ଥର ଉପକଥା' ଶୀର୍ଷକ ଗଳ୍ପଟି ଦାମ୍ପତ୍ୟ ଜୀବନର ପରିଭାଷାକୁ କେନ୍ଦ୍ର କରି ରଚିତ। ତଥାପି ଗଳ୍ପ ନାୟକ ସିଦ୍ଧାର୍ଥକୁ ଲେଖକ ଗୌତମ ବୁଦ୍ଧ ଙ୍କ ପରି ସାଂସାରିକ ଭୋଗ ବାସନା ଠାରୁ ଦୂରେଇ ନେଇଛନ୍ତି। ସିଦ୍ଧାର୍ଥ ବିଲାତରୁ ଏମ୍.ଆର୍.ସି.ପି ଡିଗ୍ରୀ ହାସଲ କରି ଭାରତ କୁ ଫେରିଆସେ ଓ ଶାନ୍ତି ନିକେତନରେ ଅହଲ୍ୟା ସହ ସାକ୍ଷାତ ହୁଏ। ଦୁହେଁ ବୈବାହିକ ଜୀବନରେ ଆବଦ୍ଧ ହୁଅନ୍ତି। ବିରତିପୁର କୁ ଫେରି ଆସି ସେଠାରେ ରୋଗୀସେବା ପାଇଁ ଏକ ଡାକ୍ତରଖାନା ଖୋଲିଥାଏ ସିଦ୍ଧାର୍ଥ। କିନ୍ତୁ ଗଳ୍ପର ଶେଷ ବେଳକୁ ଯାଯାବର ପରି ସିଦ୍ଧାର୍ଥ ହିମାଳୟ ପଥକୁ ବାଛିନେଇଛି। ଲେଖକ ଙ୍କ ଭାଷାରେ,"ସିଦ୍ଧାର୍ଥ ଚାଲିଛି। ଏତେ ବର୍ଷ ଧରି ସ୍ଥାବର ହୋଇଯାଇଥିବା ସିଦ୍ଧାର୍ଥ ଆଜି ଚଳମାନ। ତା'ର ଗୋଟିଏ ଆଖିରେ ଶ୍ଲଥ-ଅବସନ୍ନ ସୁନ୍ଦରୀ ଅହଲ୍ୟାର ଥାଇ ଲାଗିଛି – ଅନ୍ୟ ଆଖିରେ ହିମାଳୟର କେଉଁ ଦୁର୍ଗମ ଗିରିବର୍ତ୍ତ ଅତିକ୍ରମ କରି ସୁଦୂର କାବୁଲ କାନ୍ଦାହାରର ସ୍ୱପ୍ନ।" (କଥା ପତ୍ରିକା – ଡିସେମ୍ବର ୨୦୧୩, ପୃଷ୍ଠା – ୪୭) ସେହିପରି 'ହଳେ ଜୋତା କିଣିବାର ପ୍ରତ୍ୟକ୍ଷ ବିବରଣୀ' ଗଳ୍ପରେ ଜୋତା ଦୋକାନରେ କାମ କରୁଥିବା ସୁଧାଂଶୁ ସେଦିନ ଜଣେ

ISSN NO.
2582-208X

ଭଦ୍ରମହିଳାଙ୍କୁ ଜୋତା ଦେଖେଇବାରେ ବାହାନାରେ ବାରମ୍ବାର ତାଙ୍କ ପାଦକୁ ଆଉଁସିଥିବା ନିଳମ୍ବିତ ହୋଇଛନ୍ତି। ଭଦ୍ର ମହିଳା ଜଣକ ଖେଳନା ପ୍ରତି ଆଗ୍ରହ କିଣିବା ପ୍ରସଙ୍ଗ କହୁଥିବା ବେଳେ ସୁଧାଂଶୁ ତାଙ୍କୁ ଜୋତା ମାନ ଦେଖାଉଥିଲେ, ତେଣୁ ମାଲିକ ଠୁଁ ଏକ ଚିଠି ମାଧ୍ୟମରେ ସେ ଦୋକାନ ରୁ ବାହାର ହୋଇଛନ୍ତି। ସେହିପରି 'ମାଂସପେଶୀ ର ହୃଦୟ' ଗଳ୍ପରେ ମାନବିକ ସମ୍ବେଦନଶୀଳତା ସହ ମାର୍କସୀୟ ଚେତନାର ସଫଳ ସମନ୍ୱୟ କରାଯାଇଛି। ଶ୍ରମିକ ୟୁନିଅନ ନେତା ଜୟନ୍ତ ଦାସ ସରକାରଙ୍କ ବିରୁଦ୍ଧାଚରଣରେ କିପରି ପୋଲିସ ଦ୍ୱାରା ଗିରଫ ହୁଏ ସେ ପ୍ରସଙ୍ଗ ବର୍ଣ୍ଣିତ। ଅନ୍ୟ ଏକ ଗଳ୍ପ ସ୍ପାର୍ଟାକସ୍ ଗଳ୍ପରେ ମଧ୍ୟ ସାମ୍ୟବାଦୀ ଚେତନା ଉପରେ ଆଧାରିତ। ଏ ସମାଜରେ ପୁଞ୍ଜିବାଦୀ ଶାସକ ଓ ସର୍ବହରାମାନଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ଦୂରେଇ ଦେବାର ପ୍ରୟାସ କରିଛନ୍ତି ଗାଳ୍ପିକ ଏହି ଗଳ୍ପରେ। ସେହିପରି 'ଅହଲ୍ୟାର ଇତିବୃତ' ଗଳ୍ପରେ ଗଳ୍ପ ନାୟକ ଶ୍ରୀକାନ୍ତ ଓ ସୁମିତ୍ରା ମଧ୍ୟରେ ଯେଉଁ ରୋମାଣ୍ଟିକ ଆବେଗର ସୂତ୍ରପାତ ଘଟିଛି ତାକୁ ସୁନ୍ଦର ଢଙ୍ଗରେ ଉପସ୍ଥାପନ କରାଯାଇଛି। ପୁନଶ୍ଚ ପୁରାଣ ର ପ୍ରସଙ୍ଗ ମଧ୍ୟ ଏଥିରେ ସନ୍ନିବେଶିତ।

'ଗଜ ଉଦ୍ଧାରଣ ' ଶୀର୍ଷକ ଗଳ୍ପରେ ଗଳ୍ପ ନାୟକ ବିମଳେନ୍ଦୁ ସନ୍ତ୍ରାସବିଦୀ ସଂସ୍ଥା ସହିତ ଜଡ଼ିତ ଥିଲା । ସେ କେତେ ଜଣ ଯୁବକ ସହ ମିଶି ଗୋଷ୍ଠୀ କରି ନିଷ୍ଠାପର ନେତା ସାଜିଥିଲେ। ନିଜ ମା' ଓ ଭଉଣୀ ପାଇଁ ବିମଳେନ୍ଦୁ ର ମନ କାନ୍ଦିଉଠେ । ସେମାନଙ୍କ ପାଇଁ କିଛି ନ କରିପାରିବାର ଅବଶୋଷ ପାଇଁ। ସେଦିନ ତା' ସାଥୀ ମାନଙ୍କ ଠିକଣା ନ ପାଇବା ପରେ ଚିନ୍ତିତ ଥିଲା । ଗୋଟିଏ ଫାଦର ଙ୍କ ସହଯୋଗର ସାଥିମାନଙ୍କ ଠିକଣା ପାଇଲା ଓ ଭଗବାନଙ୍କ ପ୍ରତି ଆସ୍ଥା ମଧ୍ୟ ଜନ୍ମିଲା । ସେହିପରି 'କିଂଶୁକର ଅଭିସାର' ଶୀର୍ଷକ ଗଳ୍ପରେ ପାରିବାରିକ ଅସହାୟତା କିପରି ନାରୀକୁ ସୀମା ଲଙ୍ଘନ କରିବାକୁ ବାଧ୍ୟ କରିଥାଏ ଓ ପେଟ ପାଟଣା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରିଥାଏ ସେ ପ୍ରସଙ୍ଗ ଏଠି ବର୍ଣ୍ଣିତ । ପୁନଶ୍ଚ ଲକ୍ଷ୍ମୀ ନାମକ ଝିଅ ଟି ବୁଲା କୁନି କୁକୁର ଛୁଆ ସହ ନିବିଡ଼ ସଂପର୍କ ଗଢିଥାଏ । ମା'ର ସଂଘର୍ଷ ଓ ବାପାର ଅସହାୟତା ଲକ୍ଷ୍ମୀକୁ ଉତବିଘ୍ନ କରିଥାଏ । ସେଦିନ ମା' ଲକ୍ଷ୍ମୀକୁ ନେଇ ଗୋଟିଏ ବାବୁ ପାଖକୁ ଯାଇଥିଲେ । କିନ୍ତୁ ହଠାତ୍ ଜୀବନ ବିକଳ ରେ ଲକ୍ଷ୍ମୀ ଉପାୟହୀନ ଭାବେ ଦୌଡି ଦୌଡି ଚାଲି ଆସିଥିଲା । ସେହି ପରି 'ଗ୍ରୀନ ରୁମ' ଶୀର୍ଷକ ଗଳ୍ପରେ ଗୋଟିଏ ରଙ୍ଗମଞ୍ଚରେ ଅଭିନୀତ ହେବାକୁ ଥିବା ରୂପକ ନାଟକ ପୂର୍ବରୁ ଅଭିନେତା, ଅଭିନେତ୍ରୀଙ୍କ କଥୋପକଥନ ଓ ମନସ୍ତାତ୍ତ୍ୱିକ କ୍ରିୟା ପ୍ରତିକ୍ରିୟାକୁ ଅତି ସୁନ୍ଦର ଭାବେ ଏଠି ବର୍ଣ୍ଣନା କରାଯାଇଛି । ସୃଜନ ଓ ନିଦ୍ରା ର କଥୋପକଥନ ଓ ଜୀବନ ବୋଧ

ISSN NO.
2582-208X

କୁ ସୁନ୍ଦର ଭାବେ ଅଙ୍କନ କରିଛନ୍ତି । ସୃଜନ କହି ଉଠିଛି- " ଆରେ ଜୀବନଟା ସମସ୍ତଙ୍କର ଅଲଟିମେଟଲି ନଷ୍ଟ ଇ ହୁଏ । ପ୍ରଶ୍ନ ହଉଛି ସେଇ ନଷ୍ଟ ହେବାର ପ୍ରସେସ୍ ଟା। "ମୁଁ ସଂପୂର୍ଣ୍ଣ ନଷ୍ଟ ହେବା ପୂର୍ବରୁ ମଣିଷର ସବୁ ଗୁଡ଼ାକ ଭୁଲ କୁ ଆବିଷ୍କାର କରିବାକୁ ଚାହେଁ ।" (ନିର୍ବାଚିତ ଗଳ୍ପ, ପୃଷ୍ଠା - ୪୭) ବାସ୍ତବ ଜୀବନ ଓ ଅଭିନୟ ଜୀବନ ମଧ୍ୟରେ କେତେ ତଫାତ ଓ ଜୀବନ ବଞ୍ଚିବା ଶୈଳୀକୁ ଏଠାରେ ଗାଳ୍ପିକ ଦେଖେଇଛନ୍ତି ।

ଏହି ଦୃଷ୍ଟିରୁ ବିଚାର କଲେ ଗାଳ୍ପିକ ଅଖିଳ ମୋହନଙ୍କ ସୃଷ୍ଟି ସମ୍ଭାର ଦିଗନ୍ତ ପ୍ରସାରି ବୋଲି ହୃଦବୋଧ ହୁଏ। "ଗାଳ୍ପିକ ଅଖିଳ ମୋହନ ପଟ୍ଟନାୟକଙ୍କ ଗଳ୍ପ ରଚନା ର ଟେକନିକ୍ ପ୍ରତି ବିଶେଷ ଦୃଷ୍ଟି ନ ଦେଇ ମନୁଷ୍ୟ ଚରିତ୍ରର ରହସ୍ୟମୟ ବିଶ୍ଳେଷଣ ପ୍ରତି ଅଧିକ ମମତାବଦ୍ଧ। ଅଣପାରମ୍ପରିକ ଶୈଳୀ ମାଧ୍ୟମରେ ମନୁଷ୍ୟ ମନର ଅବଚେତନ ସ୍ତର ଉଦଘାଟନ ଓ ଅବ୍ୟକ୍ତ ଚିନ୍ତା ର ସବିଶେଷ ବର୍ଣ୍ଣନା । ତାଙ୍କ ଗଳ୍ପ ଶବ୍ଦଗୁଡ଼ିକୁ ଏକ ବିଶେଷ ମହତ୍ୱ ପ୍ରଦାନ କରିଥାଏ । ମନୁଷ୍ୟର ଜୀବନ ଯାତ୍ରାର ରହସ୍ୟ ଓ ଅବଚେତନାର ଜୁଆର ଭିତରେ ବ୍ୟକ୍ତି ଚେତନାର ସୂକ୍ଷ୍ମାତିସୂକ୍ଷ୍ମ ବିଶ୍ଳେଷଣ ତାଙ୍କ ଗଳ୍ପଗୁଡ଼ିକର ରୂପଜୀବ୍ୟ । ଅଜଣା ଅତୀତ ପ୍ରତି ଏକ ଅବ୍ୟକ୍ତ ମୋହ ଏବଂ ଭବିଷ୍ୟତ ପ୍ରତି ଏକ ଅଜ୍ଞାନ ମମତା ମଧ୍ୟରେ ସେ ମଣିଷ ର ବର୍ତ୍ତମାନର ସ୍ଥିତି ର ଆବିଷ୍କାର କରିବା ଲାଗି ଅଧିକ ଆଗ୍ରହୀ।" (ଗଳ୍ପ: କାଲି ଓ ଆଜିର , ପୃଷ୍ଠା- ୮୩)

ବସ୍ତୁତଃ ଏହି ଆଲୋଚନାରୁ ସ୍ପଷ୍ଟ ଅନୁମେୟ ହୁଏ ଯେ କଥାଶିଳ୍ପୀ ଅଖିଳ ମୋହନ ଙ୍କ ଗଳ୍ପ ଜଗତ ଆକାଶ ପରି ସୀମାହୀନ ଭାବବସ୍ତୁର ସମାହାରରେ ପରିପୂର୍ଣ୍ଣ । ତାଙ୍କ ଗଳ୍ପରେ କାହାଣୀ ଭାଗ ଟି ବେଶ୍ ବଳିଷ୍ଠ ସୌକୁମାର୍ଯ୍ୟ । ଜୀବନର ସଂଘର୍ଷ ମୟ ବାସ୍ତବତାକୁ ସେ କେତେବେଳେ ସାମ୍ୟବାଦୀ ଚିନ୍ତାଧାରାର କଷଟୀ ରେ ପରୀକ୍ଷା କରିଛନ୍ତି ତ, କେତେବେଳେ ସ୍ୱପ୍ନ ର କୁହେଳି ମଧ୍ୟରେ ଜୀବନ ର ଭାବଘନ ମୁହୂର୍ତ୍ତ ପ୍ରତିଛବି ଆଙ୍କିଛନ୍ତି। ତାଙ୍କ ଅଧିକାଂଶ ଗଳ୍ପରେ ମଣିଷ ର ରହସ୍ୟମୟ ସ୍ମୃତିକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି । ଜୀବନ ପ୍ରତି ନୂତନ ଦୃଷ୍ଟିଭଙ୍ଗୀ, ମଣିଷର ଦୁଃଖ,କଷ୍ଟ, ଅସହାୟତା, ସଂଘର୍ଷ, ଯନ୍ତ୍ରଣାକୁ ଅତି ସୁନ୍ଦର ଢ଼ଂଗରେ ଚିତ୍ରଣ କରିଛନ୍ତି । ମଧ୍ୟବିତ୍ତ ମଣିଷ ଠାରୁ ଆରମ୍ଭ କରି ଉଚ୍ଚପଦସ୍ଥ କର୍ମଚାରୀ, ଅତି ଦୟନୀୟ ଭାବେ ଜୀବନ ବଞ୍ଚୁଥିବା ରାସ୍ତାକଡ଼ର ମଣିଷର ଚିତ୍ର ଅଙ୍କନ କରି ସେ ସମାଜର ପ୍ରତ୍ୟେକ ସ୍ତରରୁ ଚରିତ୍ରଗୁଡ଼ିକୁ ସାଉଁଟିଛନ୍ତି । ତାଙ୍କ ଅଧିକାଂଶ ଗଳ୍ପ କରୁଣ ତଥା ଗମ୍ଭୀର ଓ ନାଟକୀୟ ଭାବବସ୍ତୁରେ ପରିପୂର୍ଣ୍ଣ। ତାଙ୍କ ବହୁ ଗଳ୍ପ ତାଙ୍କ

ISSN NO.
2582-208X

ବ୍ୟକ୍ତିଗତ ଜୀବନ ଓ ପ୍ରତ୍ୟକ୍ଷ ଅନୁଭୂତି ସିଦ୍ଧ ବୋଲି ମନେହୁଏ । ଏ ସଂପର୍କରେ ସେ କହନ୍ତି - "ମୁଁ ଜୀବନର କୌଣସି କଥାକୁ ପାପପୁଣ୍ୟ ବୋଲି ମନେ କରେ ନାହିଁ । ମୋ ଜୀବନର ବହୁ ଘଟଣା ମୋ କ୍ଷୁଦ୍ର ଗଳ୍ପକୁ ପ୍ରଭାବିତ କରିଛି । ମୋର ଅଧିକାଂଶ ଶ୍ରେଷ୍ଠ ଗଳ୍ପ ବହନ କରିଛି ମୋ ବ୍ୟକ୍ତିଗତ ଜୀବନର ଆନନ୍ଦ-ବେଦନାର ଚିତ୍ର ।" (ଅଖିଳ ମୋହନ ପଟ୍ଟନାୟକ, ଗଳ୍ପ - ୫ମ ସଂଖ୍ୟା, ଅକ୍ଟୋବର, ଡିସେମ୍ବର ୧୯୭୧ )ଏ ଉକ୍ତି ରେ ଲେଖକଙ୍କ ଗଳ୍ପ ଲିଖନ ଶୈଳୀ ଓ ଭାବବସ୍ତୁ ରୁ ପରିଚୟ ମିଳିଥାଏ । ଅଖିଳ ମୋହନ ଙ୍କ ଗଳ୍ପ ରାଜି ରେ କଥାର ଚାତୁରୀ ଯେତିକି ରୁଚିପୂର୍ଣ୍ଣ, ନାଟକୀୟତା, ଦ୍ୱନ୍ଦ୍ୱ , ଉତ୍କଣ୍ଠା ରେ ମଧ୍ୟ ସେହି ପରିମାଣରେ ପରିପୂର୍ଣ୍ଣ । ଜୀବନର କଥା, ଆମ ସମାଜର କଥାକୁ ସରସ ଓ ସୁନ୍ଦର, ତଥ୍ୟାତ୍ମକ ଭାବେ ଉପସ୍ଥାପନ କରିଥିବାରୁ ତାଙ୍କ ଗଳ୍ପ ପ୍ରତ୍ୟେକ ବର୍ଗର ପାଠକଙ୍କୁ ଆକର୍ଷିତ କରିଥାଏ । ତେଣୁ ପରିଶେଷରେ କୁହାଯାଇପାରେ ଜୀବନ ଜିଜ୍ଞାସା ଓ ଅନ୍ୱେଷବୋଧ ର ଜଣେ ସମର୍ଥ ଚିତ୍ରକର ହେଉଛନ୍ତି କଥାକାର ଅଖିଳ ମୋହନ ସେନାପତି - ଏଥିରେ ସନ୍ଦେହର ଅବକାଶ ନାହିଁ ।

(((-)))

ISSN NO.
2582-208X

# ବିରସ ପୃଥିବୀ



ପ୍ରତିଭା ଦାଶ

ସବୁଜ ଶ୍ୟାମଳ ବନ ପାହାଡ଼
ପଶୁପକ୍ଷୀ ରେ ପରିପୂର୍ଣ୍ଣ ଆମ ଏ ଧରା
ନଦୀର କଳକଳ ନାଦ
ପକ୍ଷୀଙ୍କର କୋକିଳ ସ୍ୱ
ବର୍ଷାର ଟୁପ ଟୁପ୍ ଶବ୍ଦ
ବସନ୍ତର ମଳୟ ପବନରେ
ମନ ହୃଦୟ ମଜ୍ଜି ଯାଏ ଆତ୍ମ ବିଭୋର ହୋଇ ।

ହେଲେ ମଣିଷର କର୍ମ, ବ୍ୟବହାର
ଏଠି ଚିନ୍ତାର ବିଷୟ ପାଲଟିଛି
କୌଣସି ସମ୍ପର୍କ ଆଜି
ପବିତ୍ର ନୁହେଁ
ସମ୍ପର୍କୀୟଙ୍କ ରକ୍ତରେ ସେ ଖେଳୁଛି ହୋଲି
ଅନ୍ଧ ବିଶ୍ୱାସରେ ପୁଅକୁ ଦେଉଛି ବଳି
ପ୍ରତି ସମ୍ପର୍କରେ ବାସୁଛି ସ୍ୱାର୍ଥର ବାସନା ।

ଧନ, ପଦ ପଦବୀ, ମର୍ଯ୍ୟାଦାକୁ ନେଇ
ଆଜିର ସମାଜ କରୁଛି ଗର୍ବ
ଗରିବ ସହ ସାଙ୍ଗ ହେବାକୁ କେହି ନାହିଁ

ISSN NO.
2582-208X

ଧନୀ ଚାହେଁନି କାହା ସଙ୍ଗେ ମିଶିବାକୁ
ଧନୀ ଗରିବର ଅଦୃଶ୍ୟ ପାଚେରୀ
ପୃଥିବୀକୁ କରୁଛି ନାରଖାର
ଅବନତିର ମାର୍ଗ ଫିଟିଛି
ମଣିଷର ଅଜ୍ଞାନର ଜ୍ଞାନ ଯୋଗୁଁ ।

ଆଜି ଏ ଧରିତ୍ରୀ ମଧ୍ୟ
କାନ୍ଦୁଛି ଜୋର୍ ଜୋର୍ ପାଟିରେ
ଅନ୍ୟାୟ, ଅଧର୍ମ ସହ୍ୟ କରି ନ ପାରି
ମଣିଷକୁ ଶିକ୍ଷା ଦେବା ସକାଶେ
କରୁଛି ଭୂମିକମ୍ପ, ବନ୍ୟା, ବାତ୍ୟା
ତଥାପି ନର ବୁଝୁନି କି
ବୁଝିବାକୁ ଚେଷ୍ଟା ମଧ୍ୟ କରୁନି
ନା ତା'ର ପ୍ରତିକାର କରୁଛି
ନା ନ୍ୟାୟର ପଥକୁ ଅନୁସରଣ କରୁଛି
ଏ ପୃଥିବୀ ଲାଗୁଛି ବିରସ, ବିରସ ।

(((-)))

ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ସରକାରୀ ଉଚ୍ଚ ବିଦ୍ୟାଳୟ,
ଡୁମେରପାଣି, ନୂଆପଡ଼ା/ମୋ:-୭୮୯୪୫୨୮୪୯୩

ISSN NO.
2582-208X

# କୁମ୍ଭୀର ଆଖିରେ ଲୁହ



ନୀଳମଣି ଗୁନ୍ଦ

କୁମ୍ଭୀର ଆଖିରେ ଲୁହ
ସତସତିକା ନା ମିଛିମିଛିକାରେ
ଯିଏରେ ଜାଣିଛ କୁହ ।

ପାଣିରେ କୁମ୍ଭୀର ଘର
ତା ଦାନ୍ତ ମୁନିଆ ସେ ଭାରି ବଳୁଆ
ଦେଖିଲେ ଲାଗଇ ଡର ।

ଉଭୟଚର ତ ସିଏ
ଜଳ ଅବା ସ୍ଥଳ ଯେଉଁଠି ଥିଲେ ବି
ଶିକାର ସେ କରିଦିଏ ।

ବେଶୀ ସମୟଟି ଧରି
ବାହାରେ ରହିଲେ ଶୁଖିଯାଏ ଆଖି
ତେଣୁ ଲୁହପଡେ ଝରି ।

ଲୁହରେ ଯେ ପୁଷ୍ଟିସାର
ଆଉ ମିଶି ରହିଥାଏ ଧାତୁସାର
କରେ ଆଖି ସଫା ତା'ର ।

ISSN NO.
2582-208X

ଆଉ ଯେ କହନ୍ତି କିଏ
ଶିକାର ବେଳରେ ଲୁହଗ୍ରନ୍ଥି ଚାପେ
ଲୁହ ସେ ଝରେଇ ଦିଏ ।

ପଢିବା ବିଜ୍ଞାନ ବହି
ତା ଲୁହ କଥାଟି ଜାଣିବା ଆହୁରି
ବାକି ଅଛି ଯାହା ରହି ।

ଅଛି ଏକ ଲୋକବାଣୀ
'କୁମ୍ଭୀର କାନ୍ଦଣା' ଅର୍ଥଟି ଛଳନା
ଅଛକିରେ କିଏ ଜାଣି ?

(((-)))

ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର,ମୋ:୯୫୮୩୨୦୨୩୫୭

ISSN NO.
2582-208X

# ବ୍ୟର୍ଥତା ଓ ନୈରାଶ୍ୟର ବୈପ୍ଳବିକ ବିବର୍ତ୍ତନ - ନାଟ୍ୟକାର ବିଶ୍ୱଜିତ୍ ଦାସ



ସୁଷମା ପାଢ଼ୀ

ସମକାଳୀନ ନାଟ୍ୟ ଜଗତର ବହୁ ଚର୍ଚ୍ଚିତ ନାଟ୍ୟକାର ବିଶ୍ୱଜିତ୍ ଦାସ । ସେ ନାଟକ ରଚନା କରିବା ସହିତ କିଛି କିଛି ଗଳ୍ପ, କବିତା ମଧ୍ୟ ରଚନା କରିଥିଲେ । କିନ୍ତୁ ବିଶେଷତଃ ଦେଖିବାକୁ ଗଲେ ସେ ସମଗ୍ର ଜୀବନକାଳ ନାଟ୍ୟ ରଚନାରେ ହିଁ ନିଜକୁ ନିୟୋଜିତ କରିଥିଲେ । ଓଡ଼ିଆ ନାଟକ କ୍ଷେତ୍ରରେ ଏହି ମହାନ୍ ନାଟ୍ୟକାର ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ । ସମକାଳୀନ ସମାଜରେ ଦେଖାଦେଇଥିବା ବ୍ୟର୍ଥତା ଓ ନୈରାଶ୍ୟ ଭିତରୁ ସେ ନିଜ ନାଟକର କାହାଣୀ ବାଛିଛନ୍ତି; ଦେଶ ବିଦେଶର ନାଟକ ପଠନ ଓ ଅନୁଧ୍ୟାନ କରି ଜ୍ଞାନକୁ ନାଟକ ରଚନାରେ ବିନିଯୋଗ କରିଛନ୍ତି । ବ୍ୟଙ୍ଗ ଓ ବିଦୃତ ହେଉଛି ତାଙ୍କ ନାଟକର ଅନ୍ୟତମ ଧର୍ମ । ଏହାରି ମାଧ୍ୟମରେ ଜୀବନର ରୂପରେଖକୁ ପ୍ରକାଶ କରି ସେ ସମାଜର ଦୋଷ ଦୁର୍ବଳତାକୁ ଚିହ୍ନାଇଛନ୍ତି, ସାମାଜିକ ପ୍ରତିବନ୍ଧତାର ପରିଚୟ ଦେଇଛନ୍ତି । ତାଙ୍କ ସଂଯୋଜିତ ସଂଳାପ ସଂକ୍ଷିପ୍ତ, ସରଳ, ଗଭୀର ଭାବବ୍ୟଞ୍ଜକ ଓ ବେଳେ ବେଳେ ଅତି ମାତ୍ରାରେ ଇଙ୍ଗିତଧର୍ମୀ ମଧ୍ୟ । କୌଣସି ମହନୀୟ ବ୍ୟକ୍ତିତ୍ୱର ଜୀବନଧାରା ଅନ୍ୟମାନଙ୍କ ପାଇଁ ଆଦର୍ଶର ପରକାଷ୍ଠା ହୋଇରହିପାରେ । ଏଠି ଭାଗବତର ଏକଧାଡ଼ି ଆପେ ଆପେ ସ୍ମରଣ କରାଯାଇପାରେ ଯେ, "ମହତେ ଯାହା ଆଚରିବେ, ଇତରେ ତାହା ହିଁ କରିବେ ।" ମଣିଷରେ ଜୀବନ ପଥ ଯେତେ କଣ୍ଟକିତ ହେଲେ ବି ପକୃତ ମହତ୍ ସାଧନାଶୀଳ ବ୍ୟକ୍ତି ସବୁ ବାଧାବିଘ୍ନକୁ ପଛ କରି ସବୁ ସଂକଟକୁ ସାମ୍ନା କରି ସମ୍ଭାବର ଆଲୋକବର୍ତ୍ତିକା ନିମନ୍ତେ ପ୍ରଧାବିତ ହୋଇଥାଏ ଏବଂ ସେହି ନିଷ୍ଠା, ସାଧନା ଓ ଏକାଗ୍ରତା ଫଳରେ ସେ ସକଳ ବାଧା, ବନ୍ଧନର ଅନ୍ତରାୟକୁ ଏଡ଼ାଇ ଦେଇ ପଙ୍କରୁ ପଦ୍ମ ପରି ଉଜ୍ଜ୍ୱଳତାର ସହ ସମାଜରେ ପ୍ରତିଭାତ ହୁଏ । ସେ ଯେଉଁ ମହନୀୟ ଚିନ୍ତା ଓ

ISSN NO.
2582-208X

ଚେତନାରେ ଉଦ୍ଭାସିତ ହୁଏ, ତାକୁ କାର୍ଯ୍ୟକାରୀ କରେ ଏବଂ ନିଜର ସମସ୍ତ ଉଚ୍ଚାଭିଳାଶକୁ ସାକାର କରେ ।

ଏହି ଯଶସ୍ୱୀ ନାଟ୍ୟକାର ବିଶ୍ୱଜିତ୍ ଦାସ ୧୯୩୬ ମସିହା ଅଗଷ୍ଟ ୧୮ ତାରିଖରେ ବିରଜାକ୍ଷେତ୍ର ଯାଜପୁର ଜିଲ୍ଲାର ଦଶରଥପୁର ନିକଟସ୍ଥ ବାଉଁଶବାଡ଼ି ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ନାଟକଗୁଡ଼ିକ ହେଲା 'ବହ୍ନି', 'ନିଶିପଦ୍ମ', 'ନାଲିପାନ ରାଣୀ କଳାପାନ ଟୀକା', 'ପ୍ରତାପଗଡ଼ରେ ଦି' ଦିନ', 'ମୃଗୟା', 'ଶୁଣ ସୁଜନେ', 'ନିଜ ପ୍ରତିନିଧିଙ୍କଠାରୁ', 'ନୂଆ ଜହ୍ନ', 'ମୁଖା', 'ପାପୀ', 'ମହାମାୟୀ ଅପେରା', 'ସୂର୍ଯ୍ୟୋଦୟର ପଥେ', 'ସେହି ତିନିଜଣ' ଇତ୍ୟାଦି । ନବନାଟ୍ୟ ଆନ୍ଦୋଳନ ଗତିପଥରେ ତାଙ୍କର କେତୋଟି ନାଟକ ଗୋଟିଏ ଗୋଟିଏ ବିଜୟ ସ୍ତମ୍ଭ କହିଲେ ଅତ୍ୟୁକ୍ତି ହେବନାହିଁ । ତାଙ୍କର ସାଧନା ଓ ସିଦ୍ଧିର ସ୍ୱୀକୃତି ପାଇଁ ୧୯୮୧-୧୯୮୨ବର୍ଷ ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଛି ।

'ବହ୍ନି' ନାଟକଟି ହେଉଛି ତାଙ୍କର ପ୍ରଥମ ନାଟକ । ସ୍ୱାଧିନତା ସଂଗ୍ରାମର ଶତବାର୍ଷିକ ଉପଲକ୍ଷେ ନାଟକଟି ରଚିତ ହୋଇଥିଲା ଓ ସରକାରୀ ସ୍ତରରେ ଏକ ନିଖିଳ ଉତ୍କଳ ନାଟକ ପ୍ରତିଯୋଗିତାର ଆନ୍ଦୋଳନ କରାଗଲା, ଯେଉଁଥିରେ 'ବହ୍ନି' ନାଟକ ସର୍ବୋତ୍କୃଷ୍ଟ ବିବେଚିତ ହୋଇ ପୁରସ୍କୃତ ହୋଇଥିଲା । ଏହି ନାଟକର ମୁଖ୍ୟ ବିଷୟବସ୍ତୁ ହେଲା ବ୍ରିଟିଶ ଶାସନର ଭାଜନ ହେବାପାଇଁ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିବା ନିଜର ଯୁବକ ପୁତ୍ରକୁ ଗୁଳିଦ୍ୱାରା ହତ୍ୟା କରିଛନ୍ତି । ପରବର୍ତ୍ତୀ କାଳରେ ନିଜର ପୌତ୍ର ଦ୍ୱାରା ନିର୍ଯ୍ୟାତିତ ହୋଇ ପରିଣାମ ଭୋଗିଛନ୍ତି । ଏହା ହିଁ ହେଉଛି ଏହି ନାଟକଟିର କଥାବସ୍ତୁ ।

ଶ୍ରୀ ଦାସଙ୍କ ଅନ୍ୟ ଏକ ନାଟକ 'ନିଶିପଦ୍ମ' ୧୯୫୬ରେ ରଚିତ ହୋଇଥିଲା । ଏହି ନାଟକଟିରେ ସାମ୍ପ୍ରତିକ ସମାଜରେ ସଭ୍ୟ ଓ ଭଦ୍ର ବୋଲାଉଥିବା ମଣିଷମାନଙ୍କର ମୁଖା ଖୋଲିବା ସହିତ ସେମାନଙ୍କର ମିଥ୍ୟା ଓ କଳୁଷିତ ସ୍ୱରୂପକୁ ଆବିଷ୍କାର କରିଛନ୍ତି । କେତେ ଜଣ ଯାତ୍ରୀଙ୍କୁ ନେଇ ପାହାଡ଼ିଆ ଅଞ୍ଚଳ ମଧ୍ୟରେ ଯାଉଥିବା ଗୋଟିଏ ବସ୍ ହଠାତ୍ ଯାନ୍ତ୍ରିକ ଅସୁବିଧା ଯୋଗୁଁ ଅଚଳ ହୋଇଯାଇଛି । ନିରୁପାୟ ଯାତ୍ରୀମାନେ ଜଙ୍ଗଲ ଭିତରେ କାଳ କାଟୁଥିବା ବେଳେ ସେମାନଙ୍କ ମନ ଭିତରେ ବିରକ୍ତି ଆସିଛି । ଏମାନେ ହଲେ ପୂର୍ବତନ ଜମିଦାର ରାଜେନ୍ଦ୍ର ପଟ୍ଟନାୟକ, ତାଙ୍କ ଭଉଣୀ ରଂଜନା, ରଂଜନାର ଭାବୀ ସ୍ୱାମୀ ବିନାୟକ, ବସ୍ ମାଲିକ ଲକ୍ଷପତି ନିରଞ୍ଜନ ଆଚାର୍ଯ୍ୟ, ଶ୍ରମିକ ନେତା ପ୍ରକାଶବାବୁ,

ISSN NO.
2582-208X

ବାବାଜୀ ଚରଣ ଦାସ ଏବଂ ଗରିବ ପାନବାଲୀ ଅପ୍ ସରା । ଏମାନଙ୍କ ମଧ୍ୟରେ ଯେଉଁ କଥୋପକଥନ ଘଟିଛି, ତାହାରି ମାଧ୍ୟମରେ ନାଟ୍ୟକାର ସମାଜର ଅଭିଜାତ ଶ୍ରେଣୀର ଅହଙ୍କାର ଓ ଔଦ୍ଧତ୍ୟ, ଦରିଦ୍ରମାନଙ୍କ ପ୍ରତି ଧନୀମାନଙ୍କର ଘୃଣା, ମିଲ୍ ମାଲିକମାନଙ୍କର କିଳାପୋତେଇ, ମଠ ବାବାଜୀମାନଙ୍କର ମିଥ୍ୟାଚାର, ଆଦର୍ଶ ଆଗରେ କ୍ଷୁଧା ପରି ନିଛକ ବାସ୍ତବତାର ବିଜୟ, ଶ୍ରମିକନେତାମାନଙ୍କର ଦୋଷ ଦୁର୍ବଳତା, ସ୍ୱାର୍ଥପରତା, ଜାନ୍ତବତା ଆଧୁନିକ ଶିକ୍ଷା-ସଭ୍ୟତା ଓ ସଂସ୍କୃତିର ପ୍ରବଞ୍ଚନା, ପ୍ରତାରଣା ଓ ଅଭିନୟ ପ୍ରଭୃତିକୁ ପଦାରେ ପକାଇ ଦେଇଛନ୍ତି । ଏହି ନାଟକଟି ନବନାଟ୍ୟ ଆନ୍ଦୋଳନର ମାଇଲଖୁଣ୍ଟ କହିଲେ ଅତ୍ୟୁକ୍ତି ହେବନାହିଁ ।

'ମୃଗୟା' (୧୯୭୦) ହେଉଛି ବିଶ୍ୱଜିତ୍ ଦାସଙ୍କର ଅନ୍ୟ ଏକ ନାଟକ । ଏହି ନାଟକଟି ବ୍ୟକ୍ତି କୈନ୍ଦ୍ରିକତା, ସ୍ୱାର୍ଥପରତା, ହିପୋକ୍ରାସି, ଦ୍ୱୈତ ବ୍ୟକ୍ତିତ୍ୱ ସହ ସରଳ ବିଶ୍ୱାସ, ନିଃସ୍ୱାର୍ଥପରତା, ଏବଂ ପରମ୍ପରାବାଦିତାର ଏକ ସହାବାସ୍ଥାନ ଏହି ନାଟକରେ ଦେଖାଇ ଦିଆଯାଇଛି, ଯେଉଁଥିରୁ ସୃଷ୍ଟି ହୋଇଛି ନାଟ୍ୟ ଦ୍ୱନ୍ଦ । ଦାରିଦ୍ର୍ୟ ଆଉ ପ୍ରାଚୁର୍ଯ୍ୟ – ଏ ଉଭୟ ଜୀବନ ପାଇଁ ସମାନ ଭାବରେ ପୀଡ଼ାଦାୟକ । କେହି ଶାନ୍ତି ଦେଇପାରନ୍ତି ନାହିଁ । ଦୁଃଖ ଭୋଗ ହିଁ ହେଉଛି ସତେ ଯେପରି ମଣିଷର ନିୟତି । ବିବେକାନନ୍ଦ – ଶିକ୍ଷକ, ଆଦର୍ଶବାଦୀ ତେଣୁ ସେ ତ ଦୁଃଖ ପାଇବେ । ମାତ୍ର ତାଙ୍କର ପୁଅ ସାରଥି ଏବଂ ଝିଅ ମୁକ୍ତା – ଏ ଉଭୟ ମଧ୍ୟ ଜୀବନର ଶାନ୍ତି ପାଉନାହାନ୍ତି । ମୁକ୍ତାର ପ୍ରଥମ ପ୍ରେମିକ କଳ୍ପତରୁ ନିଜର ସ୍ୱାର୍ଥ ହାସଲ କରିସାରିବା ପରେ ତାକୁ ଛାଡ଼ି ଚାଲିଯାଉଛି । ଶୁଭେନ୍ଦୁ ଆସୁଛି ମୁକ୍ତାର ଜୀବନରେ । ଯେଉଁଥି ପାଇଁ ମୁକ୍ତାର ପ୍ରଥମ ପ୍ରଣୟ ବ୍ୟର୍ଥ ହୋଇଯାଇଥିଲା, ସେଇ ଅର୍ଥର ପାହାଡ଼ ଉପରେ ବସି ସୁଦ୍ଧା ମୁକ୍ତା ସୁଖୀ ହୋଇପାରୁନାହିଁ । ତା'ର ଜୀବନ ବ୍ୟର୍ଥ ହୋଇଯାଉଛି । ବାକି ରହିଲା ସାରଥି । ସମୟର ପ୍ରୟୋଜନ ଅନୁସାରେ ସେ ଗୁରୁ ରୂପେ ଗ୍ରହଣ କରି ନେଉଛି ରାଜନୀତି ଜଗତର ସନାତନକୁ – ଯେଉଁମାନେ ସମ୍ପ୍ରତି ଈଶ୍ୱରଙ୍କଠାରୁ ମଧ୍ୟ ଶକ୍ତିଶାଳୀ ହୋଇପଡ଼ିଛନ୍ତି । ଦାରିଦ୍ର୍ୟ ସହିତ ସାରଥିର ମାନସିକ ଶାନ୍ତି ମଧ୍ୟ ଚିରକାଳ ପାଇଁ ଅପହୃତ ହୋଇଯାଉଛି । ସେ ହେଉଛି ଆଉ ଜଣେ ବ୍ୟର୍ଥ ମଣିଷ । ସେମିତି ଶୁଭେନ୍ଦୁ ଓ ବିବେକାନନ୍ଦ । ଏଇ କେତେକ ପ୍ରତିନିଧିଶ୍ରେଣୀୟ ଚରିତ୍ର ସାହାଯ୍ୟରେ ନାଟ୍ୟକାର ସାମ୍ପ୍ରତିକ ସମାଜର ପ୍ରକୃତ ସ୍ଥିତି ବର୍ଣ୍ଣନା କରିଛନ୍ତି । ସୁଖ ପାଇଁ, ଶାନ୍ତି ପାଇଁ ଆଜି ପ୍ରତ୍ୟେକଟି ମଣିଷର ଦୌଡ଼ ଶେଷହେଉଛି ଅଶାନ୍ତି ପାଖରେ । 'ଦୁଃଖଂ ଦୁଃଖଂ ସର୍ବକ୍ଷତ୍ୟନ୍ତ ଦୁଃଖମ୍' । ହତାଶା, ରିକ୍ତତା, ବ୍ୟର୍ଥତାର ଯନ୍ତ୍ରଣା ହିଁ ଆଜିର ଜୀବନକୁ

ISSN NO.
2582-208X

ତିଳତିଳ କରି ଖାଉଛି । ପ୍ରତ୍ୟୟ ଜୀବନର ଦୁର୍ବଳ ଭିତ୍ତି ଉପରେ ଆଜିର ଜୀବନର ସ୍ଥିତି। 'ମୃଗୟା' ହେଉଛି ଏଇ ଯନ୍ତ୍ରଣାଜଟିଳ ଜୀବନର ଏକ ମହାକାବ୍ୟ । ଏହାର ଶେଷ ବିନ୍ଦୁରେ ପହଞ୍ଚି, ମଣିଷ କେବଳ ଅନୁତାପ ହିଁ କରୁଥାଏ । ଏହି ନାଟକଟିରେ ମଧ୍ୟବିତ୍ତ ସମାଜର ଅସହାୟତା, ରାଜନୀତିର ସାର୍ବଭୌମତା ଏ ସବୁର ପୃଷ୍ଠଭୂମିରେ ଚିରକାଳୀନ ସୃଷ୍ଟିର ଗୌରବ ପ୍ରଦାନ କରିବ । ଦୁର୍ବଳ ହେଉ ବା ସବଳ ହେଉ – ଉଭୟ ପକ୍ଷ ପରିଣତିର ଯେଉଁ ବିନ୍ଦୁରେ ପହଞ୍ଚି ଯାଆନ୍ତି, ସେଠାରେ କାହାରିଠାରୁ କାହାର କୌଣସି ପାର୍ଥକ୍ୟ ରୁହେନାହିଁ । 'ମୃଗୟା' ନାଟକ ଆଧୁନିକ ମଣିଷର ଯଥାର୍ଥ ସ୍ୱରୂପକୁ ଆବିଷ୍କାର କରିଛି । ରାଜନୀତି, ପ୍ରଶାସନ ଓ ସମାଜସେବା ଅନ୍ତରାଳରେ ଥିବା ହିପୋକ୍ରାସିକୁ ଉନ୍ମୋଚନ କରିଛି। ମୂଲ୍ୟ ଓ ମୂଲ୍ୟବୋଧର ଚିତ୍ତ ସଂଘର୍ଷକୁ ଦେଖାଇବା ସହିତ ରାଜନୀତିକ ସ୍ଖଳନ ମଧ୍ୟ ଏହି ନାଟକରେ ଦେଖିବାକୁ ମିଳିଛି ।

ବିଶ୍ୱଜିତ୍ ଦାସଙ୍କ ଅନ୍ୟ ଏକ ନାଟକ 'ପ୍ରତାପ ଗଡ଼ରେ ଦି' ଦିନ' । ଏହି ନାଟକଟି ୧୯୭୫ ମସିହାରେ ଗୋଗୋଲଙ୍କର Inspector General ନାଟକ ଅନୁସରଣରେ ହୋଇଥିଲା । ସାମ୍ପ୍ରତିକ ସମାଜର ଦୁର୍ନୀତି ଏବଂ କଳଙ୍କକୁ ଉନ୍ମୋଚନ କରିବା ସହିତ ସାମ୍ପ୍ରତିକ କ୍ଷୟିଷ୍ଣୁ ସମାଜର ଲଗ୍ନ ରୂପକୁ ଦେଖାଇଛନ୍ତି । ଏହି ନାଟକରେ ନାଟ୍ୟକାର ପ୍ରତାପଗଡ଼ ନାମକ କୌଣସି ଏକ ଗଡ଼ଜାତ ରାଜ୍ୟକୁ ନେଇ ଏହି ନାଟକଟି କରିଥିବାର ଜଣାଯାଏ । ସେହି ସମୟଟି ଥିଲା ଭାରତବର୍ଷରେ ବ୍ରିଟିଶ ଶାସନର ସମୟ । ଗଡ଼ଜାତର ରାଜାମାନେ ନିଜର ଗୋଟାଏ ଲେଖାଁ ଶାସନ ବ୍ୟବସ୍ଥା ନିଜ ନିଜ ରାଜ୍ୟରେ ପ୍ରଚଳନ କରୁଥିଲେ । ରାଜା ହେଉଛି ସେହି ଶାସନ ବ୍ୟବସ୍ଥାର ସର୍ବମୁଖ୍ୟ । ସେମାନଙ୍କର କେବଳ ଭୟ ଥିଲା ବ୍ରିଟିଶ ସରକାର ଓ ସରକାରଙ୍କ ପଲିଟିକାଲ ଏଜେଣ୍ଟଙ୍କ ପ୍ରତି । ରାଜାଙ୍କ ତଳକୁ ଦେଓ୍ୱାନ ହେଉଛନ୍ତି ରାଜ୍ୟର ପ୍ରମୁଖ ବ୍ୟକ୍ତି । ରାଜାଙ୍କ ଅନୁପସ୍ଥିତିରେ ସେ ଶାସନ କରନ୍ତି । ଡାକ୍ତର, ପୋଲିସ, ଜଜ୍, ବିଦ୍ୟାଳୟ, ପୋଷ୍ଟମାଷ୍ଟର, ପରିଦର୍ଶକ ଇତ୍ୟାଦି ସମସ୍ତ କର୍ମଚାରୀ ଦେବାନଙ୍କ ଆଜ୍ଞାବହ । ପ୍ରତାପଗଡ଼ର ଦେଓ୍ୱାନ ଜନାର୍ଦ୍ଦନ ପଟ୍ଟଯୋଷୀ ରାଜ୍ୟର ନାନାବିଧ ସମସ୍ୟାର ସମାଧାନ ପାଇଁ ଶାସନ ପରିସରର ପ୍ରତ୍ୟେକ କ୍ଷେତ୍ରରେ ହସ୍ତକ୍ଷେପ କରନ୍ତି । ରାତିରେ ସେ ସ୍ୱପ୍ନ ଦେଖନ୍ତି ଗୁଡ଼ାଏ କଳାରଙ୍ଗର ମୂଷା ତାଙ୍କ ଚାରିପଟେ ଘେରି ବୁଲୁଛନ୍ତି ଓ ଦିନରେ ଘୂରିବୁଲୁଛନ୍ତି ବିଶିଷ୍ଟ କର୍ମଚାରୀମାନେ । ରାଜ୍ୟରେ ଯିଏ ମୁଖ୍ୟ ବିଚାରକ ସିଏ କୋର୍ଟରୁମ୍ ରେ ପଶା ଖେଳନ୍ତି । ନ୍ୟାୟ ବିଚାର ନକରି ମଧ୍ୟ ନ୍ୟାୟସାଗର ଉପାଧି ପାଇଥାନ୍ତି । ସ୍ୱାସ୍ଥ୍ୟ ବିଭାଗର ଯିଏ ମୁଖ୍ୟ ସିଏ ଲୋକମାନଙ୍କର ଶୀଘ୍ର ମୃତ୍ୟୁର

ISSN NO.
2582-208X

ପଥକୁ ପରିଷ୍କାର କରିଦିଅନ୍ତି । ସ୍କୁଲ ସୁପରିଟେଣ୍ଡେଣ୍ଟ ଶିକ୍ଷାର ବିକାଶ ପ୍ରତି ସମ୍ପୂର୍ଣ୍ଣ ଉଦାସୀନ । ପୋଷ୍ଟମାଷ୍ଟର ଅନ୍ୟର ଚିଠି ଖୋଲି ପଢନ୍ତି ଓ ଅନ୍ୟର ମନିଅର୍ଡର ଟଙ୍କା ଆତ୍ମସାତ୍ କରନ୍ତି । ପୋଲିସ ବିଭାଗର ଯିଏ ମୁଖ୍ୟ ସିଏ ଆଲସେସିଆନ କୁକୁର ପରି ଦେଓ୍ୱାନ ସାହେବଙ୍କର ପ୍ରତ୍ୟେକ ଇଙ୍ଗିତକୁ କାର୍ଯ୍ୟରେ ପରିଣତ କରନ୍ତି । ରାଜ୍ୟର ବ୍ୟବସାୟୀମାନେ ଦେଓ୍ୱାନ ଓ ରାଜକର୍ମଚାରୀମାନଙ୍କ ଶୋଷଣ ଓ ପୀଡ଼ନ ଦ୍ୱାରା ଜର୍ଜରିତ। କେହି ପ୍ରତିବାଦ କଲେ କଠୋର ଦଣ୍ଡ ପ୍ରଦାନ କରାଯାଏ । ଲାଞ୍ଚ ମିଛ ଓ ଦୁର୍ନୀତିର ଗନ୍ତାଘର ସେଇ ଗଡ଼ଜାତ ରାଜ୍ୟ । ଦେଓ୍ୱାନଙ୍କ ପତ୍ନୀ ଓ କନ୍ୟା ମଧ୍ୟ ବ୍ୟବସାୟୀଙ୍କ ପାଖରୁ ବିନା ମୂଲ୍ୟରେ ଶାଢୀ ଓ ଗହଣା ଆଣନ୍ତି । ସର୍ବତ୍ର ଯେପରି ଦୁର୍ନୀତି ଓ ଶୋଷଣ, ପୀଡ଼ନ, ଅତ୍ୟାଚାର । ଏପରି ଏକ ସମୟରେ ପଲିଟିକାଲ ଏଜେଣ୍ଟ ସେହି ରାଜ୍ୟକୁ ଆସୁଛନ୍ତି ବୋଲି ସମ୍ବାଦ ପାଇଲେ ଦେଓ୍ୱାନ ଓ ଅନ୍ୟାନ୍ୟ ପଦସ୍ଥ କର୍ମଚାରୀମାନେ । ତାଙ୍କରି ରିପୋର୍ଟ ଉପରେ ନିର୍ଭର କରେ ସେମାନଙ୍କ ଭାଗ୍ୟ ଓ ଭବିଷ୍ୟତ । ତେଣୁ ସମସ୍ତେ ବ୍ୟସ୍ତ ହୋଇପଡ଼ିଛନ୍ତି ଓ ନିଜ ନିଜର ଅଫିସ ସବୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ଉଦ୍ୟମ କରିଛନ୍ତି । ଡାକ୍ତରଖାନା ଓ ସ୍କୁଲକୁ ମଧ୍ୟ ପରିଚ୍ଛନ୍ନ ରଖିଛନ୍ତି । ଦେଓ୍ୱାନ ସାହେବ ସମସ୍ତ କର୍ମଚାରୀମାନଙ୍କୁ ସାବଧାନ କରାଇଦେଇଛନ୍ତି ସବୁବେଳେ ସଫାସୁତୁରା ରଖିବାପାଇଁ । ସେ ସମୟର ଗଡ଼ଜାତ ରାଜ୍ୟରେ ପଲିଟିକାଲ ଏଜେଣ୍ଟଙ୍କ ପ୍ରତି ଥିବା ଭୟକୁ ଏହି ନାଟକରେ ନାଟ୍ୟକାର ଦେଖାଇଛନ୍ତି । ପଲିଟିକଲ ଏଜେଣ୍ଟ ରୂପେ ଆନନ୍ଦ ରାୟ ପହଁଚିଛନ୍ତି ପ୍ରତାପଗଡ଼ରେ । ସେଠାରେ ସେ ଗୋଟିଏ ହୋଟେଲରେ ରହିଛନ୍ତି । ଦେଓ୍ୱାନ ସାହେବ ତାଙ୍କୁ ସେହିଠାରୁ ପାଛୋଟି ନେଇଛନ୍ତି ଡାକ୍ତରଖାନାକୁ । ତାଙ୍କୁ ସେଠି ଭବ୍ୟ ସମ୍ବର୍ଦ୍ଧନା କରାଯାଇଛି ଓ ତା'ପରେ ସେ ଦେଓ୍ୱାନ ସାହେବଙ୍କ ଘରେ ରହିଛନ୍ତି । ଦେଓ୍ୱାନ ଓ ଅନ୍ୟାନ୍ୟ କର୍ମଚାରୀମାନେ ନିଜ ନିଜର କାର୍ଯ୍ୟକଳାପ ପାଇଁ ବ୍ୟସ୍ତ ହୋଇପଡ଼ିଛନ୍ତି, କାଳେ ପଲିଟିକାଲ ଏଜେଣ୍ଟ ସେମାନଙ୍କ ଅପରାଧ ବିଷୟରେ ଜାଣିଯିବେ । ଅଥଚ ପ୍ରତ୍ୟେକ କର୍ମଚାରୀ ଓ ଦେଓ୍ୱାନ ସାକ୍ଷାତ କରିଛନ୍ତି ଏଜେଣ୍ଟଙ୍କୁ ସ୍ୱତନ୍ତ୍ର ଭାବରେ । ପ୍ରତ୍ୟେକଙ୍କଠାରୁ ଏଜେଣ୍ଟ ଧାର ସୂତ୍ରରେ ଟଙ୍କା ନେଇଛନ୍ତି । ସମସ୍ତେ ମଧ୍ୟ ତାଙ୍କୁ ଟଙ୍କା ଦେଇ କୃତକୃତ୍ୟ ହୋଇଛନ୍ତି । ବ୍ୟବସାୟୀମାନେ ଆସିଛନ୍ତି ଏଜେଣ୍ଟ ପାଖକୁ । ସେମାନେ ଦେଓ୍ୱାନଙ୍କ ବିରୋଧରେ ଅଭିଯୋଗ କରିବା ସହିତ କିଛି କିଛି ଟଙ୍କା ମଧ୍ୟ ଦେଇଛନ୍ତି ତାଙ୍କୁ । ଏଜେଣ୍ଟ ଦେଓ୍ୱାନଙ୍କ କନ୍ୟା ପ୍ରତି ଆକୃଷ୍ଟ ହୋଇଛନ୍ତି ଓ ତାକୁ ବିବାହ କରିବା ପାଇଁ କହିଛନ୍ତି । ଦେଓ୍ୱାନଙ୍କ ପତ୍ନୀ ମଧ୍ୟ ଏଜେଣ୍ଟଙ୍କ ପ୍ରତି ଖୁସି ବ୍ୟକ୍ତ କରିଥିଲେ । ପଲିଟିକାଲ ଏଜେଣ୍ଟ

ISSN NO.
2582-208X

ଆନନ୍ଦ ରାୟ ବିପୁଳ ପରିମାଣରେ ଅର୍ଥ ନେଇ ହଠାତ୍ ଚାଲିଯାଇଛନ୍ତି । ସେହି ସମୟରେ ପୋଷ୍ଟମାଷ୍ଟର ଏଜେଣ୍ଟ ଲେଖିଥିବା ଏକ ଚିଠି ଆଣି ସମସ୍ତଙ୍କୁ ପଢାଇଛନ୍ତି । ସେ ପଲିଟିକାଲ ଏଜେଣ୍ଟ ନୁହେଁ ବରଂ ରାଜଧାନୀର ଜଣେ ତୃତୀୟ ଶ୍ରେଣୀ କିରାଣୀ; ଏକଥା କହିଛି । ସେହି ଚିଠିରେ ଦେଓ୍ୱାନ, ଜଜ୍, ଡାକ୍ତର, ସ୍କୁଲମାଷ୍ଟର, ପୋଷ୍ଟମାଷ୍ଟର, ପୋଲିସ ମୁଖ୍ୟ ଇତ୍ୟାଦି ସମସ୍ତଙ୍କର ଚାରିତ୍ରିକ ସ୍ଖଳନ ଓ ଦୁର୍ନୀତି ବିଷୟରେ ଲେଖାଥିଲା । ଯେତେବେଳେ ସମସ୍ତେ ସେହି ପଲିଟିକାଲ ଏଜେଣ୍ଟଙ୍କୁ ପ୍ରତାରକ ବୋଲି ଆଲୋଚନା କରୁଥାନ୍ତି ସେତିକିବେଳେ ସେ ପୁନଶ୍ଚ ସେଠାରେ ପହଞ୍ଚି ସମସ୍ତଙ୍କୁ କଥାର ଜାଲରେ ବଶୀଭୂତ କରିଦେଇଛନ୍ତି । ଏହି ଅବସରରେ ତାଙ୍କର ଦେବାନ୍ ଙ୍କ କନ୍ୟା ସହିତ ନିର୍ବନ୍ଧ ହେବାର ଯୋଜନା ଚାଲିଛି । ପ୍ରକୃତ ପଲିଟିକାଲ ଏଜେଣ୍ଟ ପହଞ୍ଚି ନିଜର ପରିଚୟ ଦେଲେ ହେଁ ନକଲି ଏଜେଣ୍ଟ ଆନନ୍ଦ ରାୟଙ୍କ ନିର୍ଦ୍ଦେଶରେ ତାଙ୍କୁ ଆରେଷ୍ଟ କରାଯାଇଛି । ଏହି ସୁଯୋଗରେ ଆନନ୍ଦ ରାୟଙ୍କ ଖସି ଚାଲିଯାଇଛି । ଗୋଟାଏ ଅସହାୟତା ଓ ଅବସାଦ ଘେରି ଯାଇଛି ସମସ୍ତଙ୍କୁ । ପ୍ରତାପଗଡ଼ରେ ଦି'ଦିନ ପାଇଁ ଆନନ୍ଦ ରାୟର ଅବସ୍ଥାନ ଏହି ଦୁଇଦିନ ମଧ୍ୟରେ ସମଗ୍ର ରାଜ୍ୟର ଅବସ୍ଥାକୁ ସେ ଅନୁଭବ କରିଛି । ଦେଓ୍ୱାନଠାରୁ ଆରମ୍ଭ କରି ସମସ୍ତ କର୍ମଚାରୀ ଓ ବ୍ୟବସାୟୀ ଗୋଷ୍ଠୀ ପର୍ଯ୍ୟନ୍ତ ସମସ୍ତେ ଦୁର୍ନୀତିଗ୍ରସ୍ତ । ସାଧାରଣ ମଣିଷ ସେଠି ଅବହେଳିତ । ଗଣତାନ୍ତ୍ରିକ ଭାରତବର୍ଷରେ ଅନୁରୂପ ଅବସ୍ଥାରେ ମଧ୍ୟ ପରିଲକ୍ଷିତ । ନାଟ୍ୟକାର ଏହାକୁ ଦୃଷ୍ଟି ପଥରେ ରଖି ଗଡ଼ଜାତ ରାଜ୍ୟକୁ ମୁଖ୍ୟ ଆଧାର ଭାବରେ ନେଇଛନ୍ତି। ସୁବିଧା ଓ ସୁଯୋଗ ଲାଭ କରୁଥିବା ସରକାରୀ କର୍ମଚାରୀ ଓ ରାଷ୍ଟ୍ର ମୁଖ୍ୟଙ୍କର ଦୁର୍ନୀତି, ସ୍ୱେଚ୍ଛାଚାର ଓ ଅତ୍ୟାଚାରକୁ ଏହି ନାଟକରେ ନାଟ୍ୟକାର ଦେଖାଇଛନ୍ତି।

ଉପସଂହାର :

ଓଡ଼ିଆ ନାଟ୍ୟ ଜଗତର ଅସାଧାରଣ ପାଣ୍ଡିତ୍ୟର ଅଧିକାରୀ ହେଉଛନ୍ତି ବିଶ୍ୱଜିତ୍ ଦାସ । ତାଙ୍କ ନାଟକରେ ଆଧୁନିକ ଦୁନିଆରେ ଦେଖାଦେଇଥିବା ଉପରିସ୍ଥ ଚାକିରିଆମାନେ ନିମ୍ନ ଶ୍ରେଣୀ ବ୍ୟକ୍ତି ବିଶେଷଙ୍କ ଠାରୁ ମିଛ କଥା କହି କିଭଳି ଲୁଣ୍ଠନ କରନ୍ତି ତାକୁ ସେ ତୀର୍ଯ୍ୟକ୍ ନିନ୍ଦା କରି ବିଭିନ୍ନ ନାଟକରେ ସେମାନଙ୍କର ମୁଖା ଖୋଲିଛନ୍ତି । ତେଣୁ ତାଙ୍କ ବିଭିନ୍ନ ନାଟକ ପଠନ କଲେ ତାହା ବେଶ୍ ବାରି ହୋଇଯାଏ । ନାଟକ ଗୁଡିକରେ ସଂଳାପ,

ISSN NO.
2582-208X

ବର୍ଣ୍ଣନାଚାତୁରୀ, ଭାଷାର ପ୍ରୟୋଗ ବେଶ୍ ସରଳ ହୋଇଥିବାରୁ ଏହାକୁ ଯେକୌଣସି ବ୍ୟକ୍ତି ପଢିଲେ ହୃଦୟସ୍ପର୍ଶ କରିବ ନିଶ୍ଚୟ ।

ସହାୟକ ଗ୍ରନ୍ଥସୂଚୀ :

୧. ଦାସ, ବିଶ୍ୱଜିତ୍ : ମୃଗୟା, ସାଥି ପ୍ରକାଶନ, ଓଡ଼ିଆବାଜର, କଟକ, ତୃତୀୟ ସଂସ୍କରଣ, ୧୯୮୨ ।

୨. ଦାସ, ବିଶ୍ୱଜିତ୍ : ପ୍ରତାପ ଗଡ଼ରେ ଦି' ଦିନ, ଇଉନାଇଟେଡ଼ ବୁକ୍ ହାଉସ, ବାଲୁବାଜର, କଟକ-୨, ପ୍ରଥମ ପ୍ରକାଶ, ୧୯୬୭ ।

୩. ଦାସ, ଡ. ହେମନ୍ତ କୁମାର : ଓଡ଼ିଆ ନାଟ୍ୟସାହିତ୍ୟଶ୍ୱର ବିକାଶଧାରା, ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ଦ୍ୱିତୀୟ ସଂସ୍କରଣ, ୧୯୯୪ ।

୪. ମହାରଣା , ଡ଼ .ସୁରେନ୍ଦ୍ର କୁମାର : ଓଡ଼ିଆ ସାହିତ୍ୟର ଇତିହାସ ,ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, ତୃତୀୟ ସଂସ୍କରଣ, ୨୦୦୫ ।

(((-)))

ଗବେଷିକା, ସ୍ନାତକୋତ୍ତର ଓଡିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜ ବିହାର
ଦୂରାଭାଷ – 9438449120

ISSN NO.
2582-208X

# ଭଲ ବୋହୂ କଏ ??



ଶାଶ୍ୱତୀ ହୋତା

ଭଲ ବୋହୂ କିଏ
ଭଲ ବୋହୂ ର ସଂଜ୍ଞା କଣ ??
କେଉଁ ରଙ୍ଗର ହେଇଥାଏ ସେ
କଳା, ଶ୍ୟାମଳୀ ନା କେବଳ
ଗୋରା ରଙ୍ଗର ହେଇଥିଲେ ହିଁ
ହେଇପାରେ ସେ ଗୋଟେ ଭଲ ବୋହୂ...!?
କେତେ ମାତ୍ରାରେ ତ୍ୟାଗ, କେତେ ସମର୍ପଣ
କରିବାକୁ ହୁଏ ତାକୁ
କେତେ ସ୍ୱପ୍ନ, କେତେ ଇଚ୍ଛାକୁ
ନିଜ ହାତରେ ତଣ୍ଟି ଚିପି ମାରି ଦେବାକୁ ହୁଏ
କେଉଁ ମୂଲ୍ୟରେ ନିଜ ଆତ୍ମସମ୍ମାନକୁ
ବିକିବାକୁ ପଡେ ସଦର ବଜାର ରେ...!?
କେତେ ସେଣ୍ଟିମିଟର ଲମ୍ବା ଓଢଣା ଧାର୍ଯ୍ୟ କରାଯାଇଥାଏ
ଭଲ ବୋହୂଟି ପାଇଁ...??
ଅମାନବିକତାର କେତେ ସୀମା ଟପିଲା ପରେ,
ସିଂଘହୀନ ଆସୁରିକ ଶକ୍ତି ମାନଙ୍କ ଆଗରେ
କେତେ ଦିନ ଧରି ପା' ପୋଛ ପରି ଅସହିଷ୍ଣୁତା ସହିଲା ପରେ
ଚୟନ କରାଯାଏ ଏକ ଭଲ ବୋହୂ

ISSN NO.
2582-208X

କେଉଁ ବାର କେଉଁ ତିଥିରେ
ପୁରସ୍କାର ବିତରଣ ହୁଏ ଭଲ ବୋହୂ ହେବାର
ପ୍ରତିଯୋଗିତା ପାଇଁ,
ଫ୍ୟାନ ରେ ଝୁଲି ଯିବା ପରେ,
ରୋଷେଇ ଘରେ ଜଳିଯିବା ପରେ
ଆଉ ବୋଧେ ମାନସିକ ଭାରସାମ୍ୟ ହରାଇ
ରାସ୍ତା ରାସ୍ତା ଘୂରି ବୁଲିବା ପରେ ।।
ପ୍ରଶଂସା ପତ୍ର ତ ଦୂରରେ,
ଜୀବନ୍ତ କେବେ ସାହାନୁଭୂତି ଭରା ଦି' ପଦ କଥା ମଧ୍ୟ
ଶୁଣିବାକୁ ମିଳେନି ତାକୁ
ତା ଦୋଷ ଦୁର୍ବଳତା ପରଖିବା ଛାଡି
କେହି ଜଣେ ତା ମନ ବୁଝିବାବାଲା ଆସେ ତା ନିକଟକୁ...??
ଆଉ କିଏ ଫଇସଲା କରେ ଭଲ ବୋହୂର
ସିଏ, ଯିଏ ଶେଷ ଜୀବନ ପର୍ଯ୍ୟନ୍ତ
ନିଜେ କେବେ ଭଲ ବୋହୂର ଆଖ୍ୟା ସାଉଁଟି ପାରିନଥାଏ
ନା ସିଏ ଯିଏ ନାରୀ ଟି କୁ କେବେ
ମଣିଷ ଦୃଷ୍ଟି ରେ ହିଁ ଦେଖି ନଥାଏ !?

(((-)))

ସାଗୁନଭଡ଼ି,ନୂଆପଡ଼ା
ମୋ: ୮୪୫୭୯୦୫୬୪୩

ISSN NO.
2582-208X

# ଉତ୍କଳ ଗୌରବ ଗାଥା



ସିଦ୍ଧାନ୍ତ ପ୍ରଧାନ

କଳିଙ୍ଗ ଯୁଦ୍ଧରେ ବୀର ଙ୍କ ଜୀବନ
ରକ୍ତେ ଦୟାନଦୀ ପ୍ରବଳ
ମନ୍ଦିର ଗୁମ୍ଫା ରେ ସୁସଜ୍ଜିତ ଅଟେ
ନାମ ତା'ର ଉତ୍କଳ ।।

ସାଢ଼େ ଚାରି କୋଟି ପିଠିରେ ଧରିକି
ଗଠିତ ଓଡ଼ିଶା ପ୍ରଦେଶ,
ଜଗତର ନାଥ ଜଗନ୍ନାଥ ପ୍ରଭୁ
ତାଙ୍କରି ଚରଣେ ଶେଷ ।।

ବାର ବରଷର ଶିଶୁ ସେ ଆଜି
ଲଭିକି ସହିଦ୍ ହୋଇଗଲା,
ଉତ୍କଳ ର ନାମେ ବିଶ୍ୱ ଦରବାରରେ
ଇତିହାସ ରଚି ଦେଲା ।।

ନୃତ୍ୟ, ସଙ୍ଗୀତ ରେ ପରିପୂର୍ଣ୍ଣ ହୋଇ
ଗଠନ ଧର୍ମ ପ୍ରବାସ,
ସଂସାର ଖାତାରେ ନାମ ତା'ର ହୋଇ
ଲିପିବଦ୍ଧ ଇତିହାସ ।।

ISSN NO.
2582-208X

ଓଡ଼ିଶା ର ଭାଷା ଓଡ଼ିଆ କୁ ନେଇ
ଗରବ କରେ ସେ ପରା,
ଶାସ୍ତ୍ରୀୟ ର ଭାଷା ମାନ୍ୟତା ପାଇକି
ହେଲା ସେ ଉଦ୍ଧାର ଧରା ।।

(((–)))

ନୟାଗଡ଼
ମୋ : – ୮୧୪୪୬୫୬୨୪୬

ISSN NO.
2582-208X

# "ମାୟାମୁକ୍ତ"



ବିନୟ ମହାପାତ୍ର

ମଣିଷ ନିଜକୁ ବହୁତ ବୁଦ୍ଧିମାନ ଭାବେ । ହଁ କଥାଟି ସତ, ମଣିଷ ଅନ୍ୟ ଜୀବମାନଙ୍କ ଅପେକ୍ଷା ଅଧିକ ବୁଦ୍ଧିମାନ । ସେଇଥିପାଇଁ ତ ସେ ଅନ୍ୟସବୁ ଜୀବମାନଙ୍କୁ ନିଜର ଅଧୀନ କରିପାରିଛି । ଥରେ ଭାବିଲ ଦେଖି, ଯିଏ ଏଇ ବୁଦ୍ଧିମାନ ଜୀବଟିକୁ ସୃଷ୍ଟି କରିଛି, ସେ କେତେ ବେଶି ବୁଦ୍ଧିମାନ ହୋଇ ନଥିବ ? କେଉଁ ଅନାଦି କାଳରୁ ମଣିଷର ଡିଜାଇନ ଏତେ ନିଖୁଣ ଭାବରେ କରିଛି ଯେ, ଆଜିଯାଏ ସେଥିରେ କିଛି ପରିବର୍ତ୍ତନ କରିବାର ଆବଶ୍ୟକତା ପଡିନି । ଠିକ୍ ଯାଗାରେ ଠିକ୍ ଯନ୍ତ୍ର ଖଞ୍ଜି ଦେଇଛି । ମଣିଷର ପୁରା ଇଂଜିନଟାକୁ ଦେହର ମଝାମଝି ହାଡର ପଞ୍ଜୁରୀ ଭିତରେ ବଡ ସାବଧାନରେ ଖଞ୍ଜି ଦେଇଛି । ମସ୍ତିଷ୍କକୁ ହାଡର ଖୋପଡି ଭିତରେ କେଡେ ଯତ୍ନରେ ସାଇତି ଦେଇଛି । ଏତିକି କହି ଗୁରୁଜୀ ଟିକେ ଦମ୍ ନେଲେ, ପାଖରେଥିବା ଗଡୁରୁ ଦିଢୋକ ପାଣି ପିଇଲେ । ସମସ୍ତଙ୍କ ଆଡକୁ ଟିକେ ଦେଖିନେଲେ, କେହି ବୋର ହେଉନିତ ତାଙ୍କର ଏଇ ପ୍ରବଚନ ଶୁଣି ।

ଗୁରୁଜୀ ଟିକିଏ ବାସ୍ତବଧର୍ମୀ ସନ୍ୟାସୀ, ଭଗବାନଙ୍କ ଉପରେ ତାଙ୍କର ପ୍ରଗାଢ ଭକ୍ତି ଓ ବିଶ୍ୱାସ । ନିତି ବ୍ରାହ୍ମ ମୁହୁର୍ତ୍ତରୁ ଉଠି ଦିଅଁଙ୍କ ସେବାରେ ଲାଗି ଯାଆନ୍ତି । ଦିପହରେ ଦିଅଁଙ୍କ ପହଡ ପରେ ନିଜେ ଟିକିଏ ବିଶ୍ରାମ କରନ୍ତି ଆଉ ସଂଧ୍ୟା ଆରତୀ ପରେ ଆଶ୍ରମରେ ଜମା ହୋଇଥିବା ଶ୍ରଦ୍ଧାଳୁମାନଙ୍କୁ କିଛି ଜ୍ଞାନର କଥା କହନ୍ତି । କିନ୍ତୁ କେବେ ରାମାୟଣ ମହାଭାରତର କାହାଣୀ ଶୁଣାଇ ପ୍ରବଚନ ଦିଅନ୍ତି ନାହିଁ । ଧର୍ମକୁ ସେ ଅନ୍ୟ ରୂପରେ ପରିଭାଷିତ କରନ୍ତି । କହନ୍ତି, ପ୍ରଭୁ ରାମ ହୁଅନ୍ତୁ କି ମହାପ୍ରଭୁ ଶ୍ରୀକୃଷ୍ଣ ହୁଅନ୍ତୁ । ସେମାନଙ୍କୁ କେବଳ ଅବତାରୀ ପୁରୁଷ ଭାବିନେଲେ ଆଉ କିଛି କହିବାର ନାହିଁ । କିନ୍ତୁ ଟିକିଏ ଗଭୀରଭାବରେ ଚିନ୍ତାକଲେ ଏତିକି ତ ସତ୍ୟ, ଯେ ସେମାନେ ସମସ୍ତେ ମାନବ

ISSN NO.
2582-208X

ଶରୀର ନେଇ ଜନ୍ମ ନେଇଥିଲେ । ସେମାନେ ଆମପରି ସାମାନ୍ୟ ମାନବ ଥିଲେ । କିନ୍ତୁ ସେହି ମହାନ ପୁରୁଷମାନେ ତାଙ୍କର ବାଣୀରେ, ତାଙ୍କର ଆଚାର ବ୍ୟବହାରରେ, କର୍ମରେ, ସାମାଜିକ ଚଳନୀରେ ଏମିତି ଅନେକ ଦୈବୀଗୁଣ, ଦେବତାସୁଲଭ ଆଦର୍ଶ ପ୍ରଦର୍ଶନ କରିଗଲେ, ଯେଉଁଥି ପାଇଁ ସାମାନ୍ୟ ମାନବତ୍ୱର ବହୁ ଊର୍ଦ୍ଧରେ ରହି କେଉଁ ଯୁଗରୁ ସେମାନେ ଭଗବାନ ରୂପରେ ପୂଜା ପାଉଛନ୍ତି ? ସେମାନେ ଯଦି ସେପରି କରିନଥାନ୍ତେ, ଭାବିଲ ଦେଖି ଆଜି କେହି ତାଙ୍କୁ ମନେ ରଖିଥାନ୍ତା, ନା ପୂଜା କରୁଥାଆନ୍ତା !

କିନ୍ତୁ ଆମେ ସେମାନଙ୍କୁ କେବଳ ଅବତାର ଭାବି ପୂଜା କରିଦେଇ ଆମର ଦାୟିତ୍ୱ ସାରିଦେଉ ଏବଂ ଆମର ଭକ୍ତି ନୈବେଦ୍ୟ, ସମର୍ପଣ ସବୁକିଛି ହୋଇଗଲା ବୋଲି ଭାବିନେଉ । ଆଜି ଆମେ କେବଳ ସେମାନଙ୍କର ପାଷାଣ ପ୍ରତିମା ପୂଜା କରୁଛୁ, ସେମାନଙ୍କର କଥନ ଓ କର୍ମକୁ ପୁରାଣ, ଧର୍ମ ଶାସ୍ତ୍ର କହି ପାଠ କରୁଛୁ । କେବେ ବି ତର୍ଜମା କରିବାକୁ ଚାହୁଁନା, ସେମାନଙ୍କର ସେହି ଗୁଣଗୁଡିକ ସତରେ କଣ ଥିଲା ? ସେଇ କର୍ମ, ଯାହା ସେମାନଙ୍କୁ ସାମାନ୍ୟ ମଣିଷରୁ ଦେବତା କରିପାରିଲା ! ଆଜି ମଣିଷ, ସେମାନଙ୍କୁ କେବଳ ପଥରମୂର୍ତ୍ତି ରୂପରେ ପୂଜା ନକରି ଯଦି ସେମାନଙ୍କର କିଛିବି ଗୁଣରେ ଅନୁପ୍ରାଣିତ ହୋଇ ତାହା ନିଜ ଜୀବନରେ, ଅଚରଣରେ, ନିଜ ବ୍ୟବହାର, ନିଜ କର୍ମରେ ଆଣି ପାରିବ, ତେବେ ସିଏବି କିଛି ଅଂଶର ଦେବତ୍ୱ ପ୍ରାପ୍ତ କରିପାରିବ । କିନ୍ତୁ ଅବଶୋଷ ଆମର ଚିରାଚରିତ ମନିଷୀମାନେ କହି ଯାଇଛନ୍ତି, ବୁଝୁ ନ ବୁଝୁ ପଢ ଗୀତା କିମ୍ବା ନାମ ଜପକଲେ ସବୁକିଛି ପ୍ରାପ୍ତି ହୋଇଯାଏ, ସବୁ ପାପ ଧୋଇଯାଏ । ହେଲେ ସେମିତି କିଛି ଚମତ୍କାର ହୁଏନା । ଔଷଧ ଶିଶି ମୁଣ୍ଡ ପାଖରେ ରଖି ଶୋଇପଡିଲେ ରୋଗ ଭଲ ହୋଇଯାଏନା । ରୋଗ ପାଇଁ ଔଷଧ ଖାଇବାକୁ ହୁଏ । ଜ୍ଞାନ ପାଇଁ ପୋଥି ପଢି ବୁଝିବାକୁ ହୁଏ ଏବଂ ଦେବତ୍ୱ ପ୍ରାପ୍ତି ପାଇଁ ସେ ଗୁଡିକୁ ନିଜ ଜୀବନରେ, ନିଜ ଆଚରଣରେ ଆଣିବାକୁ ହୁଏ । ଜ୍ଞାନ ଆହରଣ କରି ଖାଲି ମୁଣ୍ଡରେ ସାଇତି ଦେଲେ କିଛି ଲାଭନାହିଁ । ସିଏତ କେବଳ ନିଜ ଧନ ବ୍ୟାଙ୍କରେ ଜମା କରି ଭୋକିଲା ରହିବା ପରି ହେବ ।

ବାବାଙ୍କର କଥା ଖୁବ୍ ସରଳ, କିନ୍ତୁ ବହୁତ ଜଟିଳ ଲାଗେ । କାରଣ ଆଜିଯାଏ ଯାହାକିଛି ପଢି ଆସିଛୁ, ଯାହାକିଛି ଶୁଣି ଆସିଛୁ ବାବା ତାର ଓଲଟା କହନ୍ତି । ରାମ, କୃଷ୍ଣ ଆଦି ଅବତାରମାନେ ଯେପରି ଆଚରଣ କରିଛନ୍ତି ଆଜି ଯୁଗରେ ସେପରି ଆଚରଣ କରିବା କଣ ସମ୍ଭବ ? ବାପା ସତ୍ୟ କରିଦେଲେ ବୋଲି କୋଉ ପୁଅ ଆଜି ତାର ଭାଇଭାଗ ଛାଡି

ISSN NO.
2582-208X

ଜଙ୍ଗଲକୁ ଚାଲିଯିବ ? କିଏ ଜଣେ ଶ୍ରଦ୍ଧାରେ କିଛି ଦେଇଦେଲା ବୋଲି ତାର ଅଇଁଠା ଖାଇଯିବ । ସେମାନେ ଭଗବାନଙ୍କର ଅବତାର ଥିଲେ, ତେଣୁ ଏତେ ସବୁ କରି ପାରିଲେ, କିନ୍ତୁ ଆମେ ସାମାନ୍ୟ ମଣିଷ, ସେପରି କଣ କରି ପାରିବୁ ? କିନ୍ତୁ ବାବା କୁହନ୍ତି, ଯଦି ନିଜେ ରାମ ହୋଇ ନପାରିବ ତେବେ ଲକ୍ଷ୍ମଣ ପରି ଭାଇ କାହିଁକି ଆଶା କରୁଛ ? ଲକ୍ଷ୍ମଣ ପରି ଭାଇ ଦରକାର କିନ୍ତୁ ଆଚରଣ ବାଳୀ ପରି । ପତ୍ନୀ ସୀତା ପରି ପତିବ୍ରତା ଚାହୁଁଛେ କିନ୍ତୁ ଆମର ଆଚରଣ ରାବଣ ପରି । ପଇସା ନେଇ ମଦମାଂସ ଖାଇ ଭୋଟଦେଇ ଭାବିବା ରାମରାଜ୍ୟ ଆସିଯାଉ । ଏହି ପରି ଏସବୁ କଣ ସମ୍ଭବ ? କିଛି ଆଶା କରିବା ଆଗରୁ ପ୍ରଥମେ ନିଜକୁ ସେସବୁର ଯୋଗ୍ୟ କରିବାକୁ ହୁଏ । ମଣିଷର କର୍ମ ହିଁ ମଣିଷକୁ ଦେବତା କିମ୍ବା ରାକ୍ଷସ କରିଦିଏ, ଦୁଃଖି କିମ୍ବା ସୁଖି କରିପାରେ । ମଣିଷ ନିଜର ସତକର୍ମ ଦ୍ୱାରା ନିଜ ଭାଗ୍ୟର ଲେଖା ଏବଂ ଦୈବୀ ଯୋଜନାକୁ ବି ବଦଳାଇ ଦେଇପାରେ । ଗୋଟିଏ କାହାଣୀ କହୁଛି ଶୁଣ;

ଅନେକବର୍ଷ ପୂର୍ବରୁ ସୋମନାଥ ନାମରେ ଗରୀବ ବ୍ରାହ୍ମଣଟିଏ ଥିଲା । ବାପ ମାଆ ମରିଯିବା ପରେ ସେ ମନ୍ଦିରମାନଙ୍କରେ ପୂଜାପାଠ କରି, ଗାଆଁରେ ଜଜମାନୀ କରି ଅଳ୍ପକିଛି ଧନ ଅର୍ଜନ କରିପାରୁଥିଲା, କିନ୍ତୁ ସେଥିରେ ସେ ତାର ନିଜପାଇଁ ଦି'ଓଳି ପେଟଭରି ଖାଇବାପାଇଁ ଖାଦ୍ୟ ଯୋଗାଡ କରିପାରୁନଥିଲା । ନିର୍ଦ୍ଧନତା କାରଣରୁ କେହି ତାକୁ କନ୍ୟାଦାନ କରିବାକୁ ମଧ୍ୟ ରାଜି ହେଲେନାହିଁ । ଶେଷରେ ନିଜ ଜୀବନପ୍ରତି ତାର ନୈରାଶ୍ୟ ଭାବନା ଆସିଗଲା । ଅନ୍ୟକିଛି ଉପାୟ ନପାଇଁ ଶେଷରେ ନିରାଶ ସୋମନାଥ ମନେ ମନେ ସ୍ଥିରକଲା, ଏଇଠି ଏପରି ଓଳିଏ ଖାଇ ଓଳିଏ ଓପାଶ ରହିବା ଅପେକ୍ଷା ସେ ଶ୍ରୀକ୍ଷେତ୍ର ଚାଲିଯିବ । ବଡ ଦେଉଳରେ ପ୍ରଭୁ ଜଗନ୍ନାଥଙ୍କ ଶରଣରେ ଯାଇ ନିଜ ଦୁଃଖ ଜଣାଇବ । ତେଣିକି କାଳିଆର ଇଚ୍ଛା, ସେ ରଖିଲେ ରଖିବ, ମାରିଲେ ମାରିବ । ଶ୍ରୀକ୍ଷେତ୍ରରେ ପ୍ରାଣ ଚାଲିଗଲେ ସ୍ୱର୍ଗପ୍ରାପ୍ତି ହୋଇଯିବ । ହେଲେ ଶ୍ରୀକ୍ଷେତ୍ର ତା ଗାଆଁ ଠାରୁ ଅନେକ ଯୋଜନ ଦୂର । ତଥାପି ମନରେ ଆଶାବାନ୍ଧି ଖାଲିହାତରେ ଜଗନ୍ନାଥ ଭରଷାରେ ଶ୍ରୀକ୍ଷତ୍ର ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କରିଦେଲା । ରାସ୍ତାରେ ଭୀକ୍ଷା କରି କରି ପଥ ଚାଲୁଥାଏ, ଯାହାକିଛି ମିଳିଯାଏ ଖାଇନିଏ, ରାତିହେଲେ କେଉଁଠି ଗଛମୂଳେ କି କେଉଁ ମନ୍ଦିର ପ୍ରାଙ୍ଗଣରେ ଶୋଇଯାଏ । ଏପରି ଚାଲି ଚାଲି ଦୁଇମାସ ପରେ ସୋମନାଥ ଶ୍ରୀକ୍ଷେତ୍ରରେ ପହଞ୍ଚିଗଲା ।

ISSN NO.
2582-208X

ବଡଦାଣ୍ଡରେ ପାଦଦେଇ ନିଜକୁ ଧନ୍ୟ ମନେକରୁଥିଲା ସୋମନାଥ । ଶରଧାବାଲିରୁ ମୁଠାଏ ନେଇ ମୁଣ୍ଡରେ ବୋଳି ଜଗନ୍ନାଥ, ଜଗନ୍ନାଥ କହି ବଡଦାଣ୍ଡର ପବିତ୍ର ରେଣୁରେ ଦୁଇଗଡା ଗଡିଗଲା । ନରେନ୍ଦ୍ର ପୋଖରୀରେ ସ୍ନାନ ତର୍ପଣ ସାରି ସିଧା ପହଞ୍ଚିଲା ବଡଦେଉଳରେ । ଅରୁଣଖମ୍ବ ପଛରେ ଠିଆହୋଇ ଜଗନ୍ନାଥଙ୍କୁ ପ୍ରଣାମକଲା । ବାଇଶ ପାହାଚରେ ମୁଣ୍ଡ ନୁଆଁଇ ଶ୍ରୀ ମନ୍ଦିରରେ ପ୍ରବେଶକଲା । ଜଗମୋହନରେ ଜଗନ୍ନାଥଙ୍କୁ ଦର୍ଶନକରି ସାଷ୍ଟାଙ୍ଗ ପ୍ରଣାମ କଲା । ଛଳ ଛଳ ଆଖିରେ ହାତ ଯୋଡି କାଳିଆକୁ ନିଜର ସବୁ ଦୁଃଖ ଶୁଣାଇଗଲା। କହିଲା ପ୍ରଭୁ ଜନମ ମରଣ ସବୁ ତୋରି ହାତରେ, ଜନମ ଦେଇଛୁ, ପେଟବି ଦେଇଛୁ । ମାଆଲକ୍ଷ୍ମୀଙ୍କୁ କହି ମୋର ଦୁଃଖ ଦୂରକର ପ୍ରଭୁ ! ତୁମେ ବଳିଆର ଭୁଜ ମହାବାହୁ, ବନ୍ଧୁ ମହାନ୍ତିର ବନ୍ଧୁ, ତୁମେ ଥାଉଥାଉ ଆଉ କାହାକୁ ଦୁଃଖ ଜଣାଇବି ? କେତେ କେତେ କଷ୍ଟରୁ ଭକ୍ତମାନଙ୍କୁ ଉଦ୍ଧାର କରିଛ, ଭକ୍ତପାଇଁ ଭୋଗଥାଳି ନେଇ ପହଞ୍ଚି ଯାଇଥିଲ ଭକ୍ତର ଘରେ । ଦାଶିଆ ବାଉରୀ ହାତରୁ ନଡିଆ ଛଡେଇନେଲ, ସାଲବେଗ ପାଇଁ ରଥ ଅଟକେଇ ଦେଲ । ମୋ ଦୁଃଖ କଣ ତୁମପାଇଁ ଏତେ ବଡ, ଯାହା ତୁମେ ଦୂର କରି ପାରିବନି ? ମୁଁ ଅକିଞ୍ଚନ ତୁମର ବଡ ଭକ୍ତଟିଏ ନୁହଁ, କିନ୍ତୁ ମୁଁ ତୁମର ଅଧମ ସନ୍ତାନଟିଏ, ତୁମରି ଶରଣରେ ଆସିଛି । ତୁମ ବଡ ଦାଣ୍ଡରେ ଏମିତି ଭୋକ ଉପାସରେ ମରିଯିବି ସିନା, ତୁମେ ଯଦି ଡାକ ନଶୁଣିବ, ଉଦ୍ଧାର ନକରିବ ଆଉ କାହାକୁ କହିବି ? ଏପରି ଗୁହାରୀକରି ପ୍ରଭୁଙ୍କୁ ପ୍ରଣାମ କରିଲା ଏବଂ ଶ୍ରୀମନ୍ଦିରରୁ ବାହାରି ଆସିଲା । ସେଠାରୁ ଯାଇ ଅଠରନଳାରୁ ପେଟ ଭରି ପେଜତୋରାଣୀ ପିଇଲା । ସନ୍ଧ୍ୟା ଆରତୀ ସରିଯାଇଥାଏ ସିଂହଦ୍ୱାର ପାଖରେ ମେଘନାଥ ପାଚରୀକୁ ଲାଗି ଗୋଟିଏ ବଡ ବରଗଛ, ତାରିତଳେ ଚଉତରାଟା ଉପରେ କାନିବିଛାଇ ଶୋଇଗଲା ।

ସେତେବେଳେ ଶ୍ରୀକ୍ଷେତ୍ରରେ ଏତେ ଗହଳ ଚହଳ ହେଉନଥିଲା, ଶ୍ରୀମନ୍ଦିର ପାଖରେ ଠିଆ ହେଲେ ସମୁଦ୍ର ଦିଶେ । ସଂଧ୍ୟା ଆରତି ପରେ ମନ୍ଦିରରେ ଭିଡ କମିଯାଏ । ରାତିରେ ଶେଷ ଆରତି ପରେ ମହାପ୍ରଭୁଙ୍କ ପହଡ ପଡିଯାଏ । ସେବକମାନେ ଶ୍ରୀମନ୍ଦିର ଦ୍ୱାର ବନ୍ଦକରି ଘରକୁ ଚାଲିଯାଆନ୍ତି । କେବଳ କେତେଜଣ ଜଗୁଆଳି ପାଇକ ମନ୍ଦିର ସିଂହଦ୍ୱାର ପାଖରେ ଏପଟ ସେପଟ ହୁଅନ୍ତି । ସମୁଦ୍ରର ସୁଲୁସୁଲିଆ ଥଣ୍ଡା ପବନରେ ସୋମନାଥର ନିଦ ଆହୁରି ଗହରିଆ ହୋଇଯାଉଥାଏ । ଦୁଇମାସର ପଥକ୍ଲାନ୍ତି ଏବଂ ଶ୍ରୀକ୍ଷେତ୍ର ପହଞ୍ଚିବାର ଉତ୍କଣ୍ଠା କାରଣରୁ କେବେଠାରୁ ଭଲ ଭାବରେ ଶୋଇ ପାରିନଥିଲା । ଅଠରନଳାରୁ ମହାପ୍ରସାଦର ପେଜ ତୋରାଣୀ ପିଇ ପେଟ ବି ଶାନ୍ତ ହୋଇଯାଇଥିଲା । ଭୂମୀ ସ୍ୱର୍ଶକରିବା ମାତ୍ରେ

ISSN NO.
2582-208X

ନିଦ୍ରାଦେବୀ ତାକୁ ନିଜର ଗଭୀର ଆଲିଙ୍ଗନରେ ନେଇଯାଇଥିଲେ । ସୋମନାଥ ନିଘୋଡ ନିଦରେ ଶୋଇଗଲା ।

ମଧ୍ୟରାତ୍ରୀରେ ହଠାତ୍ କାହାର କଠଉର ଠକ୍ ଠକ୍ ଶବ୍ଦରେ ତାର ନିଦ ଭାଙ୍ଗିଗଲା । ଶୁକ୍ଳପକ୍ଷର ରାତି, ଆଖି ଖୋଲି ଜହ୍ନ ଆଲୋକରେ ଦେଖିଲା କେହିଜଣେ ସିଂହଦ୍ୱାର ଆଡକୁ ଦ୍ରୃତ ଗତିରେ ଚାଲିଯାଉଛି । ତାଙ୍କର ବେଶଭୂଷା ଦେଖି ସୋମନାଥକୁ ଚିହ୍ନିବାରେ ବିଳମ୍ବ ହେଲାନାହିଁ ଯେ ସିଏ ସ୍ୱୟଂ ନାରଦ ସିଂହଦ୍ୱାର ଆଡକୁ ଯାଉଛନ୍ତି । ସେ ଶୁଣିଥିଲା ପ୍ରତି ରାତିରେ ସ୍ୱୟଂ ନାରଦ, ହନୁମାନ, ବିଭୀଷଣ ଆଦି ଭକ୍ତମାନେ ପ୍ରଭୁଙ୍କ ଦର୍ଶନ ପାଇଁ ଆସନ୍ତି । ନାରଦଙ୍କ ବେକରେ ରୁଦ୍ରାକ୍ଷମାଳ, ମଥାରେ ହରିଚନ୍ଦନ, ହାତରେ ବୀଣା, ଶାନ୍ତ ସୌମ୍ୟ ରୂପ ଦେଖି ଭକ୍ତିରେ ସୋମନାଥର ମଥା ନଇଁ ଆସିଲା । ଶୋଇବା ଯାଗାରୁ ଉଠି ଧାଇଁଲା ତାଙ୍କ ପାଖକୁ । ସାଷ୍ଟାଙ୍ଗ ପ୍ରଣାମକରି ସୋମନାଥ ନାରଦଙ୍କର ସାମ୍ନାରେ ଶୋଇ ରହିଲା । ବିଚରା ନାରଦ ବ୍ୟସ୍ତହୋଇ ସୋମନାଥକୁ କହିଲେ, ଆରେ ଭାଇ ତୁମେ କିଏ ? ମୋ ପଥ ଅଟକେଇ ମୋ ଆଗରେ ଏମିତି କାହିଁକି ଶୋଇରହିଲ ? ଦୟାକରି ଏବେ ମୋର ବାଟ ଛାଡ, ପ୍ରଭୁଙ୍କ ଦର୍ଶନରେ ମୋର ବିଳମ୍ବ ହେଉଛି ।

ସୋମନାଥ ଯୋଡହସ୍ତ ହୋଇ ବଡ ବିନମ୍ରତାର ସହିତ କହିଲା ପ୍ରଭୁ ମୁଁ ଜଣେ ଦୀନଦୁଃଖି। ଆପଣ ତ ସର୍ବଜ୍ଞାତା, ମୋ ଦୁଃଖ କଣ ଆପଣଙ୍କୁ ଅଜଣା ? ଆପଣ ଜଗନ୍ନାଥଙ୍କ ପରମ ଭକ୍ତ ! ପ୍ରଭୁଙ୍କ ଦର୍ଶନରେ ଯାଉଛନ୍ତି ତ ଦୟାକରି ମୋ ଦୁଃଖ ବିଷୟରେ ପ୍ରଭୁଙ୍କୁ ଟିକେ ଜଣାଇଦେବେ । ପ୍ରଭୁଙ୍କୁ କହିବେ ସୋମନାଥ କହିଛି ପ୍ରଭୁ ଯଦି ମୋର ଦୁଃଖ ଦୂର କରି ନପାରିବେ, ତେବେ ମୋର ପ୍ରାଣ ନେଇଯାଆନ୍ତୁ । ନାରଦ ସୋମନାଥକୁ ଆଶ୍ୱସ୍ତ କରି କହିଲେ, ଆଚ୍ଛା ଠିକ୍ ଅଛି । ମୁଁ ଆଜି ତୁମକଥା ପ୍ରଭୁଙ୍କୁ ନିଶ୍ଚୟ ଜଣାଇଦେବି ଏବଂ ପ୍ରଭୁ ଯାହା ଉତ୍ତରଦେବେ ଫେରିଲା ବେଳେ ତୁମକୁ ଜଣେଇ ଦେବି । ଏଇଠି ମୋର ଅପେକ୍ଷା କରିଥିବ । ଏତିକି କହି ନାରଦ ଶ୍ରୀମନ୍ଦିର ଭିତରେ ପ୍ରବେଶ କରି ଅର୍ନ୍ତଧ୍ୟାନ ହୋଇଗଲେ। ସୋମନାଥ ସେମିତ ଯୋଡହସ୍ତ ହୋଇ ସେଇଠି ଅରୁଣଖମ୍ବ ତଳେ ବସିରହିଲା ।

ନାରଦ ମନ୍ଦିର ଭିତରେ ପ୍ରବେଶକରି ସିଂହାସନରେ ବିରାଜମାନ ପ୍ରଭୁ ଜଗନ୍ନାଥ, ବାମ ଭାଗରେ ମାଆ ଲକ୍ଷ୍ମୀଙ୍କୁ ଦର୍ଶନ କରି ଗଦ୍ ଗଦ ହୋଇଗଲେ। ସାଷ୍ଟାଙ୍ଗ ପ୍ରଣାମକରି ବିସନ୍ନ ବଦନରେ ପ୍ରଭୁଙ୍କ ସମ୍ମୁଖରେ ଠିଆ ହୋଇ ରହିଲେ । ନାରଦଙ୍କର ଏପରି ଅବସ୍ଥା ଦେଖି ଜଗନ୍ନାଥ ପଚାରିଲେ, ଦେବର୍ଷି ଆପଣ ଆଜି ଏପରି ମୁହଁ ସୁଖାଇ କାହିଁକି ଠିଆ ହୋଇ

ISSN NO.
2582-208X

ରହିଲେ ? ଆପଣ ତ୍ରୀଭୁବନ ଭ୍ରମଣ କରୁଛନ୍ତି କିଛି ସମାଚାର ଶୁଣାନ୍ତୁ । ନାରଦ ସେହିପରି ବିସନ୍ନ ଭାବରେ ମୁହଁ ସୁଖାଇ କହିଲେ, ପ୍ରଭୁ, ଆପଣ ସର୍ବଜ୍ଞ, ସବୁର ଜ୍ଞାତା, ଆପଣଙ୍କୁ କେଉଁ ସମାଚାର ଅବିଦିତ ଯେ ମୋ ଠାରୁ ଶୁଣିବାକୁ ଚାହୁଁଛନ୍ତି ? ଆପଣ ପଚାରୁଛନ୍ତି ଯଦି କହୁଛି ଶୁଣନ୍ତୁ, ସ୍ୱର୍ଗ ଏବଂ ପାତାଳ ଏଇ ଦୁଇ ଭୁବନରେ ଆନନ୍ଦ ହିଁ ଆନନ୍ଦ ବିରାଜମାନ କରୁଛି । ସମସ୍ତେ ସୁଖ ଶାନ୍ତିରେ ଅଛନ୍ତି । କିନ୍ତୁ ମର୍ତ୍ତ୍ୟମଣ୍ଡଳରେ ପ୍ରବେଶ କଲାକ୍ଷଣି ଏଇଠି ଏତେ ଦୁଃଖ ଦେଖି ମୋ ମନ ବିବ୍ରତ ହୋଇଯାଉଛି । ଆପଣ ଭୂଲୋକର ସ୍ୱାମୀ, ଆପଣ ଥାଉ ଥାଉ ଭୂଲୋକରେ ଏତେ ଦୁଃଖ କାହିଁକି ? ମାଆ ଲକ୍ଷ୍ମୀ ତାଙ୍କର ସମସ୍ତ ବୈଭବ ମୁଷ୍ଟିମେୟ ଲୋକଙ୍କ ପାଖରେ ଠୁଳ କରିଦେଇଛନ୍ତି, ଆଉ ଅନେକ ଲୋକ ନିର୍ଦ୍ଧନ ହୋଇ ଦୁଃଖ ଦାରିଦ୍ର୍ୟତା ଭିତରେ ଭୋକ ଓପାଷରେ ମୃତ୍ୟୁକୁ ଅପେକ୍ଷା କରି ରହିଛନ୍ତି । ଆପଣ ଜଗତକର୍ତ୍ତା ମୁଁ ଅକିଞ୍ଚନ ଆପଣଙ୍କୁ ଆଉ ଅଧିକ କଣ କହିବି ?

ନାରଦଙ୍କ କଥାଶୁଣି ଜଗନ୍ନାଥ ଥରେ ଲକ୍ଷ୍ମୀଙ୍କ ମୁହଁକୁ ଚାହିଁଲେ ଏବଂ ଉଭୟେ ହସିଦେଲେ। ନାରଦଙ୍କୁ କଥାଟା କିନ୍ତୁ ବଡ ଅଡୁଆ ଲାଗିଲା । ହେଲେ କିଛି ନକହି ସେ ଚୁପଚାପ୍ ଠିଆ ହୋଇରହିଲେ । ନାରଦଙ୍କର ଏପରି ଅସମଜସ୍ୟ ପରିସ୍ଥିତି ଦେଖି ଜଗନ୍ନାଥ କହିଲେ, ଦେବର୍ଷି ଆପଣ ଯାହା କହିଲେ ସେକଥା ସତ୍ୟ । ଭୂଲୋକରେ ଦୁଃଖ ବହୁତ ଅଛି । କିନ୍ତୁ ଆପଣ କାହିଁକି ଭୁଲିଯାଉଛନ୍ତି, ଭୂଲୋକରେ ମାୟା ବି ଅଛି । ଏଇ ମାୟା ମଧ୍ୟ ଦୁଃଖର ଅନ୍ୟ ଏକ କାରଣ । ଏଠାରେ ଯେତିକି ଲୋକ ଦାରିଦ୍ରତା କାରଣରୁ ଦୁଃଖି ନୁହନ୍ତି ତାଠାରୁ ଅଧିକ ଲୋକ ଅନ୍ୟ କାରଣରୁ ଦୁଃଖି । ସେମାନେ ଅତିଲୋଭ, ଈର୍ଷା, ଅସନ୍ତୋଷ ଏବଂ ପରଶ୍ରୀକାତରତା ଗୁଣ ଯୋଗୁ ଦୁଃଖି । ଆପଣ ଭାବୁଛନ୍ତି ଲକ୍ଷ୍ମୀ କିଛି ଲୋକଙ୍କ ପାଖରେ ତାଙ୍କର ସମସ୍ତ ଧନରାଶି ଠୁଳ କରି ଦେଉଛନ୍ତି ଏବଂ ସେମାନେ ସମସ୍ତେ ବହୁତ ସୁଖରେ ଅଛନ୍ତି । କିନ୍ତୁ ସେଇଟା ଆପଣଙ୍କର ଭୁଲ ଧାରଣା । ଅତ୍ୟଧିକ ଧନ ସେମାନଙ୍କୁ ଦଣ୍ଡ ସ୍ୱରୂପ ଦିଆଯାଇଛି । ଯାଇକି ଦେଖନ୍ତୁ, ଧନବାନ ମଣିଷଟିଏ କଣ ଖାଏ, କେତେ ସମୟ ଶୁଏ ଆଉ କେତେ ସମୟ ନିଜ ପତ୍ନୀ ସନ୍ତାନ ପରିଜନଙ୍କ ସହିତ ଆନନ୍ଦରେ ବିତାଏ ? ଜଣେ ଧନବାନ ବ୍ୟକ୍ତି ଅତି ସାଧାରଣ ଲୋକଟିଏ ଠାରୁ ମଧ୍ୟ ଅଧିକ ଦୁଃଖି । ସେ ଅଧିକ ଧନ ଚିନ୍ତାରେ, ସମୟ ଅଭାବ, କାର୍ଯ୍ୟ ବ୍ୟସ୍ତତା ଅଥବା ବିଭିନ୍ନ ରୋଗ କାରଣରୁ ସବୁ ଥାଇ ବି ଭଲରେ ମୁଠାଏ ଖାଇ ପାରେନା, ମଖମଲି ଶେଜ ଥାଇବି ରାତିରେ ଦି'ଘଡି ଶାନ୍ତିରେ ଶୋଇପାରେନା, ବେଳେ ବେଳେ ନିଦ ଔଷଧ ଖାଇଲା ପରେବି ତାକୁ ଠିକ୍

ISSN NO.
2582-208X

ଭାବରେ ନିଦ ଆସେନା । ଯାହା ସମ୍ପତ୍ତି ଏକାଠି କରିଥାଏ ନିଜେ ତାର କାଣିଚାଏ ମଧ୍ୟ ଭୋଗ କରିପାରେନା ।

ହଁ, ଆଜି ଆପଣ ଏଠାକୁ ଆସିବା ପଥରେ ଯାହା କିଛି ଘଟିଲା, ଯାହା ଦେଖିଲେ ସେକଥା ଆମେ ଜାଣିଛୁ । ଆପଣ ଆସିବା ଆଗରୁ ସେ ବିଷୟରେ ମୁଁ ଲକ୍ଷ୍ମୀଙ୍କ ସହିତ ପରାମର୍ଶ କରୁଥିଲି । ଆପଣତ ଜାଣନ୍ତି ଭୂଲୋକରେ ମନୁଷ୍ୟକୁ ପୂର୍ବଜନ୍ମର ସୁକୃତ୍ୟ ଫଳ ସ୍ୱରୂପ ଏ ଜନ୍ମରେ ସୁଖ ସମ୍ପତ୍ତି ପ୍ରାପ୍ତ ହୋଇଥାଏ । ସୋମନାଥର ପୂର୍ବଜନ୍ମର କର୍ମଫଳ ସ୍ୱରୂପ ତାକୁ ଯାହା କିଛି ପ୍ରାପ୍ତ ହେବାକୁ ଅଛି, ସେତିକି ଧନରେ ସେ ଏଇ ଜୀବଦଶା ମଧ୍ୟରେ କେବଳ ଗୋଟିଏ ବର୍ଷ ଭଲଭାବରେ ଖାଇ ବଞ୍ଚି ପାରିବ । ତେଣୁ ସେତିକି ଧନକୁ ତା ସମ୍ପୂର୍ଣ୍ଣ ଜୀବଦଶା ମଧ୍ୟରେ ତାକୁ ଅଳ୍ପଅଳ୍ପ କରି ଦିଆଯାଉଛି । ତାକୁ ଯାହାବି ମିଳୁଛି କେବଳ ସେତିକି ତାର ପ୍ରାପ୍ୟ । ଆପଣ ଗଲା ବେଳେ ସୋମନାଥକୁ ଏଇକଥା କହିଦେଇଯିବେ ।

ନାରଦ ସୋମନାଥର ଭାଗ୍ୟଫଳ ବିଷୟରେ ଶୁଣି ଦୁଃଖିତ ହେଲେ କିନ୍ତୁ ତାର ନିରାକରଣ ପାଇଁ ମଧ୍ୟ କିଛି କରିପାରି ନଥିବାରୁ ନିଜକୁ ଅପରାଧି ପରି ମନେକରୁଥିଲେ ଏବଂ ମନ୍ଦିରରୁ ବାହାରି ଆସିଲେ । ସୋମନାଥ ମଧ୍ୟ ଅରୁଣଖମ୍ବ ତଳେ ସେଇଠି ସେମିତି ଅପେକ୍ଷା କରିଥିଲା । ନାରଦଙ୍କୁ ଫେରିବାର ଦେଖି ତାଙ୍କ ପାଖକୁ ଧାଇଁଯାଇ ତାଙ୍କ ସାମ୍ନାରେ ଯୋଡହସ୍ତରେ ବସି ପଚାରିଲା ଦେବର୍ଷି, ମୋ ବିଷୟରେ ପ୍ରଭୁ କଣ କହିଲେ ? ନାରଦ ସେମିତି ମୁହଁ ସୁଖାଇ ସବୁ ବୃତ୍ତାନ୍ତ ଶୁଣାଇ ଦେଲେ । କହିଲେ, ସୋମନାଥ, ତୁମର ଦୁଃଖ ଦୂର କରିବାକୁ ମୁଁ କିଛି କରି ପାରିଲିନି ତେଣୁ ମୋତେ କ୍ଷମା କରିଦେବ ।

ନାରଦଙ୍କ ଠାରୁ ନିରାଶବାଣୀ ଶୁଣିସାରିଲା ପରେ ବି ସୋମନାଥର ଧୈର୍ଯ୍ୟଚ୍ୟୁତ ଘଟିନଥିଲା। ସେ ସେହିପରି ଯୋଡହସ୍ତର ନାରଦଙ୍କ ଆଗରେ ଆଣ୍ଠେଇ ବସିଥାଏ । ମୁହଁରେ ଟିକିଏ ସୁଖିଲା ହସ ଫୁଟେଇ କହିଲା, ପ୍ରଭୁ ଜୀବନରେ ଏତେ କଷ୍ଟ ସହିଲା ପରେ ବି ମୁଁ ଆଶା ଛାଡିନି । ଆଜି ମୋ ପାଇଁ ଠାକୁରେ ମନାକରି ଦେଲେ ବୋଲି ଆପଣ ନିରାଶ ହୋଇ ଯାଉଛନ୍ତି ? ଆପଣ ଜାଣନ୍ତି, ମୋ ବଡ ଠାକୁର କେତେ ଦୟାଳୁ, କାଳେ କେତେବେଳେ ଥକିଗଲେ ଆଖି ବନ୍ଦ ହୋଇଯିବ ବୋଲି ଆଖିରେ ଆଖିପତା ନାହିଁ ତାଙ୍କର, ବଡ ବଡ ଚକାଆଖିରେ ସବୁବେଳେ ଅନେଇ ବସିଛନ୍ତି ଭକ୍ତପାଇଁ । ସେ ପରା ସବୁ ଦେଖୁଛନ୍ତି, ସବୁ ଶୁଣୁଛନ୍ତି । ଆପଣ ଦୟାକରି କାଲି ଆଉଥରେ ମୋ ପାଇଁ ଠାକୁରଙ୍କୁ କହିବେ । ଏଇଥର କିନ୍ତୁ ମୋର ଶେଷ ନିଷ୍ପତ୍ତି ତାଙ୍କୁ ଶୁଣେଇ ଦେବେ । କହିବେ ସବୁଦିନ

ISSN NO.
2582-208X

ଏପରି ଉହଳ ବିକଳ ନକରି, ମୋ ଭାଗ୍ୟରେ ଯେତିକି ଧନ ବଳିଛି ସବୁଯାକ ମୋତେ ଏକକାଳୀନ ଦେଇ ଦିଅନ୍ତୁ । ସେତିକି ଧନରେ ଯେତେଦିନ ହୋଇପାରିବ ଭଲରେ ଗଣ୍ଡେ ଖାଇ ସୁଖରେ ଦିଘଡି ଜିଇଁଯିବି । ତାପରେ ବାକି ଜୀବନ ଏଇ ସୁଖକଥାକୁ ମନେପକାଇ ପକାଇ ଭୋକ ଓପାଷରେ ହେଉପଛେ କଟେଇଦେବି । ଯଦି ପ୍ରଭୁ ଏତିକି କରି ନପାରିବେ ତେବେ ଏଇ ମହୋଦଧିରେ ଆତ୍ମ ବିସର୍ଜନ କରିଦେବି । ଆଉ ହଁ ଠାକୁରଙ୍କୁ ଏଇକଥା ମଧ୍ୟ କହିଦେବେ, ମୁଁ ଯଦି ଆତ୍ମହତ୍ୟା କରିବି ତେବେ ଏଇ ବ୍ରହ୍ମହତ୍ୟା ପାତକ ପ୍ରଭୁଙ୍କୁ ଲାଗିବ, ଆଉ ସେଇ ପାପର କିଛି ଛିଟା ଆପଣଙ୍କ ଉପରେ ବି ପଡିବ ।

ସୋମନାଥର ଏପରି ଧମକିଭରା କଥା ଶୁଣି, ନାରଦ ବିଚଳିତ ହୋଇଗଲେ, କହିଲେ ଆରେ ନାଇ ନାଇ, ଏମିତି କୁହନା । ପ୍ରଭୁଙ୍କର କଣ କମ୍ ଜଞ୍ଜାଳ ଅଛିଯେ ପୁଣି ଏକ ନୂଆ ଜଞ୍ଜାଳକୁ ନିମନ୍ତ୍ରଣ ଦେବେ । ତୁମେ ଆଉ ଟିକିଏ ଧୈର୍ଯ୍ୟରଖ, କାଲି ମୁଁ ତୁମ ପାଇଁ ଯାହା କିଛି ଗୋଟାଏ ସମାଧାନ ନିଶ୍ଚୟ ନେଇକି ଆସିବ । ଜଗନ୍ନାଥ, ଜଗନ୍ନାଥ କହି ନାରଦ ସେଇଠି ଅନ୍ତର୍ଧ୍ୟାନ ହୋଇଗଲେ । ସୋମନାଥ ଭାବିଲା, ତପେବର, ନହେଲେ କୋପେବର, କେତେ ବୀନତି କରିକରି ଥକିଗଲି, ଶୁଣିଲେନି । ଏବେ ରାଗିକି ପଦେ କଣ କହିଦେଲିଯେ, ଦେବର୍ଷି ନାରଦ ବି ଡରିଗଲେ । ଏଥର ଯାହାହେଲେ କିଛି ଗୋଟାଏ ସମାଧାନ ହୋଇଯିବ । କିନ୍ତୁ ଏପରି କଠୋର କଥା କହିଥିବାରୁ ସୋମନାଥର ମନ ବିଚଳିତ ହୋଇଗଲା, ଭାବିଲା, ଏମିତି କହି ସେ କିଛି ଠିକ୍ କଲାନି । କେତେ ଦୟାଳୁ ମୋ କାଳିଆ ସାଆନ୍ତ ! ମୋ ଭକ୍ତିରେ ବୋଧେ କିଛି କମି ରହିଗଲା, ମୁଁ ଅଯଥାଟାରେ ଏପରି କଟୁକଥା କହିଗଲି । ପ୍ରଭୁ, ମୋତେ କ୍ଷମା କରିଦେବ କହି ସୋମନାଥ ପୁଣି ସେଇ ବରଗଛ ମୂଳକୁ ଆସି ବସିଗଲା । ରାତିସାରା ପଶ୍ଚାତାପରେ ଆଉ ଶୋଇପାରିଲା ନାହିଁ ।

ତା ପରଦିନ ରାତିରେ ସୋମନାଥ ବଡ ଉତ୍କଣ୍ଠାର ସହିତ ନାରଦଙ୍କ ବାଟ ଚାହିଁ ରହିଥାଏ । ଆଜି ତାର ଜୀବନର ଏକ ମହତ୍ୱପୂର୍ଣ୍ଣ ଦିନ, ଅଜି ଦିନରେ ସବୁକିଛି ସମାଧାନ ହୋଇଯିବ। ହୋଇପାରେ, ପ୍ରଭୁ ତାର ଦୁଃଖ ଲାଘବ କରିଦେବେ ଅବା ବାକି ଜୀବନ ତାର ଏମିତି ଦୁଃଖକଷ୍ଟରେ ବ୍ୟତିତ ହୋଇଯିବ । ନାରଦମୂନିଙ୍କର କଠଉ ଶବ୍ଦରେ ସନାତନର ଉତ୍କଣ୍ଠାର ଅନ୍ତ ହେବାକୁ ଯାଉଥିଲା । ସନାତନ ମୁଣ୍ଡଟେକ ସିଂହଦ୍ୱାର ଆଡକୁ ଅନାଇ ଦେଖିଲା ଏକ ଦିବ୍ୟପୁରୁଷ ତାରି ଆଡକୁ ଚାଲି ଆସୁଛନ୍ତି । ସୋମନାଥ ନିଜ ଜାଗାରୁ ଉଠି ନାରଦମୂନିଙ୍କ ପାଖକୁ ଧାଇଗଲା ଏବଂ ତାଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣାମ କଲା । ନାରଦ

ISSN NO.
2582-208X

କହିଲେ, ସୋମନାଥ ତୁମର ଦୁଃଖ ଦୂରହୋଇଗଲା ଜାଣ । ତୁମର ସାରା ଜୀବନର ପ୍ରାପ୍ୟ ପ୍ରଭୁ ତୁମ ପାଖକୁ ପଠାଇ ଦେଇଛନ୍ତି, ଏଇ ନିଅ । ସୋମନାଥ ବଡ ଖୁସି ହୋଇ ନିଜର ହାତ ବଢାଇଦେଲା । ନାରଦ ତା ହାତକୁ ଧନର ଥଳିଟିଏ ବଢାଇଦେଇ କହିଲେ ସୋମନାଥ, ଗୋଟିଏ କଥା ମନେରଖ, ଏତିକି ଧନ ତୁମ ସାରା ଜୀବନ ପାଇଁ ଦିଆଗଲା, ଏତିକି ଧନରେ ତୁମେ କେବଳ କିଛିମାସ ଭଲରେ ଖାଇପିଇ ବଞ୍ଚିଯିବ କିନ୍ତୁ ତାପରେ ତୁମର ବାକିଥିବା ଜୀବନ କାଳରେ ତୁମକୁ କିଛିବି ମିଳିବନି । ସେତେବେଳେ କେମିତି ଜୀବନ ନିର୍ବାହ କରିବ ସେ ବିଷୟରେ କିଛି ଭାବିଛ ?

ଧନ ପୋଟଳିଟି ଦୁଇ ହାତରେ ଜାବୁଡିଧରି ସୋମନାଥ ଖୁସି ହେବ କି ଦୁଃଖ କରିବ ବୁଝି ପାରୁନଥାଏ । ଏତିକ ଧନ ସରିଲା ପରେ ସେ ସତରେ କଣ କରିବ କିଛି ଭାବି ପାରୁନଥାଏ । ନାରଦଙ୍କ ପାଦତଳେ ବସିପଡି କହିଲା, ପ୍ରଭୁ ଆପଣଙ୍କ ଦୟାରୁ ମୋତେ ଏତିକି ଧନ ମିଳି ପାରିଛି, ସେଥିପାଇଁ ଆପଣଙ୍କୁ ଏବଂ ମୋର ଦୟାବତାର ପ୍ରଭୁଙ୍କୁ କୋଟି ପ୍ରଣାମ । ଏଇଧନ ସରିଗଲା ପରେ କଣ ହେବ ସେ କଥା ମୁଁ ଭାବିନି, କିନ୍ତୁ ଏତିକି ଧନରେ ଯେତେଦିନ ସମ୍ଭବ ହେବ ସୁଖରେ ଦୁଇମୁଠା ଖାଇ ବଞ୍ଚିଯିବି । ତାପରେ ଏଇ ସୁଖର ଦିନକୁ ମନେ ପକାଇ ପକାଇ ଜଗନ୍ନାଥଙ୍କ ନାମ ସ୍ମରଣ କରି କାଟିଦେବି । ଦେବର୍ଷି ଆପଣ ମହାଜ୍ଞାନୀ, ଯିବା ପୂର୍ବରୁ ମୋତେ କିଛି ଉପଦେଶ ଦେଇ ଯାଆନ୍ତୁ । ନାରଦ ଟିକିଏ ହସିଲେ ଏବଂ କହିଲେ, ସୋମନାଥ, ତୁମ ଭକ୍ତିରେ ଆମେ ପ୍ରିତହେଲୁ, ଗୋଟିଏ ଉପଦେଶ ମନେରଖ, "ଯାହାର ଶୂନ୍ୟ ହେବାର ସାହସ ଥାଏ, କେବଳ ସେଇହିଁ ପୂର୍ଣହୋଇ ପାରେ, ଯେପର୍ଯ୍ୟନ୍ତ ଶୂନ୍ୟ ନହୋଇଛ ସେ ପର୍ଯ୍ୟନ୍ତ ପୂର୍ଣତାର ଆଶା କରନାହିଁ "। ସନାତନ ବଡ ବିନମ୍ରଭାବରେ ନାରଦଙ୍କୁ କହିଲା, ପ୍ରଭୁ ଆପଣଙ୍କ କଥାର ତାତ୍ପର୍ଯ୍ୟ ମୁଁ ବୁଝିପାରିଲିନି, ଦୟାକରି ଟିକିଏ ବୁଝାଇ କୁହନ୍ତୁ । ନାରଦ କହିଲେ, ମନେକର ମୁଁ ତୁମକୁ ଏବେ କିଛି ଦେବାକୁ ଚାହିଁବି, ତୁମେ ତାହା ଗ୍ରହଣ କରିପାରିବ ? ସୋମନାଥ ଥରେ ନାରଦଙ୍କ ମୁହଁକୁ ଚାହିଁଲା ଆଉଥରେ ପୋଟଳି ଧରିଥିବା ତାର ଦୁଇହାତକୁ ଦେଖି କହିଲା, କେମିତି ଗ୍ରହଣ କରିବି, ମୋର ଦୁଇହାତ ଏଇ ଧନପୋଟଳିରେ ପୂର୍ଣ୍ଣ ଅଛି । ନାରଦ ଟିକିଏ ହସିକହିଲେ, ଠିକ୍ କହିଛ, ତୁମର ଦୁଇହାତ ଏବେ ପୂର୍ଣ୍ଣ ଅଛି, କିନ୍ତୁ ତୁମେ ଇଚ୍ଛାକଲେ ମୁଁ ଆଉକିଛି ଦେଲେ ତୁମେ ଗ୍ରହଣ କରିପାରିବ, ଯଦି ତୁମେ ଶୂନ୍ୟ ହେବାପାଇଁ ସାହସ କରି ତୁମର ପୋଟଳିକୁ ତୁମ ହାତରୁ ଛାଡିଦେବ । ଯେ ପର୍ଯ୍ୟନ୍ତ ତୁମେ ଲୋଭ ତ୍ୟାଗ କରିନପାରିବ ସେ

ISSN NO.
2582-208X

ପର୍ଯ୍ୟନ୍ତ ପୂର୍ଣ୍ଣତା ଲାଭକରିପାରିନି । ପୂର୍ଣ୍ଣ କଳଶରେ କଣ କେହି ଜଳଭରେ ? ଏତିକି କହି ନାରଦ ଅର୍ନ୍ତଧ୍ୟାନ ହୋଇଗଲେ ।

ସୋମନାଥ ଧନପୋଟଳୀଟିକୁ ହାତରେ ଧରି ବରଗଛମୂଳେ ବସି ଭାବିବାକୁ ଲାଗିଲା, ଏତିକି ଧନରେ ତାର କେତେଦିନର ଗୁଜୁରାଣ ମେଣ୍ଟିଯିବ? ଏ ଧନ ସରିଗଲା ପରେ ସେ କଣ କରିବ ? ପୁଣି ନାରଦଙ୍କ ବାଣୀକୁ ମନେପକାଇ ତାର ଅର୍ଥ ବୁଝିବାକୁ ଚେଷ୍ଟା କରୁଥାଏ । ଶେଷରେ ଭାବିଲା ଏ ଧନ ସରିଗଲା ପରେ ପୁଣି ଭୋକ ଓପାଷରେ ମରିବା ହିଁ ସାର ହେବ । ତେବେ କିଛିଦିନ ଆନନ୍ଦ ଭୋଗ କରି ଲାଭ କଣ ? କିଛି ଦିନ ସୁଖପାଇବା ଏବଂ ଗୋଟିଏ ଦିନ ସୁଖପାଇବା ଭିତରେ କଣ ବା ପାର୍ଥକ୍ୟ ? ମୁଁ ଏକା ନୁହେଁ ମୋ ପରି ଅନେକ ହୀନକପାଳ ଏଇ ଦୁନିଆରେ ଅଛନ୍ତି, ଯେଉଁମାନଙ୍କ ପାଖରେ ବସ୍ତ୍ରନାହିଁ, ଆହାର ନାହିଁ । ଭଲ ହେବ ଯଦି ମୁଁ ମୋର ଏଇ ଧନରେ ଅନ୍ୟ କ୍ଷୁଧାର୍ଥମାନଙ୍କ ସହିତ ଗୋଟିଏ ଦିନ ସୁଖ ଭୋଗ କରିପାରିବି । ମୋ ଦୁଃଖର ଦିନରେ ନହେଲେ ନାହିଁ, ମୋର ସୁଖର ଗୋଟିଏ ଦିନରେ ଅନ୍ୟମାନଙ୍କୁ ସହଭାଗି ନିଶ୍ଚୟ କରି ପାରିବି । ବାଣ୍ଟିକରି ଖାଇବାରେ ଯେତେ ସୁଖ, ସତରେ ସେତେ ସୁଖ ପରମାନନ୍ଦ ପ୍ରାପ୍ତିରେ ମିଳିବ କି ନାହିଁ ଜଣାନାହିଁ । ଏପରି ଭାବି ସୋମନାଥ ମନେ ମନେ ସ୍ଥିରକଲା କାଲି ସେ ତାର ସମସ୍ତ ଧନରେ ନିଜେ ଏବଂ ନିଜସହିତ ଅନ୍ୟ ଦରିଦ୍ରମାନଙ୍କୁ ଆପ୍ୟାୟିତ କରିବ ।

ସବୁଦିନ ପରି ସେଦିନ ବି ସକାଳ ହେଲା, ହେଲେ ଏଇ ସକାଳ ସୋମନାଥ ପାଇଁ ଏକ ନୂତନ ପରିଚୟ ନେଇ ଆସିଥିଲା । ଆଜି ସୋମନାଥ ନିର୍ଦ୍ଧନ, ଦରିଦ୍ର ବ୍ରାହ୍ମଣ ନୁହେଁ । ଅଳ୍ପହେଉ ପଛେ, ଆଜି ସୋମନାଥ ଧନବାନ ଥିଲା । ସ୍ନାନ ତର୍ପଣ ସାରି ବଜାରକୁ ଗଲା, ସାରା ଜୀବନ ପାଇଁ ପାଇଥିବା ସବୁଧନ ଖର୍ଚ୍ଚକରି କିଛି ଗାଣ୍ଠି ଲୁଗା ଏବଂ ଭୋଜନ ସାମଗ୍ରୀ କିଣି ସମୁଦ୍ର କୂଳକୁ ଚାଲିଗଲା । ସେଠାରେ କିଛି ଲୋକଙ୍କ ସହାୟତା ନେଇ ବସ୍ତ୍ରଦାନ ଏବଂ ଅନ୍ନଛତ୍ର ଖୋଲିଦେଲା । ଶହ ଶହ ନିର୍ଦ୍ଧନ କ୍ଷୁଧାର୍ଥ ଲୋକ ବସ୍ତ୍ର ଏବଂ ଭୁରି ଭୋଜନ କରି ସୋମନାଥକୁ ଆଶିର୍ବାଦ କରି ଚାଲି ଯାଉଥାନ୍ତି । ସୋମନାଥର ଏପରି ଧର୍ମାର୍ଥ କାର୍ଯ୍ୟ ଦେଖି ଅନେକ ତୀର୍ଥଯାତ୍ରୀ ସୋମନାଥ ପାଖକୁ ଆସି ଏପରି ମହତ କାମ ପାଇଁ ତାକୁ ଧନ୍ୟବାଦ ଦେବା ସହିତ କିଛି କିଛି ଧନ ଦରିଦ୍ରନାରାୟଣ ସେବା ଉଦ୍ଦେଶ୍ୟରେ ଦାନ କରୁଥାଆନ୍ତି । ସଂଧ୍ୟାପରେ ଅନ୍ନଛତ୍ର ସରିଗଲା । ଆଜିଦିନର ଆନନ୍ଦ କଥା ଭାବି ଭାବି ସେ ମନରେ ବହୁତ ଖୁସି ଅନୁଭବ କରୁଥାଏ, ତାପାଇଁ ଏହା ଏକ ଦିବ୍ୟ ଅନୁଭୂତି ଥିଲା ।

ISSN NO.
2582-208X

ବସ୍ତ୍ର ଏବଂ ଭୋଜନ ପ୍ରାପ୍ତକରି ଦରିଦ୍ର ନାରାୟଣଙ୍କ ମୁହଁରେ ଯେଉଁ ତୃପ୍ତିର ଭାବ ଦର୍ଶନ କରିବାର ସୌଭାଗ୍ୟ ସୋମନାଥକୁ ମିଳିଲା, ତାହା ଯେପରି ତାର କୋଟିଜନ୍ମର ତପସ୍ୟାର ଫଳଥିଲା ।

ସମସ୍ତେ ଚାଲିଗଲା ପରେ ସୋମନାଥ ସମୁଦ୍ରକୂଳରେ ବସିରହିଥାଏ, ସମ୍ମୁଖରେ ସମୁଦ୍ରର ଗର୍ଜନ, ମୁଣ୍ଡ ଉପରେ ଶାନ୍ତ ନୀଳ ଆକାଶକୁ ଦେଖୁଥାଏ । ସମୁଦ୍ରଙ୍କୁ ରତ୍ନାକର ନାମ ମିଳିଛି, କେତେ ରତ୍ନ ତାର ଅଗାଧ ଜଳଭିତରେ ଲୁଚାଇ ରଖିଛି । କିନ୍ତୁ କାହାକୁ କିଛିବି ଦିଏନା, ଏପରିକି ତାର ଢୋକାଏ ପାଣି କାହାର ଶୋଷ ମେଣ୍ଟାଇ ପାରେନା । ହେଲେ ମୁଣ୍ଡ ଉପରର ଏ ଆକାଶ କେତେ ବିଶାଳ, ସମୁଦ୍ରଠାରୁ ବି ବଡ, ହେଲେ କେତେ ଶାନ୍ତ । ସକାଳେ ସୂର୍ଯ୍ୟ ଆସେ ତାର ଆଲୁଅ ବିଛାଡିଦିଏ । ଆକାଶ ଟୋପାଏ ଆଲୋକ ବି ନିଜପାଇଁ ଲୁଚାଇ ରଖେନା, ସଂଧ୍ୟା ହେଉ ହେଉ ପୁଣି କଳା ଅନ୍ଧାର ହୋଇଯାଏ । ଜହ୍ନ ଆସେ ଜୋଛନା ବିଛାଡିଦିଏ, ମେଘ ଆସେ ବର୍ଷା ହୋଇ ଝରିପଡେ ଏଇ ବିଶାଳ ଆକାଶର ଅଗଣାରେ, ହେଲେ ଆକାଶ ନିଜପାଇଁ କିଛିବି ସାଇତି ରଖେନା । ଏଇ ନିର୍ମୋହୀ ନିର୍ଲିପ୍ତ ଆକାଶ ସେଇଥି ପାଇଁ ବୋଧେହୁଏ ଏତେ ଶାନ୍ତ । ସବୁ କିଛି ବାଣ୍ଟିଦେଇ ଦେଲା ପରେ ସୋମନାଥ ମଧ୍ୟ ଆକାଶପରି ଶାନ୍ତି ଅନୁଭବ କରୁଥିଲା, ହେଲେ ସୋମନାଥ ଆକାଶ ନୁହେଁ ସାମାନ୍ୟ ମଣିଷଟିଏ । ସୂର୍ଯ୍ୟ ଉଇଁବା ସଙ୍ଗେ ସଙ୍ଗେ ଉଦରର ଅଗ୍ନି ମଧ୍ୟ ଜଳିବା ଆରମ୍ଭ ହୋଇଯିବ । ସୋମନାଥ ଆସନ୍ତା କାଲି ବିଷୟରେ ଭାବି ତା ଆଖିରେ ଲୁହ ଆସିଗଲା । ପାଇଥିବା ସବୁଧନ ଆଜି ଖର୍ଚ୍ଚ କରିଦେଲା । ତା ଜୀବନର ସବୁଯାକ ସୁଖ ଏହା ସହିତ ସରିଗଲା । କାଲିଠାରୁ ପୁଣି ସେହି ଦାରିଦ୍ର୍ୟତା ଏବଂ କ୍ଷୁଧା ତାର ଜୀବନର ପରମ ମିତ୍ର, ସୋମନାଥର ଛାତିଭିତରୁ ଏକ ଦୀର୍ଘ ନିଶ୍ୱାସ ବାହାରି ଆସିଲା, ତାର ଦୁଇ ଆଖିରୁ ଲୁହ ଝରିଆସିଲା ।

ବରଗଛମୂଳର ସେଇ ଚଉତରାରେ ତାର ସ୍ଥାନ ପାଖକୁ ଫେରିବା ପାଇଁ ସୋମନାଥ ଉଠି ଠିଆହେଲା, କାନିଝାଡି ତା ଲୁଗାରୁ ବାଲିଝାଡିବା ସମୟରେ କିଛି ଝଣ ଝଣ ଶବ୍ଦରେ ତାର ଧ୍ୟାନଭଗ୍ନ ହୋଇଗଲା ଏବଂ ତୀର୍ଥଯାତ୍ରୀମାନେ ଦାନ କରିଥିବା ଧନ ବିଷୟରେ ହଠାତ୍ ସୋମନାଥର ସ୍ମରଣ ଆସିଗଲା । ସେ ତାର କାନିଖୋଲି ଦେଖିଲା, ଯେତିକି ଧନ ତାକୁ ସାରା ଜୀବନ ପାଇଁ ମିଳିଥିଲା, ତାଠାରୁ ଅଧିକ ଧନ ବଦାନ୍ୟ ବ୍ୟକ୍ତିମାନଙ୍କ ଦାନରୁ ଏକାଠି ହୋଇଯାଇଛି । ସୋମନାଥ ବଡ ଖୁସି ହୋଇଗଲା ଏବଂ ସେଇ ଧନରେ ଆସନ୍ତା କାଲି

ISSN NO.
2582-208X

ବସ୍ତ୍ରଦାନ ଏବଂ ଅନ୍ନଛତ୍ର ପାଇଁ ଅଧିକ ଲୁଗା ଓ ଅଧିକ ଖାଇବା ସାମଗ୍ରୀ ବନ୍ଦୋବସ୍ତ ହୋଇପାରିବ ଭାବି ଖୁସି ହୋଇଗଲା । ଶ୍ରୀମନ୍ଦିର ଆଡକୁ ଚାହିଁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଉର୍ଦ୍ଧବାହୁ ହୋଇ କହିଲା, ହେ ଜଗନ୍ନାଥ, ଜଗତରନାଥ, ତୁ ଲୀଳାମୟ ତୋର ଲୀଳା ଅପରାମ୍ପର । ତୁ ଏଇ ଦୁଃଖିଜନଙ୍କର ଆରତଭଞ୍ଜନ ପାଇଁ ମୋତେ ବାଛିଲୁ । ଅହୋ ଭାଗ୍ୟ ମୋର । ମୋତେ ଧନ୍ୟ କରିଦେଲୁରେ କାଳିଆ ସାଆନ୍ତ ।

ବଦାନ୍ୟ ବ୍ୟକ୍ତିଙ୍କ ଦୟା ଦାନରୁ ସୋମନାଥର ଅନ୍ନଛତ୍ର ବର୍ଷ ବର୍ଷ ଧରି ଏହିପରି ଅନବରତ ଚାଲିଥାଏ । କିଛି ବର୍ଷପରେ ଦିନେ ନାରଦମୂନି ସୋମନାଥକୁ ଦର୍ଶନ ଦେଇ ପଚାରିଲେ, ସୋମନାଥ ତୁମେ ପାଇଥିବା ସବୁ ଧନତ ଏବେ ସରିଯିବଣି ! ବର୍ତ୍ତମାନ ତୁମେ ତୁମର ଜୀବନ ନିର୍ବାହ କିପରି ଭାବରେ କରୁଛ ? ସୋମନାଥ ନାରଦ ମୂନିଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରି କହିଲା, ପ୍ରଭୁ, ସବୁ ସେଇ ଲୀଳାମୟଙ୍କ ଲୀଳା । ଆପଣତ ସର୍ବଜ୍ଞ, ତିନି ଭୁବନର ଖବର ରଖୁଛନ୍ତି, ଆପଣଙ୍କୁ କଣ ଅଜଣା ଯେ ଏ ଅଧମକୁ ଏପରି ପଚାରୁଛନ୍ତି ? ହେ ଦେବର୍ଷି ଆପଣ ଦେଇଥିବା ଗୁରୁମନ୍ତ୍ରକୁ ମୁଁ ମୋର ଗଣ୍ଠିଧନ, ଜୀବନର ମନ୍ତ୍ର କରିନେଇଛି, ଜୀବନକୁ ଶୂନ୍ୟ କରିଦେଇଛି ଏବଂ ସର୍ବଦା ପୂର୍ଣ୍ଣତାର ଅନୁଭବ କରୁଛି । ନାରଦ ଖୁସି ହୋଇ ସେଦିନ ମନ୍ଦିରରେ ଜଗନ୍ନାଥଙ୍କ ସମ୍ମୁଖରେ ସବୁ ବଖାଣ କରିଗଲେ । କହିଲେ, ପ୍ରଭୁ ଆପଣ କହୁଥିଲେ କିଛିଦିନ ଭିତରେ ସୋମନାଥର ସବୁ ଧନ ସମାପ୍ତ ହୋଇଯିବ ଏବଂ ସେ ତାର ବାକି ଜୀବନ ଏମିତି ଭୋକ ଓପାଷରେ କଟାଇବ । କିନ୍ତୁ ଆଜି ଯାହା ଦେଖିଲି, ବିଶ୍ୱାସ ହେଉନି, ଆପଣଙ୍କ ବାଣୀ ମିଥ୍ୟା କିପରି ହୋଇଗଲା ? ଜଗନ୍ନାଥ ଟିକିଏ ହସି କହିଲେ, ନାରଦ, ଆମେ ଦେବତା ମଣିଷର ପ୍ରାରବ୍ଧ ଲେଖିଦେଉ, ଗଲାଜନ୍ମର ହିସାବ କରି ଏ ଜନ୍ମରେ ତାର କେତେ ପ୍ରାପ୍ୟ ସ୍ଥିର କରିଦେଉ । କିନ୍ତୁ ମଣିଷ ନିଜ କର୍ମ ବଳରେ ନିଜର ଭାଗ୍ୟ ମଧ୍ୟ ବଦଳେଇ ଦେଇପାରେ । ସୋମନାଥ ତାର କର୍ମ ବଳରେ ଏତେ ପୂଣ୍ୟ ଅର୍ଜନ କରିସାରିଲାଣି ଯେ ତାର ଏଇ ଜନ୍ମ କଣ ଆଗକୁ ଅନେକ ଜନ୍ମ ପର୍ଯ୍ୟନ୍ତ ଦୁଃଖ ତାକୁ ସ୍ପର୍ଶ କରିପାରିବନି । ସୋମନାଥର ପୂଣ୍ୟ ଚକ୍ରବୃଦ୍ଧି ହାରରେ ଦିନ ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଛି ।

ଏତିକି କହି ଗୁରୁଜୀ ଟିକେ ଦମ୍ ନେଲେ, ପାଖରେଥିବା ଗଡୁରୁ ଦିଢୋକ ପାଣି ପିଇଲେ, ପୁଣି ପଚାରିଲେ, ଏଇ ଗଳ୍ପରୁ କିଛି ଶିଖିଲ ? ସବୁବେଳେ ନିଜର ଭାଗ୍ୟକୁ ଦୋଷ ନଦେଇ ନିଜର କର୍ମକୁ ନିରେଖି ଦେଖ, ଭୁଲି ଯାଅନି ତୁମ ଭାଗ୍ୟ ତୁମ କର୍ମ ଉପରେ ମଧ୍ୟ ନିର୍ଭର

ISSN NO.
2582-208X

କରୁଛି । ନିର୍ଲୋଭ ହୋଇ ଯେତେବେଳେ ନିଜକୁ ଶୂନ୍ୟକରିପାରିବ ସେତେବେଳେ ପୂର୍ଣ୍ଣତାର ଅନୁଭବ କରିପାରିବ ।

(ପିଲାଦିନେ କଥା ଛଳରେ ବାପା ଗୋଟିଏ କାହାଣୀ ସକ୍ଷେପରେ ଶୁଣାଇଥିଲେ, ସେଇଗଳ୍ପରେ ଗୁରୁଜୀ, ନାରଦ, ପ୍ରଭୁ ଜଗନ୍ନାଥ, ମାଆ ଲକ୍ଷ୍ମୀ ଆଦିଙ୍କ ସହିତ ଅନ୍ୟ କିଛି ଚରିତ୍ର ଯୋଡି ଗପଟିକୁ ଆପଣମାନଙ୍କ ପାଇଁ ଲେଖିଦେଲି, ଆଶାକରୁଛି ଭଲ ଲାଗିବ) ।

(((-)))

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ମାଟିର ମଣିଷ...



ରାମଚନ୍ଦ୍ର ବେହେରା

ସୁଖ ଶାନ୍ତି ପାଇଁ ଯେ'କରେ ପ୍ରୟାସ
ସର୍ବୋତ୍କୃଷ୍ଟ ଶ୍ରମ ଦେଇ
ଧରଣୀ ମାଆର ସର୍ବଶ୍ରେଷ୍ଠ ସୃଷ୍ଟି
ମାଟିର ମଣିଷ ସେହି
ଲଗାଇ ଜୀବନ ବାଜି
କୋଟି ପ୍ରାଣ ପାଇଁ ଶସ୍ୟର ସମ୍ଭାର
ତା'ପାଇଁ ସମ୍ଭବ ଆଜି ।
ତା'ପାଇଁ ଆସେନି ଶାନ୍ତ ମନୋହର
ଶୀତଳ ଜୋଛନା ରାତି
ନିଜ କୋହ ଚାପି ଅନ୍ୟକୁ ହସାଏ
ନମାନଇ ଖରା ତାତି
ଭୁଲି ବାଧା ଅସୁବିଧା
କର୍ମ କରେ ସେହି ନବୁଝନ୍ତି କେହି
ତା'ଅନ୍ତର ମନ ବ୍ୟଥା ।
ଯାହା ପାଇଁ ଆଜି ଦେଶର ପ୍ରଗତି
ଆଗେଇ ଆଗେଇ ଯାଏ
ଅବହେଳିତ ସେ ନିସ୍ୱଃ ମଣିଷଟି
ସର୍ବ ମୁଖେ ଦାନା ଦିଏ

ISSN NO.
2582-208X

ସିଏ ଆଜି ହୀନିମାନ
ଭଗ୍ନ କୁଟୀରରେ ତା'ଜୀବନ ବିତେ
ଜଗତେ ନପାଏ ମାନ।
ଆସ ସର୍ବେମିଳି ତା'ର ମଂଗଳାର୍ଥେ
ନୂଆ ବିଚାର ରଖିବା
ସ୍ନେହ ସମ୍ମୋହନେ ଆପଣାର କରି
ସହାନୁଭୂତି ବାଣ୍ଟିବା
କରିବା ତା'ଜୟଗାନ
ଆର୍ଥିକ ସଂକଟ ଦୂରେଇବା ତା'ର
ଦେଇ ମାନ ସନମାନ।
କର୍ମକୁ ଯେ ମାନେ ଜୀବନର ଧର୍ମ
ତା'ମୁଖେ ଭରିବା ହସ
ସେ ଖୁସି ହୋଇଲେ ଗହୀର ବିଲରେ
ହସିବ ସୁନାର ଶସ୍ୟ
ନୂଆ ପ୍ରଣାଳୀକୁ ମାନି
ଲହୁଲୁହ ଢାଳି ଲାଗିଯିବ ସିଏ
ଭୁଲି ଅତୀତର ଗ୍ଲାନି।

(((-)))

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୭୩୪୩୪୬

ISSN NO.
2582-208X

# ଏଇ ଆମ ବର୍ଷା



ମୋହନ କୁମାର ସ୍ୱାଇଁ

କାହିଁକି କେଜାଣି ଏତେ ଜିଦି
ଏଇ ଆମ ବର୍ଷା
ଏତେ ଭଲପାଏ ଭିଜେଇ ଦେବାକୁ
ନିଦାଘର ଦାଗ ଛଡେଇ
ଶୀତଳତା ଭରିଦିଏ ନିଜେ ହିଁ ନିଜକୁ ।

ତାର କମ୍ କମ୍ ଚାଲିର
ଛମ୍ ଛମ ଆବାଜ
ଦମ୍ ଦମ୍ ଦଉଡର ଛାତିଫଟା ଦୃଶ୍ୟ
ତାକୁ ରହସ୍ୟମୟୀ କରିଥାଏ
ପ୍ରତି ମୂହୁର୍ତ୍ତରେ ।

ଡାକିଲେ ଆସେନି କି
ଆସିଲେ ଅପ୍ରତ୍ୟାଶିତ ରୁଦ୍ରାଣୀ
ବନିଯାଏ ଓଳିଏ,ଦିନରେ
ସହଜରେ ଚିହ୍ନି ହୁଏନି ତାକୁ
କି ମାୟା ରହିଛି ତାର
ହୃଦ କନ୍ଦରରେ ।

ISSN NO.
2582-208X

ହସେଇଦିଏ କନ୍ଦେଇ ଦିଏ
ଭସେଇଦିଏ ରସେଇଦିଏ
ମାଆ ତ ଏମିତି ନୁହେଁ ?
ସାହାରାକୁ ବେସାହାରା କରି
ମନଇଛା ବୁଲୁଥାଏ ବିଧବା ବେଶରେ ।

ଯାହାବି ହେଉ
ଏଇ ଆମ ବର୍ଷା
ଜୀବନ ଦିଏ ମୁମୂର୍ଷକୁ
ବୋଧହୁଏ ବହୁରୂପା ସିଏ
ତାର ଅପ୍ରତ୍ୟାଶିତ ଆଗମନବି
ଭରିଦିଏ ଭୋକିଲା ପେଟକୁ ।

(((-)))

ବେଣାପୁର, କଣ୍ଟିଗଡ଼ିଆ, ଯାଜପୁର

ISSN NO.
2582-208X

# ପିଠା ଠୁଁ ପିଜ୍ଜା ଯାଏଁ



ବିଜୟକେତନ ମହାନ୍ତି

ବବ୍ଲୁର ଆଜି ଜନ୍ମ ଦିନ । ସେଥିପାଇଁ ଘରେ ଟିକେ ଗହଳ ଚହଳ । ବେଲୁନ୍ ବାଲା ଆସି ସଜାସଜି କରିଦେଇ ଚାଲିଗଲାଣି । ଜେଜେଙ୍କ ସାଙ୍ଗରେ ଜେଜେ ମା' ବି ସଜବାଜ ହୋଇ ବସିଥାଆନ୍ତି । ବବ୍ଲୁ ଆସି କହିଲା –ଜେଜେ ଜାଣିଛ, ଆଜି ସାଙ୍ଗମାନଙ୍କ ପାଇଁ, ବାପା ପିଜ୍ଜା ନେଇକି ଆସିବେ । କେକ୍ କଟା ସରିଲାପରେ, ସାଙ୍ଗ ମାନଙ୍କୁ ଆଜି ପିଜ୍ଜା ଦିଆଯିବ । ମୋ ସାଙ୍ଗ, ଆୟୁଷ୍ ର ଜନ୍ମ ଦିନରେ ଯେମିତି ହୋଇଥିଲା, ମୋର ତାହା ଠୁଁ ଭଲ ହେବ ଏଥର । ଗଲା ବେଳକୁ, ସାଙ୍ଗ ମାନଙ୍କୁ ରିଟର୍ଣ୍ଣ ଗିଫ୍ଟ ବି ଦିଆଯିବ । ତମ ପାଇଁ ଓ ଜେଜେ ମା' ଙ୍କ ପାଇଁ ସ୍ପେଶାଲ୍ ପିଜ୍ଜା ଡୋମିନୋସ୍ ରୁ ଆସିବ ।

ଜେଜେ କହିଲେ – ମୋର ପିଜ୍ଜା ଚଳିବନି । ତୋ ଜେଜେ ମା'କୁ ଖଣ୍ଡେ ଦେବୁ ।

ବବ୍ଲୁ କହିଲା –ଭଲ ତ ଲାଗେ । ତମ ପାଇଁ ସ୍ପେଶାଲ ପିଜ୍ଜା ବି ଆସିବ । କାହିଁ ଖାଇବନି ତମେ ? ଜେଜେ କହିଲେ – ମଇଦା ପିଠା ଖାଇଲେ, ମୋର ସକାଳେ ପେଟ ମୋଟେ ସଫା ହେବନି । କାଦୁଅରେ ପଶିବି ନାହିଁକି, ଗୋଡ ଧୋଇବି ନାହିଁ । ଏଥିରେ ପ୍ରାୟତଃ କ୍ୟାଲୋରୀ, ସୋଡିୟମ୍ ଏବଂ ସାଚୁରେଟେଡ୍ ଫ୍ୟାଟ୍ ଅଧିକ ଥାଏ, ବିଶେଷକରି ଯଦି ଏହା ପନିର୍ ଏବଂ ପ୍ରୋସେସ୍ଡ଼ ମାଂସରେ ଭରା ହୋଇଥାଏ । ଏହା ସହିତ, ପିଜ୍ଜାର କ୍ରଷ୍ଟରେ କାର୍ବୋହାଇଡ୍ରେଟ୍ ଅଧିକ ଥାଏ । ମୁଁ ତ ସହଜେ ଡାଇବେଟିକ୍ । ତେଣୁ ଏସବୁକୁ ମୋର ଦୂରୁ ଜୁହାର ।

ବବ୍ଲୁ ଟିକେ ମୁହଁ ଶୁଖେଇ, ପୁଣି କହିଲା – ତମେ ସବୁଥିରେ କିଛି ନା କିଛି କାଢ଼ିବ । ତାହେଲେ କୁହ, ତମେ ବାପାଙ୍କର ଜନ୍ମ ଦିନ କେମିତି କରୁଥିଲ ?

ISSN NO.
2582-208X

ଜେଜେ ମନେ ମନେ ଭାବିଲେ, ପିଲାଟିକୁ ଭଲ ଭାବରେ ବୁଝାଇବାକୁ ପଡିବ । ଟିକେ ହସି ଦେଇ ଆରମ୍ଭ କଲେ – ତୋ ବାପା ର ଜନ୍ମ ଦିନରେ, ପ୍ରଥମେ ଠାକୁରଙ୍କ ପାଖରେ ଦୀପ ଟିଏ ଜଳା ଯାଏ । ଆମ ଧର୍ମ ଓ ପରମ୍ପରା ଅନୁସାରେ, ତାକୁ ଶୁଭ ମାନନ୍ତି । ତୋ ଜେଜେ ମା ପିଠା ଓ କ୍ଷୀରି କରି, ପ୍ରଥମେ ଠାକୁରଙ୍କ ପାଖରେ ଭୋଗ ଲଗାଏ । ପୂଜା ସରିଲା ପରେ, ତୋ ବାପାକୁ ଏ ସବୁ ଖାଇବାକୁ ମିଳୁଥିଲା । ତାପରେ ପଡୋଶୀ ମାନଙ୍କୁ, ପିଠା ଓ କ୍ଷୀରି ବି ବଣ୍ଟା ଯାଉଥିଲା । ଏବେ କେକ୍ ରେ କ୍ୟାଣ୍ଡେଲ୍ କୁ ଲଗେଇ, ଲିଭେଇ, କେକ୍ କଟା ହେଉଛି । ଏ ସବୁ ହନୁକରଣ ଆମ ବେଳେ ମୋଟେ ନଥିଲା ।

ପିଜ୍ଜା କଥାରୁ କହୁଛି । ଯେତେ ପ୍ରକାର ଖାଦ୍ୟ ଅଛି, ତାହା ସେହି ଜାଗା ଗୁଡିକର ଜଳବାୟୁ ସହିତ ସିଧାସଳଖ ଭାବେ ସମ୍ପର୍କିତ । ତାହା ସେହି ଜାଗାର ଲୋକଙ୍କ ପାଇଁ ଉପକାରୀ ହୋଇଥାଏ । କେବଳ ଆମ ଦେଶରେ ହିଁ ଦେଖେ । ପ୍ରତିଦିନ, ହିମାଚଳ ପ୍ରଦେଶରେ ଲୋକମାନେ ଯାହା ଖାଇଥାଆନ୍ତି, ରାଜସ୍ଥାନରେ, ତାହା ଠୁଁ ସମ୍ପୂର୍ଣ୍ଣ ଅଲଗା ।

ତା ପରେ, ଆମ ଓଡ଼ିଆ ଘରେ ଯେତିକି ପ୍ରକାରର ପିଠା ହୁଏ, ଆଉ କାହାର ନଥିବ । ପୋଡ଼ ପିଠା, କାକରା, ମଣ୍ଡା, ଗଇଁଠା, କ୍ଷୀର ଗଇଁଠା, ଆରିସା, ଚକୁଳି, ବୁଢା ଚକୁଳି, ଚିତଉ, ଏଣ୍ଡୁରି, ଛୁଞ୍ଚି ପତର, ମୁଗଶାକର ପିଠା, ପୋଟଳୀ ପିଠା, ଚନ୍ଦ୍ରକାନ୍ତି, ପୁଳି, ସରପୁଳି, ସାତପୁରି, ମୁଆଁ ପିଠା, କରଞ୍ଜି, ମାଲପୁଆ, ବିରିଗୋଜ, ବଜର ବାଟୁଳି, ଏମିତି ଆହୁରି ଅନେକ ପ୍ରକାର ପିଠା ଅଛି । ଓଡ଼ିଶାରେ, ବାର ମାସରେ, ତେର ପର୍ବ । ସବୁ ପର୍ବ ପର୍ବାଣୀ ସହ, ଅଲଗା ଅଲଗା ପିଠାର ମହତ୍ୱ ଅଛି । ତାପରେ ଆମ ବଡ ସାଆନ୍ତେ ପରା ଛପନ ଭୋଗ ଖିଆ ।

ଓଡ଼ିଆ ପିଠା, ଓଡ଼ିଶାର ସାଂସ୍କୃତିକ ଏବଂ କୃଷି ପର୍ବ ସହିତ ଗଭୀର ଭାବରେ ଜଡିତ । ସାଧାରଣତଃ ପିଠା ଦେବତାମାନଙ୍କୁ ନୈବେଦ୍ୟ ଭାବରେ ଅର୍ପଣ କରାଯାଇଥାଏ । ପିଠା, ଉତ୍ସବ ପାଇଁ ମଧ୍ୟ ଏକ ଉପହାର ଭାବରେ ଗ୍ରହଣୀୟ । ଏଗୁଡ଼ିକ ମଧ୍ୟରୁ ଅନେକ ଧୀରେ ରନ୍ଧା କିମ୍ବା ବାଷ୍ପ ଦ୍ୱାରା ରନ୍ଧା ହୋଇଥାଏ । ପର୍ବଗୁଡ଼ିକ ସହିତ ଜଡିତ, ପ୍ରମୁଖ ଓଡ଼ିଆ ପିଠା ଗୁଡ଼ିକ ହେଲା:

ISSN NO.
2582-208X

- ପୋଡ଼ ପିଠା, ସବୁଠାରୁ ଲୋକପ୍ରିୟ । ରଜ ପର୍ବ ଏବଂ ବାହୁଡା ଯାତ୍ରା ସହିତ ଘନିଷ୍ଠ ଭାବରେ ଜଡିତ।
- ଏଣ୍ଡୁରି ପିଠା, ପ୍ରଥମାଷ୍ଟମୀରେ ପ୍ରଥମ ଜନ୍ମିତ ଶିଶୁ ପାଇଁ ପାଳନ କରାଯାଏ ।
- ଆରିସା ପିଠା, ପ୍ରାୟତଃ ମାର୍ଗସିର ଗୁରୁବାର ଏବଂ ଅନ୍ୟାନ୍ୟ ଅବସରରେ ପ୍ରସ୍ତୁତ କରାଯାଏ । ଏହା ଶୁଖିଲା ହୋଇଥିବାରୁ, ଅନେକ ଦିନ ଯାଏ ତାଜା ରହେ ।
- ଚିତଉ ପିଠା, ଚିତଉ ଅମାବାସ୍ୟା ସହିତ ଜଡିତ।
- ମଣ୍ଡା ପିଠା, ମାଣବସା ଗୁରୁବାର ଭଳି ପର୍ବପର୍ବାଣୀରେ, ମୁଖ୍ୟ ଖାଦ୍ୟ ଭାବରେ ବ୍ୟବହୃତ ହେଉଥିବା ପିଠା ।
- ଗଇଁଠା ପିଠା, ପ୍ରାୟତଃ ବକୁଳ ଅମାବାସ୍ୟା କିମ୍ବା ଅନ୍ୟାନ୍ୟ ଉତ୍ସବକାଳୀନ ଅବସରରେ ପ୍ରସ୍ତୁତ କରାଯାଏ।
- କାକରା ପିଠା, ରଜ କିମ୍ବା ଦୀପାବଳି ଭଳି ପର୍ବପର୍ବାଣୀ ସହିତ ଜଡିତ । ସୁଜି କିମ୍ବା ଗହମ ଅଟା ଏବଂ ମିଠା ନଡ଼ିଆ ପୁର ସହିତ ପ୍ରସ୍ତୁତ କରାଯାଏ।
- ଚନ୍ଦ୍ରକାନ୍ତି ପିଠା, ମୁଗ ଡାଲି ଏବଂ ଚାଉଳରୁ ତିଆରି ଏକ ପାରମ୍ପରିକ ଆକୃତିର (ପ୍ରାୟତଃ ତ୍ରିକୋଣୀୟ) ଡିପ୍-ଫ୍ରାଏଡ୍ ପିଠା । ପ୍ରାୟତଃ ଦୀପାବଳି ପାଇଁ ପ୍ରସ୍ତୁତ କରାଯାଏ।

ଏତ ଗଲା ପିଜ୍ଜା କଥା । ସେହିପରି ଆଉ ଗୋଟିଏ କଥା । ଆମଦାନି କରାଯାଇଥିବା ଫଳ । ଯଦିଓ ଏହାର ପିଠା ସହିତ ସିଧା ସମ୍ପର୍କ ନାହିଁ । ସ୍ୱଦେଶୀ ଜିନିଷ ଗୁଡିକର ମୂଲ୍ୟ ଓ ଗୁରୁତ୍ୱକୁ ବିଚାରକୁ ଆଣିଲେ, ଦୁଇଟି କଥାକୁ ନିଶ୍ଚିତ ଭାବେ ଯୋଡ଼ି ହେବ । ତୋ ବାପା କିଛି ଦିନ ତଳେ, ଆମ ପାଇଁ ବ୍ଲୁ ବେରିର ଡବାଟିଏ ଆଣିଥିଲା । ଯଦିଓ ଭଲ ଲାଗୁଥିଲା, ହେଲେ ବହୁତ୍ ମହଙ୍ଗା । କିନ୍ତୁ ଆମେ ଯେଉଁଠି ରହୁଛେ, ସେହି ଜାଗାରେ, ଯେଉଁ ଋତୁରେ, ଯେଉଁ ଫଳ ମିଳୁଛି, ତାହା ଆମ ପାଇଁ ହିତକାରୀ । ଋତୁକାଳୀନ ଫଳଗୁଡ଼ିକ ସଦ୍ୟ ସଂଗୃହିତ ହୋଇଥିବାରୁ, ଫଳଗୁଡ଼ିକ ଭିଟାମିନ୍, ଖଣିଜ ପଦାର୍ଥ ଏବଂ ଆଣ୍ଟିଅକ୍ସିଡାଣ୍ଟରେ ପରିପୂର୍ଣ୍ଣ। ଋତୁକାଳୀନ ଫଳ କିଣିବା, ସ୍ଥାନୀୟ କୃଷି ସମ୍ପ୍ରଦାୟକୁ ମଧ୍ୟ ପ୍ରୋତ୍ସାହିତ କରେ। ପରିବେଶ ପ୍ରତି ଅନୁକୂଳ । କମ୍ ପରିବହନ ଯୋଗୁଁ, କମ୍ କାର୍ବନ୍ ନିର୍ଗମନ୍ ।

ISSN NO.
2582-208X

ଋତୁକାଳୀନ ଫଳଗୁଡ଼ିକ ପ୍ରଚୁର ପରିମାଣରେ ମିଳୁଥିବାରୁ, ଫଳଗୁଡ଼ିକ ସୁଲଭ ଦରରେ ମିଳିଥାଏ। ସାଧାରଣତଃ, କୋଲ୍ଡ ଷ୍ଟୋରେଜ୍ ରେ ଥିବା, ଦୁଇ/ତିନି ମାସ ତଳର ଫଳ ଗୁଡିକରେ ପୁଷ୍ଟିସାର କମ୍ ବା ନଷ୍ଟ ହୋଇଯାଇଥାଏ ।

ସନ୍ଧ୍ୟା ହୋଇ ଆସୁଥିଲା । ବବଲୁର ସାଙ୍ଗମାନେ ବି ଆସିବା ଆରମ୍ଭ କରି ଦେଇଥିଲେ । ଜେଜେ ହସିକି କହିଲେ – ଆଜିର ବୈଠକ, ଏତିକିରେ ଶେଷ କରିବା । ବବୁ ବି ଜେଜେଙ୍କୁ ବଡ ଧ୍ୟାନରେ ଶୁଣୁଥାଏ । ଜେଜେ ଶେଷରେ କହିଲେ – "ମନଦୁଃଖ ମୋଟେ କରିବୁନି । ତୋ ପିଜାରୁ, ମୁଁ ଖଣ୍ଡେ ନିଶ୍ଚୟ ଚାଖିଦେବି । ପରମ୍ପରା ସହିତ ସମନ୍ୱୟ ରଖି, ଆମେ ଆଧୁନିକ ହୋଇ ପାରିବା । ଦକ୍ଷିଣ ଭାରତୀୟମାନେ ପରମ୍ପରାକୁ ମୋଟେ ଛାଡି ନାହାଁନ୍ତି । ଦେଖିବାକୁ ଗଲେ, ଦକ୍ଷିଣ ଭାରତର ସାକ୍ଷରତା ହାର, ଜାତୀୟ ସାକ୍ଷରତା ହାର ଠାରୁ ବେଶ୍ ଅଧିକ । ଆମ ପିଠା ଗୁଡିକ, କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ବରଂ ଚାଉଳ, ନଡ଼ିଆ ଏବଂ ଗୁଡ଼ ଭଳି, ସ୍ଥାନୀୟ ଉପାଦାନ ଗୁଡିକର ବ୍ୟବହାର, ଓଡ଼ିଶାର କୃଷି ସମୃଦ୍ଧି ଏବଂ ଆଞ୍ଚଳିକ ପରିଚୟକୁ ପ୍ରତିନିଧିତ୍ୱ କରେ। ଆମ ପିଠା ସବୁ, ଆମ ପରମ୍ପରାର ପ୍ରତୀକ। ଆମ ପରମ୍ପରାକୁ ବଞ୍ଚେଇ ରଖି, ଆଗାମୀ ପିଢ଼ି ହାତରେ ବ୍ୟାଟନ୍ ଦେବା ଦାୟିତ୍ୱ, ଆମର ହେଉ ।

(((–)))

ଜନକପୁରୀ, ଦିଲ୍ଲୀ
ମୋ: ୯୮୭୧୯୯୭୪୪୯
Email: mohantybijay65@gmail.com

ISSN NO.
2582-208X

# ମୌସୁମୀ ସୁନ୍ଦରୀ



ସୁଜିତ କୁମାର ମିଶ୍ର

କେଉଁ ଚିତ୍ରକର କାରୁକାର୍ଯ୍ୟରେ ତୁ କମନୀୟ ମେଘପକ୍ଷୀ,
ତୋ ଓଠରୁ ଝରେ ବର୍ଷାର ସଙ୍ଗୀତ ଭାବକୁ ସଜେଇ ରଖି ।
ଶ୍ରାବଣୀ ଶାଢ଼ୀର ପ୍ରୀତି ଗଢଣ ତୁ ଶ୍ରଦ୍ଧାର ଅମୀୟ ଧାରା,
ଗୁଣୁଗୁଣୁ ଗୀତ ଗୁଞ୍ଜନରେ ତୋର ଗୁଞ୍ଜରିତ ଶୁଷ୍କ ଧରା ।

କିଶୋରୀ ଓଠର ମଲ୍ଲୀକା ହସ ତୁ କାହା ପ୍ରେମ ପ୍ରତୀକ୍ଷାରେ,
ଛାତି ତଳକୁ ତୁ ଛୁଇଁ ଛୁଇଁ ଯାଉ ଚୋରା ଚୋରା ଚାହାଣୀରେ ।
ଆଦ୍ୟ ଯୌବନର ଆଷାଢ଼ ଲତିକା ଅନୁପମ ଆଖିଠାର,
ଆନନ୍ଦ ତୂଳୀରେ କା ପାଇଁ ମନ ତୋ ଅଭିସାରିକାର ଝର ।

କ୍ଳାନ୍ତ ବିହଙ୍ଗର ନୀଡରେ ଭରୁ ତୁ ସୁଖ ସବୁଜିମା କାଳ,
ମାତୃପ୍ରାଣ ଯେହ୍ନେ ହଜିଲା ସନ୍ତାନ ପ୍ରାପତରେ ଛଳଛଳ ।
କେବେ ଗୋପନରେ ଗୋପ ଚିଠି ତୋର ଆସୁଥାଏ ଶ୍ରଦ୍ଧା ନେଇ,
କେବେ କଙ୍କାଳର ଆଖିକୁ ଛୁଇଁଲେ ପାଲଟୁ କଜଳ ନଇ ।

ମୌସୁମୀ ସୁନ୍ଦରୀ ତୁମେ ଅପସରୀ ମେଘଚୁମା ବାରିବାହ,
ତୁମ ମହକର ଫୁଲ ଚାଙ୍ଗୁଡିରେ ତୁନି ହୁଏ ତାତି ଲୁହ ।

(((-)))

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
୭୬୮୩୮୬୭୭୪୨

ISSN NO.
2582-208X

# ଅଦୃଶ୍ୟ



ଆଶୁତୋଷ ମେହେର

ସକାଳୁ ସକାଳୁ ସେ ବାହାରି ଯାଇଥିଲା ସହରକୁ ଗୋଟାଏ ଜରୁରୀ କାମରେ। କାମସାରି ଘରକୁ ଫେରିବା ଡେରି ହେଲା, ରାତି ହୋଇଯାଇଥିଲା । ବାହାର ଦରଜା ଟା ଦର ଆଉଜା ଥିଲା। ଠେଲିବା ମାତ୍ରେ ଆପେ ଆପେ ଖୋଲିଗଲା। ହେଲେ ଏ କଣ ?? ଘର ଭିତରେ ଏକ ଅଦ୍ଭୁତ ନିରବତା ତାକୁ ଯେମିତିକା ଘେରି ବସିଲା । ବତୀ ସବୁ ଜଳୁଥିଲା, ହେଲେ ଭିତରେ କିନ୍ତୁ କେହି ଦେଖା ଯାଉ ନଥିଲେ ।

ମାଁ କୁଆଡେ ଗଲା ?? ରବି ମନ ଭିତରେ ଅନେକ ପ୍ରଶ୍ନ । ଗାଁରେ ଗୋଟାଏ ଛୋଟ ପରିବାର ତାଙ୍କର, ସେ ଆଉ ମାଁ । ଅନ୍ୟ ଦିନ ମାଁ ସାଧାରଣତଃ ଦରଜା ପାଖରେ ଛିଡ଼ା ହୋଇ ଅପେକ୍ଷା କରିଥାନ୍ତି ତାକୁ, ହେଲେ ଆଜି କେହି ନାହିଁ "ମାଁ...?" ସେ ଡାକିଲା । କୌଣସି ଉତ୍ତର ନାହିଁ । ରାନ୍ଧା ଘରକୁ ଗଲା । ତେବେ ଚୁଲି ଉପରେ ଏକ ହାଣ୍ଡି ବସିଛି ସିନା, ନିଆଁ କେବଠୁ ନିଭିଯାଇଛି । ଭାତ ଥଣ୍ଡା ହୋଇ ଶୁଖି ଗୋଡି ହୋଇ ଯାଇଛି ।

ମାଁ କେବେ କେମିତିଏତେ ବେଳକୁ ଖାଇ ସାରି ଶୋଇ ପଡ଼ଥାନ୍ତି, କାମର ଚାପରେ। ତେବେ ତ ଆଜି ଏକଦମ୍ ଅଲଗା ଲାଗୁଛି । ତଥାପି ରବି ଶୋଇବା ଘରକୁ ଗଲା । ବିଛଣା ପରିଷ୍କାର ହୋଇ ପଡ଼ିଛି । ମାଁ ଶାଢ଼ୀ ଟା ବିଛଣା ଉପରେ ପଡ଼ିଛି, ସତେ ଯେମିତି କି ସେଠାରୁ ସେ ହଠାତ୍ ଉଭାନ୍ ହୋଇ ଯାଇଛି ।

ISSN NO.
2582-208X

ଏତେ ରାତିରେ ମା କେଉଁଠି ଯାଇଛନ୍ତି? ବିକଳରେ ସେ ଗାଁର ଲୋକଙ୍କୁ ଖବର କଲା । ସମସ୍ତେ ଆସିଲେ ହେଲେ କେହି କିଛି କହି ପାରିଲେ ନାହିଁ । ମାଁ କାହାକୁ କିଛି କହି ନଥିଲେ, ସେମାନେ ଜାଣିବେ କେମିତି। ସମସ୍ତେ ବିଚାର କରି କହିଲେ ଆସନ୍ତାକାଲି ପାଖ ଥାନାରେ ରିପୋର୍ଟ କରିବା ପାଇଁ ଯିବେ।

ରାତି ବଢୁଥିଲା । ଦୁଃଖ ରେ ଭାଙ୍ଗିପଡି ରବି ବାରଣ୍ଡା ଖଟ ଉପରେ ବସି ଚିନ୍ତା କରୁଥିଲା । ସେ ପୁରା ଚକିତ ଓ ବାଟବଣା ହୋଇଯାଉଥିଲା । ହଠାତ୍ ତାର କାନରେ ଗୋଟାଏ ଜଣାଶୁଣା ମୃଦୁ ସ୍ୱର ଆସିଲା। କେହି ଜଣେ ଡାକିଲା,"ରବି..." ସେ ଚମକି ଉଠିଲା । ଚାରିପାଖ ଚାହିଁଲା । କେହି ନାହାନ୍ତି । ତା ମୁହଁ ରୁ ଆପେ ଆପେ ବାହାରିଗଲି," କିଏ ସେ?" ପୁଣି ସେହି ସ୍ୱର, ଏଥରେ ବେଶ୍ ପାଖରୁ "ମୁଁ ଏଠି ଅଛି ପୁଅ... କିନ୍ତୁ ତୁ ମୋତେ ଦେଖିପାରିବୁ ନାହିଁ ।" ରବିର ଥରି ଉଠିଲା । ସେ ଉଠି ପଡ଼ିଲା। ଏ ଯେ ମାଁ ର ସ୍ୱର !!

"ମାଆ... ତୁମେ? କେଉଁଠି??

"ହଁ ରବି... ମୁଁ ଅଦୃଶ୍ୟ ହୋଇଯାଇଛି। ତୁ ବିଶ୍ୱାସ କରି ପାରିବୁନି ଏ କଥା।"

ସତରେ ରବି ବିଶ୍ୱାସ କରି ପାରୁ ନଥିଲା କଣ ସବୁ ଘଟି ଯାଉଛି । ସେ ହାତ ବାଢ଼ାଇ ଚାରିପାଖ ଅନୁଭବ କରିବାକୁ ଚେଷ୍ଟା କଲା । କିଛି ଜାଣି ପାରିଲା ନାହିଁ ନାହିଁ । "ଏ କିପରି ହେଲା? କେମିତି ହେଲା ଏମିତି?" କମ୍ପିଲା କଣ୍ଠ ରେ କହିଲା ।

"ଶୁଣ, ଆଜି ସକାଳେ ତୁ ସହର ଗଲା ପରେ ମୁଁ ଆମର ପୁରୁଣା ଢବା କୋଠରୀରେ ଯାଇଥିଲି । ସେଠାରେ ଗୋଟାଏ ପୁରୁଣା କାଠବକ୍ସ ବହୁତ ଦିନରୁ ଥିଲା। ତାକୁ ଖୋଲି ଦେଖିଲା ବେଳକୁ ଗୋଟାଏ ତାଳପତ୍ର ପୋଥି ପାଇଲି । ତା ଉପରେ ଗୋଟାଏ ରସି ଗୁଡାହୋଇଥିଲା। ମୁଁ ସେ ରସି କୁ ଖୋଲିଲାରୁ ତାଳପତ୍ର ପୋଥୀର ପତ୍ର ସବୁ ବିଖିରି ତଳେ ପଡିଗଲା।ତା ଭିତରେ ଗୋଟାଏ ଛୋଟ କାଚ ଶିଶି ବି ଥିଲା । ସେଇଟା ତଳେ ପଡି ଭାଙ୍ଗିଗଲା ଓ ହଠାତ୍ ତା ଭିତରୁ ଏକ ଧୂଆଁଳିଆ ମେଘ ବାହାରି ଘର ସାରା ଛାଇଗଲା। ତାରି ପ୍ରଭାବରେ ମୁଁ ଅଦୃଶ୍ୟ ହୋଇଗଲି ।"

ISSN NO.
2582-208X

ରବି ଥକ୍କା ହୋଇ ଶୁଣି ଚୁପ୍ ହୋଇ ରହିଲା । ତାର ଆଖିରୁ ଧାରଧାର ଲୁହ ଗଡ଼ିଲା । "ତେବେ ମାଁ... ମୁଁ ଏବେ କଣ କରିବି? କେମିତି ବଞ୍ଚିବି? ତୁମକୁ କିପରି ଫେରାଇ ଆଣିବି?"

ମାଁ ର ସ୍ୱର ଏଥର ଶାନ୍ତ ହୋଇ କହିଲା । "ରବି, ସମ୍ଭବ ନୁହେଁରେ ପୁଅ... ତେବେ ମୁଁ ତୋର ପାଖରେ ଅଦୃଶ୍ୟ ହୋଇ ରହିବି। ତୁ ମୋତେ ଦେଖିପାରିବୁ ନାହିଁ, ତେବେ ମୁଁ ତୋର ସବୁ କଥା ଶୁଣୁଛି । ତୁ ଆଗ ପରି ବିନାଚିନ୍ତାରେ ଖାଇବୁ, ଶୋଇବୁ, ହସିବୁ... ଆଉ ମୁଁ ତୋର ପାଖେ ପାଖେ ରହିଥିବି । କେବଳ ଏତିକି କରିବୁ... ମାଁ ଡାକ ଦେଇ ମୋ ସହ କଥା ହେବୁ । ଯାହା କରିବୁ, ସବୁ ମୋତେ କହିବୁ । ମୁଁ ଅଦୃଶ୍ୟ ହୋଇଛି, କିନ୍ତୁ ତୋର ମାଆ ତ !! "

ରବି ଦୁଃଖ କାନ୍ତ ହୋଇ ବିଛଣାରେ ଗଡି ପଡିଲା । ଆଖି ବୁଜି ସେ ଧୀରେ ଧୀରେ କହିଲା,"ମାଁ... ଆଜି ମୁଁ ବହୁତ କ୍ଲାନ୍ତ ହୋଇଯାଇଛି । ତୁମେ ମୋ ପାଖରେ ଥାଇ, ଗୋଟେ ଗୀତ ଗାଇ ଶୁଣାଅ... ଯେମିତି ଛୋଟ ବେଳେ ଗାଉଥିଲ ।"

ସେ ଅନ୍ଧାର ଘର ଭିତରେ ଏକ ମୃଦୁ, ମିଠା ମଧୁର ସ୍ୱରରେ ଗୀତ ଶୁଣାଗଲା। ରବି ଚୁପ୍ ହୋଇ ଶୁଣୁଥିଲା । ତାର ଆଖିରୁ ଲୁହ ପଡୁଥିଲା, କିନ୍ତୁ ମୁହଁରେ ଏକ ଛୋଟ ହସ ଥିଲା । ସେ ଜାଣିଗଲା... ଅଦୃଶ୍ୟ ହେବା ମାନେ ହଜିଯିବା ନୁହେଁ, ସ୍ମୃତି ହୋଇଯିବା !! କେବଳ ଶରୀର ସିନା ଦେଖା ଯାଉ ନାହିଁ । କିନ୍ତୁ ଭଲପାଇବା ତ କେବେ ଅଦୃଶ୍ୟ ହୁଏ ନାହିଁ ।

ରବିର ଆଖିରେ ନିଦର ପରଳ ପଡିବା ଆରମ୍ଭ ହୋଇଥିଲା ଧୀରେ ଧୀରେ ।।

(((-)))

54 ଆର୍ଯ୍ୟପଲ୍ଲୀ, କିଟଛକ, ପଟିଆ
ଭୁବନେଶ୍ୱର 751024 / ଦୂରଭାଷ 9437085396

ISSN NO.
2582-208X

# ମଧୁର ଭାବନା



ଡା. ପ୍ରସନ୍ନ କୁମାର ବଳ

ଭାବନା ରାଇଜେ ଘୂରିବୁଲେ ମନ ଚାନ୍ଦକୁ ଧରିବା ପାଇଁ,
ମନର ମଧ୍ୟରେ ଭାବନାର ମେଘ କେତେ ଉଙ୍କି ମାରୁ ଥାଇ ।୧।
ମନଟିତ ଗୋଟେ ପାଗଳ ଭ୍ରମର ଘୁରି ବୁଲୁ ଥାଏ ସଦା,
କେବେତ ଏପଟେ କେବେବା ସେପଟେ ଗତି କରୁ ଥାଏ ପରା ।୨।
ମନେ ମନେ ଆମେ କେତେ କଥା ଭାବୁ, ଭାବନାର ଅନ୍ତ ନାହିଁ,
ଭାବନାର ମତେ କାମ କରିଗଲେ ଅବକାଶ ରହେ ନାହିଁ ।୩।
କେତେ କରିପାରୁ ସମୟ କହିବ, ସ୍ମୃତି ତଳେ ରହେ ତାହା,
ସ୍ମୃତିର ପାଖୁଡା ସାଉଣ୍ଟି ସାଉଣ୍ଟି ମିଳେ ଆନନ୍ଦର ରାହା ।୪।
ଯାହାର ଭାବନା ଯେତେ ଉଚ୍ଚକୋଟୀ, ମନ ତା ସେତେ ଉଦାର,
ଉଦାର ମନରେ ମଧୁର ଭାବନା, କରଇ ତ ତା' ପ୍ରଚାର ।୫।
ପିଲାଦିନ ସ୍ମୃତି ଆସଇ ମନରେ, ଭରେ କେତେ ଖୁସି ମଞ୍ଜି,
ବାପା, ମା' ଙ୍କର ଅନାବିଳ ସ୍ନେହ ଆମ ଜୀବନର ପୁଞ୍ଜି ।୬।
ଗୁରୁଙ୍କର ସେହି ଶିକ୍ଷାଦାନ ପୁଣି, ଆଉ ସେ କଡା ଶାସନ,
ଏ ସବୁ ଭାବନା ମନେ ଉଙ୍କି ମାରେ ଉଦାସ ହୁଏନା ମନ ।୭।
ସଂସାର କରିକି ସଂସାରୀ ହୋଇଲେ ଏହି ମର୍ତ୍ତ୍ୟଭୂମି ତଳେ,
ସଂସାର ଯାକର ସୁମଙ୍ଗଳ ଚିନ୍ତି ବାହୁଡିବା କାଳବଳେ ।୮।

ISSN NO.
2582-208X

ଏ ସବୁ ଭାବନା ମନେ ଭରିଦିଏଚମତ୍କାର ପ୍ରେମ ରାଶି,
ଭାବନା ରାଇଜେ ରହିଯାଏ ମନ ଘୁରି ବୁଲୁଥାଏ ହସି ।୯।
ଦୁଃଖୀ ରଙ୍କିଙ୍କର ଦୁଃଖ ଦେଖିଦେଲେ ମନେ ଭରି ଯାଏ କୋହ,
ଦୁଃଖୀଙ୍କୁ ଅବଶ୍ୟ ସାହାର୍ଯ୍ୟ କରିବା ଭୁଲି ସ୍ୱାର୍ଥ ଆଉ ମୋହ ।୧୦।
ମଧୁର ଭାବନା ଖେଳି ଯାଉ ପୁଣି ସବୁରି ମନ ମଧ୍ୟରେ,
ଭାଇଚାରା ଭାବ ସୃଷ୍ଟି ହୋଇ ଯାଉ ସୁନ୍ଦର ଧରା ଧାମରେ ।୧୧।
ଭାବନାତ ଆମ ସୁମଧୁର ହେଉ ସବୁ ସମୟରେ ପୁଣି,
ହସ ଓ ଖୁସିରେ ଦିନ ସରି ଯାଉ ସର୍ବ ମଙ୍ଗଳ ବିଚାରୀ ।୧୨।
ସବୁରୀ ମୁହଁରେ ହସ ଖେଳି ଯାଉ ଥାଆନ୍ତୁ ସବୁ ସୁଖରେ,
ମଧୁର ଭାବନା ମଧୁ ବା  ଥାଉ ଜାତିଧର୍ମ ନିର୍ବିଶେଷରେ ।୧୩।

(((-)))

ଏଚଆଇଜି/୨/୭୪,ଲେନ ୪,
ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# ଉତ୍ତର ଓଡ଼ିଶାର ଜନମାନସରେ ରଜପର୍ବର ମଉଜ



ଗୌତମ ଗିରି

ରଜପର୍ବ ଓଡ଼ିଶାର ଶ୍ରେଷ୍ଠପର୍ବ। ଏହା ନାରୀତ୍ୱ, ପ୍ରକୃତି ଓ କୃଷି ଜୀବନ ସହିତ ଓତପ୍ରୋତ ଭାବରେ ଜଡ଼ିତ। ଏହି ପର୍ବକୁ ଓଡ଼ିଶାର ଲୋକମାନେ ଅନେକ ଉତ୍ସାହ ଓ ଆନନ୍ଦମୟ ସହିତ ପାଳନ କରିଥାନ୍ତି। ଗ୍ରାମ୍ୟ ଜୀବନର ରଜ ଉତ୍ସବ ହେଉଛି ଏକ ମୁଖ୍ୟ ଆକର୍ଷଣ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ଓଡ଼ିଆ ମାସର ଆଷାଢ଼ ଏବଂ ଇଂରାଜୀ ମାସଜୁନ୍ ୧୪ ତାରିଖରେ ପଡ଼ିଥାଏ। ଓଡ଼ିଆ କୃଷିଭିତ୍ତିକ, ସାଂସ୍କୃତିକ, ପରମ୍ପରା ରୀତିରେ  ପାଳନ କରାଯାଏ। ଗ୍ରାମର ତରୁଣୀ ମାନଙ୍କ ପାଇଁ ଶାଳ, ଶିମିଳି, ଆମ୍ବ ଗଛର ଡାଳରେ ଦୋଳି ବନ୍ଧା ହୋଇଥାଏ। ପ୍ରତ୍ୟେକ ଗ୍ରାମର ଝିଅ, ବୋହୂମାନେ ନୂଆ ପୋଷାକ ପରିଧାନ କରି ନିଜର ଶରୀରକୁ ଅଳଙ୍କାର ସହିତ ପାଦରେ ଅଳତା ହାତରେ ମେହେନ୍ଦୀ ଲଗାଇ ସଜବାଜ ହୋଇଥାନ୍ତି। ଗାଁର ତରୁଣୀ ଝିଅମାନେ ସଜ ହୋଇ ଦୋଳି ହୋଇଥିବା ଆମ୍ବତୋଟାରେ ପାଖକୁ ଆସିଥାନ୍ତି। ସେହି ରଜତିନି ଦିନ ସେମାନଙ୍କୁ ଲାଗେ ସାମାଜିକ କଟକଣା ତଥା ଘରର ଅନୁଶାସନ, ଆକଟରୁ ମୁକ୍ତ ବା ସ୍ୱାଧୀନ। ରଜରେ ଝିଅ ମାନଙ୍କ ମୁଖରୁ ବାହାରୁଥିବା ମଧୁରଗୀତ ସମ୍ପୂର୍ଣ୍ଣ ପରିବେଶକୁ ଆଚ୍ଛାଦିତ କରିଥାଏ। ରଜ ସାଧାରଣ ତିନିଦିନ ଧରି ପାଳନ କରିଥାନ୍ତି । ପ୍ରଥମ ରଜକୁ ପହିଲି ରଜ ଏବଂ ଦ୍ୱିତୀୟ ରଜକୁ ରଜ ସଂକ୍ରାନ୍ତି ତୃତୀୟ ରଜକୁ ଭୂମିଦହନ ବୋଲି ମାନିଥାନ୍ତି। ରଜ ଉତ୍ସବ ସାମାଜିକ ଏକତା, ଲୋକସଂସ୍କୃତି ଓ ପରମ୍ପରାର ଏକ ସୁନ୍ଦର ପ୍ରତୀକ ଭାବରେ ଗ୍ରହଣ କରାଯାଇଥାଏ। ଏହି ରଜ ସମୟରେ କୃଷିକାର୍ଯ୍ୟ ଆରମ୍ଭ ହୋଇଥାଏ। ଏହା ଆରମ୍ଭ ହେବା ପୂର୍ବରୁ ଭୂମିଦହନ ପୂଜା ହୋଇଥାଏ। ତେଣୁ ଏ  ସମୟରେ ସମସ୍ତ କୃଷିକାର୍ଯ୍ୟ ବନ୍ଦ ରହିଥାଏ।

ISSN NO.
2582-208X

ରଜ ସରିବା ପରେ ପୁଣି ସମସ୍ତ ଚାଷକାମ ଆରମ୍ଭ ହୋଇଥାଏ। ଏ ଆଷାଢ଼ ମାସକୁ ସାଧାରଣ ଲୋକ ମାନେ ଚାତକପକ୍ଷୀ ପରି ଚାହିଁ ବସିଥାନ୍ତି କିଛି ନୂତନ ଆଶା ଆଉ ଆକାଂକ୍ଷା ନେଇ। ଏହି ସମୟରେ ଚାଷୀମାନେ ଅନେକ ପରିଶ୍ରମ ମଧ୍ୟ କରିଥାନ୍ତି ଯାହା ଫଳରେ ନିଜର କଷ୍ଟ ଓ ଗୁଜୁରାଣକୁ ମେଣ୍ଟାଇବା ପାଇଁ ରଜ ପର୍ବକୁ ଖୁବ୍ ଆନନ୍ଦର ସହ ପାଳନ କରିଥାନ୍ତି। ଓଡ଼ିଶାର କୋଣ ଅନୁକୋଣରେ ରହୁଥିବା ଆଦିବାସୀ ଲୋକ ତଥା ଗ୍ରାମୀଣ ଅଞ୍ଚଳର ଲୋକମାନେ ଲୋକଗୀତ, ଦୋଳିଗୀତ ତଥା ଶବର ନୃତ୍ୟ ରଜ ପର୍ବରେ ହୋଇଥାଏ। ରଜପର୍ବ ଦ୍ୱାରା ମଣିଷ ଏବଂ ପ୍ରକୃତି ସହିତ ଥିବା ସମ୍ପର୍କକୁ ଆହୁରି ନିବିଡ଼ ବା ଅନ୍ତରଙ୍ଗ କରିଥାଏ। ତରୁଣ ସବୁଜ ଶସ୍ୟ ଶ୍ୟାମଳ ମାଟି, ପାଣି ପରମ୍ପରା ଏବଂ ସଂସ୍କୃତିର ଅପୂର୍ବ ମିଳନ ହୋଇଥାଏ। ଏହି ଦିନ ସମସ୍ତଙ୍କ ଘରେଘରେ ପିଠାପଣା, ପୋଡ଼ ପିଠା, ଆରିସା, ମଣ୍ଡା, କାକରା ହୋଇଥାଏ।ଏହା ହେଉଛି ଓଡ଼ିଆର ସଂସ୍କୃତିର ପରିଚୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ରଜପର୍ବ ମାଧ୍ୟମରେ ବିଦେଶରେ ରହୁଥିବା ପ୍ରିୟଜନ ମାନେ ଘରକୁ ଆସିଥାନ୍ତି, ତା ସହିତ ପରିବାର ଭିତରେ ଥିବା ସେହ୍ନ, ମମତା ଭଲ ପାଇବା ଦ୍ୱାରା ଏହି ପର୍ବଟି ବେଶ୍ ଆନନ୍ଦମୟ ହୋଇଉଠେ। ନାରୀମାନେ ହାତକୁ ହାତ ଛନ୍ଦି ଆମ୍ବ ତୋଟାରେ ଶବର ନୃତ୍ୟ କରିଥାନ୍ତି।ସେମାନେ ଶବର ଗୀତ ଏହି ଭଳି ବୋଲିଥାନ୍ତି –

୧.ନଇ ପାଣି ହୁକୁ ହୁକୁ
ପ୍ରଥମେ ବନ୍ଦିଲି ରଜ ବତୀକୁ
ଶବର ଲୋ ନବ ନାଗର ଲୋ।।

୨.କାଟି ଗୋଲି ଡେଙ୍ଗା ରାଶି କି
ଗୀତ ଗାଇବି ମୁଁ ମା ମାଉସୀ
କଳି ଯୁଗ ଗଲା ଆସି
ଶବର ଲୋ ନବ ନାଗର ଲୋ..

୩. କଷି ତାଳ ପଡ଼େ ଖସି
କଉଠୁ ଆସିଲ ଦୂର ବିଦେଶୀ
ଦାଣ୍ଡରେ ରହିଲ ବସି
ଶବର ଲୋ ନବ ନାଗର ଲୋ..

ISSN NO.
2582-208X

୩. ଦାଣ୍ଡେ ଦାଣ୍ଡେ ଗଲା ଘଡା
ଶାହା ହୋଇଥିବ ବଡ଼ମା ବୁଢ଼ା
ଶବର ଲୋ ନବ ନାଗର ଲୋ

ସମୟର ସ୍ରୋତରେ ଆଜି ସବୁକିଛି ପରିବର୍ତ୍ତନ ହୋଇ ଯାଇଛି ସତ କିନ୍ତୁ କେଉଁଠି ନା କେଉଁଠି ଆମ ସଂସ୍କୃତିକୁ ଆଜିବି ବଞ୍ଚାଇ ରଖିଛନ୍ତି। ଏବେ ମଧ୍ୟ କୋଣ ଅନୁକୋଣରେ ଆମ ସଂସ୍କୃତି ଓ ପରମ୍ପରା, ରୀତି ନୀତିକୁ ରଜ ପର୍ବ ମାଧ୍ୟମରେ ପାଳନ କରୁଛନ୍ତି। ଆମେ ଯେତେ ଆଧୁନିକତାକୁ ଆପଣାଇଲେ ମଧ୍ୟ ଆମ ସଂସ୍କୃତି ଓ ପରମ୍ପରାକୁ କେବେ କେହି ମଧ୍ୟ ଭୁଲି ନାହାନ୍ତି। ହୁଏତ ସମୟର ସ୍ରୋତରେ ଜୀବନ ଜୀଇଁବାର ଢଙ୍ଗ ଟିକେ ବଦଳି ଯାଇଛି କିନ୍ତୁ ଆଜି ବି ସହରାଞ୍ଚଳରେ ରହୁଥିବା ଲୋକ ମାନେ ଘରର ଛାତ ଉପରେ ରଜ ଦୋଳି କରି ଆମ ପରମ୍ପରା ଓ ପ୍ରକୃତି ସହ ବାନ୍ଧି ହୋଇ ରଜ ପର୍ବକୁ ଖୁବ୍ ଆନନ୍ଦମୟ ସହ ପାଳନ କରିଥାନ୍ତି। ଜୀବନର ଧାରାବାହିକ ପରମ୍ପରା ଭିତରେ ହିଁ ପ୍ରକଟିତ ହୋଇଥାଏ ଆମ ସଂସ୍କୃତି। ପାରମ୍ପରିକ ବିଶ୍ୱାସ, ପ୍ରଥା, ମଧ୍ୟରେ ଉଜ୍ଜୀବିତ ହୋଇ ରହିଥିବା ରଜ ଗୀତକୁ ଗ୍ରାମର ତରୁଣୀ ଝିଅମାନେ ବୋଲିଥାନ୍ତି –

୧.ପଟା ଦୋଳି କଟକଟ
ମୋ ଭାଇ ମୁଣ୍ଡରେ ସୁନା ମୁକୁଟ
ଦିଶୁଥାଏ ଝଟ ଝଟ

୨. ଆମ୍ବ ପତ୍ର ଟାକୁ ଟାକୁ
ପ୍ରଥମ ବନ୍ଦନା ହୋ ଦୁଳି ପଟାକୁ
ଦୁଳି ପଟାକୁ ହୋ ଦୁଳି ଖେଳ ଖେଳିବାକୁ।

(((-)))

ରେଭେନ୍ସା ବିଶ୍ୱବିଦ୍ୟାଳୟ,
ଓଡ଼ିଆଭାଷା ଓ ସାହିତ୍ୟ ବିଭାଗ

ଯୋଗାଯୋଗ – ୮୧୪୪୮୮୯୧୪୨

ISSN NO.
2582-208X

# ବାପା



ଜୟନ୍ତୀ ବେହେରା

ତୁମରି ଆଶିଷ ସଂସ୍କାର ଆଦର୍ଶ
ପାଇଛି ବୋଲି ମୁଁ ଆଜି !
ସମାଜରେ କେତେ ସମ୍ମାନ ପାଉଛି
ନିଜକୁ ଲଗେଇ ବାଜି ।

ଉପରେ ହସିକି ହୃଦୟର କୋହ
ଚାପି ଚାପି କାନ୍ଦୁଥାଅ
କେତେ ଦୁଃଖ ସହି ଆମକୁ ପାଳିଲ
ବାପା ଥରେ କହିଦିଅ ।

ଭାରି ମନେପଡେ ପିଲାଦିନ କଥା
କାନ୍ଧରେ ବସାଉଥିଲ
ଘରର ଦୁଃଖକୁ କାହାକୁ ନ କହି
ଏକା ସହି ଯାଉଥିଲ ।

ତୁମକଥା ସବୁ ମନେ ଅଛି ମୋର
ସଂସାର ଜଞ୍ଜାଳ କେତେ

ISSN NO.
2582-208X

କହିଥିଲ ତୁମେ ମା' ହେବାପରେ
ବୁଝିପାରିବୁ ତୁ ମତେ।

ବୁଝି ଅଛି ତୁମ ଏ ଅବୁଝା ଝିଅ
ଜୀବନର କେତେ କଷ୍ଟ
ତୁମେ ଚାଲିଗଲ ଅଫେରା ରାଇଜ
ଦୁନିଆରେ ତୁମେ ଶ୍ରେଷ୍ଠ।

ତୁମେ ଥିଲାବେଳେ ଦୁଃଖ ବୋଲି ଶବ୍ଦ
ଜାଣିନଥିଲି ମୁଁ କେବେ
ଆଜିକାହିଁ ମତେ ନିଛାଟିଆ ଲାଗେ
ତୁମ କଥା ଖାଲି ଭାବେ।

ବାପା ତୁମେ ପରା ସରଗଠୁ ଉଚ୍ଚ
ବକ୍ଷେ ମତେ ଧରିଥିଲ
କାନ୍ଧରେ ବସାଇ ଜହ୍ନମାମୁଁ ସାଥେ
ପରିଚୟ କରାଇଲ।

ପିତୃ ଦିବସରେ କରଇ ବନ୍ଦନା
ତୁମ ସ୍ମୃତି ହୃଦେ ଧରି
ପାଖେ ପାଖେ ମୋର ରହିଥିବ ସଦା
ଜଗିଥିବ ଛାଇ ପରି।

(((-)))

ଧର୍ମଶାଳା, ଯାଜପୁର

ISSN NO.
2582-208X

# ରାଜା କହିଲେ



ସୁଧାଂଶୁ ଶେଖର ଦ୍ୱିବେଦୀ

ଜଣେ ସମ୍ପନ୍ନ ବ୍ୟକ୍ତି ନିଜ ପତ୍ନୀ ସହିତ ରହିଥାଏ।ନିଜର କେହି ପିଲା ନଥାନ୍ତି। ବେଶ୍ ସ୍ୱଚ୍ଛଳରେ ଦିନ ବିତୁଥାଏ। କିନ୍ତୁ ପରିସ୍ଥିତି ଏମିତି ହେଲା ଯେ ସମ୍ପନ୍ନ ବ୍ୟକ୍ତି ଧୀରେ ଧୀରେ କାଙ୍ଗାଳ ହୋଇଗଲା। ଦିନେ ତା' ପତ୍ନୀ କହିଲା- ସମ୍ପନ୍ନତା ସମୟରେ ତୁମେ ରାଜାଙ୍କର ବନ୍ଧୁ ଭାବେ ସବୁଠି ଖ୍ୟାତ ଥିଲ ଏବେ ଆମର ବିପନ୍ନ ପଡିଛି ତାଙ୍କୁ କୁହ ସେ ଆମକୁ ସାହାଯ୍ୟ କରିବେ।

ପତ୍ନୀର କଥା ମାନି ସେ ରାଜାଙ୍କ ନିକଟକୁ ଗଲା। ଦ୍ୱାରପାଳ ରାଜାଙ୍କୁ ଜଣାଇଲା ଜଣେ ନିର୍ଦ୍ଧନ ବ୍ୟକ୍ତି ଆପଣଙ୍କୁ ସାକ୍ଷାତ୍ କରିବାକୁ ଇଚ୍ଛା କରିଛି। ସେ ସ୍ୱୟଂକୁ ଆପଣଙ୍କ ବନ୍ଧୁ ବୋଲି ଆବେଦନ କରୁଛି।

ରାଜା ବନ୍ଧୁର ନାଁ ଶୁଣିବା କ୍ଷଣି ଦ୍ୱାର ନିକଟକୁ ଦୌଡ଼ି ଆସିଲେ। ମିତ୍ରର ବିପନ୍ନ ଅବସ୍ଥା ଦେଖି ସେ କହିଲେ-କୁହ ବନ୍ଧୁ! ମୁଁ ତୁମର କି ସହାୟତା କରିପାରିବି ?

ମିତ୍ର ମନରେ ସଂକୋଚ ରଖି ପରିସ୍ଥିତି ବିଷୟରେ ରାଜାଙ୍କୁ ଜଣାଇଲା। ରାଜା ମିତ୍ରର ଦୁଃଖ କାହାଣୀ ଶୁଣି କହିଲେ-ଚାଲ, ମୁଁ ତୁମକୁ ରତ୍ନ ଭଣ୍ଡାର ନିକଟକୁ ନେଇଯିବି। ସେଠାରୁ ମନଇଚ୍ଛା ରତ୍ନ ନିଜ ପକେଟ୍ ରେ ଭରି ନେଇଯିବ। ହେଲେ ସେଥିପାଇଁ ଏକ ସର୍ତ୍ତ ଅଛି। ପକେଟ୍ ରେ ରତ୍ନ ଭରିବା ପାଇଁ ତୁମକୁ ୩ ଘଣ୍ଟା ସମୟ ଦିଆଯିବ। ଯଦି ତା'ଠାରୁ ଅଧିକ ସମୟ ନେବ ତାହେଲେ ଖାଲି ହାତରେ ବାହାରକୁ ଆସିବାକୁ ପଡିବ।

ରାଜା ନିଜ ବନ୍ଧୁକୁ ନେଇ ରତ୍ନ ଭଣ୍ଡାର ନିକଟରେ ଛାଡିଦେଲେ। ବ୍ୟକ୍ତି ରତ୍ନ ଭଣ୍ଡାର ଭିତରକୁ ଯାଇ ତା'ର ପ୍ରକାଶ ଦେଖି ଉଲ୍ଲାସିତ ହେଲା। ପରନ୍ତୁ ସମୟ ସରିବା ପୂର୍ବରୁ ରତ୍ନ

ISSN NO.
2582-208X

ସବୁ ନିଜ ପକେଟ୍ ରେ ପୂରେଇବାକୁ ଲାଗିଲା। ଯଥାଶୀଘ୍ର ରତ୍ନ ପକେଟ୍ ରେ ପୂରେଇସାରି ବାହାରକୁ ଆସୁଥାଏ ଦ୍ୱାର ନିକଟରେ ରତ୍ନ ଖଚିତ କେତେଗୁଡିଏ ଖେଳଣା ରଖା ହୋଇଥିବା ତା' ଦୃଷ୍ଟିରେ ପଡିଲା। ଖେଳଣା ନିକଟରେ ଗୋଟେ ବୋଟମ୍ ଥାଏ। ତାକୁ ଟିପିଲେ ଗୀତର ତାଳେ ତାଳେ ସେମାନେ ନାଚୁଥାନ୍ତି। ତା' ମନରେ ଉତ୍କଣ୍ଠା ଜାଗିଲା। ସମୟ ବାକି ଥାଏ। କିଛି ସମୟ ଖେଳଣା ସହିତ ନିଜେ ଖେଳରେ ମଜିଗଲା। ଖେଳରେ ଏତେ ବିଭୋର ହୋଇଗଲା ଯେ ନିର୍ଦ୍ଧାରିତ ସମୟ କେତେବେଳେ ସରିଗଲା ସେ ଜାଣିପାରିଲା ନାହିଁ। ସମୟ ଶେଷ ହେବାର ଘଣ୍ଟି ବାଜି ଉଠିଲା। ବ୍ୟକ୍ତି ଖାଲି ହାତରେ ରତ୍ନ ଭଣ୍ଡାର ଭିତରୁ ବାହାରିଲା।

ରାଜା କହିଲେ-ନିରାଶ ହୁଅନାହିଁ ବନ୍ଧୁ!ଚାଲ ମୁଁ ତୁମକୁ ସ୍ୱର୍ଣ୍ଣ ଭଣ୍ଡାର ନିକଟକୁ ନେଇଯିବି। ସେଠି ତୁମ ମନଇଚ୍ଛା ସୁନା ମୋହ ନେଇ ପାରିବ। କିନ୍ତୁ ପୂର୍ବର ସମୟ ସୀମା କଥା ଧ୍ୟାନ ଥାଏ ଯେପରି!

ବ୍ୟକ୍ତି ସ୍ୱର୍ଣ୍ଣ ଭଣ୍ଡାର ଭିତରେ ପହଞ୍ଚି ଦେଖିଲା ପୂରା କୋଠରୀ ସୁନେଲି ରଙ୍ଗରେ ଝିଲମିଲ ହେଉଛି। ସେ ତୁରନ୍ତ ସୁନା ମୋହର ଗୋଟେ ଥଳିରେ ପୂରେଇବାକୁ ଲାଗିଲା। ହଠାତ୍ ତା' ଦୃଷ୍ଟି ଗୋଟେ ସ୍ୱର୍ଣ୍ଣ ଘୋଡା ଉପରେ ପଡ଼ିଲା। ଆରେ....ଇଏତ ସେଇ ଘୋଡା ଯାହା ପିଠିରେ ବସି ମୁଁ ରାଜାଙ୍କ ସହିତ ଶିକାର କରିବାକୁ ଯାଉଥିଲି। ଧୀରେ ଧୀରେ ସେ ସ୍ୱର୍ଣ୍ଣ ଘୋଡା ନିକଟକୁ ଗଲା। ତା' ପିଠିକୁ ଆଉଁସିଲା। ପୁଣି ଉତ୍ସାହିତ ହୋଇ ତା' ପିଠିରେ ବସି ପିଡ଼ିଲା। ସମୟ ସୀମା ଶେଷ ହୋଇସାରିଥାଏ ହେଲେ ସେ ଘୋଡା ପିଠିରେ ବସି ଶିକାର କରିବାର ସ୍ୱପ୍ନରେ ବିଭୋର ଥାଏ। ସମୟ ଶେଷ ହେବାର ଘଣ୍ଟି ଶୁଣି ବିଚରା ନିରାଶିତ ମନରେ ବାହାରକୁ ଆସିଲା।

ରାଜା କହିଲେ-ଆଦୌ ବ୍ୟସ୍ତ ହୁଅନା ବନ୍ଧୁ! ଚାଲ ମୁଁ ତୁମକୁ ରୌପ୍ୟ ଭଣ୍ଡାର ନିକଟକୁ ନେଇଯିବି। ସେଠି ଇଚ୍ଛା ଅନୁସାରେ ଯେତେ ପାରିବ ସେତେ ରୌପ୍ୟ ନେଇପାରିବ।ହେଲେ ସମୟ ଶେଷ ହେବା କଥା ମନେ ରଖିବ।

ସେ ରୌପ୍ୟ ଥିବା ସ୍ଥାନକୁ ଯାଇ ଦେଖିଲା ପୂରା କକ୍ଷ ଧବଳ ଆଭାରେ ଶୋଭାମୟ ହେଉଛି। କାଳବିଳମ୍ବ ନକରି ରୌପ୍ୟ ଗୋଟେ ବୁରାରେ ପୂରେଇବାକୁ ଲାଗିଲା। ମନେ ମନେ ସ୍ଥିର କଲା ସମୟ ଶେଷ ହେବା ପୂର୍ବରୁ ବାହାରି ଆସିବ। ତା' ପାଖରେ ଦୁଇଘଣ୍ଟା ସମୟ ଥାଏ। କକ୍ଷର ମଧ୍ୟଭାଗରେ ଏକ ରୌପ୍ୟ ନିର୍ମିତ ବିଶାଳ ମୁଦ୍ରିକା ଥାଏ। ତା'

ISSN NO.
2582-208X

ସହିତ ନୋଟିସ୍ ବୋର୍ଡରେ ଲେଖା ହୋଇଥାଏ -ମୁଦ୍ରିକାକୁ ଛୁଇଁଲେ ମାନସିକ ବିଭ୍ରାନ୍ତି ଘଟିବ।

ବ୍ୟକ୍ତି ଭାବିଲା-ଏସବୁ ରାଜାଙ୍କର ଚାଲାକି। ରୌପ୍ୟ ମୁଦ୍ରିକା ଅଧିକ ମୂଲ୍ୟବାନ୍ ହେତୁ ନୋଟିସ୍ ବାହାର କରିଛନ୍ତି। ଏହା ଭାବି ସେ ଯେମିତି ରୌପ୍ୟ ମୁଦ୍ରିକାରେ ହାତ ସ୍ପର୍ଶ କରିଛି ଅଚେତ ହୋଇ ତଳେ ପଡିଗଲା। ଚେତା ଫେରିବା ବେଳକୁ ନିର୍ଦ୍ଧାରିତ ସମୟ ସରି ଯାଇଥାଏ। ପୁଣିଥରେ ସେ ଖାଲି ହାତରେ ଦୁଃଖ ମନରେ ବାହାରକୁ ଆସିଲା।

ରାଜା କହିଲେ-ବନ୍ଧୁ!ଦୁଃଖ କରନାହିଁ। ଏବେବି ସୁଯୋଗ ଅଛି। ଶେଷ ଭଣ୍ଡାର ତମ୍ବାରେ ଭର୍ତ୍ତି ହୋଇଛି। ଯେତେ ପାରିବ ବୁରାରେ ଭର୍ତ୍ତିକରି ନେଇଯିବି। ବ୍ୟକ୍ତି ମନେ ମନେ ଚିନ୍ତା କଲା-ଆରେ ମୁଁ ପକେଟ୍ ରେ ରତ୍ନ ଭରି ନେବାକୁ ଆସିଥିଲି ହେଲେ ଶେଷରେ ତମ୍ବା ନେବାର ସ୍ଥିତି ଆସିଗଲା। ଅଳ୍ପ ତମ୍ବାରେ ଅଭାବ ଦୂର ହେବନି। ବହୁତ ଭର୍ତ୍ତି କରିବାକୁ ପଡିବ। ତାପରେ ସେ ବୁରାରେ ତମ୍ବା ଧାତୁ ଭରିବାକୁ ଲାଗିଲା। ଦଶ ବୁରା ତମ୍ବା ଭର୍ତ୍ତିକରି ସାରିଥାଏ ତା' କମର ବିନ୍ଧିଲା। ସହାୟତା କରିବାକୁ ଆଖପାଖରେ କେହି ନଥାନ୍ତି। କକ୍ଷର ଗୋଟେ କୋଣରେ ପଲଙ୍କଟିଏ ପଡିଥାଏ। ବିଶ୍ରାମ ନେବାକୁ ସେ ସେହି ପଲଙ୍କ ଉପରେ ବସି ବଢ଼ିଲା। ଥକା ଜନିତ ବସିଥିବା ଅବସ୍ଥାରେ କେତେବେଳେ ତା' ଆଖି ମୁଦ୍ରିତ ହୋଇଯାଇଛି ସେ ସେଇଠି ଶୋଇପଡିଛି। ଶୋଇଲା ଯେ ଶୋଇଲା ସମୟ ଶେଷ ହେବାର ଘଣ୍ଟି ବାଜିବାରେ ନିଦ ଭାଙ୍ଗିଲା। ବିବଶ, ଅବଶ, ଥକିହାରି ବାହାରକୁ ଫେରିଲା।

ଆମେମାନେ ମଧ୍ୟ ଜୀବନ କାଳରେ ଏହିପରି ନିଜ ସହିତ କିଛି ନେଇପାରିବା ନାହିଁ। ପିଲାଦିନ ପିଲାମନ ଖେଳକୁଦରେ, ଯୌବନ ବେଳେ ବିବାହର ଆକର୍ଷଣଏବଂ ଘର ସଂସାର ସମ୍ଭାଳିବାରେ ସମୟ ସରିଯାଏ। ବୃଦ୍ଧ ବୟସରେ କମର ଯନ୍ତ୍ରଣା ଏବଂ କେତେ କେତେ ପ୍ରକାର ବ୍ୟାଧି ଗ୍ରାସ କରେ। ପଲଙ୍କ କି ଖଟିଆ ବ୍ୟତୀତ ଆଉକିଛି ଦେଖାଯାଏ ନାହିଁ।କେବଳ ଯାହା ସମୟ ଶେଷ ହେବାକୁ ଅପେକ୍ଷା କରିବାକୁ ପଡେ।

(((-)))

ବିସି-୭୪,ସଲ୍ଟ ଲେକ୍, କଲକତା-୬୪
ମୋ-୯୬୮୧୩୭୩୫୧୨

ISSN NO.
2582-208X

ବେଦାନ୍ତି

# "ଆଲୋକ"ର ପଦ ଚିହ୍ନ



ଡ. ସଦା ବିହାରୀ ସାହୁ

ବିଶ୍ୱ ଶାନ୍ତିର ସେ ଆଜି ପଥିକ
କୋଷ କୋଷ ବାଟ ଚାଲେ ଭିକ୍ଷୁ ସଂଗେ ଦେଇ ଶାନ୍ତିର ବାର୍ତ୍ତା
ବୁଲା ଶ୍ୱାନରୁ ବିଦେଶ ଯାତ୍ରା
ପ୍ରଶଂସା ସାଉଁଟେ ସେ ପୃଥିବୀ ସାରା
ଶାନ୍ତ ଓ ସହାନୁଭୂତୀର ସ୍ୱଭାବେ ସେ ପରିପୂର୍ଣ୍ଣ
ସନ୍ୟାସୀମାନଙ୍କ ହେଲା ସେ ପ୍ରିୟ ପାତ୍ର
ଜନମ ନେଲା ଓଡିଶା ମାଟିରେ
ନାଁ କମାଇଲା ସାରା ବିଶ୍ୱରେ
ଜୀବନର ମାପଦଂଡ ନୁହେଁ ଜନ୍ମ, ଜାତି, ଧର୍ମ
ଉଚ୍ଚ କରେ ଆମକୁ ଆମ ସ୍ୱଭାବ ଓ କର୍ମ
ଯା କର୍ମ ଯେମିତି
ସେ ଫଳ ପାଏ ସେମିତି
ଭଲ କର୍ମ କରି ମଣିଷ ସୁଖ ଓ ପ୍ରଶଂସା ପାଏ
ସାର୍ଥକ ଜୀବନ ଭଲ କର୍ମରେ ଥାଏ

(((-)))

ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ, ମୁମ୍ବାଇ
ଇ-ମେଲ: sadabihari@rediffmail.com

ISSN NO.
2582-208X

# ବଳରାମ ଦାସଙ୍କ 'ବିଶ୍ୱାୟନର ଯାତ୍ରା' – ଅସିତ ମହାନ୍ତଙ୍କ 'ଲକ୍ଷ୍ମୀପୁରାଣ କଥା'



ଡ. ସଂଘମିତ୍ରା ଭଞ୍ଜ




ସାରାଂଶ (Abstract)

ପୁରାଣ, ଐତିହ୍ୟ, ପରମ୍ପରା, କିଂବଦନ୍ତୀ ଓ ସଭ୍ୟତା ମାନବୀୟ ଅନୁଭବକୁ ଜ୍ଞାନାତ୍ମକ ସୌନ୍ଦର୍ଯ୍ୟ ପ୍ରଦାନପୂର୍ବକ ଆଗତ ସମୟ ପାଇଁ ମାର୍ଗ ପ୍ରଦର୍ଶନ କରିଥାଏ। ଯେଉଁଥିରୁ ଆମେ ସଂସ୍କୃତି, ସମସ୍ୟା, ତ୍ରୁଟି-ବିଚ୍ୟୁତି ତଥା ସାମାଜିକ ବିକାଶ, ସଂସ୍କୃତିର ମୂଳଭୂତତତ୍ତ୍ୱ ଓ ତା'ର ଗଭୀର ତଥା ଗମ୍ଭୀର ସ୍ଥିତିକୁ ହୃଦ୍‌ବୋଧ କରିଥାଉ। ଅତୀତ ଅନୁଭବର ଆଧାରରେ ପୁରାଣ ଓ ଇତିହାସ ଆମକୁ ଭବିଷ୍ୟତର ବିବିଧ ଆହ୍ୱାନକୁ ସମ୍ମୁଖ କରି ଆମର ବୈଚାରିକ ନିର୍ଣ୍ଣୟ ନିମନ୍ତେ ପ୍ରସ୍ତୁତ କରେ। ଆଚରଣଗତ ଶୁଦ୍ଧତା, ଉଚ୍ଚାରଣଗତ ଉଚ୍ଚତା, ପ୍ରେରଣା,

ISSN NO.
2582-208X

ସମ୍ଭାବନା, ଭାବଗତ ମହତ୍ତ୍ୱ ତଥା ବୌଦ୍ଧିକ ବିକାଶ ସହିତ ନୈତିକ ଉତ୍ତରଣ ପ୍ରଦାନ କରିବ। ସମକାଳୀନ ପ୍ରେକ୍ଷାପଟରେ ସାଢ଼େ ଚାରିକୋଟି ଓଡ଼ିଆଙ୍କୁ ଅନୁରୂପ ପ୍ରେରଣା କରି ବିଶିଷ୍ଟ ସମାଲୋଚକ ଅସିତ ମହାନ୍ତିଙ୍କ 'ଲକ୍ଷ୍ମୀପୁରାଣ କଥା'।

ସାହିତ୍ୟ ତା'ର ଅନ୍ତର୍ନିହିତ ମୂଲ୍ୟବୋଧ ଏବଂ ସାର୍ବଜନୀନ ଦୃଷ୍ଟିକୋଣକୁ ଆଧାର କରି ବଞ୍ଚିରହେ। ବ୍ୟକ୍ତିଗତ ବିଚାରରୁ ଊର୍ଦ୍ଧ୍ୱାୟିତ ହୋଇ ସ୍ରଷ୍ଟା ଯେବେ ସାମୂହିକ ଉନ୍ନତି ନିମନ୍ତେ ସଚେତନ ହୁଏ, ସେଥିରୁ ଉଦ୍‌ଭାସିତ ହୁଏ ସ୍ୱାନ୍ତ ସୁଖାୟ-ସର୍ବଜନହିତାୟର ମର୍ମବାଣୀ। ତେଣୁ ଆଲୋଚକଙ୍କ ମତରେ- ''Literature is written by and for two senses: a sort of internal ear, quick to perceive 'unheard melodies' and the eye, which directs the pen and deciphers the printed phrase'' (୧) ଷୋଡ଼ଶ ଶତାବ୍ଦୀରେ ଭକ୍ତି ଆନ୍ଦୋଳନର ପୁରୋଭାଗରେ ଆବିର୍ଭୂତ ହୋଇଥିବା ପଞ୍ଚସଖା ସାହିତ୍ୟ ଅନୁରୂପ ଚିରନ୍ତନୀ ସୃଷ୍ଟି ସୌରଭ ବିକିରଣ କରେ। ପଞ୍ଚସଖାମାନଙ୍କ ମଧ୍ୟରୁ ଜ୍ୟେଷ୍ଠସଖା ଭକ୍ତକବି ବଳରାମ ଦାସ ଭକ୍ତି ଆନ୍ଦୋଳନର ଅନନ୍ୟ ପ୍ରବକ୍ତା ଭାବରେ ପ୍ରସିଦ୍ଧି ଲାଭ କରିଛନ୍ତି। ସେ ଏକାଧାରରେ ଥିଲେ ଜଣେ କବି, ସାଧକ, ଭକ୍ତ, ଦାର୍ଶନିକ ତଥା ସଂସ୍କାରକ। ମହାକବି ସାରଳା ଦାସଙ୍କ ପରେ ମହାପୁରୁଷ ବଳରାମ ଦାସଙ୍କ ସୃଷ୍ଟି ଓ ସାଧନା ଓଡ଼ିଆ ପୁରାଣ ସାହିତ୍ୟକୁ କେବଳ ସମୃଦ୍ଧ କରିନାହିଁ, ଜାତୀୟ ଜୀବନର ମାର୍ଗଦର୍ଶିକା ହେବା ସହିତ ପ୍ରବୃତ୍ତୀୟ ସଂଶୋଧନର ପରଶମଣି ସାଜିଛି।

ଷୋଡ଼ଶ ଶତାବ୍ଦୀ ପୂର୍ବରୁ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଯେତେବେଳେ ସଂସ୍କୃତ ଭାଷାର ଅଖଣ୍ଡ ରାଜତ୍ୱ ଥିଲା ଓ ରାଜଦରବାରରେ ସଂସ୍କୃତ ଭାଷାରେ ଲିଖିତ କାବ୍ୟ ମାଧ୍ୟମରେ ରାଜା ଓ ଦେବ ପ୍ରଶସ୍ତି ଚାଲିଥିଲା, ସେତିକିବେଳେ ମହାକବି ସାରଳା ଦାସ ଓଡ଼ିଆ ମାଟିର ଭାଷାକୁ 'ମହାଭାରତ' ଦ୍ୱାରା ଅଭିଷିକ୍ତ କରିଥିଲେ। ତଦ୍‌ଯୁଗୀୟ ପ୍ରାକୃତ, ଅପଭ୍ରଂଶ ତଥା ଓଡ଼ିଆ ଭାଷାର ଅବରୁଦ୍ଧ ପଥକୁ ଉନ୍ମୁକ୍ତ କରି ମାଟିର ଭାଷାକୁ ପୁରାଣର ସଂଜୀବନୀ ଦେଇ ସଚ୍ଚୋଟ ଓଡ଼ିଆତ୍ୱର ପରିଚାୟକ ହୋଇଥିଲେ। ପରବର୍ତ୍ତୀ ସମୟରେ କାବ୍ୟ, କବିତା, ଗୀତା, ସଂହିତା, ପଟଳ, ମାଳିକା, କୋଇଲି ଓ ଚଉତିଶା ଭଳି ଗୀତି ପରିଶୋଭିତ ରୂପ ଆତ୍ମପ୍ରକାଶ ଲାଭ କରିଥିଲା। ଷୋଡ଼ଶ ଶତକରେ ରାଜା ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ କାଳରେ ଆବିର୍ଭୂତ ସାଧକ ଭକ୍ତ ବଳରାମ ଦାସ ତଦ୍‌ଯୁଗୀନ ସାମାଜିକ ଜୀବନର ଭ୍ରଷ୍ଟାଚାର, ଶୂଦ୍ରଜାତିର ନିଷ୍ପେଷଣ, ଚିତା-ଚଇତନ ମାରି, ଗୈରିକ ବସ୍ତ୍ର ପରିଧାନପୂର୍ବକ

ISSN NO.
2582-208X

ସାଧାରଣ ଜନତାଙ୍କୁ ଶୋଷଣ ବିରୁଦ୍ଧରେ ଦାର୍ଶନିକ–ସାରସ୍ୱତ ବିପ୍ଳବର ଦାୟିତ୍ୱ ନିର୍ବାହ କରିଥିଲେ। ସେ ସଂସ୍କୃତ ଅବଗାହୀ ଥିଲେ ହେଁ ଓଡ଼ିଆ ଭାଷାକୁ ଜାତିର ପ୍ରକୃତ ଭାଷା ଭାବରେ ଗ୍ରହଣ କରିବା ସହିତ ପରମ୍ପରା ଓ ସାଂସ୍କୃତିକ ମୂଲ୍ୟବୋଧକୁ ମହତ୍ତ୍ୱ ପ୍ରଦାନ କରିଥିଲେ। ବ୍ରାହ୍ମଣଠାରୁ ଭକ୍ତର ଶ୍ରେଷ୍ଠତା, ପୂଜା, ମାଳାଜପ, ତିଳକଧାରଣ ଓ ବାହ୍ୟାଚାରର ଆଡ଼ମ୍ବରିତା ଅପେକ୍ଷା ଭାବ, ଭକ୍ତି, ଆତ୍ମନିବେଦନପୂର୍ବକ ଜଗନ୍ନାଥ ହିଁ ସର୍ବକେନ୍ଦ୍ର ରୂପେ ସେ ଗ୍ରହଣ କରିଥିଲେ। 'ମୁହିଁ ହୀନ ପାପୀ ବିଶେଷେ ଶୂଦ୍ରଯୋନି' ବୋଲି ନିଜକୁ ଶୂଦ୍ର ରୂପେ ପରିଚୟ ପ୍ରଦାନ କରିଥିବା ବଳରାମ ଦାସ ଜଗମୋହନ ରାମାୟଣ, ଶ୍ରୀମଦ୍ ଭାଗବତ୍‌ଗୀତା, ବଟ ଅବକାଶ, ଭାବସମୁଦ୍ର, ବ୍ରହ୍ମାଣ୍ଡ ଭୂଗୋଳ ପ୍ରମୁଖ ସୃଷ୍ଟିସମ୍ଭାର ମାଧ୍ୟମରେ ପ୍ରାଚୀନ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି। 'ମୁଁ ଶ୍ରୀଜଗନ୍ନାଥଙ୍କର ବେଟା' ବୋଲି ନିଜର ପରିଚୟ ପ୍ରଦାନ କରୁଥିବା ବଳରାମ ଦାସଙ୍କର ଲୋକପ୍ରିୟ ରଚନା 'ଲକ୍ଷ୍ମୀପୁରାଣ' ଏକ କ୍ଷୁଦ୍ରକାୟ ପୁସ୍ତକ (Slim Book)। ମାତ୍ର ତା'ର ସୂକ୍ଷ୍ମ–ଅନ୍ତର୍ନିହିତ ଶକ୍ତି ଓ ଅପରିବର୍ତ୍ତନୀୟ ପାରଂପରିକ ମୂଲ୍ୟ ଓଡ଼ିଶାର ଜାତୀୟ ଜୀବନ ଗଠନ କ୍ଷେତ୍ରରେ ଯେଉଁ ମହନୀୟ ଭୂମିକା ବହନ କରିଛି, ତାହା ଅନବଦ୍ୟ। ତତ୍କାଳୀନ ଗାଣତାନ୍ତ୍ରିକ ଅବ୍ୟବସ୍ଥା ଭିତରେ 'ଲକ୍ଷ୍ମୀପୁରାଣ' ବାମାବାଦର ଏକ ଅନିର୍ବାପିତ ଅଖଣ୍ଡ ମଶାଲ।

ବଳରାମ ଦାସ ଥିଲେ ଅସାଧାରଣ (Adab) ଏବଂ ତାଙ୍କ ରଚିତ 'ଲକ୍ଷ୍ମୀପୁରାଣ' ଏକ ଅନନ୍ୟ ସୃଷ୍ଟି (Adab Anthology)। ଇଂରାଜୀରେ ଆଦାବ୍ 'Adab' କହିଲେ– "Adab was widely used in the middle Ages in the sense of philology; literary scholarship and literary culture." ନୈତିକ ଚେତନା ତଥା ମୂଲ୍ୟବୋଧର ପ୍ରତିଷ୍ଠାତା ବଳରାମ ଦାସଙ୍କ ସେଇ କାଳଜୟୀ କ୍ଷୁଦ୍ରକାୟ ସୃଷ୍ଟି 'ଲକ୍ଷ୍ମୀପୁରାଣ'କୁ ସମକାଳୀନ ଓଡ଼ିଆ ସାହିତ୍ୟରେ ଯଶସ୍ୱୀ ସମାଲୋଚକ ଡ. ଅସିତ ମହାନ୍ତି ତାଙ୍କର 'ଲକ୍ଷ୍ମୀପୁରାଣ କଥା' ପୁସ୍ତକରେ ପୁନର୍ମୂଲ୍ୟାୟନ କରିଛନ୍ତି। ସମାଲୋଚକ ଅସିତ ମହାନ୍ତି ଏକମାତ୍ର ନୀତିନିଷ୍ଠ ପାରଂପରିକ ମୂଲ୍ୟବୋଧର ପ୍ରତିଷ୍ଠା ଓ ଉତ୍କଳୀୟ ଅସ୍ମିତାର ସ୍ଥାପନା।

'ଲକ୍ଷ୍ମୀପୁରାଣ' ବା 'ଧାନମାଣିକା' ବା 'ଗୁରୁବାର ବୋଲି' ନାମରେ ଖ୍ୟାତ ଏହି ରଚନାକୁ ଡ. ଅସିତ ମହାନ୍ତି 'ଲକ୍ଷ୍ମୀପୁରାଣ କଥା' ଶୀର୍ଷକ ଆଲୋଚନାରେ ପରମ୍ପରା ଓ ସ୍ୱମୌଳିକତାର ସମନ୍ୱୟ କରିଛନ୍ତି। ଯୁଗୀୟ ପ୍ରାସଙ୍ଗିକତା ଆଧାରରେ ବଳରାମ ଦାସଙ୍କ ଅକୁହା

ISSN NO.
2582-208X

ଉଦ୍ଦେଶ୍ୟକୁ ଅତି ସୂକ୍ଷ୍ମ ଅନୁଶୀଳନପୂର୍ବକ ତାଙ୍କ ବିଚାରର ପ୍ରତୀକାତ୍ମକ ରୂପକୁ ସମ୍ବର୍ଦ୍ଧିତ କରିଛନ୍ତି। ମନୁସଂହିତାରେ ଥିବା 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା'ର ମର୍ମାର୍ଥ ବହନ କରିଥିବା 'ଲକ୍ଷ୍ମୀପୁରାଣ'ରେ ପୁରୁଷକୈନ୍ଦ୍ରିକ ସମାଜ ସତ୍ତ୍ୱେ ନାରୀର ଯତ୍ନ, ଦାୟିତ୍ୱ, ସେବା, ସମର୍ପଣର ମହନୀୟତା ପ୍ରତିପାଦିତ ହୋଇଛି। ନାରୀର ଯତ୍ନ ପୁରୁଷକୁ ପାରିବାରିକ ସୁସ୍ଥ ବାତାବରଣ, ସମୃଦ୍ଧି ଓ ଶୂଚୀନିଷ୍ଠ ଜୀବନ ପ୍ରଦାନ କରିପାରେ। ତେଣୁ 'ନାରୀ' ଏ ସମାଜର ଅନତିକ୍ରମଣୀୟ ବ୍ୟକ୍ତିସତ୍ତା। ଯାହାର ସମ୍ମାନରେ ସୃଷ୍ଟି ଓ ସର୍ଜନାର ସ୍ଥିତି, ଅପମାନିତ ଓ ତିରସ୍କାରରେ ପାରିବାରିକ ସନ୍ତୁଳିତ ଜୀନର ଦୁଃସ୍ଥିତି ସମ୍ଭବ।

'ସମ୍ବାଦ'ରେ ଧାରାବାହିକ ଭାବେ ବଳରାମ ଦାସକୃତ 'ଲକ୍ଷ୍ମୀପୁରାଣ'କୁ ନେଇ ସମାଲୋଚକ ଅସିତ ମହାନ୍ତିଙ୍କ ସର୍ବମୋଟ୍ ୮୪ଟି ଲେଖା ପ୍ରକାଶ ପାଇଥିଲା। ସେଥିରେ ଆଉ କିଛି ଲେଖା ସଂଲଗ୍ନ କରି 'ଆମ ଓଡ଼ିଶା' ତରଫରୁ ପ୍ରକାଶ ପାଇଛି 'ଲକ୍ଷ୍ମୀପୁରାଣ କଥା'। ଦୁଇଶହ ସାତ ପୃଷ୍ଠା ବିଶିଷ୍ଟ ଏହି ପୁସ୍ତକରେ ଶ୍ରେଷ୍ଠ ମାସ : ମାର୍ଗଶିର, ଗୁରୁବାର ଲକ୍ଷ୍ମୀବାରଠାରୁ ଆରମ୍ଭ କରି 'ଲକ୍ଷ୍ମୀପୁରାଣ' ଓଷା ନା ବ୍ରତ?ର ସଂଶୟ ସମାଧାନରେ ଶେଷ ହୋଇଛି। 'ଉପକ୍ରମ', 'ଅନୁକ୍ରମ' ଏବଂ 'ଉପସଂହାର' ଭଳି ପରିଚ୍ଛେଦ ବିଭାଜନପୂର୍ବକ କୁଶଳୀ ସମାଲୋଚକ ଅସିତ ମହାନ୍ତି 'ଲକ୍ଷ୍ମୀପୁରାଣ କଥା'କୁ ସୌନ୍ଦର୍ଯ୍ୟମଣ୍ଡିତ କରିଛନ୍ତି।

ପ୍ରାବନ୍ଧିକ ଅସିତ ମହାନ୍ତି (୧୯୫୮) ସମକାଳୀନ ଓଡ଼ିଆ ସାହିତ୍ୟରେ ଜଣେ ବହୁ ଉଚ୍ଚାରିତ ନାମ। ସେ ତାଙ୍କର ନିର୍ଭେଜାଲ ସମାଲୋଚନାତ୍ମକ ଦୃଷ୍ଟିକୋଣକୁ ନେଇ ବେଶ୍ ଉଦ୍ଦାତ୍ତ। ସେ ଏକାଧାରରେ ଜଣେ ପ୍ରାବନ୍ଧିକ, ଗାଳ୍ପିକ, ଅନୁବାଦକ, ସ୍ତମ୍ଭକାର, ଶିଶୁସାହିତ୍ୟିକ, ସଂପାଦକ ତଥା ଜଣେ ବାଗ୍ମୀପୁରୁଷ। 'ଜୀବନ ଓ ସୃଜନ' ଏବଂ 'ଫ୍ୟାଶନ୍ ଫାଶରେ ଓଁ' ଦୁଇଟି ପ୍ରବନ୍ଧ ଗ୍ରନ୍ଥରୁ ତାଙ୍କର ଅନନ୍ୟ ସର୍ଜନାକୌଶଳ ଜାଣିହୁଏ। 'ସାହିତ୍ୟ ମହାଭାରତ' (ଦୁଇଖଣ୍ଡ), 'ସାହିତ୍ୟ ମନ୍ଥନ', 'ନବକଳେବର କଥା' ଭଳି ତାଙ୍କର ସ୍ତମ୍ଭସାହିତ୍ୟ ଅତ୍ୟନ୍ତ ପ୍ରଭାବଶାଳୀ ଓ ବହୁଜନାଦୃତ ସୃଷ୍ଟି। 'ଦଶାବତାର' ଓ 'ପୁରାଣର ଦେବଦେବୀ' ତାଙ୍କର ଶିଶୁ-କିଶୋରଙ୍କ ନିମନ୍ତେ ଉଦ୍ଦିଷ୍ଟ ଦୁଇ ପୌରାଣିକ ଗ୍ରନ୍ଥ। 'କହ୍ନେଇ କଥାଘର', 'ରେବତୀ: ରେବତୀ ଏବଂ ରେବତୀ', 'ବେଦରୁ ଆଧୁନିକ', 'ପରମାର୍ଥ ପୟୋଧି' ତାଙ୍କର ଉଲ୍ଲେଖଯୋଗ୍ୟ ସଂପାଦିତ ପୁସ୍ତକ। ଅନୂଦିତ ଗଳ୍ପଗ୍ରନ୍ଥ 'ଅଧ୍ୟାୟ ଏକବିଂଶ' ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଦେମି ପୁରସ୍କାର ଏବଂ ଅନୂଦିତ ସ୍ମୃତିକଥା 'ବାପୁ - ମୋ ମାଆ' ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ହୋଇଛନ୍ତି। 'ପୌରୁଷ'

ISSN NO.
2582-208X

ପତ୍ରିକାର ସଂପାଦକ ଶ୍ରୀ ମହାନ୍ତି ଶ୍ରୀଜଗନ୍ନାଥ ସଂସ୍କୃତିର ଜଣେ ପ୍ରତିନିଧି ହସ୍ତାକ୍ଷର। 'ଶ୍ରୀଜଗନ୍ନାଥଙ୍କ ରସଗୋଲା' ଏବଂ 'ନବକଳେବର କଥା' ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କ ଗଭୀର ଶ୍ରଦ୍ଧା ଓ ଅସୀମ ଭକ୍ତିମତ୍ତାର ପରିଚାୟକ।

'ଲକ୍ଷ୍ମୀପୁରାଣ କଥା'ର 'ଉପସଂହାର' ଭାଗ ହିଁ ଅସିତ ମହାନ୍ତିଙ୍କ ବ୍ୟକ୍ତିନିଷ୍ଠ ଅନୁଚିନ୍ତନ ଓ ଅନୁଶୀଳନର ବଳିଷ୍ଠ ରୂପ ବହନ କରେ। ଆଲୋଚନାକ୍ରମେ 'ଅଗ୍ରହାୟଣ ମାସନାଥ' ବା 'ସମ୍ବତ୍ସରଭୂଷଣ' ନାମରେ ନାମିତ ମାର୍ଗଶିରକୁ ଶ୍ରେଷ୍ଠମାସ ଭାବରେ ଗ୍ରହଣ କରିଛନ୍ତି। ମାର୍ଗଶିର ମାନ 'ଲକ୍ଷ୍ମୀମାସ' ଭାବରେ ମଧ୍ୟ କଥିତ ହୋଇଥାଏ। ଏହି ମାସର ପାଞ୍ଚଟି ଗୁରୁବାରରେ ଧନଦାତ୍ରୀ ହିରଣ୍ମୟୀ ଦେବୀ ଲକ୍ଷ୍ମୀଙ୍କର ବ୍ରତ ପାଳନ କରାଯାଏ। ଶ୍ରୀ ମହାନ୍ତି ଲକ୍ଷ୍ମୀଙ୍କ ପୂଜା ନିମନ୍ତେ ଚତୁର୍ମାସ୍ୟା ଗୁରୁବାର, ଗୁରୁପଞ୍ଚମୀ ଓ ସୁଦଶାବ୍ରତ ଭଳି ତିନିଟି ପ୍ରମୁଖ ବ୍ରତ ସଂପର୍କରେ ମଧ୍ୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ଏତଦ୍‌ବ୍ୟତୀତ ଶ୍ରୀ ମହାନ୍ତିଙ୍କ ମତରେ– ‘‘କେବଳ ମାର୍ଗଶିର ମାସରେ ବା କେବଳ ସେହି ମାସର ଗୁରୁବାରରେ ଲକ୍ଷ୍ମୀ ପୂଜିତ ହୁଅନ୍ତି ନାହିଁ। ବର୍ଷର ବିଭିନ୍ନ ସମୟରେ ସେ ବିଭିନ୍ନ ରୂପ ଓ ଭାବରେ ପୂଜିତ ହୁଅନ୍ତି। ଏହାକୁ ନେଇ ରହିଛି 'ଅଷ୍ଟଲକ୍ଷ୍ମୀ' ଭାବଧାରା। ତେବେ ଏହି ଅଷ୍ଟଲକ୍ଷ୍ମୀଙ୍କ ନାମ ସର୍ବସମ୍ମତ ନୁହେଁ।’’ (୨) ବିବିଧ ଲକ୍ଷ୍ମୀପୂଜାର ଆଲୋଚନାକ୍ରମେ ଆଲୋଚକ ଅସିତ ମହାନ୍ତି ଧାନମାଣିକା ଓଷାକଥା, ଶ୍ୟାମାଦେଈ ଓଷା କଥା, ପ୍ରଥମାଷ୍ଟମୀରେ ପାରଂପରିକ ଲକ୍ଷ୍ମୀପୂଜା ସଂପର୍କରେ ଉଲ୍ଲେଖ କରିଛନ୍ତି। ତେବେ ପ୍ରତି ଓଡ଼ିଆ ଘରେ ସୁପରିଚିତ 'ଲକ୍ଷ୍ମୀପୁରାଣ' ପ୍ରକୃତରେ ପ୍ରଥମାଷ୍ଟମୀ ପରେ ପୂଜାର ବିଧିବିଧାନ ସହିତ ଗୁରୁବାର ପାଳିତ ହୁଏ।

ଶ୍ରୀ ମହାନ୍ତି 'ଲକ୍ଷ୍ମୀପୁରାଣ କଥା'ରେ ତାଙ୍କର ଅନୁସନ୍ଧିତ୍ସୁ ଦୃଷ୍ଟିକୋଣ ବହନ କରି 'ଲକ୍ଷ୍ମୀପୁରାଣ' ଖୋଜା ଶୀର୍ଷକସ୍ଥ ତାତ୍ତ୍ୱିକ ଆଲୋଚନା କରିଛନ୍ତି। ତାଙ୍କ ମତରେ ଓଡ଼ିଶା ଏବଂ ଓଡ଼ିଶା ବାହାରେ ପ୍ରଚଳିତ ଲକ୍ଷ୍ମୀପୁରାଣ ବହୁବିଧ। ମାତ୍ର ଏହାର ଯେ ବ୍ୟାପକ ପ୍ରଚଳନ ଥିଲା ତାହା ନିଃସନ୍ଦେହ। ଶ୍ରୀ ମହାନ୍ତିଙ୍କ ମତରେ, ‘‘ଲକ୍ଷ୍ମୀପୁରାଣ' କେବଳ ଓଡ଼ିଶାରେ, ଓଡ଼ିଆ ଭାଷାଭାଷୀଙ୍କ ମଧ୍ୟରେ ସୀମିତ ନ ଥିଲା, ଓଡ଼ିଶା ପରି, ପଡ଼ୋଶୀ ପଶ୍ଚିମବଙ୍ଗରେ ମଧ୍ୟ ଏହା ଲୋକପ୍ରିୟ ହୋଇଥିଲା। x x x ଛାପାଯୁଗ ଆସିବା ପରେ, ପୋଥିରୁ 'ଲକ୍ଷ୍ମୀପୁରାଣ' ପ୍ରଥମେ ପୁସ୍ତକର ରୂପ ନେଇଥିଲା ୧୮୭୨ରେ।’’ (୩) ଶ୍ରୀ ମହାନ୍ତିଙ୍କ ମତରେ 'ଲକ୍ଷ୍ମୀପୁରାଣ' ଲୋକ-ସ୍ୱୀକୃତ ଏକ ପୁରାଣ ଏବଂ ନାରୀର

ISSN NO.
2582-208X


ପୌରୋହିତ୍ୟରେ ଅନୁଷ୍ଠିତ ହେଉଥିବା ହେତୁ ଏହା ଏକ 'ଓଷା'। 'ଲକ୍ଷ୍ମୀପୁରାଣ'ରେ ନାରୀକୁ ତା'ର ଅଧିକାର ଓ ସ୍ୱାଧୀନ ପରିସର ପ୍ରଦାନ ନିମନ୍ତେ ବଳରାମ ଦାସ 'ଲକ୍ଷ୍ମୀପୁରାଣ' ରଚନା କରିଥିଲେ। ମାତ୍ର ପୁରୁଷତାନ୍ତ୍ରିକ ସମାଜରେ କନ୍ୟାକୁ ପୈତୃକ ସଂପତ୍ତିରୁ ବଞ୍ଚିତ କରିବା ପାଇଁ ବିବାହିତା ଝିଅକୁ ମାଣବସା ଲକ୍ଷ୍ମୀପୂଜାର ପ୍ରସାଦରୁ ବଞ୍ଚିତ କରାଯାଏ ବୋଲି ଶ୍ରୀ ମହାନ୍ତି ଯୁକ୍ତି ବାଢ଼ିଛନ୍ତି।

'ଲକ୍ଷ୍ମୀପୁରାଣ କଥା' ପୁସ୍ତକର ଅନୁକ୍ରମରେ ଅସିତ ମହାନ୍ତି 'ଲକ୍ଷ୍ମୀ'ଙ୍କ ଜନ୍ମବୃତ୍ତାନ୍ତ, ନାମକରଣର ଅର୍ଥ, ତାଙ୍କ ରୂପ ଓ ଆୟୁଧ ସଂପର୍କରେ ଆଲୋଚନା କରିଛନ୍ତି। ଓଡ଼ିଶାର ସାମାଜିକ ଜୀବନରେ 'ଲକ୍ଷ୍ମୀପୁରାଣର କଥାବସ୍ତୁ' ଅନୁଯାୟୀ ପୁରୁଷ ଯଦି ନିଜ ସ୍ତ୍ରୀକୁ ଅତ୍ୟାଚାର କରେ ତେବେ ମହାପ୍ରଭୁ ଜଗନ୍ନାଥଙ୍କ ପରି ଶ୍ରୀହୀନ, ଅନ୍ନ-ଜଳ ନପାଇ ହତଲକ୍ଷ୍ମୀ ହେବା ପରି ଲୋକବିଶ୍ୱାସକୁ ସଂଯୋଜିତ କରି ଦେଇଛନ୍ତି। ଜଗନ୍ନାଥ ଲକ୍ଷ୍ମୀଙ୍କୁ ଦୋଚାରୁଣୀ ଓ ଚଣ୍ଡାଳୁଣୀ ନାମିତ କରିବାରେ ଲକ୍ଷ୍ମୀ ମନ୍ଦିର ଛାଡ଼ି ଅନ୍ୟତ୍ର ରହିଛନ୍ତି। ନାରୀର ସ୍ୱାଭିମାନକୁ ପୁରୁଷ ଅହଂବୋଧ ଅସ୍ୱୀକାର କରିଥିଲେ ହେଁ ନାରୀଟିଏ ନିଜର ସ୍ୱାଭିମାନ ଛାଡ଼ିବା ପାଇଁ ପ୍ରସ୍ତୁତ ହୋଇନାହିଁ। ପରିଶେଷରେ ଶ୍ରୀଜଗନ୍ନାଥ ଓ ବଡ଼ଭାଇ ବଳଭଦ୍ର ମହାଲକ୍ଷ୍ମୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। 'ଚଣ୍ଡାଳୁଣୀ' କହି ଅପମାନିତ କରିଥିବା ଲକ୍ଷ୍ମୀଙ୍କ ହାତରୁ ଭୋକବିକଳିଆ ଦୁଇଭାଇ ଭୋଜନ କରିବା ପ୍ରସଙ୍ଗ ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ' ରଚନାର ମୂଳ ଓ ମୁଖ୍ୟ କଥା। 'ମାଇପଛଡ଼ା ପୁରୁଷ ଦରିଦ୍ର କି ହୋଇ'ର ଅନୁଶୋଚନା ସହିତ ନାରୀର ମହତ୍ତ୍ୱ ବୁଝିବା ଓ ନାରୀ ପ୍ରତି ଶ୍ରଦ୍ଧାଶୀଳ ହେବାର ଦୃଷ୍ଟିକୋଣ ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ' ପ୍ରତିଷ୍ଠା କରିଥିବା କଥା ଶ୍ରୀ ମହାନ୍ତି ସିଦ୍ଧ କରିଛନ୍ତି।

ପ୍ରାବନ୍ଧିକ ଅସିତ ମହାନ୍ତିଙ୍କ 'ଲକ୍ଷ୍ମୀପୁରାଣ କଥା'ର 'ଉପସଂହାର' ଭାଗରେ ସଂପୂର୍ଣ୍ଣ ପୁସ୍ତକର ନିର୍ଯ୍ୟାସ ନିହିତ ଅଛି। ଏଥିରେ ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀର ସନ୍ଥ ରାମାନୁଜଙ୍କ ସମୟରୁ ପ୍ରଚଳିତ ଲକ୍ଷ୍ମୀ ଉପାସନା ପ୍ରସଙ୍ଗ ଅବତାରଣା ପୂର୍ବକ 'ଋକ୍‌ବେଦ'ର 'ଶ୍ରୀସୂକ୍ତ' ମନ୍ତ୍ରର ଅର୍ଥପୂର୍ଣ୍ଣ ବ୍ୟାଖ୍ୟା ମଧ୍ୟ କରିଛନ୍ତି।

ବଳରାମଙ୍କ 'ଲକ୍ଷ୍ମୀପୁରାଣ' ଶହଶହ ବର୍ଷ ଭିତରେ ପ୍ରକ୍ଷିପ୍ତ ହୋଇଥିବା ମଧ୍ୟ ଶ୍ରୀ ମହାନ୍ତି ଦର୍ଶାଇଛନ୍ତି। ପରିଶେଷରେ 'ବଳରାମ ଦାସଙ୍କ 'ଲକ୍ଷ୍ମୀ': ସେଦିନରୁ ଆଜି ଶୀର୍ଷକରେ

ISSN NO.
2582-208X

ଆନ୍ତର୍ଜାତିକ ପତ୍ରିକା 'ଡାଇକ୍ରିଟିକ୍ସ' (୨୦୦୮) ଅନ୍ତର୍ଭୁକ୍ତ ଏକ ପ୍ରସଙ୍ଗକୁ ମଧ୍ୟ ତାଙ୍କ ଆଲୋଚନାଭୁକ୍ତ କରିଛନ୍ତି। ପ୍ରଫେସର ସତ୍ୟପ୍ରକାଶ ମହାନ୍ତିଙ୍କ ସେହି ଶୀର୍ଷକ 'ଅଲଟରନେଟିଭ୍ ମଡର୍ନିଟିଜ୍ ଆଣ୍ଡ୍ ମିଡିଏଭାଲ୍ ଇଣ୍ଡିଆନ୍ ଲିଟରେଚର୍ - ଦି ଓରିଆ 'ଲକ୍ଷ୍ମୀପୁରାଣ' ଆଜ୍ ରାଡିକାଲ୍ ପେଡାଗୋଜୀ'ରେ ଶ୍ରୀ ମହାନ୍ତି 'ଲକ୍ଷ୍ମୀପୁରାଣ'କୁ କାଉଣ୍ଟର୍ ହେଜିମିନିକ୍ ଟେକ୍ସଟ, ଅର୍ଥାତ୍ ଏକ ଆଧିପତ୍ୟ-ବିରୋଧୀ ପାଠ ଭାବରେ ଅଭିହିତ କରିଛନ୍ତି। 'ଶ୍ରୀୟା ଚଣ୍ଡାଳୁଣୀ'କୁ ଶୁଚୀତାର ପ୍ରତୀକ ଭାବରେ ମଧ୍ୟ ଗ୍ରହଣ କରିଛନ୍ତି। ଆଚାର୍ଯ୍ୟ ଭାବାନନ୍ଦଙ୍କ 'ଏ ଷ୍ଟଡି ଅଫ୍ ଦି ୱରସିପ୍ ଅଫ୍ ଲକ୍ଷ୍ମୀ ଇନ୍ ଓରିସା' ଲେଖାରେ ଥିବା ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ'କୁ 'କିଂବଦନ୍ତି'ର ଏକ ଅକ୍ଷର କୀର୍ତ୍ତି ବୋଲି ଶ୍ରୀ ଅସିତ ମହାନ୍ତି ସ୍ମରଣ କରିଛନ୍ତି।

'ଲକ୍ଷ୍ମୀପୁରାଣ କଥା' ପୁସ୍ତକର ଉପସଂହାର ଭାଗରେ ଆଲୋଚକ ଅସିତ ମହାନ୍ତିଙ୍କ ନିର୍ଯ୍ୟାସଟି ଅବିସମ୍ବାଦିତ। ଯେଉଁଠି ସେ ଲେଖିକା ତଥା ଗବେଷିକା ବିଦ୍ୟୁତ୍ ମହାନ୍ତିଙ୍କ 'ଲକ୍ଷ୍ମୀ ଦି ରିବେଲ୍'ର ବକ୍ତବ୍ୟକୁ ସମର୍ଥନ କରିଛନ୍ତି। "ଓଡ଼ିଶାର କୃଷିକାରୀ ସଂସ୍କୃତିରେ ଗୃହିଣୀ ବା ଗୃହଲକ୍ଷ୍ମୀଙ୍କର ଭୂମିକା ପରିପ୍ରେକ୍ଷୀରେ କରିଥିବା ଅଧ୍ୟୟନରେ ସେ ଏସିଆ ମହାଦେଶୀୟ ଦେଶଗୁଡ଼ିକର କୃଷିକାରୀ ସଂସ୍କୃତିକୁ ମଧ୍ୟ ଯୋଡ଼ିଛନ୍ତି। ବିଶେଷକରି ଧାନଚାଷକୁ ନେଇ ଗଢ଼ିଉଠିଥିବା ସଂସ୍କୃତି ଓ ଅର୍ଥନୀତି ଏହାର ମୁଖ୍ୟ ଆଧାର। x x x ନାରୀ ସମାଜକୁ ଲକ୍ଷ୍ମୀଙ୍କର ଏହି ସନ୍ଦେଶ-ପୁରୁଷତାନ୍ତ୍ରିକତାର ପ୍ରାଧାନ୍ୟ ମଧ୍ୟରେ ଲକ୍ଷ୍ମୀଙ୍କର ଏହି ଗୋଟିଏ ପ୍ରତିବାଦୀ ସ୍ୱର - ଓଡ଼ିଆ ନାରୀଙ୍କୁ ପ୍ରେରଣାର ଏକ ଉତ୍ସ ଭାବେ ଉଦ୍‌ବୋଧିତ କରିଆସିଛି।" (୪)

ଦୀର୍ଘ ୫୦୦ ବର୍ଷ ପରେ ମଧ୍ୟ ଓଡ଼ିଶାର ଘରେ ଘରେ 'ଲକ୍ଷ୍ମୀପୁରାଣ'ର ଅନ୍ତର୍ନିହିତ ପ୍ରଭାବ ଅକ୍ଷୁଣ୍ଣ ରହିଛି। ସମୟର ବହୁ ଉତ୍‌ଥାନ-ପତନ ପରେ ମଧ୍ୟରେ ଏହା ବିଶ୍ୱର ବିସ୍ତୃତ ପରିଧିରେ ପହଞ୍ଚିଛି। ଏହି ବିଶ୍ୱାୟନ ହିଁ ଆମର ଅସ୍ମିତା। ବଳରାମ ଦାସ କୃତ ଲକ୍ଷ୍ମୀପୁରାଣରେ ଥିବା ଅସୀମିତ ମୂଲ୍ୟବୋଧ, ଐତିହ୍ୟ, ପରମ୍ପରାର ସମୁଚ୍ଚ ତତ୍ତ୍ୱ, ଅମୂର୍ତ୍ତ ଗୁଣବତ୍ତା ତାକୁ ବିଶ୍ୱାୟନର ଗତିଶୀଳତା ପ୍ରଦାନ କରିଛି। ଓଡ଼ିଆ ଭାଷାର ଆଞ୍ଚଳିକ ପରିଧିରୁ ଉଦ୍ଧାୟିତ ହୋଇ ତା'ର ଅନ୍ତର୍ନିହିତ ହିତଚୈତ୍ତିକ ଉଦ୍‌ଭାସ 'ଲକ୍ଷ୍ମୀପୁରାଣ କଥା'କୁ କରିଛି କାଳଜୟୀ ଓ ଶାଶ୍ୱତ।

ISSN NO.
2582-208X

ସହାୟକ ପ୍ରାନ୍ତଟୀକା:

୧. Edward Hirsch – A Poet's Glossary – Newyork–1003–2014–P:03
୨. ତତ୍ରୈବ – P:06
୩. ମହାନ୍ତି ଅସିତ – ଲକ୍ଷ୍ମୀପୁରାଣ କଥା – ଆମ ଓଡ଼ିଶା – ୨୦୨୩ – ପୃ:୨୧
୪. ତତ୍ରୈବ – ପୃ:୩୪
୫. ମହାନ୍ତି ଅସିତ – ଲକ୍ଷ୍ମୀପୁରାଣ କଥା – ଆମ ଓଡ଼ିଶା – ୨୦୨୩ – ପୃ:୨୦୬

(((-)))

ସ୍ନାତକୋତ୍ତର ଓଡ଼ିଆ ଭାଷା-ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ମୋ: ୯୪୩୮୨୯୪୧୮

ISSN NO.
2582-208X

# ଜହ୍ନର ଲୁହରେ ପ୍ରେମର ଠିକଣା



ବିଶ୍ୱନାଥ କର

ବିଶ୍ୱାସର ଭଗ୍ନ ଦୁର୍ଗରେ ମଉଳି ଯାଉଛି
ରକ୍ତଜବାର ପାଖୁଡା
ଖୋଜୁଛି ପ୍ରେମର ସଂଜ୍ଞା
ଅସହାୟ ବିଧୂମିତ ରାତିର କୋହରୁ
ଜହ୍ନର ଲୁହରୁ ।

ଏ ଲୁହ ଭଲ ପାଇବାର କି ପ୍ରତାରଣାର
ଏ ଲୁହ ପ୍ରେମର କି ପ୍ରେମର ଫସିଲ୍ ର
ଝରା ଫଗୁଣର
ମୁଠା ମୁଠା ବିଶ୍ୱାସ ରେ ଲଦି ହୋଇଥିବା ସ୍ୱପ୍ନ
ଲୁହ ହୋଇ ଝରେ ଜହ୍ନର ଆଖିରୁ ।

ଇତିହାସ ପୃଷ୍ଠାରେ କେତେ ପ୍ରେମର ହସ୍ତାକ୍ଷର
ମଧୁମୟ କରି ଦେଇଛି ଜୀବନର ପରିଭାଷା
ଲିଭେଇ ଦେଇଛି ଭାଷାକୋଷରୁ ଅପ୍ରେମର ଶବ୍ଦ
ସ୍ୱପ୍ନ ମୁଖର ରାତି ତନ୍ଦ୍ରାହୀନ ପ୍ରୀତି ଜଣେଇ ଦେଇଛି
ଏ ଜୀବନ ମରିବା ପାଇଁ ନୁହେଁ

ISSN NO.
2582-208X

ବଞ୍ଚିବା ପାଇଁ କେବଳ ବଞ୍ଚିବା ପାଇଁ
ମଧୁମାଳତୀର ମହକରେ ଭିଜି ।

ପ୍ରେମ କ'ଣ ଦେଇପାରେ ପ୍ରେମୀର ଆଖିରେ ଲୁହ
ନିଜ ହାତରେ ଲିଭେଇ ହୁଏନା ପ୍ରେମର ବିଶ୍ୱାସ
ନୀଳ ଧ୍ରୁବତାରାର ଭାଷ
ବାଟ ସରିଯାଏ ହେଲେ ପ୍ରେମ ତ ସରେନା
ବସନ୍ତର ବୟସ ମରେନା ।

ଦୃଶ୍ୟାନ୍ତରରେ ହଜେନା ଭଲ ପାଇବାର ଠିକଣା
ଋତୁଙ୍କ ପାଦଚିହ୍ନର ଠିକଣା ଲିଭେନା
ଭଲ ପାଇବା ଏକ ସୂକ୍ଷ୍ମ ରଜ୍ଜୁରେ ଅଛିଣ୍ଡା ସମୟର ମାଳା
ଲୁହ ନାହିଁ ଲୁହ ନାହିଁ
ଜହ୍ନର ଆଖିରୁ କେବେ ଲୁହର ଲହଡି ନାହିଁ
ଜହ୍ନର ଲୁହରେ ବି
ପ୍ରେମର ଠିକଣା କେବେ ଖୋଜିଲେ ମିଳେନି ।

(((-)))

ସାଇ କଲୋନୀ, ଦେଉଳ ସାହି,
ତୁଳସୀ ପୁର, କଟକ -୮
ସମ୍ପର୍କ 9776332639

ISSN NO.
2582-208X

# ମାଣ୍ଡବୀ



ଆରତୀ ସାହୁ (ଆଶା)

(ଭାଗ - ୯)

ଖୁବ୍ ଡର ଲାଗୁଥିଲା ମୋତେ ଶାଶୁଘର କଥା ଭାବି। ଚଗଲି ସଖିମାନେ ମୋର ଶାଶୁଘର ବିଷୟରେ ମୁଣ୍ଡରେ ଏମିତି ଅଦ୍ଭୁତ ଖିଆଲ ଓ ବନେଇ ଚୁନେଇ କାହାଣୀ ସବୁ ପୁରେଇଥିଲେ ଯେ, ସତେ ଯେମିତି ସେଟା ଶ୍ୱଶୁରାଳୟ ନୁହେଁ, ଯମାଳୟ। ଶାଶୁ ନଣନ୍ଦଙ୍କ ଗଞ୍ଜଣା, ଶ୍ୱଶୁର ଦିଅରଙ୍କ ଅଦଉତି ବିଷୟରେ ଶୁଣି ଶୁଣି ମୋର କଲିଜା ଥରୁଥିଲା।

ପୁରୁଣା କାଳିଆ ବୁଢ଼ୀ ମାନଙ୍କ ପାଖରେ ବସି ମୋତେ ପରପଞ୍ଚିଆ ଗପ ଶୁଣିବାକୁ ଭାରି ଭଲ ଲାଗୁଥିଲା, ପିଲାବେଳେ। ସେହି ସବୁ ଦିପହରିଆ ଗପୁଡ଼ି ମହଲରେ ଆ ଘର ତା ଘର କଥା ପଡୁଥିଲା। ଖରାବେଳ ସାରା ମୁଁ ଲୁଚି ପଳେଇ ଯାଉଥିଲି ବୁଢ଼ୀ ମହଲକୁ। କାନଡେରି ଶୁଣୁଥିଲି ଗୁଲିଗପ ।

- ଆଲୋ, ଶୁଣିଲଣି? ସେଇ ଗଦା ମାଆ ବା, ତାଙ୍କ ବୋହୂଟାକୁ ଖଟେଇ ଖଟେଇ ମାରି ସାଇଲାଣି। ପାନରେ ଚୂନ ବୋଲୁ ବୋଲୁ ଜଣେ କୁହେ।

- ଆଲୋ ନାନୀ, ତାଙ୍କର ପା ପୋଇଲି ପରିବାରି ଏତେ ଲୋକ। ଗୋଡ଼ ଧୋଇବାକୁ ଜଣେ, ତାକୁ ପୋଛି ବାକୁ ଆଉ ଜଣେ ? ଖାଁ ସଜାଡ଼ିବାକୁ ଜଣେ, ପୁଣି ଦୋସର ଦେବାକୁ ଆଉଜଣେ ? ଏଡ଼େ ବଡ଼ ଲୋକ ଦେଖାଇ ହୁଅନ୍ତି ପା ।ପାନପିକକୁ ପିଚକିନା ପିକଦାନୀରେ ପକେଇ ଆଉ ଜଣେ ପଚାରେ।

ISSN NO.
2582-208X

– ହଁ ମ, ବଡ଼ ଘର ବଡ଼ ଗୁମର କଥା, ତାକୁ ଖୋଲିବାକୁ ନାହିଁ ମୋ ମଥା।

– ମଲା, ରାଜାଘର ମାନଙ୍କରେ ଭି ଏମିତି ହେଉଛି ବା । ଆଉ ଗଦା ଘର ତ ବେପାରୀ ଲୋକ। ଖାଲି ଧନ ପୁଳାଏ ଥିଲେ କଣ ହେବ ? ଅସଲ ଜିନିଷ ହେଉଛି ମନ ।

– ହଁ ଲୋ ନାନୀ, ଶାଶୁଘରେ ତ ଘରକରା ନୁହେଁ ଯେ ଜଖମରା।

– ଆଲୋ ଦେଖ ଲୋ, ଏ ମଝିଆଁ ଜେମା କେତେବେଳୁ ଆସି ଗପ ଶୁଣୁଛନ୍ତି। ସେ ଶଙ୍ଖି ଜାଇଁଲେ ଏଖୁଣି ସାତ ପୁରୁଷ ଉଝାଳି ପକେଇବ। ଯାଏଁ, ତାଙ୍କୁ ଛାଡ଼ି ଆସେ। ଭାରି ଖୁରଖୁରି ଏଇ ମଝିଆଁ ଜେମା। ଗୋଡ଼ରେ ଯେମିତି ଚକ ନାଗିଛି।

– ଭାରି ମିଶାଣିଆଁ କିନ୍ତୁ ଏଇ ମାଣ୍ଡବୀ ଜେମା ଆମର। ମନଟା ସୁନା ପରି ସୁନ୍ଦର।

ଏମିତି ନଗା ନୁତୁରିଆ କଥା ଶୁଣେ ବୋଲି ମୋ ମାଆ ଭାରି ପାଟି କରୁଥିଲା। ବଡ଼ ମାଆ କିନ୍ତୁ କୋଳକୁ ଆଉଜେଇ ନେଇ କହୁଥିଲା, ବଡ଼ ହେଲେ ବଳେ ବୁଝିବ ନାଇଁ?

କିନ୍ତୁ ସେଇ ଛୁଆ ବେଳେ ଶୁଣିଥିବା କଥା ସବୁ ଓଦା ମାଟିରେ ଛାପିଲା ପରି ଛାପି ହେଇ ରହି ଯାଇଥିଲା । ବର୍ତ୍ତମାନ ତ ପକ୍କା ଇଟା ପରି ପୁରା ପାକଳ।

କିନ୍ତୁ ଏଠି ତ ଶାଶୁଘର ପରି ଜମା ଲାଗୁ ନଥିଲା । ଆମେ ସେହିପରି ଖେଳିବୁଲି ସମୟ କାଟୁଥିଲୁ। କୋଉଥିରେ ବାରଣ ନଥିଲା। ଆମକୁ ଆହୁରି ଜଣେ ସ୍ନେହୀ ବଡ଼ଭଉଣୀ ମଧ୍ୟ ମିଳି ଯାଇଥିଲେ । ଶାନ୍ତା, ହଁ ଶାନ୍ତା ନାନୀ । ଚାରି ଭାଇରେ ଏକମାତ୍ର ସୁନାନାକୀ ଭଉଣୀ ଶାନ୍ତା। ତାଙ୍କ ବିଷୟରେ ଅନେକେ ଜାଣି ନଥିବେ।

କେତେ ସତ ମୁଁ ଜାଣିନି, ଅଯୋଧ୍ୟାର ସେଇ ମହିଳା ମଣ୍ଡଳୀ ମାନଙ୍କ ଦୟାରୁ ଶୁଣା ଶୁଣି କଥା। ଶାନ୍ତା ନାନୀଙ୍କୁ କୁଆଡ଼େ ଆମ ବାପା, ମାନେ ଆମ ଶ୍ୱଶୁର ଦାନ ଦେଇ ଦେଇଥିଲେ ଅଙ୍ଗ ଦେଶର ରାଜା ରୋମପାଦଙ୍କୁ। କାରଣ ଗେଲରେ ଗେଲରେ ସେ କହିଦେଇଥିଲେ ସେହି ନିଃସନ୍ତାନ ଦମ୍ପତିକୁ ଯେ ତାଙ୍କର ପ୍ରଥମ ଛୁଆକୁ ତାଙ୍କୁ ଦାନ ଦେଇଦେବେ। ଆଉ ରଘୁକୁଳ ରୀତି ଅନୁସାରେ ସେ ବଚନ ପାଳନ ବି କରିଥିଲେ। ଶାନ୍ତାଙ୍କର ବିବାହ

ISSN NO.
2582-208X

ହେଇଥିଲା ଋଷି କଶ୍ୟପଙ୍କ ନାତି ଋଷ୍ୟଶୃଙ୍ଗ ସହିତ। ତାଙ୍କ ମଥାରେ ସିଂଗ ପରି ଏକ ଆକୃତି ଥିବାରୁ ଏମିତି ନାମକରଣ ହୋଇଥିଲା।

କାଳାନ୍ତରରେ ରାଜା ଦଶରଥ ତାଙ୍କରି ପୁରୋଧାରେ ପୁତ୍ରେଷ୍ଟି ଜଜ୍ଞ କରି ଏଇ କରିତ୍ କର୍ମା ବୀର ପୁଙ୍ଗବ ଚାରି ଭାଇଙ୍କୁ ପାଇଥିଲେ। ଜଜ୍ଞରୁ ଚରୁ ବାହାରିଥିଲା, ସେସବୁ କେମିତି ତିନି ରାଣୀଙ୍କ ଭିତରେ ଭାଗବଣ୍ଟରା ହେଇଥିଲା ସେକଥା ଆଉ ମୋର କହିବା ଆବଶ୍ୟକ ନାହିଁ ବୋଧେ।

ଶାନ୍ତାନାନୀ ବହୁତ ସ୍ନେହୀ ଥିଲେ। ଆମେ ସମସ୍ତେ ମିଶି ପଶା ଖେଳୁଥିଲୁ। ବହୁତ ଖୁସିରେ ଦିନ ସବୁ ବିତୁଥିଲା। ଆଜି ବାଟିକା, କାଲି ସରଜୁ ନଦୀରେ ନୌକା ବିହାର, ପରଦିନ ପାରିଧି, ତା ପରଦିନ ନଗର ଭ୍ରମଣ ଏହି ସବୁରେ ଆମର ଦିନ ଗଡୁଥିଲା ସାଇଁ ସାଇଁ।

ଆମର ମାମୁଁ ଶ୍ୱଶୁର ଘରୁ ଡକରା ଆସିଲା ଦିନେ । କୈକେୟ ଦେଶରୁ । ଭରତ ତ ଖୋଜି ବୁଲୁଥିଲେ କେମିତି ମୋ ସହିତ ଏକାନ୍ତରେ ରହିବେ। ମନ୍ଦୁ ଖୋଜୁଥିଲା .....ତୁରନ୍ତ ରାଜି ହେଇଗଲେ। କିନ୍ତୁ ଶତୃଘ୍ନ ମଧ୍ୟ ଯିବାକୁ ବାହାରିଲେ, କାରଣ ଭରତଙ୍କ ସ୍ନେହରେ ବାଇଆ ସେ। ଶ୍ରୁତି ମଧ୍ୟ ବାହାରିଲା। ଭରତଙ୍କ ମୁହଁ ଏଡ଼େ ଟିକିଏ ହେଇ ଯାଉଥିଲା। ଅଲାଜୁକ ପରି ଥରେ କହି ମଧ୍ୟ ଦେଲେ, – ତୁମେମାନେ ଆଉଥରେ ଗଲେ ହବନି ?

ଭାଇ କିନ୍ତୁ ମଝିରେ ପଡ଼ି ଆଦେଶ ଦେଲା ପରି କହିଲେ, – ହଇରେ, ସେ କେବେ ତୋତେ ଛାଡ଼ି ରହିଛି ନା ରହି ପାରିବ ? ଯାଉ ସେ ବି, ପିଲାଲୋକ, କେଡ଼େ ମନ କରିଛି।

ଭରତଙ୍କ ମୁହଁ ଦେଖିବା ପରି, ମୋ ପାଟିରୁ ଫେଁ କିନା ହସ ବାହାରି ପଡ଼ିଲା। ଭାଇଙ୍କର ଆଦେଶ ମାନେ, ଆଉ ଉଁ ଚୁଁ ହେବାର ନାଇଁ।

ସେଦିନ ରାତିଟା ଭରତ ମୋ ସହିତ ତୁଣ୍ଡେଇଲେ ନାଇଁ, ଆଲୋ ମୁଁ କଣ କଲି ? ହେଲେ ଭରତଙ୍କ ରାଗଟା ପାଣି ଫୋଟକା। ଟିକେ ଚହଲିଗଲେ ଫସ୍ କିନା ଫାଟିଯାଏ।

ତା ପରଦିନ ଆମର ଯାତ୍ରା ଆରମ୍ଭ ହେଲା କୈକେୟ ଦେଶର ରାଜଧାନୀ ଗିରିବ୍ରଜ ଉପଲକ୍ଷେ । ବହୁତ ସୁନ୍ଦର ସ୍ଥାନ ଗିରିବ୍ରଜ । ସୁଜଳା ସୁଫଳା ଶସ୍ୟ ଶ୍ୟାମଳା ପ୍ରଦେଶ ଏହା । ଅନେକ ନଦନଦୀ ଏଠାରେ । ବର୍ଷର ଅଧିକାଂଶ ସମୟ ଶୀତ ପଡ଼େ । ମାମୁଁ

ISSN NO.
2582-208X

ଘରେ ଆଦର ସତ୍କାର ପାଇ ମୁଁ ନିଜକୁ ଭାଗ୍ୟବତୀ ଭାବୁଥାଏ। ଅଜା ଅଶ୍ୱପତି ଓ ଆଇ ଶୁଭଲକ୍ଷଣାଙ୍କ ଗୋଡ଼ ତଳେ ପଡୁ ନଥାଏ, ନାତି ଓ ନାତୁଣୀ ବୋହୂକୁ ପାଖରେ ପାଇ । ଆମେ ଚାରିଜଣଯାକ ସେଠାରେ ଖୁବ୍ ମଜା କଲୁ ।

ଆମର ହସଖୁସିରେ ଗ୍ରହଣ ଲାଗିଗଲା ନା କାହାର ନଜର ଲାଗିଗଲା କେଜାଣି । ହସଖୁସିରେ ଦିନ ସବୁରେ ଯେ ଦାରୁଣ ଦୁଃଖର ବାଦଲ ଘୋଟି ଆସିବ ଏତେ ଶୀଘ୍ର, ଆମେ କଳ୍ପନା ସୁଦ୍ଧା କରି ନଥିଲୁ । ଏମିତି କଣ ପୋକ ମାରିଯାଏ ଶାଗୁଆ ଛନଛନ ହେଇ ବଢୁଥିବା ସୁଖ ଆନନ୍ଦର ଲଟାରେ? ଅସମୟରେ ନିଦାଘ ମାଡ଼ି ଆସେ? ଶାନ୍ତ ସୁନୀଳ ସମୁଦ୍ରରେ ଦୁଃଖର ଜୁଆର ମାଡ଼ି ଆସି ଜୀବନକୁ ଖିନଭିନ କରିଦିଏ ? ଶୁଖିଲା ମେଘରୁ ଚଡ଼କ ପଡ଼େ? ଆମ ଜୀବନରେ ବି ଦାରୁଣ ସମୟର ଜୁଆର ମାଡ଼ି ଆସି ଜୀବନର ସବୁକିଛି ଅର୍ଥକୁ ଅନର୍ଥ କରିଦେଲା। ସମ୍ପର୍କ ମାନଙ୍କୁ ଭିତରେ ଭିତରେ ଘୁଣ ଖାଇଗଲା।

ଦିନେ ଆମେ ଚାରିଜଣ ଓ ମାଈଁ ମାନେ ମିଶି ପଶା ଖେଳୁଥାଉ। ଅଜା ଆଇ ବସି ଦେଖୁଥାଆନ୍ତି । ଭରତ ବଡ଼ ଗୁନ୍ଥୁରିଆ। ଗୋଟି ମାନଙ୍କୁ ଏମିତି କାଇଦାରେ ଚାଳୁଥାନ୍ତି ଯେ ତାଙ୍କ ଗୋଳେଇବା ଜଣା ପଡୁ ନଥାଏ। ସବୁବେଳେ ମୋତେ ହରାଉଥାନ୍ତି। ଥରେ ସେମିତି ଗୁନ୍ଥୁରାଉ ଗୁନ୍ଥୁରାଉ ଅଜା ଧରି ପକେଇ ମୋତେ କହି ଦେଲେ । ମୋତେ ଏତେ ରାଗ ଲାଗିଲା ଯେ ସବୁ ଘାଣ୍ଟି ଦେଲି ଓ ମୋର ତୀକ୍ଷ୍ଣ ନଖରେ ଭରତଙ୍କ ହାତକୁ ବିଦାରି ଦେଲି।

ଠିକ୍ ଏତିକି ବେଳେ ଦୂତ ଆସି ଏମିତି ଏକ ଦାରୁଣ ସମ୍ବାଦ ଦେଲା ଯେ ଭରତଙ୍କୁ ପୁରା ଭିତରୁ ଭାଙ୍ଗିରୁଜି ପକେଇଲା। ଭରତଙ୍କ ସ୍ୱଭାବକୁ ସବୁଦିନ ପାଇଁ ବଦଳାଇ ଦେଲା। ନଟଖଟିଆ, ହସକୁରା ଭରତଙ୍କୁ କରିଦେଲା ଗମ୍ଭୀର ଓ କଠୋର। ମୋର ହସଖୁସିରେ ଦୁନିଆରେ ନିଆଁ ଲାଗି ଯାଇଥିଲା।

ଆମେ କେତେ ଖୁସି ଥିଲୁ ଯେ ଆମେ ଗଲାପରେ ବଡ଼ ଭାଇଙ୍କୁ ଯୁବରାଜ ରୂପେ ଅଭିଷିକ୍ତ କରା ହେବ । ମୁଁ ଜାଣିଥିଲି ଭରତଙ୍କ ମନ କେବେହେଲେ ରାଜକାର୍ଯ୍ୟରେ ଲାଗି ନଥାନ୍ତା । ଏତେ ଉତ୍ତରଦାୟିତ୍ୱ ସେ କେବେ ହେଲେ ନେଇ ପାରି ନଥାନ୍ତେ । ସେ କହୁଥିଲେ, – ମାଣ୍ଡବୀ, ଆମେ ସବୁଦିନେ ଏମିତି ଜୀବନକୁ ଉପଭୋଗ କରିବା । ଏମିତି ମୁକ୍ତ

ISSN NO.
2582-208X

ଆକାଶରେ ଘୁରି ବୁଲିବା । ଆକାଶର ନୀଳିମାକୁ ଛୁଇଁବାକୁ ଚେଷ୍ଟା କରିବା । ସାଗରର ଗଭୀରତା ମାପିବା ।

- ଆଉ ରାଜକାର୍ଯ୍ୟ ?

- ହୁଶ୍, ସେ ଦାୟିତ୍ୱ ମୋର କିଏ ନେବ ? ବଡ଼ ଭାଇ ସେସବୁ ଚଳେଇବେନି କି ?

- ଆଉ ରାଜ୍ୟର ସୁରକ୍ଷା ?

- ସେସବୁ ପାଇଁ ଲକ୍ଷ୍ମଣ ଅଛି ନା ? ପ୍ରଥମ କଥା ତ ଭାଇ ରାଜା ହେଲେ ରାଜ୍ୟ ଛାଁ କୁ ସୁରକ୍ଷିତ ହେଇ ଯିବ। ଆଉ ସେ ଲଢେଇ ଝଗଡ଼ା, ଯୁଦ୍ଧ ଫିସାଦିରେ ମୋର କିଏ ପଡ଼ିବ ରେ ବାବା ? ଦରକାର ପଡ଼ିଲେ ଲକ୍ଷ୍ମଣ ଦେଖିବ ନହେଲେ ଶତୃଘ୍ନକୁ ଲଗେଇଦେବା ।

କିନ୍ତୁ ଆମେ ଭାବିଥିଲୁ କଣ, ଆଉ ହେଲା କଣ ? କାରଣ ଜାଣିବାକୁ ମୁଁ ଉଦଗ୍ରୀବ ହେଇ ପଡୁଥିଲି । ଏମିତି ଅସମ୍ଭବ ଓ ବିପରୀତ କଥା କେମିତି ହେଲା ଯେ, ବଡ଼ ଭାଇ, ଲକ୍ଷ୍ମଣ ଓ ନାନୀଙ୍କୁ ବନବାସ ଦିଆ ଗଲା। ସେ ତ ଯାହା ହେଲା, ଆହୁରି ବିପର୍ଯ୍ୟୟ ଏହା ଯେ ସେଇ ଦୁଃଖ ସହି ନପାରି ଶ୍ୱଶୁର ଦଶରଥ ଏ ନଶ୍ୱର ଧରାଧାମକୁ ତ୍ୟାଗ କରିଥିଲେ।

ଭରତ ଏକାବେଳକେ ଭାଙ୍ଗି ପଡ଼ିଲେ। ମୁଁ କେମିତି ତାଙ୍କୁ ସମ୍ଭାଳି ଅଯୋଧ୍ୟା ନେବି ମୋତେ ବୁଦ୍ଧି ବାଟ ଦେଖା ଯାଉ ନଥିଲା। ଶତୃଘ୍ନଙ୍କ ଅବସ୍ଥା ମଧ୍ୟ ତଦ୍ରୁପ। ଶ୍ରୁତି ବିଚାରୀ କାନ୍ଦି କାନ୍ଦି ଧକଉ ଥାଏ। ଅଜା ଆଇଙ୍କ ଦୁଃଖ ତହୁଁ ବଳି। ତାଙ୍କର ଏକମାତ୍ର ଝିଅର ବୈଧବ୍ୟ, ପୁଣି ସେମାନେ ବଞ୍ଚି ଥାଉଁ ଥାଉଁ। ଓଃ ଏହାଠାରୁ ବଳି ଦୁଃଖ ଆଉ କ'ଣ ହେଇପାରେ।

କ୍ରମଶଃ ......

((( - )))

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ଆ ଲୋ
# ବରଷା ରାଣୀ



ଡ. ଅର୍ଜୁନ ଚରଣ ବାରିକ୍

ଆସ ଲୋ ବରଷା ରାଣୀ ।
ଆସିଲେ ଥଣ୍ଡା ଧରଣୀ ।।
ଲୋ ବରଷା ରାଣୀ ଜାଣି ।
ବରଷି ଯାଆ ତୁ ପାଣି ।।
ରବି ତାପ କର ହାନୀ ।
ଷାଠିଏ ଦିବସ ଜାଣି ।।
ରାତି ଦିବା ଦିଅ ପାଣି ।
ନୀପ ନୀମ ମୂଳେ ଜାଣି ।।
ଶୀତଳତା ଦିଏ ଆଣି ।
ତନୁରେ ପୁଲକ ଟାଣି ।।
ଲଭ ସର୍ବ ସୁଖ ଖଣି ।
କରଣୀ ତୋ ସର୍ବେ ଜାଣି ।।
ରହିବେ ତୋ ପାଖେ ଋଣୀ ।
ଧଳା କଳା ଏ ଧରଣୀ ।।
ରଖ ସବୁଜିମା ବୁଣି ।
ନୀଳ ହେଉ ଏ ଧରଣୀ ।।

(((–)))

ଗ୍ରାମ ମହୁ, ଡାକ ମହୁ, କେନ୍ଦ୍ରାପଡ଼ା
ମୋ: ୯୯୩୭୯୯୦୫୯୯

ISSN NO.
2582-208X



# ସାମ୍ପ୍ରତିକ ଓଡ଼ିଆ କବିତାରେ ପ୍ରକୃତି:ଚିତ୍ର ଓ ଚେତନା



ପ୍ରିୟଦର୍ଶିନୀ ପଲେଇ

**ଉପକ୍ରମ:**

ପ୍ରକୃତି ସମଗ୍ର ଜୀବଜଗତର ଧାତ୍ରୀ। ପ୍ରକୃତି ବିନା ସୃଷ୍ଟି ଅସମ୍ଭବ ମନେ ହୁଏ। କୀଟ ପତଙ୍ଗ ଠାରୁ ଆରମ୍ଭ କରି ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତେ ପ୍ରକୃତି ଦ୍ୱାରା ପରିପାଳିତ। ପ୍ରକୃତି ପରିବେଷ୍ଟିତ ଜୀବ ଜଗତକୁ ଆଧାର କରି ସମାଜ ଗଠିତ ହୋଇଛି। ସାହିତ୍ୟ ଓ ସମାଜ ସର୍ବଦା ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। ଓଡ଼ିଆ ସାହିତ୍ୟରେ ପ୍ରକୃତିର ସ୍ଥାନ ସ୍ୱତନ୍ତ୍ର ପ୍ରକୃତିର କାମକାନ୍ତ ସ୍ୱଭାବ ସ୍ରଷ୍ଟା ର ପ୍ରବୃତିକୁ ଉତ୍ସାହିତ କରିବା ବେଳେ ନଦୀ,ନାଳ, ବନରାଜି ମାଳା,ପକ୍ଷୀ, ଚନ୍ଦ୍ରତାପ ଆମର ଭିନ୍ନଭିନ୍ନ ଅବସ୍ଥାକୁ ପ୍ରଭାବିତ କରିଥାଆନ୍ତି।ପ୍ରକୃତି ସମ୍ପ୍ରୀତି କବି ଦୃଷ୍ଟିର ଏକ ଅନନ୍ୟ ଉପଲବ୍ଧି। ଓଡ଼ିଆ କବିତାରେ ପ୍ରକୃତିର ରୂପ ବର୍ଣ୍ଣନାର ଏକ ପ୍ରଲମ୍ୱିତ ଧାରା ଦେଖିବାକୁ ମିଳେ।ସାରଳା ଦାସଙ୍କ ମହାଭାରତରୁ ଆରମ୍ଭ କରି ପଞ୍ଚସଖୀୟ ସାହିତ୍ୟ,ପୁଣି ଭଞ୍ଜଙ୍କର ଋତୁ ବର୍ଣ୍ଣନା ଠାରୁ ଆରମ୍ଭ କରି ରାଧାନାଥୀୟ 'ଚିଲିକା' ପର୍ଯ୍ୟନ୍ତ ପ୍ରକୃତି ଓଡ଼ିଆ କାବ୍ୟ ସାହିତ୍ୟରେ ନିଜର ପ୍ରାଧାନ୍ୟ ବିସ୍ତାର କରିପାରିଛି।ତେବେ ୧୯୪୭ ମସିହା ପରେ ଓଡ଼ିଶାର ପାରିପାର୍ଶ୍ୱିକ ପାଣିପାଗ ଆଧୁନିକ ମଣିଷ ଜୀବନରେ ଆଣିଥିଲା ଏକ ବୈପ୍ଲବିକ ପରିବର୍ତ୍ତନ ଏବଂ ଏହି ପରିବର୍ତ୍ତନର ଛାପ ଛାଡିଥିଲା ଓଡ଼ିଆ ସାହିତ୍ୟରେ । ଆଧୁନିକ ମଣିଷ ଏକ ଛିନ୍ନମୂଳ ମଣିଷ ଯନ୍ତ୍ରଣା ଜର୍ଜରିତ ଜୀବନରୁ ମୁକ୍ତି ଚାହୁଁଥିବା ସମୟରେ ପ୍ରକୃତି ତା'ର ଅଧାଭଙ୍ଗା ମନରେ ନୂଆ ଆଶା ସଞ୍ଚାର କରେ। ପ୍ରକୃତି ପୁଣି ଜଣେ ପ୍ରବୃଦ୍ଧ ମଣିଷକୁ ଅତୀତର ସେହି ଚପଳ ବାଳକରେ ପରିଣତ କରିଦିଏ। ପୁଣି କେଉଁଠି ବସନ୍ତ ଆସୁଛି କୁକୁଡ଼ାର ଦେହରେ ଧକ୍କା ଖାଇ।ପୁଣି କେଉଁଠି ବସନ୍ତ ଗୋଟିଏ ରୋଗର ନାମ। ପୁଣି ବ୍ୟର୍ଥତାର ନାମ ମଧ୍ୟ ବସନ୍ତ। ବସନ୍ତ ନିଜେ ଗୋଟିଏ ଦୁଃଖ। ଏହିଭଳି କିଛି ବୈଚିତ୍ର୍ୟ ମଧ୍ୟରେ ସାମ୍ପ୍ରତିକ କବିତାରେ ପ୍ରକୃତିର ଚିତ୍ର ବିଭିନ୍ନ ଚେତନା ମାଧ୍ୟମରେ ପ୍ରତିଫଳିତ।

ISSN NO.
2582-208X

୧.ପ୍ରକୃତିଭିତ୍ତିକ ପ୍ରେମ କବିତା:

ପ୍ରେମ ଓ ପ୍ରକୃତି ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। କିନ୍ତୁ ସାମ୍ପ୍ରତିକ ସମୟରେ ପ୍ରେମର ପରିଭାଷା ଏବଂ ସେଥି ମଧ୍ୟରେ ପ୍ରକୃତିର ଚିତ୍ର ଅନେକ ମାତ୍ରା ରେ ପରିବର୍ତ୍ତିତ ରୂପ ପରିଗ୍ରହଣ କରିଛି।କବି ସଚ୍ଚିଦାନନ୍ଦ ରାଉତରାୟ ଙ୍କ 'ଭାନୁମତୀ ର ଦେଶ'(୧୯୪୯) କବିଙ୍କ ମାନସର ବାସ୍ତବବାଦୀ ରୋମାଣ୍ଟିକ ସ୍ୱର ବହନ କରିଛି। 'ଭାନୁମତୀ ର ଦେଶେ' କବିତାଟି ଅତ୍ୟାଧୁନିକ କୃତ୍ରିମ ସହର ଜୀବନୀ ଓ ନିଛକ ପ୍ରକୃତି ଶୋଭାରେ ପରିପୂର୍ଣ୍ଣ ପଲ୍ଲୀ ଜୀବନୀ ମଧ୍ୟରେ ସଂଘର୍ଷରତ କବିତାଟିଏ। ବିନତା ଯନ୍ତ୍ର ସଭ୍ୟତାର ଅତ୍ୟାଧୁନିକ ନାରୀ ଆଉ ତରଙ୍ଗ ପଲ୍ଲୀର ସୌନ୍ଦର୍ଯ୍ୟରେ ବିମୁଗ୍ଧ ପୁରୁଷ । ଉଭୟ ଙ୍କ ମଧ୍ୟରେ ପ୍ରେମ ଭାବ ଉଦୟ ହୁଏ। ମାତ୍ର ଉଭୟ ଉଭୟଙ୍କର ପ୍ରତୀକ କୁ ଛାଡ଼ିବାକୁ ନାରାଜ।

ଏ କବିତାରେ କବିଙ୍କର ପ୍ରକୃତି ପ୍ରତି ଥିବା ଦୁର୍ବଳତାକୁ ଅନୁମାନ କରିହୁଏ। କାବ୍ୟର ପ୍ରଥମରେ କବିଙ୍କର ଚମତ୍କାର ବର୍ଣ୍ଣନା -

"ଭାନୁମତୀ ର ଶ୍ୟାମ ସ୍ନିଗ୍ଧ ଚରା
ମଝିରେ ତା'ର ଏପ୍ରିଲ୍ ସକାଳର
ନେଳିଆ ଫୁଲର ଚଉତରା ।

କବି ପ୍ରକୃତିର ଉପମା ପ୍ରୟୋଗ କରିଛନ୍ତି। 'ଶୀତ ଶେଷର କମଳା ରଙ୍ଗର ଖରା' ପ୍ରତୀକ ଟି ପ୍ରକୃତି ପ୍ରତି ତୀକ୍ଷ୍ଣ ଦୃଷ୍ଟିକୋଣର ପରିଚାୟକ। ତରଙ୍ଗର ଗାଁ ସୁନ୍ଦରଗଡ଼ ଯେପରି ଜୀବନ୍ତ ପ୍ରତୀକ ଟିଏ, ଭାନୁମତୀ ର ତୀର ରେ ନାଲି କନିଅର ଆଉ ସୁନାରି ଫୁଲର ସମାଗମ ତରଙ୍ଗ ମନରେ ମଧ୍ୟ ଗାଁ ଆଉ ଫୁଲର ସ୍ୱପ୍ନ ସମାହାର।

୨.ସବୁଜ ଗାଁ ରୁ ଧୂସର ସହରର ଚିତ୍ରୟାନ:

ସାମ୍ପ୍ରତିକ ମଣିଷ ଜଣେ ଛିନ୍ନମୂଳ ମଣିଷ। ଗାଁ ର ଚେରକୁ କାଟି ସେ ଏବେ ସହର ମୁହାଁ। ଆଜିର କାବ୍ୟ ଜିଜ୍ଞାସା ବାସ୍ତବରେ ଏକ ଜୀବନ ଜିଜ୍ଞାସା। ମଣିଷର ସମସ୍ତ ଚିରାୟିତ ମୂଲ୍ୟ ଦ୍ରୁତ ଭୁଶୁଡ଼ି ପଡୁଚି। ମଣିଷ ଖୋଜି ବୁଲୁଛି ନିଜର ସଂଜ୍ଞା, ନିଜର ପରିଚୟ। ତେଣୁ ଏଠି ପ୍ରକୃତିର ରୋମାଣ୍ଟିକ ଭାବ ବା ପ୍ରକୃତିର ସୌନ୍ଦର୍ଯ୍ୟ ଭାବକୁ ଖୋଜି ପାଇବା ନିତାନ୍ତ ନିର୍ବୋଧତା।ଏଠି ଅଛି ବଞ୍ଚିବାର ମୋହ। ଏଠି ଜୀବନକୁ ଖୋଜି ଖୋଜି ବ୍ୟସ୍ତ ହୁଏ ମଣିଷ। ଏଠି ପ୍ରକୃତିର ଶବ୍ଦପୁଞ୍ଜି କେବଳ ଜୀବନର ସଂଜ୍ଞାରେ ବ୍ୟବହୃତ "ଦ୍ରୌପଦୀର

ISSN NO.
2582-208X

ଶାଢ଼ୀ" ରେ କବି ରାଉତରାୟ କବି ସେହିପରି ବ୍ୟବହାର କରିଛନ୍ତି, କେତୋଟି ପ୍ରକୃତି ଭରା ଶବ୍ଦ -

"ଅଭିଃ ମନ୍ତ୍ରେ ଧୂଆଁ ଏକ ଭୋରର ଶିଶିରେ
ଗ୍ରାମର ସୀମାରେ, କେଉଁ ଶ୍ୱେତ କବରରେ।"

କବିଙ୍କ ମନରେ ବାସ୍ତବତାର ଦୁନିଆରେ ଅନେକ ଜହ୍ନର ସମାହାର । ଏଠି ଜହ୍ନ ଆମୋଦ ଦିଏନି କିମ୍ବା ଚିତ୍ତହରଣ କରେନି। ଜହ୍ନ ଅଙ୍କିଦିଏ ଜୀବନର ବାସ୍ତବତା ପ୍ରତି ଏକ ଲମ୍ବା ଉତ୍ତରଣ 'ଲଳିତା' କବିତାରେ ।କେତେବେଳେ ଏ ଜହ୍ନ ପ୍ଲାଷ୍ଟିକ, ପୁଣି କେତେବେଳେ ଟିଣର ସହର ରେ ଶେତା।ମନ ମଧ୍ୟ ଫିକା ଆଉ ଜୀବନ ନକଲି।ପୁଣି ଏଇ ଅମୃତ ସହରରେ -

"ସଫେଦ୍ ଜହ୍ନ ଟା
ଟୋପି ଟୋପି କଳାଯାଇ ଥାଇ କି ସୁନ୍ଦର
ନରମ ଓ ଲାଲ୍ ଗାଲ।"

### ୩. ପ୍ରକୃତିଭିତ୍ତିକ ଆଧ୍ୟାତ୍ମିକବୋଧ ର କବିତା:

ମୃତ୍ୟୁ ସଚେତନ ମଣିଷ ଅନନ୍ତ ନିଖିଳ ବିଶ୍ୱର ସ୍ରଷ୍ଟାଙ୍କୁ ଲାଭ କରିବାର ଜିଜ୍ଞାସା ହିଁ ଆଧୁନିକ ଓଡ଼ିଆ କବିତାର ଭାବଭୂମିରେ ସ୍ୱାତନ୍ତ୍ର୍ୟ ସୃଷ୍ଟି କରିଛି। କେଉଁ ଆବହମାନ କାଳରୁ ମଣିଷର ମୁକ୍ତିକାମୀ ଇଚ୍ଛାକୁ କେହି ପ୍ରତିରୋଧ କରିପାରିନାହାନ୍ତି । ମଣିଷ ଜୀବନର ଏହି ଅମୃତ ଆସ୍ପୃହା ପ୍ରତି ଥିବା ବ୍ୟାକୁଳତା କୁ ଆଧୁନିକ କବି ନାନା ପ୍ରତୀକ, ଚିତ୍ରକଳ୍ପ, ମିଥ୍ ଓ ଲୋକ ଐତିହ୍ୟ ମଧ୍ୟରେ ଯଥାର୍ଥ ରୂପ ଦେଇଛନ୍ତି।

ବିଶ୍ୱଯୁଦ୍ଧ ପରବର୍ତ୍ତୀ ଧ୍ୱଂସ ବିଧ୍ୱସ୍ତ ପୃଥିବୀର ଦୃଶ୍ୟ ଆଧୁନିକ କାବ୍ୟ ନାୟକ ମନରେ ସୃଷ୍ଟି କରିଛି ଗ୍ଲାନି ଯୁଗ ଯନ୍ତ୍ରଣା ଜନିତ ହତାଶା, ଭୟ ଓ ସଙ୍କୋଚ ବୋଧ ତା'ର ଜୀବନକୁ ଚଳତ ଶକ୍ତି ରହିତ କରିପକାଇଛି। କାବ୍ୟନାୟକ କିନ୍ତୁ ଏହି ଜଡତା ରୁ ମୁକ୍ତି ପାଇଁ ଚେତନାର ଅନନ୍ତ ସମୁଦ୍ର କୂଳକୁ କେଉଁ ଏକ ବିଶ୍ୱାସର ନୌକରେ ବସିଯିବା ପାଇଁ ଆହ୍ୱାନ ଦିଏ।

"କୌଣସି ଡଙ୍ଗାରେ ବସ
ସମୁଦ୍ର ତା ' ଆପଣା ଇଚ୍ଛାରେ
ଡଙ୍ଗା କୁ ଚଳାଇ ନେବା।(ସମୁଦ୍ର କୂଳ - ରମାକାନ୍ତ ରଥ)

ISSN NO.
2582-208X

ବିକଳ ବିଧୃତ ସଂଶୟାକୁଳ ପରିବେଶ ମଧ୍ୟରେ କାବ୍ୟ ନାୟକ ସକଳ ପାପବୋଧ ଓ ଅମଙ୍ଗଳ ଭାବନା ର ବିସର୍ଜନ କରି ଈଶ୍ୱରଙ୍କ ପାଖରେ ଆତ୍ମ ସମର୍ପଣ କରି ବସିଛି। ଏପରିକି ଆତ୍ମ ସମର୍ପଣରୁ ଆତ୍ମମୁକ୍ତିର ପ୍ରତ୍ୟୟ କାବ୍ୟ ନାୟକ ଚିତ୍ତରେ ସୃଷ୍ଟି କରିଛି କମ୍ପନ।ସେ ଅନୁଭବ କରୁଛି -

"କି ବିପୁଳ ଐଶ୍ୱର୍ଯ୍ୟର ପୂର୍ଣ୍ଣ ଏ ଆକାଶ
ନୂଆ ନୂଆ ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟୋଦୟ
ସୁରୋଭିତ ଥଣ୍ଡା ଜହ୍ନ ରାତି
କୋଟି କୋଟି ତାରା ଫୁଲ ।"

(ଝର୍କରେ ଆକାଶ - ତ୍ରସ୍ତ ପଦ୍ମାସନ, ନିତ୍ୟାନନ୍ଦ ନାୟକ)

### ୪.ମାଟି - ପାଣି - ଅଗ୍ନି - ଆକାଶ - ପବନ ପଞ୍ଚ ଭୂତୀୟ ବର୍ଣ୍ଣନା :

ମଣିଷ ପଞ୍ଚଭୂତରେ ଗଢା ଏବଂ ପଞ୍ଚଭୂତରେ ଶେଷରେ ଲୀନ ହୁଏ। ଜନ୍ମରୁ ଯୁଇ ଯାଏଁ ମଣିଷ ସେହି ପଞ୍ଚଭୂତ ଘେରା ପରିବେଷ୍ଟନୀ ମଧ୍ୟରେ ପରିବେଷ୍ଟିତ ହୋଇଥାଏ। ସାମ୍ପ୍ରତିକ କବିତମାନଙ୍କରେ ଅନେକ କ୍ଷେତ୍ରରେ ଏହି ପଞ୍ଚଭୂତୀୟ ବର୍ଣ୍ଣନା ଦେଖିବାକୁ ମିଳେ। କବି ପ୍ରତିଭା ଶତପଥୀ ତାଙ୍କ କବିତା' ଭବିଷ୍ୟତ ଠାରୁ ବୃହତ୍ତର' କବିତା ରେ ଏକାଧାରରେ ମାଟି - ପାଣି - ପବନର ବର୍ଣ୍ଣନା ଦେଇ ଏକ ଆଧ୍ୟାତ୍ମିକ ଅନ୍ୱେଷଣ ଆଡ଼କୁ ଯାତ୍ରା କରିଛନ୍ତି। କବିଙ୍କ ଭାଷାରେ -

"ବେଳେବେଳେ
ମେଘର ଫାଙ୍କ ରୁ କିଏ ମୋ ଆଡ଼କୁ ଚାହିଁ
ହସିଦେଇ ଲୁଚି ପଡୁଥିଲା
ନିରୋଳା ଗଛ ଉହାଡୁ
ମୋ ନାଁ ଧରି କେହି ଡାକି ଦେଲା ପରି ଲାଗୁଥିଲା
ପବନ ଚମକୁଥିଲା
କଅଁଳ ବାଛୁରୀ ପରି ଦିଗନ୍ତକୁ କୁଦି ଆସୁଥିଲା
ମାଟି ଜାଗି ଉଠୁଥିଲା
ମୋ ଅଳତା ରଙ୍ଗା ପାଦ ତଳେ

ISSN NO.
2582-208X

ତୁମର ବଳିଷ୍ଠ ବାହୁ ଉପାଧାନ ହୋଇଥିଲା ବେଳେ।"
(ଭବିଷ୍ୟତ ଠାରୁ ବୃହତ୍ତର - ମହମେଘ - ପ୍ରତିଭା ଶତପଥୀ)

କବି ବଂଶୀଧର ଷଡ଼ଙ୍ଗୀ ପ୍ରକୃତିର ଅନନ୍ତ ଦୃଶ୍ୟ ମଧ୍ୟରେ ନିମଜ୍ଜିତ ହୋଇ ଏକ ସ୍ଥିତିଶୂନ୍ୟ ଶୂନ୍ୟତାରୁ ହିଁ କବ୍ୟନାୟକ ଲାଭ କରେ ଛାୟା ଦର୍ଶନ -

"ଦୀପାଲୋକ ଦିଶିଗଲା/ପାଦ ନାହିଁ ଭୂଇଁ ପରେ
ଆକାଶେ ଲାଗିଛି ଶିର/ଶୂନ୍ୟେ ଝୁଲେ ହାତ
ନବ ତନ ଜଳ ଘଟଣ ରେ
ପେଚା ଆଖି ପରି/ଗୋଲ ଆଖି
ଅଗସ୍ତି ଫୁଲର ଓଠ/ପାଟି ତାର ନୀଳ କନ୍ଦରର ଗୁହା
ହଜାର ହଜାର ଆଖି/ଶହ ଶହ ଶିର
ମୁହୂର୍ତ୍ତକ ଝଲକରେ/ ଅନ୍ତର୍ହିତ ସ୍ୱର ଓ ଶରୀର। "
(ଛାୟା ଦର୍ଶନ - ବଂଶୀଧର ଷଡ଼ଙ୍ଗୀ)

### ୫.ସାମ୍ପ୍ରତିକ କବିତାରେ ଋତୁ ଚେତନା:

ପ୍ରକୃତିର ଯେଉଁ ବିଶିଷ୍ଟ ପ୍ରବୃତ୍ତି ସୃଜନଶୀଳ ସ୍ରଷ୍ଟା କୁ ଆକୃଷ୍ଟ କରେ, ତାହା ଋତୁ ଚେତନା। ଷଡ଼ ଋତୀୟ ପ୍ରକୃତି ମଣିଷର ପ୍ରବୃତ୍ତି ଉନ୍ମୋଚନ କରିବାରେ ଯଥେଷ୍ଟ ଫଳପ୍ରଦ ପ୍ରମାଣିତ ହୁଅନ୍ତି । ସାମ୍ପ୍ରତିକ କବ୍ୟାଧାରା ରେ ମଣିଷର ଅନ୍ତଃ ପ୍ରବୃତ୍ତି ଓ ବହିଃ ପ୍ରବୃତ୍ତି ସହ ଋତୁ ମାନଙ୍କର ମାନସିକ ସହବାସ ହେତୁ ଏକ ବଳିଷ୍ଠ ଋତୁ ବର୍ଣ୍ଣନା ଆତ୍ମପ୍ରକାଶ କରିଛି।କବି ସୀତାକାନ୍ତ ମହାପାତ୍ର ବର୍ଷାଦିନର ଆଗମନକୁ ମଣିଷର ଅତୀତାନୁଭୂତି ସହ ଯୋଡ଼ି ଦେଇଛନ୍ତି।

"ଘଡ ଘଡିମାରେ/ ହାଡ଼ ଖତ ହୋଇ ଝରେ/ଶୁଖିଲା ଦେହ
ଡାଳରୁ ଅନ୍ଧାରରେ/ପୂର୍ବତନ ଆବେଗର ମଲା ବାଦୁଡ଼ିଟି ଝୁଲେ।"

ବସନ୍ତ ବର୍ଣ୍ଣନା ଓଡ଼ିଆ କବିତାର ଏକ ବିଶେଷ ଆକର୍ଷଣ। ପ୍ରାଚୀନ କବି ମାନଙ୍କ ଠାରୁ ଆଧୁନିକ ଗୀତି କବିତା ପର୍ଯ୍ୟନ୍ତ ସବୁଠି ବସନ୍ତର ସ୍ୱର୍ଶ ପରିଲକ୍ଷିତ ହୁଏ। ଆମର ଚାରୁକଳା, ସ୍ଥାପତ୍ୟ, ସଙ୍ଗୀତରେ ବସନ୍ତର ଅପୂର୍ବ ସମ୍ଭାଷଣ ପ୍ରକାଶ ପାଇଛି। ଉତ୍ତର ସତୁରୀ କବ୍ୟଧାରା ରେ ବସନ୍ତ ତାର ପୂର୍ବ ଗୌରବକୁ ରକ୍ଷା କରି ପାରିନଥିବା ବେଳେ

ISSN NO.
2582-208X

ଏହାର ଚମକ କବିତାରୁ ଲୋପ ହୋଇ ଯାଇନାହିଁ। କବି ଗୁରୁ ପ୍ରସାଦ ମହାନ୍ତି ବସନ୍ତର ସ୍ୱାଭାବିକ ଚିତ୍ର ଓ ଚରିତ୍ର କୁ ଉପସ୍ଥାପନ କରନ୍ତି।

ବସନ୍ତ ସହିତ ଆସେ ବାହାଘର ତିଥି ବ୍ୟାଣ୍ଡ ବାଜା
ନିମନ୍ତ୍ରଣ କାର୍ଡ ଆସେ ମାଇକ ରେ ରାତିଯାକ ଗୀତ
ବସନ୍ତ ସହିତ ଆସେ ଆମ୍ବକସି କଢ଼ ଚାରିପାଖେ
ମହୁମାଛି ଡେଣ ତଳେ ଆସ୍ତେ ଆସ୍ତେ ତାତୁଥିବା
ଫାଲଗୁନର ଖରା।

ସାମ୍ପ୍ରତିକ କାବ୍ୟଧାରାରେ ବୈଶାଖ ବର୍ଣ୍ଣନା ଆଦୌ ଉର୍ବର ନୁହେଁ।ବୈଶାଖ ରୌଦ୍ର ତାପ କବି ହୃଦୟ ରେ ବିମର୍ଷଣର ଯେଉଁ ବହ୍ନିମାନ ସ୍ୱରୂପ ଉନ୍ମୋଚନ କରେ – ତାର ପରିଭାଷା ଆମ କବିତାରେ ବିରଳ।ବୈଶାଖ ଏଠାରେ ବାସ୍ତବତାର ପ୍ରତିନିଧିତ୍ୱ କରେ।

"ପିଚୁ ରାସ୍ତା ତରଳୁଛି ଏବଂ ଖରାରେ/ତରଳୁଛି ମୁଲିଆଣିର ଛାତି ଆଉଟି।
ନଈ ବାଲି ତାତୁ ଅଛି ଏବଂ ଖରାରେ /ତାତୁଛି ନିଭୃତ ମନ ଯେତେ ଶୂନ୍ୟକୋଠି।"

## ନିଷ୍କର୍ଷ:

କବି ମାନସ ଯୁଦ୍ଧର ଭୟାବହତାରୁ ଦୂରେଇ ରହିବା ପାଇଁ ଚାହିଁଛି ପ୍ରକୃତି କୋଳରେ ଆଶ୍ରୟ। କିନ୍ତୁ ଏହି ପ୍ରକୃତି ବର୍ଣ୍ଣନାରେ ନାହିଁ, ପ୍ରେମର ଆବେଗ ପ୍ରବଣତା, କଳ୍ପନାର ରାଜ୍ୟରେ ଉଡି ବୁଲିବାର ମୋହ। ଏଥିରେ ଅଛି ବାସ୍ତବ ଜୀବନର ନିଚ୍ଛକ ପ୍ରତିଛବି। ଅର୍ଥନୀତିକ ଭାରସାମ୍ୟ ସମାଜର ମେରୁଦଣ୍ଡକୁ ଦୁର୍ବଳ କରିପକାଇଛି। ଯେଉଁ କବିମାନେ ବିପ୍ଳବର ସ୍ୱର ବହନ କରି ଏକ ସାମ୍ୟବାଦୀ ସମାଜର ସ୍ୱପ୍ନ ଦେଖୁଥିଲେ, ସେମାନେ ସମସ୍ତେ ନୈରାଶ୍ୟ ରେ ଭଙ୍ଗିପଡ଼ିଛନ୍ତି। ତେଣୁ ଏଠି ପ୍ରକୃତି ହୋଇ ଉଠିଛି, ମାନବର ବନ୍ଧୁ, ଅତି ନିଜର, ଅତି ଆପଣାର। ପ୍ରକୃତି ମଧ୍ୟ ଦେଇ ସାମ୍ପ୍ରତିକ କବି ଜୀବନକୁ ଦେଖିଛି, ଜଗତକୁ ଦେଖିଛି।

(((–)))

ଓଡ଼ିଆ ଅଧ୍ୟାପିକା
ଗୋପ କଲେଜ, ଗୋପ, ପୁରୀ

ISSN NO.
2582-208X

# ପ୍ରେମ



ପବିତ୍ର ନାରାୟଣ ବେହେରା

ଚିରନ୍ତନ ନିଶବ୍ଧତାର ବୁକୁଚିରି
ଯେଉଁ ଅଫେରା ସ୍ପନ୍ଦନଟିଏ ଗୁଞ୍ଜରି ଉଠେ ହୃଦୟ ଭିତରେ,
ତାହା ହିଁ ତ ପ୍ରେମ...
ଯାହାକୁ କୌଣସି ଜ୍ୟାମିତିକ ସୀମାରେଖା ବାନ୍ଧିପାରେନା ।
ପ୍ରେମ ଏକ ଅଦୃଶ୍ୟ ମହାକାଶ,
ଯେଉଁଠି ପାଇବାର ସଂକୀର୍ଣ୍ଣତା ନଥାଏ,
ଥାଏ କେବଳ ନିଜକୁ ହରାଇବାର ଏକ ସାର୍ଥକ ଉଲ୍ଲାସ ।
କାଳର କ୍ରୁର ପୃଷ୍ଠାରେ ଯିଏ କେବେ ବି ଲିଭେନା,
ବରଂ ପ୍ରତିଟି ହୃଦୟର ନିଭୃତ କୋଣରେ
ଏକ ଅଲିଭା ସୁବାସ ସାଜି ବସାବାନ୍ଧେ ।
ଆଉ... ପ୍ରେମର ବିପରୀତ ଅନୁଭବ ହେଉଛି ବିରହ
ସେ ତ କେବଳ ଏକ ବାହାନା,
ପ୍ରେମର ସେହି ଅମୃତ ଶିଖାକୁ ଆହୁରି ଦୀପ୍ତିମନ୍ତ କରିବା ପାଇଁ ତା'ର ସୃଷ୍ଟି..
ଶୂନ୍ୟତାରୁ ପୂର୍ଣ୍ଣତା ଆଡ଼କୁ,
ତା'ର ଅହେତୁକ ଯାତ୍ରା...

ISSN NO.
2582-208X

ଯାହା ଆତ୍ମାକୁ ପବିତ୍ରତାର ଗଙ୍ଗାରେ ସ୍ନାନ କରାଇଦିଏ ।
ଧୂଳିମାଟିର ଏଇ ରକ୍ତମାଂସର ଶରୀରରେ
ଯେତେବେଳେ ସେହି ଶାଶ୍ୱତ ଚେତନାର ସ୍ପର୍ଶ ବାଜେ,
ମଣିଷ ନିଜ ଅଜାଣତରେ
ଈଶ୍ୱରତ୍ୱର ଅତି ନିକଟତର ହୋଇଯାଏ।

(((-)))

ସ୍ନାତକୋତ୍ତର ଶିକ୍ଷକ(ଓଡ଼ିଆ )
ନରଞ୍ଜନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ଆସିକା,ଗଞ୍ଜାମ

ISSN NO.
2582-208X

# ଭଙ୍ଗୁର ଜୀବନ



ସତ୍ୟବାନ ମେହେର

ଜୀବନ ଏକ ସରିତ, ଦେଇ ---
ଅଙ୍କା ବଙ୍କା ପଥର କଙ୍କଣେ
ମାରିପିଟି ହୋଇ ସଦା ବହେ,
ଜୀବନ ଏକ ପଥିକ, ଦେଇ ---
ଚାଲଇ ଝାଳ, ନାଳ, ଖରା ଶିତଳ
ଯେତେଦିନ ନିଶ୍ୱାସ ବହେ ।

ଜୀବନ ଏକ ମୁକୁର ଯେଉଁଠି ଦିଶେ
ସୁନ୍ଦର ରୂପ ଓ ଯୌବନ, ହେଲେ --
ଅସ୍ଥାୟୀ ଭଙ୍ଗୁର ଯାହା ନୟନେ ଦିଶେ
ଜୀବନ ଏକ ପୁଷ୍ପ ଯାହା ଯୌବନେ
ମହକିଆସେ
ହେଲେ ନଥାଏ ମହକ, ନଥାଏ ଯୌବନ
ପୁରିଲେ ସମୟ ସବୁ ମଉଳିଯାଏ ଶେଷେ ।

ଜୀବନ ଏକ ଅଦ୍ଭୁତ ଯାନ, ଯିଏ---
ଚାଲେ ଚାରିଗୋଡ଼େ, ପରେ ଦୁଇଗୋଡ଼େ
ତିନି ଗୋଡ଼େ ଚାଲେ ଶେଷେ,
ଜୀବନ ଏକ ଅହଂକାର, କହେ
ସବୁଜେ ମୋର ମୋର

ISSN NO.
2582-208X

ହେଲେ କିଛି ନୁହଇ ତାହାର
ଖାଲି ହାତେ ଆସି ଯିବ ଖାଲି ହାତେ, ଶେଷେ ।

ଏକାଆସି ଦିନେ ଯିବୁ ଏକାହୋଇ
ଯିବୁ ହୋଇ ଲଙ୍ଗଳା କରିଥା ତୟ
ତିନିଦିନ ଗଲେ ମନୁ ଭୁଲିଯିବେ ଏମାୟା ସଂସାରୁ ମନକୁ କରିଥା ଥୟ,
ଏକା ସତ୍ୟ ସେହି ପ୍ରଭୁ ଜଗନ୍ନାଥ
ତାପଦେ ଦିଅତୁ ଲଗାଇ ଲୟ
ଉର୍ଦ୍ଧ ହସ୍ତେ ଭାବାଞ୍ଜଳି ପୂର୍ଣ୍ଣ
ଅଶଅର୍ପିଲେ ପାରିସେ କରିବେ
ମାୟାକୁ କରିବୁ ଜୟ ।

(((-)))

ରାୟପୁର

ISSN NO.
2582-208X

ବେଦାନ୍ତି

# ଓଡ଼ିଆ ଲୋକକାହାଣୀ: ଲୋକଜୀବନର ମୁକୁର



କାଜଲ ପୃଷ୍ଟି

**ସଂକ୍ଷିପ୍ତସାର**

ଲୋକକାହାଣୀ ହେଉଛି ଲୋକସାହିତ୍ୟର ଏକ ମୁଖ୍ୟ ଅଂଶ, ଯାହା ପିଢ଼ିଦର ପିଢ଼ି ମୁଖେମୁଖେ ପ୍ରଚଳିତ ହୋଇ ଆସିଛି। ଏହି କାହାଣୀଗୁଡ଼ିକ ସାଧାରଣତଃ ଲୋକମାନଙ୍କ ଜୀବନ, ବିଶ୍ୱାସ, ଧାର୍ମିକ ଭାବନା, ଆଶା-ଆକାଂକ୍ଷା ଓ କଳ୍ପନାଶକ୍ତିକୁ ପ୍ରକାଶ କରିଥାଏ। ଏଗୁଡ଼ିକ କୌଣସି ନିର୍ଦ୍ଦିଷ୍ଟ ଲେଖକଙ୍କ ଦ୍ୱାରା ସୃଷ୍ଟି ନୁହେଁ; ବରଂ ଏହା ସମସ୍ତଙ୍କ ଦ୍ୱାରା ପ୍ରଚାରିତ କାହାଣୀ ଅଟେ।

ପ୍ରମୁଖ ଶବ୍ଦ- ଲୋକକାହାଣୀ, ପିଢ଼ି, ଧାର୍ମିକ ଭାବନା, କଳ୍ପନା ଶକ୍ତି, ବିଶ୍ୱାସ ।

ସାହିତ୍ୟ ହେଉଛି ସମାଜର ମୁକୁର ସ୍ୱରୂପ। ଏଥିରେ ସମସାମୟିକ ସମାଜର ପ୍ରତିବିମ୍ବ ପ୍ରତିଫଳିତ ହୋଇଥାଏ। ଯୁଗଯୁଗ ଧରି ମନୁଷ୍ୟ ନିଜ ଜୀବନର ବିଭିନ୍ନ ତଥା ବିଚିତ୍ର ଅନୁଭୂତିରାଜିକୁ ବ୍ୟକ୍ତ କରିବାର ବ୍ୟାକୁଳତା ହିଁ ସାହିତ୍ୟ। ପଦ୍ୟରେ ହେଉ ବା ଗଦ୍ୟରେ ହେଉ କିମ୍ବା ଗଦ୍ୟ-ପଦ୍ୟ ମିଶ୍ରିତ ଭାଷାରେ ହେଉ, ପ୍ରାଗୈତିହାସିକ କାଳରୁ କଥାସାହିତ୍ୟର ସୃଷ୍ଟି ଓ ସଞ୍ଚାର। ଆଦିମାନବ ଅରଣ୍ୟରେ ବାସ କରୁଥିବା ସମୟରେ ଯାଯାବର ଜୀବନଯାପନ କରିବା ସହିତ ସଦାସର୍ବଦା ସଂଗ୍ରାମରତ ଥିଲା। ଏହି ସଂଗ୍ରାମ କେତେବେଳେ ପ୍ରକୃତି ବିରୁଦ୍ଧରେ ତ କେତେବେଳେ ଗୋଷ୍ଠୀ ବିରୁଦ୍ଧରେ ଉଦ୍ଦିଷ୍ଟ ଥିଲା। ସନ୍ଧ୍ୟାରେ ଆଗମନ ପରେ ପରେ କର୍ମକ୍ଳାନ୍ତ ଜୀବନରୁ ମୁକ୍ତି ପାଇବାପାଇଁ ସେ ସାମୂହିକ ଭାବରେ ଏକତ୍ର ହେଉଥିଲା। ଏହି ସମୟରେ ନିଜର ମନକଥାକୁ ସେ ଅନ୍ୟ ଆଗରେ ପ୍ରକାଶ କରୁଥିଲା। ଏବଂ ଅନ୍ୟର କଥାକୁ ମନ ଦେଇ ଶୁଣୁଥିଲା। ଏହି ଶୁଣାଇବା ଓ

ISSN NO.
2582-208X

ଶୁଣିବା ପ୍ରବୃତ୍ତିରୁ ମନୋରଞ୍ଜନ ଓ ନୀତିଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ କାହାଣୀର ଜନ୍ମ। ତା'ପରଠାରୁ କାହାଣୀ କହିବା ଚାଲିଛି କିନ୍ତୁ ଶେଷ ନାହିଁ। ଏହି ଲୋକକାହାଣୀ ଜୀବନକୁ ରସସିକ୍ତ କରିଥାଏ। ବ୍ୟକ୍ତିର ମାନସିକ ପରିବର୍ତ୍ତନରେ ମଧ୍ୟ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହି କାହାଣୀ ମଣିଷ ହୃଦୟରେ ସ୍ନେହ, କରୁଣା, ପ୍ରେମ ଓ ପ୍ରୀତିର ସଂଙ୍କେତ ଦେଇଛି। ପୁଣି ସାମାଜିକ ପରିବର୍ତ୍ତନର ମୁଖ୍ୟ ଅସ୍ତ୍ର ଭାବରେ ବ୍ୟବହୃତ ହୋଇଛି। ତେଣୁ ଓଡ଼ିଆ ଲୋକସାହିତ୍ୟ କ୍ଷେତ୍ରରେ ଲୋକକାହାଣୀର ଭୂମିକା ଗୁରୁତ୍ୱପୂର୍ଣ୍ଣ।

ଓଡ଼ିଆ ଲୋକଜୀବନ ଓ ସାମାଜିକ ସାଂସ୍କୃତିକ ଜୀବନଧାରାର ଚିତ୍ରକୁ ନିମ୍ନମତେ ଆଲୋଚନା କରାଯାଇପାରେ –

### (୧) ପାରିବାରିକ ଜୀବନ:-

ସମାଜର ମୂଳ ଏକକଟି ହେଉଛି ପରିବାର। ଆମର ପାରିବାରିକ ଜୀବନ କାହାଣୀରେ ସମାଜର ବାସ୍ତବଚିତ୍ର ଉପସ୍ଥାପନ କରାଯାଇଥାଏ। ପରିବାର ମଧ୍ୟରେ ସ୍ୱାମୀ-ସ୍ତ୍ରୀ, ଶାଶୂ-ଶ୍ୱଶୁର, ଦିଅର-ନଣନ୍ଦ ଇତ୍ୟାଦିଙ୍କୁ ନେଇ ଏକ ବାତାବରଣ ରହିଥାଏ। ଏବଂ ଏମାନଙ୍କ ମଧ୍ୟରେ ପରସ୍ପର ପ୍ରେମପୂର୍ଣ୍ଣ ସମ୍ପର୍କ ସହିତ ଯୋଡି ହୋଇଥାଏ। ଓଡ଼ିଆ ଲୋକକାହାଣୀରେ ମଧ୍ୟ କେତେକ କାହାଣୀକୁ ନେଇ ପାରିବାରିକ ଜୀବନ ବର୍ଣ୍ଣିତ। ଯେପରି 'ସର୍ବଜାଣ ଚଢ଼େଇ, ଯେମିତି କାମକୁ ସେମିତି ଫଳଭାଇ' କାହାଣୀରେ ପଥର ହୋଇଯାଇଥିବା ଭାଇମାନଙ୍କୁ ଭଉଣୀ ବଞ୍ଚାଇପାରିଛି। 'ତଅପୋଇ' କଥାରେ ଭାଇଭଉଣୀଙ୍କର ଅତୁଟ ସ୍ନେହ ମମତାର ଚିତ୍ର ଦେଖିବାକୁ ମିଳେ। ଏହାବ୍ୟତୀତ କେତୋଟି ଗଳ୍ପକୁ ଦୃଷ୍ଟାନ୍ତକୁ ନିଆଯାଇପାରେ। ଯଥା-ମାଙ୍କଡ କୁମ୍ଭୀର କଥା, ଚକୁଳିଆ ପଣ୍ଡା, କଞ୍ଚନବତୀ କଥା,ସୁନାର ଝରଣା, ଭାଇଭଉଣୀ, ବଣମଲ୍ଲୀ କଥା , ଉପକାର କଲେ ଉପକାର ମିଳେ, 'ଖଣ୍ଡିଆ ଲାଙ୍ଗୁଡ କଥା', ଯେଣେ ଯିବୁ ତେଣେ ଯା, କର୍ମ ଘେନି ବୁଲୁଥା' ପ୍ରଭୃତି।

### (୨) ଖାଦ୍ୟପେୟ:-

ମନୁଷ୍ୟ ଜୀବନଯାପନ କରିବାପାଇଁ ଖାଦ୍ୟ ଅତ୍ୟନ୍ତ ଆବଶ୍ୟକ। ଆମ ଓଡ଼ିଆ ଘରର ପର୍ବପର୍ବାଣି ଓ ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ଖାଦ୍ୟପେୟର ଦୃଷ୍ଟାନ୍ତ ଲୋକକାହାଣୀ ମାନଙ୍କରେ ଦେଖିବାକୁ ମିଳିଥାଏ। ଏହାଛଡା ଅଭିଜାତ ପରିବାରର

ISSN NO.
2582-208X

ଖାଦ୍ୟପେୟ ସମ୍ପର୍କରେ ମଧ୍ୟ ଏଥିରେ ସୂଚନା ରହିଛି। ଏଥିରେ କେତୋଟି ଲୋକକାହାଣୀକୁ ଦୃଷ୍ଟାନ୍ତକୁ ନିଆଯାଇପାରେ। 'ମହାବଳ ବାଘ ଓ ଝିଟିପିଟି କଥା' ରେ ଗରିବ ଶ୍ରେଣୀର ବ୍ୟକ୍ତିବିଶେଷ ପଖାଳ,କଖାରୁଶାଗ ଖାଉଥିବାର ବର୍ଣ୍ଣନା ରହିଛି। ରାଜା ବା ଅଭିଜାତ ବ୍ୟକ୍ତିମାନଙ୍କର ଦୁଧଖିଆ ଓ ଅନେକ ସୁମିଷ୍ଟ ଖାଦ୍ୟ ଖାଉଥିବାର 'ମୁଁ ହେଇଟି ରଜା ଖାଉଛନ୍ତି କୁଲି ବେଙ୍ଗଟି' ଗଳ୍ପରୁ ଜଣାଯାଏ। ଏହାବ୍ୟତୀତ ଆଉ କେତେକ ଗଳ୍ପରେ ମଧ୍ୟ ଓଡ଼ିଆସଂସ୍କୃତିର ଖାଦ୍ୟପେୟର ଚିତ୍ର ପରିଦୃଷ୍ଟ ହୋଇଥାଏ - 'ଭାଲୁଭାଲୁକୁଣୀ କପାଳଫଟା', 'ମଣିଷ ବିଚାର ହେଉ ଦେବତା ବିଚାର ହେଉ', ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି, ଅଜଗର ସାପ ଓ ଜାମୁକୋଳି କଥା ପ୍ରଭୃତି ଗଳ୍ପର ବର୍ଣ୍ଣନା ରହିଛି।

## (୩) ପୋଷାକ ପରିଚ୍ଛେଦ :-

ମନୁଷ୍ୟର ଜୀବନଯାପନ ପାଇଁ ଖାଦ୍ୟ ଓ ବାସଗୃହ ଯେପରି ଅତ୍ୟନ୍ତ ଅତ୍ୟାବଶ୍ୟକ ସେହିପରି ପୋଷାକ ପରିଚ୍ଛେଦ ମଧ୍ୟ ଅତ୍ୟନ୍ତ ଆବଶ୍ୟକ ମନେ ହୋଇଥାଏ। ଆମ ଓଡ଼ିଆ ଲୋକକାହାଣୀରେ ମଧ୍ୟ ପୋଷାକ ପରିଚ୍ଛେଦର ଚିତ୍ର ଦେଖିବାକୁ ମିଳେ। ଯଥା -ଭିନ୍ନ ଭିନ୍ନ ରଙ୍ଗର ଶାଢ଼ୀ ବ୍ୟବହାର କରୁଥବା ବିଷୟ 'ମଣିଷକୁ ବିଶ୍ୱାସ ନାହିଁ' ଗଳ୍ପରୁ ଜଣାଯାଇଥାଏ। ଅଭିଜାତ ଶ୍ରେଣୀର ଲୋକମାନେ ମୂଲ୍ୟବାନ ଅଳଙ୍କାର ପରିଧାନ କରୁଥିଲେ।

## (୪) ଅତିଥି ସେବା:-

ସଂସ୍କୃତରେ ଏକ ଉକ୍ତି ରହିଛି 'ଅତିଥି ଦେବ ଭବ'। ଅର୍ଥାତ୍ ଅତିଥିଙ୍କୁ ଦେବତା ସହ ପରିକଳ୍ପନା କରାଯାଇଅଛି। ଆମ ଓଡ଼ିଆ ସଂସ୍କୃତିରେ ମଧ୍ୟ ଏହାର ଅନୁରୂପ ପ୍ରତିଫଳିତ ହୋଇଥିବାର ଜଣାଯାଏ। ଏହାକୁ ନେଇ ଓଡ଼ିଆ ଲୋକକାହାଣୀରେ କେତେକ ଗଳ୍ପ ପରିଦୃଷ୍ଟ ହୋଇଥାଏ।' ଯା'ମନ ଯେମିତି, ତା'ଫଳ ସେମିତି' ଗଳ୍ପରେ ବୁଭୁକ୍ଷାର ଦହନ ଭିତରେ ଜୀବନ ପ୍ରତି ଶଙ୍କା ରହିଥିବା ବୁଢ଼ୀଟି ବଣ ମଝିରେ କୁଡିଆରେ ରହି ଅତିଥିକୁ ନିଜର ଆହାର ଦାନ କରିବା ଓ ଏହାର ଅନୁରୂପ ଫଳସ୍ୱରୂପ ଧନ ଲାଭ କରିବା ଘଟଣା ବର୍ଣ୍ଣିତ। ଏହାବ୍ୟତୀତ ଅନେକ ଗଳ୍ପ ରହିଛି ସେଗୁଡିକ ମଧ୍ୟରେ 'ଦି ଭାଇ ବୁଢ଼ୀ ଅସୁରୁଣୀ କଥା', 'ଖଣ୍ଡିଆ ଲାଙ୍ଗୁଡ କଥା', 'ଉପକାର କଲେ ଉପକାର ମିଳେ', 'ଅରଣା

ISSN NO.
2582-208X

ମଇଁଷି ପୋଷା ମାନିଲେ', ବିଲୁଆ ଆଉ ଟମ୍ ଟମ୍ କଥା', 'ସତୀକନ୍ୟା ଓ ସତିଆ ବର କଥା' ଇତ୍ୟାଦି ଗଳ୍ପରୁ ଅତିଥିପ୍ରାଣତାର ପରିଚୟ ମିଳିଥାଏ।

(୫) ସନ୍ତାନ ଜନ୍ମବିଧି ଓ ମୃତ୍ୟୁ ପରେ ଅନ୍ତେଷ୍ଟି କ୍ରିୟା:-

ମଣିଷ ଜୀବନରେ ଜନ୍ମ ଓ ମୃତ୍ୟୁର ରହିଛି ଏକ ମହତ୍ୱପୂର୍ଣ୍ଣ ଭୂମିକା। 'ଜନ୍ମ'କାଳରେ ଯେମିତି ପାଳିତ ହୋଇଥାଏ ନବାଗତ ସନ୍ତାନ ପାଇଁ ପାରମ୍ପରିକ ଉତ୍ସବ ଅନୁଷ୍ଠାନ, ଠିକ୍ ସେମିତି ମୃତ୍ୟୁ ପରେ ଶାସ୍ତ୍ରୀୟ ନିୟମ ଓ ଲୋକାଚାର ଅନୁଯାୟୀ ତା'ର କ୍ରିୟାକର୍ମ କରିବାକୁ ପଡିଥାଏ। ସନ୍ତାନ ଜନ୍ମ ହେବାପରେ ନାହିକଟାରୁ ଆରମ୍ଭ ହୁଏ ଯେଉଁ ଉତ୍ସବ, ତାହା ୨୧ ଦିନ ଯାଏଁ ପାଳିତ ହୋଇଥାଏ। ଯେପରି 'ଅଶୀଣ ମାସର କଥା' ଓ 'ଚଇତି ମଙ୍ଗଳବାର ଓଷା' ଆଦି ଲୋକକାହାଣୀରେ ଏହିପ୍ରକାରର ସମାଜଚିତ୍ର ସବୁର ବାସ୍ତବଚିତ୍ର ପ୍ରତିଫଳିତ ହୋଇଥାଏ। ମଣିଷ ମୃତ୍ୟୁରେ ଅନୁଷ୍ଠିତ ହେଉଥିବା ଶବ ସତ୍କାର ଓ ଶ୍ମଶାନ ଠାରୁ ଆରମ୍ଭ କରି ସମସ୍ତ ବିଧାନ ସହିତ ଶୁଦ୍ଧିକ୍ରିୟାର ନିଛକ ଚିତ୍ର ଓଡ଼ିଆ ଲୋକକାହାଣୀରେ ପ୍ରତିଫଳିତ ହୁଏ। ଯେପରି 'ରାଣୀ ନୁହେଁ ସେ ଚନ୍ଦ୍ରକାଣୀ', 'କାଦୁଅ ବାଟେ ନ ଯାଇ ମାମୁଁ' ପ୍ରଭୃତି ଗଳ୍ପରେ ଶୁଦ୍ଧିକ୍ରିୟା ଚିତ୍ରର ସ୍ୱରୂପକୁ ଉପସ୍ଥାପିତ କରାଯାଇଛି।

(୬)ପ୍ରେମ ପ୍ରଣୟ ଓ ବିବାହର ଚିତ୍ର:-

'ପ୍ରେମ' ହେଉଛି ମଣିଷ ଜୀବନର ଏକ ଦିବ୍ୟ ଅନୁଭୂତି। ପ୍ରେମ ପ୍ରଣୟରୁ ହିଁ ଯୌବନସୁଲଭ ରୋମାଞ୍ଚିତ କାହାଣୀ ଆରମ୍ଭ ହୋଇଥାଏ। ସୁତରାଂ ପ୍ରେମ ପ୍ରଣୟକୁ ଭିତ୍ତିକରି ପ୍ରାୟତଃ ରଚିତ ହୋଇଛି କେତେକ କାହାଣୀ। 'ବେଙ୍ଗବତୀ କଥା', 'ସାହାଡ଼ା ସୁନ୍ଦରୀ କଥା', 'ଦୁଇସଙ୍ଗାତ କଥା', 'ମୌନାବତୀ କଥା', ' ରତ୍ନାବତୀ କଥା', ପ୍ରଭୃତି ହୃଦୟର ଆବେଗିକ ଆକୁଳତାର ଚିତ୍ର ବର୍ଣ୍ଣିତ ହୋଇଥାଏ।

ପ୍ରେମରୁ 'କଥା' ଆରମ୍ଭ ହୋଇଥାଏ ଓ ଏହାର ପରିସମାପ୍ତି ଘଟିଥାଏ ନାୟକ ନାୟିକାର ଶୁଭ ପରିଣୟରେ। ଆମ କାହାଣୀର ପରମ୍ପରା ହେଉଛି ମିଳନାନ୍ତକ। ମିଳନର ଅନ୍ୟନାମ ବିବାହ। ବିବାହ କାଳର ପ୍ରତ୍ୟେକଟି ରୀତିନୀତି, ଭୋଜିଭାତ, ବେଶଭୂଷା ର ମଧ୍ୟ ପୂର୍ଣ୍ଣାଙ୍ଗ ବିବରଣୀ ଅଧିକାଂଶ ଲୋକକାହାଣୀରେ ପ୍ରଦତ୍ତ ହୋଇଥାଏ। ଯେପରି 'ରଜାପୁଅ

ISSN NO.
2582-208X

ଓ ରଜାଝିଅ କଥା', 'ଦୁଇ ସଙ୍ଗାତ କଥା', 'କଲରେଇ ଫୁଲ କଥା ଗୁଡ଼ିକ ବୈବାହିକ ଜୀବନର ପରମ୍ପରାକୁ ବହନ କରିଥାଏ।

(୭) ଧାର୍ମିକ ଅନୁଚିନ୍ତା:-

ଉତ୍କଳୀୟ ଗ୍ରାମୀଣ ଜୀବନରେ ଧର୍ମ ହେଉଛି ପ୍ରାଣ। ଧର୍ମ ବ୍ୟତିରକେ ଉତ୍କଳୀୟ ଗ୍ରାମୀଣ ଜନତା ଅନ୍ୟ କିଛି ଭାବିପାରେ ନାହିଁ। ତା'ର ଚିନ୍ତାରେ ଈଶ୍ୱର ହେଉଛନ୍ତି ଏ ଜଗତର ସୃଷ୍ଟିକର୍ତ୍ତା। ସେହି ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବାପାଇଁ ସେ ନାନାଦି ଓଷାବ୍ରତ ପାଳନ କରେ। ସେ ପାଳନ କରୁଥିବା ପ୍ରତ୍ୟେକ ଓଷାବ୍ରତ ଗୁଡ଼ିକରେ ଏକ ଏକ କାହାଣୀ ଥାଏ। ସେହି କାହାଣୀ ଭିତରେ କୌଣସି ଦେବତା ଓ ଦେବୀଙ୍କର ପରିପ୍ରକାଶ ହୋଇଥାଏ। ଓଡ଼ିଶାରେ ପ୍ରଚଳିତ ଓଷାବ୍ରତ ମଧ୍ୟରୁ ସୋମନାଥ ବ୍ରତ, ସୁଦଶା ବ୍ରତ, ଚତୁର୍ମାସ୍ୟା ଗୁରୁବାର ବ୍ରତ, ଜହ୍ନି ଓଷା, ବୁଧେଇ ଓଷା, ଦ୍ୱିତୀୟା ଓଷା ପ୍ରଧାନ। ଏହି ଓଷାବ୍ରତ ଗୁଡ଼ିକରୁ ତତ୍କାଳୀନ ସମାଜ ଜୀବନର ଚିତ୍ର ପ୍ରତିଫଳିତ ହୁଏ। 'ମଣିଷ ବିଚାର ହେଉ ଦେବତା ବିଚାର ହେଉ' କାହାଣୀରେ ବୁଢ଼ୀର ପରାମର୍ଶରେ ଷଠୀଦେବୀଙ୍କୁ ପୂଜିବାରୁ ସାଧବାଣୀର ସୁନ୍ଦର ପୁତ୍ର ସନ୍ତାନ ଜନ୍ମ ହୋଇଛି। ଏହିପରି ଅନେକ ଗଳ୍ପରେ ଧାର୍ମିକ ଭାବନାର ଚିତ୍ର ପରିଦୃଷ୍ଟ ହୋଇଥାଏ। ଯେପରି 'ରଙ୍ଗବତୀ,ହାତୀକେନା,ପାତାଳ କେତକୀ ଆଉ ବାରବାନୀ ଚଢ଼େଇ କଥା', ଭଗବାନ ଯାହା କରନ୍ତି ମଙ୍ଗଳ ପାଇଁ', 'ସୋରିଷ ଫୁଲ, ଦେଇଯା ଆମ ନିଆଁର ମୂଳ', 'ଯୋଜନୀ କଥାରେ', 'ବଣମଲ୍ଲୀ କଥା', ଚତୁରୀ ରତ୍ନାବତୀ କଥା', 'ଆ'ରେ ଆ'ରେ କେଶରୀ' ପ୍ରଭୃତି ଗଳ୍ପରେ ଈଶ୍ୱରଙ୍କ ମହାନତା ପ୍ରତିପାଦିତ ହୋଇଥାଏ।

(୮) ବାଣିଜ୍ୟ ବ୍ୟବସାୟ:-

ଅତୀତରେ ଉତ୍କଳ ବାଣିଜ୍ୟ ବ୍ୟବସାୟ ପାଇଁ ସାରା ବିଶ୍ୱରେ ସୁପ୍ରସିଦ୍ଧ ଥିଲା। ଉତ୍କଳବାସୀ ସମୁଦ୍ରପଥରେ ବାଣିଜ୍ୟବ୍ୟବସାୟ ପାଇଁ ଦେଶବିଦେଶକୁ ଯାଉଥିଲେ। ଆମ ଓଡ଼ିଆ ଲୋକକାହାଣୀରେ ମଧ୍ୟ ଆଉ ବାଣିଜ୍ୟ ବ୍ୟବସାୟର ଚିତ୍ର ଦେଖିବାକୁ ମିଳେ। ଯେପରି 'ତଅପୋଇ କଥା', 'ଖୁଲଣା ସୁନ୍ଦରୀ', 'ଯେହୁ ଚିନ୍ତଇ ପରମନ୍ଦ', 'କୁହୁକ ମଣ୍ଡଳ ଚଢ଼େଇ ପ୍ରଭୃତି ଗଳ୍ପ। ସାଧବ ପୁଅ ବାଣିଜ୍ୟ ଉଦ୍ଦେଶ୍ୟରେ ଯିବା ସମୟରେ ମଙ୍ଗଳାଙ୍କ ପୂଜା, ସାଧବାଣୀଙ୍କ ଶଙ୍ଖ ବାଦନ, ଫୁଲ ଦୂବ ଆଦି ଦ୍ୱାରା ପୂଜାର୍ଚ୍ଚନା ଓ ବ୍ୟବସାୟରୁ

ISSN NO.
2582-208X

ଫେରିବାବେଳେ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଆଦିର ଚିତ୍ର ବହୁ ଲୋକକାହାଣୀରେ ଦୃଷ୍ଟିଗୋଚର ହୋଇଥାଏ।

(୯)ଚିତ୍ତ ବିନୋଦନ:-

ଆମ ସମାଜରେ  ଅବସର ବିନୋଦନ ପାଇଁ କିଛି ଖେଳକସରତ ତଥା ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଆଦି ଆୟୋଜିତ ହୋଇଥାଏ। ଓଡ଼ିଆ ଲୋକକାହାଣୀରେ ମଧ୍ୟ ଅନୁରୂପ ଭାବରେ ଏହାର ଚିତ୍ର ପରିଦୃଷ୍ଟ ହୋଇଥାଏ।  ଏହି ଚିତ୍ତବିନୋଦନ ମଧ୍ୟରୁ ପଶାଖେଳ ଅନ୍ୟତମ।  ଏହା ସମ୍ଭ୍ରାନ୍ତବଂଶୀୟ କ୍ରୀଡାଭାବେ ସ୍ୱୀକୃତି ଲାଭ କରିଛି। ଏହି ପ୍ରାଚୀନ ଖେଳର ମହତ୍ତ୍ୱ ଆମ ଲୋକକାହାଣୀରେ କେତେକ ଗଳ୍ପରେ ପରିଦୃଷ୍ଟ ହୋଇଥାଏ। ଯେପରି ଏହି ଖେଳ ଦ୍ୱାରା ମଣିଷ କିପରି ସର୍ବସ୍ୱ ହରାଇ ଦାଣ୍ଡରେ ଭିକାରୀ ସାଜୁଥିଲା, ତା'ର ଚିତ୍ର 'ଯେ ଝିଅ ଲଙ୍କା ଜିଣିଲା'ଗଳ୍ପରେ ଡାଳିମ୍ବ ଓ ରିଡଲ ପଶାଖେଳରୁ ଜଣାଯାଇଥାଏ। ଏହାବ୍ୟତୀତ ଅନ୍ୟ କେତେକ ଗଳ୍ପରେ ମଧ୍ୟ ଦୃଷ୍ଟାନ୍ତ ପରିଲକ୍ଷିତ ହୋଇଥାଏ। ଯଥା- 'ସିଆଣିଆ' ଗଳ୍ପ, ଖୁଲଣାସୁନ୍ଦରୀ ଗଳ୍ପ ପ୍ରଭୃତି। ତେଣୁ ପଶାଖେଳର କୁପ୍ରଭାବ, ତତ୍କାଳୀନ ସାମାଜିକ ଜୀବନକୁ କଳୁଷିତ କରିବାର ପ୍ରମାଣ ଏହି ଗଳ୍ପମାନଙ୍କରୁ ଦେଖିବାକୁ ମିଳେ।

(୧୦) ଗୁଣିଗାରେଡ଼ି ଓ ତନ୍ତ୍ରବିଦ୍ୟାର ପ୍ରୟୋଗ:-

ସମାଜରେ ଗୁଣିଗାରେଡ଼ି ବା ତନ୍ତ୍ରବିଦ୍ୟାର ବହୁଳ ପ୍ରଚଳନ ଥିବାର କାହାଣୀରୁ ଜଣାଯାଇଥାଏ। ମଣିଷର ଦେହରେ ଭୂତର ପ୍ରବେଶ ଘଟିଲେ ତାକୁ ଗୁଣିଆ ମନ୍ତ୍ରତନ୍ତ୍ର ଦ୍ୱାରା ବାହାର କରିଥାଏ। ଏହିପରି ଓଡ଼ିଆ ଲୋକଚଳଣିରେ ଭୂତପ୍ରେତାଦିଙ୍କ କାର୍ଯ୍ୟକଳାପ ଓ ଗୁଣିଗାରେଡ଼ି ଇତ୍ୟାଦିର କେତେକ ଘଟଣା କାହାଣୀରେ ବିବୃତ ହୋଇଥାଏ। ସେଗୁଡିକ ମଧ୍ୟରେ 'ଧରନାଡୀ ସାର୍ ଠେଙ୍ଗା', 'ଅଜଣା ଦେଶର ଅଶୁଣା କଥା', 'ଠକ ବାବାଜୀ ଯମ ପୋଛେ ପାଞ୍ଜି', 'କୁହୁକ କରାଟ'ପ୍ରଭୃତି।

(୧୧) ହସ୍ତତନ୍ତ୍ର:-

ଓଡ଼ିଆ ଝିଅମାନେ ହସ୍ତକର୍ମରେ ଅତୀତରେ ନିପୁଣତା ଅର୍ଜନ କରିଥିଲେ। ଓଡ଼ିଆ ଘରର ଝିଅର କଳାନିପୁଣତାକୁ କେତୋଟି ଲୋକକାହାଣୀରେ ପ୍ରକାଶ କରାଯାଇଛି। ଏହିପରି

ISSN NO.
2582-208X

କେତୋଟି ଉଦାହରଣକୁ ଲୋକକାହାଣୀରେ ଆଲୋଚନା କରାଯାଇଅଛି। 'ଅଜଣା ଦେଶର ଅଶୁଣା କଥା' ଗଳ୍ପରେ ପ୍ରଭା ଏପରି ଏକ ଅପୂର୍ବ ଜିନିଷ ବୟନ କରିଛି, ଯେଉଁଠାରେ ଗୋଟିଏ ରାଜ୍ୟ, ସେଥିର ରାଜା, ମନ୍ତ୍ରୀ, ଦେଉଳ, ଦୁର୍ଗ, ପର୍ବତ, ଅରଣ୍ୟ ଆଦି ସୁନ୍ଦର ଭାବରେ ଚିତ୍ରିତ। ପୁଣି 'ଚତୁର ରତ୍ନାବତୀ' ଗଳ୍ପରେ ରତ୍ନାବତୀ ଗଳ୍ପରେ ରତ୍ନାବତୀ ଏପରି ଏକ ସୁନ୍ଦର ପୋଷାକ ତିଆରି କରିଛି। ଯାହାକୁ ଦେଖିବାମାତ୍ରେ ସମସ୍ତେ ଆକୃଷ୍ଟ ହୋଇପଡିଛନ୍ତି।

## ଉପସଂହାର:-

ସାହିତ୍ୟ ଜୀବନ ଓ ସାହିତ୍ୟ ସମାଜର ସଂପର୍କ ଅତ୍ୟନ୍ତ ନିବିଡ଼। ତେଣୁ ମନୁଷ୍ୟ ଜୀବନ ଓ ମନୁଷ୍ୟ ସମାଜର ହିତସାଧନ ହେଉଛି ସାହିତ୍ୟର ମୁଖ୍ୟଧର୍ମ। ସତ୍ ଶିକ୍ଷା, ସତ୍ ଉପଦେଶ, ସତ୍ କର୍ମ ଓ ଆଦର୍ଶଜୀବନ ଗଠନ ନିମିତ୍ତ ସାହିତ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷରେ ନିର୍ଦ୍ଦେଶ ଦେଇଥାଏ। ଲୋକକାହାଣୀରେ ଲୋକସମାଜର ପ୍ରଭାବ ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ସମାଜର ଭଲମନ୍ଦ, ନ୍ୟାୟ ଅନ୍ୟାୟ, ଧର୍ମ ଅଧର୍ମ କଥା ଲୋକକାହାଣୀରେ ଦେଖିବାକୁ ମିଳେ।

## ସହାୟକ ଗ୍ରନ୍ଥସୂଚୀ:-

(୧) ପ୍ରଧାନ, ପ୍ରଫେସର କୃଷ୍ଣଚନ୍ଦ୍ର, ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି, ନବମ ସଂସ୍କରଣ,୨୦୨୨, ବିଦ୍ୟାପୁରୀ, କଟକ

(୨) ସାହୁ, ପ୍ରଫେସର ନାରାୟଣ ଓ ସାହୁ ଅଧ୍ୟାପକ ମନୋଜା ମଞ୍ଜରୀ, ଲୋକସଂସ୍କୃତି ଓ ଲୋକସାହିତ୍ୟ, ଦ୍ୱିତୀୟ ସଂସ୍କରଣ, ୨୦୧୮, ଚିନ୍ମୟ ପ୍ରକାଶନ, ବିନୋଦବିହାରୀ, କଟକ

(୩) ପାଢ଼ୀ, ଡ଼ ବେଣୁଧର, ଲୋକସାହିତ୍ୟ ଓ ଲୋକସାହିତ୍ୟ ତତ୍ତ୍ୱ, ଦ୍ୱିତୀୟ ସଂସ୍କରଣ,୨୦୨୧, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦବିହାରୀ, କଟକ

ISSN NO.
2582-208X

(୪) ମିଶ୍ର, ଡ଼ ଅଜୟ କୁମାର, ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି, ଦ୍ୱିତୀୟ ସଂସ୍କରଣ, ୨୦୧୭, ବିଜୟିନୀ ପବ୍ଲିକେଶନ, ଶଙ୍କରପୁର, କଟକ

(୫)ଗାଁଣ, ଡ଼ ଅନାଦି ଚରଣ, ଲୋକସାହିତ୍ୟର ରୂପରେଖ,ପ୍ରଥମ ସଂସ୍କରଣ, ୨୦୦୪, ମିତା ବୁକସ୍, ବାଦାମବାଡ଼ି, କଟକ

(୬) ନାୟକ, ଡ଼ ନିତ୍ୟାନନ୍ଦ, ପାଠଚକ୍ର ପ୍ରବନ୍ଧାବଳୀ, ୧୧ଶ ସଂଖ୍ୟା,୧୯୯୮, ଶୋଭନ ପ୍ରିଣ୍ଟସ୍, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର

(((-)))

ଗବେଷିକା,
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,
ବାରିପଦା

ISSN NO.
2582-208X

# ପିଲାଦିନ ରଥଯାତ୍ରା



ଦିଲ୍ଲୀପ ଶତପଥୀ

ପ୍ରଫୁଲ୍ଲ ଟ୍ରେକର ଗାଡି,
ଅଠର ବସନ୍ତି ଭିଡି,
ଷାଠିଏ ସତୁରି ସ୍ପିଡି,
ଶ୍ରୀକ୍ଷେତ୍ର କୁ ଯାଉ ମାଡି ।

ଅପୂର୍ବ ଜଗାର ବାଡ଼ି,
ରଥ ପରେ ଭିଡା ଭିଡି,
କେ ତଳେ ଗଲାଣି ପଡି,
ପୁଲିସ ଚିପୁଚି ନାଡି ।

ଠାକୁରେ ଧାଡି କୁ ଧାଡି,
ରଥ ରେ ଯାଆନ୍ତି ଚଢି,
ଘଣ୍ଟା,ଘଣ୍ଟି,ଖୋଳ ରଡି,
ଟାହିଆ ନେଲା କେ ଭିଡି ।

ଚପଲ ଗଲାଣି ଛିଡି,
ପ୍ରଫୁଲ୍ଲ ଟାଣୁଛି ବିଡି,
ବାପା ଛାଡିଲେଣି ରଡି,
କାଳେ ଦେବି ହାତ ଛାଡି ।

ବାପାଙ୍କ କାନ୍ଧରେ ଚଢି,
ବେନି ନେତ୍ର ମୋର ଫାଡ଼ି,

ISSN NO.
2582-208X

ଦେଖିଲି ନାଲିଆ ଥୋଡି,
ପ୍ରଣମିଲି ହାତ ଯୋଡ଼ି ।

ଅତୁଲ ନନା ଖେଚୁଡ଼ି,
ଡାଲମା ଛୁଙ୍କ କୁ ନାଡି,
ନ ତୁଣ କରି ସାଇଡି,
ଖାଇଯା ପତରେ ବାଢି ।

ରାଜା ପାଲିଙ୍କି ରେ ଚଢି,
ହାତେ ଧରି ସୁନା ଖାଡ଼ି,
ତିନି ରଥ ଦେଲେ ଝାଡ଼ି,
ରଥ ଯିବ ଗଡି ଗଡି ।

ଆକାଶ ରେ ଘଡ ଘଡି,
ବାଦଲ ଯାଉଛି ଉଡି,
ବରଷିଲା କୁଣ୍ଡା ଝାଡ଼ି,
ଓଦା ହେଲା ବୋଉ ଶାଢ଼ୀ ।

ଡାହୁକ ହଲାଏ ବାଡ଼ି,
ଶୁଭୁ ନାହିଁ ତାର ରଡି,
ଭକତେ ଧରି ଦଉଡି,
ରଥ ନେଲେ ଭିଡି ଭିଡି ।

ଧନ୍ୟ ପ୍ରଭୁ ଜଗନ୍ନାଥ,
ଧନ୍ୟ ତୋର ଘୋଷଜାତ,
ଧନ୍ୟ ତୋର ଏ ଭକତ,
ଜୀବନ ତା ସମର୍ପିତ ।

(((-)))

508, ନୂଆସାହି, ନୂଆପଲ୍ଲୀ,
ଭୁବନେଶ୍ୱର 751012/9437175763

ISSN NO.
2582-208X

# ନାଗରିକ



ବର୍ଷା ଦାସ

ନା ନା ଦେଶ କଥା ପଚାରନା ମତେ
ମୁଁ ଚାହେଁନି କହିବାକୁ ମୋ ଦେଶର କଥା
ମୁଁ ଜାଣେନି କେହି ଜଣେ ଏ ମାଟିରେ ଗାଇଥିଲା
ଗୀତାର ଗାଥା, କିଏ ଜଣେ କହିଥିଲା କାମନା ହିଁ ଦୁଃଖର କାରଣ,
କେହି ଦିନେ ଲେଖିଥିଲା ତ୍ୟାଗର ରାମାୟଣ
ମୁଁ ବାସ୍ ଜଣେ ସାଧାରଣ ନାଗରିକ ଏ ଦେଶର, ମୁଁ ବିଦ୍ରୋହ କରେ,
ପୋଲ ବନ୍ଧ ବାଡ ଭାଙ୍ଗେ ପୁତ୍ତଳିକା ଜାଳେ, ରାସ୍ତା ରୋକେ...

ମୁଁ ନିଶା ବର୍ଜନର ନାରା ଦିଏ
ପୁଣି ବୋତଲ କିଣେ ଟାକ୍ସ ଦେଇ,
ମୁଁ ବିଜ୍ଞାପନ ଛାପେ ଗୁଟକାର
ସତର୍କ କରେ ଅନ୍ୟକୁ କ୍ୟାନ୍ସର ଦିବସ ପାଳନ କରି,
ରାତିରେ ବଳାତ୍କାରୀ ମୁଁ ଦିନର ଗେଣ୍ଡୁହାରର ଓଜନରେ,
ଝିଅକୁ ବିକ୍ରି କରେ ମୁଁ ବେଟି ବଚାଓ ବେଟି ପଢାଓର ଯୋଜନାରେ,
ପଲିଥିନରେ ଆବର୍ଜନା ଫିଙ୍ଗି ସ୍ୱଚ୍ଛ ଭାରତର ସ୍ୱପ୍ନ ଦେଖେ ମୁଁ
ନାଗରିକତ୍ୱକୁ ଭୁଲି ପାଞ୍ଚଶହ ଟଙ୍କାରେ ବିକ୍ରିହୁଏ ମୁଁ,
ମୁଁ ବନ୍ଧୁକ ଥୁଏ ମୋ ରାଜାର କାନ୍ଧରେ
ଫୁଟାଏ ବି ମୁଁ ରାଜନୀତି ଫାନ୍ଦରେ...

ISSN NO.
2582-208X

ମୁଁ ନାଗରିକ ଏ ଦେଶର
ମୁଁ ଡାହୁକ ମୋ କୁଳର
ମୁଁ ପ୍ରତିଦ୍ୱନ୍ଦୀ ମୋ ଭାଇର
ମୁଁ ହତ୍ୟାକାରୀ ମୋ ମାଆର,
ନା ମୁଁ ଶ୍ରାଦ୍ଧ ଦିଏ, ନା ମୁଁ ଶୁଦ୍ଧି ହୁଏ,
ନା ଶ୍ରଦ୍ଧା କରିପାରେ କାହାକୁ,
ଖାଲିଯା ଆଖି ପିଛୁଳାକେ ଧ୍ୱଂସ କରିପାରେ
ବିଧିବିଧାନ ଦୁର୍ଗା ଭସାଣି ଯାତ୍ରାରେ,
ଅପେକ୍ଷା ବି କରିପାରନ୍ତି ମହାପ୍ରଭୁ ମୋତେ ରଥ ଉପରେ,
ମୁଁ ଯେ ଏ ଦେଶର ନାଗରିକ
ନଖ ମାରିପାରେ ଜନନୀର ଶୁଖିଲା ଘା କୁ ନିଜ ଇଚ୍ଛା ମୁତାବକ...

(((-)))

ରେଭେନ୍ସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଅନନ୍ୟ ନାଟ୍ୟ ବ୍ୟକ୍ତିତ୍ୱ
# ବୃନ୍ଦାବନ ସୁଆର



ହର ପ୍ରସାଦ ସୁଆର

ଓଡିଆ ନାଟକର ଗନ୍ତାଘର ହେଉଛି ଆମ ବିଦ୍ୟାନଗରୀ ପାରଳା। ମଧ୍ୟ ଯୁଗୀୟ ଓ ଆଧୁନିକ ଓଡିଆ ନାଟ୍ୟ ସାହିତ୍ୟକୁ ସମୃଦ୍ଧ ଓ ଋଦ୍ଧିମନ୍ତ କରିବାରେ ପାରଳାଖେମୁଣ୍ଡିର ଦାନ ଓଡିଆ ଜାତି ପାଇଁ ଅବିସ୍ମରଣୀୟ। ଆଦି ନାଟ୍ୟକାର ରଘୁନାଥ ପରିଚ୍ଛାଙ୍କ ଠାରୁ ଆରମ୍ଭ କରି ଅନେକ ବିଶିଷ୍ଟ ନାଟ୍ୟକାର ଜନ୍ମଗ୍ରହଣ କରୁଛନ୍ତି, ଏହି ମାଟିରେ। ସେ ସମୟରେ ନିର୍ବାକ୍ ଚଳଚ୍ଚିତ୍ର ବା ଚଳଚ୍ଚିତ୍ର ପ୍ରତି ଲୋକଙ୍କ ଆଗ୍ରହ ଯେତେଟା ଥିଲା ତା ଠାରୁ ଶତଗୁଣରେ ଅଧିକ ରୁଚି ରହିଥିଲା ନାଟକ ଦେଖିବା, ନାଟକ ଶୁଣିବା, ନାଟକ ରଚନା କରିବା, ନାଟକରେ ଥିବା ବିଭିନ୍ନ ପୌରାଣିକ ତଥା ସାମାଜିକ ଚରିତ୍ରରେ ମନଲାଖି ଅଭିନୟ କରିବା ବା କୌଣସି ଏକ ଉତ୍ତମ ସଂଳାପକୁ ନେଇ ନିଜ ମନ ମଧ୍ୟରେ ଗୁଣଗୁଣେଇବା। ସେ ସମୟରେ ନାଟକ ଥିଲା ଏକ ପ୍ରବହମାନ ନଦୀ। ନଦୀ ଯେପରି ନିଜ ଶଯ୍ୟାରେ ପରିତ୍ୟକ୍ତ ହୋଇଥିବା ଅଳିଆ-ଆବର୍ଜନା ସବୁକୁ ଜଳସ୍ରୋତରେ ଭସାଇ ନେଇ ପାଣିକୁ ସ୍ୱଚ୍ଛ ରଖେ ଠିକ୍ ସେଭଳି ନାଟକ ଶୁଣିବା ମାତ୍ରେ ମନ ଭିତରେ ଥିବା ଆବର୍ଜନା ସବୁ ଦୂରେଇ ଯାଇ ସାମୟିକ ହେଲେ ହେଁ ମନକୁ ପ୍ରଫୁଲ୍ଲ ରଖେ। ପ୍ରତିଦିନ ଘରେ ଘରେ ଘଟୁଥିବା ସାମାଜିକ ଜଞ୍ଜାଳ ଓ ଦୁଃଖକଷ୍ଟାଦିରୁ ମନକୁ ହାଲୁକା ରଖେ ଫଳରେ କ୍ଷେତବାଡିରେ ଚାଷବାସ କରି ଚଳୁଥିବା ଦିନ ମଜୁରିଆଙ୍କ ଠାରୁ ଆରମ୍ଭ କରି ଅତି ସାଧାରଣ ଲୋକ ପର୍ଯ୍ୟନ୍ତ ସମସ୍ତଙ୍କର ଆମୋଦପ୍ରମୋଦର ଏକ ବଳିଷ୍ଠ ମାଧ୍ୟମ ଥାଏ ନାଟକ। ଅତଏବ ମିଳୁଥିବା ସେହି ଆମୋଦପ୍ରମୋଦର ସୁଯୋଗ ନେବାରୁ ପାରଳାର ଜନସାଧାରଣ ବା ବଞ୍ଚିତ ହେବେ କାହିଁକି? ଏଣୁ ନାଟକ ପ୍ରତି ପାରଳାବାସୀଙ୍କର ଏତେଟା

ISSN NO.
2582-208X

ଆଗ୍ରହ । କଳା, ସାହିତ୍ୟ ଓ ସଙ୍ଗୀତର ଅନୁରାଗୀ ପାରଳା ରାଜବଂଶର ପ୍ରୋତ୍ସାହନ ସାଙ୍ଗକୁ ଜନସାଧାରଣଙ୍କର ନାଟକ ପ୍ରତି ଢେର୍ ଆଗ୍ରହ ରହିଥାଏ ।

୧୯୩୦ ମସିହାରେ କଟକୀୟ ବ୍ରାହ୍ମଣ ସାହିରେ ପ୍ରଥମ ରାମଲୀଳା ନାଟକ ଅନୁଷ୍ଠିତ ହେଲା । ଏହାହିଁ ଥିଲା କଟକୀୟ ବ୍ରାହ୍ମଣ ବା କବିଚନ୍ଦ୍ର ସାହି ବାସିନ୍ଦାଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ । ତତ୍ ପରବର୍ତ୍ତୀ ସମୟରେ ସେମାନେ ଆଉ ପଛକୁ ଫେରି ଚାହିଁନାହାନ୍ତି । ସାହିରେ, ସାହି ଲୋକଙ୍କ ଆଗ୍ରହରେ ଗୋଟିକ ପରେ ଗୋଟିଏ ନାଟକ ଅଭିନୀତ ହେବାକୁ ଲାଗିଲା । ରାମଲୀଳା ପରେ କୃଷ୍ଣଲୀଳା, ରାଧାପ୍ରେମଲୀଳା, ଧ୍ରୁବ, ପ୍ରହ୍ଲାଦ, ବିଜୟ କୁମାର ଆଦି ଅଜସ୍ର ନାଟକର ରଚନା ଓ ମଞ୍ଚାୟନ ହେବାକୁ ଲାଗିଲ? । ଏହି ନାଟକଗୁଡିକ ମୁଖ୍ୟତଃ ସ୍କୁଲ ଛାତ୍ର-ଛାତ୍ରୀଙ୍କ ଗ୍ରୀଷ୍ମାବକାଶ ସମୟରେ ହିଁ ଅନୁଷ୍ଠିତ ହୋଇଥାଏ । ସାହିର ଅନେକେ ସେ ସମୟରେ ନାଟକର ବିଭିନ୍ନ ଚରିତ୍ରରେ ଭାଗ ନିଅନ୍ତି ଅଥବା ନାନା ଭାବେ ସାହାଯ୍ୟ ସହଯୋଗ କରନ୍ତି । ସାହିରେ ମୁଖ୍ୟ ଗାହାକ ଥାଆନ୍ତି ହରିକୃଷ୍ଣ ପାଢୀ । ଅନ୍ୟାନ୍ୟ ଗାହାକମାନେ ହେଲେ ରାଧାଚରଣ ପାଢୀ, ସୀମାଞ୍ଚଳ ପାଢୀ ଓ ଲାଲମୋହନ ନିଶଙ୍କ । ଆଉ ଅଭିନୟରେ ସୀତାରାମ ପଣ୍ଡା, ଚୈତନ୍ୟ ପଣ୍ଡା, ହରିକୃଷ୍ଣ ନିଶଙ୍କ, ଗୋପୀନାଥ ସୁଆର, ନିମାଇଁ ଗନ୍ତାୟତ, କୃଷ୍ଣଚରଣ ଗନ୍ତାୟତ, ଲକ୍ଷ୍ମୀକାନ୍ତ ପଣ୍ଡା, କୃଷ୍ଣ ମହାପାତ୍ର, ଗଙ୍ଗା ହଡପ, ଖାନସମା ମାଷ୍ଟ୍ର, ବଡ ସୁଆର, ହେମଚନ୍ଦ୍ର ସୁଆର, ଚିତ୍ତ ପାଢୀ, ମନୋରଞ୍ଜନ ପାଢୀ, ରାଧାମୋହନ ମହାପାତ୍ର ଓ ଚିତ୍ରକାର କୃଷ୍ଣ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । ଏପରିକି ସାହିର ପୁରୁଷମାନେ ନାରୀ ଚରିତ୍ରରେ ଅଭିନୟ କରିବାକୁ ଆଗ୍ରହ ପ୍ରକାଶ କରୁଥିଲେ । ସମସ୍ତଙ୍କ ସହଯୋଗରେ ନାଟାକ ମଞ୍ଚସ୍ଥ ହେଉଥାଏ । ବଡ ବ୍ରାହ୍ମଣ ସାହିର ୮୩ ବର୍ଷୀୟ ରାମକୃଷ୍ଣ ପାତ୍ରଙ୍କ କହିବା କଥା ହେଲା, ସେ ସମୟରେ ତାଙ୍କ ସାହିର ବିଭିନ୍ନ ସ୍ଥାନରେ ଏବଂ ବିଶେଷତଃ ଲୋକନାଥ ସାହୁ ପରିଚାଳିତ ମଠରେ କୃଷ୍ଣଲୀଳା ନାଟକ ମଞ୍ଚସ୍ଥ ହେଉଥାଏ । ଉକ୍ତ ନାଟକଟି ବଡ ବ୍ରାହ୍ମଣ ସାହିରେ ଯେତେଥର ମଞ୍ଚସ୍ଥ ହୋଇଛି ସେତେଥର ନାଟକରେ ଅଭିନୟ କରିବାକୁ ବିଭିନ୍ନ ଚରିତ୍ରଙ୍କ ସାଜସଜା ନିମନ୍ତେ କବିଚନ୍ଦ୍ର ସାହିରୁ ନ୍ୟୁନ ପକ୍ଷେ ଚାରିଶହ ଭରି ଓଜନର ସ୍ୱର୍ଣ୍ଣାଳଙ୍କାର ଅଣାଯାଇ ନାଟକ ଶେଷ ହେବାପରେ ପୁନଶ୍ଚ ଫେରସ୍ତ ଦିଆଯାଉଥିଲା । ସେ ସମୟରେ ନାଟକକୁ ନେଇ ସାହି ସାହି ମଧ୍ୟରେ ଏଭଳି ଆଗ୍ରହ ଓ ଉତ୍କଣ୍ଠା ଦେଖିବାକୁ ମିଳୁଥିଲା ।

ISSN NO.
2582-208X

ନାଟକର ନାରୀ ହେଉ ଅବା ପୁରୁଷ ଚରିତ୍ର, ସେମାନଙ୍କ ସାଜସଜ୍ଜା ନିମନ୍ତେ ଆବଶ୍ୟକ ପଡୁଥିବା ଆଭରଣ, ଅଙ୍ଗ ସଜ୍ଜା ନିମନ୍ତେ ନାନା ଧରଣର ପୋଷାକ, ନାରୀ ଚରିତ୍ରଙ୍କ ବେଣୀ ସଜାଇବା ଦ୍ରବ୍ୟଠାରୁ ଆରମ୍ଭ କରି ସବୁକିଛି ଗଚ୍ଛିତ ଥାଏ, ସାହିର ଚନ୍ଦ୍ରାବଳୀ ପାଢୀଆଣି ନାମ୍ନୀ ଏକ ବୟସ୍କା, ନିଃସନ୍ତାନ ଓ ବିଧବା ମହିଳାଙ୍କ ନିକଟରେ । ସେ ତାଙ୍କରି ଏସବୁ ଜିନିଷ ବ୍ୟବହାର ନିମନ୍ତେ ଦିଅନ୍ତି ସତେ ହେଲେ ତା ବିନିମୟରେ କାହାରିଠାରୁ ପାହୁଲାଟିଏ ସୁଦ୍ଧା ଗ୍ରହଣ କରନ୍ତି ନାହିଁ । ସେ ସର୍ବଦା ସହଯୋଗର ହାତ ବଢାଇ ଦିଅନ୍ତି । ସେ ସମୟରେ କଟକୀୟ ବ୍ରାହ୍ମଣ ସାହିରେ ଅନ୍ୟତମ ବିଶିଷ୍ଟ ବ୍ୟକ୍ତି ଥିଲେ ବୃନ୍ଦାବନ ସୁଆର । ସେ ଥିଲେ ଜଣେ କଳାପ୍ରେମୀ, ନାଟ୍ୟପ୍ରେମୀ ଓ ନାଟ୍ୟ ବ୍ୟକ୍ତିତ୍ୱ । ଫଳରେ ସେ ଅବା ଏସବୁରୁ ନିଜକୁ ଦୂରେଇ ରଖନ୍ତେ କିପରି? ପାରଳାର ନାଟ୍ୟକଳାକୁ ଆଗେଇ ନେବାରେ କୀୟଦଂଶ ହେଲେ ହେଁ ସୁଆରଙ୍କର ଅବଦାନ ରହିଛି । ସାଧାରଣତଃ ଦେଖାଯାଏ, ଯାହାଙ୍କ ଲାଗି ନାଟକଟି ସୁରୁଖୁରୁରେ ମଞ୍ଚସ୍ଥ ହୋଇପାରିଲା, ସଫଳ ନାଟକ ବୋଲି ବିବେଚିତ ହୋଇପାରିଲା ଅଥବା ଏତେଟା ଜନପ୍ରିୟତା ଲାଭକଲା ଯେ ପରବର୍ତ୍ତୀ ସମୟରେ ପୁନଶ୍ଚ ମଞ୍ଚସ୍ଥ କରିବାକୁ ପଡିଲା, ସେପରି ବ୍ୟକ୍ତିତ୍ୱଙ୍କୁ ସମୟକ୍ରମେ ଲୋକେ ଭୁଲି ଯାଆନ୍ତି । କହିବା ବାହୁଲ୍ୟ, ଲୋକଙ୍କ ସ୍ମୃତି ଅତି ପତଳା । ଫଳରେ ଅତୀତକୁ ସହଜରେ ମନେ ପକାଇ ପାରନ୍ତି ନାହିଁ । ପରଦାରେ ଅନ୍ତୁଆଳରେ ରହିଯାଇଥିବା ବ୍ୟକ୍ତି ବିଶେଷଙ୍କୁ କିଏ ଅବା ମନେ ରଖିବ? ସାହିରେ ଅନୁଷ୍ଠିତ ହେବାକୁ ଥିବା ନାଟକରେ କେଉଁ ଚରିତ୍ରରେ କିଏ ଅଭିନୟ କରିବେ, କାହାକୁ କେଉଁ ଚରିତ୍ରଟା ଦିଆଯିବ, କାହାକୁ କେଉଁ ଚରିତ୍ର ଭଲ ମାନିବ, ସେସବୁ ଚରିତ୍ରକୁ ଚୟନ କରିବାର ଦାୟିତ୍ୱ ଅନେକାଂଶରେ ଥାଏ, ବୃନ୍ଦାବନ ସୁଆର ଓରଫ ବୁଦ୍ଧି ସୁଆରଙ୍କ ଉପରେ । ସେ ନାଟକର ସମସ୍ତ ଚରିତ୍ର ପାଇଁ ପାତ୍ର ଚୟନ କରନ୍ତି । ଏହି କ୍ରମରେ ରାମଲୀଳା ନାଟକରେ ରାଜା ଦଶରଥଙ୍କ ଚରିତ୍ରରେ ଭୂଷଣଙ୍କ ବାପା, ରାମଙ୍କ ଚରିତ୍ରରେ ହରିକୃଷ୍ଣ ନିଶଙ୍କ, ସୀତାଙ୍କ ଚରିତ୍ରରେ ଲକ୍ଷ୍ମୀକାନ୍ତ ପଣ୍ଡା, ରାବଣ ଚରିତ୍ରରେ କୃଷ୍ଣଚରଣ ଗନ୍ତାୟତ, ବିପ୍ରଚରଣ ପଣ୍ଡାଙ୍କ ଜ୍ୟେଷ୍ଠପୁତ୍ର ହନୁମାନଙ୍କ ଚରିତ୍ରରେ, ମନ୍ଦୋଦରୀ ଚରିତ୍ରରେ ଲଛମନ ପାଢୀ, ଗଙ୍ଗା ହଡପ ବିଭୀଷଣଙ୍କ ଚରିତ୍ରରେ, ପିଲା ସୀତା ବା କନ୍ୟା ସୀତାଙ୍କ ଚରିତ୍ରରେ କେତେବେଳେ ରାମୁନି ପାଢୀ ତ କେତେବେଳେ ବିଶ୍ୱନାଥ ପାଢୀ ଏବଂ ମାଙ୍କଡ ଚରିତ୍ରରେ କିଶୋର ଚନ୍ଦ୍ର ଗୁରୁ ଏବଂ ସାଥୀମାନେ ଅଭିନୟ କରିଥାନ୍ତି । ଅନ୍ୟ ନାଟକଗୁଡିକରେ ଗୋପୀନାଥ ସୁଆର, ହେମଚନ୍ଦ୍ର ସୁଆର, ମଦନ ଦାସଙ୍କ ସହ ଆହୁରି ଅନେକେ ଅଂଶଗ୍ରହଣ କରନ୍ତି । ପରବର୍ତ୍ତୀ ପର୍ଯ୍ୟାୟର

ISSN NO.
2582-208X

ଆଧୁନିକ ତଥା ସାମାଜିକ ନାଟକରେ ଦେବେନ୍ଦ୍ର ଦାସ, ବ୍ରଜେନ୍ଦ୍ର ପଣ୍ଡା (ପିଲି), ଗଙ୍ଗା ଓ ବାବୁ ଗନ୍ତାୟତ ଆଦି ଅଭିନୟ କରୁଥିଲେ। ଏଥିପାଇଁ ସେ ଅଭିନୟ କରୁବାକୁ ଥିବା ଆଗ୍ରହୀ କଳାକାରଙ୍କୁ ନେଇ ନିଜଘରେ ଏକ ସଭାର ଆୟୋଜନ କରନ୍ତି। ବିଦ୍ୟୁତ୍ ଆଲୁଅର ବ୍ୟବସ୍ଥା ନଥାଏ। ଏଣୁ ନିଜ ଉଦ୍ୟମରେ ଏକ ପେଟ୍ରୋମ୍ୟାକ୍ସ ଲାଇଟ୍ କିଣି ଘରେ ରଖିଥାଆନ୍ତି। ନାଟକର ଚରିତ୍ରଗୁଡିକର ନିର୍ଣ୍ଣୟ ହୋଇସାରିବା ପରେ ଯାଇ ପରବର୍ତ୍ତୀ ପଦକ୍ଷେପ ଅର୍ଥାତ ରିହର୍ସାଲ ବା ପୂର୍ବାଭ୍ୟାସ ଆରମ୍ଭ କରାଯାଉଥାଏ।

ମଞ୍ଚସ୍ଥ ହେବାକୁ ଥିବା ନାଟକର ପୂର୍ବାଭ୍ୟାସ ଶ୍ରୀ ସୁଆରଙ୍କ ଘରେ ହିଁ ହେଉଥାଏ। ସେ ସମୟରେ ପେଟ୍ରୋମାକ୍ସ ଲାଇଟ୍ ସାହିରେ କାଁ ଭାଁ ଥାଏ ଅଥବା ଆଦୌ ଉପଲବ୍ଧ ନଥାଏ, ଏଣୁ ଭଡାରେ ଆଣିବାକୁ ପଡୁଥାଏ। ଅଥଚ ସୁଆରଙ୍କ ଘରେ ପେଟ୍ରୋମାକ୍ସ ଲାଇଟ୍ ଥିବା ହେତୁ ବ୍ୟବହାର କରିବା ନିମନ୍ତେ କୌଣସି ଦେୟ ଦେବାକୁ ପଡୁନଥାଏ। ଉକ୍ତ ପେଟ୍ରୋମ୍ୟାକ୍ସ ଲାଇଟ୍ ର ଆଲୁଅରେ ରିହର୍ସାଲ୍ ଚାଲୁଥାଏ, ଯାହାର ନିଦର୍ଶନ ଆଜି ମଧ୍ୟ ରହିଛି। ସୁଆରଙ୍କ ଘରେ ରିହର୍ସାଲ୍ ନିମନ୍ତେ ଆବଶ୍ୟକ ପଡୁଥିବା ଉପଯୁକ୍ତ ସ୍ଥାନର ଅଭାବ ନଥାଏ। ଏଣୁ ସାହି ଲୋକେ ଶ୍ରୀ ସୁଆରଙ୍କ ଘରେ ହିଁ ଚରିତ୍ର ବାଛିବା କାମ ଏବଂ ପୂର୍ବାଭିନୟ ଆଦି କାର୍ଯ୍ୟ କରିବାକୁ ପସନ୍ଦ କରନ୍ତି । କାରଣ ସେ ଥିଲେ ଜନେ ଶାନ୍ତ, ସରଳ ଓ ପରୋପକାରୀ ବ୍ୟକ୍ତି। (ପାରଳାର ବଡଦାଣ୍ଡ ସାହିର ବରିଷ୍ଠ ସାମ୍ବାଦିକ ନବୀନାନନ୍ଦ ଗନ୍ତାୟତଙ୍କ ଧର୍ମପତ୍ନୀ ଶ୍ରୀମତୀ ଅମୂଲ୍ୟ କୁମାରୀ ଗନ୍ତାୟତଙ୍କ ଠାରୁ ଏହି ତଥ୍ୟ ହସ୍ତଗତ ହୋଇଛି)। ସେ କୁଆଡେ ସ୍ୱାମୀଙ୍କ ଜୀବିତାବସ୍ଥାରେ ଏସବୁ କଥା ଅନେକ ଥର ଶୁଣିଛନ୍ତି। ସେ ସମୟରେ ଗୀତିନାଟ୍ୟ ବା ସଙ୍ଗୀତ ପ୍ରଧାନ ନାଟକ ରଚନା କରାଯାଉଥିଲା। ପଦ୍ମନାଭ ଗଜପତି ମଧ୍ୟ ସଙ୍ଗୀତ ନାଟକର ରଚନା କରିଥାଆନ୍ତି। ଏପରିକି ହିନ୍ଦୀ ସାହିତ୍ୟର ବିଖ୍ୟାତ ନାଟ୍ୟକାର ଜୟଶଙ୍କର ପ୍ରସାଦଙ୍କର ଏକାଧିକ ନାଟକରେ ସଙ୍ଗୀତର ପ୍ରୟୋଗ କରାଯାଇଥିଲା। ସେ ସମୟରେ ସଙ୍ଗୀତ ଥିଲା ନାଟକର ଏକ ପ୍ରମୁଖ ଅଙ୍ଗ। ଦୀର୍ଘ ତିନି-ଚାରି ଘଣ୍ଟା ଧରି ଚାଲୁଥିବା ନାଟକର କ୍ରମାନ୍ୱୟତା ଯେପରି ଦର୍ଶକଙ୍କ ମନରେ ବିରକ୍ତି ଭାବେ ଉଦ୍ରେକ ନକରି ଆନନ୍ଦ ପ୍ରଦାନ କରିବ ସେଥିପାଇଁ ମଝିମଝିରେ ସଙ୍ଗୀତର ବ୍ୟବହାର କରାଯାଉଥିଲା। ସୁଆରେ ଥିଲେ ଜଣେ ବିଶିଷ୍ଟ କବି। ଫଳରେ ରିହର୍ସାଲ ସମୟରେ ହେବାକୁ ଥିବା ନାଟକରେ ପ୍ରୟୋଗ ହୋଇଥିବା ସଙ୍ଗୀତର ତ୍ରୁଟିଗୁଡିକୁ ସେ ସଠିକ୍ ଭାବେ ସଂଶୋଧନ କରିଦେଉଥିଲେ।

ISSN NO.
2582-208X

ନାଟକର ଏକ ପ୍ରମୁଖ ଅଙ୍ଗ ହେଉଛି ଡାଏଲଗ୍ ବା ସଂଳାପ । ନାଟକ ରଚନା ସମୟରେ ସ୍କ୍ରିପ୍ଟ ବା ପଦରେ ଯାହା କିଛି ତ୍ରୁଟି ରହିଯାଇଥିବ, ସେଗୁଡିକୁ ସୁଆରେ ସଜାଡି ଦେଉଥିଲେ । ସଂଳାପଗୁଡିକରେ ରହିଯାଇଥିବା ତ୍ରୁଟିଗୁଡିକ ସଜାଡି ଦେଉଥିବା ଫଳରେ ରୋଚକ, ଲୋମହର୍ଷକ ଏବଂ ଶ୍ରୁତିମଧୁର ହୋଇଥିବା ଉପଯୁକ୍ତ ସଂଳାପ ଶୁଣି ଦର୍ଶକେ ମୁଗ୍ଧ ହୋଇଯାଉଥିଲେ । ସେ ଏ କାମରେ ଥିଲେ ପାରଦର୍ଶୀ । ସଙ୍ଗୀତ ପ୍ରଧାନ ନାଟକ କୃଷ୍ଣଲୀଳା ସହ ଅନ୍ୟାନ୍ୟ ଲୀଳା ନାଟକରେ ସେ ସୁଲଳିତ କଣ୍ଠରେ ଗାୟନ କରୁଥିଲେ । ଏଥିନିମନ୍ତେ ଘରେ ଗୋଟିଏ ହାରମୋନିୟମ୍ ରଖିଥାଆନ୍ତି । ଏଣୁ ନାଟକର ଯେଉଁ ଅଂଶରେ ଗୀତ ରହିଥାଏ, ସେହି ଅଂଶକୁ ଗାଇବା ଦାୟିତ୍ୱ ଥାଏ କେବଳ ତାଙ୍କରି ଉପରେ । ବେଳେବେଳେ ସେ ଏଧରଣର ତ୍ରୁଟି ସଜାଡିବା କାମ ତାଙ୍କ ପୁତୁରା ହେମଚନ୍ଦ୍ର ସୁଆରଙ୍କ ପିଣ୍ଡାରେ ବସି ମଧ୍ୟ ସମ୍ପନ୍ନ କରୁଛନ୍ତି । ନିଜଘରେ ସାହିର କିଛି ବ୍ୟକ୍ତିଙ୍କୁ ନେଇ ନାଟକର ଆସରର ଆୟୋଜନ କରନ୍ତି । ଜଣେ ମଞ୍ଚ କଳାକାର ଭାବରେ ସେ ନାଟକରେ ଅଭିନୟ ମଧ୍ୟ କରୁଥିଲେ । ନାଟକର ବିଭିନ୍ନ ଚରିତ୍ରରେ ଅଭିନୟ ମିନନ୍ତେ ଯେଉଁ ସବୁ ସାଜସଜ୍ଜାର ଜିନିଷ ପ୍ରୟୋଜନ ସେଗୁଡିକ ତାଙ୍କ ଘରେ ଥାଏ । ଏସବୁ ତଥ୍ୟ ହେମଚନ୍ଦ୍ର ସୁଆରଙ୍କର ସୁପୁତ୍ର, ବୃନ୍ଦାବନ ସୁଆରଙ୍କର ନାତି ତଥା ଆଇନଜୀବୀ ଶୁଶୀଳ ସୁଆରଙ୍କ ଠାରୁ ପ୍ରକାଶ । ରାଟିଁଣି ଗ୍ରାମର ବିଜୟ କୁମାର ପଣ୍ଡା ଦୀର୍ଘବର୍ଷ ଧରି ପାରଳାଖେମୁଣ୍ଡିର ସ୍ଥାୟୀ ନିବାସୀ । ତାଙ୍କ କହିବା କଥା ହେଲା, ସେ ଯେତେବେଳେ ପାରଳା ହାଇସ୍କୁଲରେ ନବମ ଶ୍ରେଣୀରେ ପଢନ୍ତି, ସେତେବେଳେ କବିଚନ୍ଦ୍ର ସାହିର ଏକ ଗୁଣୀ ବ୍ୟକ୍ତି ତଥା ସଙ୍ଗୀତଜ୍ଞ ଲାଲମୋହନ ନିଶଙ୍କ (ଲାଲ ବାପା)ଙ୍କ ସଂସ୍ପର୍ଶରେ ଆସନ୍ତି । ନିଶଙ୍କଙ୍କ ସାମନା ଘର ହେଉଛି ବୃନ୍ଦାବନ ସୁଆରଙ୍କର । ଫଳରେ ନିଶଙ୍କଙ୍କ ସହ ସେ ଅନେକଥର ବୃନ୍ଦାବନ ସୁଆରଙ୍କର ଘରକୁ ଆସି ସଙ୍ଗୀତ ଆସରରେ ଅଂଶଗ୍ରହଣ କରିଛନ୍ତି । ବିଜୟ ପଣ୍ଡା, ବୃନ୍ଦାବନ ସୁଆର ଏବଂ ନିଶଙ୍କ ଙ୍କ ନିକଟରେ ପୁତ୍ରସମ ହେଲେ ନିଶଙ୍କ ବାପାଙ୍କ ମାଧ୍ୟମରେ ଆଜଠୁ ଛଅ ଦଶନ୍ଧି ପୂର୍ବେ ଶ୍ରୀ ସୁଆରଙ୍କୁ ଅତି ନିକଟରୁ ଜାଣିବାର ସୁଯୋଗ ଲାଭ କରିଛନ୍ତି । ତାଙ୍କ କହିବା କଥା ହେଲା ଶ୍ରୀ ସୁଆର ନିଜେ ନାଟକରେ ଅଂଶଗ୍ରହଣ କରୁଥିଲେ ଏବଂ ତାଙ୍କ ଘରେ ପ୍ରାୟତଃ ବିଭିନ୍ନ ନାଟକର ପ୍ରାକ୍ ଅଭିନୟ କରାଯାଉଥାଏ । ଅତଏବ ଉପରୋକ୍ତ ବ୍ୟକ୍ତିଙ୍କଠାରୁ ସଂଗୃହୀତ ତଥ୍ୟଗୁଡିକୁ ସୁଆରଙ୍କ ନାଟ୍ୟ ପ୍ରତିଭା ସମ୍ବନ୍ଧରେ ଏକ ବଳିଷ୍ଠ ପ୍ରମାଣ ଭାବେ ନିଆଯାଇପାରେ ।

ISSN NO.
2582-208X

ଉପର୍ଯ୍ୟୁକ୍ତ ଘଟଣାବଳୀରୁ ଏହା ସ୍ପଷ୍ଟ ଅନୁମେୟ ଯେ, ଶ୍ରୀ ସୁଆରଙ୍କର ନାଟକ ପ୍ରତି ରଚି ରହିଥିଲା ଏବଂ ସେ ନାଟକ ପାଇଁ ଯଥେଷ୍ଟ ପରିଶ୍ରମ କରୁଥିଲେ । ସେ ଥିଲେ ଜଣେ ପ୍ରତିଭାବାନ୍ ବ୍ୟକ୍ତି । ନାଟକ ଥିଲା ତାଙ୍କ ପ୍ରାଣ । ନିଜେ ନାଟକ ରଚନା କରିନଥିଲେ ହେଁ ବାସ୍ତବରେ ସେ ଥିଲେ ନାଟକର ପରଦା ପଛର ଅସଲ ନାୟକ ।

(((-)))

ଚଳଭାଷ - ୭୫୦୧୬୫୨୪୨୮

ISSN NO.
2582-208X

# କବିତାର ଧାରେ



ପ୍ରଶାନ୍ତ ବ୍ରହ୍ମା

ଏକାନ୍ତରେ ବସି ଅନେକ ଭାବନା
ଭାବେ ମନେ କେତେ କଥା
ଦିଆଖି ବୁଲେଇ ଦେଖେ ଯେବେସବୁ
ବୁଲେ ତାର ସେହି ମଥା।

ଭାବେ ବସି ସେହି ଲେଖନ୍ତି ଯେ ମୁହିଁ
କବିତାର ଧାରେ ଧାରେ
ଅଭୁଲା ସ୍ମୃତିସେ ହୋଇଯେ ରୁହନ୍ତା
ହୃଦୟର ବସା ଘରେ।

କାଗଜ କଲମ ଧରି କସେ ସେହି
କବିତାର କେତେ ଅଙ୍କ
ଏକାନ୍ତରେ ବସି ଲେଖି ଚାଲେ ସେହି
ଭାବନାର କେତେ ବାଙ୍କ ।

ତଥାପି ମନରେ ପାଏନାହିଁ ଶାନ୍ତି
ଭାବେ ଆଉ କେତେ କଥା
କିପରି ହୋଇବ ପୁରଣ ଯେ ଏହି
ଲିପିବଦ୍ଧ ହେବ ଗାଥା।।

(((-)))

ପଳାଶପୁର, ଖୋର୍ଦ୍ଧା

ISSN NO.
2582-208X

# ଆମେ ବଉଦିଆ



କାର୍ତ୍ତିକେଶ୍ୱର ନାୟକ

ବଉଦ ମାଟିର ଜନ୍ମିତ ସମସ୍ତ ଅଧିବାସୀ ତଥା ପରିବେଶର ଉତ୍ପାଦିତ ସାମଗ୍ରୀ ବଉଦିଆ । ଏଠାରେ, "ବଉଦିଆ" ଏକ ସୁପରିଚିତ ପଡୋଶୀ ଜିଲ୍ଲା ମାନଙ୍କ ବୋଲି । ସାଧାରଣରେ କହିବାକୁ ଗଲେ ବଉଦରେ ଯିଏ ବାସ କରନ୍ତି ସେମାନେ ବଉଦିଆ ଭାବେ ଜଣାଶୁଣା । ଅବଶ୍ୟ ବୌଦ୍ଧରେ ବାସ କରୁଥିବା ଯେ କେହି ବାସିନ୍ଦା ଅନ୍ୟଜଣେ ବାସିନ୍ଦାଙ୍କୁ ବଉଦିଆ ବୋଲି ସମ୍ବୋଧନ କରି ନ ଥାନ୍ତି । କେବଳ ବୌଦ୍ଧ ଜିଲ୍ଲାର ନିକଟ ସମ୍ପର୍କୀୟ ଜିଲ୍ଲା ଗୁଡିକ ଏହିପରି ସମ୍ବୋଧନ କରିଥାନ୍ତି । ବଉଦ ବା ବୌଦ୍ଧ ମାଟିର ଅଧିବାସୀ ନିଜ ଐତିହ୍ୟ ଓ ପରମ୍ପରାକୁ ଖୁବ ଭଲ ପାଆନ୍ତି । ଏହା ଏକ ପ୍ରାଚୀନ ରାଜତନ୍ତ୍ର ପ୍ରଶାସିତ ପରମ୍ପରା ଓ ପ୍ରଥା ଉପରେ ପର୍ଯ୍ୟବେଷିତ ଭୂଖଣ୍ଡ । ବଉଦ ଭୂଖଣ୍ଡ ରାଜ୍ୟରେ ଖୁବ ପୁରୁଣା ଓ ଜଣାଶୁଣା ଅଧିକାଂଶ ଅଞ୍ଚଳ ଜଙ୍ଗଲ ଓ ଅସମତଳ ପ୍ରାକୃତିକ ପରିବେଶକୁ ନେଇ ଗଠିତ ।

ଚିରସ୍ରୋତା ସୁଦୀର୍ଘ ନୀଳପରୀ ମହାନଦୀ ଏହି ଭୂଖଣ୍ଡର ଜୀବନ ରେଖା ଭାବେ ପରିଚିତ। ମହାନଦୀର ମହାନ କୃତଜ୍ଞତା ଫଳରେ ଏ ଛୋଟ ଭୂଖଣ୍ଡ ସୁନ୍ଦର ଇତିହାସ ତିଆରି କରିବାରେ ସଫଳ ହୋଇଛି। ବିବିଧତାର ବୌଦ୍ଧ, ବେଶ କ୍ଷୁଦ୍ର କ୍ଷୁଦ୍ର ଅନେକ ଜୀବିକା, କୌଳିକ ବୃତ୍ତି, ପେଶା ଇତ୍ୟାଦି ମଣ୍ଡନ କରି ସୁଖ ଓ ଆନନ୍ଦ ଭରିଛି । ଏମାଟିର, ମାଟିକାମ, ତନ୍ତ କାମ, କୃଷି, ମେଷ ପାଳନ, ପାରମ୍ପରିକ ମାଛ ସଂଗ୍ରହ ଓ ଚାଷ, ପନିପରିବା ଚାଷ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ, ସର୍ବପରି ବ୍ୟବଶାୟ ବଞ୍ଚିବାର ରାହା ସାଜିଛି । ବଉଦ ବା ବୌଦ୍ଧ ମାଟିକୁ ସଠିକ ପରିଚୟ ଦେବା କିମ୍ବା ଏ ମାଟିର ନାମ କରଣ ହେବାସମୟ କିମ୍ବା ଭୌଗଳିକ କାରଣ ଖୋଜିଲେ, ହୁଏତ ସଠିକ ଉତ୍ତର ମିଳିନପାରେ । କାରଣ ତତ୍କାଳୀନ ରାଜା, ବୁଦ୍ଧିଜୀବୀ ବା ସାହିତ୍ୟିକ ମାନଙ୍କ ମନରେ ଗଭୀର ଜିଜ୍ଞାସା ନ ଥିବା ଅନୁମାନ କରାଯାଇ ପାରେ । ଯଦି ସେମିତି କିଛି ଲେଖା, ଲୋକକଥା, ଇତିହାସ ଆଗରୁ ଥା'ନ୍ତା, ହୁଏତ ତାହା ଆଜିର ପିଢ଼ି ସହଜରେ ଗ୍ରହଣ କରିଥାନ୍ତେ ।

ISSN NO.
2582-208X

ଏମାଟିର ରାଜତନ୍ତ୍ର ପରିଚୟ ବୌଦରାଜ, ସାଧାରଣ ଜନତା କହନ୍ତି ବଉଦ ବା ବଉଦଗଡ଼। ଆଧୁନିକ ବୌଦ୍ଧ ବା ଆଜିର ବୌଦ୍ଧ, ବିଂଶ ଶତାବ୍ଦୀର ଶେଷ ବା ଅଷ୍ଟମ ଦଶକ(୧୯୮୦) ଭାଗରେ ବୌଦ୍ଧ ଭାବେ ଲିଖିତ ଆତ୍ମପ୍ରକାଶ କରିଥିଲା । ଏହି ମାଟିର ସ୍ୱତନ୍ତ୍ରତା ଏହିଯେ, ୬ଷ୍ଠ ଶତାବ୍ଦୀର ଇତିହାସ ବୁଦ୍ଧଦେବଙ୍କ ପ୍ରାମାଣିକ ପଥର ମୂର୍ତ୍ତି ଆଜିବି ପୂଜା ପାଆନ୍ତି। ଯାହାକି ଏତେ ପୁରାତନ ମୂର୍ତ୍ତି ରାଜ୍ୟର ଆଉ କେଉଁଠି ଦେଖିବାକୁ ମିଳେ ନାହିଁ । ଏହାହିଁ ଏ ଭୂଖଣ୍ଡର ବଳିଷ୍ଠ ପ୍ରମାଣ ଓ ବିଶେଷତା ।

ତଥାପି, ଅତୀତ ଅନେକ ଲୋକ କଥା ରହିଛି । ବୌଦ୍ଧ ଭୂଖଣ୍ଡର ମଧ୍ୟଭାଗରେ ଅର୍ଥାତ ବର୍ତମାନ ଏରିଆ, ପରଗଳପୁର, ଶ୍ୟାମସୁନ୍ଦରପୁର, ତିଳେଶ୍ୱର ଇତ୍ୟାଦି ଇଲାକା, ଉତ୍ତରରେ ଯଯାତି ନଗର, ଜହ୍ନାପଙ୍କ, ବଲାସିଙ୍ଗା ଇତ୍ୟାଦି ଅଂଚଳରେ ବହୁ ବୌଦ୍ଧ ଧର୍ମାବଲମ୍ବି ମାନେ ବାସ କରି ରହୁଥିଲେ । ଆଶାକରାଯାଏ, ତତ୍କାଳୀନ ବୌଦ୍ଧଭିକ୍ଷୁ ମାନଙ୍କ ପବିତ୍ର ଚରଣ ଏମାଟି ସ୍ପର୍ଶ ପାଇଥିଲା, କିମ୍ବା ବୁଦ୍ଧଙ୍କ ଆତିଥ୍ୟ, ଏ ପୁଣ୍ୟ ମାଟି ଅତୀତରେ ସୌଭାଗ୍ୟ ଲଭିଥିଲା । ଜିଲ୍ଲାର ସଦର ମହକୁମାରେ ଦେଖିବାକୁ ମିଳେ ବୁଦ୍ଧଙ୍କ ପୀଠସ୍ଥଳୀ। ଏହା ଭିନ୍ନ ଅନତି ଦୂର ପରଗଳ ପୁର, ଶ୍ୟାମସୁନ୍ଦର ପୁର ବୌଦ୍ଧ ସଦର ମହକୁମା ଠାରୁ ୧୪ କିମି ଠାରେ ଅତି ପ୍ରାଚୀନ ବୌଦ୍ଧ ଶିଳା ମୂର୍ତ୍ତି ଦେଖିବାକୁ ମିଳେ। ବୋଧହୁଏ, ଏହି ଭୂଖଣ୍ଡର ଏହି ଶିଳାମୂର୍ତ୍ତି ସର୍ବ ପ୍ରାଚୀନ ଅଟେ । ଏମାଟିରେ ଯଦିଓ ୮ମ ଶତାବ୍ଦୀର ଶକ୍ତି ଓ ଶୈବ ପୀଠ ପ୍ରତୀୟମାନ, ତଥାପି ବୁଦ୍ଧଙ୍କ ଅଦ୍ୱିତୀୟ ବାଣୀ କାହିଁକି ପ୍ରଶସ୍ତି ଲାଭ କରିପାରି ନାହିଁ ତାହା ଆଶ୍ଚର୍ଯ୍ୟ ଲାଗେ । ହେଲେ, ଏତେବଡ଼ ପ୍ରାଚୀନ ବୁଦ୍ଧଙ୍କ ଅସ୍ତିତ୍ୱକୁ ଲକ୍ଷ୍ୟ କରି ବୋଧହୁଏ, ଜିଲ୍ଲାର ନାମ ବୌଦ୍ଧ ରଖାଯାଇଛି । ଏଠାକାର ଅଧିବାସୀ ଅତି ସରଳ, ବିନୟୀ, ସହଜ ବିଶ୍ୱାସୀ, ନମ୍ର, ନିଷ୍କପଟ ତଥା କମ ପରିଶ୍ରମୀ। ଆଡମ୍ବର ପୂର୍ଣ୍ଣ ଜୀବନ ନିର୍ବାହ କରିବାକୁ ପସନ୍ଦ କରନ୍ତି। ଅବଶ୍ୟ ଆଜିକାଲି ପରିଶ୍ରମର ମୂଲ୍ୟ ସ୍ୱତଃ ପ୍ରତିଫଳିନ ହେବାରେ ଲାଗିଛି । ସେ ସମୟ ଓ ଆଜି ଖୁବ ପରିବର୍ତ୍ତନଶୀଳ । ଅଧିବାସୀ ସମୟ ଓ ପରିଶ୍ରମ କୁ ପ୍ରାଧାନ୍ୟ ଦେଲେଣି ।

ଏକ ପ୍ରାକୃତିକ ବିବିଧତା ବେଶ ଏମାଟିର ଗର୍ବ ଓ ଗୌରବ । ଏମାଟିର ଗଠନ ଅନୁସାରେ ଏକ ଅନନ୍ୟ ଭୂମିରୂପ ଦେଖିବାକୁ ମିଳିଥାଏ । ସାତଟି ଭୂଖଣ୍ଡର ମିଳନ ପର୍ବ ମଧ୍ୟ ଭୂଖଣ୍ଡ ବୌଦ୍ଧ, ବେଶ ନିଆରା ମାଟି । ଏମାଟିରେ ସାତଟି ସଂସ୍କୃତି, ସାତଟି ଭାଷା, ସାତଟି ଚଳଣିର ଅପୂର୍ବ ମିଳନ ଦେଖିବାକୁ ମିଳେ। ଏ ନିଆରା ମାଟି, ସାତଟି ଭିନ୍ନ

ISSN NO.
2582-208X

ମାଟିର ସମ୍ପର୍କିତ ସମାହାର କେନ୍ଦ୍ର । ଏହାର ଚାରି ପାର୍ଶ୍ୱରେ ସୋନପୁର, କଳାହାଣ୍ଡି, ସମ୍ବଲପୁର ବଲାଙ୍ଗୀର, ଅନୁଗୁଳ, ନୟାଗଡ ଓ କନ୍ଧମାଳ ମାଟି ସହିତ ସଂଲଗ୍ନ । ବେଶ ଖୁବ ସୁନ୍ଦର ଓ ନିଆରା ମିଳନ । "ଆମେ ବଉଦିଆ ସଭିଙ୍କ କୁଣିଆ" । ଅନେକ ପ୍ରଥା ପରମ୍ପରା ତଥା ମାଙ୍ଗଳିକ ସମ୍ପର୍କରେ ଯୋଡ଼ିତ । ବୌଦ୍ଧ ଜିଲ୍ଲାର ଉତ୍ତର ପଶ୍ଚିମ ଦିଗରେ କଣ୍ଟାମାଳ ବ୍ଲକ ଅବସ୍ଥିତ । ସେଠାକାର ଲୋକଙ୍କ ଅନେକ ଓ ଖୁବ ସ୍ମୃତି ମଧୁର ଭାଷା, କଳାହାଣ୍ଡି ସମ୍ବଲପୁରୀ, ବଲାଙ୍ଗୀର ସହିତ ମିଶାମିଶି ଅଟେ । ବିଲକୁଳ ନିଆରା ।

ବୌଦ୍ଧ ଭୂଖଣ୍ଡର ଅନେକ ଅତୀତ ଅଙ୍ଗେନିଭା ଲୋକକଥା ଆଜି କାହାଣୀ ହୋଇଛି । ଆସନ୍ତୁ, ଜାଣିବା ଅତୀତର ମୂକ ସାକ୍ଷୀ ଅରଣ୍ୟ ଗଡ଼ । ଅରଣ୍ୟଗଡ଼ ବୌଦ୍ଧ ସଦର ମହକୁମା ଠାରୁ ୫୦ କିମି. ଦୂର ଦକ୍ଷିଣ ପୂର୍ବକୁ ଲମ୍ବି ଯାଇଛି ବର୍ତ୍ତମାନ ୫୭ ନମ୍ବର ଜାତୀୟ ରାଜପଥ । ବର୍ତ୍ତମାନର ଆଧୁନିକ ନାମ ଆଡେଣୀ ଗଡ଼। ଗଡଜାତ ଶାସନ ସମୟର ଜଣାଶୁଣା ଖଜଣା (କର) ସଂଗ୍ରହ ଛୋଟ ଗାଁ ବା ତାଲୁକ । ଘଞ୍ଚ ଅରଣ୍ୟ ପରିବେଷ୍ଟିତ ଏ ଅରଣ୍ୟ ଗଡ଼। ଚାରିଆଡେ ଅର୍ଥାତ ଗ୍ରାମର ଚାରି ଦିଗରେ ଜଙ୍ଗଲ ଓ ଜଙ୍ଗଲ । ଗ୍ରୀଷ୍ମ ଅବକାଶ ପାଇଁ ବୌଦ୍ଧ ରାଜା ଏହି ଛୋଟ ଗାଁ ଟିରେ ପଦାର୍ପଣ କରୁଥିବା ଜଣାଯାଏ । ଯାହାକି ଆଜିବି ସେହି ପ୍ରାଚୀନ ବଙ୍ଗଳା ଦେଖିବାକୁ ମିଳେ। ଲୋକ କଥାକୁ ପାଥେୟ କରି ଜଣା ଯାଏ ବୌଦ୍ଧ ଜିଲ୍ଲାର ପ୍ରଥମ ଓ ସର୍ବ ପ୍ରାଚୀନ ରାଜା ବଙ୍ଗଳା ଏହି ଗ୍ରାମର ମୁଖ୍ୟ ରାଜପଥ ଉପରେ ପ୍ରତିଷ୍ଠା ହୋଇଥିଲା । ଏବେ ମଧ୍ୟ ତାହା ବିଦ୍ୟମାନ । ବୌଦ୍ଧ ଜିଲ୍ଲାର କିର୍ତ୍ତୀ ଭାବେ ଅରଣ୍ୟ ଗଡ଼ର ଭୟଙ୍କର ଜଙ୍ଗଲ ଯାହାକି ପୋଢ ହଳ ଜଙ୍ଗଲ ଭାବେ ଜଣାଶୁଣା । ଏହା ସୁଦୀର୍ଘ ଓ ବିପଦ ପୂର୍ଣ୍ଣ ଥିଲା । ହିଂସ୍ର ପଶୁ, ସରୀସୃପ ଓ ଆମ ପ୍ରିୟ ଜାତୀୟ ପକ୍ଷୀ ଏହି ଜଙ୍ଗଲରେ ଦେଖିବାକୁ ମିଳେ । ବଡ଼ ବଡ଼ ଅହିରାଜ ସର୍ପ, ଭାଲୁ, ବାଘ, ଚିତା ବାଘ ମାଙ୍କଡ଼ ଇତ୍ୟାଦି ଜୀବଜନ୍ତୁ ଏଠାରେ ଦେଖିବାକୁ ମିଳେ। ଏହି ଜଙ୍ଗଲ ମହାନଦୀର ଶେଷ ଅର୍ଥାତ ବୌଦ୍ଧମାଟିର ବିଦାୟ ଅଞ୍ଚଳ ସାତକୋଶିଆ ଗଣ୍ଡ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଆମେ, ଏ ପ୍ରାକୃତିକ ଭୁ-ସମ୍ପଦ ଦେଖିଲେ ନିଜକୁ ବଉଦିଆ ଭାବେ ଗର୍ବ ଲାଗେ । ବୌଦ୍ଧ ମାଟିର ଗୋଟିଏ ସ୍ୱତନ୍ତ୍ର ଆକର୍ଷଣ ଅଛି ।

(((-)))

ବୌଦ୍ଧ/ମୋ: ୭୯୭୮୧୨୮୩୫୩

ISSN NO.
2582-208X

# ସନ୍ୟାସୀଙ୍କ ଭାବନା



ଅକ୍ଷୟ ମହାନ୍ତ (ନର୍ମାଲ୍ୟ)

ପଥେ ଚାଲୁ ଚାଲୁ
ତୃଷାର୍ତ୍ତ ସନ୍ୟାସୀ
ବସିଗଲେ ବୃକ୍ଷ ମୂଳେ
ପାଖରେ ଦେଖିଲେ
କୂଅଟିଏ ଅଛି
ରଶି ବାଲ୍ଟି ତାର ମୂଳେ।

ରଶି ଓ ବାଲ୍ଟିକୁ
ଉଠାଇ ସନ୍ନ୍ୟାସୀ
କାଢିଲେ କୂଅରୁ ପାଣି
ବାଲ୍ଟିରୁ ଢାଳି ସେ
ପିଇ ଥିଲେ ଜଳ
ଚଳ ଚଳ କରି ଆଣି।

ପାଣି ପିଇ ସାରି
ସେହି ଗଛ ମୂଳେ
ବସିଥିଲେ ସିଏ ଯାଇ
ଭାବିଲେ ସେଇଟା
ପିତଳର ବାଲ୍ଟି
ସାଂଗରେ ଯିବେ ସେ ନେଇ।

ISSN NO.
2582-208X

ଚତୁର୍ଦ୍ଦିଗେ ସିଏ
ନିରୀକ୍ଷଣ କଲେ
କେହି ବି କେଉଁଠି ନାହିଁ
ଭାବିଲେ ବାଲ୍ଟିକୁ
ଏହି ସମୟରେ
ଚାଲି ଯିବେ ସେଠୁ ନେଇ ।

ଶୁଖିଲା ଡାଳଟେ
ଗଛରୁ ଖସିଲା
ସାଧୁ ଟିକେ ଡରିଗଲେ
ବାଲ୍ଟିଟାକୁ ନେଇ
ଚାଲି ଯିବା ପାଇଁ
କୂଅ ଆଡେ ଯାଇଥିଲେ ।

ଦେଖିଲେ ଗୋଟିଏ
ଜଂଗଲି ବିଲୁଆ
ଆସୁଛି ସେ ଆଡେ ଧାଇଁ
ଗଛ ତଳକୁ ସେ
ଫେରି ଆସିଥିଲେ
ବାଲ୍ଟି ପାରିଲେନି ନେଇ ।

ଧିକ୍କାର କରିଲେ
ନିଜକୁ ସନ୍ନ୍ୟାସୀ
ଭାବନାଟା ଥିଲା ନୀଚ
ସନ୍ନ୍ୟାସ ଗ୍ରହଣ
କରିଛନ୍ତି ସିଏ
ହେବାକୁ ପଡିବ ଉଚ୍ଚ ।

((( – )))

ମୋ ନଂ 9937462507

ISSN NO.
2582-208X

# ଅଜା ଗାଆଁ, ଭୈରବୀ ମାଆ

## ଗପ ହେଲେବି ସତ



ଜୟ କୁମାର ମିଶ୍ର

ମୋ ପିଲା ବେଳର କଥା । ହେତୁ ହେଲା ଦିନଠାରୁ ଆଜା ଘର ଯିବା କଥା ଉଠିଲେ, ମନ ଆନନ୍ଦରେ ନାଚି ଉଠେ । ବଡ ଭାଇ, ସାନ ଭାଇ, ବଡ ଭଉଣୀ, ସାନ ଭଉଣୀଙ୍କୁ ନେଇ ବୋଉ ବାହାରିପଡେ ଯିବା ପାଇଁ । ନନା ନେଇ ଛାଡି ଆସୁଥାନ୍ତି । ଚାଷ ବାସ କାମ ଆଳରେ ଦିନେ ଦୁଇ ଦିନ ରହି ଘରକୁ ଫେରି ଆସୁଥିଲେ ।

ଆଈର ମନ କୁଣ୍ଢେ ମୋଟ । ଆମମାନଙ୍କ ଚହଳ ଗହଳରେ ଘର ଫାଟି ପଡୁଥାଏ । କଳିଗୋଳ, ନାଚ ଗୀତ, ହସ ଖୁସି, ମଉଜ ମଜଲିସରେ ସମୟ କଟୁଥିଲା । କହିବାକୁ ଗଲେ ଆମେ ସବୁ ଲଗାମ ଛଡା ଘୋଡା । କୌଣସି ଭୟ ନଥାଏ । ନା ପାଠ ପଢା, ନା ଘର କାମ । ବେଳେବେଳେ ଦୁଷ୍ଟାମୀ ସବୁ ସୀମା ଟପୁଥିଲା ।

ଅଜାଙ୍କ ସୁଖ ନିଦରେ ଅସୁବିଧା ହେଉଥିଲା । ଅସହ୍ୟ ହୋଇପଡି ଚିଡି ଚିଡେଇ ଉଠୁଥିଲେ । ନିଜେ ବଙ୍କୁଲି ବାଡି ଧରି ଠକ୍ ଠକ୍ କରି ମାରୁଥିଲେ । ବିରକ୍ତିରେ କହୁଥିଲେ, କେଉଁଠାର ଅକାଳ କୁଷ୍ମାଣ୍ଡ ଗୁଡାକ ।

ବାଡିରେ ଆଈ କାମରେ ଲାଗିଥାନ୍ତି । ଏ କଥା ତାଙ୍କ କାନରେ ପଡେ । ଧାଇଁ ଆସି ଅଜାକୁ କୁହନ୍ତି ଏମିତିଆ ବୁଦ୍ଧି ଗୁଣ ଗଲାନି ତୁମର, ଏମାନେ କଣ ପଦାପଦି ପିଲା କି? ତୁମେ ପିଲାବେଳେ ବଡ ଭଲ ଥିଲ । ପିଲାମାନେ ତାଙ୍କ ଖୁସି, ତୁମକୁ ଭଲ ନ ଲାଗିଲେ ଅନ୍ୟ କେଉଁଠିକୁ ଯାଅ, ଶୁଅ । କେତେଟା ଦିନ ସମ୍ଭାଳି ଦେଲେ କଣ ହେଲା । ଆଈଙ୍କ କଥା ଗୁଡିକ ଫଣା ଟେକିଥିବା ନାଗ ସାପ ମୁଣ୍ଡରେ ଗଦ ଦେଲାପରି କାମ କରେ । ଅଜା ନୀରବ ରୁହନ୍ତି । ବାଧ୍ୟ ହୋଇ ଦରଭଙ୍ଗା, ଦଉଡିଆ ଖଟ, ସପକୁ ନେଇ ଘର ଆଗରେ ଥିବା ଫାସି

ISSN NO.
2582-208X

ଗଛତଳେ ପକାଇ ଦିଅନ୍ତି । ସପକୁ ପାରି ଲମ୍ବା ଗାମୁଛାକୁ ଗୁଡାଇ ଶେଜ ପରେ ତକିଆ କରି ଶୋଇବାକୁ ଚେଷ୍ଟା କରନ୍ତି ।

ଆମେ କି ଛାଡିବା ପିଲା । ଅଜାଙ୍କ ବଙ୍କୁଲି ବାଡି ଲୁଚାଇ ଦେଉ । ବେଳେବେଳେ ଲୁଚି ଲୁଚି ଯାଇ ପଛପଟୁ ତାଙ୍କ କଛା ଟାଣି ଲଙ୍ଗଳା କରିଦେଉ । ବୋଉର ଆଖିରେ ପଡିଲେ ନିସ୍ତାର ନାହିଁ । ଧାଇଁ ଆସି ଆମ ଚୁଟିକୁ ଘୋଷାଡି ନେଇ ଲାତ, ଗୋଇଠା, ଛିଣ୍ଡା, ଠୁଣା, କଳିମୋଡା, ଛାଞ୍ଚୁଣିମୁଣ୍ଡାରେ ମାଡ ଗାଳି ସବୁ ବର୍ଷା ହୁଏ । ଆଇ, ମାଇଁ ଆସି ବୋଉକୁ ଅଟକାନ୍ତି । ବୋଉ କାନ୍ଦି କାନ୍ଦି କହୁଥାଏ ପିଲାଙ୍କୁ ତାଙ୍କ ବାପ ପାଖରେ ଚାଡି ଆସିଥିଲେ ଭଲ ହୋଇଥାଆନ୍ତା । ଏ ପାଦୁ ଗୁଡାକୁ ଆଣି ବଡ ଭୁଲ କରିଦେଲି । ମାଡରେ ମୁହଁ ଦେହରେ ଫୁଲା ଦାଗ ଦିଶୁଥାଏ । ମାଡ ଦେଖି ଆଇ ସହି ନପାରି ବୋଉକୁ ଗାଳି ଦିଏ । ବହୁ ଦିନପରେ ପିଲାମାନେ ଆସିଛନ୍ତି । ତାଙ୍କୁ କନ୍ଦାଉଛୁ କାହିଁକି । ସାଇତି ରଖିଥିବା ଚନ୍ଦନ, ରକ୍ତ ଚନ୍ଦନ, ଚେରମୂଳି ଖୋଜିଆଣି ଘୋରି ମାଡ ଜାଗାରେ ଲଗାଏ । ମୁଁ ବୋଉକୁ ଧମକ ଦିଏ, ଗଲେ ନନାଙ୍କୁ ସବୁ କଥା କହିବି । ଆଇର ପଣତ କାନିରେ ମୋ ଆଖିରୁ ବୋହି ଆସୁଥିବା ଲୁହ ଧାରକୁ ପୋଛିଦିଏ । ମୋ ମନ ଖୁସି କରିବାକୁ ଅଣ୍ଟାରେ ଖୁଞ୍ଚିଥିବା କରାଟରୁ ବା ଲୁଗା ପେଢିରୁ କାଢି ପାଞ୍ଚ ପଇସା, ଦଶ ପଇସା, ଚାରିଅଣି, ଅଧୁଲି ଲୁଚାଇ ଦିଏ । ବେଳେବେଳେ ସାଇତି ରଖିଥିବା ପାଚିଲା କଦଳୀ, କଞ୍ଚା ଆମ୍ବ ଖଣ୍ଡ ସହ ଲଙ୍କା ଲୁଣ ଗୁଣ୍ଡ, ଚଣା (ବାଦାମ) ଭଜା, ଲିଆମୁଆଁ, କସି କାକୁଡି, ତରଭୁଜ ଖଣ୍ଡ, ଜାମୁକୋଳି, ପିଜୁଳି, ତାଳକୋଳ, ପଣସକୋଳ, ଖଜୁରି କୋଳି ଆଦି ଦିଏ । କେତେବେଳେ ଚକୁଳି, ଏଣ୍ଡୁରି, ମଣ୍ଡା, ଆରିସା, ଫଙ୍ଗଲାଡୁ, ବିରି ଲଡୁ, କାକରା, ପୋଡପିଠା କରିଦିଏ । ରାଣ ପକାଇ କୁହେ ବୋଉ ମାରିବା କଥା ନନାକୁ କହିବୁନି ମୋ ସୁନାଟା ପରା, ମୋ ଧନଟା ପରା କହି ମୋ ଓଠ ଧରି ପକାଏ ।

ଅଜା ବିଲ, ବାଡ କିମ୍ବା ଅନ୍ୟ କାମରେ ବାହାରକୁ ଯିବାର ଦେଖି ଆଇ ପାଚିଲା ଫଳ, ଦହି, କ୍ଷୀର, ଛେନା ବୁଲା ବିକାଳି ଓ ଗଉଡଣୀଙ୍କ ଠାରୁ କିଣେ । ତା ବଦଳରେ ଧାନ, ମାଣ୍ଡିଆ, ଚାଉଳ, ବିରି ମୁଗ ଦିଏ । ଏ ସବୁ କାମ ଅଜାଙ୍କ ଅଜାଣତେ ଲୁଚି ଛପି ଚାଲେ । ବେଳେ ବେଳେ ପଡିଶା ଘର ସ୍ତ୍ରୀଙ୍କ ସାହାଯ୍ୟ ନିଏ ।

ଅଜା ପଚାରିଲେ ଆଇକୁ ପିଲାମାନେ ହଟା କଲେ ବୋଲି ଝିଅ ତା ହାତରୁ ଦେଇ କିଣିଲା । ମୋଠି କଣ ଟଙ୍କା ଅଛି କି, ନା ତୁମେ କେବେ ଦେଇଛ । ଆଇର ମିଛକଥାକୁ ଅଜା ସତ

ISSN NO.
2582-208X

ଭାବେ, ନିରବ ରୁହେ । ବୋଉ କିଛିଟା ବର୍ଷ ଆମମାନଙ୍କୁ ନେଇ ଲଗାତର ଗଲା । ଦିନକୁ ଦିନ ଘରର ଖର୍ଚ୍ଚ, ଜଞ୍ଜାଳ, ଦାୟିତ୍ୱ ବଢିଯିବାରୁ ଆଗଭଳି ଯିବାକୁ ମନ ବଳାଇଲା ନାହିଁ । ପୁନିଅ ପର୍ବ, ଯାନିଯାତ, ଶୁଭ ଅଶୁଭରେ ଯିବା ଆସିବା କରେ ।

ମୁଁ ମାତ୍ର ପ୍ରତି ବର୍ଷ ଖରାଛୁଟିକୁ ଅନାଇ ବସିଥାଏ । ବାର୍ଷିକ ପରୀକ୍ଷା ସରୁ ସରୁ ସଜବାଜ ହୋଇ ବାହାରିପଡୁ । ନନା ମନା କଲେ ମଧ୍ୟ ଅଳି, ଅଝଟ କରେ, ରୁଷେ, କାନ୍ଦେ । ଏଥିପାଇଁ ବୋଉ ନନାଙ୍କୁ ମନାଏ, ନନା ବାଧ୍ୟ ହୋଇ ରାଜି ହୁଅନ୍ତି । ଅଜାଙ୍କ ଗାଆଁଟି ପୁରୁଣା ଅବିଭକ୍ତ କୋରାପୁଟ, ନୂଆଁ ରାୟଗଡା ଜିଲ୍ଲାରେ ଥିବା ଗୁଣପୁର ସବଡିବିଜନର ଜଗନ୍ନାଥପୁର ଗ୍ରାମ ପଞ୍ଚାୟତରେ ଥିବା ପେଙ୍ଗୁଡା ଗ୍ରାମ ।

ପ୍ରକୃତିର ଅବଦାନରେ ଗାଆଁଟି ପୁରି ରହିଛି । ଚାରିଆଡେ ଗଛପତ୍ର, ଲଟାବୁଦା । ବଡ ବଡ ଗଛ ଗୁଡିକ ଆକାଶକୁ ଛୁଇଁଲା ପରି ମନେ ହେଉଥିବ । ଗଛ ଗୁଡିକରେ ନଡିଆ, ତାଲ, ପଣସ, ଫାଶୀ, କଇଠ, ଟଭା, ନାରଙ୍ଗ, ବେଲ, ଆମ୍ବ, ଜାମ୍ବ, ଖଜୁରି, ଓଉ, ନାରିଜି, ସାପଟା ସଜନା ନାନା ଜାତିର । ଗାଆଁର ଉତ୍ତରରେ ନାଳଟିଏ ବୋହି ଯାଉଛି । ନାଳର ଦୁଇ କୂଳରେ କିଆ ବଣ । ପୂର୍ବ ଦିଗରେ ବଂଶଧାରା ନଦୀ, ଚଳ ଚଞ୍ଚଳ । ଦକ୍ଷିଣରେ ଆଦିବାସୀ ଗ୍ରାମ ମାଛଖୁଣ୍ଟୀ ଗାଆଁକୁ ଲାଗି ପାଖାପାଖି ଲଗାଲଗି ହୋଇ ରହିଛନ୍ତି ଛୋଟ ବଡ ଲଣ୍ଡା ପାହାଡ ।

ଗାଆଁଟିର ପରିଚୟ ବଢାଇଛି ବଂଶଧାରା ନଦୀ କୂଳରେ ମାଡି ବସିଥିବା ଝଙ୍କାଳିଆ ବରଗଛ ମୂଳରେ ପୂଜା ପାଇ ଆସୁଥିବା ଗ୍ରାମଦେବୀ ପେଙ୍ଗୁଡା ଭୈରବୀ । ସଭିଁଙ୍କ ଅଧିଷ୍ଠାତ୍ରୀ ଦେବୀ ବଡ ପ୍ରତ୍ୟକ୍ଷ । ଛଣ ଛପର କୁଡିଆ ତଳେ ଭଙ୍ଗାରୁଜା ହି ରହିଥିବା ପିଣ୍ଡାରେ ମାଆ ଖୋଲା ମେଲାରେ ପୂଜା ପାଉଥିଲେ । ହଳଦୀ ମୁହିଁ, ମଥାରେ ଲାଲ ରଙ୍ଗର ସିନ୍ଦୁର, ମୁଣ୍ଡରେ ରୂପା କିରଟି, ରୂପା ଆଖି, ହାତରେ ଲମ୍ବା ଖଣ୍ଡା ।

ବରଗଛର ଶାଖା, ପ୍ରଶାଖା ଗୁଡିକ ଚାରିଆଡେ ମାଡେ ରହିଥାଏ । ତଳ ମୁହଁ ହୋଇ ଗଛଡାଳରୁ ଲମ୍ବି ଆସୁଥାଏ ଏକାଧିକ ଓହଳ ଗୁଡିକ । ନିକଟ ଉଚ୍ଚ ସ୍ଥାନରେ ଠିଆ ହୋଇ ହାତ ବଢାଇଲେ ହାତକୁ ପାଏ । ପିଲାମାନଙ୍କ ସହ ମୁଁ ଦୋଳି ଖେଳର ମଜ୍ଜା ନେଉଥିଲି । ଲୁଗା, ଟୁବାଲରେ ମିଳିମିଶି ମାଛ ଧରିବା, ନଈକୂଳ ଆମ୍ବ ଗଛରୁ ଆମ୍ବ ଝଡାଇବା, ମାଆଙ୍କ ପାଖରେ ପୂଜା ପାଇଥିବା ବିଭିନ୍ନ ଭୋଗ ମାଗି ନମାଗି ଖାଇବା ଆମର ନିତିଦିନିଆଁ କାମ ।

ISSN NO.
2582-208X

ମାନସିକ ଧାରିଙ୍କ ମାନସିକ ପୂରଣ ପାଇଁ ନିକଟ ଦୂରରୁ ବନ୍ଧୁବାନ୍ଧବ ସାଙ୍ଗସାଥି ନିଜର ଚିହ୍ନା ପରିଚୟଙ୍କୁ ନେଇ ଆସନ୍ତି । ମାନସିକ ପ୍ରକାରେ କେହି କେହି ଲଣ୍ଡା ହୁଅନ୍ତି । କେହିକେହି ଲଣ୍ଡା ହେବା ସହ ଛେଳି, କୁକୁଡା ବଳି ଦେଇ ମାଂସ ଯୁକ୍ତ ପ୍ରସାଦ ବାଣ୍ଟି କୁଣ୍ଟି ଖାଆନ୍ତି । ଅଜାଙ୍କ ଘରଠାରୁ ମାଆଙ୍କ ମନ୍ଦିର ଅତି ନିକଟରେ ଥିବାରୁ ପଂକ୍ତି ଭୋଜନ, ପ୍ରସାଦ ସେବନ ଲୋଭରେ ବିଭିନ୍ନ ଆଳରେ ସେଠି ଲୁଙ୍ଗୁରୁ ପୁଙ୍ଗୁରୁ ହେଉଥାଏ । ବିନା ଡାକରାରେ ସମସ୍ତଙ୍କ ସହ ବସି ମନଭରି ପ୍ରସାଦ ଖାଇ ଘରକୁ ଫେରେ । ଆଇ ଏକଥା ଜାଣିପାରି ମୋ ହାତ ଧରି ବାଡିକୁ ନିଏ । ମୋ କାନରେ ଫିସ୍ ଫିସ୍ କରି ଆସ୍ତେ କୁହେ- ଆଉ କେବେ ଯିବୁନି । ଅଜା ମାମୁଁ ଜାଣିଲେ ରାଗିବେ । ମୁଁ ସୁନା ପିଲାଟିଏ ପରି ମୁଣ୍ଡ ହଲାଇ ହଁ କରେ । ପରେ ଲୋଭ ସମ୍ଭାଳି ନପାରି ଯେଉଁ କଥାକୁ ସେହି କଥା ।

କେବେକେବେ ଗାଆଁ କୋଠରେ ହେଉଥିବା ମାନସିକଧାରିଙ୍କ ମାନଇକ ପୂରଣ ପାଇଁ ମାଆଙ୍କ ଘଟ ପର୍ବ (ଠାକୁରାଣୀ ପର୍ବ) କରନ୍ତି । ସମୂଳ ଶକ୍ତି ଅନୁଯାୟୀ ପାଞ୍ଚଦିନ, ସାତ ଦିନ ନଅ ଦିନ ବଡ ଜାକଜମକରେ ନାଚଗୀତ, ମଜା ମସଲିସ୍ ହୁଏ । ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଆସି ଭାଗ ନେଉଥିଲେ, ସହଯୋଗ କରୁଥିଲେ । ସମୟ ଗଡି ଚାଲିଲା, ତାର ବାଟରେ । ମୋର ବୟସ ସହ ଶ୍ରେଣୀ ବଢିଲା । ନନା ବୋଉ ବାରମ୍ବାର ଚେତାଉଥିଲେ, ସମୟ ନଷ୍ଟ ନକରି ପଢାପଢିରେ ମନ ଦେଲେ ମଣିଷଟିଏ ହେବୁ । କିଛି ବର୍ଷା ଉଣା ଅଧିକେ ଅଜା ଆଇ ଆରପାରିକୁ ଗଲେ । ୧୯୮୭ ମସିହାରେ ମାଷ୍ଟ୍ର ଚାକିରିରେ ଯୋଗଦେଲି । ମନକଲି ମାଆ ପେଙ୍ଗୁଡା ଭୈରବୀଙ୍କ ପାଦରେଣୁ ମୁଣ୍ଡରେ ବୋଳି ଆଶିର୍ବାଦ ନେଇ ଆସିବି । ମନକଥା ନନା, ବୋଉକୁ କହିଲି । ଉଭୟେ ହଁ ଭରି ମୋତେ ପଠାଇଲେ । ଅଏଶ ସାଲର ବନ୍ୟା ପରେ ମାମୁଁ ମାଛଖୁଣ୍ଟିରେ ପକ୍କା ଆଉ ସ୍ଥାୟୀ ଘର କରି ରହୁଥିଲେ । ବସ୍ ରୁ ଓହ୍ଲାଇ ମାମୁଁ ଘରକୁ ଗଲି । ମାମୁଁ ଘର ବାରଣ୍ଡାରେ ଦଉଡିଆ ଖଟରେ ବସି ଆରାମ କରୁଥାନ୍ତି । ଗମ୍ଭୀର ଚାହାଣି, ବିଶାଳ ବପୁ ଯିଏ କେହି ଦେଖିଲେ ଭୟ କରିବା ସ୍ୱାଭାବିକ । ମନର ଭୟ ଭକ୍ତିରେ ବଡ ସନ୍ତର୍ପଣରେ ମାମୁଁଙ୍କ ପାଦ ଛୁଇଁଲି । ମାମୁଁ ତୀକ୍ଷଣ ନଜରଟିଏ ଛାଡି ଦୀର୍ଘ ନିଃଶ୍ୱାସରେ କହିଲେ ଏତେ ଦିନକୁ ମାମୁଁ ମନେ ପଡିଲା । ଏହି ପଦିଏ କଥାରେ ମାନ, ଅଭିମାନ ପୁରି ରହିଥିଲା । ମୁଁ କିଛି କହିପାରୁ ନଥାଏ । ହଉ ଘରକୁ ଯା । ମାଇଁ ବାଡିରେ ଥିଲେ । ରନ୍ଧା କାମରେ ଲାଗିପଡିଥିଲେ । ତରତରରେ ମୋ ପାଖରେ ଠିଆ ହୋଇ ଆଖିର ଲୁହକୁ ପଣତକାନିରେ ଚାପି ଧରି କହିଲେ ଅଜା, ଆଇ ଗଲାପରେ

ISSN NO.
2582-208X

ମାମୁଁ ମାଇଁଙ୍କୁ ପାଶୋରି ଦେଇ ପର କରିଦେଲ । ମାମୁଁ ମାଇଁଙ୍କୁ ଆଦେଶ ଭରା କଣ୍ଠରେ କହିଲେ "ରୋଷେଇ କର ସେ କଣ୍ଡେ ଗଣ୍ଡେ ଖାଇବ" ।

ମୁଁ କହିଲି ମାଷ୍ଟ୍ର ଚାକିରି ପାଇଲି । ମାଆଙ୍କୁ ମୁଣ୍ଡିଆ ମାରି ଆସିବା ପରେ ଯାହା କିଛି ପାଟିରେ ଦେବି । ମାମୁଁ ଖୁସି ହୋଇଗଲେ । କହିଲେ ଯାହା ହେଉ ଭଲ ହେଲା । ନନା ବୋଉର ଦୁଃଖ ଗଲା । ମାଇଁ ଧୂପ, ଦୀପ, ଚନ୍ଦନ, ସିନ୍ଦୁର, ହଳଦୀ, ଭୋଗ ଯୋଗାଡ ସଜାଡି ଦେଲେ । ସବୁ ଧରି ମୁଁ ବାହାରିଲି । ମାଆଙ୍କ ମନ୍ଦିର ଆଡେ । ମାମୁଁ ମଧ୍ୟ ମୋ ସାଥିରେ ଗଲେ । ବାଟରେ ଯିଏ ଦେଖାହେଲା ଖୁରୀରେ କହୁଥାନ୍ତି "ଆମ ବଡନାନୀ ଶାରୀର ପୁଅ ମାଷ୍ଟ୍ର ହେଲା" । ଲୋକେ ମୋ ମୁହଁ ଆଗକୁ ଆସି ବଲବଲ କରି ଚାହିଁ କହନ୍ତି "ଜହ୍ନୀ କାଠି ପରି ଥିଲେ, କେତେ ବଦଳି ଗଲୁ" । ସବୁରି କଥା ଶୁଣି ମୁଁ ମୁରୁକି ମୁରୁକି ହସୁଥାଏ । ମାମୁଁ ଭଣଜା ଚାଲିଲୁ ଦେବୀଙ୍କ ମନ୍ଦିର ଆଡେ । ପୁଜାରୀ (ଜାନୀ) ପାଖରୁ ଯାଇ ମାମୁଁ ଗମ୍ଭୀର ଗଳାରେ ମୁରବୀ ଠାଣୀରେ କହିଲେ ଇଏ ମୋ ଭଣଜା । ମାଷ୍ଟ୍ର ଚାକିରି ପାଇଲା । ମାଆଙ୍କ ପାଦ ଛୁଇଁ ମୁଣ୍ଡିଆ ମାରିବାକୁ ଆସିଛି । ତାର ପୂଜା ଶୀଘ୍ର ସାରିଦେବୁ । ଡେରି କରିବୁନି । ବାବୁ କିଛି ଖାଇନି । ପୂଜାରୀ ମୁଣ୍ଡ ଟୁଙ୍ଗାରୀ ହଁ କରି ମାମୁଁଙ୍କ ହାତରୁ ପୂଜା ସାମଗ୍ରୀ ନେଇ ମାଆ ଭୈରବୀଙ୍କ ପାଖକୁ ଗଲେ । ମାମୁଁ ମୋତେ କହିଲେ ମୁଁ ଆସିବା ଯାଏଁ ତୁ ଏଇଠି ଥିବୁ । ପାଖ ବାଡକୁ ଯାଇ ବାଇଗଣ, ଜହ୍ନି, ଭେଣ୍ଡି ଧରି ଆସିବି । ଘରେ ମାଇଁ ଆମ ବାଟ ଚାହିଁ ବସିଥିବ । ଏତେ କହି ସେ ବାଡି ଆଡେ ଚାଇଲେ । ପୂଜାରୀ ଘଣ୍ଟ ଘଣ୍ଟା, ଶଙ୍ଖ ଶବ୍ଦରେ ପୂଜା କରୁଥାନ୍ତି । ଧୂପ ଦୀପ ଦେଲେ । ମୋ କପାଳରେ ମାଆଙ୍କ ସିନ୍ଦୁର ହଳଦୀ ଲଗାଇଲେ । ଆଳତୀ ଥାଳୀ ବଢାଇଲେ । ମୁଁ ଆଳତୀ ଘେନିଲି । ଦକ୍ଷିଣା ଦେଲି । ପୂଜାରୀ ମନ୍ଦିର ପିଣ୍ଡାରେ ବସିଲେ । ମୁଁ ମଧ୍ୟ ତାଙ୍କ ପାଖରେ ବସିଲି । ମାମୁଁ ଆସି ନଥାନ୍ତି । ନୂଆ ମନ୍ଦିରର ସୁନ୍ଦର କାମ ଚିତ୍ର ବିଚିତ୍ର ମୋତେ ଖୁସି କରୁଥାଏ । ମାଆଙ୍କ ମୁହଁକୁ ମୁଁ ବାରମ୍ବାର ଚାହୁଁଥାଏ । ଜାନୀ ମୋ ନନା ବୋଉଙ୍କ କଥା ପଚାରି ବୁଝୁଥାଏ । କଥା ଛଳରେ ମୁଁ ଜାନୀକୁ ପଚାରିଲି "ମାଆଙ୍କ ମନ୍ଦିର ଏଥାରେ ହେଲା କିପରି"?

ଜାନୀ ବୁଢା କହିଲା ତାରିଖ ୧୭.୦୯.୧୯୮୦ ବୁଧବାର ୮ ଆଗରୁ ସାତ ଦିନ ଧରି ଦିନରାତି ବର୍ଷା ଲାଇ ରହିଲା । ଉପର ମୁଣ୍ଡରେ ବର୍ଷା ପାଣି ବଢି ବଢି ହିଡବାଡ ଡେଇଁ କୂଳ ଖାଇ ପାଣି ମାଡି ଆସୁଥାଏ । ବେଳକୁ ବେଳ ନଇବଢୀ ପାଣି ବଢି ବଢି ହିଡବାଡ ଡେଇଁ ଗାଆଁଗଣ୍ଡା ବିଲମାଳକୁ ଛୁଇଁ ଚାଲିଲା । ବଢିର ସୁଅ ଢେଉ ଏତେ ପ୍ରଖର ଥିଲା ଯେ ନିଜ

ISSN NO.
2582-208X

ଆଖିରେ ଯେ ନଦେଖିବା ଲୋକ କହିଲେ ବିଶ୍ୱାସ କରିବ ନାହିଁ । ସେହିପରି ବଡ ବଢି ଏ ଆଖି କେବେ ଦେଖିନି । ବେଳକୁ ବେଳ ବଢିର ରୂପ ଉଗ୍ର ହେଲା । ଭୟରେ ପ୍ରାଣ ବିକଳରେ ନିଜ ନିଜର ପିଲାଛୁଆଙ୍କୁ ଧରି ଢେପ ଜାଗାକୁ ଯିଏ ଯାହା ସୁବିଧାରେ ଚାଲିଲେ । ରାତି ସାରା ସମସ୍ତେ ଅନିଦ୍ରା । ରାତି ଯେତେ ବଢୁଥାଏ ଭିଡ ସେତେ କମି କମି ଆସୁଥାଏ । ମୋ ଆଖିକୁ ନିଦ ଆସୁ ନଥାଏ । ଏକଲା ବସି ଗଙ୍ଗାମାତାଙ୍କୁ ରକ୍ଷା କର ମାଁ କହି ମନେମନେ ସୁମରଣା କରୁଥାଏ । ବଢିର ପାଣିରେ ଗଛ ଗୁଡିକ ଉପାଡି ପଡିବା, ଘର ହିଡ ଭୁଷୁଡି ପଡିବାର ଆଖିରୁ ଦେଖାଯାଉ ନଥିଲେ ମଧ୍ୟ ଶବ୍ଦ ଜାଣିପାରୁଥାଏ । ଅଧ ରାତିରେ ଦେଖିଲି ନଈ ମଝରେ ଉଜ୍ଜ୍ୱଳ ଆଲୁଅ ଦେଖାଗଲା । ସେହି ଆଲୁଅରେ ଦେଖିପାରିଲି ବଡ ଡଙ୍ଗାରେ ଗଙ୍ଗାମାତା ଯାଉଛନ୍ତି । ସେଥିରେ ସହଚରୀ ମାନେ ମଧ୍ୟ ଶଙ୍ଖ ହୁଳହୁଳି ଶବ୍ଦ । ମୋ ଦେହ ଭୟରେ ଥରି ଉଠିଲା । ଝାଳରେ ସାରା ଦେହ ଓଦା ହୋଇଗଲା । ରାତି ପାହିଲା । ରାତିର ସେହି ଆଶ୍ଚର୍ଯ୍ୟ ଘଟଣା ସଭିଁଙ୍କୁ କହିଲି । କେହି ବିଶ୍ୱାସ କଲେନି । ଟାପରା କଲେ । କାଳେ ମୋର ଦେଖିବାର ଭୁଲ ହୋଇଥିବ ଭାବି ତୁନି ରହିଲି ।

ବଢିପାଣି ଆସ୍ତେ କମିଲା । ଚାରିଆଡେ ବଡ ବଡ ଗଛ ଗୁଡିକ ପଡିରହିଛି । ଏଇଠି ସେଇଠି କଣ୍ଟାଲଟା ରହିଛି । ବଡ କଷ୍ଟରେ ପିଲା, ବୁଢା, ବୁଢୀ ଭୈରବୀ ମାଆଙ୍କୁ ଆସ୍ଥାନ ଦେଖିବାକୁ ବାହାରିଲେ । କଣ୍ଟା ଗୋଡ ପାଦରେ ଫୋଡି ହେଉଥାଏ । ମଶା, ମାଛି ମିଶି ଦେହକୁ ଝୁଣି ବିରକ୍ତ କରୁଥାନ୍ତି । ପାଣି ରହିଥିବାରୁ ଖାଲଢିପ, ବାଟଅବାଟ ଜଣାପାଡୁ ନଥାଏ । ପାଣି ଚିକିଟା ପଙ୍କ ମାଟିରେ ପାଦ ଖସୁଥାଏ । କଉଠି ପଡି କଉଠି ଗଡି କାଦୁଆରେ ଲିଟିପିଟି ହୋଇ ବଡ କଷ୍ଟରେ ଭୈରବୀ ମନ୍ଦିର ପାଖକୁ ଗଲୁ । ଯାହା ଦେଖିଲୁ ଆଖି ତରାଟି ହୋଇଗଲା । ଦୁଃଖରେ ମନ କାନ୍ଦି ଉଠିଲା । କାଳ କାଳରୁ ରହି ଆସୁଥିବା ବୁଢା ବରଗଛର ଚିହ୍ନ ବର୍ଣ୍ଣ ନାହିଁ । ସେଇଠି ଅକାତ କାତ ପାଣି ଚକାଭଉଁରୀ ଖେଳୁଛି । ଭୈରବୀ ମାଆ ନାହାନ୍ତି । ସମସ୍ତେ ଦୁଃଖରେ ଭାଙ୍ଗି ପଡିଲେ । ଭୋ ଭୋ ହରି କାନ୍ଦିବାକୁ ଲାଗିଲେ । କିଏ କିଏ କହୁଥାନ୍ତି "ମାଆ ଆମେ କି ଦୋଷ କଲୁ ଯେ ଆମକୁ ଛାଡି ଚାଲିଗଲ" । ଦିନପରେ ଦିନ, ମାସ ପରେ ମାସ ବିତିଗଲା । ମାଆଙ୍କ ସନ୍ଧାନ ମିଳିଲାନି । ଏହିପରି ଛଅ ମାସ ବିତିଗଲା । ସବୁ ନିରାଶାରେ ରହିଥାନ୍ତି । ଦିନକର କଥା ଏଠିକାର ଧବଳେଶ୍ୱର ମନ୍ଦିରର ପୂଜାରୁଣୀ ସକାଳୁ ଶୁଚିସ୍ନାନ ଉଦ୍ଦେଶ୍ୟରେ ନଦୀକୁ ଗଲେ । ମାଆ ପ୍ରତ୍ୟକ୍ଷ ହେଲେ । ତାଙ୍କୁ ଦେଖା ଦେଲେ । ସେହି ବ୍ରାହ୍ମଣ ମାଆଙ୍କ ଠାରୁ ଖବର ପାଇ ସଭିଏଁ ଏକାଠି ହୋଇ ବାଇଦ, ଶଙ୍ଖ, ମୃଦଙ୍ଗ, ଝାଞ୍ଜ, ବାଦ୍ୟ, ବାଜଣା ଥାଟ ବାଟରେ ଭୈରବୀ

ISSN NO.
2582-208X

ମାଆଙ୍କୁ ଏଠାକୁ ଆଣିଲେ । ବ୍ରାହ୍ମଣ ଜ୍ୟୋତିଷଙ୍କୁ ବୁଝି ତାଙ୍କେ କହିବା ଅନୁଯାୟୀ ହୋମଯଜ୍ଞ ଭୋଜି ଭାତରେ ମାଆଙ୍କୁ ପ୍ରତିଷ୍ଠା କରାଇଲେ । କିଛି ଦାତାଙ୍କ ଦାନ ସରକାରଙ୍କ ଟଙ୍କାରେ ଏ ମନ୍ଦିର ଗଢା ହୋଇଛି । ନିୟମ ଅନୁସାରେ ବିଜୟା ଦଶମୀରେ ବଳି ପୂଜା, ପ୍ରତିବର୍ଷ ଚୈତ୍ର ମାସର ଶେଷ ରବିବାର, ସୋମବାର, ମଙ୍ଗଳବାର ତିନିଦିନ ଧରି ଆଡମ୍ବରରେ ପୂଜା ହୁଏ । ନାଚ, ଗୀତ ପ୍ରସାଦ ବଣ୍ଟାନ ଆଦି ହୁଏ । ମନ୍ଦିରର ଚାରିଆଡ ବୁଲି ଦେଖିଲି । ପ୍ରଚାର ପ୍ରସାର ହେଲେ ଏଠାକୁ ବାହାର ଲୋକେ ଆସନ୍ତି । ରାୟଗଡାରେ ମାଝିଘରିଆଣୀ, ଜୟପୁରର ଜଗତ ଜନନୀ ଭଳି ଜାଗା ଲୋକଙ୍କ ଗହଳି ହୁଅନ୍ତା ଭାବୁଥାଏ । ଏପରି ସମୟରେ ମାମୁଁ ନିଜ ଗାମୁଛାରେ ବାଇଗଣ, ଭେଣ୍ଡି, ଜହ୍ନି ବଡ ବୁଜୁଳା କାନ୍ଧେଇ ଆସିଲେ । ମାମୁଁ ଭଣଜା ମିଶି ତାଙ୍କ ଘରକୁ ଚାଲିଲୁ ।

(((-)))

ବୁଦୁର୍, ଗୋରିବନ୍ଧା, ଗଜପତି
ଓଡିଶା, 761206/ 6372127449

ISSN NO.
2582-208X

# ଚଇତି ସଞ୍ଜର ସଜ ମଲ୍ଲିଫୁଲ

ହରିଶ୍ଚନ୍ଦ୍ର ବେହେରା

ଚଇତି ସଞ୍ଜର ସଜ ମଲ୍ଲୀ ଫୁଲ
ପାଖୁଡ଼ା ମହକ ଭରା
ରାକା ରଜନୀର ଜୋଛନା ରୋଶଣି
କୋଇଲିର କୁହୁ ଝରା ।।

ପରଦେଶୀ କିଏ ଆସିବଲୋ ସହୀ
ବାମ ଆଖି ଫରକୁଛି
ପିଆ ପିଆ ବୋଲି ପାପିଆ ଡାକୁଛି
ମନ ସାରା ମହକୁଛି
କେଜାଣି କାହିଁକି ତାହାରି କଥା ତ
ଅନ୍ତରେ ଚନ୍ଦନ ଘୋରା ।।

କେଳି କଦମ୍ବର ତରୁଛାୟା ଘନ
ଶୀତଳ ଚାନ୍ଦିନୀ ରାତି
କେତେ ଆକୁଳରେ ଖୋଜୁଛି ତାହାଁକୁ
କାହିଁ ମୋ ପରାଣ ସାଥି
ପାଖରୁ କେଉଁଠି ବାଜୁଛି ବଂଶୁରି
କାହିଁ ମୋର ଚିତ୍ତ ଚୋରା ।।

କଳସୀ କାଖରେ ନୀର ଆଣିଗଲେ
ଜଗେ ଯୋଡ଼ା ଯୋଡ଼ା ଆଖି

ISSN NO.
2582-208X

ଏତେ କହ ଦହ କାହିଁକି କରୁଛ
ଉଡ଼ିଯା'ରେ ପ୍ରାଣ ପକ୍ଷୀ
ଆସ ପ୍ରିୟ ଯିବା ବସନ୍ତ ରାସକୁ
ହେଉ ଏ ରାତି ଅସରା ।।

(((-)))

କଲ୍ୟାଣ ନଗର, ବାଲେଶ୍ୱର -୧
ମୋ -୯୪୩୭୮୧୩୭୦୮

ISSN NO.
2582-208X

# ପଥିକ



ଦୀନବନ୍ଧୁ ପୋଇ

ପଥିକ ବିଚରା ଦେଖି ଗଛ ଛାଇ
ତା' ମୂଳେ ବିଶ୍ରାମ ନିଏ
କିଛି କ୍ଷଣ ରହି ବ୍ୟଥା ଦୂର ହେଲେ
ଛାଇ କି ସେ ଭୁଲି ଯାଏ ।
ଫଳ ତାର ଦେଖି ଆଖି ଯାଏଲାଖି
ଫୋପଡ଼ଟି ହାତେ ଧରେ
ଲୋଭକୁ ବଢାଇ ଫଳଟିଏ ପାଇଁ
ଫୋପଡଟି ତାକୁ ମାରେ ।
ବହୁ କଷ୍ଟ ଦେଇ ତା' ଫଳ ଛିଣ୍ଡାଇ
କେତେ ଯେ ଆନନ୍ଦ ପାଏ
ଅନୁଚିତ ଚିନ୍ତା ଅନୁଚିତ କାମ
ଏଠି ମନରେ ନନିଏ ।
ଘଟି ଯାଉଥିବା ଦୁର୍ଘଟଣା ଦେଖି
ଭୁଲ କାହାର ଜାଣେ
ଭୁଲକୁ ଏଠି ସମର୍ଥନ କରି
ଠିକ କୁ ଲୁଚାଏ ମନେ ।
ଦଣ୍ଡ ମିଳିଯିବା ଭୟରେ ଏଇଠି
ସତ୍ୟ ଉଲଘନ କରି
ହେପଥିକ ଭାଇ କେତେ ସଚ୍ଚୋଟିଆ
ବୁଝ ନିଜକୁ ପଚାରି ।

ISSN NO.
2582-208X

ସମୟ ଆସିଲେ ଯଦି ଜାଣି ହେବ
ତୁମେ କାହିଁ ପାଇଁ ବ୍ୟସ୍ତ
ସୂର୍ଯ୍ୟ ଉଇଁଗଲେ ଦିବସ ଆସଇ
ରାତି ଆସେ ହେଲେ ଅସ୍ତ ।

(((-)))

ଗୋରଡ଼ା ପାଳ, କରମୂଳ
ଢେଙ୍କାନାଳ,
ମୋ – ୯୯୩୮୮୦୨୪୧୨

ISSN NO.
2582-208X

# ବିଭୂତି ପଟ୍ଟନାୟକଙ୍କ "ପ୍ରେମଗଳ୍ପ" : ମାନବୀୟ ଅନୁଭବର ବାସ୍ତବଚନ୍ଦ୍ର

ଡ. ସୁଶାନ୍ତ ମହାନନ୍ଦ

ବିଭୂତି ପଟ୍ଟନାୟକ ଓଡ଼ିଆ କଥାସାହିତ୍ୟ ଜଗତର ଜଣେ ଅଦ୍ୱିତୀୟବନ୍ଧାଣି। ଶତାଧିକ ପୁସ୍ତକ ରଚନାକରି ଓଡ଼ିଆ ସାହିତ୍ୟ ଜଗତକୁ କୁସମୃଦ୍ଧ କରିଛନ୍ତି। ଉପନ୍ୟାସ, ଗଳ୍ପ ସମାଲୋଚନା, କବିତା ସମସ୍ତ କ୍ଷେତ୍ରରେ ସେ ସଫଳତା ପାଇ ସାରିଛନ୍ତି। ଏ ପରିପ୍ରେକ୍ଷୀରେ ତାଙ୍କର ଏକଗଳ୍ପ ସଙ୍କଳନ ରହିଛି, ଯାହାର ନାମ ପ୍ରେମଗଳ୍ପ ଯାହା ୨000 ମସିହାରେ ପ୍ରଥମ ସଂସ୍କରଣ ହୋଇ ୨୦୧୩ ମସିହାରେ ଦ୍ୱିତୀୟ ସଂସ୍କରଣ ହୋଇସାରିଛି। ଏ ସଙ୍କଳନରେ ରହିଛି ମାତ୍ର ଷୋହଳ ଗୋଟି ଗଳ୍ପ।

କଥାକାର ପଟ୍ଟନାୟକ ଗଳ୍ପର ଆରମ୍ଭରେ ନାୟକ-ନାୟିକାର ଏକସ୍ଥିତିର ବର୍ଣ୍ଣନା ଦେଇ ଛାଡିଛନ୍ତି, ଯାହା କି ପ୍ରତ୍ୟେକ ଜୀବନରେ ଯୌବନ ଓ ଯୌବନରେ ପ୍ରେମର ସୂଚନା ଦିଏ। ତେଣୁ ଏଠି ନାୟକ ଓ ନାୟିକାଙ୍କ ପ୍ରତି ଆବେଗ ଭାବ ସୃଷ୍ଟି କରିଛନ୍ତି।

ମହେଶ ଗ୍ରାମ ପରିବେଶନ ରିଲାପାଟଣା ଉଚ୍ଚବିଦ୍ୟାଳୟରେ ପାଠପଢ଼ି ସହରକୁ କଲେଜ ପଢ଼ିବାକୁ ଆସିଛି, ବଡ଼ ଚାକିରି କରିବା ପାଇଁ ନୁହେଁ ଭଲ ମଣିଷଟିଏ ହେବା ପାଇଁ । ପରିବାରର ଆଦର୍ଶ ଓ ସାଧୁମାଷ୍ଟ୍ରେଙ୍କ କଥା ମୁତାବକ । ମହେଶର ଅଜାଣତରେ ତା' ଭିତରେ ଖୁନ୍ଦି ହେଇଗଲା ପ୍ରେମିକଭାବ ଚେତନାରଧାରା, ମନରେ, ପ୍ରାଣରେ, ଚିନ୍ତାରେ, ଚେତନାରେ ପ୍ରତ୍ୟେକ ଶିରାପ୍ରଶିରାରେ । ଏହା ଆବିଷ୍କାର କଲା ବେଳକୁ ସେ ହୋଇ ସାରିଛି ଜଣେ ବିଭୋର ପ୍ରେମିକ । ମନରେ ଆଦ୍ୟ ଯୌବନର ଅପେକ୍ଷାରତ ଭାବ ଚେତନା। ଏଗଳ୍ପର ନାୟକ ମହେଶ ଓ ଏଲିନା ମଧ୍ୟରେ ମାନୁଭାଇ ଓ କୁନିଅପା "ସିଲେଇଦିଦି" ଗଳ୍ପର ପ୍ରେମିଯୁଗଳ । ଫୁଲ ହୋଇଛି ଉଭୟଙ୍କ ମଧ୍ୟସ୍ଥି । କିନ୍ତୁ ମଜା ନେଉ ନେଉ ମଧ୍ୟସ୍ଥି ଫୁଲ କେତେବେଳେ ସେ ବି ଗୋଟିଏ ଅଂଶ ହୋଇଯାଏ ଜାଣିପାରେ ନାହିଁ।

ISSN NO.
2582-208X

ଶ୍ୟାମଳ ଓ ମୂର୍ଚ୍ଛନା ଦୁଇ ମୁଖ୍ୟଚରିତ୍ର "ଭଲ ପାଇବାର ଶେଷକଥା" ଗଳ୍ପର । ଶ୍ୟାମଳ ଗ୍ରାମାଞ୍ଚଳର ବାପ ଛେଉଣ୍ଡପିଲା । ସହରକୁ ଆସିଥିଲା ପାଠପଢ଼ିବାକୁ । ଆସିଲା ବେଳେ ମା'ର ତାଗିଦ ଭଲ ପାଠ ପଢ଼ି ମଣିଷ ହେବୁ ବାପାର ନାଁ ରଖିବୁ । ମା'ର କଥା ତା ପାଇଁ ବେଦର ଗାର, ବ୍ୟତିକ୍ରମ ହେବ ନାହିଁ । ମନକୁ ମଣିଷ କେବେ ଧରି ପାରେନା ହିଁ ବା ଆୟତ୍ତ କରିପାରେ ନାହିଁ । ମାମୁଝିଅ ମାନୀ ସହିତ ଜଟିଳପାଠ ଗଣିତ ସମାଧାନ କରିବାକୁ ଆସି ଉଭୟଙ୍କର ମନ ଜଟିଳ ଗଣିତ ହୋଇଗଲା । ଏହି ଜଟିଳ ଗଣିତର ସୂତ୍ର ହେଉଛି ପରସ୍ପରର ଏକତା ହିଁ ସମାଧାନର ବାଟ । ସେଦିନ ସିନା ମୂର୍ଚ୍ଛନାର ଗଣିତପାଠ ଶ୍ୟାମଳ ସମାଧାନ କରି ଦେଇଥିଲା, ହେଲେ ଉଭୟଙ୍କ ମନର ମାନସାଙ୍କ ସାରା ଜୀବନ ସମାଧାନ ହୋଇ ପାରି ନଥିଲା । ଶ୍ୟାମଳଚିଠିରେ ଭୁଲିଯିବାକୁ ଲେଖିଥିଲା ଓ ଏଥିପାଇଁ ଅଭିଶାପ ଚାହିଁଥିଲା । ଦୁର୍ଘଟଣା ତା'ର ମୃତ୍ୟୁ ପାଇଁ । କିନ୍ତୁ ଭାଗ୍ୟକୁ ଦେଖା ହୋଇଛି ଓ ମୂର୍ଚ୍ଛନା ପଚାରିଛି ଏପ୍ରକାର ଅଭିଶାପର କାରଣ, ହେଲେ ସେତେବେଳକୁ ମୂର୍ଚ୍ଛନା ବିବାହ କରିସାରି ସଂସାର ବସେଇ ସାରିଛି । ଅଲଗା ହୋଇଛନ୍ତି ଦୁହେଁ ଶରୀରରୁ କିନ୍ତୁ ମନରୁ ନୁହେଁ ।

ଗଳ୍ପ "ଅନ୍ୟପ୍ରକାର ସୁଖ" । ଏଠି ନାରୀ ଚରିତ୍ରଟି ବିବାହିତା, ଗଳ୍ପନାୟିକା । ସ୍ୱାମୀ ଅଶୋକ ମହାପାତ୍ର, ପ୍ରାଶାସନିକ କର୍ମଚାରୀ, ଜଣେ ଅବସର ପ୍ରାପ୍ତ ମିଲିଟାରୀ ଅଫିସର । ଝିଅ ମୂର୍ଚ୍ଛନା । ଅଶୋକ ସହିତ ପ୍ରସ୍ତାବ ପଡ଼ିବା ସମୟରେ ହିଁ ନାୟିକା ମୂର୍ଚ୍ଛନା ସନ୍ଦେହ ମୋଚନ ପାଇଁ ତା'ର ଜୀବନରେ ଆସିଥିବା ଦୁଇଜଣ ପ୍ରେମିକ ଶ୍ୟାମଳ ଓ ନାରାୟଣ ସହିତ କୁମାରୀତ୍ୱ ଚାଲି ଯାଇଥିବାର କଥା କହିଛି । ସ୍ୱୀକାର କରିଛି ଅଶୋକ । ଏକ ଉତ୍ତମ ବୁଝାମଣାର ସଂସାର ଗଢ଼ିଛି । ଗୋଟିଏ ପୁତ୍ର ସନ୍ତାନର ଜନ୍ମ ଉଭୟ ସ୍ୱାମିସ୍ତ୍ରୀଙ୍କ ଔରସରୁ । ନାମ ଟୁକୁନ।

ଏକଦା ସ୍ୱାମୀ, ସ୍ତ୍ରୀ ଏକ ଅଜଣାରୋଗର ଶିକାର ହୁଅନ୍ତି । ଚର୍ମରୋଗର ଶିକାର ହୋଇଥିବା ମୂର୍ଚ୍ଛନା ଖୁବ୍ ଚିନ୍ତିତ ହୋଇଛନ୍ତି । କାଳେ ସ୍ୱାମୀ ଜାଣିଲେ ଘୃଣା କରିପାରନ୍ତି । ଯୌନ ରୋଗରେ ପୀଡ଼ିତ ହୋଇଥିବା ସନ୍ଦେହ କରି କିନ୍ତୁ ଡାକ୍ତର ଅନୁପମର ପରାମର୍ଶରେ ଠିକ୍ ହୋଇଯାଇଛନ୍ତି ମୂର୍ଚ୍ଛନା । ଚର୍ମରୋଗ ଦୂରକରି ଦେଇ ଅନୁପମ ଏକ ଭିନ୍ନରୋଗ ବୁଣିଲେ ମୂର୍ଚ୍ଛନା ମନରେ । ତେଣୁ ମୂର୍ଚ୍ଛନା ଖାଲି ସମୟ ପାଇଲେ ଅନୁପମ ନିକଟକୁ ଚାଲିଆସନ୍ତି । ଠିକ୍ ଏମିତି ଏକ ସମୟରେ ଆସି ଭେଟିଛନ୍ତି ସ୍ୱାମୀଙ୍କୁ ଅନୁପମ ପାଖରେ ଓ

ISSN NO.
2582-208X

ଜାଣିବାକୁ ପାଇଛନ୍ତି ଯେ ସ୍ୱାମୀ ଦିଲ୍ଲୀର ଟ୍ରେନିଂ ପିରିୟଡ଼ରେ ଅନ୍ୟ ସ୍ତ୍ରୀ ସଂସ୍ପର୍ଶରେ ଆସି ଶିଫଳିଶ (Syphilis) ରୋଗର ଶିକାର ହୋଇଥିବା।

ଯେଉଁ ସନ୍ଦେହ ଚର୍ମରୋଗ ଯୋଗୁଁ ସ୍ୱାମୀଘୃଣା କରୁଥିବାର ଭୟ କରୁଥିଲେ ମୂର୍ଚ୍ଛନା ଠିକ୍ ସେହି ବିପରୀତ ଘଟଣା ସ୍ୱାମୀ ପାଖରେ ଠାବ କରି ପାରିଥିଲେ । ଆଉ ବିବାହ ହୋଇ ସମସ୍ତ ସୁଖ ପାଇଛ କି ? ଡାକ୍ତରଙ୍କ ପ୍ରଶ୍ନକୁ ଘାଣ୍ଟି ହୋଇଥିଲେ ମୂର୍ଚ୍ଛନା ।

"ଏତିକିରେ ଇତି" ଗଳ୍ପରେ କେବଳ ରହିଛି ଏକ ପ୍ରଶ୍ନୋତ୍ତରଧର୍ମୀ ଭାବଚେତନା । ଯାହା ଏକ ସ୍ରଷ୍ଟା ଓ ତା'ର ମୁଗ୍ଧ ପାଠିକା ମଧ୍ୟରେ ଆଳାପ। ଯହିଁରୁ ମୁଗ୍ଧପାଠିକାର ଭିତରେ ଥିବା ସ୍ରଷ୍ଟା ପ୍ରତି ଅକୁଣ୍ଠ ସ୍ନେହ ଓ ଭଲ ପାଇବା।

ଅପୂର୍ବା କମଳା କାନ୍ତଙ୍କର ସ୍ତ୍ରୀ ବର୍ତ୍ତମାନ ସେ ଶିକ୍ଷୟିତ୍ରୀ । ସ୍ୱାମୀ ହାଇଦ୍ରାବାଦରେ ଚାକିରି କରୁଛନ୍ତି । ସ୍ୱାମୀ ପାଖରେ ପୁଅ ପଢ଼ୁଛି ଓ ତା ପାଖରେ ଝିଅ । ଅପୂର୍ବାର ସ୍କୁଲ ଓ କଲେଜ ସାଙ୍ଗ ଅଭିରାମ ଜଣେ ଓ.ଏ.ଏସ୍. ଅଫିସର । ପ୍ରେମ ଚେତନାଟି କୁହୁକ ପରି । ଆଦ୍ୟ ଯୌବନରେ ମନରେ ପ୍ରେମର ଡେଣା ଲାଗି ଉଡ଼ିବୁଲିବା ସମୟରେ କାହା ମନ କୋଉଠି ଲାଖିଯାଏ ତାହା କହି ହୁଏନା । କିଏ ପ୍ରକାଶ କରି ପାରେ ତ କିଏ ପ୍ରକାଶ କରି ପାରେ ନାହିଁ । କିଏ ପାଇ ପାରେ ତ କିଏ ପାଇ ପାରେ ନାହିଁ । କାହା ଭାଗ୍ୟରେ ଭୋଗ୍ୟ ଥାଏ ତ କାହା ଭାଗ୍ୟରେ ଝୁରିହେବା ହିଁ ସାର ହୋଇଥାଏ ।

ମନର ଭାବନାକୁ ପ୍ରକାଶ ନ କରି ପାରି କେବଳ ଝୁରିହେବା ହିଁ ସାର ହୋଇଛି ଅଭିରାମ ଜୀବନରେ । ଅପୂର୍ବା ତା ସ୍କୁଲ ଓ କଲେଜ ସାଙ୍ଗ ଥିଲା, ସେହି ସମୟରୁ ହିଁ ଅଭିରାମ ଅପୂର୍ବାକୁ ଭଲ ପାଇ ସାରିଛି । କିନ୍ତୁ ସମୟ କ୍ରମେ ଅନ୍ୟତ୍ର ବିବାହ କରି ଦୁଇଟି ସନ୍ତାନର ଜନନୀ ହୋଇଛି ଅପୂର୍ବା । ଏହି ସମୟରେ ହଠାତ୍ ଉଭୟଙ୍କର ଭେଟ ହୋଇଛି ଭୁବନେଶ୍ୱରରେ । ଅଭିରାମ ନିମନ୍ତ୍ରଣ କରିଛି ଅପୂର୍ବାକୁ । ସେ ଠି ଜାଣିବାକୁ ପାଇଛି ଯେ ଏପର୍ଯ୍ୟନ୍ତ ଅଭିରାମ ଅବିବାହିତ । କାରଣ ଖୋଜିପାଇଛି ଯେ, ଝିଅଟି ଅନ୍ୟତ୍ର ବାହା ହୋଇଗଲା । ପୁଣି ବାରମ୍ବାର ଆଗ୍ରହ ଜନ୍ମିଲା କିଏ ସେହି ଝିଅ ବୋଲି ଜାଣିବାକୁ । ପଚାରିବାରୁ ଝିଅ ଦେଇଥିବା ଗୋଟିଏ ମାମୁଲି ସନ୍ତକ ଥିବା କଥା କହିଥିଲା ଅଭିରାମ । ଅପୂର୍ବାର ପ୍ରବଳ ଆଗ୍ରହ ପଣକୁ ଏଡ଼ାଇ ନ ପାରି ଅଭିରାମ କହିବା ମୁତାବକ ଡ୍ରୟର କାଢ଼ି ଦେଖିଛି ଗୋଟାଏ ରୁମାଲ ଯେଉଁଥିରେ "କାଳି ଛିଟା ଲାଗିଛି"। ଏହି ରୁମାଲ ନିଜେ ଅପୂର୍ବା

ISSN NO.
2582-208X

ବାଛି ଦେଇଥିଲେ । କୌଣସି କଥାକୁ ହିଁ ଚିଡ଼ାଇ ଥିଲା ବୋଲି ଫାଉଣ୍ଟେନ ପେନରୁ ତା ମୁହଁକୁ କାଳି ଛିଟା ଦେଲା ବେଳେ ସେ ମୁହଁପାଖରେ ଦେଖାଇ ଦେଇଥିଲା ଓ କଲମକାଳି ମୁହଁରେ ନ ପଡ଼ି ରୁମାଲରେ ପଡ଼ିଥିଲା।

ଓଡ଼ିଆ ଅଧ୍ୟାପିକା ତୃଷ୍ଣା ସହିତ ଗଣିତ ଅଧ୍ୟାପକ ଶିଳା ରହିଛନ୍ତି । ଅବିବାହିତା, ବୟସ ପଇଁତିରିଶ ଟପିଲାଣି । ତୃଷ୍ଣାର ପ୍ରେମିକ ଏପର୍ଯ୍ୟନ୍ତ ଚାକିରି କରି ନାହାଁନ୍ତି । ଶିକ୍ଷାଗତ ଯୋଗ୍ୟତା ଢେର, ପି.ଏଚଡି. ସାରିଲାଣି । ଉଭୟେ ବିବାହ ହୋଇ ନ ଥିଲେ ମଧ୍ୟ କୌଣସି ବିବାହିତ ସ୍ୱାମି ସ୍ତ୍ରୀଠାରୁ କୌଣସି କ୍ଷେତ୍ରରେ କମ୍ ନୁହନ୍ତି । ହେଲେ ସାମାଜିକ ତଥା ପାରିବାରିକ ସ୍ୱୀକୃତି ପାଇଁ ତୃଷ୍ଣାଙ୍କ ମନରେ ଭୟ କାରଣ ଶିକ୍ଷାଗତ ଯୋଗ୍ୟତାକୁ ତାଙ୍କ ପରିବାର ଲୋକେ ପ୍ରାଧାନ୍ୟ ଦେବେ ନାହିଁ ଝିଅ ବାହାଘର ପାଇଁ । ଏହା ବଡ଼ ଅବଶୋଷ ହୋଇ ରହିଛି, ଉଭୟଙ୍କ ଜୀବନରେ । ଉଭୟଙ୍କ ଜୀବନରେ ଉଭୟଙ୍କ ପ୍ରତି ଭରି ରହିଛି ଅସମାପ୍ତ ପ୍ରେମ । ସେ ସକାଶେ ତାଙ୍କ ଅପେକ୍ଷା କେବଳ ପ୍ରେମିକର ଚାକିରି । କଥା ଛନ୍ଦରେ ଶିଳା ଦିଦି ପ୍ରେମିକ କଥା ପଚାରିବାରୁ ତୃଷ୍ଣା କହିଛି ମୋର ପ୍ରେମିକ ନାହାଁନ୍ତି, ଅଛନ୍ତି ଜଣେ ଚିରସ୍ଥାୟୀ ଅବିବାହିତ ସ୍ୱାମୀ । ଯାହା ତାଙ୍କ ଭିତରେ ଥିବା ଅସମାପ୍ତ ପ୍ରେମର ସୂଚନା ।

ତୀର୍ଥଙ୍କରଙ୍କ ସ୍ତ୍ରୀ ଜୟା ରାୟ । ଶିକ୍ଷାଗତ ଯୋଗ୍ୟତା ଏମ.ଏସସି. । ତୀର୍ଥଙ୍କର ଜଣେ ଇଞ୍ଜିନିୟର ଓ ଜୟା ଏମ.ଏସସି. ପାସ୍ କରି ଥିବା ଯୁବତୀ । ଉଭୟଙ୍କ ବିବାହ ସ୍ଥିର ହୋଇଥିଲା, ତେଣୁ ଉଭୟେ ନିସଙ୍କୋଚରେ ବାର୍ତ୍ତାଳାପ ଭିତରେ ନିଜ ନିଜର ଲକ୍ଷ୍ୟ ବିଷୟରେ ଆଲୋଚନା କରୁଥିଲେ । ଜୟାର ଲକ୍ଷ୍ୟ ଥିଲା ଆମେରିକା ଯାଇ ନିଉକ୍ଲିଅ ଫିଜିକ୍ସ ପଢ଼ିବା ପାଇଁ । ଏଥିରେ ଖୁସି ହୋଇ ସ୍ୱାମୀ ତୀର୍ଥଙ୍କର ତାହା ପୂରଣ କରିବାକୁ କହିଛି । ବାହାଘର ଗୋଟିଏ ବର୍ଷ ପରେ କାଶ୍ମୀର ବୁଲିଯିବା ସମୟରେ ଦୁର୍ଘଟଣା ବଶତଃ ଜାହାଜ ଦସ୍ୟୁମାନଙ୍କର ହାବୁଡ଼ରେ ପଡ଼ି ସ୍ୱାମୀସ୍ତ୍ରୀଙ୍କୁ ଅଲଗା ହେବାକୁ ପଡ଼ିଛି । ଯେଉଁଥିରେ ତୀର୍ଥଙ୍କର ମନ ଭିତରେ ଦେଖା ଦେଇଛି ଦ୍ୱନ୍ଦ। ନାୟକ ନାୟିକାର ସମସ୍ତ ସ୍ୱପ୍ନ ଧୂଳି ସାତ ହୋଇ ଉଭୟଙ୍କ ଭିତରେ ଥିବା ସ୍ୱପ୍ନଟି ଦୁଃସ୍ୱପ୍ନ ହୋଇ ଯାଇଛି।

ଗଳ୍ପଟିରେ ବିତି ଯାଇଥିବା କୋଡ଼ିଏ ବର୍ଷର ଘଟଣାକୁ ସ୍ମରଣ କରାଇ ବା ସହିତ ଚଳନ୍ତି ସମୟରେ ଥିବା କୋଡ଼ିଏ ବର୍ଷପରେ ଏକ ପାରିବାରିକ ଜୀବନ ସୁଦୃଢ଼ କରିବା ପାଇଁ ଏକପତ୍ର । ଏହିପରି ବାରମ୍ବାର ସ୍ୱାମୀ ସ୍ତ୍ରୀ ମଧ୍ୟରେ ଥିବା ବିଚ୍ଛେଦ ଓ ମନୋମାଳିନ୍ୟ

ISSN NO.
2582-208X

ଦୂର କରିବା ପାଇଁ ଦୀର୍ଘ କୋଡ଼ିଏ ବର୍ଷ ତଳର ମୁଗ୍ଧ ପାଠିକା ଯିଏ କି ଆଜି ପର୍ଯ୍ୟନ୍ତ ଲେଖକର ଅତିପ୍ରିୟ ପାଠିକା ତାଙ୍କ ବିବାହ ଜୀବନର ଘଟଣାବଳୀକୁ ଆଧାରକରି ଏକ ରୋମାଣ୍ଟିକ ଉପନ୍ୟାସ ଲେଖିବାକୁ ଅନୁରୋଧ କରିଛି । ଯେଉଁ ଅନୁରୋଧରେ ରହିଛି ଲେଖକ ସହିତ ଘଟିଥିବା ଝିଅମୀନା ଓ ତାଂର ଚାରିବର୍ଷର ସାନ ଭଉଣୀ ସହିତ ଘଟିଥିବା ଏକ ଘଟଣାର ଉଲ୍ଲେଖ ।

ଲେଖକ ମହୋଦୟ ଯେ ଏହିପତ୍ର ପ୍ରେରିତାକୁ ଆଜି ସ୍ମରଣ କରିବା ଏତେ ସହଜ ନୁହେଁ । କୁଳବଧୂ ଜଣେ ପ୍ରେମିକ, କହିଲେ ବୁଝିବାକୁ ହୁଏ, ସାତ୍ତ୍ୱିକ ପ୍ରେମରାଧା ଓ କୃଷ୍ଣଙ୍କର। ଅନ୍ୟ ଅର୍ଥରେ କହିଲେ ଜଣେ ବିବାହିତା ନାରୀ ଅନ୍ୟ ପୁରୁଷ ସହ ରଖିଥିବା ଦୋଚାରୁଣୀ ଭାବ । ଉକ୍ତ ଗଳ୍ପର ନାୟକ ନାୟିକା ମଧ୍ୟରେ ରହିଛି ତ୍ୟାଗପୂତ ପ୍ରେମଭାବ । ଏକଦା ଏମାନେ ପ୍ରେମିକ ପ୍ରେମିକା କିନ୍ତୁ କୌଣସି କାରଣରୁ ବିବାହ ହୋଇ ପାରି ନାହାନ୍ତି । ନାୟିକାର ବିବାହ ପରେ ହଠାତ୍ ଦିନେ କଟକ ସହରରେ ଉଭୟଙ୍କ ଦେଖା ହୋଇଛି ଅପ୍ରତ୍ୟାଶିତ ଭାବରେ । ଦୁହେଁ କରିଛନ୍ତି ବାର୍ତ୍ତାଳାପ । ନାୟିକାର ବିବାହ ପୂର୍ବର ଓ ପରର ମଧ୍ୟ । ପୂର୍ବର ସେ ଭାବକୁ ତ୍ୟାଗ କରିଛନ୍ତି ନାୟିକା ଓ ଦେବତା ଭାବରେ ସ୍ୱାମୀଙ୍କୁ ଗ୍ରହଣ କରିଛନ୍ତି ।ଏପ୍ରକାର ବାକ୍ୟ ବିନିମୟ ଭିତରେ ଉଭୟଙ୍କ ଗାଡ଼ି ଆସିଛି ଓ ଉଭୟେ ନିଜ ନିଜର ଫେରିଛନ୍ତି ଗନ୍ତବ୍ୟ ସ୍ଥଳକୁ ।

"ସମ୍ପର୍କ" ଗଳ୍ପରେ ମଧ୍ୟ ଦୁଇଜଣ ବନ୍ଧୁଙ୍କ କଥା କୁହାଯାଇଛି । ଏ ଦୁଇ ବନ୍ଧୁଙ୍କ ମଧ୍ୟରେ ଜଣେ ବିବାହିତ ପୁରୁଷ ବ୍ୟାଙ୍କ କର୍ମଚାରୀ, ନାମ ସମୀର । ଅନ୍ୟଟି ତନ୍ଦ୍ରା ବ୍ୟାଙ୍କ କର୍ମଚାରୀ ଅବିବାହିତା ତରୁଣୀ । ଏମାନେ ହେଲେ ଅବିବାହିତ ସମୟରୁ ବନ୍ଧୁ । ସମୀର ବିବାହ କରି ସାରିଲା ପରେ ମଧ୍ୟ ଏମାନଙ୍କ ସମ୍ପର୍କ ନିବିଡ଼ । ଜଣେ ଅନ୍ୟ ଜଣଙ୍କ ଦୁଃଖ ସୁଖରେ ସହଭାଗୀ । କୌଣସି କାରଣରୁ ସମୀରଙ୍କ ସ୍ତ୍ରୀ ଚାଲି ଯାଇଛନ୍ତି ବାପଘରକୁ ସ୍ୱାମିସ୍ତ୍ରୀଙ୍କ ଭିତରେ କୌଣସି କଥାରେ ତୀବ୍ରତାରୁ । ସମୟ ବଢ଼ିବଢ଼ି ଯିବା ଯୋଗୁଁ ଉଭୟଙ୍କ ମଧ୍ୟରେ ସମ୍ପର୍କ ମଧ୍ୟ ଦୂରେଇ ଯାଇଛି।

ନିବିଡ଼ ସମ୍ପର୍କ ଯୋଗୁଁ ନିର୍ଦ୍ଦିଷ୍ଟ ସହରରେ ଦୁଇଜଣ ଦେଖା କରିଛନ୍ତି ସୁଖଦୁଃଖ ହୋଇ ପୁଣି ନିଜ ନିଜର ଲକ୍ଷ୍ୟ ସ୍ଥଳକୁ ଫେରି ଯାଇଛନ୍ତି । କିଛି ପ୍ରକାଶ କରନ୍ତି ସୁଖଦୁଃଖ ଶବ୍ଦରେ । କିଛି ସୂଚୀତ କରନ୍ତି ଅନେକ ଲକ୍ଷଣ ବିଲକ୍ଷଣରେ । ପୂର୍ବଗଳ୍ପରେ ନାୟିକା ବିବାହିତା କିନ୍ତୁ ଏ ଗଳ୍ପରେ ନାୟକ ବିବାହିତ। ବିବାହ କରି ଘରସଂସାର କରିବା ଦୁଃଖ । ଘରସଂସାର

ISSN NO.
2582-208X

କରିବା ଭିତରେ ନାରୀଟିଏ ବିଧବା ହେବା ତାଠାରୁ ଆହୁରି ଦୁଃଖ । ବରଂ ବିବାହ ନ କରି ସଂସାର ମୋହ ତ୍ୟାଗ କରି ଏକାକୀ ରହିବା ଭଲ । ଏହା ଏ ଗଳ୍ପରେ ନାୟକ ନାୟିକାର ଦୀର୍ଘ ସମୟ ବାର୍ତ୍ତାଳାପର ସାରାଂଶ । ଯଦିଓ ପରସ୍ପର କଲେଜ ପାଠ ପଢ଼ିବାଠାରୁ ଭେଟ ଓ ସେଠୁ ପ୍ରେମିକ ପ୍ରେମିକା ତଥାପି ପରସ୍ପର ବିବାହ କରିବାକୁ ପ୍ରସ୍ତୁତ କିମ୍ବା ଯୋଜନା ନାହିଁ । ଅନ୍ୟତ୍ର ବିବାହକୁ ମଧ୍ୟ ରାଜି ନାହିଁ । ନାୟିକାଟି ସାରା ଜୀବନ ଶୂନ୍ୟ ସୀମନ୍ତକୁ ଭଲ ବୋଲି ଗ୍ରହଣ କରୁଛି ସର୍ବତ୍ର ନିଜର ପୁରୁଷ ବନ୍ଧୁଆଗରେ ।

"ଆଦିପାପ" ଗୋଟିଏ ଉପନ୍ୟାସ ପୁସ୍ତକ। ପୁସ୍ତକ ପଢୁଥିବା ସମୟରେ ଘରୋଇ ଶିକ୍ଷକ ବିରୋଧ କରି ଫିଙ୍ଗି ଦେଇଥିଲେ ପାଚେରୀ ସେପଟକୁ । ଝିଅଟି ବିବାହ କରି ଚାଲି ଯାଇଛି। କିନ୍ତୁ ସମ୍ପର୍କ ରହିଛି ଶିକ୍ଷକ ସହିତ ନିବିଡ଼ । ଆଜି ମଧ୍ୟ ତା ମନରେ ରହିଛି ପୁସ୍ତକ ପଢ଼ିବାର ନିଶା । ସାରଙ୍କୁ ତେଣୁ କହିଛି ବାଧ୍ୟ ହୋଇ"ଆଦିପାପ" ପୁସ୍ତକ ଆଣି ଦେବା ପାଇଁ । କିନ୍ତୁ ସାର୍ ଖୋଜିଖୋଜି ଶେଷରେ ଲେଖକ ନିକଟରେ ପହଞ୍ଚି ମଧ୍ୟ ନିରାଶ ହୋଇଛନ୍ତି।

ବହୁ ସମୟର ପ୍ରତୀକ୍ଷା ପରେ ପରସ୍ପର ପ୍ରତି ବିଶ୍ୱାସ ରଖିଥିବା ଯୁବକ ଓ ଯୁବତୀଟିଏ, ନିରୋଳା ସମୟରେ ଭେଟିବାର ବ୍ୟବସ୍ଥା ହୋଇଛି । ଠିକ୍ ସମୟରେ ତରୁଣୀ ମଧ୍ୟ ପହଁଞ୍ଚିଛି ଲକ୍ଷ୍ୟ ସ୍ଥଳରେ କିନ୍ତୁ ପରିସ୍ଥିତିରେ ପଡ଼ି ଯୁବକ ଆସି ପାରି ନାହିଁ ଠିକ୍ ସମୟରେ। ଅନେକ ସମୟ ଅତିକ୍ରାନ୍ତ ପରେ ଆସିଛନ୍ତି ଜଣେ ବୃଦ୍ଧ ସହିତ । ଯେଉଁ ବୃଦ୍ଧବ୍ୟକ୍ତି ଜଣକ ପ୍ରତିବନ୍ଧକ ହୋଇଛନ୍ତି ଉଭୟଙ୍କ ମିଳନରେ । ଉପଯୁକ୍ତ ସ୍ଥାନରେ ଉଭୟେ ଉପସ୍ଥିତ ଅଛନ୍ତି କିନ୍ତୁ ତୃତୀୟ ବ୍ୟକ୍ତିର ଉପସ୍ଥିତି ତାଙ୍କୁ ପାଚେରୀ ଭଳି ବ୍ୟବଧାନ ସୃଷ୍ଟି କରିଛି।

ଲେଖକ ଦ୍ୱାରା ଉପସ୍ଥାପିତ ଶେଷ ଗଳ୍ପଟିରେ ପ୍ରେମିକ ପ୍ରେମିକାଙ୍କ ପ୍ରେମ ମାନବୀୟତାରୁ ହୋଇଥିଲେ ସୁଦ୍ଧା ପବିତ୍ରତା ପୂର୍ଣ୍ଣ ଈଶ୍ୱରୀୟ ପ୍ରେମରେ ରୂପାନ୍ତରିତ ହୋଇଛି । ଏଠି ପ୍ରେମିକ ହୋଇଛି ସ୍ୱର୍ଗୀୟା ଓ ପ୍ରେମିକ ହୋଇଛି ମର୍ତ୍ତ୍ୟବାସୀ । ସତରେ ପୁରୁଷଟିଏ ଯେତେବେଳେ କର୍ତ୍ତବ୍ୟ ପରାୟଣ ଓ ଆରଣ୍ୟକ ଯୌବନଭରା ସବଳପୁରୁଷ ଆଗରେ ସ୍ୱର୍ଗର ଅପସରା ମଧ୍ୟ ପ୍ରେମ ଯାଚିଥାଏ । ଏହା ଘଟିଛି ସ୍ୱର୍ଗୀୟ ପ୍ରେମର ଦେବୀ ଆଫ୍ରୋଦିତି ଓ ମର୍ତ୍ତ୍ୟପୁରୁଷ ଆନ ଚାଇଶସେସ୍ ମଧ୍ୟରେ ।

ISSN NO.
2582-208X

ପ୍ରେମ କହିଲେ ସାଧାରଣତଃ ଅନେକଙ୍କ ମନରେ ଥାଏ ନାରୀପୁରୁଷର କାମଭାବନା ଜର୍ଜରିତ ମିଳନଭାବ, କିନ୍ତୁ ତାହା ନୁହେଁ କାରଣ କାମ ଓ ପ୍ରେମ ଭିନ୍ନଭିନ୍ନ ଅର୍ଥ ଓ ଭାବବହନ କରୁଥିବା କ୍ଷେତ୍ର। ପ୍ରେମ ତ୍ୟାଗ ଓ ପବିତ୍ର କାର୍ଯ୍ୟ କାରଣ ସଦିଚ୍ଛାକର୍ମ। କାମସ୍ୱାର୍ଥ ସର୍ବସ୍ୱ ଆବେଗ ଜର୍ଜରିତ ଅଭିନୟାତ୍ମକ କର୍ମଧାରା । ପ୍ରେମ ସ୍ୱର୍ଗୀୟ ସୁଖମୟ ଦିଏ କିନ୍ତୁ କାମ ନର୍କ ଯନ୍ତ୍ରଣା ଦାକ । ଉକ୍ତ "ପ୍ରେମଗଳ୍ପ" ସଂକଳନ ମଧ୍ୟରେ ସ୍ଥାନିତ ଗଳ୍ପମାନଙ୍କରେ ଥିବା ପ୍ରତ୍ୟେକ ଚରିତ୍ର ସାଧାରଣ ଭାବନା ଠାରୁ ଉର୍ଦ୍ଧ୍ୱରେ । ପ୍ରେମର ବିଗଳନ ଧାରାରେ କେହି ଭାସି ଯାଇ ନାହାନ୍ତି । ପ୍ରାୟ ଚରିତ୍ର ଜୀବନରେ ପ୍ରେମଭାବକୁ ପରସ୍ପର ଭିତରେ ଆଦାନପ୍ରଦାନର ସୂଚନା ରହିଥିଲେ ମଧ୍ୟ କେହି କାହାର ପ୍ରତିବନ୍ଧକ କିମ୍ବା ଯନ୍ତ୍ରଣାର କାରଣ ହୋଇନାହାନ୍ତି । ଏପ୍ରକାର ଘଟଣା ବା ଚରିତ୍ର ତିଆରି କଥାକାର ପଟ୍ଟନାୟକ ଭଳି ଦକ୍ଷଶିଳ୍ପୀଙ୍କ ଦ୍ୱାରା ହିଁ ସମ୍ଭବ । ସଙ୍କଳନସ୍ଥ ପ୍ରତ୍ୟେକ ଚରିତ୍ରକୁ ତର୍ଜମା କଲେ ମନେ ହୁଏ ଯେ ଏହି ସଙ୍କଳନର ନାମ ପବିତ୍ର ପ୍ରେମ ଗଳ୍ପ ହେବା ଉଚିତ୍ । ଫଳରେ ଯେ କେହି ପୁସ୍ତକର ନାମ ପଢ଼ିଲେ ମନରେ ଏକ ଭିନ୍ନ ପୁଲକ ଆଣିଦେବ । ଯହିଁରେ କାମଭାବ ପରିହାରକରି ତ୍ୟାଗପୂତ ସମ୍ପର୍କର ଧାରଣା ସାଙ୍ଗକୁ ସାତ୍ତ୍ୱିକଭାବ ଚେତନା ସୃଷ୍ଟି କରିବାର ଆଶା ।

ସହାୟକ ଗ୍ରନ୍ଥସୂଚୀ :

୧. ପଟ୍ଟନାୟକ, ବିଭୂତି, ପ୍ରେମ ଗଳ୍ପ ୨ୟ ସଂସ୍କରଣ -୨୦୧୩, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦ ବିହାରୀ କଟକ, ୨ୟ ।

୨. ସାହୁ, ନାରାୟଣ, ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ, ସତ୍ୟ ନାରାୟଣ ବୁକ୍ ଷ୍ଟୋର, କଟକ – ୨୦୧୬ ।

୩. ବାରିକ୍, କବିତା, ଶହେ ତେଇଶି ବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ର ଗଳ୍ପ ଏକ ତାତ୍ତ୍ୱିକ ବିଶ୍ଳେଷଣ, ବିଦ୍ୟାପୁରୀ, କଟକ,୨୦୨୨ ।

୪. ବେହେରା, ଡ. କ୍ଷୀରୋଦ ଚନ୍ଦ୍ର, ଏକ ବିଂଶ ଶତାବ୍ଦୀର ଓଡ଼ିଆ ଗଳ୍ପ : ପ୍ରତିଶ୍ରୁତି ଓ ସମ୍ଭାବନା, ଭୁବନେଶ୍ୱର ।

(((-)))

ଓଡ଼ିଆ ଅଧ୍ୟାପକ
କେ.ଭି. ମହାବିଦ୍ୟାଳୟ, କଣ୍ଟାବାଞ୍ଜି

ISSN NO.
2582-208X

# ବଣ ଫୁଲ



ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର

ଫୁଲ ଟିଏ ହୋଇ ଫୁଟିଛି କାନନେ ପ୍ରୀୟତମ ନିଅ ତୋଳି,
ମଧୁ ଲୁଟିନେବ ଲମ୍ପଟ ଭୃଙ୍ଗ
କାଲିକି ଯିବି ଝାଉଁଳି;
ତୁମ ଗଳେ ପାଦତଳେ;
ଆଜଦିନ କଟିଯାଉ  ସୁଖେ ସ୍ୱାମୀ  ପ୍ରେମ ଆଲିଙ୍ଗନ ଭୋଳେ ।।

ମଧୁ ସଉରଭ ଶୋଭା ସୌମ୍ୟ ରୂପ, କାନନେ ଲତା ବୃନ୍ତରେ,,
ଫୁଟାଇଲ ଯେବେ  ତୋଳିନିଅ ନାଥ ମାଳାକରି ହୃଦୟ ରେ;;
ଆଲିଙ୍ଗନେ ନିରନ୍ତର;
ପବିତ୍ର ହେବ ମୋ ଜୀବନ ତୋ ପାଇଁ ପରିଚୟ ନାହିଁ ମୋର ।।

ତୋର ସେବା କରି ତୋରେ ଅନୁସରି ମୋ ସୌନ୍ଦର୍ଯ୍ୟ ରୂପେ ତୋର,
ରୂପ ଝଲକିବ ଆପଣେଇ ନେବ ତୋ, ମୋ, ପ୍ରେମ କାରବାର;
ଏତିକି ମାଗୁଣି ମମ;
ବଣମଲ୍ଲୀ ବଣେ ଝାଉଁଳି ନଯାଉ ତୋଳିନିଅ ପ୍ରୀୟତମ  ।।

(((-)))

ମଙ୍ଗଳାଯୋଡି, ଖୋର୍ଦ୍ଧା

ISSN NO.
2582-208X

# ବୟୋଜ୍ୟେଷ୍ଠଙ୍କ ପାଇଁ ଅନ୍ତର୍ଭୁକ୍ତ ସାମାଜିକ ବ୍ୟବସ୍ଥା



ନନ୍ଦି କିଶୋର ଷାଣ୍ଡ

କୌଣସି ସମାଜର ସଭ୍ୟତା, ମାନବିକତା ଓ ସାମାଜିକ ଦାୟିତ୍ୱବୋଧର ପ୍ରକୃତ ପରିମାପ ତାହାର ବୟୋଜ୍ୟେଷ୍ଠ ନାଗରିକମାନଙ୍କ ପ୍ରତି ଥିବା ଲୋକ ଆଚରଣରେ ପ୍ରତିଫଳିତ ହୁଏ । ଜୀବନର ଏକ ଦୀର୍ଘ ସମୟ ଧରି ପରିବାର, ସମାଜ ଓ ଦେଶ ଗଠନରେ ଅବଦାନ ରଖିଥିବା ବ୍ୟକ୍ତିମାନେ ଜୀବନର ଅନ୍ତିମ ପର୍ଯ୍ୟାୟରେ ସମ୍ମାନ, ସୁରକ୍ଷା, ସ୍ନେହ ଓ ସାମାଜିକ ସ୍ୱୀକୃତିର ଟିକିଏ ଆଶା ରଖିଥାନ୍ତି । କିନ୍ତୁ ଆଧୁନିକ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନର ପ୍ରେକ୍ଷାପଟରେ ବୟୋଜ୍ୟେଷ୍ଠ ନାଗରିକଙ୍କ ଅବହେଳିତ ସ୍ଥିତି ଏକ ଗଭୀର ଚିନ୍ତାର ବିଷୟ ପାଲଟିଛି ।

ସମଗ୍ର ଜନସଂଖ୍ୟାରେ ବୃଦ୍ଧଙ୍କ ଅନୁପାତ ଦ୍ରୁତ ହାରରେ ବଢ଼ୁଥିବା ବେଳେ ସେମାନଙ୍କ ଅସୁରକ୍ଷା, ଏକାକୀତା, ପରିତ୍ୟାଗ, ନିର୍ଯ୍ୟାତନା ଓ ସାମାଜିକ ବିଚ୍ଛିନ୍ନତା ମଧ୍ୟ ସମାନ ଭାବରେ ବୃଦ୍ଧି ପାଉଛି । ଏହା କେବଳ ଏକ ସଂବେଦନଶୀଳ କଲ୍ୟାଣମୂଳକ ପ୍ରସଙ୍ଗ ନୁହେଁ; ଏହା ଏକ ମାନବାଧିକାର, ସାମାଜିକ ନ୍ୟାୟ ଓ ଉନ୍ନୟନର ପ୍ରସଙ୍ଗ ।

ବିଶ୍ୱସ୍ତରରେ ସମୁଦାୟ ଜନସଂଖ୍ୟାରେ ବାର୍ଦ୍ଧକ୍ୟ ଜନସଂଖ୍ୟା ଏକ ଗୁରୁତ୍ୱପୂର୍ଣ୍ଣ ଜନସଂଖ୍ୟା ସମ୍ପର୍କିତ ପରିବର୍ତ୍ତନକୁ ସୂଚିତ କରେ । ସ୍ୱାସ୍ଥ୍ୟସେବା, ପୌଷ୍ଟିକତା ଓ ଜୀବନମାନର ଉନ୍ନତି ଫଳରେ ଲୋକଙ୍କ ଆୟୁ ବୃଦ୍ଧି ପାଉଛି । ଭାରତରେ ୬୦ ବର୍ଷରୁ ଅଧିକ ବୟସର ଜନସଂଖ୍ୟା ଦ୍ରୁତ ଭାବରେ ବଢ଼ୁଛି ଏବଂ ଆଗାମୀ ଦଶନ୍ଧିଗୁଡ଼ିକରେ ଏହା ଦେଶର ସାମାଜିକ ଓ ଅର୍ଥନୈତିକ ନୀତିର କେନ୍ଦ୍ରୀୟ ପ୍ରସଙ୍ଗ ହୋଇପାରେ । ଓଡ଼ିଶା ମଧ୍ୟ ଏହି ପରିବର୍ତ୍ତନରୁ ଅଲଗା ନୁହେଁ । ଗ୍ରାମାଞ୍ଚଳରେ ଯୁବପିଢ଼ିର ପ୍ରବାସ, କୃଷି ଆୟର ଅନିଶ୍ଚିତତା ଏବଂ

ISSN NO.
2582-208X

ପାରିବାରିକ ଗଠନର ପରିବର୍ତ୍ତନ ଫଳରେ ଅନେକ ବୟୋଜ୍ୟେଷ୍ଠ ନାଗରିକ ଆଜି ଏକାକୀ ଓ ଅସୁରକ୍ଷିତ ଜୀବନ ବିତାଉଥିବାର ବହୁଳ ନଜିର ରହିଛି ।

ବୃଦ୍ଧାବସ୍ଥା ସହିତ ଶାରୀରିକ କ୍ଷମତା, ଆର୍ଥିକ ସ୍ୱାବଲମ୍ବନ ଓ ସାମାଜିକ ସକ୍ରିୟତା କ୍ରମଶଃ ହ୍ରାସ ପାଏ । ଦୀର୍ଘସ୍ଥାୟୀ ରୋଗ, ଚଳପ୍ରଚଳରେ ଅସୁବିଧା, ଦୃଷ୍ଟିଶକ୍ତି ହ୍ରାସ, ମାନସିକ ଚାପ ଏବଂ ଏକାକୀ ସ୍ଥିତି ବୃଦ୍ଧାବସ୍ଥାର ସାଧାରଣ ଆହ୍ୱାନ ହୋଇପାରେ । କିନ୍ତୁ ଯେତେବେଳେ ଏହା ସହିତ ପାରିବାରିକ ଅବହେଳା, ଆର୍ଥିକ ନିର୍ଭରଶୀଳତା ଓ ସାମାଜିକ ବିଚ୍ଛିନ୍ନତା ଯୁକ୍ତ ହୁଏ, ସେତେବେଳେ ଏହି ଆହ୍ୱାନ  ଅଧିକ ଗଭୀର ହୋଇଯାଏ ।

ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ସୀମିତ ପହଞ୍ଚ ଏବଂ ସହରାଞ୍ଚଳରେ ସାମାଜିକ ସମ୍ପର୍କର ଅଭାବ ବୟୋଜ୍ୟେଷ୍ଠମାନଙ୍କ ଅସୁରକ୍ଷାକୁ ବହୁଗୁଣିତ କରିଦେଉଛି । ଅନେକ ବୟୋଜ୍ୟେଷ୍ଠ  ଆଜି ଆର୍ଥିକଭାବରେ ନୁହେଁ, ବରଂ ମାନସିକ ଓ ସାମାଜିକ ଭାବରେ ମଧ୍ୟ ଅସହାୟ ଅବସ୍ଥାରେ ରହୁଛନ୍ତି ।

ଭାରତୀୟ ସମାଜରେ ଯୁଗ୍ମ ପରିବାର ବ୍ୟବସ୍ଥା ଦୀର୍ଘ ସମୟ ଧରି ବୟୋଜ୍ୟେଷ୍ଠ ନାଗରିକଙ୍କ ସାମାଜିକ ସୁରକ୍ଷାର ପ୍ରମୁଖ ଆଧାର ହୋଇ ରହିଆସିଥିଲା । ପରିବାରର ଏକାଧିକ ପିଢ଼ି ଏକାଠି ରହୁଥିବାରୁ ବୟୋଜ୍ୟେଷ୍ଠମାନେ ଯତ୍ନ, ସମ୍ମାନ, ସ୍ନେହ, ସହଯୋଗ ଓ ସାମାଜିକ ସ୍ୱୀକୃତି ପାଉଥିଲେ । ସେମାନଙ୍କ ଅଭିଜ୍ଞତା ପରିବାର ଓ ସମାଜ ପାଇଁ ଏକ ମୂଲ୍ୟବାନ ସମ୍ପଦ ଭାବରେ ବିବେଚିତ ହେଉଥିଲା ।

କିନ୍ତୁ ସହରୀକରଣ, ଜଗତୀକରଣ, ରୋଜଗାର/ଚାକିରି ପାଇଁ ପ୍ରବାସ, ଏକକ ପରିବାରର ବୃଦ୍ଧି ଏବଂ ବ୍ୟକ୍ତିକେନ୍ଦ୍ରିକ ଜୀବନଶୈଳୀ ଏହି ବ୍ୟବସ୍ଥାକୁ ଦୁର୍ବଳ କରିଛି । ଫଳରେ ବୟୋଜ୍ୟେଷ୍ଠମାନଙ୍କ ସାମାଜିକ ସ୍ଥାନ ଓ ନିଷ୍ପତ୍ତି ଗ୍ରହଣରେ ସେମାନଙ୍କ ଭୂମିକା କ୍ଷୀଣ ହୋଇଯାଇଛି ।

ବହୁକ୍ଷେତ୍ରରେ ବୟୋଜ୍ୟେଷ୍ଠ ନାଗରିକଙ୍କୁ ପରିତ୍ୟାଗ ଓ ନିର୍ଯ୍ୟାତନା ଆଜି ଏକ ନୀରବ ସାମାଜିକ ସଙ୍କଟ ରୂପେ ଉଭା ହୋଇଛି । ଏହି ନିର୍ଯ୍ୟାତନା କେବଳ ଶାରୀରିକ ନୁହେଁ; ଏହା ମାନସିକ, ଭାବନାତ୍ମକ, ସାମାଜିକ ଓ ଆର୍ଥିକ ରୂପରେ ମଧ୍ୟ ପ୍ରକାଶ ପାଏ । ଅନେକ କ୍ଷେତ୍ରରେ ସେମାନେ ଅବହେଳା ଓ ଉପେକ୍ଷାର ଶିକାର ହୁଅନ୍ତି; ସମ୍ପତ୍ତି ସମ୍ବନ୍ଧୀୟ ବିବାଦରେ ନିର୍ଯ୍ୟାତିତ ହୁଅନ୍ତି; ଆର୍ଥିକ ଶୋଷଣର ଶିକାର ହୁଅନ୍ତି; ପରିବାରିକ ନିଷ୍ପତ୍ତିରୁ

ISSN NO.
2582-208X

ବାଦ ପଡ଼ନ୍ତି; ଓ ମାନସିକ ଭାବରେ ବିଚ୍ଛିନ୍ନ ହୋଇପଡ଼ନ୍ତି । ପରିତ୍ୟାଗର ସବୁଠାରୁ ବଡ଼ କ୍ଷତି ହେଉଛି ଆତ୍ମସମ୍ମାନର ହ୍ରାସ । ଯେଉଁ ବ୍ୟକ୍ତି ଦିନେ ପରିବାରର ମୂଳ ସ୍ତମ୍ଭ ଥିଲେ, ସେ ନିଜକୁ ଅନାବଶ୍ୟକ ଓ ଅପ୍ରାସଙ୍ଗିକ ବୋଲି ଅନୁଭବ କରିବାକୁ ଲାଗନ୍ତି ।

ଆମ ଦେଶ ତଥା ରାଜ୍ୟରେ ବର୍ତ୍ତମାନ ବେସରକାରୀ ଉଦ୍ୟମ ଏବଂ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଯୋଜନା ସହାୟତାରେ ଅନେକ ବୟୋଜ୍ୟେଷ୍ଠ ନାଗରିକ ଗୃହ (ବୃଦ୍ଧାଶ୍ରମ) ଓ ଦୀର୍ଘକାଳୀନ ଯତ୍ନ କେନ୍ଦ୍ର ବହୁ ବୟୋଜ୍ୟେଷ୍ଠଙ୍କ ପାଇଁ ଆବଶ୍ୟକୀୟ ସହାୟତା ପ୍ରଦାନ କରୁଛି । କିନ୍ତୁ ସେହି ଆନୁଷ୍ଠାନିକ ଯତ୍ନ ବ୍ୟବସ୍ଥା ପରିବାରର ବିକଳ୍ପ ହୋଇପାରେ ନାହିଁ । ଏହି ସଂସ୍ଥାଗୁଡ଼ିକ ଖାଦ୍ୟ, ଆବାସ ଓ ଚିକିତ୍ସା ପ୍ରଦାନ କରିପାରନ୍ତି, କିନ୍ତୁ ପରିବାରର ସ୍ନେହ, ଆତ୍ମୀୟତା ଓ ଆପଣାପଣ ଅନୁଭବକୁ ପୂରଣ କରିପାରନ୍ତି ନାହିଁ । ଏହି କାରଣରୁ ବିଶ୍ୱସ୍ତରରେ "ଆନୁଷ୍ଠାନିକ ଯତ୍ନ" ଅପେକ୍ଷା "ଗୋଷ୍ଠୀ ଓ ପରିବାର ଆଧାରିତ ଯତ୍ନ" ନମୂନାକୁ ଅଧିକ ଗୁରୁତ୍ୱ ଦିଆଯାଉଛି ।

ଅସୁରକ୍ଷିତ ଓ ପରିତ୍ୟକ୍ତତାର ସଂବେଦନଶୀଳ ସମସ୍ୟାରେ ଥିବା ବୟୋଜ୍ୟେଷ୍ଠ ନାଗରିକଙ୍କ ଥଇଥାନ ବା କଲ୍ୟାଣକୁ କେବଳ ସହାୟତା କିମ୍ବା ଦୟାର ପ୍ରସଙ୍ଗ ଭାବରେ ଦେଖିଲେ ହେବ ନାହିଁ। ସେମାନଙ୍କୁ ସମାଜର ସକ୍ରିୟ ଅଂଶୀଦାରଭାବରେ ପୁନଃପ୍ରତିଷ୍ଠା କରିବା ଆବଶ୍ୟକ। ସାମାଜିକ ପୁନଃ ଏକୀକରଣ ପାଇଁ ପିଢ଼ି ମଧ୍ୟରେ ସଂଳାପ ଓ ସମ୍ପର୍କ ବୃଦ୍ଧି; ଗ୍ରାମ ଓ ସହର ସ୍ତରରେ ବରିଷ୍ଠ ନାଗରିକ ମଞ୍ଚ ଗଠନ; ଦିବା ଯତ୍ନ କେନ୍ଦ୍ର ଓ ସମୁଦାୟ ଭିତ୍ତିକ ଯତ୍ନ ବ୍ୟବସ୍ଥା; ସକ୍ରିୟ ବୟୋଜ୍ୟେଷ୍ଠ ଓ ସ୍ୱେଚ୍ଛାସେବୀ ଅଂଶଗ୍ରହଣ; ଡିଜିଟାଲ ସାକ୍ଷରତା ଓ ସୂଚନା ପ୍ରାପ୍ତି; ସ୍ୱାସ୍ଥ୍ୟ, ପେନସନ ଓ ସାମାଜିକ ସୁରକ୍ଷାର ସୁଦୃଢ଼ୀକରଣ; ଓ ବୟୋଜ୍ୟେଷ୍ଠଙ୍କ ଜ୍ଞାନ ଓ ଅଭିଜ୍ଞତାର ସାମାଜିକ ବ୍ୟବହାର କ୍ଷେତ୍ରରେ ବିଶେଷ ପଦକ୍ଷେପ ଆବଶ୍ୟକ ।

ବୟୋଜ୍ୟେଷ୍ଠ ନାଗରିକମାନେ ସମାଜର କୌଣସି ବୋଝ ନୁହନ୍ତି; ସେମାନେ ସାମାଜିକ ଜ୍ଞାନ, ଅଭିଜ୍ଞତା, ସଂସ୍କୃତି ଓ ମୂଲ୍ୟବୋଧର ସମ୍ବଳ ଭଣ୍ଡାର । ସେମାନଙ୍କ ପ୍ରତି ଅବହେଳା କିମ୍ବା ପରିତ୍ୟାଗ କେବଳ ପାରିବାରିକ ବିଫଳତା ନୁହେଁ; ଏହା ସମଗ୍ର ସମାଜର ନୈତିକ ଅବକ୍ଷୟର ପ୍ରତିଫଳନ । ଏକ ଦେଶର ପ୍ରକୃତ ଉନ୍ନତି ତାହାର ଅର୍ଥନୈତିକ ସଫଳତାରେ ନୁହେଁ, ବରଂ ତାହାର ବୟୋଜ୍ୟେଷ୍ଠ ନାଗରିକମାନେ କେତେ ସମ୍ମାନ, ସୁରକ୍ଷା ଓ ମର୍ଯ୍ୟାଦା

ISSN NO.
2582-208X

ସହ ଜୀବନଯାପନ କରୁଛନ୍ତି, ତାହା ଉପରେ ନିର୍ଭର କରେ । ସେଥିପାଇଁ ବୟୋଜ୍ୟେଷ୍ଠଙ୍କ ପ୍ରସଙ୍ଗକୁ କଲ୍ୟାଣମୂଳକ ଦୃଷ୍ଟିକୋଣରୁ ନୁହେଁ, ବରଂ ଅଧିକାର, ମର୍ଯ୍ୟାଦା ଓ ସାମାଜିକ ନ୍ୟାୟର ପ୍ରସଙ୍ଗ ଭାବରେ ଦେଖିବାକୁ ହେବ । ସେମାନଙ୍କ ସାମାଜିକ ପୁନଃଏକୀକରଣ ମାଧ୍ୟମରେ ହିଁ ଏକ ଅଧିକ ମାନବିକ, ଅନ୍ତର୍ଭୁକ୍ତିମୂଳକ ଓ ସହାନୁଭୂତିଶୀଳ ସମାଜ ଗଠନ ସମ୍ଭବ ।

(((-)))

ବରିଷ୍ଠ ଉନ୍ନୟନ ପରାମର୍ଶଦାତା
ସାଲେପାଲି, ଜି:-ବଲାଙ୍ଗିର (ଓଡିଶା)
ପିନ:- ୭୬୭୦୬୭
ଯୋଗାଯୋଗ: ୯୬୭୮୭୩୨୨୦୦

ISSN NO.
2582-208X

# ସନ୍ଦେଶ



ଅରୁଣ କୁମାର ଦାସ

କେତେ ବେଳେ କାହା ମାଧ୍ୟମରେ ହେଉ ଅବା
କୌଣସି ପରିସ୍ଥିତିରେ ଜାଣି ପାରୁ
ତାହାକୁ ଏଡାଇ ଦେବା ଠିକ୍ ନୁହେଁ
ଏହା ଦୈବୀ ବାଣୀ ହୋଇ ପାରେ ।
ଅବହେଳା କଲେ ପରିଣାମ ଭୟଙ୍କର
ଭୋଗିବା ସାର ହୁଏ
ବଡ଼ ବଡ଼ ଦୂର୍ଘଟଣା ମଧ୍ୟ ଏଡ଼ାଇବା ସମ୍ଭବ
ନତୁବା ଭାଗ୍ୟ ଫଳ ଉପରେ ଛାଡ଼ିବା ସାର ହୁଏ ।
ବନ୍ଧୁ, ବାନ୍ଧବ, ଆତ୍ମୀୟ ସୋଦର
ବେଳେ ବେଳେ ଉତ୍ପ୍ରେରକ ଭଳି
କାର୍ଯ୍ୟ କରେ
ଦୈବୀ ବାଣୀକୁ ବାଦ୍ ଦେଇ ଚାଲିବା
ଠିକ୍ ନୁହେଁ ।
ସନ୍ଦେହରେ ସନ୍ଧୀୟାନ ସମୀଚିନ ନାହିଁ
ଏହା ଘୁଣ ପୋକ ଭଳି ନଷ୍ଟ କରି ଦିଏ
କୀଟ ଭଳି କାଟି ଦିଏ
ହୃଦୟ ତନ୍ତ୍ରୀକୁ ଖିନ ଭୀନ କରି ପକାଏ ।

ISSN NO.
2582-208X

ନାମ, ଧ୍ୟାନ, ତପ, ଜପ, ଭଜନ, କୀର୍ତ୍ତନ
ମୋହ, ମାୟା,ମଦ,ମାତ୍ସର୍ଯ
କବଳିତ କରେ ତନୁ ମନ
ଅବା ଶରଣ ନିଅ ଆତ୍ମନ ।

(((-)))

ଠାକୁର୍, ପୁରୁଣା ବଉଳମାଳ,
ଧର୍ମଶାଳା ଯାଜପୁର

ISSN NO.
2582-208X

# ସ୍ମୃତି ତୁମେ



ତ୍ରିପତି ପ୍ରଧାନ

ସ୍ମୃତି ହୋଇ ତୁମେ ମୋ ହୃଦେ ବସିଛ
ନୟନେ ଦେଖି ନ ହୁଏ
କ୍ଷଣେ କ୍ଷଣେ ପରା ମନେ ହୁଅ ଧରା
କିମିଆ କେମିତି ହୁଏ(୧)
ବସି ବେଳେ ବେଳେ ନେତ୍ରୁ ଲୁହ ଢାଳେ
ଭୁଲିନି ଭୁଲି ହୁଏନା
କେମିତି କେଜାଣି ନପାରେ ମୁଁ ଜାଣି
ଭାସେ ଅତୀତ ଭାବନା(୨)
ସୁଖେ ସୁଖୀ ଭବ ଆନନ୍ଦ ବିଭବ
ଦେଖି ନୟନ ଯୁଗଳ
ଭାବରେ ଭାବରେ ଭାବ ନାବ ପରେ
ଚିନ୍ତା ଚିତ୍ତ ଜଳ ଜଳ(୩)
ହାତେ ହାତ ଧରି ପଥ ନିଅ କାଢି
ମସୃଣ ବନ୍ଧୁର ମାର୍ଗ
ବୁଝି ପାରେ ନାହିଁ ଜାଣି ହୁଏ କାହିଁ
ଲାଭ କରେ ଅପବର୍ଗ (୪)
ହସରେ କାନ୍ଦରେ ଜାଗ ମନ କୋଣେ
ନାଚି ଉଠେ କେତେ ରୂପ

ISSN NO.
2582-208X

ତୁମେ ପରା ମୋର ନୟନ ପ୍ରତିମା
ଦିଅ ଉଲ୍ଲାସ ଅମାପ(୫)
ତବ ସ୍ମୃତି କଥା ହରେ ହୃଦ ବ୍ୟଥା
ଗୁଣେ ଗୁଣ ଜ୍ଞାନ ଭରେ
ସ୍ମରିଲେ ସାହସ ଚିନ୍ତିଲେ ଅମାପ
ପ୍ରେମ ଭକ୍ତି ଶାନ୍ତି ଝରେ(୬)
ନାହିଁ ପଟାନ୍ତର ତୁମେ ଅଟ ମୋର
ସ୍ମୃତି ପୂର୍ଣ୍ଣ ରୂପାଜହ୍ନ
କଟୁ ଅଛି ଦିନ ଦେଖିଣ ସପନ
କଳ୍ପନା କଳପ ମନ(୭)

(((-)))

ସଂସ୍କୃତ ଶିକ୍ଷକ, ଚିକିଟି, ଗଞ୍ଜାମ

ISSN NO.
2582-208X

# ମୟୂରଭଞ୍ଜର ଲୋକକଥା ପ୍ରସଙ୍ଗରେ କିଂଚତ୍ ଆଲୋଚନା....

ଡ. ନିରୁପମା ନାୟକ

ଲୋକଗଳ୍ପ ବା ଲୋକକଥା ଅଥବା ଲୋକକାହାଣୀ ଲୋକସମାଜର କଥାଶିଳ୍ପ । ଏହା ଲୋକଜୀବନର ମହାଭାଷ୍ୟ, ଲୋକସମୁଦାୟର କଥନକଳାର ସମର୍ଥ ପରିପ୍ରକାଶ । ମଣିଷ ପ୍ରକୃତି ସହିତ ଲୋକକଥର କଥନରୀତି ଘନିଷ୍ଠ ଭାବରେ ସମ୍ପୃକ୍ତ । ମଣିଷ ସମାଜରେ ଏମିତି ଲୋକଟିଏ ନାହିଁ ଯିଏ ଜୀବନରେ କେବେ ଗପଟିଏ ଶୁଣିନାହିଁ । ପିଲାଠାରୁ ବୁଢାବୁଢୀ ପର୍ଯ୍ୟନ୍ତ, ଶିକ୍ଷିତ ଠାରୁ ଅଶିକ୍ଷିତ ପର୍ଯ୍ୟନ୍ତ, ରାଜା ଠାରୁ ପ୍ରଜା ପର୍ଯ୍ୟନ୍ତ ସକଳେ ଗପର ଶୁନାଳି । ଏପରି ଲୋକଜଣେ ଲୋକସମାଜରେ ନାହିଁ ଯିଏ ଗପଟିଏ କହିଯାଣେ ନାହିଁ । ଲୋକକଥାରେ ସୃଷ୍ଟି ବହୁ ପ୍ରାଚୀନ କାଳରୁ ଆଉ ଏହାର ବିକାଶ ଧାରା ମଧ୍ୟ ଶତାବ୍ଦୀ ଧରି ସୁପ୍ରାଚୀନ । ବସ୍ତୁତଃ ଲୋକକଥାର ଜନ୍ମଲଗ୍ନ ନିର୍ଦ୍ଧାରଣ କରିବା ବାସ୍ତବରେ ଏକ କଷ୍ଟକର ବ୍ୟାପାର ।

ପାଶ୍ଚାତ୍ୟ ଦର୍ଶନିକ ମ୍ୟାକ୍ସମ୍ୟୁଲାରଙ୍କ ମତରେ 'ଲୋକକଥା' ବେଦରେ ସନ୍ନିବେଶିତ ଗଳ୍ପଗୁଡିକ ଠାରୁ ଆହୁରି ପ୍ରାଚୀନତର । ବେଦସ୍ରଷ୍ଟା ଲୋକମୁଖରେ ପ୍ରଚଳିତ କଥା ସବୁ ଶୁଣି ବା ସଂଗ୍ରହ କରି ବେଦରେ ଖଞ୍ଜିଦେଲେ । (ଡକ୍ଟର କୁଞ୍ଜବିହାରୀ ଦାଶଙ୍କ ରଚିତ 'ଓଡିଆ ଲୋକ କାହାଣୀ'-ପୃ:୧୨ ଦ୍ରଷ୍ଟବ୍ୟ) ଆଲୋଚକ/ସମାଲୋଚକଙ୍କ ମତରେ ବୈଦିକ ସାହିତ୍ୟ ସୃଷ୍ଟି ପୂର୍ବରୁ ଲୋକକଥାର ସୃଷ୍ଟି ଲୋକମୁଖରେ ଘଟିସାରିଥିଲା । ପ୍ରତ୍ୟେକଟି ମଣିଷଣର କିଛି ଅନୁଭୂତୋ ଅବଶ୍ୟ ଥାଏ । କିଛି କଳ୍ପନା ମଧ୍ୟ ଥାଏ । ଏଇ ଉଭୟ ଅନୁଭୂତି ଓ କଳ୍ପନାର ମଧୁର ସମ୍ମିଶ୍ରଣରେ ଲୋକକଥା ସୃଷ୍ଟି ହୋଇଛି ବୋଲି ଧରି ନିଆଯାଇପାରେ ।

ISSN NO.
2582-208X

କେଉଁ ଦୂର ଅତୀତରୁ ଜନ୍ମ ନେଉଛି ଲୋକକଥା, ତାହା ମୟୂରଭଞ୍ଜ ହେଉ ହେଉ ଅବା ପୃଥିବୀର ଯେ କୌଣସି ଅଂଚଳରେ । କାହାଣୀ ବା କଥାର ଆଭିଧାନିକ ଅର୍ଥ କାଳ୍ପନିକ ଗପ । ଏଥିରେ କିନ୍ତୁ ଥାଏ ଜୀବନାଭୂତି, ମଣିଷର ପ୍ରକୃତି ଓ ପ୍ରବୃତି । କଥା ମୁହଁରୁ ମୁହଁରୁ ଚାଲେ । ତେଣୁ କଥାର ମୁଖ୍ୟ ଦିଗଟି ତାହାର କଥାଭଙ୍ଗୀରେ ହିଁ ନିହିତ । କଥାରେ ବକ୍ତା ସମସ୍ତେ, ଶ୍ରୋତା ବି ଅଟେ । ଲୋକକଥା ସର୍ବସାଧାରଣଙ୍କର । ସମାଜର ପ୍ରତି ସ୍ତରର ମଣିଷ ଲୋକକଥାର ଆଗ୍ରହ । ଏହା ସ୍ମୃତିରେ ସଂଚିତ, ସ୍ମୃତିରେ ସଂଜୀବିତ ଏବଂ ତୁଣ୍ଡରୁ ତୁଣ୍ଡକୁ ପ୍ରସାରିତ ।

ଲୋକକଥା କଥକମାନେ ଅପୂର୍ବ କଳ୍ପନାଶକ୍ତିର ଅଧିକାରୀ । ଏମାନଙ୍କ ପାଖରେ ସାଧାରଣ କଥାକୁ ଅତିରଞ୍ଜିତ କରିବାର ଅଭ୍ୟାସ ଯେମିତି ଥାଏ, ସେମିତି ବିସ୍ତାରିତ କଥାକୁ ସଂକ୍ଷିପ୍ତ କରିବାର ଦକ୍ଷତା ମଧ୍ୟ ଥାଏ । ଲୋକକଥାର ଉଦ୍ଦେଶ୍ୟ ହେଉଛି ଶିକ୍ଷାଦାନ ସହିତ ଆନନ୍ଦ ପ୍ରଦାନ । ଜନ ମନୋରଞ୍ଜନ ହେଉଛି ଲୋକକଥାର ଅନ୍ୟତମ ଆଭିମୁଖ୍ୟ । ନାନାଦି ବିଷୟକୁ ନେଇ ରଚିତ ଲୋକକଥା ଶିଶୁମାନଙ୍କୁ ଅତ୍ୟଧିକି ଆନନ୍ଦ ଦେଇଥାଏ । କଥାର ମୂଳ ଉଦ୍ଦେଶ୍ୟ ହେଉଛି ଅବସର ବିନୋଦନ ଘଟାଇବା ତା ସହିତ ଲୋକ ଶିକ୍ଷା ସୃଷ୍ଟିକରିବା, ଜନମନୋରଞ୍ଜନ କରାଇବା ଏବଂ ଶିଶୁମାନଙ୍କ ମନରେ ସଂସାର ସମ୍ପର୍କୀୟ ଧାରଣା ସୃଷ୍ଟି କରିବା । ଗ୍ରାମ୍ୟ ପରିବେଶରେ ଅନ୍ଧାରକୁ ଜମାଟ କରି ଆସେ ସନ୍ଧ୍ୟା । ଆଇବୁଢୀ କି ଜେଜେମା' ପାଖରେ ଏକାଠି ହୁଅନ୍ତି କିଶୋରକିଶୋରୀ ଓ ଶିଶୁମାନେ । ବୁଢିଖୋଲି ଦିଅନ୍ତି ତାଙ୍କର କାହାଣୀ ପେଡି । ନାନା ପ୍ରକାରର କଥାର ସୁଅ ଛୁଟେ । ରାଜାପୁଅ ମାଲୁଣି ହାତରେ ମେଣ୍ଢା ହେବା, ରାଜାପୁଅ ରାଜକନ୍ୟାର ସନ୍ଧାନ ପାଇ ଅସୁର କି ଅସୁରୁଣୀ ଦ୍ୱାରା ବନ୍ଦୀ ହେବା, ଚୋର ତାର ପ୍ରତ୍ୟୁତ୍ପନ୍ନତିତା ଦ୍ୱାରା ରକ୍ଷା ପାଇବା, ରାଜାପୁଅ ଅସୁର, ଅସୁରୁଣୀକୁ ମାରି ରାଜକନ୍ୟାକୁ ବିବାହ କରିବା, ଦୈବୀ କୃପାରୁ ନିତ୍ୟାନ୍ତ ଗରିବଲୋକଟି ଧନବନ୍ତ ହେବା, ଦୈବୀ ଅପରାଧରୁ ବିତଶାଳୀ ବ୍ୟକ୍ତି ଜଣକ ଦାରିଦ୍ର୍ୟ ଭୋଗି ଭିକ୍ଷାବୃତି ଅବଲମ୍ବନ କରିବା ଭଳି କଥା ସବୁ ନେଇ ଢେଉଢେଉକା ପରିକଳ୍ପିତ ସୁଅ ବହିଯାଏ କାହିଁ କେତେ ଦୂରଦୂରାନ୍ତକୁ ।

ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଂଚଳରୁ ସଂଗୃହୀତ ଲୋକକଥାଗୁଡିକରେ କଥାଭାଗ ପରିପୂର୍ଣ୍ଣ ହୋଇରହିଛି । ଏଇ ଯେପରି-

ISSN NO.
2582-208X

୧- ବୁଢାବୁଢୀ, ଶିଆଳ, କୁକୁର, କୁକୁଡା ଗପ -
୨- ସାଧବ ପୁଅ କଥା -
୩- ପଣ୍ଡିତ, ବାରିକ ଓ ରାଜାକଥା-
୪- ସର୍ପକଥା-
୫- ଜଗଠକ-
୬- ଶଂସା ଶିଆଳ କଥା
୭- ମାୟା ସାପ କଥା-
୮- ବଅଁଳା କାଲା-
୯- ନାକକାଟି ଅନନ୍ତା କଥା-
୧୦- କେଉଟ ଓ କୁହୁକ ମାଛ କଥା-
୧୧- ସାତ ପୁଅ କଷ୍ଟ ଝିଅ
୧୨- ଭଲେଇ ବହୁ କଥା-
୧୩- କଥା ଦିନକୁ ଦିନ ଆନ -
୧୪- ରାଜା ପୁଅ କଥା-
୧୫- ଅସୁରୁଣୀ କଥା-
୧୬- ମାଧବ ସୁଲଚନା କଥା-
୧୭- ଗଣ୍ଡ କଥା-
୧୮- ବାଘବାଟୋଇ କଥା-
୧୯- ଉଲାତନ୍ତ୍ରୀ -
୨୦- ଘଣାଗଣ୍ଡି ଘୋଡା ବେଇଲା-
୨୧- ହୁଣ୍ଡା ତନ୍ତ୍ରୀ- (ଇତ୍ୟାଦି ଅନେକ)

ଲୋକକଥ ସମୂହରେ ପଶ୍ଚାତ୍‌ରେ ଅନେକ ପ୍ରସଙ୍ଗ ରହିଥାଏ । ସେହିପରି ମୟୂରଭଞ୍ଜର ସକଳର ପଶ୍ଚାତ୍‌ରେ ଥିବା ମୁଖ୍ୟ ପ୍ରସଙ୍ଗଗୁଡିକ ହେଉଛି- (୧) ପରିବେଶଗତ ବାସ୍ତବତା ପ୍ରସଙ୍ଗ, (୨) ସାଂସ୍କୃତିକ ବାସ୍ତବତା ପ୍ରସଙ୍ଗ, (୩) ସାମାଜିକ ବାସ୍ତବତା ପ୍ରସଙ୍ଗ ଓ (୪) ପରିସ୍ଥିତିଗତ ବାସ୍ତବତା ପ୍ରସଙ୍ଗ । ଏ ସବୁ ଭିତରେ ଉଣାଅଧିକ ଧାର୍ମିକ ରୀତିନୀତି,

ISSN NO.
2582-208X

ପ୍ରେମଚିତ୍, ବିବାହ, ଗୁଣିଗାରେଡି ଓ ତନ୍ତ୍ରବିଦ୍ୟାର ପ୍ରୟୋଗ, ଖାଦ୍ୟପେୟ, ପାରିବାରିକ ଜୀବନ ଇତ୍ୟାଦି ଗୁନ୍ଥାହୋଇ ରହିଥାଏ ।

ଲୋକକଥା ହେଉଛି ଚରିତ୍ର ସମୂହର ବିଚିତ୍ର ଚିତ୍ରଶାଳା । ଏଥିରେ ସରୀସୃପ, ପଶୁପକ୍ଷୀ, ଦୈବୀଚରିତ୍ର, ଆସୁରିକ ଚରିତ୍ର, ମନୁଷ୍ୟଚରିତ୍ର ଆଦି କଥାରେ କାହାଣୀ ଅଂଶକୁ ଗତିଶୀଳ କରିବାରେ ମୁଖ୍ୟ ଓ ଗୌଣଭୂମିକାରେ ଅବତୀର୍ଣ୍ଣ ହୋଇଥାଆନ୍ତି । ବିଷୟବସ୍ତୁ, ଘଟଣା ବିନ୍ୟାସ ଇତ୍ୟାଦି ଲୋକକଥାର ବୈଶିଷ୍ଟ୍ୟ ପ୍ରତିପାଦନ କରିଥାଏ । ଲୋକକଥାର କଥାଶୈଳୀ ସ୍ୱତନ୍ତ୍ର । ଏହାର ଭାଷା ମଧ୍ୟ ସ୍ୱତନ୍ତ୍ର । ପ୍ରତି ଅଂଚଳରେ ଲୋକକଥାରେ ସେ ଅଂଚଳରେ କଥିତ ଭାଷା ବଂଚିଥାଏ । ଏହା କମ୍ ଗୌରବର କଥା ନୁହେଁ ।

ମୟୂରଭଞ୍ଜ ଆର୍ଯ୍ୟ ଓ ଆର୍ଯ୍ୟେତର ସଂସ୍କୃତିର ଏକ ମିଳନପୀଠ । ଏ ଭୂଖଣ୍ଡରେ ବାଷଠି ପ୍ରକାର ଜନଜାତି ଓ ଜନଜାତି ସହିତ ଆର୍ଯ୍ୟମାନେ ବିଗତ ହଜାର ହଜାର ବର୍ଷ ଧରି ଏକତ୍ର ବସବାସ କଲାପରେ ଯେଉଁ ସାଂସ୍କୃତିକ ସମନ୍ୱୟର ପରମ୍ପରା ବିକଶିତ ହେଲା ତାହାର ସ୍ୱାତନ୍ତ୍ର୍ୟଭିନ୍ନ ଓ ମହତ୍ୱପୂର୍ଣ୍ଣ । ଭାଷା, ଧର୍ମ, ସମାଜ ଓ ଜୀବବଧାରାରେ ଏହି ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୋଇଥାଏ ।

ମଣିଷର ମାନସିକ ବିକାଶ ସହ ଲୋକକଥା ଓ ଲୋକ ସାହିତ୍ୟ, ସଂସ୍କୃତି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ସମୟ ଅତୀବ ପ୍ରାଚୀନ । ସମୟ ଯେତେ ପ୍ରାଚୀନ ହେଲେ ବି କଥା ବା କାହାଣୀ ସବୁବେଳେ ନୂତନ । ଏହି କଥା ଓ କଥାଭଙ୍ଗୀ ଜନମାନସରେ ଖେଳାଇଦିଏ ଭରପୂର ଆନନ୍ଦ । ଆଦିମ ମଣିଷ ଯେତେବେଳେ ଭୟ, ଆନନ୍ଦ, ବିସ୍ମୟ, କୌତୂହଳ ଓ ସୁଖଦୁଃଖର ଆବେଗରେ ଉଦ୍‌ବେଳିତମନ ହୋଇ ଉଠୁଥିଲା, ସେତେବେଳେ ସେ ଅସ୍ଥିର ହୋଇ ଉଠିଲା ଆତ୍ମପ୍ରକାଶ ପାଇଁ । ହୁଏତ ସେ ପ୍ରଥମେ ନିର୍ବାକ୍ ଚିତ୍ର ମାଧ୍ୟମରେ ପ୍ରକାଶ କରିଥିବା ମାର ମାନସିକ ସ୍ଥିତିର ଚିତ୍ର । ମୟୂରଭଞ୍ଜ ବଣ ପାହାଡଘେରା ଏକ ଦୁର୍ଗମ ଅଂଚଳ ଥିଲା ସେତେବେଳେ । ହିଂସ୍ର, ବନଜନ୍ତୁ ଆତଯାତ ହେଉଥିଲେ ନିର୍ଭୟରେ । ଏହି ଅଂଚଳର ଆଦିମ ମନୁଷ୍ୟମାନେ ଜଙ୍ଗଲରେ ହିଂସ୍ର ବନ୍ୟଜନ୍ତୁଗୁଡିକ ସହିତ ଯୁଦ୍ଧରେ ବ୍ୟାପୃତ ରହୁଥିଲେ । ସେହି ବୀରତ୍ୱର କଥାକୁ କାଳକ୍ରମେ ଲୋକକଥାର ବିଷୟଭୁକ୍ତ ହୁଏତ କରାଗଲା । ସେସକଳ କଥା ଗୁଡିକ ମଧ୍ୟରୁ ଯେଉଁଗୁଡିକ ମନକୁ ଛୁଇଁଯାଉଥିଲା

ISSN NO.
2582-208X

ସମ୍ଭବତଃ ସେ ଗୁଡିକ ଲୋକମୁଖରେ ବଂଚିରହିଲା । ବୋଧହୁଏ ମନୁଷ୍ୟ ସମାଜର କ୍ରମୋନ୍ନତି ଫଳରେ ଯେଉଁସବୁ କଥାଗୁଡିକ ଅଜାଆଇ, ଜେଜେବାପା, ଜେଜେମାଙ୍କ ଭଳି ପୁରୁଣା ଲୋକଙ୍କ ମୁହଁରେ ଲାବାନ୍ଧି ରହିଗଲା, ସେ ସବୁ ପରବର୍ତ୍ତୀ କାଳରେ କଥା ସଂକଳନ ଆଦ୍ୟରରେ ରୂପ ପରିଗ୍ରହ କରି ଗ୍ରନ୍ଥିତ ଓ ସ୍ଥାନିତ ହୋଇ ରହିଯାଇଛି ।

ପୂର୍ବରୁ ସୂଚନା ଦିଆଯାଇଛି-କଥା କଥକଙ୍କର କହିବା ଶୈଳୀ ଉପରେ ଶ୍ରୋତାମାନଙ୍କର ଆଗ୍ରହ ନିର୍ଭର କରେ । ସାଧାରଣତଃ ଲୋକକଥା କଥନ ଶ୍ରୋତାମାନଙ୍କର ଆବେଗ ଓ ଉଦ୍‌ବେଗକୁ ବୃଦ୍ଧିକରିବା ଅଭିପ୍ରାୟରେ ପ୍ରକୃତ କଥାଟି ବଖାଣିବା ଆଗରୁ କହନ୍ତି- 'ସତ କହିବି ନା ମିଛ କହିବି; ନା ଅଙ୍ଗେ ନିଭେଇଥିବା କଥା କହିବି ?' ଏହାପରେ ସେ କଥାଟିକୁ ଶ୍ରୋତୃବୃନ୍ଦଙ୍କ ଆଗରେ କହିଚାଲନ୍ତି ନିଜସ୍ୱ ଢଙ୍ଗରେ ଓ ରଙ୍ଗରେ ମନମତାଣିଆ କରି । କଥନ ଭଙ୍ଗୀ ସହିତ କଥନିକା ଭାଷା ମଧ୍ୟ ସେ ବ୍ୟବହାର କରି ହାସ୍ୟରସ ସୃଷ୍ଟି କରିପାରନ୍ତି । ଅନେକ ଲୋକକଥାରେ ହାସ୍ୟରସ ଓ ବ୍ୟଙ୍ଗକଟାକ୍ଷ ଆଜିଜଡିତ ହୋଇଥାଏ, ଯାହା ଶ୍ରୋତାମାନଙ୍କୁ ପ୍ରଚୁର ଆନନ୍ଦ ଦେଇ ତାଙ୍କର ଅବସର ବିନୋଦନ କାଳରେ ମନୋରଞ୍ଜନ କରିବାର ଦକ୍ଷତା ରଖେ । ଏହା ସହିତ ///// ବିନ୍ୟାସରେ ଏପରି କିଛି ତଥ୍ୟ ଓ ତତ୍ତ୍ୱ ନିହିତ ଥାଏ, ଯାହା ନୀତିଶିକ୍ଷାମୂଳକ ଏବଂ ସଂସ୍କାର ସମ୍ବନ୍ଧିତ ହୋଇଥାଏ ।

ଲୋକସାହିତ୍ୟର ପ୍ରଭାବଶାଳୀ ବିଭାଗଟିଏ ହେଉଛି ଲୋକକଥା । ଏହା ଆମ ଜାତୀୟ ବ୍ୟକ୍ତିତ୍ୱର ଭିତ୍ତିଭୂମି । ଯେଉଁ ଭାଷାର ଲୋକକଥା ଯେତେ ସମୃଦ୍ଧି, ସେ ଭାଷା ସେତେ ଉଚକୋଟୀର । ମୟୂରଭଞ୍ଜର ଲୋକକଥାଗୁଡିକରେ ଓଡ଼ିଆ ଜାତିର ପ୍ରାଣରସ ନିହିତ । ଓଡ଼ିଆ ଲୋକସାହିତ୍ୟକୁ ଏହାର ଅବଦାନ ଅନବଦ୍ୟ । ରାଜ ଅନ୍ତଃପୁରରୁ ପର୍ଣ୍ଣକୁଟୀର ସବୁଠି ଲୋକକଥାର ପ୍ରଚୁର ଅଦର ରହିଛି ଏବଂ ସବୁଠି ଏହାର ଶ୍ରୋତା ସର୍ବଦା ବିଦ୍ୟମାନ। ପ୍ରାକ୍‌କାଳରୁ ଆଜିଯାଏ ଏହି ଲୋକକଥାର ପ୍ରବହମାନ ସ୍ରୋତ ଗଡି ଆସିଛି । ଲୋକକଥାରେ ଅତିରଞ୍ଜିତ ବର୍ଣ୍ଣନା ଓ ଅଲୌକିକ କାର୍ଯ୍ୟକଳାପ ଶ୍ରୋତାମନରେ ଅହେତୁକ ଆନନ୍ଦ ସୃଷ୍ଟି କରିଥାଏ । ଲୋକକଥିତ ଭାଷାରେ ଲୋକକଥା ଗଠିତ ହୋଇଥାଏ, ତେଣୁ ଏହା ସମସ୍ତଙ୍କର ବୋଧଗମ୍ୟ ହୋଇଥାଏ । ନିଜକୁ ଅନ୍ୟମାନଙ୍କ ନିକଟରେ ପ୍ରକାଶ

ISSN NO.
2582-208X

କରିବା ପାଇଁ ମଣିଷର ଅଭୀପ୍ସାର ଲୋକକଥାର ଜନ୍ମ । ବହୁ ଉତ୍‌ଥାନ ପତନ କଥା ଚିନ୍ତା ମଧୁର ଅନୁଭୂତି ଲୋକକଥାରୁ ଶୁଣିବାକୁ ମିଳେ ।

ପ୍ରାଚୀନତମ କାଳରେ ମନୋରଞ୍ଜନ ଓ ଅବସର ବିନୋଦନ ପାଇଁ ଯେପରି କୌଣସି ଉପଯୁକ୍ତ ମାଧ୍ୟମ ନଥିବାରୁ ଲୋକକଥା କହିବା ଓ ଶୁଣିବା ଏକ ପରମ୍ପରାରେ ପରିଣତ ହୋଇଥିଲା ବୋଲି କହିଲେ, ଭୁଲ ହେବ ନାହିଁ । କ୍ରମେ କୃଷିକର୍ମରେ ଘରର ପୁରୁଷମାନେ ଓ ସ୍ତ୍ରୀଲୋକମାନେ ଗୃହକର୍ମରେ ବ୍ୟସ୍ତରହି ସମୟ ଅତିବାହିତ କରୁଥିବା ବେଳେ ଘରର ପୌଢପୌଢାଓ ବୃଦ୍ଧବୃଦ୍ଧାଙ୍କ ହାତରେ ପିଲାମାନଙ୍କୁ ସମ୍ଭାଳିବାର ଦାୟିତ୍ୱ ନ୍ୟସ୍ତ କରାଯାଉଥିଲା । ଅଝଟିଆ ପିଲାମାନଙ୍କୁ ଖୁସିକରି ଆୟତ୍ତରେ ରଖିବା ନିମିତ୍ତ ବିଭିନ୍ନ କପୋଳକଳ୍ପିତ କଥା- ଯଥା- ପରୀ କଥା, ଅସୁରଅସୁରୁଣୀ କଥା, ରାଜାପୁଅ କଥା, ଭୂତ କଥା ଭଳି କାଳ୍ପନିକ କଥା କହି ସେମାନେ ପିଲାମାନଙ୍କୁ ଆନନ୍ଦିତ କରୁଥିଲେ । ଏସବୁ କଥା ଏତୁଣ୍ଡରୁ ସେ ତୁଣ୍ଡ ହୋଇ ସମୟର କଷଟିରେ ଆଜି ବି ଘଷିମାଜି ହୋଇ ଖାଣ୍ଟି ସୁନା ପରି ଜକ୍‌ଜକ୍ କରୁଛି ।

ଲୋକ ଭାଷା, ଲୋକକଥା, ଲୋକଗୀତ- ଏ ସବୁ ସ୍ୱୟଂସିଦ୍ଧା । ଚାହିଁଲେ ମଧ୍ୟ କାଳ ଏହାକୁ ଲିଭାଇ ପାରିନାହି, ପାରିବ ନାହିଁ ମଧ୍ୟ । ଏହା ତୁଣ୍ଡରୁ ତୁଣ୍ଡକୁ ଗତି କରି ପଣ୍ଡିତରୁ ମୂର୍ଖ ଯାଏ ସମସ୍ତଙ୍କୁ କିଛି ନା କିଛି ଶିକ୍ଷା ଦେବା ସହିତ ସମାଜକୁ ସଚେତନ କରିଆସୁଛି । ଲୋକକଥାଗୁଡିକରେ ସ୍ରଷ୍ଟାମାନେ ଯଦିଓ ଅଜ୍ଞାତ ତଥାପି ସେମାନେ ସମସ୍ତେ ଜଣେ ଜଣେ ଗୁଣଗ୍ରାହୀ ପଣ୍ଡିତ । ଲୋକକଥା ମାଧ୍ୟମରେ ମୋତେ ସାଇତିସଜାଡି ରଖିଥାନ୍ତି ବିରାଟ ଏକ ଜାତିର ଐତିହ୍ୟ ଓ ସଂସ୍କୃତିକ ପରିଚୟ ।

(((-)))

ସରକାରୀ ପ୍ରଫେସର ଓଡିଆ
ନବକୃଷ୍ଣ ଚୌଧୁରୀ, ଶିକ୍ଷକ ଶିକ୍ଷା
ମହାବିଦ୍ୟାଳୟ, ଅନୁଗୋଳ

ISSN NO.
2582-208X


# ମଧୁର ପ୍ରୀତି



ପ୍ରଜ୍ଞା ପ୍ରିୟଦର୍ଶିନୀ ପଣ୍ଡା

ସୂର୍ଯ୍ୟ କିରଣେ ହସୁଛୁ ତୁ,
ଚନ୍ଦ୍ର ଆଲୋକେ ଚମକୁଛୁ ତୁ ।
ପକ୍ଷୀମାନେ ଆସି ଗାଉଛନ୍ତି ଗୀତ,
ତୋ ସାଙ୍ଗରେ ଲାଗେ ମଧୁର ପ୍ରୀତ ।

ଫୁଲ ତୁ ନିରବ ପ୍ରେମର କଥା,
ହସି ହସି ଲୁଚାଉ ମନର ବ୍ୟଥା,
ତୋର ସୁଗନ୍ଧ ଛୁଇଁଲେ ହୃଦୟ,
ଭୁଲିଯାଏ ସବୁ ଦୁଃଖ ଓ ବିୟୋଗର ଅଭୟ ।

ତୁ ମାଆର ସ୍ନେହ ପରି ନରମ
ତୋ ସଙ୍ଗୀର ହସ ପରି ସୁମଧୁର ସ୍ୱରମ ।
କାହାର ହାତରେ ପୂଜାର ଅର୍ପଣ,
କାହାର ପ୍ରେମର ନିରବ ସ୍ପନ୍ଦନ ।

ଝରି ପଡିଲେ ମଧ୍ୟ ନାହିଁ ଅଭିମାନ
ଦେଇଯାଉ ମାତ୍ର ଖୁସିର ଦାନ ।

ISSN NO.
2582-208X

ସେଇଥିପାଇଁ ଫୁଲ ତୁ ଶିଖାଉଛୁ ମୋତେ,
ଭଲପାଇ ଜୀବନ ବଞ୍ଚିବାର ରହସ୍ୟରେ ।

ମାଟିରୁ ଆସି ମାଟିକୁ ଯାଉ,
ତଥାପି ସ୍ମୃତିରେ ସୁଗନ୍ଧ ଛାଡିଯାଉ ।
ଫୁଲ ତୁ ସତ୍ୟ ପ୍ରେମର ଚିହ୍ନ,
ମନର ଭିତରେ ଲେଖା ଏକ ମଧୁର ସ୍ୱପ୍ନ ॥

(((-)))

ଧନପୁର, ମଙ୍ଗଳପୁର
ମୋ: ୭୭୮୮୦୭୨୭୧୨

ISSN NO.
2582-208X

# ରଥଯାତ୍ରା



ସାନ୍ତ୍ୱନା ଚୌଧୁରୀ

ଜଗନ୍ନାଥ ଆସୁଅଛନ୍ତି ଭକ୍ତଙ୍କ ପାଖକୁ
ସଭିଏଁ ମିଶି ଯିବା ପୁରୀ ଧାମକୁ
ଆନନ୍ଦେ ସ୍ୱାଗତ କରିବା ମହାପ୍ରଭୁଙ୍କୁ
ଭାଇ ଭଉଣୀଙ୍କ ସଙ୍ଗରେ ବିଜେ କରିବେ ପ୍ରଭୁ ରଥରେ
ଖୁସି ଭରିଦେବେ ଭକ୍ତଙ୍କ ଅନ୍ତରେ
ଧନୀ ଗରିବ ସବୁ ଏକତ୍ରିତ ହେବେ ବଡଦାଣ୍ଡରେ,
ପ୍ରଭୁଙ୍କ ଦର୍ଶନ ନିମନ୍ତେ ଲାଗିବ ଭକ୍ତଙ୍କ ସମାଗମ
ନାଚଗୀତରେ ପ୍ରକମ୍ପିତ ହେବ ପୁରୀ ବଡଧାମ
ପରିପୂର୍ଣ୍ଣ ହେବ ଭକ୍ତଜନଙ୍କ ମନସ୍କାମ,
ରଥ ଟାଣିବେ ଏକତ୍ର ହୋଇ ଆନନ୍ଦ ଚିତ୍ତରେ
ନଅ ଦିନର ରଥଯାତ୍ରା ପରେ ପ୍ରଭୁ ଲେଉଟିବେ ଶ୍ରୀମନ୍ଦିରେ
ଭକ୍ତଗଣ ଗୃହକୁ ଫେରିବେ ଆନନ୍ଦ ହୃଦୟରେ ॥

(((-)))

ଶ୍ରୀ ବିହାର, ଭୁବନେଶ୍ୱର

ISSN NO.
2582-208X

# ଗଜପତି ଜିଲ୍ଲାର ଶବର ସଂସ୍କୃତି



ଡ. ଗୁରୁପ୍ରଭା ନାୟକ

## ପ୍ରସ୍ତାବନା

ଓଡ଼ିଶା ହେଉଛି ବିବିଧ ଜନଜାତି, ଭାଷା ଓ ସଂସ୍କୃତିର ଏକ ସମୃଦ୍ଧ ଭୂମି। ରାଜ୍ୟର ଦକ୍ଷିଣ ଅଞ୍ଚଳରେ ଅବସ୍ଥିତ ଗଜପତି ଜିଲ୍ଲା ଅନେକ ଆଦିବାସୀ ସମ୍ପ୍ରଦାୟଙ୍କର ବାସସ୍ଥାନ। ସେମାନଙ୍କ ମଧ୍ୟରେ ଶବର କିମ୍ବା ସଉରା ଜନଜାତି ଏକ ପ୍ରାଚୀନ ଓ ବିଶିଷ୍ଟ ସମ୍ପ୍ରଦାୟ ଭାବରେ ପରିଚିତ। ଶବରମାନେ ନିଜସ୍ୱ ଭାଷା, ପରମ୍ପରା, ଧାର୍ମିକ ବିଶ୍ୱାସ, କଳା, ନୃତ୍ୟ ଓ ଜୀବନଶୈଳୀ ମାଧ୍ୟମରେ ନିଜର ସାଂସ୍କୃତିକ ପରିଚୟକୁ ଆଜି ପର୍ଯ୍ୟନ୍ତ ସଂରକ୍ଷିତ ରଖିଛନ୍ତି। ଗଜପତି ଜିଲ୍ଲାର ଶବର ସଂସ୍କୃତି କେବଳ ଏକ ଜନଜାତିର ସଂସ୍କୃତି ନୁହେଁ, ବରଂ ଏହା ଓଡ଼ିଶାର ସାମଗ୍ରିକ ସାଂସ୍କୃତିକ ଐତିହ୍ୟର ଏକ ମହତ୍ୱପୂର୍ଣ୍ଣ ଅଂଶ।

## ଶବର ଜନଜାତିର ପରିଚୟ

ଶବର କିମ୍ବା ସଉରା ଜନଜାତି ଭାରତର ସବୁଠାରୁ ପ୍ରାଚୀନ ଆଦିବାସୀ ସମ୍ପ୍ରଦାୟମାନଙ୍କ ମଧ୍ୟରୁ ଅନ୍ୟତମ। ଗଜପତି ଜିଲ୍ଲାର ମୋହନା, ରାୟଗଡ଼, ଗୁମ୍ମା, ନୂଆଗଡ଼ ଏବଂ ଆର୍.ଉଦୟଗିରି ଅଞ୍ଚଳରେ ସେମାନଙ୍କର ବାସ ଅଧିକ ଦେଖାଯାଏ। ଶବରମାନେ ନିଜକୁ "ସଉରା" ବୋଲି ପରିଚୟ ଦିଅନ୍ତି। ସେମାନଙ୍କର ଜୀବନ ପ୍ରକୃତି ସହ ନିବିଡ଼ ଭାବରେ ଜଡ଼ିତ। ପାହାଡ଼, ଜଙ୍ଗଲ ଓ ନଦୀ ସେମାନଙ୍କର ଜୀବନର ଅଭିନ୍ନ ଅଂଶ।

ISSN NO.
2582-208X

## ସାମାଜିକ ଜୀବନ

ଶବର ସମାଜ ଅତ୍ୟନ୍ତ ସରଳ ଓ ସଂଗଠିତ। ସେମାନଙ୍କ ସମାଜରେ ପରିବାର ଏକ ମୌଳିକ ଏକକ ଭାବରେ ଗଣ୍ୟ ହୁଏ। ପରିବାରର ମୁଖ୍ୟ ସାଧାରଣତଃ ପୁରୁଷ ହୋଇଥାନ୍ତି, କିନ୍ତୁ ମହିଳାମାନଙ୍କର ମଧ୍ୟ ସମାଜରେ ଯଥେଷ୍ଟ ସମ୍ମାନ ରହିଛି। ଗ୍ରାମର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଗ୍ରାମ ପରିଷଦ କିମ୍ବା ପଞ୍ଚାୟତ ବ୍ୟବସ୍ଥା ରହିଛି।

ଶବର ସମାଜରେ ସହଯୋଗ ଓ ସାମୂହିକ ଜୀବନକୁ ଅଧିକ ଗୁରୁତ୍ୱ ଦିଆଯାଏ। କୃଷି କାର୍ଯ୍ୟ, ପର୍ବପର୍ବାଣୀ ଓ ସାମାଜିକ କାର୍ଯ୍ୟରେ ସମସ୍ତେ ଏକତ୍ରିତ ହୋଇ ଅଂଶଗ୍ରହଣ କରନ୍ତି। ଏହା ସେମାନଙ୍କ ମଧ୍ୟରେ ଏକତା ଓ ଭାତୃଭାବକୁ ସୁଦୃଢ଼ କରିଥାଏ।

## ଭାଷା

ଶବରମାନଙ୍କର ନିଜସ୍ୱ ଭାଷା ହେଉଛି ସଉରା ଭାଷା। ଏହା ମୁଣ୍ଡା ଭାଷା ପରିବାରର ଏକ ଅଂଶ। ସଉରା ଭାଷା ସେମାନଙ୍କ ସଂସ୍କୃତି ଓ ପରମ୍ପରାର ବାହକ ଭାବରେ କାର୍ଯ୍ୟ କରେ। ଏହି ଭାଷାରେ ଲୋକଗୀତ, କାହାଣୀ, ପ୍ରବଚନ ଓ ଧାର୍ମିକ ଗାଥା ପିଢ଼ି ପରେ ପିଢ଼ି ସଂରକ୍ଷିତ ହୋଇଆସିଛି। ଆଧୁନିକ ଶିକ୍ଷାର ପ୍ରଭାବରେ ଅନେକ ଶବର ଓଡ଼ିଆ ଓ ଅନ୍ୟ ଭାଷା ବ୍ୟବହାର କରୁଥିଲେ ମଧ୍ୟ ନିଜ ମାତୃଭାଷାକୁ ସେମାନେ ସମ୍ମାନ ଦେଇଥାନ୍ତି।

## ଧାର୍ମିକ ବିଶ୍ୱାସ ଓ ପୂଜାପଦ୍ଧତି

ଶବରମାନଙ୍କର ଧାର୍ମିକ ବିଶ୍ୱାସ ପ୍ରକୃତି ଉପରେ ଆଧାରିତ। ସେମାନେ ପାହାଡ଼, ନଦୀ, ଗଛ, ସୂର୍ଯ୍ୟ, ଚନ୍ଦ୍ର ଓ ବିଭିନ୍ନ ପ୍ରାକୃତିକ ଶକ୍ତିଙ୍କୁ ଦେବତା ଭାବରେ ପୂଜା କରନ୍ତି। ସେମାନଙ୍କ ବିଶ୍ୱାସ ଅନୁସାରେ ପ୍ରକୃତିରେ ବାସ କରୁଥିବା ଆତ୍ମାମାନେ ମଣିଷର ଜୀବନକୁ ପ୍ରଭାବିତ କରନ୍ତି।

ଶବର ସମାଜରେ ପୂର୍ବପୁରୁଷ ପୂଜାର ମଧ୍ୟ ବିଶେଷ ମହତ୍ୱ ରହିଛି। ସେମାନେ ମୃତ ପୂର୍ବଜମାନଙ୍କ ଆତ୍ମାକୁ ସ୍ମରଣ କରି ପୂଜା କରନ୍ତି। ଏହା ଦ୍ୱାରା ପରିବାର ଓ ସମାଜରେ ଶାନ୍ତି ଓ ସମୃଦ୍ଧି ଆସେ ବୋଲି ସେମାନେ ବିଶ୍ୱାସ କରନ୍ତି।

ISSN NO.
2582-208X

### ଇଡିତାଲ ଚିତ୍ରକଳା

ଶବର ସଂସ୍କୃତିର ସବୁଠାରୁ ଅନନ୍ୟ ଦିଗ ହେଉଛି ସେମାନଙ୍କର ଇଡିତାଲ ଚିତ୍ରକଳା। ଏହି ଚିତ୍ରଗୁଡ଼ିକ ଘରର କାନ୍ଥରେ ଅଙ୍କନ କରାଯାଏ। ଇଡିତାଲ ଚିତ୍ରରେ ମଣିଷ, ପଶୁପକ୍ଷୀ, ଗଛ, ଦେବଦେବୀ ଓ ଦୈନନ୍ଦିନ ଜୀବନର ବିଭିନ୍ନ ଦୃଶ୍ୟ ଚିତ୍ରିତ ହୁଏ।

ଏହି ଚିତ୍ରକଳା କେବଳ ସୌନ୍ଦର୍ଯ୍ୟ ସୃଷ୍ଟି ପାଇଁ ନୁହେଁ, ବରଂ ଧାର୍ମିକ ଓ ସାମାଜିକ ଉଦ୍ଦେଶ୍ୟରେ ମଧ୍ୟ ବ୍ୟବହୃତ ହୁଏ। ଇଡିତାଲ ଚିତ୍ରକଳା ଆଜି ବିଶ୍ୱ ସ୍ତରରେ ପରିଚିତ ହୋଇଛି ଏବଂ ଓଡ଼ିଶାର ଲୋକକଳାକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି।

### ଅର୍ଥନୈତିକ ଜୀବନ

ଶବରମାନଙ୍କର ମୁଖ୍ୟ ଜୀବିକା କୃଷି। ସେମାନେ ପାହାଡ଼ିଆ ଅଞ୍ଚଳରେ ଚାଷ କରି ଧାନ, ମାଣ୍ଡିଆ, ଜହ୍ନା, କାଙ୍ଗୁ ଓ ବିଭିନ୍ନ ପନିପରିବା ଉତ୍ପାଦନ କରନ୍ତି। ଜଙ୍ଗଲରୁ ବିଭିନ୍ନ ଫଳ, ମୂଳ, ଔଷଧୀୟ ଗଛ ଓ କାଠ ସଂଗ୍ରହ କରି ଜୀବିକା ନିର୍ବାହ କରନ୍ତି।

ପୂର୍ବରୁ ଶିକାର ସେମାନଙ୍କର ଏକ ପ୍ରମୁଖ ଜୀବିକା ଥିଲା, କିନ୍ତୁ ବନ୍ୟଜନ୍ତୁ ସଂରକ୍ଷଣ ଆଇନ ଓ ସାମାଜିକ ପରିବର୍ତ୍ତନ ଯୋଗୁଁ ଏହା ବର୍ତ୍ତମାନ କମିଯାଇଛି। ଆଜିକାଲି ଅନେକ ଶବର ଶ୍ରମିକ, କ୍ଷୁଦ୍ର ବ୍ୟବସାୟୀ ଓ ସରକାରୀ ଯୋଜନାର ଲାଭାର୍ଥୀ ଭାବରେ କାର୍ଯ୍ୟ କରୁଛନ୍ତି।

### ବିବାହ ପ୍ରଥା

ଶବର ସମାଜରେ ବିବାହ ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ସଂସ୍କାର। ସାଧାରଣତଃ ପୁଅ ଓ ଝିଅଙ୍କ ସମ୍ମତିକୁ ଗୁରୁତ୍ୱ ଦିଆଯାଏ। ବିବାହ ସମୟରେ ଗୀତ, ନୃତ୍ୟ ଓ ଭୋଜିର ଆୟୋଜନ କରାଯାଏ। ବିବାହ ପରେ ନୂତନ ଦମ୍ପତିଙ୍କୁ ସମାଜର ସଦସ୍ୟ ଭାବରେ ସ୍ୱୀକୃତି ଦିଆଯାଏ। ଏହି ସମାରୋହ ସାମାଜିକ ସମ୍ପର୍କକୁ ଆହୁରି ଦୃଢ଼ କରିଥାଏ।

### ପର୍ବପର୍ବାଣୀ

ଶବରମାନଙ୍କର ଜୀବନରେ ପର୍ବପର୍ବାଣୀର ବିଶେଷ ସ୍ଥାନ ରହିଛି। କୃଷି ଓ ପ୍ରକୃତି ସହ ସମ୍ପର୍କିତ ବିଭିନ୍ନ ପର୍ବ ସେମାନେ ପାଳନ କରନ୍ତି। ନୂଆଖାଇ, ଗୁଆର, ଗଙ୍ଗା ପୂଜା, ଇଟା ପର୍ବ ଆଦି ମୁଖ୍ୟ ଉତ୍ସବ ମଧ୍ୟରେ ଗଣାଯାଏ।

ISSN NO.
2582-208X

ଏହି ପର୍ବଗୁଡ଼ିକରେ ଗୀତ, ନୃତ୍ୟ, ବାଦ୍ୟଯନ୍ତ୍ର ବାଦନ ଓ ସାମୂହିକ ଭୋଜନର ଆୟୋଜନ ହୁଏ। ଏହା ଦ୍ୱାରା ସମାଜରେ ଏକତା ଓ ଆନନ୍ଦର ପରିବେଶ ସୃଷ୍ଟି ହୁଏ।

### ନୃତ୍ୟ ଓ ସଙ୍ଗୀତ

ଶବର ସଂସ୍କୃତିରେ ନୃତ୍ୟ ଓ ସଙ୍ଗୀତର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ପର୍ବପର୍ବାଣୀ, ବିବାହ ଓ ଅନ୍ୟ ସାମାଜିକ କାର୍ଯ୍ୟରେ ପୁରୁଷ ଓ ମହିଳାମାନେ ସାମୂହିକ ଭାବରେ ନୃତ୍ୟ କରନ୍ତି। ଢୋଲ, ମାଦଳ ଓ ଅନ୍ୟାନ୍ୟ ପାରମ୍ପରିକ ବାଦ୍ୟଯନ୍ତ୍ରର ତାଳରେ ଗୀତ ଗାଇ ନୃତ୍ୟ କରାଯାଏ। ସେମାନଙ୍କର ଲୋକଗୀତରେ ପ୍ରକୃତି, ପ୍ରେମ, କୃଷି ଓ ସାମାଜିକ ଜୀବନର ଚିତ୍ର ପ୍ରତିଫଳିତ ହୁଏ।

### ପୋଷାକ ଓ ଅଳଙ୍କାର

ଶବର ପୁରୁଷମାନେ ସାଧାରଣତଃ ଧୋତି ଓ ଗାମୁଛା ପରିଧାନ କରନ୍ତି। ମହିଳାମାନେ ରଙ୍ଗିନ ଶାଢ଼ି ପିନ୍ଧିବାକୁ ପସନ୍ଦ କରନ୍ତି। ସେମାନେ ବିଭିନ୍ନ ପ୍ରକାରର ହାର, କଙ୍କଣ, କାନଫୁଲ ଓ ନାକଫୁଲ ଭଳି ଅଳଙ୍କାର ବ୍ୟବହାର କରନ୍ତି। ଅଳଙ୍କାର କେବଳ ସୌନ୍ଦର୍ଯ୍ୟର ପ୍ରତୀକ ନୁହେଁ, ବରଂ ସାମାଜିକ ଓ ସାଂସ୍କୃତିକ ପରିଚୟର ମଧ୍ୟ ପ୍ରତୀକ।

### ଶିକ୍ଷା ଓ ଆଧୁନିକତା

ବର୍ତ୍ତମାନ ଶିକ୍ଷାର ପ୍ରସାର ଯୋଗୁଁ ଶବର ସମାଜରେ ଅନେକ ପରିବର୍ତ୍ତନ ଦେଖାଯାଉଛି। ସରକାରଙ୍କ ବିଭିନ୍ନ ଯୋଜନା ଓ ସ୍ୱେଚ୍ଛାସେବୀ ସଂଗଠନଙ୍କ ପ୍ରୟାସରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବନମାନରେ ଉନ୍ନତି ହୋଇଛି। ତଥାପି ଆଧୁନିକତାର ପ୍ରଭାବରେ କେତେକ ପାରମ୍ପରିକ ରୀତିନୀତି ଓ ସାଂସ୍କୃତିକ ମୂଲ୍ୟବୋଧ କ୍ଷୀଣ ହେବାର ଆଶଙ୍କା ରହିଛି। ତେଣୁ ସେମାନଙ୍କର ସଂସ୍କୃତିକୁ ସଂରକ୍ଷଣ ଓ ପ୍ରୋତ୍ସାହନ ଦେବା ଆବଶ୍ୟକ।

### ଉପସଂହାର

ଗଜପତି ଜିଲ୍ଲାର ଶବର ସଂସ୍କୃତି ଓଡ଼ିଶାର ଆଦିବାସୀ ଐତିହ୍ୟର ଏକ ଅମୂଲ୍ୟ ସମ୍ପଦ। ସେମାନଙ୍କର ଭାଷା, କଳା, ପରମ୍ପରା, ଧାର୍ମିକ ବିଶ୍ୱାସ, ନୃତ୍ୟ ଓ ସାମାଜିକ ଜୀବନ ଭାରତୀୟ ସଂସ୍କୃତିକୁ ସମୃଦ୍ଧ କରିଛି। ଶବରମାନଙ୍କର ପ୍ରକୃତିପ୍ରେମ, ସାମୂହିକ ଜୀବନ ଓ

ISSN NO.
2582-208X

ସରଳତା ଆମ ସମାଜ ପାଇଁ ଏକ ଅନୁକରଣୀୟ ଉଦାହରଣ। ଆଧୁନିକ ବିକାଶ ସହିତ ସେମାନଙ୍କର ମୌଳିକ ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ। ଶବର ସଂସ୍କୃତିର ସଂରକ୍ଷଣ ଦ୍ୱାରା ଓଡ଼ିଶାର ବହୁବର୍ଣ୍ଣୀ ସାଂସ୍କୃତିକ ପରମ୍ପରା ଆହୁରି ସମୃଦ୍ଧ ହେବ।

(((-)))

ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ,
ପାରଳାଖେମୁଣ୍ଡି, ଗଜପତି
Mob – ୭୬୮୨୮୩୯୦୦୮
E-Mail-drcharuprabha@gmail.com

ISSN NO.
2582-208X

# ଫୁଲ ଆଉ ମୁଁ



ମାମିଲତା ସାହୁ

ସଦ୍ୟ ପ୍ରସ୍ଫୁଟିତ ଫୁଲ ଟିକୁ ପଚାରିଲି
ସତରେ ତୋର କଣ କିଛି ଦୁଃଖ ନାହିଁ ??
ଫିକ୍ କରି ହସିଦେଇ କହିଲା ସେ
ଏମିତି କି କିଏ ଅଛି
ଯିଏ କେବେ କାନ୍ଦିନାହିଁ
ଆଶ୍ଚର୍ଯ୍ୟ ମୁଁ କହିଲା ସେ
ପାଖୁଡା କୁ ଦୋହଲାଇ ॥

ଛୁଇଁ ଦେଇ ପଚାରିଲି ତାକୁ
ସତରେ
ସତରେ ତୋର କଣ ଲୁହ ବହେ କେବେ
କହିଲା ସେ ସଭିଙ୍କର ସ୍ପର୍ଶ କଣ ପବିତ୍ର
ଛଳନାରେ ଦୋଳାୟନ୍ତୀ କେହି
ମୁଁ ବି ତ ଶୁଣୁଛି ନିନ୍ଦା ଓ ପ୍ରଶଂସା
ରଙ୍ଗ, ରୂପ, ସୁରଭିକୁ ନେଇ ॥

ଦେଖାଯାଏ ତୁମ ଛଳନଟା
କହି କହି ବୁଲ ବୋଲି

ISSN NO.
2582-208X

ମୁଁ କିନ୍ତୁ ସ୍ୱଷ୍ଟ ଅନୁଭବୀ
ପ୍ରୀତି ରେ କୋଳେଇ ନିଏ କିଏ
ପୁଣି କିଏ ଅସରା ଲୁହରେ ଭସାଇ ଦିଏ
ମୁଁ କିନ୍ତୁ ନୀରବ ମାନସୀ
ହସାଉ ଥାଏ ଜୀବ ବ୍ରହ୍ମାଣ୍ଡକୁ
ମୋର ଆତ୍ମପ୍ରତ୍ୟୟରେ ॥

(((-)))

ଶିକ୍ଷୟିତ୍ରୀ
ନୀଳମାଧବ ନୋଡ଼ାଲ ବିଦ୍ୟାପୀଠ, କଣ୍ଟିଲୋ
ଜିଲ୍ଲା - ନୟାଗଡ଼
ଦୂରଭାଷ ନମ୍ବର - 9853757603

ISSN NO.
2582-208X

# ବସନ୍ତର ମହକ



ପ୍ରତିଭା ଦାସ

ବସନ୍ତର ଆଗମନେ
ଫୁଲ ଫଳରେ ଭରି ପଡ଼େ
ଗଛ ବଣ ଲତା
ମଲ୍ଲି, ହେନା, ରଜନୀଗନ୍ଧା ଫୁଲର ମହମହ ବାସରେ
ଚଉଦିଗ ସୁବାସିତ ହୁଏ
କୋଇଲିର କୁହୁ କୁହୁ ତାନରେ
ମନ ପ୍ରାଣ ପ୍ରଫୁଲ୍ଲିତ ହୁଏ ।

ବରକୋଳିଆ ବର୍ଷା ଟୋପାରେ
ଧରଣି ସାଜେ ସୁନ୍ଦର ସାଜରେ
ଉଦାସୀ ଆଖିରେ ସ୍ୱପ୍ନ ଭରି ଦିଏ
ନୂଆ ଉଦ୍ଦୀପନାର ଆକାଶ ସାଜି ।

ବସନ୍ତର ସୁଗନ୍ଧରେ
ଶୁଖିଲା ଖେତ ଉର୍ବର ହୁଏ
ଶସ୍ୟରେ ଭରି ଯାଏ
ଚାଷୀଙ୍କ ମନ
ନୂଆ ଉଦ୍ଦୀପନାର ଦୀପ ଜଳେ

ISSN NO.
2582-208X

ହସ ହସ ମୁଖେ
ଗୁଣୁଗୁଣୁ ସୁରେ ମଳୟ ହସେ
ଆହାଃ ପ୍ରକୃତିର ରଙ୍ଗ ରୂପ
କି ସୁନ୍ଦର ଦିଶେ। ।

(((-)))

ବିଶ୍ୱନାଥ ଗୁରିଆଲି,ଆସାମ

ISSN NO.
2582-208X

# ମା ବୃୟାତ୍ ସତ୍ୟମ୍ ଅପ୍ରୟମ୍



ବିଜୟଲକ୍ଷ୍ମୀ ମହାନ୍ତ ପଟ୍ଟନାୟକ

ଭାଷା ମଣିଷର ଜୀବନୀଶକ୍ତିର ପରିପ୍ରକାଶ । ତାର ଚିନ୍ତା, ଭାବନା ସବୁକିଛି ସେ ଭାଷା ମାଧ୍ୟମରେ ହିଁ ପ୍ରକାଶକରିଥାଏ । ନିଜକୁ ବ୍ୟକ୍ତ କରିପାରୁଥିବାରୁ ସେ ବ୍ୟକ୍ତି । ବାକ୍ ଶକ୍ତି ଜୀବନର ମେରୁଦଣ୍ଡ ପରି । ମଣିଷପାଖରେ ହିଁ ଏହିଶକ୍ତି ରହିଛି, ପଶୁପକ୍ଷୀଙ୍କ ପାଖରେ କିମ୍ବା ଜୀବଯନ୍ତୁଙ୍କ ପାଖରେ ଏହା ନ ଥାଏ । ସେମାନେ କିନ୍ତୁ ଅଲଗାଭାବରେ ନିଜର ସ୍ୱର ଓ ଠାର ମାଧ୍ୟମରେ ଭାବ ବ୍ୟକ୍ତକରନ୍ତି । ଭାଷା ହିଁ ଭାବପ୍ରକାଶର ମାଧ୍ୟମ । ଭାବ ଯେତେଗଭୀର ଭାଷା ସେତେଗମ୍ଭୀର, ଶାନ୍ତ, ସ୍ଥିର, ମାର୍ଜିତ ଓ ରୁଚିକର । ନିଜକୁ ସରଳ ଭାବରେ ବ୍ୟକ୍ତ କରିପାରିଲେ ଜୀବନର ଅଧିକରୁ ଅଧିକ ସମସ୍ୟା ଆପେଆପେ ଅପସରିଯାଏ । ପର ଆପଣାର ହୋଇଯାଆନ୍ତି । ସେଥିପାଇଁ ଭାଗବତରେ କୁହାଯାଇଛି –

'ମଧୁର ବିନୟ ବଚନ/କହି ତୋଷିବ ଜନମନ ।'
ପୁଣି କୁହାଯାଏ –
'ବଚନରେ ଯେବେ ମଧୁର ଥିବ
ଧନ ଦରବଠୁ ଅଧିକ ହେବ ।'

ମନୁଷ୍ୟକୁ ତାର ଭାଷା ପ୍ରୟୋଗରୁ ବୁଝିହୁଏ ସେ ଭଲ କି ଖରାପ । କାରଣ ଭାଷାର ସ୍ଥିରତା, ଗମ୍ଭୀରତା, ଦୃଢତା, ନମ୍ରତା, ଭଦ୍ରତା ଥିବା ମନୁଷ୍ୟକୁ ଭଲ ଅଥବା ବିପରୀତରେ ଉଗ୍ରତା, ଉଦବେଗ, ଅହଂକାର, ଅସତ୍ୟ ଆଦି କହୁଥିବା ମନୁଷ୍ୟ ପ୍ରତି ଖରାପଧାରଣା ଆସିଥାଏ । ଭାଷାଦ୍ୱାରା ଶତ୍ରୁ ମିତ୍ର ସୃଷ୍ଟି ହୋଇଥାନ୍ତି । ଭାଷାଦ୍ୱାରା ଅନେକ ଅସମ୍ଭବ ସମ୍ଭବ ମଧ୍ୟ ହୋଇଥାଏ ।

ISSN NO.
2582-208X

ଜିହ୍ୱାଟିଏ ଅତିବେଶୀରେ ୩ ଇଞ୍ଚ କି ସାଢେ ତିନିଇଞ୍ଚ ଲମ୍ବ ହୋଇଥିଲେ ମଧ୍ୟ ପାଞ୍ଚ/ଛଅ ଫୁଟର ଲମ୍ବା ଗୋଟେ ମଣିଷକୁ ଏପରି କଥାକହେ ଯେ ସେ ବେଳେବେଳେ ଜୀବନ ବି ହାରିଦିଏ । ଅଳ୍ପକଥା, ମଧୁରକଥା କାହାକୁ ବାଧେନାହିଁ, ଉତ୍ତେଜିତ କରେନାହିଁ, କ୍ରୋଧ ବଢାଏନାହିଁ ବା ଶତ୍ରୁ ସୃଷ୍ଟିକରେନାହିଁ । କିନ୍ତୁ ଏପରି ହୁଏ କୋଉଠି ! କଥା କଥାରେ ତ ଆଜିକାଲି ବୋମା ଫୁଟୁଛି । ପିଲାଏ ମୁଥମାରିଲା ପରି କଥାର ଉତ୍ତର ଦେଉଛନ୍ତି । ଯେତେସବୁ ଅଘଟଣ ଘଟୁଛି କେବଳ କଥାରେ ଅସ୍ଥିରତା, ଅଭଦ୍ରତା, ଅଶ୍ଳୀଳତା ଥିବାଯୋଗୁଁ । ତାଛଡା ଚିନ୍ତା , କଥା ଓ କାର୍ଯ୍ୟରେ ସମନ୍ୱୟ ନ ଥିବା ଯୋଗୁଁ । କହୁଛନ୍ତି ଗୋଟେ, ଚିନ୍ତା ଆଉଗୋଟେ ଆଉ କାର୍ଯ୍ୟ କଥାର ପୁରା ବିପରୀତ । ତେଣୁ କେହି କାହାରିକୁ ବିଶ୍ୱାସ କରିପାରୁନାହାନ୍ତି । ଅବିଶ୍ୱାସର ଗୋଟେ ବାତାବରଣରେ ସମସ୍ତେ ବଞ୍ଚିବାକୁ ବାଧ୍ୟ ।

ବେଦରେ କୁହାଯାଇଛି –

'ସତ୍ୟମ୍ ବୃୟାତ୍, ପ୍ରିୟମ୍ ବୃୟାତ୍ , ମାବୃୟାତ୍ ସତ୍ୟମ୍ ଅପ୍ରିୟମ୍ ।'

ସତ୍ୟ କଣ ? ଯାହା ଯେପରି ଅଛି ତାକୁ ଠିକ୍ ସେହିପରି ଉପସ୍ଥାପନ କରିବା । ସତ୍ୟକହିବା ବା କରିବା ନିମନ୍ତେ କୌଣସି ପରିଶ୍ରମ କରିବାକୁ ପଡେନାହିଁ । ଆଚରଣ ଶୁଦ୍ଧ ନିର୍ମଳ ହେଲେ ଉଚ୍ଚାରଣ ମଧ୍ୟ ସତ୍ୟ ହିଁ ହେବ । ସତ୍ୟର କୌଣସି ବିକଳ୍ପ ନାହିଁ । ତାହା କେବେହେଲେ ଅର୍ଦ୍ଧସତ୍ୟ ବା ଆପେକ୍ଷିକ ସତ୍ୟ ନୁହେଁ । ଏହାକୁ ଆଜିର ପିଢି ହସି ଉଡେଇଦେଇ ପାରନ୍ତି । କିନ୍ତୁ ସତ୍ୟ ସବୁବେଳେ ସତ୍ୟ ହିଁ ପ୍ରମାଣିତ ହୋଇଥାଏ, ଯେତେଦିନ ସମୟ ଲାଗୁପଛେ ।

ସତ୍ୟର ପୂଜାରୀମାନେ ସବୁଯୁଗରେ ସବୁଅବସରରେ ସମ୍ମାନ ପାଇଥାନ୍ତି । ଯୁଗ ପରେ ଯୁଗ ବିତିଗଲାଣି ଏହାହିଁ ପ୍ରମାଣିତ ହୋଇଆସୁଛି । ଏପରି ଅନେକ ଉଦାହରଣ ଆମ ଆଗରେ ବହୁପୂର୍ବରୁ ରହିଆସିଛି । ସେଥିପାଇଁ ତ ଦୁଇ ମହାକାବ୍ୟ ରାମାୟଣ ମହାଭାରତ ଆଜିଯାଏ ବହୁପରୀକ୍ଷା ନିରୀକ୍ଷା ମଧ୍ୟରେ ଉତ୍ତୀର୍ଣ୍ଣ ହୋଇ ସମାଜକୁ ବାନ୍ଧି ରଖିପାରିଛି । ଆମେ ଯେତେ ଆଧୁନିକତାର ଦ୍ୱାହି ଦେଲେ ମଧ୍ୟ ଆମେ ସେ ଲକ୍ଷ୍ମଣରେଖାକୁ ଟପିଯାଇ ପାରୁନାହୁଁ । କାରଣ ସମାଜରେ ଚଳିବାର ଭଲ ଏବଂ ମନ୍ଦ ଦୁଇଟିଯାକ ଦିଗ ସେସବୁରେ ନିହିତ ରହିଛି ।

ISSN NO.
2582-208X

ଭାଗବତର ସେଇ ବାଣୀକୁ ଆମେ ପ୍ରତିକଥାରେ ପ୍ରୟୋଗ କରିଆସୁଛନ୍ତି – ମଧୁର ବିନୟ ବଚନ । ଅବଶ୍ୟ ଏ ସମୟରେ ଏହା ଆବଶ୍ୟକତା ହରେଇଛି । ତଥାପି ମଧୁର ବଚନ କହୁଥିବା ଲୋକର ସମ୍ମାନ ନିଶ୍ଚୟ ରହିଛି । ଆଜିକାଲି ମଧୁର ବଚନ କହି ପିଠିରେ ଛୁରିକାଘାତ କରୁଥିବା ଲୋକଙ୍କର ସଂଖ୍ୟା ବେଶୀ ।ତେବେ ଏକଥାର କଣ ଗୁରୁତ୍ୱ ନାହିଁ ? ଅଛି, ଏବେବି ଅଛି, ଅଳ୍ପ ହୋଇପାରେ ହୁଏତ । ଏଇ ଅଳ୍ପସଂଖ୍ୟକମାନେ ହିଁ ଏ ପାରିବାରିକ ସାମାଜିକ ବନ୍ଧନକୁ ବଞ୍ଚେଇ ରଖିଛନ୍ତି । ତା ମୂଳରେ ଜଳସିଞ୍ଚନ କରୁଛନ୍ତି । ଶତ୍ରୁମିତ୍ର ସମସ୍ତେ ମଧୁର ବଚନରେ ଆୟତ୍ତ ହେଉଥିଲେ । ଜଣେ କଣ କହିବ ଚିନ୍ତା କରି କହେନାହିଁ । ସତ୍ୟ କହିବାକୁ ଚାହୁଁଥିବାବେଳେ ମନରେ ଜମାଟବାନ୍ଧି ରହିଥିବା ପୁଞ୍ଜିଭୂତ ଅସନ୍ତୋଷ, ଅସୌଜନ୍ୟତା ଆପଣାଛାଏଁ ବାହାରକୁ ବାହାରିଆସେ । ମିଛ ବି ଆସିଯାଏ ଆଗକୁ । ତାକୁ ଘୋଡେଇବାକୁ ପୁଣି ମିଛ ପୁଣି ମିଛ କହିବାକୁ ପଡେ ।

ମଧୁର ବଚନ ଅର୍ଥ କାହାରିକୁ ତୋଷାମଦ କରିବା ନୁହେଁ, କୌଣସି ସ୍ୱାର୍ଥ ହାସଲ ପାଇଁ ମଧ୍ୟ ନୁହେଁ । ବ୍ୟକ୍ତିଗତ ଜୀବନରେ ଶୃଙ୍ଖଳା, ନମନୀୟତା, କୋମଳତା, ଭଦ୍ରତା, କର୍ତ୍ତବ୍ୟନିଷ୍ଠା, ଈଶ୍ୱର ବିଶ୍ୱାସ ଥିଲେ ସତ୍ୟବଚନ ପାଟିରୁ ବାହାରିବ । କଠୋରତା, ଅହଂକାର, ଅବିଶ୍ୱାସ, ଅନ୍ୟାୟ, ଅବଜ୍ଞା ଆଦିଭିତରେ ବୁଡିରହିଥିବା ମନୁଷ୍ୟପକ୍ଷରେ ସତ୍ୟବଚନ ଓ ସତ୍ ଆଚରଣ ସ୍ୱପ୍ନ ପରି ପ୍ରତୀୟମାନହୁଏ । ବିଶୃଙ୍ଖଳା ଆଜିର ଯୁବପିଢିର ନିୟମିତ ଆଚରଣ । କୌଣସି କଥା ସେମାନେ ଶୁଣିବାକୁ ପ୍ରସ୍ତୁତନୁହଁନ୍ତି ।

ଅପ୍ରିୟକଥା କୁହନାହିଁ ବୋଲି ବେଦ କହେ । 'ମା ବୃୟାତ୍ ସତ୍ୟମ ଅପ୍ରିୟମ୍ ।' କଠୋର ଶବ୍ଦ, ମିଥ୍ୟା କଥା, ଅହଂକାରପୂର୍ଣ୍ଣ କଥା କୋଉଠୁ ଏବଂ କାହିଁକି ଆସେ ? ମଣିଷର ଅପୂର୍ଣ୍ଣ ଇଚ୍ଛା ଯଦି ଅନ୍ୟ କାହାରି କ୍ଷେତ୍ରରେ ପୂରଣ ହୋଇଯାଏ ତେବେ ତା ମନରେ ଈର୍ଷା ଜାତହୁଏ । ଏସବୁ ତାକୁ ଅନ୍ୟକୁ ଆଘାତଦେଇ କଥାକହିବାକୁ ପ୍ରବର୍ତ୍ତେଇଥାନ୍ତି । ବହୁବର୍ଷର ଅପୂର୍ଣ୍ଣତା ମନରେ ବସାବାନ୍ଧି ରହିଥାଏ, ନିଜସପକ୍ଷରେ ଅନ୍ୟମାନଙ୍କୁ ଆଣିବାପାଇଁ ସେ ମିଥ୍ୟାର ଆଶ୍ରୟ ନିଏ, ତେଣୁ ସେ ଅପ୍ରିୟକଥା କହିପକାଏ । ଟିକେ ସଚେତନ ମଣିଷ ଗୋଟେ କଥା ବା କାମ କରିସାରିବା ପରେ ନିଜେ ନିଜେ ପସ୍ତେଇହୁଅନ୍ତି, କାହିଁକି ଏପରି କହିଲେ ବୋଲି । କିନ୍ତୁ ଥରେ ପାଟିରୁ ବାହାରିଥିବା କଥା ଆଉ ପାଟିକୁ ଫେରେନାହିଁ । ତାହା ତୀରପରି ଅନ୍ୟର ହୃଦୟକୁ ଖଣ୍ଡବିଖଣ୍ଡିତ କରିଦେଇଥାଏ, କ୍ଷତବିକ୍ଷତ କରିଦେଇଥାଏ । କାମନାବାସନାର ଶୀକାର ହେଉଥିବା ମନୁଷ୍ୟର ହିତାହିତ

ISSN NO.
2582-208X

ଜ୍ଞାନ ରହେନାହିଁ । ଖରାପ ଭାଷା, ରାଗ, ଅହଂକାରପୂର୍ଣ୍ଣ କଥା ତା ପାଟିରୁ ବାହାରି ଆସେ। ଅପ୍ରିୟକଥା ଶତ୍ରୁ ବୃଦ୍ଧିକରେ । ନିଜକୁ ଅନ୍ୟମାନଙ୍କଠାରୁ ଦୂରେଇଦିଏ ।

ପଶୁମାନଙ୍କର ଅସ୍ତ୍ରହେଲା ସିଂହ, ଶୁଣ୍ଢ ଓ ଦାନ୍ତ । ମଶାମାଛିମାନଙ୍କର ଶୁଣ୍ଢ । ମନୁଷ୍ୟର ପାଟି ବା ଜିହ୍ୱା । ପାଟି ଦୁଇଟିକାମ କରେ । ଖାଇବା ଓ କଥାକହିବା । ଦୁଇଟିଯାକ ନିୟନ୍ତ୍ରଣରେ ନ ରହିଲେ ଘୋର ଅନର୍ଥ ହୁଏ ।

କଥାକହିବା ସମୟରେ ମନୁଷ୍ୟ ଚାରୋଟି ଭୁଲ୍ କରିଥାଏ । ପ୍ରଥମରେ ଯଦି ସେ ମିଛକହେ ତାକୁ ଘୋଡେଇବାକୁ ବାରମ୍ବାର ମିଛ କହିବାକୁ ପଡେ । ଦ୍ୱିତୀୟରେ ନିଜକୁ ବଡ ପ୍ରମାଣିତ କରି ଅନ୍ୟକୁ ଛୋଟ ଦେଖାଇବାଲାଗି ଚେଷ୍ଟାକରି ହାସ୍ୟାସ୍ପଦ ହୁଏ । ତୃତୀୟରେ ବିନା କାରଣରେ ଅନ୍ୟର ନିନ୍ଦାକରିବାକୁ ଓ ଶୁଣିବାକୁ ଭଲପାଏ ଯାହାର କୌଣସି ଭିତ୍ତି ନ ଥାଏ। ଚତୁର୍ଥରେ ଅଧିକ କଥାକହିବା ଦ୍ୱାରା ବହୁତ ଭୁଲକରିବସେ ଏବଂ ନିଜକୁ ଅନ୍ୟମାନଙ୍କ ଆଗରେ ଛୋଟ କରିଦିଏ ।

ସେଥିପାଇଁ ଭଗବତ୍ ଗୀତାରେ କୁହାଯାଇଛି –
'ଅନୁଦବେଗକରବାକ୍ୟଂ ସତ୍ୟଂ ପ୍ରିୟହିତଂ ଚ ଯତ୍
ସ୍ୱାଧ୍ୟାୟାଭ୍ୟସନଂ ଚୈବ ବାଙ୍ଗମୟଂ ତପଉଚ୍ୟତେ ।'

ଅର୍ଥାତ୍ ଯାହା ସତ୍ୟ, ପ୍ରିୟ ଓ ହିତକର ତାହା କହିବା ଓ ଯଥାବିଧି ବେଦ ଆଦି ପବିତ୍ର ଶାସ୍ତ୍ର ପାଠ କରିବା, ଏହିସବୁ ବାଙ୍ଗମୟତପ ନାମରେ ଖ୍ୟାତ, ଅର୍ଥାତ କଥା କହିବାକୁ ଏକ ତପସ୍ୟା ବୋଲି ବିବେଚନା କରାଯାଇଥାଏ । ଲମ୍ବା କଥା, ଅଯଥା କଥା, ଆକ୍ଷେପକରି କଥା, ଅସତ୍ୟ କଥା, ଏସବୁ ବାଚିକ ତପର ବିରୋଧକରେ ।

ଏସବୁକୁ ଦୃଷ୍ଟିରେ ରଖି ଜଗିରଖି ଯେତିକି ଦରକାର ସେତିକି କଥା କହିବା ଉଚିତ୍ । କିଛିନବୁଝି ହଠାତ କଥା କହିଲେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡେ । କମ୍ କଥା କହିବା ଏବଂ ନିରବରହିବା ଏକ ସାଧନା । ବାକଶକ୍ତି ସଂରକ୍ଷଣ ହେଲେ ଅନ୍ତର୍ଦୃଷ୍ଟି ବଢେ ଏବଂ ଜ୍ଞାନର ପରିସର ବ୍ୟାପକ ହୁଏ ।

ISSN NO.
2582-208X

ପୃଥିବୀ ଉପରେ ଏହି ବେଦବାଣୀର ଯଥେଷ୍ଟ ଗୁରୁତ୍ୱ ରହିଛି । ଏହା ଅନେକ ସମସ୍ୟାର ସମାଧାନର ବାଟ ହୋଇଥାଏ । ଦିବ୍ୟଦ୍ରଷ୍ଟା ଋଷିମାନଙ୍କର ମାନସପ୍ରସୂତ ଉପଲବଧିରୁ ଏହା ଉଦ୍ଧୃତ ହୋଇଥିବାରୁ ଯଥେଷ୍ଟ ଗୁରୁତ୍ୱ ରଖେ । ବିଦ୍ୱାନମଣ୍ଡଳି କହନ୍ତି -

"ପ୍ରିୟବାକ୍ୟ ପ୍ରଦାନେନସର୍ବେ ତୁଷ୍ୟନ୍ତି ଜନ୍ତବଃ
ତସ୍ମାତ୍ ତ ଦେବ ବକ୍ତବ୍ୟଂ ବଚନେକା ଦରିଦ୍ରତା ।"

(((-)))

ଚନ୍ଦ୍ରଶେଖର ପୁର, ଭୁବନେଶ୍ୱର ୧୬,
ମୋ- 8895274794

ISSN NO.
2582-208X

ବେଦାନ୍ତି

# ଶଢର ଶେଷ ଆଘାତ



ବିରଞ୍ଚି ନାରାୟଣ ମିଶ୍ର

କୁରୁକ୍ଷେତ୍ରର ଯୁଦ୍ଧ ଶେଷ ହୋଇସାରିଥିଲା।
ଧୂଳି, ରକ୍ତ ଓ ଅଗ୍ନିର ଗନ୍ଧରେ ପୁରା ହସ୍ତିନାପୁର ଭରିଯାଇଥିଲା।
ରାଜପ୍ରାସାଦର ମାର୍ବଲ କାନ୍ଥ ଗୁଡ଼ିକ ଯେମିତି ନୀରବ ହୋଇ କାନ୍ଦୁଥିଲେ।
ଗଳିକନ୍ଦରେ ବିଧବାମାନଙ୍କର ହୃଦୟ ଥରାଇଦେଉଥିବା କାନ୍ଦଣା ଶୁଣାଯାଉଥିଲା।
ଯେଉଁ ରାଜ୍ୟରେ ଦିନେ ଶଙ୍ଖଧ୍ୱନି ଓ ବୀରମାନଙ୍କର ଗର୍ଜନ ଶୁଣାଯାଉଥିଲା, ଆଜି
ସେଠାରେ କେବଳ ଶୋକର ଚିତ୍କାର।
ଦ୍ରୌପଦୀ ନିଜ କକ୍ଷର ଝରକା ପାଖରେ ବସିଥିଲେ।
ଖୋଲା କେଶ...
ଶୁଖିଯାଇଥିବା ଆଖି...
ଅଧରରେ ନିରବତା...
ତାଙ୍କୁ ଦେଖି ଲାଗୁଥିଲା —
ଏଇ ଅଠର ଦିନରେ ତାଙ୍କ ଜୀବନର ଅଠର ଜନ୍ମ ଶେଷ ହୋଇଯାଇଛି।
ସେ ଶୂନ୍ୟକୁ ଚାହିଁ ରହିଥିଲେ...
କିନ୍ତୁ ସେ ଶୂନ୍ୟ ଭିତରେ ତାଙ୍କୁ ବାରମ୍ବାର କିଛି ମୁହଁ ଦେଖାଯାଉଥିଲା।
ଦୁର୍ଯୋଧନ...
ଦୁଃଶାସନ...
କର୍ଣ୍ଣ...
ଅଭିମନ୍ୟୁ...
ଏବଂ ଶେଷରେ —
ନିଜ ପାଞ୍ଚ ପୁଅଙ୍କର ରକ୍ତାକ୍ତ ମୁହଁ...

ISSN NO.
2582-208X

ହଠାତ୍ ପଛରୁ ମୃଦୁ ସ୍ୱର ଶୁଣାଗଲା —

"ପାଞ୍ଚାଳୀ..."

ଦ୍ରୌପଦୀ ଚମକି ପଛକୁ ଚାହିଲେ।

କୃଷ୍ଣ ଠିଆ ହୋଇଥିଲେ।

କିନ୍ତୁ ଆଜି ତାଙ୍କ ମୁହଁରେ ସେ ଚିରପରିଚିତ ହସ ନଥିଲା।

ଆଜି ତାଙ୍କ ଆଖିରେ ମଧ୍ୟ ଗଭୀର କ୍ଳାନ୍ତି ଥିଲା।

ଦ୍ରୌପଦୀ କୃଷ୍ଣଙ୍କୁ ଦେଖିବାମାତ୍ରେ ଭାଙ୍ଗିପଡ଼ିଲେ।

"ସଖା..."

କେବଳ ଏତିକି କହି ସେ କାନ୍ଦିବାକୁ ଲାଗିଲେ।

କୃଷ୍ଣ ଧୀରେ ତାଙ୍କ ପାଖରେ ବସିଗଲେ।

କିଛି ସମୟ ପର୍ଯ୍ୟନ୍ତ କେହି କିଛି କହିଲେ ନାହିଁ।

କେବଳ ଦ୍ରୌପଦୀଙ୍କର କାନ୍ଦଣା ଓ ବାହାରେ ଶୃଗାଳମାନଙ୍କର ବିକଟାଳ ରଡ଼ି।

ବହୁତ ସମୟ ପରେ ଦ୍ରୌପଦୀ ଧୀର ସ୍ୱରରେ କହିଲେ —

"ସଖା...

ଏ କଣ ହେଇଗଲା ?

ମୁଁ ପ୍ରତିଶୋଧ ଚାହୁଁଥିଲି...

କିନ୍ତୁ ଏପରି ବିନାଶ କେବେ ଚାହୁଁନଥିଲି..."

କୃଷ୍ଣ ଗଭୀର ଦୃଷ୍ଟିରେ ତାଙ୍କୁ ଚାହିଲେ।

"ମଣିଷ ସବୁବେଳେ ନିଜ କ୍ରୋଧର ଆରମ୍ଭକୁ ଦେଖେ ପାଞ୍ଚାଳୀ...

କିନ୍ତୁ ତାର ଶେଷ କେଉଁଠି ହେବ — ସେ କେବେ ଦେଖିପାରେନି..."

ଦ୍ରୌପଦୀ ମୁଣ୍ଡ ଲୁଆଁଇ ଦେଲେ।

କୃଷ୍ଣ ପୁଣି କହିଲେ —

"ତୁମେ ଆଜି ଯାହା ଦେଖୁଛ...

ଏ କେବଳ ଗୋଟିଏ ଯୁଦ୍ଧର ପରିଣାମ ନୁହେଁ।

ଏହା ସେହି ସବୁ ଶବ୍ଦର ପରିଣାମ...

ଯେଉଁ ଶବ୍ଦ କ୍ରୋଧରେ କହାଯାଇଥିଲା।"

ଦ୍ରୌପଦୀ ଚମକି ଚାହିଲେ।

ISSN NO.
2582-208X

କୃଷ୍ଣଙ୍କସ୍ୱ ଆଉ ଗଭୀର ହେଇଗଲା —
"ମନେ ଅଛି ପାଞ୍ଚାଳୀ...
ତୁମ ସ୍ୱୟଂବର ସଭା ?"
ଦ୍ରୌପଦୀଙ୍କ ଆଖିରେ ପୁରୁଣା ଦୃଶ୍ୟ ଫେରିଆସିଲା।
ସୁବର୍ଣ୍ଣ ସଭା...
ରାଜାମାନଙ୍କର ଭିଡ଼...
ଏବଂ କର୍ଣ୍ଣଙ୍କ ଅପମାନ...
"ସେଦିନ..."—କୃଷ୍ଣ କହିଲେ—
"କର୍ଣ୍ଣ ଧନୁ ଉଠାଇଥିଲେ।
ତାଙ୍କ ଆଖିରେ କେବଳ ଗୋଟିଏ ଇଚ୍ଛା ଥିଲା — ନିଜକୁ ପ୍ରମାଣ କରିବାର।
କିନ୍ତୁ ତୁମେ କହିଲ —
'ସୂତପୁତ୍ର ଏହି ସଭାର ଯୋଗ୍ୟ ନୁହେଁ।'
ସେ ମୁହୂର୍ତ୍ତରେ କର୍ଣ୍ଣଙ୍କ ହୃଦୟରେ ଯେ ଅଗ୍ନି ଜଳିଥିଲା...
ତାର ଶିଖା କୁରୁକ୍ଷେତ୍ର ପର୍ଯ୍ୟନ୍ତ ପହଞ୍ଚିଲା।"
ଦ୍ରୌପଦୀଙ୍କ ଆଖିରୁ ଲୁହ ଖସିପଡ଼ିଲା।
କୃଷ୍ଣ ଚୁପ ରହିଲେ ନାହିଁ।
"ତାପରେ...
ମାୟାସଭାରେ ଦୁର୍ଯୋଧନ ପାଣିରେ ପଡ଼ିଗଲା।
ସମସ୍ତେ ହସିଲେ।
କିନ୍ତୁ ତୁମ ହସ ତାର ହୃଦୟକୁ ସବୁଠାରୁ ବେଶି ବାଧିଥିଲା।
ତୁମେ କହିଲ —
'ଅନ୍ଧର ପୁତ୍ର ଅନ୍ଧ।'
ସେଦିନ ତୁମେ କେବଳ ଗୋଟିଏ ବାକ୍ୟ କହିଥିଲ...
କିନ୍ତୁ ଦୁର୍ଯୋଧନ ସେ ଅପମାନକୁ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଭୁଲିପାରିଲା ନାହିଁ।"
ଦ୍ରୌପଦୀ ଏବେ କାନ୍ଦୁନଥିଲେ।
ସେ ସ୍ଥିର ହୋଇଯାଇଥିଲେ।
ଯେମିତି ପ୍ରତ୍ୟେକ ଶବ୍ଦ ତାଙ୍କ ହୃଦୟରେ ଆଘାତ କରୁଥିଲା।

ISSN NO.
2582-208X

କୃଷ୍ଣ କହିଲେ —
"ମଣିଷ ଖଣ୍ଡାର ଆଘାତକୁ ଭୁଲିଯାଏ ପାଞ୍ଚାଳୀ...
କିନ୍ତୁ ଅପମାନର ଆଘାତକୁ କେବେ ଭୁଲେନି।
କାରଣ ଶରୀରର ଘାଆ ରକ୍ତ ଝରାଏ...
କିନ୍ତୁ ଶବ୍ଦର ଘାଆ ଆତ୍ମାକୁ ରକ୍ତାକ୍ତ କରେ।"
ଦ୍ରୌପଦୀ ଥରଥର କମ୍ପିଉଠିଲେ।
"ତାହେଲେ ସଖା...
ଏ ସବୁ ପାଇଁ ମୁଁ ଦାୟୀ ?"
କୃଷ୍ଣ ମୃଦୁ ହସିଲେ।
"ନା ପାଞ୍ଚାଳୀ...
ମହାଭାରତ କେବଳ ଜଣେ ମଣିଷ ପାଇଁ ହୋଇନଥିଲା।
ଏଠାରେ ପ୍ରତ୍ୟେକଙ୍କର ଅହଂକାର ଥିଲା...
ପ୍ରତ୍ୟେକଙ୍କର କ୍ରୋଧ ଥିଲା...
ପ୍ରତ୍ୟେକଙ୍କର କୁ-ଶବ୍ଦ ଥିଲା।
କିନ୍ତୁ ମନେରଖ —
ଗୋଟିଏ ଛୋଟ ଅଗ୍ନିଶିଖା ମଧ୍ୟ ପୁରା ଜଙ୍ଗଲକୁ ପୋଡ଼ିଦେଇପାରେ।"
ତାପରେ କୃଷ୍ଣ ଧୀରେ ଉଠି ବାହାରକୁ ଚାହିଁଲେ।
ଝରକା ବାହାରେ ଶ୍ମଶାନର ଧୂଆଁ ଉଠୁଥିଲା।
କୃଷ୍ଣ ସେ ଧୂଆଁକୁ ଚାହିଁ କହିଲେ —
"ପାଞ୍ଚାଳୀ...
ମଣିଷର ଦାନ୍ତରେ ବିଷ ନଥାଏ...
ତାର ଶବ୍ଦରେ ବିଷ ଥାଏ।
ଆଉ ସବୁଠାରୁ ଭୟଙ୍କର କଥା ହେଉଛି —
ଖଣ୍ଡାରେ ମରିଥିବା ମଣିଷ କେବଳ ଥରେ ମରେ...
କିନ୍ତୁ ଶବ୍ଦରେ ଆଘାତ ପାଇଥିବା ମଣିଷ ପ୍ରତିଦିନ ମରେ..."
ଦ୍ରୌପଦୀଙ୍କ ଆଖିରୁ ଅଶ୍ରୁ ଖସିଖସି ତାଙ୍କ ହାତ ଉପରେ ପଡୁଥିଲା।
ସେ ଆଜି ବୁଝିପାରୁଥିଲେ —

ISSN NO.
2582-208X

ମହାଭାରତ ପ୍ରଥମେ ରଣକ୍ଷେତ୍ରରେ ହୋଇନଥିଲା...
ସେ ମଣିଷମାନଙ୍କର ଶବ୍ଦରେ ଜନ୍ମ ନେଇଥିଲା।
ଏବଂ ଯେତେବେଳେ ଶବ୍ଦ ଅଗ୍ନି ହୋଇଯାଏ...
ସେତେବେଳେ ସମ୍ପର୍କ, ପରିବାର, ବଂଶ — ସବୁ ଭସ୍ମ ହୋଇଯାଏ।
ସେଥିପାଇଁ ଶବ୍ଦ କହିବା ପୂର୍ବରୁ ଥରେ ଭାବନ୍ତୁ...
କାରଣ ମହାଭାରତ ଆଜିବି ମଣିଷର ଭିତରେ ଲୁଚିକି ରହିଛି...
କେବଳ ଗୋଟିଏ କୁ-ଶବ୍ଦର ଅପେକ୍ଷାରେ...

(((-)))

ମଲ୍ଲୀପୁର, ନିଆଳ, ଖୋର୍ଦ୍ଧା
9439011063

ISSN NO.
2582-208X

# ନବୀନର ମୟୂର - ଶିଶୁ ଉପନ୍ୟାସର ଗତିପଥ



କୁଞ୍ଜ ବିହାରୀ ସାହୁ

ସାହିତ୍ୟର ଅନ୍ତର୍ଭୂଡ଼ିଶାଳ ବା ଆଦିଭୂମି ବୋଲି ଶିଶୁସାହିତ୍ୟକୁ କୁହାଯାଇପାରେ । ଆମେ ଯେତେଜଣ ପ୍ରଖ୍ୟାତ ସାହିତ୍ୟିକଙ୍କର ପୁସ୍ତକ ପଠନ କରିଆସୁଛୁ ବା ଜନାଦୃତ ପୁସ୍ତକକୁ ମନ ଭିତରେ ସାଇତି ରଖିଛୁ ସେ ସବୁ ହିଁ ଶିଶୁସାହିତ୍ୟର ଶ୍ରେଷ୍ଠ ନମୁନା । ଶିଶୁର ମାନସିକତାକୁ ଉପଲବ୍ଧି କରି ଅବା ଲେଖିଲାବେଳେ ନିଜକୁ ଶିଶୁଟିଏ ହେବାର ପୂର୍ଣ୍ଣତା ଭିତରେ ଯାହା ସୃଷ୍ଟି ହୋଇଥାଏ ତାହା ହିଁ ଶିଶୁସାହିତ୍ୟ ବୋଲି ବିବେଚିତ ।

ସାହିତ୍ୟର ବିବିଧତା ମଧ୍ୟରେ ଅନୁବାଦ ହେଉଛି ସୃଜନିକା ଶିଳ୍ପ କଳା । ଅନ୍ୟ ଭାଷା ଓ ଭାବକୁ ଗର୍ଭସ୍ଥ କରି ଆତ୍ମଚେତନରେ ପରିପ୍ରକାଶ କରିବାକୁ ଅନୁବାଦ ବୋଲି କୁହାଯାଇପାରେ । ଅନୁବାଦର ମୌଳିକ ଉଦ୍ଦେଶ୍ୟ ହେଉଛି ଜ୍ଞାନର ପ୍ରସାରଣ, ଭାବର ଉପସ୍ଥାପନ ଓ ବିଦ୍ୟାର ଅବବୋଧତା । ଗୋଟିଏ ନିର୍ଦ୍ଦିଷ୍ଟ ଭାଷାଭାଷୀଙ୍କ ଜ୍ଞାନ ଭଣ୍ଡାରକୁ ଅନ୍ୟ ଭାଷାଭାଷୀଙ୍କ ପାଖରେ ନିଜଟତର କରିବା ହିଁ ଏକାନ୍ତ ଜରୁରୀ । ଶିଶୁମାନଙ୍କ ପାଇଁ ଅନୁବାଦ ରଚନାକୁ ମୁଖ୍ୟତଃ ଅନ୍ୟ ଭାଷାରୁ ନିଜ ଭାଷାକୁ ଓ ନିଜ ଭାଷାରୁ ଅନ୍ୟ ଭାଷାରେ ପରିପ୍ରକାଶରେ ବିଭକ୍ତିକରଣ କରାଯାଇଥାଏ ।

ପିଲାମାନଙ୍କ ଉଦ୍ଦେଶ୍ୟରେ ଅନୁବାଦ ଭିତ୍ତିକ ଲିଖନରେ ବିଶେଷ ସତର୍କତା ଅବଲମ୍ବନ କରାଯାଇଥାଏ । ବେଳେବେଳେ ଲେଖାର ବିଷୟବସ୍ତୁକୁ ଆଖି ସାମ୍ନାରେ ରଖି ଶବ୍ଦ/ବାକ୍ୟ ଗଠନରେ ନିଜସ୍ୱ ଅଭିବ୍ୟକ୍ତିକୁ ସୂଚେଇ ଦିଆଯାଇଥାଏ । ଆତ୍ମିକ ଦିଗ ପ୍ରତି ଅଧିକ ସଚେତନ ହେବାକୁ ପଡ଼ିଥାଏ । ବେଳେବେଳେ ଲକ୍ଷ୍ୟ କରାଯାଇଥାଏ ଯେ ଅନୁବାଦର ମୂଳ

ISSN NO.
2582-208X

ରଚନା ଭାବବୋଧକ ନ ହୋଇଥିଲେ ମଧ୍ୟ ଅନୁବାଦକ ନିଜ ଲେଖନୀର ପାରଦର୍ଶିତା ଦେଖାଇ କୌଶଳପୂର୍ଣ୍ଣ ଭାବରେ ଭାଷା ଓ ମନୋରଞ୍ଜନ ଧର୍ମୀ ଭାବକୁ ଉପସ୍ଥାପନ କରିଥାନ୍ତି, ଯଦ୍ୱାରା ଅନୁଦିତ ଲେଖାଟି ଅଧିକ ରୁଚିକର ଓ ପଠନ ଉପଯୋଗୀ ପରି ହୃଦବୋଧ ହୋଇଥାଏ ।

ଏ ପରିପ୍ରେକ୍ଷୀରେ ଆଲୋଚ୍ୟ ଅନୁଦିତ ଶିଶୁ ଉପନ୍ୟାସ "ନବୀନର ମୟୂର' ଏକ ଦୃଷ୍ଟାନ୍ତମୂଳକ ବୋଲି ଗ୍ରହଣ କରାଯାଇପାରେ । ଉକ୍ତ ଉପନ୍ୟାସର ମୂଳ ରଚୟିତା ହେଉଛନ୍ତି ଏଚ୍.ଏସ୍.ବ୍ୟାକୋଡ଼ ଜଣେ କନ୍ନଡ଼ ଔପନ୍ୟାସିକ । ନିଜର ଉଦ୍ଦାମ ଓ ଚିରସ୍ରାବୀ ଲେଖା ପାଇଁ କେନ୍ଦ୍ର ସାହିତ୍ୟ ଏକାଦେମୀ ବାଲ୍ ସାହିତ୍ୟରେ ପୁରସ୍କୃତ । ଆରଣ୍ୟନିବାସୀ ହେଉଛି ମୟୂର । ଭାବପ୍ରବଣତାର ସହ ମୟୂରର କଳାତ୍ମକ ଜୀବନଶୈଳୀକୁ ସେ ପୁଙ୍ଖାନୁପୁଙ୍ଖ ଭାବରେ ଦେଖିଛନ୍ତି ଓ ଏ ଉପନ୍ୟାସଟି ଶିଶୁସାହିତ୍ୟରେ ଅଗ୍ରଣୀ ଭୂମିକା ନେଇପାରିଛି । ସେଇଥିପାଇଁ ବୋଧହୁଏ ଅନୁବାଦ ସାହିତ୍ୟ ପ୍ରତି ସଚେତନ ଓ ନିଜ ସୃଜନୀକୁ ପ୍ରସାର ତଥା ପାଠକାଭିମୁଖୀ କରିବାର ପ୍ରୟାସରେ ଓଡ଼ିଶାର ନାଁ କମେଇଥିବା ଶିଶୁଔପନ୍ୟାସିକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ମଙ୍ଗରାଜ 'ନବୀନର ମୟୂର' ନାମରେ ଏକ ଅଭିନବ କଳ୍ପନାର ପୁଟ ଦେଇଛନ୍ତି ।

ଆଲୋଚ୍ୟ ଶିଶୁ ଉପନ୍ୟାସ 'ନବୀନର ମୟୂର' ୫୨ ପୃଷ୍ଠା ସମ୍ବଳିତ ଓ ପୁରୀର ଶିକ୍ଷାଶ୍ରୀ ପବ୍ଲିକେଶନ ଦ୍ୱା ପ୍ରକାଶିତ ଓ ସମୟ ପ୍ରବାହରେ ଲୋକାର୍ପିତ ହୋଇସାରିଛି । ଉପନ୍ୟାସଟି ଧାରାବାହିକ କାହାଣୀର ପେଡ଼ିଟିଏ ଯେଉଁଥିରେ ୧ମ ରୁ ୧୧ ଶ ଅଧ୍ୟାୟ ପର୍ଯ୍ୟନ୍ତ ଲମ୍ବିଯାଇଛି କାହାଣୀର ବିଷୟବସ୍ତୁ ।

ଆରମ୍ଭରୁ ହିଁ ଶିଶୁଔପନ୍ୟାସିକ ଶ୍ରୀଯୁକ୍ତ ମଙ୍ଗରାଜ 'ତୁମପାଇଁ ପଦେ' ସ୍ତମ୍ଭରେ ଆତ୍ମଚିନ୍ତନକୁ ବଖାଣିଛନ୍ତି । ସୂଚେଇଛନ୍ତି ଯେ କନ୍ନଡ ଶିଶୁସାହିତ୍ୟିକ ଏଚ.ଏସ.ବ୍ୟାକାଡେଙ୍କର ଅନ୍ୟ ଏକ ପୁସ୍ତକକୁ ଅନୁଦିତ ନାଁ ରଖିଛନ୍ତି "ମୁଁ ବି ଆମ୍ବେଦକର' ଯାହାକି ଯଥାର୍ଥରେ ପାଠକୀୟ ସଫଳତା ହାସଲ କରିପାରିଛି । ସେଇଥିପାଇଁ ଉଚିତ ମଣିଛନ୍ତି କେନ୍ଦ୍ର ସାହିତ୍ୟ ଏକାଦେମୀର ବାଲ୍ ସାହିତ୍ୟ ପୁରସ୍କୃତ ଏକ ନିର୍ଦ୍ଦିଷ୍ଟ ଶିଶୁସାହିତ୍ୟିକଙ୍କର ଉପନ୍ୟାସଟିକୁ ଅନୁଦିତ କରିବାପାଇଁ । ଅବଶ୍ୟ ଉପନ୍ୟାସ ରଚନା କରିବାର ପ୍ରଥମ ଭାଗରୁ ମୋ ସହ ଯୋଗାଯୋଗ ରଖିଛନ୍ତି ନାମକରଣ ଓ ସଫଳତା

ISSN NO.
2582-208X

ବିଷୟରେ । ତେଣୁ ସିଧାସଳଖ କହିବାକୁ ହୁଏ ଯେ ଔପନ୍ୟାସିକ ଶ୍ରୀଯୁକ୍ତ ମଙ୍ଗରାଜ ଭାବପ୍ରବଣତା ଓ ବନ୍ଧୁ ବତ୍ସଳ ଲେଖକ ଜଣେ । 'ଆଗରେ ପଡ଼ିଛି ପଥ ବହୁଦୂର ଚାଲିବାକୁ ଅଛି ବାକି'କୁ ଶ୍ରେୟ ମଣିଛନ୍ତି ।

ନବୀନ ଜଣେ ଶିଶୁ। କାଦଲ୍ଲୀ ଗ୍ରାମର ବାସିନ୍ଦା । ସବୁଦିନ ସ୍କୁଲକୁ ଯାଏ । କିନ୍ତୁ ବର୍ଷାଦିନର ଏକ ଶାନ୍ତ ସକାଳେ ସ୍କୁଲକୁ ପାଠ ପଢ଼ିବାପାଇଁ ଯାଉଥିଲା ବେଳେ ସେ ଦେଖିଛି ଚାରି/ ପାଞ୍ଚୋଟି ମୟୂରକୁ । ପଡ଼ିଆରେ ସେମାନଙ୍କର ଅବାଧ ବିଚରଣ ବିଶେଷତଃ କଳାମେଘର ସନ୍ଦର୍ଶନରେ ପୁଚ୍ଛ ଟେକି ମୟୂର ନାଚିବାର ଦୃଶ୍ୟ ଯେ କୌଣସି ପଥଚାରୀଙ୍କୁ ଆକୃଷ୍ଟ କରିଥାଏ । ନବୀନ ଯେ କଅଁଳ ବୟସର ଶିଶୁଟିଏ କେମିତି ବା ବାଦ୍ ପଡ଼ିଥାନ୍ତା ଏ ସୌନ୍ଦର୍ଯ୍ୟମୟ ରୂପଛଟାକୁ । ବିଦ୍ୟାଳୟରେ ପହଞ୍ଚି ପାଠ୍ୟକ୍ରମରେ ଯୋଗ ଦେଇଛି । ମଧ୍ୟାହ୍ନ ଭୋଜନରେ ନବୀନ କହିଦେଉଛି ସଭିଙ୍କୁ ବାଟରେ ଦେଖିଆସିଥିବା ମୟୂରର ପୁଚ୍ଛଟେକି ନାଚିବାର ଅପରୂପ ଦୃଶ୍ୟକୁ ।

ନବୀନର ସାଙ୍ଗ ରବୀଶ ମନରେ କୌତୁହଳର ପର୍ଦ୍ଦାଫାସ ହୋଇଛି । ପ୍ରଶ୍ନରେ ଆଙ୍କି ହୋଇଦେଇଛି ଖୋଜିବା ଓ ପାଇବାର ଚିତ୍ରଟିଏ । ବିଦ୍ୟାଳୟ ଛୁଟିପରେ ଫେରନ୍ତା ଚଲାବାଟରେ ନବୀନ ଦେଖିପାରିଛି ଏକ ପଥର ଚଟାଣରେ ମୟୂରମାନେ ପୁଚ୍ଛକୁ ନିଜ ଥଣ୍ଟ ସାହାଯ୍ୟରେ ସଫା କରିବାର ଅଦ୍ଭୁତ ଦୃଶ୍ୟ । ପୁଚ୍ଛକୁ ଗୋଟେଇ ଆଣିଛି ଓ ସଯତ୍ନରେ ସ୍କୁଲ ବ୍ୟାଗରେ ସଜେଇ ରଖି ଘରକୁ ଫେରିଛି । ପ୍ରିୟ ସାଙ୍ଗ ରବୀଶର ଆଗ୍ରହକୁ ସମ୍ମାନ ଜଣେଇ ଦୁଇଟି ପୁଚ୍ଛ ସାଇତି ରଖିଛି । ମୟୂର ପ୍ରତି ଯେତିକି ଆକର୍ଷଣ ଘନେଇ ଆସିଛି ତା'ଠୁ ଅଧିକ ଆନ୍ଦୋଳିତ କରିଛି ତା ଗାଁ ପାଖରେ ଥିବା ବନଝରଣା, ନଦୀ ଓ କିଛି ବଣୁଆପକ୍ଷୀଙ୍କର ବାସସ୍ଥାନ । ସେଥିପାଇଁ କେହି କେହି କହୁଥାଆନ୍ତି ସତରେ ନବୀନ ହେଉଛି 'ପକ୍ଷୀ ପ୍ରେମିକ ।' ରାତି ପାହି ସକାଳ ହୋଇଛି ପ୍ରକୃତିର ନିୟମାନୁଯାୟୀ ।

ନବୀନ ବିଦ୍ୟାଳୟରେ ପହଞ୍ଚି ଏକ ଅହେତୁକ ଖୁସିରେ ରବୀଶକୁ ପୁଚ୍ଛ ଦେଲାବେଳେ ନଜର ପଡ଼ିଯାଇଛି ଶ୍ରେଣୀ ଶିକ୍ଷୟିତ୍ରୀ ନାଗବେଣୀଙ୍କର । ପିଲାମାନଙ୍କୁ ଆଗ୍ରହରେ ପଚାରିଛନ୍ତି- 'ପ୍ରିୟ ପିଲାମାନେ, ସତରେ ମୟୂର ପୁଚ୍ଛଗୁଡ଼ିକ ସୁନ୍ଦର ଦେଖାଯାଉ ନାହିଁ କି ? ଏ ପକ୍ଷୀର ସ୍ୱତନ୍ତ୍ରତା ତୁମେମାନେ ଜାଣ କି ?

ISSN NO.
2582-208X

ପିଲାଏ ଏକ ସ୍ୱରରେ କହିଛନ୍ତି- ମୟୂର ହେଉଛି ଆମ ଦେଶର ଜାତୀୟ ପକ୍ଷୀ । ଶିକ୍ଷୟିତ୍ରୀ ନାଗବେଣି ବି ସମ୍ମତି ରଖିଛନ୍ତି କଥାରେ ।

ମୟୂରୀର ପୁଚ୍ଛ ନାହିଁ ବୋଲି ଏକ କୌତୁହଳତା ଉଙ୍କିମାରିଛି ପିଲାଙ୍କ ମନରେ । ଶିକ୍ଷୟିତ୍ରୀ ପିଲାଙ୍କର ଉତ୍ସୁକତାକୁ ସୁନ୍ଦର ରସାଣିତ ଢଙ୍ଗରେ ବୁଝେଇଛନ୍ତି । ମୟୂରୀ ଅଣ୍ଡା ଦେବାରେ ସକ୍ଷମ ଥାଏ । ଛୁଆର ଲାଳନପାଳନର ଦାୟିତ୍ୱ ବହନ କରିଥାଏ । ସେଇଥିପାଇଁ ପୁଚ୍ଛ ନଥାଏ ମୟୂରୀଙ୍କର ।

ଯେତେବେଳେ ଶିକ୍ଷୟିତ୍ରୀ ନାଗବେଣୀ କହିଛନ୍ତି ଯେ ବାଂଲାଦେଶ ଓ ଶ୍ରୀଲଙ୍କାରେ ମୟୂରଙ୍କର ସ୍ଥିତି ରହିଛି ଅଥଚ ଏ ପକ୍ଷୀ ସେ ଦେଶର ଜାତୀୟ ପକ୍ଷୀ ନୁହେଁ, ପିଲାଙ୍କ ମନରେ ଆଗ୍ରହ ଜନ୍ମିବା ଏକ ସାଧାରଣ କଥା । ତେଣୁ କହିଦେଇଛନ୍ତି ଯେ ବାଂଲାଦେଶର ଜାତୀୟ ପକ୍ଷୀ 'ମ୍ୟାଗ୍ ଫାଇ' ହୋଇଥିଲାବେଳେ ଶ୍ରୀଲଙ୍କାର ଜାତୀୟ ପକ୍ଷୀ 'ବଣ କୁକୁଡ଼ା।'

ଏକ ଲୟରେ ଶୁଣୁଥିବା ଅନ୍ୟ ଜଣେ ଛାତ୍ରୀ ଦୀପିକା ପ୍ରଶ୍ନଟିଏ ଥୋଇଛି । ତା ପାଇଁ ଉତ୍ତରରେ କୁହାଯାଇଛି ପୁରୁଷ ବଣ କୁକୁଡ଼ା ହେଉଛି ଶ୍ରୀଲଙ୍କାର ଜାତୀୟପକ୍ଷୀ । ଏଭଳି ଜିଜ୍ଞାସାର ବାଟ ମଝିରେ ମ୍ୟାଗ୍ ଫାଇର ଲିଙ୍ଗ ସମ୍ପର୍କରେ ସୂଚନା ଦେଇପାରି ନାହାଁନ୍ତି ଶିକ୍ଷୟିତ୍ରୀ ।

ଯାହା ହେଉନା କାହିଁକି ବିଦ୍ୟାଳୟ ହେଉଛି ଶିକ୍ଷାର ଉତ୍କୃଷ୍ଟ ପରିସର । ଜାତୀୟ ପକ୍ଷୀ ବିଷୟରେ ଅଧିକ ଜ୍ଞାନ ପ୍ରସାରିତ କରିଛନ୍ତି ଶିକ୍ଷୟିତ୍ରୀ । ସାଧାରଣ ଜ୍ଞାନକୁ ଅଧିକ ବ୍ୟାପକ କରି ବିଭିନ୍ନ ଦେଶର ଜାତୀୟ ପକ୍ଷୀଙ୍କ ବିଷୟରେ ଅବଗତ କରାଇଛନ୍ତି । ହଁ ଏଇଟା ତ ଶୁଭ ସୂଚନା । ଛାତ୍ରଛାତ୍ରୀମାନେ ସାଧାରଣ ଜ୍ଞାନକୁ ଯେତେ ସାଇତି ରଖିବେ ସେହି ପାରିମାଣରେ ବୁଦ୍ଧିମାନ ହୋଇପାରିବେ ।

କୁକୁଡ଼ା ଅଣ୍ଡା ଦିଏ ଏହା ସର୍ବବିଦିତ । ନବୀନର ଘରେ ରହିଛି ଧୂସୁରିଆ କୁକୁଡ଼ା । ଏବେ ବୋଧହୁଏ ଆସିଯାଇଛି କୁକୁଡ଼ାର ଅଣ୍ଡା ଦେବା ସମୟ ! କୁକୁଡ଼ା କିଭଳି ସୁରୁଖୁରୁରେ ଅଣ୍ଡା ଦେଇ ଉଷୁମାଇବ ଏଇକଥା ନବୀନର ମାଆ କହୁଛନ୍ତି ଏବଂ ନବୀନ ଉତ୍ତର ଦେଇଛି

ISSN NO.
2582-208X

– ମାଆ ମୁଁ ବାଉଁଶଗୁଡ଼ିକୁ ସଫା କରିଦେଇଛି ଏବଂ ନୂଆ ନଡ଼ା ପକେଇଦେଇଛି । କରତଗୁଣ୍ଡ ବିଛେଇଦେଇଛି ।

ନବୀନର ବାପା ଟିମ୍ମୟା କ୍ଷେତବାଡ଼ିରୁ ଫେରି ସମସ୍ତ ବିବରଣୀ ପ୍ରାପ୍ତିରେ ଖୁସି ଜାହିର କରିଛନ୍ତି ଏବଂ କୁକୁଡ଼ାର ଅଣ୍ଡା ଉଷୁମାଇବାର ଧାର୍ଯ୍ୟ ଦିନକୁ ଅପେକ୍ଷା କରିଛନ୍ତି । ନବୀନ ମଧ୍ୟ ଉତ୍କଣ୍ଠା ମନରେ ଭାବି ଭାବି ଶୋଇପଡ଼ିଛି ଆରାମରେ ।

ତା ପର ଦିନ ଶନିବାର । ମନରେ ଅନେକ ଆଶା ଓ ଉଦ୍ଦୀପନା ବସା ବାନ୍ଧିଛି ନବୀନ ମନରେ । ବିଦ୍ୟାଳୟରୁ ପାଠକାର୍ଯ୍ୟ ସମାପ୍ତି ପରେ ଫେରିଛି ଘରକୁ । ବାଟରେ ଦେଖିଛି ମୟୂରୀକୁ, ହେଲେ ମୟୂର ଯାଇଛି କୁଆଡ଼େ ? ମୟୂରୀ ବୋଧହୁଏ ଦେଖିନାହିଁ ନବୀନକୁ, ଦେଇଥିବା ଅଣ୍ଡା କାଳେ ନବୀନ ହାତରେ ପଡ଼ିଯିବ ଆଶଙ୍କାରେ ବୁଦାମୂଳକୁ ଯାଇ ଲୁଚିବାକୁ ଚେଷ୍ଟା କରିଛି ସେ । ଅଥଚ ବିକଟାଳ ରଡ଼ି କରି ଫେରିଆସିଛି । ସାପ...ସାପ...। ନବୀନ ସତର୍କ ହେଇଯାଇଛି କାରଣ ସେ କେଉଁଠି ସୂଚନାଟିଏ ପଢିଛି- ସର୍ପ ସମାନ ଭୟଙ୍କର/ଦୁର୍ଜନ ସଙ୍ଗ ପରିହର।

ବାଡ଼ି ଧରି ସାହସ ସଂଚୟ କରିଛି ନବୀନ । ବାଳୁତ ହେଲେ ବି ସେ ପକ୍ଷୀ ପ୍ରେମିକ । କାଳେ ମୟୂରୀ ପ୍ରତି ବିପଦ ଥାଇପାରେ ! ତା ମନୋଭାବ ସଠିକ୍ । ବୁଦାରେ ମୟୂରୀର ବସା । ବୋଧହୁଏ ଅଣ୍ଡା ରଖିଛି ! ଚାରିଟା ଅଣ୍ଡାରୁ ତିନିଟା ଅଣ୍ଡା ସାପ ଖାଇଛି ବୋଲି ଲେଖକ ଜାଣିଛନ୍ତି କିପରି ? ମୟୂରୀ ଚାରିଟା ଅଣ୍ଡା ଦେଇଥିବା ସଂପର୍କରେ ସୂଚନା ତ ନାହିଁ । ସାପ ଅଣ୍ଡା ଖାଇବା ପ୍ରସଙ୍ଗକୁ ରଖିବା ଉଦ୍ଦେଶ୍ୟରେ ତିନୋଟି ଅଣ୍ଡା ସାପ ଖାଇଛି ବୋଲି କୁହାଯାଇଛି । ଗୋଟିଏ ଅଣ୍ଡା ସୁରକ୍ଷିତ । ଅଣ୍ଡାର ସୁରକ୍ଷା ପାଇଁ ନେଇଆସିଛି ଘରକୁ ନବୀନ । ଦେଖେଇଛି ବାପା ମାଆଙ୍କୁ ଓ ବାପାଙ୍କ କଥାରେ ରଖିଦେଇଛି କୁକୁଡ଼ା ଦେଇଥିବା ଅଣ୍ଡା ପାଖରେ ।

ନିର୍ଦ୍ଧାରିତ ଦିନ ପରେ ଘର ବାରିପଟେ ଅଣ୍ଡା ଫୁଟିଛି । ନଅଟି ଅଣ୍ଡାରୁ ସାତୋଟି କୁକୁଡ଼ା ଚିଆଁ ବାହାରି ଚିକ୍..ଚିକ୍..ଚିକ.କରୁଛନ୍ତି । ଆହୁରି ଦୁଇଟି କୁକୁଡ଼ା ଅଣ୍ଡା ସହ ଗୋଟିଏ ମୟୂରୀ ଅଣ୍ଡା ଫୁଟିବାକୁ ବାକି ଅଛି ।

ISSN NO.
2582-208X

ଚିନ୍ତାଗ୍ରସ୍ତ ନବୀନ । ଶ୍ରଦ୍ଧା ଓ ଯତ୍ନରେ ରଖିଛି ମୟୂରୀର ଅଣ୍ଡାକୁ, ହେଲେ ଏ ପର୍ଯ୍ୟନ୍ତ ଛୁଆଟିଏ ଦେଖିପାରୁନି । ଶିକ୍ଷୟିତ୍ରୀ ଓ ସହପାଠୀମାନେ ନବୀନର ବିଷର୍ଣ୍ଣ ବଦନକୁ ଚାହିଁ ରହିଛନ୍ତି । ଅବଶ୍ୟ ଶିକ୍ଷୟିତ୍ରୀ ଘଟଣାକୁ ଜାଣିଲାପରେ ଆଶ୍ୱାସନା ଦେଇଛନ୍ତି ନବୀନକୁ । କହିଛନ୍ତି- କୁକୁଡ଼ା ଅଣ୍ଡା ମୟୂର ଅଣ୍ଡା ଠାରୁ ଆଗୁଆ ଫୁଟିଥାଏ । ହଁ ଯେତେବେଳେ ମୟୂର ଅଣ୍ଡା ଫୁଟି ଛୁଆ ବାହାରିବ ଜଣାଇବାକୁ କହିଛନ୍ତି କାରଣ ସେ କେବେ ଦେଖିନାହାଁନ୍ତି ।

ବିଦ୍ୟାଳୟରୁ ଫେରିଛି ସଅଳ ତଥା ବ୍ୟଗ୍ରତାରେ ନବୀନ । ମନ ଲାଖିରହିଛି ଅଣ୍ଡା ଫୁଟି ଛୁଆ ହେଲା କି ନାହିଁ । ମାଆଙ୍କର ଏକ ଯୁକ୍ତାତ୍ମକ ଉତ୍ତରରେ ଖୁସି ହୋଇଯାଇଛି ନବୀନ କାରଣ ଅଣ୍ଡା ଫୁଟି ମୟୁର ଛୁଆ ମୁହଁ ଦେଖେଇଛି । ମାଆ କୁକୁଡ଼ା ଡେଣା ଭିତରେ ପଶିଯାଉଛି ।

ସନ୍ଧ୍ୟାରେ ଘରକୁ ଫେରିଲା ପରେ ନବୀନ ଶୁଣିପାରିଛି ମୟୂରଛୁଆର ନାକ, ବେକ, ଆଖି ଓ ରଙ୍ଗ ବିଷୟରେ ଏକ ଉଲ୍ଲସିତ ମୁଦ୍ରାରେ । ଅଧିକ ବ୍ୟଗ୍ରତା ପ୍ରକାଶ କରି ଚାରିଦେଇଛି ତା ବାପାଙ୍କୁ -କେମିତି ଆମେ ଜାଣିବା ଛୁଆଟି ମାଇ କି ଅଣ୍ଡିରା, କେବେ ଝଟକିବ ମୁଣ୍ଡରେ ମୁକୁଟ ଓ ଦେହରେ ପୁଚ୍ଛ । କାରଣ ମୟୂର ପୁଚ୍ଛକୁ ସେ ସାଇତିରଖିଛି ସ୍କୁଲ ବ୍ୟାଗରେ । ଦେଖିଛି କଳାହାଣ୍ଡିଆ ମେଘ ତଳେ ମନଖୋଲା ନାଚ ।

ଟିମ୍ପାପ୍ପା ବୁଝେଇଛନ୍ତି ସରଳ ଭାଷାରେ - ହଁ କୁକୁଡ଼ା ଛୁଆ ସହ ସାଥୀ ହୋଇ ବୁଲିବ, ଆହାର ଖାଇବ । ଟିକେ ବଡ଼ ହେଲା ପରେ ସ୍ୱାଧୀନ ଭାବରେ ରହିପାରିବ । ମୟୂର କି ମୟୂରୀ ସହ ମନଖୁସିରେ ରହିବ । ବଣ ଜଙ୍ଗଲ ପାହାଡ଼ ତଳି ତ ତା ଘର । ସେଇଠି ହିଁ ଖୁସି ଆନନ୍ଦର ବେଳକୁ ଦରାଣ୍ଡିବ । ସତରେ ବାପା ମୟୁର ଛୁଆଟି ଏଇଠି ନ ରହି ଜଙ୍ଗଲକୁ ଫେରିଯିବ ! ନବୀନ ମନରେ ଆଶଙ୍କା ଜାଗିଛି ।

ପର ଦିନ ଖବରଟି ବିଦ୍ୟାଳୟରେ ପହଞ୍ଚାଇ ନବୀନ ଆତ୍ମସନ୍ତୋଷ ପାଇଛି । ଉତ୍ସୁକତାରେ ସାଙ୍ଗସାଥୀ ଓ ଶିକ୍ଷୟିତ୍ରୀ ଯୋଜନା କରିଛନ୍ତି ନବୀନ ଘରକୁ ଯାଇ ମୟୁର ଛୁଆକୁ ଦେଖିବାପାଇଁ । କଅଁଳ ଛୁଆ ପୁଣି ବଣରାଇଜର ପକ୍ଷୀଛୁଆକୁ ଦେଖିବାକୁ ମନ ବଳିବନି

ISSN NO.
2582-208X

କେମିତି । ମୁଁ ତ ଅନେକ ଥର ଦେଖିଛି ଆମ ଘର ବାରିପଟେ ଚଢେଇଛୁଆଙ୍କୁ । ମାଆ ସାଥିରେ ଗେଲ ହେବାର ମୁହୂର୍ତ୍ତ ଏବେ ବି ମନେପଡୁଛି ।

ବଣଭୋଜି ଦିବସ ପାଳନ ଅଭିପ୍ରାୟରେ ସମସ୍ତେ ନବୀନର ଘରକୁ ଯିବାକୁ ଯୋଜନା କରିଛନ୍ତି । ଶିକ୍ଷୟିତ୍ରୀ ନାଗବେଣୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଆବଶ୍ୟକୀୟ ଅନୁମତି ପାଇଛନ୍ତି କିନ୍ତୁ ଗୋଟିଏ ସର୍ତ୍ତରେ – କେହି ମୟୂର ଛୁଆ କି କୁକୁଡ଼ା ଛୁଆକୁ ଛୁଇଁବେ ନାହିଁ କିମ୍ବା ଖାଇବା ଜିନିଷ ଦେବେନାହିଁ । କଥାଟି ମନକୁ ପାଇଛି ସଭିଙ୍କର ।

ନବୀନ ବାପାଙ୍କ ମନରେ ଖୁସି ଆଉ ଖୁସି । ସଭିଙ୍କ ପାଇଁ ସନ୍ଧ୍ୟାରୁ ରାତିଯାଏଁ ପିଠା ଓ ଚୁରୁମୁରି ପେଲେଟ ତିଆରିରେ ବ୍ୟସ୍ତ ରହିଛନ୍ତି । ହଁ ସୂଚୀତ କରାଯାଇପାରେ ଯେ ଚୁରୁମୁରି ପେଲେଟ ଆମ ଓଡ଼ିଆ ପିଲା ବୁଝିପାରିବେ ତ । ଅନୁବାଦକ ଏଥିପ୍ରତି ସଚେତନ ରହିବା ଆବଶ୍ୟଜ ବୋଲି ମୁଁ ମଣୁଛି ।

ନବୀନ ସତେ ଯେମିତି ବାଟ କଢେଇ ନେଉଛି । ଜଙ୍ଗଲ ଭିତରେ ପ୍ରବେଶ କରନ୍ତେ ଜଙ୍ଗଲର ସବୁଜିମା, ଝରଣାର କୁଳୁକୁଳୁ ନାଦ, ଝରଣା ପାଣିର ପ୍ରତିକୂଳରେ ଭାସୁଥିବା ଛୋଟ ଛୋଟ ମାଛ ଦେଖିଥାନ୍ତି । ସାଥିରେ ଆଣିଥିବା ଜଳଖିଆ ଖାଇ ଖୁସି ମନଉଥାନ୍ତି । ମୟୂରର ପ୍ରଶଂସାରେ ଗୀତର ଲହର ଛୁଟୁଛି ସହପାଠୀ ରେଣୁକା କଣ୍ଠରୁ ।

ବାଃ ପାଖେଇଆସୁଛି ନବୀନର ଘର । ଘର ଯେତିକି ନିକଟତର ହେଉଛି ସେତିକି ବ୍ୟଗ୍ରତା ମନକୁ ଅସ୍ତବ୍ୟସ୍ତ କରୁଛି । ପହଞ୍ଚିଲାପରେ ନବୀନର ମାଆ ଓ ବାପା ପିଲାମାନଙ୍କୁ ଚୁରୁମୁରି ପେଲେଟ ଦେଇ ଆପ୍ୟାୟିତ କରୁଥାନ୍ତି । ସମସ୍ତଙ୍କ ମନରେ ଗୋଟିଏ ଇଛା କୁକୁଡ଼ା ଓ ମୟୂର ଛୁଆକୁ ଦେଖିବା । ଏବେ ସେ ଖୁସିର ବେଳ ଆସିଛି । ଆଖି ପୂରେଇ ଦେଖୁଛନ୍ତି ସଭିଏ । ଦେଖିଦେଇ ପାଟିରେ ଚିଲଉଥାନ୍ତି– ଓଃ କେଡ଼େ ସୁନ୍ଦର ମୟୂର ! ଏମିତି ବି କୁକୁଡ଼ା ଛୁଆ ସୁନ୍ଦର ।

ପିଠା ଓ କାଶାୟା ପିଇ ଆନନ୍ଦରେ କୁରୁଳିଥାଆନ୍ତି ସଭିଏ । କାଶାୟା କି ପ୍ରକାର ପଦାର୍ଥ ଏବଂ କେଉଁ ପ୍ରକାର ପିଠା ତିଆରି ହୋଇଛି ସୂଚନାର ଆବଶ୍ୟକତା ରହିଛି ।

ISSN NO.
2582-208X

ଅନୁବାଦ ବେଳେ ନିଜ ଅଂଚଳର ପିଲାଙ୍କୁ ବୁଝେଇଲା ପରି ବର୍ଣ୍ଣନା କରିବା ଜରୁରୀ । ଖୁସି ଓ ଆନନ୍ଦକୁ ସାଉଁଟି ଫେରିଯାଇଛନ୍ତି ସଭିଏ ।

ମୟୂର ଏକ ଜାଙ୍ଗଲିକ ପକ୍ଷୀ । ଘରେ ପାଳନ କରି ରଖିବା ଏକ ଅପରାଧ । ଏକଥା ନବୀନ ପରି ବାଳୁତ ପିଲା ବୁଝିପାରିବ ବା କେମିତି । ମନକଥାକୁ ସମ୍ମାନ ଜଣେଇ ବନବିଭାଗ କର୍ମଚାରୀମାନେ ଯତ୍ନରେ ପାଳିବା ପାଇଁ କହିଛନ୍ତି । ଆଶ୍ୱସ୍ତି ଅନୁଭବ କରି  ନବୀନ ଅତି ଯତ୍ନର ସହ ରଖିଛି ମୟୁର ଛୁଆକୁ ।

ସମୟ କ୍ରମେ ମୟୂରଛୁଆ ବଡ଼ ହୋଇଛି ବୋଲି ଲେଖକ ସୂଚେଇଛନ୍ତି ତେବେ ସିଏ ଅଣ୍ଡିରା ନା ମାଈ ଦର୍ଶାଇ ନାହାଁନ୍ତି । ପକ୍ଷୀଟିଏ ଦେହରେ ପର ଲାଗିଲେ ସେ ଉଡ଼ିବାକୁ ଇଛାକରେ। ସ୍ୱାଧୀନତା ଖୋଜେ । ସାରା ଆକାଶଟା ତାହାର । ଜଙ୍ଗଲ ପାହାଡ଼ ତଳି ହିଁ ତା ବସାଘର। ସେଇଥିପାଇଁ ବୋଧହୁଏ ତା ବାପା ମାଆଙ୍କୁ ଖୋଜିଛି । ତା ଜନ୍ମମାଟିକୁ ଖୋଜିଛି । ଦିନେ ଉଡ଼ିଯାଇ ଗୋଟିଏ ଡେଙ୍ଗା ଗଛରେ  ଆଶ୍ରୟ ନେଇଛି । ସ୍ୱ ଜାତି ପରହିଂସ୍ରକ । କାଉ ପକ୍ଷୀ ହୋଇ ନିଜ ଗୁଣକୁ ଛାଡ଼ିବ କିପରି । କାଉ ରାବିଲେ ସାଥୀମାନେ ଏକାଠି ହେଇଯାଆନ୍ତି । କା...କା...ଶବ୍ଦରେ ଫଟେଇଦିଅନ୍ତି ସାରା ଅଞ୍ଚଳ। ସୁଯୋଗ ଉଣ୍ଡି ଶତ୍ରୁକୁ ଆକ୍ରମଣ କରନ୍ତି । ଦୁଷ୍ଟ କାଉମାନେ ଖୁମ୍ପିଛନ୍ତି  । କିନ୍ତୁ ଆସନ୍ନ ବିପଦରୁ ଖସି ଯାଇଛି ମୟୂର । ମୟୁର ଯାଇଛି କୁଆଡ଼େ ! ହଁ ଜଙ୍ଗଲ ହିଁ ତା ବସାଘର, କେଉଁଠି ନିରାପଦ ଭାବି ଲୁଚି ଯାଇଥିବ ।  ସେଇଠି ଅଛି ଭଲରେ ଥାଉ ।

ନବୀନ ସିନା କୁକୁଡ଼ା ଭାଡ଼ିରୁ ମୟୂର ପର ଆଣି ବହି ଭିତରେ ରଖିଛି ହେଲେ  ଖୋଜି ଖୋଜି ଦେଖୁନାହିଁ ଆଉ । ସ୍କୁଲ ଯିବା ଆସିବା ବେଳରେ ଚାହିଁରହୁଛି ଖୋଲା ପଡ଼ିଆକୁ  ଯେଉଁଠି ଆଗରୁ ଦେଖିଆସିଛି ମୟୁରକୁ ।

ଚମତ୍କାର ଶିଶୁ ଉପନ୍ୟାସ 'ନବୀନର ମୟୂର' । ଗୋଟିଏ ଛୋଟ କାହାଣୀକୁ ଲମ୍ବେଇ ଅନେକ କିଛି ସୂଚନାକୁ ଆଧାର କରି ଉପନ୍ୟାସଟି ଲିଖିତ ହୋଇଛି । ମୟୂରର ବିଭିନ୍ନ ବିଭାଗକୁ ନେଇ ପ୍ରାଣୀବିଜ୍ଞାନ ଆଧାରରେ ଲେଖା ଯାଇଥିଲେ ଅଧିକ ରୁଚିପୂର୍ଣ୍ଣ

ISSN NO.
2582-208X

ହୋଇପାରିଥାନ୍ତା। ନବୀନ  କେଉଁ ଶ୍ରେଣୀର ଛାତ୍ର ଓ ସ୍କୁଲକୁ ଯାଇ କଅଣ ପାଠ ପଢୁଛି, ସେ ବିଷୟରେ ଉହ୍ୟ ରହିଯାଇଛି ।

ଜଣେ କନ୍ନଡ଼ ସାହିତ୍ୟିଙ୍କର ଶିଶୁ ଉପନ୍ୟାସକୁ ଅନୁବାଦ କରି ନାଁ ରଖିଛନ୍ତି 'ମୁଁ ବି ଆମ୍ବେଦକର ।' ଅବଶ୍ୟ ଉକ୍ତ ଉପନ୍ୟାସଟି ପାଠକୀୟ ଆଦର ପାଇସାରିଛି । ସେହି ଉପନ୍ୟାସିକ ଶ୍ରୀଯୁକ୍ତ ବ୍ୟାକୋଡ଼ଙ୍କର ଅନ୍ୟ ଏକ ଉପନ୍ୟାସକୁ ଅନୁବାଦ କରି ଶୀର୍ଷକ ରଖିଛନ୍ତି -ନବୀନର ମୟୁର ।  କିନ୍ତୁ  ପ୍ରଶ୍ନଉଠୁଛି ଯେ ଜଣେ ନିର୍ଦ୍ଦିଷ୍ଟ ସାହିତ୍ୟିକଙ୍କର ଉପନ୍ୟାସକୁ ଅନୁବାଦ କରିବାକୁ କାହିଁକି ମନ ବଳେଇଛନ୍ତି ଶ୍ରୀଯୁକ୍ତ ମଙ୍ଗରାଜ ? ହଁ ହେଇପାରେ ଓଡ଼ିଆ ଭାଷା ବ୍ୟତୀତ କନ୍ନଡ଼ ଭାଷାର ପୁରସ୍କୃତ ଶିଶୁ ଉପନ୍ୟାସକୁ ଅନୁବାଦ କଲେ କାଳେ ଅଧିକ ପରିମାଣରେ ପାଠକୀୟ ମର୍ଯ୍ୟାଦା ମିଳିଯାଇପାରେ !!

ଯାହା ହେଉ ପଛେ ଏକ ଶିଶୁର ମାନସିକ ମୂଲ୍ୟବୋଧକୁ ଉପନ୍ୟାସର ଛାଞ୍ଚରେ ଗଢ଼ାହେଇଛି, ତେଣୁ ମୂଳ ଶିଶୁଔପନ୍ୟାସିକଙ୍କୁ ଶୁଭକାମନା । ଅନୁବାଦ କରି ଓଡ଼ିଆ ପାଠକମାନଙ୍କ ପାଖରେ ସରଳ ଭାବରେ ପହଞ୍ଚିବାର ପ୍ରୟାସ ରଖିଛନ୍ତି । ଜଣେ ସମୀକ୍ଷକ ହୋଇ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ମଙ୍ଗରାଜଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ଓ ଶିଶୁ ଉପନ୍ୟାସର ଗତିପଥ ପ୍ରଶସ୍ତ ବୋଲି ମନେକରୁଛି ।

(((-)))

ପାନ୍ଥପଡା, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ଭାବନା ଦେଖାଏ ମାର୍ଗ ..



ରଂଜିତ ନାଏକ

ଏ ଜଗତେ ଯେତେ ସୃଷ୍ଟି ସୃଷ୍ଟି ମଧ୍ୟେ
ସର୍ବ ଅଟେ ଭିନ୍ନ ଭିନ୍ନ
ସ୍ୱଭାବରେ ଚାଲେ ସମସ୍ତ ଜୀବନ
ପ୍ରାକୃତିକ ଗୁଣେ ଜାଣ

ଶାରୀରିକ ସ୍ଥିତି ସମସ୍ତ ସମାନ
ଜୀବ ନିର୍ଜୀବଙ୍କ ଯେତେ
ମାନସିକ କ୍ରିୟା ନୁହଇ ସମାନ
ସ୍ୱାଭାବିକ ଢଙ୍ଗେ ସତେ !

ପରିବେଶ ମତେ ବ୍ୟକ୍ତିତ୍ୱ ବିକାଶ
ସାଧୁ ବା ଅସାଧୁ ପଣ
ଅନ୍ତର ନିହିତ ଯେତେ ସବୁ ଗୁଣ
କ୍ୱଚିତ ହୁଏ ପାଷାଣ

ବଂଶାନୁକ୍ରମିକ ଗୁଣସୂତ୍ର ନେଇ
ଜୀବର ସ୍ୱଭାବ ଯେତେ
ପରିବେଶ ପାଇ ବିକଶିତ ହୋଇ
ସକ୍ରିୟ ସମାଜ ସାଥେ

ISSN NO.
2582-208X

ଲୋଭ ମୋହ ମାୟା କାମ କ୍ରୋଧ ମଦ
ପ୍ରକୃତି ଜୀବିତ ହୋଇ
ଅନୁକୂଳ ହେଲେ ବୃଦ୍ଧି ହୋଇ ସର୍ବ
ମନକୁ ଦିଅନ୍ତି ବାନ୍ଧି

ବିଚିତ୍ର ସୃଷ୍ଟିରେ ସମସ୍ତ ବିଚିତ୍ର
ଚୋର ପୁଅ ସାଧୁ ହୋଇ
ଅସମ୍ଭବ ବୋଲି ଏଠି କିଛି ନାହିଁ
ରାଜା ଭିକାରି ହୁଅଇ

ଭାବନା ଗୋଟିକ ଅମୂଲ୍ୟ ସମ୍ପଦ
ଜୀବନେ ମାର୍ଗ ଦେଖାଇ
ଯେମିତି ଭାବନା ସେମିତି ଜୀବନ
ସମାଜରେ ଚାଲୁଥାଇ

ସମୟ ସମାନ ସମସ୍ତଙ୍କ ପାଇଁ
ଦିବାନିଶି ଏ ଜୀବନେ
ବ୍ୟବହାର ନେଇ ସମୟ କରମେ
ପ୍ରକାଶିତ ଆମେମାନେ

(((-)))

ଉଦୟପୁର, ବୌଦ୍ଧ
8114852494

ISSN NO.
2582-208X

# ସେ କାଳ ପଖାଳ ଗଲ୍ଣି



ଅମରନାଥ ବାରିକ୍

ସେ କାଳ ପଖାଳ ଗଲାଣି
ଗାଡ଼ିଆ ନଈ ଶୁଖିଲାଣି ।
କିଏ ଆଉ ମାଛ ଧରୁଛି
କିଣି ଖାଇଦେଲେ ସରୁଛି ।
ସୁଖିଲାରେ ମାଛ ଖାଇବେ
କାଦୁଅ ଛିଟା ନ ହୋଇବେ ।
ପାଣି କାଦୁଅରେ ଖେଳିବା
ତୋଟା ଗହଳରେ ଲୁଚିବା ।
ଶିଆଳି ଲତାରେ ସେ ଝୁଲି
ନାହିଁ ପୁଣି ସେ ମାଟି ଚୂଲି ।
ରଜ ସଜବାଜ ଲିଭିଲା
ତାଆସ ବାଗୁଡ଼ି ହଜିଲା ।
ଛପର ଘରଟି ସପନ
ଗାଁଆ ଅନୁଭୂତି ଗୋପନ ।
ଘରଚଟିଆର କିଚିରି
ବାଇଆ ଚଢ଼େଇ ମିଚିରି ।
ସବାରୀ ପାଲିଙ୍କି ଲଣ୍ଠନ
ଦେଖିଛକି ବାପ ରତନ !
ଖଟି ଖାଇ କାଟି ପିନ୍ଧୁଛି
କିଏ ମାଟି ହାଣ୍ଡି ଗଢୁଛି ।

ISSN NO.
2582-208X

ଘରଣୀ ହେବ କି ରାନ୍ଧୁଣୀ
ସାଜିଲେ ସଭିଏଁ ମାଷ୍ଟ୍ରାଣୀ ।
ପାଟି ଟାକୁ ଟାକୁ କରୁଥା
ସରଗୁ ଗଳିବ ଚାହିଁଥା ।
ମୋବାଇଲ୍ ରୋଗ ଗ୍ରାସିଲା
ଦେଖୁ ଦେଖୁ ଦିନ ସରିଲା ।
ପଇସା ପଛରେ ଧାଇଁଲେ
ସବୁ ପୋଡ଼ିପାଡ଼ି ଖାଇଲେ ।
ଭଲ ମନ୍ଦ କିଏ ବାଛୁଛି
ନିଜେ ଜ୍ଞାନୀ ବୋଲି ମଣୁଛି ।
ମହଙ୍ଗା ଯେମିତି ହେଲାଣି
ତେଲ ଲୁଣ ଗ୍ୟାସ୍ ମାଗୁଣି ।
ପେଟ୍ରୋଲର ଦର ବଢ଼ିଲା
ସାଇକେଲ ଖୋଜା ପଡ଼ିଲା ।

(((–)))

ଗ୍ରା/ପୋ–କୟାଁ, ଥା–ମଙ୍ଗଳପୁର, ଜି–ଯାଜପୁର
ଓଡ଼ିଶା, ପିନ୍ ନମ୍ବର – ୭୫୫୦୧୧
ଦୂରଭାଷା – ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

ISSN NO.
2582-208X

# ଅଘୋରୀଙ୍କ ମହାଶ୍ମଶାନ



ପ୍ରିୟବ୍ରତ ପାତ୍ର

ତାରାପୀଠ ପ୍ରାଚୀନ ଭାରତୀୟ ତନ୍ତ୍ରବିଜ୍ଞାନର ଏକ ବିସ୍ମୟ । ଅତଏବ ସମସ୍ତ ଅଘୋରୀଙ୍କ ନିମନ୍ତେ ପରମ ପବିତ୍ର ପୀଠ । ତାର ମହାଶ୍ମଶାନ, ଭାରତର କତିପୟ ଶାସ୍ତ୍ର ସ୍ୱୀକୃତ ଶ୍ମଶାନ ଭିତରେ ସର୍ବଶ୍ରେଷ୍ଠ । ତେଣୁ କାଳକାଳ ଧରି ତନ୍ତ୍ରାଭିଳାଷୀମାନେ ଏହି ଶ୍ମଶାନର ପବିତ୍ର ଧୂଳିମାଟିରେ ଅବଗାହନ କରିଛନ୍ତି ।

ତନ୍ତ୍ରର ପ୍ରଚଣ୍ଡ ଶକ୍ତିମୟୀ ଦେବୀ ତାରା ହିଁ ଏହି ପୀଠରେ ପୂଜିତା । ଏହି ତାରା ଖାଲି ହିନ୍ଦୁ ବା ଅଘୋରୀମାନଙ୍କ ଆରାଧ୍ୟା ନୁହନ୍ତି, ସେ ବୈଦିକ ଯୋଗରେ ବି ପୂଜିତ ହେଉଥିଲେ । ଜୈନଶାସ୍ତ୍ର ରେ ବି ତାଙ୍କର ବର୍ଣ୍ଣନା ରହିଛି, ପୁଣି ବଜ୍ରଯାନ ବୌଦ୍ଧ ପରମ୍ପରାରେ ମଧ୍ୟ ତାରାଙ୍କ ଅଖଣ୍ଡ ପ୍ରତିପତ୍ତି ରହିଛି । ଅନେକ ଭାବେ ଗୁହ୍ୟ, ଅପ୍ରକାଶିତ ଓ ସାଂକେତିକ ଏହି ତନ୍ତ୍ରବିଦ୍ୟା । ଏଥରର ଯାତ୍ରା ସେଇ ତାନ୍ତ୍ରିକମାନଙ୍କ ଚାରଣ ଭୂମି, ପାବନ ଭୂମି ତାରାପୀଠକୁ । ସାଥିରେ ପୁଣି ଯାଇଥାନ୍ତି ଜଣେ ହଠଯୋଗୀ, କ୍ରିୟାଯୋଗୀ ଖେଚରୀ ବାବା । ଖେଚରୀ ବିଦ୍ୟା ହେଉଛି ଏକ ସାଧନା ଯା ଦ୍ୱାରା ଜଣେ ଆକାଶରେ ଗମନ କରିପାରେ । ଏକଦା, ତରୁଣ ବୟସରେ ଏଭଳି ଏକ ବିରଳ ସିଦ୍ଧିର ପ୍ରାପ୍ତି ନିମନ୍ତେ ନିଜର ପ୍ରଗାଢ଼ ଅନୁରକ୍ତି ଓ ଶିବ ସଂକଳ୍ପ ଦ୍ୱାରା ଗୁରୁଙ୍କୁ ସନ୍ତୁଷ୍ଟ କରିପାରିଥିବା ତନ୍ତ୍ରାଭିଳାଷୀ ଜଣକ ନିଜ ଗୁରୁଙ୍କ ଦ୍ୱାରା ହିଁ ଏପରି ନାମପ୍ରାପ୍ତ ହୋଇଥିଲେ । ସାଧନା ପଥରେ ଏପରି ଅନେକ କ୍ଲାନ୍ତିଯୁକ୍ତ ମୋଡ ଆସିଥାଏ, ଯେଉଁଠି ଛୋଟମୋଟ ସିଦ୍ଧି ସାଥେସାଥେ ଅଦୃଶ୍ୟ ଦେବଦେବୀମାନେ କ୍ଲାନ୍ତ ସାଧକକୁ କିଛି କିଛି ଲୋଭନୀୟ କ୍ଷମତା ବି ଦେଇଥାନ୍ତି । ତାହା ହିଁ କ୍ରମେ ଜନ୍ମ ଦେଇଥାଏ କଳାଯାଦୁ ବା କୁତ୍ସିତ ତନ୍ତ୍ରବିଦ୍ୟାକୁ । ଯେଉଁମାନେ ସମସ୍ତ

ISSN NO.
2582-208X

ପ୍ରଲୋଭନ, ସମସ୍ତ ପୁରସ୍କାରକୁ ଅତିକ୍ରମ କରି ଆଗକୁ ଚାଲିଯାନ୍ତି, ସେମାନେ ହୋଇଥାନ୍ତି ଈଶ୍ୱରପ୍ରାପ୍ତ କରିଥିବା ମହାନ୍ ସାଧକ, ଯୁଗ-ଅବତାର।

ଖେଚରୀ ବାବା ଏକ ଅଜ୍ଞାତ କାରଣକ୍ରମେ ହଠାତ୍ କରି ତନ୍ତ୍ରସାଧନାରୁ ନିବୃତ୍ତ ହୋଇ ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତବାଦରେ ସାଧନା ଆରମ୍ଭ କରିଦେଲେ। ପଛରେ ପଡିରହିଲା ଅତୀତର ସମସ୍ତ ଅଲୌକିକ ତନ୍ତ୍ରସାଧନାର ପିଚ୍ଛିଳ ମାର୍ଗ। କୌଣସିଏକ ପଦଯାତ୍ରା ସମୟରେ ଭେଟ ହୋଇଥିଲା ଏହି ଖେଚରୀ ବାବାଙ୍କୁ, ତାହା ପୁଣି ଗନ୍ଧମାର୍ଦନ ପର୍ବତର ଶିଖରଚୂଡାରେ। ଅନୁରୋଧ କରିଥିଲି, କେବେ ଥରେ ତାଙ୍କୁ ସାଥିରେ ନେଇ ତାରାପୀଠ ଯିବାକୁ । ଭାଗ୍ୟ ମୋର, ସେ ରାଜି ହୋଇଥିଲେ ଏବଂ ଅଚାନକ ମତେ ଖବର ଦେଲେ ଏଇ ମୁହୂର୍ତ୍ତରେ ହିଁ ବାହାରିପଡ।

କଲିକତାର ସିଆଲଦା ଷ୍ଟେସନ୍ ରୁ ବୋଲପୁର ଏଇ ଅନେକ ଟ୍ରେନ୍ ରାମପୁର ହାଟ ଯାଇଥାଏ। ସେଇଠୁ ଓହ୍ଲେଇ ଅନ୍ୟ ଛୋଟଗାଡି ଧରି ତାରାପୀଠରେ ପହଞ୍ଚିହୁଏ। ବୀରଭୁମ୍ ଜିଲ୍ଲାର ଏହି ଛୋଟ ଜାଗାଟି ଏକ ଅତି ପ୍ରାଚୀନ ଧର୍ମଧାରଣା ଓ ବିଜ୍ଞାନକୁ ନେଇ ଗରୀୟାନ୍।

ଆମେ ଦୁଇ ଯାତ୍ରୀ ପହଞ୍ଚିଲା ବେଳକୁ ବର୍ଷାର ତାଣ୍ଡବ ଆରମ୍ଭ ହୋଇସାରିଥାଏ। କରେଣ୍ଟ୍ ତ କେବେଠୁ ନଥାଏ। କୌଣସିମତେ ଏକ ଧର୍ମଶାଳାରେ ଦୁଇ ଯାତ୍ରୀ ରହିବା ବ୍ୟବସ୍ଥା କରିନେଲୁ। ମୋ ସହିତ ରହିଥିବାରୁ ଖେଚରୀ ବାବା ଆମଭଳି ଟିକେଟିକେ ଗୃହୀ ପରି ଲାଗୁଥିଲେ। ଦିନ ଥିଲା ଏମିତି ବର୍ଷଣମୁଖର ଦିବସ ବା ରାତ୍ରୀରେ ସେ ଏଇ ଶ୍ମଶାନର ମାୟାହୀନ ଧୂସର ବକ୍ଷରେ ପାଗଳଙ୍କ ପରି ଘୂରି ବୁଲୁଥିଲେ। ଖୋଲା ପିଠିରେ ଅଜାଡି ହୋଇ ପଡୁଥିଲା ବର୍ଷାରେ ଅବିରତ ଚାବୁକ ପ୍ରହାର। ସେତେବେଳେ ସେ ଥିଲେ ଜଣେ ତନ୍ତ୍ରସାଧକ। ଆଉ ବର୍ତ୍ତମାନ ! ସାଧାରଣ ଗୃହୀ ପରି ରୁଦ୍ଧ କୋଠରୀ ଭିତରେ ଆରାମ ଖୋଜୁଥିବା ଓଦା ସଡସଡ କପୋତ। ଝରକାପଟୁ ଦେଖିଲି, ବର୍ଷାରେ ଉପ୍ଲାତ ସତ୍ତ୍ୱେ ସାରା ଶ୍ମଶାନଟି ଅଜବ ନିରାପଦର ଆଧାରଶିଳା ପରି ଲାଗୁଥାଏ। ପ୍ରତି ଅଣୁ ପରମାଣୁରେ ଦ୍ରବୀଭୂତ ହୋଇ ରହିଛି ମାୟାହୀନ ବୈରାଗ୍ୟ।

ISSN NO.
2582-208X

ଏଭଳି ବର୍ଷାମୁଖର ଅପରାହ୍ନରେ ସୁଦ୍ଧା ଲୋକେ ଗାଡି ଛୁଟେଇ ଆସୁଥାନ୍ତି । କାରଣ ସେମାନଙ୍କ ସଦ୍ୟମୃତ ପ୍ରିୟଜନଟିର ଶେଷ କାର୍ଯ୍ୟଟି ଏଇ ପାବନ କ୍ଷେତ୍ରରେ ହେଉ ବୋଲି ଚାହାନ୍ତି । ଶବ ସବୁ ଧଳାବସ୍ତ୍ରରେ ଆବୃତ ହୋଇ ଗୋଟିଏ ଜାଗାରେ ଜମା ହେଉଥାଏ । ପାଖରେ ସ୍ୱସମ୍ପତ୍ତିକୁ ଜଗି ରହିଥାନ୍ତି ଆଉ ଦଳେ ପେଣ୍ଟ୍ ସାର୍ଟ ପିନ୍ଧା ଶ୍ମଶାନ-ବୈରାଗୀ । କନ୍ଦାକଟାର ତ ଅଧ୍ୟାୟ ସରିଥାଏ । ଏବେ ଖାଲି ଅପେକ୍ଷାର ବେଳ । ଧୈର୍ଯ୍ୟ ଦରକାର । ତା ଭିତରେ କ୍ଷଣକ ପାଇଁ ହେଉ ପଛେ ବିଜୁଳି ପରି କଣ୍ଟାଗ୍ରତ କରେ ବୈରାଗ୍ୟ ଭାବନା । ଜୀବନଟା କେତେ କ୍ଷଣଭଙ୍ଗୁର, କେତେ ଅଳିକ, ଆଉ ସ୍ୱପ୍ନମାନେ କେମିତି ସବୁବେଳେ ଗୋଟେ ଗୋଟେ ମରୀଚିକା ପରି ମଣିଷକୁ ଜୀବନସାରା ଦୌଡାଇଥାନ୍ତି! ଗଦା ଗଦା ଶବ, ଶବ ସହ ନିରବ ନିଥର ସ୍ତବ୍ଧ ପ୍ରିୟଜନ, ଚିତା ପାଇଁ ଥାକମରା ଶୁଖିଲା କାଠର ବିଶାଳ ସ୍ତୁପ, ବର୍ଷା ପାଣିରେ ଧୋଇହେଇ ଚାଲୁଥିବା ପାଉଁଶ, ଅଧାପୋଡା ଡାଙ୍ଗ, ଚିରକତରା ଲୁଗାପଟା, ଫଟାହାଣ୍ଡି, ଅସ୍ଥି, ମଣିଷ ଖପୁରୀ, ଅଙ୍ଗାର ପଡିଯାଇଥିବା ବାଉଁଶ, ବର୍ଷାରେ ତିନ୍ତିବୁଡି କଣକୁ ଠିଆ ହୋଇଥିବା ବୁଲା କୁକୁର, ତା ସାଙ୍ଗକୁ ନିର୍ବିକାରଅ କାପାଳିକର ଚିଲମ ଧୂଆଁ, ମଲା ବୋଡ ସାପ ପରି ଦିଶୁଥିବା ଜଟାର ସ୍ତୂପ ତଳୁ ଆରକ୍ତ ନୟନରେ ବର୍ଶା ଦେଖୁଥିବା ଭୈରବୀ ଜଳ – ଏସବୁ ମିଶିଲେ ଦିଶେ ମହାଶ୍ମଶାନର ଏକ ବିଲକ୍ଷଣ ରୂପ । ଏହା ଏକ ଭିନ୍ନ ପୃଥିବୀ । ଯଦିଓ କେବେ ନା କେବେ ଏ ପୃଥିବୀକୁ ଆସିବାକୁ ପଡିବ, ତଥାପି ସମସ୍ତେ କେଡେ କୌଶଳରେ ଏହା ପ୍ରତି ଅଜ୍ଞାତ ହୋଇ ରହିଥାନ୍ତି । କଦବା କେବେ ଭାଗ୍ୟରେ ଥିଲେ ଦେଖଣାହାରୀ ଭାବେ ଠିଆ ହେବାର ସୁଯୋଗ ପାଇଥାନ୍ତି । ଏଇ ତ ଶ୍ମଶାନ ! ଏକ ନିଷ୍ଠୁର ଅବଶ୍ୟମ୍ଭାବୀ ସତ୍ୟ ।

ବର୍ଷା ଟିକେ କମିଲା । ତଥାପି ନିହାତି ଆବଶ୍ୟକ ନଥିଲେ କେହି ମଧ୍ୟ ନିଜ ଜାଗା ଛାଡି ଘୁଞ୍ଚୁନଥିଲେ । ମୁଁ ଛତା ଧରି ବାହାରିଲି । ମହାଶ୍ମଶାନ କଡକୁ ଲାଗି ଦ୍ୱାରକା ନଦୀ । ନଦୀରେ ପାଣି ଚାଲିଛି । ଆଖପାଖରେ ଯାହା ଆମ୍ବ, ପଣସ ଓ ବାଉଁଶର ବଣ । ନଦୀର କୂଳେ କୂଳେ ବିସ୍ତୀର୍ଣ୍ଣ ଧାନକ୍ଷେତ । ଜାଗାଜାଗାରେ ଅତଡା ଏପରି ଖାଇଛି ଯେ ଏଇ କି ଆର ମୁହୂର୍ତ୍ତରେ ଦୁଲଦାଲ୍ କରି ମାଟି ଖସିପଡିବ । ରାସ୍ତାଘାଟ ଖାଲି । ମନ୍ଦିର ଭିତରେ ଏପରି କି ଛୋଟ ଛୋଟ ଦୋକାନ ଭିତରେ ଲୋକ ଭର୍ତ୍ତି । ମନ୍ଦିର ଭିତରେ ଏପରି କି ଛୋଟ ଛୋଟ ଦୋକାନ ଭିତରେ ଲୋକ ଭର୍ତ୍ତି । ଜଟାଜୁଟଧାରୀ ଅନେକ ଭୀଷଣ ଦର୍ଶନ ତାନ୍ତ୍ରିକ ବାବା ମୁଣ୍ଡରେ ତ୍ରିପୁଣ୍ଡ୍ରକ ଲଗାଇ ଠିଆ ହୋଇଥାନ୍ତି । କିଏ ଖାଲି ଲେଙ୍ଗୁଟି ପିନ୍ଧି ଠିଆ ତ କିଏ

ISSN NO.
2582-208X

ଅଣ୍ଟାରେ ଖୋସିଛି ଲୁହା ଚିମୁଟା ବା ତ୍ରିଶୂଳ । ବଟ କ୍ଷୀରରେ ଜଟ ସବୁ ଚିରାକନ୍ଥା ପରି ମୁଣ୍ଡ ଉପରେ ଆଶ୍ରିତ । କିଛି ବୈରବୀ ସନ୍ନ୍ୟାସିନୀ ବାଉଶକୁଲାରେ ଚାଉଳ, କଳାରାଶି, ସିନ୍ଦୂର, ମଣିଷ ଖପୁରୀ, ହାଡ ନେଇ ଠିଆ ଲୋକଙ୍କ ପାଖକୁ ଯାଉଥିଲେ ଏବଂ ପଇସା ମାଗୁଥିଲେ । କହୁଥିଲେ, ପୂଜାପାଠ ପାଇଁ ବିଭିନ୍ନ ଜିନିଷ କିଣିବାର ଅଛି ।

ଅଘୋରୀ ତାନ୍ତ୍ରୀକଙ୍କ ବିଷୟରେ ବହୁତ କିଛି ଶୁଣିଥିଲି । ସର୍ବାଗ୍ରେ ସେମାନଙ୍କୁ ଦେଖିବାକୁ ଚାହିଁଲି । କିନ୍ତୁ କିଏ କୁଆଡେ ଥିଲେ । ଇତସ୍ତତଃ ହୋଇ ବୁଲୁବୁଲୁ ନଦୀ କୂଳରେ କିଏ ଜଣେ ହୋମ କରୁଥିବା ଦେଖିଲି । ଦୁଇଚାରିଟା ଖୁଣ୍ଟ ସାହାଯ୍ୟରେ ଉପରେ ଜରି ଟାର୍ପୋଲିନ୍ ଭିଡି ତଳେ ହୋମ ଚାଲିଛି । ପୂରା ଏକ ମଣିଷ । ନଦୀ ତା ବାଟରେ ଗର୍ଜନ କରି ଚାଲିଛି । ପୂରା ଏକା ମଣିଷ । ନଦୀ ତା ବାଟରେ ଗର୍ଜନ କରି ଚାଲିଛି । କିନ୍ତୁ ଅସ୍ପଷ୍ଟ ମନ୍ତ୍ର ଓ ଅଣପାରମ୍ପରିକ ଛନ୍ଦରେ ମନ୍ତ୍ର ଚାଲିଥାଏ । ସେଇଠି ବି ସେଇ ନରକପାଳ, ମଦ, ବଳି ନିମନ୍ତେ ଉଦ୍ଦିଷ୍ଟ ଛାଗଳର ଉପସ୍ଥିତି ।ଏ ସମୟରେ ଦୂରରୁ ହର୍ଣ୍ଣ ବଜାଇ ଗାଡି ଗୋଟିଏ ପହଞ୍ଚିଲା । ଏକାବେଳକେ ପନ୍ଦରଟି ଶବ ସେଇଠୁ ବାହାରି ଦଗ୍ଧ ହେବାପାଇଁ ରହିଲେ । ଦୂରରେ କୋଉଠି ଗୋଟେ ବସ୍ ଦୁର୍ଘଟଣା ହେଲା ଏବଂ ଏକାଥରେ ଏତେ ଲୋକ ମରିଗଲେ । କିଏ ଜଣେ ଦୟାପୂର୍ବକ ଗାଡି ଖଣ୍ଡିଏ ଯୋଗାଡ କରି ଶବଗୁଡିକୁ ଏଠାକୁ ପଠେଇଦେଲେ । ଅପେକ୍ଷାମାଣ ଶବଙ୍କ ସଂଖ୍ୟାକୁ ହିସାବ କରି ଶ୍ମଶାନରକ୍ଷକ ନାୟକ ନିଷ୍ପତ୍ତି ନେଲେ । ବର୍ଷା ସରୁ ସରୁ ଅତି କମ୍ ରେ ଛଟି ଜାଗାରେ ଚିତା ଜାଳିବାକୁ ପଡିବ । ନତୁବା ସକାଳ ସୁଦ୍ଧା ଏ ଭିଡ କମିବ ନାହିଁ ।

ହଠାତ୍ କରି ସନ୍ଧ୍ୟା ନଇଁଆସିଲା ଏବଂ ସବୁ ମନ୍ଦିରମାନଙ୍କରୁ ଢୋଲ, ତୂରୀ, ଝାଞ୍ଜ ବାଜି ଉଠିଲା । ତାରାଦେବୀ ତନ୍ତ୍ରର ଆରାଧ୍ୟା ଦେବୀ । ବିଧି ଅନୁଯାୟୀ ତାଙ୍କୁ ମାଂସ, ମଦିରା, ରକ୍ତ ନଦେଲେ ସାଧକର ପ୍ରଭୂତ କ୍ଷତି ହେଇପାରେ । ପ୍ରାଣ ବି ଯାଇପାରେ । ଯୋଗିନୀଗଣ ପୁଳାପୁଳା ମାଂସ ଖାଇଯାନ୍ତି । ପ୍ରକାରାନ୍ତରେ ତନ୍ତ୍ରସାଧକର ଅକାଳମୃତ୍ୟୁ ଘଟିଥାଏ । ବଡ ଦୁରୁହ ଏ ରାସ୍ତା । ତାମସୀ ଶକ୍ତିର ଉପାସନା । ଡାକିନୀ, ହାକିନୀ, ପିଶାଚିନୀ, ପ୍ରତିନୀଙ୍କ ଏହା ସାମ୍ରାଜ୍ୟ । ସାଧନାରେ ସଫଳ ହେଲେ ବଶ ହୋଇ ରହନ୍ତି ଏହି ଦୁର୍ଦ୍ଧର୍ଷ ଶକ୍ତିମାନେ । ନତୁବା ଦୁର୍ବଳ ସାଧକର ସବୁକିଛି ଭକ୍ଷଣ କରିଯାଆନ୍ତି ।

ISSN NO.
2582-208X

ବେଦମାନଙ୍କ ସୃଷ୍ଟି ପୂର୍ବରୁ ଅସୀମ ଜ୍ଞାନର ଅନ୍ୱେଷଣକାରୀ ପ୍ରାଚୀନ ଭାରତୀୟମାନଙ୍କର ଅଦ୍ଭୁତ ଆବିଷ୍କାର ହେଉଛି ତନ୍ତ୍ର । ହୁଏତ ଗନ୍ଧର୍ବ, କିରାତ, ଶୈବ ଥିବା ସାଥେ ସାଥେ ଶାକ୍ତ ବି ଥିଲେ । ଅଥର୍ବ ବେଦ ବହୁ ଭାବରେ ଏହି ତନ୍ତ୍ରଜ୍ଞାନରେ ପୁଷ୍ଟ । ବେଦ ସମୟରେ ଏବଂ ତା ପରେପରେ ବହୁ ମନୀଷୀ ଓ ତନ୍ତ୍ରବିଜ୍ଞାନୀ ଏହି ଶକ୍ତିମୟ ବିଦ୍ୟାକୁ ଅଧିକ ବ୍ୟାପକ କରିଛନ୍ତି । କିନ୍ତୁ ଠିକ୍ ସେଇ ସମୟରେ ଆଉ ଏକ ଉଦାରବାଦୀ ଧାର୍ମିକ ଆନ୍ଦୋଳନ କ୍ରମେ ମୁଣ୍ଡଟେକି ନିଜକୁ ନୈତିକବାଦୀ ବୋଲି ବ୍ୟାପକ ଭାବେ ଜନସମର୍ଥନ ଲାଭ କରିଥିଲା । ତାହା ହେଇଗଲା ଭାରତତ ସନାତନ ଧର୍ମ ବା ପରବର୍ତ୍ତୀ କାଳରେ ହିନ୍ଦୁଧର୍ମ । ନୂତନ ନୈତିକତାର ମାନଦଣ୍ଡରେ କ୍ରମେ ତନ୍ତ୍ର ଏକ ବିକୃତ, ଅପ୍ରାକୃତିକ, ବିକଟ, ହିଂସାତ୍ମକ, ଅନ୍ଧବିଶ୍ୱାସରେ ପରିପୂର୍ଣ୍ଣ ଘନଘୋର ତମିସ୍ରାର ଅନ୍ୱେଷଣ ବୋଲି ପ୍ରଚାରିତ ହେଲା । ଫଳରେ ସୁଧୀବୃନ୍ଦ ଓ ତଥାକଥିତ ଭଦ୍ର ସମାଜ ସେଇଥିରୁ ମୁହଁ ଫେରେଇନେଲେ । ଆଜି ତନ୍ତ୍ରକଖୁବ୍ ବେଶୀରେ ଏକ କଳା ଓ ଘୃଣ୍ୟ ଯାଦୁ । ହଜିଯାଇଛି ପ୍ରାଚୀନ ପରମ୍ପରା ଓ ଉତ୍ତୁଙ୍ଗ ଶିଖରକୁ ଛୁଇଁଥିବା ସାଧନାର ଚରମ ଉତ୍କର୍ଷର ବୈଜୟନ୍ତୀ ।

ଆଜି ନିଷ୍ଠାପର, ବିଶ୍ୱ କଲ୍ୟାଣରେ ବିଶ୍ୱାସୀ ତନ୍ତ୍ର ଅଭିଳାଷୀ କାହାନ୍ତି? କ୍ରମଶଃ ଦୁଷ୍ପ୍ରାପ୍ୟ ହେଇପଡିଥିବା ପୋଥି ଓ ତାକୁ ଠିକ୍ ରୂପେ ବୁଝିପାରୁଥିବା ପ୍ରାଜ୍ଞମାନେ କ୍ରମଶଃ ନିଶ୍ଚିହ୍ନ । ତନ୍ତ୍ର ହେଉଛି ଶକ୍ତିର ପ୍ରତୀକ । ଶକ୍ତିକୁ ବାଦ୍ ଦେଇ କୌଣସି ଉପାସନା କରାଯାଇନପାରେ । ଯେଉଁ ବିଷୟ ଏବର ବିଜ୍ଞାନର ଅପହଞ୍ଚ, ମନୋବିଜ୍ଞାନର ବୁଝିବା ସାମର୍ଥ୍ୟରେ ବାହାରେ - ତାକୁ ଅଳ୍ପ ଆୟାସରେ କେବେ ବି ସାଧନା କରାଯାଇନପାରେ । ଜନ୍ମ ଜନ୍ମ ଲାଗିଯାଏ ସେସବୁରେ ସିଦ୍ଧି ନିମନ୍ତେ । ଆତ୍ମାର ଯାତ୍ରା, ପଞ୍ଚମହାଭୂତର ସ୍ଥିତି, ବିଶ୍ୱର ପ୍ରାଣଶକ୍ତି, ଆମ ଚାରିପାଖରେ ଥିବା ଅଦୃଶ୍ୟ ଜଗତର ନାନାବିଧ ଆସୁରିକ ଗୁଣଧାରୀ ତଥା ଦେବୀ-ଗୁଣଧାରୀ ସତ୍ତାମାନଙ୍କ ଆଗମନ ଓ ପ୍ରତ୍ୟାଗମନକୁ ନେଇ ତନ୍ତ୍ର ସାଧନା । ଏସବୁରେ ପ୍ରବେଶ ନିମନ୍ତେ ପ୍ରଚଣ୍ଡ ନିଷ୍ଠା ଓ ସାହସ ଦରକାର ।

କ୍ରମଶଃ.....

((( - )))

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# କ୍ୱାଣ୍ଟମ୍ ଗଣନା ଏବଂ କୃତ୍ରିମ ବୁଦ୍ଧିମତ୍ତା ମଧ୍ୟରେ ସମନ୍ୱୟ



ଅସିତ ମହାନ୍ତ

କ୍ୱାଣ୍ଟମ୍ କମ୍ପ୍ୟୁଟିଂ (ତC) ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (AI) ଆମ ଯୁଗର ଦୁଇଟି ପରିବର୍ତ୍ତନଶୀଳ ପ୍ରଯୁକ୍ତିବିଦ୍ୟା, ଗଣନା ଏବଂ ଜ୍ଞାନର ସୀମା ବିସ୍ତାର କରେ । ଯଦିଓ ସେମାନେ ପ୍ରାରମ୍ଭରେ ବିଭିନ୍ନ ପଥ ଅନୁସରଣ କରୁଥିବା ପରି ମନେହୁଏ, ତC ଗତି ଏବଂ ସମାନ୍ତରାଳତାର ସୀମାକୁ ପୁନଃ  ନିର୍ଦ୍ଧିଷ୍ଟ କରେ ଯେତେବେଳେ AI ଆମର ବୁଦ୍ଧି ଏବଂ ସ୍ୱୟଂଚାଳିତ ବିଷୟରେ ଆମର ବୁଝାମଣାକୁ ପୁ ରୂପାନ୍ତର କରେ । ଯେତେବେଳେ ଏହି ପଥଗୁଡିକ ବିଚ୍ଛେଦ ହୁଏ, ସମ୍ଭାବ୍ୟ ଫଳାଫଳଗୁଡିକ ଅସାଧାରଣ ଏବଂ ଭୟଙ୍କର ଅଟେ । କ୍ୱାଣ୍ଟମ୍ ଗଣନା ଏବଂ କୃତ୍ରିମ ବୁଦ୍ଧିମତାର ସମ୍ମିଶ୍ରଣ ପରସ୍ପରର ଶକ୍ତି ବୃଦ୍ଧି କରେ । ଏହା ଏକ ସହଜିବୀ ସମ୍ପର୍କ ପ୍ରଦାନ କରେ ଯାହା ପାରମ୍ପାରିକ ଗଣନର ସୀମା ଅତିକ୍ରମ କରେ । କ୍ୱାଣ୍ଟମ୍ ଗଣନା କ'ଣ? କ୍ୱାଣ୍ଟମ୍ ଗଣନା ହେଉଛି ଏକ ପ୍ରକ୍ରିୟା ଯାହା ପାରମ୍ପାରିକ କମ୍ପ୍ୟୁଟର ପାଇଁ ବହୁତ ବଡ କିମ୍ବା ଜଟିଳ ସମସ୍ୟାର ସମାଧାନ ପାଇଁ କ୍ୱାଣ୍ଟମ୍ ମେକାନିକ୍ସର ନିୟମ ବ୍ୟବହାର କରେ । ବହୁମୁଖୀ କ୍ୱାଣ୍ଟମ୍ ଆଲଗୋରିଦମ ଗୁଡିକ ପରିଚାଳନା ଏବଂ ସମାଧାନ ପାଇଁ କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡିକ କ୍ୟୁବିଟ୍ ଉପରେ ନିର୍ଭର କରେ । ଏକ କ୍ୟୁବିଟ୍ ହେଉଛି କ୍ୱାଣ୍ଟମ୍ ସୂଚନାର ଏକ ମୌଳିକ ଏକକ ଯାହା ଉଭୟ ସ୍ଥିତିମାନଙ୍କର ଏକ ସମନ୍ୱିତ ସୁପରପୋଜିସନ୍ ରେ ବିଦ୍ୟମାନ ହୋଇପାରେ । କ୍ୟୁବିଟ୍ ହେଉଛି ପାରମ୍ପାରିକ କିମ୍ବା କ୍ଲାସିକାଲ ବିଟ୍ ର କ୍ୱାଣ୍ଟମ୍ ଏନାଲଗ, ଯାହା କେବଳ ୦ କିମ୍ବା ୧ ହୋଇପାରେ, କିନ୍ତୁ ସାଧାରଣ ବିଟ୍ ତୁଳନାରେ (ଯାହା କେବଳ ୦ କିମ୍ବା ୧ ହୋଇପାରେ) ଏକ କ୍ୟୁବିଟ୍ ଏପରି ସ୍ଥିତିରେ ରହିପାରେ ଯେଉଁଠାରେ ଏହା ଉଭୟ ଏକ ସମୟରେ ହୋଇପାରେ ।  କ୍ୟୁବିଟ୍ କୁ ବିଭିନ୍ନ ଭୌତିକ ପ୍ରଣାଳୀ ବ୍ୟବହାର କରି କ୍ୟୁବିଟ୍

ISSN NO.
2582-208X

କାର୍ଯ୍ୟକାରୀ କରାଯାଇପାରିବ, ଯେପରିକି ଟ୍ରାପ୍ ହୋଇଥିବା ଆୟନ, ଫୋଟନ୍, କିମ୍ବା ସୁପରକଣ୍ଡକ୍ଟିଂ ସର୍କିଟ୍ । କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡିକ କ୍ୱାଣ୍ଟମ୍ ଘଟଣାଗୁଡ଼ିକର ଲାଭ ଉଠାଇ ପାରିବେ ଯେପରିକି ସୁପରପୋଜିସନ୍ ଏବଂ ଏଣ୍ଟାଙ୍ଗଲମେଣ୍ଟ ଯେକୌଣସି ଆଧୁନିକ 'ପାରମ୍ପାରିକ' କମ୍ପ୍ୟୁଟର ଅପେକ୍ଷା ଅଧିକ ଦ୍ରୁତ ଗତିରେ କିଛି ଗଣନା କରିବା ପାଇଁ । ବିଶେଷ ଭାବରେ, ଏକ ବଡ଼ ଆକାରର କ୍ୱାଣ୍ଟମ୍ କମ୍ପ୍ୟୁଟର ବହୁଳ ଭାବରେ ବ୍ୟବହୃତ ଏନକ୍ରିପସନ୍ ସ୍କିମ୍ ବ୍ରେକ କରିପାରେ ଏବଂ ପଦାର୍ଥ ବିଜ୍ଞାନୀମାନଙ୍କୁ ଶାରୀରିକ ଅନୁକରଣ କରିବା ପାଇଁ ସାହାଯ୍ୟ କରିଥାଏ । କ୍ୱାଣ୍ଟମ୍-ଏ ଆଇ କନଭରର୍ଜେନ୍ସ ଟେକ୍ନୋଲୋଜି ଏବଂ ସମାଜକୁ କିପରି ନୂଆ ରୂପ ଦେଇପାରିବ ? କ୍ୱାଣ୍ଟମ୍ ନେଟୱାର୍କିଂ: ବ୍ୟକ୍ତିଗତ କଣିକାର ଭୌତିକ ସ୍ଥାନାନ୍ତର ବିନା କ୍ୱାଣ୍ଟମ୍ ସ୍ଥିତିକୁ ସ୍ଥାନାନ୍ତର କରିବା, ସୁରକ୍ଷିତ ଯୋଗାଯୋଗକୁ ପୁନଃ ନିର୍ଦ୍ଧିଷ୍ଟ କରିବା ଏବଂ କ୍ୱାଣ୍ଟମ୍ ଇଣ୍ଟରନେଟ୍' ପାଇଁ ପଥ ପରିଷ୍କାର କରିବା ପାଇଁ କ୍ୱାଣ୍ଟମ୍ ଟେଲିପୋର୍ଟେସନ୍ ବ୍ୟବହାର କରିବା । ବର୍ଦ୍ଧିତ ଗଣନା ଶକ୍ତି: କ୍ୱାଣ୍ଟମ୍ କମ୍ପ୍ୟୁଟରଗୁଡ଼ିକରେ ଶାସ୍ତ୍ରୀୟ କମ୍ପ୍ୟୁଟର ଅପେକ୍ଷା କିଛି ପ୍ରକାରର ସମସ୍ୟାର ସମାଧାନ କରିବାର କ୍ଷମତା ଅଛି । ଏହି ବର୍ଦ୍ଧିତ ଗଣନା ଶକ୍ତି ଯେତେବେଳେ AI ଆଲଗୋରିଦମ ସହିତ ଏକୀଭୂତ ହୁଏ, ଜଟିଳ ସମସ୍ୟାର ସମାଧାନ, ଅପ୍ଟିମାଇଜେସନ୍ ଏବଂ ମେସିନ୍ ଲର୍ନିଂ କାର୍ଯ୍ୟରେ ସଫଳତା ଆଣିପାରେ । ୨୦୧୯ ରେ, ଗୁଗୁଲର 'ସାଇକାମୋର' କ୍ୱାଣ୍ଟମ୍ ପ୍ରୋସେସର୍ 'କ୍ୱାଣ୍ଟମ୍ ସର୍ବୋଚ୍ଚତା' ହାସଲ କଲା, ଯେଉଁଠାରେ ଏହା ପ୍ରାୟ ୨୦୦ ସେକେଣ୍ଡରେ ଜଟିଳ ସମସ୍ୟାର ସମାଧାନ କରିଥିଲା ଯାହା ସମାଧାନ ପାଇଁ ଶାସ୍ତ୍ରୀୟ ସୁପର କମ୍ପ୍ୟୁଟର ସହସ୍ର ବର୍ଷ ନେଇଥାନ୍ତା । ଉନ୍ନତ ଅପ୍ଟିମାଇଜେସନ୍ ଆଲଗୋରିଦମ: ଅପ୍ଟିମାଇଜେସନ୍ ସମସ୍ୟାର ସମାଧାନରେ କ୍ୱାଣ୍ଟମ୍ ଆଲଗୋରିଦମ ଉତ୍କୃଷ୍ଟ । AI ସହିତ କ୍ୱାଣ୍ଟମ୍ କମ୍ପ୍ୟୁଟିଂର ସମ୍ମିଶ୍ରଣରୁ, ଲଜିଷ୍ଟିକ୍, ଫାଇନାନ୍ସ ଏବଂ ଉତ୍ପାଦନ ପରି ଶିଳ୍ପଗୁଡିକ ଅଧିକ ଦକ୍ଷ ଉତ୍ସ ବଣ୍ଟନ, ଯୋଗାଣ ଶୃଙ୍ଖଳା ପରିଚାଳନା ଏବଂ ଆର୍ଥିକ ମଡେଲିଂ ଦ୍ୱାରା ଉପକୃତ ହୋଇପାରିବେ । ଉନ୍ନତ କ୍ରିପ୍ଟୋଗ୍ରାଫି ଏବଂ ସୁରକ୍ଷା: କ୍ୱାଣ୍ଟମ୍ ଆଲଗୋରିଦମ ଯେପରିକି ଶୋର ଆଲଗୋରିଦମ ବହୁଳ ଭାବରେ ବ୍ୟବହୃତ ଏନକ୍ରିପସନ୍ ପଦ୍ଧତିକୁ ଭାଙ୍ଗିବାର କ୍ଷମତା ରଖିଛି । ଏହା ବିଦ୍ୟମାନ ସୁରକ୍ଷା ବ୍ୟବସ୍ଥା ପାଇଁ ବିପଦ ସୃଷ୍ଟି କରୁଥିବାବେଳେ ଏହା ନୂତନ, କ୍ୱାଣ୍ଟମ୍-ପ୍ରତିରୋଧୀ ଏନକ୍ରିପସନ୍ ଟେକ୍ନୋଲୋଜିର ବିକାଶ ପାଇଁ ମଧ୍ୟ ଦ୍ୱାର ଖୋଲିଥାଏ । କ୍ୱାଣ୍ଟମ୍ ଗଣନା ଏବଂ AI ର ପ୍ରତିଚ୍ଛେଦନ ଉନ୍ନତ କ୍ରିପ୍ଟୋଗ୍ରାଫିକ୍ ପଦ୍ଧତି ସୃଷ୍ଟି କରିପାରେ ଯାହା ଉଭୟ ଶାସ୍ତ୍ରୀୟ ଏବଂ କ୍ୱାଣ୍ଟମ୍ ବିପଦରୁ

ISSN NO.
2582-208X

ସୁରକ୍ଷିତ ରହିବ । ଶକ୍ତି ଅପ୍ଟିମାଇଜେସନ୍: କ୍ୱାଣ୍ଟମ୍- AI ସମ୍ମିଶ୍ରଣ ବିଭିନ୍ନ ପ୍ରୟୋଗରେ ଶକ୍ତି ଦକ୍ଷତାକୁ ଉନ୍ନତ କରିପାରିବ । କ୍ୱାଣ୍ଟମ୍ କମ୍ପ୍ୟୁଟିଂ ମାଧ୍ୟମରେ ଆଲଗୋରିଦମ ଏବଂ ପ୍ରକ୍ରିୟାଗୁଡ଼ିକୁ ଅପ୍ଟିମାଇଜ୍ କରି ଡାଟା ସେଣ୍ଟରରେ ଶକ୍ତି ବ୍ୟବହାର ଏବଂ ଅନ୍ୟାନ୍ୟ ଗଣନା-ତୀବ୍ର କାର୍ଯ୍ୟ ହ୍ରାସ କରାଯାଇପାରେ । ଜଳବାୟୁ ମଡେଲିଂରେ ଅଗ୍ରଗତି: କ୍ୱାଣ୍ଟମ୍ ଗଣନା ଜଳବାୟୁ ମଡେଲିଂ ସିମୁଲେସନର ସଠିକତା ଏବଂ ଗତି ବଢ଼ାଇପାରେ । ଏହା ଅଧିକ ସଠିକ୍ ପୂର୍ବାନୁମାନ ଏବଂ ଅନ୍ତର୍ନିହିତ ସୂଚନା ଦେଇ ଜଳବାୟୁ ପରିବର୍ତ୍ତନ ସହିତ ଜଡିତ ଆହ୍ୱାନ ଗୁଡିକର ସମାଧାନ ପାଇଁ ଉତ୍ତମ ବୁଝିବା ଏବଂ ସମାଧାନ କରିବାରେ ସହାୟକ ହୋଇପାରେ । ବୈଜ୍ଞାନିକ ଆବିଷ୍କାର: ବୃହତ ଡାଟାବେସକୁ ପରିଚାଳନା ଏବଂ ବିଶ୍ଳେଷଣ କରିବୈଜ୍ଞାନିକ ଆବିଷ୍କାରକୁ ତ୍ୱରାନ୍ୱିତ କରିବାର କ୍ୱାଣ୍ଟମ୍-ଏଇ ସମ୍ମିଶ୍ରଣର ସାମର୍ଥ୍ୟ ଅଛି । ଏହା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଏବଂ ଜୀବ ବିଜ୍ଞାନ ପରି କ୍ଷେତ୍ରରେ ଅଗ୍ରଗତି ଘଟାଇପାରେ। ଡ୍ରଗ୍ ଆବିଷ୍କାର ଏବଂ ସ୍ୱାସ୍ଥ୍ୟସେବା: ଡ୍ରଗ୍ ଆବିଷ୍କାର ଏବଂ ବ୍ୟକ୍ତିଗତ ଔଷଧରେ ଅଗ୍ରଗତି କରିବା ପାଇଁ କ୍ୱାଣ୍ଟମ୍ କମ୍ପ୍ୟୁଟିଂର ସିମୁଲେସନ୍ କ୍ଷମତା ସହିତ AI ର ପ୍ୟାଟର୍ନ ସ୍ୱୀକୃତି ମିଶ୍ରିତ ହୋଇପାରିବ । ଜଳବାୟୁ ମଡେଲିଂ: ଜଳବାୟୁ ସଙ୍କଟର ଉତ୍ତମ ସମାଧାନ ପ୍ରଦାନ କରି କ୍ୱାଣ୍ଟମ୍-ବର୍ଦ୍ଧିତ AI ଅଧିକ ସଠିକ୍ ଜଳବାୟୁ ମଡେଲକୁ ନେଇପାରେ । କ୍ୱାଣ୍ଟମ୍- AI ସମ୍ମିଶ୍ରଣର ନୈତିକ ଦିଗଗୁଡିକ କଣ ହୋଇପାରେ ? ଭୁଲ ତଥ୍ୟ ଏବଂ ଦ୍ୱିପାକ୍ଷିକ ନିଷ୍ପତ୍ତି ନେବା: କ୍ୱାଣ୍ଟମ୍ ଗଣନା ଏବଂ AI ର ଏକୀକରଣ ଭୁଲ ତଥ୍ୟ ଏବଂ ଦ୍ୱିପାକ୍ଷିକ ନିଷ୍ପତ୍ତି ଗ୍ରହଣ କରିବାର ବିପଦକୁ ଉପସ୍ଥାପନ କରେ । AI ଆଲଗୋରିଦମ, ଯେତେବେଳେ କ୍ୱାଣ୍ଟମ୍ ସାମର୍ଥ୍ୟ ଦ୍ୱାରା ଚାଳିତ ହୁଏ, ଅଜାଣତରେ ତାଲିମ ତଥ୍ୟରେ ଥିବା ପକ୍ଷପାତକୁ ବଢ଼ିପାରେ, ଯାହା ଅନୁଚିତ ପରିଣାମକୁ ପ୍ରାପ୍ତ କରିପାରେ । ଗୋପନୀୟତା ଉଲ୍ଲଂଘନ: କ୍ୱାଣ୍ଟମ୍ ଗଣନା ଏବଂ AI ର ସମ୍ମିଶ୍ରଣ ସମ୍ଭବ ତଃ ଅଧିକ ଅତ୍ୟାଧୁନିକ ଏବଂ ଅନୁପ୍ରବେଶକାରୀ ତଥ୍ୟ ବିଶ୍ଳେଷଣକୁ ନେଇପାରେ । ସମ୍ବେଦନଶୀଳ ସୂଚନାକୁ ଅନଧିକୃତ ପ୍ରବେଶକୁ ରୋକିବା ପାଇଁ ଦୃଢ ଗୋପନୀୟତା ସୁରକ୍ଷା ଆବଶ୍ୟକ । ସ୍ୱୟଂଶାସିତ / ସ୍ୱୟଂଚାଳିତ ଅସ୍ତ୍ର: କ୍ୱାଣ୍ଟମ୍ କ୍ଷମତାକୁ AI ସହିତ ମିଶ୍ରଣ କରିବାର ସମ୍ଭାବନା ସ୍ୱୟଂଶାସିତ ଅସ୍ତ୍ରଶସ୍ତ୍ରର ବିକାଶ ପାଇଁ ଚିନ୍ତା ବଢା ଇଥାଏ । ଅସ୍ତ୍ରଶସ୍ତ୍ର ନିର୍ମାଣକୁ ରୋକିବା ପାଇଁ ନୈତିକ ବିଚାରଗୁଡିକ ନିଶ୍ଚିତ ଭାବରେ ଏହି ଟେକ୍ନୋଲୋଜିର ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ମାର୍ଗଦର୍ଶନ କରିବ ଯାହା ସ୍ୱାଧୀନ ଭାବରେ କାର୍ଯ୍ୟ କରିପାରିବ ଏବଂ ଜୀବନ-ମୃତ୍ୟୁ ନିଷ୍ପତ୍ତି ନେଇପାରେ। ଅପ୍ରତ୍ୟାଶିତ ସାମାଜିକ

ISSN NO.
2582-208X

ପାର୍ଶ୍ୱ ପ୍ରତିକ୍ରିୟା: କ୍ୱାଣ୍ଟମ୍ ଗଣନା ଏବଂ AI ର ସମ୍ମିଶ୍ରଣ ଅପ୍ରତ୍ୟାଶିତ ସାମାଜିକ ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି କରିପାରେ । ଏହି ଟେକ୍ନୋଲୋଜିର ଦ୍ରୁତ ଅଗ୍ରଗତି ବିଭିନ୍ନ କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି କରିପାରେ, ଯାହା ରୋଜଗାର, ଅର୍ଥନୈତିକ ଗଠନ ଏବଂ ସାମାଜିକ ଗତିଶୀଳତାକୁ ପ୍ରଭାବିତ କରିଥାଏ । ବୈଷୟିକ ଚ୍ୟାଲେଞ୍ଜ ଏବଂ ସୁରକ୍ଷା ପ୍ରଭାବ: କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗର ବର୍ତ୍ତମାନର ଅବସ୍ଥା ଗୁରୁତ୍ୱପୂର୍ଣ୍ଣ ବୈଷୟିକ ଚ୍ୟାଲେଞ୍ଜ ର ସମ୍ମୁଖୀନ ହୁଏ, ଯେପରିକି ତ୍ରୁଟି ଏବଂ ତ୍ରୁଟି-ସଂଶୋଧନ । ଏହି ଆହ୍ୱାନ ଗୁଡିକର ସମ୍ଭାବ୍ୟ ସୁରକ୍ଷା ପ୍ରଭାବକୁ ନୈତିକ ବିଚାର ବିସ୍ତାର କରେ । ଆହ୍ୱାନଗୁଡ଼ିକୁ ଦୂର କରିବା ପାଇଁ କଣ କରାଯାଇପାରିବ? କ୍ୱାଣ୍ଟମ୍-ପ୍ରତିରୋଧୀ ଏନକ୍ରିପସନ୍: ଭବିଷ୍ୟତରେ ଯେଉଁଠାରେ କ୍ୱାଣ୍ଟମ୍ କମ୍ପ୍ୟୁଟର ଅଧିକ ପ୍ରଚଳିତ ହୁଏ, ସମ୍ବେଦନଶୀଳ ତଥ୍ୟର ସୁରକ୍ଷା ଏବଂ ଗୋପନୀୟତା ବଜାୟ ରଖିବା ପାଇଁ କ୍ୱାଣ୍ଟମ୍-ପ୍ରତିରୋଧୀ ଏନକ୍ରିପସନ୍ ପଦ୍ଧତି ବିକାଶ କରିବା ଜରୁରୀ ଅଟେ । ସ୍ୱୟଂଶାସିତ ସିଷ୍ଟମ୍ ପାଇଁ ନୈତିକ ନିର୍ଦ୍ଦେଶାବଳୀ ଏବଂ ଆନ୍ତର୍ଜାତୀୟ ନିୟମାବଳୀ: AI ସମେତ ବିଭିନ୍ନ ସ୍ୱୟଂଶାସିତ ପ୍ରଣାଳୀର ବିକାଶ ଏବଂ ନିୟୋଜନ, ଅବାଞ୍ଛିତ ପରିଣାମ ଏବଂ ନୈତିକ ଉଲ୍ଲଂଘନକୁ ରୋକିବା ପାଇଁ ସ୍ୱଚ୍ଛ ନୈତିକ ନିର୍ଦ୍ଦେଶାବଳୀ ଏବଂ ଆନ୍ତର୍ଜାତୀୟ ନିୟମାବଳୀ ଆବଶ୍ୟକ କରେ । ଏହି ନିର୍ଦ୍ଦେଶାବଳୀଗୁଡ଼ିକ ପକ୍ଷପାତିତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ରୋଜଗାର ଉପରେ ସମ୍ଭାବ୍ୟ ପ୍ରଭାବ ଭଳି ସମସ୍ୟାକୁ ସମାଧାନ କରିବା ଉଚିତ୍ । କ୍ୱାଣ୍ଟମ୍ ଗଣନା ଏବଂ AI ର ଛକ କେବଳ ବୈଷୟିକ ପ୍ରଗତି ଅପେକ୍ଷା ଅଧିକ ପ୍ରତିନିଧିତ୍ୱ କରେ । ଏହା ଏକ ବିଶାଳ ଲମ୍ଫକୁ ପ୍ରତୀକ କରେ । ଏହି ସମ୍ମିଶ୍ରଣ ଗଣନା, ବୈଜ୍ଞାନିକ ଅନୁସନ୍ଧାନ ଏବଂ ନନୀତିକ ଶାସନର ଦୃଶ୍ୟକୁ ମୌଳିକ ଭାବରେ ବଦଳାଇଥାଏ । ଏହି କ୍ଷେତ୍ରଗୁଡିକ ମଧ୍ୟରେ ପାରସ୍ପରିକ ନିର୍ଭରଶୀଳତା ଆମର ଡିଜିଟାଲ୍ ଭବିଷ୍ୟତକୁ ପୁନଃ ନିର୍ଦ୍ଦିଷ୍ଟ କରିବାକୁ ପ୍ରତିଜ୍ଞା କରେ, ଚ୍ୟାଲେଞ୍ଜଗୁଡିକର ଉତ୍ତର ପ୍ରଦାନ କରେ ଯାହା ଏକଦା ଅସମର୍ଥ ବୋଲି ବିବେଚନା କରାଯାଉଥିଲା ।

((( - )))

ଆବାହକ, ଓଡ଼ିଆ ଭଷା ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର/୯୪୩୭୨୮୦୨୮

ISSN NO.
2582-208X

# ଦରଜ ମାପ



ଆକୁଳାନନ୍ଦ ପୃଷ୍ଟି

କେଉଁ ମାପକାଠି ଲୋଡ଼ା ହେବ ଭଲା
ମାପିବାକୁ ମନ ଦରଜ
ଏମିତି ଲାଗୁଛି ଗତ ଜନମରୁ
ଦରଜ କରିଛି କରଜ ।

ଦେହ ଦୁଃଖ ଠାରୁ ମନ ଦୁଃଖ ମୋର
କାହିଁ କେତେ ଗୁଣ ବେଶୀ
ଭାବିଲେ ସେ କଥା ଦରଜ ବଢୁଛି
ବଢୁଛି ମୋ ଦୁଃଖ ରାଶି ।

ଦୁଃଖ କଷ୍ଟ ସବୁ ସାଙ୍ଗସାଥୀ ହୋଇ
ଅଙ୍ଗକୁ ଦେଉଛି ପୀଡ଼ା
ଶରୀର ପୀଡାର ଅଛି ପ୍ରତିକାର
ମନ ମୋ ଲଗାମ୍ ଛଡା ।

ଖାଦ୍ୟଠୁ ଅଧିକ ଔଷଧ ଖାଉଛି
ନ ହେଲେ ପଡ଼ିବି ଝୁଣ୍ଟି
ସବୁ ତ ଭେଜାଲ ଯନ୍ତ୍ରଣା ବର୍ଦ୍ଧକ
ଦୁଃଖ ଭୋଗିବା ଗ୍ୟାରେଣ୍ଟି ।

ISSN NO.
2582-208X

ମଶାଣୀ ଚିତାରେ ଶବ ଦାହ ହୁଏ
ମନକୁ ଜଳାଏ ଚିନ୍ତା
ଭାରାକ୍ରାନ୍ତ ମନ ଶରୀର ଜଳାଏ
ଦେହ ସହ ମନ
ଗୋଟିଏ ସୂତାରେ ଗୁନ୍ଥା ।

(((-)))

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡ଼ା କଖଡି କଟକ
ମୋ - ୯୪୩୭୮୬୪୫୬୨

ISSN NO.
2582-208X

# ସତ୍ୟ ବିଗ୍ରହ



କାଳ ପ୍ରସାଦ ମହାପାତ୍ର

ବାଘ ଭାଲୁ ହାତୀ
      ସହରେ ରହିବେ
ଗାଇ ଛେଳିମେଣ୍ଢା
      ପଦାରେ ବୁଲିବେ । I

ଶାଳ ଶାଗୁଆନ
      କରିବେ ଫସଲ
ଧାନ ଗହମର
      ଉଡ଼ିବ ଅକଲ ॥

ବିଲୁଆ ଶାଗୁଣା
      ଆଉ ନ ରହିବେ
ମଣିଷ ଜାତିରେ
      ସମସ୍ତେ ମିଶିବେ । I

ଆକାଶର ରଙ୍ଗ
      ବଦଳିଟି ଯିବ
ଅନଳ ପରାଏ
      ତେଜ ପ୍ରକାଶିବ ॥

ନଦୀ ନାଳ ସବୁ
      ହ୍ରଦ ପାଲଟିବ

ISSN NO.
2582-208X

ସମୁଦ୍ରଟା ଖାଲି
ଗରଜି ମରିବ ॥

ପାଣିପାଗ ତାଙ୍କ
ଉଦଣ୍ଡ ନାଚରେ
ରାଜୁତି କରିବେ
ଆପଣା ଇଚ୍ଛାରେ ॥

ଜୀବନ ଯାକର
ପରିଶ୍ରମ ଫଳ
ସବୁ ଶୋଷିନେବେ
ଡାକ୍ତର ସକଳ ॥

ସର୍ପ ଓ ନେଉଳ
ମଇତ୍ର ହୋଇବେ
କପଟ ବୁଦ୍ଧିରେ
ସଂସାର ନାଶିବେ । I

ଧର୍ମ କର୍ମ ସବୁ
ଭାଗଭାଗ ହେବ
ବାର ହାତ ଖଣ୍ଡେ
ସଭିଙ୍କୁ ମାରିବ ॥

କାଳିଆ ଠାକୁର
ମଉନ ରହିବ
ଆଖି ଖୋଲି ଦେଖି
ଅଦେଖା ରହିବ ॥

(((–)))

ଶିକ୍ଷକ
ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# ଗ୍ରାମ୍ୟ ଚେତନାର ସନନ୍ଦ : ଗାଳ୍ପିକ ବିଜୟାନନ୍ଦ



ରଶ୍ମିତା ସାହୁ

ଜଣେ ସ୍ରଷ୍ଟାର କମନୀୟ ଅନୁଭବର ଭିତ୍ତିପ୍ରସ୍ତର ଭାବେ ଗ୍ରାମ୍ୟ ଜୀବନର ମହତ୍ତ୍ୱ ଅନସ୍ୱୀକାର୍ଯ୍ୟ । ଏହା ଜଣେ ସ୍ରଷ୍ଟାର ଦୃଷ୍ଟିକୁ କରେ ପ୍ରଭାୟୁକ୍ତ ଏବଂ ମନକୁ କରେ ସ୍ୱପ୍ନମୟ। ଆଧୁନିକ ହିନ୍ଦୀ ସାହିତ୍ୟର ଯଶସ୍ୱୀ କବି ସଚ୍ଚିଦାନନ୍ଦ ହିରାନନ୍ଦ ବାତ୍ସାୟନଙ୍କ କବିତାର ପଂକ୍ତିକୁ ଉଦ୍ଧାର କରାଯାଇପାରେ –

"ଇନ୍ହି ତୃଣ୍- ଫୁସ୍ – ଛପ୍ପର୍ ସେ ଢକେ
ଢୁଲ୍ ମୂଲ୍ ଗଁବାରୁ ଝୋପଡୋଁ ମେଁ ହି
ହମାରା ଦେଶ୍ ବସତା ହୈ
X x x
ଇନ୍ହି କେ ମର୍ମ କୋ ଅନଜାନ୍
ଶହରୋଁ କି ଢକି ଲୋଲୁପ୍
ବିଷୈଲି ବାସନା କା ସାଁପ୍ ଡସତା ହୈ ।"

ଗ୍ରାମୀଣ ଜୀବନରେ ହିଁ ଦେଶର ପ୍ରକୃତ ଆତ୍ମା ନିହିତ । ଗାଁ' ର ସରଳ ମଣିଷ, ପ୍ରାକୃତିକ ପରିବେଶ, ପରମ୍ପରା, ସଙ୍ଗୀତ, ନୃତ୍ୟ, କଳା ହେଉଛି ସଂସ୍କୃତିକ ବିକାଶ ତଥା ଐଶ୍ୱର୍ଯ୍ୟର ଆଧାର । ସହରର ଚାକଚକ୍ୟ କୃତିମ ସଭ୍ୟତା ପ୍ରତି ଆସକ୍ତ ସ୍ୱାର୍ଥଲୋଭୀ ଭୋଗବାଦୀ ସହରୀ ମଣିଷର ଗ୍ରାମ୍ୟ ଜୀବନ ପ୍ରତି ଅନାଦର, ଅବହେଳା, ଅନୁପଲବ୍ଧି ହିଁ ସଂସ୍କୃତି ଓ ସଭ୍ୟତା ଅବକ୍ଷୟର କାରଣ । ଜଣେ ସାହିତ୍ୟିକ ସର୍ବଦା ତା'ର ସଂସ୍କୃତି, ପରମ୍ପରା

ISSN NO.
2582-208X

ମୂଲ୍ୟବୋଧର ସୁରକ୍ଷା ନିମନ୍ତେ ଥାଏ ସଂକଳ୍ପବଦ୍ଧ । ମାନବ ଜୀବନର ସମସ୍ୟା, ସଂଘର୍ଷ, ଦାରିଦ୍ର୍ୟ, ଦୁଃଖ, ଦୁର୍ଦ୍ଦଶା ପ୍ରତି ରହିଥିବା ଜଣେ ସାହିତ୍ୟିକର ଦାୟିତ୍ୱବୋଧ ହିଁ ତା'ର ସର୍ଜନାର ମର୍ମସ୍ଥଳ । ସାହିତ୍ୟକୁ ଜୀବନ ମଣୁଥିବା ଗାଳ୍ପିକ ବିଜୟାନନ୍ଦ ସିଂହ ଗ୍ରାମୀଣ ଚିତ୍ର ଅଙ୍କନରେ ଜଣେ କୁଶଳୀ ଗଳ୍ପ କଥକ । ଜନ୍ମମାଟି ପ୍ରତି ଥିବା ତାଙ୍କର ଶ୍ରଦ୍ଧା, ଅନୁରାଗ ଓ ଅହେତୁକ ମମତ୍ୱବୋଧ ତାଙ୍କ ସାହିତ୍ୟ ସର୍ଜନାକୁ ଶକ୍ତିଶାଳୀ କରିଛି । ପ୍ରାକୃତିକ ସୁଷମାରାଜିରେ ବିହ୍ୱଳ ବିଜୟାନନ୍ଦଙ୍କ ପାଇଁ ଗାଁ ଅଣିମାଦି ସୁଖ ଓ ଅଷ୍ଟବର୍ଗର ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ । ମାଟିମନସ୍କ ଗାଳ୍ପିକ ବିଜୟାନନ୍ଦ ସିଂହଙ୍କ ଶବ୍ଦରେ –"ଗାଁ ର ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ ଗୋଧୂଳିର ଗାଇ ଗୋରୁ ଗୋଠରୁ ଫେରିବା x x x ଚାଳ ମଥାନରୁ ନିଗିଡି ଆସୁଥିବା ପାଣି ସୁଅରେ ଭସାଉଥିବା କାଗଜ ଡଙ୍ଗାର ଦୃଶ୍ୟ ମୋତେ ମୁଗ୍ଧ କରେ । ଏସବୁ ଭାବଭାବନାକୁ ପ୍ରକାଶ କରିବା ପାଇଁ ମୁଁ ଯେତେବେଳେ ବ୍ୟାକୁଳ ହୁଏ, ସେତେବେଳେ ମୋ ଆଗରେ ସେହି ଅନ୍ତରଙ୍ଗ ମୁହୂର୍ତ୍ତମାନ ପ୍ରମୂର୍ତ୍ତ ହେବା ପାଇଁ କାଗଜ କଲମର ସହାୟତା ଲୋଡ଼ନ୍ତି ।"(୧ ) ସାଧାରଣ ଚାଷୀ, ଶ୍ରମିକ, କିରାଣୀ, ଗ୍ରାମୀଣ ନାରୀମାନଙ୍କ ସରଳ ଜୀବନ ଯାପନ, ସୁଖ -ଦୁଖ, ଦାରିଦ୍ର୍ୟ-ସଂଘର୍ଷ ଗାଳ୍ପିକଙ୍କୁ ଗଳ୍ପର ଉପାଦାନ ଦିଏ । ସେହି ମାନଙ୍କର ଦୁଃଖ-ନୈରାଶ୍ୟ ବେଦନାର ଉପଶମ ଚେଷ୍ଟାରୁ ହିଁ ତାଙ୍କ ଗଳ୍ପ ରଚନାର ଯାତ୍ରା ଆରମ୍ଭ । ତାଙ୍କ ଗଳ୍ପ ଗୁଡିକ ଦୁଃଖୀ, ନିର୍ଯାତିତ, ଅନ୍ୟାୟ ପ୍ରପୀଡିତ ମଣିଷମାନଙ୍କର ବେଦନା-ବିଧୁର ମର୍ମଲିପି ।

ବିଜୟାନନ୍ଦଙ୍କ ଅଧିକାଂଶ ଗଳ୍ପ ଗ୍ରାମ୍ୟଜୀବନର ମାର୍ମିକ ଅଲେଖ୍ୟ । ମାଟି ମା' ର ମୋହ, ଭିଟାମାଟି ପ୍ରତି ନିସ୍ପୃହ ଭାବ ର କ୍ଷୋଭ ତଥା ପରମ୍ପରା, ଐତିହ ଓ ସଂସ୍କୃତିର ଯଶଗାନରେ ତାଙ୍କ ଗଳ୍ପଗୁଡିକ ପ୍ରାଣବନ୍ତ । ଏହି ପ୍ରରିପ୍ରେକ୍ଷୀରେ ରେ ଓଡିଆ ସାହିତ୍ୟର ବିଶିଷ୍ଟ ଗାଳ୍ପିକା ବୀଣାପାଣି ମହାନ୍ତିଙ୍କ ମନ୍ତବ୍ୟ ସ୍ମରଣଯୋଗ୍ୟ –"ମାଟି ମଣିଷ କଥା ପାଇଁ ଗାଳ୍ପିକ ଅତି ପରିଚିତ । ଦୁଖ ଅଛି, ଦାରିଦ୍ର୍ୟ ଅଛି ମଧ୍ୟ ଜୀବନ ଜୀଇଁବାର ପ୍ରବଳ ଅଭୀପ୍ସା " । (୨ ) ନଗରୀକରଣ, କୃଷିର ଅବନ୍ନତି, ଆଧୁନିକତାର ପ୍ରଭାବ ଓ ସାମାଜିକ ପରିବର୍ତ୍ତନ କେତେକ, ଯୁବପିଢିଙ୍କ ପାଶ୍ଚାତ୍ୟାଭିମୁଖୀ ମନୋଭାବ ଭିତ୍ତିଭୂମି ଉପରେ ଗଢିଉଠିଥିବା କେତେକ ଗଳ୍ପ – 'ଦୀର୍ଘଶ୍ୱାସ', 'ପାଣିଫୋଟକା', 'ଜୀବନ ଏକ ନଦୀ',ବିଭାଜିତସ୍ୱପ୍ନ', 'ତଥାପି ଭାରତ', 'ସ୍ନେହନିବାସ', 'ମିଛଯୁଦ୍ଧ', 'ଭିନ୍ନଦିଗନ୍ତ',

ISSN NO.
2582-208X

'ନବଜନ୍ମ', 'ଅତର୍କିତ ସମୟ', 'ଚାଲ ଫେରିଯିବା' ପ୍ରଭୃତି ଗାଳ୍ପିକଙ୍କ ଗ୍ରାମୀଣ ମୂଲ୍ୟବୋଧର ସୌହାର୍ଦ୍ଦ୍ୟପୂର୍ଣ୍ଣ ଅଭିବ୍ୟକ୍ତି ।

ସୁବିଧାବାଦୀ ମଣିଷ ସହରର ଚାକଚକ୍ୟପୂର୍ଣ୍ଣ ପରିବେଶରେ ନିଜ ଗାଁ, ପରିବାର, ଆତ୍ମୀୟସ୍ୱଜନ ମାନଙ୍କଠାରୁ ଦୂରେଇଯିବା ଏବଂ ଯୁବପିଢିମାନଙ୍କର ଗ୍ରାମ୍ୟବିମୁଖ ମନୋଭାବର ଏକ ସାର୍ଥକ ଚିତ୍ର 'ଦୀର୍ଘଶ୍ୱାସ' ଗଳ୍ପ । ଦୀନବନ୍ଧୁ ମାଧ୍ୟମରେ ଗାଳ୍ପିକକଙ୍କ ଜନ୍ମମାଟି ପ୍ରତି ରହିଥିବା ଆନ୍ତରିକତାର ସମ୍ବେଦନଶୀଳତା ଘଟିଛି ସଫଳ ପ୍ରକାଶ । ଗ୍ରାମ୍ୟ ସ୍ମୃତିରେ ବିଭୋର ଗାଳ୍ପିକଙ୍କ ଭାଷାରେ –"ସହରରେ ମଣିଷ ଅଛନ୍ତି କିନ୍ତୁ ଜୀବନ ନାହିଁ । "ସହରରେ ମଣିଷ ଅଛନ୍ତି; କିନ୍ତୁ ଜୀବନ ନାହିଁ। ସହରରେ ମଣିଷ ଅଛନ୍ତି; କିନ୍ତୁ ମାନବିକତା ବା ମନୁଷ୍ୟତ୍ୱ ନାହିଁ।"(୩ )

ସହରାଭିମୁଖୀ ମଣିଷ ବିଭିନ୍ନ ପ୍ରାଚୁର୍ଯ୍ୟ ମଧ୍ୟରେ ଗାଁର ସଜଳ ସ୍ମୃତିକୁ ସିନା ପାଶୋରିଦିଏ ମାତ୍ର ବିପଦ ସମୟରେ ଗାଁ ହୁଏ ତା'ର ସୁରକ୍ଷା କବଚ । ପ୍ରାକୃତିକ ବିପର୍ଯ୍ୟୟ ସାଜେ ପ୍ରକୃତି କୋଳକୁ ଫେରିବାର ସୋପାନ । ଏହିପରି ଭିତ୍ତିପ୍ରସ୍ତର ଉପରେ ଦଣ୍ଡାୟମାନ ଗଳ୍ପ 'ଫେରିବାର ବେଳ' । ଯୁବପିଢି ମଧ୍ୟରେ ରହିଥିବା ବିଦେଶୀ ମୋହ ସମ୍ପର୍କରେ ଗାଳ୍ପିକଙ୍କ ଉକ୍ତି– "ସତରେ ଶିକ୍ଷା ମଣିଷକୁ ବଡ଼ କରାଏ ନା ଛୋଟ କରାଏ । ସୁବୋଧ କ'ଣ ଶିକ୍ଷିତ ହୋଇ ନିଜ ମାତୃଭୂମିକୁ ପାସୋରିଦେଲା ।"(୪)

ମାନବର ପ୍ରଥମ ପରିଚୟ ତା'ର ଜନ୍ମମାଟି । ଗ୍ରାମ୍ୟ ଜୀବନର ଶାନ୍ତ, ସରଳ, ପ୍ରାକୃତିକ ପରିବେଶରେ ଲୋକମାନଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ, ଆତ୍ମୀୟତା ଓ ସାମାଜିକ ଭାଇଚାରା ସହିତ ଉଚ୍ଚପଦସ୍ଥ ସହରୀ ବାବୁମାନଙ୍କର ଜନ୍ମମାଟି ପ୍ରତି ରହିଥିବା ଘୃଣ୍ୟ ମନୋଭାବ 'ଚାଲ ଫେରିଯିବା' ଗଳ୍ପ । ଗାଁର ଏକତା, ସଂହତିକୁ ସ୍ମରଣ କରାଇଦେବା ନିମନ୍ତେ ଗାଳ୍ପିକ 'ହରିପ୍ରସାଦ'ଙ୍କୁ ପ୍ରତିନିଧି ରୂପେ ଦଣ୍ଡାୟମାନ କରାଇଛନ୍ତି । ପରିଶେଷରେ ଗାଁକୁ ଫେରିଯିବାକୁ ଗାଳ୍ପିକଙ୍କର ରହିଛି ଉଦବୋଧନ – "ଚାଲ ଆମେ ଫେରିଯିବା–ଚାଲ ଆମେ ଫେରିଯିବା ଆମ ପ୍ରିୟ ଗାଁକୁ । ଆମ୍ଭ ଏଣ୍ଡୁଡିଶାଳ ଜନ୍ମମାଟିକୁ ।"(୫) ବୃଦ୍ଧ ଲୋକନାଥବାବୁଙ୍କ ମାଟି ମନସ୍କତା ପ୍ରକାଶ ପାଇଛି 'ନବଜନ୍ମ' ଗଳ୍ପରେ ନିଜର ଜନ୍ମଭୂମି, କର୍ମଭୂମି ଏବଂ ଦେବଭୂମି ଭୁବନେଶ୍ୱର କୋଳରେ ଅବଶିଷ୍ଟ ଜୀବନ ଅତିବାହିତ କରିବାକୁ

ISSN NO.
2582-208X

ଚାହିଁଛନ୍ତି । ସେହିପରି 'ପାଣିଫୋଟକା' ଗଳ୍ପରେ ଗାଁ ପ୍ରତି ରହିଥିବା ମମତ୍ୱବୋଧର ଚିତ୍ର ରହିଛି । ବିଦେଶରେ ଭାରତୀୟ ସଂସ୍କୃତିର ମହନୀୟତା ପ୍ରଦର୍ଶିତ । ବିଦେଶଗ୍ରସ୍ତ ସୁଦୀପ୍ତକୁ ତାଁର ଜନ୍ମମାଟି ମୋହାଚ୍ଛନ୍ନ କରିଛି । ସେ କହିଉଠିଛି- "ଜନ୍ମମାଟିର ମୋହମାୟା ମୋତେ ଟାଣି ଧରୁଛି । ମନଟା ମୋ ଗାଁ ପାଖର ତାଳବଣ, ବୁଦୁବୁଦୁକିଆ ଜଙ୍ଗଲ, ଛୋଟଛୋଟ ଚାଳଘର, ଅଧାଲୁଗା ପିନ୍ଧିଥିବା ମଣିଷ ପାଖରେ ସର୍ବୋପରି ମୋ ବୋଉଙ୍କ ପାଖରେ ।"(୬)

ଉତ୍ତରଅଶୀ ପରବର୍ତ୍ତୀକାଳରେ ମଣିଷର ଅବିଶ୍ୱାସବୋଧ, ସ୍ୱାର୍ଥକେନ୍ଦ୍ରିକ ଜୀବନଶୈଳୀ, ମାନବର ଦୁଃଖ, ଯନ୍ତ୍ରଣା ନୈରାଶ୍ୟବୋଧ, ଗ୍ରାମୀଣ ସଭ୍ୟତାର ଅବନତିର ଚିତ୍ର ବିଜୟାନନ୍ଦଙ୍କ କଥାଜଗତକୁ ବାସ୍ତବବାଦୀ କରି ତୋଳିଛି । ପାଶ୍ଚାତ୍ୟାନୁକରଣରୁ ମୁକ୍ତ ହୋଇ ଭାରତୀୟ ଗ୍ରାମ୍ୟ ସଂସ୍କୃତିର ଯଶଗାନରେ ବହିଯାଇଛି ତାଙ୍କ ଗଳ୍ପସ୍ରୋତ । ସମକାଳୀନ ଆଧୁନିକ ସଭ୍ୟତାର ବିଧିବ୍ୟବସ୍ଥା ପ୍ରତି ଗାଳ୍ପିକଙ୍କ ବିଦ୍ରୋହାତ୍ମକ ଦୃଷ୍ଟି, ଗ୍ରାମ୍ୟ ଜୀବନର ବିପର୍ଯ୍ୟସ୍ତ ମୂଲ୍ୟବୋଧର ଅନ୍ଧକାର ମଧ୍ୟରେ ମାନବାତ୍ମାର ପ୍ରଭାମୟ ଦୀପ୍ତିକୁ ଉଦ୍ଭାସିତ କରିଛି । ଗ୍ରାମ୍ୟପ୍ରୀତି, ଜୀବନଦୃଷ୍ଟି ତଥା ମାନବର ଯାବତୀୟ ବିକୃତିରୁ ମୁକ୍ତି ଗାଳ୍ପିକ ବିଜୟାନନ୍ଦଙ୍କ ସିଂହଙ୍କ ଗଳ୍ପପ୍ରବଣତାର ଅମୂର୍ତ୍ତ କୀର୍ତ୍ତି ।

(୧) ସିଂହ, ବିଜୟାନନ୍ଦ-ମୋ ସାହିତ୍ୟ ମୋ ଜୀବନ -ଓଡିଆ ମୁଖଶାଳା ସୁବର୍ଣ୍ଣଶ୍ରୀ -୨୦୨୨
(୨) ସିଂହ, ବିଜୟାନନ୍ଦ-ଜୀବନ ଏକ ନଦୀ -ଅଣଆୟତ୍ତ ଜୀବନର କଥା -୨୦୨୧
(୩) ସିଂହ, ବିଜୟାନନ୍ଦ- ନୀରବ ଆଳାପ -ପୃ - (୮)-୨୦୦୯
(୪ ) ସିଂହ, ବିଜୟାନନ୍ଦ-ଅଶେଷ ଅନୁରାଗ -୨୦୨୪
(୫) ତତ୍ରୈବ
(୬ ) ସିଂହ, ବିଜୟାନନ୍ଦ- ନୀରବ ଆଳାପ -ପୃ - (୧୪ )-୨୦୦୯

(((-)))

ଗବେଷିକା, ଓଡ଼ିଆ ଭାଷା-ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ISSN NO.
2582-208X

# ଜୀବନ କୁ କି ଅବା ଭରଷା



ସିନ୍ଧୁ ନନ୍ଦିନୀ

ଜୀବନ କୁ କି ଅବା ଭରଷା
ଏଇ ଅଛି ଏଇ ନାହିଁ
ନିଶ୍ୱାସ କୁ ପରା ବିଶ୍ୱାସ ନାହିଁ
ଅଭିମାନ କାହିଁପାଇଁ

ଜୀବ ଯିବାପରେ ସବୁ ସରିଯାଏ
ଚାରିଆଡ଼େ ନୀରବତା
ମାନ ଅପମାନ ର ମୂଲ୍ୟ ନଥାଏ
ଖାଲି ଥାଏ ଶୂନ୍ୟତା

ଜୀବ ଥିବା ଯାଏ ଆପଣାର ଛାଏଁ
ଖୁସିରେ ଜୀବନ ବଞ୍ଚି
ବୃଥା ଅଭିମାନ ହୃଦେ ଭରିଥିଲେ
କାଳ ନେବ ସବୁ ଝାମ୍ପି

ଜୀବନ ଜୀଇଁବା ହସି ହସାଇବା
ସାଥେ ଯିବ ସତକର୍ମ
ଭାଗ୍ୟ ନେଲେ ନେଉ ଯେତେ ପରୀକ୍ଷା
କର୍ତ୍ତବ୍ୟ ହିଁ ମୂଢ ମର୍ମ

ISSN NO.
2582-208X

ଅଳିକ ଜୀବନ କ୍ଷଣିକ ସପନ
ବୃଥା ମାନ ଅଭିମାନ
ଯେତେ ବାଧା ବିପଦ ଆସିଲେ ସୁଦ୍ଧା
କରିବା ମହତ କର୍ମ

କେହି ଜାଣନ୍ତିନି ସଭିଙ୍କୁ ଅଛପା
ଏ ଜୀବନ କେତେ ଦିନ
ହିଂସା ଅହଙ୍କାର ରାଗ କୁ ଦୂରେଇ
ସୁଖରେ କାଟିବା ଦିନ

ପ୍ରଭୁ ନାମ ନେଇ ପ୍ରଭୁ ନାମ ଗାଇ
କାଟିଦେବା ବାକି ଦିନ
ଜୀବ ଯିବାବେଳେ ସାଥେ ଥିବ ପ୍ରଭୁ
ଲୋଡ଼ା ନାହିଁ କିଛି ଆନ

(((-)))

ଭୁବନେଶ୍ୱର

ISSN NO.
2582-208X

# ପୂର୍ଣ୍ଣ ସମାପ୍ତି



ପୂଜାରାଣୀ ସେଠୀ

ସମୟ ସେଇ ଉପର ଓଳି
ଦୁଇ ଟୋପା ବର୍ଷାକୁ ନେଇ
ଫୁସ୍ ଫାସ ହୋଇ ପବନ କଣ ସବୁ କାନରେ କହିଯାଏ...
କିଛି ନାହିଁ ସେଠି,
ଖାଲି ଯାହା ଶୁନଶାନ୍ ନିରୋଳା ରାସ୍ତାରେ ନିରବତା ଭାଙ୍ଗୁଥାନ୍ତି
ସେ ଗାଡ଼ିର ହର୍ନ ସବୁ
ଆଉ ମୁଁ ସେଇଠି ବାରମ୍ବାର ଝୁଣ୍ଟେ
ଜଉଠି ତୁମେ ମତେ ଦେଖିବାକୁ ଅପେକ୍ଷା କର
ତୁମର ସେ ଚିହ୍ନା ଆଖି, ଆଉ ମେଞ୍ଚାଏ ନିରବତା କୁ ନେଇ।....

ଶୁନଶାନ୍ ଗଳିର ପ୍ରତ୍ୟେକଟି ବାସ୍ନା ତୁମ ଦେହ ପରି ମହକିବ..
ତୁମ ଦେହ ଛୁଇଁ ଫେରୁଥିବା ଦୀର୍ଘ ଶ୍ୱାସ ସବୁ ମୋର ହେବ..
ଚଞ୍ଚଳ ହେଲେ ବି ଅନୁଭୂତି ସବୁ ପ୍ରେମ ପାଲଟିବ..
ସେ ନାରାଜ ଆଖିରେ ସ୍ୱପ୍ନ ସବୁ ତୁମ ପାଇଁ ଥିବ...

ଆତ୍ମ ସ୍ୱାଭିମାନକୁ ଗହଣା କରି ସଜେଇବା ପାଇଁ..
ଯେବେ ହାତକୁ ପାଣି ଚୁଡ଼ି ଆଣିବ ନାଲି ବିନ୍ଦି ନାଇ
ସେ ତୁମକୁ ଲାଜେଇ ଚାହିଁବ ..
ଜହ୍ନରୁ ଗଜରା ଆଣି ଗଭାରେ ଖୋସିବ..
ରାତିରୁ କଜଳ ନେଇ ଆଖିରେ ମାଖିବ ...

ISSN NO.
2582-208X

ଦି ଜଣଙ୍କୁ ନୂଆ ଜୀବନ ମିଳିବ ...
ପରସ୍ପର ପାଇଁ ବଞ୍ଚିବାର ପ୍ରତିଶୃତି ଥିବ ...
ରାଣ ତ ଦିଜଣଙ୍କ ପାଇଁ ଥିବ
ତୁମେ ହାତ ଛାଡ଼ିବନି ବୋଲି ପ୍ରତିଶ୍ରୁତି ଦେବ
ହେଲେ କାହାଣୀ ତ ଆଗରୁ ଅଧା ହିଁ ଲେଖା ସରିଥିବ ।...

ଅଡୁଆ କୁଞ୍ଜ ସବୁ ସଜାଡି ହେବେ..
ତୁମ ଅଦ୍ଭୁତ ଅନୁରଞ୍ଜିତ ପ୍ରେମ ଆଗେ ମୁ ବାରମ୍ବାର ହାରିଯିବି ..
ଯେବେ ସ୍ୱପ୍ନ ସବୁ ବାସ୍ତବତାରେ ପରିଣତ ହେବ
ସେବେ ସହରର ତାପମାତ୍ରା ସବୁଠାରୁ ନିମ୍ନରେ ଥିବ
ସବୁ ପ୍ରତିଶ୍ରୁତିକୁ ନେଇ ପ୍ରେମ ପୂର୍ଣ୍ଣ ସମାପ୍ତି ହେବ।...

(((-)))

ଅନ୍ଧାରୀ, ଆବୁଲପୁରା, ଯାଜପୁର

ISSN NO.
2582-208X

# ଶ୍ରୀକ୍ଷେତ୍ରରୁ ବିଶ୍ୱଦରବାର : ରଥଯାତ୍ରାର ମହିମା



କବିତା ବେହେରା

"ଜୟ ଜଗନ୍ନାଥ" ଏହି ଦୁଇଟି ଶବ୍ଦ ମଧ୍ୟରେ ଲୁଚି ରହିଛି କୋଟି କୋଟି ଭକ୍ତଙ୍କର ବିଶ୍ୱାସ, ଆଶା ଓ ଅପାର ଭକ୍ତି।

"ଆଷାଢ଼ର ଆକାଶରେ ଯେତେବେଳେ ମେଘମାଳାର ଶ୍ୟାମଳ ଆବରଣ ଖେଳିଯାଏ, ପୁରୀ ବଡ଼ଦାଣ୍ଡରେ ଭକ୍ତିର ମହାସମୁଦ୍ର ଉଚ୍ଛୁଳି ଉଠେ। ସେହି ମହାକ୍ଷଣରେ କେବଳ ରଥ ଚାଲେନାହିଁ, ଚାଲେ କୋଟି କୋଟି ଭକ୍ତଙ୍କର ବିଶ୍ୱାସ, ଭାବନା ଓ ଅନନ୍ତ ଆସ୍ଥା।"

### ଓଡ଼ିଆ ଅସ୍ମିତାର ପରିଚୟ:

ରଥଯାତ୍ରା କେବଳ ଓଡ଼ିଶାର ଏକ ପର୍ବ ନୁହେଁ; ଏହା ଏକ ଜୀବନ୍ତ ପରମ୍ପରା, ଏକ ଆଧ୍ୟାତ୍ମିକ ଅନୁଭୂତି ଏବଂ ଓଡ଼ିଆ ଅସ୍ମିତାର ସର୍ବଶ୍ରେଷ୍ଠ ପ୍ରତୀକ। ଯୁଗ ଯୁଗ ଧରି ଏହି ମହାନ ଉତ୍ସବ ଭକ୍ତି, ପ୍ରେମ, ସମାନତା ଓ ମାନବତାର ବାର୍ତ୍ତା ବହନ କରିଆସୁଛି। ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ପୁରୀର ପବିତ୍ର ଶ୍ରୀଜଗନ୍ନାଥ ମନ୍ଦିରରୁ ଆରମ୍ଭ ହେଉଥିବା ଏହି ମହାଯାତ୍ରା କେବଳ ଶ୍ରୀକ୍ଷେତ୍ରର ସୀମାରେ ସୀମିତ ରହିନାହିଁ; ଏହା ଆଜି ବିଶ୍ୱର କୋଣ ଅନୁକୋଣରେ ଭକ୍ତିର ଆଲୋକ ପ୍ରଜ୍ଜ୍ୱଳିତ କରୁଛି।

ରଥଯାତ୍ରାର ସବୁଠାରୁ ବଡ଼ ବିଶେଷତା ହେଉଛି, ଏହି ଦିନ ପ୍ରଭୁ ଜଗନ୍ନାଥ ନିଜ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ରତ୍ନସିଂହାସନ ତ୍ୟାଗ କରି ଭକ୍ତଙ୍କ ମଧ୍ୟକୁ ଆସନ୍ତି। ସାଧାରଣତଃ ଭକ୍ତମାନେ ଭଗବାନଙ୍କ ଦର୍ଶନ ପାଇଁ ମନ୍ଦିରକୁ ଯାଆନ୍ତି, କିନ୍ତୁ ରଥଯାତ୍ରା ଏକମାତ୍ର ଉତ୍ସବ ଯେଉଁଠାରେ ଭଗବାନ ନିଜେ ଭକ୍ତଙ୍କ ପାଖକୁ ଆସନ୍ତି। ଏହି ଅନନ୍ୟ ପରମ୍ପରା ଭଗବାନ ଓ ଭକ୍ତଙ୍କ ମଧ୍ୟରେ ଥିବା ନିଷ୍କଳୁଷ ସମ୍ପର୍କର ଏକ ଅପୂର୍ବ ପ୍ରତୀକ।

ISSN NO.
2582-208X

ଓଡ଼ିଶା କେବଳ ଏକ ରାଜ୍ୟ ନୁହେଁ, ଏହା ଇତିହାସ, ସଂସ୍କୃତି, ଭକ୍ତି ଓ କଳାର ଏକ ଅମୂଲ୍ୟ ଭଣ୍ଡାର। ଜଗନ୍ନାଥ ସଂସ୍କୃତି, କୋଣାର୍କର ସ୍ଥାପତ୍ୟ, ଓଡ଼ିଶୀ ନୃତ୍ୟ, ସାହିତ୍ୟ ଓ ଲୋକପରମ୍ପରା ଓଡ଼ିଶାକୁ ବିଶ୍ୱଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଏହି ପବିତ୍ର ଭୂମି ଭକ୍ତି, ଐତିହ୍ୟ ଓ ଗୌରବର ଚିରନ୍ତନ ଦୀପଶିଖା ହୋଇ ଆଜି ମଧ୍ୟ ସମଗ୍ର ବିଶ୍ୱକୁ ଆଲୋକିତ କରୁଛି।

### ତିନି ରଥର ମହିମା:

ରଥଯାତ୍ରାର ପ୍ରସ୍ତୁତି ବହୁ ମାସ ପୂର୍ବରୁ ଆରମ୍ଭ ହୋଇଥାଏ। ଅକ୍ଷୟ ତୃତୀୟା ଦିନ ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୁଏ। ଲିମ୍ବ କାଠରେ ତିନୋଟି ଭବ୍ୟ ରଥ ନିର୍ମାଣ କରାଯାଏ। ପ୍ରଭୁ ଜଗନ୍ନାଥଙ୍କ ରଥ ନନ୍ଦିଘୋଷ, ବଳଭଦ୍ରଙ୍କ ରଥ ତାଳଧ୍ୱଜ ଏବଂ ସୁଭଦ୍ରାଙ୍କ ରଥ ଦର୍ପଦଳନ ନାମରେ ପରିଚିତ। ଏହି ରଥଗୁଡ଼ିକ କେବଳ କାଠର ନିର୍ମାଣ ନୁହେଁ, ବରଂ ଓଡ଼ିଆ କାରିଗରୀ କଳା, ପରମ୍ପରା ଓ ଭକ୍ତିର ଜୀବନ୍ତ ପ୍ରତିଛବି।

### ବଡ଼ଦାଣ୍ଡରେ ଭକ୍ତିର ମହାସମୁଦ୍ର:

ରଥଯାତ୍ରା ଦିନ ପୁରୀ ବଡ଼ଦାଣ୍ଡ ଏକ ଅପୂର୍ବ ଦୃଶ୍ୟର ସାକ୍ଷୀ ହୁଏ। ଦେଶ-ବିଦେଶରୁ ଆସିଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମରେ ସମଗ୍ର ଶ୍ରୀକ୍ଷେତ୍ର ଭକ୍ତିମୟ ହୋଇଉଠେ। ହରିବୋଲ, ଜୟ ଜଗନ୍ନାଥ ଓ ଘଣ୍ଟ-ଶଙ୍ଖର ନାଦରେ ଆକାଶ ପ୍ରକମ୍ପିତ ହୁଏ। ଭକ୍ତଙ୍କ ଆଖିରେ ଆନନ୍ଦାଶ୍ରୁ ଝଲମଲ କରେ, କାରଣ ସେମାନେ ନିଜ ପ୍ରିୟ କାଳିଆ ଠାକୁରଙ୍କୁ ନିକଟରୁ ଦେଖିବାର ସୌଭାଗ୍ୟ ଲାଭ କରନ୍ତି।

ରଥର ରସିରେ ଲକ୍ଷ ଲକ୍ଷ ହାତ ଏକାଠି ହେବାର ଦୃଶ୍ୟ ସତରେ ଅପୂର୍ବ। ସେଠାରେ କୌଣସି ଜାତି, ଧର୍ମ, ବର୍ଣ୍ଣ କିମ୍ବା ଆର୍ଥିକ ସ୍ଥିତିର ଭେଦଭାବ ନଥାଏ। ସମସ୍ତେ କେବଳ ଭକ୍ତ। ସମସ୍ତଙ୍କର ଏକମାତ୍ର ପରିଚୟ "ମୁଁ ଜଗନ୍ନାଥଙ୍କ ଭକ୍ତ"। ଏହି ମହାନ ପରମ୍ପରା ସମାନତା ଓ ମାନବତାର ଅଦ୍ଭୁତ ଉଦାହରଣ।

### ଛେରା ପହଁରା : ବିନମ୍ରତାର ଅପୂର୍ବ ଉଦାହରଣ

ରଥଯାତ୍ରାର ଆଉ ଏକ ଅତ୍ୟନ୍ତ ଆକର୍ଷଣୀୟ ଓ ଅର୍ଥପୂର୍ଣ୍ଣ ନୀତି ହେଉଛି "ଛେରା ପହଁରା"। ଏହି ନୀତିରେ ଗଜପତି ମହାରାଜ ସୁନାର ଝାଡ଼ୁ ଧରି ରଥ ଚାରିପାଖ ସଫା କରନ୍ତି। ଏହା

ISSN NO.
2582-208X

କେବଳ ଏକ ଧାର୍ମିକ ରୀତି ନୁହେଁ; ଏହା ବିନମ୍ରତା ଓ ସେବାଭାବର ଏକ ମହାନ ଆଦର୍ଶ। ଏହି ଦୃଶ୍ୟ ଆମକୁ ଶିଖାଏ ଯେ ମଣିଷ ଯେତେ ବଡ଼ ପଦବୀରେ ଥାଉନା କାହିଁକି, ଭଗବାନଙ୍କ ସମ୍ମୁଖରେ ସମସ୍ତେ ସମାନ।

ରଥଯାତ୍ରାର ଆଧ୍ୟାତ୍ମିକ ମହତ୍ୱ ଅପରିସୀମ। ଏହା ଆମକୁ ଜୀବନର ପ୍ରକୃତ ମୂଲ୍ୟ ବୁଝାଏ। ରଥ ଯେପରି ଗୋଟିଏ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହୁଏ, ସେପରି ମଣିଷ ମଧ୍ୟ ଜୀବନରେ ସତ୍ୟ, ଧର୍ମ ଓ ମାନବତାର ପଥରେ ଅଗ୍ରସର ହେବା ଉଚିତ। ଏହି ଉତ୍ସବ ଆମକୁ ପ୍ରେମ, ସହନଶୀଳତା, ତ୍ୟାଗ ଓ ସମର୍ପଣର ଶିକ୍ଷା ଦେଇଥାଏ।

## ବିଶ୍ୱପ୍ରସିଦ୍ଧ ରଥ ଯାତ୍ରା:

ଆଜି ରଥଯାତ୍ରା କେବଳ ପୁରୀରେ ସୀମିତ ନୁହେଁ। ଆମେରିକା, ବ୍ରିଟେନ, କାନାଡା, ଅଷ୍ଟ୍ରେଲିଆ, ରୁଷ, ଜର୍ମାନୀ ସହ ବିଶ୍ୱର ଅନେକ ଦେଶରେ ମଧ୍ୟ ରଥଯାତ୍ରା ପାଳନ କରାଯାଉଛି। ବିଦେଶୀ ଭକ୍ତମାନେ ମଧ୍ୟ "ଜୟ ଜଗନ୍ନାଥ" ଧ୍ୱନିରେ ସାମିଲ ହୋଇ ଏହି ମହାନ ସଂସ୍କୃତିର ଅଂଶୀଦାର ହେଉଛନ୍ତି। ଏହା ପ୍ରମାଣ କରେ ଯେ ଜଗନ୍ନାଥ ସଂସ୍କୃତି କେବଳ ଓଡ଼ିଆଙ୍କର ନୁହେଁ, ସମଗ୍ର ମାନବ ସମାଜର।

## ରଥଯାତ୍ରାର ଐତିହାସିକ ମହତ୍ୱ:

ରଥଯାତ୍ରା ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ଏକ ଉଜ୍ଜ୍ୱଳ ପ୍ରତୀକ। ଏହା ମାଧ୍ୟମରେ ଓଡ଼ିଆ କଳା, ସ୍ଥାପତ୍ୟ, ସଙ୍ଗୀତ, ସାହିତ୍ୟ ଓ ହସ୍ତଶିଳ୍ପ ବିଶ୍ୱଦରବାରରେ ପରିଚିତ ହୋଇଛି। ରଥଯାତ୍ରା କେବଳ ଧାର୍ମିକ ଭାବନାକୁ ଜାଗ୍ରତ କରେ ନାହିଁ, ଏହା ଓଡ଼ିଆ ଜାତିର ଗୌରବମୟ ଇତିହାସ ଓ ପରମ୍ପରାକୁ ମଧ୍ୟ ଜୀବନ୍ତ ରଖିଛି।

ପରିଶେଷରେ କୁହାଯାଇପାରେ ଯେ, ରଥଯାତ୍ରା ହେଉଛି ଭକ୍ତିର ମହାସମୁଦ୍ର, ଆସ୍ଥାର ଅମୃତଧାରା ଓ ମାନବତାର ଏକ ଚିରନ୍ତନ ବାର୍ତ୍ତା। ଏହା କେବଳ ଏକ ପର୍ବ ନୁହେଁ, ବରଂ ଏକ ଜୀବନଦର୍ଶନ। ଶ୍ରୀକ୍ଷେତ୍ରରୁ ଆରମ୍ଭ ହୋଇଥିବା ଏହି ମହାନ ପରମ୍ପରା ଆଜି ବିଶ୍ୱଦରବାରରେ ଓଡ଼ିଶାର ଗୌରବକୁ ଉଜ୍ଜ୍ୱଳ କରୁଛି। ଯେପର୍ଯ୍ୟନ୍ତ ଭକ୍ତି ରହିଥିବ, ଯେପର୍ଯ୍ୟନ୍ତ ମାନବତା ରହିଥିବ, ସେପର୍ଯ୍ୟନ୍ତ ରଥଯାତ୍ରାର ମହିମା ଅମର ହୋଇ ରହିବ।

ISSN NO.
2582-208X

"ରଥର ଚକା ଗଡ଼ି ଚାଲେ ବଡ଼ଦାଣ୍ଡରେ,
କିନ୍ତୁ ତାହାର ସ୍ପନ୍ଦନ ଶୁଣାଯାଏ କୋଟି କୋଟି ହୃଦୟରେ।
ଜଗନ୍ନାଥ କେବଳ ଜଣେ ଦେବତା ନୁହଁନ୍ତି,
ସେ ହେଉଛନ୍ତି ଭକ୍ତି, ପ୍ରେମ ଓ ମାନବତାର ଅନନ୍ତ ପରିଚୟ।"

ଜୟ ଜଗନ୍ନାଥ।

(((-)))

ବାଲେଶ୍ୱର, ସୋର

ISSN NO.
2582-208X

ବେଦାନ୍ତୀ

# ସନ୍ଥ କବି



ରଘୁନାଥ ତ୍ରିପାଠୀ

କନ୍ଧ ପିତାମାତା ପାଇଥିଲେ ବନୁ
କଲ ତାଙ୍କ କୋଳ ମଣ୍ଡନ
ଶୂନ୍ୟ ମନ୍ଦିରରେ କରି ନୀରାଜନା
ପ୍ରସରିଛ କେତେ ଦର୍ଶନ ।

ଚାନ୍ଦ ପରି ବଢ଼ି ଦିନମଣି ସମ
ବିତରି ଯାଇଛ ଆଲୋକ
ବାଳକାଳୁ ଗାଇଥିଲ ସଂସାରକୁ
ଉଦ୍ଧରିବ ବରି ନରକ ।

କନ୍ଧ ଅନ୍ଧକବି ଦିନ କାଟୁଥିଲ
ହୋଇ ଗୋଗୋଷ୍ଠର ରକ୍ଷକ
ହୃଦୟ ତୁମର କାନ୍ଦୁଥିଲା ଧ୍ୟାୟୀ
ନିରାକାର ସୃଷ୍ଟି ମାଲିକ ।

ସମାଜେ ବିପ୍ଳବ ଦେଇଥିଲ ଭରି
ନ ସହି ପ୍ରାଣୀଙ୍କ ଆରତ
ଆଖିରେ ନ ଦେଖି ସରଜି ଗଲ ହେ
କେତେ କାଳଜୟୀ ସାହିତ୍ୟ ।।

ISSN NO.
2582-208X

ଶୂନ୍ୟ ଆରାଧନା କରିଛ ଆରମ୍ଭ
ସରଜି ମହିମା ଧରମ
ସନ୍ଥ ହେ ତୁମ୍ଭେ କବି ଭୀମ ଭୋଇ
କରିଗଲ କେଡେ କରମ ।

(((-)))

ବାଲିସାହି, ମଧୁପାଟଣା
କଟକ ୯୪୩୭୩୧୭୫୪୮

ISSN NO.
2582-208X

# ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା

ରୁକ୍ମଣୀ ସମର୍ଥା

"ନାତଃ ପରତରଂ କର୍ମହ୍ୟନାୟା ସେନ ମୋଚନମ୍
ଜ୍ୟେଷ୍ଠ ଜନ୍ମଦିନେ ସ୍ନାନଃ ହରେର୍ଯତ୍ ଅବଲୋକିତମ୍ ।"

କୁହାଯାଏ ଜ୍ୟେଷ୍ଠ ଜନ୍ମତିଥିରେ ଶ୍ରୀହରିଙ୍କ ସ୍ନାନଯାତ୍ରା ସଂଦର୍ଶନ କରିବାଠାରୁ ଆଉ ମହତ୍ କାର୍ଯ୍ୟ ସଂସାରରେ ନାହିଁ । କୋଟି ଓଡ଼ିଆଙ୍କ ମଉଡ଼ମଣି ଶ୍ରୀଜଗନ୍ନାଥ ହେଉଛନ୍ତି ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର କେନ୍ଦ୍ରବିନ୍ଦୁ। ସମସ୍ତ ଦେବତାଙ୍କ ମଧ୍ୟରେ ଶ୍ରେଷ୍ଠ ଶ୍ରୀପୁରୁଷୋତ୍ତମ ହୋଇଥିବା ବେଳେ ସମସ୍ତ କ୍ଷେତ୍ର ମଧ୍ୟରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ମହତ୍ୱ ପ୍ରତିପାଦିତ ହୋଇଛି। ଏହି ପୁଣ୍ୟକ୍ଷେତ୍ରର ଅଧିଷ୍ଠିତ ଦେବତା ଶ୍ରଜଗନ୍ନାଥ କେବଳ ଉତ୍କଳ କିମ୍ବା ଭାରତବର୍ଷ ନୁହଁନ୍ତି; ସମଗ୍ର ଜଗତର ସ୍ୱାମୀ ଭାବରେ ଭୁବନବିଦିତ। ଯାହାଙ୍କର ବାରମାସରେ ତେର ପର୍ବ ଶ୍ରୀମନ୍ଦିର ସମେତ ଶ୍ରୀକ୍ଷେତ୍ର ଭୂମିକୁ ମଧ୍ୟ କରିଥାଏ ଚଳଚଞ୍ଚଳ। ରଥଯାତ୍ରା, ଶୟନ ଯାତ୍ରା, ଦକ୍ଷିଣାୟନ ଯାତ୍ରା, ପାର୍ଶ୍ୱ ପରିବର୍ତ୍ତନ ଯାତ୍ରା, ଦେବୋତ୍ଥାପନ ଯାତ୍ରା, ଦୋଳଯାତ୍ରା, ଦମନକ ଯାତ୍ରା, ଚନ୍ଦନ ଉତ୍ସବ, ନିଳାଦ୍ରୀ ମହୋଦୟ ଉତ୍ସବ ପରି ଯେଉଁ ପର୍ବଗୁଡ଼ିକ ଭକ୍ତ ମାନଙ୍କୁ ଭକ୍ତି ସୂତ୍ରରେ ବାନ୍ଧି ଆନନ୍ଦ ପ୍ରଦାନ କରିଥାଏ ତନ୍ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଅନ୍ୟତମ। ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ତିଥିରେ ଏହି ଦେବସ୍ନାନ ବିଧି ଅନୁଷ୍ଠିତ ହେଉଥିବାରୁ ଏହାକୁ 'ଦେବସ୍ନାନ ପୂର୍ଣ୍ଣିମା'ର ଆଖ୍ୟା ଦିଆଯାଇଛି। ଏହିଦିନ ଦେବତାମାନେ ମଞ୍ଚାରୂଢ଼ ହୋଇ ସ୍ନାନ କରୁଥିବାରୁ ଏହାକୁ 'ମଞ୍ଚସ୍ନାନ' ବୋଲି ମଧ୍ୟ କୁହାଯାଇଥାଏ । ଶ୍ରୀଜଗନ୍ନାଥ ସଂସ୍କୃତିରେ ଦେବସ୍ନାନ ନୀତିର ବିଶେଷ ମହତ୍ୱ ରହିଛି। ଲୋକାଚାରୀ ଦେବତା ଶ୍ରଜଗନ୍ନାଥ ସାଧାରଣ ମଣିଷପରି ସ୍ନାନ କରନ୍ତି, ପୁଣି ଅତ୍ୟଧିକ ସ୍ନାନକରିବା ହେତୁ ରୋଗାଗ୍ରସ୍ତ ହୋଇ ସେବକ ମାନଙ୍କର ସେବା ଲୋଡ଼ିଥାନ୍ତି। ଏପରି ଅନନ୍ୟ ଲୀଳା ବିଶ୍ୱର ଅନ୍ୟ କୌଣସି ଦେବତାଙ୍କଠାରେ ପରିଲକ୍ଷିତ ହୋଇନଥାଏ।

ISSN NO.
2582-208X

ଜ୍ୟେଷ୍ଠ ପୂର୍ଣ୍ଣିମାଦିନ ଶ୍ରୀମନ୍ଦିର ଆନନ୍ଦବଜାର ନିକଟସ୍ଥ ସ୍ନାନବେଦୀ ଉପରେ ଶ୍ରୀବିଗ୍ରହମାନଙ୍କର ଦେବସ୍ନାନ ନୀତି ଅନୁଷ୍ଠିତ ହୋଇଥାଏ । ଏହି ଦିନ ପ୍ରଭାତରେ ଦେବତାମାନଙ୍କର ସେନାପଟା ଲାଗି ହେବାପରେ ଶ୍ରୀଜଗନ୍ନାଥଙ୍କୁ ପୂଜାପଣ୍ଡା, ଶ୍ରୀବଳଭଦ୍ର ଦେବଙ୍କୁ ମୁଦିରସ୍ତ ଓ ଦେବୀ ସୁଭଦ୍ରାଙ୍କୁ ପତିମହାପାତ୍ରମାନେ ବିଧି ଅନୁଯାୟୀ ମଙ୍ଗଳଆଳତି ସମ୍ପନ୍ନ କରିଥାନ୍ତି। ଗଜପତିଙ୍କ ଦ୍ୱାରା ଶ୍ରୀଜିଉମାନଙ୍କୁ ପୁଷ୍ପାଞ୍ଜଳି ଅର୍ପଣ ବିଧାନ ସମ୍ପନ୍ନ ହେବାପରେ ଆରମ୍ଭ ହୁଏ ସ୍ନାନବେଦୀ ଅଭିମୁଖେ ଯାତ୍ରା କରିବାର ପ୍ରସ୍ତୁତି ପର୍ବ। ଘଣ୍ଟ ଘଣ୍ଟା, ହରିବୋଲ, ହୁଳହୁଳିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇ ଉଠିବା ସହିତ ଶ୍ରୀକ୍ଷେତ୍ର ହୋଇଉଠେ ଉତ୍ସବମୁଖର। ଶ୍ରୀମନ୍ଦିର ଉତ୍ତର ପାର୍ଶ୍ୱରେ ଅବସ୍ଥିତା ଦେବୀ ଶିତଳାଙ୍କ ମନ୍ଦିର ନିକଟସ୍ଥ ସୁବର୍ଣ୍ଣ କୂପକୁ ପ୍ରଥମେ ସଂସ୍କାର କରାଯାଇଥାଏ। ମଞ୍ଚସ୍ନାନ ନିମନ୍ତେ ପୂର୍ବରୁ ସୁସଜ୍ଜିତ ସ୍ନାନବେଦୀ ଉପରକୁ ପ୍ରଥମରେ ଶ୍ରୀସୁଦର୍ଶନ ତା' ପରେ ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ଏବଂ ସର୍ବ ଶେଷରେ ଶ୍ରୀଜଗନ୍ନାଥଙ୍କୁ ଧାଡ଼ି ପହଣ୍ଡିରେ ବିଜେ କରାଯାଇଥାଏ । ଘଣ୍ଟ, ମର୍ଦ୍ଦଳ, କାହାଳୀ ଆଦି ବାଦ୍ୟାଧ୍ୱନିରେ ଚାରିଆଡ଼ କମ୍ପିଉଠେ। କେବଳ ରଥଯାତ୍ରା ନୁହେଁ, ପତିତ ଜନଙ୍କୁ ଦର୍ଶନ ଦେବାପାଇଁ ପ୍ରଭୁ ଏହି ସ୍ନାନଯାତ୍ରାରେ ମଧ୍ୟ ମନ୍ଦିର ବାହାରକୁ ଚାଲି ଆସିଥାନ୍ତି। ଶ୍ରୀଜଗନ୍ନାଥଙ୍କ ଏପରି ଅପୂର୍ବ ଲୀଳାକୁ ଲକ୍ଷ୍ୟକରି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟରେ ଲେଖିଛନ୍ତି –

"ସ୍ନାନ ଗୁଣ୍ଡିଚା ଏ ବେନି ସ୍ୱୟଂ ଲୀଳା ଯାର,
ପତିତପାବନ ଅର୍ଥେ ପ୍ରାସାଦୁଁ ବାହାର ହେ ।"

ସ୍ନାନବେଦୀରୂଢ଼ା ଶ୍ରୀବିଗ୍ରହମାନଙ୍କୁ ପୂର୍ବ ସଂସ୍କାରିତ ସୁବର୍ଣ୍ଣ କୂପରୁ ଜଳାଧିବାସ ନିମନ୍ତେ ୧୦୮ କୁମ୍ଭଜଳ ଅଧିବାସ ଗୃହକୁ ଅଣାଯାଇଥାଏ। ଚନ୍ଦନ, ଅଗୁରୁ, ଜବା, ହରିଦ୍ରା, ବିଭିନ୍ନ ସୁବାସିତ ତୈଳ ଆଦି ସତେଇଶି ପ୍ରକାର ମହୌଷଧି ଏବଂ ଅଷ୍ଟଗନ୍ଧ ଏହି ଜଳରେ ମିଶ୍ରଣ କରାଯାଇଥାଏ। ସେନାପଟାର ଅନ୍ତରାଳରେ ଶ୍ରୀବିଗ୍ରହମାନେ ବିଭିନ୍ନ ସୁବାସିତ ପୁଷ୍ପରେ ସୁସଜ୍ଜିତ ହୋଇ ଭକ୍ତଙ୍କ ମନହରଣ କରିଥାନ୍ତି। ସ୍ନାନବେଦୀ ଉପରେ ଶ୍ରୀବିଗ୍ରହମାନଙ୍କର ନିତ୍ୟସ୍ନାନ ସମାପନ ହେବା ପରେ ସ୍ନାନବେଦୀର ଚତୁପାର୍ଶ୍ୱରେ ଟେରା ବନ୍ଧା ଯାଇଥାଏ। ପୂର୍ବ ନିର୍ଦ୍ଧାରିତ ସମସ୍ତ ନୀତି ସମ୍ପନ୍ନ ହେବାପରେ ଆରମ୍ଭ ହୁଏ ସ୍ନାନଯାତ୍ରାର ପ୍ରମୁଖକାର୍ଯ୍ୟ ଜଳାଶାୟୀ ହେବାର ପର୍ବ। ଶ୍ରୀବଳଭଦ୍ରଦେବଙ୍କୁ ୩୩ କୁମ୍ଭ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ୩୫କୁମ୍ଭ, ଦେବୀ ସୁଭଦ୍ରାଙ୍କୁ ୨୨କୁମ୍ଭ ଏବଂ ଶ୍ରୀସୁଦର୍ଶନଙ୍କୁ ୧୮କୁମ୍ଭ ଜଳରେ ପୃଥକ୍

ISSN NO.
2582-208X

ଭାବରେ ପ୍ରଥମେ ଶ୍ରୀଜିଉମାନଙ୍କ ଶିରରେ, ତା ' ପରେ ମୁଖରେ ଓ ପରେ ସର୍ବାଙ୍ଗ ଶରୀରରେ ଢାଳି ସ୍ନାନ କରାଯାଇଥାଏ। ଏହି ସମୟରେ ସ୍ୱର୍ଗର ଦେବତାମାନେ ଶ୍ରୀଜୀଉଙ୍କ ଦିବ୍ୟ ସ୍ନାନକୁ ସଂଦର୍ଶନ କରି ଆନନ୍ଦିତ ହେଉଥିବାର ବିଶ୍ୱାସ ରହିଛି।

ସ୍ନାନପରେ ସେବକ ମୁଦିରସ୍ତମାନେ ବିଭିନ୍ନ ପୁଷ୍ପ ବସ୍ତ୍ରାଦି ଭୂଷଣରେ ଶ୍ରୀବିଗ୍ରହମାନଙ୍କୁ ସୁବେଶ କରାଇଥାନ୍ତି। ଗୋପାଳ ତୀର୍ଥ ମଠରୁ ଶ୍ରୀବଳଭଦ୍ରଙ୍କ ପାଇଁ ଓ ରାଘବ ଦାସ ମଠରୁ ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ପାଇଁ ଆସିଥିବା ଉପକରଣ ଦ୍ୱାରା ବେନି ଭ୍ରାତାଙ୍କୁ 'ଗଜବେଶ' ଓ ଭଗିନୀ ସୁଭଦ୍ରାଙ୍କୁ 'କୁମାରୀ ବେଶ'ରେ ସଜ୍ଜିତ କରାଯାଇ ସର୍ବସାଧାରଣ ଦର୍ଶନ ନିମନ୍ତେ ସାହାଣ ମେଲା କରାଯାଇଥାଏ। ରାତ୍ରିର ତୃତୀୟ ପ୍ରହର ପର୍ଯ୍ୟନ୍ତ ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିଥାନ୍ତି। ଏହି ଦର୍ଶନରେ ଅନେକ ପୁଣ୍ୟ ଅର୍ଜନ ହୋଇଥାଏ। ଏହାପରେ ମଇଲମ ଓ ପଞ୍ଚ ବନ୍ଦାପନା ନୀତି ସମ୍ପନ୍ନ ହେବାପରେ ଗୋଟି ପହଣ୍ଡିରେ ଅଣସର ଗୃହକୁ ଦେବତାମାନଙ୍କୁ ନିଆଯାଇଥାଏ। ଗରୁଡ଼ସ୍ତମ୍ଭ ନିକଟରେ ଦକ୍ଷିଣାମୂର୍ତ୍ତି ବନ୍ଦାପନା ବା ବିଭୀଷଣ ବନ୍ଦାପନା ପରେ ଦେବତାମାନେ ପଞ୍ଚଦଶ ଦିବସ ପାଇଁ ଜ୍ୱରପୀଡ଼ିତ ହୋଇ ଅଣସର ଗୃହରେ ଅବସ୍ଥାନ କରନ୍ତି।

ମଞ୍ଚାରୂଢ଼ ହୋଇ ସ୍ନାନ କରିବା ଶ୍ରୀଜଗନ୍ନାଥ ସଂସ୍କୃତିରେ ଏକ ନିଆରା ପରମ୍ପରା। ଏହିଦିନ ଶ୍ରୀମନ୍ଦିର ବାହାରେ ଭକ୍ତ ଓ ଭଗବାନଙ୍କର ଘଟିଥାଏ ଅପୂର୍ବ ମିଳନ । ପ୍ରଭୁ ରତ୍ନ ସିଂହାସନ ପରିହାର କରି ଚାଲି ଆସନ୍ତି ସ୍ନାନବେଦୀ ଉପରକୁ ନିଜ ଭକ୍ତମାନଙ୍କୁ ଦର୍ଶନ ଦେବା ନିମନ୍ତେ । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଏପରି ସମ୍ବନ୍ଧ ଅନ୍ୟାନ୍ୟ ସଂସ୍କୃତି ଅପେକ୍ଷା ଶ୍ରୀଜଗନ୍ନାଥ ସଂସ୍କୃତିର ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରେ।

ସହାୟକ ଗ୍ରନ୍ଥ :

୧.ନାୟକ, ଆଶୁତୋଷ, ଶ୍ରୀଜଗନ୍ନାଥ ପର୍ବପର୍ବାଣି ସେବାପୂଜା,ଓଡ଼ିଶା ବୁକ୍ ଷ୍ଟୋର, କଟକ, ୧୯୯୯
୨. ଭଞ୍ଜ, ଉପେନ୍ଦ୍ର, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଚନ୍ଦ୍ରୋଦୟ ପ୍ରେସ, କଟକ, ୧୯୩୩

(((-)))

ଗବେଷିକା
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ମାଟି ସିଲଟ

ସତ୍ୟନାରାୟଣ ପ୍ରଧାନ

ରାଗ ~ରେଖ୍ତି

ଜନ୍ମ ହେଲା ପରେ ଶିଶୁ ପିତାମାତା ସ୍ନେହବଶୁ ଜ୍ଞାତି କୁଟୁମ୍ବରେ ମିଶୁ ବଢାଏ ଜ୍ଞାନ,
ଦରୋଟି ବଚନ ଭାଷେ ଯେବେ ଯା'ସହିତ ମିଶେ ଅନୁକରଣ କରେସେ ଚରିତ୍ର ଗୁଣ
ପ୍ରାପ୍ତ ହେଉ ପ୍ରକୃତ ଜ୍ଞାନ
ପିତାମାତା ତୀକ୍ଷ୍ଣ ଭାବେ ଦିଅନ୍ତି ଧ୍ୟାନ ।

ବହୁ ବର୍ଷ ପୂର୍ବ କଥା ଅନୁମାନ କର ଯଥା ସମ୍ଭବ ସେ ବିଦ୍ୟାଦାତା ଅବଧାନଙ୍କୁ,
ନ ଥିଲା ଶିକ୍ଷାୟତନ ଗୃହ ପାଠ୍ୟୋପକରଣ କେବଳ ତାହାଙ୍କ ଜ୍ଞାନ ଛାତ୍ର ପାଖକୁ
ହେବା ପାଇଁ ସ୍ଥାନାନ୍ତରିତ,
ଘୋଷ ପାଠ ନୀତି ମାତ୍ର ଅବଧାରିତ ।

କାହିଁ ବୃକ୍ଷ ଛାୟାତଳ ଅବା ଖୋଲା ଚାଳିଘର ଚାଟଶାଳୀ
ନାମ ତାର ଥିଲା ସର୍ବତ୍ର,
ବାଲି କରି ସମତଳ ଅଙ୍ଗୁଳି ଚାଳନା କର ବର୍ଣ୍ଣ ଶିଖ ପିଲା ଦଳ ଯେପରି ଚିତ୍ର
ପ୍ରତିଦିନ ଅଭ୍ୟାସ ବଳେ
ଅକ୍ଷର ଶିଖିଲା ଚାଟ ବାଲି ଉପରେ ।

ତାଳପତ୍ର ପୋଥି ପଢି ଅବଧାନେ
ଅର୍ଥ କାଢି ବତାଇଲେ ଧରି ବାଡି ଚାଟ ମାନଙ୍କୁ
ନଥିଲା କାହା ଆଳସ୍ୟ ମନ ଦେଇ ଗୁରୁ ଭାଷ୍ୟ ଶୁଣି ଚାଟ ନିଜ ମୁଖେ ଆବୃତ୍ତି ତାକୁ
କରୁଥିଲା ଥରକୁଥର
କ୍ରମେ ମାଟି ସିଲଟ କଲେ ବ୍ୟବହାର ।

ISSN NO.
2582-208X

କୁମ୍ଭକାର ଯତ୍ନକରି ମାଟିରେ ସିଲଟ ଗଢି ତାକୁ ଦେଇ ଥାଏ ପୋଡି ଚିକ୍କଣ କରି,
କାଠର ବନ୍ଧନ ଦେଇ ଶେଷ କରିଲା ବଢେଇ ତେବେ ଛାତ୍ର ତାକୁ ନେଇ ଖଡି ଘୋଷାରି
ଲେଖେ ନାନା ଅକ୍ଷର ମାନ
ଅବା କରେ ଗୁରୁ କୁହା ଚିତ୍ର ଅଙ୍କନ ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ
ଛାତ୍ର ଛାତ୍ରୀ ମାଟି ସିଲଟ କରନ୍ତି ବିଦ୍ୟା ଅଭ୍ୟାସ
ପାଞ୍ଚ ବରଷ ଏହାକୁ ରଖିଛି ମୁଁ ଲେଖିବାକୁ ଯତନରେ ଭାଙ୍ଗିବାକୁ ଦେଇନି ଲେଶ
ମାଟି ଖଡି ତା ସଙ୍ଗେ ଥାଏ
ଧଳାଖଡି ପରିଷ୍କାର ବର୍ଣ୍ଣ ଦେଖାଏ ।

ଲେଖି ସ୍ଥାନ ହେଲେ ଶେଷ ଦେଖାଏ ଗୁରୁଙ୍କ ପାଶ ପଣ୍ଡିତ ରୂପେ ବିଶେଷ ପାଆନ୍ତି ମାନ୍ୟ
ହେଡ୍ ପଣ୍ଡିତ ଯେହୁ ବଡ ପରେ ସେକେଣ୍ଡ୍ ଓ ଥାର୍ଡ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ତାହାଙ୍କ ଜ୍ଞାନ
ହେଲେ ଭୁଲ୍ କ୍ରୋଧିତ ମନ
ସିଲଟରେ ମସ୍ତକରେ ଛୁଅନ୍ତି ଟାଣ ।

ଏହପରି ଥରେ ହେଲା ସିଲଟ କ୍ଷତ ରଚିଲା ରକତ ନିଗିଡି ଗଲା
ବକ୍ଷକୁ ଛୁଇଁ
ସିଲଟର ଆତ୍ମୀୟତା ମୋ ସହ ତା ବାସ୍ତବତା ଶିଖାଇଛି ଏ କବିତା ଲେଖିବା ପାଇଁ
ଗୋଟିକରେ ପାଞ୍ଚୋଟି ଶ୍ରେଣୀ
ଅତିବାହିତ ହୋଇଛି ସତ୍ୟ କାହାଣୀ ।

ସିଲଟକୁ ପରିଷ୍କାର କରେ ଜଳ ଓ ଅଙ୍ଗାର ଘଷି ଘଷି ବାର ବାର ପଡୁଛି ମନେ
ନଇ ପାଣି ନଇ ଯାଆ ମୋ ସିଲଟ ଶୁଖିଯାଆ କହି ମୁଖେ କରେ ହାଆ ଅନୁକରଣେ
କିଏ ପ୍ରଥମେ ଶିଖାଇଲା
ମନେ ନାହିଁ ହୁଏ ନିତି ଏହି ଝାମେଲା ।

ISSN NO.
2582-208X

କିଛି କହି ହୁଏ ନାହିଁ ହେଲେ ଏ ସିଲଟ ନେଇ ଅଭିଜ୍ଞତା ଯାଏ କହି ମାଡୁନି ଲାଜ
ଅନେକ ମୋ ସହପାଠୀ ସିଲଟ ଭାଙ୍ଗି ଥାଆନ୍ତି ଭଙ୍ଗୁର ଦ୍ରବ୍ୟ କହନ୍ତି ନକରି ବ୍ୟାଜ
ମୋ ଯତନ ତାକୁ ଖାରଜ
କରିଥିଲା ବିଦ୍ୟାଦାତ୍ରୀ କୃପା ମଗଜ ।

ଷଷ୍ଠ ଶ୍ରେଣୀକୁ ଉତ୍ତୀର୍ଣ୍ଣ ସିଲଟର ମୁଖ୍ୟସ୍ଥାନ ଖାତାଟେ କଲା ପୂରଣ ସହଜ ଭାବେ
ସିଲଟ ରହିଲା ଘରେ ସାନଭାଇ କେତେବେଳେ ତାକୁ ବ୍ୟବହାର କଲେ ନିମ୍ନ ପତନ
ହେଲା ଗଲା ଚୂର୍ଣ୍ଣିତ ହୋଇ
ଏବେ ବି ତା ଚେହେରା ମୋ ମନେ ନାଚଇ ।

ଧନୀ କି ଦରିଦ୍ର ଛାତ୍ର ସିଲଟ ତା'ଏକମାତ୍ର ଅବଲମ୍ବନ ସେବେଳେ ପଡୁଛି ମନେ
ଆଜି ମୋ ନାତି ନାତୁଣୀ ସିଲଟକୁ ଜାଣନ୍ତିନି ଚିତ୍ର ରେ ଦେଖିଲେ ଜ୍ଞାନୀ ପରିକା ଭଣି
ନଥିଲା କି କାଗଜ ଅଜା
ମୁଁ କହେ ଜାଣିବୁ କାହୁଁ ସିଲଟ ମଜା ।

(((-)))

ଆ୦ମଲ୍ଲିକ, ଅନଗୁଳ

ISSN NO.
2582-208X

# ଦସ୍ତାବିଜ୍



ଡାଃ. ଅନିତା ପଣ୍ଡା

## ଦସ୍ତାବିଜ

( ୨ )

ଜନ୍ମ ମରଣ ଜୀବନର ଏକ ସତ୍ୟ । ଶିଶୁଟି ଯେଉଁଦିନ ଭୂମି ସ୍ପର୍ଶ କରିଥାଏ ଧରାତ୍ୟାଗ କରିବାର ଦିନଟି ମଧ୍ୟ ତା' ପାଇଁ ସେଦିନ ଲିପିବଦ୍ଧ ହୋଇଯାଇଥାଏ । ସେଇ ବନ୍ଧା କେଇଦିନର ସରଣୀରେ ସନ୍ତରଣ କରିବା ସମୟରେ ହୁଏତ ମଣିଷଟିର ମନରେ ଆସିଥାଏ ଏ ବିସ୍ତୃତ ଦୁନିଆରେ ଯେତେକିଛି ଅଛି ସବୁ ଉପରେ ତା'ର ଅଧିକାର । ଅହଂକାରୀ ମଣିଷଟିର ସେ ସବୁ କହିବା ସମୟରେ ମୋ ମନକୁ ଆସିଥାଏ ଏ ସବୁ ବାହ୍ୟ ଆଭରଣ ଉପରେ ଆଧିପତ୍ୟ ବିସ୍ତାରିବା ସମୟରେ ମଣିଷଟିର ଭାବିବା ଉଚିତ୍ ଯେ ସେ ଗୋଟିଏ ନିଃସ୍ୱ । ଈଶ୍ୱରଙ୍କର ଆଦେଶ କ୍ରମେ ଆସିଛି, ଚାଳିତ ହେବ, ପୁଣି ଦିନେ ସେ ତା'ର ପୂର୍ବ ସ୍ଥଳୀକୁ ପ୍ରସ୍ଥାନ କରିବ । ଅର୍ଥାତ ତା ନିଜ ଅନ୍ତରସ୍ଥ ଅତି ନିଜର ବସ୍ତୁଟି ଉପରେ ମଧ୍ୟ ତାର ଅଧିକାର ନାହିଁ ।

ରାତି ଅଧ ହେଇଯାଇଥିଲା । ରଞ୍ଜିତାକୁ ନିଦ ହେଉ ନ ଥିଲା । ଅଳ୍ପ ସ୍ୱରରେ କହିଚାଲିଥିଲା, "କେବେ ତ ୟାଙ୍କର ଏତେ ବିଳମ୍ବ ହୁଏନା । ଆଜି କ'ଣ ଡାକ୍ତରଖାନାରେ କିଛି ଅସାଧାରଣ ରୋଗୀ ଆସି ଯାଇଛି । ତା'କୁ ଇ ନେଇ ଏତେ ବିଳମ୍ବ । ଶୁଣୁଛ ! ଆଉ ବେଶୀ ଡେରି କରନା । ଶୀଘ୍ର ଘରକୁ ଫେରିଆସ । ଦେଖିଲ ଡାଇନିଂ ଟେବୁଲ ଉପରେ ପ୍ଲେଟ୍ ଦିଇଟା ସେଇମିତି ରଖା ଯାଇଛି । ବାପାଙ୍କୁ ଖାଇବାକୁ ଦେଇ ଶୁଆଇ ଦେଇଛି । ଜାଣିଛ, ବାପା ଆଜିକାଲି ନିଜ ହାତରେ ଖାଉଛନ୍ତି । ଘଣ୍ଟା ଘଣ୍ଟା ମୋ ସଙ୍ଗେ ଗପ କରୁଛନ୍ତି । ଜିତୁଟା ବଡ଼ ଚଗଲା ହୋଇଗଲାଣି । କେତେବେଳେ କୁଆଡ଼େ ଦଉଡ଼ି ଯାଇ ଲୁଚି

ISSN NO.
2582-208X

ଯାଉଛି, ଖୋଜି ଖୋଜି ମୁଁ ନୟାନ୍ତ ହେଉଛି । ବାପାଙ୍କର ସେ ଗେହ୍ଲା ନାତି । ସିଏ ବା ତାକୁ କେମିତି ଆକଟିବେ ! ମୋ କଥାକୁ ଜିତୁ ପବନରେ ଉଡ଼ାଇ ଦେଉଛି । ଏଇ ଦେଖିଲ, କେଡେ ସୁନ୍ଦର ଶେଯ ଉପରେ ଶୁଆଇ ଦେଇଥିଲି । ଉଠି ଯାଇ ଅମାର ଘର ପଛ ପଟର ଭୂଇଁରେ ଲୋଟି ଗଲାଣି । ଦେଖ ତ ସେଇଠି ଜହ୍ନା ଧାଡ଼ି ଲାଗିଛି । ଜିତୁ..... ମୁଁ ଆଉ ତୋ ପଛରେ ଏତେ ଦୌଡ଼ି ପାରିବିନି । ମୋ ମା ଲୋ, ତୋ ହାତ ଗୋଡ଼ ଉପରେ ପିମ୍ପୁଡ଼ି ଧାର ଲାଗିଲାଣି । କଥା ମାନିବୁନି । ନିଶ୍ଚେ ଚିନି ଚୋରି କରି ଖାଉଥିଲୁ । ଆରେ ଶୁଣ ତ...... ଦେଖିଲ ପୁଣି ସେ ଠାରୁ ଉଠି କୁଆଡ଼େ ଉଭାନ ହୋଇଗଲାଣି । ହଉ ତୁମେ ଯାଅ । ହାତ ମୁହଁ ଧୋଇ ଆସ । ମୁଁ ତା'କୁ ଦେଖୁଛି । ଆହା....... ହା..... ହା....... ବାପାକୁ ଦେଖି କେଡ଼େ ଶାନ୍ତ ପିଲା ହୋଇଗଲୁରେ । ମୋଡ଼ି ମାଡ଼ି ହୋଇ ବିଛଣାରେ ପଡ଼ି ଗଲୁଣି । ହଉ, ମନେ ରଖିଥା । ଆଜିଠୁ ତୁମେ ବାପ ପୁଅ ଦିହେଁ ଏଇଠି ଏକାଠି ରୁହ । ମୁଁ ଚାଲିଲି । ତୋ ମନେ ନାହିଁ ସୁର ମଉସା ସେଦିନ ମୋ ଜାତକ ଦେଖି କହୁଥିଲେ ଏଇ ବର୍ଷ ମୋର ଗୋଟିଏ ଘାଟି ଅଛି । ତୁ ତ ଛୁଆଟା । କ'ଣ ବୁଝିବୁ । କହିଲେ ତୁମେ ବାପ ପୁଅ ଦିହେଁ ଏକାଠି ରହି କେତେ କେତେ ନ ଦେଖିଥିବା ଜାଗା ମାନ ବୁଲିବ । ଆଉ ମୁଁ ଗୋଟାଏ କଞ୍ଚା ମାଛ ଭଳି ତେଲ କରେଇରେ ପଡ଼ି ତଡ଼ପୁ ଥିବି । ହେ ଶୁଣୁଛ ! ମୁଁ କଲେଜ ଗଲିନି ବୋଲି ମୋ ଉପରେ ରାଗ କରିଛ । ବାପା କହୁଥିଲେ କଲେଜ ନ ଯାଇ ମଧ୍ୟ ପାଠ ପଢ଼ି ହୁଏ । ଦେଖିଲ, ବାପା ତାଙ୍କ ଆଲମାରୀରୁ ମତେ କେତେ ବହି ପଢିବାକୁ ଦେଇଛନ୍ତି ! ହଉ ବାବା ହେଲା, ମୁଁ ଘରୋଇ ଭାବେ ବିଏ ପରୀକ୍ଷାଟା ଦେଇଦେବି । ତୁମକୁ ସିନା କେବଳ ଡାକ୍ତରୀ ପାଠ ଜଣା । ବାପା ଅନ୍ୟ ପାଠ ସବୁ ବହୁତ ପଢ଼ିଛନ୍ତି । ସିଏ ମତେ ପଢ଼ାଇ ଦେବେ । ଏବେ ଖୁସି ତ । ଆରେ ଆରେ, ଏକା ଏକା ଖାଇନେଲ । ମୁଁ ଖାଇନି ପରା । କ'ଣ ହେଲା ? ଏମିତି ତ କେବେ କରନା । ରୁହ, ଆଜି ତ ଏତେ ରାତି ହେଲାଣି, ବାପାଙ୍କ ନିଦ ଖରାପ କରିବିନି । କାଲି ତୁମ ନାଁରେ ଅଭିଯୋଗ କରିବି । ବାପାଙ୍କ ଠାରୁ ଗାଳି ଖାଇଲେ ମତେ ଦୋଷ ଦେବନି । ନିଜ ଅର୍ଜିତ ଫଳ । ଜାଣିଛ ! ବାପା ତୁମଠୁ ମତେ ବେଶୀ ଭଲ ପାଆନ୍ତି । ମତେ ତାଙ୍କ ଆଖି ଆଢୁଆଳ କରନ୍ତିନି । ଆରେ ଆରେ...... ମନ ଊଣା କଲ କି ? ହେଲା ବାବା, ବାପାଙ୍କ ନାମ ଶୁଣି ଡରି ଗଲ ତ । ଜମା କହିବିନି । ଏବେ ଖୁସି । ଦେଖିଲ, ଆଜି ତୁମ ଅତି ପ୍ରିୟ ମଲ୍ଲୀ ଫୁଲ ସଜାଇ ରଖିଛି । କି ସୁନ୍ଦର ବାସ୍ନା । ଆଃ ..... ସୌଭାଗ୍ୟ, ଦେଖତ, ତୁମ ସଂଗେ କଥାବାର୍ତ୍ତାରେ ତନ୍ମୟ ହୋଇ ଜିତୁକୁ ଭୁଲି ଗଲି । ଓଃହୋ, କେଡ଼େ ବଡ଼ ଧୂସରିଆ ପକ୍ଷୀଟାଏ ତା ଉପରେ ବସି ଖୁମ୍ପି ପକାଉଛି ! କୁଆଡୁ

ISSN NO.
2582-208X

ଆସିଲାଏଇଟା ? ମୁଁ ତ ସବୁ କବାଟ ଝରକା ବନ୍ଦ କରି ରଖିଛି । ହେ–ହେ–ଯା–ଯା ବାହାରକୁ ଯା । ମୁଁ ବଗିଚାରେ ଖୁଦ ବୁଣି ରଖିଛି," କହି ବିଛଣା ଉପରେ କଚାଡ଼ିହୋଇ ପଡ଼ିଲା ରଞ୍ଜିତା ।

ରଞ୍ଜିତା ଶୋଇବା ଘରକୁ ଲାଗି ରାଘବ ବାବୁଙ୍କ ଶୋଇବା ଘର । ଝର୍କାଟା ଖୋଲା ଥିଲା ବୋଧେ । ରଞ୍ଜିତା ବିଳ ବିଳୋଉ ଥିବା ସମସ୍ତ କଥା ଗୁଡ଼ା ଶୁଣି ପାରୁଥିଲେ ରାଘବ ବାବୁ । ସତ କହିବାକୁ ଗଲେ ସେ ମଧ୍ୟ ଶୋଇ ପାରୁ ନ ଥିଲେ । ରଞ୍ଜିତାକୁ ଦେଖାଇବା ପାଇଁ ଆଖି ବନ୍ଦ କରି ନିଘୋଡ଼ ନିଦରେ ଶୋଇଯାଇଛନ୍ତି ବୋଲି ଛଳନା କରୁଥିଲେ । ଖୁବ୍ ଜୋରରେ ପାଟି କରି ଉଠିଲେ, ମା' ଦେଖିଲୁ ମୂଷାଟାଏ ମୋ ବିଛଣା ଭିତରେ ପଶିଯାଇଛି ବୋଧେ । ବାପାଙ୍କ ଡାକରେ ସଂବିତ ଫେରି ପାଇଲା ରଞ୍ଜିତା । ଦଉଡ଼ି ଯାଇ ବିଛଣା ଏପଟ ସେପଟ କରି ଦେଖିବାକୁ ଲାଗିଲା ।

ନାଁ ବାପା, କିଛି ନାହିଁ । ଚାଲିଗଲା ବୋଧେ ।

ମା'ରେ, ଏ ବୟସରେ ଥରେ ନିଦ ଭାଂଗିଗଲେ ଆଉ ନିଦ ହୁଏନା । ମୁଣ୍ଡ ବିନ୍ଧିବା ଆରମ୍ଭ ହୋଇଯାଏ । ମତେ ପାଣି ଗ୍ଲାସେ ଦେଇ ତୁ ଏଇ ପାଖରେ ଥିବା ଦିବାନ୍ ଖଣ୍ଡକ ଉପରେ ଗଡ଼ି ପଡ଼ । ବେଶୀ ମୁଣ୍ଡ ବଥା ହେଲେ ତତେ ଡାକିବି ।

ଠିକ୍ ଅଛି ବାପା, ମୁଁ ଏଇଠି ବସିଛି । ତୁମେ ପାଣି ପିଇ ଦିଅ । ମୁଁ ତୁମ କପାଳରେ ଟିକିଏ ଅମୃତାଞ୍ଜନ ଘସି ଦେଉଛି, କହି ରାଘବ ବାବୁଙ୍କ କପାଳରେ କର ଚାରଣ କଲା ରଞ୍ଜିତା । ପୁଣି ଥରେ ଶୋଇବାର ଛଳନା କଲେ ରାଘବ ବାବୁ । ରଞ୍ଜିତାର ଦୁଇ ଆଖିରୁ ଝରିଯାଉଥାଏ ଅଶ୍ରୁର ଧାରା ।

ଆଲୁଅଟା ଜଳାଇଲୁରେ ମା' । ମାଙ୍କଡ଼ସାଟାଏ ମୁତି ଦେଲା ବୋଧେ । କାଲି ଗୋପକୁ କହି ପେଷ୍ଟ କଣ୍ଟ୍ରୋଲ ବାଲାକୁ ଡକାଇବୁ । ଦେଖିଲୁ କପାଳରେ ଦାନା ହୋଇଯାଇନି ତ ।

ନିଜର ଭୁଲ ବୁଝି ପାରିଲା ରଞ୍ଜିତା । ତା ଆଖିର ଲୁହରୁ ଟୋପାଟାଏ ବାପାଙ୍କ କପାଳରେ ପଡ଼ିଛି ନିଶ୍ଚୟ ।

ନାଁ ବାପା, ଦାନା ନାହିଁ, ନାଲି ମଧ୍ୟ ପଡ଼ିନି । କାଲି ମୁଁ ଗୋପ ଭାଇଙ୍କୁ କହି ବ୍ୟବସ୍ଥା କରିବି ।

ISSN NO.
2582-208X

ମା’ ରେ ଦେଖିଲୁ କେତେଟା ବାଜିଲାଣି ! ବୟସ ହେଲାଣି । ଜାଣି ପାରୁନି । ଆଜି କ'ଣ ଖାଇବାକୁ ଦେଇଥିଲୁ ? କାହିଁକି କେଜାଣି ପେଟଟା ଖାଲି ଖାଲି ଲାଗୁଛି । କ’ଣ ଟିକିଏ ଆଣିଲୁ, ପାଟିରେ ପକାଏ ।

ସନ୍ଧ୍ୟାରେ ତୁମ ପସନ୍ଦର ଆରିସା ପିଠା ତିଆରି କରିଥିଲି । କ'ଣ ସବୁ କହି ଖାଇବାକୁ ମନାକଲ । ଆଣୁଛି ।

ଆଣ୍ ଆଣ୍……ହେଲେ ମତେ ତୁ ଖୁଆଇବୁନି । ମୁଁ ନିଜେ ନିଜେ ଖାଇବି ।

ଆରିସା ପିଠା ଥାଳିଆରୁ ଟିକିଏ ଟିକିଏ ଭାଂଗି ସବୁତକ ରଞ୍ଜିତାକୁ ଖୁଆଇ ଦେଲେ ରାଘବ ବାବୁ । ଆଉ ନିଜକୁ ନିୟନ୍ତ୍ରିତ କରି ପାରିଲାନି ରଞ୍ଜିତା । ଭୋ ଭୋ ହୋଇ କାନ୍ଦି ଉଠିଲା ।

ସକାଳୁ ସକାଳୁ କ୍ଲାନ୍ତ ଆଖି ଖୋଲି ଝରକା ପଟେ ଆକାଶକୁ ଚାହିଁଲା ରଞ୍ଜିତା । କେତେ ଗୁଡ଼ାଏ ଦିନ ହେଇ ଗଲାଣି । ବାପା ଏବେ ବି ଶୋଇଛନ୍ତି । ଏ ସବୁ କାଲି ରାତିର ଘଟଣା ମାନଙ୍କ ଯୋଗୁ । ବାହାରେ ନୀଳ ଆକାଶରେ ସୂର୍ଯ୍ୟ ଉଦୀୟମାନ ହୋଇ ଚାରିଦିଗକୁ ତାଙ୍କ କିରଣ ବିଞ୍ଚି ଦେଲେଣି । ବିଛଣା ଉପରେ ବସି ଝରକା ଦେଇ ବାହାରକୁ ଚାହିଁଲା ରଞ୍ଜିତା । ବଗିଚାର ସଦ୍ୟ ପ୍ରସ୍ଫୁଟିତ ରଙ୍ଗ ବେରଙ୍ଗର ପୁଷ୍ପରାଜି ମୃଦୁ ମନ୍ଦ ପ୍ରାତଃ ସମୀରଣରେ ଅପୂର୍ବ ଛନ୍ଦରେ ନୃତ୍ୟରତ ଥିଲେ । ରଞ୍ଜିତାକୁ ବଗିଚା ବହୁତ ଭଲ ଲାଗେ । ତେଣୁ ସକାଳୁ ସକାଳୁ ଉଠି ବଗିଚାରେ ଘେରାଟାଏ ବୁଲି ଆସିଲେ ତା’କୁ ଭଲ ଲାଗେ । ହେଲେ ଆଜି ବଗିଚା ଯିବାକୁ ପଡ଼ିଲାନି । ବାପାଙ୍କ ରୁମ୍‌ର ଝରକାରୁ ବଗିଚାଟି ଖୁବ୍ ସୁନ୍ଦର ଦେଖା ଯାଉଛି । ଯାହା ତା ରୁମ୍‌ରୁ ଦେଖା ଯାଏନା ।

ବଗିଚା ଦେଖୁଛୁ ରେ ମା’ ! ତୋ ମା’କୁ ବଗିଚା ଖୁବ୍ ଭଲ ଲାଗୁଥିଲା । ତେଣୁ ଆମ ରୁମ୍‌ଟି ବଗିଚା ପାଖରେ ରହୁ ବୋଲି ନିଜେ ଯିଦ୍ କରିଥିଲା । ଆଜି ମୁଁ ଦେଖୁଛି ତତେ ବି ବଗିଚା ଭଲ ଲାଗେ । ଗୋପ ଆସିଲେ ଗୋଟାଏ କାମ କରିବୁ । ମୋ ଜିନିଷ ପତ୍ର ତୋ ରୁମ୍‌କୁ ବଦଳାଇ ଦେବୁ । ଆଉ ତୋର ମୋ ରୁମ୍‌କୁ ।

ନାଁ ବାପା, ମୁଁ ତ ଯାଇ ବଗିଚାରେ ବୁଲି ଆସି ପାରିବି । ତୁମ ରୁମ୍ ବଦଳାଇ ବାନି ।

ଆଚ୍ଛା ତେବେ ଏ ପାଖ ରୁମ୍‌ଟାରେ ମୋ ପାଇଁ ସଜାଡ଼ି ଦେବୁ ।

ISSN NO.
2582-208X

ନାଁ ବାପା ସେଇ ରୁମ୍‌ଟା ଭାରି ଛୋଟ ।

ହେଲେ କ'ଣ ହେଲା । ମୁଁ କ'ଣ ରୁମ୍ ଭିତରେ ଦଣ୍ଡ ବୈଠକ ମାରିବି କି ! ହଉ ତୋ କଥା ମାନୁଛି । ମୁଁ ଯଦି ତୋ କଥା ମାନିଗଲି ତତେ ବି ମୋ କଥା ମାନିବାକୁ ପଡ଼ିବ । ତାହା ହେଲା, ଆସନ୍ତା ବୈଶାଖ ମାସ ଯାକେ ତୁ ମୋ ରୁମ୍‌ରେ ରହିବୁ ଆଉ ମୁଁ ଅନ୍ୟଟାରେ । ବୈଶାଖ ମାସରୁ ଯେଝା ରୁମ୍‌ରେ ଯିଏ । ମଞ୍ଜୁର ।

ଆଉ ବେଶୀ କିଛି ବାକ୍ୟ ବିନିମୟ ନ କରି ଚା' ର ବ୍ୟବସ୍ଥା କରିବା ପାଇଁ ରନ୍ଧା ଘର ଭିତରକୁ ପଶିଲା ରଞ୍ଜିତା । ଗ୍ୟାସ ଜଳାଇ ସସ୍ପେନ୍ ରଖିଲା । ଗଣି ଗଣି ଦୁଇ କପ୍ ପାଣି ଦେଲା । ଆଜି ମୁନି ଆସିବନି । ତା ଗାଁ କୁ ଯାଇଛି । ଗୋପ ଭାଇ ବି ଲେଟ୍‌ରେ ଆସିବେ। ଆଉ ଥରେ ଝରକା ଦେଇ ଆକାଶକୁ ଚାହିଁଲା । ତା'ର ମନେ ହେଲା ଆଜି କାହିଁକି ସୂର୍ଯ୍ୟ ଦେବ ବହୁ ନିଷ୍ପ୍ରଭ ଲାଗୁଛନ୍ତି । ପିଲାଦିନେ ପଢିଥିବା କଥା ମନେ ପଡ଼ିଗଲା । ସୂର୍ଯ୍ୟ ଏକ ତାରା । ଯାହା ଚାରିପାଖରେ ପୃଥିବୀ ସହ ଅନ୍ୟ ଗ୍ରହ ମାନେ ମଧ୍ୟ ଘୁରି ଥାଆନ୍ତି । ସୌର ମଣ୍ଡଳରେ କିଛି କ୍ଷଣ ପାଇଁ ସୂର୍ଯ୍ୟ ନ ରହିବେ ତ ସମସ୍ତ ଗ୍ରହ, ପୃଥିବୀ, ମଣିଷ, ପଶୁ, ପକ୍ଷୀ, ଗଛ, ଲତା ସବୁ କିଛିର ବିନାଶ ହୋଇଯିବ । ଠିକ୍ ସେମିତି ପରିବାରର ମୁଖ୍ୟ, ଅର୍ଥାତ୍ ବାପା । ଆମେ ସବୁ ତାଙ୍କୁ କେନ୍ଦ୍ର କରି ତାଙ୍କର ଚାରିପାଖେ ଚକ୍ରବାଳ ସଦୃଶ ଘୁରି ବୁଲୁଥାଉ । ସେଇ ବାପାଙ୍କର ମହତ୍ୱ ଜାଣି ମଧ୍ୟ ମୁଁ ତାଙ୍କ ମନରେ ଦୁଃଖ ଦେଉଛି । ଈଶ୍ୱରଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ି କ୍ଷମା ପ୍ରାର୍ଥନା କଲା ରଞ୍ଜିତା । ୟା ଭିତରେ ଚା' ତକ ଯେ ଉତୁରି ପଡ଼ିଲାଣି ସେ ଆଡ଼କୁ ତା'ର ଲକ୍ଷ୍ୟ ନ ଥିଲା । ଗ୍ୟାସ ଚୁଲିଟାକୁ ଭଲରେ ପୋଛା ପୋଛି କରି ଆଉଥରେ ବାପାଙ୍କ ପାଇଁ ଚାହା ବସାଇଲା । କାନ୍ଥ ଘଣ୍ଟାକୁ ଚାହିଁଲା । ଆଠଟା ବାଜିବ । ଦୁଃଖୀ ଭାଇ ବାପାଙ୍କର ନିତ୍ୟକର୍ମ କରାଇବାକୁ ଏବେ ଆସି ପହଞ୍ଚିଯିବ । ତରତରରେ ବାପାଙ୍କ ପାଖରେ ଚା' କପ୍‌ଟା ରଖିଦେଇ ଗାଧୁଆ ଘର ଭିତରକୁ ପଶିଲା ରଞ୍ଜିତା । ଗାଧୋଇ ଆସି ମଠା ଲୁଗା ଖଣ୍ଡକ ପିନ୍ଧି ପକାଇ ଠାକୁର ଘର ଓଳା ପୋଛା କଲା । ମଜା ବାସନ ତକ ସିଂହାସନ ଉପରେ ରଖି ପହଡ଼ ପୂର୍ବରୁ ବାହାର କରିଥିବା ବାସି ଫୁଲମାନ ଅଲଗା କରିଦେଲା । ପିଲିସଜଟିକୁ ପଛକୁ କରିଦେଇ ପିତଳ ନୋଟାରେ ନୋଟାଏ ପାଣି ସିଂହାସନ ଉପରେ ରଖିଲା । ପଞ୍ଚପାତ୍ରୀ, ଦୀପ, ଚନ୍ଦନ ଗିନା, ତୁଳସୀ ଥାଳିଆ ସଜାଡ଼ି ରଖିଲା । ଏଇମିତି ସଜାଡୁ ସଜାଡୁ ଗତ ରାତିର କଥା ଗୁଡ଼ିକ ତା ମନରେ ପୁଣି ଭାବାନ୍ତର ସୃଷ୍ଟି କଲା । ନିଜକୁ ନିଜେ କହି ଚାଲିଲା, ହେ ଈଶ୍ୱର ଏ

ISSN NO.
2582-208X

ଦୁନିଆରେ ସମସ୍ତେ ତୋର ସନ୍ତାନ । ତୁ କେବଳ ସୃଷ୍ଟିକର୍ତ୍ତାନୋହୁ ପାଳନ କର୍ତ୍ତା ମଧ୍ୟ । ହୁଏତ ମଣିଷର ପାପ ପୁଣ୍ୟକୁ ଆକଳନ କରି ତୁ ସେଇ ହିସାବରେ ଦୁଃଖ କିମ୍ବା ସୁଖ ଦେଇଥାଉ । ସେଥିପାଇଁ ମୁଁ ତୋ ଉପରେ ଆରୋପ ଲଗାଉନି । ମାତ୍ର ତୋ ପାଇଁ ମୋର ଗୋଟିଏ ପ୍ରଶ୍ନ । ଯଦି ଜଣକ ଜୀବନ ପାତ୍ରକୁ ତୁ ଦୁଃଖ ଦରଦରେ ଭରି ଦେଇଛୁ ତେବେ ତା'ର ସହନ ଶକ୍ତି କିଆଁ ଊଣା କରୁଛୁ ? କାହିଁକି ମୁଁ ନିଜ ଦୁଃଖ ସାଗରରେ ବୁଡ଼ି ରହି ଅନ୍ୟ ଦୁଃଖୀଟିର ଦୁଃଖ ଲାଘବ କରିବା ତ ଦୂର କଥା ତାଙ୍କୁ ସମବେଦନା ଟିକିଏ ମଧ୍ୟ ଦର୍ଶାଇ ପାରୁନି । ଏହା ଦ୍ୱାରା ତୁ ମତେ ସ୍ୱାର୍ଥୀ କରିଦେଉନୁ ?? ପରୋକ୍ଷରେ ମୋର ପାପର ପସରାଟିର ଓଜନ ବୃଦ୍ଧି କରୁନୁ ??? କହ .........ମୋ ପ୍ରଶ୍ନର ଉତ୍ତର ଦେ । ହଠାତ୍ ଯେମିତି ଗୋଟିଏ ବିଦ୍ୟୁତ୍‌ରେଖା ରଞ୍ଜିତାର ମନ ଆକାଶରେ ଚମକି ଉଠିଲା । ବାପାଙ୍କ ରୁମ୍‌କୁ ଦଉଡ଼ି ଗଲା । ତୁମେ ଆସିଗଲ ତ ଦୁଃଖୀ ଭାଇ । ବାପାଙ୍କ ପାଖେ ପାଖେ ଥାଅ । ମୁଁ ଏଇ ଗଲି ଏଇ ଆସିଲି ।

ମୋ ହାତଟା ଧରିଲୁ ଦୁଃଖୀ । ଗାଧୁଆ ଘର ଭିତରୁ ଡାକ ଛାଡ଼ିଲେ ରାଘବ ବାବୁ । ସଫା ଧୋତି, କୁର୍ତ୍ତା ପିନ୍ଧାଇ ଦେଇ ବଡ଼ଗୋଟାଏ ଗଦି ପଡ଼ିଥିବା କାଠ ଚେୟାର ଉପରେ ରାଘବ ବାବୁଙ୍କୁ ବସାଇଦେଲା ଦୁଃଖୀ ।

ଦେଖ୍ ତ ହୀରା କ'ଣ କରୁଛି । ତା ଠୋଉଁ ଜଳଖିଆ ଥାଳିଟା ନେଇ ଆସେ ।

ବୋହୂମା ଟିକିଏ ବାହାରକୁ ଯାଇଛନ୍ତି ବାବୁ । ଅବିକା ଆସିଯିବେ ।

ହୀରା ବାହାରକୁ ଯାଇଛି ? ତୋ ମୁଣ୍ଡ ଠିକ୍ ଅଛି ତ ! ସିଏ ଦୁଆର ବନ୍ଧ ନ ଡେଇଁ ଯାଉଥିବା ଝିଅଟା । କହିଲା କ'ଣ ନା ବାହାରକୁ ଯାଇଛି ।

ମୁଁ ଆସିଗଲି ବାପା । ଦେଖ ତ, ତୁମକୁ ମିଳିବା ପାଇଁ କିଏ ଆସିଛନ୍ତି !

ଆରେ ନରି ତୁ ! ଏତେଦିନ ପରେ ଏ ଅଭାଗା ଭାଇନାଟା ମନେ ପଡ଼ିଲା ? ମଲି କି ଗଲି ତା'ର ଖବର ଅନ୍ତର ରଖିଛୁ ??

ଗୁସ୍ତାଫୀ ମାଫ୍ । କ୍ଷମା କରିବ ଭାଇନା । ଗତ ମାସ ଅବସର ନେଲି । ତା ସାଙ୍ଗକୁ ମାର୍ଚ୍ଚ ମାସ । ଇଅର ଏଣ୍ଡିଙ୍ଗ୍ । ଶାନ୍ତିରେ ନିଶ୍ୱାସଟିକିଏ ନବାକୁ ସମୟ ମିଳୁ ନ ଥିଲା । ଏଠାକୁ ଆସିବାର ମାତ୍ର ସପ୍ତାହଟିଏ ହୋଇଛି । ଆସିବି ଆସିବି ହୋଇ ଘରକୁ ଟିକିଏ ଥଇଥାନ

ISSN NO.
2582-208X

କରି ଲମ୍ବା ସମୟ ଆସି ବସିବି ବୋଲି ମନରେ ନେଇ ଯାଇଥିଲି । ଏବେ ରଞ୍ଜୁ ଆସି ମତେ ଝିଙ୍କି କରି ଆଣିଲା ।

ହୀରା ତେବେ ତୋ ଘରକୁ ଯାଇଥିଲା ?

ହଁ ଭାଇନା, ତାକୁ ଦେଖି ମତେ ବହୁତ ଭଲ ଲାଗିଲା । ଖୁବ୍ ଶୀଘ୍ର ଦୁଃଖ ପୁଡ଼ିଆରେ ଗଣ୍ଠି ବାନ୍ଧି ରଖିଦେଲା । ତୁମେ ଭାରି ଭାଗ୍ୟବାନ ଭାଇନା । ବୋହୂ ଜାଗାରେ ତୁମକୁ ଝିଅଟିଏ ମିଳିଛି । କେତେ ବୟସ ହେବ ! ଏଇ ୨୬-୨୭ । ଷାଠିଏ ବର୍ଷର ବୁଢ଼ୀ ଭଳି କଥା କହୁଛି । ତୁମେ ଆସି ଦଶ ଦିନ ହୋଇଗଲାଣି ମଉସା । ଆମ ଘର ଆଡ଼େ ଟିକିଏ ନଜର ପକେଇବାକୁ ତୁମର ମନ ବଳୁନି ! ବାପା ତୁମକୁ କେତେ ଭଲ ପାଆନ୍ତି କହିଲ ! ସବୁବେଳେ ନରି....... ନରି...... । ନରି ଏମିତି କରେ, ନରି ସେମିତି କରେ । ଜନ୍ମ କଲା ଭାଇ ବି ଏତେ ନିଜର ହେବନି । ତୁମର ବଦଳି ହୋଇଗଲା ପରେ ଠାକୁରଙ୍କ ପାଖରେ ତୁମେ ଆଉଥରେ ଦିଲ୍ଲୀ ବଦଳି ହୋଇ ଆସ ବୋଲି କେତେ ମନାସିଛନ୍ତି । ଭଲ ହେଲା । ତୁମେ ଆସିଗଲ । ଏବେ ଦିନ ରାତି ତୁମେ ଦୁହେଁ ଏକାଠି ବସିବ ।

ଦୁଇଟି ଥାଳିରେ ଜଳଖିଆ ଆଣି ରଞ୍ଜିତା ଦୁହିଁଙ୍କ ପାଖରେ ରଖି ପାଣି ଆଣିବାକୁ ଭିତରକୁ ଗଲା ।

ଜଳଖିଆ ଥାଳି ଦୁଇଟିର ସଦୁପଯୋଗ କରୁ କରୁ ଦୁଇ ବନ୍ଧୁଙ୍କର ଗପ ପେଡ଼ି ଖୋଲିଲା । ବହୁ ସନ୍ତର୍ପଣରେ କାନ ପାତି ଶୁଣୁଥିଲା ରଞ୍ଜିତା । ନରି ମଉସା ବାପାଙ୍କର ବହୁ ନିକଟତର। ବାହାହୋଇ ଆସିବା ଦିନଠୁ ସେ ଦେଖିଛି । ଅପଙ୍ଗ ହୋଇଯିବା ଦୁଃଖ, ପତ୍ନୀକୁ ହରାଇବା ଦୁଃଖ ନରି ମଉସାଙ୍କ ପାଇଁ ଖୁବ୍ ଶୀଘ୍ର ସ୍ରୋତ ମୁହଁରେ ଧୋଇ ଯାଇଛି। ଭଗବାନ ବଡ଼ଲୋକ । ଏବେ ପୁତ୍ରହରା ଦୁଃଖକୁ ମନରୁ ପୋଛି ଦେବା ପାଇଁ ନରି ମଉସାଙ୍କୁ ପାଖକୁ ନେଇ ଆସିଛନ୍ତି । ଈଶ୍ୱରଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ିଲା ରଞ୍ଜିତା ।

ବାପା କହୁଥିଲେ, ଏଇ ବୟସରେ ପତି ପୁତ୍ର ଦୁହିଁଙ୍କୁ ହରାଇବା ଦୁଃଖ କ'ଣ ସତରେ ମନରୁ ପୋଛି ହୁଏରେ ନରି । ମୁଁ ତ ଅପଙ୍ଗ । ତା' ପାଇଁ କ'ଣ ବା କରି ପାରିବି ! ନିଜ ଶୋଇବା ଘର ଭିତରେ ଚଳ ପ୍ରଚଳ କଲେ ସୌଭାଗ୍ୟ ଜିତୁ ଦୁହେଁ ତା ଆଖି ଆଗକୁ ଆସି ଯାଉଛନ୍ତି । ଆଜ ଦେଖଇ ବହୁ କଷ୍ଟରେ ତା ରୁମ୍ ବଦଳାଇବା ପାଇଁ ରାଜି କରାଇଛି । ଦେଖ୍, କେତେଦୂର କଥା ଆଗୋଉଛି । ଈଶ୍ୱରଙ୍କ ଦୟା । ଅତି କମ୍‌ରେ ହାତ ଦୁଇଟା

ISSN NO.
2582-208X

ଚଳେଇ ଦେଇଛନ୍ତି । ଭଲରେ ଦି ପଦ କଥା କହିବା ପାଇଁ ମୁହଁ ଖୋଲେଇ ଦେଇଛନ୍ତି । କେମିତି କରି ମୋ ଗୋଡ଼ ଦିଟାକୁ ଠିକ୍ କରିଦେରେ ନରି । ମୋ ମା' ଟାକୁ ଏ ପରିବେଶ ଭିତରୁ କେତେଦିନ ବାହାରେ ରଖି ପାରନ୍ତି ।

ଛୋଟ ମୁହଁ ବଡ଼ କଥା । ଗୋଟାଏ କଥା କହିବି ଭାଇନା ।

କହୁନୁ । ଏତେ ଉପକ୍ରମଣିକା କାହିଁକି !

ରଞ୍ଜୁକୁ ଆଉଥରେ ବାହା ଦେଇଦେଲେ କେମିତି ହୁଅନ୍ତା ! ମୁଁ ତ ଏବେ ମଲା ପର୍ଯ୍ୟନ୍ତ ବେକାର । ତୁମ ପାଖରେ ରହିବି ।

"ମୋ ମନରୁ କଥାଟାକୁ ଟାଣି ନେଲୁ ରେ ନରି । ଅପଙ୍ଗ ଲୋକଟା କ'ଣ ବା କରିପାରିବ ! ଏବେ ତୁ ଆସିଗଲୁଣି । ତୁ ସବୁ ସମ୍ଭାଳି ନେବୁ । ମାଘ ଫଗୁଣକୁ ବର୍ଷ ପୁରି ନ ଥିବ । ବୈଶାଖ ମାସରେ ଯେମିତି ହେଲେ କରି ଦେବା । ମତେ ସାହାଯ୍ୟ କର ନରି । ମୋର ଆଉ କିଏ ଅଛି କହିଲୁ ! ଯିଏ ନିଜ ରକ୍ତର ଗୋଟିଏ ଅଂଶ ଥିଲା, ଯାହାକୁ ଲହୁ ଲୁହ ଏକାଠି କରି ବଢାଇଥିଲି ମୋର କିଛି ଦୋଷ ଦେଖି ମୋ ଉପରେ ଅଭିମାନ କରି ଚାଲିଗଲା," କହି ରୁମାଲ ଖଣ୍ଡକରେ ଆଖି ପୋଛିଲେ ରାଘବ ବାବୁ ।

ଚା' ଆଣିବି ମଉସା ? ପାଣି ଗ୍ଲାସ୍ ଦୁଇଟିକୁ ଅତି ସନ୍ତର୍ପଣରେ ଷ୍ଟୁଲ ଖଣ୍ଡକ ଉପରେ ରଖି ଧୀର କଣ୍ଠରେ ପ୍ରଶ୍ନ କଲା ରଞ୍ଜିତା ।

ନା'....... ନା', ଏତେ ଗରମରେ ମଉସାକୁ ଚା' ଦେନା । ତୁ ସେଇ ଯୋଉ ଜାଜ୍ ମତେ ପିଆଉ, ଦୁଇଜଣଙ୍କ ପାଇଁ ଆଣିଦେ । ବାପା ଭୁଲ୍ କହିଥିଲେ ମଧ୍ୟ ରଞ୍ଜିତା ଭଲ ଭାବେ ବୁଝି ଯାଇଥିଲା । ଭିତରକୁ ଯାଇ ଖୁବ୍ ଶୀଘ୍ର ଗୋଟିଏ ଜଗ୍‌ରେ ଛାଜ୍ ଏବଂ ଦୁଇଟା କାଚ ଗ୍ଲାସ୍ ଆଣି ରଖୁ ରଖୁ କହିଲା, 'ଛାଜ୍ ଢ଼ାଳିବି ବାପା ?'

ଆଉ କହିବାକୁ ଅଛି ! ଏଇ ଦେଖିଲୁ ନରି, ମା' ଟା ମୋର ମାଷ୍ଟର ହୋଇଗଲାଣି । ମୋ ଭୁଲ୍‌ଟିକୁ କେଡ଼େ ସରଳରେ ବୁଝାଇ ଦେଲା । ଜାଜ୍ ନୁହେଁ ଛାଜ୍ । ଭୁଲ୍ ପାଇଁ କାନ ଧରିବି! ଗୋଡ଼ ଚାଲୁନି ପରା, ଦଣ୍ଡିଆ କେମିତି ପଡ଼ିବି !!

ISSN NO.
2582-208X

"ଗୋପୀ ଭାଇ ଆସିଲେଣି ବାପା । ମୁଁ ଆମ ରୁମ୍ ବଦଳାଉଛି," କହି ରୁମ୍ ବାହାରକୁ ଚାଲିଗଲା ରଞ୍ଜିତା ।

ଭାଇନା, ଆଜି ଟିକିଏ ସଅଳ ଯିବି । ଇଲେକ୍ଟ୍ରିସିଆନ (ବିଜୁଳି ବାଲା) କୁ ଡାକିଛି, କହି ଯିବା ପାଇଁ ଉଠି ପଡ଼ିଲେ ନରି ମଉସା ।

ହଉ ଏବେ ଯା.......ସଂଧ୍ୟାରେ ଆସିବୁ ।

ଏକାଠି ଚାହା ପିଇବା । ହଁ, ମୋ କଥା ମନେ ରହିଲାଟି!

ସେ ତୁମ ବୋହୂ ହେଲେ କ'ଣ ହେଲା, ମୋର ବି ତା' ଉପରେ ହକ୍ ଅଛି ।

ଭୁଲ୍ କହିଲୁ । ସେ ମୋର ବୋହୂ ନୁହେଁ, ଝିଅ ।

କାଲି ପ୍ରଥମାଷ୍ଟମୀ ନା' ରେ ମା !

ହଁ ବାପା ।

କେଡ଼େ ଖୁସିରେ ତୋ ମା' ଏ ପର୍ବ ପାଳନ କରୁଥିଲା । ତା ଠଉଁ ତୁ ଶିଖିଲୁ । ଘରେ ଦୁଇ ଦୁଇ ଜଣ ଜ୍ୟେଷ୍ଠ । ପୂର୍ବ ଜନ୍ମରେ କି ପାପ କରିଥିଲି କେଜାଣି । ସବୁ ପାଦରେ ଭଗବାନ ମତେ ଦଣ୍ଡ ଦେଉଛନ୍ତି ।

କାଲି ପୂଜା ପାଇଁ ମୁଁ ସବୁ ବ୍ୟବସ୍ଥା କରିଛି ବାପା ।

ପୂଜା ! କାହା ପାଇଁ !!!!

"ତୁମ ପାଇଁ ବାପା, ତୁମେ ତ ଘରର ଜ୍ୟେଷ୍ଠ ପୁତ୍ର । ଆହୁରି ମଧ୍ୟ ଏ ଦିନଟିରେ ଗଣେଶ, ଷଠୀ ଏବଂ କୁଳ ଦେବତାଙ୍କର ପୂଜା ବି ତ କରାଯିବ ! ଏହାର ନାମ ତ କେବଳ ପ୍ରଥମାଷ୍ଟମୀ ନୁହେଁ 'ପାପ ନାଶିନୀ ଅଷ୍ଟମୀ' । ମୋର କୌଣସି ଘୋର ପାପ ଯୋଗୁ ମୁଁ ପରିବାରରେ ଶାନ୍ତି ଆଣି ପାରୁନି । ଏଇ ପୂଜା କରି ମୋ'ର ସମସ୍ତ ପାପ ନାଶ କରି ମତେ କ୍ଷମା କରିବା ପାଇଁ ମୁଁ କୁଳ ଦେବତାଙ୍କ ନିକଟରେ ଭିକ୍ଷା ମାଗିବି," କହି ନିଜ ପଣତ କାନିରେ ଶ୍ୱଶୁରଙ୍କ ଆଖି ପୋଛିଲା ରଞ୍ଜିତା । ରଞ୍ଜିତା ଆଡ଼କୁ ଏକ ଲୟରେ କିଛି କ୍ଷଣ ଚାହିଁ ରହି ଆରମ୍ଭ କଲେ ରାଘବ ବାବୁ । ଏଇ ଅଷ୍ଟମୀଟିର ଅନ୍ୟ ଦୁଇଟି ନାମ ହେଲା

ISSN NO.
2582-208X

'କାଳ ଭୈରବୀ ଅଷ୍ଟମୀ' ଏବଂ 'ସୌଭାଗିନୀ ଅଷ୍ଟମୀ' । ସେଇ କାଳ ଭୈରବୀଙ୍କ ନିକଟରେ ମୁଁ ହାତ ଯୋଡ଼ି ପ୍ରାର୍ଥନା କରିବି, "ମୋ ହୀରାକୁ ତୋ କୋପ କଟାକ୍ଷରୁ ମୁକ୍ତ କରି ସୌଭାଗିନୀ କର ମା ।"

ଏଇଟା ସୌଭାଗ୍ୟ ଡାକ୍ତର ବାବୁଙ୍କ ଘର । ଗତ ଦିଲ୍ଲୀ ଆଗ୍ରା ହାଇୱେ ଦୁର୍ଘଟଣା ସମ୍ବନ୍ଧରେ ତାଙ୍କ ପତ୍ନୀ ରଞ୍ଜିତା ଦେବୀଙ୍କୁ କିଛିଟା ପ୍ରଶ୍ନ କରିବୁ । ରଞ୍ଜିତାକୁ କିଛି ଆଗକୁ କହିବା ପାଇଁ ନ ଦେଇ ରାଘବ ବାବୁ ଆରମ୍ଭ କଲେ, "ମୁଁ ସୌଭାଗ୍ୟର ଦୁର୍ଭାଗା ପିତା । ମୋ ବୋହୂ ରଞ୍ଜିତାର ମୃତ୍ୟୁ ହୋଇ ଯାଇଛି । ଇଏ ହୀରା । ମୋର ଏକମାତ୍ର ସାହା ଭରସା । ଝିଅ ହୀରା । ତୁମେମାନେ ତ ମୋ ଅବସ୍ଥା ଦେଖୁଛ । ଏ ଅପାହିଜ ମଣିଷଟି ଏ ହୀରା ଖଣ୍ଡକ ପାଇଁ କ'ଣ ବା କରି ପାରିବ । ତୁମମାନଙ୍କ ପାଖରେ ମୋର ଗୋଟିଏ ନିବେଦନ । .........ଟିକିଏ ରହି ରଞ୍ଜିତା ମୁଣ୍ଡରେ ହାତ ବୁଲାଇ ପୁଣି କହିବା ଆରମ୍ଭ କଲେ, ତା ଭାଇ ବଂଚି ଥିଲେ ତା' ପାଇଁ ଦେଶ ବିଦେଶ ଖୋଜି ରାଜ କୁମାର ନେଇ ଆସିଥାଆନ୍ତା । ତୁମେ ମାନେ ମୋ ଉପରେ କିଛିଟା ଦୟା କରି ପାରିବ !" ଦୁଇ ହାତ ଯୋଡ଼ି ଆଗନ୍ତୁକ ମାନଙ୍କ ଆଡ଼କୁ କରୁଣ ଦୃଷ୍ଟିରେ ଚାହିଁ ରହିଲେ ରାଘବ ବାବୁ । ସେ ପର୍ଯ୍ୟନ୍ତ ଗାଡ଼ିରେ ବସି ଏମାନଙ୍କର ଆଲୋଚନା ଶୁଣୁଥିବା ବ୍ୟକ୍ତି ଜଣକ ଓହ୍ଲାଇ ଆସି ରାଘବ ବାବୁଙ୍କର ଦୁଇହାତ ତଳକୁ କରି କହିଲେ, ଆପଣ ଆମ ସଭିଙ୍କର ଗୁରୁଜନ ସାର୍ । ଯୋଡ଼ହସ୍ତ ଆପଣଙ୍କୁ ଶୋଭା ପାଏନା । ଏଇ ରଖନ୍ତୁ ମୋ କାର୍ଡ ଖଣ୍ଡକ । ଯେତେବେଳେ ଦରକାର ଡାକି ଦେବେ। ଏହାର ସ୍ଥାନ ଆମମାନଙ୍କ ମଥା ଉପରେ କହି ବ୍ୟକ୍ତି ଜଣକ ରାଘବବାବୁଙ୍କର ହାତ ଦୁଇଟିକୁ ନିଜ ମୁଣ୍ଡ ପାଖକୁ ଆଣି ଶିରନତ କଲେ ।

(((-)))

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ଅଙ୍କୁଶ



ଅମୃତନାରାୟଣ ଶତପଥୀ

ନିରଙ୍କୁଶ ହେଲେ ମତି ଓ ଗତି ଅସମୟରେ ମାଡି ଆସେ ବିପତ୍ତି,
ଅଙ୍କୁଶଟି ଲୋଡା ସମସ୍ତଙ୍କୁ ବନ୍ଧୁ ହୁଅନ୍ତୁ ଯେତେ ବଡ ହସ୍ତୀ।(୧)
ବିବେକ ଅଙ୍କୁଶ ଦେଇ ପ୍ରକୃତି ଦିବ୍ୟଜ୍ଞାନ ଭରା ମନୁଷ୍ୟ ଜାତି
କିନ୍ତୁ ସେ ଅଙ୍କୁଶ ରୋକି ପାରୁନାହିଁ ତୁଚ୍ଛା ଅହଂକାର ଦେଖାଇ ଖ୍ୟାତି।(୨)
ପାଖେ ରହିଲେ ଅର୍ଥ, କ୍ଷମତା ଅବା ବାହୁବଳ ମନୁଷ୍ୟର ଗର୍ବ ବଢେ ପ୍ରବଳ,
ସେଥିପାଇଁ ପ୍ରକୃତି ଦାଉ ସାଧି ଦିଏ ରୋଗ ଶୋକ ଦୁଃଖରେ କରେ ଦୁର୍ବଳ।(୩)
ସମସ୍ତଙ୍କ ପାଇଁ ଅଙ୍କୁଶ ଲୋଡା ତେବେ ଭୂମିରେ ସେ ହୋଇବେ ଛିଡା,
ଅଙ୍କୁଶ ନଥିଲେ ଡେଣା ନଥାଇ ଚାହାନ୍ତି ସମସ୍ତେ ମନ ପବନ ଘୋଡା।(୪)
ଅଙ୍କୁଶ ଅବଶ୍ୟ ଆବଶ୍ୟକୀୟ, ଯାହା ତୁଟାଏ ନିରଙ୍କୁଶତା ଭୟ,
ଅଙ୍କୁଶ ସୃଷ୍ଟିର ଅଟେ ତ୍ରାଣ କର୍ତ୍ତା ନଚେତ୍ ହୋଇପାରେ ପୁଣି ବିଲୟ।(୫)

(((-)))

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ରଜର କର୍ପୁର ଯାଇଛି ଉଡି



ଛବିଗ୍ରାଣୀ ପତି

ସଜବାଜ ହୋଇ ଆସୁଥାଏ ରଜ
ଆଷାଢ଼ ଆଲୁଅ ପକ୍ଷେ
ଫୁଲ ପତ୍ର ଭରା ଦୋଳି ଝୁଲୁଥାଏ
ଆମ୍ବ, ବର, ଓସ୍ତ ବକ୍ଷେ ।

ପରଦେଶୀ ବାପା, ଭାଇ, ବନ୍ଧୁ ମାନେ
ବାହୁଡ଼ନ୍ତି  ଗାଁ ଘର
ନବ ବିବାହିତା ଝିଅ ଜ୍ୱାଇଁ ଆସି
ପାଅନ୍ତି ସୁଖ ଅପାର ।

ବାଳ, ବୃଦ୍ଧ, ବୋହୂ ବନିତାଏ ସଭିଁ
ହର୍ଷ ଉଲ୍ଲାସରେ ମଜ୍ଜି
ପୋଡ଼ ପିଠା ଆଉ ମିଠା ପାନ ଖାଇ
ଯା'ନ୍ତି ପିରତୀରେ ହଜି ।

ପାଦରେ ଅଳତା ମଥାରେ କୁଙ୍କୁମ
ପିନ୍ଧନ୍ତି ନୂତନ ବସ୍ତ୍ର

ISSN NO.
2582-208X

ତିନିଦିନ ସାଇ ବୁଲନ୍ତି ଖେଳନ୍ତି
ରଜକୁ କରିଣ ଅସ୍ତ୍ର ।

ନଦୀ କୂଳ ପଠା ଆମ୍ବ, ନିମ୍ବ ତୋଟା
ଫାଟୁଥାଏ କୋଳାହଳେ
ପୁଚି, ଖୋକ, ଲୁଡୁ, କଉଡ଼ି, କବାଡି
ଖେଳୁ ହୋଇ ହଳେ ହଳେ ।

କେତେ ଫାନ୍ଦିଫୁନ୍ଦି ରଜ ଦୋଳି ଗୀତ
ଗାଉଥିଲୁ ସ୍ୱର ଦେଇ
ମକର, ବଉଳ, ଚାନ୍ଦ, ସଙ୍ଗାତରେ
ମନ ଦିଆ ନିଆ ହୋଇ ।

ବନସ୍ତରେ ଗଜ ଡାକୁଥିଲା କି ନା
ସେତ ସତେ ଜଣା ନାହିଁ
ହେଲେ ସଜବାଜ ହୋଇ ଏ ରଜକୁ
ସୁଖେ ପାଳୁଥିଲୁ ଭାଇ ।

ରାଜ ଦୋଳି କଟମଟ ହେଉନାହିଁ
ପ୍ଲାଷ୍ଟିକ ଦୋଳିଟା ଏବେ
ଝୁଲୁଛି ପାର୍କ, ଲନ୍, ବାଲକୋନୀରେ
ଏକା ଝୁଲୁଛନ୍ତି ତେବେ ।

ତାସ୍ ଖେଳ ଗୋଟେ ଜୁଆ ଖେଳ ହେଲା
ରହିଲାନି ତାର ଖୁସି
ବାପା, ଦାଦା, କାକା ଶତ୍ରୁ ହୋଇଗଲେ
ହେଲେନି ଏକାଠି ବସି ।

ISSN NO.
2582-208X

ମୌସୁମୀ ବତର ଚାଷ ତରତର
ହେଉଥିଲେ ଆମ ଚାଷୀ
ବସୁମତୀ ସ୍ନାନ ଯେତେ କର ଏବେ
ବରଷା ଦେଇଛି ଫାଶୀ ।

ଏ ଲମ୍ବା ଛୁଟିରେ ମାମୁଁ ମାଉସୀ ବା
ପିଉସୀ ନାନୀର ଘର
ବୁଲିଯିବା ପାଇଁ ବରଷ ତମାମ
ରହୁଥିଲା ଅପେକ୍ଷାର ।

ଏବେ ବିନା ପର୍ବେ ନିତି ନୂଆ ପିନ୍ଧା
ନାହିଁ ସେ ନୂଆ ର ଭାବ
ମୋବାଇଲ୍ ବାଇ କରିଛି ସଭିଙ୍କୁ
ଧରୁନି ସଂସ୍କୃତି ନାବ ।

ଆଉ ଆସୁ ନାହିଁ ଗଣ ପର୍ବ ରଜ
ଆମ ଝିଅ ବୋହୂ ପାଇଁ
ବଡ ଅବସୋସେ କହୁଛି ଏ କଥା
ପରମ୍ପରା ଯାଏ ଧୋଇ ।

(((-)))

ଆଷାଢ଼, ସହ ସଂପାଦିକା
ମଧୁଶାସନ, ବିରିଡ଼ି, ଜଗତସିଂହପୁର
ଫୋନ୍ ୯୩୩୭୯୬୦୦୬୦

ଜୁଲାଇ - ୨୦୨୬
www.vedantimagazine.com
ISSN NO.
2582-208X

# ମିଥ୍ ଚେତନା ପରିପ୍ରେକ୍ଷୀରେ ଔପନ୍ୟାସିକ ନତ୍ୟାନନ୍ଦ ପଣ୍ଡା ଯୋଗୀ ଉପନ୍ୟାସରେ ଚରିତ୍ର ଚତ୍ରଣ



ଅର୍ଚ୍ଚନା ଜେନା

ସାମ୍ପ୍ରତିକ ଓଡ଼ିଆ ଉପନ୍ୟାସ ସାହିତ୍ୟରେ ବିଶେଷତଃ ମିଥ୍ (Myth) ବା ପୁରାଣକଳ୍ପକୁ ନେଇ ଉପନ୍ୟାସ ଜଗତ ବହୁଧା ସମୃଦ୍ଧ । ଯୁଗରୁଚିକୁ ଆଧାରକରି ମିଥ୍ ପାଠକୀୟ ସ୍ୱୀକୃତି ସହ ପାଠକ ମଧ୍ୟରେ ଚରିତ୍ରକୁ ନେଇ ଆନ୍ତରିକ ଭାବ ସୃଷ୍ଟି କରିପାରିଛି । "ମିଥ୍ ସ୍ରଷ୍ଟାମାନସର ଭାବସତ୍ତସହ ପାଠକ ଚିତ୍ତର ସମନ୍ୱୟ ସଂପାଦନର ସେତୁ ରୂପେ କାର୍ଯ୍ୟ କରିଥାଏ । ଏହାର ଅବଲମ୍ବନରେ ସାମ୍ପ୍ରତିକ ଜୀବନ ଜିଜ୍ଞାସା କାଳର ନୂଆ ମନୋଭୂମିରେ ନାନା ଅଭିରୁଚି ଜୀବନ ଦର୍ଶନ, ଭାବାଦର୍ଶ ତଥା ସାର୍ବଜନୀନ ସତ୍ୟ ସହିତ ସଂଯୁକ୍ତ'(୧) ରିଚାର୍ଡଚେଜ୍ ତାଙ୍କର ବିଖ୍ୟାତ ପୁସ୍ତକ "The quest for myth'ରେ କହିଥିଲେ, Myth is only art ମିଥ୍ ହେଉଛି ଏକ କଳା ଏହି କଳାକୁ କଳାତ୍ମକ ରୂପ ଦେବାରେ ସାରସ୍ୱତ ସାଧକମାନଙ୍କର ପ୍ରୟାସ ଆବଶ୍ୟ ପ୍ରଶଂସାବର୍ହ । T S Eliot, W.B. Yeats ପରି ସାରସ୍ୱତ ପ୍ରେମୀଗଣ ମିଥ୍‌କୁ ଅବଲମ୍ବନ କରିଥିବା ଦେଖିବାକୁ ମିଳେ । ସେହିପରି ଆମର ଓଡ଼ିଆ ସାହିତ୍ୟରେ ଦୃଷ୍ଟିପାତ କଲେ ମିଥ୍‌କୁ ନେଇ ତାହାରି ମଧ୍ୟରେ ସାମ୍ପ୍ରତିକ ଜୀବନ ଚିତ୍ରକୁ ଦେଖିଥିବା ଓ ଦେଖାଇଥିବା ଔପନ୍ୟାସିକମାନଙ୍କ ମଧ୍ୟରେ ରହିଛନ୍ତି, ସୁରେନ୍ଦ୍ରନାଥ ଶତପଥି, ଶାନ୍ତି ମହାପାତ୍ର ବଳ, ଅନାଦି ସାହୁ, ମମତାମୟୀ ଚୌଧୁରୀ, ପ୍ରତିଭା ରାୟ, ରାଜ୍ ବିହାରୀ ବେହେରା, ଶୁଭ୍ରାଂଶୁ ପଣ୍ଡା, ମଞ୍ଜୁବାଳା ପଣ୍ଡା ପ୍ରଭୃତି । ପୁରାଣକଳ୍ପକୁ ନେଇ ସାରସ୍ୱତ ଦିଗରେ ବିଶେଷ ପରିଚିତ ସୃଷ୍ଟି କରିଥିବା ଅନ୍ୟତମ ସ୍ୱାକ୍ଷିତ ଉଚ୍ଚାରଣ ହେଲେ ଔପନ୍ୟାସିକ ନିତ୍ୟାନନ୍ଦ ପଣ୍ଡା ।

ISSN NO.
2582-208X

ସାହିତ୍ୟ ସାଧକ ନିତ୍ୟାନନ୍ଦ ପଣ୍ଡା ଯାଜପୁର ଟାଉନ୍ ୧୯୮୩ ମସିହାରେ ଭୂମିଷ୍ଠ ହୋଇ ଉତ୍ତର ଅଶୀପରଠାରୁ ଓଡ଼ିଆ ସାହିତ୍ୟ ବାଣୀ ଭଣ୍ଡାରକୁ ସମୃଦ୍ଧି କରି ଆସିଛନ୍ତି । ଓଡ଼ିଆ ଉପନ୍ୟାସ ଗଳ୍ପ ଓ ଆଲୋଚନା ସାହିତ୍ୟରେ ତାଙ୍କ ଅବଦାନ ସର୍ବଦା ସ୍ମର୍ତ୍ତବ୍ୟ । ଉପନ୍ୟାସ ଭିତରେ ରହିଛି ଫନିକ୍ସ ପକ୍ଷୀର ଜନ୍ମ, ଉପନ୍ୟାସ (୧୯୪୭), କଣ୍ଢେଇ ନାଚ, ଅଭୟାରଣ୍ୟ, ଯୋଗୀ (୨୦୧୨), ଦମୟନ୍ତୀ, ବିଲ୍ୱ ମଙ୍ଗଳ, ରାଧା ରାସେଶ୍ୱରୀ, ମହାବନ୍ୟା, ସାଂଖ୍ୟ ପୁରୁଷ, ବଟୁବାମନ, ଜଡ଼ଭାରତ ଓ ଭାରତବର୍ଷ, ଗୋଟିଏ ଯୋଡିଏ ଗାଁର କାହାଣୀ ପ୍ରଭୃତି । ସେହିପରି ଶେଷ ଡ଼ାଏରୀ, ପ୍ରେମ ପୃଥିବୀ, ପାନ୍ଥଶାଳା, ଚରିକି, ଗଙ୍ଗା ଘାଟ ଓ ଅନ୍ୟାନ୍ୟ କାହାଣୀ, ବାରୁଣୀ ସ୍ନାନ, ସଂକ୍ରାନ୍ତି ପୁରୁଷ, ଶୂନକେ ଶୂନ, ସ୍ୱର୍ଗଦ୍ୱାର ଓ ଅନ୍ୟାନ୍ୟ ଗଳ୍ପ, ପୂନର୍ଜନ୍ମ, ନାଗଫେଣୀ ଓ ଅନ୍ୟାନ୍ୟ ଗଳ୍ପ, ବହୁରୂପୀ, ଯୁଦ୍ଧ, ପ୍ରଭୃତି ତାଙ୍କର ଗଳ୍ପ ସମୂହ । ଲୋକ ପ୍ରିୟ ବିଜ୍ଞାନ ପୁସ୍ତକ ହେଉଛି ପଦାର୍ଥ ବିଜ୍ଞାନ ଓ ରହସ୍ୟବାଦ, ରେଡିଏସନ୍, ପିଲାଙ୍କ କେମେଷ୍ଟ୍ରୀ, ବିଜ୍ଞାନ ଓ ବିଜ୍ଞାନୀ (ଭାଗ ୧-୨) ଆଧୁନିକ ବିଜ୍ଞାନକୁ ରାସ୍ତା ତାଙ୍କର ନିରଳସ ସାହିତ୍ୟ ସାଧନା ତଥା କୃତି ସମୂହ ପାଇଁ ସେ ପାଠକୀୟ ସ୍ୱୀକୃତି ପାଇବା ସହ ଅଜସ୍ର ମାନ ସମ୍ମାନରେ ମଧ୍ୟ ସମ୍ବର୍ଦ୍ଧିତ । ତାଙ୍କ କୃତି ଓ କୃତିତ୍ୱ ତାଙ୍କ ପାଇଁ ଆଣି ଦେଇଛି ଅନେକ ମାନପତ୍ର ଓ ସମ୍ମାନ, "ସେ ଗୋଟିଏ ଯୋଡି ଗାଁର କାହାଣୀ' ପାଇଁ ୨୦୧୫ରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ, କାଦମ୍ବିନୀ ସାହିତ୍ୟ ସମ୍ମାନ (୨୦୦୧), ରାଜ୍ୟପାଳ ପୁରସ୍କାର (୨୦୦୬), ଫକୀର ମୋହନ ଉପନ୍ୟାସ ସମ୍ମାନ (୨୦୨୦), କାହ୍ନୁ ଚରଣ ଖୁଣ୍ଟିଆ ଉପନ୍ୟାସ ସମ୍ମାନ (୨୦୧୯), Rock Febbles story awards (୨୦୧୨), ଝଙ୍କାର ଲଳିତ ନିବନ୍ଧ ପୁରସ୍କାର (୨୦୧୩), ବର୍ତ୍ତିକା ପୁରସ୍କାର (୨୦୧୦), ଦୀକ୍ଷା ପ୍ରଜ୍ଞା ସମ୍ମାନ (୨୦୧୯), ଶ୍ରେଷ୍ଠ ଶିଶୁ ସାହିତ୍ୟ ସମ୍ମାନ (୨୦୨୩), ସ୍ୱର ଓ ସ୍ୱାକ୍ଷର ଗଳ୍ପ ସମ୍ମାନ (୨୦୨୫) ସମ୍ମାନରେ ସମ୍ମାନିତ ହୋଇଛନ୍ତି । ତାଙ୍କର ଉପନ୍ୟାସଗୁଡ଼ିକ ମଧ୍ୟରୁ କେତେକ କ୍ଲାସିକ୍ ଧର୍ମୀ, ମିଥ୍ ଧର୍ମୀ, ସାମାଜିକ ଗ୍ରାମ୍ୟ ଧର୍ମୀ ଭିତ୍ତିକ ଆଦି ଅନ୍ତର୍ଗତ । ମିଥ୍‌କୁ ଉପନ୍ୟାସର ଦେବାରେ ସିଦ୍ଧହସ୍ତ, ପୁରାଣ, ଇତିହାସ, କିମ୍ବଦନ୍ତୀ, ତଥା ଲୋକ ମିଥ୍‌କୁ ଆଧାର କରି ସେ ଅନେକ ଉପନ୍ୟାସ ରଚନା କରିଛନ୍ତି । ସେହିପରି ଏକ ଉପନ୍ୟାସ ହେଲା ଯୋଗୀ ।

ଯୋଗୀ ଉପନ୍ୟାସ ଲୋକପ୍ରିୟ ଲୋକ ଉପାଖ୍ୟାନ ଗୋବିନ୍ଦଚନ୍ଦ୍ର କାହାଣୀ ଆଧାରିତ । ଯାହା ପଞ୍ଚସଖା ଯୁଗର ମାଧ୍ୱାଚାର୍ଯ୍ୟ ବୈଷ୍ଣବ କବି ଯଶୋବନ୍ତ ଦାସଙ୍କ ସ୍ୱରଚିତ ଟୀକା

ISSN NO.
2582-208X

ଗୋବିନ୍ଦଚନ୍ଦ୍ର ଉପାଖ୍ୟାନର ଅନୁଦିତ ଉପନ୍ୟାସ ରୂପ । ତେଣୁ ଏହା ଏକ ଅନୁବାଦ ଉପନ୍ୟାସ ନାଥ ସମ୍ପ୍ରଦାୟୀମାନେ ଟୀକା ଗୋବିନ୍ଦଚନ୍ଦ୍ର ଉପାଖ୍ୟାନକୁ କେନ୍ଦରା ବଜାଇ ଭିକ୍ଷା କରିବାର ଦେଖାଯାଏ । ଏହିମାନଙ୍କୁ ଯୋଗୀ ମଧ୍ୟ କୁହାଯାଏ । ଯୋଗୀ ଉପନ୍ୟାସରେ ବହୁ ଚରିତ୍ର ଚିତ୍ରଣ ଉପରେ ପ୍ରାଧାନ୍ୟ ଦିଆଯାଇଛି ।

## ନାରୀ ଚରିତ୍ର :

ଏ ସଂସାର ଉଭୟ ନାରୀ ଓ ପୁରୁଷଙ୍କ ଅବଦାନରେ ଗତିଶୀଳ । ସଂସାରର ଅର୍ଦ୍ଧେକ ଭାଗ ନାରୀ, ନାରୀ ଈଶ୍ୱରଙ୍କ ଅତୁଳନୀୟ ଅବଦାନ ହୋମର କହିଥିଲେ “That is a glorious gift of nature” ର ବା ନାରୀ ହେଉଛି ପ୍ରକୃତିର ଗୌରବମୟ ଦାନ । ଯୋଗୀ ଉପନ୍ୟାସକୁ ଚରିତ୍ର ଚିତ୍ରଣ ଦୃଷ୍ଟିରୁ ବିଚାର କଲେ କେତେକ ମୁଖ୍ୟ ଓ ଗୌଣ ଚରିତ୍ରଭାବେ କାହାଣୀର ଗତିଶୀଳତା ପାଇଁ ନାରୀର ଭୂମିକା ରହିଛି । ତାହା ଉପରେ ସମ୍ୟକ ଦୃଷ୍ଟି ଦିଆଯାଇଛି ।

## ମୁକୁତା ଦେବୀ :

ଓଡ଼ିଆ ସାହିତ୍ୟର ପ୍ରସିଦ୍ଧ କିମ୍ବଦନ୍ତୀମୂଳକ କାବ୍ୟ ଯଶୋବନ୍ତ ଦାସଙ୍କର ରଚିତ ଗୋବିନ୍ଦ ଚନ୍ଦ୍ର ଉପନ୍ୟାସ ରୂପ "ଯୋଗୀ' । ଏହି ଉପନ୍ୟାସରେ ମୁକୁତା ଦେବୀ ଜଣେ ଆଦର୍ଶ ନାରୀ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି । ସେ କେବଳ ଜଣେ ରାଣୀ ନୁହଁନ୍ତି ବରଂ ତ୍ୟାଗ, ସ୍ନେହ, ଧୈର୍ଯ୍ୟ ଓ କର୍ତ୍ତବ୍ୟ ପାଳନର ମୂର୍ତ୍ତମନ୍ତ ପ୍ରତୀକ । ମହତ୍ତଉଚରିତ୍ରଟି ଭାରତୀୟ ନାରୀର ଉଚ୍ଚ ଆଦର୍ଶ ମାନବୀୟ ଗୁଣର ସୁନ୍ଦର ସମନ୍ୱୟ । ମୁକ୍ତା ଦେବୀ ସିଦ୍ଧ ଗୋରଖନାଥଙ୍କ ଶିଷ୍ୟା । ମହାନ୍ କାର୍ଯ୍ୟ ଓ ସଂସାରର ହିତ ସାଧନ ନିମନ୍ତେ ତାଙ୍କର ଜନ୍ମ। ସେ ଜଣେ ଆଦର୍ଶ ସ୍ୱାମୀର ଆଦର୍ଶ ପତ୍ନୀ ଓ ସ୍ୱାମୀ ଭକ୍ତା ଥିଲେ । ଜୀବନର ପ୍ରତ୍ୟେକ ବିପଦପୂର୍ଣ୍ଣ ପରିସ୍ଥିତିକୁ ପ୍ରତିକୂଳ ପରିସ୍ଥିତିରେ ରହି ଧୈର୍ଯ୍ୟ ହରାଇ ନଥିଲେ । ସ୍ୱାମୀଙ୍କ ପ୍ରତି ତାଙ୍କର ଅତୁଟ ଭଲ ପାଇବା ଓ ଅଟଳ ବିଶ୍ୱାସ ତାଙ୍କ ଚରିତ୍ରକୁ ଚରିତାର୍ଥ କରିପାରିଛି । ମୁକୁତା ଦେବୀ ଚନ୍ଦ୍ରବଂଶୀ ମହାରାଜା ମାଣିକଚନ୍ଦ୍ରଙ୍କୁ ବିବାହ କରିଥିଲେ ବଂଶରକ୍ଷା ନିମନ୍ତେ କିନ୍ତୁ ବଂଶରକ୍ଷା କରିବାକୁ ଅସମର୍ଥ ହେବାରୁ ତାଙ୍କୁ ଅଫଳନ୍ତି କହି ନିମଦ୍ରୋହୀର ଦଣ୍ଡା ବିଧାନ କରିଥିଲେ । ନିମଗଛଟି ପିତା ତୁଲ୍ୟ ତେଣୁ ରାଜା ଏହି ଦଣ୍ଡାଦେଶ ଦେଇଥିଲେ । ପାଟରାଣୀ ସ୍ୱାମୀଙ୍କର ଆଦେଶକୁ କର୍ତ୍ତବ୍ୟ ମଣୀ ପାଳନ

ISSN NO.
2582-208X

କରିଥିଲେ । ଦଣ୍ଡକାରଣ୍ୟ ନିମବୃକ୍ଷ ମୂଳେ ଧ୍ୟାନମଗ୍ନରେ ଗୁରୁଙ୍କ କଥା ସ୍ମରଣ କରୁଥିଲେ। ଗୁରୁ ଦେଇଥିବା ଆଶିର୍ବାଦ କ'ଣ ବୃଥା ? ଅଙ୍ଗଦେଶର ସମ୍ରାଟ ଲାଉଚନ୍ଦ୍ରଙ୍କ ଇଚ୍ଛା କନ୍ୟା ମୋର ବ୍ରହ୍ମଜ୍ଞାନୀ ହେବ । ଗୁରୁ ଶିଷ୍ୟା ଦୁହେଁ ପଦ୍ମ ଆସନରେ ବସିଲେ । ରାଜଜେମା ନିର୍ବିକାର ଭାବରେ ଗୁରୁ ଗୋରଖନାଥଙ୍କ କାନ୍ତି ମଣ୍ଡଳକୁ ଦେଖୁଥା'ନ୍ତି, ନୂଆ କରି ଆବିଷ୍କାର କରୁଛନ୍ତି ନିଜର ସତ୍ତାକୁ । ମୁଁ ସ୍ୱୟଂ ପରମବ୍ରହ୍ମଙ୍କ ଏକ ଅଂଶ ବିଶେଷ । ନିଜକୁ ପରଂବ୍ରହ୍ମ ଠାରେ ହଜେଇ ଦେଖୁଛନ୍ତି । "ମୁକୁତା ଦେବୀଙ୍କ କୌଣସି ଉତ୍ତର ଆସିଲା ନାହିଁ । ସେ ଚକ୍ଷୁ ଅର୍ଦ୍ଧମୁଦିତ କରି ପଦ୍ମାସନରେ ବସି ରହିଥିଲେ । ଶ୍ୱାସ ପ୍ରଶ୍ୱାସ ଗତି ମନ୍ଥର । ବାହ୍ୟଜ୍ଞାନ ନଥିଲା । ହାତ ଗୋଡ଼ ଦେହ ନିଶ୍ଚଳ । ଗୋରଖନାଥ ପ୍ରମାଦ ବଢ଼ିଲା ମୁକୁତା ସମାଧିରେ ଲୀନ ହେବାକୁ ଯାଉଛନ୍ତି ନା' ଏତେ ଶୀଘ୍ର ନୁହେଁ, ସଞ୍ଜ୍ଞା ଫେରି ନପାରେ।'(୧)

ଗୁରୁଙ୍କ ଠାରୁ ସବୁ ପ୍ରକାର ମନ୍ତ୍ର ଯୋଗ ବଳରେ ଆୟତ କଲେ । ସାଧନରେ ଶେଷ ପର୍ଯ୍ୟାୟରେ ପାଦୁକା ମନ୍ତ୍ର ବ୍ରହ୍ମଜ୍ଞାନୀ ପାଖରେ ରହିବା ଅନିବାର୍ଯ୍ୟ କାରଣ ମନ୍ତ୍ରବଳରେ ସହସ୍ରଯୋଜନ ପଥକୁ କ୍ଷଣିକ ଗତିରେ ପହଞ୍ଚିପାରିବେ । ଭବିଷ୍ୟତରେ ଏହି ମନ୍ତ୍ରଟି କଠିନ ସମୟରେ ସଦୁପଯୋଗ କରିବ ଗୁରୁଙ୍କ ଆଦେଶ । ଗୁରୁଙ୍କ ପରାମର୍ଶକ୍ରମେ ଚନ୍ଦ୍ରବଂଶର ପାଟରାଣୀ ହେଲେ । ଦୁଇମାସ ନିର୍ବାସନ ଦଣ୍ଡ ଭୋଗିବାକୁ ପଡ଼ିଥିଲା । ବଙ୍ଗଦେଶର ରାଜା ଭୁଲ୍‌କୁ ସ୍ୱୀକାର କରି ମୁକୁତା ଦେବୀଙ୍କୁ ସମ୍ମାନରେ ବାହୁଡ଼ାଇ ଆଣିଥିଲେ । କିନ୍ତୁ ଚନ୍ଦ୍ରବଂଶ ପରାକାଷ୍ଠା କ୍ଷୁର୍ଣ୍ଣ ନ ହେଉ । ନିର୍ବାସନ ଦଣ୍ଡରେ ରାଜାଙ୍କ ମନ ଭରି ନଥିଲା ଯେ ମୁକୁତା ଦେବୀଙ୍କ ସତୀତ୍ୱର ପରୀକ୍ଷା, ମାତା ସୀତାଙ୍କ ପରି ଅଗ୍ନି ପରୀକ୍ଷା ଦେବାକୁ ପଡ଼ିଲା । ଆଦର୍ଶ ପତ୍ନୀର କର୍ତ୍ତବ୍ୟ ମଥାପାତି ମଣିଥିଲେ । ପାଟରାଣୀଙ୍କ ସତୀତ୍ୱ ଗାଥା ସାର ଜମ୍ବୁଦୀପରେ ବିଚ୍ଛୁରିତ ହୋଇଯାଇଥିଲା । ମୁକୁତା ଦେଇ ହେଲେ ସନ୍ତାନ ସମ୍ଭବା ସମଗ୍ର ବଙ୍ଗ ସାମ୍ରାଜ୍ୟରେ ଏହି ବାର୍ତ୍ତାଟି ଖେଳିଗଲା । ଚନ୍ଦ୍ରବଂଶକୁ ଉତ୍ତରାଧିକାରୀଟିଏ ମିଳିବ । ସତ ତ ଏହି ସଂସାର ବଡ଼ ବିଚତ୍ର ନାନାପ୍ରକାର ଯାତନା ଏହି ନାରୀପାଇଁ ସେହି ନାରୀଟି ସ୍ୱାମୀ ଘୋଷଣା କରିଥିବା ଦଣ୍ଡକୁ ପାଦୁକ ରୂପେ ସେବକ କରିଥାନ୍ତି । ଶାସ୍ତିକୁ ଭବିଷ୍ୟତ ଭବିତବ୍ୟ ଭାବି ଗ୍ରହଣ କରନ୍ତି । ନାରୀ ଜୀବନର ସାର୍ଥକତା କ'ଣ ମାତୃତ୍ୱପ୍ରାପ୍ତି । କିନ୍ତୁ ମୁକୁତା ଦେବୀ ବୁଝିଥିଲେ ଗର୍ଭବେଦନା ବଡ଼ କଷ୍ଟ, ଜନ୍ମ ସହ ଗର୍ଭବେଦନା ମିଶିକରି ଆସିଥାଏ । ମୁକୁତା ଦେବୀ ଜଣେ ସାଧାରଣ ନାରୀ ନୁହଁନ୍ତି ଅଲୌକିକ ଶକ୍ତିର ମିଶ୍ରିତ ଏକ ରୂପ । ସତୀ ସାବିତ୍ରୀ ସାଜି ସ୍ୱାମୀଙ୍କ ପ୍ରାଣ ଫେରାଇ ଆଣିବାକୁ ଯମପୁରକୁ ଯାଇଥିଲେ ।

ISSN NO.
2582-208X

"ମୁକୁତା ଗୁରୁଙ୍କୁ ସ୍ମରଣା କଲେ । କହିଲେ ମୁଁ ଯଦି ସତୀ ନାରୀ ହୋଇଥାଏ , ପାଦୁକା ମନ୍ତ୍ର ମତେ ତତ୍କ୍ଷଣାତ୍ ନେଇଚାଲ ଯମପୁରକୁ , ସେ ପାଦୁକା ମନ୍ତ୍ର ପ୍ରୟୋଗ କଲେ । ପୁତ୍ରର ସ୍ୱଳ୍ପ ଆୟୁ ମୃତ୍ୟୁ ପଞ୍ଜିକା ଦେଖି ହତବାକ୍ ହୋଇଗଲେ । ଶମୀଙ୍କ କହିବା ଅନୁଯାୟୀ ପୁତ୍ରକୁ ଯୋଗୀ କରି ଦେଇଥିଲେ । ଜଣେ ଯୋଗୀ କେବଳ ମୃତ୍ୟୁ ଚକ୍ରକୁ ପରିବର୍ତ୍ତନ କରିପାରେ ଏକଥା କ'ଣ ଜଣେ ବ୍ରହ୍ମଜ୍ଞାନୀକୁ ମତେ ବୁଝାଇବାକୁ ହେବ ? ଯମଦେବ କହିଲେ ? (୨)

ତତ୍ପରତା ସହ ଦୁଇଟି ଶବ ସତ୍କାର ନକରି କୁମାରଙ୍କ ରୀତି ନୀତି ଅନୁସାରେ ଅଭିଷେକ ହେଲା ମଶାଣିକୁ ଉଠିଲା ମାଣିକ ଚନ୍ଦ୍ର ଓ ଶକୁନ୍ତଳାଙ୍କ ଶବ । ଗୋରଖନାଥ ଶିଷ୍ୟ ହାଡ଼ିପାଙ୍କ ହାତକୁ ପୁତ୍ର ଗୋବିନ୍ଦଚନ୍ଦ୍ରଙ୍କୁ ଟେକି ଦେଲେ । ମୃତ୍ୟୁ ଚକ୍ରକୁ ଜୟ କରିଆସ ତୁମେ, ଭବଘୂରା ହୁଅ ପୁତ୍ର । "ଯୋଗୀ' ଉପନ୍ୟାସରେ ମୁକୁତା ଦେବୀ କେବଳ ଜଣେ ମାତା ନୁହେଁ, ବରଂ ମାତୃତ୍ୱ, କରୁଣା ଓ ତ୍ୟାଗର ଜୀବନ୍ତ ପ୍ରତୀକ । ତାଙ୍କ ଚରିତ୍ର କାବ୍ୟକୁ ଭାବପ୍ରବଣ ଓ ହୃଦୟସ୍ପର୍ଶୀ କରିଛି । ଉପନ୍ୟାସର ମୁଖ୍ୟ ନାରୀ ଚରିତ୍ରରେ ମୁକୁତା ଦେବୀ ଭୂମିକା ବିଶେଷ ପ୍ରାଧାନ୍ୟ ରଖେ । (୩)

### ଶକୁନ୍ତଳା :

ଯୋଗୀ ଉପନ୍ୟାସରେ ବଡ଼ରାଣୀ ଏକ ଗୌଣ ଚରିତ୍ର ହୋଇଥିଲେ ମଧ୍ୟ କାହାଣୀର ବିକାଶରେ ତାଙ୍କର ଭୂମିକା ଉଲ୍ଲେଖନୀୟ । ସେ ଜଣେ ସ୍ନେହଶୀଳ ଓ ସହାନୁଭୂତିଶୀଳ ନାରୀ । ପରିବାର ପ୍ରତି ତାଙ୍କର ନିଷ୍ଠା ଓ କର୍ତ୍ତବ୍ୟପରାୟଣତା ପ୍ରକାଶ ପାଏ । ରାଜା ମାଣିକଚନ୍ଦ୍ରଙ୍କର ବଡ଼ରାଣୀ ଶକୁନ୍ତଳା । ଶକୁନ୍ତଳା ଅପୁତ୍ରକ ଥିବାରୁ ସେ ରାଜାଙ୍କୁ ମୁକୁତା ଦେବୀଙ୍କୁ ବିବାହ ପାଇଁ ପ୍ରେରିତ କରିଥିଲେ । ରାଜାଙ୍କର ସେ ହେଲେ ଆଦର୍ଶ ପତ୍ନୀ ଅନ୍ୟ ରାଣୀମାନଙ୍କ ପ୍ରତି ତାଙ୍କର ଈର୍ଷା ଅସୂୟାୟାଭାବ ତିଳେ ହେଲେ ନଥିଲା । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସେ ସରଳ ରୈଖିକ ଚରିତ୍ର ହୋଇ ରହିଛନ୍ତି । ମନର ଭାବନାରେ ଭାବନ୍ତର ସୃଷ୍ଟି ହୋଇନାହିଁ କୌଣସି କଥାକୁ ନେଇ । ସେ ମୁକୁତା ଦେବୀଙ୍କୁ ନିଜ ଭଉଣୀ ତୁଲ୍ୟ ଜ୍ଞାନ କରୁଥିଲେ । "ସୁନାଭଉଣୀଟା ପରା କଥାଟିଏ କହିବି କିଛି ମନେ କରିବୁ ନାହିଁ ? ପ୍ରତି ଉତ୍ତରରେ ମୁକୁତା ଦେବା ଅପା କୁହନା- ଏତେ ରାଣୀ ଥାଉ ଥାଉ ମହାରାଜା ତତେ କାହିଁକି ବିନା ହେଲେ ଜାଣିଛୁ ମୁକୁତା ଦେବୀଙ୍କୁ ଶୂନ୍ୟରୁ ଖସି ପଡ଼ିଲା ପରି ଲାଗିଲା । ଇଏ

ISSN NO.
2582-208X

କି ପ୍ରକାର ପ୍ରଶ୍ନ କହିଲେ ଅପା । ମୋତେ ବୁଝେଇ କୁହ, ମୁଁ କିଛି ଜାଣିନି ଏତିକି ଜାଣିଛି ମହାରାଜା ମୋତେ ରାଣୀ କରି ଆଣିଛନ୍ତି ପାଟରାଣୀର ମର୍ଯ୍ୟାଦା ଦେଇଛନ୍ତି । (୪) ଶକୁନ୍ତଳା ଦେବୀ ମୁକୁତା ଦେବୀଙ୍କୁ ସାନ ଭଉଣୀ ପରି ଆଦର ଯତ୍ନ କରନ୍ତି ଗୁରୁ ପରି ନିୟମ ଶିକ୍ଷା ଦିଅନ୍ତି ସମୟକ୍ରମେ ମୁକୁତା ଦେବୀଙ୍କୁ ଗର୍ଭସଞ୍ଚାର ହୋଇଛି କିନ୍ତୁ ଅନ୍ୟ ଦୁଇ ରାଣୀ ରମ୍ଭା ଓ ରସଲେଖା ତାଙ୍କ ଗର୍ଭସ୍ଥ ସନ୍ତାନକୁ ଦାସୀ ମନ୍ଦା ସହାୟତାରେ ମୃତ୍ୟୁ ଦେବାପାଇଁ ଷଡ଼ଯନ୍ତ୍ର କରିବା ସମୟରେ ତାକୁ ସୁରକ୍ଷା ଦେଉଥାନ୍ତି ରାଣୀ ଶକୁନ୍ତଳା, ଏକ ଆଦର୍ଶ ରାଣୀ ତଡା ସୁଚରିତ୍ର ରୂପେ ଉପାଖ୍ୟାନରେ ସେ ଅବତୀର୍ଣ୍ଣ କାହାଣୀକୁ ଗତିଶୀଳ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଅବସ୍ୟ ସ୍ୱୀକାର୍ଯ୍ୟ । ଏହି ଚରିତ୍ର ମାଧ୍ୟମରେ କବି ସେହି ସମୟର ନାରୀଜୀବନ ଓ ପାରିବାରିକ ମୂଲ୍ୟବୋଧର ପରିଚୟ ଦେଇଛନ୍ତି ।

### ରମ୍ଭା ଓ ରସଲେଖା :

ନାୟକ ପ୍ରତି ନାୟିକାକୁ ନେଇ କାହାଣୀ ଗତିଶୀଳ । ରମ୍ଭା ଓ ରସଲେଖା ଉପନ୍ୟାସରେ ପ୍ରତିନାୟିକା ରୂପେ ଅବତାରିତ । ଦୁହେଁ ଅପୁତ୍ରିକ ଦୋଷରେ ଅଭିଶପ୍ତ କିନ୍ତୁ ଚନ୍ଦ୍ରବଂଶ ଅଭିସପ୍ତ ହୋଇରହୁ ତାଙ୍କର ମୂଳ ଲକ୍ଷ୍ୟ । ମୁକୁତା ଦେବୀ ଓ ଗର୍ଭିତ ସନ୍ତାନକୁ ମାରିବା ପାଇଁ ଷଡ଼ଯନ୍ତ୍ର କରିଥିଲେ । ବଡ଼ରାଣୀ ଶକୁନ୍ତଳା ତାଙ୍କର କର୍ମୀ ତ ଷଡ଼ଯନ୍ତ୍ରକୁ ରାଜାଙ୍କ ଆଗରେ ପର୍ଦାଫାଶ କରିଥିଲେ । ମହାରାଜା ରମ୍ଭା ଏବଂ ରସଲେଖାଙ୍କୁ ରାଜଉଆସରୁ ବହିଷ୍କୃତ ଦଣ୍ଡବିଧାନ କଲେ । ଶାସ୍ତି ସ୍ୱରୂପ ଉଆସ ବାହାରେ ଗାଇ ଗୁହାଳରେ ତୁମେ ଦୁହେଁ ରହିବ ଏବଂ ସନ୍ନ୍ୟାସିନୀ ବ୍ରତ ଅବଲମ୍ବନ କରିବ । ମୁଦୁରା ଶର୍ଯ୍ୟା ଗ୍ରହଣ କରିବ । କର୍ମୀ ତ ଅପକର୍ମ ବୁଝିପାରିଛନ୍ତି ମୁକୁତା ଦେଇ ବହିଷ୍କୃତ ଦଣ୍ଡରୁ ମୁକ୍ତ କରିଛନ୍ତି । ପରିଣତି ସମୟରେ ଦୁହେଁ ଆଦର୍ଶ ବାଟକୁ ଆବୋରିଛନ୍ତି ।

### ପୁରୁଷ ଚରିତ୍ର :

### ଗୋବିନ୍ଦ ଚନ୍ଦ୍ର :-

ଗୋବିନ୍ଦଚନ୍ଦ୍ର "ଯୋଗୀ' ଉପନ୍ୟାସର ମୁଖ୍ୟ ନାୟକ । ଜନ୍ମ ପୂର୍ବରୁ ଦୁଇ ଅନ୍ୟ ମାଆ ରାଣୀ ରମ୍ଭା ଓ ରସଲେଖା ତାଙ୍କୁ ମାରିବା ପାଇଁ ଷଡ଼ଯନ୍ତ୍ର କରିଥିଲେ । ଗୋବିନ୍ଦଚନ୍ଦ୍ରଙ୍କ ଚରିତ୍ରରେ ଅଲୌକିକତା ଓ ବୀରତ୍ୱର ସୁନ୍ଦର ସମନ୍ୱୟ ଦେଖାଯାଏ । ତାଙ୍କ ଜନ୍ମ ପୂର୍ବରୁ ହିଁ ତାଙ୍କ ଦୁଇ ମା' ରାଣୀ ରମ୍ଭା ଓ ରସଲେଖା ତାଙ୍କୁ ବିନାଶ କରିବା ପାଇଁ ଷଡ଼ଯନ୍ତ୍ର ରଚନା

ISSN NO.
2582-208X

କରିଥିଲେ । କିନ୍ତୁ ଭାଗ୍ୟ ଓ ଦୈବୀ ଶକ୍ତିର ଆଶୀର୍ବାଦରେ ସେ ସମସ୍ତ ବିପଦକୁ ଅତିକ୍ରମ କରି ଜନ୍ମଲାଭ କରିଥିଲେ । ଜନ୍ମରୁ ହିଁ ତାଙ୍କ ମଧ୍ୟରେ ଅସାଧାରଣ ଓ ଅଲୌକିକ ଗୁଣର ପ୍ରକାଶ ଦେଖିବାକୁ ମିଳିଥିଲା ଜନ୍ମ ଠାରୁ ତାଙ୍କଠାରେ ଅଲୌକିକତା ଥିଲା । ଶୈଶବାବସ୍ଥାରେ ତାଙ୍କର ନାମକରଣ, ଅନ୍ନପ୍ରାସନ୍ନ ଆଦି ସମସ୍ତ ସଂସ୍କାର ଓ ରୀତିନୀତି ବିଧିବଦ୍ଧ ଭାବରେ ସମ୍ପନ୍ନ ହୋଇଥିଲା, ଯାହା ଭାରତୀୟ ସଂସ୍କୃତି ଓ ପାରମ୍ପରିକ ମୂଲ୍ୟବୋଧର ଏକ ଜୀବନ୍ତ ପରିଚାୟକ ଅଟେ । "ଆମ ଲୋକ ସଂସ୍କୃତି ଓ ପରମ୍ପରାରେ ଘରେ ଘରେ ପରିଚିତ ଏକୋଇଶା ଦିନ ନାମକରଣ ଉତ୍ସବ ପାଳନ କରାଯାଏ, ଜାତକ ଗଣନା ଅନୁସାରେ । "ଗ' ଅକ୍ଷର ଡାକୁଛି । "ଗ' ଅକ୍ଷର ଆରମ୍ଭ ଚନ୍ଦ୍ରବଂଶ ରାଜପୁରୋହିତ କୃଷିନାମ ମିଳେଇ ରାଜକୁମାରଙ୍କ ନାମକରଣ ହେଲା ଗୋବିନ୍ଦଚନ୍ଦ୍ର । ରାଜକୁମାର ମହାଜ୍ଞାନୀ ହେବେ ଏକାଧିକ ରାଣୀ ଗ୍ରହଣ କରିବେ, ଗଣକଙ୍କର ଗଣା ଅନୁଯାୟୀ ରାଜପୁତ୍ର ଭବିଷ୍ୟତରେ ଯୋଗୀ ହେବେ । ଆମ ଭାରତୀୟ ସଂସ୍କୃତିରେ ପ୍ରଚଳିତ ଅଛି ଯେ ଯଦି ମୃତ୍ୟୁ ରିଷ୍ଟ ଖଣ୍ଡନ ପାଇଁ ସନ୍ତାନକୁ ସନ୍ୟାସୀ ବା ଯୋଗୀ କରି ଦିଅନ୍ତି ତେବେ ଏହି ନୀତିଟି ସାମ୍ପ୍ରତିକ ପରିକ୍ଷାରେ ଗତିଶୀଳ । ଯୁବରାଜ ଗୋବିନ୍ଦଚନ୍ଦ୍ର ରାଜନୀତି, କୂଟନୀତି, ଭେଦନୀତି, ଶାସ୍ତ୍ରକୁ ଆୟତ୍ତ କଲେ । ଅଠର ବର୍ଷରେ କୋଶଳ ରାଜ୍ୟରେ ବୈଜୟନ୍ତୀ ବାନା ଉଡ଼ାଇ ଥିଲେ । ଆନେଶତଙ୍କ ରାଣୀ ପାଣିଗ୍ରହଣ କରିଥିଲେ । କୁମାରଙ୍କ ଦିନ କଟୁଥିଲା ରାଣୀ ଅନ୍ତପୁରରେ ନଚେତ୍ ନୃତ୍ୟଶାଳାରେ ବିଳାସ ବ୍ୟସନକୁ ଆଧାର କରିନେଇ ଥିଲେ । ମୃତ୍ୟୁର ରହସ୍ୟ ଯେତେବେଳେ ମାଆ ପୁତ୍ର ଆଗରେ ଉନ୍ମୋଚନ କରିଛନ୍ତି । ମୃତ୍ୟୁ ରହସ୍ୟ ଦେଖି ଗୋବିନ୍ଦଚନ୍ଦ୍ର ନୀରବ ତାଙ୍କର ଆଖି ଦୁଇଟି ବିସ୍ଫାରିତ । ନା ମନରେ ଧନ ଦଉଲତ ଚିନ୍ତା, ନା ରାଜମୁକୁଟ ପ୍ରତି ଧ୍ୟାନ, ଅନୁଭବ କରିଛନ୍ତି ସତ୍ୟ କେବଳ ମୃତ୍ୟୁ। ଗୁରୁ ହାଡ଼ିପାଙ୍କୁ ଲୁଚିକରି ମରଡ଼ାଶାଳରେ ଅନୁସରଣ କରିବା ଗୁରୁଙ୍କ ହାତକୁ ଟେକିଦେବା । ମାତାଙ୍କ ଆଦେଶ ଅନୁସାରେ ଅଲୌକିକ ଶକ୍ତି ଅଧିକାରୀ ତଥା ତାଙ୍କ ପ୍ରାସାଦରେ ମେହେନ୍ତ କାର୍ଯ୍ୟ କରୁଥିବା ସିଦ୍ଧ ହାଡ଼ିପାଙ୍କ ସମସ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ରାଜା ଗୋବିନ୍ଦଚନ୍ଦ୍ର ସମସ୍ତ ରାଜକୀୟ ଭୋଗବିଳାସର ମୋହକୁ ତ୍ୟାଗକରି ହାଡ଼ିପାଙ୍କ ଶିଷତ୍ୱ ଗ୍ରହଣ ପୂର୍ବକ ଯୋଗୀ ହୋଇଗଲେ । ଏବଂ ମୃତ୍ୟୁ ଚକ୍ରକୁ କାଟିବାରେ ସଫଳତା ହାସଲ କଲେ । ଏହାପରେ ପୁଣି ସାଂସାରିକ ମାୟା ତାଙ୍କୁ ସାଂସାରିକ କରିପାରି ନଥିଲା।' ଗୋବିନ୍ଦଚନ୍ଦ୍ର ଯୋଗୀହୋଇ ମୃତ୍ୟୁଚକ୍ରକୁ କାଟିପାରେ ପୁନଷ୍ଚ ରାଜ୍ୟକୁ ଫେରି ରାଜ୍ୟ ଶାସନରେ ବ୍ରତୀ ହେବା କଥା । କିନ୍ତୁ ତାହା ହୋଇନାହିଁ । କାରଣ ବୁଝିବା ସେତେ କଷ୍ଟ

ISSN NO.
2582-208X

ନୁହଁ । ଜଣେ ସିଦ୍ଧଯୋଗୀ ହେବାପରେ ସେ କେଉଁ ଗରଜରେ ବା ପୁଣି ସଂସାର ବନ୍ଧନରେ ବାନ୍ଧିହେବା ? ଯୋଗୀ ତ ସଦା ମୁକ୍ତ, ପରଂବ୍ରହ୍ମଙ୍କର ଅଂଶସ୍ୱରୂପ ।(୫) ଯୋଗୀ ଉପନ୍ୟାସ ସଂପଳତା ରୋଗୀ ଗୋବିନ୍ଦଚନ୍ଦ୍ରଙ୍କୁ ହିଁ ଆଧାର କରି । ଚାରିତ୍ରିକ ବୈଶିଷ୍ଟ୍ୟ ଦିଗରୁ ବିଚାର କଲେ ଜଣେ ବ୍ୟକ୍ତି ଭୋଗବିଳାସ ପ୍ରତି ବିମୁଖ ହୋଇ ବୈରାଗ୍ୟତା ଗ୍ରହଣ କରିବା ଅସମ୍ଭବ ମନେହୁଏ ଯାହାର ବ୍ୟତିକ୍ରମ ଗୋବିନ୍ଦଚନ୍ଦ୍ର ଠାରେ ଦ୍ରଷ୍ଟବ୍ୟ କିନ୍ତୁ ଆସନ୍ନ ପ୍ରତି ସଚେତନ ତଥା ମାତାଙ୍କ ସୁପୁତ୍ର ଭାବେ ସମସ୍ତ ଭୋଗରୁ ନିଜକୁ ବିରିତ ରଖିବା ଏବଂ ଶେଷରେ ଆଜୀବନ ବୈରାଗ୍ୟତାକୁ ଗ୍ରହଣ କରିବା କ୍ଷେତ୍ରରେ ତାଙ୍କ ଚରିତ୍ର ଅବଶ୍ୟ ଶିକ୍ଷଣୀୟ । ସେ ଜଣେ ରାଜପୁତ୍ର ହୋଇଥିଲେ ମଧ୍ୟ ପାର୍ଥିବ ସୁଖ, ଐଶ୍ୱର୍ଯ୍ୟ ଓ ରାଜ୍ୟଭୋଗ ପ୍ରତି ଅନାସକ୍ତ ହୋଇ ଯୋଗ ଓ ବୈରାଗ୍ୟର ପଥ ଗ୍ରହଣ କରିଥିଲେ । ତାଙ୍କ ଚରିତ୍ରରେ ବୀରତ୍ୱ, ଜ୍ଞାନ, ତ୍ୟାଗ ଓ ଆଧ୍ୟାତ୍ମିକତାର ସୁନ୍ଦର ସମନ୍ୱୟ ଦେଖିବାକୁ ମିଳେ ।

### ରାଜା ମାଣିକଚନ୍ଦ୍ର :

ବଙ୍ଗଦେଶର ସମ୍ରାଟ ମାଣିକଚନ୍ଦ୍ର ଚନ୍ଦ୍ରବଂଶର ସବୁଠାରୁ ପ୍ରତିପତ୍ତିଶାଳୀ ନରେଶ । ସୌରାଷ୍ଟ୍ର, ଚେଦି, କଳିଙ୍ଗ, ମଗଧ, ଆଦି ଦେଶକୁ ଜୟକରି ନିଜର ଶକ୍ତି ପରାକ୍ରମ ପ୍ରଦର୍ଶନ ପୂର୍ବକ ସେହି ରାଜ୍ୟମାନଙ୍କର ରାଜକନ୍ୟାମାନଙ୍କର ପାଣିଗ୍ରହଣ କରିଛନ୍ତି । ତାଙ୍କର ରାଣୀ ମହଲରେ ଏକାଧିକ ରାଣୀ ଥିଲେ । ଏକାଧିକ ରଣୀ ଥିବା ସତ୍ୱେ ରାଜା ସନ୍ତାନ ମୁଖ ଦର୍ଶନରୁ ଥିଲେ ବଞ୍ଚିତ । ଯାହା ତାଙ୍କ ବ୍ୟଥିତ ବିବ୍ରତ କରୁଥିଲା ବଂଶ ରକ୍ଷା ଆଗାମୀ ଭବିଷ୍ୟତର ବଂଶ ରକ୍ଷାକୁ ନେଇ ବଂଶରକ୍ଷା କରିବା ପାଇଁ ରାଜା ପାଟରାଣୀ ଶକୁନ୍ତଳାଙ୍କ ସୁପରାମର୍ଶ କ୍ରମେ ମୁକୁତା ଦେବୀଙ୍କୁ ବିବାହ କରିଥିଲେ ।

### ଯୋଗୀ ହାଡ଼ିପା :

ହାଡ଼ିପା ଜଣେ ବ୍ରହ୍ମଜ୍ଞାନୀ । ସେ ସ୍ୱର୍ଗବାସୀ ଦେବତା ଅଭିଷାପ ପାଇଁ ମର୍ତ୍ତ୍ୟମଣ୍ଡଳରେ ହାଡ଼ି କୂଳରେ ଜନ୍ମ ଗ୍ରହଣ କରିଛନ୍ତି । ମୁକୁତା ଦେବୀଙ୍କ ଗୁରୁ ଗୋରଖନାଥ ଶିଷ୍ୟ ହେଲେ ହାଡ଼ିପା । ଶାସ୍ତି ମିଳିଥିଲା ରାଜଉଆସର ପଛପଟେ ମରଡ଼ାଶାଳ ରାତି ପାହିବାର ଯଥେଷ୍ଟ ପୂର୍ବରୁ ବାଡ଼ିପଟେ ସଫାସୁତୁରା କରି ସ୍ୱର୍ଗକୁ ଫେରି ଯାଉଥିଲେ । ହାଡ଼ିପା ଅଲୌକିକ ଶକ୍ତିର ଅଧିକାରୀ ଭୂମିରେ ପାଦସ୍ପର୍ଶ ହେଉନଥିଲା । ଗୋବିନ୍ଦଚନ୍ଦ୍ର ହେଉଛନ୍ତି ବ୍ରହ୍ମଜ୍ଞାନୀ ହାଡ଼ିପାଙ୍କ ଶିଷ୍ୟ । ଗୁରୁ ହାଡ଼ିପା ଶିଷ୍ୟ ମୃତ୍ୟୁଚକ୍ରକୁ ପରିବର୍ତ୍ତନ କରି ଭବଘୁରୁ ଯୋଗୀରେ

ISSN NO.
2582-208X

ପରିଣତ କରିପାରିଛନ୍ତି । ଯୋଗୀ ହାଡ଼ିପା ଗୋବିନ୍ଦଚନ୍ଦ୍ରଙ୍କ ଜୀବନରେ ଆଧ୍ୟାତ୍ମିକ ପରିବର୍ତ୍ତନର ମାର୍ଗଦର୍ଶକ ଭାବେ କାର୍ଯ୍ୟ କରନ୍ତି । ତାଙ୍କ ଉପଦେଶ ଦ୍ୱାରା ଗୋବିନ୍ଦଚନ୍ଦ୍ର ରାଜସୁଖ ତ୍ୟାଗକରି ଯୋଗ ଓ ବୈରାଗ୍ୟର ପଥ ଅବଲମ୍ବନ କରନ୍ତି ।

### ସିଦ୍ଧଗୋରଖନାଥ:

ସିଦ୍ଧଗୋରଖନାଥ ନାଥ ସମ୍ପ୍ରଦାୟର ପ୍ରଥମ ନାଥ ସିଦ୍ଧ ଭାବରେ ପରିଚିତ । ନାଥଧର୍ମ ବିଷୟକ ଦୁଇଟି ପ୍ରାମାଣିକ ଗ୍ରନ୍ଥର ସ୍ରଷ୍ଟା ସଂସ୍କୃତର 'ସିଦ୍ଧ ସିଦ୍ଧାନ୍ତପଦ୍ଧତି' ଅନ୍ୟଟୀ ଶୀଗୁବେଦ । ଗୋରଖନାଥଙ୍କର ଦୁଇଜଣ ଶିଷ୍ୟ ଥିଲେ ମୁକୁତା ଦେଇ ଓ ବ୍ରହ୍ମଜ୍ଞାନୀ ହାଡ଼ିପା । ସେ ହେଉଛନ୍ତି ତ୍ରୀକାଳଦର୍ଶୀ, ଶୂନ୍ୟରେ ବିଚରଣ କରିବାର ଶକ୍ତି ଥିଲା । ଗୋରଖନାଥଙ୍କ ପରିପାଟୀ "ବୃଷଭ ପଠିରେ ବସିଛନ୍ତି ଜଣେ ସାଧୁ, ଫୁଙ୍ଗୁଲା ଦେହ ପିନ୍ଧିଛନ୍ତି ବାଘ  ଛାଲ । ମଥାରେ ଜଟା ହାତରେ ତ୍ରିଶୂଳ ପାଉଁଶ ବୋଳା ଦେହ । ବୃଷଭ ଅଟକିଲା ତାଙ୍କ ପାଖରେ ।'(୭)

### ମାନବେତ୍ତର ଚରିତ୍ର :

କାହାଣୀ ଗତିଶୀଳ କରାଇବାରେ ମାନବେତ୍ତର ଚରିତ୍ର ମଧ୍ୟ ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ। ଯୋଗୀ ଉପନ୍ୟାସରେ ମଧ୍ୟ ମାନବେତ୍ତର ଚରିତ୍ର ଅବତାରଣା କରାଯାଇଛି । କୋଇଲି, ଶୁଆ-ଶାରୀ, ସହ ବିଭିନ୍ନ ବନ୍ୟଜନ୍ତୁ ମଧ୍ୟ ରହିଛନ୍ତି । ଏଠାରେ କୋଇଲିକୁ ମୁକୁତା ଦେବୀ ଦୂତ କରି ଗୁରୁ ଗୋରଖନାଥଙ୍କ ପାଖକୁ ପ୍ରେରଣ କରନ୍ତି । ପକ୍ଷୀମାନଙ୍କ ମଧ୍ୟରେ ଶୁଆ-ଶାରୀ ହିଁ କିଛି ମାତ୍ରାରେ ମଣିଷ ଭଳି ବାକ୍‌ଶକ୍ତିର ଅଧିକାରୀ, ଏଠାରେ ଶୁଆ ଶାରୀ ଭବିଷ୍ୟତ ବକ୍ତାର ଭୂମିକା ଗ୍ରହଣ କରିଛନ୍ତି ।

### ଗୌଣ ଚରିତ୍ର :

ଏହି ଉପନ୍ୟାସଟି ବହୁ ଚରିତ୍ର ଆଧାରିତ । ଉପରେ ମୁଖ୍ୟଚରିତ୍ର ଆଲୋଚନା କରାଗଲା ତଥାପି ବହୁ ଗୌଣ ଚରିତ୍ର ରହିଛନ୍ତି । ଯାହା କାହାଣୀକୁ ଗତିଶୀଳ କରାଇଛନ୍ତି । ସେମାନେ ହେଲେ ସୁଜ୍ଞାନୀ, ମନ୍ଦା, ବେଶ୍ୟା, ରମ୍ଭା, ମୁକୁତା ଦେବୀଙ୍କ ପିତା ଲାଉଚନ୍ଦ୍ର, ଲାଉଚନ୍ଦ୍ରଙ୍କ ପାଟରାଣୀ ମୌନବତୀ, ରାଣୀ ରୋଦମା ଗୋଦମା ପ୍ରଭୃତି ।

ISSN NO.
2582-208X

ପାଦଟୀକା :

୧. ଗିରୀ, ଡ଼. ଦିଗମ୍ବର, ସମକାଳୀନ କବିତା, କବି ଓ କାବ୍ୟ ଧାରା, ପ୍ରକାଶକ- ବିଜୟିନୀ ପବ୍ଲିକେଶନସ୍, ପ୍ରଥମ ପ୍ରକାଶନ- ୨୦୧୮, ପୃଷ୍ଠା- ୧

୨. ପଣ୍ଡା ନିତ୍ୟାନନ୍ଦ, ଯୋଗୀ, ବିଦ୍ୟାଭାରତୀ, ପ୍ରଥମ ସଂସ୍କରଣ-୨୦୧୦, ପୃଷ୍ଠା- ୧୬।

୩. ତତ୍ରୈବ, ପୃଷ୍ଠା - ୭୮ ।

୪. ତତ୍ରୈବ, ପୃଷ୍ଠା - ୧୨ ।

୫. ତତ୍ରୈବ, ପୃଷ୍ଠା - ୧୪୧ ।

୬. ତତ୍ରୈବ, ପୃଷ୍ଠା - ୨୯ ।

୭. ତତ୍ରୈବ, ପୃଷ୍ଠା - ୧୦ ।

(((-)))

ଗବେଷିକା
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା
ଦୂରଭାଷ - ୭୪୩୭୯୭୭୪୫୯

ISSN NO.
2582-208X

# ମୋ କଲମ ମୁନର ପ୍ରେରଣା



କୁଞ୍ଜବିହାରୀ ରାଉତ

ଏଇ କେତେଦିନ ହେଲାଣି
ଚୁପ୍ ହୋଇଯାଇଛ ତୁମେ
ସ୍ୱର ତୁମ କ୍ଷୀଣ ହୋଇ ନୀରବି ଯାଇଛି
ତୁମେ ନୀରବିଗଲେ
ବୈଶାଖରେ ଫୁଟୁନି କୃଷ୍ଣଚୂଡା
କଳରବରେ ଫାଟି ପଡୁନି ଚତୁର୍ଦ୍ଦିଗ
ଜ୍ୟେଷ୍ଠ ରେ ଆଉ ପାଚୁନି ଆମ୍ବ
ଆଷାଢ଼ରେ ଘୋଟି ଆସୁନି ମେଘ
ଶ୍ରାବଣ ଯେପରି ମୂକ ପାଲଟି ଯାଇଛି
କାଁ ମାଁ ଝରାଉଛି ଲୁହ
ଭାଦ୍ରବ ରେ ଆଉ ନାହିଁ ପିଠିଫଟା ଖରା
କାଶତଣ୍ଡି ଆଉ ହସୁନାହିଁ ଆଶ୍ୱିନରେ
କାର୍ତ୍ତିକର ସରସତା ଆଉ ନାହିଁ
ଉଠୁନି ଆଉ ଆକାଶଦୀପ
ଝୋଟି ଆଉ ନାହିଁ ମଗୁଶିରରେ
ପୁଷରେ ଶୀତ ବାଟଭାଙ୍ଗି ଚାଲିଯାଇଛି
ମାଘରେ ବାଗଦେବୀଙ୍କ ବୀଣା ନୀରବି ଯାଇଛି
ଠିକ୍ ତୁମେ ନୀରବି ଗଲାପରି

ISSN NO.
2582-208X

ଫଗୁଣ ଆଣୁନି ଆମ୍ବଗଛରେ ବଉଳ
ଉଡୁନି ଅବିର
କୋଇଲି ଆଉ ରାବୁନାହିଁ ବଉଳ ଫାଙ୍କରେ
ଚୋରା ଚଇତାଳି ବହୁନି ଚୈତ୍ରରେ
କାହିଁକି ତୁମେ ମୌନ ହୋଇଯାଇଛ
ଉତ୍ତର ଖୋଜି ପାଉନି ମୁଁ
ଆସ, ମୌନଭାଙ୍ଗ
ନୀରବି ଯାଇଥିବା ସ୍ୱରକୁ
ପ୍ରଗଲ୍ଭ ନଦୀ ପରି ଭସାଇନିଅ
ବରଷି ଯାଅ ମରୁଭୂମିର ଟାଙ୍ଗରା ଭୂଇଁରେ
ଝରଝର ଝରଣାଟିଏ ହୋଇ
ହସିଦିଅ ଥରୁଟିଏ ମନଖୋଲି
ଦେଖିବ ପୁଣି ମୋ କଲମମୂନ ଚଳଚଞ୍ଚଳ ହେବ
ତୁମକୁ ଆଧାର କରି
ଅଜସ୍ର କବିତା ପୃଷ୍ଠା ପରେ ପୃଷ୍ଠା
ମଣ୍ଡନ କରିଯିବ
ମୋ ହୃଦୟ ଡାଏରୀରେ
ଆଉ ସେ କବିତାରେ କେବଳ
ତୁମେ ନାୟକ ଥିବ, କେବଳ ତୁମେ
ସେଥିପାଇଁ ନୀରବି ଯାଇଥିବା ସ୍ୱରକୁ
ପ୍ରଗଲ୍ଭ କରିଦିଅ
ଆଉ ମୋ କଲମମୂନର
ପ୍ରେରଣା ପାଲଟିଯାଅ....
ପ୍ରେରଣା ପାଲଟିଯାଅ .....

(((-)))

ପ୍ଲଟ ନଂ ୧୪୮/୫, ହମିରପୁର, ରାଉରକେଲା -୩
ମୋ: ୯୮୬୧୦୩୪୪୯୪

ISSN NO.
2582-208X

# ଲହୁରେ ଲେଖୁଛି



ତାର୍‌ପ୍ରସାଦ ଜେନା

ଲୁହରେ ଲେଖା ମୋ କବିତା ଧାଡ଼ିକୁ
ପଢ଼ି ତ ପାରିଲ ନାହିଁ
ସେଇଥି ପାଇଁ ମୁଁ ଲହୁରେ ଲେଖୁଛି
ପଢ଼ିବ ସଜଳଖେ ଚାହିଁ
ଲୁହରେ ଲେଖା ମୋ...... । ୦ ।

ଦାରୁଣ ଯାତନା ବୁଡ଼ି ମୁଁ ରହିଛି
ବୁଝିକି ପାରୁନ ସତେ
ଆପଣା ବିଚାର ଟିକିଏ କରିବ
ସନ୍ଦେହ ରଖନି ମୋତେ,
ଦୁନିଆ ଭିତରେ ଅଭାଗା ସଜେଇ
ଛାଡ଼ନି ଏମିତି କାହିଁ
ଲୁହରେ ଲେଖା ମୋ...... । ୧ ।

ଲୁହର ଆଖିଟା ଅନ୍ଧ ମୋ ହେଲାଣି
ଭାବ ତ ଗଲାଣି ମରି

ISSN NO.
2582-208X

ଅଜସ୍ର ଲହୁ ଯେ ଦେହରୁ ନିଗିଡ଼େ
ଜୀବନ ଯିବ ମୋ ସରି,
ଲହୁର ମୂଲ୍ୟକୁ ଲୁହରେ ଦେଲନି
ସାମାନ୍ୟ ଆଶ୍ୱାସସେ ଚାହିଁ
ଲୁହରେ ଲେଖା ମୋ...... । ୨ ।

(((-)))

ରାଜ ରଣପୁର,
ଜିଲ୍ଲା-ନୟାଗଡ଼
ମୋ- ୯୩୪୮୦୫୪୩୦୦

ISSN NO.
2582-208X

ବେଦାନ୍ତି

# ମୟୂରଭଞ୍ଜର ଜନଜାତି ଭୂମିଜମାନଙ୍କର 'ମୁଣ୍ଡାରୀ' ଭାଷା-ଏକ ସଂକ୍ଷିପ୍ତ ଆଲୋଚନା



ଡ. ଧନଞ୍ଜୟ ସିଂ

ଓଡିଶାରେ ବସବାସ କରୁଥିବା ୬୨ ପ୍ରକାର ଜନଜାତିମାନଙ୍କ ମଧ୍ୟରୁ ମୟୂରଭଞ୍ଜର ଭୂମିଜ ଅନ୍ୟତମ । ଏମାନେ ଅଷ୍ଟ୍ରିକ ଗୋଷ୍ଠୀ ଅନ୍ତର୍ଭୁକ୍ତ ମୁଣ୍ଡା ଉପଗୋଷ୍ଠୀର ସଜାତୀୟ । ଆର୍ଯ୍ୟକୃତ ଜନଜାତି ହିସାବର ଭୂମିଜମାନଙ୍କ ନିକଟରେ ହିନ୍ଦୁର ପ୍ରଭାବ ବେଶ ଲକ୍ଷଣୀୟ। ଓଡିଶାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ବାଲେଶ୍ୱର ଜିଲ୍ଲାରେ ଏମାନେ ବିଶେଷ ଭାବେ ବସବସା କରନ୍ତି । ହିନ୍ଦୁ ରୀତି ନୀତିକୁ ଏମାନେ ଅଧିକାଂଶ ଗ୍ରହଣ କରି ନେଇ ଥିବାରୁ ଏମାନଙ୍କର ଚଳଣିରେ ହିନ୍ଦୁ ପ୍ରଭାବ ପରିଲକ୍ଷିତ ହୋଇଥାଏ । ଏମାନଙ୍କର ଭାଷା ମଧ୍ୟ ଆର୍ଯ୍ୟଭାଷା ପ୍ରଭାବିତ। ସ୍ଥାନୀୟ ଓଡିଆ ତଥା ପଡୋଶୀ ବଂଗଳାର ପ୍ରଭାବରେ ଏହି ଭାଷା ରେ ଅନୁମେୟ । ଏମାନେ ମୁଣ୍ଡାଭାଷା କହୁଥିଲେ ମଧ୍ୟ ନିଜ ଭାଷାକୁ ଭୂମିଜ ବୋଲି ନାମିତ କରିଥାଆନ୍ତି । ଭୂମିଜ ଏକ ଆର୍ଯ୍ୟ ଶବ୍ଦ। ଭୂମି ର ଅର୍ଥ ମାଟି । ମାଟି ସହିତ ସଂପୃକ୍ତ ନେଇ ବା ମାଟିରୁ ଜାତ ବୋଲି ଏମାନେ ଭୂମିଜ ହିସାବରେ ଖ୍ୟାତ ।

ଭୂମିଜମାନେ କେତୋଟି ଉପଗୋଷ୍ଠୀରେ ବିଭକ୍ତ । ଯଥା- ତାମୁଡିଆ ଭୂମିଜ, ହଳଦି ପୋଖରିଆ ଭୂମିଜ, ତେଲି ଭୂମିଜ, ଦହୁରୀ ଭୂମିଜ ଏବଂ କୁଟିଆ ଭୂମିଜ ।

ଲିପି-ଭୂମିଜ ମାନଙ୍କ ଲିପି 'ମୁଣ୍ଡାରୀ ଲିପି' ଭାବରେ ପରିଚିତ । ଏହି ଲିପି ସମ୍ବିଧାନ ସ୍ୱୀକୃତ ନହେଲେ ମଧ୍ୟ, ସେମାନଙ୍କ ଭାଷା ଓ ସାହିତ୍ୟ ବେଶ୍ ସମୃଦ୍ଧ ଅଟେ । ଏହି ଲିପି ରୋହିଦାସ ସିଂ ନାଗ ଦ୍ୱାରା ଉଦ୍ଭାବିତ ।

ISSN NO.
2582-208X





ଲିପିର ବିଶେଷତ୍ୱ- ଏହି ଲିପିରେ ମୋଟ ସତେଇଶଟି ଅକ୍ଷର ରହିଛି । ପାଞ୍ଚଗୋଟି ସ୍ୱର ରହିଛି । ଯଥା-ଆ, ଆ, ଇ, ଉ, ଏ । ସ୍ୱର ର ଉଚ୍ଚାରଣ ବିଧି ଅନୁସାରେ ଅନ୍ୟ ବାଇଶଟି ଅକ୍ଷର ଉଚ୍ଚାରିତ ହୋଇଥାଏ ।

### ଶବ୍ଦ ଗଠନ ଶୈଳୀ-

ଇଂରାଜୀ ଭାଷାର ଶବ୍ଦ ଗଠନ ଶୈଳୀ ପରି ମୁଣ୍ଡାରୀ ଭାଷାର ଶବ୍ଦ ଗଠିତ ହୋଇଥାଏ । ଏହି ଭାଷାର ଲିପିରେ ମାତ୍ରା ଓ ଫଳା ନ ଥିବାର ଯୋଗୁଁ ଏହା ଠିକ୍ ଇଂରାଜୀ ଶବ୍ଦ ଶୈଳୀ ପରି ଗଠିତ ହୋଇଥାଏ ।

### ବାକ୍ୟ ଗଠନ ଶୈଳୀ-

ଓଡିଆ ଭାଷାର ବାକ୍ୟ ଗଠନ ରୀତି ଅନୁସାରେ ମୁଣ୍ଡାରୀ ଭାଷାର ବାକ୍ୟ ରଚିତ ହୋଇଥାଏ। ଯଥା- ଆକକୋ ମାଡି ଜମ୍ କେଦା ।(ସେମାନେ ଭାତ ଖାଇଲେ)

ହରି ବଲ ଇନୁଂତାନା । (ହରି ଫୁଟବଲ ଖେଳୁଛି )

ଉପରୋକ୍ତ ଦୁଇଟି ସରଳ ବାକ୍ୟକୁ ଲକ୍ଷ୍ୟ କଲେ ଜଣାପଡେ ଯେ 'ଆକକ' ଓ 'ହରି' ବାକ୍ୟ ରେ କର୍ତ୍ତା ଏବଂ 'ଜମକେଦା' ଓ 'ଇନୁଂତାନା' କ୍ରିୟା । 'ମାଡି' ଓ 'ବଲ' କର୍ମ । ଏହି ବାକ୍ୟ ଦୁଇଟିରେ କର୍ତ୍ତା, କର୍ମ ଓ କ୍ରିୟା ର କ୍ରମ ରକ୍ଷା କରି ଗଠିତ ହୋଇଛି ।

### ବିଶେଷ୍ୟ ପଦ-

ମୁଣ୍ଡାରୀ ଭାଷାରେ ବିଶେଷ୍ୟ ପଦ ଗୁଡିକ ମୁଖ୍ୟତଃ ଚାରି ଭାଗରେ ବିଭକ୍ତ କରାଯାଇଛି-
ନାମ ବାଚକ ବିଶେଷ୍ୟ- ସନାରାମ୍, ପୋଡାଅସ୍ତିଆ, ବାରିପଦା ।

ISSN NO.
2582-208X

ଜାତି ବାଚକ ବିଶେଷ୍ୟ- ହଳ-ମଣିଷ, କୁଲା- ବାଘ, ସେତା- କୁକୁର, ମେରମ୍- ଛେଳି ଇତ୍ୟାଦି ।

ବସ୍ତୁବାଚକ- ମେଣେଦ୍- ଲୁହା, ସାନ୍- କାଠ, ସୁନୁମ୍- ତେଲ, ଦାଃ - ପାଣି ଇତ୍ୟାଦି ।

ଭାବବାଚକ- ଇୟାମ୍- କାନ୍ଦ, ଦୁକୁ- ଦୁଃଖ, ବରୋ- ଡର ଇତ୍ୟାଦି ।

ବିଶେଷଣ ପଦ-

ମୁଣ୍ଡାରୀ ଭାଷାର ବିଶେଷଣକୁ ସାଧାରଣତଃ ତିନିଭାଗରେ ବିଭକ୍ତ କରାଯାଇଛି । ଯଥା-
ଗୁଣବାଚକ- ପୁରନା- ପୁରୁଣା, ସାସାଙ୍- ହଳଦିଆ, ସୁଗାଲ୍- ସୁନ୍ଦର ।
ସଂଖ୍ୟାବାଚକ- ମୟଦ୍-ଏକ, ବାରିଆ- ଦୁଇ, ଆପିଆ-ତିନି ।
ପରିମାଣ ବଚକ- ହୁଡିଂ- ଛୋଟ, ଜିଲିଂ-ଦୀର୍ଘ ।

ଅବ୍ୟୟ ପଦ-

କେ-କୁ, ନଗେନ୍, ନାତେନ୍- ଦ୍ୱାରା, ଦେଇ - ସହିତ, ବିନା-ବିନା, ରେ-ରେ, ଠାରେ, କାର୍- କିମ୍ବା।

ସର୍ବନାମ ପଦ-

| | ପ୍ରଥମ ପୁରୁଷ | ଦ୍ୱିତୀୟ ପୁରୁଷ | ତୃତୀୟ ପୁରୁଷ |
|---|---|---|---|
| ଏକବଚନ | ଆଇଁ(ମୁଁ) | ଆବେନ (ତୁମେ) | ଆଏ(ସେ) |
| ଦ୍ୱିବଚନ | ଆଲାଂ(ଆମେ ଦୁଇ) | ଆବେନ୍(ତୁମେ ଦୁହେଁ) | ଆକିନ୍(ସେ ଦୁହେଁ) |
| ବହୁବଚନ | ଆଲେ(ଆମ୍ଭେମାନେ) | ଆପେ(ତୁମ୍ଭେମାନେ) | ଆକ(ସେମାନେ) |

### ପ୍ରଶ୍ନ ଓ ଅନିଶ୍ଚିତତା ସୂଚକ ସର୍ବନାମ-

ଅକୟ- କିଏ, କାନା- କଣ, ଅକୟାଃ - କାହାର, ଅକୟକେ- କାହାକୁ ।

ଲିଂଗ- ମୁଣ୍ଡାରୀ ଭାଷାରେ ଲିଂଗ ବ୍ୟବହାର ବ୍ୟାକରଣିକ ନୁହେଁ । ତେଣୁ ବିଶେଷ୍ୟ ଓ କ୍ରିୟା ସହିତ ଏଥିରେ କର୍ତ୍ତାର ଲିଂଗ ଗତ ଅନ୍ୱିତ ପରିଲକ୍ଷିତ ହୁଏ ନାହିଁ । ମୁଣ୍ଡାରୀ ରେ ଲିଂଗ ତିନି ପ୍ରକାର-

ISSN NO.
2582-208X

ପୁଂଲିଂଗ, ସ୍ତ୍ରୀ ଲିଂଗ, ଉଭୟ ଲିଂଗ ।

ପୁଂଲିଂଗ - କଳା( ବାଳକ ), କୁଲା ¯( ବାଘ ),

ସ୍ତ୍ରୀ ଲିଂଗ -କୁଳି( ବାଳିକା), କୁଲାଏଙ୍ଗା- ବାଘୁଣୀ।

ଉଭୟ ଲିଂଗ- ପେଳାହଳ- ଅତିଥି, ବାଲେହନ୍- ଶିଶୁ, ସିମହନ୍-କୁକୁଡାଛୁଆ।

ବଚନ-

ମୁଣ୍ଡାରୀ ଭାଷାରେ ବଚନ ତିନିପ୍ରକାର-ଏକବଚନ, ଦ୍ୱିବଚନ ଓ ବହୁବଚନ । ଏକ ବଚନ ପାଇଁ କୌଣସି ସତନ୍ତ୍ର ବଚନ ପ୍ରତ୍ୟୟ ବ୍ୟବହୃତ ହୋଇନ ଥାଏ । ଦ୍ୱି ବଚନ ପାଇଁ କିନ୍, ପରପ୍ରତ୍ୟୟ ଏବଂ ବହୁ ବଚନ ପାଇଁ କୋ ପରପ୍ରତ୍ୟୟ ଯୁକ୍ତ ହୋଇଥାଏ । ବଚନ ପ୍ରାଣୀ, ଅପ୍ରାଣୀ ଭେଦରେ ଦ୍ୱିବିଧ ହୋଇଥିବାରୁ, ଅପ୍ରାଣୀ ବାଚକ ନିମନ୍ତେ ଦ୍ୱିବଚନରେ ସଂଖ୍ୟା ସୂଚକ ପ୍ରତ୍ୟୟ ବ୍ୟବହୃତ ହୋଇଥାଏ ଏବଂ ବହୁବଚନ ପାଇଁ ବହୁତା ସୂଚକ ପ୍ରତ୍ୟୟ ସଂଯୋଜିତ ହୋଇଥାଏ।

| | |
|---|---|
| ପ୍ରାଣୀ ବାଚକ - | ହଳ-ଗୋଟିଏ ଲୋକ, |
| | ହଳକିନ୍- ଦୁଇଜଣ ଲୋକ |
| | ହଳକୋ- ଅନେକ ଲୋକ । |
| ଅପ୍ରାଣୀବାଚକ - | ଦାରୁ- ଗୋଟିଏ ଗଛ |
| | ବାରିଆ ଦାରୁ - ଦୁଇଟି ଗଛ |
| | ସାଙ୍ଗିଦାରୁ - ଗଛଗୁଡିଏ । |

କ୍ରିୟା-

ମୁଣ୍ଡାରୀ ଭାଷାରେ ସାଧାରଣତଃ ନିମ୍ନ ପ୍ରକାର କ୍ରିୟା ଗୁଡିକ ପରିଲକ୍ଷିତ ହୁଏ - ନୁ-ପିଇବା, ଜମ୍-ଖାଇବା, ଲେଲ- ଦେଖିବା, ଗିତିଃ- ଶୋଇବା, ଇର୍- କାଟିବା,

ଅମ୍- ଦେବା, ଇତ୍ୟାଦି ।

କାଳ- ମୁଣ୍ଡାରୀ ଭାଷାରେ ବ୍ୟବହୃତ ହେଉଥିବା କାଳ ଗୁଡିକ ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ ଭାବରେ ତିନି ଭାଗରେ ବିଭକ୍ତ ।

ISSN NO.
2582-208X

ବର୍ତ୍ତମାନ କାଳ- ସାଧାରଣ ବର୍ତ୍ତମାନ
ଆଇଁ ସେନଗା- ମୁଁ ଯାଏ।
ଆମ୍ ସେନଗା- ତୁ ଯାଉ ।
ଆଏ ସେନଗା- ସେ ଯାଏ ।

ଅସଂପନ୍ନ ବର୍ତ୍ତମାନ-
ଆଇଁ ସେନତାନାଇ ।- ମୁଁ ଯାଉଛି ।
ଆମ୍ ସେନତାନାମ୍ ।- ତୁ ଯାଉଛ ।
ଆଏ ସେନତାନା ।- ସେ ଯାଉଛି ।
ସଂପନ୍ନ ବର୍ତ୍ତମାନ -
ଆଇଁ ସେନକାନାଇଁ ।- ମୁଁ ଯାଇଛି ।
ଆମ୍ ସେନକାନାମ୍ ।- ତୁ ଯାଇଛୁ ।
ଆଏ ସେନକାନା ।- ସେ ଯାଇଛି ।
ଅତୀତ କାଳ-
ସାଧାରଣ ଅତୀତ-
ଆଇଁ ସେନଜନାଇଁ- ମୁଁ ଗଲି।
ଆମ୍ ସେନଜାନାମ୍- ତୁ ଗଲୁ ।
ଆଏ ସେନଜାନା- ସେ ଗଲା ।
ଅସଂପନ୍ନ ଅତୀତ-
ଆଇଁ ସେନତାନ୍ ତାଇକେନାଇଁ ।- ମୁଁ ଯାଉଥିଲି ।
ଆମ୍ ସେନତାନ୍ ତାଇ କେନାମ୍ । – ତୁ ଯାଉଥିଲୁ ।
ଆଏ ସେନତାନ୍ ତାଇ କେନା। - ସେ ଯାଉଥିଲା ।
ସଂପନ୍ନ ଅତୀତ-
ଆଇଁ ସେନକେନାଇଁ । - ମୁଁ ଯାଇଥିଲି।
ଆମ୍ ସେନ୍ କେନାମ୍ ।- ତୁ ଯାଇଥିଲୁ।
ଆଏ ସେନ୍ କେନା।- ସେ ଯାଇଥିଲା ।
ଭବିଷ୍ୟତ-
ଆଇଁ ସେନଗାଇଁ । - ମୁଁ ଯିବି।

ISSN NO.
2582-208X

ଆମ୍ ସେନଗାମ୍ ।– ତୁ ଯିବୁ ।
ଆଏ ସେନଗା ।– ସେ ଯିବ ।

ବାକ୍ୟ– ମୁଣ୍ଡାରୀ ଭାଷାର ବାକ୍ୟର ଗଠନ ଦୃଷ୍ଟିରୁ ଏହାକୁ ତିନିଭାଗରେ ବିଭକ୍ତ କରାଯାଇଛି –

ସରଳବାକ୍ୟ– ନିଃ ମୟଦ୍ ସେତା– ଏହା ଗୋଟିଏ କୁକୁର ।

ଯୌଗିକ ବାକ୍ୟ– ସିଙ୍ଗି କାମିପେ ନିଦା ଗିତିପେ ।– ଦିନରେ କାମ କର ରାତିରେ ଶୁଅ ।

ଜଟିଳ ବାକ୍ୟ– ଯଦି ଆମ୍ ଠିକ୍ ସମୟରେ ହିଜୁଜାନରେ ତବେ ଆଲେ ପରୀକ୍ଷା କେଦାଲେ ହନେ ।–ଯଦି ତମେ ଠିକ୍ ସମୟରେ ଆସିଥାନ୍ତ, ତେବେ ଆମେ ପରୀକ୍ଷା କରିଥାନ୍ତୁ ।

ମୁଣ୍ଡାରୀ ଭାଷାର ବାକ୍ୟର ରୂପ–

ଅସ୍ତିବାଚକ– ଏଣ୍ଡେ ଆପିଆ ସେତା ମନାଃକଆ ।–ସେଠାରେ ତିନୋଟି କୁକୁର ଅଛନ୍ତି ।
ପ୍ରଶ୍ନବାଚକ– ଆବିନା ଲୁତୁମ୍ କାନାଃ ?– ତୁମ ନାମ କଣ ?
ନାସ୍ତିବାଚକ– ଆଇଁ କାଇଁ କାମିଆ ।– ମୁଁ କାମ କରିବି ନାହିଁ ।

ମୁଣ୍ଡାରୀଭାଷାର ଆଲୋଚନାଟି କେବଳ ବ୍ୟାକରଣ ବିଭାଗକୁ ହିଁ ଆଲୋଚନା କରାଯାଇଛି। ଆଲୋଚନାଟିରୁ ଜଣାପଡେ ଯେ, ଏହି ଭାଷାଟି କଥିତ ହେଲେ ମଧ୍ୟ ବେଶ୍ ସମୃଦ୍ଧ ଭାଷା ଅଟେ ।

(((–)))

ସହକାରୀ ପ୍ରାଧ୍ୟାପକ,
ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟ,
ତଖତପୁର, ବାରିପଦା,ମୟୁରଭଞ୍ଜ

ISSN NO.
2582-208X

# କବିତାର ଆଗମନେ



ପ୍ରଭାତ କୁମାର ଆଗ୍ରୱାଲ

ତୁମେ ଆସିବ ଯଦି ଆସ କବିତା !
ମୋ ଝରକା ଫାଙ୍କ ଦେଇ
ସତ ମୁଁ କହୁଛି, ତୁମେ ଆସିଲେନା
ଜମା ମୁଁ ଶୋଇ ପାରେ ନାହିଁ।
ଆଚ୍ଛା କହିଲ କବିତା !
ତୁମେ ଅସମୟରେ ଆସ କାହିଁ ପାଇଁ ?
କେବେ ତୁମେ ଆସ ନିଦୁଆ ଆଖିରେ
କେବେ ପୁଣି ଆସ ଝଡ଼ି ବରଷାରେ
ପୁନେଇ ରାତିରେ, ଶୀତ କାକରରେ
ଲାଜେଇ ସଞ୍ଜର ଦୀପ ସଳିତା ହୋଇ।
ସେଦିନ ଆସିଲ ହୁ ହୁ ଖରାବେଳେ
କତରା ମେଲେଇ କୁକୁର
ହାପୁ ହାପୁ ହେଉଥିବା ବେଳେ,
ଦୀନା ଭିକାରୀଟା ମୁଣ୍ଡରେ ଓଦାକନା ଦେଉଥିବା ବେଳେ
ଆଉ ବାବୁମାନେ ସାନଷ୍ଟ୍ରକ୍ ଭୟରେ

ISSN NO.
2582-208X

ଏ.ସି ତଳେ ଶୀତଳତା ନେଉଥିବା ବେଳେ।
ତଥାପି ଦେଖାହେଲି ତୁମ ସାଥେ
ତୁମେ ଆଣିଥିଲ,ଖଜୁରି କୋଳି ମିଠା ଆମ୍ବ
ଗେଞ୍ଜି ଦେଲ ମୋର ହାତେ।
ଏଇ ଶୁଭୁଛି ରାମନାମ ସତ୍ୟ ହେ
ବୋଧେ କିଏ ଚାଲିଗଲା ଆମ ଗାଁ ରୁ
ମୋ ଠାରୁ ଦୂରେଇ, ଚାଲି ଯାଇଥିଲ
ଶବ ବାହକ ସାଥେ
ଦେଖିଲି ତୁମର କୋମଳ ମନ,ନିଜର ପଣ
ବିଧବା ଖୁଡ଼ୀର ଶଙ୍ଖା ଭଙ୍ଗା ବେଳେ
ଶୁଣିଥିଲି ତୁମ କରୁଣ କ୍ରନ୍ଦନ।
ଝିଅ ବିଦା ହେଉ କି ନୂଆ ବୋହୂ ଆସୁ
ସବୁଠି ଦେଖେ ମୁଁ ତୁମକୁ
ଶୀତ ସକାଳର ଉହ୍ମେଇ ନିଆଁରେ
ସେକୁ ଥାଅ ନିଜ ଗୋଡ଼କୁ।
ବସନ୍ତ ଆସିଲେ କୋଇଲି ସାଥେ ସାଥେ ଥାଅ
ଆମ୍ବ ବଉଳର ବାସ୍ନାରେ ଥାଅ
ରଙ୍ଗ ଖେଳରେ ଥାଅ।
ନୂଆକରି ପ୍ରେମ କରୁଥିବା ଯୋଡ଼ିଙ୍କୁ ନେଇ
ପାର୍କ ବୁଲୁଥାଅ।
ମୁଁ କିନ୍ତୁ ଭୁଲିନି ତୁମକୁ
ତୁମେ ବି ଭୁଲିନି ମୋତେ
ତେବେ ମୋ ପାଖକୁ ଆସ
ଲୁଚି ଲୁଚି,ଛପି ଛପି କେବେ।
କବିତା !ଆଣିଛ କି ମୋ ପାଇଁ

ISSN NO.
2582-208X

ଶବ୍ଦର ଚାଙ୍ଗୁଡି
ହାରଟେ ଗୁନ୍ଥିବା, ରାତି ନ ସରିବା ଯାଏଁ
ତୁମେ ଦେଉଥିବ ଶବ୍ଦ, ମୁଁ ଗୁନ୍ଥୁଥିବି ମାଳ
ତୁମକୁ ମୁଁ ଦେଇଥିବି
ବଧୂବେଶେ ସଜେଇ
କବିତା ତୁମେ ଆସ ମୋ ପ୍ରାଣର ସହି ।

(((-)))

ଭୋଗରାଇ,
ସିଦ୍ଧେଶ୍ୱର କଲୋନୀ, ଗଣେଶ୍ୱରପୁର,
ରେମୁଣା ଗୋଲେଇ, ବାଲେଶ୍ୱର

ISSN NO.
2582-208X

# ମୋ ଓଡ଼ିଶା ର ଗାଥା



ସରସ୍ୱତୀ ମେହେର

ମୋ ଓଡ଼ିଶା ର ପବିତ୍ର ମାଟି
ସବୁଜ ପରିବେଶ ପ୍ରକୃତିର ପ୍ରୀତି
ପାହାଡ, ପର୍ବତ, ଜଳପ୍ରପାତ ଘେରା
ମନ ମୋହିନିଏ ମୋ ଦେଶ ମୂରତି ।
ଚିଲିକା ରେ ନୀଲ ତରଙ୍ଗ ଖେଳେ
ପକ୍ଷୀ ଆସନ୍ତି ଦେଶ ବିଦେଶ ରୁ
ପୁରୀ ଧାମ ର ଜଗନ୍ନାଥଙ୍କ ମହିମା
ଭକ୍ତି ସ୍ରୋତ ବହୁଛି ତାଙ୍କ କରୁଣାରୁ ।
କୋଣାର୍କ କହେ ଧରମାର ବଳିଦାନ
ଇତିହାସରେ ବର୍ଣ୍ଣିତ ହୋଇଛି
ଉଦୟ ଗିରି, ଖଣ୍ଡ ଗିରିର ପୁରୁଣା କଥା
ସମୟର ସାକ୍ଷୀ ରହିଛି ।
ମହାନଦୀ ବହେ ହୋଇ ଝର ଝର
ସରଳ ଜୀବନ ଖୁସି ର ଆସର
ଓଡ଼ିଶା ର ନୃତ୍ୟ, ସସ୍କୃତି ରେ ଭରା
ପଖାଳ ଭାତ ପ୍ରିୟ ଆମର ।
ମୋ ଓଡ଼ିଶା ମୋ ପାଇଁ ଗର୍ବ
ମୋ ମାଟି ମାଆ ର ପରିଚୟ
ମନ ଭରି ଗାଇବି ମୁଁ ଆଜି
ମୋ ଭାରତ ଜୟ ମୋ ଓଡ଼ିଶା ଜୟ ।

(((-)))

ଯୋଗିବାହାଲ, ସିନାପାଲି,ନୂଆପଡ଼ା

ISSN NO.
2582-208X

# ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ କୋଶଳୀ (ସମ୍ବଲପୁରୀ) ରଚନା : ଏକ ଅନୁଶୀଳନ



ବ୍ରଜମୋହନ ମେହେର

ଓଡ଼ିଆ ସାହିତ୍ୟ ଜଗତର ସଶ୍ରଦ୍ଧ ଉଚ୍ଚାରଣ ପ୍ରଫେସର ମଣୀନ୍ଦ୍ର କୁମାର ମେହେର । ସ୍ୱଭାବତଃ ସେ ହେଉଛନ୍ତି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପରିବାରରେ ଜନ୍ମିତ ସନ୍ତାନ । ସ୍ୱତଃସ୍ଫୂର୍ତ୍ତ ଭାବରେ ସ୍ୱଭାବ କବିଙ୍କ ସାହିତ୍ୟ ପ୍ରତିଭାରେ ସେ ଯେଭଳି ପ୍ରଭାବିତ, ସେହିଭଳି କବିଙ୍କ ଋଷିସୁଲଭ ଆଚରଣ, ନମ୍ରତା ଓ ମଣିଷକୁ ଭଲପାଇବା ସହିତ ଜଗତକୁ ପ୍ରେମ ଓ ସ୍ନେହର ଦୃଷ୍ଟିରେ ମଧୁମୟ ଭାବେ ଉପଲବ୍ଧି କରିବାପଣ ପ୍ରଫେସର ମେହେରଙ୍କ ଆଚରଣ ଓ ଉଚ୍ଚାରଣରେ ପ୍ରତିଫଳିତ । ମହର୍ଷି ଶ୍ରୀଅରବିନ୍ଦଙ୍କ ଦର୍ଶନରେ ଅନୁପ୍ରାଣିତ ଲେଖକୀୟ ମନୋଭୂମି ତଥା ମନୋଜ ସାହିତ୍ୟର ଗବେଷକ ଭାବରେ ପରିଚିତ କର୍ମଭୂମି ଉପରେ ସରଳ ନିରାଡମ୍ବର ଜୀବନଯାପନ କରି ଅଧ୍ୟାପନା କାର୍ଯ୍ୟରେ ଛାତ୍ରଛାତ୍ରୀଙ୍କ ପ୍ରିୟଗୁରୁ ଭାବରେ ସେ ଯେଭଳି ଭାବରେ ସୁପରିଚିତ, ମନ୍ଦ ନୁହେଁ ଭଲ ଗୁଣ ଆବିଷ୍କାର କରି ସାହିତ୍ୟକୁ ଚିହ୍ନାଇ ଦେବାରେ ଆଲୋଚନା ସର୍ଜନାରେ ସଜାଇ ଯାଇଛନ୍ତି ଅନ୍ୟଏକ ମାର୍ଗ, ଯାହାକି ଅନନ୍ୟ: ତାଙ୍କର ସମସ୍ତ ଆଲୋଚନା ପୁସ୍ତକ ସେଥିର ଏକ ଏକ ଉଦାହରଣ । କେବଳ ଆଲୋଚନା ବା ସମାଲୋଚନା ନୁହେଁ, ଗଳ୍ପ, ସ୍ମୃତିଲେଖ, ଭ୍ରମଣକାହାଣୀ, ଜୀବନୀ ତଥା ପ୍ରବନ୍ଧ ପ୍ରଭୃତି ବିପୁଳ ସୃଷ୍ଟିର ରଚୟିତା ତଥା ବିଭିନ୍ନ ଗ୍ରନ୍ଥର ସଫଳ ସଂପାଦକ ଭାବରେ ସାରସ୍ୱତ ସଂସାରରେ ସେ ଅର୍ଜନ କରିଛନ୍ତି ସୁନାମ। କୋମଳ, ସରଳ, ନିରାଡମ୍ବର ଓ ହୃଦୟସ୍ପର୍ଶୀ ଭାବରେ ତାଙ୍କ ରଚନାବଳୀ ସୃଷ୍ଟିକରିଛି ପ୍ରଚୁର ପାଠକୀୟତା । ଏଭଳିକି ତାଙ୍କ କୃତିସମୂହ ଇଂରାଜୀ, ହିଂଦୀ, ବଂଗଳା ପ୍ରଭୃତି ଭାଷାରେ ଅନୂଦିତ ହୋଇ ଦେଇପାରିଛି ତାଙ୍କୁ ଅସୀମ ଆଗ୍ରହ ।

ISSN NO.
2582-208X

ବିଭିନ୍ନ ସମୟରେ କୋଶଳୀ ଭାଷାରେ ମଧ୍ୟ ପ୍ରଫେସର ମେହେରଙ୍କ ଅନେକ ପ୍ରବନ୍ଧ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଅଛି । ସେଗୁଡ଼ିକର ମଂଜୁଳ ସଂକଳନ 'ଗାଁ ଭିନ ଭିନ ମୁନୁଷ ଗୁଟେ' ମଧ୍ୟ ପ୍ରକାଶ ଅପେକ୍ଷାରେ । ଲେଖକଙ୍କ ଓଡ଼ିଆ ପ୍ରବଂଧ ସଂକଳନ 'ଆଲୋକର ପଥେ' ଯେଉଁମାନେ ପାଠ କରିଛନ୍ତି, ସେହିମାନେ ପ୍ରକୃତରେ ଉପଲବ୍‌ଧି କରିପାରିଥିବେ ପ୍ରାବନ୍ଧିକଙ୍କ ରଚନାର ଉଦ୍ଦେଶ୍ୟକୁ । ଅଜ୍ଞାନତା ବା ଅସତ୍‌ର ପ୍ରତୀକ ଅନ୍ଧକାର ହୋଇଥିବା ସ୍ଥଳେ ଜ୍ଞାନ ଓ ସତ୍ ର ପ୍ରତୀକ ହେଉଛି ଆଲୋକ । ଆଲୋକ ହେଉଛି ଦିବ୍ୟତାର ସଂକେତ । ବାସ୍ତବରେ ଜ୍ଞାନ, ସତ୍ ବା ଦିବ୍ୟତାର ପଥରେ ନେବା ପାଇଁ ଲେଖକଙ୍କ ପ୍ରତ୍ୟେକ ପ୍ରବଂଧ ସତେ ଯେପରି ଅଭିପ୍ରେତ । ଏହି କୋଶଳୀ ପ୍ରବଂଧଗୁଡ଼ିକ ମଧ୍ୟ ମଣିଷକୁ ମନୁଷ୍ୟତ୍ୱରେ ଭୂଷିତ ହୋଇ ରହିବାକୁ, ମନୁଷ୍ୟତ୍ୱ ଭିତରେ ପବିତ୍ର ସ୍ନେହଶୀଳ ଜୀବନ ବଞ୍ଚିବାକୁ ବାଟ ଦେଖାଇଯାଇଅଛି । ସ୍ୱଭାବ କବି ଗଙ୍ଗାଧର ମେହେର ପଦ୍ମିନୀ କାବ୍ୟରେ କହାଯାଇଛନ୍ତି ଯେ, ମାନବ ମଧ୍ୟରେ ହିଁ ଉଭୟ ଆସୁରିକ ଓ ଦୈବୀ ଗୁଣ ଥାଇପାରେ । ଯେଉଁମାନେ ଲୋକଙ୍କୁ ଅସୁବିଧାରେ ପକାଇ ଅନ୍ୟମାନଙ୍କ ଦୁଃଖଦେଇ ଜୀବନ ଯାପନ କରନ୍ତି, ସେଇମାନେ ହେଉଛନ୍ତି ଆସୁରିକ ପ୍ରବୃତ୍ତିଯୁକ୍ତ ଅର୍ଥାତ୍ ଅସୁର । ଯେଉଁଲୋକ ଅନ୍ୟର ଅପକାର ସାଧନ ନ କରି ନିଜ ସୁଖରେ ନିଜେ ଜୀବନ ଯାପନ କରନ୍ତି ସେହିମାନେ ହେଉଛନ୍ତି ମାନବ । ଯେଉଁମାନେ ସଦାସର୍ବଦା ପରହିତ ସାଧନରେ ରତ ରହି ନିଜେ ପଛେ ଦୁଃଖରେ ଜୀବନ ଯାପନ କରନ୍ତୁ, କିନ୍ତୁ ଅନ୍ୟମାନେ ସୁଖରେ ରହନ୍ତୁ ବୋଲି କଲ୍ୟାଣ କାମନା କରି ଜୀବନ ଯାପନ କରନ୍ତି, ସେହିମାନେ ହେଉଛନ୍ତି ଦୈବୀ ଗୁଣଯୁକ୍ତ, ଅର୍ଥାତ୍ ଦେବତା ପଦବାଚ୍ୟ । ମର୍ତ୍ତ୍ୟ ମଧ୍ୟରେ ହିଁ ଦିବ୍ୟତା ଆନୟନ, ସ୍ୱର୍ଗୀୟ ଜୀବନ ଯାପନ ହେଉଛି ଶ୍ରୀଅରବିନ୍ଦ ଦର୍ଶନର ମର୍ମବାଣୀ । ଏହି ମର୍ମରେ ଡ. ମେହେରଙ୍କ ପ୍ରବନ୍ଧ ଗୁଡ଼ିକର କଳେବର ଗଠିତ । ସଂସ୍କୃତରେ ଗୋଟିଏ ସୁନ୍ଦର ଶ୍ଳୋକ ରହିଅଛି –

"ଅୟଂ ନିଜଃ ପରୋବେତି ଗଣନାଂ ଲଘୁଚେତସାଂ
ଉଦାରଚରିତାନାଂ ତୁ ବସୁଧୈବ କୁଟୁମ୍ବକମ୍"

ବିଶ୍ୱକୁ ଆପଣର ବୋଲି ଦେଖିବାର ବିଶ୍ୱଦୃଷ୍ଟି ଉଦାର ହୃଦୟର ପରିଚୟ ପ୍ରଦାନ କରେ । ସମଗ୍ର ମାନବ ସମାଜ ହେଉଛନ୍ତି ଈଶ୍ୱରଙ୍କ ସନ୍ତାନ । ଶହ ଶହ ଜଳପୂର୍ଣ୍ଣ କଳସରେ ଏକମାତ୍ର ସୂର୍ଯ୍ୟଙ୍କ ପ୍ରତିବିମ୍ବ ପ୍ରତିଫଳିତ ହେବାଭଳି ପ୍ରତ୍ୟେକ ମନୁଷ୍ୟ ଭିତରେ ଏକମାତ୍ର

ISSN NO.
2582-208X

ପରମାତ୍ମାଙ୍କ ପ୍ରତିବିମ୍ବ ସ୍ୱରୂପ ଜୀବାତ୍ମା ବିଦ୍ୟମାନ । ଏହି ଦୃଷ୍ଟିରୁ ସମସ୍ତେ ହେଉଛନ୍ତି ଏକ। ସମସ୍ତେ ମନୁଷ୍ୟ । ଏହିମର୍ମରେ ଲେଖକଙ୍କ ପୁସ୍ତକର ନାମ ହେଉଛି 'ଗାଁ ଭିନ ଭିନ ମୁନୁଷ ଏକା' ।

ସାହିତ୍ୟ ସମାଜକୁ ଆଲୋକ ବର୍ତ୍ତିକା ଦେଖାଇ ଦେଇପାରେ । ସାହିତ୍ୟ ସମାଜକୁ ଆଲୋକିତ କରିଦେଇପାରେ । ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଗ୍ରନ୍ଥାବଳୀ ପଢ଼ିଲେ ପାଠକଟିଏ ଯେଉଁ ଆଲୋକରେ ଆଲୋକିତ ହୋଇଯାଏ, ପ୍ରକୃତ ପାଠକ ହିଁ ଉପଲବ୍‌ଧି କରିପାରିବ । ପ୍ରଫେସର ମଣୀନ୍ଦ୍ର କୁମାର ମେହେର ମଧ୍ୟ ସେହି ଆଲୋକରେ ଆଲୋକିତ ହୋଇ ଉତ୍‌କୃଷ୍ଟ ଗଦ୍ୟ ମାଧ୍ୟମରେ କରିଯାଇଛନ୍ତି ସେହି ଆଲୋକର ପୁନଃସର୍ଜନା। ଗଙ୍ଗାଧର ଥିଲେ କବି; କାବ୍ୟ କବିତାରେ ବ୍ୟକ୍ତ କରିଦେଇଛନ୍ତି ତାଙ୍କ ଅନ୍ତରର ମର୍ମବାଣୀ ବା ପବିତ୍ର ଚିନ୍ତନର ନିର୍ମଳ ଧ୍ୱନିକୁ । ଡ. ମଣୀନ୍ଦ୍ର ହେଉଛନ୍ତି ଜଣେ ଦକ୍ଷ ପ୍ରାବନ୍ଧିକ; ପ୍ରବନ୍ଧ ମାଧ୍ୟମରେ ପରିଶୁଦ୍ଧ ଭାବନାରାଜିକୁ କରିଯାଇଛନ୍ତି ଅଭିବ୍ୟକ୍ତ। ପଶ୍ଚିମାଞ୍ଚଳର ଅନେକ ଲୋକୋକ୍ତି ସଂଗ୍ରହକରି ପୁନର୍ବ୍ୟାଖ୍ୟାପୂର୍ବକ ସେସବୁରେ ଯେମିତି ଭରିଯାଇଛନ୍ତି ଜୀବନ୍ୟାସ ମନ୍ତ୍ର । ସେଗୁଡ଼ିକ ହେଉଛି 'ଗାଁ ଭିନ ଭିନ ମୁନୁଷ ଗୁଟେ', 'ମୁନୁଷ ଜୀବନ, ପାନିର ଫୁଟକା', 'ମୁନୁଷ ଭିତରେ ମୁନୁଷ ସୁନ୍ଦର', 'ପର ଅହଁକିରିଆ ସଦା ଦୁଖୀ', 'ଫୁଲ ଫୁଟଲେ ବାସସି', 'ମୁନୁଷ ବୁଠି ହେଲେ ଗଲା', 'ଇ ଲୁକ ଦିହେଁ ଟୁପେ ମାଛି', 'ଘରକେ ସୁନ୍ଦର ବୁଢ଼ା', 'ଦୂରର ବନ୍ଧୁ, କୁରପାସିନ୍ଧୁ' ପ୍ରଭୃତି ପ୍ରବନ୍ଧାବଳୀ ତଥା ଅନେକ ଢଗର ସମାହାରରେ ଗଢ଼ିଉଠିଥିବା 'ସମ୍ବଲପୁରୀ/କୋଶଲୀ ପ୍ରବଚନ ଥି ମହନୀୟ ଜୀବନର ସଂକେତ' ନାମକ ପ୍ରବନ୍ଧ । ଏଥି ମଧ୍ୟରୁ ଗୋଟିଏ ଦୁଇଟିକୁ ଆଲୋଚନାର ପରିସରକୁ ଅଣାଯାଇପାରେ । "'ବିଡ଼ି ଠୁଟି ହେଲେ ଗଲା, ମୁନୁଷ ବୁଠି ହେଲେ ଗଲା" ଢଗଟି ସାଧାରଣତଃ ବାମନାକାର ମଣିଷର ଅବସ୍ଥାକୁ ବୁଝାଇଥାଏ । ଗେଡ଼ା ଲୋକଟିଏ ଉଚ୍ଚରେ ଥିବା ଯେକୌଣସି ଜିନିଷ ପାଇବାକୁ ଚେଷ୍ଟାକରି ବିଫଳ ହୋଇଥାଏ । ଲେଖକ କିନ୍ତୁ ପୁନର୍ବ୍ୟାଖ୍ୟା କରିଛନ୍ତି ଯେ ମଣିଷ ଆକାରରେ ଗେଡ଼ା ହୋଇପାରେ, ଡେଙ୍ଗା ହେବାପାଇଁ ତାର କୌଣସି ଉପାୟ ନଥାଏ; କିନ୍ତୁ ତାର ବିଚାର ବା ଚିନ୍ତା ଚେତନାକୁ ଉଚ୍ଚ କରିଦେଇପାରେ । ଲେଖଙ୍କ ବକ୍ତବ୍ୟ ହେଲା, ମଣିଷର ମନ ଉଦାର ହେଉ, ସଂକୀର୍ଣ୍ଣତାରେ ଭରି ନ ଯାଉ । ଏହିଠାରେ ହିଁ ରହିଲା ଲେଖକଙ୍କ ନୂତନତା । ସେହିଭଳି ଅନ୍ୟ ଏକ ଢଗ ହେଲା "ଦୂରର ବନ୍ଧୁ କୁର୍‌ପାସିନ୍ଧୁ, ପାଖର ବନ୍ଧୁ ଗୁହ୍ ଗୁହ୍ ଗନ୍ଧୁ"। ଏହାର ଅର୍ଥ ହେଲା ଦୂରରେ ରହିଥିବା ବନ୍ଧୁ ବାନ୍ଧବମାନେ ଉତ୍ତମ ସତ୍କାର

ISSN NO.
2582-208X

କରିପାରନ୍ତି, ନିକଟସ୍ଥ ବନ୍ଧୁମାନେ ସେହିଭଳି ଭଲ ବ୍ୟବହାର ଦେଇପାରନ୍ତି ନାହିଁ। ଲେଖକ ଏହି ପ୍ରବନ୍ଧରେ ନିକଟରେ ଥିବା ବନ୍ଧୁଙ୍କୁ ଉତ୍ତମ ବ୍ୟବହାର ଦେବା ବା ନିଜେ ନିଜେ ହିଁ ଉତ୍ତମ ବ୍ୟବହାରଦେଇ କୃପାସିନ୍ଧୁ ସାଜିବା ବିଷୟ ଉପସ୍ଥାପନ କରିଛନ୍ତି । ସେହିଭଳି ଅନ୍ୟାନ୍ୟ ପ୍ରବଂଧ ଗୁଡ଼ିକରେ ଲୋକଙ୍କୁ ଈର୍ଷ୍ୟା ନ କରି ପରର ସୁଖରେ ସୁଖୀହେବା, ପରର ଉପକାର ଦ୍ୱାରା ମନୁଷ୍ୟ ମନୁଷତ୍ୱ ବା ପ୍ରକୃତ ସୌନ୍ଦର୍ଯ୍ୟ ଫୁଟି ଉଠିବା, ଘରର ବୃଦ୍ଧବୃଦ୍ଧାଙ୍କୁ ଆଦର କରିବା, ଅନ୍ୟର ଦୋଷ ନ ଦେଖି ନିଜ ଭିତରେ ଥିବା ଦୋଷକୁ ଆବିଷ୍କାର କରି ସ୍ୱକୀୟ ଚରିତ୍ରକୁ ସଂଶୋଧିତ କରିନେବା, ଫୁଲ ଭଳି ନିଜର ସଦ୍‌ଗୁଣକୁ ମହକାଇ ଦେବା ଆଦି ପ୍ରସଙ୍ଗକୁ ସୁନ୍ଦର ଭାବରେ ଉପସ୍ଥାପନା କରିଯାଇଛନ୍ତି ।

ସ୍ୱଭାବକବି ଗଙ୍ଗାଧରଙ୍କ କେତେକ ପଙ୍‌କ୍ତିର ଖଣ୍ଡାଂଶକୁ ମୂଳକରି ମଧ୍ୟ କେତେକ ପ୍ରବନ୍ଧ ରଚନାକରି ସ୍ୱକୀୟ ଚିନ୍ତନକୁ ପରିସ୍ଫୁଟ କରିଯାଇଛନ୍ତି ପ୍ରଫେସର ମେହେର । 'ଇତର ତହିଁକି ଅନ୍ଧ', 'ସିନ୍ଧୁ ତୁମ୍ଭ କୃପାବିନ୍ଦୁ', 'ମା' ଘରେ କାଏଁ ଲାଜ ଅଛେ' ପ୍ରଭୃତି ହେଉଛି ସେଥିର ଏକ ଏକ ଉଦାହରଣ । ସ୍ୱଭାବ କବିଙ୍କ 'ମହିମା' କବିତାରୁ ଆନିତ ହୋଇଛି 'ଇତର ତହିଁକି ଅନ୍ଧ' । କବି କହିଛନ୍ତି, "ମହତକୁ ଏକା ମହତ ଚିହ୍ନଇ ଇତର ତହିଁକି ଅନ୍ଧ/ସୂର୍ଯ୍ୟୋଦୟ ଦେଖି ପ୍ରକୃତି ହସଇ ଉଲ୍ଲୁକର ଦୃଷ୍ଟିବନ୍ଧ ।" ପ୍ରାବନ୍ଧିକ ଏହିପଦଟିର ପୁନର୍ବ୍ୟାଖ୍ୟା କରି କହିଛନ୍ତି ଯେ, ଏଠାରେ ଇତରକୁ ଆକ୍ଷେପ ବା ଉପହାସ କରାଯାଇନାହିଁ, ସମସ୍ତ ମନୁଷ୍ୟ ଯେ ଉଦାର ଓ ମହତ ହୋଇ ଉଠନ୍ତୁ, କବି ଏହି ବାର୍ତ୍ତା ହିଁ ପ୍ରଦାନ କରିଯାଇଛନ୍ତି ।

ଆମେ ଜାଣୁ ଯେ ସ୍ୱଭାବ କବି ମଧ୍ୟ କେତୋଟି ପ୍ରବନ୍ଧ ଲେଖିଛନ୍ତି । ସେଥିମଧ୍ୟରୁ ଗୋଟିଏ ପ୍ରବଂଧ ହେଉଛି 'ଶିକ୍ଷିତ, ଅଶିକ୍ଷିତ ଓ ଶିକ୍ଷାଭିମାନୀ' । ସେହିଭଳି ଡ. ମେହେରଙ୍କ ପ୍ରବନ୍ଧ ଦ୍ୱୟ ହେଉଛି, 'ବିଦ୍ୟା ଦଦାତି ବିନୟମ୍' ଓ 'ଆମର ଶିକ୍ଷାଭିମାନ ଦୂର ହେବା କେଭେ ?' ଶିକ୍ଷା ଯେ ସାର୍ଟିଫିକେଟ୍ ରେ ନୁହେଁ, ଅଭିମାନରେ ନୁହେଁ; ଉଦାର ହେବା, ବିନୟ ଗୁଣ ଯୁକ୍ତହେବା, ସମସ୍ତଙ୍କୁ ଭଲପାଇବା ଓ ସମସ୍ତଙ୍କ ଉନ୍ନତି ଚାହିଁବା ହିଁ ଶିକ୍ଷିତର ପ୍ରକୃତ ଲକ୍ଷଣ— ଏହାକୁ ସୂଚାଇ ଦେଇଛନ୍ତି ପ୍ରାବଂଧିକ ।

ନିଜର ପ୍ରପିତାମହ ଗଂଗାଧରଙ୍କ ପ୍ରତି ଭାବ ଗଦ୍‌ଗଦ ଅନୁଭୂତି ମୂଳକ ରଚନା ହେଉଛି, 'ଫଟୁବବା ନିକେ ଚିଠିଟେ' ଓ 'ଫଟୁବବାକେ ପହେଲା ଫୁଲମାଲା ପିନ୍ଧାବାର ଅନୁଭୂତି' । ପଶ୍ଚିମ ଓଡ଼ିଶାର ଦୁଇଟି ମୁଖ୍ୟପର୍ବ ହେଉଛି ନୂଆଖାଇ ଓ ପୁଷ୍‌ପୁନି । ନୂଆଖାଇ ସଂପର୍କିତ

ISSN NO.
2582-208X

କବିଙ୍କ ଚିଠିଖଣ୍ଡିକର ଅବଲମ୍ବନରେ ପ୍ରଫେସର ମଣୀନ୍ଦ୍ର ଲେଖନ୍ତି, 'ଗଙ୍ଗାଧର ମେହେରଙ୍କର ନୂଆଖାଇ' । ସେହିଭଳି ପୁଷପୁନି ସଂପର୍କୀୟ ରଚନା ହେଉଛି 'ପୁଷ୍‌ପୁନି ଆଉ ଗଙ୍ଗାଧର' । 'ଉତ୍କଳ ସେବକର ନବବର୍ଷ ଉପଲକ୍ଷରେ ଚରିତ' କବିତାରେ ଉଲ୍ଲିଖିତ ବକ୍ତବ୍ୟକୁ ନୂତନଭାବରେ ଉପସ୍ଥାପନ କରନ୍ତି ଏହି ପ୍ରବନ୍ଧ ମାଧ୍ୟମରେ । 'ସଭ୍ୟତା ମୂଳକଥା କୃଷି ଆଏ' ପ୍ରବନ୍ଧରେ ଗଙ୍ଗାଧର ମେହେରଙ୍କ 'କୃଷର ଗୌରବ' କବିତା ସଂପର୍କରେ ଉଲ୍ଲେଖ କରି କୃଷି ଓ କୃଷକକୁ ସମ୍ମାନ ଦେବା ବିଷୟ ଉପସ୍ଥାପନ କରନ୍ତି । ତାଙ୍କ ଭାଷାରେ, "ଯେନ୍‌ଥିର ଲାଗି ଆମର ଜୀବନଧାରାଟା ମହାନଦୀର ଧାରା ବାଗିର ଯୁଗେ ଯୁଗେ ବହିଚାଲିଛେ, ସେଟାକେ ଆମେ ସବୁଠାନୁ ଉଚା ବଲିକରି ଭାବଲେ ଆଉ ଯେନ୍‌ମାନେ ଇ ମହାନ କୃଷିକାମ ଥି ନିଜ୍‌କୁ ମିଶେଇ ଦେଇଛନ ସେମାନକୁ ନିଏ ଆଉ ସନମାନ ଦେଇପାରଲେ ହେଟା ହିଁ ମାଁ'ମାଟିକେ ଆମର ସବୁନୁ ବଡ଼ ଅବଦାନ ହେଇପାରବା ।"

ଅନ୍ୟାନ୍ୟ ରଚନାଗୁଡ଼ିକମଧ୍ୟରେ ରହିଛି, 'ନୁଆଁ ସାହାସ', 'ବୁଦ୍ଧି ଆଉ ଶୁଦ୍ଧି', 'ଉଷତ ଆନନ୍ଦ', 'ମୁନୁଷ କେତେବେଲେ ସୁନ୍ଦର ଦିଶସି', ମୁନୁଷ ଭିତରର କଥା, 'ଚାଲ ଭଲ ଜାଗାଟେକେ ପଲେଇ ଯିମା' ଆମର ଆଚାର ବେଭାର', 'ଜାନବାର ଆଉ ବୁଝବାର ଭିତରେ ଫରକ', 'ସାହିତ୍ୟ ପଢ଼ଲେ କା'ଣା ହେବା?', 'ବଛରକ ଥରେ କାଁ'କରି?' ଏହିଭଳି ବିଭିନ୍ନ ପ୍ରସଂଗକୁ ଭିତ୍ତିକରି ଅନେକ ପ୍ରବଂଧ ।

ଏକ ଉଲ୍ଲେଖଯୋଗ୍ୟ ରଚନା ହେଉଛି, 'ସମ୍ବଲପୁରକେ ପାର୍ଲ୍ ଏସ୍. ବକ୍‌ଙ୍କର ଚିଠି' । ଏଥିରେ କବିପୁତ୍ର ଭଗବାନ ମେହେରଙ୍କ ବିଷୟଙ୍କ ବିଷୟରେ କହାଯାଇଛି । 'ଦି ଗୁଡ୍ ଆର୍ଥ'ର ଉପନ୍ୟାସର ଲେଖକ ଏକଦା ଭଗବାନ ମେହେରଙ୍କୁ 'ସମ୍ବଲପୁର' ନାମରେ ସଂବୋଧିତ କରି ଚିଠି ଲେଖିଛନ୍ତି ଏବଂ ଚିଠିଖଣ୍ଡକ ମଧ୍ୟ ତାଙ୍କଠାରେ ପହଞ୍ଚି ପାରିଛି ।

ଲେଖକ ଯେଉଁ ମନୀଷୀଙ୍କ ଦିବ୍ୟଦର୍ଶନରେ ଗଭୀର ଭାବରେ ଅନୁପ୍ରାଣିତ, ତାଙ୍କ ଚିନ୍ତା ଚେତନାକୁ ଅବଲମ୍ବନ କରି ଅନେକ ପ୍ରବଂଧ ରଚିତ ହୋଇଅଛି । ସେହିଭଳି ଆଉ କେତୋଟି ପ୍ରବଂଧ ହେଉଛି 'ଶ୍ରୀ ଅରବିନ୍ଦ ଆରୁ ଗଙ୍ଗାଧର', 'ଇ ପୁରଥି ନ ଦିବ୍ୟମାନବ ଜନମ ହେବାରଟା ସମ୍ଭବ ଆଏ', 'ଶ୍ରୀଅରବିନ୍ଦଙ୍କର ସାବିତ୍ରୀ ମହାକାବ୍ୟର ପ୍ରଭାବ' ।

ISSN NO.
2582-208X

ଏକଦା ଆଲବିଆର କାମ୍ୟୁଙ୍କ କହିଥିଲେ ନୀତିଶାସ୍ତ୍ର ଉପରେ ଶହେପୃଷ୍ଠାର ବହିଟିଏ ଲେଖିବାପାଇଁ କହାଯିବ ତାହେଲେ ସେ ଅନେଶତ ପୃଷ୍ଠା ଖାଲି ରଖି କେବଳ ଶେଷପୃଷ୍ଠାରେ ଲେଖିବେ "ମନୁଷ୍ୟକୁ ଭଲପାଇବା ମୋର ଏକମାତ୍ର କର୍ତ୍ତବ୍ୟ" । ଲେଖକ ପ୍ରଫେସର ମଣୀନ୍ଦ୍ର କୁମାର ମେହେର 'ଶହେ ପୃଷ୍ଠାର ବହିନ ଅନେଶତ ପୃଷ୍ଠା ଖାଲି' ପ୍ରବନ୍ଧରେ ଏହି ବିଷୟ ଉପସ୍ଥାପନା କରିଛନ୍ତି ।

ବାସ୍ତବରେ ମନୁଷ୍ୟକୁ ଭଲପାଇବା ମନ୍ତ୍ରରେ ହିଁ ଲେଖଙ୍କ ଏହି ସମସ୍ତ ପ୍ରବନ୍ଧ ଲେଖାଯାଇଛି। ସେ ତର୍କ ବିତର୍କ ବା ନାନା ଶାସ୍ତ୍ରର ଯୁକ୍ତି ଦେଖାଇ ପାଣ୍ଡିତ୍ୟ ପ୍ରଦର୍ଶନ କରି ନାହାନ୍ତି କଦାପି । କିନ୍ତୁ ସ୍ଥଳବିଶେଷରେ ଅନେକ ମହାନୁଭବ ଦାର୍ଶନିକ, ମହାମନୀଷୀଙ୍କ ମହତ୍ ବାଣୀକୁ ସ୍ୱକୀୟ ଭାଷାରେ ଉପସ୍ଥାପନା କରି ପ୍ରବନ୍ଧମାନଙ୍କୁ ସୁନ୍ଦର ଓ ରୁଚିକର ପାରିଛନ୍ତି। ବାସ୍ତବରେ ଏହି ପ୍ରବନ୍ଧ ଗୁଡ଼ିକ ମନୁଷ୍ୟର ଉନୁଷ୍ୟତ୍ୱ ଦିଗକୁ ଆଗେଇଯିବା ପାଇଁ ଦିଗ୍‌ଦର୍ଶନ କରୁଅଛି । ମନୁଷ୍ୟ ଜୀବନରେ ସ୍ନେହ, ପ୍ରେମ, ଦୟା, ଆଦର, ଶ୍ରଦ୍ଧା, ତ୍ୟାଗ, ଲୋଭହୀନତା ଆଦିଗୁଣ ସଫଳ ଓ ପବିତ୍ର ଦିବ୍ୟ ଜୀବନ ଯାପନ କରିବା ପାଇଁ ବାଟ ଖୋଲିଦେଇଥାଏ; ସେହି ବାଟକୁ ଦେଖାଇ ଦେଇଛନ୍ତି ଲେଖକ ।

ଏହି ପ୍ରବଂଧ ଗୁଡ଼ିକ କୋଶଳୀ ଭାଷାରେ ଲେଖା ହୋଇଥିଲେ ମଧ୍ୟ ଏହାର ଭାବ କେବଳ କୋଶଳାଞ୍ଚଳ ପାଇଁ ସୀମିତ ନୁହେଁ; ଏହା ଗୋଟିଏ ଭାଷା ଓ ଅଂଚଳର ସୀମା ସରହଦ ଡେଇଁ ସମଗ୍ର ମାନବ ଜଗତ ନିମନ୍ତେ ଅଭିପ୍ରେତ ।

(((-)))

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବେଲପଡ଼ା
ଜି-ବଲାଙ୍ଗିର
ମୋ-୯୮୬୧୮୬୫୬୦୦

ISSN NO.
2582-208X

# ନୀରବ ଭାବନା



ନରେନ୍ଦ୍ର ପ୍ରସାଦ ବେହେରା

ନୀରବ ନିଶ୍ଚଳ ଏକାଗ୍ରତା ଭାବ
ମନେରେ ଯେବେ ଆସିବ
ସାହିତ୍ୟ ସାଧନା ହେବନାହିଁ କଷ୍ଟ
ସମସ୍ତ ବନ୍ଧୁ ଜାଣିବ ।୧।

ଲେଖନୀ ହୋଇବ ଚଳ ଓ ଚଞ୍ଚଳ
ଭାବନା ଆସିବ ଧୀରେ
ଶବ୍ଦ ସଂଯୋଜନା ଭାଷାକୋଷ ପୁଣି
ହୃଦୟ ମନ୍ଥନ କରେ ।୨।

ହୋଇ ଆଗଭର ନିଦ୍ରାକୁ ତେଜିଣ
କାଗଜ କଲମ ଧରି
ଭାବନାର ଶେଷ ପର୍ଯ୍ୟନ୍ତ ଲେଖନୀ
ଚାଲୁଥିବ ଥିରି ଥିରି ।୩।

ପୂର୍ଣ୍ଣ ହେବ ଯେବେ ଭାବନା ଆମ୍ଭର
ହୋଇବ ଲେଖା କବିତା
ସାହିତ୍ୟ ଉନ୍ନତି ଦେଶର ପ୍ରଗତି
ଜୟ ମୋ ଭାରତ ମାତା ।୪।

ISSN NO.
2582-208X

ଲେଖାଟିଏ ପଢି ମତାମତ କେହି
ଦେଲା ଯଦି ଆନନ୍ଦରେ
ସ୍ୱାର୍ଥକ ହୋଇବ ରଚନା ଆମ୍ଭର
ବୋଲିବେ ବଚନେ ଧୀରେ ।୫।

ସୁନାମ ବଢିବ ସାହିତ୍ୟ ଜଗତେ
ଅପରିଚିତଙ୍କ ଭାବ
ସଭାସମିତିରେ ପଢିଲେ କବିତା
ଭୟଭ୍ରାନ୍ତି ଦୂର ହେବ ।୬।

ମିଳିମିଶି ଆମ୍ଭେ କରିବା ସ୍ୱାଗତ
ସାହିତ୍ୟ ବନ୍ଧୁ ମାନଙ୍କୁ
ପଥ ପ୍ରଦର୍ଶକ ହୋଇବା କାହାରି
ଆନନ୍ଦ ଦେବା ସଭିଙ୍କୁ ।୭।

ଭାବନା ଏତିକି କଲି ମୁଁ ସମାପ୍ତ
ନ ଧରିବ କେହି ଦୋଷ
ରଖିଥିବ ମନେ ମୋ କଥାକୁ ବନ୍ଧୁ
ପୂର୍ଣ୍ଣ ହେବ ଅବସୋସ ।୮।

(((-)))

ସମ୍ପାଦକ – ମୋ ଅନୁଷ୍ଠାନ, ଆଳଦା,
ଖଇରା, ବାଲେଶ୍ୱର/ମୋ–୯୮୫୩୧୪୨୫୧୦

ISSN NO.
2582-208X

# ଭୋକ ଭୋକ ଭୋକ



ନିରଞ୍ଜନ ସାହୁ

ପାରିଛ କି ବନ୍ଧୁ ଅନୁଭବ କରି
ଭୋକିଲା ପେଟର ଭୋକ
ଦେଖିଛ କି ବନ୍ଧୁ ଭୋକିଲା କିପରି
ପାଣି ପିଏ ଢୋକ ଢୋକ ?

ଜାଣିଛ କି ବନ୍ଧୁ ଭୋକିଲା ରହିଲେ
ନିଜକୁ କିପରି ଲାଗେ
ବୁଝିଛ କି ବନ୍ଧୁ ଭୋକିଲା ଲୋକର
ଖବର ନିହାତି ଆଗେ
ଶୁଣିଛ କି ବନ୍ଧୁ କାନ ଖୋଲିକରି
କି କହେ ଭୋକିଲା ଲୋକ ?

କହିଛ କି ବନ୍ଧୁ କାହାରି ଆଗରେ
ଭୋକିଲାଙ୍କ ଦୁଃଖ କଥା
କରିଛ କି ବନ୍ଧୁ କେବେ ପ୍ରତିକାର
ଭୋକିଲାଙ୍କୁ ହେବ ଯଥା
ହରିଛ କି ବନ୍ଧୁ ଭୋକିଲାଙ୍କ ଦୁଃଖ
ଭୋକରେ ଲଗାଇ ରୋକ ?

ISSN NO.
2582-208X

ପଢ଼ିଛ କି ବନ୍ଧୁ ଭୋକିଲା ଲୋକର
ମନର କଥାକୁ କେବେ
ଆଣିଛ କି ବନ୍ଧୁ ସେବା ମନୋଭାବ
ଭୋକ ଦୂର ହେବ ତେବେ
ଭାବିଛ କି ବନ୍ଧୁ ଭୋକିଲା ମରିଲେ
ନିଶ୍ଚୟ କରିବ ଶୋକ ।

(((–)))

ନିହାଲପ୍ରସାଦ, ଗନ୍ଧିଆପାଟଣା, ଢେଙ୍କାନାଳ
ମୋ :୯୯୩୮୭୪୧୫୮୩

ISSN NO.
2582-208X

# କଥାକାର କିଶୋରୀ ଚରଣଙ୍କ ଗଳ୍ପରେ ରାଜନୈତିକ ଚେତନା: ଏକ ବିହଙ୍ଗାବଲୋକନ

ଅଧ୍ୟାପକ ଡକ୍ଟର ସୁରଞ୍ଜନ ପ୍ରଧାନ

ମନୁଷ୍ୟର ବିବର୍ତ୍ତନ ବାଦ କହେ ବିକାଶନ୍ମୋଖୀ ମନୁଷ୍ୟର ତତ୍ୱ । ବୌଦ୍ଧିକ ସତ୍ତା ଓ ବିବେକର ଭିତ୍ତିଭୂମିରେ ସେ ସୃଷ୍ଟି କରେ ସମାଜତତ୍ୱ । ସେହି ସମାଜର ସର୍ବବିଧ ଉନ୍ନତି ନିମନ୍ତେ ତଥା ଶୃଙ୍ଖଳାପୂର୍ଣ୍ଣ ପରିଚାଳନା ନିମନ୍ତେ ସେ ଯେଉଁ ନୀତି ପ୍ରଣୟନ କରେ ତାହା କାଳକ୍ରମେ ରାଜନୀତି ନାମରେ ଅଭିହିତ ହୁଏ । ସଂସ୍କୃତି ଓ ସାହିତ୍ୟ ଭଳି ସମାଜର ସାମୂହିକ ଉତ୍‌ଥାନ ଓ ପତନ ନିମନ୍ତେ ରାଜନୀତି ଏକ ଶକ୍ତିଶାଳୀ ପ୍ରସଙ୍ଗ ବୋଲି କହିଲେ କୌଣସି ଅତିଶୟୋକ୍ତି ହେବନାହିଁ । ଏକ ସମୟ ଥିଲା ରାଜନୀତି ଶୁଦ୍ଧ ଥିଲା । ନରପତି ଗଣ ପ୍ରଜାବତ୍ସଳ ଥିଲେ, କିନ୍ତୁ ସାଂପ୍ରତିକ ସମୟରେ ରାଜନୀତି ଗଣତନ୍ତ୍ରରେ ପରିଣତ ହେବାପରେ କେତେକାଂଶରେ ପରିବର୍ତ୍ତନ ଓ ଆଉ କେତେକାଂଶରେ ବ୍ୟତିକ୍ରମର ପଥ ସାଜିଛି । ସେଦିନରେ ରାଜନୀତିରେ ପ୍ରକାଶ ପାଇଥିଲା ଧୃତରାଷ୍ଟ୍ରର ଦୃଷ୍ଟିବିହୀନତା, କିନ୍ତୁ ବର୍ତ୍ତମାନର ରାଜନୀତିର ଅତିରିକ୍ତ ଲକ୍ଷଣ ରୂପେ ମୁକ ଓ ବଧିରତାର ଆତ୍ମ ପ୍ରକାଶ ଘଟେ। ବାସ୍ତବିକ ଦୃଷ୍ଟିକୋଣରୁ ବିଚାର କଲେ ବ୍ୟକ୍ତି ପାଇଁ, ଗୋଷ୍ଠୀ ପାଇଁ ତଥା ସମସ୍ତଙ୍କ ପାଇଁ ଉପଯୁକ୍ତ ଓ ମଙ୍ଗଳକର ନୀତି ହିଁ ରାଜନୀତି । ମନୁଷ୍ୟର ଜୀବନ ଗୋଷ୍ଠୀ ପାଇଁ ତଥା ସମସ୍ତଙ୍କ ପାଇଁ ଉପଯୁକ୍ତ ଓ ମଙ୍ଗଳକର ନୀତି ହିଁ ରାଜନୀତି । ମନୁଷ୍ୟର ଜୀବନ ଶୈଳୀରେ ପତ୍ୟକ୍ଷ ଓ ପରୋକ୍ଷ ଭାବରେ ରାଜନୀତିର ପ୍ରଭାବ ଦୃଷ୍ଟିଗୋଚର ହୁଏ ଏବଂ ମାନବ ଜୀବନ ଉନ୍ମେଷୀ ସାହିତ୍ୟ ତାହାକୁ ରୂପ ପ୍ରଦାନ କରେ । ପୁରାତନଠାରୁ ଆରମ୍ଭ କରି ଇତିହାସ ପର୍ଯ୍ୟନ୍ତ, ଲୋକ କାହାଣୀଠାରୁ ଆରମ୍ଭ କରି କ୍ଷୁଦ୍ରଗଳ୍ପ ପର୍ଯ୍ୟନ୍ତ, ଏପରିକି ସାମ୍ପ୍ରତିକ ସମୟରେ ଗ୍ରନ୍ଥରୁ ସନ୍ଥ ଏବଂ ସନ୍ୟାସରୁ ପଉନ୍ୟାସ ପର୍ଯ୍ୟନ୍ତ ସର୍ବତ୍ର ରାଜନୀତି ଓ ତାର ବଳିଷ୍ଠ ଚେତନା କାର୍ଯ୍ୟକରି ଆସିଛି । ସମାଜକୁ ଜେତେବେଳେ ସୁଦୃଢ ଓ ଶକ୍ତିଶାଳୀ ଭାବରେ ଗଢି ତୋଳିବା ହେଉ ଅଥବା ଦୃତ ମାନସିକତାର ବ୍ୟକ୍ତିବିଶେଷମାନଙ୍କ ଷଢଯନ୍ତ୍ର ଓ ପ୍ରବଞ୍ଚନା ଉଭୟ ରାଜନୈତିକ ମୁଦ୍ରାର ଦୁଇଗୋଟି ପାର୍ଶ୍ୱ ଭଳି, କେତେବେଳେ

ISSN NO.
2582-208X

ସମାଜକୁ ପରିଚାଳିତ ଓ ଆଉ କେତେବେଳେ କବଳିତ କରିଛି । ସେ ଯାହାହେଉ ସଂପ୍ରତିକ ଚଳନ୍ତି ସମାଜର ରାଜନୈତିକ ଚେତନା– ଓଡିଆ ଗଳ୍ପ ସାହିତ୍ୟରେ ଅଳଙ୍କୃତ କରିଛି ଏକ ସ୍ୱତନ୍ତ୍ର ସ୍ଥାନ । ରାଷ୍ଟ୍ରିୟ ଓ ଅନ୍ତରାଷ୍ଟ୍ରିୟ ପ୍ରତ୍ୟେକ ସ୍ତରର ରାଜନୈତିକ ଚେତନା ଓଡିଶା କ୍ଷୁଦ୍ରଗଳ୍ପ ମଧ୍ୟରେ ସ୍ୱଷ୍ଟ ପ୍ରତିଭାତ ହୁଏ ।

କେଉଁ ଅବାହମାନ କାଳରୁ ରାଜନୈତିକ ଚିନ୍ତା ଚେତନା ଓ ଅସ୍ଥିରତା ମନୁଷ୍ୟ ଜୀବନକୁ ସଂଚାରିତ ଓ ସଂପାଦିତ କରିଛି । ତାହାର ରହସ୍ୟ ଭେଦ କରିବା ଏକ କଠିନ ବ୍ୟାପାର । ଅତଏବ ମାନବ ଜୀବନର ନିର୍ଭିକ ପ୍ରତିଛବି ପ୍ରଦର୍ଶନ କରୁଥିବା ସାହିତ୍ୟ ମଧ୍ୟରେ ରାଜନୀତି ଓ ରାଜନୈତିକ ଚେତନାର ଉପସ୍ଥିତ ପ୍ରତ୍ୟକ୍ଷ୍ୟ ଓ ପରୋକ୍ଷ ଭାବରେ ରୂପାୟିତ ପ୍ରତ୍ୟକ୍ଷ୍ୟ ଓ ପରୋକ୍ଷ ଭାବରେ ରୂପାୟିତ ହୋଇଥାଏ । ଚଳାୟମାନ ସମୟର ପ୍ରବାହରେ ରାଜନୀତିର ପଟ୍ଟପରିବର୍ତ୍ତନ ଭିନ୍ନଭିନ୍ନ ସମୟରେ ଭିନ୍ନ ଭିନ୍ନ କଥା ଉଦ୍‌ଘୋଷଣ କରେ । ସୁତରାଂ ରାଜନୈତିକ ଭାବଧର୍ମିତା, ଚିତ୍ର ଓ ଚରିତ୍ର ସଂଯୁକ୍ତ କଥା ପ୍ରସଙ୍ଗକୁ ଆଧାର କରି ରଚିତ ହୋଇଥିବା କ୍ଷୁଦ୍ର ଗଳ୍ପକୁ ରାଜନୈତିକ ଚେତନା ସମ୍ବଳିତ ଗଳ୍ପ ଭାବରେ ଗ୍ରହଣ କରାଯାଇଥାଏ । ଭାରତୀୟ ସାହିତ୍ୟର ଭିତ୍ତିଭୂମିରେ ରାଜନୈତିକ ତତ୍ୱମୂଳକ ଗଳ୍ପ ସମୂହ ଜନମାନସରେ ସ୍ୱାଧୀନତାର ବୀଜ ବପନ ସହ ସ୍ୱାଧୀନୋତ୍ତର କାଳରେ ଶାସକ ସମାର୍ଜନୀ ସାଜିଅଛି । ବ୍ରିଟିଶ ଶାସନ କାଳରେ ମୁକ୍ତି ସଂଗ୍ରାମ ଓ ତାହାର ଇତିହାସ ତଥା ସ୍ୱାଧୀନତା ପ୍ରାପ୍ତି ପରେ ରାଜନୀତି ଓ ଶାସନଗତ ବିଶ୍ଳେଷଣ ଓଡିଆ ଗଳ୍ପ ସାହିତ୍ୟର ଅନ୍ୟ ଏକ ଉପଜୀବ୍ୟ ଭାବେ ଅରୁଣ ତରୁଣ ସମ କାନ୍ତି ପ୍ରକଟାଇ ରାଷ୍ଟ୍ରଠାରୁ ଆରମ୍ଭ କରି ଅଞ୍ଚଳ ପର୍ଯ୍ୟନ୍ତ ସର୍ବତ୍ରର ରାଜନୈତିକ ଚିନ୍ତା ଓ ଚେତନାକୁ ସମାହିତ କରି ଏକ ଜାଗରଣୀୟ ବାର୍ତ୍ତାବହା ଭାବରେ ଜନ ସମାଜକୁ ବାର୍ତ୍ତା ଦେଇ ଆସୁଅଛି । ଏପରିକି ବିଶ୍ୱସ୍ତରୀୟ ରାଜନୈତିକ ଅବସ୍ଥା ଓ ବ୍ୟବସ୍ଥା ଏହି କ୍ଷୁଦ୍ର ଗଳ୍ପ ବିଭାଗର ଅନ୍ତଃସ୍ୱର ହୋଇ ଜନଜୀବନକୁ ବିଶ୍ୱ ଭାବନାର ବନ୍ଧନରେ ଅନୁବନ୍ଧିତ କରି ଚଳନ୍ତି ବିଶ୍ୱର ରାଜନୈତିକ ବିବର୍ତ୍ତନ ସଂପର୍କରେ ଅବଗତି କରାଉଅଛି ।

ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସକୁ ଚର୍ବିତ ଚର୍ବଣ କଲେ ଏହାର ବିଭିନ୍ନ ଅଧ୍ୟାୟ ଦୃଷ୍ଟିଗୋଚର ହୁଏ । ୧୮୫୭ ମସିହାର ସିପାହୀ ବିଦ୍ରୋହ ହେଉଛି ଭାରତୀୟ ସ୍ୱାଧୀନତା ପ୍ରାପ୍ତି ପଥ ପ୍ରଶସ୍ତିକରଣ ଅର୍ଥାତ୍ ଭାରତୀୟଙ୍କ ଦ୍ୱାରା ସଂଗଠିତ ଇଂରେଜମାନଙ୍କ ବିରୋଧରେ ପ୍ରଥମ ଜନ ଆନ୍ଦୋଳନ । ପୂଣ୍ୟଭୂମି ଉତ୍କଳ ମଧ୍ୟସ୍ଥ ବୀର ପ୍ରସବିନୀ ଖୋର୍ଦ୍ଧା

ISSN NO.
2582-208X

ମାଟିର କ୍ଷତ୍ରିୟ କୂଳ ଚୂଡାମଣି ପାଇକମାନେ ଏହି ଆନ୍ଦୋଳନର ପୌରୋହିତ ଗ୍ରହଣ କରିଥିଲେ ସୁଦ୍ଧା କୁଶଳ ନେତୃତ୍ୱ ବିନୀନତା ହେତୁ କେବଳ ଏକ ଆଞ୍ଚଳିକ ଗଣ ବିଦ୍ରୋହ ଭାବେ ସିମୀତ ହୋଇ ଯାଇଥିଲେ, ଠିକ୍ ବନପୁଷ୍ପ ବନେଫୁଟି ମଉଳିଲା ପରି । ଇଂରେଜ ସରକାର ଦମନ ଲୀଳାର ଭୟାବହତା ଦେଖାଇ ଏହାକୁ କେବଳ କିଛି କ୍ଷଣ ପାଇଁ ପ୍ରତିବନ୍ଧକ ଲଗାଇ ଥିଲେ ହେଁ ପରବର୍ତ୍ତୀ କାଳରେ ବିବିଧ ସ୍ୱାଧୀନତା ପନ୍ଥୀ ପ୍ରଚଣ୍ଡ ବିଦ୍ରୋହୀ ଓ ବିଦ୍ରୋହାତ୍ମକ ସଂଗଠନ ଦ୍ୱାରା ମୁକ୍ତି ସଂଗ୍ରାମର ଉତ୍ସାହ ପୁନଶ୍ଚ ଶତଗୁଣେ ପରିବର୍ଦ୍ଧିତ ହୋଇଥିଲା । ଭାରତୀୟ ଜାତୀୟ କଂଗ୍ରେସର ଉଦ୍‌ଭବ ସର୍ବଭାରତୀୟ ଆଶା ଓ ଆକାଂକ୍ଷାକୁ କୃତାର୍ଥ କରିବାରେ ଏକ ଶକ୍ତିଶାଳୀ ମାଧ୍ୟମ ସାଜିଲା । ସ୍ୱାଧୀନତା ସଂଗ୍ରାମରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଉଚ୍ଛ୍ୱାସ ଏବଂ ଆନ୍ଦୋଳନର ଅନ୍ତଃସ୍ୱର ପରିବର୍ତ୍ତନ ତଥା ଜାତୀୟ କଂଗ୍ରେସ ପ୍ରତି ଯୋଗଦାନ ଏକ ଯୁଗାନ୍ତକାରୀ ପ୍ରସଙ୍ଗକଳ୍ପ । ଆବେଦନ ଓ ନିବେଦନର ମାର୍ଗ ଅବଲମ୍ବନ ପୂର୍ବକ ଆବଶ୍ୟକୀୟ କେତୋଟି ନାର୍ଯ୍ୟଦାବୀ ହାସଲ କରବା ଥିଲା ଜାତୀୟ କଂଗ୍ରେସର ମୂଳ ଲକ୍ଷ୍ୟ, କିନ୍ତୁ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ବୈପ୍ଳବିକ ପଥ ଓ ଅଣହିଂସା ରଣକୌଶଳ ସଂଗଠନକୁ ଏକ ନୂତନ ଦଶା ଓ ଦିଶା ପଦର୍ଶନ କରିଥିଲେ । ହିଂସା ବିହୀନ ମନ୍ତ୍ରଣାର ଦିବ୍ୟ ବଳରେ ସେ ଇଂରେଜ ସରକାରଙ୍କ ମମ୍ମୁଖୀନ ହୋଇଥିଲେ । ବିନା ଅସ୍ତ୍ରଶସ୍ତ୍ରର ଏକ ନବ ସଂଗ୍ରାମ ଆରମ୍ଭ ହୋଇଥିଲା ୧୯୨୧ ମସିହାଠାରୁ ଆରମ୍ଭକରି ୧୯୩୦ ମସିହା ପର୍ଯ୍ୟନ୍ତ, ଯାହା ଜନମାନସରେ ଅସହଯୋଗ ଆନ୍ଦୋଳନ ନାମରେ ପରିଚିତ, ଏହା ଥିଲା ଗାନ୍ଧୀ ଯୁଦ୍ଧର ଅୟମାରମ୍ଭ । ୧୯୩୦ ମସିହାରୁ ୧୯୪୨ ମସିହା ପର୍ଯ୍ୟନ୍ତ ପରିବ୍ୟାପ୍ତ ଆଇନ ଅମାନ୍ୟ ଆନ୍ଦୋଳନ ଓ ଲବଣ ସତ୍ୟାଗ୍ରହ ଭାରତୀୟ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତାକୁ ପଲ୍ଲୀରୁ ଦୀଲ୍ଲୀ ପର୍ଯ୍ୟନ୍ତ ବିସ୍ତାରିତ କରିଥିଲେ । ୧୯୪୨ ମସିହା ପରବର୍ତ୍ତୀ ଭାରତଛାଡ ଆନ୍ଦୋଳନ ସ୍ୱାଧୀନତା ସଂଗ୍ରାମ ପଥରେ ଥିଲା ଏକ ପ୍ରଚଣ୍ଡ ଆବାହନୀ । ଏହି ମୁକ୍ତି ସଂଗ୍ରାମର ଘନଘଟା ମଧ୍ୟରେ ସ୍ୱାଧୀନ ପ୍ରାପ୍ତି ଆକାଂକ୍ଷା ଓ ଭାରତୀୟ ରାଜନୈତିକ ଚିନ୍ତା ଚେତନାକୁ ଧାରଣ କରିବା ନିମନ୍ତେ ଭାରତର ପ୍ରତି ପ୍ରାନ୍ତରୁ ସାହିତ୍ୟ କଲ୍ଲୋଳିନୀ ପ୍ରବାହମାନ ହୋଇ ଉଠିଲା ତନ୍ମଧ୍ୟରେ ଓଡିଆ ଭାଷା ଓ ସାହିତ୍ୟ ଯଥା ରିତୀ ଆପଣାର ସ୍ଥାନ ସୁଦୃଢ ପୂର୍ବକ ପ୍ରତି ଉତ୍କଳୀୟ ଓ ଭାରତୀୟଙ୍କ ଅନ୍ତରରେ ପ୍ରେରଣା ପ୍ରଦାୟକ ସିଦ୍ଧ ହୋଇଥିଲା ।

ISSN NO.
2582-208X

ଓଡିଆ ସାହିତ୍ୟର କ୍ଷୁଦ୍ରଗଳ୍ପ ବିଭାଗରେ ରାଜନୀତି ତାତ୍ୱିକ ସମ୍ବଳିତ କଥା ପ୍ରସଙ୍ଗକୁ ଉନ୍ମୋଚନ କଲେ ମୁଖ୍ୟ ବିଷୟ ବସ୍ତୁ ଭାବେ ସ୍ଫୁଟିତ ହୋଇ ଉଠନ୍ତି ଦୁଇଗୋଟି ମହତ୍ୱପୂର୍ଣ୍ଣ ମୁଖ୍ୟ ପ୍ରସଙ୍ଗ । ପ୍ରଥମଟି ୨୦୦ ବର୍ଷର ସ୍ୱାଧୀନତା ସଂଗ୍ରାମ ଓ ଦ୍ୱିତୀୟଟି ଭାରତୀୟ ରାଜନୀତିର ସେହି କଳଙ୍କିତ ଅଧ୍ୟାୟ ଅର୍ଥାତ ୧୯୭୫ ମସିହାରେ ତତ୍‌କାଳୀନ ସମୟର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ପ୍ରଚଳିତ ଜରୁରୀକାଳୀନ ପରିସ୍ଥିତି । ଗୋଟିଏ ପକ୍ଷରେ ଆପଣାର ଜନ୍ମଗତ ଅଧିକାର ନିମନ୍ତେ ଅଜର୍ସ ସଂଘର୍ଷ ଓ ଅନ୍ୟ ପକ୍ଷରେ ଜରୁରୀ କାଳୀନ ପରିସ୍ଥିତିର ଦ୍ୱାହି ଦେଇ ସମ୍ବିଧାନ ପ୍ରଦତ୍ତ ମାନବିକ ମୌଳିକ ଅଧିକାରର ସ୍ୱଷ୍ଟ ଦିବାଲୋକରେ ହତ୍ୟା । ବାସ୍ତବରେ ଏକ ମର୍ମଦଗ୍‌ଧା ବିଷୟ । ସ୍ୱାଧୀନତା ପ୍ରାପ୍ତି ନିମନ୍ତେ କରାଯାଇଥିବା ଅକ୍ଲାନ୍ତ ପରିଶ୍ରମ ଓ ଗାନ୍ଧିଜୀଙ୍କ ଦ୍ୱାରା ପରିକଳ୍ପିତ ରାମ ରାଜ୍ୟର ସ୍ୱପ୍ନ କୋଡେଟି ବର୍ଷପରେ ଅଚିରେ ଭଗ୍ନ ହୋଇ ଧ୍ୱଂସ ପାଇଗଲା । ସ୍ୱାଧୀନତା ପ୍ରାପ୍ତିର ପରବର୍ତ୍ତୀ ମୁହୂର୍ତ୍ତ ସବୁ ଥିଲା ଭାରତୀୟ ରାଜନୈତିକ ପୃଷ୍ଠାରେ ଏକ ଏକ ଦୁଃସହ ଓ ଦୁରୂହ ମୁହୂର୍ତ୍ତ । ଲୋକତନ୍ତ୍ରର ଜନନୀ କହି ଡିଣ୍ଡିମ ପିଟୁଥିବା ଶାସକ ଆସନରେ ଅଭିଷିକ୍ତ ହେଲାପରେ ଆପଣାର ଲକ୍ଷ୍ୟାପଥ ପରିବର୍ତ୍ତନ କଲା । ଜନତା ଜନାର୍ଦ୍ଦନର ମଙ୍ଗଳ ଓ ଶୃଙ୍ଖଳକୁ ହେୟ ଜ୍ଞାନ କରି ତ୍ୟାଗ ପଥ ପରିତ୍ୟାଗ ପୂର୍ବକ ଭୋଗପଥରେ ଧାବିତ ହେଲା । କାଳର କପୋଳ ତଳେ ମାନବିକତାର କାନନ ଦଗ୍‌ଧ ହୋଇ ଦୁଃଖ, ଦୈନ୍ୟ, କାରୁଣ୍ୟ, ହତାଶ, ନିରାଶ ଓ ଅନ୍ୟାନ୍ୟ ଯୁଗ ଯନ୍ତ୍ରଣାର ବୋଝ ମୁଣ୍ଡାଇ ମୁଣ୍ଡାଇ ଭାରତୀୟ ସ୍ୱାଧୀନତାର ସ୍ୱପ୍ନ କେଉଁଠି ନା କେଉଁଠି ଭୂଲୁଣ୍ଠିତ ହେବାକୁ ଲାଗିଲା । ରାଜନୀତିର ଅନ୍ଧକାର ପଥରେ ରାତ୍ରିର ଅପଦେବତା ସାଜି ଭାରତୀୟ ଖୋଜୁଥାଏ ଆପଣାର ମୁକ୍ତି । ଏହି ଅବଗୁଣ ଓ ବିଲକ୍ଷଣର ମୁହୁର୍ତ୍ତ ମାନ ଓଡିଆ ଭାଷା ସାହିତ୍ୟର ସମଗ୍ର ବିଭାଗକୁ ସ୍ପର୍ଶ କରିଥିଲେ ସୁଦ୍ଧା କ୍ଷୁଦ୍ରଗଳ୍ପ ବିଭାଗରେ ପ୍ରଜ୍ୱଳିତ କରିଅଛି ଏକ ଯାଜୁଲ୍ୟମାନ ଜ୍ୟୋତି । ଓଡିଆ ଭାଷା ସାହିତ୍ୟର କ୍ଷୁଦ୍ର ଗଳ୍ପକାରମାନଙ୍କ ମଧ୍ୟରେ ରାଜନୀତି ଓ ରାଜନୈତିକ ଚେତନାର ଅଜସ୍ର ବୃଦ୍ଧି ଓ ଅଭିଜ୍ଞତା ହାସଲ କରିଥିବା କଥାକାର ମାନେ ମଧ୍ୟ ଦୃଷ୍ଟିଗୋଚର ହୁଅନ୍ତି । ଆପଣାର ସ୍ୱ ଅନୁଭୂତିକୁ ସମ୍ବଳ କରି ବିଶିଷ୍ଟ କଥାଶିଳ୍ପୀ ଗୋଦାବରୀଶ ମହାପାତ୍ର, ଡକ୍ଟର ହରେକୃଷ୍ଣ ମହାତାବ, ନନ୍ଦିନୀ ଶତପଥି, ସୁରେନ୍ଦ୍ର ମହାନ୍ତି ପ୍ରମୁଖ କଥାକାରମାନେ ରାଜନୀତିର ଚିନ୍ତାଚେତନାକୁ ନେଇ ଆପଣାର ଅମ୍ଳାନ ସୃଷ୍ଟି ସୃଜନ କରି ଯାଇଛନ୍ତି । ଏତଦ୍ ବ୍ୟତୀତ ୧୯୭୩-୭୪ ମସିହା ବେଳକୁ ଭାରତୀୟ ଅର୍ଥନୀତି ଓ ରାଜନୈତିକ ସ୍ତର ଆପଣାର ଗତିବିଧିକୁ ନେଇ ବିଶ୍ୱ ମାନଚିତ୍ରରେ ଏକ

ISSN NO.
2582-208X

ବୈପ୍ଳବିକ ବାତାବରଣ ସୃଷ୍ଟି କରିଥିଲା । ୧୯୭୫ ମସିହାରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଓ ସମସାମୟିକ ରାଷ୍ଟ୍ରପତିଙ୍କ ଦ୍ୱାରା ଯେଉଁ ଜାତୀୟ ଜରୁରୀ କାଳୀନ ପରିସ୍ଥିତି ସୃଷ୍ଟି ହୋଇଥିଲା ତାହା ସମଗ୍ର କ୍ଷେତ୍ରରେ ଅବାଳ ବୃଦ୍ଧବନିତାଙ୍କ ପର୍ଯ୍ୟନ୍ତ ତଥା ସମସ୍ତଙ୍କ ଜୀବନରେ ଏକ ରାଜନୈତିକ ଆତ୍ମ ଅସନ୍ତୋଷ କାରଣ ସାଜିଥିଲା । କ୍ଷମତାର ସତ୍ତା ହରାଇଥିବା ଭୟ ତଥା ପ୍ରତିଶୋଧ ପରାୟଣ ମନୋବୃତ୍ତି ଭାରତୀୟମାନଙ୍କ ଅନ୍ତର୍ମନରେ ଯେଉଁ କରାଳ ତାଣ୍ଡବର ବିଭୀଷିକା ରଚନା କରିଥିଲେ ତାହା ଅଦ୍ୟାବଧି ଭାରତୀୟ ଜନମାନସରେ ଅବିସ୍ମରଣୀୟ ସମୟ । ସେ ଯାହା ହେଉନା କାହିଁକି ଓଡିଆ ଭାଷା ଓ ସାହିତ୍ୟ ଆପଣାର କ୍ଷୁଦ୍ରଗଳ୍ପରେ ରାଜନୈତିକ ତତ୍ତ୍ୱକୁ ଯଥାବିଧି ସ୍ଥାନ ଦେବା ସହ ତତ୍‌କାଳୀନ ତଥା ସାଂପ୍ରତିକ ଘଟଣାବଳୀର ଅତୀତ ଓ ପ୍ରତୀକ ସମ୍ମିଶ୍ରିତ ପୃଷ୍ଠାକୁ ଉନ୍ମୋଚନ କରେ ଏବଂ ବାରମ୍ବାର ଉଦାତ କଣ୍ଠରେ ଉଦ୍‌ଘୋଷଣ କରେ ଅତୀତର ତ୍ରୁଟିବିଚ୍ୟୁତିକୁ ପୁନରାବୃତ୍ତି ନ କରିବା ନିମନ୍ତେ ।

ସେହି ସୁନ୍ଦର ଅତୀତର ଜାତୀୟ ଜରୁରୀକାଳୀନ ପରିସ୍ଥିତିକୁ ପାଥେୟ କରି ଓଡିଶାର ସୁନାମଧନ୍ୟ ଲବ୍‌ଧ ପ୍ରତିଷ୍ଠିତ ଔପନ୍ୟାସିକ ତଥା କଥାକାର ଗୋପୀନାଥ ମହାନ୍ତିଙ୍କ 'ବାଟବନ୍ଦ' ଗଳ୍ପ କେବଳ ଉତ୍କଳର ବାଣୀ ଭଣ୍ଡାର ମଧ୍ୟରେ ସିମୀତ ନୁହେଁ ବରଂ ଏହାର ତେଜବନ୍ତ ଛବି ଆଗଙ୍ଗା ଗୋଦାବରୀଠାରୁ ଆକୁମାରୀ ହିମାଚଳ ପର୍ଯ୍ୟନ୍ତ ପ୍ରଚାର ପ୍ରସାର ଓ ବିସ୍ତାର ଲାଭ କରିଅଛି । କଥାକାର ଗୋପୀନାଥ ମହାନ୍ତିଙ୍କ ବ୍ୟତିରେକ ରାଜତନ୍ତ୍ର କେନ୍ଦ୍ରିକ ଚେତନା ମୂଳକ ଗଳ୍ପ ସୃଷ୍ଟି କରିବାରେ ମାନୋଜ ଦାସ, ଅଚ୍ୟୁତାନନ୍ଦ ପତି, ଶାନ୍ତନୁ କୁମାର ଆଚାର୍ଯ୍ୟ, ଫତୁରା ନନ୍ଦ, ଚୌଧୁରୀ ହେମକାନ୍ତ ମିଶ୍ରଙ୍କ ନାମ ସର୍ବାଗ୍ରେ ସ୍ମରଣୀୟ । ପ୍ରସଙ୍ଗ କ୍ରମେ ଆଲୋଚ୍ୟ କଥାକାର କିଶୋରୀ ଚରଣ ଦାସଙ୍କ ରାଜନୈତିକ ଚେତନାଧର୍ମୀ ଗଳ୍ପ ସମୂହ ଯେତିକି ମନୋଜ୍ଞ୍ୟ, ସେତିକି ସୁଖପାଠ୍ୟ ତଥା ଘଟଣା ପ୍ରବାହର ଚିତ୍ର ଅଙ୍କନକାରୀ ଭାବେ ସ୍ୱୟଂ ସମ୍ପୂର୍ଣ୍ଣ । ନିର୍ବାଚନଠାରୁ ଆରମ୍ଭ କରି ରାଜନୈତିକ ବିଶୃଙ୍ଖଳା ପର୍ଯ୍ୟନ୍ତ ସମଗ୍ର ସ୍ଥିତି ଓ ପରିସ୍ଥିତିକୁ ନିଖୁଣ ଭାବରେ ପରିସି ଦେବା କଥାକାରଙ୍କ ଉତ୍ତମ ଗୁଣବତ୍ତା । କଥାକାର କିଶୋରୀ ଚରଣଙ୍କ ରଚିତ 'ଇନ୍ଦିରା' ଗଳ୍ପଟି ଭାରତର ପୂର୍ବତନ ପ୍ରଧାନମନ୍ତ୍ରି ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ସହିତ ନାମଗତ ସାମଞ୍ଜସ୍ୟ ଥିବା ଏକ ନାରୀଙ୍କର ଜୀବନ ଓ ଦୃଷ୍ଟିଭଙ୍ଗୀକୁ ରଚିତ ଏକ ସଫଳ ସୃଷ୍ଟି । ଏହି ଗଳ୍ପର ମୁଖ୍ୟ ଚିରତ୍ର ଇନ୍ଦିରା ମହାପାତ୍ର ବିବାହିତ ହେଲେ ମଧ୍ୟ ପିତ୍ରାଳୟରେ ଅବସ୍ଥାନ । ସେ ଉଚ୍ଚପ୍ରଦସ୍ଥ ଅଫିସରଙ୍କ ପତ୍ନୀ, ସ୍ୱାମୀ ସୋହାଗିନୀ । ଯେଉଁ ସମୟରେ ଶ୍ରୀମତୀ ଇନ୍ଦିରାଗାନ୍ଧୀ ଭାରତୀୟ ଜନାଦେଶ

ISSN NO.
2582-208X

ବଳରେ ନିର୍ବାଚିତ ହୋଇ ପ୍ରଧାନ ମନ୍ତ୍ରୀ ଆସନ ଅଳଙ୍କୃତ ହେଲେ, ସେହି ସମୟରେ ଗଳ୍ପ ନାୟିକ ଇନ୍ଦିରା ମହାପାତ୍ରଙ୍କୁ ତାଙ୍କର ଭାଇଭଉଣୀମାନେ ଭୋଜି ମାଗିଥିଲେ । ଉକ୍ତ ଦିନଠାରୁ ଇନ୍ଦିରା ମହାପାତ୍ର ଆପଣାର ଅନ୍ତର ମଧ୍ୟରେ ଅନୁଭବ କରୁଥିଲେ ଏକ ଦିବ୍ୟ ତେଜୋମୟୀ ମନୋଭାବକୁ । ୧୯୬୬ ମସିହାରୁ ୧୯୭୭ ମସିହା ପର୍ଯ୍ୟନ୍ତ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଦିଆଯାଇଥିବା ଗରିବୀହଟାଓ ସ୍ଲୋଗାନଠାରୁ ଆରମ୍ଭ କରି ଜରୁରୀକାଳୀନ ପରିସ୍ଥିତିର ପ୍ରତ୍ୟେକ ସାଙ୍କେତିକ ରୂପ ଇନ୍ଦିରା ମହାପାତ୍ରଙ୍କ ମଧ୍ୟରେ ଝଲସି ଉଠିଥିଲା । ଆପଣାର ସ୍ୱାମୀଙ୍କ ଏକ ତେଲଙ୍ଗାଣୀ ନର୍ସର ପ୍ରେମ ସଂପର୍କ ଜାଣି ନିଜର ଦାବି ହାସଲ ନିମନ୍ତେ ସେ ସାଜିଥିଲେ ରଣଚଣ୍ଡୀ ବେଶ, କେବଳ ସେତିକି ନୁହେଁ କୃତକାର୍ଯ୍ୟ ପାଇଁ ପ୍ରତିପକ୍ଷ୍ୟଙ୍କ ଦ୍ୱାରା କ୍ଷମା ପ୍ରାର୍ଥନା ମଧ୍ୟ କରାଇଥିଲେ । ଦୁର୍ଭାଗ୍ୟ ବଶତଃ ପରବର୍ତ୍ତୀ ଦୁଇବର୍ଷ ଇନ୍ଦିରା ଗାନ୍ଧୀଙ୍କ ଶୋଚନୀୟ ପରାଜୟରେ ମର୍ମାହତ ହୋଇ ତାଙ୍କ ବିଜୟ ନିମନ୍ତେ ଇଶ୍ୱରଙ୍କ ନିକଟରେ ନିବେଦନ କରିଥିଲେ । କେବଳ ହର୍ଷ ସମୟରେ ନୁହେଁ ବରଂ ଶ୍ରୀମତୀ ଇନ୍ଦୀରା ଗାନ୍ଧୀଙ୍କ ହତ୍ୟାର ଦୁଃଖଦ କାଳରେ ସେ ବିଚଳିତ ହୋଇ ଭାଙ୍ଗିପଡିଛନ୍ତି, ଯାହା ଏକ ଅତ୍ମିକ ମାନବ ସୁଲଭ ହୃଦୟର ପରିଚାୟକ । ରାଜନୀତିର ପ୍ରତ୍ୟକ୍ଷ ନହେଲେ ହେଁ ଏକ ପ୍ରତିକାତ୍ମକ ଚିତ୍ର ଭାବରେ ଇନ୍ଦିରା ମହାପାତ୍ର ଦିଦିବ୍ୟମାନ ଆପଣାର କାର୍ଯ୍ୟକଳାପ ଭିତରେ ଜଣେ ଓଜସ୍ୱିନୀ ନାରୀ ନେତ୍ରୀର ସୁଲଭତାକୁ ଛାଡିଯାଇଥିବା ଏହି ଚରିତ୍ର ରାଜନୈତିକ ଚେତନାର ଅନ୍ତର୍ମୁଖୀ ଅନ୍ତଃସ୍ୱର ।

କଥାକାର କିଶୋରୀ ଚରଣଙ୍କ ଅନ୍ୟ ସଫଳ ରାଜନୈତିକ ଚେତନା ଧର୍ମୀ ଗଳ୍ପ ହେଉଛି 'ସତୀ ଚରିତାମୃତ' । ଜଗତ ଆଗରେ ନିଜକୁ ଏକ ନିର୍ମଳମନା ସତୀ ଭାବରେ ନିଜକୁ ପ୍ରଦର୍ଶିତ କରୁଥିବା ଜଣେ ମନ୍ତ୍ରୀ ପତ୍ନୀଙ୍କ ଅମହାୟତାର ଚିତ୍ର ଗଳ୍ପରେ ସୁଚିତ୍ରିତ / ସତୀଙ୍କ ଚିରତ୍ର ଚିତ୍ରଣ ସମୟରେ ପ୍ରସଙ୍ଗ ଛଳରେ ଗାଳ୍ପିକ ଶ୍ରୀ ଦାସ ମନ୍ତ୍ରୀଙ୍କର ପ୍ରସଙ୍ଗ ଅବତାରଣ କରିଛନ୍ତି । ମନ୍ତ୍ରୀ ମହୋଦୟଙ୍କ ସ୍ୱାର୍ଥନ୍ୱେଷୀ, ଲମ୍ପଟ ପ୍ରବୃତି ଓ ମଦ୍ୟ ପାନ ସଂପର୍କରେ ସୂଚନା ଦେଇ ରାଷ୍ଟ୍ରର ରାଜନୈତିକ କର୍ଣ୍ଣଧାରଙ୍କ ବାସ୍ତବ ରୂପକୁ ଅତି ଚମତ୍କାର ଭାବରେ ରୂପାୟିତ କରିଛନ୍ତି । କଥାକାରଙ୍କ ପରବର୍ତ୍ତୀ ଗନ୍ଧ ନାମକ ଗଳ୍ପରେ ରାଜନୈତିକ ଚେତନାର ନୀଲୋତ୍ପଳ ପୁନଶ୍ଚ ପ୍ରସ୍ଫୁଟିତ ହୋଇଛି । ଗଳ୍ପ ମଧ୍ୟରେ ଚାଟୁକାର ଏବଂ ଦୁର୍ବଳମନା ବ୍ୟକ୍ତିଙ୍କର ତୋଷାମଦକାରୀ ପ୍ରବୃତ୍ତିକୁ ବ୍ୟଙ୍ଗ ବିଦୃପ ସହ ସ୍ୱଷ୍ଟ ଚିତ୍ରିତ କରିଛନ୍ତି । ସାହିତ୍ୟିକ ନବକୃଷ୍ଣଙ୍କ ଚିରିତ୍ରକୁ ଗଳ୍ପ ଅନ୍ତରସ୍ଥ କରି ସ୍ୱରଚିତ ପୁସ୍ତକକୁ ସର୍ବ ଭାରତୀୟ ସ୍ୱୀକୃତିକରଣ ନିମନ୍ତେ ମନ୍ତ୍ରୀଙ୍କ ଦ୍ୱାରାସ୍ଥ ହେବା ପ୍ରସଙ୍ଗ ତାଙ୍କ ଦୁର୍ବଳ

ISSN NO.
2582-208X

ମାନସିକତାର ପରିଚୟ ପ୍ରଦାନ କରେ । ଗାଳ୍ପିକ କିଶୋରୀ ଚରଣଙ୍କ ସୃଜିତ 'ଚିତ୍ରାଙ୍ଗଦାର ଚିଟଉ', ରାଜନୈତିକ ଚେତନାକୁ ଏକ ଭିନ୍ନ ଭାବରେ ପ୍ରସ୍ତୁତ କରେ । ରାଜନୀତିର କରାଳ ଗର୍ଭରେ କିପରି ମାନବୀୟ ଜୀବନ ଶୈଳୀ ଓ ମମତା ସମତା ସମ୍ପୂର୍ଣ୍ଣ ହୃଦୟ କେଉଁଭଳି ଭାବେ କୁତ୍ସିତ ଓ କଦାକାର ହୁଏ ତାହା ବେଶ୍ ଉଜ୍ଜ୍ୱଳତମ ଚିତ୍ର ଓ ଚରିତ୍ରରେ ବର୍ଣ୍ଣିତ । କେବଳ ସେତିକି ନୁହେଁ ରାଜନୈତିକ ଦୃଷ୍ଟିଭଙ୍ଗୀରେ ସବଳ ଦୁର୍ବଳ ଶ୍ରେଣୀ ସଂଘର୍ଷର ଚିତ୍ରକୁ ରୋମଞ୍ଚକ କରିବାରେ ଗାଳ୍ପିକ ବେଶ ସିଦ୍ଧହସ୍ତ । ଗଳ୍ପଟିରେ ଶ୍ୟାମ କିଶୋର ଭଳି ରାଜନୈତିକ ଦଲାଲମାନେ ଆପଣାର ପରିଚୟକୁ ମନ୍ତ୍ରୀ ଓ ରାଜନୈତିଜ୍ଞ ନିକଟତର ଲୋକ ବୋଲି ପରିଚୟ ଦେଇ ବିଭିନ୍ନ କର୍ମଚାରୀ ଅଧିକାରୀମାନଙ୍କୁ ମରଣର ଭୟ ଦେଖାଇ କାର୍ଯ୍ୟହାସଲ କରିବାକୁ ଆଶାପୋଷଣ କରନ୍ତି । ଏହି ପ୍ରସଙ୍ଗକୁ ଆଧାର କରି ଆଲୋଚକ କହନ୍ତି "ଏ ହେଉଛି ଚିତ୍ରାଙ୍ଗଦାର ଚିଟାଉ' ଗଳ୍ପ । ଆବେଗାତ୍ମକ ପୁଣି ଭାବାତ୍ମକ। ଫୁଲ ଭଳି ସୂରଭି ଓ ସୌନ୍ଦର୍ଯ୍ୟ ଘେନି ଏହାର ଜନ୍ମ ଜାତନା ପ୍ରକୃତି ଚିରନ୍ତନ – ମଣିପୁର ପ୍ରକୃତି ଚିରନ୍ତନ । ତହିଁରେ ପୁଣି ସାହିତିୟକର ଦୃଷ୍ଟିରେ ଆହୁରି ସୁନ୍ଦର । କିନ୍ତୁ ତହିଁରେ ଆବିଳତା ପାଉଛନ୍ତି ଶ୍ୟାମ କିଶୋର ଭଳି ବୈଷ୍ଣବ ମାନେ– ଦେହରେ ଚିତା ମନରେ କରୁଛି ପ୍ରୋଜେକ୍ଟର ବହୁ ଅର୍ଥ ଆତ୍ମସାତ କରନ୍ତି ଏଇମାନେ । ଏଇମାନଙ୍କର ମାମୁ ପୁଅ ବଡଭାଇ ମନ୍ତ୍ରୀ ମାନେ ସେମାନଙ୍କର ଦଲାଲମାନେ–ପ୍ରଗତିର ଗଢି ସ୍ଥିର କରି ଦିଅନ୍ତି ।

ଗାଳ୍ପିକ କିଶୋରୀ ଚରଣଙ୍କ ରାଜନୈତିକ ଗଳ୍ପ ସମୂହ ରାଷ୍ଟ୍ରନୀତି ଓ ଗଣତାନ୍ତ୍ରିକ ଚେତନାର ରୂପ ପଦର୍ଶକ ହେଲେ ହେଁ ଏହାର ପରିବେଷଣ ରୀତି ଓ ଚରିତ୍ର ସମୂହ ଆତ୍ମ ସ୍ୱାତନ୍ତ୍ର୍ୟର କଥା କହିଥାନ୍ତି । ଯାହାର ଉଦାହରଣ କଥାକାର ନିଜର "ବାରନାରୀ' ଶୀର୍ଷକସ୍ଥ ଗଳ୍ପରେ ରାଜନୀତିକୁ ଏକ ବୀରଙ୍ଗନା ସହିତ ତୁଳନା କରି କହିଛନ୍ତି– "ରାଜତି ହେଉଛି ଗୋଟିଏ ବେଶ୍ୟା ଯିଏ ବେଶି ଧନ ଆଣିଦେବ, ନିଶ ମୋଡିବ, ଅଣ୍ଟିରା ପଣ ଧମକ ଦେଖେଇବ, ସେ ତାରିମୁଣ୍ଡରେ କଳସ ଢାଳିବ । ।୧। ରାଜନୀତିର ଚକ୍ରବ୍ୟୂହ ମଧ୍ୟରେ ଏସ୍.ପି. ରାଉତଙ୍କ ଭଳି ନିଷ୍ଠାପର ବ୍ୟକ୍ତିମାନେ ସାଜନ୍ତି ଅଭିମନ୍ୟୁ । ଏ ପାଖରୁ ସେପାଖ ବଦଳି ହେବା ତାଙ୍କ କର୍ତ୍ତବ୍ୟ ନିଷ୍ଠ ଜୀବନର ଏକ ଅପ୍ରିୟ ଉପହାର । କେବଳ ସେତିକି ନୁହେଁ ପ୍ରିୟଜେନା ପରି ନବ ଉଦୀୟମାନ ଭବିଷ୍ୟତଦର୍ଶୀ ଛାତ୍ରନେତାମାନଙ୍କ ଅସହାୟତା ଫୁଟି ଉଠେ । ଦଳାବଧ ରାଜନୀତିର ମାର୍ଗରେ "ଚତୁରଙ୍ଗ' ଓ "ନନ୍ଦିଘୋଷ' ନାମକ ଦୁଇ ନୂତନ ରାଜନୈତିକ ଦଳର ଅଭ୍ୟୁଦୟ ଘଟେ ଏବଂ ସେହି ଦଳ ଦ୍ୱୟଙ୍କ ଦ୍ୱାରା ସମାଜ । ।୨।। ବିପଥରେ ଗତି କରେ । କଥାକାର ଶ୍ରୀ ଦାସଙ୍କ "କୁକୁରଙ୍କ କାହଣୀ'

ISSN NO.
2582-208X

ଗଳ୍ପ ରାଜନୈତିକ ଚିନ୍ତା ଶୀଳତା ତଥା ମିଥ୍ୟା ଓ ଅପରାଜନୈତିକ କୁଚକ୍ରର ଏବଂ ସଚିତ୍ରାତ୍ମକ ବିଶ୍ଳେଷଣ । ସଜତ୍ନତାର ସହକାରେ ପାଳିତ ପୋଷା କୁକୁରର ସମସ୍ୟା ଏହି ନେତାମନ୍ତ୍ରୀଙ୍କର ନେତ୍ରକୁ ବେଶ୍ ଦୃଷ୍ଟି ଗୋଚର ହୁଏ, କିନ୍ତୁ କଥା କହି ଆପଣାର ଅଧିକାର ଓ ଅସୁବିଧାକୁ ଯୋତେ ପ୍ରକଟ କଲେ ସୁଦ୍ଧା ନିରୀହ ଓ ଅସହାୟ ମଣୀଷମାନଙ୍କର ସମସ୍ୟା ଏମାନଙ୍କ ଶ୍ରବଣ ପଥରେ ଗ୍ରହଣ ହୁଏ ନାହିଁ । ଆଉ ଯତ କିଞ୍ଚିତ ଯଦିଓ ଗ୍ରହଣ ହୁଏ ତାହା କେଉଁ ଏକ ଫାଇଲ ମଧ୍ୟରେ ଆପଣାର ଶୋଭା ବର୍ଦ୍ଧନ କରେ । ଉକ୍ତ ଗଳ୍ପଟିରେ ତୀବ୍ର ସମାଜ ରାଜନୀତିକ ବ୍ୟଙ୍ଗ ଓ ବିଦ୍ରୁପ ପ୍ରକଟିତ । ରାଜନୀତି ଓ ଉଚ୍ଚ କ୍ଷମତାର ଶିକାର ହୋଇ ସାଧାରଣ ମେହନତୀ ଜନତା କେଉଁ ଦୟନୀୟ ଅବସ୍ଥା ଭୋଗ କରନ୍ତି ତାହାର ପ୍ରତ୍ୟକ୍ଷ ଉପସ୍ଥାପନୀ ଉକ୍ତ ଗଳ୍ପରେ ଦୃଷ୍ଟିଗୋଚର ହୁଏ । ରାଜନୀତି ଜନମଙ୍ଗଳକାରୀ ରାଷ୍ଟ୍ରର ଭିତ୍ତି ପ୍ରସ୍ତର ଗଠନ କଲେ ହେଁ ଭ୍ରଷ୍ଟ ବୁଦ୍ଧି ଜନିତ ରାଜନୀତିଜ୍ଞ୍ୟମାନଙ୍କ ପକ୍ଷେ ଏହା ଏକ ମଧୁର ଯନ୍ତ୍ରଣା ତାହା ଗାଳ୍ପିକଙ୍କ ହୃଦବୋଧ ହୁଏ ତଥା ଜଣେ ମାନବୀୟ ଚିନ୍ତାଧାରାର ଗାଳ୍ପିକ ଭାବରେ ସେ ଇଚ୍ଛା କରନ୍ତି ଏହି ମଧୁର ଯନ୍ତ୍ରଣା ଉପଶମ ନିମନ୍ତେ, ତାଙ୍କ କାରୁଣ୍ୟ ହୃଦୟ ସମାଧାନର ପଥ ଖୋଜିବୁଲେ । ସୁତରଂ ମହେଶ ମହନ୍ତିଙ୍କ ଭଳି ନିଷ୍ଠାପର ବ୍ୟକ୍ତି ବିଶେଷ ମାନବିକତାର ଦଗ୍ଧ କାନନରେ ପ୍ରିତୀ ପୁଷ୍ପ ଫୁଟାଇ ସମଗ୍ର ଦୁଃଖ ଓ ଦୈନ୍ୟର ଅବସାନ ଘଟାଇବାର ସଂଙ୍କଳ୍ପ ନିଅନ୍ତି । କଥାକାର ଶ୍ରୀ ଦାସ କେବଳ ସାଂପ୍ରତିକ ରାଜନୀତିକୁ ନେଇ ଗଳ୍ପ ସୃଷ୍ଟି କରି ନାହାଁନ୍ତି । ଅତୀତର ସୁବର୍ଣ୍ଣମୟୀ ଅବକାଶଯୁକ୍ତ ରାଜନୀତିର ପୂନଃ ସ୍ମରଣ କରାଇବା ତଥା ସେହି ଅତୀତକୁ ସମକାଳୀନ ଅବସ୍ଥା ସହିତ ତୁଳନାତ୍ମକ ବିଶ୍ଳେଷଣରେ କଥାକାର ବେଶ୍ ଦକ୍ଷ । ଅତୀତର ବୀରଭୋଗ୍ୟା ବସୁନ୍ଧରା ଭାରତବର୍ଷ ବହୁ ବୀର ସନ୍ତାନଙ୍କୁ କୋଳ ମଣ୍ଡିତ ହୋଇ ସ୍ୱକଳେବରକୁ ଧନ୍ୟ କରିଥିଲା । କିନ୍ତୁ ସାଂପ୍ରତିକ ସମୟର ସମକାଳୀନ କୁଚକ୍ରୀ ରାଜନୈତିକ ପିପାସୁ ବ୍ୟକ୍ତି ବିଶେଷଙ୍କ କଦାକାର କର ସ୍ପର୍ଶ ବାଜି ଏହି ବୀର ପ୍ରସବିନୀ ଧରିତ୍ରୀ ଆପଣାର ଶ୍ରୀ ସମୃଦ୍ଧି ହରାଇ ବସିଛି । ରାଜନୈତିକ କ୍ଷମତାର ଅଭିପ୍ସା ପୂରଣ ନିମନ୍ତେ ଅର୍ଥାତ ମନ୍ତ୍ରୀପଦ ଓ ପ୍ରତିଷ୍ଠା ପ୍ରାପ୍ତିର ଆଶା ନେଇ ଇନ୍ଦ୍ରଜିତ୍ ଓ ଶ୍ରୀମତୀ ସାମନ୍ତ ରାୟଙ୍କ ଭଳି ବ୍ୟକ୍ତି ବିଶେଷ ଦୁଃଖ ଓ ଦୈନ୍ୟ ଘୁଞ୍ଚାଇବାର ମିଥ୍ୟା ପ୍ରହେଳିକା ସୃଷ୍ଟି କରନ୍ତି, କିନ୍ତୁ ନାଥୁରାମ ପରି ସାଧାରଣ ଦରିଦ୍ର ବ୍ୟକ୍ତିଟିଏ ରେସନ୍‌କାର୍ଡ ନିମନ୍ତେ ଗଣତନ୍ତ୍ରକୁ ଖେଳନା ସଜାଇ ଖେଳୁଥିବା ବ୍ୟକ୍ତି ବିଶେଷମାନଙ୍କର ଶରଣାପର୍ଣ୍ଣ ହୁଏ । ସାଧାରଣ ସ୍ତରଠାରୁ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅତ୍ରତତ୍ର ସର୍ବତ୍ର ଦେଖାଯାଉଥିବା ଭ୍ରଷ୍ଟ ରାଜନୀତି

ISSN NO.
2582-208X

ଗାଳ୍ପିକ କିଶୋରୀ ଚରଣ ଦାସଙ୍କ ମନରେ ସୃଷ୍ଟି କରିଛି ଅନେକ କ୍ଷୁବ୍ଧତା । ଗାଳ୍ପିକ କିଶୋରୀ ଚରଣଙ୍କ ଅଭିକଳ୍ପିତ ରାଜନୈତିକ ଗଳ୍ପମାନ ଏକ ଭିନ୍ନ ଧରଣର ସ୍ୱାଦୁସୁଧା ପରଷିଦିଏ । କାଳ୍ପନିକ ଚରିତ୍ରମାନଙ୍କ ମଧ୍ୟରେ ସତ୍ୟତା ସନ୍ନିବେଶିତ ହୋଇ ପାଠକୀୟ ଅନ୍ତରକୁ ଚେତନା ରସନା ସିକ୍ତ କରେ । ଏହି ପରିପ୍ରେକ୍ଷୀରେ କଥାକାର ଶ୍ରୀ ଦାସଙ୍କ ଦ୍ୱାରା ସୃଷ୍ଟି 'ଅନେକ ଦିନର ସୂର୍ଯ୍ୟ' ଶ୍ରୀର୍ଷକସ୍ଥ ଗଳ୍ପ ଏକ ଭିନ୍ନ ଧରଣର ରାଜନୈତିକ ପୃଷ୍ଠଭୂମିର ଚିତ୍ର ଅଙ୍କନ କରେ । ଏକଦା କଲେଜ ଅଧ୍ୟୟନ ସମୟରେ ବନିତା– ଏବଂ ଅନିରୁଦ୍ଧଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ପାରସ୍ପରିକ ଆକର୍ଷଣ ପରବର୍ତ୍ତୀ ସମୟରେ ରାଜନୀତିରେ ଅଂଶ ଗ୍ରହଣ କରିବା ଭିତରେ ଅନୁଭୂତ ହୋଇଛି । ଆଲୋଚ୍ୟ ଗଳ୍ପର ନାୟିକା ସୁଶ୍ରୀ ବନିତା କେବଳ ଜଣେ ସାଧାରଣ ମହିଳା ନୁହଁନ୍ତି ତାଙ୍କ ଅନ୍ତର ଏକ ବୈପ୍ଲାବତ୍ମକ ହୃଦୟ । ଆପଣା ଜୀବନର ସମସ୍ତ ଭୋଗ ବିଳସକୁ ପରିତ୍ୟାଗ ପୂର୍ବକ ରାଷ୍ଟ୍ର ଅନ୍ତର୍ଗତ ସମଗ୍ର ଦୁଃଖ ଦରିଦ୍ର ମଣିଷମାନଙ୍କର ସେବା ନିମନ୍ତେ ସେ ସ୍ୱ ଭବିଷ୍ୟତ ପର୍ଯ୍ୟନ୍ତ ଜଳାଞ୍ଜଳି ଦେଇଛନ୍ତି । କଲେଜ ଜୀବନରୁ ଯେଉଁ ଅନିରୁଦ୍ଧଙ୍କୁ ହୃଦୟ ଦେଇ ଭଲ ପାଉଥିଲେ ତାଙ୍କୁ ନିକଟରେ ଲାଭ କରି ସୁଦ୍ଧା, ସେ ଆଜି ସଂଜତ ଗଳ୍ପର ନାୟକ ଅନିରୁଦ୍ଧ କଲେଜ ୟୁନିୟନର "ପ୍ରଗତି' ନାମକ ମୁଖପତ୍ରର ସଂପାଦକ ତଥା ବନିତାଙ୍କ କଲେଜ ସହପାଠୀ । କିନ୍ତୁ କଲେଜ ଜୀବନରେ ପରିସମାପ୍ତି ପରେ ଉଭୟଙ୍କ ପଥରେ ଆସିଥିଲା ଭିନ୍ନତା । ବନିତା ଗୋଟିଏ ଦଳର ଜଣେ ସୁନାମଧେୟା ନେତ୍ରୀ ଭାବରେ ଆପଣାର ସ୍ୱତନ୍ତ୍ର ସ୍ୱାକ୍ଷର ସୃଷ୍ଟି କରିଥିବା ବେଳେ, ସେହି ଦଳର ଜଣେ ପ୍ରାର୍ଥୀ ଭାବରେ ଉଦୀୟମାନ ହୋବାକୁ ଅନିରୁଦ୍ଧ ଆଗ୍ରହ ପ୍ରକାଶ କରିଛନ୍ତି । କିନ୍ତୁ ନିର୍ବାଚନ ନିମନ୍ତେ ଅନିରୁଦ୍ଧଙ୍କ ପ୍ରାର୍ଥୀ ଭାବରେ ଚୟନ କରାଯାଇ ନାହିଁ । ଯେଉଁଥି ପାଇଁ ପ୍ରାର୍ଥୀ ହେବାର ଅଭିଳାଷ ନେଇ ଦୀର୍ଘବର୍ଷ ପରେ ଅନିରୁଦ୍ଧ ବନିତାଙ୍କ ଅଗଣାରେ ପଦାର୍ପଣ କରିଛନ୍ତି । ଅପର ପକ୍ଷରେ ବନିତା ମଧ୍ୟ ଆପଣାର କଲେଜ ଜୀବନର ସହବର୍ତ୍ତୀ ସାଥିଙ୍କୁ ପାଖରେ ପାଇ ବେଶ୍ ଆନନ୍ଦିତ ହୋଇ ସ୍ୱଆତିଥ୍ୟ ଓ ଅଭ୍ୟର୍ଥନାରେ ଅନିରୁଦ୍ଧଙ୍କୁ ତୃପ୍ତ କରିଛନ୍ତି । ପିରଶେଷରେ ଅନିରୁଦ୍ଧଙ୍କ ଅଭିପ୍ସା ଶ୍ରବଣ ପୂର୍ବକ ବନିତା ଦୀର୍ଘଶ୍ୱାସ ଛାଡି ସେ ନିଜେ ହିଁ ଅନିରୁଦ୍ଧଙ୍କ ପ୍ରାର୍ଥୀତ୍ୱକୁ ଆଗ୍ରାହୀ କରିବା କଥା ପ୍ରକାଶ କରିଛନ୍ତି । ବନିତାଙ୍କ ଏପରି କଥା ଅନିରୁଦ୍ଧଙ୍କୁ କୌଣସି ପ୍ରତିକ୍ରିୟାଶୀଳ କରାଇ ନାହିଁ, ବରଂ ବନିତାଙ୍କ ନିଷ୍ପତି ତାଙ୍କୁ ଏକ ନୂତନ ପଥ ପ୍ରଦର୍ଶନ କରିବ ବୋଲି ସେ ଭାବି ନେଇଛନ୍ତି । ପରବର୍ତ୍ତୀ ନିର୍ବାଚନରେ ବନିତାଙ୍କର ବିଜୟୀ ହେଉ ଏବଂ ନିଜେ ବନିତା ନେତ୍ରୀ ଆସନ ଅଳଙ୍କୃତ କରନ୍ତୁ ଏହା ଥିଲା ଅନିରୁଦ୍ଧଙ୍କ ଅନ୍ତିମ ଅଭିଳାଷ । ଅନିରୁଦ୍ଧଙ୍କୁ

ISSN NO.
2582-208X

ଏକାନ୍ତ ଭାବରେ ପାଇ ସୁଦ୍ଧା ସୁଶ୍ରୀ ବିନତା ଆପଣାର ପୂର୍ବ ସଂପର୍କକୁ ନେଇ ଅନିରୁଦ୍ଧଙ୍କ ସହ କୌଣସି ବିଚାର ଆଲୋଚନା କରିନାହାଁନ୍ତି । ସେ ତାଙ୍କ ସମସ୍ତ ଭାବଭାବନାକୁ ସଂଜତ ରଖିଛନ୍ତି । ଶେଷରେ ପାଖରେ ପାଇଥିବା ଶ୍ରଦ୍ଧେୟ ବାନ୍ଧବୀଠାରୁ ବିଦାୟ ନେଇଛନ୍ତି ଅନିରୁଦ୍ଧ । ଗଳ୍ପ ମଧ୍ୟରେ ରାଜନୈତିକ ଚିନ୍ତା ଚେତନା ଥିଲେ ହେଁ ଏହାର ରୋମାଞ୍ଚକ ପ୍ରସଙ୍ଗ ବନିତା ଏବଂ ଅନିରୁଦ୍ଧଙ୍କ ଦୀର୍ଘ ଦିନ ସାକ୍ଷାତର ଆନନ୍ଦ ଅସ୍ତମିତ ସୂର୍ଯ୍ୟଙ୍କୁ ପୁନଃ ଉଦୟର ଅନୁଭବ ପ୍ରଦାନ କରେ । କଥାକାର କିଶୋର ଚରଣ ଦାସ ସ୍ୱରଚିତ "ଭଲପିଲା' ଓ "ଭଲମଣିଷ' ଗଳ୍ପ ମଧ୍ୟରେ ସମସାମୟିକ ସମୟର ଭ୍ରଷ୍ଟ ରାଜନୀତି ଓ ଧୁର୍ତ ରାଜନେତାମାନଙ୍କ ଆପ୍ରାକଟ୍ୟ ଚିତ୍ରକୁ ପ୍ରକଟିତ କରିଛନ୍ତି । ଉକ୍ତ ଗଳ୍ପରେ ଉତ୍ତମ ଦାସ ଭଳି ଅରାଜକ ନେତୃବର୍ଗ ରାଜନୀତିର ଦ୍ୱାହି ଦେଇ କେଉଁଭଳି ଭାବେ ସମାଜ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରନ୍ତି ତାହା ଯଥା ରିତୀ ଉପସ୍ଥାପିତ । ଅଥଚ ଗଳ୍ପର ଅବସାନ ସମୟରେ ଏହିଭଳି ଉଦ୍ଧତ ଓ ଭ୍ରଷ୍ଟ ନେତାମାନଙ୍କୁ ସତ୍ୟ ପଥରେ ପରିଚାଳନା କରିବାର ଅଜର୍ସ ପ୍ରୟାସ କରିଛନ୍ତି ।

ମାନବୀୟ ଜୀବନରେ ଏକ ପ୍ରମୁଖ ଅଂଶ ସାଜିଥିବା ରାଜନୀତି ଆଜି କଳୁଷିତ । ନା ସିନା ରାଜନୀତି, କିନ୍ତୁ ସମ୍ପୁର୍ଣ୍ଣ ଭାବରେ ନୀତିଶୂନ୍ୟ । ଜନମଙ୍ଗଳକାରୀ ରାଷ୍ଟ୍ର ଭିତରେ ଜନ ହିତକର ରାଜନୀତି ଶବ୍ଦଟି କେବଳ ଅଭିଧାନ ମଧ୍ୟରେ ଓ ନିର୍ବାଚନୀ ଇସ୍ତାହାରରେ ଆପଣାର ଶୋଭା ମଣ୍ଡନ କରେ । କଥାକାର କିଶୋରୀ ଚରଣ ଆପଣା ଅଜର୍ସ ଅଭିଜ୍ଞତା ସଂପର୍ଣ୍ଣତା ଦୃଷ୍ଟିରୁ ରାଜନୈତିକ ଗଳ୍ପମାନଙ୍କୁ ଯେତିକି ବିଷୟାଭିମୁଖୀ କରିଛନ୍ତି, ସେତିକି ଆଲୋଚନା ସମାଲୋଚନା ଓ ପର୍ଯ୍ୟାଲୋଚନା କରିଛନ୍ତି । ସ୍ଥାନେସ୍ଥାନେ ବ୍ୟଙ୍ଗ ଓ ବିଦ୍ରୁପ ମାନ ପ୍ରଦାନ କରି କୁତ୍ସିତ ରାଜନୈତିକ ପଶାକାଠିଧାରୀ ଶକୁନୀମାନଙ୍କୁ କଟାକ୍ଷ କରିବା ସହ ବିଶ୍ୱ ମାନବିକତାର ହୃଦୟ ନେଇ ବିଶ୍ୱସ୍ତରୀୟ ରାଜନୀତିର ମଙ୍ଗଳ କାମନା ମଧ୍ୟ କରିଛନ୍ତି । ଏହିଭଳି ଭାବରେ କଥାକାର କିଶୋରୀ ଚରଣ ଦାସ ପାଠକୀୟ ହୃଦୟକୁ ରାଜନୀତି ଚେତନା ମନସ୍କ କରିବା ସହ ବୈପ୍ଳବତ୍ମକ ସଚେତନାତାର ବୀଜ ବୁଣିଯାଇଛନ୍ତି ଆପଣାର ଲେଖନୀ ମୁନରେ ।

ପାଦଟୀକ

୧) 'ଭିନ୍ନ ପାଉଁଶର' କଥାକାର- କିଶୋରୀ ଚରଣ ଦାସ (ଓଡିଶା ଗଳ୍ପ ପ୍ରସଙ୍ଗ) ପୂର୍ଣ୍ଣାନନ୍ଦ ଦାନୀ, ମେନକା ପ୍ରକାଶନୀ, ସମ୍ବଲପୁର, ପ୍ରଥମ ସଂଖ୍ୟା-୧୮୮୯, ପୃ-୧୩୫ ।

ISSN NO.
2582-208X

୨)  'ବାରନାରୀ' (ତିରିଶି ବର୍ଷର ଗଳ୍ପ ଓ ଆଳାପ, ଚତୁର୍ଥଭାଗ)କିଶୋରୀ ଚରଣ ଦାସ, ଫ୍ରେଣ୍ଡସ୍ ପବ୍ଲିଶର୍ସ କଟକ, ପ୍ରଥମ ସଂଖ୍ୟା-୨୦୦୦, ପୃ-୫୯୯ ।

ସହାୟକ ଗ୍ରନ୍ଥାସୂଚୀ

୧)  ଦାସ, କିଶୋରୀ ଚରଣ- ତିରିଶି ବର୍ଷ ଗଳ୍ପ ଓ ଆଳାପ (୨) ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨, ପ୍ରଥମ ସଂସ୍କରଣ- ୧୯୯୮ ।

୨)  ଦାସ, କିଶୋରୀ ଚରଣ- ମୋ ସମୟ ମୋ ସାହିତ୍ୟ, ଓଡିଶା ବୁକ୍‌ଷ୍ଟୋର, ବିନୋଦବିହାରୀ, କଟକ-୨, ପ୍ରଥମ ସଂସ୍କରଣ ଦୋଳପୂର୍ଣ୍ଣିମା-୨୦୦୦

୩)  ବାରିକ, ଡକ୍ଟର କବିତା- ଶହେବର୍ଷର ଆଧୁନିକ, ଓଡିଆ କ୍ଷୁଦ୍ରଗଳ୍ପ ଏକ ତାତ୍ତ୍ୱିକ ବିଶ୍ଳେଷଣ, ବିଦ୍ୟାପୁରୀ ବାଲୁବଜାର, କଟକ, ପ୍ରଥମ ପ୍ରକାଶନ - ଡିସେମ୍ବର-୧୯୯୯ ।

(((-)))

ଓଡ଼ିଶା ଭାଷା ଓ ସାହିତ୍ୟ ବିଭାଗ
ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଖଡ଼ିଆଳ

ISSN NO.
2582-208X

# ସତେ ଅଦିନେ ଚାନ୍ଦ ଉଇଁବ



ସିଦ୍ଧେଶ୍ୱର ତ୍ରିପାଠୀ

ସତେ ଅଦିନେ ଚାନ୍ଦ ଉଇଁବ
ସଖି ତୁମ ସାଥେ ଭେଟ ହେବ
ସେଇ ଅତୀତର ପୁରୁଣା ରାଗିଣୀ
ତୁମେ ମୋତେ ଶୁଣାଇବ ।

ଧୀରେ ଧୀରେ ବଢୁଥିବ ରାତି
ତୁମେ ଗାଉଥିବ ପ୍ରେମ ଗୀତି
ତୁମରି କୋଳରେ ମଥାରଖି ଦେଇ
ସବୁ ସ୍ୱପ୍ନ ସତ ହବ

ସତେ ଅଦିନେ ଚାନ୍ଦ ଉଇଁବ – --
ଭାଙ୍ଗି ସବୁ ନୀରବତା
ତୁମେ କହୁଥିବ କେତେ କଥା
ସେଇ କଥା ସବୁ ପ୍ରେମ ବର୍ଷା ସାଜି
ବିରହକୁ ଧୋଇଦବ

ସତେ ଅଦିନେ ଚାନ୍ଦ ଉଇଁବ – – – – – –

ISSN NO.
2582-208X

ଏତେ ସପନକୁ ରାତି କାହିଁ
ଯିଏ ଜୀବନ ଦେବ ରଙ୍ଗେଇ
ସେ ରଙ୍ଗ ପରଶେ ଏଇ ତନୁମନ
ମହ ମହ ମହକିବ

ସତେ ଅଦିନେ ଚାନ୍ଦ ଉଇଁବ - - -

(((-)))

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା/7008315040

ISSN NO.
2582-208X

# ଦୁଃଖ ରେ



ଦୁଷ୍ମନ୍ତ ବେହେରା

ଦୁଃଖ ରେ ଏତେ ସୁଖ ବି ଥାଏ
ଲୁହ ରେ ଏତେ ହସ ବି ଥାଏ
ତୁମେ କେମିତି ବୁଝି ପାରିବ
ଜୀବନ ଦୁଃଖ ରେ ମିଠା ଥାଏ !!

ଇଏ କି ଦୁଃଖ ଯିଏ ଦେଖାଯାଏ
ନାହିଁ ଦିଏ ଅନେକ ଶିକ୍ଷା
ଲକ୍ଷ୍ୟ ଦେଖେଇ ଦିଏ ଶୋଷ ରେ
ବଞ୍ଚିବା ଆଶା ର ରାସ୍ତା !!

ଦୁଃଖର ଲୁହକୁ ଓଠ ପିଏ ସିନା
ହୃଦୟ ବୁଝିଯାଏ ଯନ୍ତ୍ରଣା
ମନ ବେଦନା କୁ ସାଉଁଟି ଦିଏ
ଭବିଷ୍ୟତ ସ୍ୱପ୍ନ ର ବାସ୍ନା !!

ଭୋକ ତ ଆସି ପଚାରି ଯାଏ
ପେଟର ବେଦନା କେତେ
ବଞ୍ଚିବା ପାଇଁ ଖାଉଛି ଏଠି
ଦୁଃଖ ତୁ ମାରୁଛୁ କେତେ !!

ISSN NO.
2582-208X

ଆଶା ଶିଉଳି ରେ ଲଗେଇ
ରଙ୍ଗ ପଚାରୁ ଲୁହ ଜୀବନ
ବଞ୍ଚିବାର କେତୋଟି ରଙ୍ଗ ଅଭିନୟ
ବଦଳେଇ ଦେଉ ମାନବ !!

ଦୁଃଖ ରେ ଦେବୁ ଯଦି ଦେ ଶିକ୍ଷା
ମୋ ଲୁହକୁ ପଚାରୁ କେତେ
ଗରିବ ଛାଟ ରେ ଜୀବନ ଯାଏ
ଦିନ ହସିଲେ ରାତି ମଉଳେ !!

ଦୁଃଖ ର ବାଟକୁ ବନ୍ଧୁ କରିଛି
ପଥିକ ଅଛି ସାକ୍ଷୀ
ଲକ୍ଷ୍ୟ ଶୋଷରେ ଝରେ ଝରଣ
ତୁଠ ଶିଉଳି ଲଗନ ମୂଖୀ !!

ଦୁଃଖ ପୃଷ୍ଠା କୁ ଆଡଉ ଆଡଉ
ଲୁହ ରେ ଭିଜେ ଅକ୍ଷର
ପଢିଲା ବେଳ କୁ ଭୋକ ମାରୁଛି
ମନ ଦଦରା ସିଲଟ !!

କାହାକୁ କହିବି କିଏ ବୁଝିବ
ମୋ ମାଟି ଜୀବନ
ଗରିବ ଦୁଃଖ ଗଢଣ ଦାଗ
ଛୁଇଁଲେ ଭାଙ୍ଗେ ମୋ ସ୍ୱପ୍ନ !!

ଏଣୁ ପସିଲା ସେଣୁ ପସିଲା ମୋ
ଭାଗ୍ୟ ରେ ପସିଲା ଦୁଃଖ

ISSN NO.
2582-208X

ହସିବା ଆଗରୁ ଦୁଃଖ ପଚାରେ
ଜୀବନ ସ୍ୱାଦ କେମିତି କା  !!

କ'ଣ କରିବି ବିଧାତା ଲେଖିଛି
କରମେ ମୋର ଦୁଃଖ
ମଲାଟ ଦଦରା ଅକ୍ଷର ଦିସେନା
ଧରିଲେ ଚିରେ ଭାଗ୍ୟ !!

ଏ ମନ ଯଦି ହସିବା ଆଗ ରୁ
ସେ ମନ କହେ ମୋ ଦୁଃଖ
ଲୁହ ଲାହାଣରେ କପାଳ ଲେଖିଛି
କରମ ଦାଗର ଗାର  !!

ଇଏ କି ଦୁଃଖ ଦେଲ ତୁମେ ବନ୍ଧୁ
ନିଇତି ଭାସେ ଲୁହ
ନିନ୍ଦୁ ନାହିଁ ବନ୍ଧୁ ତୁମକୁ ମୁଁ
ଭାଗ୍ୟ ରେ ଲେଖିଛ ଦୁଃଖ
ଦୁଖ ରେ.....

(((-)))

ଗ୍ରସୋଳ (ମୁଣ୍ଡିଆପଷି), ଢେଙ୍କାନାଳ
ମୋ ନଂ-୮୮୯୫୦୯୦୧୭୩

ISSN NO.
2582-208X

# ନାନା ବାୟା ଗୀତ

ପ୍ରତାପ ଚନ୍ଦ୍ର ସାମଲ

ଅବଚେତନ ମନରେ ଆଉ କାହା ହୃଦୟର ଭାଷା ପଢୁ ପଢୁ ଭୁଲି ଯାଇଥିଲି ନିଜର ଠିକଣା
ଅତ୍ୟଧିକ ଭାବପ୍ରବଣତାର ଅର୍ଥ କଣ
ସ୍ୱାର୍ଥପରତା ନା ନିହାତି ନିର୍ବୋଧତା
ହେଲେ କେତେ ବା ଦୂର ହେବାକୁ ବାଟବଣା ??
ସମ୍ପର୍କର ଛାଇ କେତେବେଳେ ପଉଷର କଅଁଳ ଖରା ତ କେବେକେବେ ମୁଖୁରା ନିଦାଘ ।
ଛୁଞ୍ଚି ମୂନରେ ବାଉଁଶ ରାଣୀ ଖେଳୁ ଖେଳୁ ଯନ୍ତ୍ରଣା ମାନେ ହଜି ଯାଇଥାନ୍ତି ଓଠ ଫାଙ୍କରେ ତ
ମଧ୍ୟାହ୍ନର ତୋରାଣି ପାଣିରେ ବୋଳି ହୋଇଥାନ୍ତି ସୁଖର ମୁହୂର୍ତ୍ତ ସବୁ ।।
ଏମିତି ଗୋଟେଇ ଏକାଠି କଲା ବେଳକୁ ଅଣଚାଶ ପବନ ବାହାରି ସାରି ଥାଏ ।।
ପିଲାଦିନେ ବୋଉ ତା ପଣତ କାନିରେ ଆଫା ଆଫା କହି ଆଖିରୁ ଦୁଷ୍ଟ ଶତ୍ରୁ ମାନଙ୍କୁ
ନିକାଲି ଦେବା ପରି
କାହାର ଚାପା ସ୍ୱର ସବୁ କ୍ଳାନ୍ତି ପୋଛି ଦେଇ ଥାଏ ।।
ଅଖଣ୍ଡ ପ୍ରୀତିର ମାନେ କଣ ??
ଗୋଟିଏ ହୃଦୟର ତୀର ଯାଇ ଆଉ ଗୋଟିଏ ମନକୁ କ୍ଷତାକ୍ତ କରିବା
ନା ସାମୟିକ ମୋହ ମାୟା ତୁଟେଇବାର ଚରମ ନିଷ୍ପତ୍ତି ନେଇ କୋଉ ଅଜଣା ଜାଗାରେ
ମାଳା ବଦଳ କରିବା ??
ସ୍ୱପ୍ନ ମାନେ ଘାଣ୍ଟି ହେଉଥାନ୍ତି ଅସ୍ତଗାମି ସୂର୍ଯ୍ୟ ଆଉ ଧୂସର ଆକାଶ ଭିତରେ,
ବ୍ରାହ୍ମଣୀ ବାଲିରେ ବସି ନାନା ବାୟା ଗୀତର ଧାଡ଼ି ସଜାଡୁ ସଜାଡୁ ଗୋଟିଏ ଅବିଶ୍ୱାସ୍ୟ
ସମ୍ପର୍କ ଯୋଡ଼ି ହୋଇ ସାରିଥାଏ, ବଡ ସହଜ ଭାବରେ, ଘୋରି ହେଇ
କଷି ବୟସର କଷଟି ପଥରରେ, ବଡ ଏକାଗ୍ର ଚିତ୍ତରେ ।।
ଗଳା ଫଟେଇ କାନ୍ଦିବା ଠାରୁ ଗୀତ ଗାଇବା ଭାରି କଷ୍ଟ, ତଥାପି ମୂରୁକା ହସ ଟିଏ
ଫଡ ଫଡ ହୋଇ ବାହାରି ଆସେ ଓଠ ଭିତର ଗୁମ୍ଫାରୁ ।
ବୟସ ଯେତେ ବଢ଼ିଲେ ବି ମୁଁ ବଡ ହୁଏ ନାହିଁ,

ISSN NO.
2582-208X

ବ୍ରାହ୍ମଣୀର ଢ଼େଉ ମାନେ ବି ବଡ ହୁଅନ୍ତି ନି।
ଚାକୁଣ୍ଡା ତୋଟା ସନ୍ଧିରୁ କେହି ଜଣେ ଉଶ୍ବାସ ଦେଉଥାଏ
ତୁ ନ ଜିତିଲେ ବି/ଯେତେ ଥର ପଡ଼ି ଗଲେବି ହାରି ନାହୁଁ।
ହାରିବାଟା ତୋ ଜାତକରେ ନାହିଁ କି ତୋ ମାଟି ବଂଶ ପରମ୍ପରାରେ ନାହିଁ।।
ହାର ଜିତ୍ ର ଫରକ୍ ଥାଏ କି
ଯୁଦ୍ଧରେ/ପ୍ରେମରେ।
ଭଙ୍ଗା ଦଦରା ସ୍ୱପ୍ନ, ଛିନ୍ ଛତରିଆ ଆଶା, ନିଥର ସମୟ।
କ୍ଷତାକ୍ତ ହେବା ତ ନିଶ୍ଚିତ।।
ଉଇ ହୁଙ୍କା ପରି ବଡ ହେଉ ଥାଏ ସେ କ୍ଷତ, କୁଣ୍ଢୁଳି ମାରି ପାଦ ସ୍ଥିର କରୁଥାଏ
ସ୍ମୃତିର ପଥର ସନ୍ଧିରେ ମୁହଁ ପୋତି
ଲୁଚିବାର ଛଳନା କରୁଥାଏ।।
ଲୁଚିବା ତ ଗୋଟେ ଛଳନା,
ଯେମିତି ପଲକ ନ ପକେଇ ସମୁଦ୍ର ଚାହିଁ ରହିଥାଏ ମହାଶୂନ୍ୟକୁ।
ପାଉଁଶ ଗଦା ତଳେ କେଉଁଠି ଲୁଚିଯାଏ
ଛୋଟ ଚିଂଗାରୀ ଟିଏ କେଜାଣି
ଆତ୍ମ ପ୍ରକାଶର ବାଟ ଖୋଜୁଥାଏ
ଛାତିର କୋଉ ଅଳିନ୍ଦ ଭିତରୁ
କବିତାର ଶବ୍ଦ ଉତୁରି ଆସୁଥାଏ
ବ୍ରାହ୍ମଣୀର ତତଲା ବାଲି କୂଳରୁ
ନାନା ବାୟା ଗୀତ ଭାଷି ଆସୁ ଥାଏ।

((( - )))

ପାଣ୍ଡବ ନଗର,
ଟଙ୍କପାଣି ରୋଡ ଭୁବନେଶ୍ୱର - 751018
ଦୂରଭାଷ: 9937232395

ISSN NO.
2582-208X

# ଓଡ଼ିଆ ସାହିତ୍ୟରେ ଅନୁବାଦିକା

ଲିଜାରାଣୀ ପାଇଟାଳ

ଭୌଗୋଳିକ ଓ ଭାଷାଗତ ବ୍ୟବଧାନରୁ ଉର୍ଦ୍ଧ୍ୱରେ ଏକ ମାନବୀୟ ସମ୍ବେଦନଶୀଳତାର ପ୍ରତିଫଳନ ହେଉଛି ସାହିତ୍ୟ । ଯାହା ମଣିଷ- ମଣିଷ ଭିତରେ ସାମ୍ୟ ଓ ସଂହତି ସ୍ଥାପନ କରେ । କାବ୍ୟ- କବିତା, ଗଳ୍ପ, ଉପନ୍ୟାସ, ସମାଲୋଚନା ଓ ପ୍ରବନ୍ଧ ଆଦି ସାହିତ୍ୟର ବିଭିନ୍ନ ବିଭାଗ ସାହିତ୍ୟିକମାନଙ୍କ ସୃଜନଶୀଳ କଳ୍ପନାର ସ୍ୱାକ୍ଷର ବହନ କରୁଥିବା ବେଳେ 'ଅନୁବାଦ' ବିଭିନ୍ନ ଭାଷାର ସାରସ୍ୱତ ସମ୍ଭାରକୁ ଆହରଣ କରି ନିଜକୁ ପରିପୁଷ୍ଟ କରିଥାଏ । ଅନୁବାଦକୁ ବିଶ୍ୱକୁ ଗବାକ୍ଷ ବୋଲି କୁହାଯାଏ । କେବଳ ଗବାକ୍ଷ ନୁହେଁ ଏହା ହେଉଛି ଏକ ଉନ୍ମୁକ୍ତ ଗବାକ୍ଷ । ମଣିଷ ଯେପରି ଝରକା ଭିତରେ ଥାଇ ବାହାର ଦୁନିଆକୁ ଦେଖିପାରେ ଠିକ୍ ସେହିପରି ଅନୁବାଦ ମାଧ୍ୟମରେ ଜଣେ ପାଠକ ନିଜ ଭାଷା ମଧ୍ୟରେ ରହି ବିଶ୍ୱ ସାହିତ୍ୟକୁ ଦେଖିପାରେ । ଅନୁବାଦ ବିଶ୍ୱ ସାହିତ୍ୟର ରସାସ୍ୱାଦନ କରି ବିଶ୍ୱର ବିଶାଳ ବ୍ୟାପକତାକୁ ସଙ୍କୁଚିତ କରିବା ସହିତ ମାନବ- ମାନବ ମଧ୍ୟରେ ସମ୍ପର୍କର ସେତୁ ନିର୍ମାଣ କରିଥାଏ । ଏହା ଦ୍ୱାରା ଭାଷାଗତ ବିଭିନ୍ନତା ସତ୍ତ୍ୱେ ଭାରତୀୟ ଧର୍ମ, ସଂସ୍କୃତି ଓ ସାହିତ୍ୟ ମଧ୍ୟରେ ଯୋଗସୂତ୍ର ସ୍ଥାପନ ହୋଇଥାଏ ।

ଶୂଦ୍ରମୁନି ସାରଳା ଦାସ ହେଉଛନ୍ତି ଓଡ଼ିଆ ସାହିତ୍ୟରେ ସର୍ଜନାତ୍ମକ ଅନୁବାଦର ଆଦି ପ୍ରବର୍ତ୍ତକ । ତାଙ୍କ ରଚିତ 'ମହାଭାରତ', 'ବିଚିତ୍ର ରାମାୟଣ', 'ଚଣ୍ଡୀପୁରାଣ' ଗ୍ରନ୍ଥ ତ୍ରୟ କେବଳ ସଂସ୍କୃତ ଗ୍ରନ୍ଥର ଭାବାନୁବାଦ ନୁହେଁ । ବରଂ ଏକ ଶ୍ରେଷ୍ଠ ସାରସ୍ୱତ କୃତି ମଧ୍ୟ । ଊନବିଂଶ ଶତାବ୍ଦୀରେ ମୁଦ୍ରା ଯନ୍ତ୍ରର ପ୍ରତିଷ୍ଠା ଅନୁବାଦର ପରିସରକୁ ଅଧିକ ତ୍ୱରାନ୍ୱିତ କଲା । ଉତ୍କଳ ଦୀପିକା, ସମ୍ବାଦ ବାହିକା, ଉତ୍କଳ ସାହିତ୍ୟ ପ୍ରଭୃତି ପତ୍ରିକାମାନ ମୁଦ୍ରିତ ହୋଇ ଇଂରାଜୀ କବିତା- ଗଳ୍ପ ଇତ୍ୟାଦିର ଅନୂଦିତ ରୂପ ଲାଭ କଲା । ଏହି ସମୟରେ ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବା ଉଦ୍ଦେଶ୍ୟରେ ଯୁଗସ୍ରଷ୍ଟା ଫକୀରମୋହନ ସେନାପତି ଅନୁବାଦ କାର୍ଯ୍ୟ ଆରମ୍ଭ କଲେ । ପରବର୍ତ୍ତୀ ସମୟରେ ଅନେକ ଅନୁବାଦକ ଓ ଅନୁବାଦିକାମାନେ ଅନୁବାଦ କାର୍ଯ୍ୟରେ ମନନିବେଶ କରିଛନ୍ତି ।

ISSN NO.
2582-208X

ଓଡ଼ିଆ ସାହିତ୍ୟର ପ୍ରଥମ ଅନୁବାଦିକା ଭାବରେ ପ୍ରତିଭା କରଙ୍କ ନାମ ଉଲ୍ଲେଖନୀୟ । ଯେଉଁ ସମୟରେ ସାରସ୍ୱତ ସାଧନା ମହିଳାମାନଙ୍କ ପାଇଁ ଏକ ଦୁରୂହ ବ୍ୟାପାର ଥିଲା ସେହିପରି ଏକ ପ୍ରତିକୂଳ ପରିସ୍ଥିତିରେ ପ୍ରତିଭା କର ଅନୁବାଦ ମାଧ୍ୟମରେ ଓଡ଼ିଆ ସାହିତ୍ୟର ପରିସରକୁ ବ୍ୟାପକ କରିବା ସହ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ସେ ବଙ୍ଗଳା ସାହିତ୍ୟର ସମ୍ରାଟ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ପ୍ରସିଦ୍ଧ ଉପନ୍ୟାସ 'ଦୁର୍ଗେଶନନ୍ଦିନୀ' କୁ ଓଡ଼ିଆରେ ଅନୁବାଦ କରିଛନ୍ତି । ସରଳା ଦେବୀ ମଧ୍ୟ ଜଣେ ପ୍ରାରମ୍ଭିକ ସମୟର ଅନୁବାଦିକା ଭାବରେ ଜଣାଶୁଣା । ତାଙ୍କର ଅନ୍ୟ ଏକ ପରିଚୟ ହେଉଛି ସେ ଜଣେ ସ୍ୱାଧୀନତା ସଂଗ୍ରାମୀ । ମହାତ୍ମା ଗାନ୍ଧୀଙ୍କ ବିଚାରଧାରାକୁ ଓଡ଼ିଶାରେ ପ୍ରସାର କରିବା ପାଇଁ ଗାନ୍ଧୀଙ୍କ ରଚିତ ଅନେକ ପ୍ରବନ୍ଧ ଓ ଭାଷଣଙ୍କୁ ଓଡ଼ିଆ ରେ ଅନୁବାଦ କରିଛନ୍ତି । ତାଙ୍କ ଦ୍ୱାରା ଅନୂଦିତ ପୁସ୍ତକ ହେଉଛି 'ଗାନ୍ଧୀବାଣୀ' ।

ଅନସୂୟା ମହାନ୍ତି ଅନୁବାଦ ସାହିତ୍ୟ ଜଗତରେ ଜଣେ ସୁପରିଚିତ ନାମ । ସେ ଆଶାପର୍ଣ୍ଣା ଦେବୀଙ୍କ ଉପନ୍ୟାସ ତ୍ରୟ 'ପ୍ରଥମ ପ୍ରତିଶ୍ରୁତି', 'ସୁବର୍ଣ୍ଣଲତା' ଏବଂ 'ବକୁଳ କଥା'ର ଓଡ଼ିଆ ଅନୁବାଦ କରିଛନ୍ତି । ତାଙ୍କ ଅନୁବାଦର ବିଶେଷତ୍ୱ ହେଉଛି ସରଳ ଭାଷା । ଯାହାକୁ ପଢ଼ିବା ସମୟରେ ଏକ ମୂଳ ଓଡ଼ିଆ ରଚନା ପରି ମନେହୁଏ । ଓଡ଼ିଆ ପାଠକମାନଙ୍କୁ ବଙ୍ଗଳା ସାହିତ୍ୟରେ ଅନ୍ତଃସ୍ୱର ସହ ପରିଚିତ କରାଇବା ସହିତ ଓଡ଼ିଆ ଅନୁବାଦ ସାହିତ୍ୟକୁ ଏକ ନୂତନ ଗତି ପ୍ରଦାନ କରିଛି ବସନ୍ତ କୁମାରୀ ଦେବୀଙ୍କ ଅନୁବାଦ ଶୈଳୀ । ତାଙ୍କ ଦ୍ୱାରା ଅନୂଦିତ ପୁସ୍ତକଗୁଡ଼ିକ ମୁଖ୍ୟତଃ ନାରୀର ସଂଘର୍ଷ, ଅସ୍ତିତ୍ୱ ଏବଂ ସାମାଜିକ ପରିବର୍ତ୍ତନର ଚିତ୍ର ବହନକରେ । ତାଙ୍କ ଦ୍ୱାରା ଅନୂଦିତ ପୁସ୍ତକମାନଙ୍କ ମଧ୍ୟରେ ଅଛି 'ବିନ୍ଦୁର ପୁଅ',' ଗଣଦେବତା','ପଞ୍ଚଗ୍ରାମ','ବକୁଳ କଥା' । 'ବକୁଳ କଥା' ପାଇଁ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅନୁବାଦ ପୁରସ୍କାରରେ ତାଙ୍କୁ ସମ୍ମାନିତ କରାଯାଇଛି ।

ଅନୁବାଦ କ୍ଷେତ୍ରରେ ଆଭିମୁଖ୍ୟନିଷ୍ଠ ଭୂମିକା ଗ୍ରହଣ କରିଥିବା ଅନୁବାଦିକାମାନଙ୍କ ମଧ୍ୟରେ ଅଛନ୍ତି - ସୀତାଦେବୀ ଖାଡ଼ଙ୍ଗା, ସେ ବିଶ୍ୱପ୍ରସିଦ୍ଧ ନୋବେଲ ପୁରସ୍କାର ବିଜେତା ରବୀନ୍ଦ୍ରନାଥ ଠାକୁରଙ୍କ 'ଘରେ- ବାହାରେ' ଉପନ୍ୟାସକୁ ଓଡ଼ିଆରେ ଅନୁବାଦ କରିଛନ୍ତି । ଓଡ଼ିଆ ସାହିତ୍ୟର ଯଶସ୍ୱୀ ଲେଖିକା ପ୍ରତିଭା ରାୟ ଓଡ଼ିଆ ସାହିତ୍ୟର ସୀମାକୁ ସମଗ୍ର ଭାରତୀୟ ଚେତନା ସହ ଯୋଡ଼ିବାର ମୁଖ୍ୟ ବିନ୍ଧାଣୀ । ହିନ୍ଦୀ ସାହିତ୍ୟର ପ୍ରସିଦ୍ଧ ଲେଖିକା

ISSN NO.
2582-208X

ନିର୍ମଳା ବର୍ମାଙ୍କ କୃତିକୁ ସେ ଓଡ଼ିଆରେ ଅନୁବାଦ କରିଛନ୍ତି । ଏତଦବ୍ୟତୀତ ସ୍ନେହ ମହାପାତ୍ର, ଜୟନ୍ତୀ ପଟ୍ଟନାୟକଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଓଡ଼ିଆ ସାହିତ୍ୟ ଏବଂ ରାଜନୀତି ଜଗତର ଜଣେ ଅନନ୍ୟ ବ୍ୟକ୍ତିତ୍ୱ ନନ୍ଦିନୀ ଶତପଥୀ । ସେ କେବଳ ଜଣେ ଜନନେତ୍ରୀ ନଥିଲେ ବରଂ ଜଣେ ସୂକ୍ଷ୍ମ ଅନୁଭବୀ ଅନୁବାଦିକା ମଧ୍ୟ ଥିଲେ । ତାଙ୍କ ଅନୁବାଦ ପୁସ୍ତକମାନଙ୍କ ମଧ୍ୟରେ ରହିଛି – ତମଲିସ ନସରିନ୍ ଙ୍କ ଉପନ୍ୟାସ 'ଲଜ୍ଜା', ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ'ଗୋରା'ଇତ୍ୟାଦି ଉପନ୍ୟାସ । ଓଡ଼ିଆ ସାହିତ୍ୟର ବିଶିଷ୍ଟ କବୟିତ୍ରୀ ପ୍ରତିଭା ଶତପଥୀ ଜଣେ ଅନୁବାଦିକା ଭାବରେ ବେଶ୍ ପରିଚିତ । ସେ ଉପନ୍ୟାସ ବ୍ୟତୀତ ଅନ୍ୟ ଭାଷାର ପ୍ରସିଦ୍ଧ କବିତାଗୁଡ଼ିକୁ ଓଡ଼ିଆରେ ଅନୁବାଦ କରିଛନ୍ତି । ଏଥିସହିତ ସେ 'ସାହିତ୍ୟ ଏକାଡେମୀ' ର ବିଭିନ୍ନ ପ୍ରକଳ୍ପ ସହ ଜଡିତ । ମୁନସୀ ପ୍ରେମଚାନ୍ଦଙ୍କ ଉପନ୍ୟାସ 'ନିର୍ମଳା'ର ସେ ଓଡ଼ିଆ ଅନୁବାଦିକା ମଧ୍ୟ ।

ଓଡ଼ିଆ ସାହିତ୍ୟ ଜଗତରେ ଡକ୍ଟର ଶକୁନ୍ତଳା ବଳିଆରସିଂହ ଜଣେ ଶ୍ରାଦ୍ଧାଶୀଳ ଉଚ୍ଚାରଣ । ସେ ଜଣେ ସଫଳ ଗାଳ୍ପିକା ଓ ଶିକ୍ଷାବିତ୍ ହେବା ସହ ଜଣେ ସୁଦକ୍ଷ ଅନୁବାଦିକା ମଧ୍ୟ । ଅନୁବାଦ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ସେ 2005 ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । ଓଡ଼ିଆ ଅନୁବାଦ ସାହିତ୍ୟ କ୍ଷେତ୍ରରେ ଡ. ସଂଘମିତ୍ରା ଭଞ୍ଜ ଜଣେ ଶ୍ରଦ୍ଧେୟ ବ୍ୟକ୍ତିତ୍ୱ । ତାଙ୍କ ଦ୍ୱାରା ଅନୂଦିତ 'ଶୁଣ ରାଧିକା' ହେଉଛି ଯଶସ୍ୱୀ ହିନ୍ଦୀକବି ମାଧବ କୌଶିକଙ୍କ ଖଣ୍ଡକାବ୍ୟ 'ଶୁନୋ ରାଧିକା' ର ଏକ ପ୍ରାଣୋଚ୍ଛଳ ଓଡ଼ିଆ ରୂପାନ୍ତର । । ଓଡ଼ିଆ ସାହିତ୍ୟକୁ ଅନୁବାଦ ମାଧ୍ୟମରେ ସର୍ବ ଭାରତୀୟ ସ୍ତରରେ ପରିଚିତ କରାଇବାରେ ଉଦ୍ୟମ କରିଥିବା ଅନ୍ୟ ଅନୁବାଦିକାମାନଙ୍କ ମଧ୍ୟରେ ଅଛନ୍ତି – ସୌଦାମିନୀ ନନ୍ଦ, ପ୍ରବାସିନୀ ମହାକୁଡ଼ ତିୱାରୀ, ମୋନାଲିସା ଜେନା, ମନସ୍ୱିନୀ ରାୟ, ଯଶୋଧାରା ମିଶ୍ର ପ୍ରମୁଖ । ଏମାନେ କେବଳ ଭାଷାନ୍ତର କରିନାହାନ୍ତି ବରଂ ବିଶ୍ୱ ସାହିତ୍ୟର ଆତ୍ମାକୁ ଓଡ଼ିଆ ମାଟିର ଭାବଧାରା ସହ ଯୋଡ଼ିବାରେ ସଫଳ ହୋଇଛନ୍ତି ।

ସହାୟକ ଗ୍ରନ୍ଥସୂଚି
1-ମହାରଣା, ସୁରେନ୍ଦ୍ର କୁମାର- ଓଡ଼ିଆ ସାହିତ୍ୟର ଇତିହାସ- ଏ. କେ ମିଶ୍ର - 2011

ଗବେଷିକା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ତୁମେ



ଗାୟତ୍ରୀ ସାହୁ

ତୁମେ ମୋ ପ୍ରଭାତର ଉଦିତ ସୂର୍ଯ୍ୟ,
ଜ୍ୟୋସ୍ନା ପୁଣି ଧୀର ରଜନୀର
ତୁମଠୁ ଆରମ୍ଭ ତୁମଠାରେ ଶେଷ,
ତୁମକୁ ମାନିଛି ଜୀବନର ଇଶ୍ୱର
ତୁମ ବିନା ମୋ ଜୀବନ ଅସାର,
ତୁମେ ହିଁ ତ ମୋର ଅର୍ଦ୍ଧେଶ୍ୱର।

ଇନ୍ଦ୍ରଧନୁର ସାତରଙ୍ଗ ସମ,
ରଙ୍ଗୀନ ହୁଏ ମୋ ସାରା ଜୀବନ
ସପ୍ତସୁରର ମୂର୍ଚ୍ଛନା ପରି,
ସଙ୍ଗୀତମୟ ହୁଏ ମୋ ମନ
ତୁମେ ହିଁ ସେଇ ପ୍ରେମର ତରଙ୍ଗ,
ଯିଏ ହୃଦୟକୁ କରେ ପୁଲକିତ ଅନୁକ୍ଷଣ।

ତୁମ ଆଖି ଯେମିତି ନୀଳ ସମୁଦ୍ର,
କରି ନେଉଛି ମୋତେ ନିଜର
କୋଇଲିର ମଧୁର କୁହୁ ଠାରୁ ବଳି,
ଅତି ମଧୁର ତୁମରି ସ୍ୱର
ଗୋଲାପ ପାଖୁଡ଼ା ଠାରୁ ବି କୋମଳ,
ଗୋଲାପୀ ଓଠ ଯେ ତୁମର।

ISSN NO.
2582-208X

"କଣ ଦେଖି ଭଲ ପାଇଲ ମୋତେ ?"
ସଦା ପଚାର ତୁମେ ଏହି କଥା
ତୁମ ସରଳତା ହିଁ ଭାଙ୍ଗି ଦେଇଛି,
ପ୍ରେମର ଯେତେକ ନିରବତା
ଅତୀତର ସ୍ମୃତିକୁ ସାଉଁଟି ମୁଁ ଆଜି,
ପାଇଛି ତୁମଠୁ ନୂତନତା।

ତୁମ ପାଇଁ ମୋ ମନରେ ପ୍ରେମ,
ସତେ ଯେମିତି ଅମୃତ ପୀୟୂଷ
ହେଲେ ପ୍ରିୟତମ କିପରି ସହିବି,
ବିରହର ଏହି ଦାରୁଣ କ୍ଲେଶ
ଜାଣିଛ କି ତୁମେ କି କଲା ଯାଦୁ,
କରିଛ ମୋତେ ପ୍ରେମରେ ବଶ।

ମରୁଭୂମି ସମ ଶୁଷ୍କ ହୁଏ ମୁଁ,
ସାଥ ଯଦି ନଥାଏ ତୁମର,
ମନରେ ମୋର ଅସରନ୍ତି ସ୍ୱପ୍ନ,
ତୁମେ ତ ପୁଣି ପ୍ରେମ-ଜାଦୁଗର
ଇନ୍ଦ୍ରଧନୁ ହୋଇ ମୋର ଜୀବନେ,
ଭରିଦିଅ ରଙ୍ଗ ଚିରନ୍ତନ ପ୍ରେମର ।।

(((-)))

+୩ ପ୍ରଥମ ବର୍ଷ,ପଦାର୍ଥ ବିଜ୍ଞାନ ବିଭାଗ
ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଫୁଲବାଣୀ

ISSN NO.
2582-208X

# ଇଚ୍ଛାର ନଦୀ



ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ

ହଜି ଯିବାକୁ ଇଚ୍ଛା ହୁଏ
ଭାବନାରେ, ଅନ୍ତର୍ମନରେ..
ମୁହଁ ଲୁଚାଇ  ଆନମନା ହୋଇ ॥
ଭିଜିବାକୁ ଭାରି ଇଚ୍ଛା ହୁଏ
ବର୍ଷାରେ, ଶିଶିର ଠୋପା ରେ
ଅବା ତୁମ ସ୍ନେହବୋଳା ଡାକରେ ॥
ଶୁଣିବାକୁ ଇଚ୍ଛା ହୁଏ
କାହା ଡାକ ମଧୁର ସ୍ୱରରେ
ଆସନ୍ତାକି ଥରେ ମୋ ପାଖରେ ॥
ଗାଇବାକୁ ବି ଭାରି ଇଚ୍ଛା ହୁଏ
ତୁମ ପାଇଁ ପ୍ରଣୟର କବିତା
ଶୁଣିବାକୁ ଥିଲେ ଆସି ଯାଅ ଥରେ ॥
ଖୋଜିବାକୁ ଭାରି ଇଚ୍ଛା ହୁଏ
ନଦୀ ଟିଏ ପରି ବହି ଯାଇ
ପ୍ରଗଲ୍ଭ ଭାବରେ
ସ୍ୱପ୍ନରେ ଅବା ସ୍ମୃତି ଭିତରେ
ନାଆଁ ଟି ମୋର ଇଚ୍ଛାର ନଦୀ. ॥

(((-)))

ଝାଡ଼ଖଣ୍ଡ

ISSN NO.
2582-208X

# ଟଗର ଫୁଲ



ପ୍ରସନ୍ନ କୁମାର ମେହେର

ଟଗର ଫୁଲରେ ଟଗର ଫୁଲ
ଧୋବ ଫରଫର କେଡେ ମଞ୍ଜୁଳ ।୧।
ବାରମାସେ ଫୁଟୁ କେତେ ଆଦର
ପାଞ୍ଚଟି ଦଳରେ ତୋ ସମାହାର ।୨।
ପୂଜା ଅରଚନା ଦିଅଁର ଶିର
ଶୋଭା ପାଉ ତୁହି ଗଳାର ହାର ।୩।
ଚକ୍ରୀ ପରି ଦିଶେ ତୋ ଉଭାଗର
ବାସ ହୀନ ସତ୍ୱେ କେତେ ଆଦର ।୪।
କ୍ରେପ୍ ଜସ୍ମିନ ତୋ ଇଂରାଜୀ ନାମ
ଉଷ୍ମ ଜଳବାୟୁ ବଢ଼େ ସୁନାମ ।୫।
କାଣ୍ଡରୁ ଝରଇ ତୋ କ୍ଷୀର ଧାର
ପଶ୍ଚିମବଙ୍ଗେ ତୋ ନାମଟି କ୍ଷୀର ।୬।
ଟଗର ଫୁଲର ନ ଥାଏ ବାସ
ଫୁଟୁଥାଏ ସିଏ ତ ବାରମାସ ।୭।

(((-)))

ଦିଗଶିରା, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର
ଦୂରଭାଷ-୯୭୭୭୯୭୧୩୭୬

ISSN NO.
2582-208X

# ପୋଡୁ ଚାଷ ଓ ଆଦିବାସୀ



ଅରୁଣ କୁମାର ତ୍ରିପାଠୀ

ସ୍ଥାନାନ୍ତରିତ କୃଷି ବା ପୋଡୁଚାଷ ହେଉଛି କୃଷି ପରମ୍ପରାରେ ସବୁଠାରୁ ପୁରୁଣା ଅଭ୍ୟାସ । ପ୍ରଣାଳି ବିଶେଷ ଭିନ୍ନତାରେ ଏହା ବିଶ୍ୱର କ୍ରାନ୍ତୀୟ ତଥା ଉପ କ୍ରାନ୍ତିୟ ଅଞ୍ଚଳରେ ଦେଖିବାକୁ ମିଳେ । ବିଶେଷତଃ ଏହା ଅଦିବାସୀ ସମ୍ପ୍ରଦାୟ ଦ୍ୱାରା ପାଳନ କରାଯାଉଥିବା ସ୍ଥଳେ ଭିନ୍ନ ଭିନ୍ନ ସ୍ଥାନରେ ଅଲଗା ନାମରେ ପରିଚିତ । ଭାରତୀୟ ଆଦିବାସୀଙ୍କ ଅର୍ଥନୀତିରେ ଏହା ଏକ ସ୍ୱତନ୍ତ୍ର ସ୍ଥାନ ନେଇଅଛି । ଓଡ଼ିଶା ଭାରତର ଏକ ପ୍ରମୁଖ ରାଜ୍ୟ ଯେଉଁଠି ଏହା ଦେଖିବାକୁ ମିଳେ । ଅବିଭକ୍ତ କୋରାପୁଟର (ବର୍ତ୍ତମାନର କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ ନବରଙ୍ଗପୁର) ମୁଖ୍ୟ ଆଦିବାସୀଗଣ ଏହି ପ୍ରକ୍ରିୟାରେ ନିଜର କୃଷିକର୍ମର କିଛି ପରିମାଣ ଅଦାୟ କରନ୍ତି । ଆଜିର ଆଲେଖ୍ୟରେ ଏହି ପ୍ରକ୍ରିୟର ପ୍ରଣାଳୀ, ଉପାଦେୟତା, ଦୁଷ୍ପରିଣାମ ତଥା କିଭଳି ଭାବେ ଏହି ପ୍ରକ୍ରିୟାକୁ ଅପସାରଣ କରାଯାଇପାରିବ ସେହି ବିଷୟରେ ଆଲୋକପାତ କରିବା ।

ସ୍ଥାନାନ୍ତରିତ କୃଷି ସବୁଠୁ ପ୍ରାଚୀନ କୃଷି ପରମ୍ପରା । ବୈଶ୍ୱିକ ଦୃଷ୍ଟିକୋଣରୁ ବିଚାର କଲେ, କୃଷି ମୁଖ୍ୟତଃ ଦୁଇଟି ପ୍ରକ୍ରିୟା ଦେଇ ବିକଶିତ ହେଇଅଛି, ଯଥା :- ସମତଳ କୃଷି ଓ ପାର୍ବତ୍ୟାଞ୍ଚଳ କୃଷି । ସ୍ଥାନାନ୍ତରିତ କୃଷି ଏହି ଦ୍ୱିତୀୟ ଶ୍ରେଣୀଭୁକ୍ତ । ଐତିହ୍ୟାସିକଙ୍କ ମତାନୁସାରେ ଖ୍ରୀଷ୍ଟପୂର୍ବ ୧୩,୦୦୦ ରୁ ୩୦୦୦ ମଧ୍ୟରେ ନୂତନ ପ୍ରସ୍ତର ଯୁଗ ସମୟରେ ଏହା ମାନବୀୟ ସଂସ୍କୃତିରେ ଉଦ୍ଭାବିତ ହେଇଥିଲା । ସ୍ଥାନାନ୍ତରିତ କୃଷି ହେଉଛି ଏକ ପ୍ରକ୍ରିୟା ଯେଉଁଥିରେ ପାର୍ବତ୍ୟ ଶିଖର ତଥା ଗଡ଼ାଣି ଅଞ୍ଚଳରେ ଛୋଟ ବୃକ୍ଷ ତଥା ବୁଦା ମାନଙ୍କରେ ଅଗ୍ନି ସଂଯୋଗ କରି କ୍ଷେତ ପ୍ରସ୍ତୁତ କରିବା ତଥା ଖୋଳି କିମ୍ବା ବିଚ୍ଛୁରଣ କରି ଶସ୍ୟ/ବୀଜ ପବନ କରିବା । ଏୟା ଏକ ଅବଧାରଣା ଯେ, ବଡ ବଡ ଗଛ ଏଥିରେ

ISSN NO.
2582-208X

କଟାଯାଏ, କିନ୍ତୁ ବଡ଼ ଗଛ କାଟି କ୍ଷେତ୍ର ପ୍ରସ୍ତୁତ କରିବା କାଠିକର ପାଠ । ଯେହେତୁ ପ୍ରାରମ୍ଭିକ ବର୍ଷମାନ ହେଇଥାଏ, ଜମିର ଉତ୍ପାଦିକତା ଶକ୍ତି ଭରପୂର ଥାଏ । ଦୁଇ ଅବା ତିନି ବର୍ଷ ଚାଷ କରି ସାରି ସେହି ଭୂମିକୁ କିଛିକାଳ ଖୋଲା ଛାଡି ଦିଆ ଯାଏ । ଏହି ଯେଉଁ ଫାଙ୍କା ସମୟ ଦିଆଯାଏ, ତାହାକୁ ସ୍ଥାନାନ୍ତରିତ ଚକ୍ର କହନ୍ତି । ଆସାମ ରେ ଏହି ପ୍ରକ୍ରିୟାକୁ ଝୁମ୍ ଚାଷ କହନ୍ତି ଓ ଫାଙ୍କା ସମୟକୁ ଝୁମ୍ ଚକ୍ର କହନ୍ତି । ପୂର୍ବେ ଏହି ସମୟ ୨୦ ବର୍ଷ ପର୍ଯ୍ୟନ୍ତ ଦିଆଯାଉଥିଲା, କ୍ରମେ ଜନସଂଖ୍ୟାର ନିର୍ଭରଶୀଳତା ବୃଦ୍ଧି ଯୋଗୁଁ କ୍ରମାନ୍ୱୟରେ ଏହା ସମ୍ପାଦିତ ହେଇ କାଳକ୍ରମେ ଦୁଇରୁ ତିନିବର୍ଷ ହେଇଗଲା । ଏହି ପ୍ରକ୍ରିୟା ଯୋଗୁଁ ମୃତ୍ତିକା କ୍ଷୟ ମଧ୍ୟ ଦେଖାଦେଲା । ଏପରିକି କିଛି ସ୍ଥାନରେ ମାଟିସବୁ ଧୋଇ ହେଇ ଦେଖିବାକୁ ରହିଗଲା କେବଳ ପଥର । ମିଳିତ ଜାତିସଂଘର ଉପ ବିଭାଗ ଖାଦ୍ୟ ଓ କୃଷି ଅନୁଷ୍ଠାନର ଏକ ଆକଳନ ଅନୁସାରେ ୩୬ ମିଲିୟନ ବର୍ଗକିମି ଅଞ୍ଚଳରେ ପ୍ରାୟତଃ ୨୦୦ ମିଲିୟନ ଜନସାଧାରଣ ଏହି ପ୍ରକ୍ରିୟା ରେ ନିର୍ଭର କରନ୍ତି । ଏହି ଭୌଗୋଳିକ ଅଞ୍ଚଳ ଶୋଷଣ ହେଉଥିବା ମୃତ୍ତିକା ମାନଙ୍କର ପ୍ରାୟତଃ ୩୦ ପ୍ରତିଶତ ତଥା ପୃଥୀବି ଜନସଂଖ୍ୟାର ୧୦ ପ୍ରତିଶତରୁ ଟିକିଏ ଅଧିକା । ଏସିଆ, ଆଫ୍ରିକା, ଦକ୍ଷିଣ ତଥା ମଧ୍ୟ ଆମେରିକାର ପ୍ରାୟତଃ ୬୩ଟି ଦେଶର ମୂଳନିବାସୀଗଣ ଏହି ପ୍ରକ୍ରିୟା ଅନୁସରଣ କରନ୍ତି । କିଛି ପ୍ରସିଦ୍ଧ ତଥା ପରିଚିତ ଆଦିବାସୀ ଯେଉଁମାନେ ଏହି ପ୍ରକ୍ରିୟା ଅନୁସରଣ କରନ୍ତି, ସେମାନେ ହେଲେ କଙ୍ଗୋ ଅଞ୍ଚଳର ୟୁରୁବା, ଉତ୍ତର ରୋଢେସିଆର ବେମ୍ବା, ଦକ୍ଷିଣ ନ୍ୟାସାଲ୍ୟାଣ୍ଡର ୟାଓ, ସଲୋମନ୍ ଦ୍ୱୀପର ମାଲାସିଆନ୍, ଦକ୍ଷିଣ ଆମାଜାନ୍ ର ବାରୋ, ସେଲ୍କୋନ୍ ର ଭେଦା ଆଦିବାସୀ । ଫରାସୀ ରେ ଏହି ପ୍ରକ୍ରିୟାକୁ ସର୍ଟେଜ୍, ଦକ୍ଷିଣ ପୂର୍ବ ସଲୋମନ୍ ରେ ଖୋଲୋ, ସେଲ୍କୋନ୍ ରେ ଛେନ୍ନା ତଥା ବର୍ମାରେ ତୌଙ୍ଗ୍ୟା କହନ୍ତି । ଭାରତର ବିଶେଷତଃ ମଣିପୁର, ତ୍ରିପୁରା,ଓଡ଼ିଶା, ଆସାମ ଓ ଆନ୍ଧ୍ରପ୍ରଦେଶର ଆଦିବାସୀଙ୍କ ମଧ୍ୟରେ ଏହା ଦେଖାଦିଏ । ମଧ୍ୟପ୍ରଦେଶ, ଅରୁଣାଞ୍ଚଳ ପ୍ରଦେଶ, ଗୁଜୁରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ ତଥା କେରଳର କିଛି ଅଞ୍ଚଳରେ ଏହି ପ୍ରକ୍ରିୟା ଦେଖାଯାଉଅଛି, କିନ୍ତୁ ଏହ ନଗଣ୍ୟ । ୧୯୬୦-୬୧ ମସିହାରେ ଦଶମ ଅନୁସୂଚିତ ଜାତି ତଥା ଅନୁସୂଚିତ ଜନଜାତି କମିଶନ ରିପୋର୍ଟ ରେ ଏକ ତଥ୍ୟ ଉପସ୍ଥାପିତ ହେଇଥିଲା, ଯେଉଁଠି ଏହି ସ୍ଥାନାନ୍ତରିତ କୃଷି ଉପରେ ନିର୍ଭରଶୀଳ ଆଦିବାସୀ, ଉତ୍ପାଦିତ ଶସ୍ୟ, ଜିଲ୍ଲାର ନାମ, ଆପାତତଃ ନିର୍ଭରଶୀଳ ଅଞ୍ଚଳ ସମ୍ପର୍କରେ ସୂଚନା ମିଳେ । ସେହି ରିପୋର୍ଟ ବିଶ୍ଳେଷଣାନୁସାରେ ପ୍ରାୟତଃ ୧୦୯ ପ୍ରକାରର ଆଦିବାସୀ, ଯାହାଙ୍କ ସଂଖ୍ୟା ୨୬ ଲକ୍ଷ, ସେମାନେ ବିଭିନ୍ନ ରାଜ୍ୟ ତଥା

ISSN NO.
2582-208X

କେନ୍ଦ୍ରଶାସିତ ଅଞ୍ଚଳରେ ସ୍ଥାନାନ୍ତରିତ କୃଷିକାର୍ଯ୍ୟ କରନ୍ତି । ଭାରତର ବିଭିନ୍ନ ଆଦିବାସୀ ତଥା ରାଜ୍ୟ ଭେଦରେ ବିଭିନ୍ନ ନାମରେ ଏୟା ପରିଚିତ । ଆସାମ, ମେଘାଳୟ, ମିଜୋରାମ, ମଣିପୁର, ଏହାକୁ ଝୁମ୍ କୁହାଯାଉଥିବା ସ୍ଥଳେ ନାଗାଲ୍ୟାଣ୍ଡରେ ଟେକ୍ନାଗୁ, ଅରୁଣାଞ୍ଚଳ ପ୍ରଦେଶର କିଛି ଅଞ୍ଚଳରେ ଆଦି ଆବିକ, ହୁକନିସ୍ମଙ୍ଗ୍ କହନ୍ତି ତ୍ରିପୁରା ରେ । ମଧ୍ୟ ପ୍ରଦେଶରେ ଏହକୁ ବେୱାର୍ କୁହାଯାଉଥିବା ସ୍ଥଳେ ଛତିଶଗଡ଼ରେ ଏହା ପେଣ୍ଡା ତଥା ଧୟା ନାମରେ ଲୋକଙ୍କ କଥିତ ଭାଷାରେ ଉଚ୍ଚାରିତ ହୁଏ । କର୍ଣ୍ଣାଟକରେ କୁମାରୀ, ଆନ୍ଧ୍ରପ୍ରଦେଶରେ ଓଡ଼ିଶା ଭଳି ପୋଡୁ କହନ୍ତି । ଓଡ଼ିଶାର ଆଦିବାସୀ ତଥା ପ୍ରାଚୀନ ଆଦିବାସୀଙ୍କ ମଧ୍ୟରେ ଏୟା ଭିନ୍ନ ଭିନ୍ନ ନାମରେ କଥିତ । ଉଦାହରଣ ସ୍ୱରପ କନ୍ଧ ଏବଂ କୋୟାଙ୍କ ମଧ୍ୟରେ ପୋଡୁ (ଯହିଁରେ ତେଲୁଗୁ ଭାଷାର ସାମଞ୍ଜସ୍ୟ ଶବ୍ଦ ଦେଖିବାକୁ ମିଳେ) କୁହାଯାଉଥିବା ସ୍ଥଳେ ସଉରାଙ୍କ ଗହଣରେ ବାଗଡ଼ା, ଲାଞ୍ଜିଆ ସଉରାଙ୍କ ମଧ୍ୟରେ ରାମା, କୁଟିଆ କନ୍ଧଙ୍କ ତୁଣ୍ଡରେ ବେରେଙ୍ଗା, ଭୂୟାଁଙ୍କ ମଧ୍ୟରେ କୋମାଣଚାଷ ତଥା ଜୁଆଙ୍ଗ ସମ୍ପ୍ରଦାୟ ଏହାକୁ ଠିଲା କହନ୍ତି । ପାଉଡ଼ି ଭୂୟାଁ ସମ୍ପ୍ରଦାୟ ଙ୍କ ମଧ୍ୟରେ ଏହାକୁ ବିରିଙ୍ଗା କହନ୍ତି ।

ଓଡ଼ିଶାର ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏହି ପ୍ରଣାଳିର ଚାଷ ଅଧିକ ପରିମାଣରେ ଦେଖିବାକୁ ମିଳେ । ଏହି ଚାଷରେ ନିର୍ଭରଶୀଳ ଆଦିବାସୀଗଣ ହେଲେ, ବଣ୍ଡା, ଡିଡ଼ାୟୀ, କୋୟା, ଗଦବା, ପରଜା, କୁଟିଆ କନ୍ଧ, ଡଙ୍ଗରିଆ କନ୍ଧ ଓ ଲାଞ୍ଜିଆ ସଉରା । ପୋଡୁଚାଷ ବା ସ୍ଥାନାନ୍ତରିତ କୃଷିକାର୍ଯ୍ୟରେ ନିୟୋଜିତ କ୍ଷେତ ଏହାର ଉର୍ବରତା ସଞ୍ଚୟ କରିବା ନିମନ୍ତେ ଅନେକ ବର୍ଷ ଧରି ଖାଲି ଛଡାଯାଏ । ଏହି ସମୟରେ ଚାଷିଭାଇଟି ଅନ୍ୟସ୍ଥାନରେ ପୋଡୁଚାଷ କରେ । କିଛି ବର୍ଷ ପରେ ସେ ପୂର୍ବ ସ୍ଥାନକୁ ଫେରେ । ଜନସଂଖ୍ୟାର ବୃଦ୍ଧି ତଥା ନିର୍ଭରଶୀଳତା ବୃଦ୍ଧି ଯୋଗୁଁ ଏହି ଖାଲି ସମୟ ବା ଝୁମ୍ ସାଇକଲ୍ ର ପରିମାଣ ଆସ୍ତେ ଆସ୍ତେ କମିଲା ତଥା ଏହା ସହ କମିଗଲା ମୃତ୍ତିକାର ଉର୍ବରତା । ଫସଲର ପରିମାଣ ମଧ୍ୟ କମିଗଲା, ଅନନ୍ୟୋପାୟ ହେଇ ଏହି ଝୁମ୍ ସାଇକଲ୍ ମଧ୍ୟ କମିଗଲା, କାଳକ୍ରମେ ଜମା ରହିଲା ନାହିଁ । ବର୍ତ୍ତମାନ ଅବିଭକ୍ତ କୋରାପୁଟରେ ଏହି ସମୟ ୨ ରୁ ୩ ବର୍ଷ ରହିଅଛି । ଦ୍ୱିତୀୟକ ତଥ୍ୟରୁ ଜଣାପଡ଼େ, ୧୯୬୦ ସମୟରେ ଏହା ୮ ରୁ ୧୨ ବର୍ଷ ଥିବା ବେଳେ, ୧୯୭୩ ଏହି ସମୟ କମିଗଲା ୪ ରୁ ୬ ବର୍ଷ, ୧୯୭୮ ରେ ପୁଣି ୨ ରୁ ୫ ବର୍ଷ ରେ ଏହି

ISSN NO.
2582-208X

ସମୟକୁ ସୀମିତ କରାଗଲା । କିନ୍ତୁ ଆଦିମ ଅଧିବାସୀ ବଣ୍ଡାଙ୍କ ମଧ୍ୟରେ ଏହି ସମୟ ୪ ରୁ ୬ ବର୍ଷ ରହିଅଛି, କାରଣ ସେମାନଙ୍କ ଜନସଂଖ୍ୟାରେ ସେତେଟା ବୃଦ୍ଧି ଦେଖାଦିଏ ନାହିଁ।

କିଛି ଅଞ୍ଚଳରେ ଗ୍ରାମ୍ୟ ଗୋଷ୍ଠି ମାଲିକାନାରେ ସ୍ଥାନାନ୍ତରିତ କୃଷି ଅଞ୍ଚଳ ରହିଥିବା ସ୍ଥଳେ କିଛି ସ୍ଥାନରେ ବ୍ୟକ୍ତିଗତ ମାଲିକାନରେ ଗାଁ ଠୁ ଦୂର ରେ ଥାଏ । ଆଦିବାସୀଙ୍କ ପାରମ୍ପରିକ ମୁଖ୍ୟ ମୁଦୁଲି, ପେଦା, ବାରିକ, ଜାନି, ଦିସାରୀ ଓ ନାୟକ ଆଦି ପଦବୀ ଧାରୀ ପରିବାର ର ଆବଶ୍ୟକତାନୁସାରେ ଜମି ଆବଣ୍ଟନ କରନ୍ତି । କେବଳ ଚାଷ କାର୍ଯ୍ୟ ସମୟରେ ସଂପୃକ୍ତ ଭୂମି ବ୍ୟକ୍ତିଗତ ମାଲିକାନାରେ ରହୁଥିବା ସ୍ଥଳେ, ଅନ୍ୟ ସମୟରେ ସେୟା ଗ୍ରାମ୍ୟ କମିଟି ଅଧିନରେ ରହେ । ସାଧାରଣତଃ ଆଦିବାସୀଗଣ ଏହି ପ୍ରକାର ଭୂମିର ଉନ୍ନତି ନିମିତ୍ତ ବିଶେଷ ଯତ୍ନଶୀଳ ହୋଇନଥା'ନ୍ତି । ଗୋଟିଏ ଜମି ପୋଡୁ ଚାଷ ନିମନ୍ତେ ଚୟନ ସମୟରେ କିଛି ବିଷୟ ପ୍ରତି ଧ୍ୟାନ ଦେବାକୁ ହୁଏ, ଯଥା :- ସ୍ଥାନାନ୍ତରିତ ସମୟ, ଜଙ୍ଗଲି ଘାସବୁଦା ସଫା କରିବାର ପରିମାଣ , ଗ୍ରାମଠାରୁ ଅବସ୍ଥିତି, ଗଡାଣିର ଆକାର, ବିପର୍ଯ୍ୟର ସମ୍ଭାବନା ଆଦି । ଉତ୍ତର ଓଡ଼ିଶାରେ ଆଦିବାସୀ ଗଣ ମୌସୁମୀ ସମୟରେ ଏହିଭଳି ଚାଷ କରୁଥିବା ସ୍ଥଳେ, ଦକ୍ଷିଣ ଓଡ଼ିଶାର ଆଦିବାସୀଗଣ ଏହାକୁ ମୌସୁମୀର ବହୁ ପୂର୍ବରୁ ସମ୍ପାଦନ କରନ୍ତି। ବିଶେଷତଃ ମିଶ୍ରିତ କୃଷି ଏହି ପ୍ରକ୍ରିୟାରେ ଦେଖିବାକୁ ମିଳେ । ଡଙ୍ଗରିଆ କନ୍ଧ ଗଣ ଏଥିରେ ମାଣ୍ଡିଆ, ସୁଆଁ ଉତ୍ପାଦନ କରୁଥିବା ସ୍ଥଳେ କୋୟା ସମ୍ପ୍ରଦାୟର ଲୋକେ ଏଥିରେ ଡାଲିଜାତୀୟ ଶସ୍ୟ ତଥା ତୈଳବୀଜ ଉତ୍ପାଦନ କରନ୍ତି । କିଛି ସମ୍ପ୍ରଦାୟରେ ମହିଳାଙ୍କୁ ଏହି କାର୍ଯ୍ୟ ନିମନ୍ତେ ବାରଣ କରାଯାଇଥିବା ସ୍ଥଳେ, ଅନ୍ୟ କିଛି ସ୍ଥାନରେ ସେହିଭଳି କିଛି ପ୍ରତିବନ୍ଧକ ଦେଖିବାକୁ ମିଳେନାହିଁ । ପ୍ରାୟତଃ ୧୦ କିମି ପର୍ବତ୍ୟାରୋହଣ କରି ଏହି କାର୍ଯ୍ୟ କରାଯାଉଥିବାରୁ ଆଦିବାସି ଲୋକେ ପ୍ରାୟତଃ ଶାରିରୀକ ସୁସ୍ଥ ରହନ୍ତି । ଏହି କାର୍ଯ୍ୟ ପ୍ରାୟତଃ ଏପ୍ରିଲ୍ ମାସରେ ପ୍ରାରମ୍ଭ ହେଇ ଡିସେମ୍ବର ରେ ଶସ୍ୟ ଆଦାୟ ହୁଏ । ପୁରୁଷଗଣ ପାହାଡ ଶିଖର ରେ ମଞ୍ଚାବାନ୍ଧି ରହନ୍ତି, କାଳେ କୌଣସି ବନ୍ୟ ପଶୁଙ୍କ ଦ୍ଵାରା ଫସଲ ନଷ୍ଟ ହେଇଯିବ । ମହିଳାଗଣ ସେମାନଙ୍କ ନିମିତ୍ତ ରନ୍ଧାଖାଦ୍ୟ ପ୍ରସ୍ତୁତ କରି ବଡି ଭୋର୍ ରୁ ନେଇଯାଇ ସଂଜରେ ମୁଣ୍ଡରେ ବିଡ଼ାଏ କାଠ, ଜଙ୍ଗଲଜାତ ଅଣ କାଠ ଦ୍ରବ୍ୟ ତଥା ତାଙ୍କ ସନ୍ତାନ ସନ୍ତତିଙ୍କୁ କାଖରେ ଦୋଳି ଭଳି ଝୁଲେଇ ସହସ୍ୟା ବଦନରେ ଲେଉଟନ୍ତି । ମନରେ ସେମାନଙ୍କ ଜମା କଷ୍ଟ ନଥାଏ, ଏଭଳିକି ଦଳଗତ ଭାବେ ଗୀତ ଗାଇ ସେମାନେ ବାହୁଡନ୍ତି। ପୋଡୁଚାଷର ପ୍ରାରମ୍ଭିକ ବର୍ଷ ଅନେକ କଷ୍ଟ ସହିବାକୁ ପଡୁଥିବା ସ୍ଥଳେ,

ISSN NO.
2582-208X

ପରବର୍ତ୍ତୀ ବର୍ଷ ମାନଙ୍କରେ ବିଶେଷ ଅସୁବିଧା ହୁଏନାହିଁ । ବିହନ ରୋପଣ, ଫସଲରେ ଫୁଲର ସନ୍ଧାନ ତଥା ଉତ୍ପାଦନ ସମୟରେ ଆଦିବାସୀଗଣ ନିଜର ଆରାଧ୍ୟଙ୍କ ପ୍ରୀତଃ ସକାସେ ଏକ ପୂଜାର ଆୟୋଜନ କରନ୍ତି । ଚିତାଲାଗି ଅମାବାସ୍ୟା ଦିନ ସେମାନଙ୍କ ଆମାସ ପରବ୍ ହୁଏ, ଯେଉଁଠି ଏକ କେନ୍ଦୁ ଗଛର ବାଡି ସହାୟତାରେ ଏକ ଛୋଟ ତଲାଟି ଆକୃତିର ଦ୍ରବ୍ୟ କ୍ଷେତ ମଝିରେ ରୋପଣ ହୁଏ, ଯାହା ବିଶ୍ୱାସ ରହିଅଛି ଯେ, କୌଣସି ବନ୍ୟଜନ୍ତୁ କ୍ଷେତକୁ ନଷ୍ଟ ପହଞ୍ଚାଇବେ ନାହିଁ ।

ଆଦିବାସୀ ପରମ୍ପାରାଗତ ଭାବେ ଏହି ପ୍ରକ୍ରିୟାକୁ ସମ୍ପାଦନ କରନ୍ତି । କାରଣ ଯଦି ଖୋଜିବା, କିଛି ଅଞ୍ଚଳରେ ସମତଳ ଭୂମିର ଅଭାବ ରହିଥିବା ସ୍ଥଳେ କିଛି ଅଞ୍ଚଳରେ ଆଧୁନିକତାର ଛାଇ ପଡିନାହିଁ। ପୁନଃ ପରିବାର ର ସମସ୍ତ ସଦସ୍ୟଙ୍କୁ ଏହି ପ୍ରକ୍ରିୟା କର୍ମନିଯୁକ୍ତି ପ୍ରଦାନ କରୁଥିବା ସ୍ଥଳେ, ମିଶ୍ରିତ କୃଷିରେ ଗୋଟିଏ ଜାଗାରେ ବର୍ଷକ ସାରା ଆବଶ୍ୟକତା ଉତ୍ପାଦନ କରିହୁଏ । କିଛି ସ୍ଥାନରେ ଜମିହୀନ ଆଦିବାସୀଙ୍କ ନିମନ୍ତେ ଏହା କୃଷି କର୍ମର ଏକମାତ୍ର ଉତ୍ସ ।

ପ୍ରଭାବ ଯଦି ଦେଖିବା, ମୃତ୍ତିକା କ୍ଷୟ, ପାଣିପାଗରେ ପରିବର୍ତ୍ତନ, ଉଷ୍ମ ପରିବେଷ ତଥା ଜଙ୍ଗଲ ସାରା ଅଗ୍ନି ସଂଯୋଗ ଆଦିବାସୀଙ୍କୁ କିଛିକାଂଶରେ କର୍ମକୁଢ ବନେଇଥାଏ । ତଥାପି କିଛି ବୁଦ୍ଧିଜୀବି ଏବଂ ନୃତତ୍ତ୍ୱବିତ୍ ଗଣ ଏହା ସପକ୍ଷରେ ଯୁକ୍ତି ବାଢନ୍ତି କାରଣ ଏଥିରୁ ଯବକ୍ଷାରଜାନ ବିବନ୍ଧନ ତଥା ସମୟାନୁକ୍ରମେ ବିଭିନ୍ନ ଫଳ ତୋଟା ମାନ ସୃଜିତ ହେଉଥିବାରୁ ମୃତ୍ତିକା କ୍ଷୟ ମଧ୍ୟ ସେତାଟେ ହୁଏ ନାହିଁ । ଏକ ଅନୁସନ୍ଧାନରୁ ଜଣାପଡିଅଛି, ଅବିଭକ୍ତ କୋରାପୁଟର ୧୭.୯୪ ପ୍ରତିଶତ କୃଷକ ଏହି ପୋଡୁଚାଷ ଉପରେ ନିର୍ଭର କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ସେମାନଙ୍କୁ ଏଥିରୁ ବେଦଖଲ କରିବା ଅର୍ଥ ଭାତରେ ଧୂଳିଦେବା । ଏଣୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଅପେକ୍ଷା ଚାଷର ପଦ୍ଧତି ଉପରେ ଯଦିଦୃଷ୍ଟି ନିକ୍ଷେପ କରି ଜଙ୍ଗଲ ସୁରକ୍ଷା ତଥା ମୃତ୍ତିକା ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିପାରିଲେ ସମସ୍ତଙ୍କ ଉନ୍ନତି ହେଇପାରିବ । ଜାତୀୟ ଉଦ୍ୟାନକୃଷି ଯୋଜନାରେ ଆମ୍ବ, ପିଜୁଳି, ମହୁଲ, ତେନ୍ତୁଳି, ନିମ୍ବ, କରଞ୍ଜ, ସାପେଟା ଆଦିକୁ ପ୍ରୋତ୍ସାହନ ଦିଆଯାଇପାରେ । ଯେଉଁମାନେ ୩୦ ଡିଗ୍ରି ଗଡାଣିରେ ଚାଷ କରୁଛନ୍ତି, ସେମାନଙ୍କୁ ପଟ୍ଟା ପ୍ରଦାନ ମଧ୍ୟ କରାଯାଇପାରେ । ଅତ୍ୟନ୍ତ ଢାଲୁ ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତରିତ କରି ସମତଳ ଅଞ୍ଚଳରେ

ISSN NO.
2582-208X

ସ୍ଥାୟୀ ଭାବେ ସୁବିଧା ସୁଯୋଗ ପ୍ରଦାନ କରାଯାଇପାରେ । ୭୦ ଦଶକରେ ସ୍ଥାନାନ୍ତରଣ ନିମନ୍ତେ ୨୦,୦୦୦ ପରିବାର ପାଇଁ ୧୨୮୫ କୋଟିର ବ୍ୟୟବରାଦ କରାଯାଇଥିଲା । କିନ୍ତୁ କୋରାପୁଟ ଅଞ୍ଚଳରେ ୧୩୦୦ ପରିବାରଙ୍କୁ ସ୍ଥାନାନ୍ତରଣ ଲକ୍ଷ ରହିଥିବା ସ୍ଥଳେ ସ୍ଥାନାନ୍ତରିତ ହୋଇପାରିଥିଲେ କେବଳ ୬୩୨ । କ୍ରିୟାନ୍ୱୟନ ନିମିତ୍ତ ସେହିଭଳି କିଛି ସ୍ୱତନ୍ତ୍ର ଯୋଜନା ନଥିବାରୁ ଏହା ଫସର ଫାଟିଯାଇଥିଲା, ଆଦିବାସୀ ଗଣ କିଛି ସ୍ଥାନରେ ପୁନଃ ପ୍ରତ୍ୟାବର୍ତ୍ତନ କରିଥିଲେ । ଯଦିଓ ସରକାର ପୋଡୁଚାଷ ନିରୋଧି ଆଇନ ବନେଇଛନ୍ତି କିନ୍ତୁ ଏୟା ପୂର୍ଣ୍ଣତଃ ପୋଡୁଚାଷକୁ ରୋକିପାରୁ ନାହିଁ । ରାସ୍ତାକଡ଼ ଜଙ୍ଗଲ, ସହର ପାଖ ଜଙ୍ଗଲରେ ଯଦିଓ ଆଜି ପୋଡୁଚାଷ ହେଉନାହିଁ, କିନ୍ତୁ ଯେଉଁଠି ଫରେଷ୍ଟଗାର୍ଡ଼ ମାନଙ୍କ ପାଦଧୂଳି ପହଞ୍ଚିବା କଷ୍ଟ ସେଠି ଆଜି ଅବାରିତ ଚାଷ ହେଉଛି । ପୋଡୁଚାଷ ଫଳରେ ମୃତିକା କ୍ଷୟ ହେଉ ନଦୀର ଗର୍ଭ ପୂର୍ଣ୍ଣ ହେଇ ବନ୍ୟା ସୃଷ୍ଟି କରୁଥିବା ସ୍ଥଳେ ଅପରପକ୍ଷରେ ଜଙ୍ଗଲକ୍ଷୟ ଦ୍ୱାରା ଅନାବୃଷ୍ଟି ଯୋଗୁଁ ମରୁଡ଼ି ହେଉଛି । ଯଦିଓ ପୋଡୁଚାଷ ଯୋଗୁଁ ପରିବେଶ କ୍ଷୟ ହେବାର ଦୋଷ ଆଦିବାସୀ ମନଙ୍କ ଉପରେ ଲଦି ଦିଆଗଲା, କିନ୍ତୁ ଘଟଣାଟି ପୂର୍ଣ୍ଣତଃ ଠିକ୍ ନୁହଁ । ପୂର୍ବେ ଜନସଂଖ୍ୟା କମ୍ ରହିଥିଲା ଏବଂ ପାରିବାରିକ ଆବଶ୍ୟକତାକୁ ଆଖି ଆଗରେ ରଖି ଝୁମ୍ ସାଇକଲ୍ ଉପଯୁକ୍ତ ଭାବେ ସେମାନେ ପରିଚାଳନା କରିପାରୁଥିଲେ । ଉନ୍ନୟନ ନାମରେ ଜଙ୍ଗଲ କଟା, ଫରେଷ୍ଟ କଣ୍ଟ୍ରାକ୍ଟର ମାନେ ଲାଇସେନ୍ସ ପାଇଁ ବେନିୟମ ଭାବର ଅଧିକ ଗଛ କାଟିବା ଯୋଗୁଁ ଆଦିବାସୀଗଣ ପୋଡୁଚାଷ ନିମିତ୍ତ ଉପଯୁକ୍ତ ସ୍ଥାନ ପାଇଲେ ନାହିଁ । ଯେଉଁ ଝୁମ୍ ସାଇକଲ୍ ପଚିଶ ରୁ ତିରିଶି ବର୍ଷ ଥିଲା ତାହା କାଳକ୍ରମେ ହ୍ରାସ ପାଇଁ ଆଦୌ ରହିଲା ନାହିଁ । ଫରେଷ୍ଟ ରାଇଟ ଆକ୍ଟ ୨୦୦୬ ପରେ ଦୁଇ ହେକ୍ଟର ରୁ ୪ ହେକ୍ଟର ଜଙ୍ଗଲ ଜମିର ବ୍ୟବସ୍ଥା ରହିଥିଲା, କିନ୍ତୁ ବିଭିନ୍ନ କାରଣରୁ ଏକରେ, ଦି ଏକର ରେ ସୀମିତ ରହିଲା ଏହି ଆବଣ୍ଟନ । ଯେଉଁ ସ୍ଥାନରେ ପୋଡୁଚାଷ ହେଉଥିଲା, ସେହିସ୍ଥାନ ମାନଙ୍କରେ ଆଦିବାସୀ ଗଣ ଜମି ପାଇଁ ଏହି ଚାଷ ବନ୍ଦ କରିଦେଲେ, କିନ୍ତୁ ଯେଉଁଠି ପାଇ ନାହାନ୍ତି ସେହିସ୍ଥାନ ମାନଙ୍କରେ ଆଜିବି ଚାଲିଛି ପୋଡୁଚାଷ ।

ଏକ ବିସ୍ତୃତ ତଥା ସହଯୋଗୀ ପ୍ରୟାସ ଲୋଡ଼ା, ଆଦିବାସୀଙ୍କୁ ବୈଜ୍ଞାନିକ ପଦ୍ଧତିରେ ସେମାନଙ୍କ ନିଜସ୍ୱ ପସନ୍ଦ ଅଞ୍ଚଳରେ ଚାଷ କରିବା ନିମିତ୍ତ । ବୃତ୍ତି ଯଦି ପରିବର୍ତ୍ତନ

ISSN NO.
2582-208X

କରେଇପାରିବା, ତେବେ ସେମାନଙ୍କୁ କୁକୁଡ଼ା ଚାଷ, ଛେଳିଚାଷ, ଗୋ ମହିଷାଦି ପଶୁସମ୍ପଦ ପାଳନ ସମ୍ପର୍କରେ ତାଲିମ ଦିଆଯାଇପାରେ ।

(((-)))

କାର୍ଯ୍ୟକାରୀ ସମ୍ପାଦକ
ଜୟପୁର ସାହିତ୍ୟ ପରିବାର
ସନ୍ତୋଷୀ ମା' ନଗର, ଦ୍ୱିତୀୟ ଗଳି, ପାର୍ ବେଢ଼ା, ଜୟପୁର
ଦୂରଭାଷ : ୯୦୭୮୮୩୮୬୨୬

ISSN NO.
2582-208X

# ଅତୀତର ଯଉଘର



ସୁଜାତା ଦାଶ

କିଛି ଯନ୍ତ୍ରଣାକୁ ଜାହିର କରିବା ପାଇଁ
ଆମ ପାଖରେ କେବେ ଶବ୍ଦ ନଥାଏ...
ସେ ଯନ୍ତ୍ରଣାଗୁଡ଼ିକ
ଆଖିର କୋଣେ ନୀରବ ହୋଇ
ଚୁପଚାପ ଲୁଚି ରହିଯାନ୍ତି ।
ସମୟର ସ୍ରୋତରେ
ଲୁହଗୁଡ଼ିକ ଆପେଆପେ ଶୁଖିଯାଏ,
କିନ୍ତୁ ବେଦନାଟା
ସେହି ପୁରୁଣା ଘାଁ ପରି
ସବୁବେଳେ ତାଜା ରହିଯାଏ...
ଆଖି କେବଳ ନୀରବ ଦର୍ଶକ ସାଜେ,
ମନ ଆଉ କୌଣସି ଅଭିଯୋଗ କରେନି...
ତଥାପି ଏହି ଅବଶ ଦେହଟା
ବାରମ୍ବାର ଫେରିଯାଏ
ଅତୀତର ସେହି ଜଳନ୍ତା ଯଉଘରକୁ... ॥

ଭୁବନେଶ୍ୱର

ISSN NO.
2582-208X

# ଚର ସ୍ୱାର୍ଥରେ



ଶ୍ରୀଧର ମଲ୍ଲିକ

ଆଙ୍କିବାକୁ ଇଚ୍ଛା ହୁଏ ମେଞ୍ଚାଏ ସ୍ୱପ୍ନକୁ
ଭାବିବାକୁ ପଡେ ଯେବେ ତୁମରି ରୂପକୁ
ହସି ଉଠେ ମୂର୍ଚ୍ଛନା ମନ ତୁମ ପରୀ ଝାଉଁଳି ଯିବାକୁ ।

ଶାନ୍ତ ଥିଲା ତୁମ ଛବି ମେଞ୍ଚାଏ ସ୍ୱପ୍ନ ଭିତରେ
ବାଘ ଛାଇ ନଖ ଦାଗ ଦେଖିଲି ଦେହରେ
ତୁମେ କିନ୍ତି ଶାନ୍ତ ଥିଲ କାହାର ଅମାନିଆ ଛୁଆଁରେ ।
ବିରକ୍ତି ମୁଁ ତୁମ ପାଇଁ ମୋ ଅବୁଝା ମନରେ ।

ବୁଝିବାର ଚେଷ୍ଟା ବିଫଳ ତୁମେ କିନ୍ତୁ ଶାନ୍ତ ଘରେ
ମୂର୍ଚ୍ଛା ଏକ ଭାବନା ତୁମ ଗଭୀରତାରେ
କାହିଁକି ମୁଁ ଚାଲିଗଲି ତୁମ ଭାବାନ୍ତର ଗଭିରକୁ
ଏକାନ୍ତରେ ଲୁହ ଖାଲି ଭାବନାର ପ୍ରତିଟି ମୁହୂର୍ତ୍ତ ।

ଶୁଏ ଶୁଏ ଭାସି ଯାଏ ତୁମ ପ୍ରେମ ଚିଠି
କେଉଁ ଏକ ଅପନ୍ତରା ନିଛାଟିଆ ଭାୟବିତ ସ୍ଥାନେ
ଶବ୍ଦ ସବୁ ଶାନ୍ତ ଆଉ ବିଷାଦର କୋଇଲିର ସ୍ୱର
ବାଘ ଆଉ ହରିଣୀ ର ଛକା ପାଞ୍ଝା ଖେଳ ।

ISSN NO.
2582-208X

ବିରହ କଲମରେ ଶୁଖି ଯାଏ ସାଇ ତାର
ଧଳା ଏକ ରଫ ଖାତା ଦାଗ ନାହିଁ ସଫା ଆଉ ସଫା ।

ଧରିବାକୁ ଇଛା ହୁଏ ହାତ ଆଉ ଆଗୁଳିର କନ୍ଦି
ପାଦ ଚିହ୍ନ ପଡି ଥିବ ଶୂନ୍ୟ ଏକ ମରୁଭୂମି ବାଲିରେ ।

ଭାରା କ୍ଲାନ୍ତ ଥିବ ଯେବେ ହୃଦୟ ତୁମର
ଝରାଇବ ଲୁହ ସବୁ ବୁକୁରେ ମୋର
ବୁଝାଇବି ସ୍ନେହ କଣ୍ଠେ ।

ଚାକିରି କରିବ ତୁମେ ଏକ ସରକାରୀ ଘରେ
କହିଥିଲ, ସଫଳ ହେଲା ପରେ
ଲୁହର ବିଛଣା ବିଛେଇବା କୁ ଭାବି ଥିଲ ବୋଧେ
ଅସହାୟ ଅବସ୍ଥାରେ ରହିଛି ମୁଁ ଅସ୍ତହିନ ଅନ୍ଧାରରେ ।
କାହାକୁ କହିବି ବ୍ୟର୍ଥ ହିନ ପ୍ରେମର କଳ୍ପନା
ରହି ଯାଉଛି ଭୂଲ୍ ଥିବା ନିଛାଟିଆ ସ୍ଥାନେ ।
ରହି ଯାଉଛି ……………

(((-)))

ISSN NO.
2582-208X

# ଓରାଁଓ ଜନଜାତିଙ୍କର ଋତୁ ସମ୍ବନ୍ଧୀୟ ଲୋକଗୀତ



ଡକ୍ଟର ବିଦ୍ୟାଧର ରାଉତ

ଆଦିବାସୀ ସମାଜରେ ଭିନ୍ନ ଭିନ୍ନ ଋତୁରେ ଭିନ୍ନ ଭିନ୍ନ ପର୍ବପର୍ବାଣି ପାଳିତ ହୋଇଥାଏ, ଯେଉଁ ଅବସରରେ ଭିନ୍ନ ଭିନ୍ନ ଲୋକଗୀତ ଦେଖିବାକୁ ମିଳିଥାଏ । ଓରାଁଓ ଜନଜାତିମାନେ ଭିନ୍ନ ଋତୁରେ ଭିନ୍ନ ଗୀତ ଗାଇଥାନ୍ତି । ସମୟ ଅନୁସାରେ ସେହି ନିର୍ଦ୍ଦିଷ୍ଟ ଗୀତକୁ ଗାଆନ୍ତି, ଯେଉଁ ଗୀତ ସେହି ଋତୁ ସମ୍ବନ୍ଧୀୟ ଅଟେ । ଯଦି କରମା ଗୀତକୁ ସରହୁଲ୍ ସମୟରେ ଗାଇବା, ତେବେ ସେହି ଗୀତ ଶୁଣିବା ପାଇଁ ଭଲ ଲାଗେ ନାହିଁ । ଅଧିକାଂଶ ଓରାଁଓ ଗୀତମାନଙ୍କରେ ପ୍ରଥମ ପଦ ପ୍ରଶ୍ନ ହୋଇଥିବା ବେଳେ ଦ୍ୱିତୀୟ ପଦ ତାର ଉତ୍ତର ହୋଇଥାଏ । ଯେମିତିକି :-

ପ୍ରଶ୍ନ –:ଏକାଜୋ°–ଖସ୍ କଡ଼ରୁ ଖାପଦସ୍
କୁଲ୍ଲା ନୁ ବକିଲା ଟଇଁୟା ।”

ଉତ୍ତର – “ଚେଡ଼ା ଜୋ°– ଖସ୍ କଡ଼ରୁ ଖାପଦସ୍
କୁଲ୍ଲା ନୁ ବକିଲା ଟଇଁୟା ।”

ଏହି ଗୀତରେ ପ୍ରଥମ ପଦ, ଯେଉଁଥିରେ କଣ୍ଡରୁ ଅର୍ଥାତ୍ ମଇଁଷିର ଛୁଆ କିଏ ଚରାଉଛି କୁହାଯାଇଛି । ଏହାର ଉତ୍ତର ଦ୍ୱିତୀୟ ପଦରେ ଚେଡ଼ା ଅର୍ଥାତ୍ ଜବାନ ଯୁବକ ମଇଁଷି ଛୁଆକୁ ଚରାଉଛି ବୋଲି କୁହାଯାଇଛି । ଆଖଡ଼ାରେ ନାଚିବା ସମୟରେ, ଯେତେବେଳେ ମହିଳାମାନେ ଗୀତ ଗାଇଥାନ୍ତି, ସେହି ସମୟରେ ପୁରୁଷମାନେ ମାଦାଳ ବଜାଇ ତାଳ ଦେଇଥାନ୍ତି ଓ ଗୀତ ସମାପ୍ତହେବା ପରେ ସେହି ଗୀତକୁ ପୁରୁଷ ଦ୍ୱାରା ପୁନଃ ଆବୃତ୍ତି କରାଯାଏ । ଏହା କରିବା ଦ୍ୱାରା ଯେଉଁମାନେ ଗୀତ ଜାଣି ନାହାନ୍ତି, ତାଙ୍କୁ ଗୀତ

ISSN NO.
2582-208X

ମନେରହିଯାଏ ଓ ନାଚିବାରେ ଆନନ୍ଦ ଆସିଥାଏ । ଏଥିପାଇଁ ଓରାଁଓ ଲୋକଗୀତ ପ୍ରତ୍ୟେକ ଓରାଁଓଙ୍କ ମୁଖରେ ରହିଥାଏ, ଯାହା ପ୍ରାଚୀନ କାଳରୁ ପିଢ଼ି ପରେ ପିଢ଼ି ଆଗକୁ ପ୍ରଚଳିତ ହୋଇଅଛି । ଓରାଁଓ ଗୀତ କେବଳ ଓରାଁଓ ଭାଷାରେ ନଥାଏ, ଅନ୍ୟ ଭାଷାମାନଙ୍କରେ ମଧ୍ୟ ଦେଖାଯାଏ । ଓରାଁଓ ଭାଷା ସହିତ ଅଧିକାଂଶ ସାଦ୍‌ରୀ (ନାଗପୁରୀ) ଭାଷାର ବ୍ୟବହାର ଦେଖାଯାଏ । ଓରାଁଓ ଲୋକଗୀତ ପାଖାପାଖି ତିରିଶ ରୁ ଚାଳିଶି ପ୍ରତିଶତ ନାଗପୁରୀ ବା ସାଦ୍‌ରୀ ଭାଷାରେ ବୋଲାଯାଏ । ଯାହାକୁ ପର୍ବ ପର୍ବାଣୀ ଅବସରରେ ଗାନ କରାଯାଏ ।

| | |
|---|---|
| ଓରାଁଓ –କେରେ ଭଇୟା ହୋରୀ ଖେଲୟ । | ଓଡ଼ିଆ – କିଏ ଭାଇ ହୋଲି ଖେଳୁଛି । |
| ସରାଗେ ଘୁରା ଉଡ଼ାଲ ଜାଲା । । | ଆକାଶରେ ଧୂଳି ଉଡ଼ୁଛି । । |
| ବବୁ ଭଇୟା ହୋରୀ ଖେଲୟ । | ବବୁ ଭାଇ ହୋଲି ଖେଳୁଛି । |
| ସରାଗେ ଘୁରା ଉଡ଼ାଲ ଜାଲା । । | ଆକାଶରେ ଧୂଳି ଉଡ଼ୁଛି । । |

ଏ ଗୀତରେ କିଏ ଭାଇ ହୋଲି ଖେଳୁଛି ଆକାଶରେ ଧୂଳି ଉଡ଼ୁଛି । ଏହାର ଉତ୍ତର ବବୁଭାଇ ହୋଲି ଖେଳୁଛି ଆକାଶରେ ଧୂଳି ଉଡ଼ୁଛି ।ଏ ଗୀତ ନାଗପୁରୀ ଭାଷାରେ ଲେଖାଯାଇଛି । ଓରାଁଓ ଲୋକଗୀତର ସବୁଠାରୁ ବଡ଼ ବିଶେଷତ୍ୱ ହେଲା, ଯେଉଁ ବ୍ୟକ୍ତି ଜମାରୁ ନାଗପୁରୀ ଭାଷା କହିବା ଜାଣିନଥାଏ, ସେ ମଧ୍ୟ ସହଜରେ ନାଗପୁରୀ ଗୀତ ଗାଇପାରିବେ । ସେହିପରି କୁଡୁଖ୍ ଯାହାକୁ ନଆସିଥାଏ, ସେ ମଧ୍ୟ ବହୁ ସହଜରେ ଗୀତକୁ ଗାଇପାରନ୍ତି । ଏ ସମ୍ବନ୍ଧରେ ମହଲୀ ଲିବିନସ୍ ତିର୍କୀଙ୍କ ମତ, "କୁଡୁଖ୍ ଭାଷାରେ ସାଦ୍‌ରୀ (ନାଗପୁରୀ) ଶବ୍ଦର ଅଧିକ ପ୍ରୟୋଗ ମିଳିଥାଏ ।" ସେ କହିଛନ୍ତି, – ଓରାଁଓ ଓ ମୁଣ୍ଡା ଆର୍ଯ୍ୟଙ୍କ ସହିତ ଗଙ୍ଗା ଯମୁନା ନଦୀ ତଟରେ ଅନେକ ଥର ଯୁଦ୍ଧ କରିଥିଲେ ।, ଯେତେବେଳେ ଗୋଟିଏ ସବଳ ବ୍ୟକ୍ତି ବା ଶକ୍ତିଶାଳୀ ବ୍ୟକ୍ତି ଦୁର୍ବଳ ଜାତି ଉପରେ ଆକ୍ରମଣ କରେ ତାର ବିରୋଧ କରାଯାଏ । ଯଦି କୌଣସି ଜାତି ନିଜଠାରୁ ଅଧିକ ଉନ୍ନତ ଓ ସଂସ୍କୃତ ଜାତିର ସଂପର୍କରେ ଆସିଥାଏ, ତେବେ ସେ ନିଜର ଭାଷା ଭୂଲି ଉନ୍ନତ ଜାତିର ଭାଷାକୁ ଆପଣାଇଥାନ୍ତି । ଏହି ଆଦିବାସୀଙ୍କ ସଂପର୍କ ଆର୍ଯ୍ୟମାନଙ୍କ ସହିତ ହୋଇଥିଲା । ସମ୍ଭବତଃ ଯେଉଁ ଭାଷା ମାଧ୍ୟମରେ ମୁଣ୍ଡା ଓ ଓରାଁଓ ଜନଜାତି ଆର୍ଯ୍ୟମାନଙ୍କ ସହିତ କଥାବାର୍ତ୍ତା ହୋଇଥିବେ, ସେ ଭାଷାହେଉଛି ସାଦ୍‌ରୀ, ଯାହା ସହାୟତାରେ ହାଟ ବଜାର ଓ

ISSN NO.
2582-208X

ଅନ୍ୟ କାର୍ଯ୍ୟ ଆର୍ଯ୍ୟମାନଙ୍କ ସଂପର୍କରେ କାମରେ ଆସୁଥିଲା । ଆଜି ପର୍ଯ୍ୟନ୍ତ ଆଦିବାସୀମାନେ ଅଣ ଆଦିବାସୀଙ୍କ ସହିତ ସାଦ୍‌ରୀ ଭାଷାରେ କଥାବାର୍ତ୍ତା କରନ୍ତି । ଏହି କାରଣରୁ ପ୍ରାଚୀନ କାଳରୁ ସରହୁଲ୍ ଓ କରମ ଗୀତରେ ସାଦ୍ରୀ ଭାଷା ଆସିଥାଏ । ଏହା ମଧ୍ୟ ସମ୍ଭବ ହୋଇପାରେ ଶକ୍ତିଶାଳୀ ଆର୍ଯ୍ୟମାନେ ବଳପୂର୍ବକ ମୁଣ୍ଡ ଓରାଁଓମାନଙ୍କୁ ଏହି ଆର୍ଯ୍ୟ ଭାଷାରୁ ଆସିଥିବା ସାଦ୍ରୀ କହିବାକୁ ବାଧ୍ୟ କରିଥିବେ । ଏହି କାରଣରୁ ମୁଣ୍ଡା, ଓରାଁଓଙ୍କ ଭାଷାରେ ସାଦ୍ରୀ ଭାଷାର ପ୍ରଭାବ ପଡ଼ିଥିବାରୁ ଓରାଁଓ ଲୋକଗୀତରେ ସାଦ୍ରୀ ଭାଷାର ଛାପ ଦେଖାଯାଇଥାଏ ।

| | |
|---|---|
| ଓରାଁଓ – ହୁଦୀ କୋୟ ଭୌରୋଁ ପେଲା । | ଓଡ଼ିଆ – ନେଇଯାଅ ଭଅଁର ଝିଅ । |
| ବଲି କୋଣ୍ଡା ନୁ ବଲ୍ଲୁ ର'ଇ ।। | ବକାଟ କଣେ ବିଲୁଆ ଅଛି ।। |
| ଜନୀ ଶିକାର କାଦି ହୋଲ । | ମହିଳା ଶିକାର ଯାଇଛନ୍ତି ତ । |
| ବଲ୍ଲିକୋଣ୍ଡା ନୁ ବଲ୍ଲୁ ର'ଇ ।। | କବାଟ କଣେ ବିଲୁଆ ଅଛି ।। |

ଏହି ଗୀତ ଓରାଁଓ ଜାତିର ପ୍ରତି ବାର ବର୍ଷରେ ଆୟୋଜିତ ହେଉଥିବା ଜନୀ ଶିକାର ବିଷୟରେ କହିଅଛି । ଏହି ଗୀତ ମଧ୍ୟରେ 'ଜନୀ ଶିକାର' ସାଦ୍ରୀ ଭାଷାର ଶବ୍ଦ ଅଟେ, ଯାହାକୁ କୁଡୁଖ୍ ଭାଷାରେ 'ମୁକ୍କା କେନ୍ଦରା' କୁହାଯାଏ । ଯେଉଁଥିରେ ମହିଳାମାନେ ପୁରୁଷ ବେଶରେ ଶିକାର କରିବା ପାଇଁ ଯାଇଥାନ୍ତି । ଏହି ଆୟୋଜନ କୌଣସି ଜଙ୍ଗଲରେ ନୁହେଁ, ଓରାଁଓ ଆଦିବାସୀମାନଙ୍କ ସହିଦ୍ ସିନ୍‌ଗୀ ଦେଇ, କୈଲୀ ଦେଇ, ଚମ୍ପୁ ଦେଇଙ୍କୁ ମନେ ପକାଇବା ପାଇଁ କୌଣସି ଗାଁକୁ ଯାଇଥାନ୍ତି ଓ ସେହି ଗାଁ ଲୋକ ଯେଉଁ ପାଳିତ ପଶୁଙ୍କୁ ମାରିବା ପାଇଁ କୁହନ୍ତି, ତାହାରି ଶିକାର କରାଯାଏ । ଏହିପରି ଅନେକ ଗୀତରେ ସାଦ୍ରୀର ପ୍ରଭାବ ଦେଖାଯାଏ । ଓରାଁଓ ଭାଷାକୁ ବିଲୁପ୍ତରୁ ବଞ୍ଚାଇବା ପାଇଁ କୁଡୁଖ୍ ଭାଷା କହିବାକୁ ପଡ଼ିବ, ତତ୍ ସହିତ ଶୁଦ୍ଧ ଭାଷାକୁ ପ୍ରୟୋଗ କରିବାକୁ ପଡ଼ିବ, ତେବେ କୁଡୁଖ୍ ଭାଷା ଉନ୍ନତ ପଥରେ ପହଞ୍ଚି ପାରିବ ।

ଏ ସମ୍ବନ୍ଧରେ ଡଃ ନାରାୟଣ ଓରାଁଓ ଲେଖିଛନ୍ତି, "ଦୁକୁମାନ(ବାହାର ଲୋକ)ଙ୍କ ଆଗମନ ଦ୍ୱାରା କୁଡୁଖ୍ ଭାଷା ଏବଂ ସଂସ୍କୃତିର ଯେତିକିର ଅବମୂଲ୍ୟହୋଇଛି, ସେତିକି କ୍ଷତିକୌଣସି ଅନ୍ୟ ଭାଷା ସଂସ୍କୃତିର ହୋଇନାହିଁ । ଐତିହାସିକ ଓ ଭୌଗୋଳିକ ପୃଷ୍ଠଭୂମିରେ ଦେଖିଲେ ଜଣାଯାଏ, ରୋହତାସଗଡ଼ର ପତନ ପରେ କୁଡୁଖ୍ ବାସୀ ଯେଉଁଯେଉଁ ଆଡ଼େ ଚାଲିଗଲେ,

ISSN NO.
2582-208X

ସେହିଆଡ଼େ ସେମାନଙ୍କୁ କୌଣସି ରାଜା ମହାରାଜା ଅଥବା ଜମିଦାରଙ୍କର ଦାସତ୍ୱ ସ୍ୱୀକାର କରିବା ପାଇଁ ପଡ଼ିଲା । ଅନେକ ଜାଗାରେ କୁଡ଼ୁଖ୍ ଭାଷା କହିବା ପାଇଁ ମନା ଥିଲା, ଯେମିତି ଜଶିପୁର ରାଜା, ବିରୁ ରାଜା ଆଦିଙ୍କ ରାଜ୍ୟମାନଙ୍କରେ କୁଡ଼ୁଖ୍ ଭାଷା କହୁଥିବାରୁ ଧରାପଡ଼ିଲେ ଚାବୁକ ପାହାର ସହ୍ୟ କରିବାକୁ ପଡୁଥିଲା । ନିଶ୍ଚିତ ରୂପେ ଲୋକମାନଙ୍କ ମଧ୍ୟରେ ଭୟ ଦେବା କାରଣରୁ ଭାଷା ନ ଶିଖିବା ଓ ନ ଶଖାଇବା ପ୍ରବୃତ୍ତି ଦେଖାଯାଇଥିବ । ଏମିତିବି କିଛିଲୋକମାନେ ଭୟଭୀତ ହୋଇ ନିଜର ଭାଷା ସଂସ୍କୃତିକୁ ଛାଡ଼ିଲୋକ ତାଙ୍କ ସଂଗତରେ ଆସି ନିଜକୁଛୋଟ ମାନିଥିବେ ।

((-))

ଗବେଷକ,
ଅଞ୍ଜାଉ, ଅରୁଣାଚଳ ପ୍ରଦେଶ
ଦୂରଭାଷ - ୯୪୩୯୩୦୩୮୩୯

ISSN NO.
2582-208X

# ପାଶାଣୀ କନ୍ୟା



ସୁନନ୍ଦା ମହାନ୍ତ

ପାଶାଣ କନ୍ୟା ସିନା
ସେ ଶୀଳା ରୁ ତିଆରି
ହେଲେ କହେ କଥା
ଭାଙ୍ଗେ ନୀରବତା
ସେଇଥିପାଇଁ ତା ସହ କଥା
ମତେ ଦେଖାଏ ରାସ୍ତା
ମୁଁ ଏମିତି ଅନେକ ଥର ଆସେ
ଘଡିଏ ବସେ
ସେ କିନ୍ତୁ ରୁଷେ ଅଳ୍ପ ହସେ
ଏଣେ ତେଣେ ଚାହିଁ କାହାକୁ ନଦେଖି
ଦେଖେ ଶୀଳାପଦ୍ମ
ଦେଉଥିବା ବାର୍ତ୍ତା
କେତେ ସତ କଥା
ତା ଅନୁରୋଧ
ଏବେ ସେ ଜୀବନ୍ୟାସ ପାଆନ୍ତା
ମୁଁ ଲେଖୁଛି ଗଳ୍ପ କବିତା
ଆଉ କଣ କରିପାରନ୍ତି
ମୁଁ ନିଜେ ବାଆ କୁ ବତା

ISSN NO.
2582-208X

ମୋର ଆସିଗଲାଣି ନୀରବତା
ମୁଁ କଥା ହୁଏ ସେଇ ପାଶାଣୀ ସହ
ମୋହ ମାୟା ରେ ହୋଇ ଆକତାମାକତା
ଏବେ ସେ ବୁଝିଗଲାଣି ତା ସ୍ରଷ୍ଟା
ସେଇ ଶିଳ୍ପୀ ଆଉ ନାହିଁ
ଶୋଇଯାଇଛି କାହିଁ
ଉଠିବ କେବେ ଚେଇଁ କହିବ କଥା
ସେଟା ନିଶ୍ଚୟ ଲେଖାଥିବ
ପାଇଯିବ ଯେବେ କବିତା ଖାତା
ହୁଏତ ନୂଆ କୌଶଳ ଆପଣେଇ
ଏହି କାହିଁ ଗଢିବ ପାଶାଣୀକୁ
କରି ବାଗଦତ୍ତା
କିଛି ନହେଲେ ଢ଼ମି ତାର
ଓଠରେ ଆଖିରେ ଯାର ଚମତ୍କୃତା

(((-)))

ସାକ୍ଷୀଗୋପାଳ,
ପୁରୀ/9040977327

ISSN NO.
2582-208X

# ଜନ୍ମ ଦିବସ



ଭଗତରାମ ଶବର

ଇନ୍ଦ୍ର ଦେବ ନିଜ ନାତିର କରୁଥିଲେ ଜନ୍ମଦିବସ ପାଳନ ।
ସ୍ୱର୍ଗ ପୁରୀକୁ ଇନ୍ଦ୍ର କରିଥିଲେ ସୁନ୍ଦର ସଜ୍ଜୀ କରଣ ।।
ବ୍ରହ୍ମା, ବିଷ୍ଣୁ, ଶିବ, ସାବିତ୍ରୀ, ଲକ୍ଷ୍ମୀ, ପାର୍ବତୀ ସମସ୍ତ ନିମନ୍ତ୍ରଣ ।
ତେତିଶ କୋଟି ଦେବା ଦେବୀ ଚନ୍ଦ୍ର, ସୂର୍ଯ୍ୟ ଆଦି ବରୁଣ ।।
କୁବେର, ମରୁତ ଆଦି ସମସ୍ତଙ୍କୁ ଆମନ୍ତ୍ରଣ ।
ନାରଦ ମହର୍ଷିଙ୍କୁ ସେଠି ନୋହିଁ ଥିଲା ନିମନ୍ତ୍ରଣ ।।
ନାରଦ ମୁନି କଳିମୁନି ଧରି ପ୍ରବେଶ ଇନ୍ଦ୍ର ଭବନ ।
ଯାଦୁର ସ୍ୱର୍ଣ୍ଣ ଗୋଳକ କଲେକ ସେ ନିର୍ମାଣ ।।
ସ୍ୱର୍ଣ୍ଣ ଗୋଳକକୁ ଗଡାଇଲେ ସମସ୍ତଙ୍କ ସମ୍ମୁଖେଣ ।
ସ୍ୱର୍ଣ୍ଣ ଗୋଳକର ଘୂର୍ଣ୍ଣ ନର କାରଣ ପୁଛନ୍ତି ଦେବଗଣ ।।
ନାରଦ କହିଲେ ସ୍ୱର୍ଣ୍ଣ ଗୋଳକର ରହସ୍ୟ ।
ସତୀ ନାରୀ ଗୋଳକକୁ ଧରିବେ ଅବଶ୍ୟ ।।
ବ୍ରହ୍ମା ପତ୍ନୀ ସାବିତ୍ରୀ ନ ଧରି ପାରିଲେ ସ୍ୱର୍ଣ୍ଣ ଗୋଲକ ।
ଘୁରୁ ଥାଏ ସମସ୍ତଙ୍କ ଠାରେ ସ୍ୱର୍ଣ୍ଣ ଗୋଲକ ।।
ଲକ୍ଷ୍ମୀ ନ ଧରି ପାରିଲେ ଗୋଲକ, ହେଲେ ଲଜ୍ଜାମୁଖା ।
ଶେଷେ ପାର୍ବତୀ ମାତା ଧରିବାକୁ ସ୍ୱର୍ଣ୍ଣ ଗୋଲକ ।।
ପାର୍ବତୀ ଧରି ନ ପାରିଲେ ଗୋଲକ ,ହେଲେ ବହୁତ ଲଜ୍ଜିତ ।
ତିନି ଦେବ କହିଲେ କିଏ ସତୀ ଅଛି ସ୍ୱର୍ଗେତ ।।
ନାରଦ କହିଲେ, ସତୀ ଅଛନ୍ତି ମର୍ତ୍ତ୍ୟ ମଣ୍ଡଳେ ।

ISSN NO.
2582-208X

ଅତ୍ରି ମୁନିଙ୍କର ପତ୍ନୀ ଅନୁସୂୟା ନାମ୍ନୀ ଭୂ ମଣ୍ଡଳେ ।।
ସ୍ୱର୍ଣ୍ଣ ଗୋଲକକୁ ଫିଙ୍ଗି ଦେଲେ ନାରଦ ଅନୁସୂୟା ଦାଣ୍ଡେଣ ।
ସ୍ୱର୍ଣ୍ଣ ପେଣ୍ଡକୁ ହସ୍ତେ ଧରି ଅନୁସୁୟା ନେଇଣ ।।
ତିନି ଦେବ ଚିନ୍ତା କଲେ ସତୀ ନଷ୍ଟ କରିବେ ଅନୁସୂୟା ।
ବ୍ରହ୍ମା, ବିଷ୍ଣୁ, ଶିବ, ତିନି ବ୍ରହ୍ମାଣ ହେଲେକ ମାୟା ।।
ତିନି ଦେବ ଅତ୍ରି ମୁନିଙ୍କ ଆଶ୍ରମେ ତିନି ବ୍ରାହ୍ମଣ ରୂପେଣ ।
ଭିକ୍ଷାମ୍ ଦେହୀ ! ଭିକ୍ଷାମ୍ ଦେହୀ ! କଲେକ ଉଚ୍ଚାରଣ ।।
ଇନ୍ଦ୍ର ଦେବ ନାତିଙ୍କର ଜନ୍ମ ଦିବସ ଭଣ୍ଡୁର ହୋଇଲା ।
ତିନି ଦେବ ବ୍ରାହ୍ମଣ ରୂପେ ଭିକ୍ଷା ମାଗିଲେ ଅନୁସୂୟା ।।
ଅନୁସୂୟା ଭିକ୍ଷା ଧରି ତିନି ବ୍ରାହ୍ମଣ ସମ୍ମୁଖେଣ ।
ତିନି ବ୍ରାହ୍ମଣ କହନ୍ତି ମାଗୋ ଆଗ ସତ୍ୟକର ଆପଣ ।।
ସତ୍ୟ ସତ୍ୟ ତ୍ରିବାର ସତ୍ୟ ସାକ୍ଷୀ ରଖି ଦଶ ଦିଗ ପାଳ ସୂର୍ଯ୍ୟ ଚନ୍ଦର ।
ଅନୁସୂୟା ସତ୍ୟ କରିଲେ,ଯାହା ବ୍ରାହ୍ମଣେ କି ଭିକ୍ଷା ମାଗ ତୁମର ।।
ତିନି ବ୍ରାହ୍ମଣ କହିଲେ ତୁମେ ହୋଇ ବିବସନ ।
ଆମ ତିନି ବ୍ରାହ୍ମଣଙ୍କୁ କରାଅ ତୁମେ ସ୍ତନ୍ୟ ପାନ ।।
ନିଷ୍କପଟରେ ଯଦି ତୁମେ ଆସିଥିବ ତିନି ବ୍ରାହ୍ମଣ ।
ଏହି ରୂପରେ ରୁହ ତୁମେ ତିନିଜଣ ।।
ଯଦ୍ୟପି, ଆସିଅଛ ତୁମେ ତିନି ପାପମନ ।
ବାଳୁତ ରୂପ ହୋଇଯାଅ ତୁମେ ତିନିଜଣ ।।
ତତ୍ କ୍ଷଣାତ୍ ବାଳୁତ ରୂପ ନେଲେ ତିନି ବ୍ରାହ୍ମଣ ।
କୁଆଁ କୁଆଁ ରାବ ଦେଇ ଭୂମିରେ ଗଡିଲେ ଜାଣ ।।
ଇନ୍ଦ୍ରଙ୍କ ନାତିର ଜନ୍ମ ଦିବସ ନାରଦ ଭଣ୍ଡୁର କରିଲେ ।
ତିନି ଦେବ ସେ ପଟେ ବାଳୁତ ରୂପେ ରହିଲେ ।।
ତିନି ଦେବୀଙ୍କୁ କହିଲେ ନାରଦ ମହର୍ଷି ।
ଅନୁସୂୟାଙ୍କ ଠାରୁ ଫେରାଇ ଆଣ ତିନି ଦେବ ଝଟତି ।।
ସେହିଦିନୁ ଅଦ୍ୟାବଧି ନୋହିଲା ଦେବା ଦେବୀଙ୍କ ଜନ୍ମ ଦିବସ ପାଳନ ।
ମର୍ତ୍ତ୍ୟ ପୁରେ ନର ନାରୀ ପାଗଳ ପରି "Birthday" ପାଳନ ।।

ISSN NO.
2582-208X

ବିଭିନ୍ନ ରଙ୍ଗର ବେଲୁନକୁ କରି ସଜ୍ଜୀ କରଣ ।
ନାନା ଆଲୋକରେ ସଜ୍ଜିତ "Birthday" ପାଳନ।।
ମହମବତୀ ଜ୍ୱଳନ ମୁଖରେ ଫୁଙ୍କିଣ ।
"Cake" କାଟି "Happy Birthday to you" କହିଣ ।।
"Cake" ଖୁଆ ଖୁଇ ହୋଇ "Happy Birthday to you" ଉଚ୍ଚାରଣ ।
ଭାରତୀୟ ସଂସ୍କୃତି ବିହୀନ, ଛାଡ଼ି ସଂସ୍କୃତ, ବେଦ, ମନ୍ତ୍ର ଉଚ୍ଚାରଣ ।
Happy Birthday to you ! Happy Birthday to you ! ପାଶ୍ଚାତ୍ୟ ପଚ୍ଛେ ଧାବନ ।
ନ ଜାଣି ଭାରତୀୟ ଭାଷା, ସଂସ୍କୃତି, ପରମ୍ପରା, ସାହିତ୍ୟ ।
ମେଣ୍ଢାପଲ ପରି ଧାଉଁ ଅଛୁ ଢଙ୍ଗ, ରଙ୍ଗ, ପାଶ୍ଚାତ୍ୟ ।।
ନିଜ ଭାଷା, ସଂସ୍କୃତ, ପରମ୍ପରା, ସାହିତ୍ୟକୁ କରି ହେୟ ଜ୍ଞାନ।
ଅସ୍ପଷ୍ଟ, ବିକୃତ, ଅର୍ଥହୀନ ଭାଷାକୁ କରୁଅଛୁଁ ଅନୁକରଣ।।
ଠିକ୍ ଭାବେ ଜାଣି ନାହୁଁ ଓଡ଼ିଆ - ହିନ୍ଦୀ,ପଠନ - ଲିଖନ ।
ହଜାର ହଜାର ଅର୍ଥ ଖର୍ଚ୍ଚ କରି ପଢୁଅଛୁଁ "English medium" ।।

ଜୟ ଭାରତୀୟ ଭାଷା !
ଜୟ ଭାରତୀୟ ସାହିତ୍ୟ !

(((-)))

ମହୁଲଭଟା, କୋମନା, ନୂଆପଡ଼ା

ISSN NO.
2582-208X



# ଓଡ଼ିଆ ଔପନ୍ୟାସିକା : ବାମାବାଦୀ ସ୍ୱର



ଜ୍ୟୋତି ସାହୁ

ବାମାବାଦ ସଂପର୍କରେ ସମଗ୍ର ପୃଥିବୀ ପୁସ୍ତକ ଭଣ୍ଡାର ଅପୂର୍ଣ୍ଣ ନାହିଁ । ବାମାବାଦ, ନାରୀବାଦ ସମ ଅର୍ଥ ସୂଚକ ହୋଇଥିବା ବେଳେ, ଊନବିଂଶ ଶତକ ବେଳକୁ ବିଶେଷଜ୍ଞଗଣଙ୍କ ଚେତନାରେ ଏକ ନବଦର୍ଶନ ରୂପେ ବିବେଚିତ ହେଲା । ସମଗ୍ର ବିଶ୍ୱ ସାହିତ୍ୟରେ ଏହାର ଚର୍ଚ୍ଚା ମହାସ୍ରୋତରେ ପରିଣତ ହେଲା । କିନ୍ତୁ ୧୬୮୮ ବେଳକୁ ବିଶ୍ୱସାହିତ୍ୟର ପ୍ରଥମ ଔପନ୍ୟାସିକା ଆଫ୍ରା ବେହନ୍‌ଙ୍କ 'ଓରୋନୋକୋ' ବା 'ରାଜଭୃତ୍ୟ' (Oroonoka or The royal slave) ପ୍ରକାଶିତ ହୋଇସାରିଥିଲା । ଓଡ଼ିଆ ସାହିତ୍ୟରେ କାଳଜୟୀ କୃତି 'ଭ୍ରାନ୍ତି' (୧୯୨୩) ପ୍ରକାଶିତ ହୋଇ, ୧୯୮୦ ପରବର୍ତ୍ତୀ କାଳରେ ମହାଧାରାରେ ପରିଣତ ହୋଇଛି ଓ 'ଜିଗୋଲୋ'ରେ ପହଞ୍ଚିଛି । କଥାସାହିତ୍ୟରେ ନାରୀପକ୍ଷ ବିହୀନ ଉପନ୍ୟାସ ମୁଖ୍ୟତଃ ପରୀକ୍ଷାଧର୍ମୀ । ନାରୀ ଲେଖିକାମାନଙ୍କ ଦ୍ୱାରା ରଚିତ ଉପନ୍ୟାସମାନଙ୍କରେ ପୁରୁଷପକ୍ଷ କେବଳମାତ୍ର ଅସାମାଜିକ ନୁହଁନ୍ତି । ନିଜର ପାରିବାରିକ ପ୍ରତିପୋଷଣ, ପ୍ରେମର ପ୍ରତିଦାନ ନିମନ୍ତେ ମଧ୍ୟ ଅଙ୍ଗୀକାର ବଦ୍ଧ । ଔପନ୍ୟାସିକାମାନଙ୍କ ଦ୍ୱାରା ନାରୀବାଦୀ ଉପନ୍ୟାସ ରଚନାର ମୂଳରେ ବିଦ୍ୟମାନ ପ୍ରଚଳିତ ବିଧାନ ପ୍ରତି ବିଦ୍ରୂପ ଓ ଶାରୀରିକ ତଥା ମାନସିକ ଯାତନା ପ୍ରତି ତୀବ୍ର କଟାକ୍ଷ ।

ନାରୀବାଦ ଲିଙ୍ଗଗତ ସାମାଜିକ, ଅର୍ଥନୀତିକ ଏବଂ ରାଜନୀତିକ ସମାନତା ପ୍ରାପ୍ତି ନିମନ୍ତେ ଆରୋପ ଓ ବିଶ୍ୱାସ । ପାଶ୍ଚାତ୍ୟ ଜଗତରୁ ନାରୀବାଦ ସଂପର୍କିତ ବିଚାର ଆରମ୍ଭ ହୋଇଥିଲେ ମଧ୍ୟ, ଏହା ସମଗ୍ର ପୃଥିବୀରେ ବିକଶିତ ଓ ବିବିଧ ସାମାଜିକ ଅନୁଷ୍ଠାନ ଦ୍ୱାରା ମହିଳା ଅଧିକାର ଏବଂ ସ୍ୱାର୍ଥରକ୍ଷା ନିମନ୍ତେ ବିବିଧ କାର୍ଯ୍ୟ କଳାପ ସହ ସମ୍ବନ୍ଧିତ ।

ISSN NO.
2582-208X

ପାଶ୍ଚାତ୍ୟ ନାରୀବାଦୀ ଧାରଣା ଓ ଭାରତୀୟ ନାରୀବାଦୀ ଧାରଣା ମଧ୍ୟରେ ବହୁ ପ୍ରଭେଦ ରହିଛି । କିନ୍ତୁ ଏହା ଲକ୍ଷଣୀୟ ଯେ ଏହାର ପ୍ରଥମ ତରଙ୍ଗ ଊନବିଂଶ ଶତକର ମଧ୍ୟଭାଗରୁ ଆରମ୍ଭ । ତଫାତ୍ ହେଉଛି ଭାରତରେ ନାରୀସୁରକ୍ଷା, ନାରୀ ସଶକ୍ତିକରଣ ଉଦ୍ୟମ ପ୍ରଥମେ ପୁରୁଷମାନଙ୍କ ଦ୍ୱାରା ଆରମ୍ଭ ହୋଇଛି । ପରେ ମହିଳାମାନେ ସଚେତନ ହୋଇଛନ୍ତି ଏବଂ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଭାରତରେ ନାରୀବାଦୀ ଆନ୍ଦୋଳନର ଅଗ୍ରଦୂତ ପୁରୁଷମାନେ ହେଲେ : ରାଜା ରାମମୋହନ ରାୟ, ମାଲାବରି ଫୁଲେ, ମାହାଦେବ ଗୋବିନ୍ଦ ରାଣାଡ଼େ, କେଶବ ଚନ୍ଦ୍ର ସେନ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ଗୋପାଳ ଗଣେଶ ଅଗରକର ପ୍ରମୁଖ ।

ଏହି ବିଦ୍ୱାନଗଣ ପ୍ରଥମେ ସତୀଦାହ ପ୍ରଥାର ଉଚ୍ଛେଦ, ବାଲ୍ୟବିବାହକୁ ନିଷିଦ୍ଧ, ବିଧବା ବିବାହକୁ ସ୍ୱୀକୃତି, ଶିକ୍ଷା କ୍ଷେତ୍ରରେ ମହିଳାମାନଙ୍କୁ ଅଗ୍ରାଧିକାର, ପୈତୃକ ସମ୍ପତ୍ତିରେ ଭାଗିଦାରକୁ ଆଇନ ସମ୍ମତ କରିବା ଇତ୍ୟାଦିକୁ ପ୍ରାଥମିକତା ପ୍ରଦାନ କଲେ ।

ନାରୀବାଦର ବହୁବିଧ ବିଭାଗୀକରଣରୁ ପ୍ରତୀୟମାନ ହେବଯେ, ନାରୀବାଦର ବିଚରଣକ୍ଷେତ୍ର ପ୍ରଶସ୍ତ ଏବଂ ବ୍ୟାପକ । ନାରୀବାଦ କେବଳ ମାନବିକ ଅଧିକାର ବିଷୟ ନୁହେଁ, ବରଂ ମାନବ ସାମାର୍ଥ୍ୟ ବିଷୟକ । ଯେତେବେଳେ ଆମେ ମହିଳାମାନଙ୍କର ସମାନ ଅଧିକାରକୁ ଅସ୍ୱୀକାର କରୁ, ଆମେ ବିଶ୍ୱର ଅର୍ଦ୍ଧେକ ଲୋକଙ୍କୁ ସଂପୂର୍ଣ୍ଣ ବଂଚିବାର ସୁଯୋଗକୁ ଅସ୍ୱୀକାର କରୁ, ଅର୍ଥାତ୍ ଲିଙ୍ଗଗତ ସମାନତା ହାସଲ କରିବା ଏବଂ ନାରୀବାଦକୁ ପ୍ରାଧାନ୍ୟ ଦେବାର ଅର୍ଥ ହେଉଛି ସମଗ୍ର ବିଶ୍ୱରେ ସମସ୍ତଙ୍କୁ ସାହାଯ୍ୟ କରିବା।

ନାରୀବାଦୀ ଦର୍ଶନ ନାରୀବାଦୀ ଆଦର୍ଶ ଓ ଦୃଷ୍ଟିକୋଣକୁ ଆଧାରକରି ବିକଶିତ । ନାରୀବାଦୀ ଦର୍ଶନରେ ନାରୀବାଦୀ ଗତିବିଧିକୁ ଆଗକୁ ପ୍ରଗତିଶୀଳ କରିବାନିମନ୍ତେ ଦାର୍ଶନିକ ପଦ୍ଧତି ବ୍ୟବହୃତ ହୋଇଥାଏ । ଏହାମଧ୍ୟ ନାରୀବାଦୀ ଦୃଷ୍ଟିକୋଣରୁ ପାରମ୍ପରିକ ଦର୍ଶନର ଧାରଣାକୁ ସମାଲୋଚନା ଏବଂ ପୁନଃ ମୂଲ୍ୟାୟନ କରିବାକୁ ଚେଷ୍ଟାକରେ ।

ଓଡ଼ିଆ ଔପନ୍ୟାସିକାମାନଙ୍କ ଦ୍ୱାରା ଉପନ୍ୟାସ ରଚନାର ଆଦିକାଳରୁ ନାରୀବାଦୀ ତତ୍ତ୍ୱ ପ୍ରାଥମିକତା ଲାଭକରିଛି । ଜୀବନଗଠନ, ପରିବାର ପରିଚାଳନା, ସର୍ବୋପରି ସମାଜ ପୁନର୍ଗଠନରେ ନାରୀର ଯେଉଁ ଭୂମିକା ରହିଛି, ବିବିଧମତେ ଉପନ୍ୟାସଗୁଡ଼ିକରେ ଚିତ୍ରିତ

ISSN NO.
2582-208X

ହୋଇଛି । ପୁରୁଷ ଅର୍ଥଉପାର୍ଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାବେଳେ, ନାରୀ ତାହାର ସୁପରିଚାଳନା ଓ ସଦୁପଯୋଗ କରିଥାଏ । ଓଡ଼ିଆ ଔପନ୍ୟାସିକାମାନେ ଏହି ଦିଗକୁ ପ୍ରାଥମିକତା ପ୍ରଦାନ କରିଛନ୍ତି ।

ପ୍ରତିଭା ରାୟଙ୍କ 'ଯାଜ୍ଞସେନୀ' (୧୯୮୫)ର ମହାଭାରତୀୟ ଚରିତ୍ର 'ଦ୍ରୌପଦୀ' ନୀଳପଦ୍ମକାନ୍ତି ଜିଣି ଅପୂର୍ବସୁନ୍ଦରୀ, ଅଯୋନି ସମ୍ଭୂତା, ଦିବ୍ୟପ୍ରବୃତ୍ତିର ଅଧିକାରଣୀ । ଔପନ୍ୟାସକା ପ୍ରତିଭା ରାୟଙ୍କ 'ଦ୍ରୌପଦୀ' ଦେବଅଂଶୀ ସାଧାରଣ ମାନବୀ, ଚିର ବିପ୍ଳବୀଣି, ଜଣେ ଆଦର୍ଶ ପତ୍ନୀର ପ୍ରତୀକ । ଲାଞ୍ଛିତ ସମସ୍ତ ବେଦନାରୁ ମୁକ୍ତିଲାଗି ପ୍ରତିଜ୍ଞାବଦ୍ଧ ଓ ସଂଗ୍ରାମରତା । ଏହିସଂଗ୍ରାମ ଜଡତାରୁ, ଅଜ୍ଞତାରୁ, ଅହଂକାରରୁ, ସର୍ବୋପରି ପ୍ରଚଳିତ ବିରୋଧାଭାସରୁ । ଜୀବନର ପ୍ରାକୃତିକତାକୁ ବଜାୟ ରଖିବାପାଇଁ ଗତିଶୀଳ ପ୍ରଚଣ୍ଡ ପ୍ରବାହ । ୨୦୦୮ ମସିହାରେ ପ୍ରକାଶ ପାଇଥିବା ଚିତ୍ରା ବାନାର୍ଜିଙ୍କ 'The palace of illusions' (ଦି ପେଲେସ ଅଫ୍ ଇଲୁସିଅନସ) ଉପନ୍ୟାସରେ 'ଦ୍ରୌପଦୀ'ଙ୍କ ଜନ୍ମ ନିଆଁରୁ ଏବଂ ପରିସମାପ୍ତି କିପରି ଅସହାୟତାରେ ପ୍ରଦର୍ଶିତ ହୋଇଛି । ମହିଳା ଭେଦଭାବ, ସେମାନଙ୍କର ସଂଘର୍ଷ, ପରିଚୟ, ସ୍ଥିତି ସଂପର୍କରେ ଅସଂଖ୍ୟ ପ୍ରଶ୍ନ ଉପସ୍ଥାପିତ ହୋଇଛି । ଅପମାନକୁ ଜୀବନର ଆହ୍ୱାନ ରୂପେ ଗ୍ରହଣ କରିଛନ୍ତି ଔପନ୍ୟାସିକା । 'The palace of illusions' ହେଉଛି ଅସୁର ସ୍ଥପତି ମାୟାସୁର ଦ୍ୱାରା ନିର୍ମିତ ଏକ ପ୍ରାସାଦ ଯାହା ପାଣ୍ଡବ ଏବଂ ତାଙ୍କ ପତ୍ନୀଙ୍କୁ ଉପହାର ଦିଆଯାଇଥିଲା । ପାଣ୍ଡବମାନେ ଏହି ପ୍ରାସାଦକୁ ପରିତ୍ୟାଗ ପରେ ଶ୍ରୀହିନ ହୋଇଯାଇଥିଲା । ଯାହା ମୃତ୍ୟୁର ପ୍ରତୀକ । ୧୯୮୮ ମସିହାରେ ପ୍ରକାଶିତ ଧ୍ରୁବ ଭଟ୍ଟଙ୍କ ଗୁଜୁରାଟି ଉପନ୍ୟାସ 'Agnikanya' ରେ ଦ୍ରୌପଦୀ ଜଣେ ନାରୀବାଦୀ ଚରିତ୍ର । ନିଜର ଦୃଢ଼ଇଚ୍ଛାଶକ୍ତି, ଦୁଃସାହସ, ଜୀବନ ଯୋଦ୍ଧା, ବିଶ୍ୱସ୍ତ ପତ୍ନୀ, କର୍ତ୍ତବ୍ୟ ନିଷ୍ଠ ବୋହୂ, ପ୍ରତିକୂଳ ପରିସ୍ଥିତିକୁ ପରାଜିତ କରିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ନାୟିକା ଭାବେ ପରିଗଣିତ ।

ବିଜୟିନୀ ଦାସଙ୍କ 'ଦେବକୀ' (୧୯୯୬) 'ସାରଳା ମହାଭାରତ' ବର୍ଣ୍ଣିତ ଚିତ୍ତଆଲୋଡ଼ନକାରୀ ମାତୃସନ୍ତାପର ଆତ୍ମକାହାଣୀ । ଗୋଟିଏ ପଟରେ ପୁତ୍ରମୋହ, ଅନ୍ୟଦିଗରେ ଶୂନ୍ୟକୋଳ ଓ ତତ୍‌ଜନୀତ ଅନ୍ତର୍ବେଦନା ଆଧୁନିକ ପୁତ୍ରହରା ମାତୃତ୍ୱର ବିଳାପକୁ ପରିପ୍ରକାଶ ଉପନ୍ୟାସଟିକୁ ରମଣୀୟ କରିଛି ।

ISSN NO.
2582-208X

ପ୍ରତିଭା ରାୟଙ୍କ ପରି ରୋଜଲି ନନ୍ଦଙ୍କ 'ଊର୍ମିଳା' (୧୯୯୧) ଏକ ମିଥ୍‌ଧର୍ମୀ ଉପନ୍ୟାସ ରଚନା କରିଛନ୍ତି । ଅଦ୍ୟାବଧି ଅନାଲୋଚିତ ଉର୍ମିଳାଙ୍କ ଜୀବନ ଚର୍ଯ୍ୟାକୁ ଆଧୁନିକ ନାରୀ ଦୃଷ୍ଟିରେ ବିଶ୍ଳେଷଣ କରିଛନ୍ତି ଔପନ୍ୟାସିକା ।

ଭାରତର ଭକ୍ତି ପରଂପରାରେ ସମସ୍ତ ଜାଗତିକ ସୁଖ ଓ ବନ୍ଧନରୁ ବିଚ୍ଛିନ୍ନ ହୋଇ ନିଜକୁ ଭଗବାନଙ୍କ ସେବିକା ଓ ଭୋଗ୍ୟା ବୋଲି ଭାବି ମନ୍ଦିରରେ ଥିବା ଦେବଦାସୀ, ରାଜା ତଥା ସାମନ୍ତମାନଙ୍କ ବୀଭତ୍ସ ଯୌନ ସଂଭୋଗରେ ଶିକାର ହୋଇଛନ୍ତି । ପୁରୀ ଜଗନ୍ନାଥ ମନ୍ଦିରରେ ଥିବା ଏହି ଦେବଦାସୀମାନଙ୍କ କ୍ଳାନ୍ତିକର ଜୀବନର ମାର୍ମିକ ଚିତ୍ର ପ୍ରକାଶ ପାଇଛି ବିଜୟିନୀ ଦାସଙ୍କ 'ଦେବଦାସୀ' ଉପନ୍ୟାସରେ । ଭଗବତ୍ ଭାବନାରେ ନିଜକୁ ତଲ୍ଲୀନ କରି ସମଗ୍ର ଜୀବନକୁ ଉତ୍ସର୍ଗୀକୃତ କରିଥିବା ଦେବଦାସୀ ମୁକ୍ତାମାହାରୀ ମନରେ ଜାଗତିକ ଜୀବନ ଓ ଦେବଦାସୀ ଜୀବନ ମଧ୍ୟରେ ବହୁବାର ସଂଘର୍ଷ ଘଟିଛି ।

ଓଡ଼ିଆ ଐତିହାସିକ ଉପନ୍ୟାସ ରଚନାରେ ପ୍ରଥମ ଲେଖିକା ଶାନ୍ତି ମହାପାତ୍ରଙ୍କ 'ବୁଦ୍ଧଂଶରଣଂ ଗଚ୍ଛାମି' (୧୯୬୮) ଇତିହାସର କଙ୍କାଳ ଭିତରେ ଜୀବନ୍ତ ହୋଇଥିବା ନଗରବଧୂ ଆମ୍ରପଲ୍ଲୀର ଯନ୍ତ୍ରଣାକ୍ଳିଷ୍ଟ ଜୀବନ ଯାତ୍ରା ଉପରେ ପର୍ଯ୍ୟବେସିତ । ପୁରୁଷର ଯୌନ କ୍ଷୁଧା ଏବଂ ପୁରୁଷ ସମାଜ ପ୍ରତି ଆମ୍ରପଲ୍ଲୀର କ୍ଷୁବ୍ଧ ମନୋଭାବ ଏହି ଉପନ୍ୟାସରେ ଚିତ୍ରିତ । ଶାନ୍ତି ମହାପାତ୍ରଙ୍କ 'ନୁର୍ ଜାହାନ' ଏବଂ କଳ୍ପନାକୁମାରୀଙ୍କ 'ଆଗ୍ରାର ଆକାଶ ଲାଲ' ଉପନ୍ୟାସ ଦୁଇଟିର କଥାବସ୍ତୁ ସମାନ ଥିଲେ ମଧ୍ୟ ଶାନ୍ତି ମହାପାତ୍ର ଐତିହାସିକ ତଥ୍ୟ ଉପରେ ଗୁରୁତ୍ୱ ଦେଇଛନ୍ତି ଏବଂ କଳ୍ପନା କୁମାରୀ ତଥ୍ୟ ଅପେକ୍ଷା କଳ୍ପନାର ସାହାଯ୍ୟ ନେଇ ମେହରୁନ୍ନସାରର ଆବେଗାୟିତ ଜୀବନକୁ ବିଶ୍ଳେଷଣ କରିଛନ୍ତି । ମେହରୁନ୍ନସା (ପରବର୍ତ୍ତୀ ସମୟରେ ନୁର୍‌ଜାନହାନ୍ ଭାବେ ପରିଚିତ)ଙ୍କ ପ୍ରେମ, କ୍ଷମତା ଲିପ୍‌ସା, ଅହଂକାର ପ୍ରଭୃତି ଉପରେ ପର୍ଯ୍ୟବେସିତ ଏହି ଦୁଇଟି ଉପନ୍ୟାସର ଭାବବସ୍ତୁ ।

ଔପନ୍ୟାସିକା ସୁଲୋଚନା ଦାସଙ୍କ ଉପନ୍ୟାସତ୍ରୟୀ 'ଅବନ୍ତିକା' (୧୯୮୮), 'ସ୍ୱପ୍ନାହତା' (୧୯୯୦) ଓ 'ମରୁତୀର୍ଥ' (୧୯୯୨)ରେ ବାମାବାଦୀ (Feminism) ଚିନ୍ତାଧାରାଟି ଯଦିଓ ବଳିଷ୍ଠ ନୁହେଁ; ତଥାପି କେତେକ କ୍ଷେତ୍ରରେ ଏହି ସ୍ୱର ଅତ୍ୟନ୍ତ ସ୍ୱଷ୍ଟ । କଥାବସ୍ତୁଠାରୁ ଆରମ୍ଭ କରି ଚରିତ୍ର ଚିତ୍ରାୟନ ଓ ଭାଷା ଶୈଳୀରେ ନାରୀସୁଲଭ ଗୁଣ ପ୍ରକଟିତ ।

ISSN NO.
2582-208X

୧୯୮୦ ପରବର୍ତ୍ତୀ କାଳରେ ଔପନ୍ୟାସିକାମାନଙ୍କର ଅଧିକାଂଶ ଉପନ୍ୟାସରେ ବାମାବାଦୀସ୍ୱର ତୀର୍ଯ୍ୟକ କିମ୍ବା ସଳଖଭାବରେ ରୂପାୟିତ ହୋଇଛି । ମୁଖ୍ୟତଃ ନାରୀମନୋବିଜ୍ଞାନ ପ୍ରମୁଖ ଧାରାହୋଇ ପ୍ରବାହିତ ।

(((-)))

ଗବେଷିକା
ରମାଦେବୀ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ISSN NO.
2582-208X

# ଅମରପୋଇ

ସଂଘମିତ୍ରା ବେହେରା

ଏଇ ନିଦାଘେ ଆସିଛି ତେଜ
ତେଜ ସେ ପୁଣି ମରମ ଭେଦ
କପାଳେ ଲେଖା ଏତେ ଦରଦ
ଜୀବନ ସାଥି ବୁଝଇ ନାହିଁ।

ତେଜରେ ଶୁଖେ ନେତ୍ରଧାର
କିଏ ସେ କୁହେ ନିଷ୍ଠୁର ମୋତେ
କିଏ ପୁଣି କହେ ଦେଖିଲା କ୍ଷଣି
ମୁଖମଣ୍ଡଳେ ଛାପ ନଥାଏ ଦୁଃଖ।

ଅବଶ ମନ କରିଛି ବଶ
ଅଥଳ କୂଳ ଛାଡ଼େ ଗର୍ଜନ
କାହିଁରେ ତା'ର ନାହିଁ ଯେ ବ୍ୟଥା
ଦର୍ଶକପାଦେ ଧୋଏ ବିଷାଦ ।

ଏଇ ନିଦାଘେ ଆସିନି ବର୍ଷା
ତପ୍ତ ଯହିଁ ମାଟିର କାୟା
ସେ ତ ପୁଣି ଝାରିନି ଅଶ୍ରୁ
ବ୍ୟଥା ଯେ ତା'ର ମୋ ଠୁଁ ବେଶି।

ISSN NO.
2582-208X

ଜଗତେ ଯେତେ ବେଦନା ଅଛି
ମାଟି ତ କେବେ କୁହେନି ବ୍ୟଥା
ସାଗରେ ଦେଖ ଜୁଆର ଭଟ୍ଟା
କେତେ ଯେ କେତେ ଗଢ଼େ ସଭ୍ୟତା।।

ବେଦନା ମୋର ସୁଖଦ ବୀଜ
ଯହିଁର କେବେ ମୃତ୍ୟୁ ନାହିଁ
ଅମରପୋଇ ପରି ରହଇ
ତୋଳିଛି ଅଜସ୍ର ସ୍ନେହ ଏଇଠି।

(((-)))

ଆସିଷ୍ଟାଣ୍ଟ ପ୍ରଫେସର,ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ
ମୋବାଇଲ - ୯୯୩୮୬୨୨୦୬୪

ISSN NO.
2582-208X

# ଜୀବନସାଥୀ



ଜନ୍ମଜୟ ନାୟକ

ହାତ ଧରି ଚାଲେ ସେ ସାରା ଜୀବନ,
ସ୍ନେହ ସିକୁଳିର ଅତୁଟ ବନ୍ଧନ ।
ଲୋଡ଼େ ନାହିଁ ସେ କେବେ ରାଜଉଆସ,
କୁଡ଼ିଆଘରେ ବି ଓଠରେ ତା' ହସ ।୧।
ଅଭାବ ଅନଟନେ କମେନି ପ୍ରେମ,
କେହି ନୁହେଁ ଜୀବନସାଥୀର ସମ ।
ପ୍ରେମ ଜୀବନ୍ୟାସ ପାଏ ତା ପରଶେ,
ପବିତ୍ରବନ୍ଧନ ଗଢେ ସେ ବିଶ୍ୱାସେ ।୨।
ପ୍ରେମରେ ତା' ନଥାଏ ପାଇବା ଆଶା,
ଜାୟାର ଧର୍ମ ନିଭାଇବା ତା' ନିଶା।
କେବେ ଛାଡେନି ତା' ସ୍ୱାମୀର ହାତରେ,
ଆସୁ ଯେତେ ଝଡଝଞ୍ଜା ଜୀବନରେ ।୩।
ଛଳନା ନଥାଏ ତା' ପବିତ୍ର ପ୍ରେମେ,
ପ୍ରତାରଣା କେବେ କରେନି ଜୀବନେ ।
ନିଃସ୍ୱାର୍ଥପରତାର ପ୍ରତିମା ସିଏ,
ଅର୍ଦ୍ଧାଙ୍ଗିନୀ ନାମ ସାର୍ଥକ କରାଏ ।୪।

ISSN NO.
2582-208X

କମାଇପାରେ ସେ ଅନ୍ତର ବେଦନା,
ମିଠା ପ୍ରୀତିରେ ହସେ ମନ ଅଗଣା ।
ତା' ପ୍ରେମ ପାରିଜାତ ଭରେ ପୁଲକ,
ହଜିଯାଏ ପଲକେ ସବୁ ଦୁଃଖ ।୫।

(((-)))

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ,
ଜଗତସିଂହପୁର
ଫୋନ-୯୩୩୭୮୦୦୫୭୫

ISSN NO.
2582-208X

# ବୃଦ୍ଧାଶ୍ରମ



ମୀନାକ୍ଷୀ ପାଢ଼ୀ

ସଞ୍ଜ ନଇଁ ଆସୁଛି।ପଶ୍ଚିମ ଆକାଶକୁ ଲାଲ ରଙ୍ଗରେ ରଙ୍ଗେଇ ଦେଇ ଦିନକର ଫେରି ଯାଉଛନ୍ତି। ଏପଟେ ପୂର୍ବାକାଶ ରେ ତୋଫା ଜହ୍ନ ଉଇଁ ଆସୁଛି ଧୀରେ ଧୀରେ ଆକାଶରେ ଜୋଛନା ର ରୂପେଲି ଚାଦର ଟି ବିଛାଇ । ଆଉ ମଝି ଆକାଶ ?

ଏ ଏକ ଅପୂର୍ବ ସନ୍ଧି କ୍ଷଣ ପ୍ରକୃତି ର। ସୁଜାତା ଭାବ ବିହ୍ୱଳ ହୋଇ ଚାହିଁ ରହିଛନ୍ତି ସେଇ ମଝି ଆକାଶକୁ, ବିସ୍ତୀର୍ଣ୍ଣ ଆକାଶର ଏଇ ଅଭୂତପୂର୍ବ ଶୋଭା ରାଶି କୁ, ଯେତେ ଦୂର ଆଖି ଦେଖିପାରୁଛି। ମନରେ ଦ୍ୱନ୍ଦ୍ୱ ନାହିଁ, କ୍ଷୋଭ ବି ନାହିଁ, ପୁରା ସାଲିସ କରିନେଇଛନ୍ତି ଜୀବନ ସହିତ, ଠିକ୍ ଏଇ ମଝି ଆକାଶ ପରି!! ଯେଉଁଠି ନା ଅଛି ରୂପେଲି ଚାଦର ର ଆକର୍ଷଣ, ନା ପାଟଳ ର ଗାରିମା। ବାସ, ଖାଲି ଅଛି କିଛି ଧୂସର ମେଘ ଖଣ୍ଡ ମାନଙ୍କର ଛିଟା, ଯାହାର ରଙ୍ଗ ଗାଢ ରୁ ଗାଢତର ହେଇଯାଉଛି ଆସନ୍ନ ରାତିର ଆଗମନ ସାଙ୍ଗ ରେ।

ବୟସର ଅପରାହ୍ନ ରେ ସୁଜାତା ଆଜି ଏକୁଟିଆ। ଜୀବନର ସାଥୀ ହେଇଥିବା ମଣିଷଟି କେବେଠାରୁ ହାତ ଛାଡି ଦେଇ ଆରପାରିରେ। ତାଙ୍କ ହାତ ଧରି ଆରମ୍ଭ ହେଇଥିବା ଜୀବନଟି ତାଙ୍କବିନା କେବେ ବୋଧେ ଅଟକି ଯିବ ବୋଲି ସୁଜାତା ଭୟ କରୁଥିଲେ ଦିନେ, ହେଲେ ସେମିତି କିଛି ହେଇନାହିଁ। ସମୟ ର ଚକ ସହିତ ସେ ବି ଗଡି ଚାଲିଛନ୍ତି, ରାସ୍ତା ବି ଚାଲିଛି ତାଙ୍କ ସାଥିରେ, ପବନ ବି ବୋହି ଚାଲିଛି କେତେବେଳେ ସୁଲୁ ସୁଲୁ ହେଇ , ଆଉ ପୁଣି କେତେବେଳେ ତାଣ୍ଡବ ରୂପ ଧରି, ନଈ ର ପାଣି ବି ଗଡି ଚାଲିଛି, କେବେ ତା ବାଟରେ ପୁଣି କେବେ ଦିଗହରା ହୋଇ ଖରା ଛାଇ ର ଲୁଚକାଳି ଖେଳ ସାଥିରେ।

ISSN NO.
2582-208X

ଏମିତି ଚାଲୁ ଚାଲୁ ଆଜି ପୁଣି ଏକ ମୋଡରେ ସୁଜାତା। ପୁଅ ଶୁଭମ ଆମେରିକା ର ବାସିନ୍ଦା! ବୋହୁ ଆମେରିକା ର ଝିଅ। ସେମାନଙ୍କ ପୃଥିବୀରେ ସୁଜାତା ଅଣନିଶ୍ୱାସୀ ହେଇ ପଡନ୍ତି। ଛାଟି ପିଟି ହୁଅନ୍ତି ନିଜ ପୃଥିବୀକୁ ଫେରି ଆସିବାକୁ, ନିଜ ଦୁନିଆ ର ଲୋକ ମାନଙ୍କ ପାଖକୁ। ତାଙ୍କ ଦୁନିଆ ଟି ସତରେ ଖୁବ୍ ଛୋଟ, ହେଲେ ସେଠି ଯେଉଁ ଆତ୍ମସନ୍ତୋଷ, ଆଉ କେଉଁଠି ସୁଜାତା ପାଆନ୍ତି ନାହିଁ। ଅଳି ଅଝଟ କରି ପୁଅ କୁ ଅନେକ ବୁଝାନ୍ତି, ଯିଦ୍ କରି ତାଙ୍କୁ ପାଖକୁ ନ ନେବା ପାଇଁ।

ସେମିତି ଚାଲି ଆସୁଛି ଏଇ ବିଗତ କେତେ ବର୍ଷ। କିନ୍ତୁ ଗତ ମାସ ସୁଜାତା ଅସୁସ୍ଥ ହେଇଗଲେ, ପଡୋଶୀ ତାଙ୍କୁ ହସ୍ପିଟାଲ ନେଇ ପୁଅ କୁ ବି ଜଣାଇ ଦେଲେ। ଶୁଭମ ଦୁଇ ମାସ ଛୁଟି ନେଇ, ମା ପାଖରେ ରହି, ମାଆ ର ଦେହ କୁ ପୁଣି ଭଲ ଅବସ୍ଥା କୁ ଫେରାଇ ଆଣିଛି ସତ, କିନ୍ତୁ ଏକୁଟିଆ ଘରେ ଛାଡି ଆମେରିକା ଫେରି ଯିବାକୁ ନରାଜ। ଆଜ୍ମା ବେମାରୀ ଧରିଛି, ବୟସ ବଢିବା ସହିତ କେତେବେଳେ ପୁଣି କଣ ହେବ କିଏ ଜାଣେ!!

ବହୁ ତର୍କ ବିତର୍କ, ଆଲୋଚନା ସମାଲୋଚନା, ରାଗ ରୁଷାର ଅନ୍ତଃ ରେ ଶୁଭମ ସୁଜାତା ଙ୍କୁ ଗୋଟିଏ ଭଲ ରୁଚିପୂର୍ଣ ବୃଦ୍ଧାଶ୍ରମ ରେ ଛାଡି ଫେରି ଯିବାର ନିଷ୍ପତି ନେଇ ପାରିଛି। ବୃଦ୍ଧାଶ୍ରମ ର ନିୟମ, ଔପଚାରିକତା ସବୁ ତଦାରଖ କରି ବୋଧେ ମନକୁ ବୁଝାଇଦେଇଛି, ଏଇ ସିଦ୍ଧାନ୍ତ ହିଁ ଏଇ ସମୟର ଏଇ ସମସ୍ୟା ର ଏକମାତ୍ର ସମାଧାନ।

ନିଜ କର୍ତ୍ତବ୍ୟବୋଧ କୁ ମାନବିକତାର ର ମାପକାଠି ରେ ମାପିବା ସମୟରେ କିଛିଟା ସ୍ୱାର୍ଥପରତା, ଆଉ କିଛି ଆତ୍ମଗ୍ଲାନି କୁ ବୋଧେ ସାଥି କରି ନେବାକୁ ପଡେ। ଶୁଭମ ବି ସେଇଆ କରିଛି। ମାଆ କୁ ବୃଦ୍ଧାଶ୍ରମ ରେ ଛାଡି ଆମେରିକା ଫେରିଯିବାର ନିଷ୍ପତି ନେଇଛି। ହେଲେ ମାଆ ର ଆଖି ରେ ଆଖି ମିଳାଇ କଥା କହିବାର ଶକ୍ତି ଓ ସାମର୍ଥ୍ୟ ଯେମିତି ଶୁଭମ ହରାଇ ଦେଇଛି ସେଇ ମୂହୁର୍ତ୍ତ ରୁ।

କେବେ କେବେ ମୂହୁର୍ତ୍ତ ମାନଙ୍କ ସହିତ ସାଲିସ କରିବାକୁ ଯାଇ ମଣିଷ କୁ ଅନେକ କିଛି ହରାଇବାକୁ ପଡେ, କିଛି ପାଇବାର ଦୁର୍ବାର ଆଶା, କିଛି ହାସଲ କରିବାର ଆକାଶଛୁଆଁ ଅଭିଳାଷ, ହରେଇବାର ଅନୁଶୋଚନା କୁ ଘୋଡାଇ ଦିଏ, ଠେଲି ଦିଏ ହୃଦୟ ର ନିଭୃତ କୋଠରୀକୁ, ଯେଉଁଠାରୁ ବାହାର ର ରାସ୍ତା ଦିଶେନି, କିନ୍ତୁ ଏକାକିପଣ ର ଅନ୍ତଃସ୍ୱର କରୁଣ ହୋଇଉଠେ ରହି ରହି।

ISSN NO.
2582-208X

ସୁଜାତା ସବୁ ବୁଝି ପାରିଚନ୍ତି, ପୁଅ ର ମନକୁ ଅଧିକ ଭାରାକ୍ରାନ୍ତ ନ କରିବା ପାଇଁ ଆଖିର ଲୁହ କୁ ପିଇ ଦେଇଛନ୍ତି, ନିଜର ସୁଟକେଶ ଟିକୁ ଖୁବ୍ ପରିପାଟୀ ରେ ସଜାଡି ଅପେକ୍ଷାରତ ଅଛନ୍ତି ଅନ୍ୟ ଏଇ ପୃଥିବୀ ରେ ଅନୁ ପ୍ରବେଶ ପାଇଁ।

ଠିକ୍ ଧୂସର ମଝି ଆକାଶ ପରି, ଯେଉଁଠି ପୂର୍ବାକାଶ ର ରୂପେଲି ଝଲକ ଲିଭି ସାରିଛି, ପଶ୍ଚିମାର ଲାଲିମା ର ଆଭା ତ ଆହୁରି ଅନେକ ଦୂର, ଅନିଶ୍ଚିତତାର ଧୂସର ପରିଧି ରେ ଘୁରି ବୁଲିବା ହିଁ ଆଉ ଏକ ସାଲିସ ଜୀବନ ସହିତ। ସୁଜାତା ନିଜକୁ ଆହୁରି ଦୃଢ ମନେକରିଛନ୍ତି। କିଏ ଜାଣେ ଧୂସର ରଙ୍ଗରେ ବି କି ଜାଦୁ ଅଛି!!

ସ୍ୱଛ, ନିର୍ମଳ ବୃଦ୍ଧାଶ୍ରମ ର ନିଜ କୋଠରୀ ଭିତରେ ସୁଜାତା ନିଜ ଜୀବନର ବାକି ଅଙ୍କକଷା କୁ ବୁଝିବାର ପ୍ରବଳ ଚେଷ୍ଟାରେ, ନିସଙ୍ଗ ଜୀବନର ମଙ୍ଗ ଟାକୁ ସଳଖିବାରେ କିଛି ମାନସିକ ଚାପ, କିଛି ଶୂନ୍ୟ ବଳୟ ର ଘୂର୍ଣ୍ଣନ ତାଙ୍କ ଦେହ ଟିକୁ ପୁଣି ଥରେ ଅସଜ କରିଦେଇଛି ,ଯାହା ର ପରିଣାମ ରାତି ସାରା କାଶ, ନେବୁଲାଇଜର ପଫ୍ ଯେମିତି କାମ କରିବାକୁ ମନା କରିଦେଇଛି।

ରାତି ପ୍ରାୟ ଦୁଇ ଟା। ସୁଜାତା କାଶ ର ପ୍ରକୋପ ରେ ଶୋଇ ପାରୁନାହାଁନ୍ତି, ପାଖରେ ଶୋଇଥିବା ପରିଚାରିକା କୁ ଉଠାଇ ବୃଦ୍ଧାଶ୍ରମ ର ଅନ୍ତେବାସୀ ଡାକ୍ତରଙ୍କୁ ଡକାଇ ପଠାଇଛନ୍ତି । ହଠାତ୍ କବାଟ ରେ ମୃଦୁ ଘାତ କରି ଜଣେ ପ୍ରୌଢ ପଶିଆସିଲେ ଘର ଭିତରକୁ ବ୍ୟତିବ୍ୟସ୍ତ ହୋଇ। ଏତେ କାଶୁଛନ୍ତି ହେଲେ ପାଖରେ କେହି ନାହାନ୍ତି, ରୁମ ର ଲାଇଟ ବି ବନ୍ଦ ଅଛି, ଲାଇଟ ଲଗାଇ ଦେଇ ବ୍ୟସ୍ତ ହେଇ କହିଲେ ପ୍ରୌଢ ଜଣଙ୍କ। ସୁଜାତା ବି ଟିକେ ସଙ୍କୋଚ ହେଇ ଉଠି ଶାଢୀ ସଜାଡୁ ସଜାଡୁ କହିଲେ ଡାକ୍ତର ବାବୁ, ଆପଣ ଆସିଗଲେ କି? ଝିଅ ଟିକୁ ପଠେଇଥିଲି ଆପଣଙ୍କୁ ଡାକିବାକୁ। ବହୁତ କାଶ, ଶୋଇ ପାରୁନି, ନେବୁଲାଇଜର ପଫ୍ କାମ କରୁନି।

ନା, ନା, ମୁଁ ଡାକ୍ତର ନୁହେଁ। ରାତିରେ ମୁଁ ତାରା ଗଣିବାକୁ ଭଲପାଏ, ତେଣୁ ଯେତେବେଳେ ପୃଥିବୀ ଶୋଇପଡ଼େ, ସବୁଆଡ ନିଃଶବ୍ଦ ହେଇଯାଏ, ମୁଁ ମୁକ୍ତ ଆକାଶକୁ ଦେଖୁଥାଏ, ତାରା ଗଣିବାକୁ। ଆପଣଙ୍କ କାଶ ର ଶବ୍ଦ ଶୁଣି ଚାଲି ଆସିଲି। ନୂଆ ଅନ୍ତେବାସୀ ବୋଧହୁଏ। କିଛି ଦିନ ହେଲା ମୁଁ ଚାରିଧାମ ତୀର୍ଥ ଯେ ଯାଇଥିଲି। ସେଥିପାଇଁ ଆପଣଙ୍କର ଆସିବା ଟା ଜାଣି ପାରିଲିନି। ଆଜି ଫେରିଛି।

ISSN NO.
2582-208X

ସୁଜାତା କିଛି କହିବା ଆଗରୁ ଭଦ୍ରଲୋକଙ୍କ ମୁଁହ କୁ ଟିକେ ଅନେଇଲେ। ତାଙ୍କ ବଳିଷ୍ଠ ଚେହେରା ରେ ମଧ୍ୟ ବୟସ ର ଛାପ ଟି ପୁରା ଜଣା ପଡୁଥିଲା। ବଡ ଅଦ୍ଭୁତ ମଣିଷ ତ ସୁଜାତା ମନେ ମନେ ଭାବିଲା, ଖୁବ୍ ଖୁସି ମିଜାଜର ଜଣା ପଡୁଛନ୍ତି ନହେଲେ ରାତି ରେ ନ ଶୋଇ ତାରା ଗଣେ କିଏ ?

ସୁଜାତା ଭଦ୍ରଲୋକଙ୍କୁ ଚାହିଁଦେଲେ। ହଠାତ୍ ରାତି ର ଆଲୁଅ ର ଆଭା ସତେ ଯେମିତି ସୁଜାତା ଙ୍କର ଶିରା ପ୍ରଶିରା ଦେଇ ବୋହିଗଲା, ସାମନା ରେ ଭୂତ ଦେଖିବା ପରି ଚମକି ପଡି କହିଲେ, ଶରତ ...ତମେ ଏଠି ?

ଭଦ୍ରଲୋକଙ୍କ ର ମଧ୍ୟ ଆଶ୍ଚର୍ଯ୍ୟର ସୀମା ନାହିଁ, ସତେ ଯେମିତି ବାକ୍ ଶକ୍ତି ହରାଇ ବସିଛନ୍ତି ମୂହୁର୍ତ୍ତ ପାଇଁ। ପାଖରେ ପଡିଥିବା ଚେୟାର ଟିକୁ ଟାଣି ଆଣି ସୁଜାତାଙ୍କ ସାମନା ରେ ବସି ପଡିଲେ, ସୁଜା...କଥା କଣ...ତୁମେ ଏଠି ?

ବାସ୍.....ସୁଜାତାଙ୍କର ଧୈର୍ଯ୍ୟର ସବୁ ବନ୍ଧ ଯେମିତି ଗୋଟିଏ ମୂହୁର୍ତ୍ତ ରେ ଭାଙ୍ଗିରୁଜି ଗଲା। ଆଖିର ଅମାନିଆ ଲୁହ ଥଳକୂଳ ନ ମାନି ବୋହି ଚାଲିଥାଏ ଯାହା ଶରତଙ୍କ ପକ୍ଷରେ ଅଟକେଇ ଦେବା ସମ୍ଭବପର ହେଇ ନଥିଲା।

ଏ ଭିତରେ ଡାକ୍ତର ବି ଆସିଯାଇଥିଲେ ଏବଂ ପରୀକ୍ଷା ନିରିକ୍ଷା କରି ସୁଜାତା ଙ୍କୁ ଔଷଧ ଦେଇସାରିଥିଲେ। ଶରତ ତାଙ୍କୁ କିଛି କହିବାକୁ ନ ଦେଇ ଇସାରା ରେ ଚୁପ କରାଇ ଦେଇଥିଲେ ଏବଂ ତାଙ୍କ ଦେହରେ ଚାଦର ଟିଏ ଘୋଡାଇ ଦେଇଥିଲେ। ସୁଜାତା ବି କ୍ଷଣ ଟିଏ ଭିତରେ ଚୁପ୍ ଚାପ ଶୋଇ ପଡିଲେ, ଶରୀର, ମନ କ୍ଳାନ୍ତ ହେଉ ଅବା ଔଷଧ ର କରାମତି।ଅଝଟ ଛୁଆ ଟିର ପ୍ରାପ୍ୟ ମିଳିଯିବା ପରର ଶାନ୍ତତା ମୁହଁ ରେ ତାଙ୍କର ସ୍ପଷ୍ଟ ଦେଖାଯାଉଥିଲା।

ଲାଇଟ ଟା ବନ୍ଦ କରିଦେଇ ଶରତ କିନ୍ତୁ ସେଇ ଚେୟାର ରେ ବସି ରହିଲେ ରାତି ସାରା, ସୁଜାତା ଙ୍କ ରୁମ ରେ। ସୁପ୍ତ ସୁଜାତାଙ୍କ ମୁହଁ ରେ ଗୋଟେ ନିଷ୍ପାପ ଶିଶୁର ସରଳତା ଓ କମନୀୟତା ର ଆଭା ଉଦ୍ଭାସିତ ହେଉଥିଲା ଯାହାର ଉତ୍ସ ବୋଧେ ଥିଲେ ଶରତ, ଭରସା ଆତ୍ମବିଶ୍ୱାସ ର, ଆସ୍ଥା ଆତ୍ମସନ୍ତୋଷ ର।

ISSN NO.
2582-208X

ଶରତ ଭାବି ଚାଲିଥିଲେ ଆକାଶ ପାତାଳ। ସୁଜାତା ଓ ଶରତ, କଲେଜ ଜୀବନର ସହପାଠୀ, ପ୍ରଥମ ପ୍ରେମର ମୁଖଶାଳା, କେବେ ହୁଏତ ଜୀବନସାଥୀ ହେବାର ସ୍ୱପ୍ନ ଦେଖିଥିଲେ, କିନ୍ତୁ ରକ୍ଷଣଶୀଳ ପରିବାର ର ସୀମା ସରହଦ କୁ ଅବଜ୍ଞା କରି ସେମାନେ ତାଙ୍କ ସ୍ୱପ୍ନ କୁ ସାକାର କରି ପାରିନଥିଲେ, ତେଣୁ ଦୁହେଁ ଦୁହିଁଙ୍କୁ ଭୂଲି ନିଜ ନିଜର ଜୀବିକା ଜୀବନ ରେ ବ୍ୟସ୍ତ ରହିଯାଇଥିଲେ।

ଏ ଭିତରେ ଚାଳିଶ ବର୍ଷ ଅତିକ୍ରାନ୍ତ ହେବା ପରେ ପୁଣି ଏଇ ବୃଦ୍ଧାଶ୍ରମ ଆଜି ଶରତ ସୁଜାତାଙ୍କୁ ଏକାଠି ଆଣିଛି। ଏ କି ଲୀଳା ସମୟର !!

ଶରତ ହତବାକ୍ ଥିଲେ। ଦିନେ ତାଙ୍କ ପ୍ରେମର ଧ୍ୱନୀ ଆକାଶଛୁଆଁ ଥିଲା, ଆଉ ତାର ପ୍ରତିଧ୍ୱନି ର ତରଙ୍ଗ ଆଜିବି ଶରତ ଙ୍କ କାନରେ ଅନୁରଣିତ ହେଉଥିଲା।ଦୀର୍ଘ ଚାରି ଦଶନ୍ଧିର ଲମ୍ବା ରାସ୍ତା ଅତିକ୍ରମ କରି ଆଜି ବି ସେତିକି ସତେଜ, ସେଇ ଗଭୀରତା, ସେଇ ସାନ୍ଦ୍ରତା, ସେଇ ଅସ୍ଥିରତା, ସେଇ ବ୍ୟାକୁଳତା।

ନିଦାଘ ର ଉତପ୍ତ କିରଣ ତାକୁ ନିସ୍ତେଜ କରିନାହିଁ କି ଅସ୍ତରାଗ ର ଛଟା ବି ତାକୁ ମଳିନ କରିପାରିନାହିଁ। ଶରତ ଆମୋଦିତ ହେଲେ, ସେଦିନ ଆଉ ଆଜି... କିଛି ବି ତ ଫରକ ନାହିଁ।ଏକ ନୂଆ ସକାଳ ର ଶୀତଳ ମାଦକତା ଶରତଙ୍କ ମନ ଆଉ ଶରୀରକୁ ଛୁଇଁ ଛୁଇଁ ଚାଲିଗଲା।

(((-)))

ମୋ: 9757081238

ISSN NO.
2582-208X

# ଏଇତ ଦୁନିଆଁ



ଶିଶିର କୁମାର ପଣ୍ଡା

ଘର ତୋଳା ବେଳେ ଯୋଉ ଭାଇ ହାତେ
ଦେଇନାହିଁ ଖଣ୍ଡେ ଇଟା
ସେଇ ଭାଇ ଆଜି ଭାଗବଣ୍ଟା ବେଳେ
କରୁଛି ବାଡ଼ିଆ ପିଟା ।

ମୁଉଁ ବଡ଼ଭାଇ ପେଟକୁ ନଖାଇ
କରିଥିଲି ଯୋଉ ଘର
ଚେନେ ଚେନେ ତାକୁ ବାଣ୍ଟି ନେବେ ବୋଲି
ହେଉଛନ୍ତି ତର ବର ।

ବାପା ମାଆ କଥା ବୁଝିବାକୁ କେହି
ଇଚ୍ଛୁକ ନାହାଁନ୍ତି ଆଉ
କଥା ବଡ଼ ବଡ଼ ଗୁରୁଜନ ପ୍ରେମ
ଚୁଲୀକୁ ତାଙ୍କର ଯାଉ ।

ମଲା ପରେ ସିଏ କିଛି ଲାଭ ନାହିଁ
ହଜାରେ ଲୋକଙ୍କୁ ଖୋଇ

ISSN NO.
2582-208X

ଅଣଦେଖା ପାପ ବାପ ମାଆଙ୍କର
କେବେ ଯିବନାହିଁ ଧୋଇ ।

ଗୋଟି ଗୋଟି ସବୁ ଭୋଗିବାକୁ ହେବ
ଆପେ ଖୋଲିଯାଏ ପାଟି
ମଲା ପରେ ତୁମ ପଡ଼ି ରହିଥିବ
ସମ୍ପତ୍ତି ବାଟିକି ବାଟି ।

(((-)))

କୁଆଁସ, ମେରଦା କାଟିଆ,
ଯାଜପୁର/୮୯୮୧୭୩୭୨୨୮

ISSN NO.
2582-208X

# କିଏ କହିବ ସେ ମୋର ?



ସାଗରିକା ପଣ୍ଡା

ନୀଳ ଆକାଶର ଅମାପ ବ୍ୟାପ୍ତି,
କିମ୍ବା ସାଗରର ଅତଳ ଶାନ୍ତି ?
ସେ ମୋହର, କିଏ କହିବ ?
କେଉଁ ପରିଭାଷାରେ ମନ ବୁଝିବ ?

ସ୍ମୃତିର ସେପାରି ସେ ଏକ ସ୍ୱପ୍ନ,
ଯାହା ପାଇଁ ଆଜି ମନ ଉଚ୍ଛନ୍ନ ।
କେବେ ସେ କାକର ଶିଶିର ବିନ୍ଦୁ,
କେବେ ସେ ଅତୃପ୍ତ ପ୍ରେମର ସିନ୍ଧୁ ।

ମୋ ନୀରବତାର ସେ ଧୀର ସ୍ୱର,
ମୋ ଝଡ ପରେ ସେ ଶାନ୍ତ ସହର ।
ତା ବିନା ପୃଥିବୀ ଲାଗେ ଅଧୁରା,
ସିଏ ମୋ ଜୀବନର ସବୁଠୁ ନିଜର ।

ଭାଷା ନାହିଁ ତାକୁ ବୁଝାଇବାକୁ,
ଶବ୍ଦ ନାହିଁ କିଛି କହିବାକୁ ।
ସିଏ ମୋ ହୃଦୟର ସ୍ପନ୍ଦନଟିଏ,
କିଏ କହିବ ସେ ମୋର....
କିଏ... ... ... ... ...

ମଙ୍ଗଳପୁର, ଯାଜପୁର
ମୋ: ୭୨୦୫୭୨୮୧୫୦

ISSN NO.
2582-208X

# ଚର୍ଯ୍ୟାଗୀତିକାରେ ଶାବ୍ଦିକ ଚମତ୍କାରିତା



ଡ. ସ୍ମୃତିରେଖା ମିଶ୍ର

ଉପକ୍ରମ-

ଓଡିଆ ସାହିତ୍ୟର ପ୍ରାଥମିକ ରୂପ କହିଲେ ବୋଧ୍ ହୁଏ ଖ୍ରୀଷ୍ଟୀୟ ଏକାଦଶ ଶତାବ୍ଦୀର ସହଜିଆ ଚର୍ଯ୍ୟାପଦ । ଓଡିଶାର ଐତିହାସିକ ଗବେଷକମାନେ ଚର୍ଯ୍ୟାଗୀତିକାକୁ ଖ୍ରୀଷ୍ଟୀୟ ୭ମ-୮ମ ଶତାବ୍ଦୀର ରଚନା ବୋଲି ଦାବି କରନ୍ତି । ମୈଥିଳୀ ସାହିତ୍ୟର ଐତିହାସିକ ଡକ୍ଟର ଜୟକାନ୍ତ ମିଶ୍ର, ଜର୍ମାନ ପଣ୍ଡିତ ଆର୍ଥର ଗ୍ରୁଣ୍ଡେଲ ଓ ପଣ୍ଡିତ ବିନୟତୋଷ ଭଟ୍ଟାଚାର୍ଯ୍ୟ ପ୍ରମୁଖ ତତ୍ତ୍ୱବିଦ୍ ଦ୍ୱୟଙ୍କ ଉପରେ ନିର୍ଭର କରି ଚର୍ଯ୍ୟାପଦ ଗୁଡିକ ଯେ ଖ୍ରୀଷ୍ଟୀୟ ଅଷ୍ଟମ ଓ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ସୀମାବଦ୍ଧ ଥିବା ଅଭିମତ ରଖିଛନ୍ତି । ହିନ୍ଦୀ ସାହିତ୍ୟର ଐତିହାସିକ ମାନଙ୍କ ମତରେ  ଚର୍ଯ୍ୟାପଦର ରଚନା ସମୟ ୮ମ ଓ ୧୧ଶ ଶତାବ୍ଦୀ । କିନ୍ତୁ ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ୧୯୧୬ ମସିହାରେ ନେପାଳରୁ ଉଦ୍ଧାର କରି ଏହାକୁ 'ବୌଦ୍ଧଗାନ ଓ ଦୋହା' ନାମରେ ପ୍ରକାଶ କରିଥିଲେ । ସେହିଦିନୁ ଚର୍ଯ୍ୟାଗୀତିକା ନୂତନ ଭାବେ 'ବୋଦ୍ଧଗାନ ଓ ଦୋହା' ରୂପରେ ଅଦ୍ୟାବଧି ପ୍ରଚଳିତ ହୋଇଆସୁଅଛି ।

ବିଷୟ ବର୍ଣ୍ଣନା-

ଚର୍ଯ୍ୟାଗୀତିକାରେ ପଦଗୁଡିକ ସାନ୍ଧ୍ୟଭାଷାରେ ଲିଖିତ ହୋଇଥିବାର କଥିତ ଅଛି । ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ, ଚର୍ଯ୍ୟାପଦର ଭାଷାକୁ ଆଦିବଙ୍ଗଳା ବୋଲି ଦାବି କରିଥିଲେ ମଧ୍ୟ ଏହା ସାନ୍ଧ୍ୟଭାଷାରେ ରଚିତ ହୋଇଥିବା ସୂଚିତ ହୁଏ । ଯଥା-

'ପଦକର୍ତ୍ତାରା ସାନ୍ଧ୍ୟଭାଷାୟ ଗାନ କରିତେନ' ଅର୍ଥାତ୍ ସାନ୍ଧ୍ୟଭାଷା ଅର୍ଥ କିଛି ଆଲୋକ କିଛି ଅନ୍ଧାର, ଅର୍ଥାତ୍ କିଛି ବୁଝି ହେଉଥିବ କିଛି ବୁଝି ହେଉନଥିବ । ବାହାରେ ଗୋଟିଏ ରୂପ

ISSN NO.
2582-208X

କିନ୍ତୁ ଭିତରେ ଆଉ ଗୋଟିଏ ଅର୍ଥ ପ୍ରକାଶିତ ହେଉଥିବ । କିନ୍ତୁ ପ୍ରକୃତରେ ସାନ୍ଧ୍ୟ ଭାଷା ବୋଲି ସେପରି ନିର୍ଦ୍ଦିଷ୍ଟ କୌଣସି ଭାଷା ନାହିଁ । ସାଙ୍କେତିକ ଶବ୍ଦାବଳୀ ପ୍ରୟୋଗ କରି ସହଜିଆ ସାଧନାର ନାନା ତତ୍ୱ ଓ ରହସ୍ୟ ବହନ କରି ଏହି ଚର୍ଯ୍ୟାପଦଗୁଡିକ ରଚିତ ହୋଇଥିବାରୁ ଓଡିଆ ସାହିତ୍ୟ କ୍ଷେତ୍ରରେ ଏହା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଗବେଷକ ଡକ୍ଟର କରୁଣାକର କର ତାଙ୍କର ଗବେଷଣା ନିବନ୍ଧ 'ଆଶ୍ଚର୍ଯ୍ୟଚର୍ଯ୍ୟାଚୟ'ରେ ଚର୍ଯ୍ୟାଗୀତିକାର ଭାଷା ସମ୍ପୂର୍ଣ୍ଣ ରୂପେ ଓଡିଆ ଥିଲା, ଏହାର ଲେଖକମାନେ ଓଡିଆ ଥିଲେ ବୋଲି ମତ ଦେଇଛନ୍ତି । ସେମାନେ ଓଡିଶାର ପାଣି ପବନକୁ ଆଧାର କରି ଦୀର୍ଘ ୪୦୦ ରୁ ୫୦୦ ବର୍ଷର ସମୟକୁ ଭିତ୍ତି କରି ଗୀତିକା ଲେଖିଥିଲେ । ତତ୍କାଳୀନ ସମୟରେ ସର୍ବତ୍ର ସଂସ୍କୃତ ଭାଷାର ଅପ୍ରତିହତ ପ୍ରଭାବ ଥିଲେ ମଧ୍ୟ ଲୋକଭାଷା ମଧ୍ୟ ଦେଇ ଲୋକମାନଙ୍କର ଚିନ୍ତାଚେତନାକୁ ଚମକାଇ ଶବ୍ଦ ମାଧ୍ୟମରେ କାବ୍ୟ ରୂପ ଦେବାରେ ଚର୍ଯ୍ୟାକରମାନଙ୍କ କୃତିତ୍ୱ ବାସ୍ତବିକ ପ୍ରଶଂସନୀୟ ମନେହୁଏ ।

ଚର୍ଯ୍ୟାପଦରେ ବ୍ୟବହୃତ ଭାଷା ସମ୍ପର୍କରେ ମତ ଦେଇ ଡକ୍ଟର ସୁନୀତି କୁମାର ଚାଟାର୍ଜୀ କହିଛନ୍ତି ଯେ ଏଥିରେ ପ୍ରାଚୀନ ଓଡିଆ, ଆସାମୀ ଓ ମୈଥିଳୀ ଭାଷାର ସତ୍ତା ପରିଲକ୍ଷିତ ହୁଏ । ତାଙ୍କ ମତରେ– "The charyapadas now generally accepted as being in old Bengali, which have been preserved in manuscripts from Nepal, consist of a number of lyrics about 47, which are in a language which has also been claimed to be old Oriya as well as old Assamese and old Maithili, as much as old Bengali" ତାଙ୍କ ମତରେ ଏଥିରେ ଯେଉଁ ଭାଷା ରହିଛି, ତାହା ସମଗ୍ର ପୂର୍ବଭାରତ ଅଞ୍ଚଳରେ ତତ୍କାଳୀନ ସମୟରେ ପ୍ରଚଳିତ ଥିଲା । ସୁତରାଂ ଏହାକୁ ଅପଭ୍ରଂଶ ଭାଷା କହିବା ଶ୍ରେୟସ୍କର ମନେହୁଏ । ବସ୍ତୁତ ଏହିପରି ଚର୍ଯ୍ୟାର ଭାଷା ସମ୍ପର୍କରେ ଭିନ୍ନ ଭିନ୍ନ ମତ ଥିଲେହେଁ ପ୍ରକୃତରେ ଏହାର ଭାଷା ଆଦି ଓଡିଆ ଭାଷାର ଗୌରବ ପ୍ରକ୍ଷାପନ କରେ, ଏଥିରେ ଆଦୌ ସନ୍ଦେହ ନାହିଁ । ଉଦାହରଣ ସ୍ୱରୂପ ଲୁଇପାଙ୍କର ଗୋଟିଏ ଚର୍ଯ୍ୟାପଦକୁ ବିଚାର କଲେ ଏଥିରେ ଭାଷାଗତ ଚମତ୍କାରିତାକୁ ପାଠକ ଉପଲବ୍ଧି କରେ । ଯଥା–

କାଆ ତରୁବର ପଞ୍ଚ ବି ଡାଳ
ଚଞ୍ଚଳ ଚିଏ ପଇଠେ କାଳ
ଦିଢ କରିଅ ମହାସୁହ ପରିମାଣ

ISSN NO.
2582-208X

ଲୁଇ ଭଣଇ ଗୁରୁ ପୁଛି ଅ କାଣ
ସଅଳ ସମାହିଅ କାହି କରିଅଇ
ସୂଖ ଦୁଖେତ ନିଚିତ ମରିଅଇ ।
ଏହି ଏଉ ଛାନ୍ଦକ ବାନ୍ଧ କରଣ କପାଟେର ଆସ
ସ୍ୱନୁପାଥ ଭିତି ଲେହୁରେ ପାସ
ଭଣଇ ଲୁଇ ଆମ୍ ହେ ଝାଣେ ଦିଠା
ଧମଣ ଚମଣ ବେଣୀ ପିଣ୍ଡି ବଇଠା

ଉକ୍ତ ପଦରେ ତରୁବର, ଡାଳ, ଚଞ୍ଚଳ, ପରିମାଣ, ଗୁରୁ, ସଅଳ, ସୁଖ, ନିଚିତ, ଧମଣ, ଚମଣ ଇତ୍ୟାଦି ବିଶେଷ୍ୟ ପଦ ଗୁଡିକର ବ୍ୟବହାର କରାଯାଇଛି । ଲୁଇପା ଏହି ଗୀତିକା ଗୁଡିକରେ ଯେଉଁ ବିଶେଷ୍ୟ ପଦ ଗୁଡିକର ବ୍ୟବହାର କରିଛନ୍ତି ସେ ସମୟ ଠାରୁ ଆଜି ପର୍ଯ୍ୟନ୍ତ ଅର୍ଥାତ୍ ଉତ୍ତର ଆଧୁନିକ ସାହିତ୍ୟରେ ମଧ୍ୟ ସେଥିରୁ କେତେକ ଶବ୍ଦ ଗୁଡିକର ବ୍ୟବହାର ଅଦ୍ୟାବଧି ହେଉଛି । ଯେପରି ତରୁ, ଡାଳ, ଚଞ୍ଚଳ, ଗୁରୁ, ସୁଖ ଆଦି ଅନେକ ବିଶେଷ୍ୟ ପଦ ସାହିତ୍ୟରେ, ଦୈନନ୍ଦିନ ବ୍ୟବହାରିକ ଜୀବନରେ ଅଦ୍ୟାବଧି ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିଛି ।

ସେହିପରି  ଅନ୍ୟ ଏକ ସିଦ୍ଧ "ଭୁସୁକପା" ଯିଏକି ଚର୍ଯ୍ୟାସାହିତ୍ୟ ଇତିହାସରେ ଶାନ୍ତିଦେବ ନାମରେ ପରିଚିତ, ସେ ମଧ୍ୟ ତାଙ୍କ ଗୀତିକାରେ ବ୍ୟବହାର କରିଥିବା ବିଶେଷ୍ୟ ହେଉ ବା ବିଶେଷଣ ଶବ୍ଦକୁ ବର୍ତ୍ତମାନର ଦୈନନ୍ଦିନ ଜୀବନରେ ସାହିତ୍ୟ ବ୍ୟତୀତ ସାଧାରଣ ମାନବ ଜୀବନରେ ବହୁଳ ବ୍ୟବହୃତ ହେଉଥିବା ପରିଲକ୍ଷିତ ହୁଏ । ତାଙ୍କ ଗୀତିକାର ନିମ୍ନୋକ୍ତ ଅଂଶରୁ ପାଠକ ଏହାକୁ ଅନୁଶୀଳନ କରିଥାଏ । ଯଥା–

"ବାଜେ ନାବ ପାଢୀ ପଉଆ ଖାଲେ ବାହିରେ
ଅଦୟ ବଙ୍ଗାଳେ କ୍ଲେଶ ଲୁଡିଉ
ଆଜି ଭୁସୁକୁ ବଙ୍ଗାଳୀ ଭଇଲୀ
ଣିଅ ଘରଣୀ ଚାଣ୍ଡାଳୀ ଲେଲୀ,"

ଏଥିରେ ବ୍ୟବହୃତ ଘରଣୀ ବାଜ, ନାବ, କ୍ଲେଶ, ଆଜି, ବଙ୍ଗାଳୀ ଇତ୍ୟାଦି ଶବ୍ଦଗୁଡିକ ସାମ୍ପ୍ରତିକ ସମୟରେ ବହୁତ ଭାବରେ ବ୍ୟବହୃତ ହେଉଛି । ସୁତରାଂ ଏଥିରୁ ମନେହୁଏ

ISSN NO.
2582-208X

ତତ୍କାଳୀନ ସମୟରେ ବ୍ୟବହୃତ ଶବ୍ଦ ଗୁଡିକର ଗୁରୁତ୍ୱ ଅଦ୍ୟାବଧି ଅନୁଭୂତ ହୁଏ । ସେହିପରି କାହ୍ନୁପାଙ୍କର ଆଉ ଗୋଟିଏ ଗୀତିକାକୁ ଉଦାହରଣ ସ୍ୱରୂପ ନିଆଯାଇପାରେ । ଯଥା-

"ନଗର ବାହିରେର ଡୋମ୍ବି, ତୋହରି କୁଡିଆ
ଛୋଇ ଛୋଇ ଜାହି ସୋ ବ୍ରାହ୍ମଣ ନାଡିଆ
ଆଲୋଡୋମି ତୋଏ ସମ କରିବୋ ମୋ ସାଙ୍ଗ
ନିଘିନ କାହ୍ନୁ କାପାଳି ଜୋଇ ଲାଙ୍ଗ

x xx x x x"

ଏହି ପଦରେ ବ୍ୟବହୃତ ନଗର, କୁଡିଆ, ବ୍ରାହ୍ମଣ, ସାଙ୍ଗ, କାହ୍ନୁ, ସମ ଇତ୍ୟାଦି ବିଶେଷ୍ୟ ପଦଗୁଡିକ ଅଦ୍ୟାବଧି ବ୍ୟବହୃତ ହେଉଛି ଲୋକମୁଖରେ, ସାହିତ୍ୟିକ ଭାଷା ଭାବରେ ମଧ୍ୟ। ପୁନଶ୍ଚ ଚର୍ଯ୍ୟାପଦରେ ଏପରି କେତେକ ପ୍ରାଚୀନ ଶବ୍ଦର ବ୍ୟବହାର ହୋଇଛି ଯାହାକୁ ପାଠକ ଅନ୍ୟ କୌଣସି ଭାରତୀୟ ଭାଷାରେ ଖୋଜି ନ ପାଇପାରେ କିନ୍ତୁ ଏବେ ସୁଦ୍ଧା ଉଭୟ ଲିଖିତ ଏବଂ ଲୋକମୁଖରେ ଓଡିଆ ଭାଷାରେ ବ୍ୟବହୃତ ହେଉଛି । ଯଥା- କାହ୍ନୁପାଦଙ୍କର ଗୋଟିଏ ପଦରେ 'ରଅଣ' ଶବ୍ଦ ସୁନା ଅର୍ଥରେ ବ୍ୟବହୃତ ହୋଇଛି । ସାମ୍ପ୍ରତିକ ସମୟର ଓଡିଆ ସାହିତ୍ୟରେ "ରଣି ଫୁଲ ପରି ଜହ୍ନ ପଡିଛି" ପରି କଥାରେ କେତେକ ସ୍ଥାନରେ 'ରଣ' ଶବ୍ଦର ବ୍ୟବହାର ଲକ୍ଷ୍ୟ କରାଯାଇପାରେ । ସେହିପରି ଚର୍ଯ୍ୟାଗୀତିକାରେ ଶବର, ଶବରୀ, ସହଜ, ପ୍ରଜ୍ଞା, ଉପାୟ ଇତ୍ୟାଦି ଶବ୍ଦଗୁଡିକର ପ୍ରୟୋଗ ଅଧୁନା ପରିଲକ୍ଷିତ ହୁଏ ।

ଶବ୍ଦ ଭଣ୍ଡାରର ନିୟମ ଦୃଷ୍ଟିରୁ ମୋଟାମୋଟି ଭାବରେ ଯଦି ବିଚାର କରାଯିବ ତେବେ ଏଥିରେ ଅନେକ ତତ୍ସମ, ତଦ୍‌ଭବ ଓ ଦେଶଜ ଶବ୍ଦର ପ୍ରୟୋଗ ହୋଇଥିବା ପାଠକ ଲକ୍ଷ୍ୟ କରିଥାଏ । ଯେପରିକି ପ୍ରଥମେ ତତ୍ସମ ଶବ୍ଦ କଥା ବିଚାର କଲେ ଦେଖାଯିବ ଅବିଦ୍ୟା (ଚର୍ଯ୍ୟା-୯), ଅଭାବ (ଚର୍ଯ୍ୟା-୨୯), ଆକାଶ (ଚର୍ଯ୍ୟା-୪୧), ଆଗମ (ଚର୍ଯ୍ୟା-୪୦), କଣ୍ଠ (ଚର୍ଯ୍ୟା-୧୮), କମଳ (ଚର୍ଯ୍ୟା-୪), କମଳିନୀ (ଚର୍ଯ୍ୟା-୨୭), କରୀ (ଚର୍ଯ୍ୟା-୯), କର୍ଣ୍ଣ (ଚର୍ଯ୍ୟା-୨୮), କରୁଣା (ଚର୍ଯ୍ୟା-୧୩), କୁଠାର (ଚର୍ଯ୍ୟା-୪୫), ଗନ୍ଧ (ଚର୍ଯ୍ୟା-୧୩), ଗିରିବର (ଚର୍ଯ୍ୟା-୨୮), ଚଞ୍ଚଳ (ଚର୍ଯ୍ୟା-୨୧), ଜଳ (ଚର୍ଯ୍ୟା-୯),

ISSN NO.
2582-208X

ଜଳଧି (ଚର୍ଯ୍ୟା-୧୩), ତରୁବର (ଚର୍ଯ୍ୟା-୧), ନାରୀ (ଚର୍ଯ୍ୟା-୪), ବୀର (ଚର୍ଯ୍ୟା-୧୧), ବିଷମ (ଚର୍ଯ୍ୟା-୧୬), ଭବ (ଚର୍ଯ୍ୟା-୧୩), ମହାତରୁ (ଚର୍ଯ୍ୟା-୪୩), ରବି (ଚର୍ଯ୍ୟା-୧୧), ସଂସାର (ଚର୍ଯ୍ୟା-୧୫), ସଂହାର (ଚର୍ଯ୍ୟା-୧୪), ସୁଖ (ଚର୍ଯ୍ୟା-୧୬), ଶର (ଚର୍ଯ୍ୟା-୨୮), ଶାସନ (ଚର୍ଯ୍ୟା-୪୭), ହରିଣୀ (ଚର୍ଯ୍ୟା-୬) ଇତ୍ୟାଦି ।

### ଚର୍ଯ୍ୟାଗୀତିକାରେ ବ୍ୟବହୃତ ତଦ୍ଭବ ଶବ୍ଦାବଳୀ -

ଚର୍ଯ୍ୟାଗୀତିକାରେ ସଂସ୍କୃତରୁ ଅପଭ୍ରଷ୍ଟ ହୋଇ ଆସିଥିବା ଅନେକ ତଦ୍ଭବ ଶବ୍ଦ ଦେଖିବାକୁ ମିଳିଥାଏ । ଯେପରି- ଅମିୟ (ଚର୍ଯ୍ୟା-୩୯) ହ୍ଟ ଅମୃତ, ଆଗି (ଚର୍ଯ୍ୟା-୪୭) > ଅଗ୍ନି, ଉମତ (ଚର୍ଯ୍ୟା-୨୮) > ଉନ୍ନତି, କସଣ (ଚର୍ଯ୍ୟା-୧୬) > କୃଷ୍ଣ, ଗଅଣ (ଚର୍ଯ୍ୟା-୪୭) > ଗଗନ, ଗରାହକ (ଚର୍ଯ୍ୟା-୦୩) > ଗ୍ରାହକ, ଚୀଅ (ଚର୍ଯ୍ୟା-୩୮) > ଚିତ୍ତ, ଛଡ (ଚର୍ଯ୍ୟା-୯) > ଷଟ୍, ତିଣ (ଚର୍ଯ୍ୟା-୬) > ତୃଣ, ଦିଢ (ଚର୍ଯ୍ୟା-୧) > ଦୃଢ, ବିଷଅ (ଚର୍ଯ୍ୟା-୩୦) > ବିଷୟ, ନିଚଳ (ଚର୍ଯ୍ୟା-୭୧) > ନିଶ୍ଚଳ, ନିବାଣ (ଚର୍ଯ୍ୟା-୫) > ନିର୍ବାଣ, ମାଝ (ଚର୍ଯ୍ୟା-୧୩) > ମଧ୍ୟ, ମାଦଲା (ଚର୍ଯ୍ୟା-୧୯) > ମର୍ଦ୍ଦଳ, ରଏଣୀ (ଚର୍ଯ୍ୟା-୧୯) > ରଜନୀ ଇତ୍ୟାଦି । ଚର୍ଯ୍ୟାଗୀତିକାରେ ଦେଶଜ ଶବ୍ଦାବଳୀଗୁଡିକର ମଧ୍ୟ ବ୍ୟବହାର ହୋଇଥିବା ପରିଲକ୍ଷିତ ହୁଏ । ଯଥା - ଅନ(ଚର୍ଯ୍ୟା-୩୯) > ଅଣ, ଏକୁ (ଚର୍ଯ୍ୟା-୩୪) > ଏକ, ଏଥୁ (ଚର୍ଯ୍ୟା-୧୬) > ଏହିଠାରୁ, କାହିଁ (ଚର୍ଯ୍ୟା-୭) > କେଉଁଠାରେ, ଖୁଣ୍ଟି (ଚର୍ଯ୍ୟା-୮) > ସ୍ତମ୍ଭ, ଗୁଞ୍ଜରୀ (ଚର୍ଯ୍ୟା-୨୮) > ଆଭରଣ, ଗୁମା (ଚର୍ଯ୍ୟା-୫୦) > ମୋଟା, ଘାଣ୍ଟ (ଚର୍ଯ୍ୟା-୪୫ - ମିଶ୍ରଣ, ଜୋହ୍ନା (ଏକପ୍ରକାର ଶସ୍ୟ), ବାଡି (ଚର୍ଯ୍ୟା-୫୦) > ଘରକୁ ଲାଗି ଭୂମି, ଲୋଡିବା (ଚର୍ଯ୍ୟା-୨୮) > ଖୋଜିବା ଇତ୍ୟାଦି ବ୍ୟବହୃତ ଶବ୍ଦ ଗୁଡିକର ଏକ ସ୍ୱତନ୍ତ୍ର ମୂଲ୍ୟ ସାମ୍ପ୍ରତିକ ସମୟରେ ରହିଛି, ଭବିଷ୍ୟତରେ ମଧ୍ୟ ରହିଥିବ ।

### ଉପସଂହାର -

ଚର୍ଯ୍ୟାଗୀତିକାର ଶବ୍ଦଗୁଡିକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କଲେ ଏହି ଭାଷା ଓଡିଆ ଭାଷା ସହିତ ଘନିଷ୍ଠ ଭାବେ ସମ୍ପୃକ୍ତ ପରି ମନେହୁଏ । ଏତଦ୍ ବ୍ୟତୀତ ଚର୍ଯ୍ୟାଗୀତିକାର ଅଧିକାଂଶ ଭାଷାଗତ ବୈଶିଷ୍ଟ୍ୟ ପରବର୍ତ୍ତୀ ସମୟର ସାହିତ୍ୟ ଅର୍ଥାତ୍ ସାରଳା ସାହିତ୍ୟକୁ ପ୍ରଭାବିତ କରିଥିବା ଅନୁଭବ ହୁଏ । ବ୍ୟାକରଣ କ୍ଷେତ୍ରରେ ବିଶେଷ୍ୟ, ବିଶେଷଣ,

ISSN NO.
2582-208X

କ୍ରିୟାପଦ, ଧ୍ୱନିତାତ୍ତ୍ୱିକ ବୈଶିଷ୍ଟ୍ୟ, ସାର୍ବନାମିକ ପ୍ରୟୋଗ, ବିଭକ୍ତିର ବ୍ୟବହାର ପ୍ରତ୍ୟେକ କ୍ଷେତ୍ରରେ ଓଡିଆ ସାହିତ୍ୟର ଇତିହାସରେ "ଚର୍ଯ୍ୟାଗୀତିକା" ବା ଚର୍ଯ୍ୟାସାହିତ୍ୟ ତାର ଚମତ୍କାରିତାକୁ ବଜାୟ ରଖିଛି । ସାହିତ୍ୟର ଇତିହାସରେ ଗୋଟିଏ ଯୁଗ ପରେ ନୂତନ ଯୁଗର ଆଗମନ ହେଲେ ମଧ୍ୟ ସମୟାନୁସାରେ ଚର୍ଯ୍ୟା ସାହିତ୍ୟ ନିଜର ସ୍ୱାତନ୍ତ୍ର୍ୟକୁ ବଜାୟ ରଖିଥିବ, କାରଣ ସାହିତ୍ୟରେ ଅନିଶ୍ଚିତତା ନାହିଁ ।

ସହାୟକ ଗ୍ରନ୍ଥସୂଚୀ -

୧. ଭାଷାତତ୍ତ୍ୱ ଓ ଓଡିଆ ଭାଷାର ଦିଗଦିଗନ୍ତ ଡ. ମିଶ୍ର ହରପ୍ରସାଦ

୨. ଓଡିଆ ସାହିତ୍ୟର ଇତିହାସ - ଡ. କର ବାଉରୀବନ୍ଧୁ

୩. ଓଡିଆ ସାହିତ୍ୟର ଆଦିପର୍ବ - ଶ୍ରୀ ମହାନ୍ତି ସୁରେନ୍ଦ୍ର

(((-)))

ସହକାରୀ ଅଧ୍ୟାପିକା, ଓଡ଼ିଆ ବିଭାଗ
ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ
ଭଦ୍ରକ

ISSN NO.
2582-208X

# "୧୦୮ – ଜୀବନର ରଥ"



ଡ. ଯଶୋବନ୍ତ ନାୟକ

ତିନି ଅଙ୍କ ନୁହେଁ ସେ, ଭରସାର ନାମ
ବିପଦ ବେଳରେ ଡାକେ ସବୁ ଗାଁ ଓ ଧାମ
ରାତି କି ଦିପହର, ଝଡ କି ଖରାବେଳ
ଦୌଡେ ସେ ଗାଡି, ହୃଦେ ନେଇ ଆଶାବେଳ ॥

ସାଇରନ୍ ଶବ୍ଦରେ କାନ୍ଦେ ନାହିଁ ମନ
ଜାଗେ ଆଶା ଦୀପ, ବଞ୍ଚିବାର ସ୍ପନ୍ଦନ
ଚାଳକ ଭାଇର ଆଖି ନିଦ ମାଗେ ନାହିଁ
ଜୀବନ ବଞ୍ଚାଇବା ଏକା ମନ୍ତ୍ର ଗାଇ ॥

ଇଏମଟି ଦିଦିର ହାତ ଯେବେ ଧରେ ହାତ
ଯନ୍ତ୍ରଣା ଭିତରେ ବି ମିଳେ ଶାନ୍ତି ସାଥ
ଅକ୍ସିଜେନ ହେଉ କି ଷ୍ଟ୍ରେଚର ସାହା
ମରଣ ମୁହଁରୁ ଛଡାଏ ସେ ରାହା ॥

ଗରିବର ଝୁମ୍ପୁଡି ହେଉ କି ସହର ରାଜପଥ
୧୦୮ ପାଇଁ ସବୁ ଜୀବନ ଏକା ଶପଥ
ପଇସାର ହିସାବ କେବେ ପଚାରେ ନାହିଁ
ସମୟକୁ ଜିଣିବା କେବଳ ଲକ୍ଷ୍ୟ ତାହିଁ ॥

ISSN NO.
2582-208X

ପ୍ରସୂତିର ଚିତ୍କାର ହେଉ କି ଦୁର୍ଘଟଣା ଘା
ହୃଦଘାତ କି ସାପ କାମୁଡାର ବ୍ୟଥା
ଫୋନର ଗୋଟିଏ ଡାକ—୧-୦-୮
ଯମ ଆଗେ ଛିଡା ହୁଏ ଜୀବନର ଢାଲ ॥

ହେ ଲାଲ ରଙ୍ଗର ଦେବଦୂତ, ତୋତେ ସଲାମ
ତୋ ଚକା ତଳେ ବଞ୍ଚେ ଲକ୍ଷେ ମାଆର ନାମ
ଧନ୍ୟ ସେ ସେବା, ଧନ୍ୟ ସେ ଆହ୍ୱାନ
୧୦୮—ତୁ ତ ସାକ୍ଷାତ ଭଗବାନ ॥

କେତେ ଶିଶୁ କାନ୍ଦିଛି ପ୍ରଥମ ତୋ କୋଳେ
କେତେ ବୁଢା ଆଖି ବୁଜିଛି ତୋ ବୋଲେ
ତୁ ନୁହଁସ କେବଳ ଲୁହାର ଗାଡି
ତୁ ତ ମାନବତା ବୋହି ନେଉଥିବା ନଦୀ ॥

ହେ ୧୦୮, ତୋ ଯାତ୍ରା ଅଟକୁ ନାହିଁ
ପ୍ରତି ହୃଦସ୍ପନ୍ଦନେ ତୋ ନାମ ଲେଖାହୋଇ
ଯେବେ ଯାଏଁ ବଞ୍ଚିବ ଜୀବନର ମୋହ
ତେବେ ଯାଏଁ ବାଜିବ ତୋ ସାଇରନ୍ କୋହ ॥

(((-)))

ମୋତିଗାମ, ପଲଶାପଗ୍‌, ନବରଙ୍ଗପୁର
ମୋ: 7735423033

ISSN NO.
2582-208X

# କାହା ଛୁଆ କଏ



ରମେଶ ଚନ୍ଦ୍ର ନାୟକ

ଗଛ ଡାଳେ ବାନ୍ଧି ବସା ଟିଏ
ଡାମରା କାଉଟି ରହୁଥାଏ
କଳା ମୁଚୁମୁଚୁ ଦେହଟି ତାହାର
କାଆ କାଆ ରଡି ଛାଡେ ସିଏ ।।
କୋଇଲି ପକ୍ଷୀଟି ଉଡ଼ି ଉଡ଼ି
କହିଲା କୁଆକୁ ଡେଣା ଝାଡ଼ି
ବନ୍ଧୁ ହୋଇ ଆମେ ସାଥିରେ ରହିବା
ଏକାଠି ଖାଇବା ଖାଦ୍ୟ ବାଢି ।।
କୋଇଲି ଗାଇଲା ମିଠା ଗୀତ
କୁଆ ଶୁଣି ହେଲା କେତେ ପ୍ରୀତ
ଦୁହେଁ କଥା ହେଲେ ମଇତ୍ର ବସିଲେ
ଏକାଠି ରହିଲେ ହୋଇ ସାଥ ।
କଟାଇଲେ କାଳ ଖୁସି ହୋଇ
ଦୁହେଁ ଅଣ୍ଡା ଦେଲେ ଦୁଇ ଦୁଇ
ଡେଣା ମେଲି କୁଆ ଅଣ୍ଡା ଉଷୁମାଏ
କୋଇଲି ଥଣ୍ଟରୁ ଖାଦ୍ୟ ଖାଇ ।।
ଫୁଟାଇଲା ଅଣ୍ଡା ଥଣ୍ଟେ କୁଆ
ଜନମ ହୋଇଲେ ଚାରି ଛୁଆ
ସଭିଙ୍କୁ ଦେଖିଲେ ଲାଗେ ଏକାଭଳି

ISSN NO.
2582-208X

ଚହ୍ନିଲେନି କିଏ କାହା ଛୁଆ ।।
ଭାଳେଣି ଗଣିଲେ ଦୁଇ ମାଆ
କହିଲେ କିଏସେ ହେବ ସାହା
ହନୁ ମାଙ୍କଡଟି ଗଛ ଡାଳେ ବସି
କହେ କହିଦେବ ପକ୍ଷୀ ଶୁଆ ।।
ଶୁଆ ପାଶେ ଦୁହେଁ ଉଡିଗଲେ
ବିନୟ ଭାବରେ ପ୍ରଶ୍ନ କଲେ
କାହା ଛୁଆ କିଏ ଯେବେ କହିଦେବ
ଆଣି ଦେବୁ ଆମେ କୋଳି ପୁଳେ ।।
ତାଙ୍କ ସାଥେ ଗଲା ଶୁଆ ପକ୍ଷୀ
ନିରେଖି ଚାହିଁଲା ଦେଇ ଆଖି
ଗୋଟି ଗୋଟି କରି ଖୁମ୍ପିଲା ଥଣ୍ଟରେ
ଦେଖି କାନ୍ଦୁଥିଲେ ଦୁଇ ସଖି ।।
ଶୁଆ ଖୁମ୍ପା ଖାଇ ଚାରି ପିଲେ
କାଆ କାଆ କୁହୁ କୁହୁ କଲେ
କୁଆ ଓ କୋଇଲି ଆନନ୍ଦ ମନରେ
କାହା ଛୁଆ କିଏ ଜାଣିଗଲେ ।।

(((-)))

କେଶରପୁର , ବକ୍ସି ବଜାର , କଟକ
ମୋ :- ୭୯୭୮୧୫୧୭୧୦

ISSN NO.
2582-208X

ବେଦାନ୍ତି

# ସାହିତ୍ୟିକ ବ୍ରଜମୋହନ ପଣ୍ଡାଙ୍କ ଅବଦାନ



ଶ୍ରୀଯୁକ୍ତ ରାଧାକାନ୍ତ ସୁନା

ସାରାଂଶ:

ବିଶିଷ୍ଟ ସାହିତ୍ୟିକ ଶ୍ରୀ ବ୍ରଜମୋହନ ପଣ୍ଡା ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ। ନୂତନ ସାହିତ୍ୟ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଶିକ୍ଷାର ଉନ୍ନତି, ସମାଜର ଉନ୍ନତି, କୃଷିର ଉନ୍ନତି, ପଲ୍ଲୀର ବିକାଶ ସହ ଦେଶର ବିକାଶ ନିମନ୍ତେ ତାଙ୍କର ଅବଦାନ ଅତୁଳନୀୟ। ସାହିତ୍ୟ କ୍ଷେତ୍ରରେତାଙ୍କ ସୃଜନର ମୂଳ ଆଧାର ହେଉଛି ସମାଜର ବାସ୍ତବ ଅନୁଭୂତି, ମାନବୀୟ ସମସ୍ୟା ଓ ନୈତିକ ମୂଲ୍ୟବୋଧ। ଏହି କାରଣରୁ ତାଙ୍କ ସାହିତ୍ୟ କେବଳ ରସାସ୍ୱାଦନର ସୀମାରେ ସୀମିତ ନରହିସମାଜ ଓ ଶିକ୍ଷା ସହ ଗଭୀର ସମ୍ପର୍କ ସ୍ଥାପନ କରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଜେ ଲେଖନୀ ଚାଳନା କରିବା ସହିତ କବି ଲେଖକଙ୍କୁ ଉତ୍ସାହିତ ଓ ପ୍ରୋତ୍ସାହିତ କରୁଥିଲେ। ସାହିତ୍ୟକୁ ଗଭୀର ଭାବେ ଭଲ ପାଉଥିଲେ ବୋଲି ସାହିତ୍ୟର ସକଳ ଉନ୍ନତି ତାଙ୍କର ଲକ୍ଷ୍ୟ ଥିଲା। ସ୍ୱଭାବ କବି ଗଙ୍ଗାଧର ମେହେର ତାଙ୍କୁ ପ୍ରଧାନ ପୃଷ୍ଠପୋଷକ ଭାବରେ ପାଇ ନିଜକୁ ଧନ୍ୟ ମନେକରୁଥିଲେ । ଶ୍ରୀ ପଣ୍ଡା ମର୍ମେ ମର୍ମେ ଅନୁଭବ କରିଥିଲେ ଯେ, ଶିକ୍ଷା ଦ୍ୱାରା ହିଁ ସମାଜର ଉନ୍ନତି ସମ୍ଭବ। ସେଥି ପାଇଁ ତ ଅନେକ ଶିକ୍ଷାନୁଷ୍ଠାନମାନ ଗଢିବା ପାଇଁ ନିଜର ସଞ୍ଚିତ ଧନକୁ ଆକୁଣ୍ଠଚିତ୍ତରେ, ମୁକ୍ତ ହସ୍ତରେ ଦାନ କରୁଥିଲେ। ସମାଜର ଉନ୍ନତି ସକାଶେ ଶିକ୍ଷା ଓ ସାହିତ୍ୟର ଉନ୍ନତି ସାଧନା ତଥା ସଂସ୍କୃତିର ସୁରକ୍ଷା ତାଙ୍କର ପରମ କର୍ତ୍ତବ୍ୟ ମଣୁ ଥିଲେ।

ISSN NO.
2582-208X

### ପ୍ରକଳ୍ପର ଉଦ୍ଦେଶ୍ୟ:

ଏହି ଗବେଷଣା ପ୍ରବନ୍ଧରେ ପଶ୍ଚିମ ଓଡ଼ିଶାକୁ ସାହିତ୍ୟିକ ବ୍ରଜମୋହନ ପଣ୍ଡାଙ୍କ ଅବଦାନ ଯାହାକିଶିକ୍ଷା, ସାହିତ୍ୟ ଓ ସମାଜ ବିକାଶ ତିନୋଟି ଦିଗକୁଦୃଷ୍ଟିରେ ରଖି ଅନୁଶୀଳନ ଓ ଆଲୋଚନା କରାଯିବ। ଏଥିରେ ଗୁଣାତ୍ମକ ବିଶ୍ଳେଷଣ ପଦ୍ଧତି ଅବଲମ୍ବନ କରାଯାଇ ଚୟନୀତ ସାହିତ୍ୟକୃତି, ସମାଲୋଚନାମୂଳକ ଲେଖା ଓ ସନ୍ଦର୍ଭଗତ ଗବେଷଣାକୁ ଆଧାର କରାଯାଇଛି।

### ଗବେଷଣା ପଦ୍ଧତି :

ଏହି ଗବେଷଣା ଗୁଣାତ୍ମକ ପଦ୍ଧତିରେ ଆଧାରିତ। ପ୍ରାଥମିକ ସ୍ରୋତ ଭାବେ ବ୍ରଜମୋହନ ପଣ୍ଡାଙ୍କ ଯୌବନ ଗାଥା ପୁସ୍ତକ ଓ ସମାଲୋଚନାମୂଳକ ରଚନାକୁ ଗ୍ରହଣ କରାଯାଇଛି। ଦ୍ୱିତୀୟ ସ୍ରୋତ ଭାବେ ସମାଲୋଚକମାନଙ୍କ ମତାମତ, ଗବେଷଣା ପ୍ରବନ୍ଧ ଓ ସନ୍ଦର୍ଭ ପୁସ୍ତକ ଅବଲମ୍ବନ କରାଯାଇଛି।

### ଗବେଷଣାର ନିଷ୍କର୍ଷ :

ପ୍ରକଳ୍ପର ଅନ୍ତିମ ପର୍ଯ୍ୟାୟରେ ଉକ୍ତ ଆଲୋଚନାର ଏକ ନିଷ୍କର୍ଷ ପ୍ରଦତ୍ତ ହେବ। ଉକ୍ତ ଆଲୋଚନାରେ ସଂସ୍କୃତି ପୁରୁଷ ତଥା ସୁସାହିତ୍ୟିକ ବ୍ରଜମୋହନପଣ୍ଡାଙ୍କ ଅବଦାନ ସମ୍ପର୍କରେ ଏକ ନିଶ୍ଚିତ ଉପସଂହାର ପ୍ରଦତ୍ତ ହେବ।

### ମୁଖ୍ୟ ଶବ୍ଦ ସମୂହ :

ବ୍ରଜମୋହନ ପଣ୍ଡା, ଓଡ଼ିଆ ସାହିତ୍ୟ, ଶିକ୍ଷା, ସାହିତ୍ୟ, ସମାଜ, ପଲ୍ଲୀ ବିକାଶ, ଗ୍ରାମୀଣ ବିକାଶ,

### ବ୍ରଜମୋହନ ପଣ୍ଡାଙ୍କ ପରିଚୟ:

ଅବିଭକ୍ତ ସମ୍ବଲପୁର (ବର୍ତ୍ତମାନ ବରଗଡ଼) ଜିଲ୍ଲାର ଏକ ପଲ୍ଲୀ ଗ୍ରାମ ଲରମ୍ବାରେ ୧୮୯୦ ମସିହା ଜୁନ ମାସ ୫ ତାରିଖରେ (କୃଷ୍ଣପକ୍ଷ ତୃତୀୟା ଦିନ) ପିତା ବୃନ୍ଦାବନ ପଣ୍ଡା ଓ ମାତା ଚନ୍ଦ୍ରମା ଦେବୀଙ୍କ ଔରସରୁ ବ୍ରଜମୋହନ ପଣ୍ଡାଙ୍କ ଜନ୍ମ।ତାଙ୍କ ପିତାମହ କାଶୀନାଥ ପଣ୍ଡା ଜଣେ ବିଶିଷ୍ଟ ଭୂମ୍ୟଧିକାରୀ ଓ କୃଷକ ଥିବା ବେଳେପିତା ବୃନ୍ଦାବନ ପଣ୍ଡା ଜଣେ ଭଗବତ

ISSN NO.
2582-208X

ପ୍ରାଣ ବ୍ୟକ୍ତି । ପ୍ରଖର ସ୍ମରଣ ଶକ୍ତି ଯୋଗୁଁ ମାଁ ଚନ୍ଦ୍ରମା ଦେବୀଙ୍କଠାରୁ କେଶବ କୋଇଲି, ରାହାସ, ଗୋପୀଭାଷାକୁ ଶୁଣି ଶୁଣି ମନେ ରଖିପାରୁଥିଲେ ବ୍ରଜମୋହନ ପଣ୍ଡା।

ଲରମ୍ଭା ପ୍ରାଇମେରୀ ବିଦ୍ୟାଳୟରୁ ଶିକ୍ଷା ଜୀବନ ଆରମ୍ଭ ହୁଏ। ମାତ୍ର ତାଙ୍କ ଶିକ୍ଷା ସମାପ୍ତି ହେଉ ହେଉ ବିଦ୍ୟାଳୟଟି ବନ୍ଦ ହୋଇଯାଏ। ପିତା ପୁତ୍ରକୁ ପାଠ ପଢାଇବାକୁ ବ୍ୟଗ୍ର। ଘରଠାରୁ ୩ ମାଇଲ ଦୂରରେ ଥିବା ଟାମ୍ପରସରା ଗ୍ରାମର ବିଦ୍ୟାଳୟରେ ନାମ ଲେଖାହୁଏ। ବିଭିନ୍ନ ସମସ୍ୟା ଯୋଗୁଁ ନିୟମିତ ଟାମ୍ପରସରା ବିଦ୍ୟାଳୟକୁ ଯାଇ ବିଦ୍ୟା ଅର୍ଜନ ସମ୍ଭବ ହେଲା ନାହିଁ। ତେଣୁ ପୁତ୍ରର ଶିକ୍ଷା ପାଇଁ ଏକ ଗୃହ ଶିକ୍ଷକ ନିଯୁକ୍ତ ହେଲେ ଓ ନିଜ ଘରେ ରହି ପାଠ ପଢିଲେ। ତତ୍ପରେ ସମ୍ବଲପୁର ସ୍ଥିତ ପଟ୍ଟନାୟକପଡ଼ାର ଚତୁର୍ଥ ଶ୍ରେଣୀରେ ପାଠ ପଢି ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୁଅନ୍ତି। ଶିକ୍ଷାର ବିଭିନ୍ନ ସୋପାନ ଅତିକ୍ରମ କରି ୧୯୧୦ ମସିହାରେ କଟକ ରେଭେନ୍ସା କଲେଜିଏଟରୁ ମ୍ୟାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ କଲିକତା ପ୍ରେସିଡେନସି କଲେଜରେ ଲ  ପଢିବାକୁ ପସନ୍ଦ କଲେ।

୧୯୦୫ ମସିହାରେ ସମ୍ବଲପୁରର ବାଳମୁକୁନ୍ଦ ବେହେରାଙ୍କ ଝିଅ ଲଳିତା ଦେବୀଙ୍କ ସହ ବିବାହ ଅନୁଷ୍ଠିତ ହୁଏ। ତାଙ୍କର ଦୁଇ ସନ୍ତାନ ଗଙ୍ଗାଭୂଷଣ ଓ ପଦ୍ମଲୋଚନ। ଏହି ମହାନ ଆତ୍ମା ୧୯୬୫ ମସିହା ମାର୍ଚ୍ଚ ୧୪ ତାରିଖ ଦିନ ଶେଷ ନିଶ୍ୱାସ ତ୍ୟାଗ କଲେ ସୁଦ୍ଧା ତାଙ୍କର ଆଦର୍ଶ,ବିଚାର, କାର୍ଯ୍ୟ ଯୋଗୁଁ ଚିର ଦିନ ଅମର ରହିବ।

### ଶିକ୍ଷାର ଉନ୍ନତି ନିମନ୍ତେ :

ଓଡ଼ିଶା ସାହିତ୍ୟ ଏକାଡ଼େମୀ, ସଚିବ ଜୟନ୍ତୀ ରଥ, ଗଣେଶରାମ ନାହାକଙ୍କ ସାହିତ୍ୟିକ ବ୍ରଜମୋହନ ପଣ୍ଡା ପୁସ୍ତକରେ ଯଥାର୍ଥରେ କହିଛନ୍ତି-'ଅବିଭକ୍ତ ସମ୍ବଲପୁର ଜିଲ୍ଲାର ଏକ ପଲ୍ଲୀଗ୍ରାମ ଲରମ୍ଭାରେ ଜନ୍ମଗ୍ରହଣ କରି ନିଜର ସାଧନା ଓ ନିଷ୍ଠା ବଳରେ ସକଳ ଦିଗରେ ସଫଳତାର ଶୀର୍ଷକୁ ଛୁଇଁ ପାରିଥିଲେ । 'କୃଷି, ଶିକ୍ଷା, ଶିଳ୍ପ ଆଦିର ବିକାଶ ଲାଗି ମଧ୍ୟରେ ସେ ଅହରହ ପ୍ରୟାସ ଜାରି ରଖିଥିଲେ। "ବ୍ରଜମୋହନ ଥିଲେ ଜଣେ କର୍ମଯୋଗୀ ଓ କର୍ମବୀର। ପଶ୍ଚିମ ଓଡ଼ିଶା ତଥା ସମଗ୍ର ଓଡ଼ିଶାର ଶିକ୍ଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ସେ ଥିଲେ ଜଣେ ଅଗ୍ରଗଣ୍ୟ ନେତା।" ବ୍ରଜମୋହନ ଥିଲେ ଉଚ୍ଚ ଶିକ୍ଷିତ। ସେ ଜାଣିଥିଲେ ଶିକ୍ଷା ବିନା ନିଜର ତଥା ଦେଶ ଜାତିର ବିକାଶ ସମ୍ଭବ ନୁହେଁ। ନିଜ ଜନ୍ମମାଟି ଲରମ୍ଭା ଗ୍ରାମରେ ସ୍କୁଲଟିଏ ନଥିବାରୁ ସେ ଛାତ୍ର ଜୀବନରୁ ଏହାର ଆବଶ୍ୟକତା ଉପଲବ୍ଧି

ISSN NO.
2582-208X

କରିପାରିଥିଲେ। ଯୌବନ ଗାଥାର ପୃଷ୍ଠା ସଂଖ୍ୟା ୧୪ରେ ଯଥାର୍ଥରେ ଶ୍ରୀଯୁକ୍ତ ପଣ୍ଡା ଲେଖିଛନ୍ତି –"ସମ୍ବଲପୁର ଜିଲ୍ଲା ସ୍କୁଲ ପରେ ବରଗଡ଼ରେ ହାଇସ୍କୁଲ ୧୯୧୫ରେ ହେଲା। ତାପରେ ସାମାନ୍ୟ ପଲ୍ଲୀ ଲରମ୍ବାରେ ୧୯୩୮ରେ ସ୍ଥାପିତ ହେଲା। ଆଜି ଜିଲ୍ଲାରେ ୪୦ ହାଇସ୍କୁଲ ଓ ୬ଟି କଲେଜ ହେଲାଣି। ସମ୍ବଲପୁର ପଶ୍ଚିମ ଓଡ଼ିଶାର କେନ୍ଦ୍ର ହୋଇଅଛି। ଏଠାରେ ଏକ ବିଶ୍ୱବିଦ୍ୟାଳୟ ହେବାର ଆକାଂକ୍ଷା ରହିଅଛି। ସେହି ଆକାଂକ୍ଷା ପୂର୍ଣ୍ଣ ହେଲେ ଜୀବନ ଚରିତାର୍ଥ ହେବ। ଯେଉଁ ଜାତିର ଶିକ୍ଷାର ପ୍ରସାର ନାହିଁ, ସେ କେବେ ଉନ୍ନତି ହୋଇ ନ ପାରେ। ଏଣୁ ଶିକ୍ଷା ଓ ସାହିତ୍ୟର ଉନ୍ନତି ପାଇଁ ସବୁବେଳେ ଚେଷ୍ଟା ରହିବା ଦରକାର।" ତାଙ୍କର ଏହି ଉକ୍ତିରୁ ଆମେ ଆକଳନ କରିପାରିବା ଶ୍ରୀଯୁକ୍ତ ପଣ୍ଡା ଶିକ୍ଷା ଓ ସାହିତ୍ୟର ଉନ୍ନତି ପାଇଁ କେଉଁ ଧରଣର ଭାବନା ରଖୁଥିଲେ। ତାଙ୍କର ଚିନ୍ତା କେବଳ ଚିନ୍ତାରେ ସୀମିତ ନଥିଲା, ମନ, ଧନ ଓ ଜନ ଲଗାଇ ଦେଇ କାର୍ଯ୍ୟରେ ରୂପାନ୍ତରିତ କରୁଥିଲେ। ନିପଟ ଗ୍ରାମୀଣ ପରିବେଶରେ ଶିକ୍ଷାର ଆଲୋକରେ ଆଲୋକିତ କରିବା ଥିଲା ତାଙ୍କର ଲକ୍ଷ୍ୟ। ଗାଁରେ କିପରି ଏକ ପାଠଶାଳାଟିଏ ହେବ ଏହି ଚିନ୍ତାରେ ତାଙ୍କ ମନ ସବୁବେଳେ ଘାଣ୍ଟି ହେଉଥାଏ। ଗାଁର ୭ ଜଣ ପିଲାଙ୍କ କର୍ତ୍ତାମାନଙ୍କ ସମ୍ମତି କ୍ରମେ ଗାଁରେ ଏକ ଚାହାଳି ଆରମ୍ଭ ହେଲା। ମାସିକ ଦରମା ୧ ଟଙ୍କାରେ ଅଭିମନ୍ୟୁ ପଣ୍ଡା ଚାହାଳିର ଶିକ୍ଷକ ଭାବେ ନିଯୁକ୍ତ ହେଲେ । ମାସ ପୂର୍ଣ୍ଣ ହେଲା, ଦରମା ଟଙ୍କା ଆସେ କାହୁଁ? ବଡ଼ ବିଷମ ଚିନ୍ତାରେ ପଡ଼ିଲେ। କାହାକୁ ମାଗିବାକୁ ସାହସ ନାହିଁ। ଶିକ୍ଷା ପ୍ରତି ସଭିଏଁ ଉଦାସୀନ। ଖର୍ଚ୍ଚ କରି ପୁଅକୁ ପଢାଇବେ ଏକଥା ଅସମ୍ଭବ ଥିଲା। ଚିନ୍ତାରେ ପଡ଼ିଗଲେ ସେ। ଶେଷରେ ଗୋଟିଏ ସମାଧାନରେ ଉପନୀତ ହେଲେ। ସମ୍ବଲପୁରରେ ରହି ପାଠ ପଢିବା ସମୟରେ ଜଳଖିଆ ଖର୍ଚ୍ଚ ସକାଶେ ତାଙ୍କ ପିତା ମାସକୁ ୨ ଟଙ୍କା ଦେଉଥିଲେ। ତହିଁରୁ ମାସକୁ ୧ ଟଙ୍କା ଦେବାକୁ ସ୍ଥିରକଲେ ଏବଂ ରୀତିମତ ଏକ ବର୍ଷ ପର୍ଯ୍ୟନ୍ତ ଚାହାଳି ପାଇଁ ଶିକ୍ଷକଙ୍କ ଦରମା ଦେଉଥିଲେ। ପରେ ତାଙ୍କ ପିତା ଏସବୁ ଜାଣିବା ପରେ ଚାହାଳିର ଶିକ୍ଷକଙ୍କ ଦରମା ତାଙ୍କ ପିତା ବହନ କଲେ। ସେହି ଦିନରୁ ଲରମ୍ବା ସ୍କୁଲର ସୂତ୍ରପାତ ହେଲା। ସମୟକ୍ରମେ ତାହା ଲୋଅର ପ୍ରାଇମେରୀ, ଅପର ପ୍ରାଇମେରୀ, ମିଡ଼ିଲ ଭର୍ଣ୍ଣାକ୍ୟୁଲାର, ମିଡ଼ିଲ ଇଂଲିଶ, ହାଇସ୍କୁଲ, ହାୟାର ସେକେଣ୍ଡରୀ ଓ ବର୍ତ୍ତମାନଡିଗ୍ରୀ ମହାବିଦ୍ୟାଳୟରେ ପରିଣତ ହୋଇଛି। ଶିକ୍ଷା କ୍ଷେତ୍ରରେ ୫୯ ବର୍ଷର ସଫଳ ଯାତ୍ରା ପୂରଣ କରି, ୨୦୧୫ ମସିହାରେ ମହାବିଦ୍ୟାଳୟ ତାହାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିଥିଲା। ବରଗଡ଼ ଜିଲ୍ଲାର ଲରମ୍ବା ପଞ୍ଚାୟତ ମୁଖ୍ୟାଳୟରେ ଅବସ୍ଥିତ ଏହି ମହାବିଦ୍ୟାଳୟର ଶାନ୍ତ, ସବୁଜ ଏବଂ ମନୋରମ ପରିବେଶ

ISSN NO.
2582-208X

ପ୍ରତ୍ୟେକ ଦର୍ଶନାର୍ଥୀଙ୍କ ମନରେ ଗଭୀର ଛାପ ଛାଡ଼ିଯାଏ। ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟତଃ ଶିକ୍ଷା ସୁଯୋଗ ଯୋଗାଇ ଆସୁଥିବା ଲରମ୍ବା କଲେଜରେ ଉଚ୍ଚମାଧ୍ୟମିକ ଏବଂ ସ୍ନାତକ ସ୍ତରରେ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ବୃତ୍ତିମୂଳକ ଶିକ୍ଷାର ବ୍ୟବସ୍ଥା ରହିଛି।

ଶିକ୍ଷା ପ୍ରତି ବ୍ରଜମୋହନଙ୍କ ଆସକ୍ତି ହେତୁ ଏହି ଅଞ୍ଚଳରେ କିପରି ଅଧିକରୁ ଅଧିକ ଶିକ୍ଷାନୁଷ୍ଠାନ ଗଢି ଉଠିବ ସେଥିପ୍ରତି ବିଶେଷ ଧ୍ୟାନ ଦେଉଥିଲେ। ୧୯୬୨ ମସିହାରେ କେତେକ ବୁଦ୍ଧିଜୀବୀ ଓ ଶିକ୍ଷାବିତଙ୍କୁ ନେଇ ଓଡ଼ିଶା ଏଜୁକେଶନ ସୋସାଇଟି ନାମରେ ଏକ କମିଟି ଗଠନ ହେଲା। ଏହି କମିଟିର ସଭାପତି ପଦ୍ମଶ୍ରୀ ପର୍ଶୁରାମ ମିଶ୍ର, ଉପସଭାପତି ଶ୍ରୀଯୁକ୍ତ ବ୍ରଜମୋହନ ପଣ୍ଡା ଓ ସମ୍ପାଦକ ଡକ୍ଟର ଶ୍ରଦ୍ଧାକର ସୂପକାର ହେଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ସ୍ୱପ୍ନକୁ ସାକାର ପାରିବା ପାଇଁ ଏହି କମିଟିର ନିଷ୍ଠା, ସଂଗ୍ରାମ, ସାଧନାର ପଟ୍ଟାନ୍ତର ନାହିଁ। ପଶ୍ଚିମ ଓଡ଼ିଶାର ଜିଲ୍ଲାମାନଙ୍କରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଦାବୀ ତେଜି ଉଠିଲା। ସମସ୍ତ ରିପୋର୍ଟ ସରକାରଙ୍କ ପାଖକୁ ଗଲା। ସମସ୍ତ ତଥ୍ୟ ଓ ବିବରଣୀ ଅନୁଧ୍ୟାନ ଓ ଅନୁଶୀଳନ ପରେ ୧୯୬୭ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲା। କିନ୍ତୁ ଦୁଃଖର ବିଷୟ ପଣ୍ଡା ମହାଶୟଙ୍କ ଏହି ସ୍ୱପ୍ନ ସାକାର ହେବା ପୂର୍ବରୁ ସେ ଇହଧାମରେ ଆଉ ନଥିଲେ।

ବାସ୍ତବରେ ବ୍ରଜମୋହନ ଥିଲେ ଶିକ୍ଷାନୁରାଗୀ। ପଶ୍ଚିମ ଓଡ଼ିଶାରେ ଶିକ୍ଷାର ପ୍ରସାର ପାଇଁ ତାଙ୍କର ଅକ୍ଳାନ୍ତ ଶ୍ରମ ଓ ସାଧନାର ତୂଳନା ନାହିଁ । ପିଲେ ପଢ଼ନ୍ତୁ ଓ ବଢ଼ ହୁଅନ୍ତୁ, ଏହାଥିଲା ତାଙ୍କର ଦୃଢ଼ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ୧୯୪୩ ମସିହାରେ ସମ୍ବଲପୁର ଟ୍ରଷ୍ଟଫଣ୍ଡ କଲେଜ ପ୍ରତିଷ୍ଠା ହେଲା। ବ୍ରଜମୋହନ ବାବୁ ତହିଁର ସେକ୍ରେଟାରୀ ଓ ପ୍ରଧାନ ପୃଷ୍ଠପୋଷକ ଥିଲେ।ଏହା ପରେ ପରେ ଗଙ୍ଗାଧର ମେହେର କଲେଜର ଉନ୍ନତି ପାଇଁ ଟ୍ରଷ୍ଟଫଣ୍ଡ କ୍ୱାର୍ଟର୍ସ, ଟ୍ରଷ୍ଟଫଣ୍ଡ ଛାତ୍ରାବାସ, ଛାତ୍ରମାନଙ୍କ ପାଇଁ ଛାତ୍ରବୃତ୍ତି, ଋଣ ଦାନ ବ୍ୟବସ୍ଥା, ମହିଳା କଲେଜ ସ୍ଥାପନ, ଇଞ୍ଜିନିୟରିଂ କଲେଜ ଓ ମେଡିକାଲ୍ କଲେଜ ଇତ୍ୟାଦି ଶିକ୍ଷାୟତନର ସ୍ଥାପନ ଓ ଉନ୍ନତି ସାଧନାରେ ତାଙ୍କର ଆଗ୍ରହ ଓ ଉଦ୍ୟମ ଅତୁଳନୀୟ। ବୁର୍ଲାରେ ଓଡ଼ିଶାର ପ୍ରଥମ ଇଞ୍ଜିନିୟରିଂ କଲେଜ ସ୍ଥାପନ ପାଇଁ ସେ ଅର୍ଥଦାନ ମଧ୍ୟ କରିଥିଲେ। ୧୯୬୨ ମସିହାରେ ଗଙ୍ଗାଧର ମେହେରଙ୍କ ଶତବାର୍ଷିକୀ ଜନ୍ମୋତ୍ସବ, ମେହେର କଲେଜରେ ମହାସମାରୋହରେ ପାଳିତ ହେଲା। ଗଙ୍ଗାଧରଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପିତ

ISSN NO.
2582-208X

ହେଲା । ସେ ସମୟରେ ବ୍ରଜମୋହନ ଯେତେ ଉତ୍ସାହ ଓ ଆନ୍ତରିକତାର ସହିତ ଏ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବାରେ ସାହାଯ୍ୟ କରିଥିଲେ ତାହା ଅବିସ୍ମରଣୀୟ ।

ଜିଲ୍ଲା ଶିକ୍ଷା ପରିଷଦର ସଦସ୍ୟ ହେବାର ସୌଭାଗ୍ୟ ମଧ୍ୟ ତାଙ୍କୁ ପ୍ରାପ୍ତ ହୋଇଥିଲା । ଏତତ୍ ବ୍ୟତୀତ ବରଗଡ଼ ଜର୍ଜ ହାଇସ୍କୁଲ, ସମ୍ବଲପୁର ଲେଡିଲୁଇସ ଓ ସମ୍ବଲପୁର ମହିଳା କଲେଜ ସ୍ଥାପନରେ ସେ ଆର୍ଥିକ ସାହାଯ୍ୟ କରିଥିଲେ । ସବୁବେଳେ ଶିକ୍ଷା ସାଙ୍ଗଠନିକ କାର୍ଯ୍ୟରେ ସେ ଆଗଧାଡ଼ିରେ ରହୁଥିଲେ । ଶିକ୍ଷା ଆଉ ଶିକ୍ଷାନୁଷ୍ଠାନ ତାଙ୍କ ମନ ଆଉ ହୃଦୟରେ ସତେ ଯେପରି ବସା ବାନ୍ଧିଥିଲା । ଏହା ତାଙ୍କୁ ଅନେକ ତୃପ୍ତି ଆଉ ଆନନ୍ଦ ଦେଉଥିଲା । ଆତ୍ମହରା ବି ହେଉଥିଲେ । ଏଥିପାଇଁ ତାଙ୍କୁ ଧନବ୍ୟୟ ହେଉ କି ଶ୍ରମଦାନ ହେଉ ତିଳେମାତ୍ର କୁଣ୍ଠାବୋଧ କରୁ ନ ଥିଲେ ।

### ସାହିତ୍ୟର ଉନ୍ନତି ନିମନ୍ତେ

ଓଡ଼ିଶା ସାହିତ୍ୟ ଏକାଡ଼େମୀ, ସଚିବ ଜୟନ୍ତୀ ରଥ, ଗଣେଶରାମ ନାହାକଙ୍କ ସାହିତ୍ୟିକ ବ୍ରଜମୋହନ ପଣ୍ଡା ପୁସ୍ତକରେ ଯଥାର୍ଥରେ କହିଛନ୍ତି–'ଛାତ୍ର ଜୀବନରୁ ସେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର ସଂସ୍ପର୍ଶରେ ଆସି କବି ହେବାର ଯେଉଁ ସ୍ୱପ୍ନ ଦେଖିଥିଲେ, ତାହା ଫଳବତୀ ହୋଇଛି ତାଙ୍କର "ଯୌବନ ଗାଥା' ଗ୍ରନ୍ଥରେ ।"ଅବିଭକ୍ତ ସମ୍ବଲପୁର ଜିଲ୍ଲାର ଏକ ପଲ୍ଲୀଗ୍ରାମ ଲରମ୍ବାରେ ଜନ୍ମଗ୍ରହଣ କରି ନିଜର ସାଧନା ଓ ନିଷ୍ଠା ବଳରେ ସକଳ ଦିଗରେ ସଫଳତାର ଶୀର୍ଷକୁ ଛୁଇଁ ପାରିଥିଲେ । 'କୃଷି, ଶିକ୍ଷା, ଶିଳ୍ପ ଆଦିର ବିକାଶ ଲାଗି ମଧ୍ୟ ସେ ଅହରହ ପ୍ରୟାସ ଜାରି ରଖିଥିଲେ ।

କବି, କବିତା ଓ ସାହିତ୍ୟ ପ୍ରତି କବି ବ୍ରଜମୋହନ ପଣ୍ଡାଙ୍କର ଅସୁମାରୀ ଭାବ ଥିଲା। ତେଣୁ ସେ ତାଙ୍କ ଯୌବନ ଗାଥା ସଂକଳନର ମୁଖବନ୍ଧରେ କହିଛନ୍ତି –'ମୁଁ ମୋର ଛାତ୍ରାବସ୍ଥାରେ ଅର୍ଥାତ୍ କଲେଜରେ ପଢୁଥିବା ବେଳେ ସାହିତ୍ୟ ପାଠ ପ୍ରତି ବିଶେଷ ଭାବରେ ଆକୃଷ୍ଟ ହୋଇଥିଲି । ପ୍ରାଚୀନ ଓଆଧୁନିକ ଉତ୍କଳ ସାହିତ୍ୟ ତଥା ହିନ୍ଦୀ, ଇଂରାଜୀ, ବଙ୍ଗଳା ଓ ସଂସ୍କୃତ ସାହିତ୍ୟର ବଶେଷ ପୁସ୍ତକ ପାଠରେ ଅନେକ ସମୟ ଯାପନ କରୁଥିଲି । ସୌଭଗ୍ୟବଶତଃ ଉତ୍କଳର ବୃଦ୍ଧ କବି ଫକୀରମୋହନ ସେନାପତି ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ବ୍ୟକ୍ତିଗତ ସମ୍ପର୍କରେ ଆସି ଓ ସେମାନଙ୍କ ସତସଙ୍ଗ ଲାଭ କରି ମୋର ତରୁଣ ଜୀବନ ସାହିତ୍ୟାନୁରାଗରେ ଅରୁଣାଞ୍ଜିତ ହୋଇଥିଲା।"

ISSN NO.
2582-208X

"ପ୍ରେସିଡେନ୍‌ସି କଲେଜର ହିନ୍ଦୁ ହଷ୍ଟେଲରେ ରହି ପଢୁଥିବା ଓଡ଼ିଆ ଛାତ୍ରମାନେ ଗୋଟିଏ ସମ୍ମିଳନୀ ଗଠନ କରି "ଆଶାଲତା"ନାମରେ ଏକ ହସ୍ତଲିଖିତ ମାସିକ ପତ୍ରିକା ପ୍ରକାଶ କରୁଥିଲେ । ଏହି ସମ୍ମିଳନୀର ସମ୍ପାଦକ ହିସାବରେ ମଧ୍ୟ ମତେ କାର୍ଯ୍ୟ କରିବାକୁ ପଡୁଥିଲା। । 'ଆଶା' ପତ୍ରିକାର ସ୍ୱର୍ଗୀୟ ସମ୍ପାଦକ ଶ୍ରୀ ଶଶୀଭୂଷଣ ରଥ ମଧ୍ୟ ସେ ସମୟରେ କଲିକତାରେ ରହି ବ୍ୟବସାୟ କରୁଥିଲେ । 'ଆଶାଲତା'ର ସାମ୍ବତ୍ସରିକ ସମ୍ମିଳନୀ-ସମାରୋହରେ ସେ ଯୋଗ ଦେଉଥିଲେ । 'ଆଶାଲତା' ନାମକୁ ସେ ବଡ଼ ପସନ୍ଦ କରୁଥିଲେ । ପରେ ସେ ତହିଁର ଅନୁକରଣରେ ନିଜ ପ୍ରକାଶ କରୁଥିବା ପତ୍ରିକାର ନାମ 'ଆଶା' ରଖିଥିଲେ।"

ବ୍ରଜମୋହନ ପଣ୍ଡାଙ୍କର କାବ୍ୟ-କବିତାଗୁଡିକ ତତ୍କାଳୀନ ପ୍ରସିଦ୍ଧି ପତ୍ରିକା, ମୁକୁର, ଉତ୍କଳ ସାହିତ୍ୟ, ସମ୍ବଲପୁର ହିତୈଷିଣୀ ଆଦିରେ ପ୍ରକାଶ ପାଇ ଖୁବ ପାଠକୀୟ ଅଦୃତି ଲାଭ କରିଛି। ଛାତ୍ର ସମୟର ଲେଖାଗୁଡ଼ିକ ରଚିତ ହୋଇଥିଲା ୧୯୧୦ ରୁ ୧୯୧୪ ମଧ୍ୟରେ। ଯୌବନରେ ଲିଖିତ ବୋଲି ପୁସ୍ତକର ନା ଯୌବନ ଗାଥା ରଖାଯାଇଛି। ଏହି ପୁସ୍ତକ ୧୯୬୧ ମସିହାରେ ପ୍ରଥମ ପ୍ରକାଶିତ ହୋଇଅଛି । ଏଥିରେ ମୋର ଆତ୍ମଜୀବନୀ ସମେତ ପାଞ୍ଚୋଟି ଉଚ୍ଛ୍ୱାସରେ ୧୦୭ ଗୋଟି ଉଚ୍ଚକୋଟୀର କବିତା ଓ ଗୋଟିଏ ଗଦ୍ୟ ରଚନା ହୁମା ଯାତ୍ରା ଅଛି।

ବ୍ରଜମୋହନ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କୁ ବହୁତ ଆଦର ଓ ସମ୍ମାନ କରୁଥିଲେ। ଗଙ୍ଗାଧରଙ୍କ ଇନ୍ଦୁମତି ଓ କୀଚକବଧ ପାଠକରି ଓଡ଼ିଆ ସାହିତ୍ୟ ପ୍ରତି ଅଧିକ ଆକୃଷ୍ଟ ହୋଇଥିବା ସେ ସ୍ୱୀକାର କରନ୍ତି। ଉଭୟଙ୍କ ମିଳନ ଥିଲା ବାଗ୍ ଦେବୀଙ୍କ ଆଶୀର୍ବାଦ। ମଣି କାଞ୍ଚନର ସଂଯୋଗ। ଉଭୟେ ଉଭୟଙ୍କର ଥିଲେ ପ୍ରେରଣାର ଉତ୍ସ । କବି ଗଙ୍ଗାଧର ବ୍ରଜମୋହନଙ୍କ କବିତା ପାଠ କରି ଚିଠି ଲେଖିଲେ-" ଆପଣଙ୍କ ତା ୨୭ର ପତ୍ର ଆଜି ଉଚିତ୍ ସମୟରେ ପାଇଲି। 'ବୁଢ଼ାରଜା' ଓ 'ସମଲେଇ' ପଦ୍ୟ ଦ୍ୱୟ ଆନନ୍ଦୋତ୍‌ଫୁଲ୍ଲ ଚଞ୍ଚଳ ଲୋଚନରେ ପାଠ କଲି। କବିତା-ରସାସ୍ୱାଦନରେ ପ୍ରାଣ ମୁଗ୍‌ଧ ହୋଇଗଲା। ଆପଣ ଏତେ ଶୀଘ୍ର ଏପରି ମନୋହାରିଣୀ କବିତା ଲେଖି ପାରିଛନ୍ତି।" ବାସ୍ତବରେ ଜଣେ ପ୍ରତିଷ୍ଠିତ କବିଙ୍କଠାରୁ ନିଜ କବିତା ସଂପର୍କରେ ଉଚ୍ଚ ପ୍ରଶଂସା ଶୁଣି ସେ ନିଶ୍ଚୟ ଆହ୍ଲାଦିତ ହୋଇଥିବ। ଏହା ପରେ ପରେ ତାଙ୍କର ଆତ୍ମବିଶ୍ୱାସ ଆସିଛି। କବିତା ପରେ କବିତା ରଚନା କରି ଆମକୁ ଦେଇଗଲେ ଅମୂଲ୍ୟ କାବ୍ୟ ସଂପଦ, ଯାହା ଚିରନ୍ତନ ମୂଲ୍ୟବୋଧ

ISSN NO.
2582-208X

ଆମକୁ ଅଭିଭୂତ କରେ ଏବଂ ତାହାର ଆବେଗ ପ୍ରଣୋଦିତ ସ୍ୱର ମୂର୍ଚ୍ଛିତ କରେ। ଶାଶ୍ୱତ ମାନବାତ୍ମାର ଜୟଗାନରେ ମୁଖରିତ। ତାଙ୍କର କବିତାଗୁଡ଼ିକ ରସଉଜ୍ଜ୍ୱଳ ଭାବଧାରାରେ ଓଡ଼ିଆ ସାହିତ୍ୟ କ୍ଷେତ୍ରକୁ ପ୍ଲାବିତ କରିବା ସହ ଏକ ନୂତନ ଜୀବମୟତା ସୃଷ୍ଟି କରିପାରିଛି।

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରଧାନ ପୃଷ୍ଠପୋଷକ ବ୍ରଜମୋହନ ପଣ୍ଡା। ବ୍ରଜମୋହନ ବାବୁ ତାଙ୍କର ମୁଖବନ୍ଧରେ ଉଲ୍ଲେଖ କରନ୍ତି-"କବିତା-କଲ୍ଲୋଳ, ପ୍ରଣୟ-ବଲ୍ଲରୀ, ଅଯୋଧ୍ୟାଦୃଶ୍ୟ, ଉତ୍କଳ-ଲକ୍ଷ୍ମୀ ଓ ତପସ୍ୱିନୀ କବିଙ୍କୁ କହି ରଚନା କରାଇବା ତଥା ସେ ସବୁ ମନୋହର ରୂପରେ ପ୍ରକାଶ କରି ଅପରିସୀମ ଆନନ୍ଦ ଉପଭୋଗ କରିବାର ସୌଭାଗ୍ୟ ମୋ ପକ୍ଷରେ ଏକ ଅତୁଳନୀୟ ବିଭବର କାରଣ ଥିଲା।" ସ୍ୱଭାବ କବି ଗଙ୍ଗାଧର ମେହେର ତପସ୍ୱିନୀ କାବ୍ୟର ମୁଖବନ୍ଧରେ ବ୍ରଜମୋହନ ପଣ୍ଡାଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି – "ମୋର ପ୍ରିୟ ସୁହୃଦ ଶ୍ରୀଯୁକ୍ତ ବ୍ରଜମୋହନ ପଣ୍ଡା, ଏହି ପୁସ୍ତକ ରଚନା ନିମନ୍ତେ ମୋତେ ଯେଉଁ ଓଜସ୍ୱୀ ଉତ୍ସାହ ଦେଇଅଛନ୍ତି ତାହା ସର୍ବଦା ଅତୁଳନୀୟ।"

ବ୍ରଜମୋହନ ପଣ୍ଡା ନିଜେ ତ ଗଙ୍ଗାଧରଙ୍କ ସାହିତ୍ୟ ନିମନ୍ତେ ପୃଷ୍ଠପୋଷକ, ନିଜ ଜ୍ୟେଷ୍ଠ ଭାଇ ମଧୁସୂଦନ ପଣ୍ଡାଙ୍କୁ ମଧ୍ୟ ପୃଷ୍ଠପୋଷକ ପାଇଁ ଉତ୍ସାହିତ କରିଥିଲେ। ଉତ୍କଳ ଲକ୍ଷ୍ମୀ ପୁସ୍ତକର ଭୂମିକାରେ କବି ଗଙ୍ଗାଧର ମେହେର ଯଥାର୍ଥରେ ଲେଖିଛନ୍ତି – "ସ୍ୱଦେଶ ପ୍ରେମିକ, ସାହିତ୍ୟ ରସିକ, ଉଦୀୟମାନ ସୁଲେଖକ ଶ୍ରୀମାନ ବ୍ରଜମୋହନ ପଣ୍ଡା ଏହି ପୁସ୍ତିକାକୁ ପୂର୍ଣ୍ଣ କରିବା ନିମନ୍ତେ ଯେଉଁ ଉତ୍ସାହ ଦେଇଅଛନ୍ତି, ତାହା ଲେଖକ ପକ୍ଷରେ ଅତି ଦୁର୍ଲଭ ଅଟେ। ସେ ତାହାଙ୍କର ଜ୍ୟେଷ୍ଠ ଭ୍ରାତା ଶ୍ରୀମାନ ମଧୁସୂଦନ ପଣ୍ଡାଙ୍କ ସହିତ ଏହାର ପ୍ରକାଶଭାର ଗ୍ରହଣ କରିବା ଦ୍ୱାରା ଲେଖକକୁ ବନ୍ଧନ କରିଥିବାର କୃତଜ୍ଞତା -ରଜ୍ଜୁ ଉପରେ ଜଳସେଚନ କରିଛନ୍ତି।"

ଛାତ୍ରମାନେ ସାହିତ୍ୟ ପ୍ରତି କିପରି ଅଧିକ ଲୟ ରଖିବେ, ସେଥିପାଇଁ ସେ "ବ୍ରଜମୋହନ ପଦକ" ଘୋଷଣା କରିଥିଲେ। ଏବଂ ଏଥି ନିମନ୍ତେ ଜାନୁଆରୀ ୧୯୧୧ରେ ସମ୍ବଲପୁର ହିତୈଷିଣୀ ପତ୍ରିକାରେ ଏକ ବିଜ୍ଞାପନ ଦେଇଥିଲେ। ଯେଉଁ ଛାତ୍ର ମାତା, ମାତୃଭାଷା ଓ ମାତୃଭୂମିକୁ ଆଧାର କରି କବିତା ରଚନା କରି ଶ୍ରେଷ୍ଠ ବିବେଚିତ ହେବ, ସେ ଏହି ପଦକ ଲାଭ କରିବ। କବିତାଗୁଡିକର ବିଚାରକ ଭାବରେ ରହିଥିଲେ କବି ଗଙ୍ଗାଧର।

ISSN NO.
2582-208X

ବ୍ରଜମୋହନ ବାବୁ କଲିକତାରେ ଥିବା ସମୟରେ ଓଡ଼ିଆ ଛାତ୍ରମାନଙ୍କୁ ବଙ୍ଗାଳୀମାନେ ହୀନ ଦୃଷ୍ଟିରେ ଦେଖୁଥିଲେ। ଏହା ବ୍ରଜମୋହନଙ୍କୁ ଖୁବ୍ ବାଧିଥିଲା। ତେଣୁ ସେ ଓଡ଼ିଆ ଛାତ୍ରମାନଙ୍କୁ ନେଇ "କଲିକତା ଉତ୍କଳ ସାହିତ୍ୟ ସମାଜ" ନାମକ ଏକ ପରିଷଦ ଗଠନ କରିଥିଲେ । ସେ ଏହାର ସଂପାଦକ ରହିଥିଲେ। ଏହି ପରିଷଦ ବହୁ ଆଖିଦୃଶିଆ କାର୍ଯ୍ୟ କରି ବଙ୍ଗାଳୀମାନଙ୍କୁ ଦେଖାଇବାକୁ ପ୍ରୟାସ କରିଥିଲେ।

କବି, କବିତା ଓ ସାହିତ୍ୟ ପ୍ରତି ତାଙ୍କର ସୁମଧୁର ସମ୍ପର୍କ ଥିଲା। କବି ଲେଖକଙ୍କୁ ସେ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଶ୍ରଦ୍ଧା ସମ୍ମାନ ଭକ୍ତି କରୁଥିଲେ। ତାଙ୍କ ରଚିତ ଏକ ସୁନ୍ଦର କବିତା 'ପ୍ରତୀକ୍ଷିକା ରାଧା' ସମ୍ପର୍କରେ ସମ୍ବଲପୁରର ସ୍ୱନାମ ପ୍ରସିଦ୍ଧ ଭକ୍ତ ଆଶୁକବି, ବାଣୀଭୂଷଣ, କବିରାଜ, ଜ୍ୟୋତିଷରତ୍ନ ଶ୍ରୀ ବିଷ୍ଣୁ ପ୍ରସାଦ ଦାଶ ଲେଖିଛନ୍ତି - 'ପ୍ରତୀକ୍ଷିକା ରାଧା' କବିତାରେ କି ମହନୀୟ ଭକ୍ତିରସ ପରିସ୍ଫୁଟିତ ହୋଇଅଛି; ତାହା ପାଠ କରି ମୁଁ କବିଙ୍କୁ "ଭକ୍ତକବି" ଦେଉଅଛି।'

ବ୍ରଜମୋହନ ଜଣେ କବି ଭାବରେ ଯେତେ ଖ୍ୟାତି ଲାଭ କରିଛନ୍ତି, ତାଙ୍କର ଯେଉଁ କେତୋଟି ଗଦ୍ୟ ରଚନା ପ୍ରକାଶିତ, ସେଗୁଡ଼ିକ ତାଙ୍କର ଉଜ୍ଜ୍ୱଳ ପ୍ରତିଭାର ସ୍ୱାକ୍ଷର ବହନ କରେ । ତାଙ୍କର ଗଦ୍ୟରଚନା ମଧ୍ୟରେ-ମୋର ଆତ୍ମକଥା, ହୁମାଯାତ୍ରା, ବେଦବ୍ୟାସ ଦର୍ଶନ ଏବଂ ତାଙ୍କର ଚିଠିପତ୍ର ଇତ୍ୟାଦି।

ବ୍ରଜମୋହନ ବିଶେଷ କିଛି ଗଳ୍ପ ଲେଖିଥିବାର ଜଣା ପଡ଼େ ନାହିଁ । କେତେକ ଆଲୋଚକଙ୍କ ମତରେ ସେ କେତୋଟି ଗଳ୍ପ ଲେଖି ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ କରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ଯେ, ସେଗୁଡ଼ିକ ଆଜି ଦୁଷ୍ପ୍ରାପ୍ୟ। ମାତ୍ର 'ଅଭାଗିନୀ' ନାମକ ଏକ ଗଳ୍ପ ଲୋକଲୋଚନକୁ ଆସିଛି। ତାହା 'ମୁକୁର' ପତ୍ରିକାର ଜାନୁୟାରୀ, ଫେବୃୟାରୀ, ମାର୍ଚ୍ଚ-୧୯୨୯ ସଂଖ୍ୟାରେ ପ୍ରକାଶିତ । ସାହିତ୍ୟ କ୍ଷେତ୍ରରେ ମଧ୍ୟ ସୁସାହିତ୍ୟିକ ବ୍ରଜମୋହନ ପଣ୍ଡାଙ୍କ ଅବଦାନ ଅତୁଳନୀୟ।

### ସମକାଳୀନ ସୁସାହିତ୍ୟିକଙ୍କ ସହ ସାରସ୍ୱତ ସମ୍ପର୍କ

ବ୍ରଜମୋହନଙ୍କର ବିଭିନ୍ନ କ୍ଷେତ୍ରରେ ଅନେକ ବନ୍ଧୁ ଥିଲେ। ସମସ୍ତଙ୍କୁ ସେ ପ୍ରାଣଭରି ଭଲ ପାଉଥିଲେ ଏବଂ ଗୁଣ କୀର୍ତ୍ତିର ପ୍ରଶଂସା କରିବାରେ ତିଳେମାତ୍ର କୁଣ୍ଠାବୋଧ କରୁନଥିଲେ। ବୋଧହୁଏ ଏହାଥିଲା ତାଙ୍କର ବିଶେଷତ୍ୱ। ବ୍ରଜମୋହନ ସାହିତ୍ୟ ପ୍ରତି ବଲୟକଳରୁ

ISSN NO.
2582-208X

ଅନୁରାଗ ଥିବା ହେତୁ କବି ଗଙ୍ଗାଧରଙ୍କ ସହିତ ତାଙ୍କର ପରିଚୟ ଘଟେ। ଏହି ପରିଚୟରୁ ତାଙ୍କର ବନ୍ଧୁତା ଘନିଷ୍ଠ ହୋଇଥିଲା ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ। ନୈରାଶ୍ୟ ଓ ପୃଷ୍ଠପୋଷକତାର ଅଭାବରେ କବି ଗଙ୍ଗାଧର ଭାଙ୍ଗି ପଡ଼ିଥିବା ବେଳେ ବ୍ରଜମୋହନଙ୍କ ଆଶା ଓ ଆଶ୍ୱାସନା ଅନେକ ଭାବରେ ପ୍ରେରଣା ଦେଇଥିଲା। ବ୍ରଜମୋହନ ଅଜସ୍ର ପ୍ରେରଣା ଦେବାସହ ଗଙ୍ଗାଧରଙ୍କର ଲିଖିତ ପୁସ୍ତକଗୁଡ଼ିକର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ ଜାରି ରହିଥିଲା। ବ୍ରଜମୋହନ ଓ ଗଙ୍ଗାଧରଙ୍କ ବନ୍ଧୁତା ଆମ ସାହିତ୍ୟ ଜଗତକୁ କେତେ ସମୃଦ୍ଧି ଆଣିଦେଇଛି ତାହା କଳନା କରାଯାଇ ନ ପରେ। ଆଜି ଆମେ ଗଙ୍ଗାଧରଙ୍କ ଯେଉଁ ଫଟୋଚିତ୍ରଟି ଦେଖି ପାରୁଛୁ ତାହା ବ୍ରଜମୋହନଙ୍କ ଉଦ୍ୟମର ଫଳ।

ଡକ୍ଟର ମାୟାଧର ମାନସିଂହ ତାଙ୍କର ଆଦର୍ଶ ବ୍ୟକ୍ତିତ୍ୱ ସମ୍ପର୍କରେ ଯଥାର୍ଥ କହିଛନ୍ତି– "ଆମ୍ଭେମାନେ କେହି ଜାଣି ନ ଥିଲୁ ଯେ, ବ୍ରଜମୋହନ ପଣ୍ଡା ନିଜେ ଥିଲେ ଜଣେ ଦରଦୀ ଓ ପ୍ରଚଣ୍ଡ ଓଡ଼ିଆ ଜାତୀୟତାବାଦୀ କବି। ଜଣେ ଶିକ୍ଷାନୁରାଗୀ ଓ ଶିକ୍ଷାବିତ୍ ବୋଲି ମଧ୍ୟ ବ୍ରଜମୋହନ ବାବୁଙ୍କୁ କ୍ୱଚିତ୍ କେହି ଜାଣନ୍ତି। କ୍ୱଚିତ୍ କେହି ଜାଣନ୍ତି ଯେ, ସେ ଥିଲେ ଏକ ଆଦର୍ଶ କୃଷକ ଓ ଅତ୍ୟନ୍ତ ଧର୍ମପ୍ରାଣ ବ୍ୟକ୍ତି। ମେହେର-ମିହିରର ଆଲୋକରେ ଉଦ୍ଭାସିତ ବ୍ରଜମୋହନଙ୍କୁ ହିଁ ଆମେ ସମସ୍ତେ ଜାଣୁ ଏବଂ ତାହା ଯେ ଏକ ଗୌରବମୟ ପରିଚୟ ଏଥିରେ କୌଣସି ସନ୍ଦେହ ନାହିଁ। ସେ ଗୌରବ ଏକାନ୍ତରେ ବ୍ରଜମୋହନଙ୍କର। କାରଣ ମେହେର-ମିହିରର ଆଲୋକପାତ ସମସ୍ତଙ୍କ ପାଇଁ ସମାନ ଥିଲା ।"

ସେହିପରି ଦୟାନିଧି ମିଶ୍ର ତାଙ୍କର ଏକ ଭଲ ବନ୍ଧୁ ଥିଲେ । ବ୍ରଜମୋହନ ବାବୁ ଦୟାନିଧିଙ୍କ ସ୍ୱଦେଶପ୍ରୀତି, କବି ପ୍ରତିଭା ଓ ସାଙ୍ଗଠନିକ ଦକ୍ଷତା ଯୋଗୁଁ ବିଶେଷ ଆକର୍ଷିତ ହୋଇଥିଲେ। ସେମାନଙ୍କର ବନ୍ଧୁତାର ଭାବ ଗଢ଼ି ଉଠିଥିଲା କଲେଜ ଛାତ୍ର ଥିବା ସମୟରୁ। ଅଧ୍ୟାପକ ଅସିତ୍ କବିଙ୍କ ଭାଷାରେ– 'କବି ଗଙ୍ଗାଧର ମେହେର ଯେତେବେଳେ ଜୀବନର ଚତୁର୍ଥାବସ୍ଥାରେ ବାର୍ଦ୍ଧକ୍ୟକୁ ବେଖାତିର କରି ଜାତୀୟ ସାହିତ୍ୟକୁ ପରିପୃଷ୍ଟ କରିବା ନିମିତ୍ତ ସାଧନାରତ, ସେହି ସମୟରେ ସମ୍ବଲପୁରର ସାଂସ୍କୃତିକ ଗଗନରେ ଆଉ ଦିଓଟି କବିଙ୍କର ଆବିର୍ଭାବ ହୋଇଥିଲା । ସେମାନେ ହେଉଛନ୍ତି ମେହେର କବିଙ୍କର ସଖା ଯୁବକ ବ୍ରଜମୋହନ ଓ ଦୟାନିଧି। ଦୟାନିଧି ମିଶ୍ର ଥିଲେ ଏକାଧାରରେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ସାମ୍ବାଦିକ ଓ ଅଗ୍ରଗଣ୍ୟ ସ୍ୱାଧୀନତା ସଂଗ୍ରାମୀ । ଛାତ୍ର ଜୀବନରୁ ତାଙ୍କର ଜାତୀୟ ଭାବନା ଉଦ୍ରେକ ହୋଇଥିଲା । ବ୍ରଜମୋହନ ଓ ଦୟାନିଧିଙ୍କର କଲେଜ ଜୀବନରୁ

ISSN NO.
2582-208X

କବି ପ୍ରତିଭା ଫୁଟି ଉଠିଥିଲା । ଉଭୟେ ଥିଲେ ସାହିତ୍ୟ ପ୍ରାଣ ଏବଂ ଜାତୀୟ ପ୍ରାଣ ଭରା ଉଲ୍ଲସିତ ବ୍ୟକ୍ତିତ୍ୱ । ସେ ସମୟରେ ଉଭୟଙ୍କର ଲକ୍ଷ୍ୟ ଥିଲା ଦେଶ ଜନନୀର ସେବା । ସେଥିପାଇଁ ସେମାନେ ସେହି ଆଦର୍ଶରେ ରହିବାକୁ ଚେଷ୍ଟିତ ଥିଲେ । କହିବାକୁ ଗଲେ ସେମାନେ ସଫଳ ମଧ୍ୟ ହୋଇଛନ୍ତି ଶତ ପ୍ରତିଶତ। ଜାତୀୟ ଭାବଭରା ଅନ୍ତର ତାଙ୍କର ଶେଷ ଜୀବନ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ହୋଇ ରହିଥିବା ଆମେ ଜାଣୁ । ଉଭୟେ ଥିଲେ ସମ୍ବଲପୁର ଜନନୀର କୃତି ସନ୍ତାନ ।

ବ୍ରଜମୋହନଙ୍କ "ମୁହିଁ ସମ୍ବଲପୁରବାସୀ" କବିତାଟି ଲେଖି ଦୟାନିଧି ବାବୁଙ୍କ ନିକଟକୁ ପଠାଇଲେ । ଦୟାନିଧି ବାବୁ ତାହା ପାଠ କରି ଉତ୍‌ଫୁଲ୍ଲିତ ହୋଇଗଲେ। ଏହାପରେ ସେ କବିତାଟିକୁ 'ଉତ୍କଳ ସାହିତ୍ୟ' ପତ୍ରିକାର ସମ୍ପାଦକ ବିଶ୍ୱନାଥ କରଙ୍କ ନିକଟକୁ ପ୍ରକାଶ କରିବାକୁ ପଠାଇଦେଲେ । ବିଶ୍ୱନାଥ କର ମହାଶୟ ମଧ୍ୟ କବିତାଟି ପାଠ କରି ଅନୁକୂଳ ମନ୍ତବ୍ୟ ଦେଲେ । କିଛିଦିନ ପରେ ତାହା 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶ କଲେ । କବିତାଟି ପ୍ରକାଶ ପାଇବା ପରେ ବ୍ରଜମୋହନଙ୍କ ଉତ୍ସାହ ବଢ଼ିଗଲା। ବିଶ୍ୱନାଥ କର ଜଣେ ଉଚ୍ଚ କୋଟୀର ବକ୍ତା, ଲେଖକ ତଥା 'ଉତ୍କଳ ସାହିତ୍ୟ' ପତ୍ରିକାର ସୁନାମଧନ୍ୟ ସମ୍ପାଦକ। ସେ କବି ବ୍ରଜମୋହନ ପଣ୍ଡାଙ୍କ କବି ପ୍ରତିଭାକୁ ବେଶ ଭଲ ଭାବେ ଚିହ୍ନି ପାରିଲେ। ପରେ ଉଭୟଙ୍କ ମଧ୍ୟରେ ସାହିତ୍ୟ ସମ୍ପର୍କିତ ବିଷୟ ସହ ଘରୋଇ କଥା ମଧ୍ୟ ବିଭିନ୍ନ ପତ୍ରରେ ବିଶ୍ୱନାଥ ବାବୁ ଉଲ୍ଲେଖ କରୁଥିଲେ।

'ଆଶାମଞ୍ଜରୀ', 'ସୂର୍ଯ୍ୟମୁଖୀ', 'ପଦ୍ମପାଖୁଡ଼ା' 'ପ୍ରବନ୍ଧ ପାରିଜାତ ଆଦି ପୁସ୍ତକର ରଚୟିତା ପଦ୍ମଚରଣ ପଟ୍ଟନାୟକ ଉତ୍କଳର ପ୍ରିୟ କବି ରୂପେ ବିଶେଷ ଜଣାଶୁଣା ।ତାଙ୍କ କବିତାର ଅନ୍ୟତମ ବିଶେଷତ୍ୱ ହେଲା ଦେଶାତ୍ମବୋଧ । ଓଡ଼ିଶାର ନଦୀ, ପାହାଡ଼, କୀର୍ତ୍ତୀରାଜି ଆଦିର ମନୋଜ୍ଞ ବର୍ଣ୍ଣନାର ଅପରୂପ ଗାଥା ତାଙ୍କର କବିତାର ଅନ୍ୟତମ ବିଶେଷତ୍ୱ । ସେ ବ୍ରଜମୋହନଙ୍କ ଛାତ୍ର ଜୀବନରୁ ଜଣେ ଅନ୍ତରଙ୍ଗ ସାଥୀ ରୂପେ ରହି ଆସିଥିଲେ । କେବଳ ଛାତ୍ର ଜୀବନ ନୁହେଁ ପରବର୍ତ୍ତୀ କାଳରେ ମଧ୍ୟ ଅନେକ ଦିନ ଧରି ତାଙ୍କ ସହ ବନ୍ଧୁତା ରହିଥିଲା । ଉଭୟଙ୍କର ଲକ୍ଷ୍ୟ ଥିଲା ଦେଶପ୍ରେମ ଆଉ ମାତୃଭାଷାର ବିକାଶ ଓ ପ୍ରଚାର ଲକ୍ଷ୍ୟ ଏକ, ଉଦ୍ଦେଶ୍ୟ ଏକ, ଫଳରେ ଦୁହିଁଙ୍କ ମଧ୍ୟରେ ଆନ୍ତରିକତାର ମମତା ଅତୁଟ ରହିଥିଲା । ପାଖା ପାଖି ରହୁ ନ ଥିଲେ ସୁଦ୍ଧା ଚିଠି ମାଧ୍ୟମରେ ଭାବର ଆଦାନ ପ୍ରଦାନ

ISSN NO.
2582-208X

ରହିଥିଲା । ଭଲ ପାଉଥିବା କଲ୍ୟାଣ କୃତ ଜନ ଭାବରେ ଉଭୟଙ୍କର ଅଶେଷ ଖ୍ୟାତି ଥିଲା।

ବ୍ରଜମୋହନ ପଣ୍ଡା ଆଉ ଅସିତ କବିଙ୍କ ବନ୍ଧୁତା ଯୋଗୁଁ ଆମ ସାହିତ୍ୟ ଜଗତ ବହୁ ଭାବରେ ଲାଭବାନ ହୋଇଛି । ବିଶେଷତଃ ପଶ୍ଚିମ ଓଡ଼ିଶାର ଅନେକ ଅନାଲୋଚିତ ସାହିତ୍ୟ ଓ ସାହିତ୍ୟିକ ଲୋକଲୋଚନକୁ ଆସି ସାରସ୍ୱତ ଜଗତ ପରିପୃଷ୍ଟ ଲାଭ କରିଛି । ଡକ୍ଟର ଅସିତ୍ କବିଙ୍କ ଉତ୍ସାହ ଓ ପ୍ରେରଣା ଫଳରେ ବ୍ରଜମୋହନ ପଣ୍ଡା ତାଙ୍କର କବିତା ଗ୍ରନ୍ଥ 'ଯୌବନ ଗାଥା' ପୁସ୍ତକ ପ୍ରକାଶ କରିଥିଲେ ।

ଡାକ୍ତର ଜନାର୍ଦ୍ଦନ ପୂଜାରୀ,ଆଶା ପତ୍ରିକାର ସମ୍ପାଦକ ଶ୍ରୀ ଶଶିଭୂଷଣ ରଥ, ତତ୍କାଳୀନ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡ ପ୍ରାଣକୃଷ୍ଣ ପରିଜା, କବିବର ରାଧାନାଥ ରାୟଙ୍କ ପୁତ୍ର ଶଶିଭୂଷଣ ରାୟ, ଖ୍ୟାତନାମା ମଧୁସୂଦନ ଦାସ, ମଧୁସୂଦନ ରାଓ, ନନ୍ଦକିଶୋର ବଳ ପ୍ରମୁଖଙ୍କ ସହ ସାରସ୍ୱତ ସମ୍ପର୍କ ରହିଥିଲା।

### ସମାଜର ଉନ୍ନତି ନିମନ୍ତେ

ଓଡ଼ିଶା ସାହିତ୍ୟ ଏକାଡ଼େମୀ, ସଚିବ ଜୟନ୍ତୀ ରଥ, ଗଣେଶରାମ ନାହାକଙ୍କ ସାହିତ୍ୟିକ ବ୍ରଜମୋହନ ପଣ୍ଡା ପୁସ୍ତକରେ ଯଥାର୍ଥରେ କହିଛନ୍ତି–'ସାରସ୍ୱତ ଇତିହାସରେ ଏଭଳି କେତେକ ବିରଳ ସ୍ରଷ୍ଟା ଅଛନ୍ତି ଯେଉଁମାନଙ୍କ ସାରସ୍ୱତ କୃତି ଅପେକ୍ଷା ତାଙ୍କର ସାରସ୍ୱତ ବ୍ୟକ୍ତିତ୍ୱ ଅଧିକ ଆକର୍ଷଣୀୟ ଓ ହୃଦ୍ୟ। ଏହି ପରିପ୍ରେକ୍ଷୀରେ ମୋର ମନେହୁଏ ସେହି ମହାନ ସ୍ରଷ୍ଟା ବ୍ରଜମୋହନ ଆଜି ଅଧିକତାର ଦୀପ୍ତିମନ୍ତ ଓ ବାଙ୍ମୟ।" ଭାରତ ଏକ କୃଷି ପ୍ରଧାନ ଦେଶ। ସମାଜର ଉନ୍ନତି କରିବାକୁ ହେଲେ କୃଷିକୁ ଉନ୍ନତ କରିବାକୁ ହୁଏ। କୃଷି ଓ କୃଷକଙ୍କ ଉନ୍ନତି ନିମନ୍ତେ କର୍ମଯୋଗୀ ବ୍ରଜମୋହନ ଅନେକ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିଯାଇଛନ୍ତି। କର୍ମକ୍ଷେତ୍ର ଲରମ୍ବା ଏକ କୃଷି ଉପଯୋଗୀ କ୍ଷେତ୍ର ହୋଇଥିବାରୁ ଅନେକ ନୂତନ ପରୀକ୍ଷା ନିରୀକ୍ଷା ତଥା ପ୍ରୟୋଗ କରିଛନ୍ତି। ଚାଷରେ ସେ ନୂଆ ପ୍ରଣାଳୀ ପ୍ରୟୋଗ କରୁଥିଲେ । କୃଷିର ଉନ୍ନତି ପାଇଁ ସେ ସବୁବେଳେ ତତ୍ପର ଥିଲେ। ଶହ ଶହ ଏକର ଜମି ସେ ବହୁ ସଂଖ୍ୟକ ବଳଦ ରଖି ଚାଷ କରାଇଥିଲେ । ଗାଈ ବଳଦର ଯତ୍ନ ନିଷ୍ଠାପର ଭାବରେ ନେଉଥିଲେ । ଚାଷକୁ ଲକ୍ଷ୍ମୀ ଦେବୀ ଅନ୍ନଦାତା ଭାବରେ ଗ୍ରହଣ କରିଥିଲେ। ସେ ଗୋ–ମଙ୍ଗଳ ସମିତିର ଆଜୀବନ ସଭ୍ୟ ଥିଲେ।

ISSN NO.
2582-208X

ବ୍ରଜମୋହନଙ୍କ ଜୀବନ ଥିଲା କର୍ମମୟ । ଛାତ୍ର ଜୀବନରୁ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ସହ ସଂପୃକ୍ତ ରହି ସାହିତ୍ୟ ସଂସ୍କୃତି ଓ ଶିକ୍ଷାର ବିକାଶ ପାଇଁ ଆଜୀବନ ଚେଷ୍ଟିତ ଥିଲେ । ତାଙ୍କର ମନୋବୃତ୍ତିଥିଲା ଜନସାଧାରଣଙ୍କର ସେବା । ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ଲାଗି ଧନ, ମନ, ପ୍ରାଣ ଉତ୍ସର୍ଗ କରିଥିଲେ ।ଓଡ଼ିଶାର ବିକାଶ ସଙ୍ଗେ ବିଶେଷତଃ ଅବହେଳିତ ପଶ୍ଚିମ ଓଡ଼ିଶାର ଉନ୍ନତି ଚିନ୍ତା ତାଙ୍କୁ ଆଜୀବନ ଆଚ୍ଛନ୍ନ କରି ରଖିଥିଲା । ଶିକ୍ଷାର ବିକାଶ ପାଇଁ ସେ କିପରି ପ୍ରୟାସ କରିଛନ୍ତି ତାହା ଆମେ ଜାଣୁ। କେବଳ ଶିକ୍ଷା ଯେ ଜୀବନକୁ ମହନୀୟ କରିବ ତା ନୁହେଁ ସଂସ୍କୃତି ମଧ୍ୟ ଆମ ଜୀବନକୁ ମହନୀୟ କରି ଗଢ଼ି ତୋଳେ। ଏଣୁ ବ୍ରଜମୋହନ ସାରା ଜୀବନ ଆମ ସଂସ୍କୃତି ଓ ପରମ୍ପରାର ସମୃଦ୍ଧି ପାଇଁ ପ୍ରାଣପାତ ଉଦ୍ୟମ କରିଥିଲେ । ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର ସୁପରିଚାଳନା ପାଇଁ ଅଯାଚିତ ଭାବରେ ସେ ଆର୍ଥିକ ସାହାଯ୍ୟ ପ୍ରଦାନ କରୁଥିଲେ । ବହୁ ସାଂସ୍କୃତିକ ଅନୁଷ୍ଠାନ ତାଙ୍କୁ ଅତିଥି ଭାବରେ ନିମନ୍ତ୍ରଣ କରୁଥିଲେ । ସଭା ସମିତିରେ ସେ ମାର୍ଜିତ ଓ ରୁଚିସମ୍ପନ୍ନ ଭାଷଣ ପ୍ରଦାନ କରି ଶ୍ରୋତାମାନଙ୍କୁ ମୁଗ୍ଧ କରୁଥିଲେ । ସେ ଅନୁଭବ କରୁଥିଲେ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଭାଷା-ସାହିତ୍ୟର ବିକାଶ ସାଙ୍ଗକୁ ତାହା ମାନବକୁ ଉଚ୍ଚଭାବ ବୋଧରେ ଉଜ୍ଜୀବିତ କରି ରଖେ । ଏଣୁ ସେ ବହୁ ଅନୁଷ୍ଠାନ ସହ ପ୍ରତ୍ୟକ୍ଷ ହେଉ ଅଥବା ପରୋକ୍ଷରେ ଜଡ଼ିତ ଥିଲେ ।

ନିଜ ଜନ୍ମଭୂମି ତଥା ଆଖପାଖ ଅଞ୍ଚଳର ଜନସାଧାରଣମାନଙ୍କ ପାଇଁ ଡାକ୍ତରଖାନାଟିଏ ନ ଥିବାରୁ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିଲେ । ଏ କଥା ସେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ ତାହା ସଫଳ ହୋଇ ପାରି ନ ଥିଲା । ଶେଷରେ ନିଜ ଖର୍ଚ୍ଚରେ ଏକ ଡାକ୍ତରଖାନାଟିଏ ଖୋଲିଲେ ଏବଂ ନିଜେ ଡାକ୍ତର ନିଯୁକ୍ତି କରି ଦରମା ଦେଲେ । ପରେ ସେହି ଡାକ୍ତରଖାନାଟି ସରକାର ନିଜ ହାତକୁ ନେଲେ । ଫଳରେ ଲୋକେ ସ୍ୱାସ୍ଥ୍ୟସେବା ପାଇପାରିଲେ । ବ୍ରଜମୋହନ ଏଥିପାଇଁ ଲୋକଙ୍କ ପାଖରେ ଏବେ ବି ସ୍ମରଣୀୟ ହୋଇ ରହିଛନ୍ତି ।

ବ୍ରଜମୋହନଙ୍କ ସମଗ୍ର ଜୀବନ ଥିଲା ବହୁ ଘଟଣାବହୁଳ । ସେ ଏକାଧାରରେ ଜଣେ କବି, ଲେଖକ, ସମାଜସେବକ, କୃଷିବିତ, ଶିକ୍ଷାବିତ ଏବଂ ଜଣେ ସମ୍ଭ୍ରାନ୍ତ ସଂସ୍କୃତି ସମ୍ପନ୍ନ ପୁରୁଷ ଭାବରେ ସମାଜରେ ଯଥେଷ୍ଟ ଶ୍ରଦ୍ଧା ଓ ସମ୍ମାନର ପାତ୍ର ଥିଲେ । ଭବ୍ୟ ଶିକ୍ଷା ସଂସ୍କୃତିର

ISSN NO.
2582-208X

ପ୍ରସାର ପାଇଁ ବ୍ରଜମୋହନ ବାବୁ ଥିଲେ ସ୍ୱତନ୍ତ୍ର ଓ ସମ୍ମାନାସ୍ପଦ । ବାସ୍ତବରେ ସେ ଥିଲେ ଜଣେ ମହନୀୟ ସଂସ୍କୃତି ସମ୍ପନ୍ନ ଆଦର୍ଶ ପୁରୁଷ।

## ଗବେଷଣାର ନିଷ୍କର୍ଷ :

ଏହି ଅଧ୍ୟୟନରୁ ସ୍ପଷ୍ଟ ହୁଏ ଯେ,ପଶ୍ଚିମ ଓଡ଼ିଶାକୁ ବ୍ରଜମୋହନ ପଣ୍ଡାଙ୍କ ଅବଦାନ ଅତୁଳନୀୟ। ସେ ଶିକ୍ଷାର ବିକାଶ ନିମନ୍ତେ ଅନେକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଛନ୍ତି। ସାହିତ୍ୟର ବିକାଶ ନିମନ୍ତେ ନିଜେ ଗଦ୍ୟ ପଦ୍ୟ ରଚନା କରିବା ସହ ଉତ୍ସାହିତ ଓ ପ୍ରୋତ୍ସାହିତ କରିବାର କାର୍ଯ୍ୟ କରିଛନ୍ତି। ସମାଜର ବିକାଶ, କୃଷିର ଉନ୍ନତି ଓ ସଂସ୍କୃତିର ରକ୍ଷା ନିମନ୍ତେ ସେ ଯୁଗାନ୍ତ ପଦକ୍ଷେପମାନ ଗ୍ରହଣ କରିଛନ୍ତି।ବ୍ରଜମୋହନ ପଣ୍ଡା ଓଡ଼ିଶାର ଶିକ୍ଷା ଇତିହାସରେ କେବଳ ଏକ ନାମ ନୁହେଁ—ସେ ଗ୍ରାମୀଣ ସଶକ୍ତିକରଣର ଏକ ଧାରଣା। ତାଙ୍କ ଅବଦାନ ଉପରେ ଆହୁରି ଗଭୀର ଶୈକ୍ଷିକ ଗବେଷଣା କରିବାର ଆବଶ୍ୟକ ରହିଛି।

### ସହାୟକ ଗ୍ରନ୍ଥସୂଚୀ

ସାହିତ୍ୟିକ ବ୍ରଜମୋହନ ପଣ୍ଡା, ଶ୍ରୀ ଗଣେଶରାମ ନାହାକ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ପ୍ରଥମ ପ୍ରକାଶ-୨୦୧୯

ଯୌବନ ଗାଥା, ଶ୍ରୀ ବ୍ରଜମୋହନ ପଣ୍ଡା, ବିଶ୍ୱଭାରତୀ ପ୍ରେସ, ସମ୍ବଲପୁର, ପ୍ରଥମ ପ୍ରକାଶ ୧୯୬୧

କର୍ମଯୋଗୀ ବ୍ରଜମୋହନ, ଶ୍ରୀ ଦୀପ୍ତିରଞ୍ଜନ ଶେଠ, ସମ୍ବଲପୁର ୨୦୧୫

ସପ୍ତର୍ଷି— ଏପ୍ରିଲ୍ ମେ ୧୯୮୯, ସମ୍ବଲପୁର ବିଶ୍ୱବିଦ୍ୟାଳୟ

ଡ ଅଜିତ କୁମାର ନାଥ, ବ୍ରଜବିହାରୀ ବ୍ରଜମୋହନ – ଦି ଭୂମାଶ୍ରୀ, ଜାନୁୟାରୀ-ମାର୍ଚ୍ଚ ୨୦୨୫-୨୬, ୧ମ ସଂଖ୍ୟା, ପୃଷ୍ଠା ୫୬-୫୭

ଉତ୍କଳ ଲକ୍ଷ୍ମୀ,ତପସ୍ୱିନୀ, ଗଙ୍ଗାଧର ମେହେର

(((-)))

ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ଯୋଗାଯୋଗ: ୯୯୩୮୦୪୩୧୮୧, ଇମେଲ: rk.suna@osou.ac.in

ISSN NO.
2582-208X

# କାଣିଚ୍ଛଏ ଆଶା



ଚନ୍ଦ୍ରମଣି ଭୁଏ

ଆରେ ବାୟାଟା କେତେ ଖଟୁଛୁରେ..
ଏ ଗ୍ରୀଷ୍ମ ଖରାରେ
ଆ ଟିକେ ବସ, ଆରାମ ନେ
ଏ ଦେଖୁଛୁ ବାଇ ଚଢେଇକୁ ଦିନରାତି ଲାଗିପଡ଼ିଛି,
ତାର ଘର ତିଆରିରେ
ହେଲେ କଣ ମିଳିବ ସେଇଠୁ;
ଆଖି ପିଛୁଳାକେ ଉଡ଼େଇ ନେବ ଏ କରାଳର କାଳବୈଶାଖୀ...
ତ, ଲାଭ କଣ ?

ଏ ଜୀବନତ ଛୋଟ ଛୋଟ ପାଣି ଫୋଟକା
ଆକାଶର ଛୋଟ ପାଣି ବୁନ୍ଦାରେ ତ ଫାଟିଯାଏ ,
ହେଲେ ତୁ ଦିନରାତି ଲାଗିପଡ଼ିଛୁ ଘର ମରାମତିରେ....
କାହା ପାଇଁ ଏତେ ସଜବାଜ ..?
ତୁ ପରା ଶୂନ୍ୟ ହସ୍ତରେ ଯିବୁ ଆରପାରିକୁ,
ଚାରିଜଣ ହିଁ ଯଥେଷ୍ଟ ତତେ ନେବା ପାଇଁ
ଓ ଛଅ ଫୁଟ୍ ମାଟି ହିଁ ବଳିଯିବ...
ଏ ରଙ୍ଗୀନ୍ ଦୁନିଆରେ ଧଳା କନା ହିଁ ଶେଷ ଆସରା,
ଆଉ ତୁ ମୂର୍ଖ ଭଳି ମାଡ଼ି ଚାଲିଛୁ ।

ISSN NO.
2582-208X

ତୁ ପ୍ରତି ସୋମବାର, ମଙ୍ଗଳବାର ମନ୍ଦିର ଯାଉଥା,
ହେଲେ ହବ କଣ ....?
ତୋର ହୃଦୟ ମନ୍ଦିର ପରା କଳୁଷିତ
ତୋର ମସ୍ତିଷ୍କ ତ କୁମାନସିକତାରେ ଅନ୍ତଃସତ୍ୱା.....

ପାପ ପୁଣ୍ୟର ହିସାବର ନିକିତରେ ପାପ ଭାର ତ ବେଶୀ ହୋଇଯିବ,
ହେଲେ ତୋର କାଣିଚାଏ ଆଶା ଏବେ ବି ଗଲାନି ।

ଦେଖ୍ ବାବୁ ଏ ସଂସାର ହେଉଛି ଭାଗ ଦୌଡ଼ର ଖେଳ
ମୋର ପୁଅ, ମୋର ଝିଅ, ମୋର ବନ୍ଧୁ;
ସବୁ ମୂଲ୍ୟହୀନ ....
ଏ ସ୍ୱାର୍ଥପର ଦୁନିଆରେ,
ନିଜେ ବଞ୍ଚିଲେ ବାପର ନାଁ...
ତଥାପି ତୁ ମଧ୍ୟ ଆଶାବାଦୀ,
ବହୁତ୍ ବଢ଼ିଆ ...
ଆଶା ରଖିଥା ।

(((-)))

ଭଟଲି, ବରଗଡ଼
ମୋ – ୯୯୩୭୫୭୮୭୩୫
ଇ ମେଲ୍ – chandramanibhue@gmail.com

ISSN NO.
2582-208X

# ମଉସୁମୀ ତୁମେ



ବସନ୍ତ କୁମାର ପ୍ରଧାନ

ମଉସୁମୀ ତୁମ ଫେରିବା ବାଟକୁ
ସରବେ ରହିଛୁ ଚାହିଁ
ଯଥା ସମୟରେ ତୁମେ ଆସିବାକୁ
କେବେ ଭୁଲି ଯାଅ ନାହିଁ ।

ଅନେକ ଦିନରୁ ଗ୍ରୀଷମ ଜ୍ୱାଳାରେ
କେତେ ଯେ ଅତିଷ୍ଠ ହୋଇ
ଟିକିଏ ଶୀତଳ ପରଶ ତୁମର
ପାଇବାକୁ ଅଛୁ ଚାହିଁ ।
ତୁମେହିଁ ସବୁରି ଆଶା ଭରସା
ଆସ ଦେବଦୂତୀ ହୋଇ ।

ତୁମ ଆଗମନେ ଭରିଯାଏ ପ୍ରାଣେ
ଭିଜାମାଟିର ବାସନା
ବରଷା ଧାରାରେ ଉଚ୍ଛ୍ୱସିତ ଧରା
ଆଣଇ କର୍ମ ପ୍ରେରଣା ।
ଆଶା ଭରସା ନବ ଉନ୍ମେଷାର
ଆସ ତୁମେ ବାର୍ତ୍ତା ନେଇ ।

ISSN NO.
2582-208X

ତୁମ ଆଗମନେ ସବୁଜ ବସନେ
ସୁଶୋଭିତ ଦିଶେ ମହୀ
ନାନା ଜାତି ଫୁଲ ଫଳେ ତରୁଲତା
ମନ ନେଉଥାଏ ମୋହି ।
ପୂର୍ଣ୍ଣଗର୍ଭା ହୁଏ ନଦୀ ପୁଷ୍କରିଣୀ
ଜଳ ସ୍ରୋତ ଯାଏ ବହି ।

ସାଜି ଦେବଦୂତୀ ଆସ ଏ ଧରିତ୍ରୀ
ଜଗତ ମଙ୍ଗଳ ପାଇଁ
ତୁମେ ନ ଆସିଲେ ସାରା ପୃଥିବୀଟା
ହୋଇଯିବ ମରୁଭୂଇଁ ।
ଅମୃତ ଦାୟିନୀ ହେ ମଙ୍ଗଳମୟୀ
ତୁମ କୃପା ଅଛୁ ଚାହିଁ ।

(((-)))

ହରିହରପୁର, ଛେଣ୍ଡିପଦା, ଅନୁଗୋଳ
ମୋ -7735611484

ISSN NO.
2582-208X

# ଖରାପ ଦୋଷର ଫଳ ଖରାପ ହୋଇଥାଏ



ମନୋଜ କୁମାର ବେହେରା

ଶ୍ରୀକୃଷ୍ଣ ଆସୁରୀ ପ୍ରବୃତ୍ତିବାଲାଙ୍କୁ ବିସ୍ତାରରେ ବର୍ଣ୍ଣନ କରିକି କୁହନ୍ତି, ଏମିତି ଅନେକ ପ୍ରକାରରେ ଭ୍ରମିତ ମନବାଲା, ମୋହର ଜାଲରେ ଫସିକରି ତଥା ବିଷୟଭୋଗରେ ଆସକ୍ତ ହୋଇକରି ଘୋର ନର୍କରେ ଯାଇ ପଡନ୍ତି । ଏମିତି ଅଭିମାନୀ ଆଉ ଠକ ଲୋକ, ସମ୍ପତ୍ତିର ମଦ ଆଉ ଅହଂକାରରେ ମସ୍ତ ହୋଇକରି, ଶାସ୍ତ୍ରର ବିଧି-ବିଧାନରେ ଆଦର ନକରିକି ଛଳ କପଟ ପୂର୍ବକ କେବଳ ମାନ ମାତ୍ରର ପାଇଁ ଯଜ୍ଞ କରିଥାନ୍ତି । ଅହଂକାର, ବଳ, ଦମ୍ଭ, କାମନା ଆଉ କ୍ରୋଧରେ ଅନ୍ଧ ହୋଇକରିଏହି ଦ୍ୱେଷୀ ପୁରୁଷ ନିଜର ନିଜରଭିତରେ ତଥା ଅନ୍ୟସବୁ ପ୍ରାଣୀରେ ନିବାସ କରିବାବାଲା ମୋଭଳି ଅନ୍ତର୍ଯ୍ୟାମୀକୁ ତୁଚ୍ଛ ବୋଲି ଭାବିନ୍ତି । ଏହି ଦ୍ୱେଷ କରିବାବାଲା ପାପଚାରୀ ଆଉ କ୍ରୁରକର୍ମୀ ନରଧମୋଙ୍କୁ ମୁଁ ସଂସାରରେ ବାରମ୍ବାର ଆସୁରୀଯୋନିରେ ପକେଇ ଥାଏ । ଏହି ଅଜ୍ଞାନୀ ଆତ୍ମାମାନେ ଆସୁରୀଯୋନିରେ ବାରମ୍ବାର ଜନ୍ମ ନେଇଥାନ୍ତି । ହେ ଅର୍ଜୁନ! ସେ ମୂର୍ଖ ମୋତେ ପ୍ରାପ୍ତ ନ କରିପାରିଲା ପରେ, ଧୀରେ-ଧୀରେ ଯୋନିରୁ ଯାଇ ସେମାନେ ଅତି ଅଧମ ଗତିକୁ ପ୍ରାପ୍ତ କରିଥାନ୍ତି ।

ଶ୍ରୀକୃଷ୍ଣ ପ୍ରଥମରୁ କହିଥିଲେକି ସେ ସବୁ ଜୀବଙ୍କ ପ୍ରତି ସମନାଭାବ ରଖିଥାନ୍ତି । ସେମାନଙ୍କ ପାଇଁ ନା'କୌଣସି ଦ୍ୱେଷ ଥାଏ ନା'ହିଁ କିଏ ପ୍ରିୟ ଥାନ୍ତି । କିନ୍ତୁ ଉପରୋକ୍ତ ସଂକେତ କହିଥାଏକି ସେ ଆସୁରୀ ପ୍ରବୃତ୍ତିବାଲାଙ୍କୁ ଘୃଣା କରିଥାନ୍ତି ଆଉ ସେଥିପାଇଁ ସେମାନଙ୍କୁ ଅଧମ ଯୋନିରେ ରଖନ୍ତି । ଏହି ପ୍ରତ୍ୟେକ୍ଷ ବିରୋଧଭାସ ଆମର ଏହି ଭ୍ରମରୁ ଉତ୍ପନ୍ନ ହୋଇଥାଏ କି ଶ୍ରୀକୃଷ୍ଣ (ପରମାତ୍ମାଙ୍କ ନାମବ୍ୟକ୍ତିର ଆସ୍ଥାର ଆଧାର ଉପରେ ଭିନ୍ନ

ISSN NO.
2582-208X

ହୋଇପାରେ) ଜଣେ ବ୍ୟକ୍ତି ଅଟେ, ଆଉ ସେ ବାସ୍ତବରେ ସ୍ୱୟଂ ଅସ୍ତିତ୍ୱ ଅଟେ । ସେ କେବଳ ସେହି ନିୟମର ବର୍ଣ୍ଣନାକ ରିଥାଏ ଯାହା ଅସ୍ତିତ୍ୱକୁ ସଂଚାଳି ତକରିଥାଏ ।

ଏହି ଗୁରୁତ୍ୱାକର୍ଷଣର ନିୟମର ପରି ଅଟେ ଯେଉଁଠି ଉଚ୍ଚରୁ କୁଦିଲା ପରେ ତଳେ ପଡିବା ଅନିବାର୍ଯ୍ୟ ଅଟେ । ଶ୍ରୀକୃଷ୍ଣ ପ୍ରଥମେ ଏହାର ବର୍ଣ୍ଣନା ଏହି ପ୍ରକାର କରିଥିଲେ, 'ବ୍ୟକ୍ତି ଯେଉଁ ପ୍ରକାରରେ ମୋତେ ଭଜିଥାଏ, ମୁଁ ସେହି ପ୍ରକାରରେ ତାକୁ ପ୍ରାପ୍ତ ହୋଇଥାଏ' । ଯେତେବେଳେ କିଏ ଆସୁରୀ ମାର୍ଗକୁ ଆପଣାଏ, ତା'ହେଲେ ସମ୍ଭବତଃ ସମୟର ସହିତ ଅସ୍ତିତ୍ୱ ସ୍ୱତଃହିଁ ଆସୁରୀ ଢଙ୍ଗରେ ପ୍ରତିକ୍ରିୟା କରିଥାଏ । ଆମେ ଭୌତିକ ବିକାଶ, ଉତ୍କୃଷ୍ଟ ଶିଳ୍ପକଳା ଆଉ ସୁସଂଗତିର ସନ୍ଦର୍ଭରେ ଅସ୍ତିତ୍ୱର ଅନନ୍ତ ଉଦାରତା ସର୍ବୋତ୍ତମ ଉଦାହରଣ ଅଟେ । ଆମକୁ ଯାହାକିଛି ବି ଦିଆଯାଇଛି, ସେଥିପାଇଁ କୃତଜ୍ଞ ହେବାର ବିଷରେ ନା କି ଇନ୍ଦ୍ରିୟ ତୃପ୍ତିର ପାଇଁ ଅସ୍ତିତ୍ୱରୁ କିଛି ଆତ୍ମସାତ୍ କରିବା ପାଇଁ ।

(((-)))

ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨
ଫୋନ୍-୭୯୭୮୩୦୭୧୧

ISSN NO.
2582-208X

# ହସ



କୀର୍ତ୍ତି ଦେବୀ

ହସ, ତୋର ଏଇ ଶବଦକୁ ଶୁଣିଲେ ମନ ଖୁସି ହୋଇଯାଏ । ତୋ ପାଇଁ ପର ବି ନିଜର ହୋଇଯାଏ । ଛୋଟ ଶିଶୁର ହସକୁ ଈଶ୍ୱରଙ୍କ ସ୍ୱହସ ରୂପେ ବିବେଚନା କରାଯାଏ । ମନୁଷ୍ୟ ଯେବେ ବି ଦୁଃଖରେ ଥାଉ ନା କାହିଁକି, ଏହି ଶିଶୁର ହସ ଦେଖିଲେ ସବୁ ଭୁଲିଯାଏ । ମାଆ ତାର ସନ୍ତାନର ହସକୁ ଦେଖି ଜନ୍ମ ଦେବାର କଷ୍ଟକୁ ଭୁଲିଯାଏ । ମନ ଖୋଲି ସାଙ୍ଗ ସାଥି, ବନ୍ଧୁ ପରିଜନଙ୍କ ସହିତ ହସିଲେ ବହୁତ ଆନନ୍ଦ ମିଳିଥାଏ ।

ପ୍ରତି କ୍ଷେତ୍ରରେ ତୋର ସ୍ୱତନ୍ତ୍ର ନୀତି ନିୟମ ଥାଏ । ଘରେ ସମସ୍ତେ ଏକାଠି ବସି କଥା ବାର୍ତ୍ତା ହେଲାବେଳେ ଆଗ ତତେ ଖୋଜାପଡେ । କେତେକ ବିଶେଷ ବ୍ୟକ୍ତି ହସେଇବାକୁ ବହୁତ ଭଲ ପାଆନ୍ତି । ସେଥିପାଇଁ ତତେ ଗୁରୁତ୍ୱ ଦେଇ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥାଏ । ବିଦ୍ୟାଳର ସ୍ତରରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ, ଗାଁ ଦାଣ୍ଡରୁ ରାଜ ଦରବାର ଏବଂ ରାଜ୍ୟରୁ ଆରମ୍ଭ କରି ଦେଶବିଦେଶ ସବୁଠାରେ ତତେ ନେଇ ଚର୍ଚ୍ଚା ଚାଲିଥାଏ ।

ସମାଜରେ ଚଳିବାକୁ ହେଲେ ସବୁ ପରିସ୍ଥିତିରେ ତତେ ସାଙ୍ଗ କରି ଚଳିବାକୁ ହେ ନ ହେଲେ ଏ ସଂସାର ମରୁଭୂମି ପରି ଶୁଷ୍କ ହୋଇଯାଏ । ଖାଦ୍ୟରେ ଲୁଣ କମ୍ ହେଲେ ବା ଆଦୌ ନପଡିଲେ ତାହା ଯେପରି ସ୍ୱାଦିଷ୍ଟ ଲାଗେନାହିଁ । ଠିକ୍ ସେହିପରି ତୋର ଉପସ୍ଥିତି ବା ଅନୁପସ୍ଥିତି କୁ ହୃଦୟଙ୍ଗମ କରୁହୁଏ ।

ପରିସ୍ଥିତି ଅନୁସାରେ ତତେ ଉପଲବ୍ଧି କରିବା ଏବଂ ଅନୁଭବ କରିବା କଷ୍ଟକର । ଜଣେ ମନଖୋଲି ହସିଲେ ତାହା ସମସ୍ତଙ୍କୁ ଆନ୍ତରିକ ଖୁସି ଦେଇଥାଏ । ତାଚ୍ଛଲ୍ୟ କରି ହସିଲେ ଅବା ବେଖାତିର କରି ହସିଲେ ତାହା ହୃଦୟକୁ ବହୁତ ବାଥିଥାଏ । ସେଯେଉଁ ଆଘାତ ଲାଗିଥାଏ, ତାକୁ ଲିଭାଇବା ବହୁତ କଷ୍ଟକର କାର୍ଯ୍ୟ ।

ISSN NO.
2582-208X

କେତେକ କ୍ଷେତ୍ରରେ ମନୁଷ୍ୟ ନିଜେ ହସି ଅନ୍ୟକୁ ହସାଇ ଥାଏ କିନ୍ତୁ ପ୍ରକୃତ ପକ୍ଷେ ତାର ଅନ୍ତରର ବେଦନା ଲୁଚାଇବାକୁ ସେ ହସୁଥାଏ ।

(((-)))

ସିଭିଲ୍ ଟାଉନସିପ୍, ରାଉରକେଲା
ମୋ: ୯୫୮୩୮୩୩୮୨୭

ISSN NO.
2582-208X

# ପ୍ରିୟା ମୋ

ତୃପ୍ତିମୟୀ ତ୍ରିପାଠୀ

ସାତ ରଙ୍ଗ ନେଇ ଆସି ରେ ଫଗୁଣ
ପ୍ରିୟାକୁ ଦେଏ ରଙ୍ଗେଇ
ଅବୁଝା ପ୍ରିୟା ମୋ ରୁଷି ବସିଅଛି
ଦେ ତାକୁ ଟିକେ ବୁଝେଇ । (୧)
ସନ୍ଦେହୀ ପ୍ରିୟା ମୋ ଭାରି ଅଭିମାନୀ
ନାକ ଆଗେ ତାର ରାଗ
ମୁହଁ କୁ ଫୁଲେଇ ବସିଅଛି ସିଏ
କଥା କହୁନାହିଁ ଆଗ । (୨)
କହିବୁ ବୁଝେଇ ପ୍ରିୟା କୁ ମୋହର
ରାଗିବନି ମୋତେ ଜମା
ତା ବିନେ ମୋହର ଜୀବନ ଟା ଶୂନ୍ୟ
ସିଏ ମୋ ସ୍ୱର୍ଗ ସୁଷମା । (୩)
ଜହ୍ନ ଠୁ ଅଧିକ ସୁନ୍ଦର ପ୍ରିୟା ମୋ
କଳଙ୍କ ନାହିଁ ତା ଦେହେ
ସାଗର ଠୁ ବଡ଼ ହୃଦୟ ଟି ତାର
ତା, ସରି ଆଉ କେ ନୁହେଁ । (୪)
ଅନେଇ ବସିଛି ଫେରିବା ବାଟକୁ
ଆସିବ ବୋଲି ସେ ଧାଇଁ
ପରୀ ରାଇଜରେ ଘର ଟେ କରିଛି
ରଖିବି ପ୍ରିୟା କୁ ନେଇ । (୫)

ତୋଷର୍

ISSN NO.
2582-208X

# ଖୁସି ର ସ୍ରୋତ



ଓମ୍ ପାଇକରାୟ

ସେ ଆଖି ର ଲୁହ ଛାତି ର କୋହ ମନରେ ଲୁଚେଇ
ସମାଜ ଆଗରେ ଖୁସିରେ ବୁଲଇ ।
ମସ୍ତିସ୍କ ର ଚିନ୍ତା ମନର ଯନ୍ତ୍ରଣା ସାହି ନପାରି
ସମାଜ ଆଗରେ ଖୁସି ରେ ବୁଲଇ ।
ଅକ୍ଳାନ୍ତ ଶରୀର ଭାଙ୍ଗି ପଡ଼ିଥିବା ସ୍ୱାର୍ଥ
ସମାଜ ଆଗରେ ଖୁସି ରେ ବୁଲଇ ।
ସମ୍ପର୍କ ରେ ତ୍ରୁଟି ସ୍ୱାର୍ଥପରତା ସମ୍ମାନ କୁ ଧରି
ସମାଜ ଆଗରେ ଖୁସିରେ ବୁଲଇ ।
ଦୃଷ୍ଟି ଶକ୍ତି ଥାଇ ଜୀବନ ର ମାର୍ଗ କୁ ଭୁଲି ଯାଇ
ସମାଜ ଆଗରେ ଖୁସିରେ ବୁଲଇ ।
ଚଳନ୍ତି ସମଚକ୍ରରେ ନିଜର ଆଶା କୁ ମାରି
ସମାଜ ଆଗରେ ଖୁସିରେ ବୁଲଇ ।
ଦୁଃଖ ଯନ୍ତ୍ରଣା ର ଲୁହ କୁ ତକିଆ ରେ ଛାପି
ସମାଜ ଆଗରେ ଖୁସିରେ ବୁଲଇ ।
......
ଭାଙ୍ଗି ପଡିଥିବା ମନକୁ ପୁଣି ବୁଝାଇ ପଥ କୁ ନଡରି
ସମାଜ ଆଗରେ ଖୁସିରେ ବୁଲଇ ।

(((-)))

ନୟାଗଡ଼

ISSN NO.
2582-208X

# ଶଶିକଳା



ସମୀର ତ୍ରିପାଠୀ

ସକାଳର ସେହି ପରିଚିତ ରାସ୍ତା। ରାସ୍ତା ଗୋଟିଏ ପଟେ ନଦୀ ବହି ଯାଇଛି ବାଲୁକରାଶୀରେ ପରିପୂର୍ଣ୍ଣ । ଆଜି ଆମେ ଯେଉଁ ବାଲିକଣା ଦେଖୁଛୁ ତାହା ମୂଳତଃ ଏମିତି ଥାଇ ନ ପାରେ; ହୁଏତ ଏହା ଉତ୍ପତ୍ତି ବେଳେ ଏକ ବିରାଟ ପ୍ରସ୍ତର ଖଣ୍ଡ ଥିଲା, କାଳକ୍ରମେ ତୁଷାର ବର୍ଷା ତୋଫାନ ଆସି ଏହା ଭାଙ୍ଗୀ ଯାଇ ଆଶ୍ରୟ ନେଲା ନଦୀ ବକ୍ଷରେ। କେତେ ପାହାଡ଼ ଜଙ୍ଗଲ ଟପି ଏହାର ଅଙ୍ଗ ହେଲା ଧ୍ୱସ୍ତ ବିଧ୍ୱସ୍ତ । ସେ ହେଲା କ୍ଷୁଦ୍ରରୁ କ୍ଷୁଦ୍ରତର ମନୁଷ୍ୟର ମାନସିକ ଚିନ୍ତା ପରି । ଅବଶେଷରେ ପରିଣତ ହେଲା ବାଲିକଣାରେ ।

ଘରରୁ ଅଫିସ୍ ମାତ୍ର ଏକ କିଲୋମିଟର। ପ୍ରତିଦିନ ସେହି କୋଡ଼ିଏ ମିନିଟର ପାଦଚଲା ରାସ୍ତାରେ ଗୋଡ଼ ବିନ୍ଧେ, କିନ୍ତୁ ସେ ବିନ୍ଧାଟା ଏବେ ଏକ ଅଭ୍ୟାସରେ ପରିଣତ ହୋଇଯାଇଛି। କେବେ କେବେ ଇଚ୍ଛା ହୁଏ ଗାଡ଼ିଟେ ନେଇ ପଳାଇବାକୁ, କିନ୍ତୁ ପାଖ ରାସ୍ତା ବୋଲି ମନ ବୁଝିଯାଏ। ଦୂର ସ୍ଥାନକୁ ଯିବାକୁ ହେଲେ ଆମେ ଗାଡ଼ିର ସାହାଯ୍ୟ ନେଉ, ଶୀଘ୍ର ପହଞ୍ଚିବାକୁ ଚେଷ୍ଟା କରୁ, କିନ୍ତୁ ପାଖ ଜାଗା ପାଇଁ କଷ୍ଟ ସହି ସହି ବିଳମ୍ବରେ ପହଞ୍ଚିବାଟାକୁ ଆମେ ଆପଣେଇ ନେଇଛୁ।

ଜୀବନର ଗଣିତ ବି ଠିକ୍ ସେଇଆ। ସାମାନ୍ୟ ଯନ୍ତ୍ରଣାକୁ ଆମେ ଆରାମରେ ସହିଯାଉ, କିନ୍ତୁ ଯେତେବେଳେ ସେହି ଯନ୍ତ୍ରଣା ସୀମା ଟପିଯାଏ, ସେତେବେଳେ ତାହା ଆମକୁ ଏକ ନୂଆ ରାସ୍ତା ଶିଖାଇଥାଏ।

ଆଜିକାଲିର ସମ୍ପର୍କଗୁଡ଼ିକ ମଧ୍ୟ ସେହିପରି। କିଛି ସମ୍ପର୍କ ଏମିତି ଯେଉଁଠାରେ ଭଲପାଇବା କମ୍ ଅଛି, କିନ୍ତୁ ଏତେ ବି କମ୍ ନୁହେଁ ଯେ ତୁମେ ତାକୁ ଛାଡ଼ି ପାରିବ। ଅଶ୍ୱାସନା ଅଛି,

ISSN NO.
2582-208X

ଅବିଶ୍ୱାସ ବି ଅଛି, କିନ୍ତୁ ଏକ ଅଜବ ଅଭ୍ୟାସରେ ବାନ୍ଧି ହୋଇ ଆମେ ସେଥିରୁ ମୁକୁଳି ପାରୁନାହୁଁ। କେତେବେଳେ ଆଖିରୁ ଲୁହ ଝରିଲେ ମନେହୁଏ ଏହା ଆଖିର ଏକ ଭ୍ରମ ମାତ୍ର। ହୃଦୟରେ ଆଘାତ ଦେଇ ସେ ପୁଣି ଉପରୁ ମିଛର ଲେପ ଲଗାଇଦିଏ, ଆଉ ଆମେ ସେଇ ମିଛକୁ ସତ ମାନି ନିଜର ଲକ୍ଷ୍ୟ ଭୁଲିଯାଉ।

ଆମେ ବୋଧହୁଏ ସେହି ପିଞ୍ଜରାବଦ୍ଧ ପକ୍ଷୀ ପରି ହୋଇଯାଇଛୁ, ଯିଏ ପିଞ୍ଜରାକୁ ନିଜର ଆକାଶ ଭାବି ସ୍ୱାଧୀନତାକୁ ଡରେ। ପିଞ୍ଜରାର ଦ୍ୱାର ଖୋଲା ଥିଲେ ମଧ୍ୟ ସେ ବାହାରକୁ ଯିବା ପାଇଁ ମନବଳ ଜୁଟାଇ ପାରେ ନାହିଁ। କାରଣ ସେ ଅବଦ୍ଧ ରହିବାରେ ଅଭ୍ୟସ୍ତ। ଥରେ ନିଶ୍ଚଳ ହୋଇ ନିଜ ଭିତରର ସେହି ଶୂନ୍ୟତାକୁ ପଚାରି ଦେଖ ଯେତେବେଳେ କେହି ତୁମ ସ୍ୱପ୍ନର ସୌଧକୁ ନିର୍ମମ ଭାବେ ଭାଙ୍ଗି ଚୁରମାର୍ କରିଦିଏ କିମ୍ବା ସମୟର ସ୍ରୋତରେ ହଠାତ୍ ତୁମ ହାତ ଛାଡ଼ି ଅଜଣା ପଥର ପଥିକ ସାଜିଯାଏ, ତୁମେ କଣ ସତରେ ସେହି ଏକାକୀତ୍ୱରେ ଖୁସି ଅଛ ? ନା, ତୁମେ କେବଳ ସେହି ଯନ୍ତ୍ରଣା ସହିତ ବଞ୍ଚିବାର ଏକ ସାଂଘାତିକ ସାଲିସ କରିସାରିଛ ?

ମଣିଷ ବେଳେବେଳେ ଦୁଃଖକୁ ଏତେ ନିଜର କରିନିଏ ଯେ, ସେ ଭୁଲିଯାଏ ମୁକ୍ତି ବୋଲି ବି ଗୋଟିଏ ଶବ୍ଦ ଅଛି। ତୁମର ଏହି ହସ କ'ଣ ସତରେ ତୁମ ମନର, ନା ଏହା କେବଳ ଗୋଟିଏ ଭଙ୍ଗା ଆଇନାରେ ନିଜକୁ ଯୋଡ଼ି ରଖିବାର ଏକ ବ୍ୟର୍ଥ ପ୍ରୟାସ ? କେତେ ଭୟାନକ ହୋଇଥାଏ ସେହି ପରିସ୍ଥିତି, ଯେତେବେଳେ ଆମେ ସମସ୍ତଙ୍କ କାହାଣୀରେ ଜଣେ ବିଶେଷ ଚରିତ୍ର ହେବାକୁ ଚେଷ୍ଟା କରୁ। ଯେଉଁ ରାସ୍ତା ଆମର କେବେ ନଥିଲା, ଆମେ ସେଇ ରାସ୍ତାରେ ନିଜର ପାଦଚିହ୍ନ ଛାଡ଼ିବାକୁ ଚାହୁଁ। ପ୍ରତିଦିନ ହୃଦୟର କୋଣରେ ଏକ କ୍ଷୀଣ ଆଶାର ଦୀପ ଜଳାଇ ମୁଁ ନିଜକୁ ବୁଝାଏ ଯେ ହୁଏତ ଆଉ ପାଦେ ଆଗକୁ ବଢ଼ିଲେ ସେ ମୋର ପାଦଶବ୍ଦ ଶୁଣିପାରିବ, ହୁଏତ ଆଉ ଟିକେ ଚେଷ୍ଟା କଲେ ତାର ପଥର ପାଲଟିଥିବା ମନଟା ତରଳିଯିବ।

ମୁଁ ନିଜ ସ୍ୱାଭିମାନର ଆଇନାକୁ ବାରମ୍ବାର ଭାଙ୍ଗି ନିଜକୁ ଗଢ଼ିବାକୁ ଚେଷ୍ଟା କରେ, କେବଳ ଏଇ ଭାବନାରେ ଯେ ନିଜକୁ ତା ପସନ୍ଦ ମୁତାବକ ଟିକେ ବଦଳାଇ ଦେଲେ ହୁଏତ ସେ ମୋତେ ପୁଣି ଥରେ ନିଜର କରିନେବ, ହୁଏତ ସେ ସବୁଦିନ ପାଇଁ ଅଟକି ଯିବ। କିନ୍ତୁ ମୁଁ ଭୁଲିଯାଏ ଯେ, ଯିଏ ଯିବାକୁ ଚାହେଁ ତା ପାଇଁ ସମୁଦ୍ର ମଧ୍ୟ ଏକ ପାଦଚଲା ରାସ୍ତା

ISSN NO.
2582-208X

ସାଜିଯାଏ, ଆଉ ଯିଏ ବୁଝିବାକୁ ଚାହେଁନାହିଁ, ତା ପାଇଁ ନୀରବତା ଏବଂ ଚିତ୍କାର ଉଭୟ ସମାନ।

କିନ୍ତୁ ସତ୍ୟ ହେଉଛି ଆମେ ଯେଉଁ ସମ୍ପର୍କର ସୌଧକୁ ସଜାଇବା ପାଇଁ ନିଜର ସବୁତକ ସ୍ୱପ୍ନକୁ ବଳିଦାନ ଦେଇଦେଉ, ସେହି ସୌଧର ମୂଳଦୁଆ ହୁଏତ ବାଲିରେ ଗଢ଼ା ହୋଇଥାଏ। ଆମେ ଯାହାକୁ ଆମର ଆକାଶ ବୋଲି ଭାବି ନିଜ ସ୍ୱାଧୀନତାର ଡେଣା କାଟି ଦେଇଥାଉ, ସେହି ଆକାଶରେ ଆମ ପାଇଁ କେବେ ସ୍ଥାନଟିଏ ବି ନଥାଏ। ବାସ୍ତବତା ହେଉଛି ଆମେ ସମସ୍ତଙ୍କ ପାଇଁ କେବେ ବି ଅପରିହାର୍ଯ୍ୟ ନୁହେଁ; କାହା ପାଇଁ ଆମେ ଏକ ଜରୁରୀ ଅଧ୍ୟାୟ ତ କାହା ପାଇଁ କେବଳ ଏକ ସମୟ ଅତିବାହିତ କରିବାର ବିକଳ୍ପ।

ବିକଳ୍ପ ହେବାର ଅର୍ଥ ହେଉଛି କାହାର ପ୍ରୟୋଜନ ଓ ପ୍ରାଥମିକତା ମଧ୍ୟରେ ଥିବା ସେହି ସୂକ୍ଷ୍ମ ଧାରରେ ଝୁଲି ରହିବା। ଏହା ଏକ ଅଦୃଶ୍ୟ କାରାଗାର, ଯେଉଁଠି ତୁମେ ଅଛ ବୋଲି ସେ ଜାଣିଛି କିନ୍ତୁ ତୁମେ ତାର ସବୁକିଛି ନୁହେଁ। ତୁମେ ତା ପାଇଁ କେବଳ ସେହି ସମୟରେ ମନେପଡ଼ ଯେତେବେଳେ ତାର ପ୍ରିୟ ଲୋକମାନେ ନିଜ ନିଜ ଦୁନିଆରେ ବ୍ୟସ୍ତ ଥାନ୍ତି। ଆମେ ନିଜକୁ ଯେତେ ବଦଳାଇଲେ ବି, ଯାହାର ଦୃଷ୍ଟିରେ ଆମର ମୂଲ୍ୟ ନାହିଁ, ତା ପାଇଁ ଆମେ ସବୁବେଳେ ଏକ ଅଦରକାରୀ ଶବ୍ଦ ହୋଇ ରହିଯିବା। ସତ୍ୟ ଆମକୁ ଭାଙ୍ଗେ ନାହିଁ, ବରଂ ଆମେ ଧରି ରଖିଥିବା ମିଛ ଆଶାର କାଚଘରକୁ ଚୁରମାର୍ କରିଦିଏ।

ଆମ ବ୍ୟକ୍ତିତ୍ୱର ସ୍ୱାଦ ସମସ୍ତଙ୍କ ପାଇଁ ସମାନ ନୁହେଁ। କାହା ପାଇଁ ଆମେ ପ୍ରାଣଦାୟୀ ମଧୁମୟ ତ କାହା ପାଇଁ ପରିତ୍ୟକ୍ତ ଘୃଣ୍ୟ ତିକ୍ତତା। କିନ୍ତୁ ବିଡ଼ମ୍ବନା ହେଉଛି, କିଛି ଲୋକ ଆମକୁ ପରଖିବା ପୂର୍ବରୁ ହିଁ ପ୍ରତ୍ୟାଖ୍ୟାନ କରି ଚାଲିଯାନ୍ତି; କାରଣ ସମସ୍ତଙ୍କ ଜିଭକୁ ଆମ ସ୍ୱାଦ ପସନ୍ଦ ଆସିବା କଦାପି ସମ୍ଭବ ନୁହେଁ।

ଯିଏ ତୁମ ସାନ୍ନିଧ୍ୟରେ ଥାଇ ମଧ୍ୟ ତୁମ ହୃଦୟର ସେହି ଆତୁର ସ୍ପନ୍ଦନକୁ ଶୁଣିପାରେ ନାହିଁ, ଯିଏ ନିଜର ହଜାରେ ଶବ୍ଦ ମଧ୍ୟରେ ତୁମ ନାମର ସାମାନ୍ୟ ଆଲୋଚନାଟିଏ ବି କରେ ନାହିଁ ତା ପାଇଁ ନିଜର ସ୍ୱାଭିମାନ ଓ ସଂଜ୍ଞାକୁ ବଦଳାଇବା କେବଳ ଏକ ବ୍ୟର୍ଥ ପ୍ରୟାସ। ନିଜର ଅସ୍ତିତ୍ୱକୁ ଏପରି ବ୍ୟକ୍ତି ପାଇଁ ତିଳ ତିଳ କରି ଜଳାଇବା ଠିକ୍ ସେହି କଲମ ପରି, ଯିଏ ଅନ୍ୟର ଜୀବନର ଜୟଗାନ ଲେଖିବାକୁ ଯାଇ ନିଜ ଶରୀରର ସବୁତକ ରକ୍ତ ନିଃଶେଷ କରିଦିଏ, ଅଥଚ ସେହି ଜୀବନୀର କୌଣସି ପୃଷ୍ଠାରେ ସେ କଲମର

ISSN NO.
2582-208X

ନିଜସ୍ୱ କୌଣସି ପରିଚୟ ନଥାଏ ।

ତେଣୁ, ଯିଏ ତୁମ ଜୀବନର ପରିଧିରୁ ବାହାରକୁ ଯିବାକୁ ପାଦ ବଢ଼ାଇ ସାରିଛି, ତାକୁ ସମ୍ମାନର ସହ ମୁକ୍ତ କରିଦିଅ । ଶେଷ ବିଦାୟର ସେହି ମୁହୂର୍ତ୍ତରେ ଆଖିରେ ଲୁହ ନୁହେଁ, ବରଂ ଓଠରେ ଟିକେ ପ୍ରସନ୍ନତାର ହସ ରଖି ତାକୁ ବିଦାୟ ଦିଅ । ମନେରଖ, ଯିଏ ତୁମ ସାନ୍ନିଧ୍ୟର ମୂଲ୍ୟ ବୁଝିପାରିଲା ନାହିଁ, ତା ପାଖରେ ନିଜର ମୂଲ୍ୟବାନ ସମୟ ଭିକ୍ଷା କରିବା ହେଉଛି ନିଜ ଅସ୍ତିତ୍ୱକୁ ଅପମାନିତ କରିବା। କାହାର ଅବହେଳାର ଶିକାର ହୋଇ ତା ଦୁଆରେ ଅପେକ୍ଷା କର ନାହିଁ। ଏହା ଜରୁରୀ ନୁହେଁ ଯେ ଦୁନିଆର ପ୍ରତିଟି କାହାଣୀରେ ତୁମେ ଏକ ଅପରିହାର୍ଯ୍ୟ ଚରିତ୍ର ହୋଇ ରହିବ। ହୋଇପାରେ କାହାର ବହିରେ ତୁମେ କେବଳ ଏକ ପାଦଟୀକା କିମ୍ବା ଏକ ଅତିରିକ୍ତ ଶବ୍ଦ, କିନ୍ତୁ ବିଶ୍ୱାସ ରଖ ସମୟର କୌଣସି ଏକ ଅଜଣା ମୋଡ଼ରେ, ଭବିଷ୍ୟତର ଏକ ନୂତନ ପୁସ୍ତକରେ ତୁମ ଚରିତ୍ର ପାଇଁ ଏକ ସମ୍ପୂର୍ଣ୍ଣ ସ୍ୱର୍ଣ୍ଣିମ ପୃଷ୍ଠା ଅପେକ୍ଷା କରିଛି, ଯେଉଁଠି ତୁମକୁ ବିକଳ୍ପ ନୁହେଁ, ବରଂ ଅନନ୍ୟ ଭାବେ ଗ୍ରହଣ କରାଯିବ। ସେତେଦିନ ପର୍ଯ୍ୟନ୍ତ ନିଜର ଏହି ନୀରବତାକୁ ଏକ ଆଭୂଷଣ ପରି ପିନ୍ଧି ନିଅ; କାରଣ ଏହି ନୀରବତା ମଧ୍ୟରେ ହିଁ ପ୍ରକୃତ ବା ପରମ ଶାନ୍ତି ଲୁଚି ରହିଛି। ଯେତେବେଳେ ଦୁନିଆର ଶବ୍ଦ ଆଉ ତୁମକୁ ପ୍ରଭାବିତ କରେନାହିଁ, ଯେତେବେଳେ କାହାର ଅଭାବ ତୁମକୁ ଆଉ ବିଚଳିତ କରେନାହିଁ, ସେତେବେଳେ ବୁଝିଯିବ ଯେ ତୁମେ ନିଜ ଭିତରେ ନିଜକୁ ଖୋଜି ପାଇଛ ।

ଆଉ ଶେଷରେ, ସେହି ଅନ୍ତିମ ସତ୍ୟକୁ ଆଲିଙ୍ଗନ କରିବା ପାଇଁ ନିଜକୁ ପ୍ରସ୍ତୁତ ରଖ । ଅପେକ୍ଷା କର ସେହି ମହାମିଳନ ବା ମୃତ୍ୟୁକୁ। ସେ କୌଣସି ଶେଷ ନୁହେଁ, ବରଂ ସେ ହେଉଛି ସେହି ପରମ ବନ୍ଧୁ, ଯିଏ ତୁମକୁ ଜୀବନର ସମସ୍ତ ବିଷାକ୍ତ ଅଭ୍ୟାସ, ସମ୍ପର୍କର ଶିକୁଳି ଏବଂ ଏହି ମରଶରୀରର ପିଞ୍ଜରାରୁ ସବୁଦିନ ପାଇଁ ମୁକ୍ତି ଦିଏ। ଯେଉଁଠି ସବୁ ଯନ୍ତ୍ରଣା ଶେଷ ହୁଏ ଏବଂ ଆତ୍ମା ତା'ର ଅନନ୍ତ ଆକାଶକୁ ଖୋଜିପାଏ ।

(((–)))

ସ୍ନାତକ ଦ୍ୱିତୀୟ ବର୍ଷ ଛାତ୍ର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ପ୍ରଜ୍ଞା ବିହାର, ବଲାଙ୍ଗୀର

ISSN NO.
2582-208X

# ପରକୀୟା ପ୍ରୀତି ଖେଳରେ



ଜୟନ୍ତ କୁମାର ମଲ୍ଲିକ୍

ପ୍ରେମିକା ସଂଖ୍ୟା ମୋ ବଢ଼ି ବଢ଼ି ଆସି
ଅଶିରେ ପହଞ୍ଚି ଗଲାଣି -
ପ୍ରଥମ ପ୍ରେମିକା ସୁନ୍ଦରୀ ଚମ୍ପିଟା
ଚାରିବର୍ଷ ହେଲା ମଲାଣି ।
ଜଣାଅଛି ମୋତେ ଶୋଳ ବରଷରୁ
ପ୍ରେମର ଆଦବ କାଇଦା -
ଦେହରେ ମନରେ ଭରିଛି ପୁଲକ
ପାଇଛି କେତେଯେ ଫାଇଦା ।।
ପ୍ରେମିକା ମାନଙ୍କୁ ପଟେଇବା ପାଇଁ
କେତେ କଅଣ ମୁଁ କରିଛି -
କାହାକୁ ଦେଇଛି ସୁନା ରୂପା ଶାଢ଼ୀ
କାହା ଋଣ କିସ୍ତି ଭରିଛି ।
ହେଁସ ଗୁଡ଼ା ମଧ୍ୟେ ଲୁଚିକି ଭୟରେ
ଘଣ୍ଟା ଘଣ୍ଟା ଛିଡା ହୋଇଛି -
ପ୍ରେମିକା ଗେରସ୍ତ ମାଡ଼ୁ ବଞ୍ଚିବାକୁ
ନୀରବେ ସଙ୍ଗାରେ ଶୋଇଛି ।
ଛଣଗଦା କଡ ପାହାଡ଼ ଉହାଡ
ପାଆର୍କ ଲଅଜ୍ କାଆର -

ISSN NO.
2582-208X

ବହୁ ଜାଗାରେ ମୁଁ ପେରମ କରିଛି
ନେଇକି ସାଙ୍ଗଠୁଁ ଧାଆର ।
ଜାତି ଅଜାତି ମୁଁ ବାରିନାହିଁ କେବେ
ପ୍ରେରମ କରିବା ବେଳରେ -
ହାରିବା ବାଜି ମୁଁ ଜିତିଛି ଅନେକ
ପରକିଆ ପ୍ରୀତି ଖେଳରେ ।
ଭାବିଛି ସେଞ୍ଚୁରୀ କରିବି ନିଶ୍ଚୟ
ଆଉ ବାକି ଜମା କୋଡ଼ିଏ -
ଡର ଭୟ କା'ରେ କରିବାର ନାହିଁ
ପୁଅ ମୋ ଅଛନ୍ତି ଯୋଡିଏ ।

(((-)))

ଶୁରଡିହ, ନନ୍ଦିପୁର,ଦଶରଥପୁର
ଯାଜପୁର, ଓଡ଼ିଶା,ପିନ୍ - ୭୫୫୦୦୬
ମୋ - ୯୪୩୭୮୭୫୭୨୭

ISSN NO.
2582-208X

# ଦଗାଦିଆ କଳା ଠାକୁର



ଝରଣା ମିଶ୍ର

କେତେ ଆଶା ନେଇ ଯାଇଥିଲି ମୁଁହି
ତୋପାଖକୁ କଳା ଠାକୁର
ମୁହଁ ବୁଲାଇଲୁ କେମିତି କାହିଁକି
ଭାବିଦେଲେ ଲାଗେ ଡର ।

ନିଜର ବୋଲିତ ଭାବିଥିଲି ତତେ
ତୋ ରୁପକୁ ଦେଖେଇଲୁ
ତୋ ଛଳନା ଆଜି ଜାଣି ଗଲା ପରେ
ମନ କୁ ମୋ ବୁଝେଇଲି ।

ଦୁନିଆଁ ଆଗରେ ତୋ ପାଇ ଜଗାରେ
ବଡ କଥା କହୁଥିଲି
ଦଗା ଦିଆ ତୁହି ଦଗା ଦେଲୁ ମୋତେ
ଘୁମୁରି ମୁଁ କାନ୍ଦୁଥିଲି ।

ଜାଣି ଜାଣି କାଇ ତୋପାଖରେ ଆଉ
କହିବି କାହିଁ କି ଦୁଃଖ
ଦୁଖଃ ବି ମୋର ସୁଖ ବି ମୋର
ହସିକି ମଣିବି ସୁଖ ।

ISSN NO.
2582-208X

କେଉଁ ଭୁଲ ପାଇ ପର କଲୁ ମୋତେ
କହି ଦେତ ଖାଲି ଥରେ
କହି ନ ପାରିଲେ ଇସାରା ତୁହି
ଥରେ କହି ଦେତୁ ସ୍ୱପ୍ନରେ ।

ମୋ ଭୁଲ କଣ ମୁଁ ଜାଣିନାହିଁ
ତୂ ସିନା ଜାଣିଥିବୁ
ତୋ ମୁହଁରୁ ତୁ କହି ନପାରିଲେ
ସ୍ୱପ୍ନରେ କହିଦେବୁ

ମୋ ଜାଣିବାରେ ଏଡ଼େ ଟି ଭୁଲ
ହୋଇ ନଥିବ ବି କେବେ
ଯଦି ବା ହୋଇଲା ଏମିତି ଭାବରେ
ଶାସ୍ତି ଦେଇଗଲୁ ମୋତେ ।

ତିଳ ତିଳ କରି ମରିବା ଅପେକ୍ଷା
ଥରକରେ ମାରିଦେରେ
ମରିଗଲେ ପଛେ ମୋକ୍ଷ ପାଇଯିବି
ତୋର ଏ ଶ୍ରୀ ଚରଣରେ ।

(((-)))

ବଲାଙ୍ଗୀର

ISSN NO.
2582-208X

# ଚାଳ ଘର



ଅନନ୍ତ କୁମାର

ଚାଳ ଘର ଶବ୍ଦ ଶୁଣିବାକୁ ପଢିବାକୁ ୪ ଅକ୍ଷର କିନ୍ତୁ ବାସ୍ତବରେ ଏ ଘର ସ୍ୱର୍ଗ ଠାରୁ ଆହୁରି ସୁନ୍ଦର। ଆଦିମ ମଣିଷ ରୁ ଆଜି ଆଧୁନିକ ମଣିଷ ରେ ମନୁଷ୍ୟ ପହଞ୍ଚି ଛି ସତ୍ ଅନେକ ପରିବର୍ତ୍ତନ ହେଇଛି ସତ କିନ୍ତୁ ଲୋପ ପାଇ ଯାଇଛି ସେହି ସ୍ୱର୍ଗ ର ଘର। ପଶ୍ଚ୍ୟାତ୍ ସଭ୍ୟତା ଅବଶ୍ୟ କଷ୍ଟ ଥିଲା କିନ୍ତୁ ଅନେକ ଆନନ୍ଦ ଥିଲା। ସମୟ ଥିଲା ଗାଁ ର ସେହି ନଡ଼ା କୁଟା କେଇ ଖଣ୍ଡ ବାଉଁଶ ଏବଂ ମାଟି କାନ୍ଥ ରେ ତିଆରି ହେଉଥିଲା ଘର ସେ ତ ଘର ନ ଥିଲା ସ୍ୱର୍ଗ ପୁର। ନାଁ ଥିଲା ବିଜୁଳି ଲାଇଟ ନା ବିଜୁଳି ପଙ୍ଖା ଥିଲା କେବଳ ଡିବିରି ଆଲୁଅ ଏବଂ ଲଣ୍ଠନ । କିନ୍ତୁ ସେହି ଆଲୁଅ ଚାଳ ଘରକୁ ପୁରା ଆଲୋକିତ କରି ଯେଉଁ ଶାନ୍ତି ଦେଉଥିଲା କିନ୍ତୁ ବର୍ତ୍ତମାନ ଆଧୁନିକ ଯୁଗରେ ସବୁ ସୁବିଧା ଥିବା ସତ୍ୱେ ବି ମନୁଷ୍ୟ ଶାନ୍ତି ଖୋଜି ପାଉନି। ମନେ ପଡୁଚି ସେହି ଚାଳ ଘରେ ଥିବା ହାଣ୍ଡି ଶାଳ ଯେଉଁଠି ମାଟି ଚୁଲିରେ ରୋଷେଇ ହେଉଥିଲା ଆଉ ମାଟି ଗରା ରେ ହାଣ୍ଡି ଶାଳ କୋଣ ରେ ରହୁଥିଲା ପାଣି ଯେଉଁ ପାଣି ଥରେ ପିଇ ଦେଲେ ଆତ୍ମ ତୃପ୍ତି ମିଳି ଯାଏ। କି ସୁନ୍ଦର ଥିଲା ସେ ଝୋଟି ଚିତା ଅଙ୍କା ଯାଇଥିବା ସେହି ମାଟି କାନ୍ଥ। ଚାଳ ଘରେ ଯେମିତି ବାଉଁଶ ବତାକୁ ନଡ଼ା ବାନ୍ଧି ରଖିଥିଲା ଠିକ୍ ପରିବାର ର ସମସ୍ତଙ୍କୁ ଭଲ ସମ୍ପର୍କ ରେ ବାନ୍ଧି ରଖିଥିଲା କିନ୍ତୁ ବର୍ତ୍ତମାନ ଆଧୁନିକ କରଣ ଆସିବା ପରେ ବଡ଼ ବଡ କୋଠା ବାଡି ହେଇଛି ସତ୍ କିନ୍ତୁ ସେହି ଗାଁ ର ସମ୍ପର୍କ ବାନ୍ଧି ରଖି ପାରି ନାହିଁ । ନାଁ ଆଗ ଭଳି ପୋଡଶୀ କେହି କାହା ଘର କୁ ଯାଉଛନ୍ତି ନା ଆଗ ଭଳି ସ୍ନେହ ଅଛି । ଆଜି କୋଠା ବାଡି ହେଉଛି ରୋଜଗାର ବଢ଼ିଛି କିନ୍ତୁ ଭାଇ ଭାଇ ଭିତରେ ଗୋଟିଏ ଘରେ ପାଚେରୀ ଉଠିଛି। ଶିକ୍ଷା ର ଅଗ୍ରଗତି ହେଇଛି କିନ୍ତୁ ବିବେକ ଶୂନ୍ୟ ଭଳି ବ୍ୟବାହର ମଣିଷ କରୁଛି। କି ଝଡି କି ବାତ୍ୟା କି ବତାସ ଭୟ ଭିତରେ ରାତି କଟିଯାଏ ଲଣ୍ଠନ ର ମିଞ୍ଜି ମିଞ୍ଜି ଆଲୁଅ ରେ ସେହି ଝାଟି ମାଟି ଚାଳ ଘରେ । ନା ଖରା ର ପ୍ରକୋପ ନା ଶୀତ ର ବାଧା କିଛି ଜଣା ପଡୁ ନ ଥିଲା, ଗ୍ରୀଷ୍ମ ରେ ତାଳ ପତ୍ର ର ହାତ

ISSN NO.
2582-208X

ବିଞ୍ଚଣା ସାହା ଭରଷା ଆଉ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ହେଂସୁଆତି ରେ ବୁଣା ଯାଇଥିବା ହେଂଶ ଘୋଡ଼ିବା ଆହା କି ଆନନ୍ଦ ଥିଲା ସେ ଦିନ।

ଆଜି ଆଧୁନିକରଣ ଲୋକଙ୍କୁ ସହରୀ ମୁହାଁ କରିବା ସହ ଗାଁ ବି ସହର ସହର ଲାଗିଲାଣି। ଗାଁ ରେ ଚାଳ ଘର ବିଲୁପ୍ତ ପ୍ରାୟ କହିଲେ ଚଳେ। ସତରେ ସେ ପିଲା ବେଳ ରେ ଖରା ବେଳେ ସେହି ଚାଳ ଘରେ ପୁରୁଣା ଟିଭି ରେ ସବୁ ସାଙ୍ଗ ହେଇ ପୁରୁଣା ଚଳଚିତ୍ର ଦେଖିବା କେତେ ଆନନ୍ଦ ଭାଇ ଭଉଣୀ ସ ପରିବାର ସହ ଯାହା ଆଜି ଅଧା ଅଧୁରା, ମନେ ପଡୁଛି ସେହି ମାଟି ଘରେ ଥିବା ମାଟି ପିଣ୍ଡା ଆଉ କାନ୍ଥ ଗୁଡ଼ିକ ଯେଉଁଠି ସବୁ ପର୍ବ ପର୍ବାଣୀ ରେ ଝୋଟି ଚିତା ରେ ଝଟକୁ ଥିଲା। ମନ ପଡୁଛି ସଂକ୍ରାନ୍ତି ରେ ମାଟି ଚୁଲି ରେ ପୋଡ଼ା ପିଠା କି ମିଠା। ସବୁର ଆଜି ଚିହ୍ନ ବର୍ଣ୍ଣ ନାହିଁ ଆଗକୁ କୋକେଇ ରେ ଲାଗିବା ପାଇଁ ଚାଳ ଘରର ଖଣ୍ଡେ ବାଉଁଶ ବି ମିଳିବ ନାହିଁ। ଗାଁ ରେ ସେହି ଦିନକୁ ଫେରିଯିବାକୁ ଭାରି ମନେ ହେଉଛି କିନ୍ତୁ ବୟସ ଆଉ ସଭ୍ୟତା କଣ ସବୁ ପଛକୁ ଫେରି ପାରିବ।।।। କେବଳ ଆଜି ସବୁ ସ୍ମୃତି ହେଇ ରହି ଯାଇଛି ହୃଦୟ ଭିତରେ।

(((-)))

ତିହିଡି, ଭଦ୍ରକ
Mobile-୮୩୩୯୯୩୯୯୨୯

ISSN NO.
2582-208X

# ମୋ ମନ ବାଗରେ



ଅନିତା ମେହେର

ମୋ ମନ ବାଗରେ
        ମାଳି ଯଦି ତୁମେ
ରଜନୀଗନ୍ଧା ମୁଁ ସାଜିବି
ପ୍ରେମିକ ଭ୍ରମର
        ଯଦି ହେବ ତୁମେ
ମଧୁ ମୁହିଁ ପରଶିବି ।
ମୋ ମନ ଆକାଶେ
        ଜହ୍ନ ହୋଇ ଯଦି
ଖେଳିବ ଗୋ ଲୁଚକାଳି
ଛାଇ ହୋଇ ସଦା
        ଖେଳିବି ଗୋ ସାଥେ
ଜେହ୍ନେ କଷ୍ଟ ସାଥେ ରାଇ ।
ମେଘ ମହ୍ଲାର ରେ
        ସପ୍ତ ରଙ୍ଗେ ଯଦି
ଇନ୍ଦ୍ରଧନୁ ଦେବ ସାଜି
ପାଗଳୀ ପ୍ରେମିକା
        ହୋଇ ତଳରେ ତା
ନାଚିବି ମୟୁରୀ ସାଜି ।

ISSN NO.
2582-208X

ନୟନରେ ତୁମ
ଖେଳୁ ଥିବି ସଦା
ନୟନ ପିତୁଳା ହୋଇ
ସ୍ମରଣ ମାତ୍ରକେ
ଦଉଡ଼ି ଆସିଣ
ବକ୍ଷେ ତବ ହଜି ଯିବି ।
ଦୁଇଟି ଅଚିହ୍ନା
ଆତ୍ମାର ବନ୍ଧନେ
ପ୍ରଜାପତି ଦେଲେ ବାନ୍ଧି
ସେ ଶୁଭ ଲଗ୍ନ ର
ଅପେକ୍ଷାରେ ମୁହିଁ
ଯେଉଁ ଲଗ୍ନେ ବାନ୍ଧି ହେବି ।

(((-)))

ରାୟପୁର

ISSN NO.
2582-208X

# ମେଞ୍ଚାଏ ପ୍ରେମ



ଅନୁରାଧା ମହାପାତ୍ର

ମତେ ମେଞ୍ଚାଏ ଶୋଷ..
ତମେ କିନ୍ତୁ ଢୋକେ ହେଉନଥିବା ଉଷ୍ମଜଳ।
ମୋର ଓଠ କମ୍ପିତ..
ତମେ କିନ୍ତୁ ହୃଦୟର ଏକ ମିଠା ଆଲୋଡ଼ନ।
ମୋର ସାରା ଦେହ ଶୁଷ୍କ..
ତମେ କିନ୍ତୁ ଅଦିନମେଘରେ ଖୁବ୍ ଭିଜେଇ ପାର।
ମୋ ନିଃଶ୍ୱାସର ଗତି ଖୁବ୍ ପ୍ରଖର..
ତମେ କିନ୍ତୁ ମୁକ୍ତ ଅମ୍ଳଜାନ।
ମୋ ଆଖିରେ ମେଞ୍ଚାଏ ଜୁଆର..
ତମେ କିନ୍ତୁ ନୀଳ ସାଗରର ଅତଳ ଜଳ।
ମୋ ସ୍ୱରରେ ତୁମ ନାମର ଉଚ୍ଚାରଣ..
ତମେ କିନ୍ତୁ ତୁମ ପ୍ରେମିକାର ଅଭିମାନ।
ମୋ ହାତପାପୁଲିରେ ମେଞ୍ଚାଏ ପ୍ରେମ..
ତମେ କିନ୍ତୁ ଆଞ୍ଜୁଳାଏ ଆବେଗର ସମାହାର।

(((-)))

ଯାଜପୁର, ବୈତରଣୀ ରୋଡ଼

ISSN NO.
2582-208X

# 'ଆକାଶ ଦିନେ ନୀଳ ଥିଲା' : ମଣିଷ ଅସହାୟତାର ଚରମ ଆତ୍ମଲିପି



ପୂଜାରାଣୀ ନାୟକ

ଆଧୁନିକ କଥା ସାହିତ୍ୟ ଜଗତର ଯେଉଁ କେତେଜଣ ଚର୍ଚ୍ଚିତ କଥାକାରଙ୍କ ନାମ ଗଣାଯାଏ ସେମାନଙ୍କ ମଧ୍ୟରୁ ଗାଳ୍ପିକ ଗୌରହରି ଦାସ ଜଣେ । ଜଣେ ଆଗ ଧାଡିର ବରେଣ୍ୟ କଥାକାର ଭାବରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି । ଗାଳ୍ପିକ ଦାସଙ୍କ ଗଳ୍ପ ପୁସ୍ତକଗୁଡିକ ଭିତରେ ୨୦୧୧ ମସିହାରେ ପ୍ରକାଶ ପାଇଥିବା 'ଆକାଶ ଦିନେ ନୀଳ ଥିଲା' ଗଳ୍ପ ସଂକଳନଟି ଅନନ୍ୟ । ଏଥିରେ ଗାଳ୍ପିକ ସାଂପ୍ରତିକ ସମୟର ବିଭିନ୍ନ ସମସ୍ୟା, ମଣିଷର ହତାଶା, ଜୀବନର ବୈଚିତ୍ର୍ୟ ଆଦି ଗଳ୍ପ ମଧ୍ୟରେ ସ୍ଥାନ ପାଇଛି । ମଣିଷ ଜୀବନର ଯାବତୀୟ ସମସ୍ୟା ଏଇ ପୁସ୍ତକରେ ଉଲ୍ଲିଖିତ ହେଲେ ମଧ୍ୟ ମଣିଷର ଅସହାୟତା ଦିଗଟି ଅଧିକ ମାତ୍ରାରେ ପ୍ରକଟିତ । ସଙ୍କଳନରେ ସଂକଳିତ ୧୭ ଗୋଟି ଗଳ୍ପ ଭିତରୁ ଅଧିକାଂଶ ଗଳ୍ପରେ ଆଧୁନିକ ମଣିଷର ଅସହାୟତା ଦିଗଟିକୁ କୌଣସି ନା କୌଣସି ଦିଗରୁ ପ୍ରକାଶ କରିଛନ୍ତି ।

ଆଧୁନିକ ସମୟରେ ଦେଶ ଦେଶ ମଧ୍ୟରେ ଯୁଦ୍ଧର ଭୟାବହତା ତଥା ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଆଦି ମଣିଷକୁ ଅସହାୟତାର ପାଶରେ ପଡିବାକୁ ବାଧ୍ୟ କରୁଛି । ମଣିଷ ଆଜି ତିଳେ ତିଳେ ଅସହାୟ । କିଏ କୌଣସି ଜିନିଷ ପାଇ ଅସହାୟର ଶିକାର ହେବା ବେଳେ ଆଉ କିଏ ନ ପାଇ ଅସହାୟ । ସମସ୍ତେ କିଛି ନା କିଛି କାରଣ ପାଇଁ ଅସହାୟର ଜାଲରେ ବନ୍ଧା । ସମାଲୋଚକଙ୍କ ମତାନୁସାରେ – "ସାଧାରଣ ପୁରୁଷଙ୍କ ଠାରୁ ଆରମ୍ଭ କରି ଦର୍ପୀ ରାଜନେତା ପର୍ଯ୍ୟନ୍ତ, ନିଷ୍ପାପ ଶିଶୁଟି ଠାରୁ ଆରମ୍ଭ କରି ପ୍ରବୀଣ ପର୍ଯ୍ୟନ୍ତ, ଅବସରପ୍ରାପ୍ତ ବୃଦ୍ଧଠାରୁ ଆରମ୍ଭ କରି ଚଇନଫିଟ ଯୁବକଟି ପର୍ଯ୍ୟନ୍ତ; x x x ସମାଜର ପ୍ରତ୍ୟେକ

ISSN NO.
2582-208X

ସ୍ତରର ମଣିଷ ନିକଟରେ ଅସହାୟତାବୋଧଟି ପ୍ରକଟିତ ।” (୧)। ଗାଳ୍ପିକ ଗୌରହରି ଦାସଙ୍କ ଗଳ୍ପଗୁଡିକରେ ମଧ୍ୟ ମଣିଷର ଏହି ଅସହାୟତା ସ୍ପଷ୍ଟ ରୂପେ ପ୍ରତିଫଳିତ ହୋଇଛି । ତାଙ୍କର ‘ପ୍ରତିଯୋଗିତା’ ଗଳ୍ପରେ ମନୁଷ୍ୟର ନିଃସଙ୍ଗତାବୋଧ ପ୍ରକଟିତ ହୋଇଛି । ଆଧୁନିକ ମଣିଷ ଯେତେ ଉଚ୍ଚ ପଦବୀ, ବିଳାସ ବ୍ୟସନ, ପ୍ରାଚୁର୍ଯ୍ୟ ଥିଲେ ମଧ୍ୟ ଏକାକୀତ୍ୱ କିପରି ମନୁଷ୍ୟକୁ ଜିଅନ୍ତା ଶବରେ ପରିଣତ କରିଦିଏ ତାହା ବର୍ଣ୍ଣିତ । ବୀରେନ୍ଦ୍ର ମୋହନ ରାଜ୍ୟର ପୂର୍ବତନ ଚିଫ୍ ସେକ୍ରେଟାରୀ, ପୂର୍ବତନ ମାନବିକ ଅଧିକାର କମିଶନର, ପୂର୍ବତନ କୁଳପତି ହୋଇ ମଧ୍ୟ ମାନସିକ ଅଶାନ୍ତି ଓ ନିଃସଙ୍ଗ ଅନୁଭବ କରିଛନ୍ତି । ନିଜ ମନର କିଛି କଥା ଅନ୍ୟ ନିକଟରେ ପ୍ରକାଶ କରିବା ନିମନ୍ତେ ବ୍ୟାକୁଳ ହୋଇ ଉଠିଛନ୍ତି – “କାହା ସଙ୍ଗେ ଦି ପଦ କଥା କହିବାର ଆଗ୍ରହ ଏତେ ତୀବ୍ର ବୋଲି ସେ ଆଗରୁ କେବେ ଅନୁଭବ କରି ନଥିଲେ । ମଣିଷର ମନ ଏତେ ଆକୁଳ ହୋଇପଡ଼େ ଆଉ ଜଣକର ସାନ୍ନିଧ୍ୟ ଲାଗି ତାହା ବୁଝି ନଥିଲେ, ସେ ଦୂର ଦୀପାନ୍ତରରେ ନିର୍ବାସନ ଭୋଗୁଥିବା ମଣିଷଙ୍କ କଷ୍ଟ କଥା ସାହିତ୍ୟରେ ପଢ଼ିଛନ୍ତି । ମାତ୍ର ନିଜ ରାଜ୍ୟରେ ଓ ନିଜର ବାସଗୃହ ଭିତରେ ସୁଦ୍ଧା ଜଣେ ଏମିତି ଏକୁଟିଆ ଅନୁଭବ କରିପାରେ ସେକଥା କୌଣସି ଦିନ ବୀରେନ୍ଦ୍ର ମୋହନ ଅନୁଭବ କରିନଥିଲେ ।”(୨)। ମଣିଷ ଯେତେବେଳେ ଏକୁଟିଆ ହୋଇଯାଏ ସେତେବେଳେ ଶାନ୍ତିରେ ରହେ ନଚେତ ଅସହାୟତାର ମାୟା ଜାଲରେ ପଡ଼ି ଛଟପଟ ହୁଏ । ଟଙ୍କା ପଇସାର ପ୍ରାଚୁର୍ଯ୍ୟରେ ଘର, କୋଠାବାଡି, ଗାଡି ଆଦି ସବୁ କିଣା ଯାଇପାରେ; ମାତ୍ର ଶାନ୍ତି କିଣା ଯାଇପାରେ ନାହିଁ । ଲୋକମାନଙ୍କ ସହ କଥା ହେବାକୁ ଚାହିଁଛନ୍ତି କିନ୍ତୁ କଥା ହୋଇପାରି ନାହାନ୍ତି । ସବୁ ଥାଇ ବି ନିଜକୁ ଏକୁଟିଆ ମନେ କରିବା ହେତୁ ଯେଉଁ ଅସହାୟତା ତାଙ୍କ ଭିତରେ ଦେଖାଦେଇଛି ତାହା ଆଧୁନିକ ମଣିଷର ଦୁଃଖର ଅନ୍ୟ ଏକ କାରଣ । ‘ଆକାଶ ଦିନେ ନୀଳ ଥିଲା’ ଗଳ୍ପରେ ଟୁଟୁଲ ଓ ସିରାଜ ଦୁଇଜଣ ଭଲସାଙ୍ଗ ଥିଲେ । ଚାରିବର୍ଷ ପରେ ଯେତେବେଳେ ଟୁଟୁଲର ସିରାଜ ସହିତ ପୁନର୍ମିଳନ ହୋଇଛି ସେତେବେଳେ ସିରାଜ ପାଠଛାଡି ଦେଇ ତାଙ୍କର ଜୋତା ଦୋକାନରେ ବସୁଛି । ସିରାଜର ପରିବାର ବିଦେଶୀ ଥିଲେ । ସେମାନେ ସେଇ ଜୋତା ଦୋକାନରୁ ଅର୍ଜିତ ଟଙ୍କାରେ ଜୀବନ ନିର୍ବାହ କରୁଥିଲେ । ମାତ୍ର କିଛି ବର୍ଷ ପରେ ସେଠାରେ ଏକ ମୋଲ୍ ଛିଡା ହୋଇଛି, ଆଉ ସେ ମୋଲର ଜେନେରାଲ ମ୍ୟାନେଜର ସିରାଜର ବାପାଙ୍କୁ ସେ ଜାଗା ଛାଡିବାକୁ ବାଧ୍ୟ କରିଛନ୍ତି । ଜାଗା ଛାଡିଦେଲେ ତାଙ୍କର ଜୀବନ ବଞ୍ଚିବା ଅସମ୍ଭବ ହୋଇଯିବ । ସିରାଜ ବାପାଙ୍କ କଥା ମାଲିକ ଶୁଣିନାହାନ୍ତି ବରଂ ତାଙ୍କୁ ବର୍ଷକୁ ଦଶ

ISSN NO.
2582-208X

ବାରଲକ୍ଷ ଟଙ୍କା ଦେବାକୁ କହୁଛନ୍ତି । ବାରମ୍ବାର ନେହୁରା ହେବା ସତ୍ତ୍ୱେ ମ୍ୟାନେଜର ନ ଶୁଣିବା, ନିଜର ଆର୍ଥିକ ସ୍ଥିତିକୁ ଲକ୍ଷ୍ୟ କରି ଭାଙ୍ଗି ପଡିଛନ୍ତି ସିରାଜର ବାପା । ଟୁଟୁଲ ଦେଖିପାରିଛି ସିରାଜ ଓ ତା ବାପାଙ୍କ ଆଖିରେ ଅସହାୟତାର ଚରମ ଝଲକ । ଜୋତା ଦୋକାନ ଓ ବିକ୍ରି ସ୍ଥାନ ହରାଇବା ଜନିତ ତାଙ୍କ ମନରେ ଯେଉଁ ଅସହାୟତା ଟିକକ ଫୁଟିଉଠିଛି, ତାହା ଅତି କାରୁଣ୍ୟମୟ । ମନୁଷ୍ୟ କିଛି ହରାଇବା ପରେ କେବଳ ଦୁଃଖୀ ହୁଏନାହିଁ; ମନ ଓ ହୃଦୟରୁ ସଂପୂର୍ଣ୍ଣ ଭାଙ୍ଗିପଡ଼େ, ଏହା ଏ ଗଳ୍ପରେ ଦେଖିବାକୁ ମିଳିଛି ।

'ବିଦେଶ' ଗଳ୍ପରେ ଯୌଥ ପରିବାରର ବିଘଟନର ଚିତ୍ର ଦେଖିବାକୁ ମିଳେ । ଭାରତୀୟ ପରମ୍ପରାରେ ଯୌଥ ପରିବାରକୁ ଏକତାର ବଳିଷ୍ଠ ଉଦାହରଣ ଭାବେ ଗ୍ରହଣ କରିଥାନ୍ତି । ପରିବାରକୁ ମନ୍ଦିରରୂପେ ବିବେଚିତ କରୁଥିବା ମାନଗୋବିନ୍ଦଙ୍କ ପରିବାର ସମୟ କ୍ରମେ ଏକକ ପରିବାରରେ ପରିଣତ ହୋଇଛି । ପିତାଙ୍କ ଆଦେଶ ଥିଲା ଯେ ଘର ମଝିରେ କାନ୍ଥ ଉଠିବ ନାହିଁ କି ବିଲ ମଝିରେ ହିଡ ପଡ଼ିବ ନାହିଁ । ମାତ୍ର ତାଙ୍କର ବାପାଙ୍କ ଆଦେଶ ରଖିପାରି ନାହାନ୍ତି ପତ୍ନୀ ମୃତ୍ୟୁର ବର୍ଷକ ପରେ ଚାରି ପୁଅ ଅଲଗା ଅଲଗା ରହିଛନ୍ତି, ଅଲଗା ରୋଷେଇ କରିଛନ୍ତି । ଯେଉଁଥିରେ ମାନଗୋବିନ୍ଦ ବାବୁଙ୍କ ହୃଦୟ ବିଦୀର୍ଣ୍ଣ ହୋଇଯାଇଛି, ଗୋଟିଏ ରକ୍ତରୁ ସୃଷ୍ଟି ହୋଇଥିବା ଚାରିପୁଅ ଯେତେବେଳେ ଆଖି ଆଗରେ ଅଲଗା ହୋଇଯାଇଛନ୍ତି, ସେତେବେଳେ ସେ ସଂପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି । ପୁଅମାନଙ୍କ ଭାଗବାଣ୍ଟ ଭିତରେ ଘର ସହିତ ପରିବାର ସହିତ ସେ ବି ଚାରି ଭାଗରେ ବାଣ୍ଟି ହୋଇଛନ୍ତି । ଏହା ଦେଖି ମାନଗୋବିନ୍ଦଙ୍କ ଭିତରେ ଯେଉଁ ଅସହାୟତା ଟିକକ ଦେଖାଦେଇଛି, ତାହା ହୃଦୟ ବିଦାରକ ନିଶ୍ଚୟ । ଝିଅ ଇତିଶ୍ରୀ ମାନଗୋବିନ୍ଦ ବାବୁଙ୍କୁ ନର୍କରେ ନଛାଡି ସାଙ୍ଗରେ ନେଇଯିବା ପାଇଁ କହିଛି । ବିଦେଶକୁ ଯିବା ଲାଗି ମନା କରିବା ସମୟରେ ଝିଅ ଇତିଶ୍ରୀ କହୁଛି – "କୋଉଟା ବିଦେଶ ବାପା, ସେଇଟା ନା ଏଇଟା ? ପାଟପୁରର ଏଇ ଘରଟା ତୁମ ପାଇଁ କ'ଣ ଏବେ ବିଦେଶ ନୁହେଁ ? ଯେଉଁଠି ତମ ଆଖି ଆଗରେ ଚାରି ଚାରିଟା ଜାଗାରେ ରୋଷେଇ, ଚାରି ଚାରିଟା ଜାଗାରେ ଖିଆପିଆ ସେଇଟା କଣ ତୁମ ଦେଶ ?" । (୩)।
'ବିଲେଇ ଓ ବିମ୍ବାଧର' ଗଳ୍ପରେ ସମ୍ପ୍ରତି ସମାଜରେ ପରିଦୃଶ୍ୟ କେତେକ ଭଡାଟିଆମାନଙ୍କର ଶୋଚନୀୟ ଅବସ୍ଥା । କଥାରେ ଅଛି 'ବାସ ନାହିଁ ଯାହାର, ଆଶ୍ରା ନାହିଁ ତାହାର' । ଗଳ୍ପର ନାୟକ ବିମ୍ବାଧର ବାବୁ ସରକାରୀ ଚାକିରିଟିଏ; ମାତ୍ର ଆଶ୍ରୟ ନେଇଛନ୍ତି ଭଡା ଘରେ । ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଭଡା ଘରେ ରହିଛନ୍ତି; କିନ୍ତୁ ସବୁଠାରେ ସମାନ ଅବସ୍ଥା ଅନୁଭବ କରିଛନ୍ତି । ଘରଭଡା ଠିକ ସମୟରେ ଦେଲେ ମଧ୍ୟ

ISSN NO.
2582-208X

ସବୁକିଛି ନିଜ ଇଚ୍ଛା ଅନୁସାରେ କରିପାରି ନାହାନ୍ତି, କିଛି ନା କିଛି କାରଣ ପାଇଁ ଘର ଛାଡିବାକୁ ବାଧ୍ୟ ହୋଇଛନ୍ତି । ପଶୁ ପ୍ରତି ମମତ୍ୱବୋଧ ଥିବା ବିମ୍ବାଧର ବାବୁ ଗୋଟିଏ ପ୍ରସବିତ ବିଲେଇକୁ ସାହାଯ୍ୟ କରିବାକୁ ଚାହିଁଛନ୍ତି; ମାତ୍ର ଘର ମାଲିକର ଗଞ୍ଜଣାରେ ସେ କରିପାରି ନାହାନ୍ତି । ବିଲେଇକୁ ମାଲିକ ତୋଡିଦେବା ବେଳେ ସେ ଯେମିତି ବିମ୍ବାଧର ବାବୁଙ୍କୁ କହିଛି ଯାହା ସେ ଅନୁଭବ କରୁଛନ୍ତି – "ମୁଁ ସିନା ଛାର ପଶୁଟେ ବୋଲି ଘର ମାଲିକଙ୍କ ହଟହଟା ଆଉ ଅପମାନ ସହି ନେଉଛି । ତୁ ମଣିଷଟେ ହୋଇ କେମିତି ସହୁଛୁ! ଏଡ଼େ ପାକଳ ମଣିଷଟେ, ମୋ ନିରାଶ୍ରୟ ଛୁଆଙ୍କୁ ଟିକେ ଜାଗା ଦେଇ ପାରିଲୁନି ।"(୪) କିନ୍ତୁ ସେ ସାହାଯ୍ୟ କରିବାକୁ ସମ୍ପୂର୍ଣ୍ଣ ନିରୁପାୟ ଓ ଅସହାୟ । ପୁଣି ଘର ତୋଳିପାରୁ ନଥିବା ହେତୁ ପତ୍ନୀର ଊଲୁଗୁଣା ତାଙ୍କୁ ଆହୁରି ଅଧିକ କଷ୍ଟ ଦେଇଛି । ଗୋଟିଏ ପଟେ ଘର ମାଲିକର ଦୁର୍ବ୍ୟବହାର ଓ ଅନ୍ୟ ପଟେ ସ୍ତ୍ରୀର ବ୍ୟଙ୍ଗଭରା ବାକ୍ୟ ତାଙ୍କ ଅସହାୟତାର ମାତ୍ରାକୁ ଦ୍ୱିଗୁଣିତ କରିଦେଇଛି । ନିଜେ ଘର ତୋଳି ସେଥିରେ ରହିବାଟା ହେଉଛି ମଣିଷର ଭାଗ୍ୟ; ଭଡା ଘରେ ରହି ଅନାଦରର ପାତ୍ର ହେବାଟା ଦୁର୍ଭାଗ୍ୟ । କାରଣ ମଣିଷ ଯେତେ ଅୟସ ଆରାମରେ ରହିଲେ ବି ଭଡାଘରେ ରହୁଥିବା ବ୍ୟକ୍ତି କୌଣସି ସ୍ୱାଧୀନତା ନାହିଁ । ସେ ଚାହିଁଲେ ବି ତାହାର ସମସ୍ତ ଅଭିଳାଷକୁ ପୂରଣ କରିପାରିବ ନାହିଁ । ସେ କିଭଳି ଅସହାୟତାର ଶିକାର ହୁଏ, କିଭଳି ଅପମାନିତ ହୁଏ ଓ କିପରି ଭାବରେ ହଟହଟା ହୁଏ ତାହା ଏଥିରୁ ପ୍ରମାଣିତ ।

'ଜୀବନକୁ ଆଉ ଗୋଟେ ସୁଯୋଗ' ଗଳ୍ପରେ ଦମୟନ୍ତୀ କିଭଳି ଭାବରେ ପ୍ରତାରିତ ହୋଇଛନ୍ତି ଦୁର୍ଗାମାଧବଙ୍କ ନିକଟରୁ । କିଶୋରୀ ଜୀବନରେ ଦୁର୍ଗାମାଧବଙ୍କୁ ଭଲପାଇ ତାଙ୍କ ନିଜର ନିକଟରେ ସର୍ବସ୍ୱ ଅର୍ପଣ କରିଦେଇଛନ୍ତି । ବିବାହର ପ୍ରତିଶ୍ରୁତି ଦେଇ ଦୁର୍ଗାମାଧବ ଶାନ୍ତିନିକେତନରେ ଗବେଷଣା ପାଇଁ ଯାଇଛନ୍ତି । ଏପଟେ ଦମୟନ୍ତୀ ହୋଇଛନ୍ତି ଅନ୍ତଃସତ୍ତ୍ୱା, ସେ ଅଞ୍ଚଳରେ ଖ୍ୟାତି ଥିବା ତାଙ୍କ ପିତାଙ୍କ ମୁହଁ ସବୁଦିନ ଲାଗି ନଇଁଯାଇଛି । ତଥାପି ଝିଅ ଦମୟନ୍ତୀର ବିଡମ୍ବିତ ଭାଗ୍ୟକୁ ଧରି ଶାନ୍ତିନିକେତନ ଯାଇଛନ୍ତି; କିନ୍ତୁ ସେଠାରେ ଦୁର୍ଗାମାଧବ ଆଉ ଏକ ସୁଲକ୍ଷଣା ନାମ୍ନୀ ତରୁଣୀକୁ ଭଲ ପାଉଥିବା କଥା କହିଛନ୍ତି । ବାପା ଯେତେବେଳେ କୁଳପତିଙ୍କୁ କହିଛନ୍ତି, ସେତେବେଳେ ବୃତ୍ତି ଓ ନିଯୁକ୍ତି ଯିବା ଭୟରେ ବାଧ୍ୟ ହୋଇ ଦୁର୍ଗାମାଧବ ବିବାହ କଲେ । ବିବାହର କିଛିଦିନ ପରେ ଦମୟନ୍ତୀ ବାପ ଘରେ ଆସି ରହିଛନ୍ତି ଏବଂ ଶିଶୁକନ୍ୟା ନିବେଦିତାକୁ ନେଇ ନିଜର ଅଭିଶପ୍ତ ଜୀବନ ଅତିବାହିତ କରିଛନ୍ତି । ଅଧ୍ୟାପିକା ଭାବରେ ନାନା ସ୍ଥାନରେ ଯୋଗ

ISSN NO.
2582-208X

ଦେଇଛନ୍ତି; କିନ୍ତୁ ପ୍ରତ୍ୟେକଟି ସ୍ଥାନରେ ତାଙ୍କର ମାନ ପହଞ୍ଚିବା ପୂର୍ବରୁ ଅପମାନ ପହଞ୍ଚି ସାରିଥାଏ । କେତେ ଟାହି ଟାପରାର ଶିକାର ହୋଇଛନ୍ତି । ସେ କଟୁ ତିକ୍ତପୂର୍ଣ୍ଣ କଥାଗୁଡାକ ଶୁଣିବାକୁ କାନ ସମର୍ଥ ନୁହେଁ କି ଧରି ରଖିବାକୁ ହୃଦୟ ମଧ୍ୟ ନୁହେଁ । ଜୀବନର ତମାମ ଜୀବନଯାକ ଅପମାନ ଗ୍ଲାନିରେ ବିତେଇ, ଦେହକୁ ପଥର କରି ସବୁ ସହି ନେଇଛନ୍ତି । ଅଥଚ ଯାହା ପାଇଁ ଏତେ ସବୁ ଅପମାନ, ଗାଳି ଗୁଲଜ, ନିନ୍ଦା ଅପବାଦ ସହି ଆସିଛନ୍ତି ସେ ଆଉ ଏକ ନାରୀ ସହିତ ସୁଖର ଜୀବନ ବିତାଉଛି; କିନ୍ତୁ ସାମାନ୍ୟ ଟିକିଏ ବି ଭଲ ଅଛନ୍ତି କି ନାହିଁ ତାହାର ଖବର ମଧ୍ୟ ରଖିନାହାନ୍ତି । ସେ ଭାବୁଛନ୍ତି – "ମନେ ପଡୁଥିଲା ଗଲା ଚାଳିଶ ବର୍ଷର କଙ୍କଡାବିଛା ଓ ନାଗସାପ ରାତି, ସଂସାରଯାକର ଉଲୁଗୁଣା, ଟିଟିକାରି, ଥଟ୍ଟା –ପରିହାସ ।" (୫) । ଜଣେ ନାରୀ ବିବାହ ପୂର୍ବରୁ ଗର୍ଭବତୀ ହେବା, ଗର୍ଭବତୀ ଥାଇ ଅପମାନିତ ଅବସ୍ଥାରେ ବିବାହ କରିବା ପୁଣି ବିବାହ ପରେ ସ୍ୱାମୀ ସୁଖ କାଣିଚାଏ ମଧ୍ୟ ନ ପାଇବା ତା ଠାରୁ ବଡ ଅସହାୟତା ଆଉ କିଛି ନାହିଁ । ଯେଉଁ ଯେଉଁ ସ୍ଥାନକୁ ଯାଇଛନ୍ତି ଦମୟନ୍ତୀ ସେଠାରେ ଅପମାନିତ, ନିନ୍ଦା, ଉଲୁଗୁଣା ଶୁଣିଛନ୍ତି; ମାତ୍ର ଜୀବନରେ ସ୍ୱାମୀର ସୋହାଗ କିମ୍ବା ଆଦର କ'ଣ ଜାଣି ନାହାନ୍ତି । ସ୍ୱାମୀ ଥାଇ ସ୍ୱାମୀ ନଥିବାର, ବିବାହ ପୂର୍ବରୁ ଗର୍ଭବତୀ ହୋଇ ଟାହି ଟାପରା ଜନିତ ଯେଉଁ ଅସହାୟତା ଟିକକ ଦେଖାଦେଇଛି, ଝିଅକୁ ପିତୃ ସ୍ନେହ ନିଜକୁ ସ୍ୱାମୀ ଆଦର ପାଇବାକୁ ଚାହୁଁଛି କିନ୍ତୁ ପାଇପାରୁନି ଏ ପ୍ରକାରର ଯେଉଁ ଅସହାୟତା ତାହା ମଣିଷର ବିଡମ୍ବିତ ଭାଗ୍ୟ ଛଡା ଅନ୍ୟ କିଛି ନୁହେଁ । ସମସ୍ତଙ୍କ ଜୀବନରେ ଆସୁଥିବା ସୁଖ ହେଉଛି କ୍ଷଣିକ । କିନ୍ତୁ ଦୁଃଖର ମାତ୍ରା ଅଧିକ ଓ ସମୟ ହେଉଛି ଦୀର୍ଘସ୍ଥାୟୀ । କବିବର ରାଧାନାଥ ତାଙ୍କ ପୁସ୍ତକରେ ସେଥିପାଇଁ ଲେଖିଛନ୍ତି – "ସୁଖ ରୂପେ ଯାହା ଜନନେତ୍ରେ ଦିଶେ / ହାତେ ଆସେ ହାତୁଁ ପଡିବା ପାଇଁ ସେ ।" (୬) । 'କାର୍ତ୍ତିକ ଫେରିବ' ଗଳ୍ପରେ ବୃନ୍ଦାବନଙ୍କ ସୁନ୍ଦର ସଂସାର ବଡପୁଅ ନବଘନ ଚାକିରି କରିବା ପରେ କିପରି ସୁଖ ଅନ୍ତର୍ହିତ ହୋଇଯାଉଛି । ବହୁ କଷ୍ଟରେ ପୁଅକୁ ପାଠ ପଢେଇ ମଣିଷ କରିବା ପରେ, ପୁଅ ତାହାର ନୈତିକ କର୍ତ୍ତବ୍ୟ ଭୁଲିଯାଉଛି । ଯୁଗେ ଯୁଗେ ଏହା ସ୍ଥିର ସତ୍ୟ ଭାବରେ ରହି ଆସିଛି ଯେ ନିଜର ସ୍ୱାର୍ଥ ପୂରଣ ହେବା ପରେ ମନୁଷ୍ୟ ଯାହାର ସାହଚର୍ଯ୍ୟରେ ଉପରକୁ ଉଠିଥାଏ, ତାକୁ ଭୁଲିଯାଏ । ଅନ୍ୟପଟେ ନବଘନ ଘରର ସମସ୍ତ ସମ୍ପତ୍ତି ଟଙ୍କା ବଳରେ ନିଜ ହାତକୁ କରି ନେବାପରେ, ସାନପୁଅ ସନାତନ କୋର୍ଟ ଧାଇଁ ଧାଇଁ ହାଲିଆ ହୋଇପଡିଛି । ବରଂ ଭୁବନେଶ୍ୱର ଭଳି ଜାଗାରେ ମା ଛେଉଣ୍ଡ ପୁଅ କାର୍ତ୍ତିକକୁ ହଜାଇ ଦେଇ, ତାହାରି ଆସିବା ବାଟକୁ ପ୍ରତୀକ୍ଷା

ISSN NO.
2582-208X

କରିଛି । କିନ୍ତୁ ଆସି ନାହିଁ କାର୍ତ୍ତିକ, ଆସିବ ବୋଲି ପ୍ରତ୍ୟେକ ବସକୁ ଭାବୁଛି ମାତ୍ର ସେଥିରେ କାର୍ତ୍ତିକ ନାହିଁ ଫଳରେ ଉଙ୍କି ମାରୁଥିବା ଆଶାର କିରଣ ମଉଳି ଯାଉଛି । ଗଳ୍ପରେ ଗୋଟିଏ ପଟେ ଅୟସ ଆରାମର ଜୀବନ ସହ କପଟରେ ସବୁକିଛି ହସ୍ତାନ୍ତର କରିନେବା, ଅନ୍ୟପଟରେ କୋର୍ଟ, ତହସିଲ ଦୌଡି ଦୌଡି କ୍ଳାନ୍ତ ଓ ଶ୍ରାନ୍ତ ହେବା, ପୁଅକୁ ନପାଇବା ଜନିତ ଯେଉଁ ଗଭୀର ଦୁଃଖ ଓ ନିରାଶରେ ବିତାଉଥିବା ଜୀବନ । ମଣିଷର ଅସହାୟତାର ସ୍ପଷ୍ଟ ରୂପ ଏ ଗଳ୍ପରେ ଦେଖିବାକୁ ମିଳିଛି ।

ଗାଳ୍ପିକ ଗୌରହରି ଦାସଙ୍କ 'ଆକାଶ ଦିନେ ନୀଳ ଥିଲା' ଗଳ୍ପ ସଙ୍କଳନକୁ ଅନୁଧ୍ୟାନ କଲେ ଜଣାଯାଏ, ଆଧୁନିକ ମଣିଷ କିଭଳି ଭାବରେ ପ୍ରତ୍ୟେକ ସମୟରେ, ପ୍ରତ୍ୟେକ ପରିସ୍ଥିତିରେ ଅସହାୟତା ଅନୁଭବ କରୁଛି । ଏହି ତୀବ୍ର ଅସହାୟତା ଜନିତ ମାନସିକ ଗ୍ଲାନି ମଧ୍ୟରେ କାଳାତିପାତ କରୁଛି । ଆଧୁନିକ ମଣିଷ ଯେ କିପରି କ୍ଷଣେ କ୍ଷଣେ ଅସହାୟତାର ଶିକାର ହେଉଛି ତାହା, ଏ ପୁସ୍ତକରେ ସଂକଳିତ ଗଳ୍ପଗୁଡିକ ପ୍ରମାଣିତ କରୁଛି ।

ସଂକେତ ସୂଚୀ :
୧. ୨୦୧୯, ଖୁଣ୍ଟିଆ, ବ୍ରହ୍ମାନନ୍ଦ - ସ୍ଵାଧୀନତା ପରବର୍ତ୍ତୀ ପ୍ରମୁଖ ଗଳ୍ପସ୍ରଷ୍ଟା; ନବଦିଗନ୍ତ, ବିନୋଦବିହାରୀ କଟକ, ଦ୍ଵିତୀୟ ସଂସ୍କରଣ, ପୃ - ୩୫୬ ।
୨. ୨୦୧୧, ଦାସ, ଗୌରହରି - ଆକାଶ ଦିନେ ନୀଳ ଥିଲା; କଟକ ଷ୍ଟୁଡେଣ୍ଟ ଷ୍ଟୋର, କଟକ, ପ୍ରଥମ ସଂସ୍କରଣ, ପୃ- ୧୭୮ ।
୩. ତତ୍ରୈବ, ପୃ - ୮୬ ।
୪. ତତ୍ରୈ , ପୃ - ୧୪୦ ।
୫. ତତ୍ରୈବ, ପୃ -୨୬ ।
୬. ୨୦୨୩, ରାୟ, ରାଧାନାଥ - ରାଧାନାଥ ଗ୍ରନ୍ଥାବଳୀ - ଚିଲିକା; ଗ୍ରନ୍ଥ ମନ୍ଦିର, ଚତୁର୍ଥ ସଂସ୍କରଣ ପୃ- ୧୧୧ ।

((( - )))

ଗବେଷିକା, ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ଵବିଦ୍ୟାଳୟ, ବାଲେଶ୍ଵର

ISSN NO.
2582-208X

# ଅପେକ୍ଷାର ଶେଷ ଷ୍ଟେସନ



ଅଙ୍କିତ ସାହୁ

ଜୀବନର ଏହି ରେଳଗାଡ଼ି ଆଜି ଏମିତି ଏକ ସ୍ଥାନରେ ଅଟକିଛି,
ଯେଉଁଠି କେହି ନାହାନ୍ତି, ଖାଲି ନିଃସଙ୍ଗତାର କୁହୁଡ଼ି ଘେରିଛି ।
ସିଗନାଲ୍ ସବୁ ଲାଲ୍ ହୋଇଯାଇଛି, ସମୟର ଚକ ବି ନିଶ୍ଚଳ,
ତୁମ ବିନା ମୋ ସଂସାରଟା ସତେ, ଆଜି ହୋଇଯାଇଛି ବେଦଖଲ ।
ମୁଁ ସେଇ ଶେଷ ଷ୍ଟେସନରେ ବସି ପ୍ରତିଟି ଗାଡ଼ିକୁ ଚାହୁଁଛି,
କାଳେ କେଉଁ ଗୋଟିକରୁ ତୁମ ପାଦର ଶବ୍ଦ ଶୁଭିବ ବୋଲି ଭାବୁଛି ।
ପ୍ରତିଟି ହୁଇସିଲ୍‌ର ସ୍ୱରରେ ଛାତି ମୋର ଗୁରୁ ଗୁରୁ ହୁଏ,
ଭାବେ ତୁମେ ଆସିଗଲ, ହେଲେ ଟ୍ରେନ୍‌ଟା ଆଗକୁ ଚାଲିଯାଏ ।
ଲୋକେ ଆସୁଛନ୍ତି, ଯାଉଛନ୍ତି, ନିଜ ନିଜ ଗନ୍ତବ୍ୟ ସ୍ଥଳକୁ,
ମୁଁ ଖାଲି ସେମିତି ବସିଛି, ଚାହିଁ ତୁମ ଫେରିବା ବାଟକୁ ।
କାହା ହାତରେ ସାଥୀ ଅଛି, କାହା ଓଠରେ ଅଛି ହସ,
ମୋ ପାଖରେ ଖାଲି ଅଛି ତୁମେ ଦେଇଥିବା ନିଃଶ୍ୱାସ ।
ଝାପ୍ସା ଲାଇଟ୍‌ର ଆଲୋକରେ ମୁଁ ନିଜ ଛାଇକୁ ପଚାରେ,
"ସେ କଣ ସତରେ ଭୁଲିଗଲା ମତେ ଏହି ଅନ୍ଧାରରେ ?"
ପ୍ଲାଟଫର୍ମର ସେଇ ପୁରୁଣା ବେଞ୍ଚ ବି ଆଜି ମୋତେ କହୁଛି,
ତୁମ ପ୍ରେମର ପାଗଳାମୀ ଦେଖି ସେ ବି ଭିତରେ କାନ୍ଦୁଛି ।

"ଟିକେଟ୍ ତ କାଟିଥିଲି ମୁଁ ତୁମ ସହ ସାରା ଜୀବନ ବଞ୍ଚିବାକୁ,
ହେଲେ ତୁମେ ଅଧା ବାଟରୁ ଓହ୍ଲାଇ ଗଲ ଅନ୍ୟ କାହା ଦୁନିଆକୁ ।"

ISSN NO.
2582-208X

ଷ୍ଟେସନର ଘଣ୍ଟା ଚାଲୁଛି ସତ, ହେଲେ ମୋ ସମୟ ଅଟକି ଯାଇଛି,
ତୁମେ ଫେରିବାର ମିଛ ଜେଦ୍ ମୋ ଶରୀରକୁ ବାନ୍ଧି ରଖିଛି ।
ଦିନେ ଏହି ସିଟିଂ ବେଞ୍ଚ ଉପରେ ହିଁ ମୋର ଶେଷ ଶ୍ୱାସ ଚାଲିଯିବ,
ତଥାପି ମୋ ଶବଟି ସେଇ ଟ୍ରେନ୍ ଲାଇନ୍‌କୁ ହିଁ ଚାହିଁ ରହିଥିବ ।
ସବୁ ଗାଡ଼ି ଚାଲିଯିବ, ବାକି ରହିଯିବ ମୋର ଏହି ସ୍ୱର,
ଶେଷ ଷ୍ଟେସନର ସେଇ ନିଛାଟିଆ କୋଣରେ...
କେବଳ "ଅପେକ୍ଷାରେ ତୁମର" ।

(((-)))

ପ୍ରତିଷ୍ଠାତା- ଓଡ଼ିଆମଣି ଇ-ପତ୍ରିକା
କଟକ

ISSN NO.
2582-208X

# ପ୍ରେମ ନଗରୀ ନା କଳଙ୍କିତ ନଗରୀ



ବିକାଶ ନାୟକ

ଆକାଶରେ ଚନ୍ଦ୍ରମା ସାଥେ
ଟିକି ଟିକି ତାରକା ପୁଞ୍ଜ
ସତେକି ଗଗନେ ପ୍ରସ୍ଫୁଟିତ
ହୋଇଛି କୃଷ୍ଣଚୂଡ଼ା ଫୁଲ ।
ଚନ୍ଦ୍ରମାର ଏହି ରୂପ କାନ୍ତି ଦେଖି
ଅକସ୍ମାତ ପାଦ ଯେ ଥାପିଲି
ପ୍ରେମାଶ୍ରିତ ନାଗରୀରେ ।
ଛଳନା ରୂପୀ ପ୍ରେମ ନଗରୀରେ
ନିୟନ୍ତ୍ରଣ ହରା ହୋଇ,
ପାଗଳ ପ୍ରେମିକ ପ୍ରାୟେ
ବୁଲିଲି ପ୍ରେମ ଅନେଶ୍ୱଣରେ ।
ନା ଅଛି ସ୍ନେହ, ପ୍ରେମ ଓ ମମତା
ଖାଲି ଅଛି ଏଠି ଛଳନାର ଗନ୍ତାଘର ।
ପ୍ରେମ ନାମେ ଏଠି ସଭିଏଁ ଛଳନାରେ ଲିପ୍ତ ।
ବୋହୂଟିଏ ଏଠି ଶାଶୁ ଶଶୁରଙ୍କୁ
କରୁଥାଏ ହତାଦର
ଭାଇ ଟିଏ ଏଠି ଭାଇକୁ ଯେ ମାରି

ISSN NO.
2582-208X

କରୁ ଅଛି ରକ୍ତନଦୀ ସନ୍ତରଣ ।
କେତେଯେ ପ୍ରେମିକ ନାରୀ ପାଇଁ ଏଠି
ଦେଇଛନ୍ତି ନିଜକୁ ବଳି ।
ପୁଣି ଯେ କେତେ ପ୍ରେମିକ
ସାଜିଛନ୍ତି ଏଠି ପାଗଳ ଭଅଁର ।
ଏସବୁ ଦେଖି ମନହୁଏ ଆନ୍ଦଳିତ ।
କିଛି କ୍ଷଣ ଏକାନ୍ତରେ ବସି
ଭାବନାରେ ଯାଏ ହଜି
ସତେକି ଏହା ପ୍ରେମ ନଗରୀ
ନା ଏହା କଳଙ୍କିତ ନଗରୀ ।

(((-)))

କଇଁପୁର,ଜାମଦା,ମୟୂରଭଞ୍ଜ, ଓଡିଶା
ମୋବାଇଲ ନମ୍ବର–୭୩୭୨୬୪୭୭୧୦

ISSN NO.
2582-208X



# ଫୁଲଚୋରଣୀ



ବନଶ୍ରୀ ଦାଶ (ଆଗ୍ନର୍ଯ୍ୟା)

ସକାଳୁ ସକାଳୁ ଏତେ ଗର ଗର କାହା ଉପରେ ? କିଏ ଉଠିକି ପ୍ରାତଃଭ୍ରମଣ ଗଲାଣି ତ କିଏ ଯୋଗ ପ୍ରାଣାୟାମ କରୁଛି ପୁଣି କିଏ ପ୍ରାର୍ଥନା ଚେନାଲ ଲଗେଇ ଜଗନ୍ନାଥ ଭଜନ ରେ ବୁଡ଼ୁଚି ଆଉ ତୁମେ ଜଣେ ହିଁ ସ୍ତ୍ରୀଲୋକ ଥିବ ଏ ସଂସାରରେ ସକାଳୁ ସକାଳୁ ବଜର ବଜର....। ଯାଅ ଚା କପେ କରିଆଣ ହଁ ପାଣି ଗିଲାସେ ବି ଆଣିକି ଆସିବ। ଆଣୁଛି, ତୁମକୁ ଦେଇଥିଲି ପରା ଭୋରରୁ କପେ ଚା ପୁଣି.... ନାଲି ଚା ଥିଲା ନା ସେଇଟା, କ୍ଷୀର ଚା ନ ପିଇଲେ ପିଇଲା ପରି ଲଗେକି ?

(ହସି ହସି) ହଉ ରାଗନି, ପ୍ରଥମେ କୁହ କଣ ହେଲା ଯେ ଗର ଗର ହେଉଛ ? ସବୁଦିନେ ଟିକେ ଟିକେ ହୁଅ କିନ୍ତୁ ଆଜିର ତାପମାତ୍ରା ଅଧିକ କାହିଁକି ?

ଆରେ ନାଇଁମ ଗଛରେ କେତେ ମନ୍ଦାର କଢି ଥିଲା ସନ୍ଧ୍ୟା ରେ ଦେଖିଥିଲି, ସକାଳୁ ତୋଳିବି କଣ କାହ୍ନୁ ସେପଟୁ ତ ନେଉଛନ୍ତି ପୁଣି ଲାଠି ରେ ଟାଣି ଘର ପଟରୁ ଫୁଲ ଗୁଡାକ ଚୋରଣୀ ଗୁଡା ନେଇଯାଉଛନ୍ତି। ଡହ ଡହ ଖରାରେ ଆସିକି କଢି ବି ନେଉଛନ୍ତି ମୁଁ କିଛି କହୁନି ପୁଣି ଫୁଲ ଗୁଡାକ ନେଇଯିବେ ଆଃ ରେ... ନିଜ ବାଡ଼ିରେ ଲଗେଇକି ପାଣି ଦେଲେ ଜଣା ପଡ଼ନ୍ତା।

କଣ କହିବି ସେ ମିଶ୍ରଣୀ ମାଉସୀ କଥା, ତା ବାଡ଼ିର ଫୁଲକୁ ସୁନ୍ଦର ପାଇଁ ରଖିଛି କିନ୍ତୁ ବଡି ଭୋରରୁ ୟା ବାଡ଼ି ତା ବାଡ଼ି ରୁ ଟର୍ଚ୍ଚ ମାରିକି ତୋଳୁଛି। ସେ ଦିନ ତୋଳୁ ଥିଲା କିଏ

ISSN NO.
2582-208X

କିଏ କହିଲାକୁ ଉଁ ନାଇଁ ଚୁଁ ନାଇଁ ଖସ ଖସ ଚାଲିଗଲା। ମୁଁ ଶୁଣୁଥିଲି ଫୁଲ ସେ ବିକୁଛି। କେଜାଣି ଭଗବାନ ଙ୍କୁ ଜଣା ନ ହେଲେ ଏତେ ଫୁଲ କଣ ଦିଅଁ କୁ ଘୋଡାଉ ଥିବ ! ଆଉ ସେ ବୁଢ଼ୀ କଥା ଆଉ କଣ କହିବି ହେ। ମୁଁ ଆଉ ପାରୁନି। ଆମ ବାହାର ଓ ଭିତରୁ ସେ ହିଁ ଅଧିକା ଫୁଲ ନେଉଛି। କହି ସେ ନିଏନି। ତୁଳସୀ ପତ୍ର ଜଟା ବାର ଅବାର ଦେଖି ତୋଳି ନେଉଛି । ଏତେ ରାଗ ଲାଗୁଛି ସେ ବୁଢ଼ୀ ଉପରେ.... ହଉ ହଉ ମିନୁ ବୋଉ ଏତେ ରାଗନି, ଛାଡ଼, ଯିଏ ବି ମନ୍ଦାର ଫୁଲ ନେଉଛି ସେ ମୁଣ୍ଡରେ ତ ପିନ୍ଧିବନି କଉ ଦିଅଁ ମୁଣ୍ଡରେ ଚଢାଇବ।ଯାଅ ଚା ଟିକେ ଆଣ। ଶାନ୍ତି ରେ ଯାହା ଫୁଲ ଅଛି ବାଡ଼ିରେ ତୋଳିକି ପୂଜା କର।

ଆଜିର ସକାଳ ଟା ଶାନ୍ତ କେମିତି ଲାଗୁଛି, ସବୁ ଫୁଲ ସୁରକ୍ଷିତ ଅଛନ୍ତି ବୋଧେ, ମିନୁ ବୋଉର ପାଟି ଶୁଭୁନି। ଆରେ ଏତେ ଫୁଲ! କାଇଁ କିଏ ଚୋରି କରିନିକି ? ହଁ ଦାଣ୍ଡ ପଟରୁ ନେଇଛନ୍ତି କିନ୍ତୁ ଅଳ୍ପ। ବୁଢୀଟି ଆସିନି ବୋଧେ ନହେଲେ ଏତେ ତୋଳିଥାନ୍ତିକି। ତୁଳସୀ ବି ତୋଳା ହୋଇନି ଆଶ୍ଚର୍ଯ୍ୟ। ଆଶ୍ଚର୍ଯ୍ୟ ହେବାର କଣ ଅଛି ଦେହ ପା ଭଲ ନଥିବ, ବୁଢ଼ୀ ଲୋକ। ତୁମେ ତ ଗାଳି ଗୁଲଜ କରୁଛ ଶୁଣିଥିବ ବି! ହଉ ଛାଡ଼ ତୁମକୁ ତ ଭଲ ହେଲା ଫୁଲ ସୁରକ୍ଷିତ ରହିଲା।

ମିନାକ୍ଷୀ ଦେବୀ କିଛି କହିଲେନି ଧୀରେ କି ଘର ଭିତରକୁ ଚାଲିଗଲେ। ଦିନେ ଦି ଦିନ ଏମିତି ସପ୍ତାହେ ଚାଲିଗଲା। ରମେଶ ବାବୁ ଙ୍କ ସବୁଦିନିଆ କାମ ସେମିତି ଚାଲିଥାଏ। ପ୍ରାତଃ ଉଠି ନିତ୍ୟକର୍ମ ସାରି ଟିକେ ଏପଟ ସେପଟ ହୋଇ ଚା ପିଇ ବସନ୍ତି ଘଂଟାଏ ବହି ଟିଏ ଧରି। ସେପଟେ ବାଜୁଥାଏ ମୋବାଇଲ ରେ ହନୁମାନ ଚାଳିଶା, ଗାୟତ୍ରୀ ମନ୍ତ୍ର, ବିଷ୍ଣୁ ସହସ୍ର ନାମ......ହଇହେ ଶୁଣୁଛ, ବହି ଟିକେ ରଖି ଶୁଣ... ହଁ କୁହ କଣ ହେଲା ଏତେ ବ୍ୟସ୍ତ କାହିଁକି ? ନାଇଁ ଯେ ସେ ବୁଢ଼ୀ ଟା ଆଉ ଆସୁନି । ଆସୁନି ? ହାଃ ହାଃ ସେଥିପାଇଁ ବି ଟେନସନ। ଭଲ ହୋଇଛି ଆସୁନି। ନାଇଁ ମ ଦେହ ପା ଠିକ ଥିବ ତ ? ତୁମେ ଏତେ ଚିନ୍ତା କେବେଠୁ କଲଣି, ସକାଳ ପାଇଲେ ଗଜର ଗଜର ହେଉଥିଲ ଆଉ ଏବେ... ଯିବ ପରା ମନ୍ଦିର ଆଜି ବଡ଼ ଏକାଦଶୀ। ତୁଳସୀ ପତ୍ର ଜଟା ତ କାଲିଠୁ ତୋଳିଛ, ଭୋଗ ନେଇକି ଯାଅ। ଆମ ଏ ପାଖ ଜଗନ୍ନାଥ ମନ୍ଦିର କୁ ଯାଇକି ପଳେଇଆସ ଖରା ହେବ। ଆସ ମିଶିକି ଯିବା ମୁଁ ଏକା ଗଲେ ଭଲ ଲାଗିବନି। କି ଭଲ ମନ୍ଦ ବୁଝିପାରୁନି, ମନ୍ଦିର ଯିବ

ISSN NO.
2582-208X

ତ ଭୋଜି ଭାତ କୁ ଯାଉଛ କି ? ମୋତେ ପେଟ ଗଡବଡ ଲାଗୁଛି କାଲି ଟିକେ ଅଧିକା ଆମ୍ବ ହୋଇଗଲା, ତୁମେ ଶୀଘ୍ର ଯାଇକି ଆସ ।

ଆଜି ମନ୍ଦିର ଏତେ ଭିଡ଼ କାହିଁକି? ଏମିତି ତ ଲୋକେ ଏତେ ଆସନ୍ତିନି, ବଡ଼ ଏକାଦଶୀ ବୋଲି ହେଇଥିବ। ଏ କଣ ଭିତରେ କାହାକୁ ଘେରି କି ଅଛନ୍ତି! ପୂଜାରୀ ମଧ୍ୟ ଖଣ୍ଡେ ଦୂରରେ.... ଏ ଖୁଡ଼ି,କ'ଣ ହେଇଛି କି ଏମିତି ଭିଡ଼!

କାହାର କଣ ହେଲା କି ? ହଁ ଲୋ ଝିଅ ରାଧି ମାଉସୀ ଖରାପ ହୋଇଗଲା କେତେବେଳେ କି ଶୋଇଛି ତ ଶୋଇଛି। ସକାଳୁ ନ ଉଠିବାରୁ ସବୁ ଦେଖି ଆସିଲେ ନର୍ସ ଦିଦି ବି ଦେଖିକି କହିଲେ ଆଉ ଜୀବନ ନାହିଁ। ତୁ ଚିହ୍ନିନୁ କି? ନାଁ ତ ମୁଁ ଜାଣିନି କଉ ରାଧି ମାଉସୀ ! ଆଲୋ ସେ ବୁଢ଼ୀ ଟା ମ, ମନ୍ଦିର ଓଳା ପୋଛା କରୁଥିଲା, ୟା ବାଡ଼ି ତା ବାଡିରୁ ଫୁଲ ତୁଳସୀ ଆଣିକି ଜଗନ୍ନାଥଙ୍କୁ ଚଢ଼ାଉଥିଲା। ସପ୍ତାହେ ହେଲା ଦେହ ଭଲ ନ ଥିଲା। ନିଜର ତ କେହିନାହିଁ, ବୁଢା ତାର କେତେ ଦିନୁ ଗଲାଣି ଆଉ ମୁହବୋଲା ପୁଅଟେ ଅଛି ଯେ ତାକୁ ଖବର ଦିଆ ଯାଇଛି ଏ ପର୍ଯ୍ୟନ୍ତ ଆସିନି। ପେଟ ର ପିଲା ତ ଅଡ଼େଇ ଦେଉଛି ଲୋ ବାପ ମା କୁ ଏ ତ ପର।

ଏ କଥା ଶୁଣି ମିନୁ ବୋଉର ମୁଣ୍ଡ ଘୁରିଗଲା। ଇଏ ସେ ବୁଢ଼ୀ ଯାହାକୁ ପ୍ରତିଦିନ ସକାଳୁ ସକାଳୁ ଗାଳିଗୁଲଜ କରୁଥିଲି ! ଫୁଲ ଟିକକ ପାଇଁ କ'ଣ ନ କହିଛି, ଅଜାଣତରେ ଆଖିରୁ ଲୁହ ଗାଡିଯାଉଥାଏ। କେତେ ସୁନ୍ଦର ମରଣ ହେଲା  ବଡ଼ ଏକାଦଶୀ, ମାଘ ସୋମବାର ଓଃ କି ସୁଖ ମରଣ। ଲେଉଟି ଆସି ସୋଫା ରେ ବସିପଡିଲେ ମିନୁ ବୋଉ। କଣ ଏତେ ଶୀଘ୍ର ଚାଲିଆସିଲ ଭୋଗ ବି କରିନ ?? କହୁନ କଣ ହୋଇଛି ? ହଁ ମନ୍ଦିରରେ ଆଜି ପୂଜା ହେବନି, ସେ ବୁଢ଼ୀ ଟି ମନ୍ଦିର ଅଗଣାରେ ଶୋଇକି ଚାଲିଗଲା। କଉ ବୁଢ଼ୀ କୁଆଡେ ଚାଲିଗଲା ? ସେ ବୁଢ଼ୀ ଯିଏ ଫୁଲ ତୁଳସୀ ତୋଳୁ ଥିଲା ଆମର। ଏ କଥା ଶୁଣି ରାକେଶ ବାବୁ ମଧ୍ୟ ନିରବ ହୋଇଗଲେ। ଆଜି ଏତେ ବଡ଼ ଦିନରେ..... ହଉ ଦୁଃଖ କରନି। ସଂସାରର ନିୟମ ଏୟା, ତୁମ ଜାଗାରେ ଯିଏ ଥିଲେ ବି କହିବ ପର ବାଡିରୁ ଫୁଲ ତୋଳିଲେ ତଥାପି ଲୋକେ ତୁଳନ୍ତି ନା ନାହିଁ କୁହ। ହଁ ସେ କଥା ଠିକ ଯେ, ବର୍ତ୍ତମାନ ଆଉ ଗୋଟିଏ ଦୁଃଖ କଥା ତାର କେହି ନାହାନ୍ତି। କାମ କେମିତି ହେବ? ପୁଷିଆଁ ପୁଅ ଏ ଯାଏଁ

ISSN NO.
2582-208X

ଆସିନଥିଲା।

ଯାହାର କିଏ ନାଇଁ ସେ ଜଗା ହିଁ ସାହା ଭରସା, ସେଥିପାଇଁ ତ ଭଲ ଦିନ ଦେଖିକି ତା ଭକ୍ତକୁ କୋଳେଇ ନେଲେ.। ନିଜର ବୋଲି କେହି ନାହାନ୍ତି ଯଦି କହୁଛ ତେବେ ଦୁଃଖ କରନି ଆମେ କିଛି ସାହାଯ୍ୟ କରିବା। ମୁଁ ଯାଇକି କଥା ହେଉଛି ପୂଜାରୀ ସହ। ଯାହା ଖର୍ଚ୍ଚ ହେବ ଦେବା ଓ ତା ପୁଷିଆ ପୁଅ ସହ କଥା ହେବେ ପୂଜାରୀ କହିଦେବି। ବାକି ଯିଏ ଯାହା ପାରିବେ ସାହାଯ୍ୟ ସହଯୋଗ କରିବେ। କାହାର କାମ କଣ ରହିଯାଇଛି କି? କିଏ ବେଶି ତ କିଏ କମ। ଏବେ ବୁଝିଲତ ପ୍ରିୟେ ଈଶ୍ୱର ଭକ୍ତର ଭାବରେ ସମର୍ପିତ, ଯାହା ବି ଦେବ ଖୁସିରେ ଓ ସ୍ୱଚ୍ଛ ମନରେ। ନଡ଼ିଆ ଟି ଘରେ ଭାଙ୍ଗି ପୂଜା କରିଦିଅ ମୁଁ ଆସୁଛି ତାହାହେଲେ ମନ୍ଦିର ଆଡ଼ୁ...

(((-)))

ବେତାର ଉଦଘୋଷିକା, ଭବାନୀପାଟଣା
ଜିଲ୍ଲା କଳାହାଣ୍ଡି
୭୯୭୮୯୪୯୫୮୫

ISSN NO.
2582-208X

# ବସନ୍ତ ବିଗ୍ରହ



ହେମନ୍ତ କୁମାର ବର୍ଇ

ମହାଯୋଗେଶ୍ୱର ଶିବଙ୍କୁ ଆକୃଷ୍ଟ
କରିବାକୁ ପ୍ରଜାପତି
ଉପାୟ ନିମିତ୍ତ ଚିନ୍ତାମଗ୍ନ ହେଲେ
ଲଗାଇ ସୌନ୍ଦର୍ଯ୍ୟେ ମତି ।।

ସେ ସୌନ୍ଦର୍ଯ୍ୟ ଚିନ୍ତା ଉଚ୍ଛ୍ୱାସ ରୂପକୁ
ଦୃଢେ ହେଲା ପ୍ରକାଶିତ
ସେହି ଉଚ୍ଛ୍ୱାସ ରୁ ଆବିର୍ଭୂତ ହେଲେ
ସେ ବର୍ଣ୍ଣନୀୟ ବସନ୍ତ ।।

ମୋହିନୀ କନ୍ୟାର ଯେଉଁ କଳପନା
କରିଥିଲେ ପ୍ରଜାପତି
ମାତ୍ର ବିପରୀତେ ଆବିର୍ଭାବ ହେଲେ
ମୋହନ ବସନ୍ତ ମୂର୍ତ୍ତି ।।

ତେଜୋମୟ କମ- ନୀୟ ଋତୁରାଜ
ମୂର୍ତ୍ତି ନେତ୍ର ସନ୍ତର୍ପଣ
ଦର୍ଶନକୁ ଯାର ବିଧୁର ଉଚିତ
କରିଛନ୍ତି ବିଧି ବିଧାନ ।।

ISSN NO.
2582-208X

ରୂପକଳ୍ପ ମୂର୍ତ୍ତି     ଅତି ରମଣୀୟ
    ଚାରି ହସ୍ତ କରମ୍ବିତ
ଲୁବଧ ଲଳିତ     ସୁଶୋଭିତ ବସ୍ତୁ
    ଧରିଛନ୍ତି ଚାରିହସ୍ତ ।।

ବିଭ୍ରମ ରହିତ     ବିଭ୍ରମ ବର୍ଦ୍ଧନେ
    ପୁଞ୍ଜ ପୁଞ୍ଜ ଚୂତାଙ୍କୁର
ଚୂତଦ୍ରୁମଚୂତ-     କଳିକା ସମ୍ଭାର
    କର ଦ୍ୱୟେ ମନୋହର ।।

ତୃତୀୟ ହସ୍ତରେ     ମଧୁବ୍ରତ ମାଳା
    ମଧୁମୟ ମଧୁସ୍ୱନ
ଆରକ୍ତ କିଂଶୁକ     ଚତୁର୍ଥ ହସ୍ତରେ
    ଭାବୁକମଧୁ ଭାଜନ ।।

ପ୍ରସ୍ଫୁଟିତ ଆମ୍ର-     ବଉଳ ସମ୍ଭାରେ
    ଚୂତ ବୃକ୍ଷ ପ୍ରଫୁଲ୍ଲିତ
ବସନ୍ତ ବିଗ୍ରହ     ମଧୁସ୍ରାବୀ ପୁଷ୍ପେ
    ଅନୁପମେ ବିଭୂଷିତ ।।

କୋକନଦ ନିଭ     ସୁଚାରୁ ଆକୃତି
    ପ୍ରଦୋଷ ସୁରଙ୍ଗ ଭାନୁ
ସନ୍ଧ୍ୟୋଦିତ ପୂର୍ଣ୍ଣ     ସୁଧାକର ମୁଖ
    ମଣ୍ଡଳେ ଶୋଭିତ ତନୁ ।।

ସୁଧାକର-ମୁଖ     ଉଜ୍ଜ୍ୱଳ ଜୋଛନା
    ଯୁଗଳ ନୟନେ ପଡି

ISSN NO.
2582-208X

ପ୍ରସ୍ଫୁଟିତ ନବ    ଇନ୍ଦୀବର କି ସେ
   ତନୁ ସରସୀରେ ଫୁଟି  । ।

ମଧୁ ନାକ ଶିରୀ    ମଦନ ସୁନ୍ଦର
      ମନସିଜମନୋହରେ
ଶୋଭିତ କରୁଛି    ଅରଣ୍ୟେ ବେଷ୍ଟିତ
      ଯେହ୍ନେ ମହୀ ମହୀଧରେ  । ।

ଶୁଭ୍ର ଶଙ୍ଖ ସମ    ଶ୍ରବଣ ଶୋଭିତ
    କର୍ଣ୍ଣ ଅବତଂସ ସଙ୍ଗେ
ଅସ୍ତୋନ୍ମୁଖ ରବି    ମକର କୁଣ୍ଡଳ
    ସମୁଜ୍ଜ୍ୱଳ ଶୁଚି ରଙ୍ଗେ  । ।

ସୁପ୍ରଶସ୍ତ ବକ୍ଷ    ସୁବର୍ତ୍ତୁଳ ବାହୁ
    ଜାନୁସ୍ପର୍ଶ କରାଙ୍ଗୁଳି
ସୁବୃତ୍ତ ନିତମ୍ବ    କମ୍ବୁବତ ଗ୍ରୀବା
   ପ୍ରାଂଶୁ ସ୍କନ୍ଧ ମଦାବଳୀ  । ।

(((-)))

"ତପସ୍ୱୀ ଗ୍ରୀଷ୍ମ"
ଗ୍ରା/ପୋ- ରୁଷୁଡା,ଜିଲ୍ଲା-ବରଗଡ
ପିନ୍-୭୬୮୦୧୫
ମୋ:- ୮୯୦୭୫୦୮୭୭୪

ISSN NO.
2582-208X

# ବାଥୁଡ଼ି ଲୋକ ସାହିତ୍ୟ: ଏକ ଅନୁଶୀଳନ

ଡ. ଋଷିନାଥ ନାଏକ

ସରଳ, ଶାନ୍ତ ଓ ଧାର୍ମିକ ଆଦିବାସୀ ବାଥୁଡ଼ି, ୬୪ ପ୍ରକାର ସଂପ୍ରଦାୟ ମଧ୍ୟରୁ ଅନ୍ୟତମ। ଏମାନେ କେନ୍ଦୁଝର, ମୟୁରଭଞ୍ଜ ଓ ବାଲେଶ୍ଵରରେ ବହୁଳ ଭାବରେ ବସବାସ କରନ୍ତି । କେନ୍ଦୁଝର ସଦର, ପଞ୍ଚପୀଢ଼ ଓ ଚମ୍ପୁଆ ବ୍ଲକ ଅଞ୍ଚଳଗୁଡ଼ିକ ବାଥୁଡ଼ିପ୍ରବଣ ଅଞ୍ଚଳ ରୂପେ ଜଣାଶୁଣା ଅଟେ । ଏତଦ୍ ବ୍ୟତୀତ ଏମାନେ ଅଧୁନା ଓଡ଼ିଶା ରାଜ୍ୟର ଅନ୍ୟ ଜିଲ୍ଲାରେ ମଧ୍ୟ ବସବାସ କରୁଥିବା ଜଣାଯାଏ । ଲୋକ ସଂସ୍କୃତି, ଲୋକଗୀତ ଓ ଲୋକକାହାଣୀକୁ ନେଇ ବାଥୁଡ଼ି ଜନଜାତି ସବୁ ଆଦିବାସୀଠୁ ନିଆରା ନ ହେଲେ ବି ଟିକେ ଭିନ୍ନ । ଭୂୟାଁ, ଗଣ୍ଡ, ସାଉନ୍ତି, ଶବର ଓ ଜୁଆଙ୍ଗ ଜାତି ସହ ବହୁ ସାମଞ୍ଜସ୍ୟ ପରିଲକ୍ଷିତ ହେଲେ ବି ବାଥୁଡ଼ି ଜନଜାତି ତା'ର ଆଚାର ବିଚାର, ରଙ୍ଗ-ଢଙ୍ଗ, ଭାଷା, ବେଶଭୂଷା ଚଳଣୀରେ ଏମାନଙ୍କଠାରୁ ସ୍ଵତନ୍ତ୍ର ଭାବେ ବାରି ହୋଇପଡ଼ନ୍ତି ।

"ଓଁ ଶ୍ରୀ ଶ୍ରୀ ବଡ଼ାମପୁରାଣ'ରେ ବାଥୁଡ଼ିମାନଙ୍କ ଇଷ୍ଟଦେବ "ବଡାମ' ଠାକୁରଙ୍କ ସୃଷ୍ଟି ଓ ରହସ୍ୟ ବ୍ୟତୀତ ବାଥୁଡ଼ି ଜାତିର ଜନ୍ମ ବିଷୟରେ ବର୍ଣ୍ଣନା ରହିଛି । ବାଥୁଡ଼ିମାନଙ୍କ ନାମକରଣ, ଗୋତ୍ର ଓ ସାଙ୍ଖା ସହ ସେମାନଙ୍କ ଉତ୍ପତ୍ତି ବିଷୟରେ ଏହି ପୁରାଣରେ ଲିଖିତ ହୋଇଅଛି ଯେ, ବାହୁବଳି ଓ ଉଥୁଡ଼ିର ପୁଅ ନାମ ବାଥୁଡ଼ି । ପରେ ବାହୁବଳି ଓ ଉଥୁଡ଼ିଙ୍କ ଗର୍ଭରୁ ଆଉ ପାଞ୍ଚଟି ପୁତ୍ର ସନ୍ତାନ ଜାତ ହୋଇଥିଲେ । ପିତାମାତା ଏମାନଙ୍କୁ "ଭବଶ ସାଗର' ବୋଲି ନାମ ରଖିଥିଲେ । ପୂର୍ବେ ବାଥୁଡ଼ିମାନେ ବଣ ଜଙ୍ଗଲରେ ରହୁଥିଲେ, ପରେ ସମତଳ ଅଞ୍ଚଳକୁ ଆସି ଘରଦ୍ୱାର କରି ରହିଲେ ଓ କୃଷି କାର୍ଯ୍ୟ କଲେ । ଏମାନେ ଓଡ଼ିଆ କହନ୍ତି, ବୁଝନ୍ତି ଓ ଲେଖନ୍ତି । ଭାଷାତତ୍ତ୍ୱବିତ୍ ପ୍ରଫେସର ଖଗେଶ୍ଵର ମହାପାତ୍ରଙ୍କ ମତରେ ବାଥୁଡ଼ିମାନେ ଇଣ୍ଡୋ-ଏରିଆନ୍ ଭାଷା କହନ୍ତି । ନିମ୍ନ ସାକ୍ଷରତା ହାର, ଦକ୍ଷ କାରିଗରୀର ଅଭାବ, ଆର୍ଥିକ ସଞ୍ଚୟର ଅଭାବ, ନିମ୍ନ ବୁଦ୍ଧି ଅଙ୍କ, କନ୍ୟାପଣ ଓ ବହୁ ସନ୍ତାନ ପ୍ରସବ ଇତ୍ୟାଦି କେତୋଟି କାରଣ ପାଇଁ ବାଥୁଡ଼ି ଜନଜାତିର ଆର୍ଥିକ ସ୍ଥିତି ସ୍ୱଚ୍ଛଳ

ISSN NO.
2582-208X

ନୁହେଁ । ଯେତେ ଗୁଡ଼ିଏ ପର୍ବପର୍ବାଣୀ ବାଥୁଡ଼ି ପାଳନ କରେ, ସେଥିମଧ୍ୟରୁ ଦୁଇଟି ମୁଖ୍ୟ ପର୍ବ ରଜପର୍ବ ଓ ମକର ସଂକ୍ରାନ୍ତି । ଏହାବାଦ୍ ପ୍ରତ୍ୟେକ ଆଦିବାସୀ ବାଥୁଡ଼ି ତିନି ମୁଖ୍ୟ ଦେବଦେବୀଙ୍କୁ ପୂଜା କରିଆସୁଛି । ଯଥାଃ– ନିଜ ଇଷ୍ଟ ଦେବତା (ଯାହାଙ୍କଠାରୁ ସେ ସୃଷ୍ଟି), ବାସୁକି ବସୁମାତା ଓ ଧର୍ମଦେବତା ।

ତେବେ ଲୋକ ସାହିତ୍ୟ ସଂପର୍କରେ ଆଲୋଚନା କଲେ ଜଣାଯାଏ ଯେ, ସଭ୍ୟତା ସୃଷ୍ଟି ହେବା ପରଠୁ ଏହି ଲୋକ ସାହିତ୍ୟର ଧାରା ମଣିଷର ସାମାଜିକ ଜୀବନ ସହ ଓତଃପ୍ରୋତ ଭାବେ ଯୋଡ଼ି ହୋଇ ଏକ ସୁସାଂସ୍କୃତିକ ପରଂପରାଟିଏ ସୃଷ୍ଟି କରିପାରିଛି । ଲୋକସାହିତ୍ୟର ସ୍ରଷ୍ଟା ଅଜ୍ଞାତ । ଏଥିରେ ବହୁ ବ୍ୟକ୍ତିଙ୍କର ଅବଦାନ ଥିଲେ ମଧ୍ୟ ପ୍ରଥମେ କୌଣସି ପ୍ରତିଭା ସମ୍ପନ୍ନ ବ୍ୟକ୍ତିର ରଚନା ଦ୍ୱାରା ତାହା ସୃଷ୍ଟି ହୋଇଥାଏ । ପରବର୍ତ୍ତୀ ସମୟରେ ଏକରୁ ଅନେକ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିପରିବର୍ତ୍ତନ ଓ ପରିମାର୍ଜିତ ହୋଇଯାଏ। ଲୋକ ସାହିତ୍ୟରେ ଲୋକଗୀତ, ଲୋକ କାହାଣୀ, ପ୍ରବାଦ ପ୍ରବଚନ, ଛଟା, ଢଗଢମାଳି, ନାଁ ଦିଆ ଓ ରୁଢ଼ି ବାଥୁଡ଼ି ସମାଜରେ ଭରପୁର ହୋଇ ରହିଛି । ଏଗୁଡ଼ିକର ସ୍ୱାତନ୍ତ୍ର୍ୟ ସେମାନଙ୍କ ଭାଷାରେ ଓ ସଂସ୍କୃତିର ମୂଳ ଆଧାର "ଶ୍ରୀବଡ଼ାମ'ଙ୍କ ଠାରେ ପରିଲକ୍ଷିତ ହୁଏ ।

ପରିଶ୍ରମର ଅପନୋଦନ, ପ୍ରେମର ପରିପ୍ରକାଶ, ଆନନ୍ଦ, ସାମୂହିକ ଶାନ୍ତି, ସାମୂହିକ ଭାବେ ଶୋକର ପରିପ୍ରକାଶ ପାଇଁ ବାଥୁଡ଼ି ଜନଜାତି ଜଣାଶୁଣା । ଚାଷ କରିବା, ଶିକାର କରିବା ଓ ମାଛ ଧରିବା ସହ ପ୍ରତ୍ୟେକ ପର୍ବପର୍ବାଣୀରେ ତା'ର ମୁଖରୁ ସ୍ୱତଃ ଝରଣାର ବାରି ଝରିଆସେ ଲୋକଗୀତ । ସବୁ କ୍ଷେତ୍ରରେ ଏହାର ଉପଯୋଗିତା ଓ ଆବଶ୍ୟକତା ରହିଛି । ଜଣେ ବ୍ୟକ୍ତିଠୁ ଆରମ୍ଭ କରି ସାମୂହିକ ପର୍ଯ୍ୟନ୍ତ ଏହାର ସ୍ରଷ୍ଟା । "ଶ୍ରୀ ବଡ଼ାମ ପୁରାଣ' ଅନୁଯାୟୀ ଶ୍ରୀ ବଡ଼ାମ ସ୍ୱୟଂ ନିରାକାର ପରଂବ୍ରହ୍ମ । ତାଙ୍କ ଅଂଶରୁ ମତ୍ସ୍ୟ, କଚ୍ଛପ, ଶୂକର, ନୃସିଂହ, ବାମନ ପ୍ରଭୃତି ଦଶ ଅବତାର ଗ୍ରହଣ କରିଛନ୍ତି । ସେହି ବଡ଼ାମ ପୁଣି ବଳରାମ ଠାକୁର । ତାଙ୍କ ଆୟୁଧ ଲଙ୍ଗଳ । ବାଥୁଡ଼ି ଗ୍ରାମର ବଡ଼ାମଶାଳରେ ଭଙ୍ଗା ଲଙ୍ଗଳ ଯୁଆଳି ରଖି ସେ ପୂଜା ଆରାଧନା କରେ । ପୁରାଣକାରଙ୍କ ମତରେ –

"ରଖିଣ ଲଙ୍ଗଳ ଯୁଆଳି,
ଶାଳ ଗ୍ରାମେ ଦେଇ ବାଇକୁଣ୍ଡଳୀ

ISSN NO.
2582-208X

ଏ ଭାବେ ବଡ଼ାମ ବଡ଼ାମଣୀ
ପୂଜିମ ଧନେ କୁଳ ଘେନି ।''

କେବଳ ସେତିକି ନୁହେଁ ବାଥୁଡ଼ିମାନେ ଚାଙ୍ଗୁ ବଜାଇ ବଡ଼ାମ ବନ୍ଦନା କଲାବେଳେ ଗାଇଥାଆନ୍ତି -

"ସିରି ରାମ, ରାମ ତଳେ
ହରି ରାମ, ରାମ ।
ସିତଳ ବଉଳ ମୁଳେ ଡଣ୍ଡେ ବିସିରାମ
କୃଷ୍ଣ ନାମ ଭଜମନ, ହରି ନାମ ଭଜ
ଜିବନ ଥିବ ଯେତେ ଦିନ ।''

ଏହି ବନ୍ଦାଣଟି ବାଥୁଡ଼ିମାନଙ୍କ ଶ୍ରେଷ୍ଠ ଲୋକଗୀତ ହିସାବରେ ସମସ୍ତଙ୍କ ମୁଖରେ ରହୁଥିବାରୁ ଚାଙ୍ଗୁବାଦ୍ୟର ପ୍ରଥମରେ ଏହା ଶୁଣାଯାଏ । ଯାତ୍ରା କାଳରେ, କୌଣସି କଠିନ କାମ କରିବା ପୂର୍ବରୁ, ଦୁର୍ଗମ ଅଳକୁ ଯାତ୍ରାବେଳେ, ନିଶ୍ଚନ ରାତିର ପ୍ରହରରେ ଯିବାବେଳେ ସେ "ଜୟ ବଡ଼ାମ' କହି ଆଗକୁ ମାଡ଼ି ଚାଲେ ।

ବାଥୁଡ଼ି ବିବାହବେଳେ ମଧ୍ୟ ବର ବା କନ୍ୟାର ପ୍ରତ୍ୟେକ କାର୍ଯ୍ୟ ପାଇଁ ଗୀତ ଖଞ୍ଜେ । ଗୀତ ଖଞ୍ଜିବାକୁ ଦଳେ ଢାଙ୍ଗୁଳି ବା ଯୁବତୀ ଆଗରୁ ପ୍ରସ୍ତୁତ ହୋଇଥାନ୍ତି । କେବଳ କନ୍ୟାଟି କାନ୍ଦଣା ଗୀତ ହିଁ ଗାଇଥାଏ । ବାଥୁଡ଼ି ବିବାହର ପ୍ରତ୍ୟେକ କାର୍ଯ୍ୟକୁ ଅନୁଧ୍ୟାନ କରି ବାଥୁଡ଼ି ବିବାହ ଗୀତକୁ ୯ ଭାଗରେ ବିଭକ୍ତ କରାଯାଇପାରେ । ଯଥାଃ-ଘୁରୁଳେଇ ପାଣିମଗା ଗୀତ, ମାଟିକଡ଼ା ଗୀତ, ଝଟି ଗୀତ, ହଳଦିମଖା ଗୀତ, ନଣଦେଇ ପେଡ଼ି ଗୀତ, ଗନ୍ଧାଦିଆ ଗୀତ, ବରଦାନ ଗୀତ, କନିଆ ଛଡ଼ା ଗୀତ ଓ କାନ୍ଦଣା ଗୀତ । ଏକ କଳସିରେ ଶରଟିଏ ରଖି ସାତଘରୁ ପାଣି ଆଣି କନ୍ୟା ଓ ବରକୁ ଯୁବତୀମାନେ ଗାଧୋଇଦେବେ । ତା ପରେ ବରକନ୍ୟା ମଙ୍ଗୁଳା ହୋଇଥାନ୍ତି । ପାଣି ମାଗିଲାବେଳେ ସେମାନେ ଗାଆନ୍ତି-

"ବାଳି ପଛ ଆଳେ କଡେଇ ଗନି ଅଦାନା
ବାଳି ପଛ ଆଳେ କଡେଇ ଗନି ଅଦାନା
ତୁମର ଭାଆରେ କେତେ ହେଇଥିମୁ ଗଦାନା

ISSN NO.
2582-208X

ଦିଅ ଦିଅ ମାଁ ଘୁରୁଳେଇ ପାଣି ନା
ଦିଅ ଦିଅ ମାଁ ଘୁରୁଳେଇ ପାଣି ନା ।''

ବେଦୀ ପ୍ରସ୍ତୁତ ପାଇଁ ଘର ପାଖ ବାଡ଼ିରୁ ମାଟି ଆଣିବେ । ଘୁରୁଳେଇ ପାଣିରେ ଗାଧୋଇ ସଜ ହୋଇ ମାଟି ଆଣିବା ପାଇଁ ବର ବା କନ୍ୟା ସହ କିଛି ସାଙ୍ଗସାଥୀ ଯିବେ । ମାଟି କଢ଼ା ହେଲାବେଳେ ଢାଙ୍ଗୁଳିମାନେ ପଦ ଯୋଡ଼ନ୍ତି । ଯଥାଃ-

"ମାଟି ତ ମାଟି ବଲେୟଁ କଳା ଜିରା ମାଟି
ମାଟି ତ ମାଟି ବଲେୟ କଳା ଜିରା ମାଟି
ବିଭାଘର ନ ଜାଇଣ ସଙ୍ଗାଘର ନ ଜାଣଇ
ବିଭାଘର ନ ଜାଣଇ ସଙ୍ଗାଘର ନ ଜାଣଇ
ମୁଇଁ ଅଛେୟଁ ଚାରିକଣ ମାଡ଼ି ଗ
ମୁଇଁ ଅଛେୟ ଚାରିକଣ ମାଡ଼ି ଗ ।''

ଘର କାନ୍ଥରେ ଝଟି ଦେବା ସହ ବେଦୀରେ ଝଟି ଦିଅନ୍ତି ଏହି ଢାଙ୍ଗୁଳିଗଣ । ସେଇ ସମୟରେ ସେମାନଙ୍କ ମନରେ ଉଦୟ ହେଉଥିବା ନାନା ପ୍ରକାରର ଚିନ୍ତା ଅନୁଚିନ୍ତା ଝଟି ପକାଇବା ଭିତରେ ଗୀତ ଆକାରରେ ଗାଇ ହୋଇଯାଏ । ଗାଁ ମୁଣ୍ଡରେ ବର ଉପସ୍ଥିତ । ଏପଟେ କନ୍ୟା ଘର ଲୋକେ ବରକୁ ବନ୍ଦାପନା କରି ଆଣିବେ । ଏହି ଅଭିମୁଖେ କନ୍ୟାଘରର ଢାଙ୍ଗୁଳିଗଣ ଗୀତ ଖଞ୍ଜନ୍ତି । ନଣଦେଇ ପେଡ଼ି ଭାଉଜ ତରଫରୁ ମିଳିଥାଏ । ନଣନ୍ଦ ତା' ଭାଉଜକୁ ଅଟକେଇଲାବେଳକୁ କନ୍ୟା ତରଫରୁ ଆସିଥିବା ସାଙ୍ଗସାଥୀମାନେ ପଦ ପରେ ପଦ ଯୋଡ଼ି ଗୀତ ଗାଆନ୍ତି । ଯଥାଃ-

"ବେଲ ତ ବେଲ ବଲେଇ ଟଳଟଳିଆ ବେଲ
ଦୁଇ ପଇସା ନେବି ବଲି ଦୁଇ ପଇସା ନେବି ବାଟରେ, ମକର
ଦେଖିବ ମୁଳର ବେଲରସ ଜା ରସ ଜା ଚାଲିଜାରେ ।''

ବିବାହ ପୂର୍ବରୁ ବର / କନ୍ୟା ନିଜ ଘରେ ଶାଳପତ୍ର ଖଲିରେ ବସି ସମସ୍ତଙ୍କ ଦ୍ୱାରା ହୁଳହୁଳି ଶଙ୍ଖ ଓ ଗୀତର ତାଳେ ତାଳେ ବନ୍ଦିତ ହୁଅନ୍ତି, ବେଦୀ ସାମ୍ନାରେ । ଏହାକୁ "ଗନ୍ଧାଦେବା' କୁହାଯାଏ । ବରକନ୍ୟା ପ୍ରତି ଯେଉଁମାନେ ଗନ୍ଧା ଦିଅନ୍ତି, ତାଙ୍କ ଉପଲକ୍ଷେ

ISSN NO.
2582-208X

ଢାଙ୍ଗୁଳିମାନେ ପଦକୁ ପଦ ଯୋଡ଼ି ଗୀତ ଖଞ୍ଜନ୍ତି । ଯିଏ ବନ୍ଦାପନା କରିବ, ତା ଉଦ୍ଦେଶ୍ୟରେ ଯୁବତୀମାନେ ଗୀତ ଖଂଜନ୍ତି । ଯଥାଃ-

ମା'ପ୍ରତି - ""ନାଠି ତ ନାଠି ବଲଇ ବଲ୍ସି ନାଠି ନାଠି - ୨
ଝିଅ ବାହାଘର କରୁଛି ବଲି
ଝିଅ ବାହାଘର କରୁଛି ବଲି ଯେ
ପଳିଲା କଳା କାଠି
ପଳିଲା କଳା କାଠି ।''

ଏହାବାଦ୍ ବରଦାନ ଗୀତରେ ବୟସ୍କା ବୁଢ଼ୀ ଲୋକେ କନ୍ୟା ଦେଇ ଗୀତ ଗାଇ ବର ହାତରେ କନ୍ୟାକୁ ଟେକି ଦିଅନ୍ତି । ବିଦାୟ ନେଲାବେଳେ ମଧ୍ୟ ଗୀତ ହୁଏ, ତାହା କନିଆ ଛାଳା(ବିଦାୟ) ଗୀତ । ସବୁ ସଂପ୍ରଦାୟରେ ଦେଖା ଯାଉଥିବା ଗୀତ ମଧ୍ୟରେ କାନ୍ଦଣା ଗୀତ ଅନ୍ୟତମ I ବାପା ମା' ଭାଇ ଭଉଣୀ, କାକା ଖୁଡ଼ି, ମଉସା ମାଉସୀ, ଦାଦା ନାନା, ସଙ୍ଗାତ ବଉଳ ଏମାନଙ୍କ ମେଳରେ ରହି ଝିଅଟି ନିଜ ମନ ଭିତରେ ବିବାହ କରିବାର ମାନସିକତା ରଖିଥିଲେ ବି ଏମାନଙ୍କୁ ଛାଡ଼ି ଆଉ ଏକ ନୂଆ ଯାଗାରେ ଘରକରି ରହିବା ତାକୁ ଉଚିତ୍ ଲାଗେ ନାହିଁ । ତା' ମୁଖରୁ ଏମାନଙ୍କୁ ନେଇ ସୃଷ୍ଟି ହୁଏ ଅନେକ ଗୀତ, ଯାହା ସ୍ୱତଃସ୍ଫୁତ ବାହାରି ଆସେ ।

ବାଥୁଡ଼ିମାନଙ୍କ ମୁଖ୍ୟ ପର୍ବ ଭିତରେ ରଜପର୍ବ ଅନ୍ୟତମ । ଏହିଦିନ ଝିଅବୋହୂ ସମସ୍ତେ ଦଳଦଳ ହୋଇ ରଜ ପିଠା ଖାଇ ଦୋଳିରେ ଝୁଲନ୍ତି, ଗାଆନ୍ତି, ସାରାଦିନ ମଉଜ ମଜଲିସରେ ସମୟକୁ ଅତିବାହିତ କରିଦିଅନ୍ତି । ବାଥୁଡ଼ି ଦୋଳିଗୀତରେ ପ୍ରଥମେ ଦୋଳିପଟ୍ଟା, ଦଶ ଦିଗପାଳ, ଗ୍ରାମ ଠାକୁରାଣୀ, ବଡ଼ାମ ଠାକୁରଙ୍କୁ ବନ୍ଦନା କଲାପରେ ପୌରାଣିକ ଉପାଖ୍ୟାନ ହେଉ କିମ୍ବା ଅନ୍ୟ ଇତିହାସ କିମ୍ବଦନ୍ତୀ ସମ୍ପର୍କିତ ଉପଖ୍ୟାନ ଦୋଳିଗୀତ ରୂପେ ବୋଲାଯାଏ । ତା'ପରେ ପ୍ରତିଦ୍ୱନ୍ଦୀ ମିଳିଲେ କିମ୍ବା ପୁରୁଷମାନେ ଯୁବତୀମାନଙ୍କୁ ଦେଖି, ଯୁବତୀମାନେ ପୁରୁଷଙ୍କୁ ଦେଖି ଗୀତ ଗାଇବା ଆରମ୍ଭ କରିଦିଅନ୍ତି । ବେଳେବେଳେ ଏହି ଦୋଳିଗୀତ ବୌଦ୍ଧିକତା ଓ ପ୍ରଶ୍ନୋତ୍ତରର ସ୍ତରକୁ ଚାଲି ଆସିଲେ ତାହା ବାଦିଗୀତ ରୂପେ ପରିଗଣିତ ହୁଏ । ଦୋଳିଗୀତକୁ ହିଁ ବାଥୁଡ଼ିମାନେ ଖଞ୍ଜାଗୀତ, ଡାଳଭଙ୍ଗା ଗୀତ, ପିଲା ଢାଙ୍ଗୁଳିଆ ଗୀତ ବୋଲି ମଧ୍ୟ କହିଥାଆନ୍ତି । ଏଥିରେ ପ୍ରେମ ସହ ପାରିପାର୍ଶ୍ୱିକ ଚିତ୍ର ପତିଫଳିତ ହେବା ସହ ଜଣକ ପ୍ରେମର ଅନୁଭବକୁ ସାମଗ୍ରିକ ରୂପେ

ISSN NO.
2582-208X

ପ୍ରକାଶିତ କରାଯାଏ । ବିଷୟବସ୍ତୁକୁ ଦୃଷ୍ଟିରେ ରଖି ଦୋଳିଗୀତକୁ ବିଭିନ୍ନ ଭାଗରେ ବିଭକ୍ତ କରାଯାଇପାରେ । ଯଥାଃ-ବନ୍ଦନା ଗୀତ, ବାରମାସୀ ଗୀତ, ସାପ୍ତାହିକ ଗୀତ, ଧାଡ଼ି ଗୀତ ଓ ଖଂଜା ଗୀତ । ଦୋଳିରେ ଝୁଲିବାର ପ୍ରଥମ ଗୀତ ହେଉଛି ବନ୍ଦନା ଗୀତ । ଅନ୍ୟାନ୍ୟ ଦୋଳିଗୀତ ଗାଇବା ପୂର୍ବରୁ ବନ୍ଦନା କରାଯାଏ । ବନ୍ଦନା ଗୀତ ନ ଗାଇ ଅନ୍ୟ ଗୀତ ଗାଇହୁଏ ନାହିଁ । ବନ୍ଦନା ସମୟରେ ସମସ୍ତ ଦେବଦେବୀ, ଦୋଳିରେ ପ୍ରତ୍ୟେକ ବିଭାଗକୁ ଗୀତାଳୁ ବନ୍ଦନା କରି ଆଶୀର୍ବାଦ ଭିକ୍ଷା କରେ । ଯଥାଃ-

"ଆମ୍ବ ପତ୍ର ଠାକୁ ଠାକୁ
ବନ୍ଦନା କରୁଛି ହ ଦୁଳିପଟାକୁ
ଦୁଳି ପଟାକୁ ହ ଦୁଳି ଗିତ ବଲିବାକୁ ।''
"ବିଲ ମାଟି ହୁଳା ହୁଳା
ବନ୍ଦନା କରୁଛି ହ ଦୁଳିରି କିଳା
ଦୁଳିରି କିଳା ହ
ମ ଗିତ ଆସିବ ଧିରା ।''
"କାଟିନି ନଙ୍ଗଳା ମୁଣ୍ଡା
ତା' ପରେ ବନ୍ଦୁଛେଇଁ ବଡ଼ାମ ବୁଢ଼ା
ବଡାମ ବୁଢ଼ା ହ
ମ ଗିତ ଆସିବ ଉଡ଼ା ।''

ବାରମାସୀ ଦୋଳିଗୀତରେ ପ୍ରଥମେ ମାର୍ଗଶୀର ମାସରୁ ଗୀତ ଆରମ୍ଭ ହୁଏ ।ବାରମାସୀ ଗୀତରେ ମାସ ଅନୁଯାୟୀ ଚିନ୍ତା ଅନୁଚିନ୍ତା, ପ୍ରେୟସୀ ବିନା ଜୀବନର ଚଳଣି ରୂପ ପାଇଥାଏ । ଏହି ଗୀତ ଖଂଜିବାକୁ ପଡ଼େନା । ସପ୍ତାହକୁ ସାତ ଦିନ । ସାତ ଦିନର କର୍ମମୟ ଜୀବନ ଭିନ୍ନ ଭିନ୍ନ । ବାଥୁଡ଼ିମାନଙ୍କ କ୍ଷେତ୍ରରେ ମଧ୍ୟ ବାରଗୁଡ଼ିକର ମହତ୍ତ୍ୱ ରହିଛି । ସେଥିପାଇଁ ଦୋଳିଗୀତରେ ବାରମାସୀ ଗୀତ ପରି ସାତଟି ବାରକୁ ନେଇ ଗୀତର ପରିକଳ୍ପନା । ଧାଡ଼ି ଗୀତଗୁଡ଼ିକ ଐତିହାସିକ, ପୌରାଣିକ ଓ କିମ୍ବଦନ୍ତୀମୂଳକ ବିଷୟବସ୍ତୁକୁ ପ୍ରାଧାନ୍ୟ ଦେଇ ଗୀତ ଗାଇବାକୁ ହୁଏ । ଦୋଳିଗୀତକୁ ବି ଖଞ୍ଜାଗୀତ କୁହାଯାଏ । କିନ୍ତୁ ସବୁ ଦୋଳିଗୀତକୁ ଖଞ୍ଜାଗୀତ କୁହାଯାଏନାହିଁ । ନିର୍ଦ୍ଦିଷ୍ଟ ଗୀତକୁ ହିଁ ବାଥୁଡ଼ିମାନେ ଖଞ୍ଜାଗୀତ କହନ୍ତି । ଏହାକୁ ମଧ୍ୟ ପିଲାଢାଙ୍ଗୁଳିଆ, ଡାଳ ଭଙ୍ଗା ଓ ବାଦି

ISSN NO.
2582-208X

ଗୀତ କୁହାଯାଏ । ଏ ଗୀତ ପଦଗୁଡ଼ିକ ମୁଖସ୍ତ କରାଯାଇ ନ ଥାଏ । ଯେତେବେଳେ ଗୋଟିଏ ପକ୍ଷରୁ ପଦେ ଗୀତ ଭାସି ଆସେ ଅପର ପକ୍ଷ ଏପରି ଏକ ପଦ ସଜା କରିବେ, ଯାହା କି ସେ ପଦକୁ ମୁକାବିଲା କରିପାରୁଥିବ । ଯଦି ପଦଟି ସେ ପଦକୁ ମୁକାବିଲା କରିପାରୁ ନଥିବ, ତେବେ ଗୀତ ଗାଇବାର ମର୍ଯ୍ୟାଦା ତଳେ ପଡ଼ିଗଲା ବୋଲି କୁହାଯାଏ । ଯଥା:-

ଢାଙ୍ଗୁଳି ପକ୍ଷ - "ହାଣିଗଲି କ । ଗଛ
ତମେ ଭାଇମାନେ ହ ପାଠ ପଢ଼ିଛ
ପାଠ ପଢ଼ିଛ ହ ରଙ୍ଗେଇ କଥା କହୁଛ ।''

ଢାଙ୍ଗୁଆ ପକ୍ଷ - "ହଳ ନଙ୍ଗଳ ଭରସା
ଆମେ ଜାଣି ନାହିଁ ହ ପାଠର ଭାସା
ପାଠର ଭାସା ହ ମିଛ କର ନୁକ ହସା ।

ଇଂରାଜୀରେ ଶିଶୁଗୀତକୁ Nursery Song କୁହାଯାଏ । ଓଡ଼ିଆରେ ଏହା ନାନାବାୟାଗୀତ ଭାବରେ ଜଣାଶୁଣା । ବୟସ୍କ ବୃଦ୍ଧ ଓ ବୃଦ୍ଧା ସେମାନଙ୍କ ନାତିନାତୁଣିଙ୍କୁ ବର୍ଷା ସମୟରେ କିଛି ଗୀତ ଶିଖେଇ ଗାଇବାକୁ କହନ୍ତି । ଏମିତି ବି ଶିଶୁମାନେ ବର୍ଷାକୁ ଦେଖି ଆତ୍ମବିହ୍ୱଳ ହୋଇଉଠନ୍ତି । ଏହିଗୀତ ସେମାନଙ୍କୁ ଆଉଟିକେ ଉଲ୍ଲସିତ କରିଦିଏ । ବର୍ଷାର ଆବଶ୍ୟକତା ନଥିଲେ ଶିଶୁମାନେ ଗାଆନ୍ତି -

"ଇଁନ୍ତିକଟିଏ କୁଲେଇ
ନେଇ ଯା ମେଘ ବୁଲେଇ
ଖାଇ ଖାଇଲା ନୁଣିଆଁ ମାଟି
ନେଇ ଯା ମେଘ ଝାଟିପିଟି ।"

ଲୋକକାହାଣୀ କେବେ ଆରମ୍ଭ ହେଲା କହିବା ଅସମ୍ଭବ । ଅନୁମାନ କରାଯାଏ ଯେ, ମାନବର ଜନ୍ମ ସହିତ କାହାଣୀ ସୃଷ୍ଟିଲାଭ କରିଛି । ପ୍ରାଚୀନରୁ ମାନବ ନିଜର ଅନୁଭୂତିକୁ ଅନ୍ୟ ନିକଟରେ କାହାଣୀ ମାଧ୍ୟମରେ ପ୍ରକାଶ କରିଛି । ତା' ଭିତରେ ପ୍ରକାଶ୍ୟ ଭାବରେ ନିଜ ଜୀବନର କଥା କହିଦେଇଛି । ଅଝଟପିଲା ବା ଦୁଷ୍ଟପିଲାକୁ ଶାନ୍ତ କରିବା ପାଇଁ ବୃଦ୍ଧ ଓ ବୃଦ୍ଧାମାନେ ଲୋକଗଳ୍ପର ଅବତାରଣା କରୁଥିଲେ, ଯେଉଁଥିରେ ଅଲୌକିକ ଶକ୍ତି,

ISSN NO.
2582-208X

କାଉଁରୀ ମନ୍ତ୍ରର ପ୍ରୟୋଗ ଓ ଜୀବଜନ୍ତୁ ନିର୍ଜୀବ ବସ୍ତୁରେ ମାନବୀୟ ଅବତାରଣା ଦ୍ୱାରା ସମୃଦ୍ଧ । ହୁଏତ ଲୋକକାହାଣୀ ଗୁଡ଼ିକ ସଂଘବଦ୍ଧ ଭାବରେ ଜୀବନଯାପନ କରିବା ପରଠୁ ଆରମ୍ଭ ହୋଇଥିବାର ଅନୁମାନ କରାଯାଏ । ବାଥୁଡ଼ି ଜନଜାତିରେ ଅନେକ ଲୋକକାହାଣୀ ପ୍ରଚଳିତ । "ଶ୍ରୀ ବଡ଼ାମ'କୁ ନେଇ, "ଅଠର ଦେଉଳ'କୁ ନେଇ, ସ୍ଥାନ ଓ ଘଟଣାକୁ ନେଇ କିମ୍ବଦନ୍ତୀ ପ୍ରଚଳିତ । ବାଥୁଡ଼ି ଲୋକକାହାଣୀରେ "ବଡାମଠାକୁର' ବେଳେବେଳେ ଚରିତ୍ର ହୋଇ ଦେଖା ଦିଅନ୍ତି । ଏହା ସହ ବାଥୁଡ଼ିମାନଙ୍କ ଜନଜୀବନର ଚିତ୍ର, ଭାଷା ଏସବୁର ଅବତାରଣା ଲୋକକାହାଣୀରେ ପ୍ରକାଶିତ ହୁଏ । ବାଥୁଡି ଜନଜାତିର ଲୋକକାହାଣୀକୁ ଅନୁଧ୍ୟାନ କରି ଏହାକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇପାରେ । ଯଥା:- କ)ସାମାଜିକ ଜୀବନ ବିଷୟକ, ଖ)ରାଜାମନ୍ତ୍ରୀ, ସାଧବ, କଟୁଆଳ ବିଷୟକ, ଗ)ପଶୁପକ୍ଷୀ, ସାପ, କୁହୁକ ଘୋଡ଼ା ବିଷୟକ, ଘ)ଅପ୍ସରା, ଅସୁର, ଅସୁରୁଣୀ ବିଷୟକ, ଙ)ଦେବତା, ଭୂତପ୍ରେତ, ବେତାଳ, ଯକ୍ଷ ବିଷୟକ । ସାମାଜିକ ଜୀବନ ବିଷୟକ ଲୋକକାହାଣୀର ଅଧିକାଂଶ ଚରିତ୍ର ମାନବ ଶ୍ରେଣୀର । ଏଥିରେ ସମାଜର ବିଭିନ୍ନ ଶ୍ରେଣୀର ଚରିତ୍ରମାନେ ପ୍ରତିନିଧିତ୍ୱ କରନ୍ତି । ଯଥା:- ଖକ ଚଳେଇ, କଁଚନି ଝିଅ, ଭାଇଭଉଣି ଆଉ ପାଇକ, ଅଳସୁ ଆଉ ଖଣ୍ଡିଆ ପଣ୍ଡା ଇତ୍ୟାଦି ପ୍ରଧାନ । 'ଖକ ଚଳେଇ'ରେ ବାଥୁଡ଼ିମାନଙ୍କ କୃଷି ବ୍ୟତୀତ ଛେଳି, କୁକୁଡ଼ା ପାଳନ କରି ଅର୍ଥନୈତିକ ସ୍ଥିତିକୁ ସୁଦୃଢ଼ କରିବାର ଚିତ୍ର ସହ ପାରିବାରିକ ଚିତ୍ର ରହିଛି । ରାଜାମନ୍ତ୍ରୀ, ସାଧବ କଟୁଆଳ ବିଷୟକ ଲୋକକାହାଣୀରେ ସାଧବ ବୁଢ଼ାର ଚରିତ୍ର ଅନେକ ଦେଖିବାକୁ ମିଳୁଥିଲେ ବି ରାଜାମନ୍ତ୍ରୀମାନଙ୍କ ପୁତ୍ରମାନଙ୍କ ଭୂମିକା ମୁଖ୍ୟ ହେଲାପରି ସାଧବ ପୁଅଝିଅର ଚରିତ୍ରର ଭୂମିକା ମଧ୍ୟ ମୁଖ୍ୟ ହୋଇଥାଏ । ଯଥା:- 'ମାକଳ ଜାଉ ଖାଇଲା', 'ତିନ୍ ସଙ୍ଗାତ ଆଉ ଜେମାଦେଇ', 'ରାଜାପୁଅ ଆଉ ମନ୍ତରି ପୁଅ', 'ସୁଳସିଂ ରାଜା ଆଉ ମନ୍ତିରି', 'ସାହାଳା ସୁନ୍ଦରି', 'ବେନିଝୁମ୍ପାମାଳି ଝିଅ', 'ସାଦ୍‌ଝିଅ ରାଜାପୁଅ', 'ବିସ୍କେସ୍ମ', 'ନର୍ଶି ସରସଁତି ଆଉ କର୍ମା', 'ରାଜାପୁଅ ମନ୍ତରି ପୁଅ କଟୁଆଳ ପୁଅ', 'ରାଜାପୁଅ ଆଉ ମାଳତି କନ୍ୟା', 'ବଡ଼ାମ ପୁଅ ଆଉ ଅସୁରାଣି', 'ମୁଳାବତି କଥାଣି ଓ ମାଣିକ ରାଜା ବିଦାଧର ଆଉ ରଙ୍ଗବତି' ଇତ୍ୟାଦି ପ୍ରଧାନ । ଏହି ଗଳ୍ପଗୁଡ଼ିକରେ ଖାଦ୍ୟ ପଦାର୍ଥର ଚିତ୍ର, ପରଜନ୍ମରେ ବିଶ୍ୱାସ, ପ୍ରେମ ପାଇଁ ସନ୍ୟାସ ଜୀବନ, ପ୍ରେମର ଅବାଧ ମିଳାମିଶା, ସତୀଦାହ ପ୍ରଥାର ଚିତ୍ର, ଅତିଥି ସେବାର ଚିତ୍ର ସହ ସୁନ୍ଦର ସାଙ୍ଗୀତିକତାର ସମନ୍ୱୟ ସଂଘଟିତ ହୋଇଛି । ସାହାଳା ସୁନ୍ଦରୀ ଗଳ୍ପରେ ଯଥା:-

ISSN NO.
2582-208X

"ବାର ହାତ କେସ ମଇଳା ହେଲା ଗ
ଚୁଅକେ ଗାଧଇ ଜିବା ।
ନଇ ସରବର ଜିବାଗ ନଳିତା
ନଇ ସରବର ଜିବା
ନଇ ସରବର କି ପାଇଁ ଜିବାଗ
ଚୁଅକେ ଗାଧଇ ଜିବା ।''

ପଶୁପକ୍ଷୀ ବିଷୟକ ଗଳ୍ପରେ ଗଳ୍ପଗୁଡ଼ିକରେ ମୁଖ୍ୟ ଚରିତ୍ରରେ ଯେ କୌଣସି ପଶୁପକ୍ଷୀ ଦେଖାଦିଅନ୍ତି । ପଶୁପକ୍ଷୀ ଚରିତ୍ର ବ୍ୟତିତ ଅନ୍ୟାନ୍ୟ ଚରିତ୍ରର ମଧ୍ୟ ଏଥିରେ ସମାବେଶ ଘଟିଥାଏ । ଯଥାଃ- ସିଆଳ କୁକୁଳା, ଟିଣ୍ଟି ଚଳେଇ, ସିଆଳ ଖେଳିଆ, ଭାଲୁ ବାରା, ବାଘ ଆଉ ଚୁର ଓ ସାଧବ ଝିଅ ଆଉ ମାକଳ ଇତ୍ୟାଦି ପ୍ରଧାନ ।

ବାଥୁଡ଼ି ଜାତିର ଇଷ୍ଟଦେବ "ବଡ଼ାମ' ଠାକୁର । ତାଙ୍କ ମହିମା ବା "ବଡ଼ାମ ଠାକୁର' ସମ୍ପର୍କରେ ଅନେକ କିମ୍ବଦନ୍ତୀ ଶୁଣିବାକୁ ମିଳେ । 'ବଡ଼ାମ ବୁଢ଼ା ଓ ବଡ଼ାମ ବୁଢ଼ୀ' ଗଳ୍ପରେ ଦୁଇ ଚରିତ୍ର ମାନବ ସମାଜର ପ୍ରତୀକିତ କରେ । ପ୍ରଥମରେ ବାଥୁଡ଼ି ଜାତିର ବିଶ୍ୱାସ ଓ ମାହାତ୍ମ୍ୟ ତଥା ଲଙ୍ଗଳ ସହ ବଡ଼ାମର ଅବିଚ୍ଛେଦ୍ୟ ସମ୍ପର୍କ ଥିଲାବେଳେ ଦ୍ୱିତୀୟରେ ସମାଜରେ ଦେଖା ଦେଉଥିବା ଅଭାବ ବା କାହାକୁ ସନ୍ତୁଷ୍ଟ କରି ନ ପାରିବାର ମାନସିକତାର ଚିତ୍ର ପ୍ରକଟିତ ହୋଇଛି ।

ଯେତେବେଳେ ଲୋକସମୂହ କୌଣସି କଥାବୃତ୍ତକୁ ନାଟ୍ୟରୂପରେ ପ୍ରଦର୍ଶିତ କରନ୍ତି, ତାହାକୁ ଲୋକନାଟ୍ୟ କୁହାଯାଏ । ନୃତ୍ୟ, ସଂଗୀତ ଅଭିନୟ ଓ ବେଶଭୂଷାର ମିଳିତ ସଂଯୋଗରେ ଲୋକନାଟ୍ୟ ଅଗ୍ରସର ହୁଏ । ବାଥୁଡ଼ି, ଭୂୟାଁ, ସାଉନ୍ତି, ଖଡ଼ିଆ, ଶବର, ଜୁଆଙ୍ଗ ଓ ଲୋଧା ଏମାନଙ୍କ ମୁଖ୍ୟ ନୃତ୍ୟ ହେଉଛି ଚାଙ୍ଗୁ । ବ୍ରଜନାଥ ବଡ଼ଜେନା ଚାଙ୍ଗୁ ବାଦ୍ୟକୁ ବୀରବାଦ୍ୟ ବୋଲି କହିଛନ୍ତି । ଚାଙ୍ଗୁ ସଂପର୍କରେ ସାରଳା ଦାସଙ୍କ "ଚଣ୍ଡୀପୁରାଣ'ରେ ମଧ୍ୟ କୁହାଯାଇଛି । ଚାଙ୍ଗୁ ନାଚ କେବେ ସୃଷ୍ଟି ହେଲା କହିବା ସମ୍ଭବ ନୁହେଁ । ଚାଙ୍ଗୁ ନାଚର ଉତ୍ପତ୍ତିସମ୍ପର୍କରେ ଏକ ଲୋକକଥା ରହିଛି । ପର୍ବତ ଖୋଲରେ ଶିବ ଓ ପାର୍ବତୀ ଅବସ୍ଥାନ କରୁଥିବାବେଳେ ଚନ୍ଦ୍ରକୁ ଦେଖି ଦେବୀ ପାର୍ବତୀ ଆନନ୍ଦରେ ଅଧିର ହୋଇଗଲେ । ପାର୍ବତୀ, ଶିବକୁ ଏହି ଗୋଲାକାର ଚନ୍ଦ୍ରମା ପରି ଏକ ବାଦ୍ୟ ଆଣିଦେଲେ ବଜାଇ, ଗୀତ ଗାଇ ରାତ୍ରିଯାପନ କରିଥାନ୍ତେ ବୋଲି କହିଲେ । ଶିବ ତତକ୍ଷଣାତ୍ ବର ଓହଳକୁ ଗୋଲାକାର

ISSN NO.
2582-208X

କରି ସେଥିରେ ମାଙ୍କଡ଼ ଚମଡ଼ାରେ ଛାଉଣୀ କରି କେତୋଟି କିଳା ଦେବାରୁ ତାହା ଏକ ବାଦ୍ୟ ଯନ୍ତ୍ରରେ ପରିଣତ ହୋଇଗଲାଓ ଏହାର ନାମ "ଚାଙ୍ଗୁବାଦ୍ୟ' ହେଲା । ଚାଙ୍ଗୁ ବଜାଳି ବାମ ହାତରେ ଚାଙ୍ଗୁଧରି ଡାହାଣ ହାତରେ ବଜାଏ । ଡାହାଣ ହାତର ୪ ଆଙ୍ଗୁଠି ଚାଙ୍ଗୁବାଜାରେ ବାଜୁଥିବ । ଗୀତ ପଦେ ଗାଇ ଗାଇ ଶେଷ ବେଳକୁ ଆଉ ଗୋଟେ ତାଳରେ ଚାଙ୍ଗୁ ବଜେଇବ । ସେତେବେଳେ ଗୀତ ବନ୍ଦ ହେବ । ଯଥା:–

"ତାଲ୍ ଘେନ୍ତାଲ୍ ଘିନ୍ତା
ତାଲ୍ ଘେନ୍ତାଲ୍ ଘିନ୍ତା
ତାଗ୍, ତାଗ୍ ତାରାତା
ତା ଘେନ୍ତାଳ ଘିନ୍ତା।"

ବାଥୁଡ଼ି ପ୍ରଥମରେ ଦାସକାଠିଆମାନଙ୍କ ପରି ଶିରି ରାମ ରାମରେ ଗୋବିନ୍ଦ ରାମ ରାମ ବୋଲି ଶ୍ରୀ ରାମକୁ ସ୍ମରଣ କଲା ପରେ, ବାସୁଳି, ଚନ୍ଦ୍ରସୂର୍ଯ୍ୟ, ଧର୍ମଦେବତା, ସାହାଡ଼ା ସୁନ୍ଦରୀ, ରାମାୟଣ, ମହାଭାରତ ଉପାଖ୍ୟାନ ଇତ୍ୟାଦିକୁ ଚାଙ୍ଗୁରେ ଗୀତ ଗାଏ । ବାଥୁଡ଼ିଙ୍କ ଚାଙ୍ଗୁଗୀତ ଓ ନାଚ ସମ୍ପର୍କରେ କୁଞ୍ଜବିହାରୀ କହନ୍ତି – "ମୟୂର ଭଞ୍ଜରେ କର୍ମାନାଚ, ଜୁଆଙ୍ଗନାଚ, ଦାସଂ ନାଚ, କାଠି ନାଚପରି ଚାଙ୍ଗୁ ନାଚ ପ୍ରସିଦ୍ଧ । କେଉଁଝରର ଜୁଆଙ୍ଗ ପରି ବାଥୁଡ଼ିଙ୍କର ଏହା ଗୋଟିଏ ଜାତିଆଣ ନାଚ । ପ୍ରତ୍ୟେକ ନାଚୁଆଙ୍କ ହାତରେ ଗୋଟିଏ ଚାଙ୍ଗୁ ଥାଏ । ଆକାରରେ ବୃହତ । ଏହା ଖାଲି ହାତରେ ବଜାଯାଏ । କାଠି ବ୍ୟବହୃତ ହୁଏ ନାହିଁ । ପୁରୁଖା ଗାୟକମାନେ ଗୀତ ଗାଆନ୍ତି । ଅନ୍ୟମାନେ ପାଳି ଧରନ୍ତି । ବୃତ୍ତାକାରରେ ଏମାନେ ନୃତ୍ୟ କରନ୍ତି । ବଡ଼ାମ ଠାକୁର ବାଥୁଡ଼ିଙ୍କ ଇଷ୍ଟ ଦେବତା । ଧାନ ପାଚିଲା ପରେ ନୂଆ ଚାଉଳର ଚୁଡ଼ା, ଖିରୀ ଠାକୁରଙ୍କୁ ଭୋଗ ଦିଆଯାଏ । ନୂଆ ଫସଲ ଆମଦାନୀର ନୈଷ୍ଟନ୍ତ୍ୟରେ ଭୋଳ ହୋଇ ବାଥୁଡ଼ି ନୃତ୍ୟ କରେ ।'' ଚାଙ୍ଗୁଗୀତରେ ପ୍ରଥମେ ବଡ଼ାମ ବନ୍ଦନା ଓ ପରେ ଅନ୍ୟାନ୍ୟ ଦେବଦେବୀ ବନ୍ଦନା ସହିତ ସାମାଜିକ କଥାବସ୍ତୁ, ପୌରାଣିକ କଥାବସ୍ତୁ, ଐତିହାସିକ କଥାବସ୍ତୁର ଉଲ୍ଲେଖ ହୋଇଥାଏ । ବେଳେବେଳେ ଚାଙ୍ଗୁ ବଜାଳିମାନେ ଆଧୁନିକ ଭଜନକୁ ବଡ଼ାମଙ୍କ ନାମରେ ଅନୁକରଣ କରି ଗାଇଥା'ନ୍ତି, କିନ୍ତୁ ବଡ଼ାମ ପୂଜା ସ୍ଥଳୀ ହେଉ କିମ୍ବା ଅନ୍ୟାନ୍ୟ ସ୍ଥଳରେ ପ୍ରାୟତଃ ସର୍ବତ୍ର "ସିରିରାମ ରାମ ତଳେ ସିରିରାମ ରାମ' ଗୀତଟି ଦେଖିବାକୁ ମିଳେ । ଏହା ସହିତ ସ୍ଥିତିର ଘଟଣାଗୁଡ଼ିକ ମଧ୍ୟ ଚାଙ୍ଗୁ ବଜାଳିଠାରୁ ପୃଥକ ହୋଇପାରେନା । ଏହା ଭିତରେ ସେ ବଡ଼ାମ ବନ୍ଦନା ସହିତ

ISSN NO.
2582-208X

ଦେବୀ ଦୁର୍ଗାଙ୍କୁ ମଧ୍ୟ ବନ୍ଦନା କରେ । ବନ୍ଦନା କରୁ କରୁ ମହାଭାରତର ପ୍ରବାଦକୁ ମଧ୍ୟ ଛାଡ଼ି ଦିଏନି । ସେ ଗାଏ –

"ବନ୍ଦୁଛି ଦେବି ଦୁର୍ଗା ବନ୍ଦୁଛି ଦେବି ଦୁର୍ଗା କର ସୁଦୟା ଯେ ନାମ ଅଭୟ
ଆଉ କିଚକ ବାହୁବଳ ବିରାଟ ଗଳ ହେ କିଚକ ବାହୁବଳ ବିରାଟ ଗଳ ।"

ବଡ଼ାମ ବନ୍ଦନା ସହ ମହାଭାରତର ଉପଖ୍ୟାନକୁ ସୁନ୍ଦର ଭାବେ ଚିତ୍ରଣ କରିବାରେ ବାଥୁଡ଼ି ସିଦ୍ଧହସ୍ତ ।

ସିଏ ରାମ, ସିଏ କୃଷ୍ଣ, ସିଏ ବଳରାମ, ସିଏ ପୁଣି ବଡ଼ାମ ଠାକୁର । ବଡ଼ାମ ହେଉଛନ୍ତି ସର୍ବଦେବତା । ସର୍ବଦେବତାଙ୍କ ବନ୍ଦନା କରୁ କରୁ ଅନ୍ୟାନ୍ୟ ଗୀତ ମଧ୍ୟ ବଜାଳି ଗାଏ । ଯୁବତୀକୁ ନେଇ ଗାଏ –

"ଚାଙ୍ଗୁ ବାଜେ ଘାଉଁ ଘାଉଁ ନାନିଲ ମର
ଚାଙ୍ଗୁ ବାଜେ ଘାଉଁ ଘାଉଁ ନାନିଲ ମର
ଖାଇବେ ମାଇଁସ ଟେଳେ ନାନିଲ ମର
କାଲିକେ ଆସିବେ ଚାହା ଖାଇ ନାନିଲ ମର ।"

ବର୍ଷସାରା ବାଥୁଡ଼ି କିଛି ନା କିଛି କାମରେ ନିୟୋଜିତ ଥାଏ । ସେ କ୍ଳାନ୍ତ ହୁଏନି । ହିନ୍ଦୁ ଧର୍ମର ଦେବଦେବୀଙ୍କୁ ମଧ୍ୟ ସେ ପୂଜା କରେ । ସେଥିପାଇଁ ବଡ଼ାମକୁ ସେ ବଳରାମ ଠାକୁର, ରାମ ଓଜଗନ୍ନାଥ ଠାକୁର ସହ ମିଶେଇ ଦିଏ । ଶ୍ରାବଣ ମାସରେ ଧାନ ବିଲ ରୁଆ ବିହିଡ଼ା ହୁଏ । ବାଥୁଡ଼ି ନାରୀ କେବେ ବସି ପାରେନି । ଚାଙ୍ଗୁ ଗୀତରେ ସେ ଗାଏ –

"ଇନ୍ଦିର ଦେବତା ଢାଳିଦେଲା ମେଘ
ବିଲରେ ନାଗିଲା ପାଣି
ଧରା ସିରାବଣ ରୁଆ ବିହିଡ଼ା ଲ
ମାସ ହେଲା ନେଉଟାଣି ।"

ପ୍ରବାଦ ସହ ବ୍ୟକ୍ତିର ଜୀବନ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ବେଳେବେଳେ ଅନ୍ୟ ଗୋଷ୍ଠୀ, ଅନ୍ୟ ଭାଷା ଓ ଅନ୍ୟ ଅଞ୍ଚଳରୁ ପ୍ରବାଦଗୁଡ଼ିକ ଆସିଯାଇ ମାଟିପାଣି ପବନରେ ଏପରି ମିଶିଯାଇଥାଏ ଯେ, ତାକୁ ସେହି ଗୋଷ୍ଠୀ ନିଜର ବୋଲି ଦାବି କରନ୍ତି । ତେଣୁ ପ୍ରବାଦ

ISSN NO.
2582-208X

କାହାରି ନିଜସ୍ୱ ସୃଷ୍ଟି ନୁହେଁ । ଏଗୁଡ଼ିକ ସତ୍ୟମୂଳକ ଉକ୍ତି ବା ସତ୍ୟବଚନ ଉପରେ ଆଧାରିତ ହୋଇଥାଏ । ଏହା ପରମ୍ପରାଗତ ଅଭିଜ୍ଞତାଭି ଠିକ ରୂଢ଼ ଚେତାବନୀ ବା ଉପଦେଶ ହୋଇଥାଏ । ପ୍ରବାଦ ପଦ୍ୟାତ୍ମକ ହୋଇ ରୂପକ ଭାବରେ ସଂକ୍ଷିପ୍ତ ଓ ସିଧାସଳଖ ମଣିଷ ମନରେ ଜମାଟ ବାନ୍ଧେ । ଏଥିରେ କଥା ସମ୍ବଳିତ ଉକ୍ତି ବା କାହାଣୀ ବଚନ ରହିଥାଏ । ଜନଶ୍ରୁତି, କିମ୍ବଦନ୍ତୀ ବା କଥା ସମ୍ବଳିତ ଉକ୍ତି ଦ୍ୱାରା ଏହା ସମୃଦ୍ଧ । ଓଡ଼ିଆରେ ଅନେକ ପ୍ରବାଦ ଦୃଷ୍ଟିଗୋଚର ହୋଇଥାଏ । ଯଥା:–ଝିମିଟି ଖେଳରୁ ମହାଭାରତ, ତିରିଲା ବୁଦ୍ଧିରେ ମହାପ୍ରଭୁ ଖଣ୍ଡିଆ, ବଂଶମରା ଡାହୁକ, ବ୍ରହ୍ମ ବିଳିବିଳେଇଲେ ବେଦ । ବାଥୁଡ଼ିପ୍ରବଣ ଅଞ୍ଚଳରେ ମଧ୍ୟ ଏହି ପ୍ରବାଦଗୁଡ଼ିକର ଆଦର ଅଧିକ । ବାଥୁଡ଼ି ପ୍ରବାଦ ଗୁଡ଼ିକ ଯଥା:–'ସଜ ହେଉ ହେଉ ପେଚା ରଜା', 'ଧୁବାଧୁବୁଣି କଳିରୁ ରାମରାଜ୍ୟ ନଷ୍ଟ', 'ଛ' କାଣ୍ଡରୁ ସାତକାଣ୍ଡ', 'ରାଗରେ ରାବଣ ମରେ' ଇତ୍ୟାଦି ପ୍ରଧାନ ।

ପ୍ରବଚନଗୁଡ଼ିକ ମଧ୍ୟ ପ୍ରବାଦ ପରି ପଦ୍ୟାତ୍ମକ ରୂପକ, ସଂକ୍ଷିପ୍ତ ଓ ସିଧାସଳଖ ହୋଇଥାଏ । ଏହା ଜନଗୋଷ୍ଠୀର ଅନୁଭୂତି ପ୍ରସୂତ ଓ ପରମ୍ପରାଗତ ଉପଦେଶ ଦ୍ୱାରା ସୃଷ୍ଟି। ସତ୍ୟ ବଚନ ଉପରେ ଆଧାରିତ ଏହି ପ୍ରବଚନ କିନ୍ତୁ ବୈଜ୍ଞାନିକ ଭିତ୍ତିକ ସତ୍ୟ ଉପରେ ଆଧାରିତ ମଧ୍ୟ ହୋଇ ନଥାଏ ।

ଏହି ପ୍ରବଚନଗୁଡ଼ିକର କୌଣସି ପଦ ନିରର୍ଥକ ନୁହେଁ । ପ୍ରତ୍ୟେକ ପଦର କିଛି ନା କିଛି ଅର୍ଥ ରହିଛି । ସମାଜର ମଙ୍ଗଳ କାମନାରେ ବ୍ରତୀଥିବା ପ୍ରବଚନଗୁଡ଼ିକ କୌଣସି ପ୍ରତିଭାବାନ ବ୍ୟକ୍ତି ଦ୍ୱାରା ସୃଷ୍ଟି ହୋଇ ଲୋକସମାଜରେ ଆହୃତ ହୋଇପାରିଛି । ଧାର୍ମିକ ବିଶ୍ୱାସ ସହ ପ୍ରବଚନ ଲୋକବିଶ୍ୱାସ ଉପରେ ପର୍ଯ୍ୟବେସିତ । ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ଲୋକଙ୍କୁ ସୁସଂଗଠିତ କରିବା, ଏକିଭୂତ କରିବା ପାଇଁ ପ୍ରବଚନର ଆବଶ୍ୟକତା ରହିଛି । ବାଥୁଡ଼ି ପ୍ରବଚନଗୁଡ଼ିକ ମଧ୍ୟ ନିଜସ୍ୱ ବାଥୁଡ଼ି ଲୋକଙ୍କ ଦ୍ୱାରା ସୃଷ୍ଟି ବୋଲି ପ୍ରମାଣସିଦ୍ଧ କୁହାଯାଇ ନ ପାରେ । ବେଳେବେଳେ ଅଧିକାଂଶ ପ୍ରବଚନ ଓଡ଼ିଆରେ ବହୁଳ ପରିମାଣରେ ପ୍ରଚଳିତ ହେଉଥିଲେ ମଧ୍ୟ ତାକୁ ବାଥୁଡ଼ି ନିଜ ମୌଖିକ ଭାଷା ଅନୁଯାୟୀ ପ୍ରୟୋଗ କରିଛି । ତୁଳନାତ୍ମକ ପ୍ରବଚନ ଯଥା:– ""ଧାନ ଭିତରେ ଝଳା, ମଣିଷ ଭିତରେ ବାଳୁଙ୍ଗା'', ""ଉଷା କରିନେ ବେଳ ବୁଡ଼ଇ, ଘର କରିନେ ହାଡ ଭାଙ୍ଗଇ ।'' ପାରିବାରିକ ପ୍ରବଚନ ଯଥା:– "ବାହା ନ ହେଉଣୁ କଟିଏ ଥାଳି,ବାହା ହେନେ ଭାଇ ନାଗନ୍ତି କଳି ।'' ଜାତି ଭିତ୍ତିକ ପ୍ରବଚନ ଯଥା:– ""ଓଡ଼ିଆ ପରବେ ଉଡ଼ଇ ଟଙ୍କା, ଜାତିର ପରବେ ମୁହଁ ଜେ

ISSN NO.
2582-208X

ବଙ୍କା ।'' ପର୍ବପର୍ବାଣି ସମ୍ବନ୍ଧୀୟ ପ୍ରବଚନ ଯଥାଃ- "ଗୁଟେ ପରବକୁ ପା ଟା ମେଢ଼,ମୁଇଁ ବଡ଼ ବଲି ଆପସେ ନଢ ।'' ଲୋକ ବିଶ୍ୱାସମୂଳକ ପ୍ରବଚନ ଯଥାଃ- "ସକାଳ ମେଘ ମେଘ ନୁହେଁ, ସକାଳ କୁଣିଆ କୁଣିଆ ନୁହେଁ ।'' ଇତ୍ୟାଦି ପ୍ରଧାନ ।

ଢଗଢମାଳି ପୂର୍ଣ୍ଣତଃ ପଦ୍ୟାତ୍ମକ । ଏଥିରେ ପ୍ରଥମ ପାଦଟି ଅନେକ କ୍ଷେତ୍ରରେ ନିରର୍ଥକ । ଗାଁର ବ୍ୟକ୍ତିଟିଏ ନିଜ ସହ ଅନ୍ୟର ପରିଚୟ କାକା, ଖୁଡ଼ି, ଜେଜେ ବାପା, ଜେଜେ ମା, ମାମୁମାଇଁ, ଭଣଜା ଭାଣିଜୀ, ଝିଆରୀ ପୁତୁରା ଇତ୍ୟାଦି ବିଭିନ୍ନ ସମ୍ପର୍କରେ ସେ ବନ୍ଧା ବିଶେଷ କରି ଭାଉଜ, ଜେଜେ ବାପା, ଜେଜେ ମା, ଶାଳୀ, ନଣନ୍ଦ, ଭାଇଙ୍କ ଶାଳୀ ଓ ଭାଉଜଙ୍କ ଭଉଣୀ, ଭଉଣୀଙ୍କ ନଣନ୍ଦ ସହ ଥଟ୍ଟା ମଜା ବାଥୁଡ଼ି ହୋଇପାରେ । ଏହାକୁ ବାଥୁଡ଼ି ଭାଷାରେ "ହୁରିଆ ହେବା' କୁହନ୍ତି । ଏହି "ହୁରିଆ ହେବା' ଭିତରେ ଢଗଢମାଳିର ଆଦର ବେଶି । ଏଠି ଆଉ କୌଣସି ଶ୍ଳୀଳ ଓ ଅଶ୍ଳୀଳର ଅସଙ୍ଗତି ବେଳେବେଳେ ଦେଖାଯାଏନି । ନିଜ ଜେଜେ ବାପା, ଜେଜେ ମା', ନିଜ ଭାଉଜ, ଶାଳୀ ଅପେକ୍ଷା ପଡ଼ୋଶୀ ଭାଉଜ, ଶାଳୀ, ଜେଜେମା' ଓ ଜେଜେ ବାପାକୁ ସେ ବେଶି ହୁରିଆ କରେ । ପ୍ରାୟତଃ ଏହି ଢଗଢମାଳିକୁ ହିଁ ଅଧିକାଂଶ ଛଟା ବୋଲି ଗ୍ରହଣ କରନ୍ତି । ବାଥୁଡ଼ି ମଧ୍ୟ ଢଗଢମାଳିକୁ ଛଟା ବୋଲି ଚିତ୍ରଣ କରେ । ସାମାନ୍ୟ ଲୋକ ଦେଖେଇ ହେଲେ ଛଟା-"ସାଗକୁ ଛୁଇଁନେ ସାଗ କହେ ଗଲା ମ ଜାତି, ମନେ ମନେ ଭାବେ ବଡ଼ ଘରି ବହୁ ହୁଅନ୍ତି ।''ପ୍ରେମିକାଟିଏ ପୂର୍ବତନ ପ୍ରେମିକା ପାଇଁ ଛଟା ଖଂଜେ-"ରସ ରସିଆ ପଣସ କସିଆ,ରସିଥିଲା ଦିନା କେତେରେ, ରସ ଭିତରେ ଭଅଁର ପସିଲା, ଆଉ କି ରସିବି ତତେ ।''ସହନଶୀଳ ନାରୀକୁ ଦେଖି ଲୋକକବି କୁହେ- "ପୁଖୁରି ହିଡ଼ରେ ନିମ୍ବଗଛ ଖଣ୍ଡେ,ବାଆ ଦୁଲୁ ଦୁଲୁ ବହୁଛି,ଅଡ ଲହସି ମୁରୁକି ହସା, ତ ଦିହ ବଲି ସହିଛି ।'' ଇତ୍ୟାଦି ଅନେକ ଢଗଢମାଳି ଉପଯୁକ୍ତ ପରିବେଶ ଆସିଲେ ଲୋକକବି ଖଂଜିଦିଏ ।

ନାଁ ଦିଆକୁ କେହି କେହି ଧନ୍ଦା, ପହଳି, ପ୍ରହେଳିକା, ବଖାନୀ, କୂଟପ୍ରଶ୍ନ ବା କୌତୁକ ପ୍ରଶ୍ନ ବୋଲି କହନ୍ତି । ପଶ୍ଚିମ ଓଡ଼ିଶାରେ ନାଁଦିଆକୁ "ବଖାନି' ବୋଲି କହିଥା'ନ୍ତି । ଖାଦ୍ୟ, ଘରକରଣା, ବସ୍ତୁ ବିଭିନ୍ନ ପ୍ରାଣୀ, ପ୍ରକୃତି, ଅଙ୍ଗପ୍ରତ୍ୟଙ୍ଗ ଓ ନାନା ବିଷୟକୁ ନେଇ ନାଁ ଦିଆ ପରିକଳ୍ପିତ ହୋଇଥାଏ । ବାଥୁଡ଼ି ସମାଜରେ ନାଁଦିଆକୁ ହିଁ ଲୋକେ ଢଗ ବୋଲି ବିବେଚନା କରନ୍ତି । ବାଥୁଡ଼ି ନାଁ ଦିଆ ଯଥାଃ-ବୁଣିଲି କୁଳୁଥ ଉଠିଲା ବିରି, ଫଳ ଫଳିଲା ବେଲ, ପଣ୍ଡିତକୁ କହିନେ, ଛଅ ମାସ ବୁଝିଲା,ମୂର୍ଖ ବୁଝିଲା ଗେହ୍ଲ । (ବାଇଗଣ )। ଏକ ଚରଣ ନାଁ

ISSN NO.
2582-208X

ଦିଆ ଯଥା:- ଗୁଟେ ଖୁଣ୍ଟରେ ଗୁଟେ ଘର (ଛତା)I ଅଶ୍ଳୀଳ ମନେ ହେଉଥିବା ନାଁଦିଆ ମଧ୍ୟ ବାଥୁଡ଼ି ସମାଜରେ ପ୍ରଚଳିତ, ଯେଉଁଥିରେ ତା'ଭିତର ଅର୍ଥ ଅଶ୍ଳୀଳ ନୁହେଁ । ବାଥୁଡ଼ି ଲୋକଗୀତ, କାହାଣୀ, ନୃତ୍ୟ, ପ୍ରବାଦ, ପ୍ରବଚନ, ଢଗଢମାଳି, ନାଁଦିଆ ଗୁଡ଼ିକରେ ନିଜ ଜୀବନର କଥା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କୁହାଯାଇଛି ।

ସୂଚୀପତ୍ର

୧ . ମହାପାତ୍ର, ଶ୍ୟାମସୁନ୍ଦର, 'ଲୋକ ସାହିତ୍ୟ ତତ୍ତ୍ୱ', ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, ୧ମ ପ୍ରକାଶ-୧୯୯୫, ୨ୟ ସଂ - ୨୦୧୧ ।

୨ . ଦାସ, ଡ. ହେମନ୍ତ, 'ଓଡ଼ିଆ ଲୋକ ନାଟକ', ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ, ୧ମ ପ୍ରକାଶ -୧୯୮୩ ।

୩ . ଗାଁଣ, ଅନାଦି ଚରଣ, 'ଲୋକ ସାହିତ୍ୟର ରୂପରେଖ' ମିତା ବୁକ୍ସ, ବାଙ୍କା ବଜାର, କଟକ, ୨ୟ ସଂ-୨୦୧୩I

୪ . ନାଏକ, ରବୀନ୍ଦ୍ର ନାଥ, ନାଏକ ଗୌରହରି (ସଂପାଦନା), "ବଡ଼ାମ ପୁରାଣ'I

୫. ମହାନ୍ତ, ଡ. ପଦ୍ମଲୋଚନ, 'କେନ୍ଦୁଝର ଲୋକ ସାହିତ୍ୟ : ଏକ ଦୃଷ୍ଟିପାତ' । "ଲୋକ ସାହିତ୍ୟ ଗବେଷଣା', ୧ମ ପ୍ରକାଶ - ୧୯୮୨ ।

୬. ଦାଶ, କୁଞ୍ଜବିହାରୀ, ପଲ୍ଲିଗୀତି ସ ୟନ, ଓଡ଼ିଶା ବୁକ୍ ଷ୍ଟୋର, କଟକ - ୨, ପ୍ରକାଶ କାଳ - ୨୦୦୩ ।

୭. ଶତପଥି , ଡ. ରବୀନ୍ଦ୍ର କୁମାର, (ସମ୍ପାଦନା ) 'ବାଥୁଡ଼ି ଲୋକ ସାହିତ୍ୟ', ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ , ଭୁବନେଶ୍ୱର, ୨୦୦୦ I

୮. ଶତପଥି, ଡ. ରବୀନ୍ଦ୍ର କୁମାର ,(ସମ୍ପାଦନା ) 'ବାଥୁଡ଼ି'', ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ, ଭୁବନେଶ୍ୱର, ୧୯୯୨ I

ISSN NO.
2582-208X

୯ . ଅଠର ଦେଉଳ, ବାଥୁଡ଼ି ସାଂସ୍କୃତିକ ସମାଜ, କଟକ ଶାଖା, ୨୦୦୨ ।

୧୦. ମହାପାତ୍ର, ପ୍ରଫେସର ଡ. ଖଗେଶ୍ୱର, 'ଓଡ଼ିଆ ଲିପି ଓ ଭାଷା', ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ କଟକ, ୨୦୧୪ ।

(((-)))

ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ସରକାରୀ ମହିଳା ମହାବିଦ୍ୟାଳୟ, କେନ୍ଦୁଝର
ମୋବାଇଲ - ୭୮୯୪୧୭୩୨୭୦
rushinath143@gmail.com

ISSN NO.
2582-208X

# ଭାବ ଭଙ୍ଗୀର ଅମୃତ କଥା



ଇତିଶ୍ରୀ ମେହେର

ଓଡ଼ିଶୀ ନୃତ୍ୟ ଓ ଗୁରୁ ପରମ୍ପରା
ଝଙ୍କାରେ ଝଙ୍କାରେ ନୂପୁରର ସ୍ୱର,
ଓଡ଼ିଶୀ ନାଚରେ ଜଗତ ଚକିତ ହୁଏ ଥରକୁ ଥର ।
ଭାବ ଓ ଭଙ୍ଗୀରେ ଫୁଟେ ଜୀବନ୍ତ କଳା
ଭକ୍ତିରେ ଅର୍ପିତ ଏହି ସୁନ୍ଦର ଲୀଳା ।
କେଳୁଚରଣ ଯେ କଳାର ସୂର୍ଯ୍ୟ
ଓଡ଼ିଶୀକୁ ଦେଲେ ସେ ନୂଆ ଏକ ଧୈର୍ଯ୍ୟ ।
ତାଙ୍କରି ହାତରେ ସଜେଇ ହେଲା ଏ ବେଶ
ବିଶ୍ୱ ଦରବାରେ ଗାଇଲେ ଓଡ଼ିଶାର ଯଶ ।
ସାଥେ ଥିଲେ ତାଙ୍କର ପ୍ରିୟା ଲକ୍ଷ୍ମୀପ୍ରିୟା
ପ୍ରଥମ ନର୍ତ୍ତକୀ ସେ, ସ୍ନେହର ସେ ଛାୟା ।
ମଞ୍ଚରେ ସେ ସାଜି ପ୍ରଥମ ଶିଳ୍ପୀ
ନୂଆ ଏକ ଯୁଗର ଗଲେ ସେ ଗାର ଲିପି ।
ଦୁହିଁଙ୍କ ତ୍ୟାଗ ଓ ନିଷ୍ଠାର ଏ ଫଳ
ଓଡ଼ିଶୀ ନୃତ୍ୟ ଆଜି ଅଟେ ସୁନିର୍ମଳ ।
ଗୁରୁ ଗୁରୁମାଙ୍କୁ କୋଟି ଦଣ୍ଡବତ
ଅମର ରହିବ ତାଙ୍କର ଏହି କୀର୍ତ୍ତି ଶାଶ୍ୱତ ।

(((-)))

ଯୋଗିବାହାଲ,ନୂଆପଡ଼ା

ISSN NO.
2582-208X

# ନାଟ୍ୟକାର ନାରାୟଣ ସାହୁଙ୍କ 'ଶେଷକଥା' ନାଟକରେ ଚରିତ୍ରାନୁଶୀଳନ



ଡ. ଦୟାନିଧି ପରିଡା

୧୯୬୦ ପରବର୍ତ୍ତୀ ସମୟରେ ଓଡ଼ିଆ ନାଟ୍ୟ ଜଗତରେ ଯେଉଁ କେତେଜଣ ନାଟ୍ୟକାରଙ୍କ ନାମ ପ୍ରଥମତଃ ସ୍ମରଣକୁ ଆସେ ସେମାନଙ୍କ ମଧ୍ୟରୁ ନାଟ୍ୟକାର ନାରାୟଣ ସାହୁ ଅନ୍ୟତମ ଅଟନ୍ତି । ସାମାଜିକ ସମସ୍ୟା ଓ ତା'ର ବିବିଧ ଦିଗକୁ ଅନୁସରଣ କରି ସେ ନାଟକଗୁଡ଼ିକର ବିଷୟବସ୍ତୁକୁ ଗଢ଼ିତୋଳନ୍ତି। ଅନୁଭବୀ ଘଟଣା ହେଉ କିମ୍ବା ସଂଗୃହୀତ ସମ୍ବାଦ ସବୁଥରୁ ସେ ନିର୍ବାଚିତ କରିପାରନ୍ତି ତାଙ୍କର ନାଟକ ନିମନ୍ତେ ବିଷୟବସ୍ତୁ। ଅଧ୍ୟାପନା ଜୀବନରୁ ଅବସର ନେବାପରେ ମଧ୍ୟ ସେ ନାଟକ ରଚନା କ୍ଷେତ୍ରରେ ବିରତି ନେଇନାହାନ୍ତି। ଓଡ଼ିଆ ସାହିତ୍ୟ କ୍ଷେତ୍ର ପାଇଁ କେବଳ ନାଟକ ନୁହେଁ, ନାନାବିଧ ସମାଲୋଚନା ଗ୍ରନ୍ଥ ଓ ଗବେଷଣାର ବିବିଧ ଦିଗକୁ ସେ ଉନ୍ମୋଚନ କରି ପାରିଛନ୍ତି। ତାଙ୍କଦ୍ୱାରା ରଚିତ ଲେଖାଗୁଡ଼ିକ ଯଥା:

ସମାଲୋଚନା : ପ୍ରାଚୀନ ଭାରତୀୟ ସାହିତ୍ୟ, ଓଡ଼ିଆ ସାହିତ୍ୟର ବିଭିନ୍ନ ଧାରା, ଓଡ଼ିଆ ସାହିତ୍ୟର ସାମାଜିକ ଓ ସାଂସ୍କୃତିକ ଇତିହାସ, ନାଟ୍ୟତତ୍ତ୍ୱ, ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକ ମଞ୍ଚ ଓ ନାଟକରେ କଳା କୌଶଳ ଇତ୍ୟାଦି।

ନାଟକ : ଆଶ୍ରା ଖୋଜି ବୁଲୁଥିବା ବରଶ୍ୱର, କାହାଣୀ ସବା ଶେଷଲୋକର, ଉପାସନା, ସୁବର୍ଣ୍ଣ ସକାଳ, ପୁନଶ୍ଚ ସଂଗ୍ରାମ, ଅଧାଦେଖା ସ୍ୱପ୍ନ, ମୂକ, ଏକାନ୍ତ ଅନୁଭବ ନିଆରା ନାଟକ, ଶେଷକଥା, ମୃଷା ଇତ୍ୟାଦି।

ISSN NO.
2582-208X

'ଶେଷକଥା' ନାଟକ ଏକ କଳାକାର ଜୀବନର ଦିଗ ବିଦିଗକୁ ଆଧାର କରି ଗଢିଉଠିଛି । ନାଟ୍ୟକାର ସାହୁ ନାୟକ ସନ୍ତୋଷ ଚୌଧୁରୀଙ୍କୁ କେନ୍ଦ୍ର କରି ଘଟଣାଗୁଡ଼ିକୁ ଆଗେଇ ନେଇଛନ୍ତି। ଯାତ୍ରା କଳାକାର ଭାବରେ ପରିଚିତ ପାଇଥିବା ସନ୍ତୋଷ ଚୌଧୁରୀ ଜୀବନରେ ଆସିଛନ୍ତି ଦୁଇଟି ନାରୀ ଜଣେ ସରସ୍ୱତୀ ଓ ଅନ୍ୟଜଣେ ଶ୍ରଦ୍ଧା। ନାଟକଟିର ଆରମ୍ଭରୁ ସଂଯୋଜକ ଚରିତ୍ର ହିସାବରେ ନାଟ୍ୟକାର ଯତୀନକୁ ଅବତାରଣା କରିଛନ୍ତି। ଦର୍ଶକଙ୍କ ସହ ନାଟକର ବିଷୟବସ୍ତୁକୁ ତା'ରି ମାଧ୍ୟମରେ ଅବଗତ କରାଇଛନ୍ତି। ନାୟକ ସନ୍ତୋଷ ଚୌଧୁରୀ କିପରି ଏକ ଯାତ୍ରାପାର୍ଟି ଗଢ଼ି ପ୍ରତିଷ୍ଠିତ ହୋଇଥିଲେ। ସେଥିରେ ନାୟକ ମଧ୍ୟ ହେଉଥିଲେ। କିନ୍ତୁ ବର୍ତ୍ତମାନ ସେ କେମିତି ବୟସର ଛାପ ହେତୁ ଯାତ୍ରାପାର୍ଟିଙ୍କ ନିକଟରେ ଅବହେଳିତ ହୋଇଛନ୍ତି। ଏସବୁକୁ ଦେଖ୍ ସହିପାରିନାହିଁ ପଦୁ। ଏବଂ ଅଭିନୟ କରୁଥିବା ପଦୁ ମଧ୍ୟ ଯାତ୍ରାକୁ ଭଲ ପାଉଥିବା ଚରିତ୍ରଟିଏ । ସେ ସଂସାରର ଗୁଜୁରାଣ ମେଣ୍ଟାଇବାପାଇଁ ଯାତ୍ରା ପାର୍ଟିରୁ ବାହାର ହେବାପରେ ନିମନ୍ତେ ଦୋକାନଟିଏ କରି ସିଛି। ତା'ରି ନିକଟରେ ଟିକିଲି ନାମକ ଶିଶୁ ଚରିତ୍ରଟିଏ ରହୁଛି। ଏହି ଚରିତ୍ରଟି ଗୌଣ ହେଲେ ମଧ୍ୟ ନାଟକରେ ଏକ ପ୍ରତୀକାତ୍ମକ ଚରିତ୍ର ଭାବରେ ଛିଡ଼ା ହୋଇଛି। ପାରିବାରିକ ଚିତ୍ର କ୍ଷେତ୍ରରେ ସନ୍ତୋଷ ଚୌଧୁରୀଙ୍କ ପରିବାରକୁ ସ୍ଥାନିତ କରାଯାଇଛି। ଚୌଧୁରୀ ବୁଢ଼ା, ପ୍ରକାଶ, ସିଲୁ, ବେବି, ଶ୍ରଦ୍ଧା, ସରସ୍ୱତୀ, ଭଳି ଚରିତ୍ରଗୁଡ଼ିକୁ ଅବତାରଣା କରିଛନ୍ତି। ପ୍ରଥମ ସ୍ତ୍ରୀ ପାଗଳିନୀ ହେବାପରେ ଶ୍ୱଶୁର ଚୌଧୁରୀ ବୁଢ଼ା ମନରେ ଦୁଃଖ ଜାତ ହୋଇଛି। ଘରଟି ପୁରୁଣା ହେଲେ ମଧ୍ୟ ଏକ ପାରମ୍ପରିକତାର ପ୍ରତିନିଧ ହୋଇ ଛିଡ଼ା ହୋଇଛି। କିନ୍ତୁ ଯତୀନ ଚରିତ୍ର ମାଧ୍ୟମରେ ଘରଟିକୁ ଏକ ଷ୍ଟୁଡ଼ିଓ କରିବା ନିମନ୍ତେ ଯୋଜନା କରିଛନ୍ତି । ଘରଟିକୁ ବିକ୍ରିକରି ଦେବାର ଉଦ୍ଦେଶ୍ୟରେ ପ୍ରକାଶ ଏବଂ ସିଲୁକୁ ଅର୍ଥଲୋଭ ଦେଖାଇଛନ୍ତି। ଏହି ସମୟରେ ଅନୁରାଗ ଯେ କି; ଶ୍ରଦ୍ଧାର ଭାଇ ଆସିଛି ଚୌଧୁରୀଙ୍କ ଘରକୁ । ଶ୍ରଦ୍ଧାର ଖବର ନେଇ ଆସିଛି। ବେବି ଏକ ଆଧୁନିକ ନାରୀ ଚରିତ୍ର ଭାବରେ ଅବତାରିତ ହୋଇଛି। ପ୍ରକାଶ ସହ ପ୍ରେମ ସମ୍ପର୍କ ଏବଂ ବିବାହର ପରବର୍ତ୍ତୀ ସମସ୍ୟାକୁ ନାଟ୍ୟକାର ଦର୍ଶାଇଛନ୍ତି। କାହିଁକି ନା ବେବି ହେଉଛି ଏକ ମୁସ୍‌ଲିମ୍ ଝିଅ। ନାଟ୍ୟକାର ଏଠାରେ ପରୋକ୍ଷ ଭାବରେ ଧର୍ମ ଭିତ୍ତିକ ଦ୍ୱନ୍ଦ୍ୱକୁ ଉପସ୍ଥାପନ କରିଛନ୍ତି। କିନ୍ତୁ ପରିଶେଷରେ ବେବି ଏକ ସଫଳ ସଂଯୋଜକ ଚରିତ୍ର ଭାବରେ ଛିଡ଼ା ହୋଇଛି। ସମସ୍ତଙ୍କୁ ଏକାଠି କରିବାରେ ସଫଳ ହୋଇଛି। ଦାମ୍ପତ୍ୟ ଜୀବନର ଚିତ୍ରକୁ ସନ୍ତୋଷ ଚୌଧୁରୀ ଓ ସରସ୍ୱତୀ ମାଧ୍ୟମରେ ଦର୍ଶାଇଛନ୍ତି ଦୁଇ କଳାକାର ର ଜୀବନଙ୍କ ଭିତରେ ଥିବା ଦୁଃଖ, ହତାଶା, ତ୍ୟାଗ ଓ

ISSN NO.
2582-208X

ପ୍ରତୀକ୍ଷାର ସବୁ ଦିଗକୁ ନାଟ୍ୟକାର ଦର୍ଶାଇଛନ୍ତି। ସାଂସାରିକ ଜୀବନକୁ ପ୍ରେମମୟ ନକୁ ବେଖାତିର କରି ଆସିଥିବା ସନ୍ତୋଷ କିପରି ଏକ ଜୀବନ ବିତାଇଛନ୍ତି। ପରବର୍ତ୍ତୀ ସମୟ ୟରେ ସ୍ତ୍ରୀ ସରସ୍ୱତୀଙ୍କଠାରୁ ଦୂରେଇ ରହିଛନ୍ତି କେବଳ ଏଇ ଯାତ୍ରାପାର୍ଟିରୁ ଦଳ ହେବା ପରେ। ଏହି ଦୁଃଖକୁ ସହ୍ୟ କରିପାରିନାହିଁ ଟିକିଲି ଏବଂ ପଦୁ। ଉଭୟଙ୍କୁ ମିଶାଇବା ପାଇଁ ଯଥାସାଧ୍ୟ ଚେଷ୍ଟା କରିଛନ୍ତି। ସେପଟେ ପରିବାରରେ ପିତା ଚୌଧୁରୀ ବୁଢ଼ାର ମନରେ ମଧ୍ୟ ପୁତ୍ର ଫେରି ଆସିବାର କୋହ ଜମାଟ ବାନ୍ଧି ରହିଥାଏ। କିନ୍ତୁ ସନ୍ତୋଷ ଏ ସବୁକୁ ବୁଝି ମଧ୍ୟ ନିଜକୁ ଏକ କୃତଘ୍ନ ବୋଲି ମଣିଛି। ନିଜସ୍ୱ ଇଚ୍ଛାକୁ ସମ୍ମାନ ଦେଇ ସ୍ୱାର୍ଥପର ପାଲଟି ଯାଇଥିବା ମଣିଷଟି କିପରିଯାଇ ସେ ଘରେ ରହିବ। କିପରି ପରି ଗ୍ରହଣ କରିବେ ତା'ର ପିଲାମାନେ ? ଏହିଭଳି ଦ୍ୱନ୍ଦାତ୍ମକ ସ୍ଥିତିରେ ରହିବା ସହ ସରସ୍ୱତୀ ନିଜ ସଉତୁଣୀ ଶ୍ରଦ୍ଧାକୁ ଭଉଣୀ ବୋଲି ଭାବି ନିଜର କରିଛି। ଶ୍ୱଶୁରଙ୍କର ସେବା କରିବା ପାଇଁ ଘରକୁ ପଳେଇ ଆସିଛି । ସନ୍ତୋଷ ଚୌଧୁରୀ ମଧ୍ୟ ଘରକୁ ଆସିବା ପରେ ଘରର ସ୍ଥିତି ଓ ପରିସ୍ଥିତି ବଦଳିଯାଇଛି। ତା'ରି ମଧ୍ୟରେ ସନ୍ତୋଷଙ୍କର ସ୍ୱାସ୍ଥ୍ୟବସ୍ଥା ଭଲ ରହିନାହିଁ। ବୁଢ଼ା କିନ୍ତୁ ଭଲ ହୋଇଯାଇଛି। ଶେଷ ସ୍ଥିତିରେ ସମସ୍ତେ ଆଶା, ଭରସା ଓ ବଳ ଯୋଗାଇ କହିଛନ୍ତି, 'ଆମେ ଅଛୁ। ତୁମର କିଛି ହେବନି'। ପଦୁ କିନ୍ତୁ ପ୍ରକାଶ କରିଛି ସେଇ କଳାକାର ପାଇଁ ସନ୍ତୋଷ ଚୌଧୁରୀ ପାଇଁ କିପରି କଳାକାରଟିଏ ନିଜ ଜୀବନକୁ କଳା ପାଇଁ ଉତ୍ସର୍ଗ କରିବା ପରେ ଏମିତି ଭୋଗ କରୁଛି।

'ଶେଷ ଦୃଶ୍ୟ ନୁହେଁ ହେଉଛି ନା ନାଟକର ପରିଣତି ଦୃଶ୍ୟ। ଉକ୍ତ ଦୃଶ୍ୟରେ ନାଟ୍ୟକାର ଦର୍ଶାଇବାକୁ ରହିଁଛନ୍ତି ଯେ; ପ୍ରତ୍ୟେକ ଶେଷର ପୁନ ପର ପୁନଃ ଆରମ୍ଭ ରହିଛି। ଏଣୁ ନାୟକ ସନ୍ତୋଷ ଚୌଧୁରୀ ଅସୁସ୍ଥ ଥିଲେ ମଧ୍ୟ ତାଙ୍କ ମନରେ ସୁସ୍ଥ ହେବାର ଭାବନା ଉଦ୍ରେକ କରାଇଛନ୍ତି। ପ୍ରତ୍ୟେକ ଚରିତ୍ର ମଧ୍ୟ ପ୍ରତିବାଦ କରିଛନ୍ତି ପରିଣତିକୁ ନେଇ ଏଣୁ ପ୍ରତ୍ୟେକ ଶେଷ ଶେଷ ନୁହେଁ ବୋଲି ଚରିତ୍ର ଯତୀନ ମୁଖରୁ ପ୍ରକାଶ କରାଇଛନ୍ତି ନାଟ୍ୟକାର ସାହୁ। ଏକ ନୂତନ ଶୈଳୀକୁ ଅବତାରଣା କରି ନାଟ୍ୟକାର ନାଟକର ବିଷୟ ବସ୍ତୁଟିରେ ଭିନ୍ନତା ଆଣିଛନ୍ତି। ଏହି ଶେଷ ଦୃଶ୍ୟ ନାଟକର ଆଙ୍ଗୀକ କ୍ଷେତ୍ରରେ ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟ।

ଚରିତ୍ର ଚିତ୍ରଣ: ଚରିତ୍ର ହେଉଛି ନାଟକର ଏକ ଅଙ୍ଗ। ନାଟ୍ୟକାର ଚରିତ୍ର ମାଧ୍ୟମରେ ନିଜର ଉଦ୍ଦେଶ୍ୟକୁ ସଂଳାପ ଆକାରରେ ପ୍ରକାଶ କରିଥା'ନ୍ତି। ଚରିତ୍ରର ଆତଯାତ ନାଟକକୁ

ISSN NO.
2582-208X

ମୁଖର କରାଏ। ନାଟକରେ ବ୍ୟବହୃତ ଚରିତ୍ର ନାଟକର ବିଷୟବସ୍ତୁକୁ ଅଧିକ ଗତିମୁଖର କରାଏ। ଶେଷକଥା ନାଟକରେ ସମୁଦାୟ ଏଗାରଟି ଚରିତ୍ର ବ୍ୟବହାର କରାଯାଇଛି। ତନ୍ମଧ୍ୟରୁ ଆଠଟି ପୁରୁଷ ଏବଂ ତିନୋଟି ନାରୀ ଚରିତ୍ର ଅଟନ୍ତି। ପ୍ରତ୍ୟେକ ଚରିତ୍ର ପରସ୍ପର ସହ ପରିପରୂକ। ପୁରୁଷ ଓ ନାରୀ ଚରିତ୍ର କ୍ଷେତ୍ରରେ ପୁରୁଷ ଜୀବନର ନାନାବିଧ ଦିଗଗୁଡ଼ିକ ଦେଖାଇବା ବେଳକୁ ନାରୀ ଚରିତ୍ର କ୍ଷେତ୍ରରେ ନାରୀ ଜୀବନର ଦ୍ୱନ୍ଦ୍ୱ ଓ କର୍ତ୍ତବ୍ୟ ପ୍ରତି ନାଟ୍ୟକାର ଗୁରୁତ୍ୱରୋପ କରିଛନ୍ତି। ନାଟକର ମୁଖ୍ୟ ଚରିତ୍ର ହିସାବରେ ସନ୍ତୋଷ ଚୌଧୁରୀକୁ ଶୈଳୀ ଗ୍ରହଣ ଦୃଷ୍ଟିରୁ । କରାଯାଇପା ଇପାରେ। ଏହି ଚରିତ୍ରଟିକୁ କେନ୍ଦ୍ର କରି ଗଢ଼ି ଉଠିଛି ସମ୍ପୂର୍ଣ୍ଣ ନାଟକଟି। ଗୌଣ ଚରିତ୍ର ହିସାବରେ ଟିକିଲି, ଅନୁରାଗ, ଶ୍ରଦ୍ଧା, ବେବି ଇତ୍ୟାଦି ଭଳିଚରିତ୍ର । କିନ୍ତୁ ଦର୍ଶନ ହେଉଛି ଏକ ସ୍ୱତନ୍ତ୍ର ଚରିତ୍ର। ନାଟକରେ ସଂଯୋଜକ ଚରିତ୍ର ହିସାବରେ ଉକ୍ତ ଚରିତ୍ରକୁ ଗ୍ରହଣ କରାଯାଇପାରେ ।

ସନ୍ତୋଷ: ସନ୍ତୋଷ ଚୌଧୁରୀ ହେଉଛି ନାଟକର କେନ୍ଦ୍ରୀୟ ଚରିତ୍ର । ବ୍ୟକ୍ତିଗତ ରୁଚିକୁ ପ୍ରାଧାନ୍ୟ ଦେଇ କଳାକାର ସାଜିଛି। କଳା ହେଉଛି ତା'ର ପ୍ରାଣ । କଳା ହେଉଛି ତା'ର ସାଧନା, କଳା ହେଉଛି ତା'ର ପରିଚୟ । କିନ୍ତୁ ତା'ରି ମଧ୍ୟରେ ଅର୍ଥାତ୍ ଏଇ କଳାକାର ଜୀବନ ଭିତରେ ନିଜର ପାରିବାରିକ ସମ୍ପର୍କ କିପରି ଭୁଷୁଡ଼ି ପଡ଼ିଛି ତାହାକୁ ନାଟ୍ୟକାର ଦର୍ଶାଇଛନ୍ତି । ଦାମ୍ପତ୍ୟ ଜୀବନ ଓ କଳାପ୍ରେମୀ ମଣିଷ ଜୀବନର ପ୍ରକୃତ ଦୁଃଖ ଓ ହତାଶାକୁ ନାଟ୍ୟକାର ସାହୁ ସୂଚୀତ କରିଛନ୍ତି। କଳାକାର ଜୀବନ ତଥା ପ୍ରକୃତ କଳାକାର କେବଳ ଏକ ସମୟଖଣ୍ଡରେ ବନ୍ଧା ନୁହେଁ ବରଂ ସେ ହେଉଛି ସାର୍ବଜନୀନ କଳାକାର ଭାବରେ ପରିଚିତ ପାଏ। ଯେମିତିକି ନାଟକର ପରିସମାପ୍ତ ବେଳକୁ ସନ୍ତୋଷ ଚୌଧୁରୀ ଅସୁସ୍ଥ ଥିଲେ ସୁଦ୍ଧା ତାଙ୍କର ଉପସ୍ଥିତି ନାଟକ ପାଇଁ ଜରୁରୀ ।

ବୁଢ଼ା ଚୌଧୁରୀ : ବୁଢ଼ା ଚୌଧୁରୀ ହେଉଛି ଏକ ପାରମ୍ପରିକ ଚରିତ୍ର। ଘରର ମୁରବୀ ହିସାବରେ ଅବତାରିତ ହୋଇଥିବା ଉକ୍ତ ଚରିତ୍ରଟି ମଧ୍ୟରେ ସାଂସାରିକ ଚିନ୍ତା, ପିତୃ ହୃଦୟର ଧୈର୍ଯ୍ୟ ସାଙ୍ଗକୁ ହାସ୍ୟ ରସ ଓ କରୁଣ ରସ ଉଭୟର ଆରୋପ ନାଟ୍ୟକାର ସମପରିମାଣରେ କରିଛନ୍ତି। ଜଣେ ପିତୃ ହୃଦୟର ଗଭୀରତା ଏବଂ ସାମାଜିକ ନୀତି ନିୟମକୁ ମାନୁଥିବା ଭଳି ଚରିତ୍ରଟିଏ ହେଉଛି ବୁଢ଼ା ଚୌଧୁରୀ। ଯେଉଁଥିପାଇଁକି ପ୍ରେମ ବିବାହ, ଧର୍ମୀୟ ବିଭିଧତା ଆଦିକୁ ସେ କିପରି ବିରୋଧ କରିଛି ତାହା ହିଁ ପ୍ରକୃତ ଉଦାହରଣ।

ISSN NO.
2582-208X

ପଦୁ: ଗୌଣ ଚରିତ୍ର ଭାବରେ ପଦୁ ଚରିତ୍ରକୁ ଗ୍ରହଣ କରାଯାଏ। ପଦୁ ଜଣେ କଳାକାର। ଯାତ୍ରାପ୍ରେମୀ ମଣିଷ। ସନ୍ତୋଷ ଚୌଧୁରୀର ସମଧର୍ମା ବୋଲି କହିହେବ। ପ୍ରକୃତରେ କଳାକାର ଜୀବନ କ୍ଷେତ୍ରରେ କିପରି ଦୁଃଖ ଆସେ ଏବଂ ଜୀବନ ସଂଘର୍ଷ ନିମନ୍ତେ କ'ଣ ଯେ; ଉପାୟ କରିବାକୁ ପଡ଼ିବ ତାହା ପଦୁ ଚରିତ୍ର ମାଧ୍ୟମରେ ଦର୍ଶାଯାଇଛି। ଏକ ର ଦୋକାନ କରି ଗୁଜୁରାଣ ମେଣ୍ଟାଇଛି । ଏକ ସତ୍ୟବାଦୀ ଚରିତ୍ର ଭାବରେ ନାଟ୍ୟକାର ସାହୁ ପଦୁକୁ ଚିହ୍ନାଇଛନ୍ତି।

ଟିକିଲି: ଶିଶୁ ଚରିତ୍ର ଭାବରେ ଟିକିଲିକୁ ଗ୍ରହଣ କରାଯାଇଛି । ଏକ ପ୍ରତୀକାତ୍ମକ ଚରିତ୍ର ଭାବରେ ଟିକିଲିକୁ ନାଟ କରିଛନ୍ତି। ହୋଟେଲରେ କାମ କରୁଥିବା ଶିଶୁ ଶ୍ରମିକମାନଙ୍କର ଏକ ପ୍ରତିନିଧି ହିସାବରେ ନାୟକ ସନ୍ତୋଷ ମୁଖରୁ ନାଟ୍ୟକାର ପ୍ରକାଶ କରିଛନ୍ତି ଯେ; 'ଭାରତରେ ଭବିଷ୍ୟତ ଏମିତି କେତେଦିନ ରହିଥିବ ?' ପ୍ରକୃତରେ ଟିକିଲି ଜଣେ ଅନାଥ ପିଲା। ନାଟ୍ୟକାର ତେଣୁ ସମାଜର ଏକ ସୂକ୍ଷ୍ମ ଦୃଷ୍ଟିରେ ଉକ୍ତ ଚରିତ୍ରଟିକୁ ଅବତାରଣା କରିଛନ୍ତି ।

ଅନ୍ୟାନ୍ୟ ପୁରୁଷ ଚରିତ୍ରଗୁଡ଼ିକ ଯଥା ପ୍ରକାଶ, ଅନୁରାଗ ଗୌଣ ଓ ପଣ୍ଡାବାବୁ ପ୍ରଭୃତି ନାଟକର ଏକକ ଗତିଶୀଳ ଚରିତ୍ର। ଚରିତ୍ର ହୋଇଥିଲେ ମଧ୍ୟ ନାଟକକୁ ଆଗକୁ ନେବାରେ ବେଶ୍ ସଫଳ ହୋଇଛନ୍ତି କିନ୍ତୁ ଯତୀନ ଚରିତ୍ରଟି ଏକ ସ୍ୱତନ୍ତ୍ର ଚରିତ୍ର ଅବତାରଣା ହୋଇଛି। ନାଟ୍ୟକାରକର ଏକ କୌଶଳକ୍ରମେ ଚରିତ୍ରକୁ ବ୍ୟବହାର କରିଛନ୍ତି। ଯାହାଫଳରେ ଆଧୁନିକ ଓଡ଼ିଆ ନାଟକରେ ଶୈଳୀ ସ୍ୱାତନ୍ତ୍ରର ଯଥେଷ୍ଟ ପରିଚୟ ପ୍ରଦାନ କରିଛି ଏହି ଯତୀନ ଚରିତ୍ରଟି।

ନାରୀ ଚରିତ୍ର କ୍ଷେତ୍ରରେ ଶ୍ରଦ୍ଧା, ବେବି ଓ ସରସ୍ୱତୀ ଏହି ତିନୋଟି ଚରିତ୍ରକୁ · ନାଟ୍ୟକାର ଗ୍ରହଣ କରିଛନ୍ତି। ଶ୍ରଦ୍ଧା ଟକରେ ଅଭିନୟ ନିମିତ୍ତ ଆଗମନ ହୋଇନଥିଲେ ମଧ୍ୟ ଚରିତ୍ରଟି ଅବତାରଣା ନାଟକକୁ ଅଧିକ ଗତିଶୀଳ କରିଛି।

ସରସ୍ୱତୀ : ନାୟକ ସନ୍ତୋଷ ଚୌଧୁରୀଙ୍କର ୨ୟ ପତ୍ନୀ। କଳାକାର ଜୀବନ ବିତାଶଇବା ବେଳେ ସନ୍ତୋଷକୁ ପ୍ରେମ କରି ବିବାହ କରିଛି । କଳାକୁ ଆଦର କରୁଥିବା ମଣିଷ ପୁନଶ୍ଚ କିପରି ଜୀବନ ଯୁଦ୍ଧରେ ହାରିଯାଇଛି ତାର ଚିତ୍ରକୁ ନାଟ୍ୟକାର ସାହୁ ତା' କୋଳରେ ସନ୍ତାନଟିଏ ନଥୁବାର ଦୁଃଖ ମଧ୍ୟ ଦେଇ ସୂଚାଇଛନ୍ତି। ଦାମ୍ପତ୍ୟ ସମ୍ପର୍କ, ପ୍ରେମ, ବିରହ

ISSN NO.
2582-208X

ସବୁ କିଛିର ସନ୍ତୁଳିତ ଚିତ୍ର ଦୃଶ୍ୟ ଗୁଡ଼ିକରେ ସଜାଯାଇଛି। ପରିଶେଷରେ କର୍ତ୍ତବ୍ୟ ପରାୟଣା ନାରୀ ଭାବରେ ଚରିତଟି ଭୂମିକା ନିର୍ବାହ କରିଛି। ମା'ର କର୍ତ୍ତବ୍ୟ ପତ୍ନୀର କର୍ତ୍ତବ୍ୟ, ବୋହୂର କର୍ତ୍ତବ୍ୟ ଏପରିକି ଜଣେ ସଉତୁଣୀ ପାଇଁ ଭଉଣୀର କର୍ତ୍ତବ୍ୟକୁ ଅକ୍ଳେଶରେ ଲିଭାଇଛି ସରସ୍ୱତୀ ଚରିତ୍ର।

ବେବି: ବେବି ଏକ ଆଧୁନିକା ଝିଅ। ପ୍ରେମ କରି ବିବାହ କରିଛି ପ୍ରକାଶକୁ। ଚୌଧୁରୀ ବୁଢ଼ା ଘରକୁ ଦୁହେଁ ଆସିବାବେଳେ ସମସ୍ୟା ଉପୁଜିଛି ବେବି ମୁସଲିମ୍ ହେତୁ। ଏଥିରେ ବ୍ୟସ୍ତ ହୋଇନାହିଁ ବେବି। ପ୍ରକୃତରେ ଜଣେ ନାରୀ ଖାଲି ସହେ ନାହିଁ ପ୍ରକୃତ ସମୟରେ ପ୍ରକୃତ ଯବାବ ଦେଇପାରେ ଏକଧାର ପ୍ରକୃତ ପରିଚୟ ଦେଇଛି ବେବି। ସନ୍ତୋଷ ପୁରୁଷ ହୋଇ କିପରି ପରିବାରକୁ ହତାଦର କରିଛି ଏବଂ ପ୍ରଥମ ସ୍ତ୍ରୀ ଶ୍ରଦ୍ଧାର ଏପରି ଅବସ୍ଥା ଦେଖି ବେବି ଅସହ୍ୟ ହୋଇପଡ଼ିଛି। ପୁରୁଷ କୈନ୍ଦ୍ରୀକ ସମାଜରେ ନାରୀଟିଏ କିପରି ସ୍ୱାଭିମାନର ସହ ବଞ୍ଚିବ କିପରି ମର୍ଯ୍ୟାଦା ସହ ବଞ୍ଚିବ ସେ ସବୁ ପାଇଁ ସେ ଅଣ୍ଟା ଭିଡ଼ିଛି। ଜଣେ ଦୃଢ଼ମନା ନାରୀ ଚରିତ୍ର ହିସାବରେ ନାଟ୍ୟକାର ସାହୁ ବେବିକୁ ଅବତାରଣା କରିଛନ୍ତି ।

'ଶେଷକଥା' ନାଟକ କେବଳ ବିଷୟବସ୍ତୁ କ୍ଷେତ୍ରରେ ନୁହେଁ। ଆଙ୍ଗିକ ଦୃଷ୍ଟିରୁ ମଧ୍ୟ ନାଟକ ବଳିଷ୍ଠ। ମଞ୍ଚସଜ୍ଜା ଏବଂ ଦୃଶ୍ୟ ସଜ୍ଜା ସବୁ କ୍ଷେତ୍ରରେ ନାଟ୍ୟକାର ସଚେତନ ହୋଇ ନାଟକଟିକୁ ସମାପିତ କରିଛନ୍ତି। ସଙ୍ଗୀତ ସଂଯୋଜନା ମଧ୍ୟ ନାଟକଟିରେ କରାଯାଇଛି ଯାହାକି ନାଟକଟିକୁ ଅଧିକ ରସାଣିତ କରିଛି । ହାସ୍ୟ ରସ ଅବତାରଣା କ୍ଷେତ୍ରରେ ବୁଢ଼ା ଚରିତ୍ର। କରୁଣରସର ଅବତାରଣା ନାୟକ ସନ୍ତୋଷ, ସରସ୍ୱତୀ ଭଳି ଚରିତ୍ରଗୁଡ଼ିକୁ ସ୍ମରଣ କରାଯାଇପାରେ। ପାରିବାରିକ ଜୀବନ ଚିତ୍ର କ୍ଷେତ୍ରରେ ଏକ ପରମ୍ପରାବାଦୀ ଚରିତ୍ର ବୁଢ଼ାକୁ ଅବତାରଣା କରାଯାଇଛି ଯେ; ଆଧୁନିକ ମଣିଷ ପାଇଁ ପୈତୃ ଘରର ଗୁରୁତ୍ୱ କିପରି ହ୍ରାସ ହୋଇଯାଇଛି ଏବଂ ଏସବୁକୁ ଲକ୍ଷ୍ୟ କରିପାରିଛି ବୁଢ଼ା । ସମସ୍ୟା କ୍ଷେତ୍ରରେ ଶିଶୁ ଶ୍ରମିକ ସମସ୍ୟା, ଦାମ୍ପତ୍ୟ ଜୀବନ କ୍ଷେତ୍ରରେ ସନ୍ତୋଷ ଓ ସରସ୍ୱତୀ ଭଳି ଚରିତ୍ରମାନଙ୍କର ଅବତାରଣାରେ ସ୍ପଷ୍ଟ ହୋଇଛି।

ନାଟ୍ୟକାର ନାରାୟଣ ସାହୁ 'ଶେଷକଥା' ନାଟକରେ ଦର୍ଶାଇବାକୁ ଚାହିଁଛନ୍ତି ଯେ; କୌଣସି ସ୍ଥିତି ବା କୌଣସି ଶେଷ ଶେଷ ନୁହେଁ । ପ୍ରତ୍ୟେକ ଶେଷର ପୁନଃ ଆରମ୍ଭ ଅଛି। ସନ୍ତୋଷ ଚୌଧୁରୀର ମରଣରେ ନାଟକ ଶେଷ ନୁହେଁ କି ଘଟଣା ଶେଷ ନୁହେଁ ବରଂ ସନ୍ତୋଷ ଚୌଧୁରୀ ଏକ ଆଗନ୍ତୁକ ଚରିତ୍ର ଏଇ ସମାଜ ପାଇଁ ଏଇ ନାଟକ ପାଇଁ । କଳାକୁ ଭଲ

ISSN NO.
2582-208X

ପାଉଥିବା, କଳା ପାଇଁ ଜୀବନ ଉତ୍ସର୍ଗ କରିପାରୁଥିବା ଚରିତ୍ରଟିଏ ସନ୍ତୋଷ। ଏଣୁ ନାଟ୍ୟକାରଙ୍କର ଏପରି ଘଟଣା ପରିକଳ୍ପନା ଓ ସଜ୍ଜିକରଣ ବାସ୍ତବରେ ସମଗ୍ର ପାଠକ ସମାଜ ପାଇଁ ଆକର୍ଷଣୀୟ। ନାଟକଟିର ସାମଗ୍ରୀକ ଦିଗକୁ ବିଚାର କଲେ ନାଟ୍ୟକାର ନାରାୟଣ ସାହୁଙ୍କ ନାଟ୍ୟ ପ୍ରତିଭାର ପରିଚୟ ସ୍ୱତନ୍ତ୍ର ଭାବରେ ବାରି ହୁଏ।

(((-)))

ସହକାରୀ ପ୍ରଫେସର
ମହାରାଜା ପୂର୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ବାରିପଦା

ISSN NO.
2582-208X

# ବାପା ତୁମେ ଗଲାପରେ



ଜୟନ୍ତ ଦାସ ପ୍ରଫୁଲ୍ଲ

ବାପା ତୁମେ ଗଲା ପରେ ମୋ ଅଳି ଅଝଟ ସବୁ ପାଣି ଫୁଟକା ହେଇଛି,
ବାପା ଙ୍କୁ ହରେଇ ମୁଁ ହତଭାଗା ପୁଅର ପରିଚୟ ପାଇଛି ।।
ମୋ ପାଇଁ ଆଉ ଆକାଶର ଜହ୍ନ ନାହିଁ
ମୋ ପାଇଁ ଆଉ ବଜାରର ଖେଳନା ନାହିଁ,
ମୋ ପାଇଁ ଆଉ ହାତୀ ଘୋଡ଼ା ନାହିଁ
ମୋ ପାଇଁ ବାୟା ଚଢ଼େଇ ର ବସା ବି ନାହିଁ ।।
ବାପା ତୁମେ ଗଲା ପରେ ମୁଁ ଆଉ କାହା କାନ୍ଧରେ ବସିନି,
ମୁହଁ ଖୋଲି କାହାକୁ କିଛି ମାଗିନି।
ବାପା ତୁମ ପରେ ମୁଁ ସବୁ ସଭାରେ ହାରିଛି,
ଆଜି ଯାଏଁ ବି ତମ ପରିଚୟେ ମୁଁ ବାଟ ଚାଲିଛି ।
ତମ ପିନ୍ଧା ପୋଷାକ ସବୁ ମୋ ଦେହକୁ ହେଲାଣି,
ତମ ପରେ ଘରର ଦାୟିତ୍ୱ ସବୁ କାନ୍ଧ ମୋର କାନ୍ଧେଇ ନେଲାଣି।।

ନିଆଁ ଠୁ ଦୂରେଇ ରହିବାକୁ ଶିଖେଇ ମୋ ହାତରୁ ତୁମ ମୁହଁ ରେ ନିଆଁ ଲଗେଇ ଦେଲ,
ଧର୍ଯ୍ୟ ଆଉ ସାହସ ଶିଖେଇବା ଆଗରୁ ନିଜେ ନିଜକୁ ଛଡେଇ ନେଲ।।
ବାପା ତମ ପରେ ବୋଉ ହାତରେ ଆଉ ଚୁଡ଼ି ପିନ୍ଧୁନି,
ତମ ନା ନେଇ ଆଉ ସିନ୍ଧୁର ଫରୁଆ ଛୁଉଁନି ।।
ସାବିତ୍ରୀ ବ୍ରତ ରେ ଆଉ ମାମୁଁ ଘରୁ ଶାଢ଼ୀ ଶଙ୍ଖା ଆସୁନି,
ବୋଉ ଟା ବି ଆଉ ଆଗ ଭଳି ମାମୁଁ ଆସିବାର ବାଟ ଚାହିଁ ବସୁନି ।।

ISSN NO.
2582-208X

ବାପା ତମେ ଗଲାପରେ
ତମ ଫଟୋ ଟାକୁ ବୋଉ ନିଇତି ଦେଖୁଛି
ନିଜ ଧଳା ଶାଢ଼ୀରେ ସେ ଅଳନ୍ଧୁ ସବୁକୁ ପୋଚୁଛି।।

ଖାଇବା ବେଳେ ଆଜି ବି ବୋଉ ଟା ତିନି ଟା ଥାଳି ବାଢ଼ି ଦେଉଛି ,
ଅଜାଣତେ ତମେ ଅଛ ବୁଲି ଭାବି ଲୁଣ ଡବା ଟାକୁ ଥାଳି ପାଖେ ଥୋଇ ଦେଉଛି ।।

ତମେ ସୋଇଥିବା ଖଟ ଆଜି ବି ଫାଙ୍କା ପଡ଼ିଛି,
ବୋଉ ଟା ଖାଲି ଖଟଟାକୁ ଚାହିଁ ନିତି କାନ୍ଦୁଛି।।

ତମ ଗାମୁଛା ତମ ଛତା ତମେ ଘଡି ଆଜିବି ଆଲମାରୀ ରେ ବୋଉ ସଜେଇ ରଖିଛି,
ଯିବା ବେଳେ ଦେଇଥିବା ଶାଢ଼ୀ ଟା ଧରି ବୋଉ ନିତି ଝୁରୁଛି ।।

ବାପା ତୁମେ ଗଲା ପରେ
ଆଉ ଘରେ ରଜ ପରବ ହଉନି,
ହୋଲିରେ ରଙ୍ଗ କାହା ଦେହେ ଲାଗୁନି,
ବାପା ତମେ ଗଲା ପରେ ଆମ ଘର ଆଉ ଘର ପରି ଲାଗୁନି ।।

(((-)))

ବାଲେଶ୍ୱର

ISSN NO.
2582-208X

# ସଂଜୟ୍ ସାର୍



ବିଶ୍ୱପ୍ରତାପ ବେହେରା

ପିଲାଟି ମୋତେ ପ୍ରଥମରୁ ହିଁ ସଂଜୟସାର୍ ବୋଲି ଧରିନେଇଥିଲା ତେଣୁ ଦେଖୁ ଦେଖୁ ଆସି ପାଦ ଛୁଇଁ ପ୍ରଣାମ କଲା। ଆନନ୍ଦ ଆବେଗରେ କହି ଉଠିଲା – ଆପଣ ସଞ୍ଜୟ ସାର୍ ନା ? ଏତେ ଦିନ ହେଲା କୋଉଠି ଥିଲେ ? ମୁଁ ଅବିଚଳିତ ହୋଇ ରହିଲି, ପିଲାଟିର ଦୃଢ଼ତା ମତେ ଜଡ଼ କରିଦେଲା । ଆମ୍ବ ବଉଳ ଖାଇ କୋଇଲି ଯେପରି କଣ୍ଠ ଫିଟେଇ ତା'ର ମଧୁମାଦକଭରା ସ୍ୱରରେ ଚଉଦିଗ ମୁଖରିତ କରିଦିଏ ସେପରି ପିଲାଟି ସବୁ ସାଙ୍ଗ ମାନଙ୍କୁ କହି ବୁଲିଲା – ସାର୍ ଫେରି ଆସିଛନ୍ତି, ସଂଜୟ ସାର୍ ଫେରି ଆସିଛନ୍ତି। ବୟସ ବେଶୀ ହେବନି ସପ୍ତମ କି ଅଷ୍ଟମ ପଢୁଥିବ । ଦେଖିବାକୁ ହଳଦୀ ଗୋରୀ । ହେଲେ ମୁଁ ଯେ ସଞ୍ଜୟ ସାର୍ ନୁହେଁ ଏ କଥା କହି ତାର ସେ ଆନନ୍ଦ ଉତ୍ସାହକୁ ଭାଙ୍ଗି ଦେବାକୁ ଚାହୁଁ ନଥିଲି। ମତେ ଚାହିଁ ପୁଣି ଗଦଗଦ ହୋଇ କହିଲା – "ସାର୍ ଆପଣଙ୍କ ପାଖରେ ଟିଉସନ କରିବାର ଭାଗ୍ୟ କ'ଣ ଆଉ ଆସିବନି" ? ମୋର ଏବେ ନବମ ଶ୍ରେଣୀ ହେଲା, ସାର୍ କ'ଣ କିଛି କହୁ ନାହାଁନ୍ତି ? ସଂଜ ବୁଡ଼ିଲାଣି ଘରେ ବୋଉ ଖୋଜୁ ଥିବ, ମୁଁ ଆସୁଛି....

ଆତ୍ମବିସ୍ମୃତ ହୋଇ ମୁଁ ଶୁଣୁଥିଲି କେବଳ, ଦେଖିଲି ପଶ୍ଚିମ ଦିଗ କେତେବେଳୁ ଅନ୍ଧାରେ ବୁଡ଼ି ଗଲାଣି।

ପିଜି ସରିବାର ଛ' ମାସ ହେବ। ଘରକୁ ନ ଯାଇ ରୁମ ନେଇ ରହିଲୁ କେତେ ଜଣ ସାଙ୍ଗ। ହେଲେ ଏ ପିଲାଟିକୁ ତ ମୁଁ ଆଗରୁ କେବେ ଦେଖିନି ! ଏଇ ପ୍ରଥମ ଦେଖା କିଛି ସମୟ ତଳେ। ଏ ଜାଗା ମୋ ପାଇଁ ସମ୍ପୂର୍ଣ୍ଣ ନୂଆ। ଆକାଶରେ ଗେଣ୍ଡାଳିଆ ଘୁରିଲା ପରି ମନରେ ମୋର ସେ ପିଲାଟି କଥା ଘୁରୁ ଥାଏ। ମତେ ଦେଖି ତା'ର ନିଃସହାୟ ଆଖି ଦୁଇଟି ଯେପରି ନୂତନ ଆଶାରେ ଜ୍ୟୋତିର୍ମୟୀ ହୋଇ ଉଠୁଥିଲା, ତା'ର ମ୍ଳାନ ମୁହଁ ଯେପରି ହସର

ISSN NO.
2582-208X

ଲହରୀରେ ଫୁଲି ଉଠୁଥିଲା ଏ କଥା ମୁଁ ଭଲରୂପେ ବୁଝିପାରିଲି। କିନ୍ତୁ କିଏ ଏ ସଞ୍ଜୟ ସାର୍? ମୁଁ କ'ଣ ତାଙ୍କ ପରି ଦେଖା ଯାଉଛି ? ଯେତେବେଳେ ଝିଅଟି ଜାଣିବ ଯେ ମୁଁ ସେ ନୁହେଁ ସେତେବେଳେ ତା'ର ଅବସ୍ଥା କଣ ହେବ ? ବିଳମ୍ବିତ ରାତିର ଦଲକାଏ ଶୀତୁଆ ପବନରେ ମୋର ଏ ଆବେଶ ଭାଙ୍ଗି ଗଲା। ନିଦ୍ରାଦେବୀଙ୍କ କୋଳରେ ସାଙ୍ଗ ମାନେ କେତେବେଳଠୁ ଶୋଇ ଗଲେଣି । ସବୁବେଳେ ମୁଁ ହିଁ ବିଷମ ସ୍ଥିତିରେ ପଡ଼େ। ଘାଣ୍ଟି ହୁଏ ଅକଥନୀୟ ବେଦନାରେ, ଆଉ ଭୁଲିଯାଏ ନିଜକୁ। ଶେଷରେ ଉଷୁମ କମ୍ବଳ ଆଲିଙ୍ଗନର ଆକର୍ଷଣରୁ ନିଜକୁ ବଞ୍ଚାଇପାରିଲି ନାହିଁ । ଆଖି ବୁଜିଲି।

ରାତି ସାରା ଖାଲି - 'ମୁଁ ନୁହେଁ, ମୁଁ ସଂଜୟ ନୁହେଁ ' ଏଇମିତି ବାଉଳି ହେଉଥିଲି । କେହି କେହି ପଚାରନ୍ତି ଏ ସଞ୍ଜୟ କିଏ ?

ମୁଁ ଯଦି ଜାଣି ଥାଆନ୍ତି ଏ ସଂଜୟ କିଏ, ସବୁ ସମସ୍ୟାର ସମାଧାନ ହୋଇ ଯାଆନ୍ତା। ଏମିତି କିଛି ଦିନ ବିତିଗଲା। ଦିନେ ଖରାବେଳିଆ ପାନ ଦୋକାନ ମୋଡ଼ ବୁଲୁ ବୁଲୁ ସେଇ ଝିଅ ସହିତ ପୁଣି ଆକସ୍ମିକ ଦେଖା ପଡ଼ିଗଲି। ପିଠିଚିରା ମଇଳା ଫ୍ରକ ଟିଏ ପିନ୍ଧିଛି। ଶୀତ ଯୋଗୁଁ ଗୋଡ଼ ହାତ ପାଉଁଶିଆ ଦେଖା ଯାଉଥିଲା। ମୁଣ୍ଡରେ ନୁଖୁରା ବାଳ ଅଲରାବଲରା ହୋଇ କେନା କେନା ହୋଇଯାଇଛି। ଆଖି ଦୁଇଟିରେ ସୁଗଭୀର ଯନ୍ତ୍ରଣା ଆକାଶରେ ଖଣ୍ଡେ କଳାହାଣ୍ଡିଆ ମେଘପରି ଭାସି ବୁଲୁଥିଲା। ତାକୁ ଦେଖି ନ ଦେଖିଲା ପରି ବାଟ କାଟି ଯାଉ ଯାଉ ଉତ୍ସାହରେ ସେ କହି ଉଠିଲା - "ସାର୍ ଏମିତି ଟଙ୍ଗ ଟଙ୍ଗ ହୋଇ ପଳେଇ ଯାଉଛନ୍ତି କୁଆଡ଼େ ଟିକେ ଶୁଣନ୍ତୁ।

ମୁଁ ଟିକିଏ ରହି ପଚାରିଲି - "କ'ଣ ହେଲା ଝିଅ ?

"ଆପଣ ମତେ ପୁରାପୁରି ଭୁଲି ଗଲେଣି - ସେ କହିଲା।

ମୁଁ ଅଡୁଆରେ ପଡ଼ିଲି ଏ ବାହାନାରେ ଯଦି ମତେ ତା ନାଁ ପଚାରି ଦେଲା ତେବେ ମୁଁ ତ ଧରା ପଡ଼ିଯିବି। ମୁଁ ତା'ର ସେ ମଧୁର ଭ୍ରମ ଭାଙ୍ଗି ଦେବାକୁ ଚାହେଁନା ।

ଉତ୍ତର ନ ପାଇ ପୁଣି ପଚାରିଲା "ସାର୍ କ'ଣ ଭାବୁଛନ୍ତି ? ଡ଼ରୁଛନ୍ତି ବୋଧେ ମୋ ସହ ରାସ୍ତାରେ ଏମିତି କଥା ହେଲେ କାଳେ କିଏ କ'ଣ ଭାବିବ।"

'ନାଇଁ ମାନେ' - ମୁଁ ଦ୍ୱନ୍ଦ୍ୱରେ ପଡ଼ି ଏପରି କହୁ କହୁ

ISSN NO.
2582-208X

ସେ ସାମାନ୍ୟ ବିରକ୍ତି ଓ ତାଚ୍ଛଲ୍ୟରେ କହିଲା – "ସାର୍ ଆପଣ ପୂର୍ବରୁ ଯେମିତି ଡରକୁଳା ଥିଲେ ଏବେ ବି ଠିକ୍ ସେମିତି ଡରକୁଳା ଅଛନ୍ତି"। – ତା ମାନେ ସଞ୍ଜୟସାର୍ ଙ୍କ ଗୁଣ ବି ମିଶୁଛି ମୋସହ ।

"ସାର୍ କ'ଣ ଏତେ ଭାବୁଛନ୍ତି ଆପଣଙ୍କର କ'ଣ ମନେ ନାହିଁ ସେ ଦିନ, ରାଗରେ ମୋ ସାଙ୍ଗ ରୁପାଲିକୁ ଆପଣ ଟାଣ କରି ଦି' ପାହାର ଦେବାରୁ ସେ ବିଚାରି ଧକେଇ ଧକେଇ ହୋଇ କାନ୍ଦିଲା । ଆପଣଙ୍କୁ ଆଉ ଦେଖେ କିଏ – ତା'ର କିପରି କାନ୍ଦ ବନ୍ଦ ହେବ ପାଠ ପଢ଼ା ଛାଡ଼ି ଆପଣ ସେଥିରେ ଲାଗି ପଡ଼ିଲେ ଆଉ ଆପଣଙ୍କ ଦୟା ଦେଖି ସେ ଟୋକି ଦାନ୍ତ ନେଫେଡ଼େଇ ଦିଥର ଖି.. ଖି.. ହୋଇ ହସିଦେଲା "। ଏହା କହି ସେ ଠୋ ଠୋ କରି ହସି ଉଠିଲା। ଲାଗିଲା ଯେପରି ଯୁଗାନ୍ତ ବ୍ୟାପୀ ପୀଡ଼ିତ ନିରସ ଓଠ ତଳେ ସତେଜ ମଲ୍ଲୀଫୁଲ ଫୁଟିଗଲା ।

ମୁଁ କାଷ୍ଠ ପ୍ରତିମା ପରି ଶୁଣୁଥାଏ କ'ଣ ଏ କହି ଯାଉଛି ? ତା ହସ ଦେଖି ମୁଁ ମଧ୍ୟ ନ ହସି ରହି ପାରିଲି ନାହିଁ। ଦୋକାନ ଘରୁ ଦି ତିନି ଜଣ ଆମ ଆଡ଼କୁ ଚାହିଁ ଥାଆନ୍ତି। ସନ୍ତର୍ପଣରେ ସେଠାରୁ ଚାଲି ଆସିଲି ।

ଆସିଲାବେଳେ ଭାବୁଥିଲି ଝିଅଟିର ଭାବନା ମୁଁ ସଞ୍ଜୟ ବୋଲି ଆହୁରି ନିବିଡ଼ ହୋଇ ଉଠୁଛି। ମୁହଁ ଖୋଲି 'ନା ମୁଁ ସଂଜୟ ନୁହେଁ ' ବୋଲି କହିଦେଲେ ତ କଥା ସରନ୍ତାଣି ହେଲେ କହି ପାରୁଛି କୋଉଠି।

ଭଡ଼ା ଘରେ ରହିବା ସମୟରେ ଫାଙ୍କା ହେଲେ ଟିକେ ଏକାନି ସେକାନି ଚାହେଁ ସେ ଝିଅ କୋଉଠି ରହୁଛି, ତାର ଘର କୋଉଠି, ପରିବାର ସଦସ୍ୟ ସବୁ କିଏ କିଏ, ତା'ର ନାଁ କ'ଣ, ହେଲେ ନିରାଶ ହେବାକୁ ହୁଏ କାହାକୁ ତ ମୁହଁ ଖୋଲି ପଚାରି ହେବନି କେବଳ ଅନୁମାନ କରିବା କଥା। ଶୀତ ଯାଇ ବସନ୍ତ ହେଲା। କୁଜ୍ଝଟି ରେଣୁ ବଦଳରେ ପରାଗ ରେଣୁ ଖେଳି ବୁଲିଲା। ପତ୍ର କଅଁଳିଲା, ଫୁଲଫୁଟିଲା ହେଲେ ଗୋଟେ ଫୁଲ ଯେ ଅକାଳରେ ବୃନ୍ତରୁ ଖସିବାକୁ ଯାଉଛି ଏ କଥା ଦେଖେ କିଏ ?

ବିଶ୍ୱବିଦ୍ୟାଳୟର ନାଲକୋ ଗେଟ ସମ୍ମୁଖସ୍ଥ ମୋନାର୍ଚ୍ଚ ମାର୍କେଟ। ସେଦିନ ସନ୍ଧ୍ୟାରେ ଜଳଖିଆ ଦୋକାନ ଭିତରକୁ ଯାଉ ଯାଉ ଦେଖିଲି ଝିଅଟି ଅଇଁଠା ପାତ୍ର ଧୋଉଛି, ବାସନ ମାଜୁଛି କିଛି ବୁଢ଼ୀ ମାଉସୀଙ୍କ ସହ । କାନଭାସର ଖଟରେ ଯେଉଁ ପାଖୁଡ଼ା ବିଛାଇ ଦେବା

ISSN NO.
2582-208X

ଉଚିତ ଆଜି ସେଇ କୋମଳ ପାଖୁଡ଼ା ଧୂଳି ଧୂସରିତ। ତା'ର ଗହମ ରଙ୍ଗର ଦେହ ଉପରେ ଯୋଉ ନୀଳିମାର ଆଦ୍ୟ ସଂଚାର ଘଟୁଛି ତାହା ଯେମିତି ସଭ୍ୟ ଓ ଧନୀକ ଶ୍ରେଣୀର ମାନବସତ୍ତା ଉପରେ କଳଙ୍କିର ପ୍ରଶ୍ନବାଚୀ ସୃଷ୍ଟି କରୁଛି । ପିଲାଟି ମତେ ଦେଖିଲେ ଅଡୁଆ ହେବ ଜାଣି ସେଠାରୁ ଚାଲି ଆସିଲା ବେଳକୁ ସେ ମତେ ଦେଖିଦେଇ ସାଙ୍କୁଡ଼ି ଗଲାଣି ଶେଷରେ ପାଖକୁ ଆସିଲା। ମୁଁ ପଚାରିଲି– ଏ ସବୁ କାମ ତମେ କର ! ନମସ୍କାର କରୁ କରୁ କହିଲା – "ସାର୍ ବୋଉର ଦେହ କ'ଣ ଟିକେ ଭଲ ନାହିଁ ତ ତା ପାଇଁ ମତେ ଆସିବାକୁ ପଡୁଛି"। କୌତୁହଳ ବଶତଃ ମୁଁ ପୁଣି ପଚାରିଲି – ତମ ବାପା ? ସେ ଚୁପ୍ ରହିଲା ନିରୀହ ଆଖିରେ ଆଖିଏ ଲୁହ ଟଳମଳ ହୋଇ ଆସିଲା ବସନ୍ତ ଉଦ୍ୟାନରେ ଅଦିନ ବନ୍ୟା ପରି । ବିସ୍ମୟରେ କହି ଉଠିଲି – ଆରେ କାନ୍ଦନି ।

ଲୁହ ପୋଛି ଶଙ୍କିତ ମନରେ ପୁଣି କହି ଚାଲିଲା – "ସାର୍ ମନେ ଅଛି ଆପଣ ସେ ଦିନ ଆମ ଘରକୁ ଯାଇଥିଲେ ମୋ ବୋଉ ତମକୁ ଦେଖି ଟିକେ ପାଠ ପଢାଇ ଦେବାକୁ କହିଲା । ସେ ଏବେ ଅକ୍ଷର ଲେଖିବା ଆଉ ପଢ଼ିବାରେ ଜମାବି ହାରୁନି। ନିଇତି ବସି ଭାଗବତ ପଢୁଛି । କିଛି ଦିନତ ଆପଣ ଟିଉସନ ସାରି ଆମ ଘରକୁ ଆସୁଥିଲେ। ବେଳେବେଳେ ଆମ ଘରେ ହିଁ ରାତିରେ ଖାଇପିଇ ଯାଉଥିଲେ। ହଠାତ କ'ଣ ହେଲା ଆପଣ ଆଉ ଆମ ଘରକୁ ଆସିଲେ ନାହିଁ। ଟିଉସନକୁ ମଧ୍ୟ ନାହିଁ। ବୋଉତ ଖାଲି କାନ୍ଦୁ ଥିଲା। ଦିନେ ଆପଣ କୁଆଡ଼େ ଅନ୍ତର୍ଧ୍ୟାନ ହୋଇଗଲେ । ଆଉ ଦେଖା ଦର୍ଶନ କିଛି ନାହିଁ। ମୁଁ କିନ୍ତୁ ସବୁବେଳେ ଖୋଜେ। ଖୋଜିବିନି କେମିତି ଆପଣଙ୍କ ଯୋଗୁଁ ତ ମୁଁ ଆଜି କ୍ଲାସରେ ଫାଷ୍ଟ ହେଉଛି ।"

ହସ ଆଞ୍ଜୁଳାଏ ଅଜାଡ଼ି ଦେଇ ପୁଣି କହିଲା– "ସାର୍ ଆମ ଘରକୁ ଥରେ ଆସନ୍ତୁ। ବୋଉ ରୋଗରେ ପଡ଼ିଛି ଅପଣ ଆସିବା କଥା ମୁଁ ତାକୁ କହିଛି ହେଲେ ସେ ଆଉ ଯିବା ଆସିବା କରି ପାରୁନି। ଡାକ୍ତର କହିଛି ତାକୁ କି ଗୋଟେ ବଡ଼ରୋଗ ଧରିଛି। ଅପଣଂକୁ ଦେଖିଲେ ସେ ନିଶ୍ଚେ ଭଲ ହୋଇ ଯିବ। "

ବିଷାଦ ଓ ବିସ୍ମୟରେ ମୁଁ ନିଜ ସ୍ମୃତି ହରାଇ ବସିଥିଲି ଯେମିତି, ତା କଥା ଶୁଣି କହି ଉଠିଲି – 'ହଉ ଆଜି ନୁହେଁ ଆଉ କେବେ ଯିବି'।

ISSN NO.
2582-208X

"ଆଲୋ ହେ ସେଠି କି ଗପ ଲଗେଇଛୁ ?ପ୍ଲେଟ ବଳି ପଡ଼ିଲାଣି ଏପଟେ ଆସେ "ଝିଅଟି ତରବର ହୋଇ ଚାଲିଗଲା।

ଗୋଟିଏ ଦୀର୍ଘନିଃଶ୍ୱାସ ମାରୁ ମାରୁ ପୁଣି ଭାବିଲି ସଞ୍ଜୟସାର୍ ଏ ଗାଁ ଛାଡ଼ିକି ଗଲେ କାହିଁକି ? ଝିଅଟିର ପରିବାର ସହିତ ତାଙ୍କର କି ସମ୍ପର୍କ ? ସଂଶୟରେ ଧନ୍ଦି ହୋଇ ଆଉ ଫିଟିବାର ବାଟ ପାଇଲି ନାହିଁ। ଏ କି ରହସ୍ୟ ! ଏହାର ଉତ୍ତର ହୁଏତ ବୁଢ଼ୀ ଅସୁରୁଣୀର କୁହୁକ ମୁଣିରେ ଥିବ କିମ୍ବା ସାତ ତାଳ ପଙ୍କ ମଧ୍ୟସ୍ଥ ସିନ୍ଦୁକ ମଧ୍ୟରେ ।

ବକୁଳ ବନରେ କୋକିଳ ଆଜି ମୂକ, ମଲ୍ଲୀ ମାଳତୀ ପାଖରେ ଭଅଁର ଗେଲ ଆଜି ଦୁର୍ଲଭ । କାଗଜି, କନିଅର, କେତକୀର ସୁରଭିଭରା ପରିବେଶ ଆଜି ଅଶ୍ୱସ୍ତିକର । ଅଜାଣତରେ କେତେ ଗୁଡ଼ିଏ ଦିନ ବହି ଗଲାଣି ମୋର ଆଉ ଖିଆଲ ନାହିଁ।

ଆମେ ରହୁଥିବା ଗାଁ ଜଗନ୍ନାଥ ବିହାର। ଜଗନ୍ନାଥ ମନ୍ଦିରରେ ସନ୍ଧ୍ୟାରେ କୀର୍ତ୍ତନ ହୁଏ। ପିଲାଟି ଦିନରୁ ମୋର ବାଜା ବଜାଇବାରେ ଖୁବ୍ ଆନନ୍ଦ। ଘରଲୋକ ଭାରି ଚିଡ଼ନ୍ତି। ଟେବୁଲ, ବେଞ୍ଚ, ଖଟ, ପ୍ଲାଷ୍ଟିକ ଡବା ଆଦି ମୋ ପାଇଁ ବାଜାର ଅଭାବ ପୂରଣ କରୁଥିଲେ। ହେଲେ ଏଠାରେ ମୋତେ ସୁଯୋଗ ମିଳିଲା ମୃଦଙ୍ଗ ବଜାଇ କୀର୍ତ୍ତନ କରିବାକୁ । ଈଶ୍ୱରଙ୍କ କୃପାରୁ ମୋ ଦ୍ୱାରା ତାହା ଭଲ ହେବାରୁ ମଣ୍ଡଳୀର ଲୋକମାନେ ମତେ ଅନ୍ୟ କୋଉ ସ୍ଥାନରେ କୀର୍ତ୍ତନ ହେଲେ ଯିବାକୁ ଅନୁରୋଧ କରନ୍ତି ।

ବସନ୍ତର ଶେଷ ଅଭିସାର ସରିବାକୁ ଆଉ ଉପସର୍ଗ ନାହିଁ। ପ୍ରକୃତିର ଯୌବନଦୀପ୍ତ କୋମଳ ତନୁଲତା ଏବେ କର୍କଶ-ଧୂସର ହୋଇ ଉଠୁଛି। ସବୁ ଯେପରି ନିରଙ୍ଗ, ନିଃସଙ୍ଗ ଓ ନିଷ୍ଠୁର ଦିଶୁଛନ୍ତି । ଆକାଶର ସୁନୀଳ ରଙ୍ଗମଞ୍ଚରେ ଜହ୍ନ, ତାରା ଯେପରି କରୁଣ ଅଭିନୟ କରୁଛନ୍ତି । ମନରେ ଅଜଣା ବ୍ୟଥା ଜୁଆର ଭାଙ୍ଗୁଛି।

ପଶ୍ଚିମଦିଗଙ୍ଗନା ମଥାନରୁ କେତେବେଳୁ ସୂର୍ଯ୍ୟବିନ୍ଦୁ ଅପସରି ଗଲାଣି। ଘନଅନ୍ଧାରର ନିବିଡ଼ ବନ୍ଧନରେ ଜଡ଼ ଚେତନ ବନ୍ଧା ପଡ଼ିଛନ୍ତି। ଆଜି ଦିଗହରା ହୋଇ ପଡ଼ିଛି ବାଟୋଇ। ଚନ୍ଦ୍ରମାର ଶୀତଳ କିରଣରେ ମନ ଯେପରି ଜଳିପୋଡ଼ି ଯାଉଛି, ବସନ୍ତ ବକୁଳ ରଶ୍ମିଜାଳରେ ମଉଳି ଯିବାପରି।

ISSN NO.
2582-208X

ତୃତୀୟ ଗଳିର ଶେଷ ଘରେ କୀର୍ତ୍ତନ ହେବ ଯୋଗ ଦେବାକୁ ଜଣାଇ ଦେଇ ଚାଲିଗଲେ ପରିଚାଳକ ମହୋଦୟ । ମନ ମଧ୍ୟରୁ କେହି ଯେପରି ସାବଧାନ କରି କହି ଦେଉଥିଲା ନ ଯିବା ପାଇଁ ।

ନ ଯିବି କିପରି ? ପ୍ରେତର ଉଦ୍ଧାର କରିବାକୁ ଏ କୀର୍ତ୍ତନ। କିଏ ଗୋଟେ ମରିଯିବାର ଆଜକୁ ଏଗାର ଦିନ । ଦାତା ଜଣକ ଗରିବ ତେଣୁ ବିନା ଦେୟରେ କୀର୍ତ୍ତନ ଆରମ୍ଭ ହେଲା। କରତାଳ ଆଉ ମୃଦଙ୍ଗର ଏକତ୍ର ବାଦନରେ କମ୍ପି ଉଠିଲା ଘରର ମାଟି କାନ୍ଥ। ଗୋବର ଲେପା ଚଟାଣରେଣୁରେ ଗୁଂଜରଣ। ବୁଢ୍ଢୀମା କହିବା ମୁତାବକ କାର୍ଯ୍ୟରେ ଲାଗି ପଡ଼ିଛନ୍ତି। ହେଲେ ସେ ଝିଅଟା କିଏ ? ଥରେ ଦି ଥର ଆସି ବୁଲି ଗଲାଣି। ଅନ୍ଧାର ଭିତରେ ଲୁଚି ଯାଉଛି ସତେ ମେଘରେ ବିଜୁଳୀ । ଆଉଥରେ ଆସି ଦୁଆର ବନ୍ଧ ପାଖରେ ଠିଆ ହେଲା। ମୁଁ ଚିହ୍ନିଲି ତାକୁ ଆଉ ଫୁଲ ମାଳ ପରିହିତ ଫୋଟକୁ । କାନ୍ଦି କାନ୍ଦି ଆଖି ଦୁଇଟି ଫୁଲି ଯାଇଛି, ମୁହଁ ଶ୍ୱେତା ପଡ଼ି ଯାଇଛି, ମତେ ଦେଖି ମନଭିତରୁ କୋହ କୁହୁଳି ଉଠି ତାକୁ ଭିଜେଇ ଦେଇ ଗଲା । ମୁଁ ହତବାକ ହୋଇ ରହିଲି। ତାଳ ଜ୍ଞାନ ଶୁନ୍ୟ ହୋଇପଡ଼ିଲି। ମତେ ଘରକୁ କେତେଥର ସେ ନ ଡାକିଛି । ହାୟ ଏମିତି ଦିନରେ ମୋର ଆସିବାର ଥିଲା। ସବୁ ଯେମିତି ଅଶୁଭ ସ୍ୱପ୍ନ ପରି ମନେ ହେଉଥାଏ।

କୀର୍ତ୍ତନ ବଢ଼ିଲା। ନିଜ ନିଜ ଘରକୁ ସମସ୍ତେ ବାହୁଡ଼ି ଆସିଲୁ। ସେ ବିଳମ୍ବିତ ରାତି ପରଠୁ ଆଉ ଯେତେ ଚେଷ୍ଟା କରିମଧ୍ୟ ଝିଅଟିକୁ ମୁଁ ଦେଖିବାକୁ ପାଇନି। ମୋ ଜୀବନ ପୁସ୍ତକରେ ଆଉ ଦୁଇଟି ବିସ୍ମୟପୃଷ୍ଠା ସଂଯୁକ୍ତ ହୋଇ ପଡ଼ିଲେ ।

(((-)))

Nachuni, khordha
Pin - 752034
ଫୋନ no - 7328013734

ISSN NO.
2582-208X

# ପ୍ରକୃତି ର ସଂରକ୍ଷଣ



ଅଧ୍ୟାପକ ଦୀପକ କୁମାର ଓଝା

ବୃକ୍ଷ ଯେ ଜୀବନ ବୃକ୍ଷ ତନ ଧନ
ବୃକ୍ଷ ଆମ ଶ୍ରେଷ୍ଠ ବନ୍ଧୁ
ବନ୍ଧୁ ଯେ ଏମିତି ସ୍ୱାର୍ଥ ଚାହିଁ ନାହିଁ
ସେ ଜୀବନର ପ୍ରାଣ ବିନ୍ଧୁ

ସୃଷ୍ଟି ରଚୟିତା, ସୃଷ୍ଟିର ନିର୍ମାତା
ଏମିତି ବିଧାନ କରିଛି
ବୃକ୍ଷ ଆଉ ମନୁଷ୍ୟ ପରିପୂରକ ଯେ
ନିଜର ସମ୍ପର୍କ ଯୋଡ଼ିଛି

ବୃକ୍ଷ ହିଁ ବଞ୍ଚିଲେ ଆମେ ହିଁ ବଞ୍ଚିବା
ବୃକ୍ଷ ଯେ ଅମୃତ କଳସୀ
ସେ କଳସୀ କେବେ ନିଅଣ୍ଟ ପଡେନା
ଅମ୍ଳଜାନ ଦିଏ ବରଷି

ଜଳ ବିନା ମୀନ ବଞ୍ଚି କି ପାରିବ
ବୃକ୍ଷ ବିନା ମଣିଷ ଜୀବନ
ଆମ ଜୀବନ ତ ଜଡ଼ିତ ବୃକ୍ଷରେ
ବୃକ୍ଷ ଆମ ପ୍ରାଣ ଧନ

ISSN NO.
2582-208X

ଆସ ବଞ୍ଚାଇବା ଆମ ପୃଥିବୀକୁ
କରି ପ୍ରକୃତି ର ସଂରକ୍ଷଣ
ବୃକ୍ଷ ତ ଆଧାର ଏହି ପ୍ରକୃତି ର
ଆସ କରିବା ଆମେ ବୃକ୍ଷରୋପଣ ।।।

(((-)))

ବଘିଲେ ବାବନ ପୁର ,କେନ୍ଦ୍ରାପଡ଼ା

ISSN NO.
2582-208X

# ୧୯୮୦ ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ପ୍ରାକୃତିକ ପରିବେଶ ଓ ଦାୟବଦ୍ଧତା

ହୀରା ସିଂ

ଆମର ଏହି ବିଶାଳ ପୃଥିବୀ ଏକ ଉନ୍ନତ ଓ ସଭ୍ୟମାନବ ସମାଜର ବାସସ୍ଥାନ ଅଟେ । ଏଠାରେ ବାସ କରୁଥିବା ସମସ୍ତ ଜୈବିକ ଓ ଅଜୈବିକ ତଥା ଭୌତିକ ଉପାଦାନ ଗୁଡ଼ିକର ସମଷ୍ଟି । ଅର୍ଥାତ୍ ଯେଉଁଠାରେ ସମସ୍ତ ଜୀବଜଗତ ସେମାନଙ୍କର ଜୀବନଧାରଣ ପ୍ରକ୍ରିୟା ସମ୍ପାଦନ କରିଥାନ୍ତି ସାଧାରଣତଃ ତାକୁ ପରିବେଶ କୁହାଯାଏ । ଅନ୍ୟ ଅର୍ଥରେ କହିଲେ ଆମ ଚତୁଃର୍ଦ୍ଦିଗରେ ଥିବା ଜଳ, ବାୟୁ, ମୃତ୍ତିକା, ଉଦ୍ଭିଦ, ପ୍ରାଣୀ ଓ ଅଣୁଜୀବମାନଙ୍କର ସମାହାର ହେଉଛି ପରିବେଶ । ଅକ୍ସଫୋର୍ଡ ଅଭିଧାନ ଅନୁସାରେ- "ଜନସାଧାରଣଙ୍କ ଜୀବନକୁ ପ୍ରଭାବିତ କରୁଥିବା ଭୌତିକ ପରିବେଷ୍ଟନୀ ଓ ଅବସ୍ଥା ସମୂହ ହେଉଛି ପରିବେଶ ।' ଆଲୋକ, ଉତ୍ତାପ, ପାଣି, ପବନ, ମୃତ୍ତିକା ଇତ୍ୟାଦି ସମସ୍ତ ଉପାଦାନକୁ ନେଇ ପରିବେଶ ଗଠିତ । ଜୀବର ଅଭିବୃଦ୍ଧି, ଜୀବନଧାରଣ ପ୍ରକ୍ରିୟା, ବଂଶବୃଦ୍ଧି ଇତ୍ୟାଦି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପରିବେଶ ଦ୍ୱାରା ନିୟନ୍ତ୍ରଣ ହୋଇଥାଏ । ତେଣୁ ଜୀବଜଗତ ତିଷ୍ଠିରହିବା ପାଇଁ ପରିବେଶର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପରିବେଶ ଦୂଷିତ ହେଲେ ସମଗ୍ର ଜୀବଜଗତ ଧ୍ୱଂସପ୍ରାପ୍ତ ହେବ । ଏଣୁ ପରିବେଶ ସୁରକ୍ଷା ଓ ଏହାର ସନ୍ତୁଳିତ ରକ୍ଷା ମଣିଷର ସ୍ୱାଭାବିକ ଜୀବନଯାପନ ପାଇଁ ନିତ୍ୟନ୍ତ ଆବଶ୍ୟକ । ତେଣୁ ଏହି ଦୃଷ୍ଟିରୁ ପରିବେଶକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଯଥା- ପ୍ରାକୃତିକ ପରିବେଶ ଓ ମାନବୀୟ ପରିବେଶ । ଅଶ୍ମମଣ୍ଡଳ, ବାୟୁମଣ୍ଡଳ, ବାରିମଣ୍ଡଳ ଓ ଜୈବମଣ୍ଡଳକୁ ନେଇ ପ୍ରାକୃ଼ିକ ପରିବେଶ ଗଠିତ ହୋଇଥିଲାବେଳେ ଜନସଂଖ୍ୟା ତଥା ଜନବସତି ଓ ସାମାଜିକ ତଥା ରାଜନୈତିକ ଅବସ୍ଥାକୁ ନେଇ ମାନବୀୟ ପରିବେଶ ସୃଷ୍ଟି । ପ୍ରାକୃତିକ ଓ ମାନବୀୟ ପରିବେଶର ସମାହାରକୁ ହିଁ ସମ୍ପୂର୍ଣ୍ଣ ପରିବେଶ କୁହାଯାଏ ।

ସମଗ୍ର ମାନବ ସମାଜ ଓ ସମସ୍ତ ଜୀବଜନ୍ତୁ ଏହି ପରିବେଶ ହିଁ ଜୀବନ ନିର୍ବାହ କରିଥାନ୍ତି ଏବଂ ମାନବ ହେଉଛି ଏ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ । ଏହି ପ୍ରାଣୀ ହିଁ ଆଜି ସମଗ୍ର ଜୀବସତ୍ତା

ଧ୍ୱଂସର କାରଣ ସାଜିଛି । ପ୍ରକୃତି ଓ ପରିବେଶ ଈଶ୍ୱରଙ୍କର ଏକ ସୁନ୍ଦର ସୃଷ୍ଟି । ସୁସ୍ଥ ପରିବେଶରେ ହିଁ ପ୍ରକୃତି ସର୍ବଦା ତା'ର ଚଳଚଞ୍ଚଳ ସୌନ୍ଦର୍ଯ୍ୟକୁ ପ୍ରକାଶ କରିଥାଏ; କିନ୍ତୁ ଈଶ୍ୱରଙ୍କ ଦ୍ୱାରା ନିର୍ମିତ ସୃଷ୍ଟିକୁ ମାନବ ଆଜି ଦୂଷିତ କରିବା ପାଇଁ କୁଣ୍ଠାପ୍ରକାଶ କରୁନାହିଁ । ପ୍ରକୃତି ସହ ସେ ଲୁଚକାଳୀ ଖେଳ ଖେଳିଚାଲିଛି । ମାନବ ତା'ର ଜାଣତରେ ହେଉ କି ଅଜାଣତରେ ହେଉ ଅନେକ ସମସ୍ୟା ସେ ସୃଷ୍ଟି କରିଚାଲିଛି ସମଗ୍ର ଜୀବଜଗତ ପାଇଁ । ଶ୍ରେଷ୍ଠ ପ୍ରାଣୀ ଭାବରେ ପରିବେଶ ସୁରକ୍ଷାର ଦାୟିତ୍ୱ ବହନ କରିବା ପରିବର୍ତ୍ତେ ସେ ସାଜିଛି ଦାନବ । କେବଳ ନିଜର ସ୍ୱାର୍ଥ ପୂରଣ କରିବା ଦିଗରେ ଅଗ୍ରସର ହୋଇଚାଲିଛି । ନିଜର ଅଭିଳାଷକୁ ପୂରଣ କରିବାପାଇଁ ସେ ଏତେ ବ୍ୟସ୍ତ ଯେ ସେ ଅନ୍ୟ କାହାରି ଅଭାବନୀୟ ଅବସ୍ଥା ସଂପର୍କରେ ଭାବିବାକୁ ତିଳେମାତ୍ର ଅବସର ପାଉନାହିଁ । ଜଳ, ସ୍ଥଳ, ବାୟୁ, ପ୍ରାଣୀ ଓ ଉଦ୍ଭିଦ ଆଦି ହେଉଛନ୍ତି ପରିବେଶର ବିଭିନ୍ନ ଅଙ୍ଗ । ଆଧୁନିକ ମାନବ କିନ୍ତୁ ପରିବେଶର ଏହି ଅଙ୍ଗଗୁଡ଼ିକୁ ପ୍ରତିଦିନ କାଟିବାରେ ଲାଗିଛି । ପ୍ରକୃତିକୁ ପୀଡ଼ା ପହଞ୍ଚାଇ ଚାଲିଛି । ପ୍ରକୃତିର ସୌନ୍ଦର୍ଯକୁ ନଷ୍ଟ କରିଚାଲିଛି । ଶିଳ୍ପାନୁଷ୍ଠାନମାନ ପ୍ରତିଷ୍ଠା କରିବାପାଇଁ ସେ ବୃକ୍ଷ ପରେ ବୃକ୍ଷ କାଟିଚାଲିଛି । ଯାହାଫଳରେ ପରିବେଶର ସନ୍ତୁଳନ ବିଗିଡି ଚାଲିଛି । ଶିଳ୍ପାନୁଷ୍ଠାନମାନ ପ୍ରତିଷ୍ଠା କରିବାପାଇଁ ସେ ବୃକ୍ଷ ପରେ ବୃକ୍ଷ କାଟିଚାଲିଛି । ଯାହାଫଳରେ ପରିବେଶର ସନ୍ତୁଳନ ବିଗିଡ଼ି ଚାଲିଛି । ମାନବ ଅନେକ ବୃକ୍ଷ ରୋପଣ କରିବା ପରିବର୍ତ୍ତେ ସେ ଅନେକ ମାତ୍ରାରେ ବୃକ୍ଷ କାଟିଚାଲିଛି । ବୃକ୍ଷହ୍ରାସ ଘଟୁଥିବା ହେତୁ ବାୟୁମଣ୍ଡଳରେ ଥିବା ଓଜୋନ ସ୍ତରରେ ମଧ୍ୟ କ୍ଷତି ଘଟୁଛି । ଯାହାଫଳରେ ସୂର୍ଯ୍ୟଙ୍କର ଅତି ବାଇଗଣୀ ରଶ୍ମି ମଧ୍ୟ ସିଧାସଳଖ ଆସି ପୃଥିବୀ ପୃଷ୍ଠରେ ପହଞ୍ଚୁଛି । ତେଣୁ ଅନେକ ପ୍ରାଣୀ ଚର୍ମରୋଗରେ ଆକ୍ରାନ୍ତ ହେଉଛନ୍ତି ଏବଂ ବୃକ୍ଷଗୁଡ଼ିକର ସଂଖ୍ୟା କମିଯିବା ଫଳରେ ଋତୁଚକ୍ରରେ ମଧ୍ୟ ବହୁ ପରିବର୍ତ୍ତନ ଘଟୁଅଛି । ଉଚିତ୍ ସମୟରେ ଉଚିତ୍ ଋତୁର ଅନୁଭୂତି ନହେବା, ଆବଶ୍ୟକ ଅନୁଯାୟୀ ବୃଷ୍ଟି ନ ହେବା, ଅଧିକ ସମୟ ପର୍ଯ୍ୟନ୍ତ ପୃଥ୍ୱୀପୃଷ୍ଠରେ ଉତ୍ତାପ ଅନୁଭୂତ ହେବା ଆଦି ସବୁ ସମସ୍ୟାମାନ ଦିନକୁଦିନ ବଢିଚାଲିଛି ।

ଆଧୁନିକ ମାନବ ବର୍ତ୍ତମାନ ଗ୍ରାମ୍ୟ ଜୀବନକୁ ପରିହାର କରି ସହରୀ ଜୀବନକୁ ଅଧିକ ପସନ୍ଦ କରୁଅଛି । ଗ୍ରାମ୍ୟ ମାଟି କାଦୁଅ ରାସ୍ତାକୁ ଘୃଣା କରୁଛି ଓ ଆଧୁନିକ ପିଚୁ କଂକ୍ରିଟ୍ ରାସ୍ତାକୁ ସେ ନିର୍ମାଣ କରିଚାଲିଛି । ଯାହା ଫଳରେ ସୂର୍ଯ୍ୟକିରଣ ପୃଥିବୀ ପୃଷ୍ଠରେ ନ ପଡି କଂକ୍ରିଟ୍ ଉପରେ ପଡିବା ଫଳରେ ତାହା ଖୁବ୍ ଶୀଘ୍ର ଉତ୍ତପ୍ତହୋଇ ପରିବେଶକୁ ଅନେକ ମାତ୍ରାରେ ଉତ୍ତପ୍ତ କରିଚାଲିଛି । ଯାହା ଫଳରେ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟମାନ ସୃଷ୍ଟି

ISSN NO.
2582-208X

ହେଉଛି । ଯାହାକୁ ରୋକିବା ମାନବ ପକ୍ଷରେ ଆଦୌ ସମ୍ଭବ ନୁହେଁ । ତେଣୁ ପରିବେଶ ସୁରକ୍ଷା ପାଇଁ ମାନବ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସାହିତ୍ୟ ହେଉଛି ଉତ୍କୃଷ୍ଟ ମାଧ୍ୟମ ।

ସାହିତ୍ୟ ହେଉଛି ସମାଜର ଦର୍ପଣ । ସମାଜରେ ଘଟୁଥିବା ସମସ୍ତ ଦୃଶ୍ୟକୁ ସାହିତ୍ୟ ମାଧ୍ୟମରେ ହିଁ ପ୍ରକାଶ କରି ମାନବ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇପାରିବ । ତେଣୁ ଅନେକ ଲେଖକ ସାହିତ୍ୟର ବିଭିନ୍ନ ଦିଗକୁ ଏଥିପାଇଁ ନିର୍ବାଚନ କରିଛନ୍ତି । ଆଧୁନିକ ମାନବ ଗଳ୍ପ ପଢିବାକୁ ଅନେକ ସମୟରେ ପସନ୍ଦ କରିବା ହେତୁ ଅନେକ ଗାଳ୍ପିକ ୧୯୮୦ ପରବର୍ତ୍ତୀ ସମୟରେ ପରିବେଶଧର୍ମୀ ଗଳ୍ପ ରଚନା କରି ମାନବ ମଧ୍ୟରେ ପ୍ରାକୃତିକ ପରିବେଶ ମଧ୍ୟରେ ଜୀବନ–ଜୀବିକା ନିର୍ବାହ କରୁଥିବା ପ୍ରାଣୀମାନଙ୍କ ପ୍ରତି ଦାୟିତ୍ୱବଦ୍ଧତା ବା ଦାୟିତ୍ୱକୁ ଉଜ୍ଜୀବିତ କରିବାପାଇଁ ଅନେକ ପ୍ରଚେଷ୍ଟା ଚଳାଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ ।

୧୯୮୦ ପରବର୍ତ୍ତୀ ଓଡ଼ିଆ ପରିବେଶବାଦୀ ଗଳ୍ପଗୁଡ଼ିକରେ ଅନେକ ମାତ୍ରାରେ ରହିଛି ମାନବର ଦାୟିତ୍ୱବଦ୍ଧତା । ଏହି ଗଳ୍ପଗୁଡ଼ିକ ମଧ୍ୟରେ ରହିଛି ଶାନ୍ତନୁକୁମାର ଆଚାର୍ଯ୍ୟଙ୍କ– "ପ୍ରୋଜେକ୍ଟ ଟାଇଗର', ରତ୍ନାକର ଚଇନିଙ୍କ– "ଏଇତ ଆରମ୍ଭ', ବସନ୍ତକୁମାର ଶତପଥୀଙ୍କ– "କାଠ' ଗଳ୍ପ । ବିପିନବିହାରୀ ମିଶ୍ରଙ୍କ– "ନିମନ୍ତ୍ରଣ", ଗଣେଶ୍ୱର ମିଶ୍ରଙ୍କ– "ଶଳବୃକ୍ଷ, ବ୍ରହ୍ମରାକ୍ଷାସ ଓ କାଠଚୋରି ପ୍ରସଙ୍ଗ', ଉତ୍ତମ କୁମାର ପ୍ରଧାନଙ୍କ– "କାଠ କାଙ୍ଗାଳ', ପୁନଷ୍ଟ ନାରାୟଣ ପଣ୍ଡାଙ୍କ– "କେନାଲୀକରଣ' ଗଳ୍ପ ଗୁଡ଼ିକରେ ସମାଜ ଓ ପରିବେଶ ପ୍ରତି ମାନବର ଦାୟବଦ୍ଧତା ସଂପର୍କରେ ବହୁ ଆଲୋଚନା କରାଯାଇଛି ।

ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ "ପ୍ରୋଜେକ୍ଟ ଟାଇଗର' ଗଳ୍ପରେ ବାଘମାନଙ୍କର ବଂଶବୃଦ୍ଧି ନେଇ ଚିନ୍ତା ପ୍ରକାଶ କରାଯାଇଅଛି । ବାଘ ଯଦି ପୃଥିବୀ ପୃଷ୍ଠରୁ ନିଶ୍ଚିହ୍ନ ହୋଇଯାନ୍ତି ତେବେ ଖାଦ୍ୟ ଶୃଙ୍ଖଳାରେ ବ୍ୟାଘାତ ଘଟିବ । ତେଣୁ ପୃଥିବୀ ପୃଷ୍ଠକୁ ଉତ୍ତପ୍ତ ହେବା ଦାଉରୁ ଓ ଅନ୍ୟ ଜୀବଜନ୍ତୁମାନଙ୍କର ଅକାଳ ମୃତ୍ୟୁକୁ ରୋକିବା ପାଇଁ ପ୍ରୋଜେକ୍ଟ ଟାଇଗରକୁ ନେଇ ବୈଜ୍ଞାନିକମାନଙ୍କ ମଧ୍ୟରେ ଥିବା ଚିନ୍ତାକୁ ସେ ଏହି ଗଳ୍ପରେ ଦର୍ଶାଇଛନ୍ତି । ବିପିନବିହାରୀ ରାୟଙ୍କ ଦ୍ୱାରା ରଚିତ ପରିବେଶଧର୍ମୀ ଗଳ୍ପ "ନିମନ୍ତ୍ରଣ'ରେ ମଧ୍ୟ ସେ ମାନବ ସମାଜକୁ ଅହ୍ୱାନ କରିଛନ୍ତି ଯେ ମାନବ ପାଇଁ ପରିବେଶ ଅତ୍ୟନ୍ତ ଆବଶ୍ୟକ ଏହା ଦର୍ଶାଯାଇଛି । ଗଳ୍ପରେ ସନାତନ ପ୍ରାକୃତିକ ଜଙ୍ଗଲର ରକ୍ଷଣାବେକ୍ଷଣା କରି ସାରା ଜୀବନ ଅତିବାହିତ

ISSN NO.
2582-208X



କରିଛି । ଜଗଲର ସୁରକ୍ଷା ଦାୟିତ୍ୱ ନେବା ସହିତ ସେ ପ୍ରତିଦିନ ଗୋଟିଏ ବୃକ୍ଷରୋପଣ କରୁଥାଏ । ଅଧିକ ବୃକ୍ଷରୋପଣ ହେଲେ ଅଧିକ ବୃଷ୍ଟି ହେବ ଓ ଜଳବାୟୁର ସନ୍ତୁଳନ ରକ୍ଷା ହୋଇପାରିବ ଭାବି ସେ ବୃକ୍ଷଚାରା ମଧ୍ୟ ରୋପଣ କରୁଥିଲା । ପୁଅ ମଙ୍ଗୁଳୁକୁ ମଧ୍ୟ ପରିବେଶର ସୁରକ୍ଷା ପାଇଁ ନିଜକୁ ସମର୍ପିତ କରିବା ପାଇଁ ଉତ୍ସାହିତ କରୁଥିଲା । ଏବଂ ମଙ୍ଗୁଳୁର ଅନ୍ୟ କାର୍ଯ୍ୟ ପ୍ରତି ଇଚ୍ଛା ଥିଲେ ମଧ୍ୟ ସେ ପିତାର ମୃତ୍ୟୁ ପରେ ଅନୁଭବ କରିଛି ଯେ ପ୍ରକୃତି ଓ ପରିବେଶ ଯେପରି ତାକୁ ନିମନ୍ତ୍ରଣ କରୁଛି ତାର ସୁରକ୍ଷା ଦାୟିତ୍ୱ ନେବାପାଇଁ। ସେ ମଧ୍ୟ ନିଜ ଇଚ୍ଛା ତ୍ୟାଗ କରି ପରିବେଶର ସୁରକ୍ଷା ପାଇଁ ନିଜକୁ ସମର୍ପିତ କରିଛି ଓ ପିତାର କାର୍ଯ୍ୟକୁ ଆପଣାଇ ନେଇଛି ।

ସେହିପରି ରତ୍ନାକର ଚଇନି ତାଙ୍କ ଗଳ୍ପ – "ଏଇତ ଜୀବନ' ମାଧ୍ୟମରେ ସମାଜରେ ବାସ କରୁଥିବା ଲୋକମାନଙ୍କୁ ସେ କସ୍ତୁରୀ ନାମକ ମହିଳା ମାଧ୍ୟମରେ ସଚେତନ କରାଯାଇଛି ଯେ ଆଗାମୀ ଭବିଷ୍ୟତରେ ମାଡି ଆସୁଥିବା "ଅକାଳ' ବା "ମରୁଡ଼ି' ପ୍ରତି ସତର୍କ ରହିବା ପାଇଁ । କସ୍ତୁରୀ ଗଳ୍ପଟିରେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ଯେ ନିଜର ଆବଶ୍ୟକ ପାଇଁ ନିଜକୁ କାର୍ଯ୍ୟ କରିବାକୁ ପଡିବ ଏବଂ ନିଜକୁ ବୃକ୍ଷ ରୋପଣ କରିବାକୁ ହେବ ଓ ନିଜର ଖାଦ୍ୟ ସାମଗ୍ରୀକୁ ନିଜେ ଉତ୍ପାଦନ କରି ଖାଇବା ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି। ପରିବେଶକୁ ସୁରକ୍ଷା ଦେବା ସହ ନିଜର ଖାଦ୍ୟ ପାଇଁ ନିଜକୁ ଉତ୍ପାଦନ କରିବାକୁ ପଡିବ । ତେଣୁ ସେ ସମାଜର ସମସ୍ତ ଲୋକଙ୍କୁ ଆହ୍ୱାନ ଜଣାଇଛନ୍ତି । ତପନକୁମାର ମହାପାତ୍ରଙ୍କ "ମହାବୃକ୍ଷ' ଗଳ୍ପରେ ଲୋକମାନେ କିପରି ପ୍ରକୃତିକୁ ସୁରକ୍ଷା ପ୍ରଦାନ ଦିଗରେ କାର୍ଯ୍ୟ ନକରି ନିଜ ନିଜର ସୌକ ମେଣ୍ଟାଇ ଚାଲିଛନ୍ତି; ଯେପରି ନିମ୍ବ, ଅସ୍ତ, ବଟବୃକ୍ଷ ରୋପଣ କରିବା ପରିବର୍ତ୍ତେ ଗୋଲାପ ଗଛରୋପଣ ପାଇଁ ଅଧିକ ପସନ୍ଦ କରୁଛନ୍ତି । ଆଧୁନିକ ମାନବ ପରିବେଶର ଉପାଦେୟ ନହେବା ଭଳି ବୃକ୍ଷମାନଙ୍କୁ ରୋପଣ କରିବା ପାଇଁ ଆଗଭର ହେଉଛି । ବିରାଟ ବଟବୃକ୍ଷର ଉପକାର ସଂପର୍କରେ ଲୋକମାନଙ୍କୁ ସୂଚନା ଦିଆଯିବ ଆବଶ୍ୟକ ଅଟେ କିନ୍ତୁ ଗଳ୍ପଟିରେ ସୌକିନ୍ ଓ ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିବା ବୃକ୍ଷଗୁଡ଼ିକୁ ରୋପଣ କରଯାଇଛି । ଆଜିର ସମାଜରେ ବଟବୃକ୍ଷ ରୋପଣ ପାଇଁ ମାନବ ନିକଟରେ ଜାଗା ଅଭାବ ଅଛି, କିନ୍ତୁ ଗୋଲାପ ଗଛର ଚାରା ପାଇଁ ତା' ବାଡ଼ିରେ ଅନେକ ଜାଗା ରହିଛି ବୋଲି କୁହାଯାଇଛି ।

ISSN NO.
2582-208X

ନାରାୟଣ ପଣ୍ଡାଙ୍କ "ଜଳ ଯୋଗାଣ' ଗଳ୍ପରେ ମାନବ ନିଜର ହୀନମାନ କାର୍ଯ୍ୟ ହେତୁ ସେ ଆଜି ବିଶୁଦ୍ଧ ଜଳ ପାଇବା କ୍ଷେତ୍ରରୁ କିପରି ବଞ୍ଚିତ ହେଉଛି ସେ ସଂପର୍କରେ ସେ ସୂଚନା ଦେଇଛନ୍ତି । ମାନବ ନିଜେ ପ୍ରାକୃତିକ ଖତର ବ୍ୟବହାର ନକରି ରାସାୟନିକ ଖତକୁ ବ୍ୟବହାର କରୁଅଛି । ପରେ ସେହି ରାସାୟନିକ ସାର କ୍ଷେତମାନଙ୍କରୁ ବୋହି ଆସି ନଦୀଜଳରେ ମିଶିବାରୁ ଲୋକେ ଆଉ ଶୁଦ୍ଧଜଳ ବା ପାନୀୟଜଳ ପାଇବାରୁ ବଞ୍ଚିତ ହୋଇଥିବା କଥା କୁହାଯାଇଛି । ସରକାର ମଧ୍ୟ ଏହି ସମସ୍ୟାର ନିରାକରଣ ପାଇଁ ଲାଗିଛନ୍ତି । ଅକ୍ଷୟ ମହାନ୍ତିଙ୍କ – "ଗଛ' ଗଳ୍ପରେ ଗଛର ଅସ୍ତିତ୍ୱକୁ ନେଇ ଲୋକଙ୍କର ବିଦ୍ରୋହ କରିବା ବେଶ ରୁଚି ସମ୍ପୂର୍ଣ୍ଣ । ପରେ ଓସ୍ତ ଗଛଟିକୁ ନେଇ ରାଜନୀତି ଖେଳ ମଧ୍ୟ ଖେଳିଛନ୍ତି ଲୋକମାନେ । ଗଛ ମାଧ୍ୟମରେ ମାନବ ତା'ର ସ୍ୱାର୍ଥ ଓ ସୁବିଧା କଥା ଚିନ୍ତା କରିଛି । ସେହିପରି ଗଣେଶ୍ୱର ମିଶ୍ରଙ୍କ "ଶାଳ ବୃକ୍ଷ, ବ୍ରହ୍ମରାକ୍ଷାସ ଓ କାଠ ଚୋରି' ଗଳ୍ପରେ ମାନବକୁ ଜଙ୍ଗଲ ସୁରକ୍ଷା ଦାୟିତ୍ୱ ନିଜ ହାତକୁ ନେବା ପାଇଁ ଆହ୍ୱାନ ଦେଇଛନ୍ତି । କିନ୍ତୁ ମାନବ ନିଜର ସ୍ୱାର୍ଥ ପୂରଣ ପାଇଁ ସେ ଜଙ୍ଗଲଜାତ ଦ୍ରବ୍ୟ ଓ କାଠକୁ ଚୋରି କରିବା ପାଇଁ ଅନେକ ପ୍ରକାର ପ୍ରଚେଷ୍ଟା ଚଳାଇଛି । ଏହି ସବୁ ବେଆଇନ କାର୍ଯ୍ୟକୁ ରୋକିବା ପାଇଁ ଜଙ୍ଗଲରେ ରହିଛି ଏକ ବ୍ରହ୍ମରାକ୍ଷାସ, ଯେ କି ଗଛ କାଟିବା ଦ୍ୱାରା ଜଙ୍ଗଲର ଓ ପରିବେଶର ସନ୍ତୁଳନ କିପରି ବିଗିଡି ଯାଉଛି ସେ ସଂପର୍କରେ ଲୋକଙ୍କୁ ବା ଶାଳବୃକ୍ଷକୁ କାଟୁଥିବା ଚୋରମାନଙ୍କୁ ବୁଝାଇଛନ୍ତି । ଜଙ୍ଗଲରୁ ଅତ୍ୟଧିକ ଶାଳବୃକ୍ଷ କଟାହେବା ଦ୍ୱାରା ବୃଷ୍ଟି ଶକ୍ତି କମିବାରେ ଲାଗିଛି । ଯାହା ଫଳରେ ଅରଣ୍ୟ ମଧ୍ୟରେ ଥିବା ଅନ୍ୟାନ୍ୟ ଜୀବଜନ୍ତୁଙ୍କର ମୃତ୍ୟୁ ଘଟିଯାଉଛି ବୋଲି ବ୍ରହ୍ମରାକ୍ଷାସ ଚୋରମାନଙ୍କୁ ବୁଝାଇବା ସତ୍ୱେ ମଧ୍ୟ ସେମାନେ ବୃକ୍ଷ ଛେଦନ ପାଇଁ ଆଗେଇ ଯାଇଛନ୍ତି କିନ୍ତୁ ବ୍ରହ୍ମରାକ୍ଷାସ ସେମାନଙ୍କୁ ଆଘାତ କରିଛି ପରିବେଶର ସୁରକ୍ଷା ପାଇଁ । ସେ ମାନବର ଦୁଶ୍ଚିନ୍ତା ନିକଟରେ ପାଚେରୀ ସାଜି ଛିଡ଼ା ହୋଇଛି । ଯେଉଁ ମାନବ ସମାଜରେ ବସବାସ କରୁଛି, ଯାହାକୁ ପରିବେଶର ବାତାବରଣ ହିଁ ଦୀର୍ଘାୟୁ କରୁଛି ସେହି ମାନବହିଁ ତା'ର ଧ୍ୱଂସର କାରଣ ସାଜୁଛି ଓ ଯେ ଜୀବଜଗତ ବିନା ମଧ୍ୟ ରହିପାରିବ ନାହିଁ ସେହି ବ୍ରହ୍ମରାକ୍ଷାସ ପରିବେଶ ସୁରକ୍ଷାର ଗୁରୁଦାୟିତ୍ୱ ବହନ କରିଛି । ଗଣେଶ୍ୱର ମିଶ୍ର ମାନବ ସମାଜକୁ ତା'ର ଦାୟିତ୍ୱ ଓ କର୍ତ୍ତବ୍ୟକୁ ମନେପକାଇବା ପାଇଁ ବ୍ରହ୍ମରାକ୍ଷାସର ସହାୟତା ନେଇଛନ୍ତି ।

ସେହିପରି ଉତ୍ତମ କୁମାର ପ୍ରଧାନଙ୍କ "କାଠ କାଙ୍ଗାଳ' ଗଳ୍ପରେ ବୃକ୍ଷର ସୁରକ୍ଷା ପାଇଁ ଡାକରା ଦେଉଥିବା ପ୍ରଶାସନ କଲେକ୍ଟର ଚନ୍ଦନକାଠ ବିକ୍ରିକରି ଧନସମ୍ପତ୍ତି ଅର୍ଜନ କରିବାକୁ

ISSN NO.
2582-208X

ଚାହିଁଛନ୍ତି ଓ ଏପରି ଭ୍ରଷ୍ଟାଚାରମୂଳକ କାର୍ଯ୍ୟରେ କଲେକ୍ଟରଙ୍କୁ ସାହାର୍ଯ୍ୟ କରି ସାଧାରଣ ଜନତାଙ୍କୁ ସୁରକ୍ଷା ପ୍ରଦାନ କରିଛି ପୋଲିସ୍ ଏସ୍.ପି ।

ଏହିପରି ଅନେକ ଗଳ୍ପ ମାଧ୍ୟମରେ ଗାଳ୍ପିକ ସମାଜରେ ବସବାସ କରୁଥିବା ମାନବଙ୍କୁ ପରିବେଶ ଓ ପ୍ରକୃତିର ସୁରକ୍ଷା ପାଇଁ ତା'ର ଦାୟିତ୍ୱ ସଂପର୍କରେ ଅବଗତ କରାଇଛନ୍ତି । ମାନବ ମଧ୍ୟ ଜଣେ ସାମାଜିକ ପ୍ରାଣୀ ଭାବରେ ତା'ର ପରିବେଶ ସୁରକ୍ଷା ପ୍ରତି ଥିବା ଦାୟିତ୍ୱକୁ ନେଇ ସଚେତନ ହେଲେ ପୃଥିବୀ ଧ୍ୱଂସମୁଖରୁ ନିଶ୍ଚିତ ଭାବରେ ମୁକୁଳି ପାରିବ ଏଥିରେ ସନ୍ଦେହ ନାହିଁ । ପରିବେଶ ସୁରକ୍ଷା ବର୍ତ୍ତମାନ ସମସ୍ତ ବିଶ୍ୱବାସୀଙ୍କ ପାଇଁ ଚିନ୍ତାର କାରଣ ସାଜିଛି । ତେଣୁ ପରିବେଶ ସୁରକ୍ଷା ଓ ଏହାର ଉପାଦେୟତା ଓ ମହତ୍ୱ ସଂପର୍କରେ ଲୋକଙ୍କୁ ସଚେତନ ହେବା ଅତ୍ୟନ୍ତ ଆବଶ୍ୟକ ଏବଂ ଏଥିପାଇଁ ମାନବ ସମାଜକୁ ପରିବେଶ ପ୍ରତି ତା'ର ଦାୟିତ୍ୱ ସଂପର୍କରେ ଅବଗତ କରିବା ପାଇଁ ଓ ପ୍ରକୃତି କୋଳକୁ ଫେରିବା ପାଇଁ ସେମାନଙ୍କୁ ବିଭିନ୍ନ ମମତାପୂର୍ଣ୍ଣ ବାଣୀରେ ଆହ୍ୱାନ କରିବା ଜରୁରୀ । ଯଥା–

୧. "ସବୁଜ ପ୍ରକୃତି ଅଟେ ମା ପରି
  ରଖ ତା'ର ସୁଶୋଭିତ
 ଥରେ ହରାଇଲେ ପାଇବେନି ତା'ର
  ଶ୍ୟାମଳ ଛାଇ ପଣତ ।'

୨. "ଗଛ କାଟି ନେଲେ ମିଳିଯାଏ ସିନା
  କିଛି ଦିନର ଜାଳେଣି
 ଗଛର ବିନାଶ ଡାକି ଆଣେ କିନ୍ତୁ
  ଜୀବନ ସାରା ଭାଳେଣି ।'

୩. "କୁଳୁକୁଳୁ କରି
  କହେ ନଦୀଜଳ
 ହେ ମାନବ
  ମୋତେ ରଖ ତୁ ନିର୍ମଳ ।'

୪. "ପ୍ରଦୂଷିତ ଧୂଆଁ ସହରେ ଛାଇଛି
  ନଦୀରେ ତ ନାହିଁ ପାଣି

ISSN NO.
2582-208X

ଅଛି କି ଆମର ଲୋତକ ଯଥେଷ୍ଟ
ଧୋଇବାକୁ ଏହି ଗ୍ଲାନି ।'

୫. "ପ୍ରଦୂଷଣ ଅଟେ ଘାତକ
ଜଙ୍ଗଲ ଆମର ରକ୍ଷକ
ବାଦଲ ଆମର ଜୀବନ
ସବୁଜିମା ସୁଖ ସପନ ।'

୬. ଜଙ୍ଗଲ ପୋଷଣ ପାଇଁ
ଦିଅ ଏବେ ଧ୍ୟାନ,
ପରିବେଶ ଲାଗି ଏହା
ଅତୀବ ମହାନ ।
କଳକାରଖାନ, ଯାନବାହନର
କେତେ ଯେ ରୋଗର ଆତଙ୍କ
ଖେଳାଏ ପାଲଟେ ଧ୍ୱଂସର ମର୍ମ ।

୭. "ଉତ୍ତାପ ବଢିଛି, ପୃଥିବୀ ପୃଷ୍ଠରେ
ଚହଳ ପଡିଛି ଆଜି
ପେଟ୍ରୋଲ ଡିଜେଲ
ଜାଳ ନାହିଁ ଆଉ
କାଟ ନାହିଁ ବୃକ୍ଷରାଜି ।
ଜଳ ନାହିଁ ଆଉ
କାଟ ନାହିଁ ବୃକ୍ଷରାଜି ।

ଏହିପରି ଆହ୍ୱାନ ମୂଳକ ବାଣୀ ମାଧ୍ୟମରେ ମାନବ ମଧ୍ୟରେ ଶୋଇ ରହିଥିବା ଅମାନବିକତା ମଧ୍ୟରେ ଥିବା ପରିବେଶ ପ୍ରେମୀ ବ୍ୟକ୍ତିତ୍ୱଟିକୁ ନିଶ୍ଚିତ ଭାବରେ ଜାଗ୍ରତ ହୋଇପାରିବ ବୋଲି କହିଲେ କିଛି ଭୁଲ ହେବ ନାହିଁ ।

## ସହାୟକ ଗ୍ରନ୍ଥସୂଚୀ :

୧. ପଣ୍ଡା, ନାରାୟଣ – ତୀର୍ଥଯାତ୍ରୀ, ବିଜୟ ବୁକ୍‌ଷ୍ଟୋର, ବ୍ରହ୍ମପୁର ।

ISSN NO.
2582-208X

୨. ଦାଶବର୍ମା, ଚନ୍ଦ୍ରଶେଖର - ଶ୍ରେଷ୍ଠଗଳ୍ପ, ଓଡ଼ିଶା ସାହିତ୍ୟ ଏକାଡେମୀ ।

୩. ଦାସ, ବିଷ୍ଣୁଚରଣ - ପରିବେଶ ପାଠ, କଲ୍ୟାଣି ପବ୍ଲିଶର୍ସ ।

୪. ରାଉତ, ରମାକାନ୍ତ ଓ ଅନ୍ୟାନ୍ୟ - ରାଜନୀତି ବିଜ୍ଞାନ, ମାଧ୍ୟମିକ ଶିକ୍ଷା ।

(((-)))

ଗବେଷିକା
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା
ଦୂରଭାଷ - ୮୧୪୪୭୭୩୫୫୪

ISSN NO.
2582-208X

# ଅଭିଶପ୍ତ ଜୀବନ



ଡାକ୍ତର ଶେଖର ବନମାଳୀ ଚନ୍ଦ୍ର ନାମଦେଓ

ଲହୁ ର ଉଷ୍ମତା ରେ ଭରା  ଜୀବନ
ଲୁହ ର ଗଙ୍ଗା କୁ ନେଇ
ତିକ୍ତ ଜୀବନ ର ଘନ ଘଟା ଯୁଦ୍ଧେ
ଯାଉଛି ହଜି ଯେ ମୁହିଁ......
ସପନ ଦେଖିବା ଦୂରର କଥା  ଯେ
ଆବଶ୍ୟକ ହୋଇ ନାହିଁ
ସ୍ୱଳ୍ପ ର ଇଛା ବି ମରିଯାଏ ଯହିଁ
ବାସ୍ତବ ବି ମରୁଭୂଇଁ........
ହାତ ମୁହଁ ବାନ୍ଧି ନରବେ ସହିବା
ଜୀବନ ର ମାପ କାଠି
କହିବା ଯେ ବଡ ଅପରାଧ ଏଠି
ନ କହିବି ଦୁଃଖ ଏଠି........
ଜୀବନ ର ଏହି କଣ୍ଟକ ପଥେ ଯେ
ଅବଶ ମନ ଟି ହାରେ
ସହିବାର ସୀମା ଧର୍ଯ୍ୟ ହରାଏ
ତତଲା ଲୁହ ର ଧାରେ .......
ଅତିଷ୍ଠ ବିବ୍ରତ କରେ ଏ ସମୟ
ବାଟ ଖୋଜେ ଫେରିବାର

ISSN NO.
2582-208X

ସମୟ ହସୁଛି ଜୀବନ କାନ୍ଦୁଛି
ଭାଙ୍ଗି ମୋର ବାଲିଘର.......
ବିଳାପ ର ସ୍ୱର ରୁନ୍ଧି ହୋଇଯାଏ
ବିକୃତ ହୁଏ କ୍ରନ୍ଦନ
କି ଦୋଷେ ବୋହିଛି ଏ ଶିକ୍ତ ଜୀବନ
ଭାବେ ଅଭିଶପ୍ତ ମନ .........

(((-)))

ସମ୍ପାଦକ, ଗୁଡ଼ୁଦା ସାହିତ୍ୟ ସଂସଦ,
କୁଚଣ୍ଡା, ସମ୍ବଲପୁର

ISSN NO.
2582-208X

# କାପୁରୁଷ



ସାବିତ୍ରୀ କଣ୍ଡୁ

ପୁରୁଷ.... ଏହି "ପୁରୁଷ" ଶବ୍ଦଟି ଶୁଣିବାକୁ ଯେତିକି ଗମ୍ଭୀର ଲାଗେ, ଆଜିର ବାସ୍ତବତାରେ ଏହା ସେତିକି ପ୍ରଶ୍ନବାଚୀ ସୃଷ୍ଟି କରେ ।

ଦିନ ଥିଲା ଯେତେବେଳେ ଏହି ଶବ୍ଦ ପଛରେ ଦାୟିତ୍ୱ, ସୁରକ୍ଷା ଓ ତ୍ୟାଗର ଏକ ଚିତ୍ର ଆଖି ଆଗକୁ ଆସୁଥିଲା। କିନ୍ତୁ ଆଜି ଏହି ଶବ୍ଦର ଅସଲ ଚେହେରା ଓ ନୀଚ ମାନସିକତା ସାମ୍ନାକୁ ଆସୁଛି। ଆମ ବାପା, ଜେଜେବାପାଙ୍କ ସମୟରେ ମଧ୍ୟ ଏପରି ପୁରୁଷ ଥିଲେ, କିନ୍ତୁ ସେତେବେଳେ ସମାଜ ସେମାନଙ୍କର ସେହି କୁତ୍ସିତ ରୂପକୁ ଚାରି କାନ୍ଥ ଭିତରେ ଲୁଚାଇ ରଖୁଥିଲା। କିନ୍ତୁ ଆଜିର ଡିଜିଟାଲ ଦୁନିଆ ସେହି ସଭ୍ୟତାର ମୁଖାଟାକୁ ଟାଣି ଓଟାରି ବାହାର କରିଦେଉଛି ।

ଆଜିର ଝିଅମାନେ ପଢ଼ିଲେ, ଶିକ୍ଷିତା ହେଲେ, ସ୍ୱାଧୀନ ହୋଇ ପୁରୁଷ ସହ କାନ୍ଧକୁ କାନ୍ଧ ମିଶାଇ ଆଗକୁ ବଢ଼ିବାକୁ ଚେଷ୍ଟା କଲେ। କିନ୍ତୁ ପୁରୁଷ....ସେ ଯେତେ ବଡ ଡିଗ୍ରୀ ହାସଲ କଲେ ବି, ଯେତେ ଶିକ୍ଷିତ ହେଲେ ବି, ଯେତେ ଆଧୁନିକ ହେଲେ ବି ତାର ଚିନ୍ତାଧାରା ଆଜି ବି ସେଇ ପୁରାତନ ଯୁଗରେ ଅଟକି ରହିଛି ।

କେଡ଼େ ବିଚିତ୍ର ଏହି ପୁରୁଷ ଜାତି। ସେମାନେ ଯେତେ ଭଲ ହେବାର ଅଭିନୟ କରନ୍ତୁ ନା କାହିଁକି, ଯେତେ ପ୍ରେମର ବର୍ଷା କରନ୍ତୁ ନା କାହିଁକି, ସେଇ ଭଲପାଇବା ଏବଂ ସହାନୁଭୂତିର

ISSN NO.
2582-208X

ଅନ୍ତରାଳ ରେ ଲୁଚି ରହିଥାଏ ଏକ ପାଶବିକ ଉଦ୍ଦେଶ୍ୟ, ଏକ ଶିକାରୀର ମାନସିକତା। ଯେତେବେଳେ ସେମାନଙ୍କୁ ପ୍ରଶ୍ନ କରାଯାଏ, ସେମାନେ ଖୁବ୍ ସହଜରେ କହିଦିଅନ୍ତି - "ସବୁ ପୁରୁଷ ସମାନ ନୁହନ୍ତି" ହଁ ସତ କଥା ସବୁ ପୁରୁଷ ପ୍ରକୃତରେ ସମାନ ନୁହଁନ୍ତି । କାରଣ ସମସ୍ତଙ୍କର ଉପାୟ ଭିନ୍ନ ଭିନ୍ନ - କିଛି ପୁରୁଷ ପ୍ରେମର ପବିତ୍ର ନାମ ଦେଇ ନାରୀର ବିଶ୍ୱାସ ସହ ଖେଳନ୍ତି ଏବଂ ତାକୁ ଭୋଗ କରନ୍ତି, କିଛି ନିଜର ଆସୁରିକ ବଳ ପ୍ରୟୋଗ କରି ନାରିତ୍ୱକୁ ଭୂଲୁଣ୍ଠିତ କରନ୍ତି, ଆଉ କିଛି ଛଳନା, ମିଥ୍ୟା ସହାନୁଭୂତି ଓ ସୁନ୍ଦର କଥାର ମାୟାଜାଲ ବିଛାଇ ନାରୀକୁ ନିଜର ଶିକାର ବନାନ୍ତି । ଶୈଳୀ ଅଲଗା ହୋଇ ପାରେ, ଚେହେରା ଅଲଗା ହୋଇପାରେ, କିନ୍ତୁ ସମସ୍ତଙ୍କର ଅନ୍ତିମ ଉଦ୍ଦେଶ୍ୟ ଓ ଗନ୍ତବ୍ୟ ସ୍ଥଳ ଗୋଟିଏ ।

ଏହି ସବୁ ଦେଖି ମନରେ ପ୍ରଶ୍ନ ଉଠେ -

ପୁରୁଷର ଏହି ଆଧୁନିକତା କେବଳ ଏକ ଦେଖାଣିଆ ଆବରଣ କି ?
ପୁରୁଷର ଏହି ପାଶବିକ ପ୍ରବୃତ୍ତିରୁ ନାରୀ କେବେ ମୁକ୍ତ ହେବନି କି ?
ଏହି କାପୁରୁଷତା ଆଉ କେତେଦିନ ପ୍ରେମର ମୁଖା ପିନ୍ଧି ସମାଜରେ ବୁଲିବ ?

(((-)))

କଳାହାଣ୍ଡି

ISSN NO.
2582-208X

# ଆତ୍ମା - କଳତ୍ର- ସୂତ୍ର - ଗୃହେ, ପଶୁ - ଦ୍ରବିଣ ବନ୍ଧୁ ସ୍ନେହେ

ପ୍ରତାପ ଚନ୍ଦ୍ର ମିଶ୍ର

ସକଳ ଘଟେ ନାରାୟଣ
କହେ ଭାଗବତ ପୁରାଣ ।
ଦିବ୍ୟ ଜ୍ଞାନ ପାଇ ନର
କରଇ ସେହୁ ବ୍ୟଭିଚାର ।

ଭୁଲି ଯାଇ ଥାଏ ମହତ୍ତ୍ୱ
ମଣିଷ ଜନ୍ମ ର ଗୁରୁତ୍ୱ ।
ଅକର୍ମ କର୍ମ କରୁଥାଇ
ମନେ କପଟ ଆଚରଇ ।

ଲୋଲୁପ ଦୃଷ୍ଟି ରେ ଦେଖଇ
ଦୁର୍ବଳ ସ୍ତର କୁ ଖସଇ ।
ବଳ ହୀନ ଜନ କୁ ଛାଟ
ସ୍ୱାର୍ଥ ହତେଇ ନିଏ ସ୍ୱାର୍ଥ ।

ସକଳ କ୍ରିୟା କଳ୍ପ ମାନ
ଜାଣନ୍ତି ପ୍ରଭୁ ଭଗବାନ ।
ଗୁପ୍ତ ରେ ଅଛନ୍ତି ଥିରି
ହୃଦେ ବସିଛନ୍ତି ଶ୍ରୀ ହରି ।

ISSN NO.
2582-208X

ମିଛ ମାୟା ରେ ହୁଏ ଘାରି
ଜାୟା ପୁତ୍ର ମୋହ ଭାରି ।
ସବୁ କହେ ମୋର ମୋର
ଏଠି କିଏ ନୁହେଁ କାହାର ।

ମାୟା କଳ୍ପ ଆତ୍ମା ଆବୋରି
ସଂସାରେ ବୁଲେ ଘଟ ଘୁରି ।
ଆତ୍ମା – କଳତ୍ର– ସୂତ୍ର – ଗୃହେ ,
ପଶୁ – ଦ୍ରବିଣ ବନ୍ଧୁ ସ୍ନେହେ ।

ଏ ସବୁ ବିକାର ସଂଯୁକ୍ତ
ପଶୁ ସମ ନିର୍ବୋଧ ଚିତ୍ତ ।
ସତସଙ୍ଗ ଯେତେ ପରିହରି
ମୋକ୍ଷ ବାଟ କୁ ଭୁଲି କରି ।

ଜଗତ କର୍ତ୍ତା ଙ୍କ ସୃଷ୍ଟିରେ
ଧର୍ମ ଅଧର୍ମ ର ନ୍ୟାୟ ରେ ।
ପରିଶେଷ କର୍ମ ସଞ୍ଚିତ
ପ୍ରାଣୀ ଭୋଗେ ସୁଧ ମୂଳ ସହିତ ।

ଆତ୍ମା ପରମାତ୍ମା ନିବିଡ଼ତା
ତତ୍ୱଦର୍ଶୀ ହିଁ ଜାଣି ଥାଏ ଯଥା
ସତ୍କର୍ମ ପ୍ରାଣି ସେବା ହିଁ ମାଧବ
ପ୍ରୀତ ହୁଅନ୍ତି ଶ୍ରୀ ବିଷ୍ଣୁ ଦେବ ।

(((–)))

ଆସ୍କା, ଗଞ୍ଜାମ

ISSN NO.
2582-208X

# ଯଶୋଧାର୍ ମିଶ୍ରଙ୍କ ଓଡ଼ିଆ କ୍ଷୁଦ୍ରଗଳ୍ପରେ ମଧ୍ଯବିତ୍ତ ସମାଜର ବିବିଧ ସମସ୍ୟା

ଶାନ୍ତିଲତା ଗିରି

ଓଡ଼ିଆ ଗଳ୍ପ ଜଗତର ଅନ୍ୟତମ ପରିଚିତ ସ୍ୱର ଗାଳ୍ପିକା ଯଶୋଧାରା ମିଶ୍ର (୧୯୫୧) । ଉତ୍ତର ସତୁରୀ ଦଶକରୁ ଅଦ୍ୟାବଧି ତାଙ୍କର ଲେଖନୀ ସୁଗୋଚିତ ଆହ୍ୱାନକୁ ସ୍ୱୀକାର କରି ଚଳଚଞ୍ଚଳ । ଇଂରାଜୀ ସାହିତ୍ୟ ତାଙ୍କର ଅଧ୍ୟାପନାର କ୍ଷେତ୍ର ଏବଂ ଓଡ଼ିଆ ତାଙ୍କର ସୃଜନଶୀଳତାର । କେନ୍ଦ୍ର ସାହିତ୍ୟ ଏକାଡ଼େମୀରୁ ପ୍ରକାଶିତ Indian literature ର ପତ୍ରିକାର ସେ ପ୍ରଥମ ମହିଳା ସମ୍ପାଦକ । ସମାଜର ପ୍ରତ୍ୟେକ ସ୍ତରର ମଣିଷକୁ ସେ ଦେଖିଛନ୍ତି ତାଙ୍କର ସମସ୍ୟା ଉପଲବ୍ଧି କରିଛନ୍ତି ଯାହାର କଳାତ୍ମକ ରୂପ ପାଇଛି ତାଙ୍କ ସାହିତ୍ୟର ସୃଜନ କଳା ମାଧ୍ୟମରେ । କାହାଣୀ ଆମ ସାଧାରଣ ଚଳଣୀର ଯେତେ ନିକଟବର୍ତ୍ତୀ ହୁଏ ତାହା ସେତେ ବିଶ୍ୱସ୍ତତା ବହନ କରେ ଜନସମାଜରେ । ପରିବର୍ତ୍ତିତ ପରିସ୍ଥିତି ଭିତରେ ଅନେକ କିଛି ପରିବର୍ତ୍ତିତ ଓ ପରିବର୍ଦ୍ଧିତ, ଅନେକ ନୂତନତାକୁ ସାଦରେ ସ୍ୱୀକାର କରାଯାଇଛି । ଏହି ସବୁ ପରିବର୍ତ୍ତନର ଫଳଶ୍ରୁତି ଯଶୋଧାରା ମିଶ୍ରଙ୍କ ଗଳ୍ପରେ ମଧ୍ୟ ସ୍ପଷ୍ଟ ବାରି ହୁଏ ଯାହା ତାଙ୍କ ଉପଲବ୍ଧି ଦିଗନ୍ତ ତଥା ଆହୋରଣଶୀଳତାର ପରିଚିତି। ସମାଜର ନିମ୍ନସ୍ତରରେ ରହୁଥିବା ମଣିଷର କାହାଣୀ, ମଧ୍ୟବିତ୍ତ ସମାଜର ହା ହୁତାଶ ଧନୀକ ସମାଜର ବିବିଧ ସମସ୍ୟା ସର୍ବୋପରି ଭାବେ ଦେଖିଲେ ସମାଜର ପ୍ରତ୍ୟେକ ସ୍ତରର ଚରିତ୍ର ଓ ତାହାର ଚିତ୍ର ସଂଗ୍ରହ କରିଛନ୍ତି ।

ଏକଦା ଏହି ମଧ୍ୟବିତ୍ତ ଶ୍ରେଣୀ ସମାଜର ମୁଖ୍ୟ କେନ୍ଦ୍ର ଥିଲେ, ଯେ କୌଣସି ମୂଳରେ ଥିଲେ ଏହି ମଧ୍ୟବିତ୍ତ । ଯେହେତୁ ଏମାନେ ଥିଲେ ସମାଜର ମେରୁଦଣ୍ଡ ତେଣୁ ନିଜସ୍ୱ ସମସ୍ୟା ସହ ସାମାଜିକ ସମସ୍ୟା ସହ ସମ୍ପୃକ୍ତ ପୂର୍ବକ ସମାଧାନର ପଥ ନିର୍ଦ୍ଦେଶକ ମଧ୍ୟ ଥିଲେ ଏହି ଶ୍ରେଣୀ କିନ୍ତୁ ଆଜିର ସମାଜରେ ସଂଖ୍ୟାଗରିଷ୍ଠ ଏହି ଶ୍ରେଣୀ ନିଜସ୍ୱ ସମସ୍ୟାର

ISSN NO.
2582-208X

ଚକ୍ରବ୍ୟୁହରେ ଆବଦ୍ଧ ହୋଇଯାଇଛି । ଅବକ୍ଷୟୀ ଗ୍ରସ୍ତ ତୋଷାମୋଦି ସମାଜ ତଥା ସ୍ୱାର୍ଥପରତା ତା'ର ଅନ୍ତଃକରଣକୁ ପ୍ରବେଶ କରାଯାଇଛି । ସମୟ ବଦଳିବା ସହ ଅନେକ ସମସ୍ୟା ମୁଣ୍ଡ ଟେକିଛି ସେହି ସାହୁ ପରିଦୃଶ୍ୟମାନ ବିବିଧ ସମସ୍ୟାରେ ଏ ସମାଜ ଆଜି ପୀଡ଼ିତ । ବିଭିନ୍ନ ଚରିତ୍ରର ଅନୁପ୍ରବେଶ ତାଙ୍କ ଗଳ୍ପରେ ଥିଲେ ହେଁ ଏଠାରେ କେବଳ ମଧ୍ୟବିତ୍ତ ପରିବାରର ବିବିଧ ସମସ୍ୟାକୁ ଉତ୍ଥାପନ କରାଯାଇଛି । ତାହା ଉପରେ ଆଲୋକପାତ କରାଯାଇଛି –

ଆତ୍ମୀୟ-ସ୍ୱଜନଙ୍କ ଦ୍ୱାରା ପୀଡ଼ନ : ପରିବାର ମଧ୍ୟରେ ସ୍ନେହ ମଧୁରତାପୂର୍ଣ୍ଣ ବାତାବରଣ ଶାନ୍ତି ଓ ଶୃଙ୍ଖଳାର ସହବସ୍ଥାନ ହୋଇ ପରିବାର ସଦସ୍ୟଙ୍କ ମଧ୍ୟରେ ପରସ୍ପର ଆସକ୍ତି ପ୍ରବଣତାକୁ ଅତୁଟ ରଖେ । ପରନ୍ତୁ ସାମାଜିକ ଜୀବନ ଚଳଣୀ ବଦଳିବାରେ ଲାଗିଛି । ବ୍ୟକ୍ତିସ୍ୱାତନ୍ତ୍ର୍ୟର ମହତ୍ୱ ବୃଦ୍ଧି ପାଉଛି । ପ୍ରତ୍ୟେକ ନିଜର ଇଚ୍ଛା ଓ ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇଥାନ୍ତି । ଏହି ବ୍ୟକ୍ତି ସ୍ୱତନ୍ତ୍ରତା ସମ୍ମୁଖରେ ବ୍ୟକ୍ତିର ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ମଳିନ ଓ ଅପାଂକ୍ତେୟ କାରଣ ଏସବୁ ବ୍ୟକ୍ତିସ୍ୱତନ୍ତ୍ରତା ତଥା ବ୍ୟକ୍ତି ସ୍ୱାଧୀନତାର ପରିପନ୍ଥୀ। ପରିବାର ସମାଜର କ୍ଷୁଦ୍ର ଅନୁଷ୍ଠାନ ହେଲେ ହେଁ ସମାଜର ମୂଳପିଣ୍ଡ । ଯାହା ସମାଜ ପାଇଁ ଆଦର୍ଶର ବାର୍ତ୍ତା ପ୍ରେରଣର ମାର୍ଗ ପ୍ରସ୍ତୁତ କରିବାରେ ସହାୟକ ହୁଏ ମାତ୍ର ସାମ୍ପ୍ରତିକ ସମୟରେ ଏହାର ବିପରୀତ ରୂପ ପରିଲକ୍ଷିତ । ପରିବାର ସଦସ୍ୟଙ୍କ ଭିତରେ ପୂର୍ବର ସ୍ନେହପୂର୍ଣ୍ଣ ସମ୍ବନ୍ଧ ପରିବର୍ତ୍ତେ ମନମାଳିନ୍ୟ ଓ ବିପରୀତ ମୁଖୀ ଚିନ୍ତାଧାରା ଦେଖିବାକୁ ମିଳେ। "କଠୋରୀ' ଗଳ୍ପ ଏହାର ଏକ ସାର୍ଥକ ଜୀବନଲିପି । ଗଳ୍ପନାୟକ ପାଇଁ କ୍ଷୋଭ ହେଉଛି ତାହାକୁ ପରିବାର ସଦସ୍ୟ ତାକୁ ବୁଝିପାରୁ ନାହାନ୍ତି । ସେଥିପାଇଁ ସେ ମନର ନିଭୃତ କଠୋରୀ ମଧ୍ୟରେ ନିଜେ ଆବଦ୍ଧ ରହି ସନ୍ତୁଳିତ । ଇଚ୍ଛାନୁଯାୟୀ ବିବାହ କରିବାର ନିଷ୍ପତ୍ତିରେ ପରିବାରରେ ସୃଷ୍ଟି ହୋଇଛି ଝଡ଼ । ପରିବାରର ସମସ୍ତେ ତାକୁ କରିଛନ୍ତି ବଏକଟ । ଚାକରର ଦୁର୍ଘଟଣାରେ ମା ଯେତିକି ବ୍ୟସ୍ତତା ଦେଖାଇଛନ୍ତି ତା ସମ୍ବନ୍ଧରେ ଦେଖାଇ ନାହାନ୍ତି । ପରସ୍ପରକୁ ନ ବୁଝିପାରିଲେ ସମ୍ପର୍କ ମଧ୍ୟରେ ଯେଉଁ ଅଦୃଶ୍ୟ ପ୍ରାଚୀର ମୁଣ୍ଡଟେକି ଉଠେ ତାହା ତଳେ ସମାଧି ପାଇଯାଏ ସମସ୍ତ ଆନ୍ତରିକତା, ସ୍ନେହ-ସମ୍ମାନ ଓ ସମର୍ପଣ ଭାବ । "ଘଟଣା' ଗଳ୍ପରେ ଦେବ ଉତ୍ତମ ଛାତ୍ର ହେଲେ ହେଁ ତାର ଦାୟିତ୍ୱବୋଧକୁ ନେଇ ବଡ଼ ଭାଇ ସନ୍ଦର୍ଭ ଅନ୍ୟର ଉଦାହରଣ ଦେଇ ତାର ଦାୟିତ୍ୱହୀନତାକୁ ଦେଖାଇ ଦିଅନ୍ତି । "ଶୋକ' ଗଳ୍ପରେ ସୀତାନାଥବାବୁ ସମ୍ପର୍କୀୟମାନଙ୍କ ଦ୍ୱାରା ପୀଡ଼ିତ ହୋଇଥିଲେ

ISSN NO.
2582-208X

ମଧ୍ୟ ବିବେକ ଶକ୍ତି ତାଙ୍କ ଠାରେ ତିରୋହିତ ହୋଇନାହିଁ । ମାନବିକତା ଦୃଷ୍ଟିରୁ ଦାଦାଙ୍କ ଶୁଦ୍ଧିକ୍ରିୟାରେ ଯୋଗ ଦେଇଛନ୍ତି । ପରିବାର ସଦସ୍ୟଙ୍କ ମନମାଳିନ୍ୟର ଅନ୍ୟ ଏକ ଗଳ୍ପ "ବୁଢ଼ାଲୋକ' ସ୍ତ୍ରୀ ଓ ବୋହୁଙ୍କ ଭିତରେ ସମ୍ପର୍କ ଭଲ ନଥିବାରୁ ଉଭୟେ ଭିନ୍ନ ଭିନ୍ନ ସ୍ଥାନରେ ରହୁଛନ୍ତି ବୁଢ଼ା କିନ୍ତୁ କାହାକୁ ଛାଡ଼ିପାରେ ନାହିଁ ଯଦିଓ ଏଥିରେ ତା'ର ରସନା ଲାଳସା ରହିଛି ଭଲ ଖାଦ୍ୟକୁ  ନେଇ । ସମ୍ପର୍କ ଦୋଛକିରେ ବୁଢ଼ାଲୋକଟି ରହିଛି ।

ଚିନ୍ତାଧାରା ଓ ପାରମ୍ପରିକ ମୂଲ୍ୟବୋଧ ସର୍ବଦା ବଦଳି ଚାଲେ । ଏହି ପରିବର୍ତ୍ତନ କିନ୍ତୁ ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରେ ନାହିଁ  ଯେତେ ଆଧୁନିକତାର ଦ୍ୱାହି ଦେଲେ ମଧ୍ୟ। "ବନସାଇ' ଗଳ୍ପରେ ପିଢ଼ି ସମସ୍ୟା ମୁଖ୍ୟ କେନ୍ଦ୍ର ମା ଓ ଝିଅର ଚିନ୍ତାଧାରା ଭିନ୍ନ ଭିନ୍ନ ହୋଇଛି ଯାହା ମାନସିକ ଅସନ୍ତୋଷ ର କାରଣ ହୋଇଛି । ଡାକମୁନିସିଙ୍କ ମା ଗଳ୍ପରେ ସନ୍ତାନ ଦ୍ୱାରା ଅବହେଳିତ ପିତାମାତାଙ୍କ ଅସହାୟତା ପରିଲକ୍ଷିତ ସନ୍ତାନ ଦ୍ୱାରା ଅବହେଳିତ ହେବାର ଅସହାୟତାବୋଧର ମାନସିକ ଉତ୍ପୀଡ଼ନ ଓ ଅନ୍ତହୀନ ଯନ୍ତ୍ରଣାର ଜୀବନଲିପି ଏ ଗଳ୍ପଟି । ଗଳ୍ପରେ ସନ୍ତୋଷବାବୁ ଜଣେ ଅସହାୟ ପିତା ଓ ନିଃସଙ୍ଗ ବ୍ୟକ୍ତି ଏବଂ ସୁପ୍ରିୟା ଦେବି ଏହିପରି ଏକ ମା । ସ୍ଥବିର କାଳରେ ସନ୍ତାନର ସ୍ନେହ ଓ ସେବାରୁ ବଞ୍ଚିତ ଅସହାୟ ଓ ନିଃସଙ୍ଗ ପିତାମାତାଙ୍କର କାହାଣୀ । "ପୁଅ' ଗଳ୍ପରେ ପିତାର ଅନାବିଳ ବାତ୍ସଲ୍ୟ ସ୍ନେହର ଚିତ୍ର ସହ ଜଣେ ବାପାଙ୍କ ଅସହାୟତା ପ୍ରକଟିତ । ମନୋକାମନା ଗଳ୍ପରେ ଘରୁ ପଳାଇଥିବା ସନ୍ତାନ ପ୍ରତି ମା'ର ଅଧୀର ପ୍ରକାଶ ପାଇଛି ।

ଦାମ୍ପତ୍ୟ ସମ୍ବନ୍ଧ ଆଧାରିତ ସମସ୍ୟା : ପତି ଓ ପତ୍ନୀଙ୍କ ମଧ୍ୟରେ କଳହ ଏକ ସ୍ୱାଭାବିକ ବ୍ୟାପାର କିନ୍ତୁ କଳହ ଓ ମନମାଳିନ୍ୟକୁ କେନ୍ଦ୍ରକରି ବିଚ୍ଛେଦର ଫାଟ ସୃଷ୍ଟି ହେବା ଚିନ୍ତାର ବିଷୟ ନିଶ୍ଚୟ । ଦାମ୍ପତ୍ୟ ଜୀବନରେ ଅନେକ ସମସ୍ୟା ଆସେ କିନ୍ତୁ ସମ୍ପର୍କ ମଧ୍ୟରେ ସେବା ଓ ସମର୍ପଣ ଭାବ ଏହାକୁ ସହଜ କରିଦିଏ । ସାମ୍ପ୍ରତିକ ସମୟରେ ସବୁଠାରୁ ବିଡ଼ମ୍ବନାର ସ୍ଥିତି ହେଉଛି ସମ୍ପର୍କ ମଧ୍ୟରେ ମଧୁରତା ପରିବର୍ତ୍ତେ ସନ୍ଦେହ, କଟୁତା ବିଷମ ପରିସ୍ଥିତିର ଆବାହକ ହୋଇଛି । ଯଶୋଧାରା ମିଶ୍ର ଦାମ୍ପତ୍ୟର ଏହି ସମସ୍ୟାକୁ ଗଳ୍ପରେ ପ୍ରତିଫଳନ କରିଛନ୍ତି । ନାରୀ ଆନ୍ଦୋଳନ ପରେ ପରେ ନାରୀ ସ୍ୱାଧୀନ ହୋଇ ନିଜ ଅଧିକାର ଓ ସମ୍ମାନ ପାଇଁ ସଚେତନ ହୋଇପାରିଛି । କିନ୍ତୁ ଏହି ସ୍ୱାଧୀନତା ସ୍ୱେଚ୍ଛାଚାରିତାର ରୂପଧାରଣା କରିବା ପରେ ସମ୍ପର୍କ ମଧ୍ୟରେ ବିଭେଦ ବୃଦ୍ଧି ପାଇଛି ।

ISSN NO.
2582-208X

ପୁରୁଷ ନାରୀକୁ ସର୍ବଦା ଗୋଟାପଣେ ଶୁଦ୍ଧ ରୂପରେ ଚାହେଁ । "ଜହ୍ନରାତି' ଗଳ୍ପରେ ବିଜୟ ମଞ୍ଜୁର ଅତୀତକୁ ବାରମ୍ବାର ଉଖାରି ବସିଛି । ମଞ୍ଜୁ ମଧ୍ୟ ମନ୍ତ୍ରମୁଗ୍ଧ ହେଲାପରି ଅତୀତ କଥା ବଖାଣି ବସେ । ବିଜୟର ଉଦ୍ଦେଶ୍ୟ ଥାଏ ମଞ୍ଜୁ ସହ ଅତୀତରେ କୌଣସି ପୁରୁଷର ଘନିଷ୍ଠ ହୋଇଛନ୍ତି କି ନା ଜାଣିବା । ଅତୀତ ବର୍ତ୍ତମାନର ଦାମ୍ପତ୍ୟ ଜୀବନକୁ ତିକ୍ତତାରେ ଭରିଦିଏ ।

"ଦୀପାବଳି' ଗଳ୍ପରେ ବିନୁ ସ୍ୱାକୁ ଚାଲିଯାଇଛି । 'ସେତୁ' ଗଳ୍ପରେ ନାରୀର ସ୍ୱାଭାବିକ ଈର୍ଷାଭାବ ଦେଖିବାକୁ ମିଳେ ଅନ୍ୟନାରୀ ପ୍ରତି । ସନ୍ଦେହ ହୁଏ ଯଦି ସେହି ନାରୀପ୍ରତି ଆସକ୍ତି ହୁଅନ୍ତି ଦାମ୍ପତ୍ୟ ଜୀବନରେ ନାରୀ ଚାହେଁ ଏକ ପ୍ରକାର ନିରାପତ୍ତା ଜୀବନ ଯେଉଁଥିରେ ଅନ୍ୟର ହସ୍ତକ୍ଷେପକୁ ସହଜରେ ଗ୍ରହଣ କରିପାରେ ନାହିଁ । ତୃତୀୟ ଚରିତ୍ରର ଉପସ୍ଥିତି ଓ ନାରୀର ସ୍ୱେଚ୍ଛାଚାରିତା ଦାମ୍ପତ୍ୟ ଜୀବନକୁ ବିପର୍ଯ୍ୟସ୍ତ କରିବା ସହ ତାହାର କୁପ୍ରଭାବ ସନ୍ତାନ ଉପରେ ପଡ଼େ ଯାହାର ପରିଣାମ ଭୟାବହ ହୋଇପାରେ ତାହା "କିଏ ସେ ତମେ' ଗଳ୍ପରୁ ସ୍ପଷ୍ଟ ହୁଏ । ନାରୀ ଯେ କେବଳ ଦାମ୍ପତ୍ୟ ଜୀବନକୁ ସୁଖକର କରିପାରିବ ତାହା ନୁହେଁ ଏଥିରେ ପୁରୁଷର ସହାୟତା ସହ ବିଶ୍ୱସ୍ତତା ଓ କର୍ତ୍ତବ୍ୟ ନିଷ୍ଠାର ପ୍ରୟୋଜନ ରହିବା ଜରୁରୀ ।

ଆଜିର ସମୟରେ ପାଶ୍ଚାତ୍ୟ ଚଳଣିର ଗଭୀର ହେବାରେ ଲାଗଛି । ଦାମ୍ପତ୍ୟ ସମ୍ପର୍କରେ ମନର ଭାଷା ଅପେକ୍ଷା ଶରୀରର କ୍ଷୁଧା ତୀବ୍ରତର ହୋଇଛି । ସାଧାରଣ ମନମାଳିନ୍ୟରେ ଦାମ୍ପତ୍ୟ ସମ୍ବନ୍ଧ ଭିତରେ ବିଚ୍ଛେଦ ସୃଷ୍ଟି ହେଉଛି "ଖାଲିଘର' ଗଳ୍ପରେ ସମ୍ବିତ ଓ ରୂପାଲୀ ସମ୍ବନ୍ଧରେ ଏହାର ଚିତ୍ର ଦେଖିବାକୁ ମିଳେ । ପରମ୍ପରାବାଦୀ ସୁଦେଷ୍ଣା ଯିଏକି ସମ୍ବିତର ମା' ଏହାକୁ ସହଜରେ ଗ୍ରହଣ କରିପାରି ନାହାଁନ୍ତି । ନାରୀ ଆର୍ଥିକ ସ୍ୱାବଲମ୍ବୀ ହେବା କାରଣରୁ ସେ ପୁରୁଷ ନିକଟରେ ବନ୍ଦୀ ହୋଇରହିବାକୁ ପସନ୍ଦ କରେନାହିଁ କି ପୁରୁଷ ନାରୀକୁ ନିଜ ଜୀବନର ଏକ ଆବଶ୍ୟକତା ଉର୍ଦ୍ଧ୍ୱରେ ଦେଖିପାରେ ନାହିଁ । ସାମାନ୍ୟ ମତାନ୍ତର ପାଇଁ ବିଚ୍ଛେଦ ଓ ଅନ୍ୟତ୍ର ସମ୍ବନ୍ଧ ସ୍ଥାପନ ସହଜ ହୋଇଛି ଯାହା ଭାରତୀୟ ପରମ୍ପରାର ବିପରୀତ । "କୁଟାକାଠିର ବସା' ଗଳ୍ପରେ ଦାମ୍ପତ୍ୟର ବିପର୍ଯ୍ୟସ୍ତ ରୂପ ଦେଖିବାକୁ ମିଳେ । ନିଜର ଏକ ସନ୍ତାନ ଥାଇ ମଧ୍ୟ ପରକୀୟା ପ୍ରୀତି କାରଣରୁ ପରସ୍ପର ଠାରୁ ଦୂରେଇ ଯାଇଛନ୍ତି । ପରକୀୟା ପ୍ରୀତି ଦାମ୍ପତ୍ୟ ସମ୍ପର୍କର ସମସ୍ତ ବିଶ୍ୱାସପୂର୍ଣ୍ଣ

ISSN NO.
2582-208X

ମଧୁରତାକୁ ଅଚିରେ ଶୋଷିନିଏ । ଗଳ୍ପରେ ରଞ୍ଜନ ଓ ଶୁଭ୍ରା ସନ୍ତାନର ଜନକ ଜନନୀ ହୋଇ ମଧ୍ୟ ପରସ୍ପରଙ୍କ ପରକୀୟା ପ୍ରୀତି କାରଣରୁ ଆଇନ ଗତ ବିଚ୍ଛେଦ ଚାହିଁଛନ୍ତି ତାହା ହୋଇଛି ମଧ୍ୟ । ଯଶୋଧାରା ମିଶ୍ରଙ୍କ ଏହି ଗଳ୍ପଗୁଡ଼ିକ ମୁଖ୍ୟତଃ ଉଚ୍ଚମଧ୍ୟବିତ୍ତ ପରିବାରର ଯେଉଁଥିରେ ସୁଖ ସ୍ୱାଚ୍ଛନ୍ଦ୍ୟ, ଭୌତିକ ଭୋଗ ବିଳାସର ଅଭାବ ନାହିଁ, ଅଭାବ କେବଳ ନୈତିକ କର୍ତ୍ତବ୍ୟର, ପରସ୍ପରଙ୍କ ବିଶ୍ୱସ୍ତତା ଓ ଉତ୍ତମ ବୁଝାମଣାର । କେବଳ ଭୌତିକ ଦାମ୍ପତ୍ୟ ଜୀବନକୁ ସୁଖୀ କରିପାରେ ନାହିଁ । "ତୁଳନା' ଗଳ୍ପରେ ଲଳିତାଦେବୀ ଭୋଗ ବିଳାସ ମଧ୍ୟରେ ମଧ୍ୟ ସୁଖୀ ହୋଇପାରି ନାହାଁନ୍ତି କାରଣ ତାଙ୍କର ଦାମ୍ପତ୍ୟ ଜୀବନରେ ଉତ୍ତମ ବୁଝାମଣା ନାହିଁ । "ନାଲି ରେଳଗାଡ଼ି' ଗଳ୍ପରେ ଜୟାର ଦାମ୍ପତ୍ୟ ଜୀବନର ବିଚ୍ଛେଦ ପରିଲକ୍ଷିତ ।

ଭୌତିକ ସ୍ୱା କାମ୍ୟ । ସମାଜରେ ସୁଖସ୍ୱାଚ୍ଛନ୍ଦ୍ୟରେ ଜୀବନ ଅତିବାହିତ କରିବା ପ୍ରତ୍ୟେକ ବ୍ୟକ୍ତିର ଅଭିଳାଷା ରହିଥାଏ । ପରିବାର ସଦସ୍ୟଙ୍କ ଭିତରେ ଯଦି ସ୍ନେହପ୍ରେମ ରହେ ତେବେ ଭୌତିକ ସୁଖ ତୁଚ୍ଛ ମନେହୁଏ । "ତୁଳନା' ଗଳ୍ପରେ ଲଳିତାଦେବୀଙ୍କର ଭୌତିକ ସୁଖ ଐଶ୍ୱର୍ଯ୍ୟରେ ଅଭାବ ନାହିଁ । ନିମ୍ନ ମଧ୍ୟବିତ୍ତ ତାଙ୍କର ମାଉସୀ ପୁଅ ଭାଇ ନିକୁଞ୍ଜବିହାରୀଙ୍କ ସହ ନିଜର ସୁଖକୁ ତୁଳନା କରି ଆହ୍ଲାଦ ପାଇଛନ୍ତି । ନିକୁଞ୍ଜବିହାରୀଙ୍କ ନାହିଁ ନାହିଁର ସଂସାର ହେଲେ ମଧ୍ୟ ଯେଉଁ ସ୍ନେହ ଓ ମଧୁରତା ତାଙ୍କ ପରିବାର ସଦସ୍ୟଙ୍କ ଭିତରେ ଅଛି ତାହା ତାଙ୍କ ପରିବାର ଓ ତାଙ୍କ ସ୍ୱାମୀଙ୍କ ପାଖରେ ନାହିଁ ତେଣୁ ଏହି ଅଭାବବୋଧ ମଧ୍ୟରେ ସେ ଲଜ୍ଜିତ ହୋଇଛନ୍ତି । ମଣିଷର ଛାପ ସେ ଏ ପୃଥିବୀରେ ଛାଡ଼ିଯିବା ପାଇଁ ଚାହେଁ ଯଦ୍ୱାରା ତାଙ୍କର ଆବର୍ତ୍ତମାନରେ ମଧ୍ୟ ଲୋକେ ତାଙ୍କୁ ମନେ ରଖିବେ । ନିମ୍ନମଧ୍ୟବିତ୍ତ ପଦ୍ମନାଭବାବୁ ଚାକିରୀକାଳ ମଧ୍ୟରେ ସଞ୍ଚିତ ସମ୍ପତ୍ତିକୁ ନେଇ ଘର ତୋଳିଛନ୍ତି ଉଦ୍ଦେଶ୍ୟ ନିଜ ମୃତ୍ୟୁ ପରେ ମଧ୍ୟ ଏହି ଘର ହୁଏ ତ ବାହ୍ୟ ପରିପାଟୀ ଦୃଷ୍ଟିରୁ ସହଜ ମନେ ହେଲେ ହେଁ ସେ ଜୀବନ ନିଜ ଅଭିରୁଚି ଅନୁଯାୟୀ ନୁହେଁ ବରଂ ନିଜ ପ୍ରତି ଅନ୍ୟର ଓ ସମାଜର ଧାରଣା ଏବଂ ବିଚାରକୁ ନେଇ ଯାହା "ମେକଅପ' ଗଳ୍ପରୁ ସ୍ପଷ୍ଟ ହୁଏ । ସେହିପରି "ନିଜଛବି' ଗଳ୍ପରେ ସୁଚିତ୍ରାଦେବୀ ପେସାରେ ଜଣେ ଚିକିତ୍ସକ । ସମସ୍ତଙ୍କ ଆଢୁଆଳରେ ନିଜର ଛବିକୁ ବାରିଛନ୍ତି । ମନୋମୁଖୀ ନ ହୋଇପାରିବାର କ୍ଷୋଭ ପ୍ରକାଶ କରିଛବି ।

ISSN NO.
2582-208X

ଦାୟବଦ୍ଧତାର ନିରୁପାୟ ଜୀବନଯାତ୍ରା : ପରିବାର ପ୍ରତି ପ୍ରତ୍ୟେକଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ରହିଥାଏ ସେଥିରୁ ବିଚ୍ୟୁତ ହେଲେ ଅବଶ୍ୟ ଅସନ୍ତୋଷ ବାତାବରଣ ପ୍ରସାରିଯାଏ । ମାତ୍ର ପରିସ୍ଥିତି ଚାପରେ ପଡି ନିରୁପାୟ ହୋଇ କର୍ତ୍ତବ୍ୟ ସମ୍ପାଦନ କରି ସନ୍ତୁଳିତ ହେବାର ଅସହାୟତା ଯଶୋଧାରାଙ୍କ କେତେକ ଗଳ୍ପରେ ସ୍ପଷ୍ଟ ହୁଏ । "ଅନ୍ଧାର' ଗଳ୍ପରେ ପରିବାର ସମସ୍ତଙ୍କ ଆଶା ଅଭିଳାଷାର କେନ୍ଦ୍ର ହୋଇଛି କିଶୋର ଜଣକ । ନିମ୍ନମଧ୍ୟବିତ୍ତ ପରିବାରରେ ଜନ୍ମିତ ଯୁବକ ଜଣକ ପିତାମାତାଙ୍କର ଆଶାର ବୋଧିଦ୍ରୁମ ଓ ଭାଇଭଉଣୀଙ୍କର ଆଦର୍ଶ । ତେଣୁ ନିଜ ଦାୟିତ୍ୱବୋଧରୁ ମୁକ୍ତ ହୋଇପାରିନାହିଁ । ଶିକ୍ଷିତ ହୋଇ ରୋଜଗାରକ୍ଷମ ହେଲେ ସେମାନଙ୍କର ନାହିଁ ନାହିଁର ସଂସାରରେ ହସରୋଳ ଶୁଭିବ। ଅନ୍ୟ ପକ୍ଷରେ ବେପରୁଆ ଭାବରେ ଜୀବନ ବଞ୍ଚୁଥିବା ସାଙ୍ଗ ପିଣ୍ଟୁକୁ ଦେଖିଲେ ଭାବାନ୍ତର ସୃଷ୍ଟି ହୁଏ । ମାତ୍ର ସମ୍ମୁଖରେ ଆସି ଠିଆହୁଏ ପରିବାର ସ୍ୱପ୍ନ ତାକୁ ନେଇ କରିଥିବା ପରିକଳ୍ପନା । ଦାୟିତ୍ୱଭାର ବହନ କରି ଚାଲିଥିବା ମଣିଷ ମଧ୍ୟରେ ବି ଏକ ଆବେଗିକ ଭାବଉଚ୍ଛ୍ୱାସ ମନରେ ଉଙ୍କିମାରେ । "ପଲ୍ଲବିନୀ' ଗଳ୍ପରେ ମନୋଜ ମଧ୍ୟ ପରିବାରର ଭାର ବହ କରି ଖୋଜି ଚାଲିଛି ତା'ର ପରିକଳ୍ପନାରେ ପଲ୍ଲବିନୀକୁ । ସୁରେଖା ଯିଏକି ମନୋଜର ପରିକଳ୍ପିତ ପଲ୍ଲବିନୀର ବାସ୍ତବ ରୂପ । ଗଳ୍ପରେ ସୁରେଖା ଚାକିରୀ କରି ପରିବାରର ଦାୟିତ୍ୱ ମୁଣ୍ଡାଇଛି ନିଜର ସ୍ୱପ୍ନକୁ ଆହୁତି ଦେଇ । "ଦ୍ୱୀପ' ଗଳ୍ପରେ ଛନ୍ଦା ଯିଏକି ନିମ୍ନମଧ୍ୟବିତ୍ତ ପରିବାର ଦାୟିତ୍ୱର ବୋଝକୁ ମୁଣ୍ଡେଇ ଚାଲୁଥିବା ନାରୀ । ପରିବାରର ଦାୟିତ୍ୱ ବୁଝିବା ସହ ମା'ଙ୍କର ରକ୍ଷଣଶୀଳ ମନୋଭାବକୁ ଜଗି ଚାଲିବାକୁ ପଡିଛି । କର୍ତ୍ତବ୍ୟର ଶୃଙ୍ଖଳ ମଧ୍ୟରେ ଆବଦ୍ଧ ନାରୀର ଆନ୍ତର୍ବେଦନା ଗଳ୍ପକୁ ମାର୍ମିକ କରିଛି ।

ପ୍ରେମ ଓ ମୁକ୍ତ ପ୍ରଣୟ : ପ୍ରେମ ଶୁଷ୍କଭୂମିରେ ନବପଲ୍ଲବ ବିକଶି ପାରେ । ଘୃଣା, ଅହଂକାର ଅନାସକ୍ତ ମଧ୍ୟରେ ସ୍ନେହ-ଆସକ୍ତିର ସଦଭାବନାକୁ ସଞ୍ଚାରିପାରେ । ଯଶୋଧରା ମିଶ୍ରଙ୍କ କ୍ଷୁଦ୍ରଗଳ୍ପରେ ପ୍ରେମର ସଫଳ ଓ ବିଫଳତାର ମିଶାମିଶି ରୂପ ରହିଛି "ଚିଂହାପବନ' ଗଳ୍ପରେ ନମିତା ଓ ରଣଜିତର ପ୍ରେମ ସଫଳ ହୋଇପାରିନାହିଁ । "ପ୍ରତିବିମ୍ବ' ଗଳ୍ପରେ ମଧ୍ୟ ପ୍ରେମର ଅସାଫଲ୍ୟ ରୂପ ଦେଖିବାକୁ ମିଳେ । ଗଳ୍ପରେ ସଂଗୀତାଦେବୀଙ୍କ ବିବାହ ପୂର୍ବରୁ ଧିରେନକୁ ବିବାହ କରିବାର ଇଚ୍ଛାଥିଲେ ହେଁ ଜଣେ ରକ୍ଷଣଶୀଳ ପରିବାରର ଗେହ୍ଲାଝିଅ ଓ ସଂସ୍କାର ଏହାର ପ୍ରତିବନ୍ଧକ ହୋଇଥିଲା । "ରାସ୍ତା' ଗଳ୍ପରେ ପ୍ରେମ ବିବାହ ରୂପ ନେଇ ପାରିନାହିଁ । ସୀମାକୁ ପ୍ରେମ କଲେ ମଧ୍ୟ ପ୍ରଭାତ ତା'ର ଅନ୍ୟତ୍ର ବିବାହରେ ସମ୍ମତ

ISSN NO.
2582-208X

ହୋଇଛି । "ବନସାଇ' ଗଳ୍ପରେ ଝିଅ ରିତୁର ପ୍ରେମପତ୍ର ପାଇଲା ପରେ ମା' ଏହାକୁ ସ୍ୱାଭାବିକ ରୂପେ ଗ୍ରହଣ କରିପାରିନାହାନ୍ତି ।

ମୁକ୍ତପ୍ରଣୟ ବା ଅବାଧ ଯୌନ ସମ୍ବନ୍ଧ ଅନ୍ୟ ଏକ ଉଦୀୟମାନ ସମସ୍ୟା ରୂପେ ମୁଣ୍ଡ ଟେକିଛି ବିଶେଷ ରୂପେ ଫ୍ରଏଡ଼ଙ୍କ ମନସମୀକ୍ଷଣ ତତ୍ୱ ପ୍ରଚାରିତ ହେବାପରେ । ଯାହା ପୂର୍ବରୁ ଗୁପ୍ତ ଥିଲା ତାହା ବର୍ତ୍ତମାନ ପାଶ୍ଚାତ୍ୟ ସାଂସ୍କୃତିକ ଜୀବନ ପ୍ରବାହରେ ମୁକ୍ତ ହୋଇଯାଇଛି । ଏହି ଯୌନପ୍ରସଙ୍ଗଟି ଏପରି । କହିବାକୁ ଗଲେ ପୂର୍ବରୁ ଅନ୍ୟମାନଙ୍କ ସହ ଏ ସମ୍ବନ୍ଧରେ ବିଚାର ବିମର୍ଶ କରିବା ସମୟରେ ଯେଉଁ ଲଜ୍ୟାବୋଧ ରହିଆସୁଥିଲା ତାହା ଆଉ ନାହିଁ । "ଅସୁନ୍ଦର ଦୃଶ୍ୟ' ଗଳ୍ପରେ ବିବାହ ପୂର୍ବରୁ ଯୌନ ସମ୍ବନ୍ଧକୁ ଅତି ସହଜରେ ଗ୍ରହଣ କରାଯାଇଛି । ଶାରୀରିକ ସମ୍ବନ୍ଧ ପାଇଁ ବିବାହ ରୂପକ ସାମାଜିକ ସ୍ୱୀକୃତିର ଯେ ଆବଶ୍ୟକତା ରହିଛି ତାହାର ଗୁରୁତ୍ୱ ରହିନାହିଁ । ବରଂ ଗଳ୍ପରେ ରଚନା ପ୍ରଶ୍ନ କରିଛି- "ମୁଁ ଆଦୌ ବୁଝିପାରେ ନାହିଁ, ମାନେ ଅନ୍ତରଙ୍ଗ ଥରେ ହୋଇଗଲା ପରେ, ସୀମାଟା ଏତିକିରେ ରଖାଯାଉ- ନାଇଁ ଥାଉ ଏତିକିରେ ଏ ସବୁର ମାନେ କ'ଣ ? ଆଉ ହୋମ ନିଆଁ ପାଖରେ ବରକନ୍ୟା ସାତ ଘେରା ବୁଲିଗଲା ପରେ ଅଜଣା ଅଚିହ୍ନା ଲୋକଟା ସାଙ୍ଗରେ ସିଧାସଳଖ ଶାରୀରିକ ସମ୍ବନ୍ଧ ଜମାରୁ ଅଶ୍ଳୀଳ ନୁହେଁ । (ପୃ-୪୪୧, ଯଶୋଧାରା ମିଶ୍ର, କଥା ସମଗ୍ର ପ୍ରଥମ ଭାଗ-୨୦୧୫) "ନିର୍ଣ୍ଣୟ' ଗଳ୍ପରେ ମନୀଷା ବିବାହିତ ପୁରୁଷ ସହ ସମ୍ବନ୍ଧ ରଖିବାରେ କୁଣ୍ଠାବୋଧ କରିନାହିଁ ।

ଉପରୋକ୍ତ ଆଲୋଚନାଟି ଗାଳ୍ପିକା ମିଶ୍ରଙ୍କ ଗଳ୍ପକୃତିର ସାମଗ୍ରିକ ବିଚାର ଆଲୋଚନା ନୁହେଁ। କେବଳ ମଧ୍ୟବିତ୍ତ ସମାଜର ଉତ୍‌ଥାପିତ ବିବିଧ ସମସ୍ୟାକୁ ବିଚାରକୁ ନିଆଯାଇଛି। ଏହା ବ୍ୟତୀତ ଚାରିତ୍ରିକ ବିଶେଷତ୍ୱ ଦୃଷ୍ଟିରୁ ବିଚାର କଲେ ଶିଶୁ-କିଶୋର, ଯୁବକ-ପୌଢ଼-ବୃଦ୍ଧଙ୍କ ମନସ୍ତତ୍ୱ । ଆଶାନିରାଶା ମଧ୍ୟରେ ଜୀବନର ଗତିଶୀଳତା, ଦଳିତ ଓ ନିମ୍ନ ସ୍ତରର ସମାଜ ଆହୁରି ବହୁବିଧ ଭାବଚେତନାର ସ୍ୱର ଅନୁରଣିତ । ଯଶସ୍ୱୀ ଗାଳ୍ପିକା ଭାବେ ଯଶୋଧାରା ମିଶ୍ର ଯୁଗୋଚିତ ଆହ୍ୱାନକୁ ଗ୍ରହଣ କରି ସୃଜନଶୀଳତା ଓ ସମୟୋଚିତତାର ପରିଚୟ ଦେଇଛନ୍ତି । ଆଜିର ଜଗତିକରଣ ଯୁଗରେ ମଧ୍ୟବିତ୍ତ ଅନେକ ଉଦୀୟମାନ ସମସ୍ୟା ଦ୍ୱାରା ଆକ୍ରାନ୍ତ ଓ ଆଚ୍ଛାଦିତ । ଏସବୁ ସମସ୍ୟା ତାକୁ ଯେତିକି ଆତ୍ମକୈନ୍ଦ୍ରିକ କରିଛି ସେତିକି ବ୍ୟକ୍ତି ସ୍ୱାତନ୍ତ୍ର୍ୟ ପ୍ରତି ସଙ୍କଟ ସୃଷ୍ଟି କରିଛି । ସାମଗ୍ରିକ ରୂପେ

ISSN NO.
2582-208X

ନ ହେଲେ ମଧ୍ୟ ମଧ୍ୟବିତ୍ତ ସମାଜର ସମସ୍ୟା ଗୁଡ଼ିକ ଉପରେ ଦୃଷ୍ଟି ଅବଲୋକନ କରାଯାଇଛି । ସାମ୍ପ୍ରତିକ ସମୟରେ ମଣିଷ ସମସ୍ୟା ଘେର ମଧ୍ୟେ ଆବଦ୍ଧ । ଏହି ସମସ୍ୟାକୁ ଗାଳ୍ପିକା ଜୀବନ୍ତ ଭାବେ ପରିବେଷଣ କରିଛନ୍ତି ତାଙ୍କ ଗଳ୍ପରେ ଯାହା ଗଳ୍ପଗୁଡ଼ିକ ଜୀବନଧର୍ମୀ କରିବାରେ ସହାୟକ ହୋଇଛି ।

ସହାୟକ ଗ୍ରନ୍ଥସୂଚୀ :

୧. ମିଶ୍ର, ଯଶୋଧାରା, କଥା ସମଗ୍ର (ପ୍ରଥମଭାଗ), ପଶ୍ଚିମା ପବ୍ଲିକେଶନ, ନୟାପଲ୍ଲୀ, ଭୁବନେଶ୍ୱର, ପ୍ରଥମ ପ୍ରକାଶ– ୨୦୧୫ ।

୨. ମିଶ୍ର, ଯଶୋଧାରା, ସମୁଦ୍ରକୂଳ ଘର, ପ୍ରକାଶକ– ଇଙ୍କ ଓଡ଼ିଶା, ୨୦୧୬ ।

୩. ମିଶ୍ର, ଯଶୋଧାରା, ମୁହଁ ସଞ୍ଜ, ପଶ୍ଚିମା ପବ୍ଲିକେଶନ, ତୃତୀୟ ପ୍ରକାଶ–୨୦୨୪ ।

୪. ମିଶ୍ର, ଯଶୋଧାରା, ସବୁଠୁ ସୁଖୀ ଝିଅ ପଶ୍ଚିମା ପବ୍ଲିକେଶନ, ଦ୍ୱିତୀୟ ପ୍ରକାଶ – ୨୦୨୩ ।

୫. ମିଶ୍ର, ଯଶୋଧାରା, ଡାକମୁନସୀଙ୍କ ମା', ପଶ୍ଚିମା ପବ୍ଲିକେଶନ, ପ୍ରଥମ ପ୍ରକାଶକ– ୨୦୨୩ ।

(((–)))

ଗବେଷକା
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା
ଦୂରଭାଷ–୯୧୬୮୧୫୨୦୪୮

ISSN NO.
2582-208X

# ନଦୀତୀର



ଶ୍ରୀମାନ ପ୍ରିୟଦର୍ଶିନୀ ଦାସ

କେବେ ଗୋଟେ ବୈଶାଖୀ ସଞ୍ଜରେ
ନଦୀକୂଳେ ଋତୁରାଜ ବସନ୍ତକୁ ଭେଟେ,
ଅସ୍ତଗାମୀ ସୂର୍ଯ୍ୟଙ୍କୁ ନ ଚାହିଁ
ସାଉଁଟେ ଶାମୁକା, ଚୋରାବାଲିରୁ ଗଣେ ପାଦଚିହ୍ନ।

ପବନର ଲହରୀରେ ଶୁଣେ ମିଠା ବଇଁଶୀର ସୁର
ଆକାଶରେ ଅଗଣିତ ତାରାଙ୍କ ଭିଡ଼ରେ,
ଖୁବ୍ ଖୋଜେ ସେଇ ଟିକି ତାରାକୁ ।
ଫୁଲଙ୍କୁ ଶୁଣାଏ ମୋ ତମାମ୍ ସୁଖର ଗୀତ
ପକ୍ଷୀଠୁ ଶିଖେ ନୀଡ଼ ଗଢ଼ିବାର କୌଶଳ
ଓଦାବାଲିରେ ଖୁସିର ସନ୍ଧାନ ପାଇ
ଦୁଷ୍ଟ ପବନରେ ଅସଜଡା କେଶ ସଜାଡି
ଆଙ୍ଗୁଠିରେ ଲେଖିଦିଏ ଦୁଇଟି ନାଁ ।

ଶାନ୍ତ ସନ୍ଧ୍ୟାର ନୀରବତା ମଧ୍ୟରେ
ହୃଦୟରେ ଥିବା ବୋଝତକ ହାଲକା ହୁଏ, ଯେବେ
ସନ୍ଧ୍ୟାର ସେଇ ବିଭୋର ମୂହୁର୍ତ୍ତରେ, ପାଦଶବ୍ଦ ଶୁଣେ
ଆଉ ଠିକ୍ ସେତିକି ବେଳେ ଧାବମାନ ନଦୀର
ଜଳରାଶିରେ ପରିପୂର୍ଣ୍ଣ ଜହ୍ନ ଆଲୁଅକୁ ଚାହିଁ
ମୋ ଏକାକୀପଣକୁ ତାଲା ଦେଇ
ଋତୁରାଜ ବସନ୍ତ ସହ ତୁମକୁ ଭେଟେ, ଯାହାକୁ ମୁଁ
ଗୋଟାପଣେ ନିଜର କହିପାରେ।

ଜଗନ୍ନାଥ ପୁର, କଟକ

ISSN NO.
2582-208X

# ବହୁପ୍ରତିକ୍ଷୀତ



ଅବିନାଶ ସାହୁ

ଭାରତ ସ୍ୱାଧୀନ ହେବାକୁ ଅଳ୍ପ କେଇବର୍ଷ ବାକିଥାଏ। ସମଗ୍ର ଭାରତବର୍ଷରେ ସ୍ୱାଧୀନତାର ବହ୍ନି ତୀବ୍ର ହେଉଥିବାବେଳେ ସେ ସବୁକୁ ଭ୍ରୂକ୍ଷେପ ନକରି ତତ୍କାଳୀନ ବ୍ରିଟିଶ୍ ସରକାର ଭାରତର ବିଭିନ୍ନ ଅଞ୍ଚଳରେ ଗମନାଗମନର ସୁବିଧା ପାଇଁ ନୂତନ ରେଳପଥ ନିର୍ମାଣର ପ୍ରସ୍ତାବ ଆଣିଲେ। ତନ୍ମଧ୍ୟରେ ଓଡ଼ିଶାର ଉନ୍ନତି ଲାଗି ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ରେଳପଥର କଳ୍ପନା କରାଯାଇ ଶୀଘ୍ର ଏହାର ନିର୍ମାଣ କରାଇବା ଲାଗି ନକ୍ସା ପ୍ରସ୍ତୁତ କଲେ। ସେତେବେଳେ ପୁରୀ, ଫୁଲବାଣୀ, ବଲାଙ୍ଗୀର ଜିଲ୍ଲା ମଧ୍ୟଦେଇ ଏହି ରେଳପଥର ନକ୍ସା ପ୍ରସ୍ତୁତ କରାଗଲା। ଏହି ନୂତନ ରେଳପଥ ଯେଉଁ ଅଞ୍ଚଳ ଦେଇ ଯିବ ସେହି ଅଞ୍ଚଳ ସହ ତା'ର ଆଖପାଖ ଅଞ୍ଚଳର ଲୋକଙ୍କ ମନରେ ଅଫୁରନ୍ତ ଉତ୍ସାହ। ଏହି ରେଳପଥଟି ଅନେକ ଗାଁ ଦେଇ ନିର୍ମାଣ ହେବାକୁ ଥିବାବେଳେ ତନ୍ମଧ୍ୟରୁ ଗୋଟିଏ ଗାଁ ହେଉଛି ରାଉତପଡ଼ା। ରାଉତପଡ଼ାର ଅନେକ ଲୋକଙ୍କ ଚାଷଜମି ସହ ଦିନମଣି ମିଶ୍ରଙ୍କ ପରିବାର ସମ୍ପୂର୍ଣ୍ଣଭାବେ ଏହି ରେଳପଥ ପାଇଁ ନିଜ ବାସଗୃହ ହରାଇବେ। ପ୍ରଥମେ ଦିନମଣି ଅମଙ୍ଗ ହେଉଥିବା ବେଳେ ଦେଶ ଓ ରାଜ୍ୟର ବୃହତ୍ତର ସ୍ୱାର୍ଥ ପାଇଁ ପରେ ସେ କ୍ଷତିପୂରଣ ପାଇଲେ ନିଜର ବାସଗୃହ ଓ ଜମିକୁ ପ୍ରକଳ୍ପ ପାଇଁ ଦେଇଦେବେ ବୋଲି ନିଷ୍ପତ୍ତି ନେଲେ। ମାତ୍ର ଅନେକ ପ୍ରକଳ୍ପ ଅନୁମୋଦନ ପାଇ କାର୍ଯ୍ୟ ଆରମ୍ଭ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ବେଳକୁ ଭାରତରୁ ବ୍ରିଟିଶ ଶାସନ ଅପସରିଗଲା। ଭାରତ ନିଜର ସମ୍ବିଧାନ ଅନୁସାରେ ନିଜେ ନିଜର ସରକାର ଗଠନ କରି ଶାସନ କାର୍ଯ୍ୟ ପରିଚାଳନା କଲା। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ଅମଳରୁ ଦ୍ୱାଦଶ ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଉଭୟ କେନ୍ଦ୍ର ଓ ରାଜ୍ୟରେ କଂଗ୍ରେସ ସରକାର ଗଠନ କରିଥିଲେ ହେଁ ଓଡ଼ିଶାର ଏହି ରେଳପଥ ପାଇଁ କୌଣସି ଉଦାରତା ଦେଖାଦେଇ ନଥିଲା। ଫଳରେ ଅନ୍ୟ ରାଜ୍ୟର ରେଳପଥଗୁଡ଼ିକ ବିକଶିତ ହେଉଥିବା ବେଳେ ଏହି

ISSN NO.
2582-208X

ପ୍ରକଳ୍ପଟି ଶୀତଳ ଭଣ୍ଡାରକୁ ଚାଲିଗଲା। କ୍ରମେ ଲୋକଙ୍କ ମନରେ କଂଗ୍ରେସ ପ୍ରତି ବୈମାତୃକ ମନୋଭାବ ପୋଷଣ ହେବାରୁ ସମଗ୍ର ଭାରତବର୍ଷରେ ଅନେକ ରାଜନୈତିକ ଦଳ ଜନ୍ମ ନେଲା। ବିଂଶ ଶତାବ୍ଦୀ ଶେଷବେଳକୁ କେନ୍ଦ୍ରରେ ଅଟଳବିହାରୀ ବାଜପେୟୀ ବହୁ ଲୋକପ୍ରିୟତା ଅର୍ଜନ କରି ମେଣ୍ଟସରକାର ଗଠନ କଲେ। ମାତ୍ର ୧୩ ଦିନ ଶାସନଗାଦିରେ ବସିବାପରେ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହୋଇଥିଲେ। ସଂସଦଗୃହରେ ମତଦାନ ଚାଲିଥିବା ବେଳେ ସେ ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ବ୍ୟକ୍ତିଜଣଙ୍କ ସଂସଦରେ କଂଗ୍ରେସର ସାଂସଦ ଥାଇ ସଦସ୍ୟତା ପଦରୁ ଇସ୍ତଫା ଦେଇନଥିଲେ, ଯାହାକୁ ଆଧାର କରି ସେ ବାଜପେୟୀ ସରକାର ବିରୁଦ୍ଧରେ ଓ କଂଗ୍ରେସ ସପକ୍ଷରେ ମତଦାନ ସାବ୍ୟସ୍ତ କରିବାରୁ ବାଜପେୟୀ ସରକାର ଗାଦିଚ୍ୟୁତ ହେଲା। ମାତ୍ର ପରବର୍ତ୍ତୀ ସମୟରେ ବାଜପେୟୀ ସରକାର ପୁଣି ୧୩ ମାସ ପାଇଁ ସରକାର ଗଠନ କରିଥିଲେ। ଏହି ସମୟକାଳ ମଧ୍ୟରେ ସେ ପୂର୍ବରୁ ପରିକଳ୍ପନା କରାଯାଇଥିବା ରେଳପଥଗୁଡ଼ିକର ବିସ୍ତୃତ ବିବରଣୀ ମାଗିଲେ। ବିବରଣୀ ଅନୁସାରେ ସର୍ବପ୍ରଥମେ ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ରେଳପଥକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଲେ। ମାତ୍ର ପୁଣି ସରକାର ଭାଙ୍ଗିଯିବାରୁ ପ୍ରକଳ୍ପ କାର୍ଯ୍ୟ ଅଧାରେ ଅଟକିଲା। ଏହି ସମୟ ମଧ୍ୟରେ ଓଡ଼ିଶାରେ କଂଗ୍ରେସ ଦୁର୍ବଳ ହୋଇ କ୍ଷମତାଚ୍ୟୁତ ହେଲା। ତ୍ରୟୋଦଶତମ ସାଧାରଣ ଲୋକସଭା ନିର୍ବାଚନରେ ପୁଣି ଅଟଳବିହାରୀ ବାଜପେୟୀ ସରକାର ଗଢ଼ି ପୂର୍ଣ୍ଣକାଳୀନ ସରକାର ଗଠନ କରିବାରୁ ଏହି କାର୍ଯ୍ୟକାଳ ମଧ୍ୟରେ ଅର୍ଥାତ୍ ୨୦୦୧ ଜୁନ୍ ମାସରେ ସେ ନିଜେ ଖୋର୍ଦ୍ଧା ଆସି ଏହି ରେଳପଥର ଭିତ୍ତିପ୍ରସ୍ତର ସ୍ଥାପନ କଲେ। ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାଇ କେନ୍ଦ୍ର ଓ ରାଜ୍ୟର ସହଭାଗିତାରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯିବ, ଯେଉଁଥିରେ ରାଜ୍ୟସରକାର ସମସ୍ତ ଜମି ଯୋଗାଇଦେବେ ଏବଂ କେନ୍ଦ୍ର ସରକାର ଆବଶ୍ୟକୀୟ ଅର୍ଥ ପ୍ରଦାନ କରିବେ। ଜମି ଅଧିଗ୍ରହଣ କରାଯିବା ପ୍ରକ୍ରିୟା ଆରମ୍ଭ ହେଲା, ଅନେକ ସ୍ଥାନରେ ବିଦ୍ରୋହ ଦେଖିବାକୁ ମିଳିଲା ଏବଂ ଭିଟାମାଟି ଛାଡ଼ିବାକୁ ଲୋକେ ଅମଙ୍ଗ ମଧ୍ୟ ହେଲେ। ଏହି ରେଳପଥ ୨୮୯ କି.ମି. ଅଞ୍ଚଳରେ ନିର୍ମାଣ ହେବାକୁ ଥିବାବେଳେ ଓଡ଼ିଶାରେ ଜିଲ୍ଲା ପୁନଃର୍ଗଠନ ହୋଇଥିବାରୁ ବର୍ତ୍ତମାନ ଏହା ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗୀର ଜିଲ୍ଲା ମଧ୍ୟରେ ନିର୍ମାଣ ହେବ। ଖୋର୍ଦ୍ଧାରୋଡ଼ଠାରୁ ପ୍ରଥମେ କାର୍ଯ୍ୟଆରମ୍ଭ ହେବାବେଳକୁ କେନ୍ଦ୍ରରୁ ବାଜପେୟୀ ସରକାର ଅପସରି ଯାଇ କଂଗ୍ରେସ ଶାସନ ଆରମ୍ଭ ହେଲା। ଏହି ପ୍ରକଳ୍ପ ପାଇଁ କେନ୍ଦ୍ରର କଂଗ୍ରେସ

ISSN NO.
2582-208X

ସରକାର ସ୍ୱଳ୍ପ ଅନୁଦାନ ଦେବାରୁ ଏହାର କାର୍ଯ୍ୟ କଚ୍ଛପଗତିରେ ଚାଲିଲା। ମାତ୍ର ୧୦ବର୍ଷ ପରେ କଂଗ୍ରେସ ଏକାଥରକେ କ୍ଷମତାଚ୍ୟୁତ ହେବାରୁ ୨୦୧୪ ମସିହାରେ ପ୍ରଥମକରି ଖୋର୍ଦ୍ଧାରୋଡ଼ରୁ ଖୋର୍ଦ୍ଧା ଟାଉନ ପର୍ଯ୍ୟନ୍ତ ରେଳପଥ ନିର୍ମାଣ ଶେଷହେଲା। ଏହାପରେ ବେଗୁନିଆ ପର୍ଯ୍ୟନ୍ତ କାର୍ଯ୍ୟ ଦୃତଗତିରେ ସମାପ୍ତ ହୋଇ ୨୦୧୫ ଜୁଲାଇ ୧୬ରେ ପ୍ରଥମକରି ଏହି ରେଳପଥରେ ରେଳ ଗଡ଼ିଲା। ଏହାପରେ ରାଜସୁନାଖଳା, ବୋଲଗଡ଼, ମାଣିକାଗୋଡ଼ା ଦେଇ ୨୦୧୭ ଜୁନ୍ ୧୯ରେ ନୟାଗଡ଼ ଜିଲ୍ଲା ସଦରମହାକୁମାକୁ ପ୍ରଥମକରି ରେଳ ଚଳାଚଳ କଲା।

ନୟାଗଡ଼ ଟାଉନ୍‌ରୁ ମହିପୁର ମଝିରେ ପଡ଼େ ରାଉତପଡ଼ା ଗାଁ। ସେବେ ଦିନମଣି ମିଶ୍ର ସିନା ରେଳପଥ ପାଇଁ ସବୁ ଦାନ କରିବେ କହିଥିଲେ ମାତ୍ର ଏବେ ଆଉ ସେ ସମୟ ନାହିଁ। ଦିନମଣି ୧୫ ବର୍ଷ ପୂର୍ବରୁ ସେପାରିକୁ ଗଲେଣି। ବର୍ତ୍ତମାନ ତାଙ୍କର ଦୁଇପୁଅ ସୁମନ ଆଉ ପ୍ରକାଶ ସେହିଘରେ ରହୁଛନ୍ତି। ରେଳପଥ ପାଇଁ ତା'ଙ୍କ ଘର ସହ ଆଉ କେତେକଙ୍କ ଗୃହକୁ ମଧ୍ୟ ଉଚ୍ଛେଦ କରାଯିବା ପାଇଁ ନିଷ୍ପତ୍ତି ହେଲା। ମାତ୍ର ଉପଯୁକ୍ତ କ୍ଷତିପୂରଣ ନ ପାଇଲେ ସେମାନେ ସେ ସ୍ଥାନ ଛାଡ଼ିବେ ନାହିଁ ବୋଲି ସିଧା ସିଧା ଶୁଣାଇଦେଲେ। ଫଳରେ ଜମି ଅଧିଗ୍ରହଣ କରୁଥିବା ସଂସ୍ଥା ଏବଂ ରାଉତପଡ଼ା ଗ୍ରାମବାସୀଙ୍କ ମଧ୍ୟରେ ତୁ ତୁ ମେ ମେ ଲାଗି ରହିଲା। ଏହି ଗାଁର ଜମି ପାଇଁ ରେଳପଥ କାମ ମଧ୍ୟ ଅଗ୍ରଗତି ନହୋଇପାରିବାରୁ ପରବର୍ତ୍ତୀ ସମୟରେ ନୟାଗଡ଼ ଜିଲ୍ଲାର ଜିଲ୍ଲାପାଳ ନିଜେ ରାଉତପଡ଼ା ଗସ୍ତକଲେ। ସେଠାରେ ପଲ୍ଲୀସଭାର ଆୟୋଜନ କରି ଉଚ୍ଛେଦ ହେଉଥିବା ପରିବାରକୁ ଜମି ସହ ଘରନିର୍ମାଣ ପାଇଁ ଟଙ୍କା ପ୍ରଦାନର ବନ୍ଦୋବସ୍ତ କରାଇଲେ ଫଳରେ ସୁମନ ଆଉ ପ୍ରକାଶଙ୍କ ସହ ରାଉତପଡ଼ାର ଲୋକେ ରେଳପଥ ଅଗ୍ରଗତି ପାଇଁ ନିଜ ବାସଗୃହ ଏବଂ ଜମିକୁ ଜିଲ୍ଲାପାଳଙ୍କ ଉପସ୍ଥିତିରେ ପ୍ରଦାନ କଲେ। ଏହାର ଠିକ୍ ପରବର୍ତ୍ତୀ ସମୟରେ ମହିପୁର ପର୍ଯ୍ୟନ୍ତ ରେଳପଥ ନିର୍ମାଣ କାର୍ଯ୍ୟ ଶେଷ ହୋଇ ୨୦୧୯ ଡିସେମ୍ବର ୨୬ରେ ମହିପୁରଠାରୁ ଖୋର୍ଦ୍ଧାରୋଡ଼ ପର୍ଯ୍ୟନ୍ତ ରେଳ ଚଳାଚଳ କଲା। ଏହି ରେଳପଥକୁ ଖୁବ୍ ଶୀଘ୍ର ସାରିବାପାଇଁ ଅପରପାର୍ଶ୍ୱରୁ ଅର୍ଥାତ୍ ବଲାଙ୍ଗୀର ପଟରୁ ଏହାର ନିର୍ମାଣକାର୍ଯ୍ୟ ଆରମ୍ଭ ହୋଇ ବିଛୁପାଲି ପର୍ଯ୍ୟନ୍ତ ରେଳ ଗଡ଼ିଲା। ଏହି ସମୟରେ ଉଭୟପାର୍ଶ୍ୱରୁ କାର୍ଯ୍ୟ ଦୃତ ଗତିରେ ଚାଲିଥିବା ବେଳେ ହଠାତ୍ ସମଗ୍ର ବିଶ୍ୱକୁ କରୋନା ମହାମାରୀ ଗ୍ରାସିବାକୁ ଲାଗିଲା। ଏହି ରୋଗଟି ବାୟୁ ପ୍ରବାହ ଜନିତ ରୋଗ ହୋଇଥିବାରୁ ସମଗ୍ର ଦେଶକୁ ସ୍ଥିର କରିଦିଆଗଲା। କେହି

ISSN NO.
2582-208X

କୁଆଡ଼େ ବାହାରକୁ ବାହାରିବେ ନାହିଁ ବୋଲି କଡ଼ା ଆଇନ କାର୍ଯ୍ୟକାରୀ ହେଲା। ଫଳରେ ତିନିବର୍ଷ ପାଇଁ ଶ୍ରମିକ ଅଭାବରୁ ଏହି ରେଳପଥ କାର୍ଯ୍ୟ ଅଟକି ରହିଲା।

କରୋନା ମହାମାରୀର ପ୍ରକୋପ ଧୀରେ ଧୀରେ ଥମିବାରୁ ପୁଣି ଏହି ରେଳପଥ କାର୍ଯ୍ୟ ତ୍ୱରାନ୍ୱିତ ହେଲା। ମହିପୁର–ନୂଆଗାଁ ପରେ ଦଶପଲ୍ଲାକୁ ରେଳ ନିୟମିତ ଭାବେ ଚଳାଚଳ କଲା। ଅପରପାର୍ଶ୍ୱରେ ବିଚ୍ଛୁପାଲି–ଝାରତରଭା ପରେ ସୋନପୁର ଜିଲ୍ଲା ସଦରମହାକୁମାକୁ ୨୦୨୪ ଫେବୃଆରୀ ୩ ତାରିଖରେ ପ୍ରଥମ କରି ରେଳ ଗଡ଼ିଲା। କାମ ଦୃତଗତିରେ ଚାଲିବାରୁ ତେଲ ନଦୀ ପୋଲ ଉପରେ ରେଳ ଗଡ଼ି ବୌଦ୍ଧ ଜିଲ୍ଲାର ପ୍ରଥମ ଷ୍ଟେସନ ଭାବେ ପୁରୁଣାପାଣିରେ ପହଞ୍ଚିଲା। ପରେ ପରେ ଝାରମୁଣ୍ଡା, ବୌଦ୍ଧ ଏବଂ ପୁରୁଣାକଟକକୁ ୨୦ ଜୁନ୍ ୨୦୨୫ରେ ରେଳ ଚଳାଚଳ ସ୍ୱାଭାବିକ ହେଲା।

ପୁରୁଣାକଟକଠାରୁ ଚାରିଛକ ଷ୍ଟେସନ ପର୍ଯ୍ୟନ୍ତ ସିଧା ରାସ୍ତାରେ ମାତ୍ର ୦୫ କି.ମି. ଦୂରତା ଥିବାବେଳେ ଏହା ମଧ୍ୟରେ ସୁଉଚ୍ଚ ପାହାଡ଼ ରହିଯିବାରୁ ଏହାକୁ ବୁଲାଇ କରଞ୍ଜକଟା ଦେଇ ଚାରିଛକ ସହ ଯୋଡ଼ାଗଲା। ଫଳରେ ରେଳପଥଟି ଅଧିକ ୧୨ କି.ମି. ବୃଦ୍ଧିପାଇ ୩୦୧ କି.ମି. ପର୍ଯ୍ୟନ୍ତ ପହଞ୍ଚିଲା। ବଲାଙ୍ଗୀର ପଟୁ ବୌଦ୍ଧପରେ ଚାରିଛକ ଷ୍ଟେସନଠାରୁ ଆଢ଼େଣୀଗଡ଼ ଏବଂ ସେଠାରୁ ନୟାଗଡ଼ ଜିଲ୍ଲାର ବାଣିଗୋଚ୍ଛା ଷ୍ଟେସନ ପର୍ଯ୍ୟନ୍ତ ବହୁ ଉଚ୍ଚ ଉଚ୍ଚ ପାହାଡ଼ ରହିବାରୁ ସେଗୁଡ଼ିକୁ ଖୋଳି ତା' ଭିତରେ ଏକାଧିକ ସୁଡ଼ଙ୍ଗ ତିଆରି କରାଗଲା। ତଥାପି କାମ ଧିମା ହେବାରୁ ରେଳପଥ ନିର୍ମାଣର ଅବଧିକୁ ୨୦୨୬ ଡିସେମ୍ବର ପର୍ଯ୍ୟନ୍ତ ବଢ଼ାଇ ଦିଆଗଲା। ଆଢ଼େଣୀଗଡ଼ରୁ ବାଣିଗୋଚ୍ଛା ପର୍ଯ୍ୟନ୍ତ ନିଘଞ୍ଚ ଜଙ୍ଗଲ ରହୁଥିବାରୁ ବନ୍ୟଜନ୍ତୁଙ୍କ ଯାତାୟାତ ଏବଂ ସୁରକ୍ଷା ଦୃଷ୍ଟିରୁ ରେଳପଥକୁ ଭୂମିରୁ ପ୍ରାୟ ୮୦ଫୁଟ ଉପରେ ସୁଉଚ୍ଚ ଏବଂ ଦୀର୍ଘଲମ୍ବ ବିଶିଷ୍ଟ ପୋଲ ତିଆରି କରାଗଲା ଯାହା ଭାରତର ଦ୍ୱିତୀୟ ବୃହତ୍ତମ ଦୀର୍ଘଲମ୍ବ ବିଶିଷ୍ଟ ପୋଲର ମାନ୍ୟତା ପାଇଲା।

ବାଣିଗୋଚ୍ଛାଠାରୁ ଦଶପଲ୍ଲା ପର୍ଯ୍ୟନ୍ତ ବାକିଥିବା ଅଞ୍ଚଳରେ ରେଳପଥ କାର୍ଯ୍ୟ ପ୍ରାୟ ଅଧାଅଧି ଶେଷ ହେବା ବେଳକୁ ତିନି ଦଶନ୍ଧି ପୂର୍ବରୁ ପ୍ରସ୍ତାବିତ ହୋଇଥିବା ବୃତ୍ତଙ୍ଗ ନଦୀବନ୍ଧ ପ୍ରକଳ୍ପକୁ ମଞ୍ଜରୀଠାରେ ନିର୍ମାଣ କରିବାକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁର କଲା। ଏହି ନଦୀବନ୍ଧ ତିଆରି ହେବାଦ୍ୱାରା ଏହାର ପଛୁଆ ପାଣିରେ ଖୋର୍ଦ୍ଧାରୋଡ଼–ବଲାଙ୍ଗୀର ରେଳପଥର ପ୍ରାୟ ୦୭ କି.ମି. ଅଂଶ ବୁଡ଼ିଯିବାର ଆଶଙ୍କା ଦେଖାଦେଲା। ପୁନଃର୍ବାର ଏହି ରେଳପଥକୁ ପୂର୍ବପ୍ରସ୍ତାବିତ ସ୍ଥାନଠାରୁ ଘୁଞ୍ଚାଇ ନିର୍ମାଣକାର୍ଯ୍ୟ ଆରମ୍ଭ କରାଗଲା। ରାତିଦିନ

ISSN NO.
2582-208X

ଅହରହ କାମ ଲାଗିଥିଲେ ହେଁ ଦଶପଲ୍ଲାଠାରୁ ପୁରୁଣାକଟକ ପର୍ଯ୍ୟନ୍ତ ପ୍ରାୟ ୭୫ କି.ମି. ରେଳପଥ କାର୍ଯ୍ୟ ସରି ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାବେଳକୁ ୨୦୨୭ ମସିହା ହୋଇଯାଇପାରେ।

ବହୁ ବର୍ଷଧରି ଏହି ପ୍ରକଳ୍ପ ନିଷ୍ପେସିତ ଓ ଅବହେଳାର ଶିକାର ହୋଇଥିଲେ ହେଁ ଦୀର୍ଘ ୮୦ ବର୍ଷର ଅପେକ୍ଷାରେ ପୂର୍ଣ୍ଣଚ୍ଛେଦ ଟାଣି ଏହି ରେଳପଥ ସାକାର ରୂପ ନେଉଛି, ଯାହା ପ୍ରସ୍ତାବିତ ଅଞ୍ଚଳର ଆର୍ଥିକ ବିକାଶ ଦିଗରେ ସହାୟକ ହେବାସହ ରାଜ୍ୟ ଓ ରାଷ୍ଟ୍ରର ସାମୂହିକ ବିକାଶରେ ନିଜକୁ ସାମିଲ୍ କରାଇବ। ବହୁ ଘାତ ପ୍ରତିଘାତ ସହିବା ସହ ନାନା କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ରେଳପଥ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକ୍ଷମ ହୋଇ ସେଥିରେ ରେଳ ଚଳାଚଳ କଲେ ରେଳପଥ ପାଇଁ ଜମି ଯୋଗାଇଥିବା ଜିଲ୍ଲାବାସୀଙ୍କ ମନରେ ଥିବା ବହୁପ୍ରତୀକ୍ଷାର ଅନ୍ତ....।

(((-)))

ବାହାଡ଼ାଖୋଲା, ନୟାଗଡ଼
ପିନ୍- ୭୫୨୦୮୨/ ଯୋଗାଯୋଗ- ୯୩୪୮୪୦୫୮୪୦

ISSN NO.
2582-208X

# ମୋ ନୀରବତା



ପ୍ରିୟବ୍ରତ କର

ନୀରବତା,
ଟାଣିଦିଏ ହୃଦୟରେ ଏକ ଲକ୍ଷ୍ମଣ ରେଖା
ଗୋଟେ ପଟେ ଅଗ୍ନି ସାଗରର ଜୁଆର
ହୃଦୟ ପ୍ରାଚୀରକୁ ଭେଦୁଥିବା ବେଳେ
ବିନା କାରଣରେ ଓଠତଳେ ହସ
ଜାହିର କରେ ତାର ସତ୍ତା ।

ନୀରବତା,
ଟାଣିଦିଏ ସମ୍ପର୍କରେ ଏକ ସୀମାରେଖା
ଅତୀତର ସ୍ମୃତିକୁ ଛାତିରେ ରଖି
ବର୍ତ୍ତମାନର ସ୍ଥିତିକୁ ଆଖିରେ ଦେଖି
ଆଶା ମାରି ଭବିଷ୍ୟତକୁ ଗ୍ରହଣ କରିବାର
ଦେଇଯାଏ ଏହି ବାର୍ତ୍ତା ।

ISSN NO.
2582-208X

ନୀରବତା,
ଟାଣିଦିଏ ସ୍ୱପ୍ନରେ ଏକ ଅଦୃଶ୍ୟ ରେଖା
ବୁଲେଇ ନେଇଯାଏ ଅନ୍ୟ ଜଗତକୁ
ବାଧ୍ୟକରେ ନିଜ ପାଖେ ହାରିବାକୁ
କିଛି ସ୍ମୃତି ବାଧ୍ୟକରେ କଲମ ଧରିବାକୁ
ଯୋଉଟା କି ମୋ ବାସ୍ତବତା ।

ମୋ ନୀରବତା

(((-)))

ସୋରିଷକୋଠା, ମୟୁରଭଞ୍ଜ
ମୋ:- ୮୩୩୮୮୨୮୭୮୦

ISSN NO.
2582-208X

# ଉପେନ୍ଦ୍ର ଭଞ୍ଜଙ୍କ ଶବ୍ଦର ମାୟାଜାଲରେ ନାରୀ

ଝରଣା ସାହୁ

ଓଡ଼ିଆ ସାହିତ୍ୟର ବିକାଶ କ୍ରମରେ ରୀତି ସାହିତ୍ୟ ଏକ ସ୍ୱୟଂସଂପୂର୍ବ ମୌଳିକ ଭାଷା ପରିଚୟର ସମୟ । କାବ୍ୟକ ସାଧନାର ଶ୍ରେଷ୍ଠ କାଳ । ସଂସ୍କୃତ ଭାଷାର ପ୍ରୟୋଗ ହେତୁ ଭୀତି ସାହିତ୍ୟ ଏକ ଉନ୍ନିତ ସ୍ତରରେ ଅବତୀର୍ଥ । ଓଡ଼ିଆ ରୀତି ସାହିତ୍ୟ, ଅଯତ୍ନବନ୍ଧିତ ଅରଣ୍ୟାନୀ ନୁହେଁ; ବରଂ ସଯତ୍ନଚନ୍ଧିତ ଉପବନଟିଏ । ଏହାର ଆଙ୍ଗିକ ଗଠନ ପରିପାଟୀ ସଂସ୍କୃତ ଅଳଙ୍କାର ନିର୍ଦ୍ଦେଶିତ ନୀତିନିୟମର ଅପେକ୍ଷା ରଖେ। ଏହି ସମୟସୀମା ମଧ୍ୟରେ ରଚିତ୍ର ପ୍ରତ୍ୟେକଟି କାବ୍ୟ ଉକ୍ତ ଆଦର୍ଶରୁ ବଞ୍ଚ ନୁହେଁ । ଏକ ନିର୍ଦ୍ଦିଷ୍ଟ ଧାରା ବା ଗଠନରୀତିକୁ ଅନୁସରଣପୂର୍ବକ ରଚିତ ହୋଇଥିବାରୁ ଏହା ବୈଚିତ୍ରହୀନ ମନେ ହୋଇଥାଏ । ଓଡ଼ିଶାରେ ମୁସଲମାନ ରାଜତ୍ୱ ସମୟରେ ଶିକ୍ଷାବ୍ୟବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼ିଥିଲା । ଧର୍ମପୀଠ ଓ ମନ୍ଦିରମାନଙ୍କ ଧ୍ୱଂସ ଆଳରେ ଏହାକୁ କେନ୍ଦ୍ର କରି ଯେଉଁ ଶିକ୍ଷାନୁଷ୍ଠାନ ଗଢ଼ିଉଠିଥିଲା ତାହା ମଧ୍ୟ କିଛି ପରିମାଣରେ ଧ୍ୱଂସପ୍ରାପ୍ତ ହୋଇଥିଲା । ରାଜପରିବାର ବା ଧନିକ ସଂପ୍ରଦାୟ ବ୍ୟକ୍ତିବିଶେଷ ଗୃହ ଶିକ୍ଷକ ନିଯୁକ୍ତ କରି ପିଲାମାନଙ୍କୁ ଶିକ୍ଷା ଦେଉଥିଲେ । ସର୍ବସାଧାରଣ ଶିକ୍ଷାଲାଭର ସମ୍ପୂର୍ଣ ସୁଯୋଗ ଲାଭ କରି ପାରୁ ନଥିଲେ ମଧ୍ୟ ରାଜମହାରାଜା ବା ପଣ୍ଡିତମାନଙ୍କର ପିଲାମାନେ ଉପଯୁକ୍ତ ଶିକ୍ଷା ପ୍ରାପ୍ତିରେ ବଂଚିତ ହେଉନଥିଲେ । କାବ୍ୟ, ବିଭିନ୍ନ ଶାସ୍ତ୍ର, ଗଣିତ, ଚିତ୍ରାଙ୍କନ, ପୁରାଣ ଆଦି ପାଠ କରିବାର ସମସ୍ତ ପ୍ରକାର ସୁଯୋଗ ସେମାନଙ୍କର ଥିଲା । ମଧ୍ୟଯୁଗୀୟ ଓଡ଼ିଆ ରୀତିକାବ୍ୟର ବିଭିନ୍ନ କ୍ଷେତ୍ରରେ ରାଜପୁରୁଷ ଓ ରାଜକନ୍ୟାମାନଙ୍କର ଶିକ୍ଷା ସଂପର୍କରେ ଭୂରିଭୂରି ନିଦର୍ଶନ ରହିଛି । ସଂସ୍କୃତ ଭାଷାର ଚର୍ଚ୍ଚା ବିଶେଷ ମ୍ଳାନ ପଡ଼ିନଥିଲା । ରୀତିକାବ୍ୟ ରଚନା ସମୟକୁ ଏହିପରି ପାର୍ସି ଓ ସଂସ୍କୃତ ଭାଷା ପ୍ରାୟ ପାଖାପାଖି ଗତି କରୁଥିଲେ ।

ISSN NO.
2582-208X

କବି ରସିକ ଶବ୍ଦର ମାୟାଜାଲରେ ବନ୍ଧା । ଶବ୍ଦର ଯାଦୁକରୀ ତାଙ୍କ ଲେଖନୀ ଚାତୁରୀ । କବି ଉପେନ୍ଦ୍ର ଭଞ୍ଜ ନିଜେ ହିଁ ଅଭିଧାନ । ନାୟିକାର ଶରୀର ବର୍ଣନାରେ ସେ ଖୋଜିଛରି ଶବ୍ଦ । ତେଣୁ ବହୁ ଉପମା ରୂପକ ଅଳଙ୍କାର ପ୍ରୟୋଗରେ ସେ କରିଛନ୍ତି ଶବ୍ଦ ଚୟନ । ତେଣୁ ଓଡ଼ିଆ ରୀତିକାବ୍ୟରେ ବେଣୀକୁ ବେତୁ, କାଳିନ୍ଦୀ ଜଳର କୁଟିଳତା, ମର୍କତ, କୃଷ୍ଣସର୍ପିଣୀ, ଭ୍ରମରଶ୍ରେଣୀ, ଶର୍ବରୀ, ସ୍ତ୍ରକିତ ନାଗ ଆଦି ଭାବରେ ବର୍ଣନା କରାଯାଇଛି । ଆଦ୍ରକେଶଗୁଚ୍ଛ ମୋତି ଗୁମ୍ଫିତ ନୀଳରମର, ଇନ୍ଦ୍ରନୀଳ ଚାମର, ତୁଷାର ବୃଷ୍ଟି ଆଦି ସହିତ ତୁଳିତ । ଓଡ଼ିଆ ରୀତିକାବ୍ୟମାନଙ୍କରେ ଅଳକ ବା ଚୂର୍ଣ କୁନ୍ତଳର ଶୋଭନୀୟ ବର୍ଣନା ପରିଲକ୍ଷିତ । ଅଙ୍କୁର,ବାଳଅଳି, ଶିଶୁଭଙ୍ଗ ପରି, ଇନ୍ଦ୍ରନୀଳ ମଣିମାଳା, ଚାରୁମର୍କତ ରେଖା ଆଦି ବିଭିନ୍ନ ଭାବରେ ବର୍ଣ୍ଣିତ । ଏଠାରେ ନାୟିକା ମୁଖ ପୂର୍ଣଚନ୍ଦ୍ର, ଭାଲପଟ, ଅର୍ଦ୍ଧଚନ୍ଦ୍ର ଓ ଅଧର ବାଳସୂର୍ଯ୍ୟ ରୂପେ ବର୍ଣିତ । ମୁଖ ସୌନ୍ଦର୍ଯ୍ୟ ଅଭିବୃଦ୍ଧିରେ ଭାଲପଟର ଭୂମିକା ଅତୀବ ଗୁରୁତ୍ୱପୂର୍ଣ । ରୀତିକବିଗଣ ସ୍ୱୀୟ ସୃଷ୍ଟିମାନଙ୍କରେ ଏହାର ପ୍ରଚୁର ବର୍ଣନା ପ୍ରଦତ୍ତ କରିଛନ୍ତି । ଓଡ଼ିଆ ରୀତି କାବ୍ୟମାନଙ୍କରେ ସୀମନ୍ତର ବର୍ଣନା ପ୍ରତୁଳ ନ ହେଲେ ହେଁ ଅବହେଳିତ ନୁହେଁ । କାବ୍ୟର ସ୍ଥଳେ ସ୍ଥଳେ ସୀମନ୍ତର ବର୍ଣନା କାବ୍ୟନାୟିକାର ଯଥାର୍ଥ ଶୋଭା ପ୍ରକାଶନରେ ସାହାଯ୍ୟ କରେ ।

ତାର ଯେ ତା'ର ସୀମନ୍ତି । ତାର ପତି ପରିପନ୍ଥୀ । (କୋ.ବ୍ର.ସୁ-୧୪/୧୦)

ମୁଖ ସୌନ୍ଦର୍ଯ୍ୟ ପରିପ୍ରକାଶରେ ନୟନର ବିଶେଷ ଭୂମିକା ରହିଛି । ନେତ୍ରର ବର୍ଣ୍ଣ ବୈଭବ, ବକ୍ରଭଙ୍ଗୀ ଓ ଚଳଚଞ୍ଚଳତା ନାରୀକୁ ସୁନ୍ଦରତର ଓ ଆକର୍ଷକ କରିବା ସ୍ୱାଭାବିକ। ସାମୟିକ ନେତ୍ର ମନର ଭାବକୁ ପ୍ରକାଶ କରିବାରେ ସାହାଯ୍ୟ କରେ । ନାରୀର ନେତ୍ର ଏକ ଉଦ୍ଦୀପକ ଅଙ୍ଗଭାବେ ଗୃହୀତ ହୋଇଛି ଓ କବିପ୍ରାଣକୁ ବିଗଳିତ କରି ସ୍ୱତ୍ୱକୀୟ ମର୍ଯ୍ୟାଦାରେ ପ୍ରତିଷ୍ଠିତ । କବି ଏହି ବିଶିଷ୍ଟ ଦର୍ଶନୀୟ ଅଙ୍ଗର ଉଦ୍‌ବୋଧନ ପାଇଁ ବହୁ ଉପମାନ ବ୍ୟବହାର କରିଛନ୍ତି । ସେ ମଧ୍ୟରେ ମୁଖ୍ୟସ୍ଥାନ ଅଧିକାର କରିଛି- ପଦ୍ମ, ମୃଗ, ଖଞ୍ଜନ, ମୀନ ଓ ଶର । ଓଡ଼ିଆ ରୀତିକାବ୍ୟ ମାନଙ୍କରୁ ନେତ୍ର ସମ୍ପର୍କୀୟ କେତେକ ବର୍ଦ୍ଧନା –

ଶତପତ୍ର ପତ୍ର – ନୟନା (କୋ.ବ୍ର.ସୁ-୨୩/୧)

ISSN NO.
2582-208X

ସାରଙ୍ଗ ନୀଳ–କଞ୍ଜ ଖଞ୍ଜନ, କଞ୍ଜନ ଶରପୁଞ୍ଜ ରଞ୍ଜନ
ଶଫରୀ ଗର୍ବ ଖର୍ବ ଅଞ୍ଜନ, ରଞ୍ଜନ ଦୃଶୀ ଯେ । (ସୁ.ପରିଣୟ – ୬/୧୫)

ଅବନାନିୟମର ରଚିତ "ପ୍ରେମସୁଧାନିଧି" କାବ୍ୟର ସମଗ୍ର ଦ୍ୱିତୀୟ ଛାନ୍ଦଟି ନାୟିକାର ନେତ୍ରବର୍ଣନା ନିମିତ୍ତ ଉଦ୍ଦିଷ୍ଟ।

ଏହା ବ୍ୟତୀତ ନେତ୍ର ବର୍ଣନା ମାଧ୍ୟମରେ କବି ମହାଭାରତ ଓ ରଙ୍ଗସଭା ପ୍ରସଙ୍ଗରେ ଅବତାରଣା କରି ଏହାର ଯୌକିକତା ପ୍ରତିପାଦନ କରିଛନ୍ତି ।

ନେତ୍ରେ ସୁଲାରଗ ହେବା କରୁଛି । କୃଷ ଅର୍ଜୁନ ରଙ୍ଗ କରାଉଛି 11 ଗୁଣ ଅଞ୍ଜନ କପାଳ କମାଣ । ବାଣ ପ୍ରୟୋଗ କଟାକ୍ଷ ପ୍ରମାଣ । । ସେ ନେତ୍ରେ ସଙ୍ଗେ କୃଷ୍ଣ ରାମ ବେନି । ରଙ୍ଗ ସଲା ଅନ୍ତେ ପ୍ରକଟ ଘେନି । (କୋ.ବ୍ର.ସୁ. ୩୧୮)

ନୟନର ବର୍ଣନା ଅବକାଶରେ ରୀତି କବିଗଣ ତା'ର ରଙ୍ଗ ଓ ଚଳନଭଙ୍ଗୀ ସମ୍ବନ୍ଧରେ ବିସ୍ତୃତ ବର୍ଣନା କରିଛନ୍ତି । ଏହାକୁ ସ୍ୱର, ରଜଃ ଓ ତମୋଗୁରେ ପ୍ରତୀକ ଭାବରେ ବ୍ୟବହାର କରାଯିବା ସଙ୍ଗେ ସଙ୍ଗେ କଳା, ନାଲି ତଥା ଧଳା ରଙ୍ଗର ସମ୍ମିଶ୍ରଣରେ ଏହାର ମହତ୍ତ୍ୱ ବିକାଶ ଲାଭ କରିଥିବା ବିଷୟ ସୂଚିତ ହୋଇଛି । ପୁନରାୟ ସ୍ତମ୍ଭନ, ମୋହନ ଓ ତ୍ରିଗୁଣଯୁକ୍ତା ହୋଇଥିବାରୁ ନାୟିକାର ନେତ୍ର ଛଟାରେ ପୁରୁଷ କାମାସକ୍ତ ହେବା ସ୍ୱାଭାବିକ ବୋଲି ସୂଚାଇ ଦିଆଯାଇଛି ।

ସତ୍ତ୍ୱ ତମ ନେତ୍ର ନିର୍ମିତ ଅତି ବିଚିତ୍ର
ଶ୍ୱେତ ରଙ୍ଗ କଳା ତିନି ବର୍ଣ୍ଣ ସେ ଯେଣ ।
(ସୁ. ପରିଣୟ – ୩/୧୪)

ନୟନେ ଅଛି ଇନ୍ଦ୍ରଜାଲ ମାୟା
ସ୍ତମ୍ଭନ ମୋହନ ବଂଶ ଆଶ୍ରୟା ଅଞ୍ଜନ ଗୁଣ ସାକ୍ଷାତ ଯେ
ତ୍ରିଗୁଣ ତ୍ରିବେଣୀ ସଗୁଣ ସାରେଣୀ ପରିଦିଶେ
ନାନାମତ ଯେ । (କୋ.ବ୍ର.ସୁ.–୭୭)

ISSN NO.
2582-208X

ନେତ୍ର ପରି ଭ୍ରୂଲତାର ବର୍ଣ୍ଣନା ମଧ୍ୟ ପାଠକର ଦୃଷ୍ଟି ଆକର୍ଷଣ କରେ । ନାରୀର ଭ୍ରୂଲତା ପୁରୁଷର ଚିତ୍ତ ଦ୍ରବୀଭୂତ କରିଥାଏ । ଏହା ପୁଣି କାମଧନୁ ସଦୃଶ । ଯୋଗୀମାନଙ୍କର ଧୈର୍ଯ୍ୟ ନାଶ କରିବାରେ ଏହା ବହୁ ପରିମାଣରେ ସମର୍ଥ । ନାରୀର ନୟନ-କଟାକ୍ଷ ପୁରୁଷକୁ କାବ୍ୟବାଣରେ ଜର୍ଜରିତ କରେ । ନ କହିବା ପରି ଅନେକ ନାରୀ ତା'ର କଟାକ୍ଷପାତରେ କହି ଚାଲିଯାଏ । ଓଡ଼ିଆ ରୀତିଯୁଗୀୟ କାବ୍ୟରେ ନାରୀର ଏହି କଟାକ୍ଷପାତ ସମ୍ପର୍କରେ ଚମତ୍କାର ବର୍ଣ୍ଣନା ପରିଲକ୍ଷିତ ହୁଏ । କେତେବେଳେ ଏହା ପୀୟୂଷ ରସ ତ କେତେବେଳେ ମୋଦଦାୟକ ବା ଆଉ କେଉଁଠି ଚତୁର୍ବର୍ଗ ଫଳପ୍ରଦାୟକ । ପୁଣି କୁନ୍ତ ବିଶିଖ, ସାୟକ ଆଦି ଭାବରେ ବର୍ଣ୍ଣିତ ।

ମୁଖର ସୌନ୍ଦର୍ଯ୍ୟ ବହୁ ପରିମାଣରେ ନାସିକା ଉପରେ ନିର୍ଭର କରୁଥିବାରୁ ରୀତିଯୁଗୀୟ କବିଗଣ ନାସିକ ବର୍ଣ୍ଣନା କରିବାରେ କୁଣ୍ଠା ପ୍ରକାଶ କରିନାହାନ୍ତି । ମୁଖ୍ୟତଃ ନାସିକା ବର୍ଣ୍ଣନା ନିମିର ଗରୁଡ଼, ଶୁଳ, ତିଳଫୁଲ, ଦୂଣୀର ଆଦି ଉପମାନର ବ୍ୟବହାର ହୋଇଛି । ସୌନ୍ଦର୍ଯ୍ୟମୟୀ ନାରୀର ଅନ୍ୟତମ ଆକର୍ଷଣ ହେଉଛି ରକ୍ତିମ ଅଧର । କବି କଳ୍ପନାରେ ଏହା ଅମୃତସ୍ରାବୀ । ବସ୍ତୁତଃ ଅଧରର କୋମଳତା, ରମଣୀୟତା ଓ ରସସ୍ନିଗ୍ଧତା ଅନୁପମ। ଏହା ଶୋଭା ନିରୁପଣ ଲାଗି କାବ୍ୟଜଗତ ଚିର ଚଞ୍ଚଳ । ଓଡ଼ିଆ ରୀତିଯୁଗୀ କାବ୍ୟକାରଗଣ ଅଧରର ମହତ୍ତ୍ୱ ପ୍ରଖ୍ୟାପନ ନିମିତ୍ତ ଅରୁଣ, ଉଦୀୟମାନ ସୂର୍ଯ୍ୟ, ନବପଲ୍ଲବ, ବଧୂକଫୁଲ, ବିମ୍ବଫଳ, ରକ୍ତମନ୍ଦାର, ପ୍ରବାଳ, ସୁରଙ୍ଗଫଳ, କିଂଶୁକ ଆଦି ଉମାନର ବ୍ୟବହାର କରିଛନ୍ତି । ମୁଖର ସୌନ୍ଦର୍ଯ୍ୟ ଅନେକ ପରିମାଣରେ ଦନ୍ତର ଶୋଭା ଉପରେ ନିର୍ଭର କରେ । ରୀତିଯୁଗୀୟ କାବ୍ୟରେ ଦନ୍ତ ସମ୍ବନ୍ଧରେ ବିସ୍ତୃତ ବିବରଣୀ ଉପଲବ୍ଧ । ମୁଖ୍ୟତଃ ରୀତିଯୁଗୀୟ କବି କୁନ୍ଦ, ଡାଳିମ୍ବ, ମୁକ୍ତା, ହୀରା, କୌମୁଦୀ ଆଦି ସହିତ ଦନ୍ତର ତୁଳନା କରି ଏହାର ବିଶେଷତ୍ୱ ପ୍ରତିପାଦନ କରିଛନ୍ତି ।

ରଦନ ହୀରର କରକ ତୁଳ କସସାର
(ପ୍ରେମସୁଧାନିଧ - ୧୫/୪)
କରକ-ବୀଜ-ବୀଜିତ-ଦଶନାର
(କୋ.ବ୍ର.ସୁ - ୧୦/୨୫)

ISSN NO.
2582-208X

ଓଡ଼ିଆର ରୀତିକାବ୍ୟରେ ଚିବୁକର ବିସ୍ତୃତ ଦର୍ଶନା ନ ଥିଲେ ହେଁ କେତେକ ସ୍ଥଳରେ ଏହାର ଅନୁପମ ଉଦାହରଣ ଦେଖିବାକୁ ମିଳେ । ମୁଖ୍ୟତଃ, ରୀତିକବିଗଣ ଅଗସ୍ତିଫୁଲ, ଦ୍ୱିତୀୟଚନ୍ଦ୍ର, ଚତୁର୍ଥୀଚନ୍ଦ୍ର, ପଞ୍ଚମୀ ଚନ୍ଦ୍ର ଆଦି ଭାବରେ ବର୍ଣନା କରିଛନ୍ତି । ନାୟିକାର ଗଣ୍ଡସ୍ଥଳ କବିବର୍ଣନାରେ ବେଶ୍ ଲୋଭନୀୟ । ପୁରୁଷର ମନଭ୍ରମରକୁ ଆକୃଷ୍ଟ କରିବା କ୍ଷେତ୍ରରେ ଏହାର ଅବଦାନ କମ୍ ନୁହେଁ । ଓଡ଼ିଆ ରୀତିକବିଗଣ ଶୁକପିଣ୍ଡ, ଦର୍ପଣ, ମନ୍ମଥରଥଚକ ଆଦି ଭାବରେ ବର୍ଣନା କରିଛନ୍ତି । କଣ୍ଠ ବର୍ଣନାରେ ମଧ୍ୟ ଓଡ଼ିଆ ରୀତିକବି ପାରମ୍ପରିକ ରୀତିର ବିଶ୍ୱସ୍ତ ଅନୁସରଣ କରିଛନ୍ତି । ପାଟଳୀ, ପାଶ, କାମଜୟ ପାଶ, ଅର୍ଦ୍ଧରସାଳ, ଅନନଙ୍ଗ ଖଟଦୋଳି, ଭୁବର୍ଷ ଆଦି ଭାବରେ କାବ୍ୟ ନାୟିକାର କଣ୍ଠକୁ ବର୍ଣନା କରି କବିସ୍ୱୀୟ ବର୍ଣନା ଚାତୁରୀର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ।

ଓଡ଼ିଆ ରୀତିକାବ୍ୟମାନଙ୍କରେ ଗ୍ରୀବାର ଦର୍ଶନା ସମୟରେ ମୁଖ୍ୟତଃ ଦୁଇଟି ଉପମାନ ବ୍ୟବହୃତ ହୋଇଥିବାର ଦେଖାଯାଏ । ତାହା ହେଉଛି ଶଙ୍ଖ ଓ କପୋତ । କେତେକ କ୍ଷେତ୍ରରେ ଏହି ଉପମାଦ୍ୱୟମାନ ପ୍ରଶଂସା ଲାଭ କରିଥିବା ସମୟରେ ଅନ୍ୟ କେତେକ କ୍ଷେତ୍ରରେ ଏହି ଉପମାନଦ୍ୱୟ ପ୍ରଶଂସା ଲାଭ କରିଥିବା ସମୟରେ ଅନ୍ୟ କେତେକ କ୍ଷେତ୍ରରେ ରୀତିଯୁଗୀୟ କବିଗଣ ବିଶେଷ ଚମତ୍କାରିତ ନିନ୍ଦିତ ମଧ୍ୟ ହୋଇ ନାୟିକାର ପୃଷ୍ଠଦେଶ ବର୍ଣନାରେ ଦେଖାଇପାରିନାହାନ୍ତି । କେତେକ କ୍ଷେତ୍ରରେ ସଂକ୍ଷେପରେ ଏହି ଦର୍ଶନାକୁ ସୀମିତ ରଖିଛନ୍ତି ।

ନାରୀର ବିଶିଷ୍ଟ ସୌନ୍ଦର୍ଯ୍ୟବର୍ଦ୍ଧିକ ଅଙ୍ଗମାନଙ୍କ "ସ୍ତନ' ବା 'ଉରଜ'ର ଏକ ମହତ୍ୱପୂର୍ଣ୍ଣ ସ୍ଥାନ ରହିଛି । ଘନବର୍ଣନା ସୌନ୍ଦର୍ଯ୍ୟ ଏବଂ କଳା ଉପାସକମାନଙ୍କ ସର୍ବଶ୍ରେଷ୍ଠ ପ୍ରିୟ ବିଷୟ । ଉଚିତ ଅର୍ଥରେ ଗୀତିକବିଗଣ ସୌନ୍ଦର୍ଯ୍ୟ । ସେଥିପାଇଁ ସେମାନଙ୍କ ରଚନାରେ ଉରଜର ବର୍ଣ୍ଣନା ପ୍ରମୁଖ ଭୂମିକା ଗ୍ରହଣ କରିଛି । ନବଯୌବନବତୀ ନାୟିକାର ସ୍ତନଶୋଭା ପ୍ରାୟ ସକଳ କାବ୍ୟରେ ସଂକ୍ଷିପ୍ତ । ବିସ୍ତୃତ ଭାବେ ବର୍ଣ୍ଣିତ । କେତେକ ସ୍ଥଳରେ ଏହାର ନବୋଦ୍‌ଗମ ଠାରୁ ପର୍ଯ୍ୟାୟକ୍ରମିକ ବିକାଶର ଚିତ୍ର ପ୍ରଦର । କବି କଳ୍ପନା ଏ କ୍ଷେତ୍ରରେ ସୀମାହୀନ ଦିଗ୍‌ବଳୟ ବ୍ୟାପୀ । ସ୍ତନ ସୌନ୍ଦର୍ଯ୍ୟର ବିପୁଳ ମହିମା ନିକଟରେ କାବ୍ୟସ୍ରଷ୍ଟାର ରୂପମୁଗ୍ଧ ଦୃଷ୍ଟି ଚିରକାଳ ଚକିତ ଓ ସ୍ତମ୍ଭିତ । ଏହାର ବର୍ଣନା ସମୟରେ କବି କଳ୍ପନା କୌଣସି ବାସ୍ତବତାକୁ ଅପେକ୍ଷା ରଖୁନାହିଁ । ଏପରିକି ସ୍ତନର ବର୍ଣନା ପାଇଁ କବି

ISSN NO.
2582-208X

ସ୍ୱତନ୍ତ୍ର ଭାବରେ ଗୋଟିଏ ଗୋଟିଏ ଛାନ୍ଦର ଅକୁଣ୍ଠ ଉପଯୋଗ କରିଯାଇଛି । ଅଭିମନ୍ୟୁ ସଂସ୍କୃତ ସାହିତ୍ୟ ପରି ଓଡ଼ିଆ ରୀତିକବିଗଣ ଏହାର ବର୍ଣନା ନିମିତ୍ତ ଅଶେଷ ଆଗ୍ରହ ପ୍ରକାଶ କରିଛନ୍ତି । ସେଥିପାଇଁ ବହୁ ଉପମାନର ପରିକଳ୍ପନା ହୋଇଛି ଏହାର ସାଦୃଶ୍ୟଜନକ ନିମିତ୍ତ । ଗିରି, କଳସ, ରଥାଙ୍ଗ, ନାରିକେଳ, ଶମ୍ଭୁ, ସଂପୁଟ, ମର୍ଦ୍ଦଳ, ତାଳ, କନ୍ଦୁଜ, ପକ୍ୱ, ରସାଳ ହସ୍ତୀକୁମ୍ଭ, କଦମ୍ବ କଡ଼, ପଦ୍ମକଡ଼ ଆଦି ବହୁ ଉପମାନର ପ୍ରୟୋଗ ହୋଇଛି ସ୍ତନର ଶୋଭାବର୍ଣ୍ଣନା ନିମିତ୍ତ । ଓଡ଼ିଆ ରୀତିକାବ୍ୟମାନଙ୍କରେ ଏହାର ପ୍ରଚୁର ବର୍ଣନା ପରିଲକ୍ଷିତ ।

ନାରୀଅଙ୍ଗର ଅନ୍ୟାନ୍ୟ ବର୍ଣନା ପରି ଓଡ଼ିଆ ରୀତିକାବ୍ୟରେ 'ଉଦର' ସମ୍ବନ୍ଧରେ ପର୍ଯ୍ୟାପ୍ତ ବର୍ଣନା ଉପଲବ୍ଧ ହୁଏ ନାହିଁ । ତଥାପି ରୀତିକାବ୍ୟରେ ଉଦର ସହିତ ପଦ୍ମପତ୍ର, ସ୍ୱର୍ଣକମଳ ଦଳ, ସରସୀ, ମାନସରୋବର, ଯଜ୍ଞବେଦୀ ଆଦିର ତୁଳନା କରାଯାଇ ପ୍ରଦତ୍ତ ହୋଇଛି ।

ଓଡ଼ିଆ ରୀତିକାବ୍ୟମାନଙ୍କରେ କାବ୍ୟନାୟିକାର ଦିବଳି ଶୋଭା ସମ୍ପର୍କରେ କେତେଜ ବର୍ଣନା ପରିଲକ୍ଷିତ ହୋଇଥାଏ । ଏହା ମୁଖ୍ୟତଃ ବଳିସଦନ, ତ୍ରିବେଣୀ, ତ୍ରିଲୋକମୋହିନୀ ରେଖାଦି ଭାବରେ ବର୍ଣିତ । ନାଭି ଦର୍ଶନାରେ ରୀତିଯୁଗର କବିଗଣ ପାରଦର୍ଶିତ ଅର୍ଜନ କରିଥିବାର ଜଣାଯାଏ । ନାଭିକୁ ସରୋବର, ଭଉଁରୀ, କୂପ, ପଲ୍ଲକ, 'ଠ'କାର ଭାବେ ବର୍ଣନା କରାଯାଇଛି । ସେହିପରି କଟିର କୃଶତା ଯୋଗୁଁ ନାରୀର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ। କ୍ଷୀଣକଟି ବିଶିଷ୍ଟ ନାରୀ ରୀତିଯୁଗୀୟ କାବ୍ୟର ନାୟିକା । ରୀତିଯୁଗର କବିଗଣ ମୁଖ୍ୟତଃ ଡମ୍ବରୁ ଓ ସିଂହକଟିକୁ କାବ୍ୟନାୟିକା କଟିର ଉପମାନ ରୂପେ ବ୍ୟବହାର କରିଛନ୍ତି । କାବ୍ୟ ନାୟିକାର ରୋମାବଳି ବର୍ଣନାରେ ରୀତଯୁଗୀୟ କବିଗରଣ ଜଳ୍ପନାର ଉତ୍ତୁଙ୍ଗ ଶିଖରୀ ସ୍ୱର୍ଶ କରିଛନ୍ତି । ରୋମାବଳୀର ଚମତ୍କାର ବର୍ଣନାରେ କବିଗଣଙ୍କ ଆଗ୍ରହ ଯେକୌଣସି ରୀତିଯୁଗୀୟ କାବ୍ୟରୁ ସୃଷ୍ଟ ହୋଇଥାଏ । ଏହାର ବର୍ଣନା ନିମିତ୍ତ କବି ମୁଖ୍ୟତଃ କୃଷ୍ଣନାଗ, ପିପୀଲିକା, ସରଘାପରି, ନୀଳଦଣ୍ଡ, ତୃଣାଙ୍କୁର, କୃଷ୍ଣବେଣୀ ନଦୀ ଆଦି ଉପମାନକୁ ଗ୍ରହଣ କରିଛନ୍ତି । ରୀତିଯୁଗୀୟ କବିଙ୍କ ବର୍ଣ୍ଣନାର ଭାବତିଶର୍ଯ୍ୟରେ ସମାଜ ଅସମର୍ଥିତ କାବ୍ୟନାୟିକାର ଗୁହ୍ୟାଙ୍ଗ ବର୍ଣନା କରିବାକୁ ଭୁଲିନାହାନ୍ତି । ରୂପ ସୌନ୍ଦର୍ଯ୍ୟର କବି ଅତି ସଂକୋଚହୀନ ଭାବରେ ସ୍ୱୀୟ କାବ୍ୟାବଳୀରେ

ISSN NO.
2582-208X

ଏହାର ଅଶ୍ଳୀଳ ବର୍ଣନା ପ୍ରଦତ୍ତ କରିଛନ୍ତି । ହୋମକୁଣ୍ଡ, ହେମପାତ୍ର, ଯଜ୍ଞବେଦୀ, ମାରମନ୍ଦିର ଆଦି ଭାବରେ ତର୍କଣା କରି ତା'ର ପ୍ରଗଳ୍ଭ ବର୍ଣନା କାବ୍ୟରେ ପ୍ରଦତ୍ତ ହୋଇଛି। ଓଡ଼ିଆ ରୀତିକବିଗଣ କାବ୍ୟ ନାୟିକାର କରଶୋଭା ବର୍ଣନା ସମୟରେ ମୁଖ୍ୟତଃ ମୃଣାଳ, ଲହରୀ, ବଲ୍ଲରୀ, ପାଶ ଆଦିର ବ୍ୟବହାର କରିଛନ୍ତି । କାବ୍ୟନାୟିକାର କରାଙ୍ଗୁଳି କାବ୍ୟନାୟକ ନିକଟରେ ଅନ୍ୟତମ ବିଶିଷ୍ଟ ଲୋଭନୀୟ ବିଭାବ । ଏହାର ବର୍ଣନା ନିମିତ୍ତ କବିଗଣ ଚମ୍ପକକଢ଼ି, ଗନ୍ଧଫଳୀ, ଅଶୋକ କୁସୁମ, କନ୍ଦର୍ପର ମୋହନ ଶର ଆଦିଶବ୍ଦ ବା ଉପମାନଙ୍କର ପ୍ରୟୋଗ ହୋଇଛି । କାବ୍ୟ ନାୟିକାର ନଖର ଶୋଭା ରୀତିଯୁଗୀୟ କାବ୍ୟର ଅନ୍ୟତମ ଆକର୍ଷଣ ବିନ୍ଦୁ । ନଖର ସୌନ୍ଦର୍ଯ୍ୟ ବର୍ଣନା କରିବାକୁ ଯାଇ କବିଗଣ ନକ୍ଷତ୍ର, ମୁକ୍ତା, ନିଆଳି, ଚନ୍ଦ୍ରାବଳୀ, ଜାତିକୁସୁମଦଳ, ମଣି, କନ୍ଦର୍ପ, ବାଣ, ସୁରମଣି ଆଦି ଉପମାନର ପ୍ରୟୋଗକରାଯାଇଛି । କରତଳ ଶୋଭା ମଧ୍ୟ ଅବର୍ଣନୀୟ; ସୌନ୍ଦର୍ଯ୍ୟର ଗନ୍ତାଘର । କବି ଏହି କରତଳର ବର୍ଣ୍ଣନା ଦେବାକୁ ଯାଇ କେନ୍ଦୁପଲ୍ଲଭ, ଶତପତ୍ର, କିଶଳୟ, କୋକନନ୍ଦ, ନବନଳିନୀ ଆଦି ଉପମାନର ସହାୟତା ଗ୍ରହଣ କରିଛନ୍ତି । କାବ୍ୟ ନାୟିକାର ଜାନୁ ଶୋଭା ଅବର୍ଣନୀୟ । ସମସ୍ତ ସୌନ୍ଦର୍ଯ୍ୟର ସତେ ଯେପରି ସେ ଏକ ଆଶ୍ରୟସ୍ଥଳୀ । ନାୟିକାର ଏହି ଜାନୁ ଶୋଭାକୁ ବର୍ତନା କରିବାକୁ କବି ମନରେ ଅଶେଷ ବ୍ୟାକୁଳତା । ବହୁ ସ୍ଥାନରୁ ଉପମାନ ସଂଗ୍ରହ କରି କବି ଜାନୁର ଶୋଭା ସହିତ ସାମ୍ୟ ପ୍ରତିଷ୍ଠା କରିବାକୁ ଚେଷ୍ଟା କରିଛନ୍ତି । କେତେକ କ୍ଷେତ୍ରରେ ଏହି ଉପମାଗଣ ସାଦୃଶ୍ୟ କଥନ ଯୋଗୁଁ ପ୍ରଶଂସା ଲାଭ କରିଛନ୍ତି ତ ଅନ୍ୟ କେତେବେଳେ ଜାନୁ ଶୋଭା ନିକଟରେ ହୀନପୁର ମନେ ହୋଇ ନିନ୍ଦିତ ହୋଇଛନ୍ତି । ଜାନୁ ସହିତ ସଂପର୍କ ପ୍ରତିଷ୍ଠା ନିମିତ୍ତ ଓଡ଼ିଆ ରୀତିକବିଗଣ ମୁଖ୍ୟତଃ ରମ୍ଭା, ସିଂହାସନ, କଦଳୀ, ଓଲଟରମ୍ଭା, କନକକରଭ, ବାରଣ, ସୁବର୍ଣ୍ଣବେଦୀ, କରୀକର, ମନ୍ଦରଗିରି, ଯୁବାଜନ ଯୂପ ଆଦି ବହୁ ଉପମାନର ପ୍ରୟୋଗ କରିଛନ୍ତି ।

ଓଡ଼ିଆ ରୀତିଯୁଗର କବିଗଣ ନାୟିକା ପାଦର ଶୋଭା ବର୍ଣନ ନିମିତ୍ତ ପଦ୍ମ, କବା, କରୁଣ, ଅରୁଣ, ମନ୍ଦାର, ନବକିଶଳୟ, ସ୍ଥଳକମଳ ଆଦି ଉପମାନର ପ୍ରୟୋଗ କରିଛନ୍ତି । ବୋଧହୁଏ କାବ୍ୟନାୟିକା ପାଦର ଅରୁଣିମା ପ୍ରସ୍ଫୁଟନ ନିମିତ୍ତ କବି ଏପରି ଉପମାନର ଉପଯୋଗ କରିଥିବା ଅନୁମେୟ । ନାୟିକାର ତନୁକାନ୍ତିକୁ ସୂଚାଇବା ନିମିତ୍ତ କବି ବହୁ ସ୍ଥାନରୁ ଉପମାନ ସଂଗ୍ରହ କରିଛନ୍ତି । ଚମ୍ପା, ସବୁର୍ଣ, ବିଜୁଳି, କେତକୀ, କ୍ଷଣ, ଗୌରୀ,

ISSN NO.
2582-208X

ହଳଦୀ, ହରିତାଳ, ସୁନାରୀ, କର୍ମକେଶର, ଗୋରଚନା ଆଦି ବହୁ ଉପମାନ ନାୟିକାର ତନୁକାନ୍ତି ନିମିତ୍ତ ପ୍ରୟୋଗ ହୋଇଛି ।

ନାୟିକାର ନଖଶିଖ ବର୍ଣନା ପରି ଓଡ଼ିଆ ରୀତିକାବ୍ୟରେ ଉପେନ୍ଦ୍ରଭଞ୍ଜ ନାୟିକାର ବିଭିନ୍ନ ଗୁଣ ସୌନ୍ଦର୍ଯ୍ୟ ବର୍ଦ୍ଧନା ପାଠକ ପ୍ରାଣକୁ ଆଲୋଡ଼ିତ କରେ । ନାୟିକାର ହସ ରୀତିଯୁଗୀୟ କାବ୍ୟରେ ବହୁ ଭାବରେ ବର୍ଣିତ । ଏହି ହସକୁ ପ୍ରକାଶ କରିବା ନିମିତ୍ତ କବି, କୁମୁଦିନୀ, ସୁଧା, କର୍ପୂର, ଜ୍ୟୋତ୍ସ୍ନା, ମାଣିକ୍ୟ, ଅନୁରାଗ, କାଶ, ପୀୟୂଷ ଆଦି ଶବ୍ଦର ପ୍ରୟୋଗ କରିଛନ୍ତି । ନାୟିକାର ଗତିକୁ ମଧ୍ୟ ଅତି ସୁନ୍ଦର ଭାବେ ବର୍ଣନା କରିଛନ୍ତି ତାଙ୍କ କାବ୍ୟରେ। ଏହି ଗତିର ମନ୍ଥରତା ଓ ଭଙ୍ଗୀକୁ ପ୍ରକାଶ କରିବା ନିମିତ୍ତ ରୀତିକବି ଗର୍ଭାନସ, ହଂସା, ଗଳ, କନକଲତାର, ଦୋହୁଲ୍ୟମାନତାତ୍ ଗ୍ରହଣ କରି ନେଇଛନ୍ତି । କାବ୍ୟ ନାୟିକାର ବାଣୀନାୟକ ନିମିର ଆଶ୍ୱସନାର ସ୍ତମ୍ଭ । ଏହା ରୂପହୀନ ହେଲେ ହେଁ ମାନବର ହୃଦୟରେ ତା'ର ଗଭୀର ପ୍ରଭାବ ଶୀହରଣ ସୃଷ୍ଟି କରେ । ମନକୁ ପୁଲକିତ କରେ । ନାୟିକାର ଏହି ବାଣୀକୁ ପ୍ରକାଶ କରିବା ନିମିତ୍ତ କବିବୀଣା, କୋକିଳ, ଅମୃତ, ମଧୁରତା, ପଦ୍ମାଶାରୀ, ଆଦି ଶବ୍ଦର ପ୍ରୟୋଗ କରିଛନ୍ତି । କାବ୍ୟନାୟିକା ଦେହର ସୁବାସ ସମ୍ପର୍କରେ ମଧ୍ୟ କେତେକ ବର୍ଣନା ରୀତିସାହିତ୍ୟରେ ଉପଲବ୍ଧ । ସାଧାରଣତଃ ରୀତିକାବ୍ୟର ନାୟିକା ପଦ୍ମିନୀ ଓ ଚିତ୍ରିଣୀ ଜାତୀୟା ନାରୀ ହୋଇଥିବାରୁ ପଦ୍ମ, ପାରିଜାତ, ଚନ୍ଦନ, ନବମଲ୍ଲିକା, କର୍ପୂର ଆଦିର ସୁବାସ ତା'ର ଜନ୍ମଗତ ଗୁଣଭାବେ ବର୍ଣିତ । ରୀତିଯୁଗୀୟ କାବ୍ୟନାୟିକାର ତନୁକୋମଳତାକୁ ଦର୍ଶାଇବାକୁ ଯାଇ ରୀତିଯୁଗୀୟ କବିଗଣ ଲବଣୀ, ଶିରୀଷ ଓ ତୁଳା ଆଦି ଉପମାନକୁ ଗ୍ରହଣ କରିଛନ୍ତି ।

ଓଡ଼ିଆ ରୀତିକାବ୍ୟରେ କାବ୍ୟନାୟିକାର ଭୂଷଣ ସୌନ୍ଦର୍ଯ୍ୟ ଓ ମଣ୍ଡନବିଧି କଳା ସମ୍ବନ୍ଧରେ ବିସ୍ତୃତ ବର୍ଣନା ରହିଛି । ବିଶେଷ ଭାବରେ ନାୟିକାର ସୌନ୍ଦର୍ଯ୍ୟ ପ୍ରସାଧନ, ପରିଧାନ ତଥା ବିଭିନ୍ନ ଅଳଙ୍କାର ଏହାର ଆଲୋଚନା ପରିସରଭୁକ୍ତ ହୋଇଛି । ଓଡ଼ିଆ ରୀତିକାବ୍ୟରେ ନାୟିକାର ପ୍ରସାଧନ ଭାବେର କେଶବିନ୍ୟାସ, ତିଳକ ଚିହ୍ନ, ମକରୀ, କସ୍ତୁରୀ, ସିନ୍ଦୁରବିନ୍ଦୁ, ଅଳତାଦିର ବ୍ୟବହର ଦେଖାଯାଇଥାଏ । ନାୟିକାର ଏହି ପ୍ରସାଧାନ ବିଧାନରେ ପଶ୍ଚିମା ଓ ତୈଲଙ୍ଗ ଦେଶର କେତେକ ପ୍ରଭାବ ପରିଲକ୍ଷିତ । ଏହିପରି ଭାବରେ ନାରୀର ବେଶ ଭୂଷା, ଅଳଙ୍କାର ଆଦିକୁ ଭିନ୍ନ ଭିନ୍ନ ଶବ୍ଦ ମାଧ୍ୟମରେ ଦର୍ଶାଇଛନ୍ତି ତାଙ୍କ କାବ୍ୟଫର୍ଦ୍ଦରେ ।

ISSN NO.
2582-208X

ସହାୟକ ପୁସ୍ତକ -

୧. ଓଡ଼ିଆ ସାହିତ୍ୟର ଇତିହାସ - ଡ. ବଂଶୀଧର ମହାନ୍ତି

୨. ଓଡ଼ିଆ ସାହିତ୍ୟର ଇତିହାସ - ଡ. ମାୟାଧର ମାନସିଂ

୩. ଝଙ୍କାର (ପୂଜାସଂଖ୍ୟା-୧୯୭୮)

୪. ଓଡ଼ିଆ ରୀତି ସାହିତ୍ୟ ପରମ୍ପରା ଓ ପୁରୋଦୃଷ୍ଟି - ଡ. କୃଷ୍ଣଚନ୍ଦ୍ର ପ୍ରଧାନ

(((-)))

ନୁନ୍‌ଟିକିରି, ଚୌଦ୍ୱାର
ମୋ-୯୦୪୦୬୩୩୬୬୬

ISSN NO.
2582-208X

# ଜୟ ଜଗନ୍ନାଥ ସ୍ୱାମୀ



ସୁରଙ୍ଗୀ ପ୍ରଧାନ

ଦୁଇ ହାତ ଟେକିଦେଲି ତୁମକୁ କାଳିଆ
ବନ୍ଧୁ ଟିଏ ନାହିଁ କେହି ତୁମରି ଭଳିଆ
ରତ୍ନ ସିଂହାସନେ ତୁମେ ପାଉଅଛ ଶୋଭା
ତୁମ ଦରଶନ ସତେ କେଡେ ମନଲୋଭା ।।

ଜାଣି ଗଲି ଦୁନିଆଁ ଟା ଜହର ଜଟିଳ
କିଏ ଏଠି ଭଲ ପୁଣି କିଏସେ କୁଟିଳ
କାହାରି ପାଖରୁ କିଛି କରୁନାହିଁ ଆଶା
ସେଥିପାଇଁ ତୁମକୁ ମୁଁ କରିଲି ଭରସା ।।

ଯୋଉ ଡାଳ ଧରେ ମୁହିଁ ସେ ଡାଳ ଛିଣ୍ଡୁଛି
ମଝି ନଇରେ ମୋ ଡଙ୍ଗା ଟଳମଳ ହେଉଛି
ବିଶ୍ୱାସ କଲି ଯାହାକୁ ସିଏ ଦେଲେ ଧୋକା
ସଭିଏଁ ଭାବନ୍ତି ମୁହିଁ ସତେ କେଡେ ବୋକା ।।

ନେଇଯାଅ ଥରେ ପ୍ରଭୁ ପାଖକୁ ତୁମରି
ହାତ ଯୋଡି କରେ ପ୍ରଭୁ ତୁମକୁ ଗୁହାରି
ସଂସାର ଜଞ୍ଜାଳ ପ୍ରଭୁ ସବୁ ଛାଡି ଦେଇ
ଚକା ଆଖି ଦେଖୁ ଥାନ୍ତି ସବୁଦିନ ପାଇଁ ।।

ISSN NO.
2582-208X

ଲୁହରେ ଭିଜି ଯାଉଛି ଦୁଇ ଆଖି ମୋର
ଅନ୍ତରେ ଉଠୁଛି କୋହ ବହେ ଅଶ୍ରୁଧାର
କେହି ଜାଣୁ କି ନଜାଣୁ ତୁମେ ସବୁ ଜାଣ
ସେଥିପାଇଁ ତୁମ ପାଖେ ପଶୁଛି ଶରଣ

(((–)))

କୁଶୁପୁର, ଗୋପ, ପୁରୀ
ମୋ 7008260516

ISSN NO.
2582-208X

# ଶିକ୍ଷା

ଅଭିମନ୍ୟୁ ବେହେରା

ଅଧିକାଂଶ ଲୋକ ଭାବନ୍ତି ଯେ ସ୍କୁଲରେ ଯାହା ସବୁ ପଢାଯାଇଥାଏ ତାହା ହେଉଛି ଶିକ୍ଷା । ଏହା ସତ୍ୟ ମାତ୍ର ବ୍ୟାପକ ନୁହେଁ କାରଣ ଶିଶୁ କେବଳ ସ୍କୁଲରେ ଶିକ୍ଷାପାଇଥାଏ ତା ନୁହେଁ, ସ୍କୁଲ ପରିସର ବାହାରେ ମଧ୍ୟ ସେ ଅନେକ କିଛି ଶିକ୍ଷାଲାଭ କରିଥାଏ । ଯୋଉ ଶିକ୍ଷା ଶିଶୁର ଜୀବନରେ ଦଶନ୍ଧି ଦଶନ୍ଧି ଧରି ଶତାବ୍ଦୀ ଶତାବ୍ଦୀ ଧରି କାମରେ ଆସିଥାଏ ଏବଂ ସେଇ ଶିକ୍ଷା ତାର ବ୍ୟବହାରରେ ସଂସ୍କାରରେ ପ୍ରତିଫଳିତ ହୋଇଥାଏ । ଏହା ସହିତ ସମାଜରେ ତାର ପ୍ରତିଫଳନ ତା ଚରିତ୍ରରେ ଆଚରଣରେ ଦେଖିବାକୁ ମିଳିଥାଏ । ସ୍କୁଲର ଶିକ୍ଷା ଏକ ନିର୍ଦ୍ଦିଷ୍ଟ ବୟସର, ନିର୍ଦ୍ଦିଷ୍ଟ ଶ୍ରେଣୀର ଏବଂ ଏକ ନିର୍ଦ୍ଦିଷ୍ଟ ସ୍ତର ଦେଇ ଗତି କରିଥାଏ । ଯେମିତି ପ୍ରାଥମିକ ଶିକ୍ଷାରେ ଶିଶୁ କଣ ପଢି ପାରିବ, ଉଚ୍ଚ ବିଦ୍ୟାଳୟରେ କଣ ପଢି ପାରିବ କିମ୍ବା ମହାବିଦ୍ୟାଳୟ , ବିଶ୍ୱ ବିଦ୍ୟାଳୟ ସ୍ତରରେ କଣ ପଢିବ ତାହା ଜାତୀୟ ଶିକ୍ଷାନୀତି ଅନୁସାରେ ଶିକ୍ଷକ, ଶିକ୍ଷାବିତ, ମନସ୍ତତ୍ୱବିତ ପ୍ରଭୃତିଙ୍କ ଆଲୋଚନା ଜରିଆରେ ସ୍ଥିର କରାଯାଇଥାଏ ।

ମଣିଷ ଜୀବନରେ ଶିକ୍ଷା ଅପରିହାର୍ଯ୍ୟ । ସ୍କୁଲ, ସ୍କୁଲରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ର ଛାତ୍ରୀ କିଛି ବହି ଖାତା କଲମ ପେନ୍‌ସିଲ ରବର ବ୍ୟାଗ୍ ଶ୍ରେଣୀଗୃହ କଳାପଟା ଚକଖଡି ଇତ୍ୟାଦିକୁ ନେଇ ଶିଖା ଯାଉଥିବା ଗଣିତ, ଇଂରାଜୀ, ସାହିତ୍ୟ, ଇତିହାସ, ଭୂଗୋଳ ପ୍ରଭୃତି ବିଷୟ । ମାତ୍ର ଏସବୁ ଏକ ସୀମିତ ବ୍ୟବସ୍ଥା କିନ୍ତୁ ଶିକ୍ଷା କେବେ ସୀମିତ ନୁହେଁ । ସାଧାରଣ ଅର୍ଥରେ ଯେଉଁ ବିଶ୍ୱାସ ଅଛି କେବଳ ସ୍କୁଲ ଗଲେ ଏବଂ ସ୍କୁଲରେ ପିଲାମାନେ ଯାହା ଶିଖନ୍ତି ତାହା ହେଉଛି ଶିକ୍ଷା । କିନ୍ତୁ କେବଳ ସ୍କୁଲ ନୁହେଁ ସ୍କୁଲ ବାହାରେ ବି ଛାତ୍ର ଛାତ୍ରୀଙ୍କୁ ବହୁତ ଶିଖିବାର ଅଛି । ଯେମିତି ନିଜ ପରିବେଶରୁ – ଘରକୁ କେହି ଅତିଥୀ ଆସିଲେ ଆମେ ତାଙ୍କୁ ନମସ୍କାର କରୁ, ବସିବାକୁ କହୁ ଯାହାକୁ ଶିଶୁ ନିଜ ପରିବାର ଠାରୁ ଶିଖିଥାଏ । ପିତା ମାତାଙ୍କ ସହିତ ବଜାରକୁ ଗଲା ବେଳେ ବଜାରରେ କିଣା କିଣି ବେଳେ ଶିଶୁଟି ଦେଖେ ଦୋକାନୀ ଜିନିଷର ଦାମ ଯାହା କହେ ପିତାମାତା ତାକୁ ମୂଲାମୁଲି କରି କିଣନ୍ତି । ସେଠାରେ ଶିଶୁଟି ଶିଖେ ବାରଗେନିଙ୍ଗ କରିବା । ଏଥି ସହିତ ଶିକ୍ଷାର ଅନେକ

ISSN NO.
2582-208X

ସ୍ରୋତ ଅଛି, ଯେମିତି ପରିବାର ସମବୟସ୍କ ଦଳ, ପଡୋଶୀ, ଧର୍ମ ପୀଠ, ବଜାର, ପର୍ବପର୍ବାଣି, ମେଳା ଯାତ୍ରା, ଖବରକାଗଜ, ଟେଲିଭିଜନ ପ୍ରଭୃତିରୁ ଶିଶୁ ବିଭିନ୍ନ ଶିକ୍ଷାଲାଭ କରିଥାଏ ।

ମଣିଷ ଜୀବନରେ ଶିକ୍ଷା ଅପରିହାର୍ଯ୍ୟ, ଶିକ୍ଷାକୁ ନେଇ ଆମେ ଶିକ୍ଷିତ ବୋଲାଇଥାଉ । ମାତ୍ର ବେଳେବେଳେ ଶିକ୍ଷିତ ହୋଇ ଅନେକ ଅଶିକ୍ଷିତ କାର୍ଯ୍ୟକଳାପ ଦେଖିବାକୁ ମିଳିଥାଏ । ହୁଏତ ତାର କାରଣ ଖରାପ ସାଙ୍ଗ ସାଥିମାନଙ୍କର ପ୍ରଭାବ, ଖରାପ ପରିବେଶର ପ୍ରଭାବ ଯୋଗୁ । ତେଣୁ ପ୍ରଥମରୁ ଆମେ ଶିଶୁକୁ ଭଲ ସାଙ୍ଗ ଭଲ ପରିବେଶ ସହିତ ଜଡିତ କରାଇବା ଉଚିତ୍, ଯାହାକି ଭବିଷ୍ୟତରେ ଶିଶୁ ଜଣେ ଉତମ ନାଗରିକ ଭାବରେ ନିଜକୁ ଗଢିତୋଳିିବା ସହିତ ଦେଶ ଓ ଜାତିର ଉପକାର ପାଇଁ ସେ ତାର ଶିକ୍ଷାକୁ କାର୍ଯ୍ୟରେ ଲଗାଇ ପାରିବ । ଏଥିରେ ଶିକ୍ଷକ, ପିତାମାତା, ଅଭିଭାବକ ସମସ୍ତଙ୍କର ଭୂମିକା ରହିଛି । ସିଏ ମାର ଗାଳି ହେଉ କି ବାପାଙ୍କର ତାଳି ହେଉ, ଜଣଙ୍କର ଆକଟ ଅନ୍ୟ ଜଣଙ୍କର ଉତ୍ସାହ ଉଭୟ ଶିଶୁ ପାଇଁ ଔଷଧ ଭଳି କାମ କରିବ । ପାଂଚ ଟଙ୍କା ନେଇ ବଜାରକୁ ଯାଉଥିବା ଶିଶୁଟି ପଚାଶ ଟଙ୍କାର ଜିନିଷ ଧରି ବଜାରରୁ ଫେରିଲା ବେଳେ ତାକୁ ପ୍ରଶ୍ନ କରାଯାଉ - ପାଂଚ ଟଙ୍କାତ ଦେଇଥିଲି ପଚାଶ ଟଙ୍କାର ଜିନିଷ କେମିତି ଆଣିଲୁ ......... । ଏଥିରେ ଚୋରି ନା ଅନ୍ୟ କିଛି

କାହାଣୀ ରହିଛି ........ !!!!

(((-)))

ISSN NO.
2582-208X

# ସକାଳ ହେଲା



ଲୋଚନା ଶବର

ପ୍ରାଚୀ ଦିଗ ଦିଶିଲାଣି
ସିନ୍ଦୁରିତ ହୋଇ,
ବିନ୍ଦୁ ହୋଇ ଦେଖା ଗଲା
କୋମଳ କିରଣ ପାଇଁ,
ଅନ୍ଧାର ଚିରି ଆସେ
ରବିଙ୍କର ରଥ,
କୋମଳ କିରଣେ ଦେଖାଯାଏ
ଉଜ୍ଜ୍ୱଳ ଆକାଶ,
ପକ୍ଷୀ ବି ଛାଡ଼ନ୍ତି ବସା
ଦାନା ଖାଇବାକୁ,
ଉଡିଯାନ୍ତି ବହୁଦୂରେ
ପେଟ ଭରିବାକୁ,
ହଳ ନଙ୍ଗଲ ଧରି ବାହାରେ
ଚାଷିତା ବିଲକୁ,
ଶିକ୍ଷାର୍ଥୀ ପଢିବାକୁଯାନ୍ତି
ନିଜ ବିଦ୍ୟାଳୟକୁ,
କ୍ଷଣିକରେ ଶବ୍ଦ ଶୁଭେ
ଚତୁଃର୍ଦିଗ ଚହଟି,
ଯାନବାହାନ ଚଳାଚଳ
ଚାରିଆଡେ ଦିଶେ,

ISSN NO.
2582-208X

ଶାନ୍ତ ପରିବେଶ ଏବେ
ଚଳଚଞ୍ଚଳ ହୁଏ,
ସକାଳ ହେଲା ଏବେ
ନିଦ ସଭିଙ୍କ ଭାଙ୍ଗେ ।

(((-)))

ବଳରାମପୁର, ଭବାନୀପାଟଣା, କଳାହାଣ୍ଡି

ISSN NO.
2582-208X

# କବି ଯେବେ ପ୍ରେମରେ ପଡେ

ଶାଶ୍ୱତୀ ପତି

କାଗଜର ବୁକୁରେ ଶବ୍ଦର ମେଳା ନୁହେଁ, ପ୍ରିୟତମାର ମନର କଥା ଲେଖାହୁଏ,
ତା’ ପାଇଁ ଆକାଶର ନୀଳିମା ଧୀରେ ଧୀରେ ପ୍ରିୟତମାର ଆଖିର କଜଳ ହୁଏ
ଅଳଙ୍କାର ସବୁ ଫିକା ପଡ଼ିଯାନ୍ତି ସେହି ଗୋଟିଏ ହସର ଚମକ ଆଗରେ,
ସେ ଛନ୍ଦ ଖୋଜେନି, ବରଂ ନିଜକୁ ହଜାଇଦିଏ ଭାବନାର ଏକ ଅମାନିଆ ସାଗରରେ ।
"କବିର ପ୍ରେମ ତ ସାଧାରଣ ନୁହେଁ, ସେଠି ବିରହ ବି ଏକ ମହାକାବ୍ୟ,
ଆଉ ମୃତ୍ୟୁ ପରେ ବି ତା’ ଶବ୍ଦର ପାଉଁଶରେ ବଞ୍ଚିରହେ ସେହି ପ୍ରେମର ସୌଭାଗ୍ୟ ।"
ଶବ୍ଦର ଗଙ୍ଗଶିଉଳି ଝରିପଡେ ତା'ର ଉଷ୍ମ ନିଶ୍ୱାସେ,
ସେତେବେଳେ କଲମ ନୁହେଁ, ରକ୍ତର ସିନ୍ଦୂର କାଗଜରେ ହସେ ।
ଅଭିଧାନର ପୃଷ୍ଠାସବୁ ତା' ପାଇଁ ହୁଅନ୍ତି ଅଣଲେଉଟା,
କାରଣ ପ୍ରିୟାର ଆଖିର ଗଭୀରତା ଆଗରେ ସବୁ ବର୍ଣ୍ଣମାଳା ଫିକା।
ସେ ପାଗଳ ସାଜେ ନାହିଁ, ସେ ସାଜେ ଏକ ନୂଆ ସୃଷ୍ଟି,
ଯେଉଁଠି ମେଘ ନଥାଇ ବି ହୁଏ ଅନବରତ କଳ୍ପନାର ବୃଷ୍ଟି ।
ତା'ର ପ୍ରତିଟି କବିତା ସେଦିନ ଏକ ଜୀବନ୍ତ ଦଲିଲ୍ ବନେ,
ପ୍ରେମିକା ପାଦର ଅଳତା ସାଜି ସେ କବି ମନରେ ଅନଳ ବୁଣେ । ।
ଛନ୍ଦର ଶୃଙ୍ଖଳା ଛିଣ୍ଡିଯାଏ ତା'ର ମୁକ୍ତ ଅନୁଭବରେ,
ସେ ଖୋଜେ ନାହିଁ ଉପମା, ସେ ନିଜେ ଉପମା ପାଲଟେ ପ୍ରେମର ସହରରେ ।
ନିରବତା ବି ତା' ପାଇଁ ସେଦିନ ଏକ ମଧୁର ଗୀତିକା,
କବି ଯେବେ ପ୍ରେମରେ ପଡେ, ଧରଣୀ ପାଲଟେ ଏକ ଅପୂର୍ବ ନାୟିକା ।
କବି ଯେବେ ପ୍ରେମରେ ପଡେ,
ଅମାବାସ୍ୟା ଜହ୍ନ ସାଥେ ଗପେ, ଆଉ ଅନ୍ଧାରକୁ ଆଲୋକ ପଢ଼େ ।

ISSN NO.
2582-208X

ତା' କଲମରୁ କାଳି ନୁହେଁ, ଶିରାପ୍ରଶିରାର ରକ୍ତ ଝରିଯାଏ,
ଧଳା କାଗଜଟା ଅତୀତରୁ ଫେରି ଶୁଭ୍ର କନିଆଟିଏ ସାଜିଯାଏ ।
ସେ ଶବ୍ଦକୁ ଖୋଜେନି, ଶବ୍ଦମାନେ ତା' ପାଖେ ଶରଣାଗତ ହୁଅନ୍ତି,
ଭଙ୍ଗା ଆଇନା ଭିତରେ ବି ସେ ପୂର୍ଣ୍ଣିମାର ଛବି ଆଙ୍କନ୍ତି ।
ବର୍ଷା ତାକୁ ଖାଲି ପାଣି ଲାଗେନି, ଲାଗେ ଆକାଶର ଅକୁହା ଚିଠି,
ପବନର ସ୍ପର୍ଶରେ ଖୋଜି ବୁଲେ ସେ ତା' ପ୍ରିୟତମାର ଲୁଚା ପ୍ରୀତିରଗଣ୍ଠି ।
କବି ଯେବେ ପ୍ରେମରେ ପଡେ, ଶୂନ୍ୟତା ବି ସଙ୍ଗୀତ ପାଲଟିଯାଏ,
ସାଧାରଣ ପଥରଟିଏ ବି କାବ୍ୟର ନାୟିକା ପରି ଦେଖାଯାଏ ।
ସେ ହାରିବାକୁ ଭଲପାଏ, ଯେବେ ଜିତିବାଟା ଅହଂକାର ଲାଗେ,
ତା' ମନର ମନ୍ଦିରରେ ପ୍ରେମ ସବୁବେଳେ ଜଳୁଥିବା ଦୀପଶିଖାଟିଏ ସାଜେ ।
ସାରା ଦୁନିଆ ପାଇଁ ଯାହା ମରୀଚିକା, କବି ପାଇଁ ତାହା ପାରିଜାତ,
ନିଜକୁ ହଜାଇ ସେ ପାଏ, ଏକ ନୂଆ ଜନ୍ମର ସୁପ୍ରଭାତ ।
ସେତେବେଳେ ଶବ୍ଦମାନେ ନିଜର ଜାତି ହଜାଇ ଦିଅନ୍ତି,
ଧାଡ଼ିଏ କବିତା ପାଇଁ ସେମାନେ ନୀଳ ଆକାଶରେ ଉଡ଼ନ୍ତି ।
କବି ଯେବେ ପ୍ରେମରେ ପଡେ,
କଲମରୁ କାଳି ନୁହେଁ, ବରଂ ଜହ୍ନରୁ ଜ୍ୟୋସ୍ନା ଝଡ଼େ ।
ଯେବେ କବି ପ୍ରେମରେ ପଡ଼େ...
ଶବ୍ଦମାନେ ଶୃଙ୍ଖଳା ଭାଙ୍ଗନ୍ତି, ଅଭିଧାନ ହୁଏ ମୂକ,
କବିର କାଗଜରେ ଆଙ୍କି ହୁଏ ଏକ ନୂଆ ପୃଥିବୀର ରୂପରେଖ ।
କଲମରୁ କାଳି ନୁହେଁ, ଝରିପଡ଼େ ରକ୍ତବର୍ଣ୍ଣର ଅନୁରାଗ,
ରାତିର ନିସ୍ତବ୍ଧତା ସାଜେ ତା' ପାଇଁ ଏକ ମଧୁର ସୁରାଗ ।
ସେ ପବନର ଗୁଞ୍ଜନରେ ଶୁଣେ କାହାର ଅକୁହା ସ୍ୱର,
ଶୂନ୍ୟ ଆକାଶରେ ଖୋଜେ ସେ ଲୁଚିଥିବା ପ୍ରିୟାର ଘର ।
ଉପମାମାନେ ଧାଡ଼ି ବାନ୍ଧନ୍ତି, ସାଜିବାକୁ ତା' ପାଇଁ ଅଳଙ୍କାର,
ପ୍ରତିଟି ବିନ୍ଦୁରେ ସେ ଦେଖେ ଏକ ବିରାଟ ସିନ୍ଧୁର ଜୁଆର ।

ISSN NO.
2582-208X

ଜଗତ ପାଇଁ ଯାହା ସାଧାରଣ, କବି ପାଇଁ ତାହା ବିଶାଳ,
ପ୍ରେମର ସେହି ମାୟାଜାଲରେ ସେ ସାଜେ ଏକ ସ୍ୱପ୍ନର ମଶାଲ
ଯେବେ କବି ପ୍ରେମରେ ପଡ଼େ, ମୃତ୍ୟୁ ବି ହୁଏ କବିତା,
ବିରହର ଯନ୍ତ୍ରଣା ପାଲଟିଯାଏ ଏକ ଅମର ସଂହିତା।

(((-)))

ବାଲେଶ୍ୱର

ISSN NO.
2582-208X

# ବନ ମହୋତ୍ସବ



ପଞ୍ଚାନନ ମେହେର

ବନ ମହୋତ୍ସବ ଏମିତି ଏକ ଉତ୍ସବ ଯାହାକୁ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଅତି ଆଦରତାର ସହିତ ସମଗ୍ର ଦେଶରେ ପାଳନ କରିଥାଉ । ଆଉ ପାଳନ କରିବା କଥା ମଧ୍ୟ । କ୍ରମାଗତ ଭାବରେ ଜଙ୍ଗଲ ଅବକ୍ଷୟ ସହ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଆବଶ୍ୟକତା ମେଣ୍ଟାଇବା ବାଧ୍ୟ କରୁଛି ବନ ମହୋତ୍ସବ ନିମନ୍ତେ ଜନ ସଚେତନତା ସୃଷ୍ଟି; ଅନ୍ୟଥା ଲେଡିଗୁଡ କହୁଣିକି ବୋହିଯିବ ଯେ ! ବନାଗ୍ନି ଦ୍ୱାରା ଦଗ୍ଧିଭୂତ ବନ ସମ୍ବଳ ଅପେକ୍ଷା କୁରାଢ଼ିର ନିଃଶବ୍ଦ ଅବିରାମ ପ୍ରହାର ଖାଇ ଧରାଶାୟୀ ବୃକ୍ଷ ସମୂହ କାହିଁ କେତେଗୁଣ ଅଧିକ । ଯାହା ସହଜରେ ସମାଜ କି ସରକାରଙ୍କ ଦୃଷ୍ଟିଗୋଚର ହୁଏ ନାହିଁ । ରାତାରାତି ଜଙ୍ଗଲ ଚାଷଜମିରେ ରୂପାନ୍ତରିତ ହୁଏ । ଅନ୍ୟ ପଟେ ଗାଁଠାରୁ ସହର ସବୁଠି ଜନବସତିର ଅହେତୁକ ସଂପ୍ରସାରଣ ଚାଷଜମିକୁ ସଂକୁଚିତ କରିଥାଏ ।

ପଶ୍ଚିମ ଓଡ଼ିଶାର ଏକ ଢଗ "ଯଏତ୍ ପଢା ତଏତ୍ ବେଢ଼ା" ମର୍ମରେ ବୃକ୍ଷମହାତ୍ମ୍ୟକୁ ବଝି ମଧ୍ୟ ନିର୍ବିକାର ଭାବରେ ତା'ର ବିନାଶ କରିଚାଲିଛୁ । ପର ପିଢ଼ିକୁ ଅଣଦେଖା କରି ଆମେ ଯେ ଅକ୍ଷମଣୀୟ ଭୁଲ କରୁଛୁ ସେକଥା ଜାଣିପାରୁନାହୁ । କଳକାରଖାନାର ଅଭିବୃଦ୍ଧି ବିକାଶର କୋଟ୍ ଭିତରେ ବିନାଶର କଙ୍କାଳ ତିଆରି କରିଚାଲିଥିବା ବେଳେ ଗର୍ବରେ ଆମେ ଆତ୍ମହରା ହୋଇ ଯାଉଛୁ । ଧର୍ମକୁ ଆଖିଠାର ଭଳି ଉପର ଠାଉରିଆ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ବନ ମହୋତ୍ସବ ପାଳନ ପାଇଁ କେତେ ସୁନ୍ଦର ଆୟୋଜନ ସବୁ ହେଉଅଛି । କାଗଜ କଲମ ଫଟୋ ଭିଡିଓରେ ପ୍ରତିବର୍ଷ ସାମୂହିକ ବୃକ୍ଷ ରୋପଣର ସଂଖ୍ୟା କୋଟି କୋଟି । କିନ୍ତୁ ହାୟ ! ଆନ୍ତରିକତାର ଘୋର ଅଭାବ ଯୋଗୁଁ ଯେଉଁଠୁ ଆରମ୍ଭ ସେଇଠି ଶେଷ ହୋଇଯାଏ ବୃକ୍ଷର ଆୟୁଷ । ବିଶ୍ୱତାପନର କରାଳ ରୂପ ଆଉ କେତେ ଭୟଙ୍କର ହେଲେ ଆମ ମୁଣ୍ଡରେ ବୁଦ୍ଧି ପଶିବ ଯେ !

ISSN NO.
2582-208X

ଏବେବି ସମୟ ଅଛି ଆମର ମାନସିକତାର ପରିବର୍ତ୍ତନ ପାଇଁ । ପ୍ରତି ବର୍ଷ ଜଣେ ବ୍ୟକ୍ତି କେବଳ ଗୋଟିଏ ବୃକ୍ଷ ରୋପଣ କରି ତାହାର ଯତ୍ନ ନେବ ଅଥବା ବୃକ୍ଷଛେଦନକୁ ବିରୋଧ କରିବ । ବୃକ୍ଷ ରୋପଣ ଅପେକ୍ଷା ବୃକ୍ଷଛେଦନକୁ ବିରୋଧ ଅଧିକ ଗୁରୁତ୍ୱ ବହନ କରିଥାଏ । ଏବର୍ଷ ଗ୍ରୀଷ୍ମ ଅବକାଶ ପରେ ଯେତବେଳେ ବିଦ୍ୟାଳୟ ପ୍ରାଙ୍ଗଣରେ ପହଞ୍ଚିଲି, ନିର୍ବାକ୍ ହୋଇଗଲି । ମାତ୍ର ଦେଢମାସରେ ଅରଣ୍ୟର ଭ୍ରମ ସୃଷ୍ଟି କରିପାରୁଥିବା ମୋ ବିଦ୍ୟାଳୟ ପରିସର ମୋତେ ନୀରବରେ କହୁଥିଲା ବୃକ୍ଷ ରୋପଣଠାରୁ "ବୃକ୍ଷଛେଦନକୁ ନା" ଅଧିକ ଗୁରୁତ୍ୱପୂର୍ଣ୍ଣ । କବି ଗଙ୍ଗାଧର ମେହେର ତାଙ୍କର ତାରାସୂର୍ଯ୍ୟ କବିତାରେ କହିଛନ୍ତି ଉପକାରୀର ଅପକାର ଯିଏ କରେ ସେ କୃତଘ୍ନ ଓ ପଶୁର ସମାନ । ଆମ ପାଇଁ ବୃକ୍ଷ ତା'ର ସର୍ବସ୍ୱ ଅଯାଚିତ ଭାବରେ ଦାନ କରୁଥିବା ବେଳେ ପ୍ରତିବଦଳରେ ଆମେ ବର୍ବରତାର ଚରମ ସୀମାରେ ଉପନୀତ ହୋଇ ତା' ପ୍ରତି କରିଚାଲିଛୁ କେବଳ ଅତ୍ୟାଚାର ଆଉ ଅତ୍ୟାଚାର । କୁଆଡେ ଯାଉଛି ଆମ ମଣିଷ ପଣିଆ ? ଅତିବଡି ଜଗନ୍ନାଥ ଦାସ ତାଙ୍କ ବୃକ୍ଷ ମହାତ୍ମ୍ୟରେ କବିତାରେ ବୃକ୍ଷକୁ ସୁଜନଙ୍କ ସହ ତୁଳନା କରି କହିଛନ୍ତି "ସୁଜନଘରେ ଯେହ୍ନେ ଯାଇ, ଅତିଥି ନିରାଶ ନୁହଇ" । ଫଳ ଫୁଲ ପତ୍ର ମୂଳ ବକଳ ଦାରୁ ଅଙ୍ଗାର କ୍ଷାର ଅଠା ଆଦି ସର୍ବସ୍ୱ ସମର୍ପଣ କରିଥାଏ ମାନବ ସେବାରେ । ଅତିଥି ହୋଇ ତା' ନିକଟକୁ ଗଲେ କିଛି ନହେଲେ ବି ଛାଇ ଟିକିଏ ଦେବ, ନିରାଶ କରିବ ନାହିଁ ।

ଥରଟିଏ ବୃକ୍ଷ ବିଷୟରେ ଆସନ୍ତୁ ଚିନ୍ତିବା । ତା'ର ଭିତରେ ଆମ ଭବିଷ୍ୟତକୁ ଦେଖିବା । ତା' ଦେହରେ ଜୀବସତ୍ତାକୁ ଅନୁଭବିବା । ତାକୁ ଆଦର କରିବା । ସତରେ ସିଏ ପର ନୁହେଁ ଆମ ଅତି ଆପଣାର । ବନ୍ଧୁ ପରି ବନ୍ଧୁଟିଏ । ପ୍ରକୃତ ବନ୍ଧୁ । ସେ କେବଳ ଆମକୁ ଦେଇ ଜାଣେ । କେବେ ନେବା ଜାଣେ ନାହିଁ । ନିଃସ୍ୱାର୍ଥପରତାର ପ୍ରତୀକ । ଦେବ ତୁଲ୍ୟ ସେ । ତେଣୁ ତାକୁ ବୃକ୍ଷ ଦେବତା ମଧ୍ୟ କୁହାଯାଏ ।

(((-)))

ସ୍ନାତକ ଶିକ୍ଷକ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,
ଲିଙ୍ଗମାର୍ଣ୍ଣି, ସୁବର୍ଣ୍ଣପୁର
ଭ୍ରାମ୍ୟଭାଷ : 8249118251

ISSN NO.
2582-208X

# ପଦକ



ସୁଧାଂଶୁ ଶେଖର ପାତ୍ର

ବଞ୍ଚାବଞ୍ଚି କରୁ କରୁ ଦିନ ସରିଗଲା
କାହିଁ ରହି ପାରିଲିନି ଯୁକ୍ତିଯୁକ୍ତ ମାର୍ଗେ
କେହିଜଣେ ସାଥୀ ହେଲେ ଜୁଟିଲେନି ଆସି
ଏବେ ଆଉ ବେଳ ନାହିଁ ମନେ ହେଜିବାକୁ ।

ଯୁଆଡେ ଯାଉଛି ଖାଲି ଶୂନ୍ୟର ମେଳଣ
ଚାହିଁ ଦେଲେ ଆଖି କୋଣେ ଶ୍ରାବଣୀ ଥରୁଛି
ପାଦ ତଳ ମାଟି ଧସେ ପାତାଳି କୋଠାକୁ
ହାତ ଟେକିବାର ଦମ୍ଭ ପାଉନାହିଁ ସୂତ୍ର ।

ଚାଲିବାର ପଦଚିହ୍ନ କଦାକାର ଲଭେ
ବଖାଣିଲେ କେତେ ଲୋକ ବିଚାରିବେ ବସି
ତିରସ୍କୃତ ହେବା ଛଡା ଅନ୍ୟ ଫନ୍ଦା ନାହି
ପରାଜୟର ଡିଣ୍ଡିମ ଶ୍ରୁତିକୁ ଟାଞ୍ଚିବ ।

ଲକ୍ଷ୍ୟ ହୀନ ପଥିକର ଭାଷା ବି ଦୁର୍ବୋଧ୍ୟ
ସମୟର ଚକ ତଳେ ବିଭ୍ରାନ୍ତି ପଦକ ।

(((-)))

ପ୍ରଶାନ୍ତ ଭୂମି
ଖସିଗୁଡା, ଚଲିଗୁଡା, କଳାହାଣ୍ଡି-୭୬୬୦୧୪

ISSN NO.
2582-208X

# ଧଳା ଶାଢ଼ୀର ଚତ୍କାର



ରବି ବଗର୍ତ୍ତୀ

ସବୁଠାରୁ ଅଧିକ ଯନ୍ତ୍ରଣା ସେତେବେଳେ ହୁଏ ଯେବେ ଚିତ୍କାର କରିବାକୁ ଚାହୁଁଥିଲେ ମଧ୍ୟ ମୁହଁରୁ ଶବ୍ଦ ବାହାରେନି ଆଖି ତାର ଉତ୍ତର ଦିଏ ଧାରେ ଲୁହହେଇ। ଏହିପରି ଅବସ୍ଥା ଗୋଟିଏ କୁଆଁରୀ ବୟସି ବିଧବାର। ସେ ଜାଣିଛି ସେଇ ପୁରୁଷ ଆଉ ଫେରିବନି କିନ୍ତୁ ଅପେକ୍ଷା କରିଛି ରାତ୍ରିର ଅନ୍ଧକାରରେ, ସୂର୍ଯ୍ୟର ଉତ୍ତାପରେ ପୁଣି କାଳ ବୈଶାଖୀ ବର୍ଷାରେ। ହାତରେ ଗୋଟିଏ ପୁରୁଷର ଫୋଟୋ ତାହା ସ୍ୱଷ୍ଟ ଦେଖାଯାଉନି ଫ୍ରେମ ରେ ଲାଗିଥିବା କାଚ ଭାଙ୍ଗି ଫଟୋଟିରେ ଦାଗ ହୋଇ ଅର୍ଦ୍ଧକେ ଚିରାହୋଇଛି,ତାକୁ ଛାତିରେ ଜାବୁଡି ଧରି ବସିଛି।

ବର୍ଷା ଥମିଯାଇଥିଲା କିନ୍ତୁ ଆକାଶରେ ଘନ ଅନ୍ଧକାର ଜମାଟ ବାନ୍ଧିଥିଲା। ଗାଁର ସେଇ ପୁରୁଣା ଭଙ୍ଗା ଘରଟିର ଚାଳ ଫାଟିଥିବା ଟିନ୍ ଉପରେ ବର୍ଷାର ପାଣି ଟପ୍... ଟପ୍... ହୋଇ ପଡୁଥିଲା। ଧଳା ଶାଢ଼ୀରେ ସତେ ଯେପରି ଜଟାୟୁ ପକ୍ଷୀ ପରି ପକ୍ଷ ହରାହୋଇ ପଡିଛି ସେଇ ଅର୍ଦ୍ଧ ନଗ୍ନ କୁଟୀରରେ କି ନୁଁହେତ କର୍ଣ୍ଣ କୁ ହରେଇଥିବା ସେଇ କୁନ୍ତୀ?ଘରର ମଝିରେ ଧୂସର ଦୀପଟିଏ ଜଳୁଥିଲା ଦୀପର ହଳଦିଆ ଆଲୋକରେ ଜଣେ ଯୁବତୀ ଚୁପ୍‌ଚାପ୍ ବସିଥିଲା। ବୟସ ବେଶୀ ହେବନି... ତେଇଶ କିମ୍ବା ଚୋବିଶ, କିନ୍ତୁ ତାର ମୁହଁର ଭାଙ୍ଗିଯାଇଥିବା ରେଖାଗୁଡିକ ଦେଖି ଲାଗୁଥିଲା ସେ ଶତାବ୍ଦୀ ଧରି କାନ୍ଦୁଛି, ରାତ୍ରିର ଅନ୍ଧକାରରେ, ସୂର୍ଯ୍ୟର ଉତ୍ତାପରେ ପୁଣି କାଳ ବୈଶାଖୀ ବର୍ଷାରେ। ତା ହାତରେ ଥିଲା ଗୋଟିଏ ପୁରୁଣା ଫ୍ରେମ କାଚଟା ଭାଙ୍ଗିଯାଇଥିଲା ଭିତରର ଫଟୋ ଅର୍ଦ୍ଧେକ ଚିରି ଯାଇଥିଲା, ତଥାପି ସେ ତାକୁ ଛାତିରେ ଜାବୁଡି ଧରିଥିଲା... ଯେପରି କିଛି ନପାଇ ସବୁକିଛି ହରେଇଛି । ହଠାତ୍ ବାହାରେ ବଜ୍ରପାତ ହେଲା ଘରଟା ଥରି କମ୍ପିଉଠିଲା ଏବଂ ସେଇ ଆଲୋକରେ ତାର ଆଖି ଭିତରେ ଲୁଚିଥିବା ସେଇ ଭୟଙ୍କର ଅତୀତ ଜୀବନ୍ତ ହୋଇଉଠିଲା

ISSN NO.
2582-208X

ଆଖିସାମ୍ନାରେ ଝଲସି ଉଠିଲା ୩ ବର୍ଷ ପୂର୍ବରୁ ହଜେଇଥିବା ପୁରୁଷର ମୁହଁ । ମୀରା... ଚାଲ୍, ଆଜି ରାତିରେ ଆମେ ଏଇ ଗାଁ ଛାଡିଦେବା... ରାତିର ଅନ୍ଧକାରରେ ହାତ ଧରି କହିଥିଲା ଅରୁଣ। ମୀରା ଭୟରେ କହିଲା ଲୋକେ ଆମକୁ ଛାଡିବେନି ଅରୁଣ। ତାର କପାଳରେ ଚୁମ୍ବନ ଦେଇ କହିଥିଲା ଅରୁଣ, ମୁଁ ଥିବା ପର୍ଯ୍ୟନ୍ତ ତୁମକୁ କିଛି ହେବନି। ସେଇ ରାତିରେ ସେମାନେ ଘର ଛାଡିଥିଲେ। ପଛରେ ରହିଗଲା ଗାଁ, ପରିବାରର ଅଭିଶାପ... ସମାଜର ଘୃଣା। କିନ୍ତୁ ପ୍ରେମରେ ଭୁଖ ନଥାଏ, ଥାଏ ଖାଲି ସ୍ୱପ୍ନ।

ଛୋଟ ସହରରେ ଭଡା ଘରେ ନୂଆ ଜୀବନ ଆରମ୍ଭ ହେଲା। ଅରୁଣ ଦିନରାତି କାମ କରୁଥିଲା, ମୀରା ତା ଆସିବା ବେଳକୁ ଅପେକ୍ଷା କରୁଥିଲା ଘର ବାଟରେ। ସେମାନଙ୍କ ଛୋଟ ଘରରେ ଦାରିଦ୍ର୍ୟ ଥିଲା... କିନ୍ତୁ ଶାନ୍ତି ଥିଲା, ପ୍ରେମ ଥିଲା, ଖୁସିରେ ଦିନ କଟୁଥିଲା । କିଛି ବର୍ଷ ପରେ ଜନ୍ମ ହେଲା ଛୋଟ ପୁଅଟିଏ । ଅରୁଣ ହସି କହିଥିଲା ଏହା ଆମ ପ୍ରେମର ଜିତ।କିନ୍ତୁ ସୁଖ ବହୁତ ଦିନ ରହିଲାନି, ସେଇ ଦିନ ମଧ୍ୟ ଏମିତି ବର୍ଷା ହେଉଥିଲା।ଅରୁଣ ସହରକୁ କାମକୁ ଯାଇଥିଲା। ସନ୍ଧ୍ୟା ହେଲା... ରାତି ହେଲା...ସେ ଫେରିଲାନି ମୀରାର ଛାତି ଧଡ୍‌ଧଡ୍ କରୁଥିଲା।

ହଠାତ୍ ଦୁଆର କବାଟ ଠକ୍‌ଠକ୍ ହେଲା। ଦୁଇଜଣ ଲୋକ ଭିଜା ଶରୀରେ ଦଉଡିଆସିଥିଲେ। ଏଇ ରାତ୍ରିର ଅନ୍ଧକାରରେ, କାଳ ବୈଶାଖୀ ବର୍ଷାରେ ଆଖିରେ ଦୟା ନଥିଲା... କେବଳ ଅଜଣା ଭୟ ଥିଲା। ଜଣେ ଅସ୍ପଷ୍ଟ କଣ୍ଠରେ କହିଗଲା ଟ୍ରକ୍ ତଳେ ପଡିଗଲା... ଅରୁଣ ଆଉ ନାହିଁ...ସେଇ ମୁହୂର୍ତ୍ତରେ ମୀରା ଚିତ୍କାର କରିବାକୁ ଚାହିଲା କିନ୍ତୁ ଶବ୍ଦ ବାହାରିଲାନି। କେବଳ ଆଖିରୁ ଲୁହ ଝରୁଥିଲା, ସେଇ ଦିନରୁ ସେ ବିଧବା କିନ୍ତୁ ସେ ବିଶ୍ୱାସ କରୁନଥିଲା। ସେ ଜାଣିଛି ମରିଯିବା ଲୋକ ଫେରିବନି ହେଲେବି ପ୍ରତିରାତି ଦୁଆର ଖୋଲି ଅପେକ୍ଷା କରୁଥିଲା ଅରୁଣ ଆଜି ଆସିବ କାଲି ଆସିବ ... ଦିନ ବିତିଯାଉଛି ହେଲେ ଅପେକ୍ଷାର ଅନ୍ତଃ ନାହିଁ।

କିନ୍ତୁ ଲୋକଙ୍କ ଆଖିରେ ଜଣେ ଏକା ମହିଳା କେବେ ସୁରକ୍ଷିତ ନୁହେଁ। ସେଇ ଗାଁର କିଛି ଦୁର୍ବୃତ୍ତ ଦୀର୍ଘଦିନ ଧରି ମୀରାକୁ ନଜର ରଖୁଥିଲେ। ସ୍ୱାମୀ ନାହିଁ,ସାହାରା ନାହିଁ, ଏକୁଟିଆ ମାପୁଅ ଦୁଇଜଣ ଏବଂ ସୁନ୍ଦର ଯୁବତୀ ଶରୀର...ସେମାନଙ୍କ ପାଇଁ ସେ ମଣିଷ ନୁହେଁ... ଶିକାର। ସେଇ ଭୟଙ୍କର ରାତିରେ ବିଜୁଳି

ISSN NO.
2582-208X

ନଥିଲା। ଚାରିପଟେ ଅନ୍ଧକାର। ମୀରା ଛୁଆକୁ କୋଳରେ ନେଇ ଶୋଇଥିଲା ହଠାତ୍ ଦୁଆର ଭାଙ୍ଗିଗଲା।

ଚାରିଜଣ ମୁହଁ ଢାକା ଲୋକ ଘରକୁ ପସିଆସିଲେ ମୀରା ଚିତ୍କାର କଲା— କିଏ... କିଏ ତମେ ? ଜଣେ ତାର ମୁହଁ ଚାପିଦେଲା। ଆଉ ଜଣେ ତାର ପୁଅକୁ ଛଡେଇ ନେଲା,ଛୁଆଟି ଭୟରେ କାନ୍ଦୁଥିଲା ମା... ମା... ମୀରା ପାଗଳି ପରି ଲଢୁଥିଲା। କିନ୍ତୁ ଚାରିଟି ଜଙ୍ଗଲୀ ହାତ ତାର ଶରୀରକୁ ଅଜଗର ଯେପରି ହରିଣକୁ ଜାବୁଡି ଧରି ଚୁରମାର କରିଦିଅ ସେପରି ଅଣ୍ଟାରୁ ମାଂସ ଛଡେଇ ନେଲେ ଦେହ ଭୋକିଲା ମାନେ । ବାହାରେ କେବଳ ବଜ୍ରପାତର ଶବ୍ଦ। ତା ପରେ... କୂଅରେ ବାଲ୍ଟି ପଡିଲେ ଯେଉଁଭଳି ଶବ୍ଦ ହୁଏ ସେମିତି କୂଅରୁ ପାଣି ଉଛାଳିବାର ଭୟଙ୍କର ଶବ୍ଦ ଆସିଲା।

ମୀରାର ଆଖି ଫାଟିଗଲା। ଏବେ ପ୍ରକୃତି ମଧ୍ୟ ନିସ୍ତବ୍ଧ, ବର୍ଷା ବନ୍ଦ ହେଇଗଲା, ଘଡଘଡି– ବିଜୁଳିର ଚମକ ନାହିଁ କେବଳ ଗୋଟିଏ ମା ର ଅକୁହା ଯନ୍ତ୍ରଣା ଯାହା ଶବ୍ଦରେ କହିବ ଧୃଷ୍ଟତା। ସେ ବୁଝିଗଲା...ତାର ଛୁଆକୁ କୂଅରେ ଫିଙ୍ଗିଦେଲେ। ସେଇ ମୁହୂର୍ତ୍ତରେ ତାର ଭିତରେ କିଛି ମରିଗଲା। ତାର ଆଖିରୁ ଲୁହ ନୁହେଁ...ରକ୍ତ ପରି ଯନ୍ତ୍ରଣା ଝରୁଥିଲା ସକାଳର ଆଲୋକ ଧୀରେ ଧୀରେ ଘର ଭିତରକୁ ପସୁଥିଲା।

କିନ୍ତୁ ସେଇ ଘରରେ ଆଉ ଆଲୁଅ ନଥିଲା। କୂଅ ପାଖରେ ଗାଁ ଲୋକଙ୍କ ଭିଡ଼। ପାଣି ଉପରେ ଭାସୁଥିଲା ଛୋଟ ପୁଅଟିର ନିର୍ଜୀବ ଶରୀର।

ତାର ଛୋଟ ହାତଟି ଏମିତି ଉପରକୁ ଥିଲା... ଯେପରି ସେ ଏବେବି ତାର ମା'କୁ ଡାକୁଛି ମା... ମୋତେ ବଞ୍ଚା... କିନ୍ତୁ ସେଇ ଡାକ ରାତିର ଅନ୍ଧକାରରେ ମରିଯାଇଥିଲା।ଗାଁ ଲୋକେ ଦୌଡ଼ି ଘର ଭିତରକୁ ପସିଲେ। ମୀରା ସେଇ କୋଣରେ ବସିଥିଲା। ଶାଢ଼ୀ ଟି ଚିରାହୋଇ ଦେହରେ ବସ୍ତ୍ରନାହିଁ, ସେଇ ଭଙ୍ଗା ଫ୍ରେମଟା ଛାତିରେ ଚାପି ଧରି। କିନ୍ତୁ ଆଜି ତାର ଆଖିରେ ଲୁହ ନଥିଲା। କାହିଁକିନା...ଲୁହ ମଧ୍ୟ ଶେଷ ହୋଇଯାଇଥିଲା।

ଜଣେ ବୃଦ୍ଧି ମହିଳା ତାକୁ ହଲାଇ କହିଲା—"ମା... ଉଠ... ତୋ ପୁଅକୁ ଦେଖ..." ମୀରାଧୀରେ ମୁଣ୍ଡ ଉଠାଇଲା।

ISSN NO.
2582-208X

ମୀରା ଲୋକଙ୍କ ଭିଡ ଦେଖି ଅବାକ ହୋଇ ଚାହିଁରହିଲା ତା ଓଠ କମ୍ପିଲା ସ୍ୱରରେ କହିଗଲା ଚୁପ ସେ ଶୋଇଛି... ଧୀରେ କହ... ଉଠିଯିବ...ମୋ ଗେଲା.... ସେଇ କଥା ଶୁଣି ଲୋକଙ୍କ ଛାତି ଥରି କମ୍ପିଉଠିଲା। କାରଣ ମୀରା ପାଗଳ ହୋଇଯାଇଥିଲା। ସେ ଧୀରେ ଧୀରେ ଉଠିଲା। ପାଦରେ ଶକ୍ତି ନଥିଲା। ତଥାପି କୂଅ ପାଖକୁ ଗଲା। ପୁଅର ମୃତଦେହକୁ ଦେଖି ସେ ହସିଦେଲା...ହେଁ.. ହେଁ...ସେଇ ହସ ଦେଖି ସବୁ ଲୋକ ଭୟରେ ପଛକୁ ହଟିଗଲେ। ମୀରା ଧୀରେ ପୁଅର ଥଣ୍ଡା ମୁହଁକୁ ଛୁଇଁ କହିଲା "ତୁ କାନ୍ଦନି ବାବୁ... ତୋ ବାପା ଆସିଗଲେ... ତୁ କହୁଥିଲୁ ପରା...ବାପାଙ୍କ ପାଖକୁ ଯିବୁ..."ତାପରେ ସେ ଭଙ୍ଗା ଫଟୋଟାକୁ ପୁଅର ଛାତିଉପରେ ରଖିଦେଲା। ହଠାତ୍ ବତାସ ଜୋରରେ ବହିଲା ଫଟୋର ଚିରାଅଂଶ ଉଡି ମୀରାର ପାଦ ନିକଟରେ ପଡିଲା। ସେ ତାକୁ ଉଠାଇ ଦେଖିଲା।

ଫଟୋରେ ଅରୁଣର ଅର୍ଦ୍ଧ ମୁହଁ ଥିଲା...ଅନ୍ୟ ଅର୍ଦ୍ଧ ଛିଣ୍ଡିଯାଇଥିଲା।ଠିକ୍ ମୀରାର ଜୀବନ ପରି। ମୀରା ଆକାଶକୁ ଚାହିଁ କାପୁଥିବା ଗଳାରେ କହିଲା ଭଗବାନ...ମୋର କ'ଣ ଭୁଲ ଥିଲା... ? ପ୍ରେମ କରିବା... ?"

ତାର ଗଳା ରୁନ୍ଧିଗଲା। ମୁଁ ଘର ଛାଡିଥିଲି... ପାପ କରିନଥିଲି...ମୁଁ ଜଣେ ପୁରୁଷକୁ ଭଲପାଇଥିଲି...ସେଇଟା କ'ଣ ଏତେ ବଡ଼ ଅପରାଧ ଥିଲା... ?" ସବୁ ଲୋକ ନିରବ। କେହି ଉତ୍ତର ଦେଇପାରିଲେନି।

ମୀରା ପୁଅର ମୁଣ୍ଡକୁ କୋଳରେ ନେଇ ଧୀରେ ଧୀରେ ଝୁଲାଇବାକୁ ଲାଗିଲା... ଯେପରି ସେ ଏବେବି ବଞ୍ଚିଛି ଏବଂ ଭାଙ୍ଗିଯାଇଥିବା ଗଳାରେ ଲୋରି ଗାଇବାକୁ ଲାଗିଲା ଆ ଆ ରେ ନିଦ...ମୋ ବାବୁ ଆଖିରେ ଆ... କିନ୍ତୁ ଲୋରି ମଝିରେ ହଠାତ୍ ତାର ଗଳା ଅଟକିଗଲା।ସେ ପୁଅର ମୁହଁକୁ ଦେଖି ରହିଲା...ଏବଂ ପ୍ରଥମଥର ପାଇଁ ସତ୍ୟଟା ବୁଝିଗଲା ତାର ବାବୁ ଆଉ କେବେ ଉଠିବନି। ସେଇ ମୁହୂର୍ତ୍ତରେ ଏମିତି ଗୋଟିଏ ଚିତ୍କାର ତାର ଛାତି ଭିତରୁ ବାହାରିଲା...ଯାହା ଶୁଣି ପକ୍ଷୀମାନେ ଗଛରୁ ଉଡିଗଲେ... କୂଅର ପାଣି କମ୍ପିଉଠିଲା...ଏବଂ ଗାଁର ଲୋକଙ୍କ ଆଖିରୁ ମଧ୍ୟ ଲୁହ ଝରିପଡିଲା। କିଛି କ୍ଷଣ ପରେ ମୀରା ଚୁପ୍ ହୋଇଗଲା। ଅତ୍ୟନ୍ତ ଚୁପ୍ ସେ ପୁଅର କପାଳରେ ଶେଷ ଥର ପାଇଁ ଚୁମ୍ବନ ଦେଲା। ତା ପରେ ଧୀରେ କହିଲା ଏଇ ଦୁନିଆ ବହୁତ ଖରାପ ରେ

ISSN NO.
2582-208X

ବାବୁ...ଏଠି ପ୍ରେମ କଲେ ଶାସ୍ତି ମିଳେ, ପ୍ରତାରଣା ମିଳେ ଦୁଃଖର ସମୁଦ୍ରରେ ବୁଡିବାକୁ ହୁଏ ।

ତା ପରେ...

ପୁଣି ସେଇ କୂଅରେ କାହାର ଡେଇଁବାର ଶବ୍ଦ.......ପାଣି ଉପରେ କିଛି ମୁହୂର୍ତ୍ତ ଯାଏଁ ତରଙ୍ଗ ଉଠୁଥିଲା...ତା ପରେ ସବୁ ଶାନ୍ତ ହୋଇଗଲା।। କେବଳ କୂଅର ଧାରରେ ପଡିରହିଥିଲା ସେଇ ଭଙ୍ଗା ଫଟୋଟି... ଯାହାରେ ଜଣେ ମୃତ ସ୍ୱାମୀର ଅଧା ମୁହଁ ଏବେବି ହସୁଥିଲା ଏବଂ ସେଇ ଧଳା ଶାଢୀଟି ତରଙ୍ଗ ସହ ବୁଡିଯାଉଥିଲା ... ।

(((–)))

ବରଗଡ଼, ବିଜେପୁର, ସାଧୁପାଲି
ମୋ: 8260904451

ISSN NO.
2582-208X

# ଅବୁଝା ମନ



ମନୋଜ କୁମାର ସ୍ୱାଇଁ

ମନ ଖୋଜେ ମୋ ଭୋଗ ବିଳାସ,
କର୍ମେ ଲେଖା ଯେ ଘାସ କଟା ।
ତୁଚ୍ଛ ସପନ ଯେ ଦିବସେ ଦୃଶ୍ୟ,
ମିଠା ଆଶା କଲେ ମିଳେ ଖଟା ।।
ମନ କି ଚାନ୍ଦ ଧରିବ ହାତେ,
ଆକାଶ କଇଁଆ ଯେ ଚିଲିକା ମାଛ ।
ଭାବନାରେ ସବୁ ମିଳିଯାଏ ସିନା,
ଚେତା ଆସିଲେ ଜାଣୁ ସେସବୁ ମିଛ ।
ସବୁ ଜାଣି ଅଜଣା ହେଲେ କିସ ହେବ,
କପାଳ ଲିଖନ କେ କରିବ ଆନ ।
ମାୟାରେ ବାୟା ହେଲେ କଣ ହେବ,
ଖାଲି ମିଳିବ ଯନ୍ତ୍ରଣା ଆଉ ଅପମାନ ।।
ଏତେ ପରେ ବି ବୁଝେନି ଯେ ଏ ମନ,
ଅବୁଝା ମନ ମୋ ଆୟତେ ରହୁନି ।
ଦଇବ ବି ମୋ ସାଥେ ଛଳନା କରେ,
ଅନ୍ତର ବେଦନାକୁ ଚାପି  କାନ୍ଦେ ବାହୁନି ।।
ପରିହାସ ଥଟ୍ଟା ମୋର ଅତି ନିଜର,
ସୁଖ ଐଶ୍ୱର୍ଯ୍ୟ ପରା ଗୃହ ବିଭୀଷଣ ।
ପ୍ରେମ ପ୍ରଣୟ ଯାତକେ ନାହିଁ ଯେ,

ISSN NO.
2582-208X

ନିନ୍ଦା ଅପବାଦେ ଭଣ୍ଡାର ମୋ ପୂର୍ଣ୍ଣ ।।
ତଥାପି ମନ ଖୋଜୁଥାଏ ନୂତନ ସନ୍ଧାନ,
ମିଳୁ କି ନ ମିଳୁ ରାମଣୀୟ ଛବିମାନ ।
ଆଶା ମୋର ଯେ ଅସୁମାରୀ ସପନ,
ଏ ପରା ମୋର ଅବୁଝା ମନ ।।

(((-)))

ବଡସୁଆର, ଯାଜପୁର - 755062,
ମୋ -784793674

ISSN NO.
2582-208X

# ଗୋ'ଭକ୍ତ ବନାମ ଗୋ'ପ୍ରେମୀ



ବାଲ୍ମୀକ ନାୟକ

ଗତ କିଛି ବର୍ଷ ହେଲା ଆମ ଦେଶରେ କିଛି ଲୋକମାନଙ୍କ ମନରେ ଗୋପ୍ରେମ ତଥା ଗୋରକ୍ଷା କରିବା ପ୍ରବୃତ୍ତି ବଢି ଯାଇଛି । ସେମାନେ ଗୋରକ୍ଷକ ସାଜି ଯେଉଁ ମୂର୍ଖାମୀ କରୁଛନ୍ତି ତାହାର ପରିଣାମ ଆଜି ଚିନ୍ତାର ବିଷୟ ହୋଇ ପଡିଛି। ତାଙ୍କର ଗୋପ୍ରେମ ଆଜି ସମସ୍ତଙ୍କର ମୁଣ୍ଡ ବ୍ୟଥାର କାରଣ ହୋଇଯାଇଛି । ଉତ୍ତର ଭାରତରପ୍ରାୟ ପ୍ରତ୍ୟକ ଗାଁଗହଳରେ କୃଷକମାନେ ବାହାରେ ବୁଲୁଥିବା ବୁଢି ଗାଇଗୋରୁ ଗୁଡିକ ଧରିନେଇ ନିକଟସ୍ଥ ସ୍କୁଲ ପରିସର, ଥାନା ପରିସର କିମ୍ବା ସରକାରୀ କାର୍ଯ୍ୟାଳୟରେ ବାନ୍ଧି ଦେଉଛନ୍ତି । ତାଙ୍କର ଅଭିଯୋଗ ହେଉଛି ଅଲୋଡା, ଅଦରକାରୀ ଗାଇ ଗୋରୁଙ୍କୁ ଯଦି ତାଙ୍କର ମାଲିକମାନେ ସମ୍ଭାଳି ପାରୁ ନାହାନ୍ତି, ତେବେ ସରକାର ସେଇ ଦାୟିତ୍ୱ ନିଅନ୍ତୁ । ଅନ୍ୟମାନଙ୍କର ଫସଲ ଖାଇ କ୍ଷତି କରୁଛନ୍ତି କାହିଁକି ? ଏଇଟା ଗୋଟିଏ ଲେଖାଏ ସାଧାରଣ ଖବର ହୋଇ ଥିବାରୁ କୌଣସି ମିଡିଆରେ ରିପୋର୍ଟ ପ୍ରକାଶ ପାଏ ନହିଁ । ଖବର ଗୁଡିକ କିନ୍ତୁ ବହୁତ ଗମ୍ଭୀର ଓ ଚିନ୍ତା ଜନକ ।

ଏହାର ମୂଳ କାରଣ ହେଉଛି ଯେ ଗାଁ'ଗହଳର ବେରୋଜଗାର ଯୁବକମାନେ ଗୋରକ୍ଷା ନାମରେ ରୋଡ଼ରାସ୍ତା କଡ଼ରେ ଜଗି ବସିଥା'ନ୍ତି । କିଏ ଯଦି ଗାଇମାନଙ୍କୁ ସେହି ରାସ୍ତାରେ ନେଇଯାଉଛି ତାକୁ ଅଟକେଇ ତାଠାରୁ କୌଣସି ସଫେଇ ନଶୁଣି ତାଠାରୁ ଟଙ୍କା ଦାବି କରୁଛନ୍ତି । ସେ ଟଙ୍କା ନଦେଲେ ତାଙ୍କୁ ବାଡିଆ ପିଟା କରୁଛନ୍ତି । କିଛି ଲୋକ ମୃତ୍ୟୁ ବରଣ କରିଥିବା ଖବର ପ୍ରକାଶ ପାଇଛି ।

ଏହିଭଳି ଅସୁବିଧା ଭୋଗ କରୁଥିବାରୁ ଲୋକମାନେ ଅଦରକାରୀ ଗାଇ ଓ ଗୋରୁଙ୍କୁ ଘର ବାହାରେ ଛାଡ଼ି ଦେଉଛନ୍ତି । ବାହାରେ ବୁଲୁଥିବା ଶହ ଶହ ଗାଇ ଓ ଗୋରୁ ଅନ୍ୟମାନଙ୍କର କ୍ଷେତରେ ପଶି ଫସଲ ଓ ପନିପରିବା ଖାଇ ଦେଉଛନ୍ତି । ରାସ୍ତାରେ ବୁଲା ପଶୁଙ୍କ ଯୋଗୁଁ

ISSN NO.
2582-208X

ଟ୍ରାଫିକ ସମସ୍ୟା ବଢିବା ଆଉ ଏକ ଜଟିଳ ସମସ୍ୟା ସୃଷ୍ଟି କରିଛି। ସେମାନଙ୍କ ଯୋଗୁଁ ଯାନବାହାନ ଦୁର୍ଘଟଣା ଗ୍ରସ୍ତ ହେଲେ, ଉଭୟ ମଣିଷ ଓ ଗୋରୁ ଗାଇ କ୍ଷତିଗ୍ରସ୍ତ ହେଉଛନ୍ତି।

ଏହି କାରଣରୁ ଲୋକମାନେ ବର୍ତ୍ତମାନ ଗୋପାଳନ କରିବା କମ କରିଦେଲେଣି । ଦ୍ୱିତୀୟରେ ବୁଢି ହେଇ ଯାଇଥିବା ଗାଇଗୋରୁଙ୍କୁ ରହିବା ପାଇଁ ଗୁହାଳ ଘର ଓ ପେଟପୂରା ଖାଇବା ପାଇଁ ଚାରା ଯୋଗାଇବା ସମ୍ଭବ ହେଉନାହିଁ । ଆଗରୁ ବଡ ସହଜରେ ପଶୁ ହାଟକୁ ନେଇ ବୁଢା ଗାଇଗୋରୁଙ୍କୁ ଶସ୍ତା ଦାମରେ ବିକ୍ରି କରିଦେଉଥିଲେ । କିଣି ନେଉଥିବା ଲୋକ ମାଂସ ରପ୍ତାନି କରୁଥିବା କମ୍ପାନୀର ଏଜେଣ୍ଟକୁ ବୟସ୍କ ଗାଇ ଗୋରୁଙ୍କୁ ବିକ୍ରି କରୁଥିଲେ । ସେମାନେ ମାଂସ, ଚମଡା, ହାଡ ଇତ୍ୟାଦି ଅଲଗା ଅଲଗା କରି ବିକ୍ରି କରିଦେଉଥିଲେ । ଭାରତରେ ମଧ୍ୟ ଗୋମାଂସ ଖାଉଥିବା ବହୁତ ଲୋକ ଅଛନ୍ତି । ଗାଇ ଚମଡ଼ାରେ ଅନେକ ବସ୍ତୁ ତିଆରି ହୁଏ । ବିଶେଷ କରି ଢୋଲ, ମୃଦଙ୍ଗ, ତବଲା ଆଦି ବାଦ୍ୟ ଯନ୍ତ୍ର ତିଆରି ହୁଏ। ସହରରେ ଗୋମାଂସ ବିକ୍ରି କରିବା ପାଇଁ କିଛି ଲୋକ ସରକାରୀ ଲାଇସେନ୍ସ ପ୍ରାପ୍ତ କରିଥା'ନ୍ତି । ଅନେକ ସରକାରୀ ଲାଇସେନ୍ସ ପ୍ରାପ୍ତ କମ୍ପାନୀ ଆଜିର ଦିନରେ ବିଦେଶକୁ ଲକ୍ଷ ଲକ୍ଷ ଟଙ୍କାର ଗୋମାଂସ ରପ୍ତାନି କରୁଛି ।

ଦୁଃଖର କଥା ଯେ ନକଲି ଗୋରକ୍ଷକମାନଙ୍କର ସରକାରୀ ଲାଇସେନ୍ସ ପ୍ରାପ୍ତ କମ୍ପାନୀ ଦ୍ୱାରା ଶହ ଶହ ଗୋମାତାଙ୍କୁ ହତ୍ୟା କରି ଗୋମାଂସ ରପ୍ତାନି ପାଇଁ କୌଣସି ଆପତ୍ତି ନାହିଁ । କିନ୍ତୁ ବିଚାରା ଗରିବ ଗୋପାଳକ ବା କୃଷକମାନେ ନିଜର ଗାଇ ଗୋରୁ ବିକ୍ରି କଲେ ଦୋଷୀ ବିବେଚିତ ହେଉଛନ୍ତି । ମଜା କଥା ହେଉଛି ଯେ କୌଣସି ଗୋପ୍ରେମୀ କିମ୍ବା ଗୋରକ୍ଷକ ବାହାରେ ବୁଲୁଥିବା ଉପେକ୍ଷିତ ଗୋମାତାଙ୍କୁ ଆଦରରେ ଧରିନେଇ ନିଜ ଘରେ ରଖୁନାହାନ୍ତି। ବିକ୍ରି କରୁଥିବା ଲୋକ ଯଦି ସେମାନଙ୍କୁ କିଛି ଲାଞ୍ଚ ଦେଇଦେବେ, ତେବେ ଗୋମାତାଙ୍କୁ ନେଇ କିଏ କ'ଣ କରିବ କରୁ ସେଥିରେ ତାଙ୍କର କିଛି ଆପତ୍ତିନାହିଁ । ଏମାନେ ହେଉଛନ୍ତି ତଥାକଥିତ ଗୋ'ଭକ୍ତ, ଗୋ'ପ୍ରେମୀ ନୁହନ୍ତି ।

ହିନ୍ଦୁ ସମାଜରେ ଗାଇର ଆଧ୍ୟାତ୍ମିକ ମହତ୍ୱ ବହୁତ ରହିଛି । ଗାଇକୁ ସେବା ଓ ପୂଜା କଲେ ସ୍ୱର୍ଗ ପ୍ରାପ୍ତ ହେବ । ବ୍ରାହ୍ମଣଙ୍କୁ ଗୋଦାନ କଲେ ମୃତ ବ୍ୟକ୍ତିଙ୍କ ଆତ୍ମା ମୋକ୍ଷ ପ୍ରାପ୍ତ କରିବ । ଗାଇର ଗୋବର ଓ ମୂତ୍ର ଫସଲ ପାଇଁ ଏକ ଉର୍ବରକ ଖାଦ । ଜମିରେ ହଳ କରିବା ପାଇଁ ଆଜି ବି ଗୋରୁଙ୍କ ବ୍ୟବହାର ହେଉଛି । ଦୁଇଟି ଗୋରୁ ଶଗଡରେ ବାନ୍ଧି ବିଭିନ୍ନ ଭାରି ବସ୍ତୁ ସ୍ଥାନାନ୍ତରିତ କରାଯାଉଥିଲା । ବର୍ତ୍ତମାନ ଟ୍ରାକଟର ଓ ଟ୍ରକ ଆଦି ସହଜ ସାଧନ ମିଳିବା ଯୋଗୁଁ ଶଗଡ ଲୋପ ପାଇଗଲାଣି । ଗାଇର ଦୁଗ୍ଧ ଏବଂ ଦୁଗ୍ଧ ଜାତ ବସ୍ତୁ ଯଥା ଦହି,

ISSN NO.
2582-208X

ଛେନା, ଲହୁଣୀ ଓ ଘିଅ ଆଦି ମନୁଷ୍ୟର ଅତି ପ୍ରିୟ ଓ ପୌଷ୍ଟିକ ଖାଦ୍ୟ ରୂପେ ବ୍ୟବହାର ହେଉଛି । ହୋମ-ଯଜ୍ଞ ଆଦି କଲେ ପଞ୍ଚଗବ୍ୟ ରୂପେ ଗାଇର ଗୋବର, ମୂତ୍ର, ଦୁଗ୍ଧ, ଦହି ଓ ଘୃତ ବ୍ୟବହାର ହୋଇଥାଏ । ଆଜିକାଲି କିଛି ଭଣ୍ଡ ଗୋଭକ୍ତ ସାଧୁବାବା ଗୋବର ଓ ଗୋମୂତ୍ରର ଏମିତି ଆଧ୍ୟାତ୍ମିକ ଓ ବୈଜ୍ଞାନିକ ଗୁଣ ଥିବା ପ୍ରଚାର କରିଛନ୍ତି ଯେ ଅତିଭକ୍ତିରେ ଗୋବର ଖାଇବା, ଗୋମୂତ୍ର ପିଇବା ପାଇଁ ଲୋକମାନେ ଜମା ଘୃଣା କରନ୍ତିନାହିଁ । ଗତ ତିନି ବର୍ଷ ତଳେ ଗୋଟିଏ ଭିଡିଓ ଖୁବ ଭାଇରାଲ ହୋଇଥିଲା ଯେ ଜଣେ ଡାକ୍ତର ବଡ ସହଜରେ ସଦ୍ୟ ଗାଇ ଗୋବର ଖାଇ ପାରୁଥିଲେ । ଅବଶ୍ୟ କିଛି ଦିନ ପରେ ଦୁଃଖଦ ଖବର ପ୍ରସାର ହେଲା ଯେ ଉକ୍ତ ଗୋଭକ୍ତ ଡାକ୍ତର ଅତ୍ୟଧିକ ଗୋବର ଖାଇ ଅସୁସ୍ଥ ହୋଇଗଲେ ଏବଂ ତାଙ୍କର ଡାକ୍ତର ଖାନାରେ ହିଁ ମୃତ୍ୟୁ ହୋଇଗଲା । ଆହୁରି ଅନେକ ଦୃଶ୍ୟ ଦେଖିବାକୁ ମିଳୁଛି ଯେ ସ୍ତ୍ରୀ ଓ ପୁରୁଷ ଲୋକମାନେ ଗାଇ ମୂତ୍ର ତ୍ୟାଗ କରୁଥିବା ବେଳେ ଦୁଇ ହାତ ଆଞ୍ଜୁଳିରେ ମୂତ୍ର ଧରି ପିଉଛନ୍ତି, ମୁଣ୍ଡରେ ଲଗାଉଛନ୍ତି । ବାବା ରାମଦେବଙ୍କ ଦ୍ୱାରା ପ୍ରସ୍ତୁତ ଶୁଦ୍ଧ ଗୋମୂତ୍ର ବୋତଲ ଅନଲାଇନରେ ଉପଲବ୍ଧ ଅଛି । ପତଞ୍ଜଳି ଗୋମୂତ୍ର ଅର୍କର ୫୦୦ ଏମ.ଏଲ ବୋତଲର ମୂଲ୍ୟ ସାଧାରଣତଃ ୨୫ ଟଙ୍କା । ଭକ୍ତମାନେ ଶୁଦ୍ଧ ଗୋମୂତ୍ର କିଣି ନେଇ କ'ଣ କ'ଣ କରୁଛନ୍ତି ? ତାଙ୍କୁ କ'ଣ ଫାଇଦା ହୁଏ ସେକଥା ସେହିମାନେ ଜାଣନ୍ତି ?

ଗାଁଗହଳର ଗୃହସ୍ଥ ମାନେ ଘରର କୌଣସି ବୟସ୍କ ନର-ନାରୀ ମୃତ୍ୟୁ ବରଣ କଲେ ଘରେ ଯେଉଁ ପ୍ରେତକର୍ମ କାଣ୍ଡ ହୁଏ, ସେତେବେଳେ ମୃତ ବ୍ୟକ୍ତିଙ୍କୁ ଶ୍ରାଦ୍ଧ ଓ ପିଣ୍ଡଦାନ ଦେବା ପରେ ପଣ୍ଡା ପୂଜାରୀଙ୍କୁ ବସ୍ତ୍ରଦାନ, ସ୍ୱର୍ଣ୍ଣ ଦାନ, ଭୂଦାନ ସହିତ ଗୋଦାନ ମଧ୍ୟ ସାମିଲ ଥାଏ । ବ୍ରାହ୍ମଣ, ତାଙ୍କର ଯଯମାନ ଘରେ ଥିବା ମାଇ ବାଛୁରୀ କିମ୍ବା ଦୁଧିଆଳୀ ଗାଇଟିଏ ବାଛି ଦାନ ନେଇଯାଆନ୍ତି, କେହି ଗୋରୁ ଦାନ ନେଉଥିବା ଦେଖା ଯାଏ ନାହିଁ । ବ୍ରାହ୍ମଣ ଘରେ ବହୁତ ସଂଖ୍ୟାରେ ଗାଇ ରଖିବାକୁ ସ୍ଥାନ ନଥିଲେ କିମ୍ବା ଗାଇର ଦୁଧ ଶୁଖି ଗଲେ ଅନ୍ୟକୁ ବିକ୍ରି କରି ଦେଉଥିଲେ । ବର୍ତ୍ତମାନ ଗୋରକ୍ଷକ ଯୁବକ ମାନଙ୍କ ମାଡ଼ ଭୟରେ ତାଙ୍କ ଠାରୁ କେହି ଗାଇ କିଣି ନେବାକୁ ସାହସ କରୁନାହାନ୍ତି । ବ୍ରାହ୍ମଣମାନେ ଅଦରକାରୀ ଗାଇକୁ ବାହାରେ ଛାଡ଼ି ଦେବାକୁ ବାଧ୍ୟ ହୋଇଥା'ନ୍ତି ।

ଆମ ଦେଶରେ ଗାଇକୁ ପୂଜ୍ୟ ମାତା କୁହା ଯାଉଥିଲେ ମଧ୍ୟ ତା'ର ଉଚିତ ଯତ୍ନ ନିଆଯାଉନାହିଁ । ଆମ ଦେଶର ଦେଶୀ ଗାଇ ଗୁଡିକ ସୁସ୍ଥ ସବଳ ରହନ୍ତି ନାହିଁ । ଭଲ ଖାଦ୍ୟ ଅଭାବରେ ରୁଗ୍ଣ ଦେଖା ଯାଉଛନ୍ତି । ସେମାନେ ଦୁଧ ମଧ୍ୟ କମ ଦେଉଛନ୍ତି । ଯେତିକି ଦିନ ପର୍ଯ୍ୟନ୍ତ ସେ ଗର୍ଭ ଧାରଣ କରେ ଏବଂ ଦୁଧ ଦିଏ ସେତେ ଦିନ ପର୍ଯ୍ୟନ୍ତ

ISSN NO.
2582-208X

ତା'ର ଯତ୍ନ ନିଅନ୍ତି । ତାପରେ ସେ ଘରଲୋକ ପାଇଁ ଏକ ଅଲୋଡ଼ା ପଶୁ ହୋଇଯାଏ । ସେ ରୋଗରେ ପୀଡ଼ିତ ହେଲେ ଚିକିତ୍ସା କରନ୍ତିନାହିଁ । ମରିଗଲେ କୌଣସି ଦଳିତ ସମ୍ପ୍ରଦାୟର ଲୋକଙ୍କୁ ଡାକି ନେଇ ଯିବାକୁ କୁହନ୍ତି । ଆଗରୁ ମୃତ ଗୋରୁ ଗାଇକୁ ନେଇ କୌଣସି ଦୂର ନିରୋଳା ସ୍ଥାନରେ ତା'ର ଚମଡା ବାହାର କରି ଶୁଖାଇ ବିକ୍ରି କଲେ ଦଳିତ ଲୋକ କିଛି ଟଙ୍କା ପାଉଥିଲେ । ବର୍ତ୍ତମାନ ସେଇଟା ମଧ୍ୟ ବିପଦ । ଅନେକ ସ୍ଥାନରେ ମୃତ ଗାଇକୁ କାଟୁଥିବା ବେଳେ ଗୋରକ୍ଷକ ଦଳ ଖବର ପାଇଲେ ସେଠାକୁ ଯାଇ, ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରୁଥିବା ଖବର ଶୁଣିବାକୁ ମିଳୁଛି ।

ବିଦେଶରେ ଅଧିକାଂଶ ମୁସଲମାନ, ଖ୍ରୀଷ୍ଟୀୟାନ ଲୋକ ଗୋମାଂସ ଭକ୍ଷଣ କରନ୍ତି । ଗୋମାଂସରେ ବହୁତ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ତିଆରି କରନ୍ତି । ଭାରତ ଭଳି ଅଧିକ ତେଲ ଓ ରାଗ ଯୁକ୍ତ ମସଲା ବ୍ୟବହାର କରନ୍ତି ନାହିଁ । ସେମାନେ ଗାଇକୁ ଏକ ପବିତ୍ର ପଶୁ ଭାବି ପୂଜା ଅର୍ଚ୍ଚନା କରନ୍ତିନାହିଁ । ଗୃହ ପାଳିତ ପଶୁ ଗାଇକୁ ଭଲ ପାଆନ୍ତି । ସେମାନଙ୍କୁ ପ୍ରତିଦିନ ଧୋଇ ପୋଛି ସଫା ରଖନ୍ତି । ଗାଇ ପାଳନ କରିବା ପାଇଁ ତାଙ୍କର ଯେତିକି ସ୍ଥାନ ବା ଗୁହାଳ ଥାଏ ସେତିକି ମାତ୍ର ଗାଇ ରଖନ୍ତି । ଗୋରୁ ଗାଇଙ୍କୁ ପୌଷ୍ଟିକତାରା ଓ ଖାଦ୍ୟ ଦିଆଯାଏ । ରୋଗ ହେଲେ ଉପଯୁକ୍ତ ଚିକିତ୍ସା କରାଯାଏ । ଗାଇଗୁଡିକ ବେଶ ସୁସ୍ଥ-ସବଳ, ହୃଷ୍ଟ-ପୁଷ୍ଟ ଦେଖାଯା'ନ୍ତି । ସଂଖ୍ୟା ଅଧିକ ହେଲେ ଅନ୍ୟ ମାଲିକକୁ ବିକ୍ରି କରି ଦିଅନ୍ତି । ରାସ୍ତା କିମ୍ବା ସାର୍ବଜନିକ ସ୍ଥାନରେ ଗୋଟିଏ ମଧ୍ୟ ଗାଇ ବୁଲୁ ଥିବା ଦେଖିବାକୁ ମିଳେ ନାହିଁ । ଗାଇର ପ୍ରତ୍ୟକ ବସ୍ତୁ ଯଥା : ଦୁଧ, ଗୋବର, ମୂତ୍ର, ମାଂସ, ଚମଡା, ହାଡ ଆଦି ବିଭିନ୍ନ ବସ୍ତୁର ଉତ୍ପାଦନ କାମରେ ବ୍ୟବହାର ହୁଏ । ସେହି ଦେଶ ମାନଙ୍କରେ ଆଧୁନିକ ଯୁଗରେ ଭୂମି ଚାଷ କରିବା ପାଇଁ ଗୋରୁ ବଦଳରେ ଯନ୍ତ୍ରପାତି ବ୍ୟବହାର କରନ୍ତି। ଗୋରୁ କେବଳ ମାଂସ ଜାତୀୟ ଖାଦ୍ୟ ପାଇଁ ବ୍ୟବହାର କରନ୍ତି । ଆମ ଦେଶରଗୋ'ଭକ୍ତ ଏବଂ ବିଦେଶର ଗୋ'ପ୍ରେମୀମାନଙ୍କୁ ତୁଳନା କରି ଦେଖନ୍ତୁ ।

(((-)))

ବାଙ୍ଗାଲୋର ମୋ: ୯୪୮୨୦୧୬୨୬୦

ISSN NO.
2582-208X

# ପ୍ରେମ

ପ୍ରକାଶ ବିଶ୍ୱାଳ

ଜୀବନ ଯାତ୍ରାର ଏକ ପଥ ହେଉଛି ପ୍ରେମ
ହୃଦୟର ଛୋଟ ଘର ହେଉଛି ପ୍ରେମ
ଯୌବନର ସ୍ୱପ୍ନ ହେଉଛି ପ୍ରେମ
ଏକ ଉଚ୍ଚ ଅଭିଳାଷ ହେଉଛି ପ୍ରେମ
ପ୍ରେମ.......

ଛଅ ଋତୁର ନୀରବ ସ୍ୱର
ପ୍ରକୃତିର ଅସ୍ଥିର ସମୀର
ନୀଳ ଆକାଶର ଜଳଦ
ପୁଷ୍କରିଣୀର ପ୍ରସ୍ଫୁଟିତ ଅରବିନ୍ଦ ପ୍ରେମ
ପ୍ରେମ.......

ଚଞ୍ଚଳ ନୟନରେ ଭାଷା ଦିଏ
ମନଚୋରି କରି ମନ ଦେଇଥାଏ
କେବେ ହସାଏ ତ କେବେ କନ୍ଦାଏ
ଭୁଲିଯାଏ ନାହିଁ ମନ ରହିଥାଏ
ପ୍ରେମ......

ସାଗର ତରଙ୍ଗ ପରି ସସୀମ ପ୍ରେମ
ସ୍ମୃତି ତାହାର ରହେ ଅମଳିନ
ଆଖିର ଲୁହରେ ଆଣେ ବର୍ଷା ବିନ୍ଦୁ

ISSN NO.
2582-208X

ହସର ଓଠରେ ଥାଏ ପୂର୍ଣ୍ଣିମୀ ଇନ୍ଦୁ
ପ୍ରେମ.......

ରାଗ ନୁହେଁ ଅଭିମାନ ରଖେ ପ୍ରେମ
ସତ୍ୟ ହୃଦୟକୁ ଉପହାର ଦିଏ ପ୍ରେମ
ଜୀବନ ଚିତ୍ରକୁ ରଙ୍ଗୀନ୍ କରେ ପ୍ରେମ
ଏକ ସୁନ୍ଦର ସଂସାର ଗଢେ ପ୍ରେମ
ପ୍ରେମ..............

(((-)))

ଓଡ଼ିଆ ଅଧ୍ୟାପକ
ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଜାମଶୂଳୀ, ବାଲେଶ୍ୱର
ମୋବାଇଲ୍ ନମ୍ବର୍ -୯୦୭୮୧୦୫୩୬୨

ISSN NO.
2582-208X

# ଆଜିକାଲିକା ଭଲପାଇବା



ଲୋଚନ କୁମାର ବାଡ଼ତ୍ୟା

ଯଦି ତୁମେ କୁହ ସେ ମୋର ସ୍ୱାମୀ/ସ୍ତ୍ରୀ ଆଉ ମୁଁ ତାଙ୍କୁ ପ୍ରେମ କରେ, ସେହି କଥାରେ ହିଁ ଦେଖିନିଆଯାଉ ପ୍ରେମ ପରେ ଆସିଲା କିନ୍ତୁ ପ୍ରଥମେ ଆସିଲା ସ୍ୱାମୀ କିମ୍ବା ସ୍ତ୍ରୀର ଅଧିକାର ତେଣୁ ପ୍ରେମ ଟିକେ ଫିକା ପଡ଼ିଗଲା। ଆରେ ତା'ବୋଲି ତୁମେ ତୁମ ସ୍ୱାମୀ/ସ୍ତ୍ରୀକୁ ସେହି ପଦର ମର୍ଯ୍ୟାଦା ଦେବାରେ କୁଣ୍ଠାବୋଧ କରନାହିଁ। କିନ୍ତୁ ପ୍ରେମ ଯେ କ'ଣ ତାହା ଜାଣିବା ଆବଶ୍ୟକ....

ପ୍ରେମ ହେଉଛି ତାହା ଯିଏ ତଟିନୀ ପରି ବହି ଚାଲିଯାଏ, କାହାରିକୁ ଖାତିର୍ କରେନା, ପ୍ରେମ ଦିଏ ମନରେ ଅନେକ ଆଶା ଓ ଉନ୍ମାଦନା, ପ୍ରେମ ଦିଏ ବିଶ୍ୱାସ ଓ ସାହାସ, ପ୍ରେମରେ ଥାଏ ଅନେକ ଭରସା ଓ ପ୍ରତୀକ୍ଷା କରିବାର ଧୈର୍ଯ୍ୟ, ପ୍ରେମର ନଦୀ ହେଉଛି ନିର୍ଝର ଯିଏ କି ସଦାସର୍ବଦା ଅହରହ ଗତିକରି ଚାଲିଥାଏ ତା'ର ପ୍ରାଣର ପୁରୁଷ ସମୁଦ୍ର ସହ ମିଶିବା ପାଇଁ....

ଜାଣିଛ ପ୍ରେମ କାହାକୁ କୁହାଯାଏ ?

ଯଦି ଜାଣିଗଲ ତେବେ ସେଇଟା ପ୍ରେମ ନୁହେଁ !!! ଆଶ୍ଚର୍ଯ୍ୟ ଲାଗୁଚି ନା ?

ଆମେ ସଭିଏଁ କହୁ ରାଧା କୃଷ୍ଣ ତ ପ୍ରେମ କରିଥିଲେ କିନ୍ତୁ ବାହା ହେଲେ ନାହିଁ କାହିଁକି ? କେବେ ଜାଣିବାକୁ ଚେଷ୍ଟା କରିଛେ ? ଯେ ରୁକ୍ମିଣୀ କୃଷ୍ଣଙ୍କୁ ବିବାହ କରି ମଧ୍ୟ ସେ କୌଣସି ମନ୍ଦିରରେ କୃଷ୍ଣ ସହ କାହିଁକି ନାହାନ୍ତି ? କିନ୍ତୁ ରାଧା ଯିଏ କି ସମାଜରେ ଲାଞ୍ଛିତା ହୋଇ ମଧ୍ୟ କୃଷ୍ଣ ସାଥିରେ ଛିଡ଼ା ହୋଇ କୋଉଠି ପାନଖଣ୍ଡେ ଖୁଆଇ ଦେଉଛନ୍ତି ତ ଆଉ କୋଉଠି ବରଦା ମୁଦ୍ରାରେ ଛିଡ଼ା ହୋଇଛନ୍ତି। ତେବେ କୃଷ୍ଣଙ୍କୁ ପ୍ରେମ କରିଥିବା ଅସଲି

ISSN NO.
2582-208X

ଜଣଙ୍କ କିଏ ? ନା କୃଷ୍ଣ ପାତର ଅନ୍ତର କରୁଛନ୍ତି !! ନା ନା ସେ ତ ପ୍ରକୃତ ପୁରୁଷ ତାଙ୍କ ଦ୍ଵାରା କ'ଣ ଭୁଲ୍ ହୋଇପାରେ ? କିନ୍ତୁ ବର୍ତ୍ତମାନ ଏକବିଂଶ ଶତାବ୍ଦୀର ଲୋକଙ୍କ ମନରେ ବାରମ୍ବାର ପ୍ରଶ୍ନ ଆସେ ଯେ ରାଧା କୃଷ୍ଣ ଯଦି ପ୍ରେମ କରୁଥିଲେ ତେବେ ବାହା ହେଲେ ନାହିଁ କାହିଁକି ? କେବେ ଟିକେ ନିରେଖି ଦେଖିବ ପ୍ରେମର ଆନନ୍ଦ ଛୋଟ ଛୋଟ ଚିଜରେ ଥାଏ। କିନ୍ତୁ ରୁକ୍ମିଣୀଙ୍କ ଭଳି ସମ୍ଭ୍ରାନ୍ତଶାଳୀ ଦେବୀଙ୍କ ପାଖରେ କ'ଣ ବା ଅଦେୟ ଥିଲା ଯାହା ଲାଗି ସେ କୃଷ୍ଣଙ୍କୁ ବାହାହୋଇ ମଧ୍ୟ କିଛିଟା ସ୍ଥାନରେ ହିଁ ପୂଜା ପାଉଛନ୍ତି..... ସେ ଯାହାବି ହେଉ ଆମେ କିନ୍ତୁ ଏପରି ପ୍ରଶ୍ନ କରି କେବଳ ମାତ୍ର ପ୍ରେମରେ ଥିବା ସାହାସର ପରିହାସ କରୁଛନ୍ତି ଆଉ କିଛି ନୁହଁ।

ମୁଖ୍ୟତଃ ପ୍ରେମ କଥା ଶୁଣିବା ମାତ୍ରେ ଆମ ସଭିଙ୍କ ମନରେ ଆସେ - କେବଳ ଜଣେ ଅନ୍ୟ ଜଣଙ୍କୁ ଖୁସିରେ ରଖିବା ହିଁ ପ୍ରେମ କିନ୍ତୁ ଏକଥା କିଏ ବୁଝିବାକୁ ନାରାଜ ଯେ ଯଦି ଅନ୍ୟକୁ ଖୁସି କରିବାକୁ ଚାହିଁଲେ ବେଳେବେଳେ ଅଗାଢ଼ ଦୁଃଖକୁ ସହିବାକୁ ହୁଏ ଆଉ ପ୍ରେମ ସେତେବେଳେ ହିଁ ସାର୍ଥକତାର ରୂପ ନିଏ । ପ୍ରେମର ଅର୍ଥ ତ ଦେବା, ପ୍ରେମର ଦେବାରେ ଯେଉଁ ଆନନ୍ଦ ଥାଏ ତାହା ସ୍ଵର୍ଗୀୟ ଆନନ୍ଦ ଠାରୁ ବି ମହାନ୍।

ଏମିତି ଜଣେ ପ୍ରେମ ରଙ୍କୁଣା ମଣିଷଟେ ହେଲା ରୋହନ। ରୋହନ ବର୍ତ୍ତମାନ ୨୩ ବର୍ଷର ଯୁବକଟିଏ। ଘରେ ତାଙ୍କର ମାଆ ଆଉ ଭଉଣୀ, ସେ ତା' ମାଆକୁ ସବୁଠୁ ଅଧିକ ଭଲପାଏ। ମାଆଙ୍କର ଆଜି ଯାଏଁ କୌଣସି କଥାକୁ ଅବଜ୍ଞା କରିନାହିଁ ଏବଂ ରୋହନ ଯେହେତୁ ବଡ଼ ତେଣୁ ସେ ତା' ସାନ ଭଉଣୀକୁ ମଧ୍ୟ ଭଲ ପାଇବାରେ କୌଣସି ଅବହେଳା କରିନାହିଁ। ସେ କଲେଜ୍‌ରେ ପଢୁଥିବା ସମୟରେ ତା'ର ବହୁତ ଜଣ ବାନ୍ଧବୀ ରହିଥିଲେ କିନ୍ତୁ ସ୍ଥିର ହୋଇ ଆଜି ଯାଏଁ କେହି ରହି ପାରିନାହାନ୍ତି କିମ୍ବା ଇଏ ରଖିପାରି ନାହିଁ। ସେ ସର୍ବଦା ମାଆଙ୍କ ଅନୁଶାସନକୁ ମାନି ଆସିବା ପାଇଁ ଚେଷ୍ଟା କରିଛି। ଯେମିତି କି ଯଦି ସେ ବାହାହୁଏ ତେବେ କେବଳ ଆଉ କେବଳ ନିଜ ଜାତି ଝିଅକୁ ହିଁ ବାହାହେବ କିନ୍ତୁ ମାଆଙ୍କ କଥାକୁ ସମ୍ମାନ ଦେବା ଲାଗି ସେ ତା' ମାଆଙ୍କୁ ଆଜି ଯାଏଁ ତା'ର କୌଣସି ବାନ୍ଧବୀ ବିଷୟରେ କହିବା ପାଇଁ ସାହାସ କରିପାରିନାହିଁ। ଆଉ ପ୍ରତ୍ୟେକ ଝିଅ ତା'ଜୀବନରେ ଆସି ଖୁବ୍ ଅଳ୍ପ ସମୟ ବ୍ୟବଧାନରେ ରୋହନକୁ ଛାଡ଼ି ଚାଲି ଯାଇଛନ୍ତି।

ISSN NO.
2582-208X

କିନ୍ତୁ ବର୍ତ୍ତମାନ ରୋହନର ଭାଗ୍ୟରେ ପଦ୍ମଫୁଲ ଫୁଟିବାକୁ ଯାଉଛି.......

ଓଡ଼ିଶା ପରିଭ୍ରମଣରେ ଆସିଥିବା ବନାରସୀ ଝିଅଟିଏ ଦେଖିବାକୁ ଭାରି ସୁନ୍ଦର। ସତେ ଯେମିତି ଗୋଟିଏ ଚାଉଳରେ ଗଢ଼ା ନାଆଁ ଟି ତା'ର ରୀମା। ସେ ଏଇନା ରୋହନର ସାହିରେ ଥିବା ଜଣଙ୍କ ଘରେ ରହିବ। ରୋହନ ସନ୍ଧ୍ୟାରେ ଟିକେ ବାହାରେ ବୁଲିବା ପାଇଁ ଯାଉଥିବା ବେଳେ ରୀମା ଦାଣ୍ଡକୁ ଆସି ଟିକେ ଚୁଟି ସଜାଡ଼ିବାକୁ ଲାଗିଲା, (ସାଧାରଣତଃ ଓଡ଼ିଆ ଝିଅମାନଙ୍କୁ ତାଗିଦ୍ କରାଯାଇଥାଏ ସନ୍ଧ୍ୟାରେ ଚୁଟି ସହ ଲାଗିବା ପାଇଁ କିନ୍ତୁ ଓଡ଼ିଶା ବାହାରେ ଏହି ସବୁ କଥାକୁ ସେତେ ମାନ୍ୟତା ଦିଅନ୍ତି ନାହିଁ) ଆଉ ରୋହନର ଆଖି ରୀମା ପାଖରେ ଲାଗି ରହିଲା। ତା'କୁ ପାଇବା ପାଇଁ ସେ ନିଜର ସମସ୍ତ ପ୍ରୟାସ ଜାରି ରଖିଲା। ପ୍ରତିଦିନ ସନ୍ଧ୍ୟା ସମୟରେ ରୀମାକୁ ଦେଖିବାକୁ ଯାଇ ତା'କୁ ନିଜ ପ୍ରେମର ବନ୍ଧନରେ ଛନ୍ଦି ଦେଲା। ଆଉ ବର୍ତ୍ତମାନ ରୀମାର ବନାରସ ଫେରିବା ସମୟ ଆସିଲା। ସେ ଷ୍ଟେସନକୁ ଯାଇ ଲୁଚି ଲୁଚି ରୀମାକୁ ବିଦାୟ ଦେଲା ଯେହେତୁ ତାଙ୍କ ଦୁହିଁଙ୍କ ଭିତରେ ବର୍ତ୍ତମାନ ଦୂରତା ବଢ଼ିବାକୁ ଯାଉଛି ରୀମା ରୋହନକୁ ନିଜର ଯତ୍ନ ନେବା ତଥା ତାକୁ ଭୁଲି ନ ଯିବା ପାଇଁ କଥା ମାଗିଲା। ଆଉ ରୋହନ ରୀମାକୁ କଥା ଦେଲା ରୀମା କହିଥିବା ସବୁ କଥାକୁ ସେ ମାନିବ। ବର୍ତ୍ତମାନ ରୀମା ବନାରସ୍‌ରେ ଆଉ ରୋହନ ଓଡ଼ିଶାରେ। ରୋହନ ରୀମାକୁ କଥା ସିନା ଦେଇଦେଲା କିନ୍ତୁ ତା'ର ପୂର୍ବ ପ୍ରକୃତି ତାହାଠାରୁ ଅଧିକ ଦିନ ଦୂରେଇ ରଖି ପାରିଲାନାହିଁ । ରୀମାର ଅନୁପସ୍ଥିତି ତା'କୁ ବ୍ୟସ୍ତ ବିବ୍ରତ କରିବାକୁ ଲାଗିଲା ଆଉ ସେ ପୂର୍ବ ଭଳି କୌଣସି ଏକ ନୂଆ ଝିଅର ଅନୁସନ୍ଧାନ କରିବାକୁ ଲାଗିଲା ହେଲେ ଏଥର ସେ ରୀମାକୁ ଏହି ସବୁ ବିଷୟରେ କହିଲା ନାହିଁ । ସେପଟେ ରୀମା ସହିତ ଥାଉ ଥାଉ ସେ ଭୁବନେଶ୍ୱରରେ ଥିବା ଅନ୍ୟ ଗୋଟିଏ ଝିଅ ସସ୍ମିତାକୁ ନିଜ ପ୍ରେମରେ ବାନ୍ଧି ରଖିଲା ଆଉ ଏପଟେ ସସ୍ମିତାକୁ ବି କହି ରଖିଥାଏ ସେ ତା' ଜୀବନରେ ସେ ଏକା ଅଛି।

ଦିନେ ସସ୍ମିତା ରୋହନର ସହରକୁ କିଛି ଗୋଟେ କାମରେ ଆସିଥାଏ ଆଉ ତା'ର ଇଚ୍ଛା ଥିଲା ସେ ରୋହନର ଘରେ ରହିବ କିନ୍ତୁ ରୋହନ ତା' ମାଆଙ୍କ ଭୟରେ ସସ୍ମିତାକୁ ଘରେ ରହିବା ପାଇଁ ମନା କରିଦେଲା ତେଣୁ ସସ୍ମିତା ବାଧ୍ୟ ହୋଇ ତା'ର ଏକ ସାଙ୍ଗ ଘରେ ରହିଲା। ରୋହନ ଏପରି ଭାବରେ ମନା କରିବା ସସ୍ମିତାକୁ ବହୁତ ବାଧିଛି ଆଉ ସେ ରୋହନ ସଙ୍ଗେ କଥା ହେବା ବନ୍ଦ କରିଦେଲା ରୋହନ ଯେତେଥର ଫୋନ୍ କଲେ ବି ନା ତା' କଲ୍ କୁ ରିସିଭ୍ କଲା ନା ମେସେଜର ଉତ୍ତର ଦେଲା ଆଉ ଏହି ପରିସ୍ଥିତିରେ

ISSN NO.
2582-208X

ରୋହନର ମୁଣ୍ଡରେ କିଛି ପଶୁ ନଥାଏ। ତେଣୁ ସେ ବାଧ୍ୟ ହୋଇ ତା' ସାଙ୍ଗ ନୂତନକୁ ଫୋନ୍ କରି ପଚାରିବାକୁ ଲାଗିଲା କେମିତି ସେ ତା' ସସ୍ମିତାକୁ ମନେଇବ ? ପ୍ରଥମେ ନୂତନ କହିଲା ତୁମେ କ୍ଷମା ମାଗ। ରୋହନ କହିଲା ଏବେକୁ ପ୍ରାୟ ୧୦୦ ଥର କ୍ଷମା ମାଗି ସାରିଲିଣି କିନ୍ତୁ ସେ..... ନୂତନ କହୁଥାଏ ଦେଖ ଭୁଲ୍ ବି ତୁମର ତେଣୁ ଗୋଟିଏ କାମ କର ଢେର୍ ସାରା ଚୋକଲେଟ୍ ଆଉ ଆଇସ୍କ୍ରିମ ନେଇକି ଦିଅ ଆଉ ରୋହନ ବି ଠିକ୍ ସେହିପରି କଲା। ଆଉ ବର୍ତ୍ତମାନ ସସ୍ମିତାର ରୋହନ ଉପରେ ଥିବା ରାଗ କମିଲା ସେ ରୋହନକୁ ସାବଧାନରେ ଗାଡ଼ି ଚଳାଇ ଘରକୁ ଫେରିଯିବା ପାଇଁ କହିଲା। ଆଉ ଏତିକିବେଳେ ସେ ନୂତନକୁ ଫୋନ୍ କରି ବହୁତ୍ ବଡ଼ ଧନ୍ୟବାଦ ଜଣାଇଲା। ପୂର୍ବରୁ ନୂତନ ରୀମା ଆଉ ରୋହନ ବିଷୟରେ ଜାଣିଥିଲା ତେଣୁ ସେ ରୋହନକୁ ପଚାରିଲା ରୀମା କେବେ ଆସିଲା ? ସେତେବେଳେ ରୋହନ ନୂତନକୁ କହିଲା ନାହିଁ ଭାଇ ଇଏ ଆଉ ଜଣେ ଭୁବନେଶ୍ୱରରେ ରୁହେ ନାଁ ହେଉଛି ସସ୍ମିତା। ଏହି କଥା ଶୁଣିବା ମାତ୍ରେ ନୂତନ ରୋହନକୁ କହିଲା ରୀମା ଆଉ ତୋ ସମ୍ପର୍କ କାହିଁକି ଭାଙ୍ଗିଗଲା ? ରୋହନ କହିଉଠିଲା ଆରେ ନାହିଁ ରୀମା ସହ ବି ଅଛି ଆଉ ସସ୍ମିତା ସହ ବି ଅଛି। ଏହି କଥା ଶୁଣୁଶୁଣୁ ନୂତନର ପାଦତଳୁ ମାଟି ଖସିଗଲା, ସେ ଚମକି ପଡ଼ି କହିଲା ଏହାସବୁ କେମିତି ସମ୍ଭବ ? ରୋହନ କହିଲା ଦେଖ ମୁଁ ତ ବନାରସ୍ ଯାଇପାରିବିନି ଆଉ ସେ ଓଡ଼ିଶା ଆସିପାରିବେ ନାହିଁ ତ ମୋତେ ବହୁତ ଏକୁଟିଆ ଅନୁଭବ ହେଉଛି ସେଥିପାଇଁ ମୁଁ ସସ୍ମିତାକୁ ରଖିବା ପାଇଁ ଚାହିଁଲି। ଏକଥା ଶୁଣିବା ପରେ ନୂତନ କହିଲା ତୁମେ ଚାହିଁବା ଆଉ ଭଲ ପାଇବା ଭିତରେ ବହୁତ ଫରକ୍ ରହିଛି ଯଦି ତୁମେ କେବଳ ତୁମର ଏକୁଟିଆ ରହିବା ସହ୍ୟ କରିନପାରି ସସ୍ମିତାକୁ ରଖିଛ ତେବେ ତ ତୁମେ ତା' ସହିତ କେବଳ ଟାଇମ୍ ପାସ୍ କରୁଛ। ରୋହନ ସଙ୍ଗେ ସଙ୍ଗେ କହିବାକୁ ଲାଗିଲା ନାହିଁ ନାହିଁ ସେମିତି ନୁହଁ ମୁଁ ରୀମାକୁ ଯେତିକି ଭଲପାଏ ସସ୍ମିତାକୁ ବି ସେତିକି ଭଲପାଏ କେବେହେଲେ ସେ ଦୁହିଁଙ୍କ ଆଖିରେ ଲୁହ ଦେଖି ପାରିବି ନାହିଁ। ନୂତନ - ତେବେ କ'ଣ ସେ ଦୁହେଁ ଜାଣିଛନ୍ତି ତୁମର କେବଳ ସେ ଜଣେ ନୁହନ୍ତି ତୁମେ ଅନ୍ୟଜଣକୁ ବି ରଖିଛ ? ନାହିଁ। ତେବେ ତ ତୁମେ ଜଣଙ୍କ ପାଖେ ଥିବାବେଳେ ଅନ୍ୟଜଣଙ୍କୁ ମିଛ କହୁଛ ଆଉ ଯେଉଁଠି ସତ୍ୟତା ନାହିଁ ସେହି ସ୍ଥାନରେ ଭଲପାଇବାର ପ୍ରତିଶ୍ରୁତି ଦେବା କେବଳ ଛଳନା ଛଡ଼ା ଆଉ କିଛି ନୁହଁ ତଥାପି ରୋହନ ଦୁହିଁଙ୍କ ପାଇଁ ଏତେ ମାତ୍ରାରେ ମୋହଗ୍ରସ୍ତ ହୋଇ ସାରିଥିଲା ଯେ ସେ ଦୁହିଁଙ୍କୁ ସତ କହିବାକୁ ସାହାସ ନଥାଏ କି ନିଜ ମନକୁ ଆୟତ୍ତରେ ରଖିବାକୁ ବି..... ଏହି କଥା ରୋହନକୁ ଭାବିବା ପାଇଁ

ISSN NO.
2582-208X

ବାଧ୍ୟ କଲା। ରୋହନ ବିବଶ ହୋଇ ଉଠିଲା କିନ୍ତୁ ସେ ନୂତନର କଥାକୁ ଏତେଟା ଗୁରୁତ୍ୱ ଦେଲା ନାହିଁ । ଏମିତି ହସଲୁହରେ ଦିନ ଗୁଡ଼ା କଟିଯାଉଯାଉ ବର୍ଷେ ବିତିଯାଇଥାଏ। ଏବେ ରୋହନ ମାଆଙ୍କୁ କିପରି କହିବ ଏହି ଚିନ୍ତାରେ ଥିବାବେଳେ ସସ୍ମିତା ଜିଦ୍ କରି ବସିଛି ସେ ତାଙ୍କ ମାଆଙ୍କୁ କହି କେମିତି ହେଲେ ତାଙ୍କ ଦୁହିଁଙ୍କ ବିବାହର କଥା ପକାଉ। ଏପଟେ ରୀମା ଯିଏ କି ରୋହନର ଏହି ସବୁ କଥାରୁ ନିବୃତ୍ତ ଥିଲା ସେ ହଠାତ୍ ଦିନେ ଆସି ପହଞ୍ଚିଛି ତାଙ୍କ ସମ୍ପର୍କୀୟଙ୍କ ଘରେ ଆଉ ସେ ମନେ ମନେ ଭାବିଛି ରୋହନର ଘରକୁ ଯାଇ ତା'କୁ ଆଶ୍ଚର୍ଯ୍ୟ କରିଦେବ। ଆଉ ଠିକ୍ ସେଇୟା ହିଁ ହେଲା ରୋହନର ମାଆ ଏସବୁ କଥା ଜାଣିଲେ, ରୀମା ଯିବା ପରେ ପରେ ରୋହନକୁ ବହୁତ ଗାଳି ଗୁଲଜ କଲେ। ଏପଟେ ସସ୍ମିତାର ଜିଦ୍ ସେପଟୁ ମାଆଙ୍କ ଗାଳି ପୁଣି ରୀମାର ଅଚାନକ ଆସିଯିବା ତା'ର ଅବସ୍ଥା ଭାରି ଶୋଚନୀୟ ହୋଇପଡ଼ିଛି ଆଉ ରୋହନ ଭାବିଉଠିଲା ଆଜି ମୋ ପାଖରେ ସମସ୍ତେ ଥାଇ ବି ମୁଁ ଏକୁଟିଆ ହୋଇ ଯାଇଛି।

(((-)))

ବ୍ରହ୍ମପୁର, ଗଞ୍ଜାମ
ପିନ୍ – ୭୬୦୦୦୯
ଯୋଗାଯୋଗ – ୮୨୬୦୦୨୩୦୧୩

ISSN NO.
2582-208X

# ଓଁ ନମଃ ଶିବାୟ



ପ୍ରମୋଦିନୀ ପଣ୍ଡା

ଯିଏ ସଂସାରର ମୂଳ ଆଧାର
ସେହି ଶିବ ଶଙ୍କର
ଯାହାଙ୍କ ଗଳାରେ ନାଗସାପ
ଯିଏ ଭସ୍ମ ଲେପନ ଧାରୀ
ସେହିଁ ଶିବ ଦେବଦେବ ମହାଦେବ
ଯେ ସୃଷ୍ଟିକର୍ତ୍ତା ଯେସର୍ବୋଚ୍ଚ ସତ୍ତା
ସେ କଲ୍ୟାଣକାରି ସେ ଶାନ୍ତିଦାତା
ସେହିଁ ଶିବ ଶଙ୍କର ।

ସେ ଅକାଳମୃତ୍ୟୁ ହରଣ ମୃତ୍ୟୁଞ୍ଜୟ
ସେ ଆସୁବର ପ୍ରଦାନ କାରି ଆଶୁତୋଷ
ତାଙ୍କର ମହିମା ଅପାର
ନିର୍ମଳ ହୃଦୟ ଯାହାର
ସେ କରୁଣାମୟ ଶିବ ଶଙ୍କର
ଫାଲ୍ଗୁନ କୃଷ୍ଣ ଚତୁର୍ଦଶୀ ଦିନ
ସର୍ବଭକ୍ତ ଶିବରାତ୍ରି କରନ୍ତି ପାଳନ

ସୁନ୍ଦରତା ରୂପରେ ଦେଖାଦିଅନ୍ତି ଶିବନାମେ
ତପସ୍ୱୀ ରୂପରେ ସେ ଶଙ୍କର ନାମେ
ଶିବଶକ୍ତି ରୂପରେ ଅର୍ଦ୍ଧନାରୀଶ୍ୱର

ISSN NO.
2582-208X

ବିଷପାନ କରି ଦେବତା କଲେ ଉଦ୍ଧାର
ତେଣୁ ନାମହେଲା ନୀଳକଣ୍ଠ ।

ଶିବଙ୍କ ଜଟାହୁଏ ମହାକାଶର ପ୍ରତୀକ
ତେଣୁ ତାଙ୍କନାମ ବ୍ୟୋମକେଶ
ମସ୍ତକେ ଚନ୍ଦ୍ରଧାରଣ କରି
ବୋଲାନ୍ତି ଭାଲଚନ୍ଦ୍ର
ତିନୋଟି ନେତ୍ରରୁ ନାମତାଙ୍କ ତ୍ରିଲୋଚନ
ଭୌତିକ, ଦୈବୀକ, ଆଧ୍ୟାତ୍ମିକ
ବାଧାକୁ ନଷ୍ଟକରିଥାଏ ତ୍ରିଶୂଳ ।

ତାଣ୍ଡବ ନୃତ୍ୟରେ ବଜାଉଥିବା
ବାଦ୍ୟ ତାଙ୍କର ଡମ୍ବରୁ
ବାଘଛାଲ ପିନ୍ଧି ହିଂସାଓ ଅହଂକାରକୁ କରିଥାନ୍ତି ଦମନ
ଭସ୍ମବିଲୋପନ ସର୍ବାଙ୍ଗ ଶରୀର
ସୂଚାଏ ଏ ସଂସାର ନଶ୍ୱର
ଧର୍ମର ପ୍ରତୀକ ବୃଷଭ
ତେଣୁ ଧାରଣ କରନ୍ତି ଶିବ ।

ଧର୍ମ, ଅର୍ଥ, କାମ, ମୋକ୍ଷପ୍ରାପ୍ତି
ଅଟେ ଶିବରାତ୍ରି
ତାଙ୍କର ସୃଷ୍ଟି ଏ ସଂସାର
ବଳୟ ବି ତାଙ୍କର
କେତେବେଳେ ସୌମ୍ୟ
ଆଶୁତୋଷ, ଭୋଳାନାଥଶିବ
କେତେବେଳେ ସେ ରୁଦ୍ର ମହାକାଳ
ମନତନ ଦେଇ ଯେ ଦିଏ ବେଲପତ୍ର

ISSN NO.
2582-208X

ତା ମୋହରେ ବାନ୍ଧି ହୁଅନ୍ତି ମହେଶ୍ୱର
ସଂସାର କଲ୍ୟାଣ ପାଇଁ ଆବିର୍ଭୂତ
ସେ ଜ୍ୟୋତିର୍ଲିଙ୍ଗ ଭାବେ
ଶିବଙ୍କ ଜ୍ୟୋତି ସ୍ୱରୂପ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ
ପୂଜା ପାଆନ୍ତି ସର୍ବତ୍ର ।

ଓଁ ନମଃ ଶିବାୟ

(((-)))

ନୂଆପଡା

ISSN NO.
2582-208X

# ସୃଷ୍ଟିର ପ୍ରାରମ୍ଭ



ମମତା ନାୟକ

ସୃଷ୍ଟିର ପ୍ରାରମ୍ଭ ସମ୍ପର୍କରେ ଆଧ୍ୟାତ୍ମିକ ଧର୍ମର ପ୍ରବର୍ତ୍ତକ ମାନେ ଭ୍ରମ ଜାତ କରିଥିଲେ । ପରବର୍ତ୍ତୀ କାଳରେ କିଛି ବୌଦ୍ଧିକ ବ୍ୟକ୍ତି ନିଜର ବୈଜ୍ଞାନିକ ଦୃଷ୍ଟିକୋଣ ଦ୍ୱାରା ଆଧ୍ୟାତ୍ମିକ ତଥ୍ୟ ଗୁଡିକୁ ପରୀକ୍ଷା ନିରୀକ୍ଷା କଲେ । ବାସ୍ତବ ଜଗତର ପ୍ରାକୃତିକ ବସ୍ତୁ ଗୁଡିକ ସହିତ ଆଧ୍ୟାତ୍ମିକ ଜଗତର କାଳ୍ପନିକ ବସ୍ତୁ ସହିତ ତୁଳନା କରି ଦେଖିଲେ ଯେ ଆଦୌ ମେଳ ଖାଉନାହିଁ । ବହୁତ ବିରୋଧାଭାସ ରହୁଛି । ବୈଜ୍ଞାନିକ ମାନେ ପ୍ରକୃତିକୁ ଗଭୀର ଭାବେ ନିରୀକ୍ଷଣ କରି ବିଭିନ୍ନ ପ୍ରକାର ପ୍ରଶ୍ନ ଯଥା : ପୃଥିବୀର ଜନ୍ମ କିପରି ହେଲା ? ଧରତୀରେ ପ୍ରଥମେ ଜୀବନ ସୃଷ୍ଟି କିପରିହେଲା ? ପୃଥିବୀର ଜଳବାୟୁ ନିୟନ୍ତ୍ରଣ ହେଉଛି କିପରି ? ମଣିଷକୁ କିଏ ଜାତ କଲା ? ଅନ୍ୟାନ୍ୟ କୋଟି କୋଟି ଜୀବ ଜନ୍ତୁ ମଧ୍ୟରୁ କେବଳ ମାନବ ମସ୍ତିଷ୍କ ହିଁ ବିକାଶ ଲାଭ କଲା କିପରି ? ଏଗୁଡିକ ମଣିଷ ମନର କୌତୁହଳ ବା ସାଧାରଣ ପ୍ରଶ୍ନ ନୁହେଁ । ବହୁତ ଗମ୍ଭୀର ପ୍ରଶ୍ନ । ଏହାର ଉତ୍ତର ପାଇଁ ମାନବର ଅସ୍ତିତ୍ୱ, ତା'ର ବିକାଶ, ଜଙ୍ଗଲର ହିଂସ୍ର ପଶୁଙ୍କ ଠାରୁ ଏବଂ ପ୍ରାକୃତିକ ବିପର୍ଯ୍ୟୟ ବେଳେ ନିଜର ସୁରକ୍ଷା କିପରି କରିହେବ ଉପାୟ ଖୋଜିବାକୁ ପଡିଲା । ଆଦିମ କାଳରେ ବିଭିନ୍ନ ସମୟରେ ହେଉଥିବା ଭୀଷଣ ଝଡ ତୋଫାନ, ଭୀଷଣ ବର୍ଷା, ସେହି ସମୟରେ ଭୟଙ୍କର ବିଜୁଳି ସହିତ ଘଡଘଡି ଦେଖି ମଣିଷ ଭୟରେ ଥରହର ହେଉଥିଲା କିନ୍ତୁ ନିଜକୁ ରକ୍ଷା କରିବାର ଉପାୟ ପାଉ ନଥିଲା ।

ସେହିଭଳି ଶୀତ ଦିନେ ଭୀଷଣ ଥଣ୍ଡା, କେତେ ସ୍ଥାନରେ ବରଫ ପଡିଲେ ଲୋକମାନେ କଷ୍ଟ ଭୋଗ କରୁଥିଲେ । ଗରମ ଦିନେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ମଣିଷ ମୃତ୍ୟୁ ବରଣ

ISSN NO.
2582-208X

କରୁଥିଲେ । ବେଳେବେଳେ ଭୂମିକମ୍ପ ବା ସୁନାମୀ ଆସିଲେ ବହୁତ ସଂଖ୍ୟାରେ ଜନହାନୀ ଘଟୁଥିଲା । ଏହି ସବୁ ଘଟଣାର ଅସଲ କାରଣ ଆଦି ମାନବକୁ ଜଣା ନଥିଲା କିମ୍ବା ଜାଣିବାକୁ ଚାହୁଁ ନଥିଲା । ସେମାନଙ୍କ ଭିତରୁ କିଛି ବୁଦ୍ଧିଆ ବ୍ୟକ୍ତି ଚିନ୍ତା କରି କହିଲେ ଏସବୁ କୌଣସି ଅଦୃଶ୍ୟ ମହାଶକ୍ତି ଦ୍ୱାରା ସମ୍ଭବ ହେଉଛି । ଆମେ ସେହି ଅଦୃଶ୍ୟ ଶକ୍ତିକୁ ବିନମ୍ରତା ସହିତ ପୂଜା ଓ ପ୍ରାର୍ଥନା କଲେ ସେ ଆମର ଜୀବନ ରକ୍ଷା କରିବ । ଏଇଠି କେବଳ ବଞ୍ଚି ରହିବା ହିଁ ଥିଲା ତାଙ୍କର ଅସଲ ଉଦ୍ଦେଶ୍ୟ ।

ଆଜିର ଯୁଗରେ ମଧ୍ୟ ଆମେଜନର ଜଙ୍ଗଲବାସୀ ହୁଅନ୍ତୁ କିମ୍ବା ଆଫ୍ରିକାର ଘଞ୍ଚ ଜଙ୍ଗଲର ଆଦିବାସୀ ମାନଙ୍କ ପାଇଁ କେବଳ ଖାଇ ପିଇ ବଞ୍ଚି ରହିବା ହିଁ ଏକ ମାତ୍ର ଇଚ୍ଛା । ସେମାନେ ଲକ୍ଷ ଲକ୍ଷ ବର୍ଷ ଧରି ମଣିଷର ବିକାଶକ୍ରମର ଜ୍ୱଳନ୍ତ ଉଦାହରଣ । ସେମାନେ ଜଙ୍ଗଲ ବାହାରେ ପ୍ରଚଳିତ ଆଧ୍ୟାତ୍ମିକ ଧର୍ମ ଦ୍ୱାରା ସଂକ୍ରମିତ ହୋଇନାହାନ୍ତି । ସେମାନଙ୍କ ସଂସ୍କୃତିରେ କୌଣସି ଦେବୀ ଦେବତା ନାହାନ୍ତି । ପୃଥିବୀ କିପରି ସୃଷ୍ଟି ହେଲା? ପୃଥିବୀରେ ଜୀବନ ଓ ମଣିଷ କିପରି ଜାତ ହେଲା ? ଏସବୁ ଆଦିବାସୀ ମାନଙ୍କ ପାଇଁ ସେତେବେଳେ କିଛି ଅର୍ଥ ନଥିଲା ଏବଂ ଆଜି ବି ନାହିଁ । ସେମାନେ ଦୁନିଆରେ କିପରି ବଞ୍ଚି ରହିବେ ସେତିକି ହିଁ ଚିନ୍ତା କରନ୍ତି ।

ଦୁନିଆର ଅଲଗା ଅଲଗା ସ୍ଥାନରେ ଦଶ ବାର ହଜାର ବର୍ଷ ପୂର୍ବରୁ ପ୍ରଥମେ ଫସଲ ଚାଷ କରିବା ମଣିଷ ଶିଖିଲା । ଏହା ଦ୍ୱାରା ଖାଦ୍ୟ ଅନ୍ୱେଷଣରେ ମାନବ ସମୂହ ବଣ ଜଙ୍ଗଲରେ ଘୁରି ବୁଲିବା କମ ହୋଇଗଲା । ମଣିଷ ମାନେ ଏକତ୍ର ରହିବାକୁ ଚାହିଁଲେ । ପ୍ରଥମେ ପରିବାର, ତାପରେ ଧୀରେ ଧୀରେ ଗ୍ରାମ, ନଗର ଆଦି ଗଠନ ହେଲା । ଏହି ସଭ୍ୟତାର ବିକାଶ ହେବା ପରେ କୃଷି ଓ ପଶୁ ପାଳନ କରିବା ମୁଖ୍ୟ କର୍ମ ହେଲା । ସ୍ତ୍ରୀ ଓ ପୁରୁଷ ସମସ୍ତେ ନିଜ ନିଜର କ୍ଷମତା ଅନୁସାରେ କାମ କଲେ । କିଛି ବୁଦ୍ଧିଆ ଲୋକ ପ୍ରଶ୍ନ କଲେ – ଦୁନିଆକୁ କିଏ ତିଆରି କଲା ? ମଣିଷକୁ କିଏ ଜନ୍ମ କଲା ? ମଣିଷର ମୃତ୍ୟୁ ପରେ କ'ଣ ହୁଏ ? ଏହି ସବୁ ପ୍ରଶ୍ନର ଉତ୍ତର କେହି ଜାଣି ନଥିଲେ ତେଣୁ ମଣିଷ ସମାଜରେ ରହୁଥିବା କିଛି ଅଳସୁଆ, ଠକ ଓ କର୍ମଭୀରୁ ପ୍ରବୃତ୍ତିର ଲୋକ ବାସ୍ତବିକ ଦୁନିଆର ସୃଷ୍ଟି ଉପରେ ଅଜବ କଳ୍ପନା କଲେ । ପାଖଣ୍ଡି ଲୋକମାନେ କହିଲେ ଶୂନ୍ୟରେ ଏକ ମହାଶକ୍ତି ଅଛି ତାର ନାମ ଇଶ୍ୱର । ସେ ହିଁ ସବୁ କରୁଛି । କେବଳ ଶାରୀରିକ ପରିଶ୍ରମ କରି ଜୀବନ ନିର୍ବାହ କରୁଥିବା ସରଳ ବିଶ୍ୱାସୀ ଜନତାଙ୍କୁ ଭୁଲେଇ ଠକି ଧୂର୍ତ୍ତ ଲୋକମାନେ ଏକ କାଳ୍ପନିକ

ISSN NO.
2582-208X

ଜଗତରେବହୁତ ସହଜରେ ଭ୍ରମଣ କରାଇଲେ। ଏହି ଦୁନିଆରେ ଯାହା ସୁଖ ଦୁଃଖ ଭୋଗ କରୁଛ ସବୁ ମିଛ ଓ ମାୟା । ଇଶ୍ୱରଙ୍କ ଦୁନିଆରେ ସବୁ କିଛି ସୁଖଦାୟକ । ଧର୍ମ କାମ କଲେ ମୃତ୍ୟୁ ପରେ ତୁମକୁ ମୋକ୍ଷ ପ୍ରାପ୍ତ କରି ସ୍ୱର୍ଗକୁ ଯିବାକୁ ହେବ । ମନ୍ଦ କର୍ମ କଲେ ନରକ ଭୋଗ କରିବାକୁ ପଡିବ । ଆମେ ତୁମକୁ ଧର୍ମ କର୍ମ ଶିକ୍ଷା ଦେବୁ । ମୋକ୍ଷ ପ୍ରାପ୍ତ କରି ସ୍ୱର୍ଗ ଯିବା ମାର୍ଗ ଦେଖେଇ ଦେବୁ । ସେଥିପାଇଁ ତୁମେ ପରିଶ୍ରମ କରି ଯେଉଁ ଧନ ରୋଜଗାର କରିବ ସେଥିରୁ ଆମକୁ ଖୁଆଇ ପିଆଇ ପୋଷିବାକୁ ପଡିବ । ଗୋଟିଏ ଦିଗରେ ଦୁଃଖରୁ ମୁକ୍ତି ଓ ମୋକ୍ଷ ପ୍ରାପ୍ତିର ସୁଖଦ ଆଶ୍ୱାସନା, ଅନ୍ୟ ଦିଗରେ ଯମାଳୟର ନରକ ଯନ୍ତ୍ରଣାର ଭୟ ଦେଖାଇ ନିଜର ଏକ ସୁନ୍ଦର ବ୍ୟବସାୟ ସଂଗଠନ ସ୍ଥାପନ କରିଦେଲେ, ଯାହା ଆଦିମ କାଳରୁ ଆଜିଯାଏ ଚାଲିଛି ।

ଦୁନିଆର ବିକଶିତ ବିଜ୍ଞାନ ଆଜି ତଥ୍ୟ ଓ ପ୍ରମାଣ ସହିତ ଶତ ପ୍ରତିଶତ ସିଦ୍ଧ କରି ସାରିଛି ଯେ ବିଶ୍ୱ କୌଣସି ଇଶ୍ୱର ବନେଇ ନହିଁ । ଏହା ବିବର୍ତ୍ତନବାଦର ଏକ କ୍ରମାଗତ ପ୍ରକ୍ରିୟା । ଆଜି ପର୍ଯ୍ୟନ୍ତ ବିଗବ୍ୟାଙ୍ଗ ଥିଓରିକୁ କେହି ଅସତ୍ୟ ବୋଲି କହିନାହାନ୍ତି । ଯେହେତୁ ବିଜ୍ଞାନରେ କେବେ ପୂର୍ଣ୍ଣ ଛେଦ ପଡେନାହିଁ ତେଣୁ ହୁଏତ ଭାଷ୍ୟତରେ ବିଗବ୍ୟାଙ୍ଗ ଥିଓରିକୁ କେହି ଚ୍ୟାଲେଞ୍ଜ କରି ପାରେ । ଆଉ କିଛି ନୂତନ ବୈଜ୍ଞାନିକ ତଥ୍ୟ ମଣିଷ ଜାଣିବାକୁ ପାଇବ ।

(((-)))

ବାଙ୍ଗାଲୋର
ମୋ: ୮୧୪୭୨୦୮୭୪୬

ISSN NO.
2582-208X

# 'ମା'

ସ୍ୱାଗତିକା ନାଏକ

ଅନ୍ତରର ଭାଷା ବୁଝି ପାରେ,

ଅନ୍ତରର କୋହକୁ ହୃଦୟଙ୍ଗମ କରେ ।

କିଛିନ ଜାଣିବି ଦେଖି ବହୁ କିଛି ଜାଣିଯାଏ,

ନିସ୍ୱାର୍ଥ ସ୍ନେହ ହିଁ ତାର ଅନ୍ତରରୁ ପୁଟେ ।

ଅନ୍ତରରୁ ଅତି ଅନ୍ତର ସେ,

ସୃଷ୍ଟି ସର୍ଜନାର ଆରମ୍ଭ ହିଁ ତାର

ଅନ୍ତର ଭିତରେ ।

ଅତୁଳନୀୟ ସେ, ଅବର୍ଣ୍ଣନୀୟ ତ୍ୟାଗ,

ତ୍ୟାଗର ଅନ୍ୟ ନାମ 'ମା',

ଜୀବନ ସମର୍ପିତ ହେଉ ତାରି ସେବାରେ ।

ଟୁଟୁସିଙ୍ଗା, ବୌଦ୍ଧ

ISSN NO.
2582-208X

# ପୁରୁଣାକୁ ନୂଆ କରେ ନୂଆକୁ ନଆର୍



ସୂର୍ଯ୍ୟ ନାରାୟଣ ସାହୁ

ମଣିଷ ଦିନକୁ ଦିନ ଯେତେ ବଡ଼ ହେଇ ହେଇ ଯାଉଛି ସେ ଅତୀତର କଥା ସେତିକି ସେତିକି ଭୁଲି ଭୁଲି ଯାଉଛି । ହେଲେ ଆଜି କାଲିକା ନୂଆ ଯୁବ ପିଢ଼ି ପାଇଁ କେତେ ଜିନିଷ ଲୋପ ପାଇସାରିଲାଣି । ୫୦/୨୦ ଦଶକର ପିଲା ମାନଙ୍କ ଯୁଗ ବା ସେଇ ସମୟକୁ ଗୋଟେ ଗୋଲଡେନ ଏରା ବୋଲି କୁହାଯାଏ । ଆଉ ସେଇ ସମୟରେ ଯେଉଁ ମାନେ ଜନ୍ମ ନେଇଛନ୍ତି ସେମାନେ ଜୀବନରେ ସବୁ ଖୁସି ନିଶ୍ଚୟ ପାଇଛନ୍ତି । ଚାଲନ୍ତୁ ଏମିତି ଏକ ସ୍ମୃତି ପଢିବା, ଯାହା ଆପଣ ମାନଙ୍କୁ ମଧ୍ୟ ନେଇଯିବ ସେ ଯୁଗର ଇତିହାସ ପାଖକୁ ।
***********************************

ଦୂର.. ତାଳ.. ବଣେ...
ଦୂର...ତାଳ...ବଣେ....
ବାୟା.. ବଧୁର...ବସା..
ବାୟା...ବଧୁର... ବସା... ।

ରେଡ଼ିଓର ସଂଗୀତ ମୂର୍ଚ୍ଛନା, ଝରକାର ମୃଦୁ ମଳୟ ପବନରେ ଭାସି ଆସୁଥିଲା । ... ମୁଁ ବୋଉ କୋଳରେ ଶୋଇ ଶୁଣୁଥାଏ .. ।

ଲାଗୁଥିଲା ଯେମିତି ମୁଁ ଗୋଟେ ୨୦ ଦଶକର ହିରୋ । ନହେଲେ ଆଜିକାଲି କା ପିଲା ହୋଇ ଏମିତି ମାନ୍ଧାତା କାଳର ଗୀତ କାହିଁକି ଶୁଣୁ ଥାନ୍ତି!! ଭାରି ଭଲ ଲାଗୁଥିଲା ସେଇ ଅତୀତକୁ ଫେରିଯିବା.. । କେଜାଣି କାହଁକି ସେଇ ଅତୀତରେ ଏମିତି କିଛି ସ୍ୱାଦ ଥିଲା ।

ISSN NO.
2582-208X

ଅତୀତର ସ୍ୱାଦ ଚାଖି ଚାଖି ଭବିଷ୍ୟର ସ୍ୱାଦ ଚାଖିବାକୁ ଆଉ ଇଛା ନାହିଁ । ଢେର ସାରା କଥା ମନେ ପଡିଯାଉଥିଲା ଛବିଳ ବର୍ଣ୍ଣବୋଧ ବହି ପରି..।

ଚକା ଚକା ଭଉଁରୀ, ଏଇ ଆମ ଘର, ଆସ ଆମେ ଖେଳିବା, ଜହ୍ନ ମାମୁ, କାଳୀଯାଇ, କଳା ମାଣିକରେ, ଦୁଃଖୀ ଧନନୀଳ ମଣିରେ, ହଁ ଆଉ ଏକ କବିତା ଯାହା ଗ୍ରାମ୍ୟ ଜୀବନର ସରଳ ଜୀବନ ଯାପନ ଲୋକମାନଙ୍କ ବିଷୟରେ ପ୍ରସ୍ଫୁଟିତ । ମନେ ଅଛି ସେଇ ଷଷ୍ଠ ଶ୍ରେଣୀର କବିତା ଯାହା ସଚ୍ଚି ରାଉତ ରାୟଙ୍କର କୃତି "ଛୋଟ ମୋର ଗାଁ ଟି" ତାହେଲେ ଟିକେ ମନେ ପକେଇ ଦେଉଛି ....

"ଛୋଟ ମୋର ଗାଁ ଟି...
ଭୂଗୋଳ ପୋଥି ପନ୍ଥରେ ପଚ୍ଛେ ନଥାଉ ତାର ନାଁ'ଟି ।"
ଏମିତି କେତେ କବିତା... ଭାସି ଆସୁଥିଲା କଳା ମେଘ ପରି ।

ସବୁବେଳେ ମୋ ମନର ହିରୋଟା ଜାଗ୍ରତ ହୋଇ ଉଠୁଥିଲା ସେ କବିତା ଆଉ ଗୀତ ସବୁ ଶୁଣି.. । ଭାରି ଭଲ ଲାଗୁଥିଲା । ଶୁଣିବାକୁ କାନର ପରଦା ଗୁଡିକ ଏକ ନିରବ ଅସ୍ପୃହା ଉନ୍ମାଦନା ସୃଷ୍ଟି କରୁଥିଲା ଯେମିତି । ଲୋମ ଗୁଡାକ ଟାଙ୍କୁରୀ ଉଠୁଥିଲା । କେଜାଣି କାହିଁକି ଅତୀତ କଥା ମନ ପଡିଲେ ମୁଁ ଏକ ଅବାସ୍ତବ ଜଗତକୁ ଟାଣି ହେଇ ଯାଏ ଯେମିତି ।

ଭବିଷ୍ୟତ ଆଡକୁ ଚାହିଁବାକୁ ଜମା ଇଛା ହୁଏନି । ଯୌବନରେ ଥାଇ ମଧ୍ୟ ଅତୀତର ସେଇ ଧୂଳି ମାଟି ଖେଳିବାକୁ ମନରେ କୌତୁହଳ ଉପୁଜୁଥିଲା । ଦଶମ ଶ୍ରେଣୀ ସେଇ କବିତା ବିନୋଦ ଚନ୍ଦ୍ର ନାୟକଙ୍କ କୃତି "ଗ୍ରାମପଥ" ଯାହା ଆଜି ମଧ୍ୟ ମୋ ମନକୁ ରୁଦ୍ଧିମନ୍ତ କରୁଛି । ଆପଣ ମାନେ ଦଶମ ଶ୍ରେଣୀ ସାହିତ୍ୟ ବହିରେ ନିଶ୍ଚୟ ପଢ଼ିଥିବେ...ତଥାପି ଟିକେ ମନେ ପକେଇଦେଉଛି..

"ଦୂର ତାଳ ବଣେ,
ଆକାଶ ଶୁଣାଏ,
ମାଟିର କବିତା କି ସେ!!,

ISSN NO.
2582-208X

ଏ ଗ୍ରାମ ର ପଥ,
ତହିଁ ଦିଗନ୍ତ ମିଶେ,
କ୍ଷେତ ପରେ କ୍ଷେତ, କାଶ ଫୁଲ ଆଉ,
ବେଣା ରେ ଜଟିଳ ପାଟ,
ପାଟ ପରେ ବଣ,
ବଣ ପାରି ହେଲେ,
ମାମୁ ଘର ଗାଁ ଦିଶେ... । "

ଇଛା ହଉ ଥିଲା ପୁଣି ଥରେ ଯାଇ ଦଶମରେ ଜଏନ କରି ଆଜିର ବାସ୍ତବତାକୁ ଭୁଲି ଯିବାକୁ ।ମନରେ ଅସରାୟ ଇଛା ବର୍ଷାର ପାଣି ଫୋଟକା ପରି ଅହେତୁକ ସ୍ଫୁରଣ ଭାସି ଆସୁଥିଲେ ସୁଦ୍ଧା ନିରୁପାୟ ଥାଏ । ସେଇ ଅତୀତକୁ ଫେରିଯିବାକୁ । ଇଛା ହୁଏ ପ୍ରଥମ ବର୍ଷାର ମାଟିରେ ପଡିଲା ମାତ୍ରେ ମାଟିର ବାସ୍ନାକୁ ଘ୍ରାଣ କରିବା ପାଇଁ ଏବଂ ମାଟିର ମଣିଷ ହୋଇ ସେଇ ମାଟି ଉପରେ ଥାଇ ବଞ୍ଚିବାର ଆଶା ସଞ୍ଚାର କରୁଥିଲା । ଏମିତି ସେଇ ଅତୀତର ଗୀତ ଶୁଣି ଅତୀତର ବହୁତ କଥା ମନେ ପଡ଼ିଯାଏ । ହେଲେ ଆଜିର ବାସ୍ତବତା ତା'ର ଲୁହା ଶିକୁଳିରେ ମୋ ଗୋଡ଼କୁ ବାନ୍ଧି ଦେଇଥିଲା ଯେମିତି । ଗୋଟେ ମଲା ମଣିଷ ପରି ମୁଁ ପଡି ରହିଛି ଆଉ ଯୌବନରେ ପଦାର୍ପଣ କରି ସୁଦ୍ଧା ମତେ ପଙ୍ଗୁ ପରି ଅନୁଭୂତ ହେଉଛି । କାଶ ତଣ୍ଡି ଫୁଲ ପରି ଜୀବନ ଅତି ସରଳରେ କଟୁଥିଲା । ଯେମିତି ସମୁଦ୍ରର ଊର୍ମି ମାଳା କୂଳକୁ ଛୁଇଁବାକୁ ବ୍ୟାକୁଳ ହୁଅନ୍ତି ଯେମିତି ବୟସର ଅପରାହ୍ନରେ ସନ୍ଧ୍ୟା ଆଡକୁ ଆଗେଇ ଚାଲିଥାଏ ଠିକ ସେମିତି । ଜୀବନ ମରଣ ଆଡକୁ ଗତିଶୀଳ ହୋଇଚାଲିଥାଏ । ଏହା ହିଁ ତ ବାସ୍ତବତା ।

ଆପଣ ମାନେ ପୁରୁଣା ଜିନିଷ ଯଦି ଘରେ ଥାଏ ଫୋପାଡ଼ି ଦିଅନ୍ତି । ସେହି ଯାଗାରେ ନୂଆ ଜନିଷକୁ ଆଶ୍ରା ଦିଅନ୍ତି । ହେଲେ ମୁଁ ସେଇ ନବେ ଦଶକର ଜିନିଷକୁ ଭଲ ପାଏ । ଆଉ ସେଇ ଜିନିଷକୁ ସାଇତି ରଖେ ମୋ ମାନସପଟରେ । ସେଇ ଜିନିଷକୁ ଦେଖିଦେଲେ ମୋ ଅତୀତ ବହେ ଗାଥା ମନେ ପଡ଼ିଯାଏ । କେଜାଣି କୋଉ କାଳୁ ସେ ଜନ୍ମ ହେଇଥିବ ?? ଯୁଗ ଯୁଗ ଧରି କେତେ ପୁରୁଷ ତା'ରି ଉପରେ ହାତ ବୁଲାଇ ଆସିଥିବେ । ଆଉ ସେଇ ଜିନିଷରେ ବାପ– ଅଜା ମାନଙ୍କର ଆଙ୍ଗୁଠିର ହାତ ଛାପ ଥିବ । ଥରୁଟେ ଦେଖିଦେଲେ ମୋ

ISSN NO.
2582-208X

ମନରେ ଅସରାଏ ବର୍ଷାର ପାଣି ଫୋଟୋକା ପରି କେତେ ପ୍ରଶ୍ନ ମନକୁ ଆସିଯାଏ । ଉଙ୍କିମାରେ ଅସରାଏ ଅସୁମାରୀ । କେତେ ପ୍ରତିଛବି । ଲୁହରେ ଟଳ ମଳ ହେଇଯାଏ ସେଇ କ୍ଷଣିକ ପାଇଁ । ଦିଗନ୍ତ ହରା ପଥିକ ପରି ଖୋଜିବୁଲେ ସେଇ ଅତୀତକୁ ।

ଅପରାହ୍ଣ ସୂର୍ଯ୍ୟର ବିଦଗ୍ଧ ଖରା ତାତିରେ ଜର୍ଜରିତ ହୋଇ ଉଠେ ଅତୀତ । କେଜାଣି କାହିଁକି ଅତୀତ କଥା ମନକୁ ଆସିଲେ ରକ୍ତ ବୁନ୍ଦା ସବୁ ଏକ ଉନ୍ମାଦନା ସୃଷ୍ଟି କରନ୍ତି ଯେମିତି । କର୍ଣ୍ଣପଟରେ ଶୁଣିବାକୁ ଇଚ୍ଛା ହୁଏ ସେଇ ସ୍ମୃତି ସବୁ । ଛାତିରେ ଅହେତୁକ ଶୀହୀରଣ ଖେଳିଯାଏ । ବୁନ୍ଦା ବୁନ୍ଦା ରକ୍ତ ମୋର ରାତ୍ରିର ଜାଗ୍ରତ ପ୍ରହରୀ ପରି ଉଠି ବୁଲେ ।

ମୋ ଶରୀରର ପ୍ରତ୍ୟେକଟି ସ୍ନାୟୁ ଚଳ-ଚଞ୍ଚଳ ହୋଇ ଉଠେ । ହାତ ଗୋଡ଼ରେ ଲୋମ ସବୁ ଟାଙ୍କୁରୀ ହୋଇ ଉଠେ, ଯେମିତି କୋଉ ଏକ କାରଗିଲ ଯୁଦ୍ଧ ରଣଭୂମିର ସୈନିକଙ୍କ ପରି । ମୋ ମନର ହିରୋଟା ଯେମିତି ପୁରୁଣା "ଯାଯାବର" ଫିଲ୍ମର ଶ୍ରୀରାମ ପଣ୍ଡାଙ୍କ ପରି ଉଠି ବସୁଥିଲା । ସତେ ଯେମିତି ଗୋଟେ ଯାଗାରେ ମୁଁ ଯେମିତି ସ୍ଥାୟୀ ନୁହଁ । ସେଇ ଶ୍ରୀରାମ ପଣ୍ଡାଙ୍କ କଥା ଆଜି ବି ମନେ ପଡି ଯାଏ । ବଧୂ ନିରୁପମା, କାବେରୀ, ସାଗର - ଶାମୁକା,1942 a love story, ଏମିତି କେତେ ଚଳଚିତ୍ର । ଆଜିର ହିରୋ ମାନଙ୍କ ପରି ଇଚ୍ଛା ହୁଏନି ରଙ୍ଗ -ବେଶ, ସାଜ- ସଜା, ଇଚ୍ଛା ହୁଏନି ଏଇ ଜିନ୍ସ ପ୍ୟାଣ୍ଟ ଆଉ ଶାର୍ଟ ।

ଫେରିଯିବାକୁ ଇଚ୍ଛା ହୁଏ ଜେଜେ ବାପାଙ୍କ ସେଇ ଧୋତି- କୁର୍ତ୍ତା ପାଖକୁ । ମଣିଷ ଜନ୍ମ ନେଇଛି ଯେତେବେଳେ ସମୟର ସ୍ରୋତରେ ବହି ଯାଇ ଆଜି ର ଯୁଗୋପଯୋଗୀ ହେବା ନିମନ୍ତେ ଯଥାର୍ଥ ଆବଶ୍ୟକତା ହୋଇ ପଡୁଛି । ହେଲେ ମୋ ମନର ମାନସ ପଟଟା ଖୋଜୁଥାଏ ସେଇ ଅତୀତକୁ । ସତେ!! ଯେମିତି କାଳର କରାଳ ରୂପରେ ସେଇ ଅତୀତର ବହୁତ କିଛି ହରେଇ ବସିଛି!!

ଆଗ ପରି ଆଉ ତାଳ ବଣ ନାହିଁ କି ବାଇ ଚଢେଇ ବସା ବି ଦେଖିବାକୁ ସ୍ୱପ୍ନ । ଆମ୍ବ ତୋଟା, ଗାଡ଼ିଆ, ପୋଖରୀ, ନଇ- ନାଳ, ଆଉ ସେଇ ବିଲ, ପାହାଡ଼, ନଈ ପଠାର ସେଇ କାଶ ତଣ୍ଡି ଫୁଲ,କୁଆଁରୀ ମାନଙ୍କ ଜହ୍ନି ଉଷା, ବାଡ଼ରେ ମାଳିଥିବା ସେଇ ଅପରାଜିତା, ଜହ୍ନି ଫୁଲ, ବର୍ଷା ହେଲେ ସାଙ୍ଗ ମାନେ ସବୁ ମିଶି ପୋଖରୀ ପହଁରା, ନଈରେ

ISSN NO.
2582-208X

ପାଣି ଆସିଲେ ପହଁରିବା, ବାଟି ଖେଳ, ବାସ୍କେଟ ବଲ, ବୋହୁ ଚୋରି ଖେଳ, କିତ କିତ, ସାଙ୍ଗକୁ କବାଡି, ଚକା ଭଉଁରୀ, ଚୋର – ପୋଲିସ, ରାଜା – ମନ୍ତ୍ରୀ, ବିଷ -ଅମୃତ, ମୂଷା – ବିରାଡ଼ି, କ୍ରିକେଟ, ସବୁଠୁ ମଜାଦାର ଥିଲା । ଧାନ ଖଳାରେ ଧାନ ଗଦାରେ ଲୁଚକାଳି ଖେଳ, ଦୌଡ଼, ହାଣ୍ଡି ବାଡ଼ିଆ, ଏଇସବୁ ସାଥେ ଆମ୍ବ ତୋଟାରେ ଡାହୀ – ମାଙ୍କଡ଼, ଏମିତିକି ଜେଜେଙ୍କ ଠାରୁ ଆଠଅଣା ପଇସା ନେଇ ଆଇସକ୍ରିମ ବାଲା ଠାରୁ ଆଇସକ୍ରିମ ଖାଇବା, ଆମ୍ବ, ପଣସ, ଏଇ ସବୁ ଚୋରି କରି ଖାଇବା, ଲଣ୍ଠନ ନେଇ ଟ୍ୟୁସନ ଯିବା, କାଗଜକୁ ମୋଡି ତାକୁ ସିଗାରେଟ ଆକାର କରି ମିଛି ମିଛିକା ସିଗାରେଟ ଖାଇବା, ଶଗଡ଼ ଗଲା ବେଳେ ପଛପଟୁ ଟାଣି ଧରିବା,ତାଳ – ଖଜୁରୀ ସାଙ୍ଗ ସାଙ୍ଗ ଭିତରେ ଭାଗ ବଣ୍ଟା, ନଇ ବାଲିରେ ଘର କରିବା, ଦୌଡ଼ା-ଦୌଡ଼ି ହେବା, କଳା – ଧଳା ଟିଭି ରେ ଶକ୍ତିମାନ,ଆଉ ରଙ୍ଗୋଲି ଭଳି କାର୍ଯ୍ୟକ୍ରମ ଦେଖିବା, ଦୀପାବଳି ସମୟ ଆସିଲେ ପିସ୍ତଲ କିଣି ରିଲ ବାଣ ନେଇ ଫୁଟାଇବା, ସେକାଳର ହାବେଳୀ ବାଣ ସାଙ୍ଗକୁ ମାଣ ବସା ଗୁରୁବାରେ ବୋଉ ହାତ ରନ୍ଧା ପୋଡ଼ ପିଠା ଆଡିଶା, ଚକୁଳି, ବିଭିନ୍ନ ରକମର ଫଳ ସବୁ ଆଜିର ବାସ୍ତବ ଦୁନିଆରେ ଆଉ ନାହିଁ । ହଜି ଯାଇଛି ସବୁ ଇତିହାସ । ନଦୀ ଗର୍ଭରେ ଲୀନ ହେଇଯାଇଛି । ଆଜି କୋଉ ପିଲା ପାଖରେ ସମୟ ନାହିଁ, କାହା ପାଖରେ ବନ୍ଧୁତାର ପରିଭାଷା ନାହିଁ, କାହା ପାଖରେ ଧର୍ଯ୍ୟ ନାହିଁ, କାହା ପାଖରେ ଆନ୍ତରିକତା ନାହିଁ, ତଥାପି... ତଥାପି ହସୁଚି ସେଇ ଅତୀତର ସ୍ମୃତି ପଟକୁ ନେଇ । ଯାହା ୨୦ଦଶକର ପିଲା ହୋଇ ଆମେ ମାନେ ଉପଭୋଗ କରିଥିଲୁ, ତାହା ଆଜି କାଲିକା ପିଲା ବୁଝୁନାହାନ୍ତି । ସମସ୍ତେ ମୋବଇଲ ରେ ବ୍ୟସ୍ତ ହୋଇ ପଡିଲେଣି, କେହି ମଧ୍ୟ ବ୍ୟସ୍ତ ବହୁଳ ଜୀବନ ଭିତରେ ସୁଦ୍ଧା ଶାରୀରିକି ପରିଶ୍ରମ କରି ଖେଳ ଖେଳୁ ନାହାନ୍ତି । ବାହାରକୁ ଯାଇ ବୁଲାବୁଲି କରୁନାହାନ୍ତି, ପ୍ରକୃତିକୁ ଉପଭୋଗ କରୁନାହାନ୍ତି, ବିଲୀନ ହେଇଗଲାଣି ସବୁ । କେଜାଣି ଆମ ପରବର୍ତ୍ତୀ ପିଢ଼ି ଏଇସବୁ ବିଷୟରେ ଜାଣିବେ କି ନାହିଁ!! ସବୁ ଯେମିତି ଅପସରି ଯାଇଛି । ଦେଖିବାକୁ ମିଳୁ ନାହିଁ ଗାଁ.. ଗାଁ..ରେ ଆଉ ସେଇ ଶଗଡ଼ ଗାଡି । ଦେଖା ଯାଉନି ଗାଁ ମାନଙ୍କରେ ସେଇ ଲ୍ୟାଣ୍ଡ ଫୋନ । ଦେଖା ଯାଉନାହିଁ ସେଇ ସେଇ କଙ୍କି ପ୍ରଜାପତି । ଏଇସବୁ ଯେମିତି ଆଧୁନିକ ବାସ୍ତବ ଜଗତ ଠାରୁ ବିଦାୟ ନେଇ ସାରିଛି..... ହଁ...ବିଦାୟ ନେଇ ସାରିଛି.... ।

ISSN NO.
2582-208X

ସେଥିପାଇଁ ଏଇ ଲେଖା ମୋର...
ପୁରୁଣାକୁ ନୂଆ କରେ ନୂଆକୁ ନିଆରା ।

ଆଶା କରୁଛି ଏଇ କାହାଣୀ ଟି ଆପଣଙ୍କ ମାନସ ପଟରେ ଅତୀତର ସ୍ମୃତି ସବୁ ଜୀବନ୍ତ ହୋଇ ନାଚି ଉଠିଥିବ ।

(((-)))

ଶିକ୍ଷକ, De-paul ସ୍କୁଲ, ଆସ୍କା, ଗଞ୍ଜାମ

ISSN NO.
2582-208X

# ଭାଗବତ କଥା- ୩୩



ନରେନ୍ଦ୍ର ପ୍ରସାଦ ବେହେରା

## ବାମନରୂପୀ ଭଗବାନ ମହାଦାନୀ ବଳୀରାଜାଙ୍କୁ ତିନିପାଦ ଭୂମି ମାଗିବାର କାରଣ କଅଣ ଥିଲା

ସମୁଦ୍ର-ମନ୍ଥନ ସମୟରେ ଦେବତାମାନଙ୍କ ସହିତ ହୋଇଥିବା ଯୁଦ୍ଧରେ ଅସୁରରାଜ ବଳି ପରାସ୍ତ ହେଲେ ସତ,କିନ୍ତୁ ଭାଙ୍ଗିପଡି ନ ଥିଲେ । ସେ ପ୍ରତିଶୋଧ ପରାୟଣ ହୋଇ ନୂତନ ଉତ୍ସାହ ସହକାରେ ଏକ ଯଜ୍ଞାନୁଷ୍ଠାନ ଆରମ୍ଭ କଲେ । ସେହି ଯଜ୍ଞକୁଣ୍ଡରୁ ବହୁ ମାରାତ୍ମକ ଅସ୍ତ୍ରମାନ ବାହାରିଲା । ବଳିରାଜା ସେହି ଅସ୍ତ୍ରରେ ବଳୀୟାନ ହୋଇ ଇନ୍ଦ୍ରପୁରୀ ଉପରେ ଆକ୍ରମଣ କଲେ । ଦେବଗୁରୁ ବୃହସ୍ପତି ଇନ୍ଦ୍ରଙ୍କୁ କହିଲେ ଯେ ବଳିର ଏହି ପ୍ରଭାବ ସ୍ୱୟଂ ଶ୍ରୀହରି ପ୍ରତିହତ କରିବେ । ବଳି ବିନା ବାଧାରେ ସ୍ୱର୍ଗ ଅଧିକାର କରିନେଇ ଦେବତାମାନଙ୍କୁ ବିତାଡିତ କରି ମହା ଆନନ୍ଦରେ ଅଶ୍ୱମେଧ ଯଜ୍ଞ ଆରମ୍ଭ କଲେ ।

ଇତି ମଧ୍ୟରେ ଅଦିତିଙ୍କ ଗର୍ଭରୁ ଭଗବାନ ଶ୍ରୀହରି ବାମନଦେବ ରୂପେ ଜନ୍ମ ହେଲେ । ବାମନଦେବଙ୍କର ଅପାଦମସ୍ତକ ଶରୀର ଥିଲା ଅତି କ୍ଷୁଦ୍ର ।ବାମନଦେବ ଶୈଶବାବସ୍ଥା ଅତିକ୍ରମ କରନ୍ତେ ତାଙ୍କର ଉପନୟନ ଆଦି କାର୍ଯ୍ୟ ସମ୍ପନ୍ନ ହେଲା । ହସ୍ତରେ କମଣ୍ଡଳୁ ଓ ଛତ୍ର ଧାରଣ କରି ସୂର୍ଯ୍ୟଙ୍କ ପରି ତେଜୋମୟ ବାମନଦେବ ବଳିରାଜାଙ୍କ ଯଜ୍ଞସ୍ଥଳରେ ଉପସ୍ଥିତ ହେଲେ । ଯଥାରୀତି ସମ୍ବର୍ଦ୍ଧନା ପୂର୍ବକ ବଳିରାଜା କହିଲେ-ହେ ପୂଜ୍ୟ ବ୍ରାହ୍ମଣ, ତୁମେ ମୋଠାରୁ କଅଣ ଦାନ ଇଚ୍ଛା କର ? ଗୋଧନ, ସୁବର୍ଣ୍ଣ, ହସ୍ତୀ, ଅଶ୍ୱ,ଅନ୍ନ-

ISSN NO.
2582-208X

ପାନୀୟ, ତୁମର ଯାହାଇଛା,ତାହା ମାଗ । ତୁମେ ଯାହା ଚାହିଁବ, ମୁଁ ଦାନ କରିବାକୁ ପ୍ରସ୍ତୁତ ଅଛି ।

ବାମନଦେବ ହସି ହସି କହିଲେ,ହେ ରାଜନ୍,ଏହା ଆପଣଙ୍କ ପରି ଦାନବୀର ରାଜାଙ୍କର ଯଥାଯୋଗ୍ୟ କଥା । ଆପଣଙ୍କର ପୂର୍ବପୁରୁଷ ପ୍ରହ୍ଲାଦ ମଧ୍ୟ ଥିଲେ ଜଣେ ମହାନ୍ ଦାତା । ଆପଣଙ୍କ ପିତା ବିରୋଚନ ମଧ୍ୟ ନିଜ ଶତ୍ରୁ ଦେବଗଣଙ୍କୁ ନିଜର ପରମାୟୁ ଦାନ କରିଥିଲେ । ପୂର୍ବପୁରୁଷଙ୍କ ପରି ଆପଣ ମଧ୍ୟ ଜଣେ ଦାନବୀର । ମୁଁ ଆପଣଙ୍କଠାରୁ ବିଶେଷ କିଛି ଚାହୁଁ ନାହିଁ । ମୋତେ କେବଳ ମୋର ପାଦ ପରିମିତ ତିନିପାଦ ଭୂମି ଦାନ କରନ୍ତୁ ।

ବଳି କହିଲେ–ହେ ବ୍ରାହ୍ମଣ,ତୁମେ ନିତାନ୍ତ ବାଳକ, ମୁଁ ତ ତିନି ଲୋକର ଅଧିଶ୍ୱର, ମୋତେ କେବଳ ତିନିପାଦ ପରିମିତ ଭୂମି ମାଗୁଛ ? ତୁମର ଭରଣପୋଷଣ ନିମନ୍ତେ ଯେତେ ପରିମାଣରେ ଭୂମି ମାଗୁଛ ମାଗ । ଏହାର ଉତ୍ତରରେ ବାମନଦେବ କହିଲେ–ରାଜନ୍ ! ମୋର ଅଧିକ ଭୂମି ଦରକାର ନାହିଁ । ମୋତେ କେବଳ ପାଦ ପରିମିତ ତିନିପାଦ ଭୂମି ଦାନକରି ପ୍ରତିଶ୍ରୁତି ରକ୍ଷା କରନ୍ତୁ ।

ଦେବଗୁରୁ ଶୁକ୍ରାଚାର୍ଯ୍ୟ ଏସବୁ ଦେଖୁଥିଲେ । ସେ ଧାଇଁ ଆସି ତାଙ୍କ ଶିଷ୍ୟ ଦୈତ୍ୟରାଜ ବଳିରାଜାଙ୍କୁ ସାବଧାନ କରାଇ ଦେଇ କହିଲେ–ଏ କଅଣ କରିବାକୁ ଯାଉଛନ୍ତି ମହାରାଜ ! ଏହି ବାମନରୂପୀ ବ୍ରାହ୍ମଣ ଅନ୍ୟ କେହି ନୁହଁନ୍ତି, ୟେ ହେଉଛନ୍ତି ସ୍ୱୟଂ ବିଷ୍ଣୁ । ସେ ଛଳନା କରି ତୁମ ନିକଟକୁ ଆସିଛନ୍ତି ତ୍ରିପାଦ ଭୂମି ଦାନ ମାଗିବାକୁ,ତୁମେ ତାହା ଦାନ କଲେ କେଉଁଠାରେ କି ପ୍ରକାରେ ଜୀବନ ଧାରଣ କରିବ ? ତୁମେ ଏପରି ଦାନ କାର୍ଯ୍ୟରୁ କ୍ଷାନ୍ତ ହୁଅ ମହାରାଜ ।

ବଳିରାଜା ଥିଲେ ମହଦନୀ । ସେ କହିଲେ– ହେ ଗୁରୁଦେବ,ମୁଁ ହେଉଛି ପ୍ରହ୍ଲାଦଙ୍କ ବଂଶଧର । ମୁଁ ଦାନ ଦେବି ବୋଲି ବ୍ରାହ୍ମଣଙ୍କୁ କଥା ଦେଇସାରିଛି । ମୋର କଥା ମୁଁ ଫେରାଇ ନେଇପାରିବି ନାହିଁ । ସୁତରାଂ ମୋ ସମ୍ମୁଖରେ ଯେଉଁ ବ୍ରାହ୍ମଣ ଉପସ୍ଥିତ ଅଛନ୍ତି, ସେ ବିଷ୍ଣୁ ହୁଅନ୍ତୁ ବା ଅନ୍ୟ କେହି ହୁଅନ୍ତୁ, ମୁଁ ତାଙ୍କର ପ୍ରାର୍ଥନା ଅବଶ୍ୟ ପୂର୍ଣ୍ଣ କରିବି । ମୁଁ ମୋର ପ୍ରତିଶ୍ରୁତି ନିଶ୍ଚୟ ରକ୍ଷା କରିବି । ଏହା କହି ନିଜର ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ବାରଣ ସତ୍ତ୍ୱେ ବଳିରାଜା ଦୁଇପାଦ ଭୂମି ଦାନ କରିବା ଅନ୍ତେ,ବାମନଦେବ ନିଜର ବିଶ୍ୱବ୍ୟାପୀ ରୂପ

ISSN NO.
2582-208X

ଧାରଣ କଲେ । କି ଆଶ୍ଚର୍ଯ୍ୟ ! ତାଙ୍କର କ୍ଷୁଦ୍ର ଶରୀର ବିରାଟ ଆକାର ଧାରଣ କରି ପୃଥିବୀର ସମସ୍ତ ଭୂମି ଓ ସ୍ୱର୍ଗକୁ ଆଚ୍ଛାଦିତ କରିଦେଲା । ତୃତୀୟ ପାଦ ରଖିବା ପାଇଁ ଅଣୁମାତ୍ର ସ୍ଥାନ ରହିଲା ନାହିଁ ।

ବାମନ ଦେବ କହିଲେ- ହେ ଅସୁରରାଜ, ମୋର ଦୁଇପାଦ ସମଗ୍ର ପୃଥିବୀ ଓ ସ୍ୱର୍ଗ ଆଚ୍ଛାଦିତ କରିଛି । ବର୍ତ୍ତମାନ ମୋର ତୃତୀୟ ପାଦ ପାଇଁ ସ୍ଥାନ ଦିଅ । ଯେଉଁ ଦାନ ଦେବା ପାଇଁ ଅଙ୍ଗୀକାର କରିଥିଲ ତାହା ପୂର୍ଣ୍ଣ କର,ନଚେତ୍ ନରକ ଭୋଗ କରିବାକୁ ହେବ । ଏହାପରେ ତାଙ୍କ ଶରୀରରୁ ଏକ ତୃତୀୟ ପାଦ ବାହାରିଲା ।

ବଳି କହିଲେ- ହେ ବ୍ରାହ୍ମଣ, ମୁଁ ନିଶ୍ଚୟ ମୋର ପ୍ରତିଶ୍ରୁତି ପାଳନ କରିବି । ଆପଣଙ୍କର ତୃତୀୟ ପାଦ ପାଇଁ ସ୍ଥାନ ଦେଉଛି । ମୋର ମସ୍ତକ ହିଁ ସେହି ସ୍ଥାନ । ଏହା କହି ଅସୁରରାଜ ତୃତୀୟ ପାଦ ରଖିବା ପାଇଁ ନିଜର ମସ୍ତକ ଦେଖାଇଦେଲେ ।

ବାମନରୂପୀ ଭଗବାନ ସନ୍ତୁଷ୍ଟ ହୋଇ କହିଲେ-ହେ ଦୈତ୍ୟରାଜ, ତୁମେ ହେଉଛ ଦୈତ୍ୟକୁଳର ଉଜ୍ଜ୍ୱଳ ରତ୍ନ । ତୁମେ ତୁମର ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ବାରଣ ସତ୍ତ୍ୱେ ଓ ମୋର ଛଳନା ବୁଝିପାରି ମଧ୍ୟ ସତ୍ୟକୁ ତ୍ୟାଗ କରି ନାହଁ । ମୁଁ ବର୍ତ୍ତମାନ ତୁମକୁ ଏପରି ବରଦାନ କରିବି, ଯାହାକି ଦେବତାମାନଙ୍କ ପକ୍ଷରେ ମଧ୍ୟ ଦୁର୍ଲ୍ଲଭ । ହେ ବଳିରାଜ, ତୁମେ ସାବର୍ଣ୍ଣି ମନ୍ୱନ୍ତରରେ ଇନ୍ଦ୍ରପଦ ପ୍ରାପ୍ତ ହେବ ! ଦେବ ଦାନବ କେହି ତୁମକୁ ସିଂହାସନଚ୍ୟୁତ କରିପାରିବେ ନାହିଁ । ତୁମର ପିତାମହ ପ୍ରହ୍ଲାଦ ସର୍ବଦା ତୁମ ସହିତ ରହିବେ ଏବଂ ମୁଁ ଗଦାହସ୍ତରେ ସର୍ବଦା ତୁମକୁ ରକ୍ଷା କରିବି ।

ବଳିରାଜା ଭଗବାନଙ୍କୁ ପ୍ରଣାମ କରୁଥିବା ଅବସ୍ଥାରେ ବାମନରୂପୀ ଭଗବାନ ତାଙ୍କର ତୃତୀୟ ପାଦ ବଳିରାଜାଙ୍କ ମସ୍ତକ ଉପରେ ରଖି ତାଙ୍କୁ ପାତାଳକୁ ଚାପିଦେଲେ । ଏତିକିବେଳେ ଆକାଶରୁ ଦେବତାମାନେ ପୁଷ୍ପ ବୃଷ୍ଟି କଲେ ।

(((-)))

ସଂଗ୍ରାହକ-ନରେନ୍ଦ୍ର ପ୍ରସାଦ ବେହେରା
ସମ୍ପାଦକ – ମୋ ଅନୁଷ୍ଠାନ, ଆଳଦା, ଖଇରା,
ବାଲେଶ୍ୱର, ମୋ–୯୮୫୩୧୪୨୫୧୦

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

ବେଦାନ୍ତୀ

# ଫଲ୍‌ଶା ସୁନ୍‌ଦ୍‌ରୀ



ଡ. ଶୁଭେନ୍ଦୁ ମେହେର

ଖିଲ୍‌ଖିଲାତେଲ୍ ହଁସୁଛେ ଖରା କଅଁଳି ପତର୍ କନୁ
ରୂପ୍ ସୁନ୍‌ଦ୍‌ରୀ ପର୍‌କୁତି ରାନୀ ଭୁଲି ନାଇଁହୁଏ ମନୁ।
ମଧୁର୍ ମଧୁର୍ କହଁରେ ବଉଲ୍ ମଧୁର୍ ମହୁଲ୍ ଝୁପା
ଲାଲ୍ ଜର୍‌ଜର୍ ସେମେଲ୍ ଫୁଲ୍ ମୁଢ଼େ ମାରିକରି ଖୁପା।।

ସୁନାରି ଫୁଲର୍ ଚାଉଁର୍ ଦିଶେ ସୁନାର୍ ଝଲ୍‌କା କେରା
ସର୍‌ଗୀ ଫୁଲ୍ ଯେ, କହଁର ବୁନୁଛେ ନାଇଁ ମାନିକରି ଖରା।
ମଧୁମାଲ୍‌ତି, ଜୁଇ, ସେବ୍‌ତୀ ସଜେଇ ହେଉଛନ୍ କେତେ
ଭମର୍ ବୁପ୍‌ରା ଭର୍‌ମି ଯାଉଛେ ମହୁମାଛି ମନ୍ ମାତେ।।

ଜୁଏ ହୁଲା ବାଗିର୍ ଲାଲ୍ ଟହଟହ ଫଲ୍‌ଶା ସୁନ୍‌ଦ୍‌ରୀ ଦିଶେ
ମଙ୍‌ଗ୍‌ଲା କୁଠି ନ ଲାଗ୍‌ମି ବଲି ମହକେ ଚଇତ୍ ମାସେ।
ଆଦର୍ ନେଇଁ ନ ବଲି କେଭେ ମନେ ନାଇଁହୁଏ ଦୁଃଖ୍‌ମନା
ବାସ୍ ନାଇଁ ବଲି ଫଲ୍‌ଶା ସୁନ୍‌ଦ୍‌ରୀ ମନ୍ ନାଇଁକରେ ଉନା।।

ନାଇଁଚୁମେ ଭମର୍ ନାଇଁପାଏ ଆଦର୍ ତଥାବି ଅଛେ ତାର୍ ଗୁନ୍
ସୁନ୍‌ଦ୍‌ରୀ ପନ୍ ତା'ର୍ ଅଟ୍‌କେଇ ଦେସି ଚାଲ୍‌ତି ଲୁକର୍ ମନ୍।।

(((-)))

ଯାଲେ୍ଏ, ସୁବର୍ଣ୍ଣପୁର
ମୋ -9938433664

ISSN NO.
2582-208X

# ତାଲୁଫଟା ଖର୍



ନରୁପମା ମିଶ୍ର

ଦିନୁଦିନେକ ବଢୁଛେ ଖରା।
ଆଗ୍ କେ କେନ୍ତା ହେବା ଧରା।
ହୁହୁ ହେଇ ବଢୁଛେ ମୁନୁଷଜାତି।
ଜଂଗଲକାଟି ବଢୁଛେ ତାତି।
ହେଲେ, ମୁବାଇଲ୍ ଟାୱାର  କେତେ ପର୍ଜାତି।
ହେଥିକାଁଯେ ବଢୁଛେ ତାତି।
ଆସସେ ମିଲିମିଶି ଶପଥ ନର୍ମା।
ଗଛ ଗୁଟେ ଗୁଟେ ଲଗାଇ ଦେମାଁ।
ଗଛମାନଙ୍କ ଯତନନେମାଁ।
ତହିଁର ଯାକି ଖରାଦାଉନୁ ବାଚମାଁ।
ବେଲଥାଉନୁ  ସଭେ  ତର୍କିଯିମା।
ମର୍ଡିଯେନ୍ତାନି ପଡବ୍‌ଦେଖମା।
ଗଛ ଲଗାଲେପାଏନ ପାଏମା।
କାଏଁଯେ କଲବ ଲେହମା।
କହେବାନୁ କର୍ବାଟା ଭଲ୍।
ଆସ ସଭେ ମିଲି ମିଶି ଗଢବା ଆମର କୋଶଲ।
ଜଏ କୋଶଲ

(((-)))

ଚନ୍ଦ୍ର ଶେଖର ନଗର, ବଲ୍‌ଙ୍ଗିର

ISSN NO.
2582-208X

# ମିଳମିଶି ସବେ ରହେମା



ଆଶିଷ କୁମାର ସାହୁ

ସବୁଦିନ୍ ସବୁରାଏତ୍
ସମାନ୍ ନାଇ ଥାଏ,
ଦୁଃଖ୍ ସୁଖ୍ ଭଲମନ୍
ଜୀବନର୍ ପରେ ମାଏନ୍,
ଆଜି ଅଛେ ଦୁଃଖ୍ ଯେତେ
ସେଟା ସବୁଦିନ୍ ନାଇ ଥାଏ,
ଦୁଃଖ୍ ଯାଇ ସୁଖ୍ ଆସବା
ଇଟା ବିଧିର୍ ବିଧାନ୍ ଆଏ ।।୧।।

ଧନ୍ ସମ୍ପତି ବି ସ୍ଥାୟୀ ନାଇସେ
କି ନାଇସେ ସ୍ଥାୟୀ ତୁମର୍ ରୂପ୍ ଯଉବନ୍,
ସବୁ ଏବେଅଛେ କିଛି ଦିନ୍ ପରେ ନାଇଥାଏ
ଫିର୍ ଗରବ୍ କେଟା କେ କର୍ବ କହ,
ସୁଖ୍ ସୁବିଧା ସବୁଦିନ୍ ନାଇସେ
କି ନାଇ ରୁହେ ଇ ଜୀବନ୍ ସବୁଦିନ୍,
ଆସିଛୁ ଯେନ୍ତା ଜିମୁ ହେନ୍ତା
ନାଇ ରୁହନ୍ ଇନେ କିଏ ସବୁଦିନର୍ ପାଇଁ।।୨।।

ISSN NO.
2582-208X

କେଯେ ଭାଇ ସବୁଦିନ ନାଇରହିମା
ମିଳିମିଶି ପ୍ରେମ୍ ଦେଇ,
ଏକଲା ଜୀବନ୍ ସାରିଦେମା
କେଯେ ନାଇ ବାଟମା ପ୍ରେମ୍ କେହି,
ଜୀବନର୍ ମାନେ ପରେ ଇଟା
ହସିହସି ଦିନ୍ ବିତାମା,
ନିଜେ ସୁଖ୍ ସୁବିଧା ନେଇ
ପରର୍ ମୁହେଁ ହସ୍ ଫୁଟାମା।।୩।।

ଗରବ୍ ଅହମିକା ଯେତେ ଅଛେ
ଦିଲ୍ ଭିତରୁ କାଢି ପକାମା,
ସମୟ ଯଦି ମିଲୁଛେ ଟିକେ
ଦୁଇପଦ୍ ହସି କଥାହେମା,
ଆରେ ମାନ୍ ଅଭିମାନ୍ ଚାଲିଯିଶି
କେବେ ନାଇସରେ ମନୁଷ୍ ଜୀବନେ,
ଆଜି ରାଗି ରଷି ରହିଲେ
କିଏ ଆମକେ ମନେପକାବା,
ହସି ଖେଳି ମିଳିମିଶି ଦୁଇ ଦିନିଆ ଜୀବନ ସାରିଦେମା
କିଏ ଦେଖିଛେ ସକାଳର୍ ସୁରୁଜ୍
ଆମେ ଆଉ ଦେଖମା କି ନାଇ ଦେଖମା।।୪।।

(((-)))

ଭେଜିପଦର, ଭବାନପାଟଣା, କଳାହାଣ୍ଡି
ଆଳାପ - ୮୧୪୪୧୧୫୨୬୩

ISSN NO.
2582-208X

# ଗୁନ୍ଦଲ୍ ଗୁଫା



ଗଜାନନ ମିଶ୍ର

ଛୁଟିଆ ହେଇକରି ଅଛେଁ
ଆରୁ ଥିମି।
ଜାନିଛେଁ, ଧାଇଁ ଧାଇଁ ନଏଦ
ସମୁଦରନିକେ ପହଂଚିଲାଉତାରୁ
ଆରୁ ନେଇଁ ଥାଏ ନ!

ଦେଖୁଛେଁ ଜେନଟା ଆରୁ
କରୁଛେଁ ଅନୁଭବ
ଲେଖୁଛେଁ ହେଟା ହିଁ।
ଇ ମାଟି ଦଉଛେ ମତେ
ଶବଦ ଆରୁ ଭାବ,
ଇମାନକର ଉଧେ କବିତା
ଲେଖୁଛେଁ ତମରକାଜେ।

ବଦଲିବ କି କାଣା
ନେଇଁ ଜନା।
ଗୁନ୍ଦଲାଗୁଫା ବନା!

(((-)))

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ଟିକି ଚାରାଟି ମୁରୁକି ହସି

ଧ୍ରୁବ ଚରଣ ଘିବେଲା

ବଇଶାଖର ଟାଣ ଖରାରେ
ସଭେ ଆଜି ବିବ୍ରତ
ଖରା କଷଣ ଦିନକୁ ଦିନ
କରୁଛି ଅସ୍ତବ୍ୟସ୍ତ ।
ମାଟି ଉପରେ ଯଥେଷ୍ଟ ଗଛ
ନାହିଁ ଆଜି ଦିନରେ
ବାଟୋଇ ଧରେ ଛତା ହାତରେ
ଚାଲିକି ଗଲା ବେଳେ ।
ରାସ୍ତାକଡ଼ର ଟିକି ଚାରାଟି
ଚାହିଁ ଆଖି ତରାଟି
ଧିରେ ଡାକିଲା ବାଟୋଇ ଭାଇ
ଆସ ମୋର କତିକି ।
ରହି କାନେଇ ଟିକେ ଅନେଇ
ଜାଣିଲା ସେ ବାଟୋଇ
ଟିକି ଚାରାଟି ଡାକୁଛି ଧିରେ
ମଥା ତାର ହଲେଇ ।
ସେମିତି କେତେ ଚାରା ଲାଗିଛି
ରାସ୍ତାର ଦୁଇ କଡ଼େ
ଚାରା ମୂଳରେ ପାଣି ଦେବାକୁ
କହିଲା ଚାରା ଧିରେ ।

ISSN NO.
2582-208X

ବାଟୋଇ ଭାଇ ହରଷେ ଯାଇ
ଚାରାଠି ପାଣି ଦେଲା
ପାଣି ପାଇକି ଚାରା ହସିକି
ଧିରେ ଧିରେ ବଢ଼ିଲା ।
ଟିକି ଚାରାଟି ମୁରୁକି ହସି
ସତେଜ ଦେଖାଗଲା
ତାପରେ ଧିରେ ଧିରେ ବଢ଼ିକି
ଗଛର ରୂପ ନେଲା ।
ଆଜିର ଚାରା କାଲିର ଗଛ
ତଳେ ଗହଳ ଛାଇ
ତଳ ଛାଇରେ ବସି ମଜାରେ
ଖୁସି ହୁଏ ବାଟୋଇ ।

(((-)))

ବଉଦବଗ୍ରଜ –762014, ଜି. ବୌଦ୍ଧ
ମୋ. 9437478466

ISSN NO.
2582-208X

# ଜଙ୍ଗଲ ଆମର ମିତ



ଅଭୟ କୁଣ୍ଡ

ଆସ କୁନା କୁନି ଜଙ୍ଗଲ ଯିବା
ନୂଆ ଘର ତୋଳି ସେଠି ରହିବା
ଦୂଷିତ ହେଲାଣି ଆମ ପରିବେଶ
ମଣିଷ ହାତରେ ସଭ୍ୟତା ଧ୍ୱଂସ ।
ପ୍ରତିଦିନ ହୁଏ ଅରଣ୍ୟ ଧ୍ୱଂସ
ବାୟୁରେ ମିଶାଏ ମଣିଷ ବିଷ
କାରଖାନା ହେଲା ଯନ୍ତ୍ରଣା ଯନ୍ତ୍ର
ମଣିଷ ଉଚ୍ଚାରେ ମରଣ ମନ୍ତ୍ର ।

ଅଳିଆ ଆବର୍ଜନା ମିଶେ ନଦୀରେ
ନଦୀ ଜଳ ହୁଏ ପ୍ରଦୂଷିତରେ
କାରଖାନା ଧୂଆଁ ବଢ଼ାଏ ତାତି
କିପରି ବଞ୍ଚିବ ମଣିଷ ଜାତି ?
ନିଶ୍ୱାସ ପାଇଁ କି ସ୍ୱଚ୍ଛ ପବନ
ମିଳେ ନାହିଁ ଏଠି ଯାଏ ଜୀବନ
ଆଖି ଥାଇ ଏଠି ସମସ୍ତେ ଅନ୍ଧ
ଭଲ ଦିଶେନାହିଁ ଦିଶଇ ମନ୍ଦ ।
ମାଟି ମାଆ ଆମ ଅସୁରକ୍ଷିତ
କୀଟନାଶକରେ ମାଟି ଦୂଷିତ

ISSN NO.
2582-208X

ନକଲିରେ ଲାଗେ ଖାଣ୍ଟି ମୋହର
ଖାଦ୍ୟ ପାନୀୟ ବି ହୁଏ ଜହର ।
ନାରୀ ନିର୍ଯାତନା ପୁଣି ବଳାତ୍କାର
ଶିଶୁ ବିକ୍ରି ସହ ନିଶା ବେପାର
ରାଜନୀତି ନାମେ ଘୋଡ଼ା ବେପାର
ସ୍ଵାର୍ଥ ହାନି ହେଲେ ସମସ୍ତେ ପର ।
ଚାଲ କୁନା କୁନି ଜଙ୍ଗଲ ଯିବା
ନୂଆ ଘର ତୋଳି ସେଠି ରହିବା
ବାଘ ଭାଲୁ ସଙ୍ଗେ ମିତ ବସିବା
କାଉ କୋଇଲିର ଗୀତ ଶୁଣିବା ।
ସବୁଜ ସୁନ୍ଦର ବଣ ଜଙ୍ଗଲ
ଯେଉଁଠି ଜଙ୍ଗଲ ସେଠି ମଙ୍ଗଳ
ଝରଣାର ଜଳ ଗଛର ଛାଇ
ଫୁଲର ସୁଗନ୍ଧ କରିବ ବାଇ ।
ଶୁଦ୍ଧ ପବନକୁ ସୁଗନ୍ଧ ଫୁଲ
ବିନା ପଇସାରେ ଦିଏ ଜଙ୍ଗଲ
ଜଙ୍ଗଲ ସାଥିରେ ବସିବା ମିତ
ମିତ ବଞ୍ଚିଲେ ଆମର ହିତ
ଶପଥ ନେବା
ଜଙ୍ଗଲ ବଞ୍ଚାଇ ନିଜେ ବଞ୍ଚିବା ।

(((–)))

ବଳଭଦ୍ରପୁର,
ନିମାପଡ଼ା, ପୁରୀ
ମୋ ୯୫୫୬୯୮୯୭୨୩

ISSN NO.
2582-208X

ବେଦାନ୍ତୀ

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ନିଜ ଭାଷା ଜ୍ଞାନକୁ ପରିମାର୍ଜିତ କରିବା ସହିତ ପାଠକଙ୍କ ପ୍ରିୟ ଭାଜନ ହୁଅନ୍ତୁ । ଆମ ଠିକଣା –vedantimagazine@gmail.com/ editor.vedantimagazine@gmail.com

## ଜୁନ ମାସର ଚିତ୍ର ବିବରଣୀ



ISSN NO.
2582-208X

ଛୋଟିଆ ଛୋଟିଆ
ନୀଳକଇଁ ଫୁଟେ
ଛୋଟିଆ କୁଣ୍ଡରେ
ଛୋଟିଆ ଜାଗାରେ

ଜଗନ୍ନାଥ ପଟ୍ଟନାୟକ, କଟକ

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା –vedantimagazine@gmail.com

## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

Website: www.vedantimagazine.com

**Email ids:**

vedantimagazine@gmail.com /editor.vedantimagazine@gmail.com

ISSN NO.
2582-208X

# ସମୀକ୍ଷା



ଦେବଯାନୀ ସ୍ୱାଇଁ

## ବେଦାନ୍ତୀ - ଜୁନ୍

ସବୁଥର ପରି ଏଥରକ ମଧ୍ୟ ନିଜ ପ୍ରଚ୍ଛଦ ପୃଷ୍ଠାରେ ଗାଢ ବେଗୁଣୀ ରଙ୍ଗର ଅଲିଅମ୍ ଫୁଲର ସୁନ୍ଦର ପ୍ରତିଛବି ନେଇ ଆସିଛି ଆମ ପ୍ରିୟ "ବେଦାନ୍ତୀ"। ଫୁଲଟିରେ ଛୋଟ ଛୋଟ ତାରା ପରି ଫୁଲମାନେ ଏକଠା ହୋଇ କେତେ ସୁନ୍ଦର ଗୋଲାକାର ରୂପ ନେଇଛନ୍ତି ସତରେ! ଏହାହିଁ ପ୍ରକୃତିର ଏକ ତାତ୍ପର୍ଯ୍ୟପୂର୍ଣ୍ଣ ସନ୍ଦେଶ, ଯେମିତିକି ଆମର ଛୋଟ ଛୋଟ ଚେଷ୍ଟାମାନ ମିଶି ଆମ ଜୀବନକୁ ସଫଳ କରାଏ। ପରିବାର, ସମ୍ପର୍କ ଓ ସମାଜ ମଧ୍ୟ ଏହିପରି ସଂଯୋଗରେ ଗଢ଼ିଉଠେ। ଏକା ଏକା ଥିଲେ ଆମେ ସାଧାରଣ, କିନ୍ତୁ ସଙ୍ଗେ ଥିଲେ ଅସାଧାରଣ। ଏକତାରେ ଶକ୍ତି, ସମ୍ମିଳନରେ ସୌନ୍ଦର୍ଯ୍ୟ।

ସଂପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ଏକ ସୁନ୍ଦର ମତ ବ୍ୟକ୍ତ କରି କହିଛନ୍ତି - ସମୟ ପୂର୍ବରୁ ଏବଂ ଭାଗ୍ୟରୁ ଅଧିକ କାହାକୁ ମିଳେନାହିଁ ଭଳି ପୁରାଣ ଉକ୍ତ ଆମ ଧାରଣାକୁ ବଦଳାଇବାକୁ ପଡିବ। ଯଦିଓ ଏହା ବିଶ୍ୱାସନୀୟ ତଥାପି ଏପରି ଧାରଣା ମନୁଷ୍ୟକୁ ଅକର୍ମଣ୍ୟ ବନାଇଥାଏ। ତେଣୁ ସମୟର ସମ୍ମାନ ସହିତ ଜୀବନରେ ସ୍ୱାବଲମ୍ବୀ ହେବା ଉଚିତ୍।

ଭିତର ପୃଷ୍ଠାରେ ଆଲେଖ୍ୟ ମାନଙ୍କର ଲମ୍ବା ସୂଚିପତ୍ର।

ISSN NO.
2582-208X

ପ୍ରଥମ ଲେଖା- ଧାରାବାହିକ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ, ଡି. ଏଫ୍. ଓ ଅସୀମ ନିଜର ଏକାକୀପଣକୁ ବାଣ୍ଟି ବାକୁ ଯାଇ ଖୋଜି ଚାଲିଛନ୍ତି ସମୁଦ୍ରର ତରଙ୍ଗ, କୋଇଲିର କୁହୁ ତାନ, ବାଦଲର ଭସା ଦିଗ, ବ୍ୟୋମଯାନଟିଏ ପଛରେ ଛାଡି ଯାଇଥିବା ଧଳା ଦାଗ, ସବୁର ଏକ ଗାଣିତିକ ସୂତ୍ର। "ଲଳିତ ନିବନ୍ଧ- ଯମ ସହ ହାତାହାତି", ଆଉ "ଜନ୍ମଦିନ"- ସମସ୍ତଙ୍କ ପାଇଁ ଏକ ଅବିସ୍ମରଣୀୟ ଦିନ। ଆସ୍ଥା, ଭରଷା ଓ ବିଶ୍ୱାସର କଥା- "ଓଡିଆ ପରମ୍ପରାରେ ସାବିତ୍ରୀ ବ୍ରତ", "ଶୀତଳ ଷଷ୍ଠୀ... ସାମାଜିକ ଏକତାର ପରମ୍ପରା..."। "ଏମ୍. ଡି. ଙ୍କ ପିଅନ" ସହିତ ବନ୍ଧୁତା କରିବା ହେଉଛି ସବୁଠାରୁ ପୁରୁଣା କର୍ପୋରେଟ୍ ହ୍ୟାକ୍। "୩ଟି ମିନି ଗପ" ପୁଣି "ଦସ୍ତାବିଜ୍"ର କାରୁଣ୍ୟ।

ଧାରାବାହିକ "ମାଣ୍ଡବୀ"ରେ ବିବାହ କାର୍ଯ୍ୟ ସମ୍ପନ୍ନ କରି ମିଥିଳାରୁ ଅଯୋଧ୍ୟା ଆସି ପହଞ୍ଚିଛନ୍ତି ଚାରି ଯୋଡା ବର କନ୍ୟା। "ଭାରତୀୟ ଆଧ୍ୟାତ୍ମିକ ସାହିତ୍ୟର ନାୟକ- ସନ୍ଥକବି ଭୀମଭୋଇ", "ଜନଜାତି ଓଡିଆ ସାହିତ୍ୟ", "ଭାରତୀୟ ସଂସ୍କୃତିରେ ଓଡିଆ ଭାଗବତର ମୂଲ୍ୟବୋଧ", "ଓଡିଆ ସାହିତ୍ୟର ବିକାଶରେ କୋଶଲୀ ଭାଷା" ଏବଂ "କିଛି ଓଡିଆ ହାତଲେଖା ପତ୍ରିକା"ଭଳି ରହିଛି ବହୁ ତଥ୍ୟ ଭିତ୍ତିକ ସଂଗୃହୀତ ବିଷୟ।

ସମାଜର ଉନ୍ନତି ପାଇଁ କିଛି ସୁପାରିଶ ଭିତ୍ତିକ ବିଷୟବସ୍ତୁ- "ସମାଜର ଅନ୍ଧାର ମୁହଁ: ରାଜନୀତିର ଛାୟା ତଳେ", ପରିବେଶର ପୁନରୁଦ୍ଧାର ପାଇଁ ପୂର୍ବଜଙ୍କ ପଥ ଅନୁସରଣ "ପ୍ରତ୍ୟାବର୍ତ୍ତନ ହିଁ ମାର୍ଗ", "ଶିକ୍ଷା ଶିକ୍ଷକ ଓ ଶିକ୍ଷାବିତ୍" ଏବଂ "ମୃତ୍ୟୁ ପରେ ମାନବ ଶରୀର"। ଏମିତି ଏମିତି ରହିଛି ବହୁ ଆକଳନ, ସଂକଳନ, କାହାଣୀ ଓ ଗଳ୍ପ। ଶେଷରେ "ଭାଗବତ କଥା- ୩୨"।

ଆଗତ ପ୍ରାୟ ମୌସୁମୀକୁ କେନ୍ଦ୍ର କରି କବିତାର ପ୍ରାରମ୍ଭ - "ଭୁବନେଶ୍ୱରରେ ବରଷା ଓ ବତାଶ"। ପଛକୁ ପଛ ଆମ ଓଡିଆଙ୍କ ପର୍ବ "ରଜ", "ହସରେ ଅଛି ଜୀବନ", "ଅକ୍ଷୟ ତୃତୀୟା"ରେ ଆନନ୍ଦ ମୁଖର କୃଷକର ଘର ପୁଣି ମଧୁବାବୁ ପରି "ଏମିତିକା ଓଡିଆ ପୁଅ" କେ ହେବ କୁହ! ଏତିକି "ପ୍ରାର୍ଥନା" ଆହେ ପ୍ରଭୁ "ନିରାକାର", "ମହାଯୋଗୀ ମହାତପୀ" ପ୍ରଭୁ ମହେଶ୍ୱର। କେଉଁ "ପଥ"ରେ ଗଲେ ପାଇବି ମୁଁ ତତେ ହେ "ସତ୍ୟ ସନାତନ ଗରୁଡାସନ" ଦିଅ ଦିବ୍ୟ ଜ୍ଞାନ, କରେ ତୁମ ଶ୍ରୀଚରଣେ ନିଜକୁ "ସମର୍ପଣ"।

ISSN NO.
2582-208X

"ଅପେକ୍ଷାର ଅନ୍ତରାଳେ"- ଜଳୁଥାଏ ପ୍ରତିକ୍ଷଣେ, "ବିରହିଣୀ ପ୍ରିୟମ୍ବଦା"- ଭୁଲି ପାରେ ନାହିଁ କାହ୍ନା। "ଚାଲିଯିବା ସେହି ତାରୋଂ କି ସହର୍....", "ଆସିବକି ପ୍ରିୟା ମୋର"!

"ମୋ ବାପା.... ମୋ ଦିଅଁ ଦେବତାଙ୍କ ତୁଲ", ନାରୀ ଅଭିମାନ "ଟୋପାଏ ସିନ୍ଦୂର", ଗୋଟିଏ ଅକ୍ଷରେ ସମାହିତ ଯହିଁ ସମଗ୍ର ବିଶ୍ୱ, ସେ ତ ଅଟଇ "ମା", ସବୁଠୁ ପ୍ରିୟ "ମୋ ଗାଁ"। ସୃଷ୍ଟିର ସର୍ଜନା ପାଇଁ ନାରୀ ହୁଏ "ରଜସ୍ୱଳା.." ହେଲେ ସମାଜର ନିୟମ ତାକୁ କରେ ଅଛୁଆଁ।

"କାଳବୈଶାଖୀ !..." ସେ ବୈଶାଖ ଜ୍ୟେଷ୍ଠରେ କାଳ ରୂପ ଧରି ଅସମୟେ ଆସେ ଚାଲି, କେଡେ ସୁନ୍ଦର "ମୋ ଜେଜିମା ଓ ରଜ ଦୋଳି"।

"ଜୀବନ"ର ଗଭୀର ବ୍ୟାଖ୍ୟା, "ପର୍ବତର ଅଭିଳାଷ" - ସୃଷ୍ଟିର ଏ କି ବିଚିତ୍ର ରହସ୍ୟ, "ଦୁର୍ନୀତି"ରେ ଉବୁଟୁବୁ ଆଜି ଭାରତବର୍ଷ।

କିଛି "ବ୍ୟତିକ୍ରମ" ହେଇଥିବାର ଶୁଣ, କେବଳ ନାରୀ ନୁହେଁ ଆଜି ପୁରୁଷ ଆଖିରେ ବି ଅଦେଖା ଲୁହର ଶ୍ରାବଣ। ହିନ୍ଦୁ ଧର୍ମ ପାଇଁ ଆସିଲେ ବିପଦ, ସନାତନୀଟିଏ "ସାଜିଥାଏ ପର୍ଶୁରାମ", ଯାହାକୁ ଆମେ ଭାବୁ ନିଜର କରୁ "ଅଭିମାନ" ତା ପାଖର। ଜୀବନ "ବାଟରେ ଚାଲୁ ଚାଲୁ" ଦିନେ ସେଇ ପଞ୍ଚତତ୍ୱରେ ହେବାକୁ ହୁଏ "ଲୀନ"। "ଜୀବନକୁ ଯଦି ଜିଇଁବାର ଅଛି"- ସରଳତା ଟିକେ ରଖ, ଏତେ ଅହଂକାର କାହିଁ ପାଇଁ ବନ୍ଧୁ ପଦପଦବୀ ତ କ୍ଷଣିକ ସୁଖ।

ଆଞ୍ଚଳିକ ବିଭାଗ ଓ ଶିଶୁବିଭାଗ ସବୁବେଳେ ସୁନ୍ଦର ଆଉ ଶିକ୍ଷଣୀୟ।

ଶେଷରେ ପର୍ବ ପର୍ବାଣୀ ତାଲିକାରେ ଅନ୍ୟାନ୍ୟ ପର୍ବ ସହିତ ରହିଛି ଆମ ଓଡ଼ିଶାର ଏକ ପ୍ରମୁଖ ତଥା ବୈଶିଷ୍ଟ୍ୟମୂଳକ ପର୍ବ ରଜ ପର୍ବ। ମାଟି ମାଆଙ୍କର ରଜସ୍ୱଳା ଅବସ୍ଥାକୁ ସମ୍ମାନ କରି ତିନି ଦିନ ଧରି ଆନନ୍ଦ ଉତ୍ସବରେ ପାଳନ କରାଯାଉଥିବା ଏହି ପର୍ବର ମହକ କିଛି ନିଆରା। ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ପିଠାପଣା ସାଙ୍ଗକୁ ଦୋଳିଖେଳ, ଝିଅ ବୋହୂଙ୍କ ପାଦରେ ଅଳତାର ରଙ୍ଗ, ନୂଆ ପୋଷାକର ଛିଟା, ସବୁ କିଛି ମିଶି ମନରେ ଭରିଦିଏ ଏକ ନୂତନ ଉନ୍ମାଦନା। ରଜସ୍ୱଳାରେ ମାଟି ମାଆ ଯେପରି ଉର୍ବର ଓ ପ୍ରଜନନକ୍ଷମ ହୋଇ ନୂତନ

ISSN NO.
2582-208X

ସୃଷ୍ଟିର ଆଶା ଜଗାଇଥାନ୍ତି, ସେହିପରି ଆମ ସମାଜ ମଧ୍ୟ ଉର୍ବର ଚିନ୍ତାଧାରା, ସୃଜନଶୀଳତା ଓ ଏକତାରେ ସଶକ୍ତ ହେଉ, ଏବଂ ନୂଆ ସମ୍ଭାବନାରେ ଭରିଯାଉ।

ଜୟ ବେଦାନ୍ତୀ, ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ଜୁଲ୍‌ଇ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୨/୦୭/୨୦୨୬ | ଶରଣ ଆରମ୍ଭ |
| ୦୬/୦୭/୨୦୨୬ | ଅନବସର ଓଡାଃଇ |
| ୧୧/୦୭/୨୦୨୬ | ଖଳିଲାଗି ଏକାଦଶୀ |
| ୧୩/୦୭/୨୦୨୬ | କର୍ମବୀର ଗୌରୀଶଙ୍କର ଜୟନ୍ତୀ |
| ୧୪/୦୭/୨୦୨୬ | ବିଜୟ ଅମାବାସ୍ୟା, ନେତ୍ରାତ୍ସବ ନବଯୌବନ ଦର୍ଶନ |
| ୧୫/୦୭/୨୦୨୬ | ଦ୍ୱିତୀୟାଚନ୍ଦ୍ର ଦର୍ଶନ ଓ ପୂଜା |
| ୧୬/୦୭/୨୦୨୬ | ଶ୍ରୀ ଗୁଣ୍ଡିଚା ରଥଯାତ୍ରା |
| ୨୦/୦୭/୨୦୨୬ | ହେରାପଞ୍ଚମୀ |
| ୨୨/୦୭/୨୦୨୬ | ନବମୀସଂଢ୍ ଦ୍ରଶନ |
| ୨୪/୦୭/୨୦୨୬ | ବାହୁଡା ଯାତ୍ରା |
| ୨୫/୦୭/୨୦୨୬ | ହରିଶୟନ ଏକାଦଶୀ, ମହାପ୍ରଭୁଙ୍କ ସୁନାବେଶ |
| ୨୭/୦୭/୨୦୨୬ | ନିଳାଦ୍ରି ବିଜେ ମହୋତ୍ସବ |
| ୨୮/୦୭/୨୦୨୬ | ଶରଣ ଆରମ୍ଭ |
| ୨୯/୦୭/୨୦୨୬ | ଆଷାଢ ଶୟନ ପୂର୍ଣ୍ଣିମା |

ISSN NO.
2582-208X

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚନ୍ଦ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚନ୍ଦ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା –vedantimagazine@gmail.com

## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com
/editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com। ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**